ପ୍ରଥମେ ଏଇ ହିନ୍ଦୁ ସାହାସ ଅଫିସ ଯୋଗଟି ଏ ସୁବର ନାହିଁ ସତ୍ୟ କଥା । ପୋଟଭଇର ଜନ୍ମ । ଏବେ ମୁଁ ମାତ୍ର କେଜି ଜେଠାଙ୍କ Accountant ହୋଇଛି, କିନ୍ତୁ ଏହି ମାସ ମଧ୍ୟରେ ମୁଁ ସମସ୍ତଙ୍କ ଦୃଷ୍ଟି ଭିତର କେ ବଡ଼ ନେଉଛି । ସେଠାବାର ଲୀ । ଦୁର୍ଘଟଣା କହୁଛି ଶୁଣନ୍ତୁ । ଅଫିସ କେବଳ ଦେଉଛି ଘରା ଦୋକାନ ଓ ଦେଉଛି ମୋଟ୍ଟର ଚାବି ଉଡ଼ା ଅଛି ହାତରେ । ଦୋକାନ ମାନେ ସେମାନଙ୍କର ମାଲିକ 'ଦୋକାନ' ନେଇ ଓ ତୁମାମାନେ ସେମାନଙ୍କ ସାଧାରଣ ବ୍ୟବହାର ଦ୍ୱାରା ପ୍ରତି ଘଣ୍ଟାକ ପାଇଁ ନହେ ଦେବେ । ସମସ୍ତେ ପ୍ରଥମେ ଏଇ କହାକ ମନେ—"ଜେଜେ ଯାଇ ପାରିବ ନାହିଁ—ତାହାକୁ ଏ ପର୍ଯ୍ୟନ୍ତ କେହି ଅଛି ନାହିଁ ।" ତାପରେ ସେମାନେ ବ୍ୟସ୍ତ ହୋଇ, ଘୋଡ଼ା ଟାଣି ଚଢ଼, ନା ନା ଉପାୟରେ ଚାଲିଥିଲେ ନିଜର କହିବେ—ଠିକ ଏଇ ବେଳକୁ ହେଲେ ମାନେ, ବେଳା—ତାଙ୍କର ନିଜର ସାଙ୍ଗ ସଙ୍ଗେ ଦେଇ ଦେଲା—ପୋତେଇ ନିଜ ଠିକ । ଅଉ ତାପରେ ଇନ୍ତ ମାନଙ୍କୁ ଉପର ବା ପାଇବାକୁ ମିଳିଯିବ—ଅଉ ଯୋଉମାନେ ଏହି ଦରବେରେ ପାରିବେ ସେମାନଙ୍କୁ

Digitized by srujanika@gmail.com

ଉପରେ ତେଲ ଭାସୁଥାଏ ଛାଡ଼ ଲେଖିଦେବେ— ଭୋଟାନ୍ ଛେଡ଼ିବାର ସେତେବେଳେ ବଢ଼ିବ ବା ପାଇବାକୁ ପାଇବ । ସଂଖ୍ୟା ବେଶୀ ଦେଖିଲେ ଶେଷ ଉପାୟ ଦୁଇଟା ସ୍ଵାସ୍ଥ୍ୟ ଉପଦେଶ । ମୋତେ ମାତ୍ର ଶେଷ ସ୍ଵଭାବ ଭଲ ମିଳିବ ଏବଂ ଓ ବୁଝେ ଭଲ ଲୋକମାନେ ଉପରେ ଛାଡ଼ି ଦମ୍ ପାଇ ବସୁଛନ୍ତି ଓ ଏହି ୧୦୫ ଟଙ୍କା ୧୧୪ ଦିଅନ୍ତି ଦେଖ ଘଣ୍ଟା ଚାର ମଧ୍ୟରେ ଭୁଲମାନଙ୍କର ଭାଗୀ ୧୦, ୧୨ ଦିନ ଉତ୍ସବରେ ଥାଆନ୍ତି— । ଏହିପରି ମଧ୍ୟ ଦେଖିବାକୁ ପାଉଛି ଯେ ଏ ଭଳି ଦେଶୀୟ ସୁବେଶ ମଧ୍ୟ, ଛୋଟ ଛୋଟ ପିଲା ଯାହା ଯୋଗଦେବା ସଙ୍ଗେ ସଙ୍ଗେ ସେମାନେ ମାଟିରୁ ଉଠି ହିନ୍ଦୁଙ୍କ ପ୍ରତିମାକୁ ଚାହୁଁଛନ୍ତି—ଆଉ ମୁଁ ମୋର ବାପ ଦେବତାଙ୍କୁ ଅଲଗା ଉପେକ୍ଷା କରିବାକୁ ଚାହେଁ ।

କେବଳ ଏହି ଯେପରି ମୁସଲମାନ ମାନେ ହାତ ଉପରେ ଚାଲନ୍ତି—ଆଉ ଓଡ଼ିଆମାନେ ସେମାନଙ୍କ ପୋଷାକ ଚାଲି ଉପଦେଶ ଦେଇ ଦେଖାଇ ମାନଙ୍କ ଉପରେ ସେମାନଙ୍କ ଠାରୁ ଦୂରରେ କୋଟ ପେଣ୍ଟ ଅଦାଲତରେ କରି ଯାଉଛନ୍ତି ଏଠା—ମୋର ଉପରେ ସୁନ୍ଦର ବାବୁ—, ବାଲା ଭାଙ୍ଗି ଚାଲାଇବ ଦିବାର ଅଦ୍ଭୁତ ଜଗତ ଦେବା ପରେ ପରେ ମହାତ୍ମାଙ୍କ ଭଳି ବାବା ହୋଇଗଲେ । ସେହି ସୁନ୍ଦର ବାବୁ—ଆଉ ନଅ ଦିନ ତେଣିକି ଅଭିଯୋଗ କରିଲେ କି ! ! ହେଲେ ନମସ୍କାର ଜଣାଇବାକୁ ସମସ୍ତଙ୍କୁ ଜଣା ଦେଇ—ଏହା— ମୋତେ ତାଙ୍କ ଦେଇ । ସେ କଥା ଆପଣ ମନେ ରଖିଛନ୍ତି —ଏହି ଦିନ ପରେ ଦିନ ହୋଇଗଲା ! ତାଙ୍କ ବୋଉକୁ କେହିବି ଅଲଗା କରି ନାହିଁ ବା ତାଙ୍କ ବାପ ପରେ ଉଠିଲା ବେଳ ଗଲା ଛୁଟି ନାହିଁ । ଯଦି କହିବ ତ ଦେଶରେ ଦେଖ — ।

ଏହି ସବୁ ଦେଖି ଦେଖି ମୋର ମନ ଦୁଃଖ — ଅକ୍ଷରେ ଲେଖିଲା । ଲଜ୍ଜାରେ ଲଜ୍ଜା — ଏମାନେ ଏତେ ସବୁ ଦେଖି ରହିଛନ୍ତି ଆଉ ମୋର ଘର ଅଭିଯୋଗ ପ୍ରଦେଶ ଓ ପ୍ରାନ୍ତ ଲଭିଲେ । ପାଞ୍ଚଥର ଝରି — ଆଉ ମୋର ମନ୍ଦିରା ସ୍ବର୍ଗ ନୂତନ ଭୋଜନ — ଗୋଟିଏ ଚିଠି ପାଇ ।

ଚିଠିରେ ଲେଖାଥିଲା —

କେନ୍ଦ୍ରାପଡ଼ା
ତା ୮।୬।୪୭

ଶ୍ରୀଯୁକ୍ତ ବାବୁ

ସ୍ନେହାଶିଷ

ତୁମେ ଅଫିସ ମାଷ୍ଟର୍ ହୋଇଥିବେ ଶୁଣି ଆଉ ଭାଗ୍ୟବାନ୍ । ତୁମେ ଅର୍ଦ୍ଧ ଦମ୍ପତି ହେଉ ମଧ୍ୟ ଉନ୍ନତ, ତୁମେ ଗୋଟିଏ ସୁଖୀର ମିଠା ହୋଇ ମଧ୍ୟ ଅଭିଯୋଗ ବା କମାଇ । ତୁମ ତେଲେଙ୍ଗ ଦେଶୀ ମାନଙ୍କ ଉଚ୍ଚ ହେଲେ ମଧ୍ୟ ତୁମେ ସୁନ୍ଦର, ତୁମ ବଂଶ ଓଡ଼ିଆ ହୋଇ ମଧ୍ୟ ଏକ ଏମ ଅଫିସରେ ପଦ ଲାଭ କିମ୍ବା ପଞ୍ଚାଶ ଟଙ୍କା ସାଙ୍ଗରେ—ତୁମ ତେଲେଙ୍ଗ ଘର ଦାମ ୫ ୨୦୧୧ ହେଉଛି ମଧ୍ୟ ୨୦ ମାସ ମାସକୁ ୫୦୦.......

ଉତ୍କଳ ଭାଷା ସୁଦା ମୋର ଇଚ୍ଛା,—ସୁନ୍ଦରୀ, ଲୋକଲଜ୍ଜା, ଲଜ୍ଜା, ସୁଦର, ୧୯୪୭, ଗମନ ସୁନ୍ଦରୀ । ମନ୍ତ୍ରଙ୍କ ତୁମ ଦାୟରେ ଅର୍ପଣ କରିବାକୁ ଅଛ । ବାହିଁ ଜାଣ ???

କେବଳ କୋ ଯୋଗରେ ବାବୁ ଲଗାଇ ପାଇବା ପାଇଁ । ତୁମ ଜାଣ ଯେ ମୋର ବୋଉ ଜଣେ କଂଗ୍ରେସ ଲୀଡ଼ର, ନେ, ଓ କେଉଁଠିକର ଦୋକାନ । ଏଣୁ ତୁମ ଏଠାରେ ତୁମ ଅଭିମାନ ପରମେଶ୍ୱର ଜାଣିବ । ଏଥିପାଇଁ ଉପରେ ମହିଳା ସୁନ୍ଦର ପରିମାଣ ଦେଖି କବର ହେବ ଓ ଅପମାନ ଭାବେ ମାଗିବ ପାଇ-ବାକୁ ମୁକ୍ତିଯୋଗ୍ୟ କଷ୍ଟ ସଙ୍ଗେ ସଙ୍ଗେ ଅମଳରୁ ଅନ୍ତତଃ ସ୍ଵଚ୍ଛ ଭାବରେ କଷ୍ଟ ଉପଯୋଗରେ ଯେ ଦଳ ବୋଉକୁ ଦେବନାହିଁ—ତାହା ସବ-ଜାଣ ଭାବରେ ଅଦେଖ କଷ୍ଟ ଦେଇ, ଅଭ ବୋଝକୁ ନେଇ । ନମସ୍କାର

ତୁମ୍ଭର
ବଡ଼ଶଳା

× + +

ଇତ୍ୟାଦି ଚାରୁ ବଂଶାଳ ଅଭିନୟ ଉପସ କରନ୍ତି । ଗଳ୍ପ ଅନୁସାରେ ନେ ସେ ହିନ୍ଦୁ— ବାର ପରିଶ୍ରମ କରିଛନ୍ତି । ଅଛି ଗୋଟି ଭାବରେ ତାଙ୍କ ଶଶୁର ଘର ଯାଉଛୁ ଏ ଚରିତ୍ର ଅଭିନୟ । ଦେଖିବାର ମୋ ହାତରେ ପଡ଼ିଗଲା ।—

ଏ 'ଡଗର'ର ଅନୁସରଣ ପାଠକ ପାଠିକା ଶୁଣ !—ଏଣେ ମୁଁ ଅନ୍ୟମାନଙ୍କ ସାକ୍ଷୀ ରଖି ଗମ୍ଭୀର ଅଫିସ ର ହେଡ଼କ୍ଲର୍କଙ୍କ ଗୋଟିଏ ନିମନ୍ତ୍ରଣ—

Dear, ଯୋଗେନ, ବାବୁ

( Head clerk. C. S. Office. )

ଯାହା ସାଗରର ଅଫିସର ଦେଖ ସାଧାରଣ ଲୋକ—ଏହି ଉପର ଲିଖିତ ଚିଠି ଚକାଟୋଟରର ପାଏ—ଦେଇବ ସେହି ଅଫିସର ହେଡ଼କ୍ଲର୍କ ପଦ ପାଇବା ଠାରୁ ଅଭ ସୁଦା ଅର୍ପଣ ପାଇଁ ବେଳେ ଅଭ୍ୟ ଗେଲ ବୈବାହିକ ସମ୍ପର୍କ ଅଛି ତାହା ସଙ୍ଗ ଜଣ୍ଡାଇବା ???

———※———

## କୁତୁକୁତୁ

ବୋଲି ଧାରିଣୀ—ପ୍ରକୃତ ସାହେବ ଏହି ବଦମାଶ ମୋତେ ଅଖିଠାରୁ ଥିଲା ।

ସାହେବ—ତମେ ସବୁ ବଙ୍ଗାଳୀ ଉପରେ ଅତ୍ୟାଚାର କରୁଛ :?

ପ୍ରଧାନ ମନ୍ତ୍ରୀ ମନା କରିଛନ୍ତି ।

ସୁନ୍ଦା—ହଜୁର—ମ୍ରାଙ୍କ ଘର କଣ ବଙ୍ଗଳା ? ମୁଁ ଜାଣିଥିଲି ମାଡ୍ରେସ

ଅନ୍ତଃପୁରରେ ରହନ୍ତା—ଅଜକାଲି ବଙ୍ଗଳାର ନିହ ଲେଣିକି ? +

ଥ୍ରୀ ଚିଅର୍ସ ଟୁ ଅଜ୍ଅର୍. କଟକୀ କଂଗ୍ରେସ ବାଘ ଦଳ,—"ହୁଡ଼ ହୁଡ଼ ହୁରେ" ବୋଲି ରାସ୍ତାରେ ଦଉଡ଼ି ଯାଉ ଥିଲେ । ପଣ୍ଡିତବାବୁ ବୁଝା ଗଲା ଯେ ଓଡ଼ିଶାର ସବୁ ଦଳଙ୍କ ଭିତର ପ୍ରତିଯୋଗିତା ଚାଲିଥିଲା କିଏ କେତେ ଉଠିବ ଟିପିପାରେ—ପ୍ରତିଯୋଗିତାର

କଟକୀ କଂଗ୍ରେସ ବାଘ ଦଳ ଜାଣିଛୁ । ଶ୍ରୀଯୁକ୍ତ ପ୍ରଧାନ ମନ୍ତ୍ରୀ ଗିଲ୍‌ଡ଼ ଦେଇଛନ୍ତି ।

\+ × +

ଅନେକ—କମ୍ରେଡ଼ ଲଲ ସଲାମ । ଏ କଣ ଆପଣଙ୍କ ପତ୍ନୀ ।"

କମ୍ୟୁନିଷ୍ଟ—ନାଇଁ ଆଜି ସେ ମୋ ପତ୍ନୀ ନୁହନ୍ତି ସହ୍ରପତ୍ନୀ—ମାତ୍ର ଆମ ପାର୍ଟି— × + +

Digitized by srujanika@gmail.com



**କାହାଣୀ**

# କୋରକ-କୀଟ

ଲେଖକ—

—ଶ୍ରୀ ଦୁର୍ଗାମାଧବ ମିଶ୍ର

କଲେଜରେ ପଢିବା ଦିନର କଥା । ରହି ରହି ଅନ୍ତର୍ନିହିତ ତାର ଥରେ ବଶ ଜାଗ୍ରତ ହୋଇ ଉଠେ । ମୁଁ ବି, ନିଃଶ୍ୱାସ ବନ୍ଦ କରି ଟେବୁଲ୍ ଲାଇଟ୍‌ରେ ବାହୁ-ଛାୟା ତଳେ ଅଶ୍ରୁ ଗଡ଼ାଇଲିଣି ଅନେକ ଥର— । ତା' ବିଷୟ ଭାବିବାକୁ ଆଉ ଇଚ୍ଛା ହୁଏନା । ଫାଇଲ୍‌ର ଆବର୍ଜନା ଭିତରେ ହେଉ କି ବନ୍ଧୁମାନଙ୍କର ନାଲି ପଟିର କଡ଼ା ପତ୍ରବନ୍ଧରେ ଆଉ ରେମିଙ୍ଗ୍‌ଟନ୍ ମେସିନ୍‌ର ଖଟଖଟ୍ ଶବ୍ଦ ତଳେ—ତାକୁ ଆଉ ଖୋଜି ପାଉନା—ନାକ ଫୁଲାଇବାକୁ ମନ ନାହିଁ ମୋର । ସନ୍ଧ୍ୟା ହାତେ ଟଙ୍କାରେ ଧନ୍ଦା ଚାଲିଛି ଅଫିସରୁ ଫେରି କାଠଯୋଡ଼ିର ହାଓ୍ୱା ଖାଇଲାବେଳେ, କେତେବେଳେ କମିତ ତାର ମୂର୍ତ୍ତି ଅଙ୍କି ଥରରେ ନାଚିଯାଏ—ଘୋର ସ୍ମୃତିଟି ମୂର୍ଚ୍ଛି ଉଠେ ଭିତରେ—ରୁମ ମୋର ଠାକୁର ଭିତରେ—ନୀରସ ଯନ୍ତ୍ରବଦ୍ଧ ଜୀବନରେ ରସ ଆଉ ତରଙ୍ଗର ଦୃଶ୍ୟ ଦିଏ ମୋ'ର ।

ଦୁଃସ୍ୱପ୍ନ ପରି ପୁଣି ତାକୁ ମନରୁ ଝାଡ଼ି ପକାଏ—ଧୁଳିର ସୁଲଭ ଚିହ୍ନରେଖା ମୋ'ର ମାତା ଦେଇଯାଏ ଅନ୍ତ ଅନ୍ତ—ମୋ'ର ଅଜାଣତରେ ।

ସେତେବେଳେ ମୋ'ର ବୟସ ଅଠର । ରେଭେନ୍‌ସା କଲେଜରୁ ଆଇ, ଏ, ପରୀକ୍ଷା ସମ୍ମାନର ସହିତ ପାଶ କରି—ଦୁର୍ଭାଗ୍ୟ କି ସୌଭାଗ୍ୟକୁ କେଜାଣି ହଷ୍ଟେଲରେ ରହିବା ପାଇଁ ପ୍ରତିଯୋଗିତା ନ କରି—ଗୋଟିଏ ସାଧାରଣ ମେସ୍‌ରେ ରହିଲି—ଠିକ୍ କଲେଜ ଛକ ଉପରେ—ଗୋଟାଏ ବଡ଼ ନାମଜାଦା ମେସ୍ ।

ମିଲଟନ୍‌ରୁ ମୁଁ ଟିକିଏ କାବ୍ୟ-କଳ୍ପନା ଶିଖିଥିଲି—କଲେଜରେ ସେହି ଜୀବନର ନିଦ୍ରାଗତା ବିଷୟ ଭାବି ଭାବି ଜୀବନକୁ ଅନ୍ତଃସାରଶୂନ୍ୟ କରିବାର ଅଦୃଷ୍ଟ ମୁଁ ପକ୍ଷପାତୀ ନୁହେଁ— ସେତେବେଳେ ବି ନ ଥିଲି—ନ ଥିବାର ତ କଥା । ଜୀବନର ବୈଚିତ୍ର୍ୟ ସୌନ୍ଦର୍ଯ୍ୟକୁ ଅସ୍ୱୀକାର କରି ମନେକର ଲେଙ୍ଗୁଟି ମାରି, ଜଟା ଲମ୍ବାଇ, ଜଙ୍ଗଲରେ ଯାଇ ରହିବାକୁ ମୁଁ ମିଲଟନ୍‌ରୁ ପଢ଼ି ନ ଥିଲି—କାରଣ ସେହା ମୁଁ ଭାବେ ଗୋଟାଏ ପଣ୍ଡିତଙ୍କ ମନୋବୃତ୍ତି—ଦୁନିଆର ଝମେଲା ଜାଗାରେ ରହି ନ ପାରି, ଡୋର ଛିଣ୍ଡିଯିବ ବୋଲି ଅଳ୍ପରୁ ଡର କୁମ୍ଭାରେ ହାତ ଲଗାଇବାଠୁଁ ନିଜର ନୈତିକ ସାହସର ଅଭାବ ସୂଚାଇଦିଏ—ମୁଁ ସେଥିରେ ବିଶ୍ୱାସ କରେନା । ମୋ ମତରେ ଯାବି ହ ଜୀବେଦ ସ୍ୱର୍ଗ ଜୀବେଦ ।

ସେଦିନ ରବିବାର—କଲେଜ ଛୁଟି—ଟିପି ଟିପି ବର୍ଷାର ସୁଲଳିତ ସଙ୍ଗୀତ ମୋ ପ୍ରାଣରେ ମୂର୍ଚ୍ଛନା ଆଣି ଦେଉଥିଲା ମୋର ସ୍ପନ୍ଦନମୟ ପ୍ରାଣରେ ଘୋର ସ୍ପନ୍ଦନ ଆସିଥିଲା । କାଗଜ ପେନସିଲ୍ ନେଇ ଗୋଟିଏ ଛୋଟ କବିତା ଆରମ୍ଭ କରି ଦେଲି । ଟେବୁଲ ଉପରେ ଅଧା ଲେଖା କାଗଜରେ ଧୂସି କବିତାଟି ଲେଖି ଯାଉଛି···

ଏତିକିବେଳେ ମୋ ଆଡ଼େ ଟିକିଏ ଚୋରି ଚାହାଣୀରେ ଦେଖିଲେ—ଭରି ଭରି ଲାଗିଲେ ଯେତେ । ସେଇଠୁ ବାରିଠି ଆମ୍ଭକୁ ରହି ରହି ଦେଖିଲି—ରହି ରହି ପଢ଼ିଲି ସେ ବି । ସେଥିରେ ଗୋଟିଏ ରୂପସୀ ଅଭିସାରିକାର ଗୁପ୍ତ ଗତି ମୋ' କବିତାରେ ଚିତ୍ରିତ ହୋଇଥିଲା ।—ଠିକ୍ ତାର ପ୍ରତିକୃତି—ଅବିକଳ ଅନୁବାଦ । ଅସ୍ପୃଶ୍ୟ ହେଲି ମନେ ମନେ ସନ୍ଧ୍ୟା ତାଙ୍କ ମୁହଁରେ କୌଣସି ପରିବର୍ତ୍ତନ ଦେଖିଲି ନାହିଁ । ସେମିତି ଏକାଗ୍ର ମଧୁର ଦୃଷ୍ଟିରେ ମତେ ଚାହିଁ ରହିଛି ।

ମନେ ମନେ ଭାବିଲି ସ୍ୱପ୍ନ ଦେଖୁଛି । ଅନେକ ଦୂରରୁ ଉଡ଼ି ଆସିଲା, ଓଠ ଦୁଇଟି ଫାଟି ଯାଉଥିଲା—ହୃଦୟ ଥରିଉଠିଲା—କିନ୍ତୁ ସେ ସ୍ୱପ୍ନ ନୁହେଁ—ବାସ୍ତବ—ଜଣେ ଷୋଡ଼ଶୀ ମୋ ନିକଟରେ ଠିଆ ହୋଇଛି । ସଦ୍ୟ ପ୍ରସ୍ଫୁଟିତ ମଲ୍ଲୀଫୁଲ ପରି ସେ ଧୂସର ବନ୍ଧୁ ମଲ୍ଲୀ ଫୁଲର ମାଦକତା ଭରି ମଧୁରିମା ସୌନ୍ଦର୍ଯ୍ୟ [illegible] ନେଇ ଠିଆ ହୋଇ, ପ୍ରଶାନ୍ତ ଓ ସ୍ନିଗ୍ଧ । ସେ [illegible] ଥରେ ମୋ ଆଡ଼େ, ସ୍ୱାଧୀନତା ନାହିଁ—ମାତୃତ୍ୱ ଅଛି— [illegible] ।

କେଉଁ ସମୟ ତା ଆଡ଼େ [illegible] । ମୋ ଚଂକ୍ରମ ଉପରେ ସନ୍ଦେ [illegible] ଜବେଳେ । କବିତା ପଢ଼ା ଶେଷ [illegible] ଜଣ ମୁଁ ତାହାକୁ ଭଲ ଭାବେ ପଢ଼େ—ଏ ଭାବନାର ଯୋଗ୍ୟତା ଓ ଅଧିକାର ମୋ'ର ଅଛି ? ଏ ପ୍ରଶ୍ନ ଉଠି ତା ଅଙ୍ଗର ସ୍ପର୍ଶ ପାଇବାକୁ ସନ୍ଦେହରେ । କିଛି ସମୟ ପରେ ସେ ଓଠ ଯାଉଥିଲା ତଳେ ଝୋଟିଏ ଲଜ୍ଜିତ ହୋଇଯିବା ଦେଖି ପାରିଲି । ତା ଜୀବନର ମାଦକତା ନିହିତ କି'ଣ ଜୀବନ—ନିଜ ମଧୁରତା ।

ସେ ବୁଝିଲା—ତାର ସମସ୍ତ ସ୍ୱପ୍ନରୁ ଜାଗରେ ଆସିଲା । ସେଥିପାଇଁ ଉପରେ ନିଃଶ୍ୱାସ ପଡ଼ି ସେ ରହିଲା—କେତେ ଅଥା ରହିଲା ।

କିନ୍ତୁ ମୁଁ ତାର ଏପରି ଯୋଗ୍ୟ ବାଳିକା ପ୍ରତିବାଦ ଦେଲା—ସେ ବୋଧ ଥିଲା ଅଚିନ୍ତ : ତାକୁ ପରି ମୁଁ ଦେଖିଲି ତାର ସୌନ୍ଦର୍ଯ୍ୟ ଉପଭୋଗ କରିବା—ତାକୁ ଭଲ ପାଇବାର ସୁବିଧା ଦେଲା ।

ବର୍ଷାର ଅନୁରାଗ ଲାଗେ । ମନ ପରିବର୍ତ୍ତିତ ହେବା ପାଇଁ କ୍ଲେଶ ଅନେକ ଦୂର ସୁନ୍ଦର ।

ତହିଁ ଅନେକ ଦିନ ହେଲାଣି ଦେଖିଲି ଅନାଇ ରହିଛି—ମିଛରେ ଗୋଟାଏ ଭାବନା ପରି କେତେ ବେଶି ବାହାରରେ । କେତେ କୋଉଠି ମନର ଅନୁଭୂତି । ମନରେ ଉଠାଇ ରହିଥିବା ଭୂଷଣ ଭରି କରି କେତେ ଆସିବାର [illegible] ପାଠ

Digitized by srujanika@gmail.com

—ତୁଷାରର ଅସମ୍ଭବ । ଚିର୍ ଶେଷବେଳେ ମୋର ଦୃଷ୍ଟି ପଥରେ ଝଲ୍ସି ଉଠେ ସେହି ରୂପସୀ—ଦେହରେ ସେହି ଧଳା ଶାଢ଼ୀ ଖଣ୍ଡ—ଏଥରେ ରୁମାଲ ନାହିଁ—ଓ ଶାଢ଼ୀ ପଣତ ନାହିଁ । ନାହିଁ—ଅଣ୍ଟାଯାଏ ଲମ୍ବିଥିବା ତାର ଚୁଟି ନାହିଁ । ଦୂର ପ୍ରସାରିତ ଦିଗନ୍ତ ଧୂସର ଅସୀମ ସ୍ମୃତି ସେ—ଅନ୍ତରରେ ଉଠେ ତାର ଝଲକ—ସମ୍ଭବ ପର ଲଗାମ ନ ରହେ ଓ ମନ୍ଥର ନୃତ୍ୟ । କାହାଣୀର ଏହି ମନ ପଦର । ଅସୀମ ସ୍ୱପ୍ନ କଥାବାର୍ତ୍ତା—ଦୁଇଦିନ ପରେ ଦୁଇଜଣ ହେଲେ ପ୍ରଥମ ଚିହ୍ନା ପରିଚୟ । ସେହି ହେଉଛି ପ୍ରଥମ ପରିଚ୍ଛେଦ—ନାହିଁ ନାହିଁ—ମୁଖବନ୍ଧ, ଭୂମିକା ।

ଦିନ ଗଲେ ଦିନ ଆସେ—ତା' ସହିତ ଆମ ଜୀବନର ... ଚୋଟିଏ କୁଆଁ ଉଠେ ଉଠେ ଆସେ । ଯୁବକର ଅତୃପ୍ତ ଯୌବନର ଶିହରଣ ଅବ୍ୟକ୍ତ ଅବ୍ୟକ୍ତ ହେଲା । ଦିନୁ ମହେଶ୍ୱର ବାଧା ଦେଲେ ଦେଇ—ନିର୍ଜୀବ ଅନ୍ଧକାରରେ ଦୋଳା ଝୁଲିବା । ସେହି ଦୋଳ ଦଶିକ ଆମ ଜୀବନରେ ମନ୍ତ୍ର ଦଣ୍ଡ ବାଧା—ହିମାଳୟର ଚୂଡ଼ାରୁ ଖସି ଆସିଲା ।

ଆମ ଦୋହଠରୁ ଟିକିଏ ଦୂରରେ ତାଙ୍କର ଘର । ଛୋଟିଏ ଖୋଲା ମାଟି ଘରର ଚାଳ । ସେଇ ଘରର ଅଗଣାରେ ବସି ସେ ଗଲେ—ସେଇ ଘରର ମଣ୍ଡନ ବସର ବାଲି ଦେଖୁଥିଲି ଯୌବନ—ଜୀବନ ପରିଣତର ଅନ୍ଧାର ରାତିର ସ୍ୱପ୍ନ— ଜ୍ୟୋତ୍ସ୍ନାର ପରିଶରେ ନିତି ଅନ୍ଧାରର ମଳିନ ମୁଖର ରେଖାପାତ ।

ଦିନକୁ ଦିନ ଅନ୍ତରର ଅଗ୍ନି ସୃଷ୍ଟିକଲେ ତାର ଦାଗିବା ଦରକାର । ବାସନ୍ତୀ ସନ୍ଧ୍ୟା ପଥରରେ କହି କୋକିଳ ବାସନ୍ତୀ ସେ ମାତୁଥାଏ । ମଳୟ ବୋଲି କିଏ ଜାଣିଛି ସେଥିରେ ତାର ନାଚି ପାରେ ସେହି ପାଗଳମାନଙ୍କ ହାତରେ—ଅଦର୍ଶ ହୁଏ ନାହିଁ—ଦୃଶ୍ୟ ହୁଏ ନାହିଁ—ମାଟିର ଅନୁପମ ଜଗତର ଭିତରେ । ମାଟି ମାଟି ହିଁ ବିଷ ଭଳି ଛିଟିକି ପଡ଼ି ତାର ଧୂଳି ଉଡ଼ି ଯାଏ—ଭସ୍ମ ମୁଠାଏ ପଡ଼େ ସେ ସେଠାରେ । ମେଘ ଗର୍ଜନ ଆର ଅବାଧ ନଭମଣ୍ଡଳରୁ ଜଳ ଝରେ ରହେ ସେ ପଥ ପଡ଼ିରହେ ଲେଖି- ଯାଏ—ସବୁ ଦିଗର ମୋର ଦୃଷ୍ଟି ପଡ଼ିଯାଏ— ମୁଁ ସବୁ ଅଳ୍ପ ସୃଷ୍ଟି କରିପାରେ ।

ପରିଶ୍ରମ ଯୋଗୁ ଦେହ ଦେହ ଝାଳ ତା ମୁହଁର ଉପର ମାଡ଼ି—ତା ଚିତ୍ତ ଉପରେ ଚାନ୍ଦ ଜଳ ଦେଇ ପରିଆନ୍ତି—କାହାର ହେଉ ମୋ'ର ଝଲକ ଅନ୍ତର ସ୍ୱର୍ଗ—ସ୍ୱର୍ଗ ତାର ନିଜର ଦେହ—ଉଲ୍ଲାସ ସଜନୀରେ ସୋଣାର ଫୁଲର ଅଞ୍ଜଳି ଧରେ—ତାର ଦେହ—ମୁଁ ଓ ।

ପୁଲକ ଭରତ—

—ବାବୁ ଗାଇବେ ଆଉ ବଜେଇ ଶିଖେଇବ ?

—ଆଉ ଶିଖଣ୍ଡ ଅଛି ମୋ ପାଇଁ କାହିଁକି ଗାଇ ଜାଣ ।

ତାର ଚମତ୍କାର ପ୍ରତିଭାର ମୋର ଏଥି ଦେଖି ଯାଇ ପାରେ ନା କହି ଉଠେ ।

ସନ୍ତୋଷ—

ଦେବାର ଅଳ ସୌଖ ଓଷ ଝରକାର ଦୁଇ ଚାକରେ ଦୁହେଁ ବସି ବର୍ଷାର ଝରକାକୁ ଅନୁଭବ କରୁଥାଉଁ । ଝରକାର ଉଦାସ ଉତ୍ତପ୍ତ ତନ୍ଦ୍ରା ବହେ । ତରୁଣୀର ହାତର ସ୍ପର୍ଶ—ଦୁହେଁ ଦୁଇ ପାଖେ ଠିଆ ହୋଇ ସ୍ୱର୍ଗ ଆଉ ଅପେକ୍ଷାରେ ।

ଯାଉ ଟୁମ୍ପୁ ବୈଷ୍ଣବ ବାବୁ କହନ୍ତି—

—ଅଳ ଗାଉ ଦେଖିବ ବଢ଼ିଆକି ବାବୁ ?

ଚମତ୍କାର ।

—ଅସନ୍ତ, ଶିକ୍ଷାମା ଶିଖା ।

ମନେ ମନେ ଭାବେ, ଏଇଠି ଜୀବନ ସିନେମା ଦେଖିବି—ପରସା ଦେଇ ସିନେମା ଦେଖିବା କାହିଁକି ? ଉତ୍ତର ଦଏ—

—କ୍ଷମା କରିବେ ଆଜ ଜଳ ଲକ୍ଷ୍ମୀ—ଅଳଦ ନେ ଶିବା—

ସେ ଟୁଙ୍ଗ୍ କହନ୍ତି—ମୁଁ ତ ଦେଖି ନହେଁ ନାହିଁ ।

ସମସ୍ତ—ଚେଷ ଦୁଃଖରେ—ସଙ୍ଗୀତକୁ ସାଥିରେ ନେଇ ।

ବୃତ୍ତାନ୍ତ—

ଉପାଧ୍ୟାୟଙ୍କୁ ଏଠି ଅଶିକ୍ଷ—ସମସ୍ତ ଭରସ ଅଛିକୁ । ଏଇଠି ଅମର ଦୁର୍ଗାପୂଜା ହେବ । ତାପାଇଁ ବିଭିନ୍ନ ଦେଶଅନ୍ତୁ । ଜନ୍ମ ଦୋଷ ବସ୍ତୁଠ ସଣ ନନ୍ଦନ ପବାର ଅଶିକାର ନେଇଛି—ମୁଁ ବିଶ୍ୱରେ ତାର ମୂର୍ତ୍ତିରଖି—ନୂଆ ସାଥିଙ୍କ ସାଙ୍ଗେ ମାଉସି—ତାର ଆଜ ମନେ ପଡ଼ୁଛି—ଏମିତି ଦେଖେ ଅଭି- ମାନୀ ବଧୁ—ଶ୍ରୀ ଦୃଶ୍ୟ ଲଗିଲା । ଯୋଉଠିଟିକେ ମା ଅନ୍ନପୂର୍ଣ୍ଣା ଜନ ଦେଉଛି—ତା କଥା ଅମାନ୍ୟ କରିବ କେମିତି ? ସେଇଦିନ ସବୁ ଠାକୁରେର ଭୋଗ ଧରିଲ ।

ପଦ୍ମା ପଡ଼ିର ଉପରେ ଦେଖାଯାଏ ଜ୍ୱଳନ୍ତ ସହସା ପୂର୍ବରୁ ସବୁ ଅଛିଲ ସ୍ନାନ କରି ଉଦ୍ୟାପନ କରିବାକୁ ବସିଲେ । ମାନବଜାତି—ଅଦର୍ଶ ଛାତ୍ର ପଢ଼ାପଢ଼ିର ଝିଅ ଖାତା ଦେଖି ସେଠି ତୋଳ ଶିବାର ସମ୍ଭାବନା—ଉମତ୍ତ ଜମ୍ବୁ ଦେଖାଇ ବାହାର ଅଧିକ ।

ସେମିତି ଅଛି ମନ ମନ ଚୋଟେ ତାର ଝରକା ପାଖେ ଯୋଉଠି ସ୍ୱର୍ଗ ବ ତାର ଅଣ୍ଡ ଲେଖି ଦେଇଛି । ତାର ଅନୁମତି କର୍ମ ମର୍ମ ଅନୁଭବ କଲ । ମୁଁ ଗୋଟେ ପଦ୍ମର ବାହାକୁ ? ଭିତ ଜଳ ଉଠେଲ କିମାଠେ ।

ବର୍ଷଣର ପରେ ଝରକାଟା, ପଲ । ବେଳ- ବେଳେ ନୀଳ ଗଗନ ଓଷ ଗଛ ଉଚ୍ଚ ଦେ ଚେହେରା ତାର ପାଦର ପାଣିଘର ଲୁ ଲୁ ଦେ ଅନୁମାନ କରି ଝରକା ପିଣ୍ଡାର ସ୍ୱର୍ଗ—ଦେହର ଗନ୍ଧ —ଅଦେଖା ଦେଶ ଯୁବକ—ସବୁ ଭିତରର ବର୍ଣ୍ଣ ବୁଝିଲି—ଆଉ ତାକୁ ଦେଖିବ ନ—ନଇଁ ପଡ଼ି —ପୁଣି ଉଠିଲା ଖେଳିଲ, ପୁଣି ସନ୍ଧ୍ୟା ଦେଖିଲ ଚୋଟାଏ ବ୍ରାହ୍ମଣ ଭଜନର ଦୋହର ରୂପ ଦେଇ ।

ତଥି ପାଇବ ନ—ଅନ୍ତ ପଶ୍ଚିମରେ— ମୁଣ୍ଡରେ ଦାଉ ନୟନ ଝରିଲା—ଦେହର ସବୁ ଅଂଶ ଯନ୍ତ୍ରର ସହିତ ଅଛି । ପାଦରୁ ଚଳିଗଲା ଲୁଣ୍ଠନ ସେ କରି ଚୋଟାଏ ଉଦାସିଆ ଗୀତ ଗାଇ । ସେ ମୁହଁ ଟେକ ଝରକା ଅନ୍ଧାର ନ ସ୍ୱର୍ଗ ଶୁଣିଯାଇଥିଲ ଭାବେ—ନିଷ୍ଠୁର !

ସାଉଁଳିଲେ ଦେହ ନିଜ ଦେହକୁ ସେ ଶିଖିଲା ଭଡ଼ ଭୂ ଅଃପ ଯାଏ, ସେ ସେମିତି ରହିଯାଏ ଝରକାକୁ ଟିକିଏ ଟେକ ମୋ ଅନ୍ତର ଅନ୍ଧାରରେ । ମୁଁ ଉଷ୍ଣ ଦେଖିଲ, ମୋଠେ ସ୍ୱର୍ଗ ଦେଇ ତା ମୁହଁ ଜଳା ଉଷ୍ଣତା—ପରିଚୟ—

ପୃଥିବୀର ଦୋହଥ ଏକାଦଶୀର ଅନୁରାଗରେ ସେ ବହିଲା ।

ଅଭାବର ପରିଚୟକୁ ଉଚ୍ଚ ଦେଲ । ସେ ସେଠି ଅନେକ ସମସ୍ତ ଚିହ୍ନାଇବ ଦେହ—ତା ଅଧିକ ଲୁଚ ଯୋଗରୁ ବଶ ହେବାକୁ ଶୀଘ୍ର ଫେରି ଶିଖିଲ ତାର ଦେହରା ସେ ବଢ଼ ପରାଣ—ଜନ୍ମ ଦେହ ଜଣେ ତାକୁ ଜୋର କରି ଟେଣ୍ଟି ପାଖରେ ବସି ଧରୁଛି ।

କହ ବହିଲ ନ ଯାଉ ସେ ମୋଠେ ପ୍ରେମରେ ରଜ ପରଶ, ଠେଲ ତା'ର ହୃଦୟ ମୋ'ଠେ ଗୋଲ ଦେବାରେ ବାଧା ଅଛି କି ? ଯଦି ଅଛି. ତେବେ ସେ ମୋଠେ ଧରିଲେ ରଜ ପାଇବ— ମୋଠେ ଅଯୋଗ୍ୟ ଠିକ୍ ଅଛି ।

ମୁଁ କହ ବହିଲ ନ—ସେ ବ କହ ବହିଲନି । ଉମିତ କହ ସମସ୍ତ ଗଲ ।

ତା' ପରେ ସେ ଗୋଟିଏ ସ୍ରୋତ—ବୋଝ ବୁଝ ବୁଝିଦେଇ ସ୍ୱପ୍ନ !!

ମଧ୍ୟରେ ଉଭୟ ପାଖରେ ମୋର ଦେହ ଲୁଷ୍ଠନ ଦେଇ ମୋ ଜୀବନ ପଥ ଉଜାଡ଼ିଲ ।

— ❊ —

Digitized by srujanika@gmail.com



# କବି-ଲଢେଇ

ଲେଖକ— ଚତୁରାନନ୍ଦ

(ପୂର୍ବାନୁବୃତ୍ତି)

[ କଥା —ଜଣେ ଡାକ୍ତର ଅର୍ବଚୀନ ବନ୍ଧୁଙ୍କୁ ଅସି ଅନୁରୋଧ କଲେ କାର୍ତ୍ତିକ ଉଣୟିତ ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ । ଅର୍ବଚୀନ ବେତାଳମାନଙ୍କୁ ପେଶି ଜୀବିତ ଓ ମୃତ କବିମାନଙ୍କ ଠାରୁ ନହର୍ତ୍ତି କବିତା ସଂଗ୍ରହ କରି ପାଇଲେ ତାହା କେତେକ ପ୍ରକାଶ ପାଇଛି ଓ କ୍ରମାନୁସାରେ ପାଉଛି । ତଥିମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ଛଅଗୋଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ।

### ୮ ଜଗନ୍ନାଥ ଦାସ

ଶୁଣ ପରୀକ୍ଷ ନରନାଥ,
ଦେଇ ଶ୍ରବଣ ମନ ଚିତ୍ତ ।
ଏକ ଯେ ଅବଳା ଯୁବତୀ,
ସ୍ନାନ କାରଣେ କରେ ଗତି ।
କାଖରେ ଜଳ କୁମ୍ଭ ଘେନି,
ଚଳାଏ ମୃଦୁ ପାଦ ବେନି ।
ଅଳପ ବକ୍ର ଅଙ୍ଗ ଠାଣି,
ଚାହିଁଲ ଅପାଙ୍ଗ ସୁହାଣି ।
ପୃଥୁ ନିତମ୍ବ କୁଚଭାର,
ମଧ୍ୟ ସିଂହକୁ ପରାଭର ।
କଟି ମେଖଳା ଅସମ୍ଭାଳ,
ଲୁଟିଛି ମଦନ ଜଞ୍ଜାଳ ।
ଅଗ୍ରତେ ଦେଖି ବଣବନ,
ବାଳା ହୁଅଇ ଛନ ଛନ ।
ସୁଲଳ ପୁଷ୍କରିଣୀ ମୁଖେ,
ଅବଗାହନ ଅତି ସୁଖେ ।
କୂଳରେ ଥୋଇଣ କଳସି,
ଜଳ ମଧ୍ୟରେ ପରବେଶି ।
ଦେଖିଲ ଫୁଟିଛି କମଳ,
ଅତି ସୁନ୍ଦର ଶତଦଳ ।
ଝଟିଲ ଅଗ୍ର ଧିରେ ଆଖି,
ବାଳା ଚଳଇ ଗୁଳଧାଣି ।
କମଳ କର ପ୍ରସାରିଣ,
କରଇ ମୃଣାଳ ଛେଦନ ।
ଆଦ୍ର ବସନ କର ଭେଦ,
କୁଚ ମଣ୍ଡଇ ପରମାଦ ।
ସେ ବାଳା ପୁଷ୍ପ ଧିରେ ତୋଳି,
ମସ୍ତକେ ଚନ୍ଦ୍ର ପରେ ଖୁଳି ।
କରଇ ନାୟକ ସ୍ମରଣ,
ଚମ୍ପକ ସ୍ବର୍ଣ୍ଣ ସମ୍ପାଦନ ।
ନିଶ୍ୱାସ ବହେ ଖରତର,
ଶୁଖିଲ ସୁରଙ୍ଗ ଅଧର ।
ଦଶନେ ଅଧର କାଟମାଡ଼ି,
କର ଯୁଗଳ ଶିରେ ତାଡ଼ି ।
ଚରଣ ଅଙ୍ଗୁଳିର ଅଗ୍ରେ,
ଭୂମି ଖେଳଇ କାମ ବ୍ୟଗ୍ରେ ।
କମ୍ପଇ ସକଳେ ଶରୀର,
ବେନି ଲୋଚନୁ ବହେ ନୀର ।
ଅଞ୍ଜନ ଜୁଙ୍କୁମର ସଙ୍ଗ,
ଲହ ପଡ଼ଇ କୁଚ ଯୁଗ ।
ଏକାଳେ ଶୋଭା ନିରେ ଚନ୍ଦ୍ର,
ମଦନ ହୋଇବେ ମୋହିତ ।
ଧୀର ମାନବ କେତେ ସବୁ,
ଯେ କାହୁଁ ଯିବଟି ଉଦ୍ଧାର ।
ଏଥିକୁ ହୋଇ ସାବଧାନ,
କୃଷ୍ଣ ଚରଣ କର ଧ୍ୟାନ ।
ନିରତେ କୃଷ୍ଣ ନାମ ସ୍ମର,
ମାୟାରୁ ଥାଅ ଅପସର ।
ଏମନ୍ତେ ଏହି ପରମାର୍ଥ,
କହଇ ଦାସ ଜଗନ୍ନାଥ ।

—:::—

### ୮ ବ୍ରଜନାଥ ବଡଜେନା

ସମର ତରଙ୍ଗ ରଚୟିତା

(ପାହାଡ଼ିଆ କେଦାର)

ରାତି ଖତମ୍ ଅସିଲ ଭୋର,
କୁଅ, କୁକୁଡ଼ା ଛେଲି, ମୟୂର
ଛାଡ଼ିଲେ ସ୍ୱର, କାଶିଣ ଭୋର, ଉଠି,
କଟିର, ଜେ
ଦାଦନର ମଳିକର କୁକୁର
ଝଙ୍କୁଳ କଟା ବୋହାଉଛି ତାର
ମଇର୍ ମାର କୁହାଟ ଦେଇ ଉଠ
ସର୍ଦ୍ଦାର ଯେ
ନାସ୍ତଏ ଗାଟ୍ୟାରବ ବୋଲି ବାହାର ମେ
ବେଲଗିଁ ବଣ ବାଟକୁ ଯାଏ ଧୀର ଦେ
ସେବିକାଇ ବୋଡ ଅଣ୍ଟି କାଖରେ
କସ୍ତା କସା ହୋଇଛି କମରେ
କାଳିଆ କୁଡ଼ା ଭଲ ମାନ୍ଟି ଶିରକୁ
ତାର ଯେ (୧)

ସ୍ବଚ୍ଛେ ଝଟକେ ରଙ୍ଗୀ ସ୍ବନ୍ଦ ର
ଟର୍ଦ୍ଦନ ହଟ୍ଟି ଧୀର ଧୀର
ବଟକ ପ୍ରାସ୍ତ କରଇ ଗତି ବଢ଼ି
ବିଚାର ଯେ
ମସ୍ତର ବର୍ଣ୍ଣ ଅବାଜ୍ ତାହାର
ସାଇଁ ସାଇଁ ଟଇଁ କରି ବାର ବ
ଭ୍ରମର ହାଉଅ ହୋଇ ଧାଉଅ ବହେ
ପ୍ରଖର ଯେ
ନାରୀ ଚୋଉକୁ ଥୋଇ ପୋଖରୀ
ତାର ଯେ
ଜଳେ ପଶି ଟର୍ଦ୍ଦନ ଘସେ ଧପାର ଯେ
ମୁଲକେ ଦେଖି ସେଠାର
ଜୁଡ଼ା ସମ୍ଭାଳି ବଢ଼ାଇ କର
ବର୍ଚ୍ଛିଆ ଫୁଲ ତୋଳିଲ ଏକ ପୁରବି
ସ୍ବର ସେ (୨)

(କ୍ରମଶଃ)

—:::—

# ଡାଟେର ଡାଟେର ଟାନା ନାନା—

ଗୋପବନ୍ଧୁଙ୍କ ମୃତ୍ୟୁ ସତ୍ତ୍ୱ ସମ୍ବାଦ ଦେଇ ସମାଜ ଲେଖିଲେ—ଅମୁକ ସ୍ଥାନରେ ଦଶେ ଅପଟଣ ।'

ଫଳରେ ସେଇ ସ୍ଥାନରେ ଯେତେ ଲୋକଙ୍କୁ ଭୂତ ଲାଗିଛି, ତାହା ଛଡ଼ାଇବା ପାଇଁ ସମ୍ପାଦକ ରଥଙ୍କ ପାଖକୁ ଗନ୍ତାଘର୍ଘା ଓ ଭୂଣ୍ଡଥ ପାଉଣା ଦିଆଯାଉଛି ।

× × ×

ସନ୍ତୋଷଙ୍କ ଦ୍ୱାରା ରେଜେଷ୍ଟ୍ରିକୃତ ଅଭ ପାକିସ୍ତାନ ଚିହ୍ନାଯାଉନାହିଁ !—ଏହାହିଁ ଏବେ ରେଜେଷ୍ଟନ ପ୍ରକାଶ ପାଇଛି ।

ଯାହାର ସବୁଯାକ କାଳ ପାଶ ଯାଉଥିବ ଏବଂ ସରକାର ଯା ସବୁଯାକକୁ ରେଜେଷ୍ଟ୍ରି କରନ୍ତି ତାହେଲେ ବେଧଡ଼କ ଅଉ କାଳ ଅଦୌ ରହିବ ନାହିଁ । ଏଥିକୁ ଊଷାଯ ଦରିଦ୍ର ଉପାୟ କରୁଛନ୍ତି ।

× + ×

"ତଠ, ଡ.ଠ, ମାଳକଣ୍ଠ, ଡ.ଠ ଗୋଦାବରୀଶ, ଡ.ଠ ପାରଳା, ଲଙ୍କା ଖଲକୋଟ" ବୋଲି କୌଣସି ଓଡ଼ିଆ କାଗଜ ଅଦ୍‌ବୋଧନ ଦେଇଛନ୍ତି —ଏ ମହତାବ ଘ..କାଚିକୁ ଧ୍ୱଂସ କରିବା ପାଇଁ ।

ସାଧୁ ସାଧୁ । 'ଡଗର'କହେ, ତା ସାଙ୍ଗରେ ସ୍ୱର ମିଳାଇ—ମହାଦ, ବୋମ୍ବ କଛ ହେଲା ଓଡ଼ିଆ ରେ କଥା ।

+ + +

ଟ . . ଥିଏଟରରେ 'କାଦମ୍ବରୀ' ଗୁଳିକ । କିନ୍ତୁ ଓଡ଼ିଶା ଥିଏଟରରେ କବଳ କବଚମ୍ଭୁ ଖାଲି ଚାଲିବ ।

ଓଡ଼ିଶା ପ୍ରଧାନମନ୍ତ୍ରୀରେ 'ଟିକ୍ରମାଣ୍ଟ' ଗଲାଣି । ଅନ୍ନପୂର୍ଣ୍ଣା କଳନାଟ (ଟାଟା) ରୁ ଏଣିକି ଟ୍ରେନ୍ଦା କରନ୍ତୁ ।

× × × ×

ଓଡ଼ିଶା ମଣ୍ଡଳ ଗୁଣରେ ଛାତ୍ରମାନେ ଏବେ ହଜାର କଲ ଟଙ୍କା ଦେଶିତ କଲ୍ପତରେ ଅନୁଷ୍ଠାନ ଖୁଲି କଲେଣି 'ଜନତା' ଲେଖିଛନ୍ତି । ଯାହା ସବୁ ହେଉ ନା—

ଓଡ଼ିଶା ଦେଶ, ଭଗବାନ ଥଟ ଏଠ ଏକ ଟଙ୍କାର ଉପଟିକା ତଥା । ଖାଲି ଚଷ୍ଟନାୟକେ ଚେତୁକଲ ଉତ୍ତରକୁ ଦେବେ । ମହତାବ କହିଲେ—ମୁଁ ଯାଉଥିଲି ଘଣ୍ଟି—

× × × ×

କଂଗ୍ରେସର ଚଢ଼ି ହୁଅନ୍ତେ ? ବୋଲି 'ଜନତା' ପଚାରିଛନ୍ତି ମନ୍ତ୍ରୀଙ୍କ କଥାକୁ ଧରି ।

ଶୁଣୋ ! ବାଂପ ନପେଖନଂ ପ୍ରକୃତୁଷେ ?
କିଂ ତେବ ମଦୀୟଂ ଧନା !
ମଦୀୟାନପି ତବ ପିଏଂ ?
କ୍ଷମ ହୋ ବାବୁଙ୍କାରଃ ସଦ୍ଧ !
ବେଣ୍ୟା ରୂଣଚବ ହତସ୍ତିବ ଟନଂ ?
ଭୁଂଜତେନ ଶ୍ରୈଯେଶ ବା !
ଦ୍ରୁଗତଂ ନୈରୀ ମହୋ ତବାପି ଭବତଃ ?
"... ... ... ... ... ... ..."

+ + + +

'ଭାରତ ସ୍ୱାଧୀନତା ଅନେକ ବର୍ଷରେ ଶୃଙ୍ଖଳ ଜୁଟାଇଛ ।' ଶୀର୍ଷରେ ମୁକ୍ତପୃଷ୍ଠ ଲେଖିଛନ୍ତି ।

ପିତାମହ ନମଂ, ନଷ୍ଟ କର ଶ୍ରୀଗଣେଶ ଛଡ଼ାଇଲ ହେ ।

+ × × +

"ପାଇକ ଜମି ବେଦଖଲ କରି ମୟୂରଭଞ୍ଜ ରାଜାଙ୍କ କୁତ୍ସିତ କୌଶଳ"—ଶୀର୍ଷକ ସମ୍ବାଦ ମୁକ୍ତପୃଷ୍ଠ ପ୍ରକାଶ କରିଛନ୍ତି ।

ଷଡ଼ ନାହିଁ— ମାଙ୍ଗୀ ତେବେ ପାଇକ ମୁକ୍ତିଅ ହୋଇ ଲଙ୍କଳ ଧରିବେ ଓ ପାଇକ ପ୍ରଧାନମନ୍ତ୍ରୀ ହେବେ ।

+ × × +

୩୦ଟଙ୍କା ଭଡ଼ାଙ୍କ ଟି.ଫ. ଟେଲ ସବୁ ଶେଷହୋଇଯିବା ବନ୍ଦ ଲାଗି ହୁକୁମ— ସମ୍ବାଦ ଶିରୋନାମା ।

କିନ୍ତୁ ସଂବାଦରେ ଅଛି ଟିଫ କେତ ନୁହେଁ—ଶୋଭାଯାତ୍ରା ବନ୍ଦ । ଏହାର କାରଣ ଅଠାବର୍ଷ କେନ୍ଦ୍ରରେ ଗୁଣ୍ଡାଗିରି କରିହେଉ ସ୍ୱାମିତ୍ୱ ଅଛି କିନ୍ତୁ ବାଚଂଶପତି ପୁଣି ଫେରି ପାଉଛନ୍ତି ।

× + + ×

"କୃଷି ମୁକ୍ତିଅ ଏବେକୁ ହୁଅ ।" ନୂଆ ଢଙ୍ଗ ଶିଖ 'କୃଷକ'ର ଅନୁରୋଧ ।

ଏଣିକି ଓଡ଼ିଶାରେ ବେଶି ଶୋଷ ଗୃହ ନକଲେ କିଛି ହବନାହିଁ ।

× × + ×

"ଶେଷ ସଂଗ୍ରାମ ଲାଗି ପ୍ରସ୍ତୁତ ହୁଅ"— ପଟ୍ଟନାୟକ ପ୍ରଧାନଙ୍କର ଆହ୍ୱାନ ।

ଲୋକୋପକାର ପ୍ରଧାନଙ୍କ ନାମ ଶୁଣୁଛି ହୋଇନାହିଁ । ତାଙ୍କ ଅନୁଗ୍ରହରେ ସ୍ୱର୍ଗବାସ ହୋଇପାରେ ।

× × × ×

"ଓଡ଼ିଆ ବୈମାନିକଙ୍କ ସାହସ" ସମାଜ ସମ୍ବାଦର ହେଡ ଲାଇନ ।

ବୈମାନିକ କେଉଁ ଦେଶର ଶବ୍ଦରୁ ଉତ୍ପତ୍ତି କି ବେମାନ ଶବ୍ଦରୁ ଉତ୍ପତ୍ତି— ଡାଇ-ରେକ୍ଟ ଦେଖାଯାଉ ।

× × × ×

ପଟ୍ଟନାୟକବାବୁଙ୍କୁ ରାଜ୍ୟ ମନ୍ତ୍ରୀ— ଖବର କାଗଜ ହେଡିଂ ।

କିନ୍ତୁ ପଟ୍ଟନାୟକବାବୁ କହନ୍ତି ଯେ ସେ ତାଙ୍କଠାରେ ରାଜାଙ୍କ ରାଜ୍ୟ ମାଗିନାହାନ୍ତି ।

+ + × +

କାମ ଲାଗି କର୍ମୀଙ୍କ ନିଦେଶ— ଖବର ହେଡିଂ ଟାଙ୍କା— ଜୀବନ ଅର୍ଥ ଦିଲ୍ଲୀ କଣ୍ଢେଇବା । ତେଣୁ ମୁକ୍ତପୃଷ୍ଠ ଅନ୍ୟାନ୍ୟ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ସଂଗଠନ କରୁଛନ୍ତି....

× × + +

କଲିକତାରେ ୧୦୧ ଜଣ ଆହତ । ସଂବାଦ ଖଣ୍ଡପୂରଣ ସ୍ୱାଭାବିକ କଥା ।

+ + +

କଲିକତାରେ ଓଡ଼ିଆ ବଙ୍ଗାଳୀ ବିଦ୍ରୋହ... ସଂବାଦ କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ଜଣା ଯାଉଛି ଯେ କୌଣସି ଓଡ଼ିଆ ପୂଜାରୀ ଏ ଦାଙ୍ଗାରେ ବନ୍ଧୁଆ ହୋଇ ନାହାନ୍ତି—ଅତଏବ ସଂବାଦ ମିଥ୍ୟା ।

× × ×

ଅନ୍ଧ୍ରକେଶରୀ ଦ୍ୱାରା ଜନ୍ମଭୂମି ବଢ଼ଯିବ— ମହତାବ । ଅନ୍ଧ୍ରମାନେ ଏ ଉପଦେଶ ନେବ ନିଶ୍ଚୟ ଗୋପ ଗାନ୍ଧିଙ୍କ କଂଗ୍ରେସ କର୍ମୀମାନଙ୍କ ଅବଧାନକୁ ଆଣୁଛି ।

+ + +

"ଗନ୍ଧ ଓ ଉଲ୍ଲୁକ"— ଗୋପବାବୁଙ୍କ ବହିର ନାମ ।— ଯଥା ଟଡାଟେଲ ଓ ମେଣ୍ଢା ବାଳ ଇତି— ଅନ୍ତର୍ଯ୍ୟ ହରହର ।— ଯଥା ଗୋଲ ଗାଡି ଓ ଚଉଖୁଣ୍ଟା ପିଣ୍ଡ— ଇତି

ମହତାବ

× × ×

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଜଗତର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଭାରତର ସବୁ ସଭ ବଢ଼ାଇବା ଜାତୀୟତାବୋଧ ଓ ସର୍ବାଙ୍ଗୀଣ ସମ୍ପୂର୍ଣ୍ଣ ସାଧନା କରିବା । ୨ । 'ଜହର'ର ମାଧ୍ୟମରେ ଏହି ଶିଶୁ ପତ୍ରିକା ଶିଶୁମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଗଢ଼ିବା ।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

# ଗୋଟିଏ ନିଗ୍ରୋ ପିଲାର ଆତ୍ମକାହାଣୀ

( ସଂଗୃହୀତ )

ପ୍ରିୟ ଭାଇ ଭଉଣୀମାନେ,
ନମସ୍କାର !

ନ୍ୟୁୟର୍କର ଭର୍ଜିନିଆ ଜିଲ୍ଲାର ଫ୍ରାଙ୍କଲିନ୍ ଗ୍ରାମରେ ଗୋଲାମ ପିଲା ହୋଇ ଜନ୍ମ ହେଲି । ମୁଁ କେତେବେଳେ, କେଉଁଠି ଜନ୍ମ ହେଲି ଜାଣେ ନାହିଁ, କିନ୍ତୁ ମୋ ମା'ଠାରୁ ଶୁଣିଛି ଯେ କାମ କରୁଥିବାବେଳେ ଗୋଟିଏ ବଗିଚାରେ ମୋର ଜନ୍ମ ହେଲା । ମୋର ଅତି ପିଲାଦିନର କଥା କିଛି ମନେ ନାହିଁ । କେବଳ ମନେ ଅଛି ସେହି ଗୋଲାମ ଖାନା ଓ ବଗିଚା କଥା । ସେ ଗୋଲାମଖାନା ବଗିଚାରେ ଗୋଟିଏ କୋଣରେ ଥିଲା, ସେଥିରେ କଣ ଗୋଲାମମାନେ ରହନ୍ତି ।

ମୁଁ ତ ଗୋଲାମ ପିଲା, ଗୋଲାମମାନଙ୍କ ଜୀବନରେ ସୁଖ ସ୍ୱାଚ୍ଛନ୍ଦ୍ୟ ବୋଲି କିଛି ନ ଥିଲା, ଥିଲା କେବଳ ଦୁଃଖ ଓ ଯାତନା, ମୋର ବାପା କିଏ ମୁଁ ଜାଣେ ନାହିଁ ? ଗୋଟିଏ ଛୋଟ ସଂସାରରେ ମୁଁ, ମୋ ମା, ଆଉ ଗୋଟିଏ ମୋର ଭାଇ ଥାଏ । ଘରଟି ନିହାତି ଛୋଟ, କାଠରେ ତିଆରି, ତା'ଉପରେ ମଇଳା ଓ ଛିଣ୍ଡାକନା । ଘରଟିରେ ପବନ ଟିକେ ବାହାରିବାକୁ ବାଟ ନାହିଁ । କିନ୍ତୁ କଣ କରିବୁ ? କର୍ମକୁ ଆଦର ଦେଇଥିବେ ପଡ଼ି ରହିଲୁ । "ଏହି ହେବ ନାହିଁ" କହିବାକୁ ସାହାସ ନ ଥିଲା । ଯଦି କେହି କହିଦିଏ । ମାଲିକ ଯଦି ଶୁଣେ ତାହାହେଲେ ଆଉ କଣ ଘଟିବ କହି ହେଉ ନାହିଁ । ସବୁବେଳେ ଆମେ ଖାଲି ଭଗବାନଙ୍କୁ ଡାକୁଥିଲୁ "ହେ ଭଗବାନ ଗୋଲାମ କରି ଜନ୍ମ ଦେଇଥିଲ କଣ ଏହି ଦୁଃଖ ଯାତନା ସହିବାକୁ"?

ଆମର ଯତ୍ନ ନେବାକୁ ଆମ ମା'କୁ ବେଳ ନ ଥାଏ । ସେ ସକାଳୁ କାମ କରିବାକୁ ଯାଇ ରାତି ଦଶଟାରେ ଫେରନ୍ତି । ଫେରିଲାବେଳେ ସେ ଲୁଚାଇ ଚୋରାଇ ଯେଉଁ ରୁଟି ଖଣ୍ଡେ ବା ଅଣ୍ଡାଟିଏ ଆଣିଥାନ୍ତି । ତାକୁ ଖାଇବାକୁ ଦିଅନ୍ତି ଓ ଆମ ଖବର ବୁଝନ୍ତି । ପାଠ ପଢ଼ା କଥା ବୁଝନ୍ତି କିଏ ? ସେତେବେଳେ ଗୋଲାମ ପିଲାମାନେ ପାଠ ପଢ଼ିପାରୁ ନ ଥିଲେ । କାମ କରି କରି ପିଲା ଦିନରୁ ସମସ୍ତେ ଅଣ୍ଟା ଭାଙ୍ଗି ଥିଲେ । ପାଠ ପଢ଼ାଉଛି କିଏ ?

ଶୁଣିଛି ମୋ ବାପା ଜଣେ ଗୋରା ଲୋକ ଥିଲେ । ଆମକୁ ତ ପେଟପୁରା ମୁଠାଏ ଖାଇବାକୁ ମିଳୁ ନ ଥିଲା । ପାଠ ପଢ଼ା କଥା କିଏ ଚିନ୍ତା କରେ । ସକାଳୁ ଆମକୁ କାମ କରିବାକୁ ହୁଏ ଅବଶ୍ୟ ସେଥି ଭଲ କିନ୍ତୁ ଯେଉଁଠି ଟିକେ ଭୁଲ ହେଉଥିଲା ସେଠି ଖାଲି ଦେବା ଦୂରରେ ଥାଉ, ଆମକୁ ମାର ମାର ପକାଇ ଦେଉଥିଲେ । ଓଃ କି ନିଷ୍ଠୁର ! ସେମାନେ ଆମ ଦୁଃଖ କଥା କେବେ ଟିକିଏ ବୁଝିଲେ ?

ପିଲାମାନଙ୍କୁ ଆଉ ପଢ଼ାଇବ କିଏ ? ଆମର ମାଲିକମାନେ ଆମପ୍ରତି ବଡ଼ ନିର୍ଦ୍ଦୟ ବ୍ୟବହାର କରୁଥିଲେ । ଆମେ ଟିକେ ବସି ପାରୁ ନ ଥିଲୁ କି ହସିପାରୁ ନ ଥିଲୁ । ଆମକୁ ଦିନ ତମାମ ଖଟିବାକୁ ପଡ଼ୁଥିଲା ମୋର କାମ ଥିଲା ମୁଁ ସକାଳୁ ଉଠି ଗହମ ବଳଦ ପିଠିରେ ଲଦି ବଣ ଜଙ୍ଗଲ ମଧ୍ୟରେ ଦେଇ ଏଠାରୁ ଚାରି ପାଞ୍ଚ ମାଇଲ ଦୂର କଲକୁ ନେଇ ସେଠାରୁ ମଇଦା କରି ଆଣେ । ଦିନେ ୨ ଆସୁ ୨ ରାତି ହୋଇଯାଏ । କେତେ ଥର ଏ ଅଣ୍ଟ ଲହୁ ସେ ଅଣ୍ଟରେ ମରେ, କିନ୍ତୁ କିଏ ମୋ ଦୁଃଖ କଥା ବୁଝୁଛି ? ଅଧିକ ବେଳକୁ ଡେରିରେ ମୋ ହଂସା ଉଡ଼ିଯାଉଥାଏ ଆସି ଦେଖେ ଆଉ ଘରେ ଚାଉଳ କିଛି ନ ଥାଏ । କାନ୍ଦି କାନ୍ଦି ଶୋଇ ପଡ଼େ । ଆମ ମାଲିକ ଟିକେ ଆମକୁ ଅତି ଅଣ୍ଟରେ ଚାହାନ୍ତି । କିନ୍ତୁ ଏ ସତ୍ତ୍ୱେ ଆମ ମାଲିକ ଅନ୍ୟ ମାଲିକଙ୍କଠାରୁ ଟିକିଏ ଦୟାଳୁ ଥିଲେ । ଏଥିରୁ ସହଜରେ ଅନୁମେୟ ଅନ୍ୟ ମାଲିକମାନେ କେତେ ନିଷ୍ଠୁର ।

ଅନ୍ୟମାନଙ୍କୁ ଯେତେବେଳେ ଶୀତ ବୋଲିବା ବହି ଦେଖା ଦେଖେ ମୋର ପାଠ ପଢ଼ିବାକୁ ଖୁବ୍ ଇଚ୍ଛା ହୁଏ । କିନ୍ତୁ ଭଗବାନ ମୋତେ ଗୋଲାମ ଘରେ ଜନ୍ମ ଦେଇ ସେ ଇଚ୍ଛାକୁ ଦବାଇ ଦେଇଛନ୍ତି । ମୋର ପଢ଼ିବାର ଇଚ୍ଛା ଥିଲେ ସୁଖ ସୁବିଧା ନାହିଁ । ବହିଖଣ୍ଡିଏ କିଣିବାକୁ ପାଖରେ ପଇସା ନାହିଁ ! ତଥାପି ଭାବିଲି ମୁଁ ଯେଉଁ ପଇସା ରୋଜଗାର କରିବି ସେଥିରୁ ନ ଖାଇ ପଛକେ କିଛି କିଛି ରଖି ବହି ଖଣ୍ଡିଏ କିଣିବି । ସେତେବେଳକୁ ଗୋଲାମମାନଙ୍କୁ ରାତିରେ କାମରୁ ଆସିଲାପରେ ଜଣେ ପଢ଼ାଉଥିଲେ । ମୁଁ ଯାଇ ତାଙ୍କ ପାଖରେ ପଢ଼ିଲି । କିନ୍ତୁ ଏମିତି ଦିନେ ଦିନେ ହୁଏ କାମ କରି କରି ଏତେ ବେହାଲ ହୋଇ ଯାଇ ଥାଏ ଯେ ଆମ ମାଲିକଙ୍କ ଘରୁ ଆଉ ଗୋଲାମଖାନାକୁ ଆସିବାର ବାଟରେ ଝୋପଝାଡ଼ର ଧୂଳି ମାଟିରେ ଶୋଇ ପଡ଼େ ।

ଏଣେ କଷ୍ଟପାଇ ସୁଦ୍ଧା ପଢ଼ିବାର ଇଚ୍ଛା ପ୍ରବଳ ହୋଇ ଆସିଲା । ମୁଁ ଯେଉଁ ରୋଜଗାର କରୁଥିଲି ସେଥିରୁ କିଛି କିଛି ସଞ୍ଚୟ କରି ରଖିଥିଲି ପଢ଼ିବାପାଇଁ, ଗୋଲାମ ଖାନାରୁ ୧୦୦ । ୧୫୦ ମାଇଲ ଦୂରରେ ଗୋଟିଏ ବଡ଼ ସ୍କୁଲ ଥିଲା । ମୋର ସେ ସ୍କୁଲରେ ପଢ଼ିବାର ପ୍ରବଳ ଇଚ୍ଛା ହେଲା । ମୁଁ ସେଥିପାଇଁ ପଇସାଏ ପଇସାଏ ରଖୁଥିଲି । ଯେତେବେଳେ ବାଟଖର୍ଚ୍ଚକୁ କିଛି ପଇସା ହୋଇଗଲା ମୁଁ ପଢ଼ିବାକୁ ବାହାରିଲି । ମୁଁ ପାଠ ପଢ଼ିବାକୁ ଯାଉଛି ଶୁଣି ଆମ ଗୋଲାମ ଖାନାରେ ସମସ୍ତେ ହସିଲେ । ସେମାନଙ୍କର ଧାରଣା ଯେ ଗୋଲାମମାନଙ୍କର ପାଠ ହେବ ନାହିଁ । ଯାହା ହେଉ ବାହାରିଲି ବାଟରେ ଯେତିକି ପଇସା ନେଇଥିଲି, ସରିଗଲା । ମୋ ପାଖରେ ଖଣ୍ଡିଏ ଲୁଗା ଓ କାମ, ଛିଣ୍ଡା ଆଉ କିଛି ନ ଥାଇ । ଉପାୟ ଉପାୟରେ ହେ

ତିନି ବର୍ଷରେ ସ୍କୁଲରେ ପଢ଼ୁଥିଲି । ସ୍କୁଲରେ ଗରିବ ପିଲାମାନଙ୍କୁ ସାହାଯ୍ୟ ମିଳୁଥିଲା । ଗରିବ ମାନେ ଅନ୍ୟମାନଙ୍କଠାରୁ କିଛି ସମୟ ଅଧିକା କାମ କରୁଥିଲେ । ସେହି କାମର ଉତ୍ପନ୍ନ ଦ୍ରବ୍ୟରୁ ସେମାନଙ୍କୁ ଖାଇବାକୁ ଦିଆଯାଉଥିଲା । ଯାହାକିଛି ନିଅଣ୍ଟ ପଡୁଥିଲା ସେ ଅଭାବ ସ୍ଥାନୀୟ ସାହାଯ୍ୟରୁ ମେଣ୍ଟି ଯାଉଥିଲା । ମୁଁ ସବୁବେଳେ ଭଗବାନଙ୍କୁ ଡାକୁଥିଲି କିମିତି ସେ ସ୍କୁଲରେ ପାଠ ପଢ଼ି ପାରିବି କିନ୍ତୁ ସେ ସ୍କୁଲ ଯେମିତି ଦେଖିଛି ମୋର ଆଶା ନୈରାଶ୍ୟରେ ପରିଣତ ହେଲା ।

ସେ ଘର ସେ ପିଲାଙ୍କର ଅବସ୍ଥା ଦେଖି ଭାବିଲି ସତେ କଣ ମୋତେ ସେମାନେ ସଙ୍ଗରେ ବସାଇବେ ? ଗଲି, ମାଷ୍ଟରଙ୍କୁ ଦେଖାକଲି । ମାଷ୍ଟର ମହାଶୟ, ମୋ ଭେଟହେବାକୁ ଦେଖି ପଚାରିଲେ କୁଆଡ଼େ ? "ଅଙ୍କ ଶିଖିବାକୁ ଆସିଛି ।" ତୁମେ ଆଗେ କେଉଁ ସ୍କୁଲରେ ପଢ଼ୁଥିଲ ? ନାଁ ମୁଁ ଗୃହକାର୍ଯ୍ୟ କରେ । ଚେତନ ହେଉ ତୁମେ ଯାଅ ଏହି ଘରଟିକୁ ସଫାକରେ ପରୀକ୍ଷା ସ୍ୱରୂପ । ସେ ଯେଉଁ ଭଲ ଭାବରେ ଝାଡ଼ୁ ଦେଇ ପାଣି ଛଟାରେ ଖୁବ୍ ଭଲ ଭାବରେ ପୋଛି ଆସି କହିଲି, ଅଙ୍କ ପଢ଼ାକରି ଆସିଲି । ମୋ କାମରେ ମୁଗ୍ଧ ହୋଇ ମୋତେ ସ୍କୁଲରେ ଭର୍ତ୍ତି କଲେ । ସେ ସ୍କୁଲରେ ଆନନ୍ଦରେ ଅଧ୍ୟୟନ କଲି । କେତେ ବର୍ଷ ପରେ ମୁଁ ଜଣେ ଖ୍ୟାତନାମା ଲୋକରେ ଗଣ୍ୟ ହେଲି ।

ଏହି ଠାରୁ ମୋ ବାଲ୍ୟ ଅବସ୍ଥା, ଦୁଃଖ ପୂର୍ଣ୍ଣ ଜୀବନ ଶେଷ ଏଣିକି ମୋର ଭବିଷ୍ୟତ ସୁଖମୟ ଜୀବନର କଥା ।

ସଂଗ୍ରାହକ—
ଶ୍ରୀ ପୀତାମ୍ବର ଦାସ
ସେହି ୭୩୪ ନମ୍ବର ନାଗ

## ବିପଦ-ସାଥୀ

ବିପଦ-ଅନ୍ଧକାରେ ଜୀବନ ଭରି ଯା'ର,
ବକ୍ଷରେ ଜୁଟେହିଁ ତାର ସମ୍ବଳ ହା-ହାକାର
ବିଷାଦେ ସାଥୀକଲେ, ଚଳିବ
କେସନେ ସେ ?
ପଡ଼ିବ ଥକ୍କା ପାଦ, କାରଣ—
ଦୁଃଖ—କ୍ରନ୍ଦନ ।
ବିଷାଦ ବଦଳରେ ହର୍ଷକୁ ସାଥୀକର,
ଜୀବନ-ପଥେ ଦୁଃଖୀ ପାଇବ
ଯେବେ ଚଳି—
କରେ ତା' ସନ୍ଧ୍ୟା-ଗୀତ—
ରହିବ ଅମଳିନ,
ସଖୀରେ ମିଳ ଘଣ୍ଟି ବିପଦ – ଦୂରୀଭୂତ ।
ବିଜୟ – କେତନ ସେ
ଆନନ୍ଦେ ହସିହସି—
ପାରିବ ତେବେ ଟାଳି
ଘୁଞ୍ଚାଇ ଦୁଃଖ ମସୀ ।
ଶୈଳବାଳା
୧୭ ନମ୍ବର ନାଗବେଗ୍ଗ

## ନୂଆନାଗଙ୍କ ନାମ

୮୩୮ ଶ୍ରୀ ଜଗବନ୍ଧୁ ମହାନ୍ତି, ବ୍ରାହ୍ମଣୀ ଗାଁ ମୌଳିକ ବିଦ୍ୟାଳୟ ସ: ବ୍ରାହ୍ମଣୀ ଗାଁ ପୋ: ଅ: ବାଙ୍କୀ ଜେଲା ଜି: କଟକ । ୮୩୯ ଶ୍ରୀ ପ୍ରଫୁଲ୍ଲ କୁମାର ନାୟକ, କୁଆଁରଙ୍କ ବାଡ଼, ନବରଙ୍ଗପୁର, କୋରାପୁଟ୍ ୮୪୦ । ଶ୍ରୀ ହରିହର ଷଡ଼ଙ୍ଗୀ, ନାରାୟଣ ପାଠଶାଳା ଜି: କୋରାପୁଟ୍ (ଓଡ଼ିଶା) । ୮୪୧ । ଶ୍ରୀ ବନାରସ ମିଶ୍ର, କଳାମ୍ବର ପାଠଶାଳା, ରାୟଗଡ଼, କୋରାପୁଟ୍ । ୮୪୨ । ଶ୍ରୀ କେଶବ ଚନ୍ଦ୍ର ଦାସ ୩/୨ କୈଳାସ ସାହାଲେନ୍ ପୋ: ଅ: ବଡ଼ବଜାର, କଲିକତା, (ସ୍ଥାୟୀ) । ୮୪୩ । ଶ୍ରୀ ହରିଶଚନ୍ଦ୍ର ମିଶ୍ର, ପ୍ରାଥମିକ ବିଦ୍ୟାଳୟ ଅରଡ଼ାଥାମ ପୋ: ଅ: ଗୁଡ଼ବାଲି ଜି: ବାଲେଶ୍ବର, । ୮୪୪ । ଶ୍ରୀମାନ ରମାଶଙ୍କର ମହାପାତ୍ର, (ସ୍ଥାୟୀ) C/o ରାୟ ସାହେବ ଜଗବନ୍ଧୁ ମହାପାତ୍ର, Under Secretary, Supply & Transport, Old College Lane. P.o. Chandinichak Cuttack. ୮୪୫ । ଶ୍ରୀ ଭଗବାନ ବେହେରା ସ: କୃଷ୍ଣ ଶାସନ ପୋ: ଅମା ଜି: ବାଲେଶ୍ୱର । ୮୪୬ । ଶ୍ରୀ ବୈଷ୍ଣବ ଚରଣ ଦାସ ସ: ଯମୁନାଦାସୀ ମଠ ପୋ: ଦୋଳଗ୍ରାମ ଜି: ବାଲେଶ୍ୱର ।

—*—

## ଅବସର ବିନୋଦନ ।

ପଚାଶଲକ୍ଷ ଅଙ୍କ ହେ ନାଗ ଭାଇ
ପଚାଶଲକ୍ଷ ଅଙ୍କୁ ଫେଡ଼ନ୍ତି ଯାଇ ।
ପଚାଶଲକ୍ଷ ଅଙ୍କ ଅଙ୍ଗ ରହିବ
ନଅ କୋଟି ସ୍ଥାନ ମଧ୍ୟେ ଠାରେ ଥିବ ।
ଆସନ୍ତା ସଂଖ୍ୟା 'ଡଗର' ପତ୍ରିକାରେ
ଉତ୍ତର ଲେଖିବା ହର୍ଷ ମନରେ ।
ଶ୍ରୀ ଶ୍ରୀପତି ସାହୁ ।
ନାଗ ନମ୍ବର ୬୨୭
ମୁ: ଛାଟଦୋବାହାଲ ।

## ନାଗବର୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ନାମ—ତା ।  । ମସିହା । ମୁଁ ସତ୍ୟ ସାହାଯ୍ୟ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ

ବାର୍ଷିକ ମୂଲ୍ୟ ୫ ୦ ୮ / ଅଗ୍ରୀମ ମୂଲ୍ୟ ୫ ୦ ୪ ର ଡାକଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ____________

ତାରିଖ ____________

* ଏହି କୁପନର ନକଲ ଦ୍ୱାରା କାଗଜରେ ଲେଖି ପଠାଇଲେ ଚଳିବ

Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com




ସାପ୍ତାହିକ ସଂସ୍କରଣ

| ଏକାଦଶ ବର୍ଷ | ୧୮ । ୮ । ୪୭ | ତୃତୀୟ ସଂଖ୍ୟା |
|---|---|---|

## ଲେଖା ଓ ଲେଖକ


| | |
|---|---|
| ମଜାକଥା— | ୰ ସତ୍ୟଗୋପାଳ |
| କାହାଣୀ— | ଶ୍ରୀ ନଟବର ପ୍ରଧାନ |
| ମଜା କବିତା— | 'ଫ ୁରଗନନ୍ଦ' |
| ଡାକରେ ଡାକରେ— | 'ଓସ୍ତାଦ୍' |
| କୁହୁ କୁହୁ— | 'ଛାଲିଆ ବଳଦ' |
| ସାପ୍ତାହିକୀ— | 'ପଞ୍ଚୁକର' |
| ମିଠା କଡ଼ା— | 'ବୁଦ୍ଧୁରାମ' |
| କବିତା— | ଶ୍ରୀ ବିନୋଦଚନ୍ଦ୍ର, ଶ୍ରୀ ଗୌର ଚନ୍ଦ୍ର |
| ହଂସଦୂତ— | ଶ୍ରୀମତୀ ସରଳା ଦେବୀ |
| କଳାକମ— | ( ସଂଗ୍ରହ ) |
| ବାଲୁଆ ବିକୁର — | ପ୍ରଧାନ ବାଲୁଆ |
| ନାଚବସ୍ତୁ— | ଅଜ୍ଞା |


କାନ୍ତକବିଙ୍କର ଉପନ୍ୟାସ ଭର୍ତାମାମୁଁ ୨ୀଠ. ଅଧୁଛନ୍ତି ।

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩।

ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ଟଙ୍କା ୫ । ଓ ଷାଣ୍ମାସିକ ମୂଲ୍ୟ ଟଙ୍କା ୩ । ଅଗ୍ରୀମ ଦେବାକୁ ପଡ଼ିବ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା **ପରିଷ୍କାର** ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ପାଖକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)

---


## ବମ୍ବେ ଲାଇଫ ଏସୋରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ——୧୯୦୮ ହେଡ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ

ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।

ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

୧୯୪୫ର ସଂକ୍ଷିପ୍ତ ବିବରଣୀ—

ନୂଆ ଆୟ ୬୩ ଲକ୍ଷରୁ ଊର୍ଦ୍ଧ୍ୱ ବୀମାଫଣ୍ଡ ୨ କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୮୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଦେଶୀୟରାଜ୍ୟରେ ଇନ୍ସପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମନ୍ୟମ, ବି. କମ୍. ଏ. ଆଇ. ଏ.
ମେନେଜର ଏବଂ ଏକଚ୍ୟୁଅରି
ହେଡ ଅଫିସ—ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।



ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନ ଦାସ



Digitized by srujanika@gmail.com



# ବିଲୁଆ ବିଚାର

୧୧ଶ ବର୍ଷ—

୩ୟ ସଂଖ୍ୟା

ଭାରତ ନାମର ତାତ୍ପର୍ଯ୍ୟ କଣ ? ଲୋକ ସଭାରେ ଏକଥା ଉଠେ ଗୌ+ଏଷଣା ସୂଚକ । ଜଣେ ସଭ୍ୟ କହିଲେ ଭରତ ନାମଟା ବ୍ରହ୍ମାଙ୍କ ସର୍ଜନା ବେଳର କଥା । ତା ପରେ ବିଶ୍ୱାମିତ୍ରଙ୍କ ସର୍ଜନା କାଳ ଆସିଲା । ଅନ୍ୟ ଜଣକ କହିଲେ—ପୁଅ ପ୍ରଶଂସା ହେଲ, ତା ପରେ ଅନେକ କଥା ଉଠି ଚାଲିଲା । କଳିଯୁଗରେ ଉଭୟ ଭଣ୍ଡା ଗୁରୁ । ଯଥା କଂଗ୍ରେସ ମନ୍ତ୍ରୀ ହେଲେ, ଜଣେ ପ୍ରଜାଙ୍କ ଭଳି, ମାଲିକ ଭଳି ସାହେବ ହେଲେ, ଶିଳ୍ପପତି ମାଲିକଙ୍କ ପାଇଁ ପ୍ରଭୃତି ହେଲେ, ଇତ୍ୟାଦି ଇତ୍ୟାଦି । ସୁତରାଂ ଭାରତ ନାମର ଉଦ୍ଭବ ନିର୍ଣ୍ଣୟ ହେଲ । ଭରତ ଏହି ଶବ୍ଦ ଅର୍ଥରେ ବ୍ୟବହୃତ ହେଲ ।

ଆଉ ଜଣେ କହିଲେ—ନାମ ନାହିଁ—ଭାରତ ନ ହୋଇ ଭରତ ଅର୍ଥରେ ରହିବ । ସମସ୍ତ ସମ୍ପତ୍ତି ଉଠାଇନେବା ସରକାର ଅଭିଧାନର ଏହା ନୂତନ ଶବ୍ଦ ପ୍ରସ୍ତାବ କହିଲେ ବର୍ତ୍ତମାନ ପାଣ୍ଡିତ୍ୟ ଯୁଗରେ ଭରତର ଗୋଟାଏ ଅର୍ଥ କରିଯାଉ । ଭରତ ଅର୍ଥ ଭର୍ତ୍ତାଙ୍କୁ ଛଡ଼ାଇ ନେଇ ସରକାର ସ୍ୱଜନଙ୍କ ମଧ୍ୟ ଶାସନର ଏଯାଏ ସେପାଇ ହେବାରୁ ନାହିଁ । ଭରତ ଶାସ୍ତ୍ର ହବ ହେଲେ ମଧ୍ୟ ଜଳ ସହର କଳ ପରିବର୍ତ୍ତନ କେବେ ବୁଝି ପାରୁନାହାନ୍ତି । ତେଣୁ ଏହାର ନାମ ଭରତ ବୁଝି ଯାଉ ।

ଭରତର ଆଉ ଏକ ଅର୍ଥ ବାହାରିଛି । ଭରତ ବାହାରିଛି ପର ଖାଉ । ଖାଦ୍ୟ ଭିତରେ ଯାଉ ଏହା ଦୋଷୀ ଲୋକଙ୍କୁ ଉପଯୁକ୍ତ ଶାସ୍ତି ହବ । ଏହାର କାରଣ ଦାନ୍ତ ଉପରେ । ଦାନ୍ତ ଲୋକର ଦାନ୍ତ ଝଡ଼ାଇ ଦେବା ଏହାର ଉଦ୍ଦେଶ୍ୟ ।

ଆଉ ଜଣେ କହିଲେ—ଦାଶନ ସବୁ କୌଣସି ଦେଶ ବା ସହର ନାମରେ ହେବା ଉଚିତ । ଯେପରି ନବଦ୍ୱୀପରୁ ନବଦ୍ୱୀପର ଓଡ଼ିଶା ଦାଣ୍ଡୁ—ନବ ଓଡ଼ିଶା । ସେମିତି ନଈ କୂଳ ଦେବା ଉଚିତ । ଅତଏବ କୁହାଯାଉ ଯେ ଭରତ 'ନବଭାରତ' ଏଥିରେ । କାଳ ଦଶ ବର୍ଷ ପରେ ଏହା ଆଉ ନବ ନ ଥିବାରୁ କେବଳ ଭରତ ହୋଇ ଥାଉ ।

ଆଉ ଜଣେ ପ୍ରସ୍ତାବ କଲେ ବର୍ତ୍ତମାନ ଭାରତର ନାମ ହିନ୍ଦୁସ୍ଥାନ ରଖାଯାଉ ହେଲେ, ପାକିସ୍ଥାନର ନାମ ପାକସ୍ଥାନ ହେଲେ ଭାରତର ନାମ ସେପରି ଭାରତସ୍ଥାନ ବା ଆଉ ଗୋଟାଏ ହେଉ ।

ସଭାପତି ଏହା ଅନୁସାରେ କହି ନାମନ୍ତ ରଖିଲେ, କାରଣ ଲୋକମାନେ ସମସ୍ତେ ଭରତ ନାମ ରଖି ଆଉ ଗୋଟାଏ ଶବ୍ଦ ଯୋଗ କରି ନାମକୁ ବର୍ଣ୍ଣନା କରିବାର ପକ୍ଷପାତୀ ହେଲେ । ସଭାପତି ପ୍ରସ୍ତାବ ମାଗିବାରୁ ପ୍ରସ୍ତାବ କମ୍ପିତ ମତେ ଆସିଲା—ନାମ ପରିବର୍ତ୍ତନ ସଙ୍ଗେ ସଙ୍ଗେ ତାର ମତ ମଧ୍ୟ ଉଲ୍ଲେଖ କରାଗଲା ।—

ଧନୀ ଭାରତ—ମତ—ପୁଞ୍ଜି ପତିଙ୍କ ସମାଜବାଦ

ଭାରତବର୍ଷ—ମତ—ସାମାଜିକ ପୁଞ୍ଜିବାଦ

ସାମାଜିକ ଭାରତ—ମତ—କ୍ଷମତା ଶିଖିବା ଅଦ୍ୱୈତ ବାଦ ।

ଭାରତ ମାତୃକା—ମତ—ସନ୍ନ୍ୟାସ ଭୂମିବାଦ ।

ମୁକ୍ତ ଭାରତ—ମତ—ସାମ୍ୟବାଦୀ ସାମ୍ରାଜ୍ୟ ବାଦ

ଭାରତ ଜନତା—ମତ—ସାମ୍ରାଜ୍ୟ ବାଦ ସାମ୍ୟବାଦ

ଭାରତ ଲକ୍—ମତ—ସାମ୍ୟବାଦୀ ଅଧିକାର ଗଣତନ୍ତ୍ର ବାଦ

ଓଡ଼ିଆ ଭାରତ—ମତ—ଗଣତାନ୍ତ୍ରିକ ଅଧିକାର ବାଦ

ଭାରତବାଣୀ—ମତ ଧର୍ମ ବନ୍ଧନ ବାଦ

ଭାରତ ଲକ୍ଷ୍ୟ—ମତ—ସ୍ୱାଧୀନତାର ପ୍ରଜାତନ୍ତ୍ରବାଦ,

ଭାରତ ତନ୍ତ୍ର—ମତ—ପ୍ରଜାନିର୍ବାଚିତ ସଭାପତିବାଦ

ଅଖଣ୍ଡ ଭାରତ—ମତ—ବାହାରେ ଅଲଗା ବାଦ

ଭାରତ ଗଣ୍ଡ—ମତ—ବେଦୀଗ୍ରାହ୍ୟ ଶୁଣ୍ଡି ଗଣ୍ଡ ମୋଦକ ବାଦ ।

ଏ ସମସ୍ତ ପ୍ରସ୍ତାବ ପାଠକଙ୍କ ଆଗରେ ରଖୁଅଛୁ । ପାଠକମାନଙ୍କ ଭୋଟ ବା ଅନୁମତି ନେଇ ଭାରତର ନାମ ପରିବର୍ତ୍ତିତ ହେବ ।

× + ×

ସଂଯୁକ୍ତ ଜନା ସାହେବ ଏବେ ଜୋରରେ କହୁଛନ୍ତି ଯେ ସେ ହିନ୍ଦୁସ୍ଥାନର ଲୋକ । ପାକସ୍ଥାନ ତାଙ୍କ ସେବା ଗ୍ରହଣ କରୁ ସେ ସେବକ ହିସାବରେ ଯାଉଛନ୍ତି । ଯଥା ମାଉଣ୍ଟବେଟନ ଭାରତର ଲୋକ—ଭାରତକୁ ଆସିଛନ୍ତି । ୧୯୪୭—ମଧ୍ୟ ୧୯୪୭ ନୁହେଁ । ଜନା ସାହେବ ସେଦିନପରି କହୁଥିଲେ ସେ ଭାରତୀୟ (Indian) ନୁହନ୍ତି । ଆଜ ପାକସ୍ଥାନର ଲାଟ ହୋଇ ଗୋଟାଏ ଭଲ ବୁଦ୍ଧିଆ କଥା କହୁଅଛନ୍ତି । ଜନ୍ମ ଏହାର ଭିତରେ ମୂଷକ ରହିଛି ।

ଦୁଷ୍ଟ ଲୋକ ମନୁଷ୍ୟରେ ପଛରେ ଜଣା ପଡେ ପାକିସ୍ତାନୀ ହିନ୍ଦୁ ଜନ୍ମ ପରି ଜନା ଯେ ପୁଣି ଭାରତରେ ଗୋଳମାଳ ଲଗାଇ ଦେବେ ତାର ସୂଚନା ମିଳି ଯାଉଛି ।

ସ୍ୱାଗତ ଜନା ଜୟ ହୋଇ,

*କାହାକୁ ଉଦାହରଣ ନ ଜାଣଇ ।*

\+ + +

କଂଗ୍ରେସ ପୁଣି ଦେଶ ମିଶ୍ରଣ ପାଇଁ ଗୋଟିଏ ବୋର୍ଡ ଗଢ଼ି ବସିଲା । ଦେଶ ମିଶୁ ବା ନ ମିଶୁ—ମିଶ୍ରଣଟା ହେଉଥାଉ । ପାଞ୍ଚ ବର୍ଷ ପାଇଁ ଗୋଟିଏ ପ୍ଲେଟଫର୍ମ ତ ହେଲା । ନେତାମାନେ କିନ୍ତୁ ନିର୍ଦ୍ଦିଷ୍ଟ ବେଳରେ ପାଞ୍ଚ ଭୂଷଣ କରିଥାନ୍ତି । ଗଜପତି ଖଣ୍ଡାଇତ ଓ ଖଣ୍ଡେ ଦେମାନେ ଯେତେବେଳେ ସୁବିଧା ଦେଖୁଥିବେ ସେ ପାଞ୍ଚ ବର୍ଷ । ଦେଶ ମିଶ୍ରଣଟା ଯଦି କଂଗ୍ରେସର ହାତ ଦେବାରେ ହେଉ ଥିବ ତେବେ ଭାରତ ଶାସ୍ତ୍ର ଅନ୍ତର୍ଭୁକ୍ତ କରି କହି ପାରେ ଏବଂ ମାଡ୍ରାସ ଯାଉ ଜନ୍ମ କରି କହି ପାରେ ଯେ ଏହିପରି ସବାଳ ସମ୍ୟାରେ ଭାରତ କଂଗ୍ରେସର ହାତ ଦେଇ ଯାଉଥାଉ । ମାତ୍ର ଦେଶମିଶ୍ରଣ ହେଉ ।

\+ × +

ସେଇ ସଭାରୁ ଜଣାଗଲା ଯେ ସିଂହଭୂମ ଅଞ୍ଚଳ ବାସୀ ବୋଲେ ଓଡ଼ିଶା ସଙ୍ଗେ ମିଶିବାକୁ ସ୍ୱୀକୃତି ଦେଲେଣି କିନ୍ତୁ ଆମ ଓଡ଼ିଶା ମନ୍ତ୍ରୀମାନେ ଭାବୁଛନ୍ତି ବାଳେ ତାଙ୍କ ଆସନକୁ ଦେଖି ଅଞ୍ଚଳ ବାସୀ ନାହିଁ କଲେ ଯିବ ନା । ଅତଏବ ସିଂହଭୂମ ନ ଆସିବା ଭଲ । ଅଞ୍ଚଳବାସୀମାନେ କଣ ବୁଝାନ୍ତି ନ ବୁଝାନ୍ତି ଅନେକ ସଚିବ ଜାଣୁନା । ତେବେ ଓଡ଼ିଆମାନଙ୍କର ମନ୍ତ୍ରୀ ସବୁ ଲୋକ ଦେଖି ସେମାନଙ୍କର ସଙ୍କୋଚ ହେବ ବୋଲି ଯାଉଥିବ । କାରଣ ଓଡ଼ିଆଙ୍କର ଶିକ୍ଷା ବୁଝି ଯାହା ଅଞ୍ଚଳବାସୀମାନେ ତା ପ୍ରେମରେ ପଡ଼ିଯିବା ଭଳି ନୁହେଁ । ଅର୍ଥ୍ୟ କ୍ଷମ ଅନ୍ତଃକରଣ କରୁ ଅନାର୍ଯ୍ୟ ନାସ୍ତିବା ଛାଡ଼ିଥିଲେ । ଆମ ମନ୍ତ୍ରୀମାନେ ନିଜ ବୁଦ୍ଧି ଶାର୍ଯ୍ୟ ଓ କଳର ପ୍ରଦର୍ଶନ କରି ସେହିପରି ଅନାର୍ଯ୍ୟ ଅବର୍ଣ୍ଣନୀ ଉପାୟ କଲେ ଅଞ୍ଚଳବାସୀ ଆଉ ଶାଢ଼ ମାଡ଼କରିବାର ଉପାୟ ନ ଥାନ୍ତା । କେବଳ ମଧ୍ୟ ସଂପର୍କ ରହିଯାନ୍ତା ମାତ୍ର । ସଙ୍ଗେ ସଙ୍ଗେ ସିଂହଭୂମି ମିଶ୍ରଣ ହୁଅନ୍ତା ।

\+ + +

ସିଂହଭୂମି ଓଡ଼ିଶା ସଙ୍ଗେ ମିଶିବାର ଆଉ ଏକ ଉପାୟ ଅଛି । ଭାରତର ସମ୍ରାଟ ତ ଅଶୋକ ସ୍ତମ୍ଭ ହେଲାଣି । ଏହିପରି ଓଡ଼ିଶା ମନ୍ତ୍ରୀମାନେ ତାଙ୍କ ନାମ ପଛରେ ଗୋଟାଏ ସିଂହ ଯୋଗ କରନ୍ତୁ ତେବେ ସିଂହଭୂମି ଲୋକେ ଆକର୍ଷିତ ହେବେ । କିନ୍ତୁ ସିଂହର

Digitized by srujanika@gmail.com

ସିନ୍ଧ୍ୱା କଲେ ପୁଣି ବୋମ୍ବାଏଙ୍କୁ ଘୃଣା କଲ ତେବେ ଓଡ଼ିଆଙ୍କୁ ଘୃଣା କରିବାର ଭୟ ଅଛି ।

ଅବଶ୍ୟ କୌଣସି ଓଡ଼ିଆ ସିଂହକୁ' ସିନ୍ଧ୍ୱା ବୋଲି କାଗଜ ପତ୍ର ଲେଖିଲେ ସେ ତାଙ୍କର ସମ୍ଭାବ ସଚ୍ଚିଦାନନ୍ଦ ସିନ୍ଧ୍ୱା ଏବଂ ଲର୍ଡ ସିନ୍ହାଙ୍କ ସହିତ ଥିବାର ପ୍ରମାଣ ଦେଖ ଦେଲେଣି । ତଥାପି ଜାତୀୟ କଲ୍ୟାଣ ଦୃଷ୍ଟିରୁ ସମସ୍ତେ ଏଣିକି ସିଂହ ବୋଲି ଲେଖନ୍ତୁ । ପଞ୍ଜାବ ଭଳି କେଶରୀ ନ ବୋଲିଲେ ଉତ୍କଳ ସିଂହ ବୋଲନ୍ତୁ ।

× + × +

ସେ ସବୁରେ ଅଦ୍ଭୁତ ଏକ ଛଳ Sentiment ପ୍ରଚଳିତ ଥାଇଛି ଯେ ପରଜା ରଜା ସଦେଶ ଡେକ୍ରି—କଂଗ୍ରେସ ଯେତେବେଳେ ଛୋଟ ପ୍ରଦେଶ ଦେବ ନାହିଁ ବୋଲି କହୁଥିଲ କିନ୍ତୁ ପରେ ପୁଣି ସେହି ମଜା ମାଉଛି— ପ୍ରଦେଶର ମନ୍ତ୍ରୀ ମଣ୍ଡଳ ଗଢ଼ି । ଅବେ ବହୁ ଏଇଥାଇ ଭୁଲିଅଛି କିସ୍ମ ।

ଦାଳ ଛଡ଼ାଏ ଜଣେ ବଳ ଖାଏ ଅନ୍ୟ ଜଣେ । କଂଗ୍ରେସ ସତ୍ୟାଗ୍ରହ କରି ଭିତରୁ ଇଂରେଜକୁ ତଡ଼ିଲ । କିନ୍ତୁ ଜିନ୍ନା ଓ ତାଙ୍କ ଲିଗ୍ ପାକିସ୍ଥାନ ପାଇଲେ । ଅଥଚ ଜର୍ମାନ ସହ ବାହାର ବଳ୍ କର୍ମୀ—କିନ୍ତୁ ଆମେରିକା ନେଇ ଜାପାନ ଉପରେ ପକାଇ ଯୁଦ୍ଧ ଜିତିଲ । ଏତେ କଥା କାହିଁକି ଆମ ଓଡ଼ିଶା ଉଦାହରଣ ନିଅ । ଶେଷରେ ମହତାବ ମନ୍ତ୍ରୀ ହେବା ସଙ୍ଗେ ସଙ୍ଗେ ବହୁ ଚିନ୍ତା କରି ଜଣ ମାଷ୍ଟର ମାନଙ୍କ ଦରମା ବଢ଼ାଇ ଦେଲେ । କିନ୍ତୁ ଜୀବନ୍ତ ସ୍ମୃତି ମନ୍ଦିର ହେବ ଶ୍ରୀଯୁକ୍ତ ରାଧାନାଥ ରଥଙ୍କର । ହୁଏତ ରାଧାନାଥ ବାବୁ ବର୍ତ୍ତମାନ ଉତ୍କଳ ସମ୍ମେଳନୀର ଜଣେ ପୁରୋଧା ରୂପେ ଏ କଥା ଜାଣି ଖୁସି ହେବେ । ଏବଂ ସମ୍ଭବତ ତାଙ୍କ ଭଳି ଜଣେ ଯୁକ୍ତ ବାଗ୍ମୀଙ୍କ ଲେଖକ ମୁଖରୁ ଏ ଯୁକ୍ତି ଶୁଣା ଯାଇପାରେ ଯେ—କନ୍ୟା ପାଳିତ ହୁଏ ପିତା ଗୃହରେ କିନ୍ତୁ ଭୋଗ କରେ ତାର ସ୍ୱାମୀ ।

× × × ×

ଆମ୍ଭେମାନେ କୌତୁକ ସରକାରୀ କର୍ମଚାରୀଙ୍କ ଠାରୁ ଶୁଣି ଥାଉଁ ଯେ— ମନ୍ତ୍ରୀମାନେ ଓ କଂଗ୍ରେସ କର୍ମୀମାନେ ତ ତାଙ୍କ ନିଜ ନିଜର ଚରିତ୍ର ଶୁଦ୍ଧି କରିନେଲେ । ଅର୍ଥାତ ଜେଲ ଯାଇଥିଲେ ଓ ଯେମାନେ ମନ୍ତ୍ରୀ ହେଇପାରିଲେ । ପୁଣି ଜେଲ୍ ଯିବା ସାର୍ଟିଫିକେଟ ଥିଲେ କାହାର କେତେ ପ୍ରକାର ଚରିତ୍ର ଦୋଷ ଲୁଚିଗଲା । ସେମ ଅମଲା ଗୁଡ଼ିକ କି ଦୋଷ କଲେ ଯେ ତାଙ୍କ ଚରିତ୍ର ଫର୍ଦ ବା Character roll ସେଇ ଇଂରାଜ ଅମଳରୁ ରହିଥିବ ?

ପୁଣି ସେତେବେଳେ ଅନେକ ଓଲଟା ଦଳରୁ ଦେଖା ହେଉଥିଲା । ଯିଏ କଂଗ୍ରେସ ବା ଜାତୀୟ ଆନ୍ଦୋଳନକୁ ସାହାଯ୍ୟ ସହାନୁଭୂତି କରୁଥିଲା ସେ ହେଉଥିଲା ଦୁଷ୍ଟଚରିତ୍ର ଯେ କଂଗ୍ରେସ ବାଲାଙ୍କ ଉପରେ ଯେତେ ଚାବୁକ ମାରୁଥିଲା ସେ ସେତେ ବାହାଦୁର । ତେବେ ଅତ ଏ ସ୍ୱାଧୀନ ସରକାରରେ ସେ ଚରିତ୍ର ଦୋଷକୁ ସଂଶୋଧନ କରିବାରେ ଆପତ୍ତି କ'ଣ । ଆଶାକରୁଁ ପଣ୍ଡିତ ପବନ ମନ୍ତ୍ରୀ ମାନେ ପତିତ ଅମଲା ମାନଙ୍କୁ ଉଦ୍ଧାର କରିବେ । କାରଣ ସେମାନେ କହୁଛନ୍ତି—

ଶୁଣିଅଛୁ ଅଦ୍ଭୁତ କଥାଏ ଚରିତ୍ର କରି
ସ୍ୱମେବୁ ସନ କରୁ ଦେଖ ।

କେମ୍ଭା ପତିତଜନ ମୁକ୍ତି ଉଠି ପ୍ରାର୍ଥନା କରିବେ—କର କଳମକୃତଂ ବା କ୍ଲାୟକଂ କର୍ମଜଂ ବା ଶ୍ରବଣ ନୟନଜଂ ବା ମାନସଂ ବା ପରାଧଂ, ବିହିତ ମବିହିତଂ ବା ସର୍ବ ମେତଦ୍ କ୍ଷମସ୍ୱ ଜୟ ଜୟ କରୁଣା ଦେବ ମନ୍ତ୍ରୀ ଶ୍ରୀ ହରେକୃଷ୍ଣ !

× × + ×

ଆମ ଲକ୍ଷ୍ମୀନାରାୟଣ ସାହୁ ଦାବୀ କରୁଛନ୍ତି ଯେ ସମସ୍ତେ ଯେ ସ୍ୱାର୍ଥ ଲାଭ ହେବାର ହେଲେ ବଡ଼ ଲାଟ ସଭାର ସ୍ୱୀକୃତ ହେଲେ ଆମ ଓଡ଼ିଆ ପୁଅ କେହି ବି ହେଲେ ନାହିଁ । ତା'ର ଉତ୍ତର ଆମ ଓଡ଼ିଶା ସରକାରୀ ବା ମନ୍ତ୍ରୀ ମଣ୍ଡଳଙ୍କ ମୁଖପତ୍ର ପ୍ରଜାତନ୍ତ୍ର ପ୍ରଥମ ସଂଖ୍ୟା ପ୍ରଥମ ବର୍ଷ ପ୍ରଥମ ପ୍ରକାଶରେ ଦେଇଛନ୍ତି ଯେ ଲାଟ ପଦଟା ସେକ୍ରେଟାରୀ ଙ୍କ ଠାରୁ । ସେଥିପାଇଁ ବାର ଓଡ଼ିଶା କେହି ଭଲ ଯୁକ୍ତ ନୁହନ୍ତି । ବାସ୍ତବିକ ଲାଟ ପଦଟା ଗୋଟାଏ ପଦବୀ ମାତ୍ର । ତେଣୁ ଅସଲ କ୍ଷମତା ପ୍ରିୟ ଲୋକ କେବେ ଲାଟ ହେବାକୁ ଇଚ୍ଛାକ ନୁହେଁ । ଆମର କ୍ଷମତା ଦରକାର—ଯେପରି ଦଣ୍ଡ ଦରକାର ଉପାଧିରୁ ବଳିବ । ବର୍ତ୍ତମାନ ମନ୍ତ୍ରୀ ମଣ୍ଡଳର ଗଠନ ଏହି ପଦକରୁ ବେଶ, ବୁଝା ପଡ଼ୁଛି,

ବଳୁଆଣୀ ମାନେ ଗାଉଛନ୍ତି—
ଅଟାଳେ ପାଉଛୁ ଇଲିସି—

+ × + ×

ଲେଖୁଅ ସବୁର ମତ ଯେ ଆମ ପ୍ରଦେଶରେ ଯେଉଁମାନେ ଉପରେ ଅଛନ୍ତି ସେମାନେ ଅଧିକ ଉପରକୁ—ପଦେଶ ବାହାରକୁ ଚାଲ କରିବାକୁ ଯିବା ଉଚିତ ନୁହେଁ । କାରଣ ତାଙ୍କ ସ୍ଥାନ ପୂରଣ ହେଇ ପାରିବ ନାହିଁ । ତେଣୁ ଉପରକୁ ଯିବୁ ନାହିଁ—କି ତଳେ କାହାକୁ ଯାଗା ଛାଡ଼ିବୁ ନାହିଁ ମଝି ଠାଇ ଶ୍ରେୟ । ମେଣ୍ଢା ଦଳର ପଣ୍ଡା ପଛକେ ହେବା ସିଂହର ଲାଙ୍ଗୁଡ଼ ହେବାରେ ଲାଭ ନାହିଁ । ଓଡ଼ିଶାର ମନ୍ତ୍ରୀ ହେବା ସେ ଭଲ କିନ୍ତୁ ନିଖିଳ ଭାରତ କାର୍ଯ୍ୟକାରୀ କମିଟିରେ ନପୁଂସକ ହୋଇ ଲାଭନାହିଁ । ଏକାରଣ ସ୍ଥାନ ବିଶେଷରେ ସ୍ଥାନ ଭ୍ରଷ୍ଟାଃ ନ ଶୋଭନ୍ତେ ଦନ୍ତାଃ କେଶାଃ ନଖାଃ ନରାଃ + ×

---

## ଲୁଚ୍ କୁଚୁ

ବେଜାମିଅଁ ର ପୁଅଟା ଯେତେ ଥର ଗାଡ଼ ଚଢ଼ାଇ ନେଲା ସେତେଥର ଧକ୍କା ଲଗାଇଲା—ପାଞ୍ଚଥରରେ ପଡ଼ କରମାନା ଦେଲା । ଶେଷକୁ ସେ କରଜକରିଲା ।

ଦିନେ ଜଣେ ଆସି ଖବର ଦେଲା— ମିଅଁ ତୋ ସ୍ତ୍ରୀ ଦଶ୍ରକୁ ରେଜାମିଅଁ ଘରକୁ ଯାଉଥିଲା, ମଟରଟାଏ ତା ଉପରେ ଚଢ଼ିଗଲା । ତା'କୁ ହସପାତାଲ ନେଇ ଯାଇଛନ୍ତି ।

ରେଜାମିଅଁ ନିଶ୍ୱାସ ଛାଡ଼ି 'କହିଲା—ୟା ଖୁଦା, ଇସ୍‌ବାର୍ ନସିବ୍ ବଦଲଗିଅ—ଅଲ ଛପର ଫାଡ଼ିଲା ।

+ + + +

Digitized by srujanika@gmail.com




ମଜାକଥା

# ବଡ଼ଲୋକର ଗୋଟିଏ ବୋଲ୍ ପୁଅ

ଲେଖକ:— ଶ୍ରୀ ସତ୍ୟଗୋପାଳ ନାୟକ

ଗୋଟେ ଅଇନ ହେବା ଦରକାର ଯେ ବଡ଼ଲୋକ ଘରେ ଗୋଟିଏ ବୋଲ ପୁଅ ହେଲେ ସେ ପୁଅଟା ବଡ଼ ହୋଇ ଟଙ୍କା ଉଠେଇବା ବିଦ୍ୟାଟା ହାସଲ ନ କରିବା ପର୍ଯ୍ୟନ୍ତ ବାପ ମା ମରି ପାରିବେ ନାହିଁ ।

ତମେ କହିବ କିନ୍ତୁ ମୃତ୍ୟୁ କଣ କା' ହାତର କଥା ? ମାନିଲି, କିନ୍ତୁ ମଣିଷମରା ଡିପାର୍ଟମେଣ୍ଟର ମାଲିକ ତ ଜଣେ ଅଛି ? ସେ ଜଣକୁ—ଭଗବାନ କି ଯାହା କହ—କୁହ ଯାଇ ଏବଂ ମଣିଷମରା ବିଭାଗକୁ କଡ଼ା ହୁକୁମ ଦେଇ ଦେବେ ଯେ ବଡ଼ଲୋକ ଘରେ ଗୋଟିଏ ବୋଲ ପୁଅ ହେଲେ ସେ ପଇସା ଉଠେଇବା ବିଦ୍ୟାଟା ନ ଶିଖିବା ପର୍ଯ୍ୟନ୍ତ ବାପ ମା ମରି ପାରିବେ ନାହିଁ । ଗୋଟେ ଅଇନ କରି ଦେଇ ପାରିଲେ ଅଉରି ଭଲ ।

ନାଁ । ଗଞ୍ଜେଇ ଖାଇ ନି । ମୋ କଥା ଶୁଣିଲେ ତମେ ବୁଝିବ ମୁଁ ଝାଞ୍ଜି କଥା କହୁଛି କି ନାହିଁ ।

କି ଅସୁବିଧା ଦେଖ ତ ?

ଶୁଣିଛି, ମୋର ଏ ଦୁନିଆରେ ପାଦ ଦେବାର ଦୁଇବର୍ଷ ନ ପୂରୁଣୁ ମା ମରିଗଲେ । ବାପାଙ୍କ କଥା ବି ମୋର ମନେ ନାହିଁ । ବାପାଙ୍କ ବନ୍ଧୁ—ଜଣେ ଗରିବ ଘର, ପିଲାଦିନୁ ଆମଘରେ ରହି ମୋ ଅଜାଙ୍କ ସାହାଯ୍ୟରେ ବାପାଙ୍କ ସଙ୍ଗେ ପାଠ ପଢ଼ିଥିଲେ; ବଡ଼ ହେଲା ପରେ ବି ଆମ ଘରେ ରହି ବାପାଙ୍କ ଜମିଦାରୀ, କାରବାର ବୁଝୁଥିଲେ—ବାପାଙ୍କ ପରେ ମୋର ଅଭିଭାବକ ହେଲେ । ତାଙ୍କରି ମୁହଁରୁ ଶୁଣିଛି ବାପା କୁଆଡ଼େ ମୋ ମା ମଲାପରେ ଝୁରିଝୁରି ମରିଗଲେ । ମା ମଲାପରେ ଦୁଇବର୍ଷ ବି ତିଷ୍ଠି ପାରିଲେ ନାହିଁ । ମଲାବେଳେ ତାଙ୍କ ହାତରେ ମୋତେ ସମର୍ପି ଦେଇଗଲେ ।

ସେ ଯାହାହେଉ ମୋ ଅଭିଭାବକ ଭାରି ମହାତ୍ମା ଲୋକ ମୋ ବାପ ମା କଥା କହିଲା ବେଳକୁ ତାଙ୍କ ଆଖିରୁ ଲୁହ ଗଡ଼ି ଯାଏ । ତାଙ୍କ ଆଖିରୁ ଲୁହ ଗଡ଼ିବାର ମୁଁ ଦେଖିନି ତେବେ ଲୁହ ଗଡ଼ୁ ନ ଥିଲେ ଏତେ ଜଲଦି ଜଲଦି—ମାନେ ପ୍ରତି ଅଧ ମିନିଟରେ ଥରେ ଲେଖାଁଏ ଆଖି ଦୁଇଟାକୁ ରୁମାଲରେ ପୋଛନ୍ତେ କାହିଁକି ?

ହଁ । ତା ପରେ ?—

ପିଲାଦିନୁ ତ ମୋ ଅଭି-ଭାବକ ମୋ ଦେଖା ଶୁଣା କଲେ । ଯେତେବେଳେ ଯାହା ମାଗେ ମିଳି ଯାଉଥାଏ । କ୍ଲବରୁ ଯେତେ ଡେରିରେ ଘରକୁ ଫେରିଲେ ବି ସେ ମନା କରନ୍ତି ନାହିଁ ବରଂ ମନେହୁଏ ବେଶ ପସନ୍ଦ କରୁଥିଲେ ବୋଲି । ଇସ୍କୁଲରେ ପଢ଼ିଲି ବେଳୁ ସିନେମାର ପ୍ରଥମ ଶୋ'ଟା ନାବାଳକମାନଙ୍କ ପାଇଁ ବୋଲି ମୋର ବିଶ୍ୱାସ ହୋଇ ଯାଇଥିଲା । ସେଇଥିପାଇଁ ମୁଁ ବରାବର ଦ୍ୱିତୀୟ ଶୋରେ ଯାଉଥିଲି । ଏମିତି ମୋଟରେ ମୁଁ ଉନ୍ନତି ପଥରେ ଦ୍ରୁତ ପଦ ବଢ଼ିବାକୁ ଲାଗିଲି ।

ଏ ଶୁଦ୍ଧ ଜୀବନର କଳଙ୍କ ଥିଲେ ପଞ୍ଚାନନ ପଣ୍ଡିତେ । ସେ କୁଆଡ଼େ ବାପାଙ୍କୁ ପଢ଼େଇଥିଲେ । ସେଇଥି ପାଇଁ କୁଆଡ଼େ ବାପା ତାଙ୍କ ଉଇଲରେ ପଣ୍ଡିତଙ୍କୁ କିଛି ନଗଦ, ଖଣ୍ଡ ଜମି ଆଉ ଗୋଟାଏ ଘର ଦେଇ ଯାଇଥିଲେ । ଏଥିରୁ ମୋର ସନ୍ଦେହ ହୁଏ ବାପା ତାଙ୍କୁ ଭକ୍ତି କରୁଥିଲେ ବୋଲି । ମୋର କିନ୍ତୁ ଭକ୍ତି କରିବାର ପ୍ରବୃତ୍ତି କେବେ ହୋଇନି । ହେବ ବା କେମିତି । ପଞ୍ଚାନନ ପଣ୍ଡିତେ ଗାଳି ଦେବାକୁ ଆରମ୍ଭ କଲେ ପାଞ୍ଚଜଣ ଲୋକ ଏକା ସଙ୍ଗେ ଜଣକୁ ଗାଳି ଦେଲା ପରି ମୋତେ ଲାଗେ । ବୋଧହୁଏ ତାଙ୍କ ନାଁ ଏଇଥିରେ ସାର୍ଥକ ହୋଇଥିଲା । ଥରେ ଏକଥା ତାଙ୍କୁ କହି ପକେଇଥିଲି ବୋଲି ସେ ମୋତେ ପଞ୍ଚାନନର ପାଞ୍ଚ ଯୋଡ଼ା ଆଖିରେ ପାଞ୍ଚଜଣ ବୋଲି ଭାବିଲେ ନା କଣ ଏମିତି ମାଡ଼ ଦେଲେ ଯେ ମାଡ଼ତକ ପାଞ୍ଚଜଣଙ୍କୁ ଭାଗ କରି ଦେଇଥିଲେ ବି ସେମାନେ ସମ୍ଭାଳି ପାରି ନ ଥାନ୍ତେ । ତେବେ ମୁଁ କେମିତି ସମ୍ଭାଳି ନେଲି କେଜାଣେ । ବୋଧହୁଏ ବଡ଼ ଘରେ ବଡ଼କଥା ବୋଲି ସମ୍ଭାଳି ପାରିଲି । ତେବେ ସମ୍ଭାଳି ନେବାର ଆଉ ଗୋଟିଏ କାରଣ ଥିଲା ।

ଅସଲରେ କହିଲେ ମୋ ଅଭିଭାବକ ଭୁଲ ଭୁଲ ଟଙ୍କା ପଇସା ବିଷୟରେ ମୋତେ ଏକାବେଳକେ ଢିଲା ଲଗାମ ଦେଇଥିଲେ । କିନ୍ତୁ ତାଙ୍କର ଗୋଟେ ଦୋଷ ଥିଲା । ମୋତେ ମାଡ଼ ଦେବାର ଇଚ୍ଛା ହେଲେ ମଧ୍ୟ ସେ ଇଚ୍ଛା ପୂରଣ କରିବାକୁ ମୋଟେ ଚେଷ୍ଟା କରୁ ନ ଥିଲେ । ସବୁବେଳେ ସୁଯୋଗର ଅପେକ୍ଷା କରି ରହୁଥିଲେ । ବାପ ମା ଛେଉଣ୍ଡ ପିଲାଟାକୁ ମାଡ଼ ଦେବାର ଗୋଟାଏ ବାହାନାତ ଦରକାର ? ତାଙ୍କ ମତରେ ପଞ୍ଚା ପଣ୍ଡିତ ଯେଉଁ ଦିନ ମୋତେ ବାଡ଼େଇଲେ ତାଙ୍କର ବି ସେ ଦିନ ମୋତେ ବାଡ଼େଇବାର ମାହେନ୍ଦ୍ର କ୍ଷଣ । ସେଦିନ ମାଡ଼କଥା ତାଙ୍କ କାନରେ ପଡ଼ିଲାକ୍ଷଣି ସେ ମୋର ଦେଖା ଶୁଣା ଏମିତି ଆରମ୍ଭ କରିଥାନ୍ତେ ଯେ ମୋତେ ଏକାବେଳେ ଜଣ ର ମାଡ଼ ଭୁଲେଇବାକୁ ପଡ଼ିଥାନ୍ତା । ଅସହ୍ୟା ଯୁପିସଲ୍ ।

ସେଇଥି ପାଇଁ ପଞ୍ଚାପଣ୍ଡିତ ଉପରେ ମୋର କଣିକାଏ ଦ୍ୱେଷ ଭାବ ନ ଥିଲା । ଏମିତି ମାଡ଼ ଖାଇବାର ମାଷ୍ଟର ଉପରେ କା'ର ରାଗ ହେବ କହତ ? ଏଇଥି ପାଇଁ ସିନା ପଞ୍ଚାପଣ୍ଡିତଙ୍କ ଉପରେ ଉପରଠାରୁ ନା ମୋତେ ମାଡ଼ ଦେବ ବୋଲି ବାପା ଏତେବଡ଼ ବାହାନା କରିଥିଲେ । ମୁଁ ଏ ପର୍ଯ୍ୟନ୍ତ ଠିକ କରି ପାରିନି । ଉଃ !!!

ପଞ୍ଚା ପଣ୍ଡିତ (ଏ ନାଁଟା ମୁଁ ଦେଇଥିଲି) ହାତରେ ମୋତେ ମେଟ୍ରିକୁଲେସନ ପାସ କରିବାକୁ ହେଲା । ପାସ କଲା ବେଳକୁ ମୋର ବୟସ ହୋଇ

Digitized by srujanika@gmail.com

ହୁଏ ଅଠର ବର୍ଷ ହେଲାଣି । ଏଣୁ ସ୍ୱଭାବତଃ ହିସାବରେ ପଡ଼ଇ । ଏତେ ବଡ଼ ଲୋକର ପୁଅ ତା ପରେ ଅଗାଧ ସମ୍ପତ୍ତିର ମାଲିକ ଏତେ କମ ବୟସରେ ମେଟ୍ରିକୁଲେସନ ପରୀକ୍ଷା ପାସ କରିଲି ଏ କଣ କମ କଥା ? ତା ଉପରେ ତାଙ୍କୁ ଯେ ପଢ଼ାଇଲେ ସେ କଣ କମ ବାହାଦୁର ? ଲୋକେ ଏ କଥା ଭାବିବା ତ ଦରକାର । ପଣ୍ଡିତେ ଚେଷ୍ଟାଚରିତ୍ର କରି ଖବର କାଗଜରେ ମୋ ଫଟୋ ସମେତ ଛାପି ଦେଲେ । ପାଶ କରିଥିଲି ତୃତୀୟ ଶ୍ରେଣୀରେ ଏଣୁ ଛପା ହେଲା ମୁଁ କୃତିତ୍ୱ ସହିତ ପାଶ କରିଛି ବୋଲି । ପଣ୍ଡିତ ସଦାନନ୍ଦ ଶର୍ମା ଆମମାନଙ୍କର ଗୃହ ଶିକ୍ଷକ ଥିଲେ ବୋଲି ବି ଛପା ହୋଇଥିଲା । ଏମିତି ଅବସ୍ଥାରେ ଯେ କେହି ଫୁଲି ହେବାର କଥା । ମୋର ଏଣୁ ବେଶୀ ଖୁସି ହେଲି ପଣ୍ଡିତ ବାବୁଙ୍କୁ ବର୍ଷିଲି ବୋଲି ।

କଲେଜରେ ନାଁ ଲେଖାଇଲି ଖାଲି ଗୁରୁପଣ୍ଡିତ ଇଚ୍ଛାରେ ଓ ମୋର ଅଭିଭାବକଙ୍କର ଜବର ଯୋଗୁଁ ।

କଲେଜରେ ଦେଖିଲି ଅନେକ ଧାର କରି ପଢ଼ୁଛନ୍ତି ତ ଅନେକ ପିଲା ପଢ଼ିବା ଟଙ୍କା ରୋଜଗାର କରି କଲେଜ ହାଟର ଖର୍ଚ୍ଚ ତୁଲାଉଛନ୍ତି । ଆଉ ଅନେକ ଅଛନ୍ତି ଯେ ତାଙ୍କ ବାପ ମା ବୋଧହୁଏ ଭାବନ୍ତି ପୁଅମାନଙ୍କୁ କଲେଜରେ ପଢ଼େଇବା ଆଉ ଆନୁଷଙ୍ଗିକ ଖର୍ଚ୍ଚ ଯୋଗେଇବା ସେମାନଙ୍କର ପୁତ୍ରସ୍ନେହର ଓ ସ୍ୱାର୍ଥତ୍ୟାଗର ଚରମ ପ୍ରମାଣ । ଆଉ ନ ହୋଇଥିଲେ ଜମିବାଡ଼ି, ଗହଣା ବ' ଭଳି ପୁଞ୍ଜି ଯୋଗ୍ୟ ଥାଇ ଥାଇଁ ପୁଅର କଲେଜ ଖର୍ଚ୍ଚ ବହନ ଖର୍ଚ୍ଚ ଯୋଗାନ୍ତା କେମିତି ? ସେ ଯୁଗର ଭଦ୍ର ବୋଧହୁଏ ସେମାନଙ୍କର ପୁଅ ଯୁଗୀୟ ମହାତ୍ମା । ମାତାପିତୃଙ୍କର ପବିତ୍ର ସ୍ନେହ ଭକ୍ତି ଶ୍ରଦ୍ଧାବଳରେ ଟିକେଟ ଦେଇ ଗଙ୍ଗାରୁ ପୁଅ ତାଙ୍କର କେବଳ ବ.ଭ୍ରମ ଭିତରକୁ ବୋହି ଆସି ଉଚ୍ଚ ପଦବି । କେତେ ନ ହେଲେ ବଡ଼ ବଜାରରୁ ଥୋକ ମିଳ ଯିବ । ଏମିତି ଟଙ୍କା ଲୁହାର ଏଣୁ ନମନ ଦାଗମ ନିକନ୍ତୁ । ଏମାନଙ୍କ ଭିତରୁ ଶତକଡ଼ା ଅଠାନବେ ଜଣ କହିବ ପୋକ ଉଠ ଖଚନ ବାଟକୁ ଚାଡ଼ ଦୁଇଜଣଙ୍କୁ ମୁଁ କହେଁ ବାହାଦୁର । ହାଠ ହେବନ୍ତି ନାହିଁ ଆଉ ମୋ ପରି ମିଳନ ଭିତରେ ସଦା ମାରି ବେଶ ସଜରେ କଲେଜ ଯିବନ୍ତା କହେ ଦଅନ୍ତି । ଯେତନରେ ଏମାନେ ଆଶା କରନ୍ତି ନାହିଁ ବେଶୀ ଆଉ ଯେତେବେଳେ ଯାହା ମିଳିଲା ସେଇଥିରେ ତୃପ୍ତି ହେବାର ଅଭିଜ୍ଞତା ଯୋଗାଡ଼ କରି ନିଅନ୍ତି ।

ଆଉ କହିଲା ହେଉନ୍ତି । ସେମାନଙ୍କୁ ଦେଖି ମୋର ଭାରି ଦୁଃଖ ହୁଏ । ଏଇ କଲେଜଟା ବଡ଼ ଲୋକର ପିଲା ହେଲେ ବି ମନଦେଇ ପାଠ ପଢ଼ୁଥିଲେ । ଏମାନଙ୍କୁ ଦେଖି ମୋର ଭାରି ଦୁଃଖ ହେଉଥିଲା । ହେବାର ତ କଥା ।

କିନ୍ତୁ ତାବୁ ବଡ଼ ଲୋକର ପିଲା ତମେ ! ତମର କଣ ଦରକାର ଅଛି ଯେ ଏତେ ପଢ଼ୁଛ ? ପଣ୍ଡିତ ହୋଇଗଲେ କଣ ହେବ ? ସବୁ ବାଟ ଥାଉ ଥାଉ ଏତେ ମେହେନତ କରିବା ଦରକାର କଣ ? ଥୋଡ଼େ ଟଙ୍କା ଗଲେ ତ କହ ତମ ଘରର ସବୁ ଶତ ବୋଠଗୋଟିଏ ପାଇବ ଆଉ ଟିକିଏ ଚଞ୍ଚଳ ନିଅ । ଗୋଟେ ଦୁଇ ତିନ୍ ଆଖର କରି ପାରିଲେ ଅଫିସର ହେବ । ସେ କାହାର ତଳୁ ଉପରୁ ଯୋଗ ମୋଟା ଟଙ୍କା ଦରମାର କହିଲେ ଠେଲି ନିଅ । ସ୍ୱଭାବ କହି ଦଅ କେହି ଦେଖା କରିବାକୁ ବା ଅନ୍ୟ କୌଣସି କାରଣରେ ତମକୁ ଖୋଜିଲେ କହିବ "ବାବୁ ଲାଇବ୍ରେରୀରେ ପଢ଼ୁଛନ୍ତି । ଅବ ଦେଖା ହେବ ନାହିଁ ।" ଯଦି କେହି ଜବର କରେ ଆଉ ତାର ଜବର କରିବା ମାତ୍ରା ହୁଏ କମ ବୋଲି ମନେ ହୁଏ ତେବେ କହିବ "ଆରେ ବାପ୍ରେ ଅବ ତାଙ୍କୁ କହିଲେ ମୋ ନୋକରୀ ରହିବ ନାହିଁ ।" ଏତକ କହିଲା ପରେ ବି ଯଦି କେହି ଜିଦ୍‌ଖୋର ଦେଖା କରିବାକୁ ସର୍ତ୍ତେ ସ୍ୱଭାବ ଆସି ତୁମକୁ ଖବର ଦେବ ଆଉ ତମେ ଲାଇବ୍ରେରୀକୁ ଯାଇ ଗମ୍ଭୀର ଓ ଚିନ୍ତାକୁଳ ମୁହଁ କରି ଦେଖିବ ଆଉ ଲୋକଟା ତମ ପାଖକୁ ଆସି ଯେପରି ଅଭିବ୍ୟକ୍ତି ମୁହଁକୁ ଦେଖି କଥା କହିବାର ନ କରୁ । କହି ଉପରେ ଏ ଥର ଅଷ୍ଟ ତୁଳାଇଥିବ । ତମେ କେବେ ଏମିତି କରି ପାରିଲେ କେଉଁଠି ପଣ୍ଡିତ ବହୁତ ଭିତରେ ତମ ନାଁରେ କାଗଜ ବାହାରିବ, ଶିକ୍ଷା ବିସ୍ତାର ପାଇଁ ଏତେ ଟଙ୍କା ଦାନ କରି ଦଅ ସଭାସମିତିରେ ଭାଷଣ ଦେବା କାର୍ଯ୍ୟକର୍ତ୍ତା ସଭାପତିତ୍ୱ ଆରମ୍ଭ କରି କଲେଜ ପରିଚାଳନା ସମିତିର ସଭ୍ୟ, ସାହିତ୍ୟ ସଭାର ସଭାପତି ଏମିତି କେତେ କଣ ହୋଇପାର । ବିଶ୍ୱ-ବିଦ୍ୟାଳୟର ସଭ୍ୟ ହେବାଟା ଏଡ଼େ ବଡ଼ କଥା ନୁହେଁ । ଏଥିରେ କିନ୍ତୁ ଗୋଟେ ଅସୁବିଧା ଅଛି । ସମୟ ଅସମୟରେ ଏ ସବୁ ଯାଗାରେ ସଭା ସମିତିରେ ବକ୍ତୃତା ଦେବାର ଦରକାର ପଡ଼ିପାରେ; ଖବର କାଗଜବାଲା ଫଟୋ ନେବାକୁ ଆସି ପାରନ୍ତି ଆଉ ନିଜ ନାଁରେ ବେଳେଠାରେ କହି ଛପିବା ଦରକାର ହୋଇପାରେ । ଭଲ ସ୍କଲରଙ୍କୁ ଗୋଟାଏ ସେକ୍ରେଟେରୀ ରଖି ପକାଇଲେ ଏ ଅସୁବିଧା ତୁଟିଯିବ ।

ସଭାନେତୃତ୍ୱ ହେବାକୁ ସର୍ତ୍ତ ? ଭାଲ ପଇସା ଆଉ ଗୋଟେ ସେକ୍ରେଟେରୀ । ଦରକାର ଥାଉ ନଥାଉ କେହି ପଢ଼ୁ ନ ପଢ଼ୁ ଦରକାର ହୁଏ ସଭାନେତୃତ୍ୱ ଅଂଚଳକୁ ଯୋଗଦିଅ । କେଉଁଠି ବଢ଼ି ହେଲା, ଦୁର୍ଭିକ୍ଷ ହେଲା, ବ୍ୟାପକ ଭାବରେ ରୋଗ ହେଲାଠୁ ଆରମ୍ଭ କରି ସଭାର ପର୍ଯ୍ୟନ୍ତ ଚାନ୍ଦାଦାନ କରି ସେ ଯାଗା ଉପରେ ଭିଡ଼ରେ ଚଢ଼ କରଟାଏ ମାରି ଆମ ପ୍ରାର୍ଥୀଙ୍କ, ଓଳିମ୍ପିକ, ଶତ୍ରୁପକ୍ଷ ମାରଶର୍ତ୍ତ ଭଳିଆରେ ଫଟୋଟାଏ ଛପେଇଦିଅ, ଚଳି ଯିବା ଦେଇଦିଅ ଅନେକ ଯିବା ମାଡ଼ି ପଡ଼ୁ । ଯେତେବେଳେ ଯେଉଁ ଦଳଟା ଶାସନ ଥିବ ସେଇ ଦଳରେ ଭିଡ଼ ଯାଅ; ତମର ମତ ବଦଳାଇବାର କାରଣ ଦେଖ ଜାତି ଦେଶ ଲୋକଙ୍କ ହିତରେ ଦିଅ । ପଇସା ଖର୍ଚ୍ଚ କରି ପାରିଲେ ଅପର ପକ୍ଷର ପ୍ରଚାରଟା ଖବର କାଗଜରେ ନ ବାହାରିବାର ସମ୍ଭାବନାଟା ମଧ୍ୟ ଖୁବ୍ ବେଶୀ । ତା ପରେ ଦେଶର ସ୍ୱାଧୀନତା ପାଇଁ ଯେତେବେଳେ ଲଢ଼େଇ ଚାଲିଥିଲା ସେତେବେଳେ ମତ ବଦଳେଇବାର ସ୍ୱାଧୀନତାଟା ରହିବ ନାହିଁ କାହିଁକି ? ଦରମସ ଖବରକାଗଜଟାଏ କିଣି ପାରିଲେ ଭଲ ନ ହେଲେ ନିଜର ଖବରକାଗଜ ବାହାର । କେଣ୍ଟ ତା ପରେ ତମକୁ ଆଉ ପାଏ କିଏ ?

ଧର୍ମଧ୍ୱଜାଧାରୀ ହେବ ? ସେଇ ଏକା ଉପାୟ । ପଇସା ଖର୍ଚ୍ଚ କର । ମଠ ମନ୍ଦିର ମାଲିକ ଗୁରୁଙ୍କର ପ୍ରଶଂସା କର । ପାଇଲେ ନୂଆ ମଠଟାଏ କର । ଯାହା ଏକ ପୁରୁଣା ପ୍ରଥା ଆଉ ତାକୁ ଜୋରଧର । ଯେଉଁମାନେ ସମାଜ ସଂସ୍କାର କରିବାର ଧୂଆ ଧରିଛନ୍ତି ବା କରୁଛନ୍ତି ବା ଚେଷ୍ଟା କରୁଛନ୍ତି ପ୍ରାଣପଣ ଶକ୍ତିରେ ସେମାନଙ୍କ ସାତ ପୁରୁଷକୁ ଛପନ ପୁରୁଷ ପର୍ଯ୍ୟନ୍ତ ଗାଳିଦେଇ ଅଭିଯୋଗ କିଅ । ସେମାନଙ୍କର ନିନ୍ଦା କର । ବାଟରେ ଘାଟରେ ତାଙ୍କ ନାଁରେ ଯାହା ପାରୁଛ ତାହା କହ । ଧର୍ମଧ୍ୱଜା କାଗଜ ଯଦି ଥାଏ ତେବେ ସେଥିରେ ସମ୍ମତ ଗାଳିଦିଅ; ସେମାନେ ଯଦି ତର୍କକରି ନଜର ଦେଖାଇ ତମକୁ ଜିଣିବାକୁ ଚେଷ୍ଟା କରନ୍ତି ତେବେ ମୋଟେ ଶୁଣିବ ନାହିଁ । ଯଦି ସଂଜ୍ଞନ ଚନ୍ଦରେ ତେଡ଼ ଶୁଣିବାକୁ ନିତାନ୍ତ ବାଧ୍ୟ ହେଲ ତେବେ ହିଆ କହିଦିଅ ସେମାନେ ଅଗ ବେଦ ବେଦାନ୍ତ ଆଦି ଚଢ଼ି ଆସନ୍ତୁ ତା ପରେ ଯାଇ ତର୍କ କରିବାର ଯୋଗ୍ୟତା ହେବ ତର୍କ କରିବେ । ଯଦି ଏଥର ଚେଷ୍ଟା କରେ ତାକୁ କହ "ତମେ ପଢ଼ିଛ ସିନା ବୁଝି ନାହିଁ ।" ଏବେ ଯଦି କହେ "କଣ ପଢ଼ିବା ଦରକାର" ବିରକ୍ତ ହୋଇ କହିବ "ଏ ମୂର୍ଖଙ୍କୁ ନେଇ କେଉଁ ତର୍କ କରିବ ହୋ ! ଅଗାଧ ଶାସ୍ତ୍ର ଜ୍ଞାନରୁ କେତେ କହିବ । ମୋର ସମୟ ନାହିଁ ।" ତମେ ଏ ସବୁ ନ ପଢ଼ି ଆମ ପୁରୁଣା ସମାଜ ବିଷୟରେ ଏତେ ଜାଣି ପଣ୍ଡିତ କଣ କରିବ ?" ଯଦି କେହି ତମେ ପଢ଼ିଛ କି ନା ସନ୍ଦେହ କରେ ତାକୁ ବୁଝିବା ଦେବ ପରମାସରମ ଏତେ ତର୍କର ଦିଅ । ମୋଟକଥା ହେଲେ ନାଁ କହିବ ତୁମେ ଧର୍ମ ପାଇଁ ସମାଜ ପାଇଁ

Digitized by srujanika@gmail.com

ତେବେ ଯୁବା ବୟସ କଟିବାକୁ ଢେର ଅଛି । ଏ ଯୁବାବସ୍ଥା ଯଦି ନ ହେଲା ତେବେ କୁ—ତେବେ—ପାପୀ ହେବେ— ଦୁଷ୍ଟ—ପାପ—କରୁଛି—କୁ— ନରକ— ବୁଦ୍ଧି— ପାପୀନ୍ଦ୍ର— ଏଣୁ—ତେଣୁ— କ୍ଷମା—କର ଦୃଷ୍ଟିରେ ତା ଅର୍ଥକୁ ଅନେକ ଝିଅ ଦେଖିଛି । ସ୍ୱାଛନ୍ଦ୍ୟ ଜୀବନ ଯଦି ଅଉ କିଛି ଉପାୟ ଦେଖ ତେବେ ସେଥିର ବ କରିପାର; କିଛି କ୍ଷତି ନାହିଁ । ଉଚିତକୁ ବୁଝିଲେ ବେଳେ ଯେ ଉପାୟ ଜୀବନକୁ ଅଧିକ ତାର ଠିକଣା ନାହିଁ । ମୁଁ ଖାଲି ଚଳୁଥିବରେ କହୁଛି ସିନା । ହଁ ଆଉ ଗୋଟିଏ କଥା । ନଇବାର ପଢ଼ିଲେ ମାଳା ଗଢ଼ୁଥିବ । ମାଛ ମାଂସ ମୂର୍ତ୍ତି କିଛି ଛାଡ଼ିବା ଦରକାର ନାହିଁ ତେବେ ଲୋକଙ୍କ ମନରେ ଜଗମିଶାଣି ହୋଇ ଧାରଣା କରେଇ ପାରିଲେ ଅଭର ଭଲ ।

ସମାଜ ସଂସ୍କାରକ ହେବାକୁ ସ୍ୱର୍ଗ ? ତେବେ ଧର୍ମଧ୍ୱଜ ଯାତ୍ରା କରିବ ତାର ଠିକ ଓଲଟା କାମ କର । କିଛି ନ କର ପଛ କହ, ପ୍ରାଣପଣ ଶକ୍ତିରେ କହ । ତାଙ୍କ ଶୁଣିବ ଦେବ—ନାଁ ବ ହେବ ।

ବାବା ନାଁ କିଣିବ ? ବେଶ୍ । ଟଙ୍କା ଦିଅ କାମପଟେ । ତେବେ ଦୁଃଖିଅଛ । ହାତ ଖୋଲି ବସିଲେ ଲୋକେ ଭଗ ଥୋଇ ଦେବେ ନାହିଁ । ଏ ଗୋଟିଏ ବେଗ—ଥରେ ଧଇଲେ ତମ ସମ୍ପତ୍ତି ଶେଷ କରି ଛାଡ଼ିବ । ସମସ୍ତେ—ବମ୍ ହେ କମ ତମ ପୁଅ ନାତି—କହିବେ ଭୂମେ ବୋକା । ତେଣୁ ଜଗିବୁଝି, ବାଜ କହିବା କଥା । ଏବେ ସ୍କୁଲରେ ମନ୍ଦିର, ଏବେ ପାଠ ପଢ଼ିବାର ପର୍ବ ମାସୁଛ ଏବେ ସ୍କୁଲ ଲାଇବ୍ରେରୀ ଖୋଲିବା ପାଇଁ ଚାନ୍ଦା ମାସୁଛ ଏ ସବୁରେ ଟଙ୍କା ଖର୍ଚ୍ଚ ଦରକାର ନାହିଁ । ଲୋକ ସାହେବଙ୍କୁ କି ବଡ଼ ବଡ଼ ହାକିମଙ୍କୁ ସ୍ୱ ଭୋଜ ଦେବାର ଦରକାର ହେଲା, ଏଇ ଧରଣର ଲୋକ କୌଣସି କାମ ପାଇଁ ଚାନ୍ଦା ମାଗିଲେ କ ପ୍ରଦେଶ ବାହାରେ କ ବିଦେଶରେ କୌଣସି ବିପଦ ଆପଦ ପଡ଼ିଲା ଆଉ ସେଥିପାଇଁ ଟଙ୍କା ଦରକାର ହେଲା ତ ହାତ ଖୋଲି ଦିଅ । ସଙ୍ଗେ ସଙ୍ଗେ ଖବର କାଗଜରେ ନାଁଟିଏ ଛାପ ସେମାନଙ୍କୁ ପେଟେ ଖାଇବା ଦିଅ । ମୁଁ କହି ଦେଉଛି ଏ ସୁଯୋଗ ସବୁବେଳେ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ । ନଇଲେ ଚେଷ୍ଟାକରି ଏ ସୁଯୋଗ ଯୋଗାଡ଼ କରି ନେବ । ଯଦି ଏ ଜୀବନରେ ତମ ଛଡ଼ା ଆଉ କେହି ଥାଆନ୍ତି ତେବେ ଅନ୍ୟମାନେ ଯାହା! ହେବେ ତା ଉପରେ ଆଉ କିଛି ବେଶି ଦେଲେ ଦେଲେ ହେଲା ।

ଏମିତି ହେଲେ ଯେ ଉପାଧି ଆଉ ତାର ଛାଡ଼ିବା କେବେ ହେବ । ତମ ପରିଚୟରେ ସମସ୍ତେ କରି ଯାଉଛନ୍ତି । ଏ ଜୀବନରେ ଖାଲି ବୁଢ଼ାଲେ ହେଲା । ତାପରେ ବେଳେ ଯେ ଉପାଧି ଦେଖିବ ତାର ଇଲମ୍ବ ନାହିଁ । ଏଥିରୁ ବୁଝିପାରୁଥିବ ତମର ସବୁ ଅଣ୍ଟା ପୁଣ ହେବାର ଏତେ ସହଜ ଉପାୟ ଥାଉ ଥାଉ ମିଛରେ ମେହେନତ କରି ପାଠ ପଢ଼ିବ କାହିଁକି ? ଯେଉଁ ବୋକା ସ୍ୱଭାବ ପଢ଼ୁଛନ୍ତି ପଢ଼ନ୍ତୁ । ସହଜ କଥା ଯେ ବୁଝି ପାରେ ନାହିଁ ସେ ବୋକା ନୁହେଁ ଆଉ କଣ ?

ଦେଶଅଡ଼େ ଶିକ୍ଷିତ ଲୋକ ଦରକାର କରେ ସତ । କିନ୍ତୁ ଆମର ଏତେ ବଡ଼ ଦେଶରେ କଣ ଏମିତି ଲୋକର କେବେ ଅଭାବ ହୋଇପାରେ ?

ଯଦି ପାଠ ପଢ଼ିବ ତେବେ କହିବ ଗୋଟ କଲଟା କଣ କରିବେ ? ସମସ୍ତେ ତ ପଢ଼ୁଛନ୍ତି ତମେ ପଢ଼ିଥା ବାକି କଲଟା ନ ପଢ଼ିଲେ କଣ ଲୋକସାନ ଅଛି ? ଆଉ ପଢ଼ିଲେତ ଅଧିକାଂଶ କଣ କରି ପାରେଇବ ?

ଆରେ ବାବୁ ! ଦେବେ ଜନ୍ମର ତପସ୍ୟାରେ ମନୁଷ୍ୟ ଜନ୍ମ ମିଳେ । ତା ଉପରେ ଯଦି ତାପର ଗୋଟିଏ ବୋଲି ପୁଅ ହୋଇ ଜନ୍ମ ହେବାକୁ ହୋଇଛି ଏ ତ ହୋଇ ଅଧିକ ଜନ୍ମ ତପସ୍ୟା ଦରକାର ହୋଇଥିବ ବୋଧହୁଏ । ସୁଏତ ସ୍ୱାଟ ବେଶି ଦରକାର ହୋଇଥାଇ, ପାରେ । ଏତେ କଷ୍ଟକର ପରେ ଏ ସୁଯୋଗଟା ପାଇଛ । ଏ ସୁଯୋଗ ପାଇ ପାଠ ପଢ଼ାରେ କେତେଟା ବର୍ଷ କଟେଇ ଦେବାମାନେ କଣ ବୁଝୁଛ ? ଆମ ଦେଶରେ ୪୦ ବର୍ଷ ହେଉଁଲେ ତ ବୁଢ଼ା, ଏବେ ଏବେ ଅଧିକ ଜନକ ଖୁଡ଼ା ହୋଇ ଯାଆନ୍ତି । ତା ଉପରେ ଆମ ଦେଶରେ ବାସହାର ଅପୂର୍ବ ତେଇଶ ବର୍ଷ ନା ହେବେ ମୋର ମନେ ନାହିଁ । ଯେତେଦୂର ମନେହେଉ—ବେଶେ ପଚିଶିର ଉପରେ କଣ ମନେ ଅଛି ? ସତ୍ ! ମୋଟ ଉପରେ ଅଟ୍ଟକା ନହାଇ ବମ୍ । ଭୁବ ଦେଖିବ ଏଥିରୁ ଯଦି ପନ୍ଦର ଷୋଳ ବର୍ଷ ପାଠ ପଢ଼ାରେ କଟେଇ ଦେଲ ତେବେ ଫୁର୍ତ୍ତି କରିବ, ଖେଳିବ ଦିନ ତମ ହାତରେ ରହିଲା ? ଏଥିରୁ ଫେର ଅଧା ଶୋଇବାରେ ଯିବ । ରାତିରେ ନ ଶୋଇଲେ ଦିନରେ ତ ଶୋଇବ ? ମୋଟ ଉପରେ ଶୋଇବ ତ ? ତେବେ ବାକି କଣ ରହିଲା ହିସାବ କର ?

ଏସବୁ କଥା ଭଲେଇରେ ଭଦ୍ରତ ଟୋକାଙ୍କୁ ବୁଝେଇବାର ଚେଷ୍ଟା କଲି । କିନ୍ତୁ ଯେଉଁଠି କୁହା-ଉଡ଼େ ଦଣ୍ଡନେ କଣ ବୋକା ଆଉ କାହା କଣ ଜଣରୁ ଅଧିକାଂଶଙ୍କର ସତ୍ ସାହସ ନାହିଁ ସେଠି ମୋର ଗାଣ୍ଡି ତେଲ କହ କ ସଢ଼ା ଦୋସ୍ତ କହ ଗୋଟ କାହାର କରିବା କଣ ସହଜ କଥା ? ସାଙ୍ଗ ମିଳିଲେ ! ସେଥିକ ମୋର ହେଉ !

ସାଙ୍ଗ କଲଟା ମନ ନଥିଲେ । ମୋର ହାତାର ଉଦମର ଫାଇ ଫଇମାସ ଗାଟିବାକୁ ସବୁବେଳେ ତିଆରି । ସାର ମଣ୍ଡ ଦେବାର ଇଚ୍ଛା ହେଲେ ତ କଟା ହିସାବରେ ଦେଇ ଯାଉଥିଲି । ମୋର ଅଡ୍ଡା ଘର ସ୍ୱଭାବ ସେମାନେ ଜଗଦ୍ବନ୍ଧୁ କହ ତାର ବନ୍ଧୁ ବୋଲି ଖୁବ ଖୁସି ହେଉଥିଲେ । ତେବେ ସିନେମା, ଥିଏଟର ଓ ଯାତ୍ରା ବ୍ୟାପାରରେ ଏ ଦଳରୁ କହିବର ଉତ୍ତରେ ଖଣ୍ଡ ସାଙ୍ଗରେ ଥାନ୍ତି ବୋଲି ଖର୍ଚ୍ଚ ଦୁଏ ଟଙ୍କେ ହେଉ । ହେଉ । ମଜା ଉଡ଼ାଇବାକୁ ହେଲେ ଖର୍ଚ୍ଚ ନ କଲେ ଚଳେ କେମିତି ? ତାପରେ ଖର୍ଚ୍ଚ ଯଦି ନଗଦ ଟଙ୍କା ଥାଇ କେତେ ନ ଥାଇ କେତେ ? ନଇଲେ ରେଜ-ଗାର କରି ଖର୍ଚ୍ଚ କରିବାରେ ମଜା ନଥାଏ ସେଥିରେ ଖର୍ଚ୍ଚଟା ବାପ ବୋଲି ଲେଖେ କହନ୍ତି । ରେଜ-ଗାର କରିବାଟା ଗୋଟେ ନିଶା ନୁହେଁ ତ ? ଏ ମାରକାଟ ସ୍ୱଭାବ କେଉଁନ ? ପୁଣି ଗୌଣରେ ଏମେ ରେଜଗାର କରି ସ୍ୱଲ୍ପରୁ ତ ସ୍ୱଲ୍ପରୁ । ଖର୍ଚ୍ଚ କରିବାକୁ ଫୁରସତ୍ ନାହିଁ ! ମୋର ତ ସେ ଅଭ୍ୟାସ ନାହିଁ । ଘରର ରେଜଗାର କଲା ଥାଇ ଘରଚ କରିବାର ସୌଭାଗ୍ୟ କେତେ ଜଣଙ୍କ ମିଳେ ? ଏ ସୌଭାଗ୍ୟ ପାଇ ଯେ ତାର ମଜା ନ ଉଠେ ତାଠୁ ଅଧିକ ବୋକା ଦୁନିଆରେ ନ ଥିବେ । ମୁଁ ଆଉ ସବୁ ହୋଇପାରେ ବୋକା ନୁହେଁ ।

ମୋର ଯକୁତ୍ କଣ ଅସୁବିଧା କଣ ଥିଲା ଜାଣ ? ବାପାଙ୍କ ଦଖଲରୁ ମୁଁ ଅଗାଧ ସମ୍ପତ୍ତିର ମାଲିକ ହୋଇଥିଲି ସତ କିନ୍ତୁ ମୋର ଏକୋଇଶ ବର୍ଷ ବୟସ ନ ହେବା ପର୍ଯ୍ୟନ୍ତ ମୋ ଅଭିଭାବକଙ୍କ ବିନା ହୁକୁମରେ ସେଥିରୁ ପଇସାଏ ବି ଖର୍ଚ୍ଚ କରିବାର ଅଧିକାର ନ ଥିଲା । କାଗଜ ପତ୍ରରେ ମୋର ବୟସ ଫେର ଅସଲ ବୟସରୁ ଛଅ ବର୍ଷ କମ । ଏକ ଗୋଟାଏ ଅଧିକା ଅଡ଼ୁଆ ।

କଲେଜରେ ବର୍ଷେ ଖଣ୍ଡେ କଟେଇଲା ପରେ ମୋର କପାଳ ଦିନ ଦେଖି ଟଙ୍କା ଦରକାର ହେଲା । ଏଣେ ଦେଖିଲି ଅଭିଭାବକ ମହାଶୟ ନିୟମିତ ଭାବରେ ଟଙ୍କା ଦେବାରେ ହେଳା କରୁଛନ୍ତି । ଲୋକଟାକୁ କାହିଁକି କେଜାଣେ ମୋଟେ କପଟର ଭଲଲାଗେ । ସେଥିପାଇଁ ଟଙ୍କା ମାଗିବାରେ ନାହିଁ କ ନିୟମିତ ଭାବରେ ଆଉ ପ୍ରଚୁର ପରିମାଣରେ ଟଙ୍କା ନ ଦେବାର କାରଣ ଉଚିତ କ କହିପାରେ ନାହିଁ କେତେଟା ବର୍ଷର ତ କଥା ! ତା ପରେ ମୋତେ ପାଏ କିଏ ?

ଟଙ୍କା ଅଭାବରେ ପ୍ରଥମ ପ୍ରଥମ ଟିକେ ଅସୁବିଧା ପଡ଼ିଥିଲା । ବଜାରରେ ସବୁ ଧାରରେ ମିଳୁଥିଲା ସତ କିନ୍ତୁ ତା ବାଦ ନଗଦ ଟଙ୍କାର ତ ଦରକାର । ଏଇ ନଗଦ ଟଙ୍କା ପାଇଁ ଅସୁବିଧା ପଡ଼ିଥିଲା । ପରେ କିନ୍ତୁ

(୧୨ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# କବି ଓ କବିତା

ଲେଖକ—
—ଶ୍ରୀ ନଟବର ପ୍ରଧାନ

ସୁନ୍ଦର କବିତା—ବାସ୍ତବିକ କବିତା ସୁନ୍ଦର !!

.........କବି ମୁଁ । କବିତାର ନିଖୁଣ ଚିତ୍ର ଅଙ୍କନ କରେଁ କଳ୍ପନା ତୂଳୀରେ । ତା'ର ଅବିକଳ ପ୍ରତିଛବି ଚିତ୍ରଣ କରିବାରେ ମୁଁ ତା'ର କମନୀୟ ଆଖି ଦୁଇଟି ନିମିତ୍ତ ନୀଳ ଆକାଶର ରଙ୍ଗ ଅପହରଣ କରେଁ; ଅଧରର ରଙ୍ଗ ଫୁଟାଇବା ପାଇଁ ଜବା କୁସୁମର ସହାୟତା ନିଏଁ, ତା'ର ନିଟୋଳ ମସୃଣ ଗଣ୍ଡଦେଶରେ ରକ୍ତ ଗୋଲାପର ବର୍ଣ୍ଣ ଢାଳି ଦିଏଁ । କବିତାର ନୟନ ଧାରେ ଧାରେ କଜ୍ଜଳ ଦାଗରେ ଗୋଧୂଳି ଗଗନର ସନ୍ଧ୍ୟାଛାୟା ଦେଇ ମୁଁ ଆନନ୍ଦ ଅନୁଭବ କରେଁ । ଅମାବାସ୍ୟାର ଘନ ତମିସ୍ରରଙ୍ଗ ତା'ର କୁଞ୍ଚିତ କେଶରେ ବୋଳିଦେଇ ମୁଁ ଚିତ୍ର ପୂର୍ଣ୍ଣ କରେଁ, ଆଉ ଡାକେଁ 'କବିତା !'

କବିତା ଚପଳ ଚରଣରେ ଖେଳାଇ ଖେଳାଇ ଆସି ଠିଆ ହୁଏ—ପାଖା ପାଖି । ଗଙ୍ଗା—ଯମୁନାର ଧାର ଭଳି ଦୁଇ ପାଖରୁ ବ୍ୟସ୍ତ ଭାବରେ ଝୁଲି ପଡ଼ିଥାଏ ତାର ଯୁକ୍ତବେଣୀ । ଅପୂର୍ବ ମୁଖ ଶ୍ରୀ । ଦରସ୍ଫୁଟ ସରୋଜ-ନିନ୍ଦୀ ହସ ମିଶ୍ରିତ ସ୍ୱର୍ଗୀୟ ମୁଖ ଆଡ଼କୁ ଚାହିଁ ରହେଁ......ଚାହିଁ ରହେଁ......ମୋ ଆଖିରେ ଶତ ଉର୍ବଶୀର ନେଳଚିତ୍ର ଭାସିଯାଏ ଧୀରେ ଧୀରେ ଗୋଟି ଗୋଟି ହୋଇ । କବି ମୁଁ ଚାହିଁ ରହେଁ ଭାବତନ୍ମୟରେ ସୁନ୍ଦରୀ ତନ୍ୱୀ କବିତାକୁ । କବିତା ମୋ ଗାଲରେ ହାତ ମାରି ମୋର ଭାବାବେଶ ହୃଦୟର ଅବଚେତନ ଅଂଶଟିକୁ ଆଘାତ ଦେଇ ସଚେତନ କରି ଦିଏ । ମୁଁ ପୁଣି ଡାକେ ହୃଦୟର ସମସ୍ତ ଦରଦ ଦେଇ "କବିତା !" ଅକ୍ଷିରେ ମୁଁ ଭରିଦିଏଁ ଟିକେ ନିଶାର ରଙ୍ଗ । ମୋର ଉତ୍ତରକୁ ଅପେକ୍ଷା ନ କରି କବିତା ଦରଜା ଆଡ଼ୁଆଳରେ ଲୁଚି ଯାଉ ଯାଉ ପରଦା-କାନି ଧରି ଟାଣି ରଖେ । କବିତା କପଟ ଭର୍ତ୍ସନା କରି କହେ 'ଦୁଷ୍ଟ !' ମୁଁ ମୋର କବି ସୁଲଭ ବାତୁଳତାକୁ ପ୍ରକାଶ କରେଁ ପ୍ରତିଧ୍ୱନି କରି—

'ଦେହି ପଦ ପଲ୍ଲବ ମୁଦାରଂ'

କବିତା ଟିକିଏ ନରମି ଯାଇ କୁହେ—"ପାଗଳ !"

ତୁମକୁ ଭଲ ପାଇବା ଯଦି ପାଗଳାମି, ତା ହେଲେ ଏହି ପାଗଳାମିରେ ମୋର ଆନନ୍ଦ । କବିତା ଦବିଯାଏ । ସବୁବେଳେ ତାର ଆଖି ଦୁଇଟି କ୍ଷଣକ ମଧ୍ୟରେ ଥମିଯାଏ, ସେ ମୋ ଆଡ଼କୁ ଅର୍ଥଶୂନ୍ୟ ଦୃଷ୍ଟିପାତ କରେ—ହୁଏତ, ଅଙ୍କିବାର ବ୍ୟର୍ଥତାର ଦୂର ଚକ୍ରବାଳକୁ ଚାହିଁ ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଏ । ଲାଜ ତାର ଫୁଟି ଉଠେ...... କବିତା ବାସ୍ତବତାକୁ ଜଗି ପାଦ ଚିପି ଚିପି ଚାଲିବାକୁ ଗୋପନରେ ଶିକ୍ଷା କରିଛି ଯେମିତି । ରୁକ୍ଷ ବାସ୍ତବତା ବାରି ବାରି ମୋର ମସ୍ତିଷ୍କରେ ଆଘାତ କରେ, ମୋର କାନରେ ମାଲ୍-ଗାଡ଼ିର ହୁଇସିଲ ଫୁଙ୍କି ଦେଇଯାଏ । ମୁଁ ଦେଖି ନ ଦେଖିଲା ପରି ରହେଁ, ଶୁଣି ନ ଶୁଣିଲା ପରି କାନରେ ଆଙ୍ଗୁଳି ଦେଇ ନିଜକୁ ନିଜେ ଠକେଁ । ଏହି ଆତ୍ମ ପ୍ରତାରଣାରେ ସୁଖ ନ ପାଇଲେ ମଧ୍ୟ ମୁଁ ମନକୁ ମନ ବୁଝାଏ—କବିତା—ସୁନ୍ଦରୀ କବିତା ମୋର, ତା'ର ମନଟା ଉପରେ ମୋର ଯେପରି ଅଧିକାର, ଦେହଟା ଉପରେ ବି । ବିଳମ୍ବୀ ମନ ହୁଙ୍କାର ଗର୍ଜ୍ଜନ କରି ଉଠେ—ଯୁଗ ଯୁଗ ଧରି ସମାଜ ଚୁକ୍ତି—ଜାତି ଚୁକ୍ତି—ଯାହା ଦୁଇ ମନ ସଙ୍ଗେ ସଙ୍ଗେ ଦେହ ଉପରେ ଯେଉଁ ଅତ୍ୟାଚାର କରି ଆସିଛି, ତାର କଣ ପ୍ରତିଶୋଧ ନାହିଁ ? ତା'ର କଣ ଶେଷ ନାହିଁ ?.. ...ଅଦୂରରେ ମୁଁ ଚିର ମୁକ୍ତିର ପଦଧ୍ୱନି ଶୁଣେ—ମୁଁ ସବଳ ହୁଏଁ—ମୁଁ ମୋର ମନ ମଧ୍ୟରେ ଆବିଷ୍କାର କରେଁ ଯୁଗ ଯୁଗର ବିଦ୍ରୋହ ଜନାଣୀ ଦେଇ ମହାପୁରୁଷ—ପଣ୍ଡିତ କାଳି ଘଟେ ଏକ ସ୍ୱାଧୀନ ସମାଜ ସଂସ୍କାରକ ସମୂହ ଉଠିଥିବାର ସନ୍ଧାନ ପାଏଁ......ତାର ଦୀପ୍ତ ଅଳକାକୁ ମୁଁ ବା ହାତରେ ସଜାଡ଼ି ସଜାଡ଼ି କବିତା ନିଜକୁ ମୋର ଆଲିଙ୍ଗନ ପାଶରୁ ମୁକ୍ତ କରେ । ଶେଷରେ ପାଣି ଭରି, ବ୍ୟସ୍ତ ଚରଣରେ ଚାଲି ଯାଉଁ ଯାଉଁ କହେ "ତୁମେତ ପାଗଳ, ଅନ୍ୟକୁ ପାଗଳ ନ କରି ଛାଡ଼ିବ ନାହିଁ ।" ସେହି 'ଅନ୍ୟ'ଟି ମନ ବୀଣାର ଅଣ କେହି ନୁହେଁ । ମୁଁ ତାର ଉତ୍ତର ଦେଇ ପାରେ ନାହିଁ । କବିତା ଚାଲିଯାଏ । ମୁଁ ମୋର ଅସଂଲଗ୍ନ ଭାବ ନେଇ ଫେରେଁ......

......ସବା ରଜନୀରେ ଚନ୍ଦ୍ର-ଦେବ ମାରେ । ମୁଁ ମୋର ନୀରସ ଜୀବନର ବ୍ୟର୍ଥତା ନେଇ କବିତା ରଚନା କରୁଁ କରୁଁ ଭାବିବସେଁ ମୋର ଜୀବନବର୍ତ୍ତିକାର ପ୍ରେମର ଶେଷ କେଉଁଠି ? ପୁଣି କେଉଁ ଅନ୍ଧାରରେ ? ଯେତେବେଳେ ପାରେ କଳ୍ପନା ଚକ୍ଷୁ ମୋର ଭବିଷ୍ୟତ ଅନ୍ଧାରକୁ ଭେଦ କରେ କିନ୍ତୁ କଣ ନ ପାଇ ବ୍ୟର୍ଥ ମନୋରଥ ହୋଇ ଫେରେ । ବାସ୍ତବତା ଆସି ଦୂରତ୍ୱରେ ଅଙ୍ଗୁଠି ଦେଖେଇ ଦିଏ । ମୁଁ ପାଗଳ ପରି ଭାବେ—ଆଉ ଭାବେ........

......କେବେ କେବେ ମୁଁ କବିତାର ପ୍ରେମକୁ ସନ୍ଦେହ କରେଁ । ତାର ଅଯଥା ମୌନତା କଳ୍ପନାରେ ମୋର କୋମଳ ହୃଦୟ ଥରି ଉଠେ...ମୁଁ ସନ୍ଦେହ କରେଁ । ମୋତେ ଜଣା ପଡ଼େ ସେ ମୋ ଠାରୁ ଦୂରେଇ ଯିବାକୁ ଚାହେଁ ଅନେକ । ଅମର ପ୍ରେମ ଗୌରବରେ ମୁଁ ଯାହାକୁ ନିଜର କରି ପାଇଛି ବୋଲି କବିତା ପାଖରେ ଯେତେକ ଗର୍ବ କରେଁ, ସେ ତାଣି ତାଣି ମୋ ପାଖରେ ଅଧିକ ହୋଇ ସନ୍ଦେହରେ ସେତକ ଛଟ ଫଟ ମରେଁ । ମୋ ସାଥିରେ ସେ ତାଳ ମିଳାଇ ଯୋଡ଼ି ପକାଇ ପାରୁ ନାହିଁ କେବଳ ମୋର ଭାବ ଦୁଃଖ । ବେଷ୍ଟନୀକୁ ଭୁଲିବାର ମୋର ଅବସର ନ ଥାଏ । ଏହି ସନ୍ଦେହଟାକୁ ପ୍ରକାଶ କରି ନେବାକୁ ସେଦିନ କହିଲି "କବିତା, ଅସମ୍ଭବ ପାଖରେ ଏ ସବୁ ତୁମର ଦାନ !"

"ସବୁ ପାଇ ଅସବୁ ପାଇ କିଛିର କରିବାର ମୋର ଯଥେଷ୍ଟ ଜ୍ଞାନ ଅଛି ।" କବିତାର ମୁହଁରେ ଅଭିମାନ । କଣ୍ଠରେ ମୋଟା ସ୍ୱର । ମୋ କଥାର

Digitized by srujanika@gmail.com

ଲାଗିଲା ବେଦନାର ପୁନର୍ବାର କଥା କହିଲି .....
"ମୋର କାହିଁକି ମନେହୁଏ, ଆମେ ବେଶୀ ଗଭୀର ଭାବରେ ଚିନ୍ତା ଅଗ୍ରସର ଯାଉଛେ । ଆମେ ଯେ ପଥ ଧରିଛେ, ତା'ର ଶେଷ ବୋଧହୁଏ ନାହିଁ... ଅସରନ୍ତ ! ଆମେ ଯାହା ପାଇବାକୁ ଚାହୁଁଛେ, ତାକୁ କେବଳ କୌଣସି ବସ୍ତୁର ପକ୍ଷ ଉପରେ ସୀମିତ ନାହିଁ କି ?" କବିତା କିଛି କହିଲା ନାହିଁ । ସେମିତି ମୋ ଆଡ଼କୁ ଚାହିଁ ରହିଥାଏ । ଟେବୁଲ ଉପରେ ଥିବା ଫୁଲଦାନୀରୁ କେତେ ଯେ ଫୁଲ ଝଡ଼ିପଡ଼ି ଗଲାଣି ତାର ଖିଆଲ ନାହିଁ ! ପୁଣି ମୁଁ କହିଲି—

"ଆମେ ଯେ ମସ୍ତବଡ଼ ଭୁଲ କରି ବସିଛେ, ତାକୁ ସଂଶୋଧନ କରି ହେବ ନାହିଁ ?' ଏଥର ଟିକେ ହସି କବିତା କହିଲା "ତୁମର ଏହି ଭୁଲର ସଂଶୋଧନ କରିବା ଅପେକ୍ଷା ଆଉ ଗୋଟାଏ ମସ୍ତବଡ଼ ଭୁଲ ହେବ"

ସେ ଏତିକି କହିଲା, ସେ ଯେପରି ଭୁଲ କରି ନାହିଁ । ଯାହା ଭୁଲ ହୋଇଥାଏ ମୋର, ପୁନର୍ବାର ଭୁଲ କରିବାକୁ ବସିଛି । କବିତାର ଆଖିରେ ପାଣି !!

ସନ୍ଦେହର ଛିନ୍ନ କିରଣରେ ଏ ମୋହ ଓ ମାୟାର ସମସ୍ତ ବନ୍ଧନ ତୁଟାଇ ଦେବି ବୋଲି ଚିନ୍ତା କରିଥିଲି......ଅମର ସମସ୍ତ ହିସାବ ନିକାଶ କରି ଦେବାର ଦୃଢ଼ ସଂକଳ୍ପ କରିଥିଲି । କବିତାର ଆଖିର ପାଣିରେ ସେସବୁ ଭାସିଗଲା ବୋଧେ । ବାସ୍ତବତାକୁ ଡେଇଁ ଯିବାର ତାର ଶକ୍ତି ନାହିଁ । କବିତାକୁ ଛାତି ଉପରକୁ ଟାଣି ଆଣି କହିଲି 'କବିତା କ୍ଷମାକର !'—ଦୂର ଅତୀତର ସ୍ମୃତିର ସଂସ୍କାରର ଶୋଷକ କ୍ରୂର ଘାତରେ ମୋର ବକ୍ଷର ପଞ୍ଜର ହାଡ଼ ଦୋହଲି ଉଠିଲା !......ଏହି ଭାବରେ ମୁଁ ସେ ଦିନ ବନ୍ଧନ ତୁଟାଇ ଦେଲି !!!........

......ଯୁବକ ପ୍ରାଣର ସମସ୍ତ ହାହାକାର, ସଞ୍ଚିତ ଉଷ୍ଣ ଅବରୁଦ୍ଧ ବେଦନାରେ ମୁଁ ଚୁପ କରି କବିତାକୁ ଦେଖେ । କବିତା ମୋତେ ଉତ୍ସାହ ଦିଏ । ବାସ୍ତବିକ ତା'ରଲାଗି ମୁଁ ଚଳିଥରେ । ସେଦିନ 'ଝଙ୍କାର'ରେ ନିତ୍ୟାନନ୍ଦ ବାବୁଙ୍କର 'କବିତା' ଗଳ୍ପ ପଢ଼ି କବିତାକୁ ମୁଁ ପ୍ରଶ୍ନ କଲି—

"ସତରେ, ସଂସାରରେ ହୃଦୟ କଣ ନାହିଁ ?"

"କିଏ କହିଲା ନାହିଁ ?

"ତେବେ ଆଜ ବଜାର-ବଜାରରେ ଯା'ର ଯେତେ ଟଙ୍କା ତା'ର ବେଶୀ ଖାତିର କାହିଁକି ?"

"ମିଛଟାକୁ ସତ ବୋଲି ଧରି ନେବାରେ ତାହାକୁ କଣ ମଜା ଅଛି ? ଆଜି ଯୁଗରେ କଣ କିଏ ଯାହା କହେ, ତାହା କଣ ପ୍ରକୃତ ସତ୍ୟ ? ତାହା କଣ ଅନୁସରଣୀୟ ?" ପୁନର୍ବାର ମୁଁ କହିଲି 'ଶ୍ରୀଯୁକ୍ତ ନିତ୍ୟାନନ୍ଦ ଯେ ସ୍ୱର୍ଣ୍ଣ ମୃଗର ବଡ଼ କାଠହାରମୋନିୟମ ବୋଲି ଅବତାରଣା କରି ଅଛନ୍ତି, ତାହା କ'ଣ ସତ ନୁହେଁ ? ପଛରୁ ହାଓ୍ୱା ଦେଇଲେ ବାଜିବରେ'' କବିତା ଉତ୍ତର ପାଇଁ ପ୍ରସ୍ତୁତ ଥିଲା । ମୁଁ ତାର ଉତ୍ତରକୁ ଅପେକ୍ଷା ନ କରି କହି ଗଲି—

ବାସ୍ତବିକ ବଡ଼ କାଠର ହାରମୋନିୟମ; ପଛରୁ ହାଓ୍ୱା ଦେଇଲେ ବାଜିବରେ । କିନ୍ତୁ ନାହିଁ—କବିତା—ତୁମେ ହିଁ ମୋ ପ୍ରାଣର ଏକମାତ୍ର ଅବଲମ୍ବନ; ତୁମେହିଁ ଭୁଲ ଧରିବାର ପ୍ରଧାନ ସହାୟକ । ମୋର ତ ମନେ ହୁଏ ନା କି ପ୍ରେମ ନ କରି ତା'ର ଲେଖାକୁ ଏତେ ସରସ କରି ପାରିଛି ବୋଲି । ତୁମରି ପ୍ରେରଣାରେ ହିଁ ମୁଁ କବିତା ଲେଖେ—ଶତ ଶତ ସ୍ୱର ମୋର ମୁଖରେ ଫୁଟେ । ତୁମ ବିନା ମୁଁ ଯେ ମୂକ । ହୃଦୟ ଥିଲେ ମଧ୍ୟ ପ୍ରକାଶ କରିବାର ଶକ୍ତି ନ ଥାନ୍ତା ମୋର''......

......କବିତା ସଙ୍ଗେ ଏଇ ମୋର ସମ୍ବନ୍ଧ । କବିତା ମୋତେ ଭଲ ପାଏ । ଦୂର ଭବିଷ୍ୟତରେ କବିତା ମୋତେ ତ୍ୟାଗକରି ଗୁଲିଯିବ ଏ ଡର ବିଶ୍ୱାସ ବି ମୋର ନ ଥାଏ !!!......

+ + +

କବିତା ମଥାରେ ସିନ୍ଦୂର ଟୋପା ଦେଇ, ଗୁଲିଗଲା କେଉଁ ଅଜଣା ରାଜକୁ । ଅନ୍ୟ କାର ବୋଲା ବାନ୍ଧିବାକୁ..........

କବିତାଠାରୁ ଆଜ ଆଉ ମୁଁ ସେହି ସ୍ନେହ ସୋହାଗ ପାଏ ନା, ସେ ମୋତେ ଭଲ ପାଏ କି ନାହିଁ ଜାଣିବାର ଯୁ ନାହିଁ ମୋର......

ଆଜ ମୋର ପରିସ୍ଥିତି ମନେ ପଡ଼ୁଛି—କବିତାର ମୁକୁଳା କେଶ ମୋତେ ଭଲ ଲାଗେ ବୋଲି; ସେ ଦିନ ଦିନଯାଏ ବେଣୀ ପକାଇ ନାହିଁ । ନାଲ ରଙ୍ଗର ଶାଢ଼ୀଟା ମୋର ଆଖିକୁ ଭଲ ଦେଖାଯାଏ ବୋଲି ସେ ଯୋଡ଼ା ଶାଢ଼ୀ ତାହା ନ ଦେଇ ସପ୍ତାହ ସପ୍ତାହ ପିନ୍ଧଇ .....ଏହା ମୋର ନିର୍ଭୁଲ ଅନୁମାନ !

ମୁଁ ଆଜ ନିଜକୁ ନିଜେ ପ୍ରଶ୍ନ କରୁଛି—ହୃଦୟଟା ତେବେ ତୁଚ୍ଛା ମିଥ୍ୟା ?

ଆଜ ବି ମୁଁ ଭାବେ—ତାଜମହଲ ତିଆରି କରି ନଥିଲେ ମଧ, ଶୀର୍ଣ୍ଣ ସମାଧି ଉପରେ ବସି ଅଶ୍ରୁ ଗଡ଼ାଇବା କଣ ମନା ? ପୁରାତନ ଭଗ୍ନ ପୀଠ ଉପରେ ଥରେ ଥରେ ପାଦଦେଇ ଦୀର୍ଘ ନିଃଶ୍ୱାସ ପକାଇବା କଣ ଅପରାଧ ? ଅତି ଛୋଟ କଥା ? ......ସମାଧିକା-ସଙ୍ଗୀତ ଶୋଇବାର କଣ ଏଇ ସମସ୍ତ ? ଏହି ଅବସ୍ଥା—ନାଟକର ଉଦ୍ଦେଶ୍ୟ ? ଏହିଠି କଣ ପର୍ଦ୍ଦା ପଡ଼ିଯିବ ଶେଷ ଥର ପାଇଁ !!! ପ୍ରେମର ସ୍ଥାନ ବା ଦୂରତ୍ୱ ଜ୍ଞାନ ନ ଥାଏ । ଯେଉଁ ପ୍ରେମ ସତ୍ୟ ସେ ଚିରନ୍ତନ—ବାଧା ବିପତ୍ତିରେ କେବେ କମି ଯାହା ମିଥ୍ୟା ତାହା ମଉଳି ଯାଏ । ସତ୍ୟ ପ୍ରେମର ମନଟା ଉପରେ ଯୋର କେଣୀ ଅଥଚ ମିଥ୍ୟା ପ୍ରେମ ଦେହଟାକୁ ବଳ ବୋଲି ଟେକିଧରେ । ପ୍ରେମ ପ୍ରତିଦାନରେ କେବେ ସତ୍ୟ, କିନ୍ତୁ ତା'ର ଅନ୍ତରର ଦୃଷ୍ଟି ବା ସ୍ଥାୟୀ ହୁଏ ନାହିଁ... ଶ୍ରାବଣର ପରସର ଝିଟିଯାଏ—ଝିଟିଯାଏ......

ଆଜ ତ ଇଚ୍ଛାହୁଏ କବିତାକୁ ପାଖାପାଖି ପାଇଲେ ହୃଦୟ ଖୋଲି ମୁହାଁମୁହିଁ କହନ୍ତି "କବିତା ! ତୁମରି ପାଇଁ ଅତୀତରେ ଯାହାଥିଲା ଏବେ ବି ଅଛି, ଭବିଷ୍ୟତରେ ବି ରହିବ; ତହିଁରୁ ମୁଁ ଖଣ୍ଡିଏ ସୂତା କମ୍ କରିବାକୁ ଚାହେଁ ନାହିଁ ।"

—※—

## କୁତୁକୁତୁ

ରସାୟନ ଅଧ୍ୟାପକ ଗୋଟିଏ ଟଙ୍କା ହାତରେ ଧରି ଛାତ୍ରଙ୍କୁ ପଚାରିଲେ—"ଏହି ଏସିଡ଼ ଗିଲାସରେ ଟଙ୍କାଟାକୁ ପକାଇଲେ ତାହା ମିଳାଇ ଯିବ କି ନାହିଁ ।"
ଜଣେ ଛାତ୍ର—ନା ।
ଅଧ୍ୟାପକ—କାହିଁକି ।
ଛାତ୍ର—ମିଳେଇ ଯାଉ ଥିଲେ ଆପଣ କଦାପି ଟଙ୍କାଟା ସେଥିରେ ପକାଇ ନଷ୍ଟ କରନ୍ତେ ନାହିଁ । + + +

ଶିକ୍ଷକ—ଓଡ଼ିଶାର ପ୍ରଧାନ ମନ୍ତ୍ରୀ ହରେକୃଷ୍ଣ ଓ ଉନ୍ନୟନ [illegible] ମନ୍ତ୍ରୀ ନିତ୍ୟାନନ୍ଦ । ଦୁହିଙ୍କି [illegible] ଲଗାଇ ଗୋଟିଏ ବାକ୍ୟ ।
ବୈଷ୍ଣବ ଛାତ୍ର—"ପ୍ରଭୁ ନିତ୍ୟାନନ୍ଦ ଆମର ପ୍ରାଣ ହରେକୃଷ୍ଣ" × +

ସ୍ତ୍ରୀ—ଏଇ ତେଲଟା କେଶ ବର୍ଦ୍ଧକ ଓ ବାଳ ମୂଳ ଶକ୍ତ କରେ ବୋଲି ଲେଖିଛି ।
ସ୍ୱାମୀ—ଏ କଣ ତମ ପାଇଁ କିଣିଛ ?
ସ୍ତ୍ରୀ—ନାଁ । ଏ ତେଲଟି ତମର ସେଇ ବାଲ୍ୟ ବନ୍ଧୁ ମିସ୍ ମହାନ୍ତିଙ୍କି ଦେବ । କାରଣ ତମ ଜାମାରୁ ବାଳ ଝାଡ଼ି ଝାଡ଼ି ମୁଁ ହଇରାଣ ହେଲିଣି । × ×

Digitized by srujanika@gmail.com

ସାପ୍ତାହିକୀ

# ଶୁଣିବାକୁ ଅବଧାନ ହେଉ ହେ

ନବ ଜନପଦ ସମ୍ବନ୍ଧରେ ଇଣ୍ଡୋନେସିଆ ବା ଇଣ୍ଡୋନେସିଆ କଥା ଖବର ଶୁଣନ୍ତି ଯେ ବା ଓଲନ୍ଦାଜମାନଙ୍କ ସହିତ ଇଣ୍ଡୋନେସିଆ ଗଣତନ୍ତ୍ରର ଯୁଦ୍ଧ ପୃଥିବୀର ଶାନ୍ତିରେ ବ୍ୟାଘାତ ଘଟିପାରେ ବୋଲି ଲୋକେ ଭାବୁଥିଲେ। ଏବେ ଇଣ୍ଡୋନେସିଆର ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ଡା: ସୁତାନ ଶାରିଅ ସିଙ୍ଗାପୁର ବାଟେ ଭାରତ ଆସି ଭାରତ ଓ ପାକିସ୍ତାନ ସରକାରଙ୍କ ସହାନୁଭୂତି ପାଇଛନ୍ତି। ସେ ଇଣ୍ଡୋନେସିଆ ପ୍ରତି ସାରା ପୃଥିବୀର ସହାନୁଭୂତି ପାଇଁ ଆବେଦନ କରିଛନ୍ତି।

ଇଣ୍ଡୋନେସିଆ ଭାରତ ମହାସାଗରର କେତେ ଗୁଡ଼ିଏ ଦ୍ୱୀପର ସମଷ୍ଟି। ଯଥା—ବୋର୍ଣ୍ଣିଓ, ସୁମାତ୍ରା, ଜାଭା ଇତ୍ୟାଦି। ଏଗୁଡ଼ିକ ଏମାନଙ୍କର ମାତୃଭୂମି ହଲାଣ୍ଡ ବା ନେଦରଲାଣ୍ଡସ୍‌ର ଓଲନ୍ଦାଜଙ୍କ ଦ୍ୱାରା ଶାସିତ ହେଉଥିଲା। ଗତ ମହାଯୁଦ୍ଧରେ ଏହା ଉପରେ ଜାପାନମାନେ ଆକ୍ରମଣ କଲାମାତ୍ରେ ଆଉ ନେଦରଲାଣ୍ଡ ଅଧିବାସୀମାନେ ପୁଣିଥରେ ଇଣ୍ଡୋନେସୀୟମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଗଲେ। ଇଣ୍ଡୋନେସୀୟମାନେ ଜାପାନ ସହିତ ପାରୁପର୍ଯ୍ୟନ୍ତ ଲଢ଼ିଲେ। ସେହି ଅବ୍ୟବସ୍ଥିତ ଅବସ୍ଥାରେ ଇଣ୍ଡୋନେସିଆ ସ୍ୱାଧୀନ ଗଣତନ୍ତ୍ରର ଜନ୍ମ। ମହାଯୁଦ୍ଧ ଶେଷରେ ଓଲନ୍ଦାଜମାନେ ଚାରି ମାସ ପୂର୍ବେ ହୋଇଥିବା ପରେ ପୁଣି ଇଣ୍ଡୋନେସିଆରେ ପହଞ୍ଚିଲେ ଏବଂ ସ୍ୱାଧୀନଗଣତନ୍ତ୍ରକୁ ଦବାଇବା ପାଇଁ ସମସ୍ତ ଉଦ୍ୟମ କଲେ। ଏହି କୁକର୍ମରେ ଆମ ବନ୍ଧୁ ବ୍ରିଟିଶ ସରକାର ବି ବେଶ ସାହାଯ୍ୟ କଲେ। କିନ୍ତୁ ତଥାପି ସବୁ ଅଞ୍ଚଳରେ ପଡ଼ିଲା ପରି ବାଧ୍ୟ ହୋଇ ନେଦରଲାଣ୍ଡ ସରକାର ଇଣ୍ଡୋନେସିଆ ସ୍ୱାଧୀନଗଣତନ୍ତ୍ର ସହିତ ସନ୍ଧି କଲେ—ଲିଙ୍ଗାଜାଟି ବା ଲିଙ୍ଗାଜାଟିଠାରେ। କିନ୍ତୁ ଡଚ୍ ବା ନେଦରଲାଣ୍ଡ ସରକାର ସେଥିରେ ସନ୍ତୁଷ୍ଟ ହେଲେ ନାହିଁ। ସେ ଏକ ନୂଆ ପ୍ରଶ୍ନ ଉଠାଇଲେ ଯେ ଇଣ୍ଡୋନେସିଆ ଦ୍ୱୀପରେ ଡଚ ଓ ଇଣ୍ଡୋନେସିଆ ମିଳିତ ପ୍ରଭୁତ୍ୱ ରହୁ। ଇଣ୍ଡୋନେସିଆ ତାର ବିରୋଧ କଲେ। ଇଣ୍ଡୋନେସିଆ ସ୍ୱାଧୀନଗଣତନ୍ତ୍ରର ଉପପ୍ରଧାନ ମନ୍ତ୍ରୀ ଡା: ହଟ୍ଟା ଘୋଷଣା କଲେ, ସ୍ୱାଧୀନ ଗଣତନ୍ତ୍ର ଡଚ ସରକାରଙ୍କର ପ୍ରାୟ ସବୁ ଦାବି ପୂରଣ କରୁଛନ୍ତି ମାତ୍ର ଯେଉଁଥିରେ ଆମର ରହିବ ସେ ବିଷୟରେ ଶାନ୍ତିପୂର୍ଣ୍ଣ ଆଲୋଚନା କରାଯାଉ। ଏବଂ ଡଚ ଓ ଇଣ୍ଡୋନେସିଆର ଏ.ବି. ଅନ୍ୟ ଦେଶର ନିରପେକ୍ଷ ବ୍ୟକ୍ତିଙ୍କ ଦ୍ୱାରା ନିଷ୍ପତ୍ତି ହେଉ।

ଏହା ସତ୍ତ୍ୱେ ଗତ ମଇ ୨୭ ତାରିଖରେ ଡଚ ସରକାର ପ୍ରସ୍ତାବ ଦେଲେ ଯେ ଲିଙ୍ଗାଜାଟି ସନ୍ଧି ଅନୁସାରେ ଅସନ୍ତା ୧ ଜାନୁଆରୀ ୧୯୪୯ ରେ ଇଣ୍ଡୋନେସିଆ ସଂଯୁକ୍ତରାଷ୍ଟ୍ର (ଯେଉଁଥିରେ ପୂର୍ବ ଇଣ୍ଡୋନେସିଆ ବା ବର୍ଣ୍ଣିଓ ତଥା ଅନ୍ୟାନ୍ୟ ଦ୍ୱୀପ ସମୂହ ମଧ୍ୟ ରହିବ।) ସ୍ଥାପିତ ହେବାର ସୁବିଧା କରିବା ନିମନ୍ତେ ଡଚ ସରକାରଙ୍କ ଅଧୀନରେ ଅନ୍ତର୍ବର୍ତ୍ତୀ କାଳୀନ ସଂଘ ସରକାର ଗଠିତ ହେଉ। କିନ୍ତୁ ଇଣ୍ଡୋନେସିଆ ସ୍ୱାଧୀନ ଗଣତନ୍ତ୍ର ଏହାର ପ୍ରତିବାଦ କଲେ। ଫଳରେ ଡଚ ପ୍ରଧାନ ମନ୍ତ୍ରୀ ଡାକ୍ତର ବିଲ୍ ହଲାଣ୍ଡ ପାର୍ଲାମେଣ୍ଟରେ ଘୋଷଣା କଲେ ଯେ ଡଚ ସରକାର ଇଣ୍ଡୋନେସିଆରେ ଦୃଢ଼ ହସ୍ତରେ କାମ ଚଳାଇବେ ଏବଂ କିଛି ଦିନ ପରେ ଇଣ୍ଡୋନେସିଆର ଗଣତନ୍ତ୍ରର ଡା: ବନମୁକଙ୍କ ଯୋଗାଡ଼ରେ ସେନା ପୁଲିସର ଯନ୍ତ୍ରଗୁଡ଼ିକ ଦଖଲ ହେଲା। ତଦନୁସାରେ ଜନମତ ଗତ ଜୁଲାଇ ୨୦ ତାରିଖରେ ଇଣ୍ଡୋନେସିଆ ସ୍ୱାଧୀନ ସରକାର ଓ ଜନସାଧାରଣଙ୍କ ଉପରେ ଆକ୍ରମଣ ଆରମ୍ଭ କଲେ। ଡାକ୍ତର ନେଡେଷ୍ଟୁମନ ଯୋଗ୍ୟତା ଏବଂ ପ୍ରଜାତନ୍ତ୍ରର ସବୁ ସରକାର ଉପରେ ଅଧିକାର କଲେ। ପୂର୍ବ ଓ ପଶ୍ଚିମ ଜାଭାର ସବୁ ମୁଖ୍ୟ ବେଦ ଉପରେ ବମ୍ ପକାଇଲେ। ସ୍ୱାଧୀନ ରାଷ୍ଟ୍ର ସରକାରଙ୍କର ଆତ୍ମରକ୍ଷା (defence) ଧାଡ଼ି (line) ଉପରେ ଆକ୍ରମଣ କଲେ। ସମସ୍ତ ସରଳ ଯୁଦ୍ଧ ଚଳାଇଲେ। ଏ ସ୍ଥାନେ ସ୍ଥାନେ ଉପଯୁକ୍ତ ମଧ୍ୟ ହେଲା। ସ୍ୱାଧୀନ ସରକାର ତାଙ୍କର ସବୁ କର୍ମଚାରୀଙ୍କୁ ମାସେ ଛୁଟି ଦେଇ ଦେଲେ।

ଜନସାଧାରଣ ସବୁ ଯୁଦ୍ଧ ସ୍ଥିତି ଦେଖିବାକୁ ଇଚ୍ଛୁକ ପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ୪ ତାରିଖ ଅଗଷ୍ଟ ମସିହାଠାରୁ ଅସ୍ଥାୟୀ ଶାନ୍ତି ସ୍ଥାପିତ ହୋଇଛି।

ଗତ ୧୯ ଜୁଲାଇରେ ବର୍ମାରେ ଏକ ଭୀଷଣ ହତ୍ୟାକାଣ୍ଡ ହୋଇଛି। ମନ୍ତ୍ରୀ ମଣ୍ଡଳର ମନ୍ତ୍ରଣା ସଭା ଚାଲିଥିବା ବେଳେ କେତେକ ଆତତାୟୀ ଅନଧିକାର ପ୍ରବେଶ କରି ପ୍ରଧାନ ମନ୍ତ୍ରୀ ଅଙ୍ଗ୍ ସାନ ଓ ତାଙ୍କର ସହମନ୍ତ୍ରୀ ୫ ଜଣଙ୍କୁ ଯନ୍ତ୍ର ବନ୍ଧୁକରେ ହତ୍ୟା କରିଛନ୍ତି। ଏ ଷଡ଼ଯନ୍ତ୍ରରେ ପ୍ରଧାନ ମନ୍ତ୍ରୀ ଉସା ଓ ତାଙ୍କର ସହକର୍ମୀମାନଙ୍କୁ ଗିରଫ କରାଯାଇଛି। ଅନ୍ୟତମ ଭୂତମନ୍ତ୍ରୀ ତାଙ୍କ ମଧ୍ୟ ବନ୍ଦୀ। ମୋକଦ୍ଦମା ବିଚାରାଧୀନ। ବର୍ତ୍ତମାନ ଥାକିନନୁଙ୍କ ନେତୃତ୍ୱରେ ନୂଆ ମନ୍ତ୍ରୀ ମଣ୍ଡଳ ଗଠିତ ହୋଇ ସାରିଲାଣି।

ବର୍ମା ୧୮୮୫ ଠାରୁ ଭାରତର ଏକ ଅଙ୍ଗ ଥିଲା। ୧୯୩୫ ଆଇନରେ ତାକୁ ସ୍ୱତନ୍ତ୍ର କରାଯାଇଥିଲା। ୧୯୩୯ ମହାସମର ପରେ ୧୯୪୧ରେ ବର୍ମା ଜାପାନ ହାତରେ ପଡ଼ିଲା। ବ୍ରିଟିଶ ବର୍ମାକୁ ଅରକ୍ଷିତ କରି ଛାଡ଼ି ଆସିଲେ। ବର୍ମା ଜାପାନ ଅଧିକୃତ ହେଲା। ଜାପାନର ପରାଜୟ ପରେ ପୁଣି ବ୍ରିଟିଶ ଯାଇ ହାଜର ହେଲେ। ଜାପାନରୁ ବର୍ମାକୁ ଉଦ୍ଧାରରେ ଫାସିଷ୍ଟବିରୋଧୀ ଦଳ ଇଂରେଜଙ୍କୁ ସାହାଯ୍ୟ କରିଥିଲେ। ନେହୁତ ଅଙ୍ଗ୍‌ସାନ ସେହି ଦଳର ନେତା। ବ୍ରିଟିଶ ଉପଯୁକ୍ତ ହେଲେ। ଯୁଦ୍ଧପରେ ଲେବରମତ ଆସରେ ସେ ଅଙ୍ଗ୍‌ସାନଙ୍କୁ ଦୁର୍ବଳମନେକରି ସ୍ୱାଧୀନତା ଦେବାକୁ ଅସ୍ୱୀକାର କଲେ। ଅଙ୍ଗ୍‌ସାନ ଅନ୍ତର୍ବର୍ତ୍ତୀକାଳୀନ ସରକାର ଗଢ଼ିଲେ। କିନ୍ତୁ ସ୍ୱରାଜ୍ୟ ସ୍ୱାଧୀନତା ସଂଗ୍ରାମରେ କ୍ୟୁନିଷ୍ଟ ଓ ମୁସଲିମ ଲିଗର ଟିକେ ଅନୁପସ୍ଥିତିରେ ଇଂରେଜ ଭଳିରେ ଭଲରେ ସେଠି ସେଠା କମ୍ୟୁନିଷ୍ଟ ମାନଙ୍କ ନେଇ ଦେଇ ଗୋଳମାଳ ସୃଷ୍ଟି କଲେ। ଜାପାନ ଅଧିକୃତ ବର୍ମାର ଅଧିପ ବାମଙ୍କୁ ମଧ୍ୟ ସେ ହାତକରି ଥିବାର ସନ୍ଦେହ କରାଯାଏ। ଫଳରେ ଅଙ୍ଗ୍‌ସାନ ଶାସନ ଟିକେ ମଜବୁତ ହୋଇ ପାରିଲା ନାହିଁ।

ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ଉସାଙ୍କୁ ବ୍ରିଟିଶ ଯୁଦ୍ଧ ଆରମ୍ଭରୁ ଜାପାନ ସହିତ ସହଯୋଗ ଅଭିଯୋଗରେ ବନ୍ଦୀ କରି ସେ ବନ୍ଦୀରେ ବ୍ରିଟିଶଙ୍କ ଅଧୀନ ଥିବାରୁ, ବର୍ମାର ସ୍ୱାଧୀନତା ଉଦ୍ୟମରେ ଯୋଗ ଦେଇ ପାରିଲେ ନାହିଁ, ତେଣୁ ସେ ଜାପାନ ଦ୍ୱାରା ବନ୍ଦୀ ହେବା ପୂର୍ବରୁ କରିଥିବା ଯୁଦ୍ଧ ଶେଷ ପରେ ସେ ଲୋକଙ୍କ ପାଖେ ଏକ ନୂଆଦଳ ସୃଷ୍ଟି କଲେ। ଉସା ଅଙ୍ଗ୍‌ସାନଙ୍କ ବ୍ରିଟିଶ ପକ୍ଷପାତୀ ନୀତିର ବିରୋଧ କରୁଥିଲେ ଏବଂ ଆଶା କରାଯାଉଥିଲା ଯେ ଉସାଙ୍କ ନେତୃତ୍ୱରେ ନୂଆ ବର୍ମା ନୂଆ ରୂପ ନେବ।

ବ୍ରିଟିଶ ଆସନ୍ତା ପାର୍ଲିଆମେଣ୍ଟରେ ବର୍ମା ସ୍ୱାଧୀନତା ବିଲ ଆଗତ କରିବେ। ଠିକ୍ ଏହିପରି ଅବସ୍ଥାରେ ଅଙ୍ଗ୍‌ସାନଙ୍କ ହତ୍ୟା ଓ ଉସାଙ୍କ ଗିରଫ। ଉସା ଏଥିସହ ସଂପୃକ୍ତ ଥାଆନ୍ତୁ ନା ଥାଆନ୍ତୁ ବର୍ତ୍ତମାନ ସାରା ଲୋକମତ ତାଙ୍କ ବିପକ୍ଷରେ ହୋଇ ଯାଉଛି। ବର୍ମାର ଏହି ଗଣ୍ଡଗୋଳର ବାହାନା ନେଇ ବ୍ରିଟିଶ ସରକାର ସେଠି ଆଉ କିଛି ଦିନ ଗାଦି ମାଡ଼ି ବସି ଯାଇପାରେ।

## ପାଲେଷ୍ଟାଇନ

ଗତ ମହାଯୁଦ୍ଧ ସମୟରୁ ପାଲେଷ୍ଟାଇନର ଆରବମାନଙ୍କ ଭିତରେ ଜାଗରଣ ଆସିଛି। ବ୍ରିଟିଶ କର୍ତ୍ତୃତ୍ୱ ଲୋପ କରିବା, ପାଇଁ ସେମାନେ ଦୃଢ଼ ପରିକର। ତାଙ୍କର ଦାବି ପାଲେଷ୍ଟାଇନରେ ଏକ ସର୍ବମୟ ପ୍ରଜାତନ୍ତ୍ର। କିନ୍ତୁ ଯୁଦ୍ଧ ପରେ ପରେ ଆମେରିକା ଓ ଇଂଲଣ୍ଡ ଇହୁଦୀ ବା ଜୁମାନଙ୍କୁ ଆଣି ପାଲେଷ୍ଟାଇନରେ ବହୁସଂଖ୍ୟାରେ ଭରି ଦେଲେ ଏବଂ ସେମାନେ ବର୍ତ୍ତମାନ ବଡ଼ଶକ୍ତିଶାଳୀ ମଧ୍ୟ। ସେମାନେ ପାଲେଷ୍ଟାଇନର ସର୍ବମୟ ପ୍ରଜାତନ୍ତ୍ର ତଳେ ସଂଖ୍ୟାନ୍ୟୂନ ଜାତି ରହି ପାକିସ୍ଥାନୀ ବୁଦ୍ଧିରେ ଖଣ୍ଡେ ଇହୁଦୀ

Digitized by srujanika@gmail.com

ସ୍ଥାନ ଗ୍ରହଣ କରିଛନ୍ତି । ଫଳରେ ଆରବ ଇହୁଦୀ ସଂଘର୍ଷ ଓ ବ୍ରିଟେନର ଭେଦନୀତିର ଶୀକାର ।

ଶେଷ୍ଟଭୂଗଲାପରେ ଇହୁଦୀ ଅନେକ ତାହାମାନଙ୍କ ଉପରେ ଅତ୍ୟାଚାର କରୁଅଛନ୍ତି । ସେମାନେ ସ୍ଥାନ ଓ ଷ୍ଟେସନ ଆକ୍ରମଣ କରିଛନ୍ତି । ବ୍ରିଟିଶ ସେନା ସେମାନଙ୍କୁ ଦବାଉଛନ୍ତି । ବିଦ୍ରୋହୀ ଇହୁଦୀମାନଙ୍କର ବହୁତ ଲୋକ ଧରା ପଡ଼ିଅଛନ୍ତି । ଇହୁଦୀମାନେ ପାଳିବାର ପ୍ରତିଶୋଧ ନେବାପାଇଁ ବ୍ରିଟିଶ ବନ୍ଦୀ ସେନାନାୟକଙ୍କୁ ହତ୍ୟା କରିବାକୁ ଧମକ ଦେଉଛନ୍ତି ।

ପାଲସ୍ତିନ ପ୍ରସଙ୍ଗ ରାଷ୍ଟ୍ର ସଂଘରେ ଉପସ୍ଥାପିତ ହୋଇଛି । ତାହାର ବିଚାର ପାଇଁ ରାଷ୍ଟ୍ରସଂଘ ଏକ କମିଟି ଗଠନ କରିଛନ୍ତି । ତାର ପ୍ରଥମ ଅଧିବେଶନ ଗତ ୨୨ ତାରିଖରେ ଲେକସକସରେ ହୋଇ ଯାଇଛି । କମିଟି ଅନେକ ନେତାଙ୍କ ପରାମର୍ଶ, ମନ୍ତ୍ରୀ ମିଷ୍ଟର ବେଭିନ୍ ଟେଲିଗ୍ରାଫ ଅଫିସମାନଙ୍କର ସ୍ୱାର୍ଥ ମଧ୍ୟ ଦାଖଲ କରି କହିଛନ୍ତି ଯେ ପାଲସ୍ତିନର ଅଖଣ୍ଡତା ରକ୍ଷା କରାଯିବା ଉଚିତ । ପାଲସ୍ତିନ ଦ୍ୱିଖଣ୍ଡିତ ନହେଉ । ଇହୁଦୀମାନେ ଏହାକୁ ଭାଗ କାର୍ଯ୍ୟ କରିବାରୁ ଆରବମାନେ ତାହାର ସମ୍ମତି ନ ଦେବା ପାଇଁ ସମସ୍ତ ଚେଷ୍ଟା କରିବାକୁ ବାଧ୍ୟ ହେବେ ଉଦ୍ୟୋଗ—

ଭିଏତନାମ

ବୋଷଣେ ମିଶନ ଯୋଜନାରେ ଏକ ଦେଶ ଯୁକ୍ତ ସଂଯୁକ୍ତ ଭାରତର କଳ୍ପନା କରି ସେହି ଅନୁସାରେ କାର୍ଯ୍ୟ କରିବାକୁ ଯେଉଁ ପରିକଳ୍ପନା ଉପସ୍ଥାପିତ— ତାକୁ ପୁଣି ରାଜନୈତିକ ଦୃଷ୍ଟିରୁ ପରବର୍ତ୍ତୀ କରିବାର ଯାଇ ଦଳୀୟ ତାହା ଉପରେ ମୁସ୍‌ଲିମ ଲିଗ୍ ପ୍ରଥମେ ତାହା ଗ୍ରହଣ କରିଥିଲେ । ପରେ ତାହା ପ୍ରତ୍ୟାହାର କରି ଏବଂ ସେ ଯେ ଯୋଜନାର ଏକ ଅଂଶ ନୀତି ରୂପେ ଗ୍ରହଣ କରିଲେ । ଦଳ ପରେ କରିବାରୁ ନୀତିକୁ ଦାବି ନୀତି ଅସ୍ୱୀକାର କଲେ । ଭାରତ ଯୋଗ ଦେଇନଥିଲେ । ତଦନୁସାରେ ଭାରତ ଓ ପାକିସ୍ତାନ ଦୁଇଟି ଆଇନ ପରିଷଦ ଗଠିତ ହେଲା । ଏ ସମ୍ବନ୍ଧରେ ଅନେକ ଆଲୋଚନା ଚାଲିଥିଲା ଭାରତର ଓ ପାକିସ୍ତାନର ଉଭୟର ସ୍ୱାଧୀନତା ଘୋଷିତ ହୋଇଥିଲା । ଭାରତର ଓ ପାକିସ୍ତାନର ପ୍ରଧାନ ଧର୍ମନିରପେକ୍ଷ ରାଷ୍ଟ୍ର ହେବା ସ୍ଥିର ହେଲା । ଅବଶ୍ୟ ସ୍ୱାଧୀନ ଭାରତର ଶାସନ ପରିଷଦରେ ସେହି ସମୟରେ ଯଥାକ୍ରମେ ବର୍ତ୍ତମାନ ପଣ୍ଡିତ ନେହେରୁ ଓ ମିଷ୍ଟର ଜିନ୍ନା ମୁଖ୍ୟମନ୍ତ୍ରୀ ହେଲେ ।

ଭାରତର ଅନେକ ପ୍ରଦେଶରେ ଶାସନ ପରିଷଦର ମଧ୍ୟ ନିଯୁକ୍ତି ହୋଇଛନ୍ତି—ପଶ୍ଚିମ ବଙ୍ଗଳାରେ ଡକ୍ଟର ପ୍ରଫୁଲ୍ଲ ଘୋଷ— ପୂର୍ବ ବଙ୍ଗଳା ପାଇଁ ଖ୍ୱାଜା ନାଜିମୁଦ୍ଦିନ, ମଧ୍ୟ ପ୍ରଦେଶ ପାଇଁ ପଣ୍ଡିତ ରବିଶଙ୍କର ଶୁକ୍ଳ, ଆସାମ ପାଇଁ ଗୋପୀନାଥ ବରଦୋଲଇ, ଯୁକ୍ତପ୍ରଦେଶ ପାଇଁ ଡା: ଗୋବିନ୍ଦ ବଲ୍ଲଭ ପନ୍ତ, ମଧ୍ୟ ପ୍ରଦେଶ ପାଇଁ ଖାନ ଡା, ଶାହ (ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ) ଏବଂ ମାଦ୍ରାଜ ଓ ବମ୍ବେର ଆଧୁନିକ ସରକାରର ସାଙ୍ଗ ଏକ୍ୟ ସ୍ୱାଧୀନ ପ୍ରଦେଶରେ ଶାସନ ଚାଲିଛି ।

ଅବଶ୍ୟ ଏବର ଠାରୁ ଭାରତର ରାଷ୍ଟ୍ରପତି ସ୍ୱରାଜ୍ୟ ପଦବୀ ଉତ୍ସବ ପରେ ଲଭିବ । ମୁସଲିମ ଲିଗ ଓ କଂଗ୍ରେସ ନେତାମାନେ ଏକ ମତରେ ଏ ପ୍ରସ୍ତାବ ଗ୍ରହଣ କରିଛନ୍ତି । ପ୍ରଦେଶମାନଙ୍କ ମଧ୍ୟରୁ ବହୁ ପ୍ରଦେଶ ଏହା ଅନୁସାରେ ଶାସନ କରି ଆସୁଅଛନ୍ତି ।

ସେହିପରି ସାମ୍ପ୍ରତିକ ଘଟଣାରେ ପ୍ରେରିତ ମହାତ୍ମା ଗାନ୍ଧିଙ୍କ ମନ୍ତ୍ରୀପରିଷଦ ଗଠିତ ହେଲା ।

୧ । ପଣ୍ଡିତ ଜବାହରଲାଲ ନେହେରୁ—ପ୍ରଧାନମନ୍ତ୍ରୀ ଓ ପରରାଷ୍ଟ୍ର ସଚିବ ।
୨ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ—ସ୍ୱରାଷ୍ଟ୍ର ଓ ସୂଚନା ବିଭାଗ ।
୩ । ଡକ୍ଟର ରାଜେନ୍ଦ୍ର ପ୍ରସାଦ—କୃଷି ଓ ଖାଦ୍ୟ ବିଭାଗ ।
୪ । ସର୍ଦ୍ଦାର ବଳଦେବ ସିଂ—ପ୍ରତିରକ୍ଷା ବିଭାଗ ।
୫ । ସାର ଷଣ୍ମୁଖମ୍ ଚେଟି—ଅର୍ଥ ବିଭାଗ ।
୬ । ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ—ଶିଳ୍ପ ଓ ଯୋଗାଣ ବିଭାଗ ।
୭ । ଡକ୍ଟର ଜନ ମାଥାଇ—ଯାତାୟାତ ଓ ରେଲ ବିଭାଗ ।
୮ । ଡକ୍ଟର ଅମ୍ବେଦକର—ଆଇନ ବିଭାଗ ।
୯ । ମି ଏଚ ଭାବା—ବାଣିଜ୍ୟ ବିଭାଗ ।
୧୦ । ରଫି ଅହମ୍ମଦ କିଦୱାଇ—ଡାକ ବିଭାଗ ।
୧୧ । ଜଗଜୀବନ ରାମ—ଶ୍ରମିକ ବିଭାଗ ।
୧୨ । ମଉଲାନା ଅବୁଲ କଲାମ ଆଜାଦ—ଶିକ୍ଷା ବିଭାଗ ।
୧୩ । ରାଜକୁମାରୀ ଅମୃତ କଉର—ସ୍ୱାସ୍ଥ୍ୟ ବିଭାଗ ।
୧୪ । ଏନ୍ ଭି ଗାଡ଼ଗିଲ— କଳକାରଖାନା, ଖଣିଜ ଓ ବିଦ୍ୟୁତ୍ ।

ପାକିସ୍ତାନ ମନ୍ତ୍ରୀମଣ୍ଡଳରେ ରହିଲେ—ଲିଆକତ ଅଲ୍ଲୀ, ଚୁନ୍ଦ୍ରିଗଡ଼, ସର୍ଦ୍ଦାର ନିସ୍ତାର, ଗଜନଫର ଅଲ୍ଲୀ ଯୋଗେନ, ମଣ୍ଡଳ

—୦—

# ଅଗ୍ନ୍ୟୁତ୍ସବ

—ଶ୍ରୀ ବିକ୍ରମ ଦେବ ବର୍ମା ।

ସମ୍ପାଦକ ମହାଶୟେଷୁ,

ଫାଲ୍ଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଏବଂ ପୂର୍ଣ୍ଣିମାରେ ଅସ୍ମ ଦେଶେ ଯେଉଁ ବିଧାନମାନ ଅନୁଷ୍ଠିତ, ତଦ୍ୱିଷୟ "ଉତ୍କଳ" ୧୦ମ ବର୍ଷ ୨୧ ସଙ୍ଖ୍ୟାରେ ପ୍ରକାଶିତ । ଅସ୍ମ ଦେଶୀୟ ପଞ୍ଜିକା ମାନଙ୍କରେ ମାଘ ପୂର୍ଣ୍ଣିମା ଦିନ ମାତ୍ର "ଅଗ୍ନ୍ୟୁତ୍ସବ" ବୋଲି ଲିଖିତ । କିନ୍ତୁ ଫାଲ୍ଗୁନ ପୂର୍ଣ୍ଣିମାରେ "ଅଗ୍ନ୍ୟୁତ୍ସବ" ବୋଲି ଲିଖିତ ହୁଏ ନାହିଁ । "ମେଣ୍ଢାଘର ପୋଡ଼ା" ବୋଲି କହି ଫାଲ୍ଗୁନ ପୂର୍ଣ୍ଣିମାରେ କିଛି କାର୍ଯ୍ୟ କରାଯାଏ ତାହା ଶ୍ରୀକୃଷ୍ଣ ମେଣ୍ଢାସୁରକୁ ବଧ୍ୟଲ ସୂଚନା ବୋଲି ଶୁଣିବା ନିତାନ୍ତ ବିଧେୟ । ମେଣ୍ଢା ଶବ୍ଦ ଓଡ଼ିଆ; ଅସୁର ଶବ୍ଦ ସଂସ୍କୃତ । ଅତଏବ ସେ ଦୁଇ ଶବ୍ଦ ସମ୍ମେଳିତ ହେବା ଅନୁଚିତ । ମେଣ୍ଢାକୁ ସଂସ୍କୃତରେ ମେଷ ବୋଲନ୍ତି । କହିବାକୁ ହେଲେ "ମେଷାସୁର" ବୋଲିବା ସମୁଚିତ । ମେଷାସୁରର ଅସ୍ତିତ୍ୱ ମୃଗ୍ୟ । ତାକୁ ଶ୍ରୀକୃଷ୍ଣ ବଧିଥିଲେ ବୋଲିବା ମଧ୍ୟ ଉଚିତ ନୁହେଁ । "ମେଣ୍ଢାଘର ପୋଡ଼ିବା" କୌଣସି ପ୍ରାଚୀନ ଅନୁଷ୍ଠାନ ଭଳି ମନେ ହୁଏ ।

"ଅ କା ମା ବୈ ସ୍ନାତଃ" ବୋଲି ଥିବାରୁ ଆଷାଢ଼, କାର୍ତ୍ତିକ, ମାଘ ଏବଂ ବୈଶାଖ ପୂର୍ଣ୍ଣିମା ମାନଙ୍କରେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା ବିଧେୟ । ମାଘମାସ ଅଧିକ ଶୀତ ହୋଇ ଥିବାରୁ ପ୍ରତ୍ୟେକ ଦରିଦ୍ର ବ୍ୟକ୍ତିକ ସୁଖୀ କରିବା ପାଇଁ ପ୍ରତ୍ୟେକ ଗ୍ରାମରେ ଅଗ୍ନ୍ୟୁତ୍ସବକରଣ ପ୍ରଥା ଚଳିଲା ବୋଲି ମଦାଶୟେଷୁ । ଇତ

Digitized by srujanika@gmail.com

ସ୍ୱାଧୀନ ଭାରତକୀ ଜୟ



ବିଧାୟକ ସଭାର
ସଭାପତି
ଡ: ରାଜେନ୍ଦ୍ର ପ୍ରସାଦ



ରାଷ୍ଟ୍ରପତି ଆଚାର୍ଯ୍ୟ କୃପାଲାନି

## କାହିଁ ସ୍ୱାଧୀନତା ?

ମୁକତ କହନ୍ତୁ ସ୍ୱା'ନ୍ତୁ ! ବନ୍ଧନର ନାମାନ୍ତର ଯାହା !
ବୈଫଲ୍ୟର ଘନାନ୍ଧାରେ ଲୁପ୍ତ ଯହିଁ ବଳଯୁକ୍ତ ଶ୍ରଦ୍ଧା !

ଗର୍ଭିଣୀ ଉଦର ଚିରି ଯେ ଦେଶର ଧର୍ମାନ୍ଧ ଯବନ,
ଦବିଷାର ଶିଶୁରକ୍ତେ ରଞ୍ଜେ ତା'ର ହସ୍ତ ବଳୀୟାନ ।

ଯେଦେଶେ ସ୍ୱାମୀର ରକ୍ତେ ପାଟଳିତ ହୁଏ ବସୁନ୍ଧରା
କନ୍ୟାରତ୍ନ ନେଇ ଯହିଁ ଘନ ଘନ ବହେ ଅଶ୍ରୁଧାରା ।

ଯନ୍ତ୍ରଣାତଙ୍କ ହାହାକାରେ ଗଗନର ବକ୍ଷ ପଡ଼େ ଫାଟି,
କାର୍ଯ୍ୟଦେ ବଳାତ୍କ ଯହିଁ ନିର୍ଦ୍ଦୋଷର ଗଳା ଦିଏ କାଟି ।

ସଂଭ୍ରମ ଅବଳାର ଲଭିବାକୁ ରକ୍ଷା ଯହିଁ ନାହିଁ
ଦୁଗ୍ଧପୋଷ୍ୟ ଶିଶୁ ଛାଡ଼ି ସ୍ୱହସ୍ତରେ ରଚେ ଅଗ୍ନିବଳ ।

ଯେ ଦେଶରେ ଅପେକ୍ଷିତା ଅର୍ଦ୍ଧାଙ୍ଗିନୀ ମାଗିଲେ ଶରଣ
ପ୍ରତ୍ୟୁତ୍ତର ଦିଏ ତାକୁ ଘାତକର ଗର୍ବିତ କୃପାଣ ।

ଧର୍ମାନ୍ଧ-ସଂସ୍କାର ଯହିଁ 'ଉତ୍ସବ'ର ହୁଏ ଅଗ୍ରଦୂତ
ଧର୍ମତାର ଘୃଣ୍ୟ ମୋହେ ମାନବତ୍ୱ ଲଭେ ପରାଭୂତ ।

'ବନ୍ଦନା'ର ବ୍ୟବଚ୍ଛେଦ ଅଟେ ଯହିଁ ସ୍ୱାଧୀନତା ଭ୍ରାନ୍ତ
ମୁକ୍ତର ଉଦୟ ଦ୍ୱାରେ କଳଙ୍କରେ ଯହିଁ ଭ୍ରାତୃବାନ୍ତ ।

ସେଦେଶର ମୁକ୍ତି କାହିଁ? କାହିଁ ଶାନ୍ତି କାହିଁ ସ୍ୱାଧୀନତା?
ବନସ୍ପୃର ଅସ୍ଥାଲନ ସେଦେଶର ବନ୍ଧ ବାତୁଳତା ।

ଗୌରଚନ୍ଦ୍ର—



ସ୍ୱାଧୀନ ଭାରତକୀ ଜୟ



ସଂଯୁକ୍ତ ଭାରତର
ପ୍ରଧାନ ସଚିବ
ପଣ୍ଡିତ ଜବାହର ଲାଲ

Digitized by srujanika@gmail.com

# ନଗରର ବିଚାର ଧାରା

—ସନ୍ଧାନୀ

## ସାପ୍ତାହିକ ନଗର

ନଗର ହାସ୍ୟ ରସ ପ୍ରଧାନ ପତ୍ର । ପ୍ରଥମେ ମାସିକ ହୋଇ ବାହାରୁଥିଲା । ସେ ଦଶ ବର୍ଷ ତଳର କଥା । ସେତେବେଳେ ନଗରର ମୂଳଧନ ୪୦ ଟଙ୍କା । ନଗର ଠିଆ ହେଲା ତ ହାସ୍ୟ କର୍କଶ ନରମ ଗରମ ମତବାଦ ଉପରେ । ବିଦେଶୀ ସରକାରର ଅତ୍ୟାଚାରକୁ ସେ ସହି ନାହିଁ—ଲୋକପ୍ରିୟ କଂଗ୍ରେସ ସରକାରଙ୍କ ଭୁଲ ବିଶେଷର ଅନ୍ୟାୟକୁ ସେ ସମର୍ଥନ କରିନାହିଁ—କୌଣସି ପୁଞ୍ଜିପତିର ସାହାଯ୍ୟ ସେ ଆଶା କରିନାହିଁ—କୌଣସି ଦଳ ବିଶେଷ ସମର୍ଥନକୁ ସେ ଅପେକ୍ଷା କରିନାହିଁ; ସେ ଯେଉଁ ଲୋକଙ୍କର ସେବା କରୁଛି ତାଙ୍କର ସହାନୁଭୂତି ଧରି ଆଜି ସାପ୍ତାହିକ ରୂପ ନେଲା । ଆଜି ତାର ମୂଳଧନ ପାଠକଙ୍କ ଶୁଭ ଇଚ୍ଛା ହେଉଛି । ମନ ମୁତାବକେ ତାର କଳେବରକୁ ବୃଦ୍ଧି ସମ୍ଭବ କରି ହେଉ ନାହିଁ । ନୂତନ ନୂତନ ଛନ୍ଦରେ ଆକର୍ଷଣୀୟ କରି ହେଉ ନାହିଁ । ତଥାପି ଅତି ଉଚ୍ଚ ଆଶା ଓ ଅଭିଳାଷ ନେଇ ବାହାରିଛି । ଜନ ସାଧାରଣ ତାର ନିରପେକ୍ଷତା ଓ ନିର୍ଭୀକତାକୁ ବଜାୟ ରଖନ୍ତୁ—ସତ୍ୟ ଏବଂ ଧର୍ମ ତାର ସହାୟକ ହେଉ । ଅସମର୍ଥ ହେଲେ ବୁଝିବାକୁ ହେବ ଯେ ସେ ପଥଭ୍ରଷ୍ଟ ହୋଇ ଯାଇଛି । ଦୋଷ ତାର ପରିଚାଳନାର—ଲୋକଙ୍କର ନୁହେଁ । ନଗରକୁ ଆଦର କରିବାର ଅଧିକାର ଲୋକଙ୍କର ଯେପରି ଅଛି, ଫିଙ୍ଗିଦେବାର ଅଧିକାର ମଧ୍ୟ ସେପରି । ନଗର କବର ଦଣ୍ଡିଲଭ ହେବାକୁ ଚାହେଁ ନା ।

## ଅଗଷ୍ଟ ପନ୍ଦର

ବ୍ରିଟିଶ ହାତରୁ କ୍ଷମତା ହସ୍ତାନ୍ତରିତ ହେବ ଏଥର—ଭାରତୀୟ ହାତକୁ । ସେଥି ପାଇଁ ଏ ଦିନରେ ଜାତୀୟ ଉତ୍ସବ ହେବାର ଆୟୋଜନ ସବୁଠାରେ ମହଲର ସୁବ୍ୟବସ୍ଥାରେ ଚାଲିଛି । କଂଗ୍ରେସ ମଧ୍ୟ ନିର୍ଦ୍ଦେଶ ଦେଇଛି ପାଳନ କରିବାକୁ । ପ୍ରାୟ ସବୁ ଦଳ ସେହି ମତ ନିର୍ଦ୍ଦେଶ ଦେଇଛନ୍ତି—ହିନ୍ଦୁ ମହାସଭା ଛଡ଼ା । କିନ୍ତୁ ହିନ୍ଦୁ ମହାସଭା ମତର କିଛି ମୂଲ୍ୟ ନାହିଁ । କଂଗ୍ରେସ ଏକ ଜାତୀୟ ଅନୁଷ୍ଠାନ ହେଲେ ମଧ୍ୟ ଏବଂ ଜାତୀୟତା ପାଇଁ ଯୁଦ୍ଧ କରୁଥିଲେ ମଧ୍ୟ ମୁସଲିମ୍ ଲୀଗକୁ ତାର ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳ ବୋଲି ମାନିନେଇ ଏବଂ ଭାରତକୁ ସମ୍ପ୍ରଦାୟ ଭିତ୍ତିରେ ବିଭକ୍ତ କରିବା ପ୍ରସ୍ତାବରେ ଅଗତ୍ୟା ରାଜି ହୋଇ ସେ ବାହ୍ୟତଃ ଏବଂ ସ୍ପଷ୍ଟରୂପେ ହିନ୍ଦୁ ସମ୍ପ୍ରଦାୟର ମୁଖପାତ୍ର ଦଳରୂପେ ଠିଆ ହୋଇ ଗଲାଣି ବୋଲି ଆଶଙ୍କା ହେଉଛି । ତେଣୁ ଧରିବାକୁ ହେବ ପ୍ରାୟ ସବୁ ଲୋକପ୍ରତିନିଧି ଅନୁଷ୍ଠାନ ଏହି ଉତ୍ସବ ପାଳନ କରିବା ପକ୍ଷରେ ।

## କିଏ ପାଳନ କରିବ ?

ଅଗଷ୍ଟ ପନ୍ଦର ତାରିଖ ଉତ୍ସବ ପାଳନ କରିବ କିଏ ? ଦେଶବାସୀ—ଯିଏ ବ୍ରିଟିଶ ହାତରୁ କ୍ଷମତା ହସ୍ତାନ୍ତରିତ ହୋଇଛି ବୋଲି ଅନୁଭବ କରୁଛନ୍ତି ସେମାନେ । ସେଥିପାଇଁ ଉତ୍ସବ ପାଳନର ନିର୍ଦ୍ଦେଶ ଆଜି ଚତୁର୍ଗାଁ ଗହଳିରୁ ନ ଆସି ଉପରୁ ସେକ୍ରେଟେରିଏଟରୁ ଆସୁଛି । ଏହା ହିଁ ବିଡ଼ମ୍ବନା । ଯାହା ଏ ଦିନ ଆପେ ଆପେ ଲୋକ ସାଧାରଣ ସ୍ୱାଧୀନ ବୋଲି ଅନୁଭବ କରି ନାଚି ଉଠିଥାନ୍ତେ ଏବଂ ସେ ଉନ୍ମତ୍ତତାର ଉଚ୍ଛୃଙ୍ଖଳତାକୁ ଲୋକପ୍ରିୟ ସରକାର ଜାତିର ଏକ ଶୁଭ ଲକ୍ଷଣ ବୋଲି କ୍ଷମା କରନ୍ତେ—ଏବଂ ଏକ ଜାଗ୍ରତ ଜନଶକ୍ତିର ହୃଦସ୍ପନ୍ଦନ ବୋଲି ଉତ୍ସାହ ଦେଉଥାନ୍ତେ—ଯାହା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥାନ୍ତା—ସରକାର ଲୋକଙ୍କୁ ଆହ୍ୱାନ କରିବାର ହସ୍ତକ୍ଷେପ ଗ୍ରହଣ କରି ନଥାନ୍ତେ—ତେବେ ତାହା କେତେ ଗୌରବର କଥା ହୋଇ ନଥାନ୍ତା ସତେ ?

## ଦେଶ ସେବକର କର୍ତ୍ତବ୍ୟ

ଆମ ମତରେ କୌଣସି ଦେଶ ସେବକ ମନରେ ଏ ଦିନ ଉତ୍ସବର ଦିନ ନୁହେଁ । କଂଗ୍ରେସ କେବଳ ସାଧାରଣଙ୍କୁ ଉତ୍ସବ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇପାରେ କିନ୍ତୁ ଦେଶ ସେବକ କଂଗ୍ରେସ କର୍ମୀ ଏ ଦିନରେ ଆନନ୍ଦ ଉଲ୍ଲସିତ ହେବାର କିଛି ନାହିଁ । କାରଣ କଂଗ୍ରେସ କର୍ମୀ—ସ୍ୱାଧୀନତା ସଂଗ୍ରାମର ସୈନିକ—ଭାରତ ଛାଡ଼ ପ୍ରସ୍ତାବର ସମର୍ଥକ—ଆଜି ଅଗଷ୍ଟ ପନ୍ଦର ତାରିଖରେ ସେ ବ୍ରିଟିଶ ଶୃଙ୍ଖଳରୁ ମୁକ୍ତ ହେବାକୁ ଯାଉ ନାହିଁ । ସେ ମୁକ୍ତ ହୋଇଛି ବହୁ ପୂର୍ବରୁ ଅଗଷ୍ଟ ୯ ତାରିଖ ୧୯୪୨ ଠାରୁ—ଯେଉଁ ଦିନ ତାର ସ୍ୱାଧୀନତା ସଂଗ୍ରାମର ପୁରୋଧା ମହାତ୍ମା ଗାନ୍ଧୀ ନିର୍ଦ୍ଦେଶ ଦେଇଥିଲେ—ଆଜିଠାରୁ ପ୍ରତ୍ୟେକ ଭାରତବାସୀ ନିଜକୁ ସ୍ୱାଧୀନ ବୋଲି ବିଚାରିବା ଉଚିତ । ତାହାରି ଉପରେ ଠିଆ ହେଲା ଅଗଷ୍ଟ ଆନ୍ଦୋଳନ । କଂଗ୍ରେସ କର୍ମୀମାନେ ବ୍ରିଟିଶ ସରକାରଙ୍କୁ ଅସ୍ୱୀକାର କରି ନାନାଦି ନିର୍ଯାତନା ଭୋଗ କରିଛନ୍ତି ଏବଂ ଅତି ହୃଦୟର ରକ୍ତଧାରା ଦେଇ ଦେଶରେ ପହଞ୍ଚାଇ ଦେଇଛନ୍ତି । ତାଙ୍କର ପ୍ରକୃତ ଉତ୍ସବ ସେହି ଅଗଷ୍ଟ ୯ ତାରିଖ । ସୈନିକର—ବୀରର ପ୍ରକୃତ ଉତ୍ସବ ରଣ ପ୍ରାଙ୍ଗଣରେ, ଭୋଗ ଏବଂ ବିଳାସ ମଧ୍ୟରେ ନୁହେଁ । ଅଗଷ୍ଟ ୯ ତାରିଖ ଦିବସ ପାଳନ ହିଁ ତା ପକ୍ଷରେ ସ୍ୱାଧୀନତା ପାଳନ; କାରଣ ସେହି ଦିନଠାରୁ ସେ ସ୍ୱାଧୀନ ହୋଇ ଯାଇଛି ।

ତା ଛଡ଼ା ଆମ୍ଭମାନେ ଭାରତବର୍ଷରେ ଆଜି ନାଚଉଠିବା ସମୟ ନୁହେଁ, ସୌଜନ୍ୟ ନୁହେଁ । ଦେଶବାସୀଙ୍କର ଆନନ୍ଦରେ କଂଗ୍ରେସ ଆନନ୍ଦିତ ହୋଇପାରେ କିନ୍ତୁ ନିଜେ ଉତ୍ସବ ଆମୋଦରେ ଅଂଶଗ୍ରହଣ ହେବା ଗୋଚମନର ପରିଚାୟକ ।

## ଭାବିବାର ଦିନ

ଆଜି ଭାବିବାର କଥା । ଏଭଳି ଏକ ଅଭିଶାପର ଦିନରେ ଭାରତରେ ଉତ୍ସାହ ବା ଆନନ୍ଦ ଉଦ୍ଗମ ନାହିଁ କାହିଁକି ? ତେବେ କଣ ଏ ସ୍ୱାଧୀନତା ନୁହେଁ—ସ୍ୱାଧୀନତାର ଛଦ୍ମନାମ—ମରୀଚିକା ? ସତ୍ୟର ଉପାସକ ସତ୍ୟାଗ୍ରହୀ ତାର ହୃଦୟର ଭାବକୁ ଲୁଚାଇ ପାରେନା । ଏ ଗାନ୍ଧିଜୀଙ୍କ କଥା । ପ୍ରତ୍ୟେକ ସତ୍ୟାଗ୍ରହୀ ଆଜି ଆପଣକୁ ପଚାରୁ—ତାର କଳ୍ପିତ ସ୍ୱପ୍ନ କେତେ ଦୂରରେ । ଭାରତ ଆଜି ଖଣ୍ଡିତ । ଭାରତର ଏକ ଅଂଶରେ କୌଣସି ଗୋଟିଏ ଧର୍ମରେ ବଞ୍ଚିବା ଲୋକଙ୍କ ଅପରାଧରେ କେତେ ନରନାରୀ ଉତ୍ପୀଡ଼ିତ ଧର୍ଷିତ ଅତ୍ୟାଚାରିତ । ଆମେ କଣ ତାଙ୍କର ଅଶ୍ରୁ ଉପରେ ପୁଷ୍ପ ବର୍ଷଣ କରିପାରିବା ? ତାଙ୍କର ରକ୍ତରେ ଉତ୍ସବର ପ୍ରଦୀପ ଜଳି ପାରିବ ? ଆଜି ମଧ୍ୟ ଜାତି ଉପରେ ଏକ ଅନଳ କନ୍ଦର ଭୀଷଣ ରୂପ—ଆଜି ମଧ୍ୟ ଅସଙ୍ଗତିର ପୂଜାର ନିର୍ମମ ନିର୍ବୋଧ ଶାସନ—ଲୋକ ପ୍ରିୟ ମନ୍ତ୍ରୀ

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଶ୍ରେଣୀୟ ଉପନ୍ୟାସ

( ସଂଗ୍ରହ )

ଉପନ୍ୟାସ ରଚନାରେ ଅନେକ ଯେଉଁ ବାଟେଇଲେ ଫଳତ, ତାଙ୍କ ସଙ୍ଗରେ ତେବେ ଉପାୟ କହିବ ନାହିଁ ଯେ ଅନ୍ତ ଚମ୍ପୂକ ଓ'ରୁଚ ଗଳ୍ପ ସାହିତ୍ୟ ପାଇଁ ମଧ୍ୟ ବେଳେ ଇଂରାଜୀ ଭାଷାରେ ରଚନା କରିବାକୁ ପଡ଼ୁଛି । ହେଲେ ବଡ଼ ବଡ଼ ଲେଖକ ସାହିତ୍ୟରେ ଯେଉଁ ଅସ୍ତିତ୍ୱ, ଏବେ ମାନସ, ଅର୍ଥାତ୍ ମନେ ହେଉଛି ତା ର ଗ୍ରାମ୍ୟ ପାଠକର ଅବ ଉପନ୍ୟାସର ପରିଚୟ ଦେଇଥାଏ—"ପ୍ରତିଭ ମନମାନଙ୍କ ଦ୍ୱାରା ଲିଖିତ ଓ ମୂର୍ଖମାନଙ୍କ ଦ୍ୱାରା ଅନୁଦିତ ।"

ସେ ଉପନ୍ୟାସ ସୃଷ୍ଟିର ଭାଷାଗତ ଏବଂ ସାଜି ତା ସୁଖ ପାଠ୍ୟ କହ ଯାହା ହେଲେ କଥା ସେ ଦୃଷ୍ଟିରୁ ନିତାନ୍ତ ଦେଖାଯାଇନ । ତଥାପି ତାହା ଇଂରେଜ ପାଠକମାନଙ୍କର ମନ ଭରେଇ ପାରିଥିଲା । କେବଳ ସୁନ୍ଦର ଭାଷାପୂର୍ଣ୍ଣ ରୋମାଞ୍ଚକର କଥା ଏବଂ ଅବସାଦ ବା ଶୋକ ଗାଥା ଛଡ଼ା ଅନ୍ୟ କୌଣସି ଏହା ଅନ୍ୟ କଣ ନୁହେଁ । ଏହାରି ଅନୁସରଣ କରି ଅନେକ ଗଳ୍ପ କଥାନକର ଏକ ନକଲ ରୂପ । ଏ କଥାନକର ଦୃଶ୍ୟପଟ କେବଳ ଅସମ୍ଭବ ଯୋଦ୍ଧା ଓ ପଣ୍ଡୁଆଳ ସଂକୁଳ ସ୍ଥାନମାନଙ୍କ ଦ୍ୱାରା ଭରପୁର ନ ହୋଇ ବୈଜ୍ଞାନିକ ଭବନର ଚମତ୍କାର ସାଜସଜ୍ଜାରେ ବିଭୂଷିତ ହୋଇଥିଲା । ରକ୍ତ ମାଂସର ବର୍ଣ୍ଣ ବିନୋଦ ଓ ଦୁର୍ବଳତାରୁ ଯେଣୁ ସେ ତାର ପସରା ବାଢ଼ିଲା ।

ଏହାପରେ ଅନେକ ବୈଦେଶିକ ଅନୁପମଗ୍ରନ୍ଥ (masterpieces)ର ଇଂରାଜୀ ଭାଷାରେ ଚମତ୍କାର ଅନୁବାଦମାନ ଦେଖିବାକୁ ମିଳିଲା । ଏଥିମଧ୍ୟରୁ ସର୍ବାଧିକ ପରିଚିତ ଗ୍ରନ୍ଥ ଡେଲ୍‌ଟନଙ୍କର ଅନୁବାଦ 'ଡନ୍ କୁଇକ୍‌ଜୋଟ୍'। ଏଥିରେ ସଂସାର ଦେଖି ଧ୍ୱନି-ଦୃଷ୍ଟି ସମ୍ମୁଖରେ ମଧ୍ୟ ପଞ୍ଚ ସ୍ୱର୍ଗ ଦେଇ ଯେ ସବ କରିବ ମନୁଷ୍ୟ, ତା'ର ଗଳ୍ପ କଏ ସେ ଭୁଲିପାରିବ ? ତା ପରେ ସର୍‌ଭେଣ୍ଟିସ୍ ବେଶିରେ ଦୁଇଟି ନବଶ୍ରେଣୀଙ୍କର ଦୁଃସାହସିକତା—'ରବିନ୍‌ସନ କ୍ରୁଶୋ' । କିନ୍ତୁ ତାହା ଖୁବ ବେଶୀ ପ୍ରତିଷ୍ଠା ଲାଭ କରି ନାହିଁ ।

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଶ୍ରେଣୀୟ ଉପନ୍ୟାସରେ ମଧ୍ୟ ଉତ୍ତମ ଶଦନ ଓ ବର୍ଣ୍ଣ ପଲ୍ଲବିତ ହୁଏ କିନ୍ତୁ ତାର ରସ ଅନୁଭବ ସମସ୍ତ ସମୟରେ ଦୁଃସାଧ୍ୟ ହୋଇଥାଏ । ସେ ସମୟ ଦୃଷ୍ଟିରୁ ଯେତେବେଳେ ଅନେକ ବାସ୍ତବ ପୁସ୍ତକର ଏକାନ୍ତ ଅଭାବ ଥିଲା, ଏ ପୁସ୍ତକ ସୃଷ୍ଟିକ ଜନ ସାଧାରଣଙ୍କର ଆଦରଣୀୟ ହୋଇ ପାରିଥିଲା । 'ଡନ କୁଇକ୍‌ଜୋଟ'ର ପ୍ରଥମ ଭାଗ ୧୬୦୫ ରେ ପ୍ରକାଶ ପାଇଲା । ତାର ଅଠ ବର୍ଷ ଯାଏ ଦ୍ୱିତୀୟ ଭାଗ ପ୍ରକାଶ ପାଇ ପାରି ନ ଥିଲା । ଏଇ ମଧ୍ୟରେ ଗୋଟିଏ କୃତ୍ରିମ କୁଇକ୍‌ଜୋଟ୍ ପ୍ରକାଶ ପାଇଥିଲା । ଏବଂ ସର୍ଭେଣ୍ଟିସ୍ ଏହାଦ୍ୱାରା ଉତ୍ତେଜିତ ହେବା ସ୍ୱାଭାବିକ ।

ଏହି ରୋମାଣ୍ଟିକର ଗଳ୍ପ ସ୍ପେନରେ ଏତେ ବେଶୀ ଅଭିନନ୍ଦିତ ହେଲା ଯେ ତାହା ଗୋଟିଏ ଅଭ୍ୟସ୍ତର ଜନ୍ମ ହେବା ସଙ୍ଗେ ସଙ୍ଗେ ତାର ପ୍ରତି ବିଦ୍ରୋହ ସ୍ୱାଭାବିକ ସମ୍ଭାବନା ହେଲା । ସେ ସମୟରେ ସ୍ପେନୀୟ ସମାଜ ଅସମ୍ଭବ ରୋମାଞ୍ଚକର ଲେଖକମାନଙ୍କ ହାତ ତଳେ ଯନ୍ତ୍ର ହୋଇଥାଏ ଥିଲା ଏବଂ ତାର ଅନୁପଯୋଗିତା ରସଗ୍ରାହୀମାନଙ୍କ ଦୃଷ୍ଟି ଏଡ଼ାଇ ନ ଥିଲା । ରୋମାଞ୍ଚକର ଭାଙ୍ଗିବାର ଫଳରେ ବାସ୍ତବତା ଆସିଲା ଏବଂ ପ୍ରଚଳନ ହେଲା ସ୍ପେନର ଉପନ୍ୟାସ ସର୍ବ ପ୍ରଥମ ।

ନିମ୍ନ ଏବଂ ମଧ୍ୟ ଶ୍ରେଣୀର ଲେଖକମାନଙ୍କ ଭିତରେ 'ସରଭେଣ୍ଟିସ୍ ଅଲ୍ଲିନତା ବା ଯାତନାର ଅନୁଭବ ନ ଥିଲା । ସ୍ପେନର ଯୁଦ୍ଧ ମଧ୍ୟରେ ସଂଘାତ ଅସଂଖ୍ୟ ବନ୍ଦୀ ଜାତୀୟମାନ ମଧ୍ୟରେ ଯୋଗଦେଲେ । ଏବଂ ଅନ୍ୟ କତି ସ୍ଥାନ ନିମ୍ନ ଶ୍ରେଣୀର ଲୋକମାନେ ( ପିକାରୋ ) ସାଧୁ ଉଦ୍ୟମ କରିବା ଠାରୁ ଯେ କୌଣସି କଠିନ ପରିଶ୍ରମ କରିବାକୁ ଶ୍ରେୟସ୍କର ମନେ କଲେ । 'ପିକାରୋ'ମାନେ ମଧ୍ୟ ଯେ କୌଣସି ଅସତ୍ ଉପାୟରେ ଜୀବିକା ନିର୍ବାହ କରୁଥିଲେ । ଗଳ୍ପର ମୂଳ ଆଧାର ଥିଲେ ଏମାନେ । ଅନ୍ୟାନ୍ୟ ଭାଷାରେ ମଧ୍ୟ ଏହି ଶୈଳୀର ଦୃଷ୍ଟାନ୍ତ ମିଳେ ଯଥା—'ଗିଲ୍‌ବ୍ଲାସ' ତାହାର ଲେଖକ ସ୍ପେନୀୟ ଲେଖକଙ୍କ ନକଲ କରିଛନ୍ତି ବୋଲି କୁହାଯାଏ । କିନ୍ତୁ ଏ ପୁସ୍ତକ ଗୋଟିଏ ଆଶ୍ଚର୍ଯ୍ୟ ଭଳି ବହୁ ହୋଇଛି କାରଣ 'ଲସେଜ' ସ୍ପେନରେ ପାଦ ମଧ୍ୟ ଦେଇ ନାହାନ୍ତି ।

ଆଲବର୍ଟଙ୍କ 'ଟେଲେମାକ୍' ଏହି 'ଫୋଷ' ଜାତୀୟ ଉପନ୍ୟାସ ମଧ୍ୟରେ ସର୍ବଶ୍ରେଷ୍ଠ । କୁହାଯାଏ ସେଥିରେ ଏହାର ପରିଚୟ । କିନ୍ତୁ ଏ ପ୍ରକାର ଏକ ସ୍ୱତନ୍ତ୍ର ଜାତୀୟ ଉପନ୍ୟାସ ପ୍ରସୂତ ଏକମାତ୍ର ସେଠାରେ ହୋଇଥିଲା ।

ମଧ୍ୟ ଯୁଗର ଦାର୍ଶ୍ୟ ସେତେ ଚମତ୍କାରୀୟ ଶବ୍ଦୋପାନ୍ତ ଉଚ୍ଚ ସ୍ତରତା ଏବଂ ମୌଳିକତା ନ ଥିଲା । ଗଳ୍ପର କଥା ବସ୍ତୁର ସରୀଳ ଅଭାବ ଥିଲେ ଥିଲ କୌଣସି ନାଗର ଅପୂର୍ବ ଦତ୍ତ ସଂସ୍କାରର ପରିଶୋଧ । ଆମ୍ଭେମାନେ ନିଶ୍ଚୟରେ ମଧ୍ୟ ଏହା ଦେଖିବାକୁ ପାଉଁ । କେବଳ ଚୋସର ଏବଂ ଗୋଟିଫାଇଙ୍କ ସ୍ତ୍ରୀ କଥା ପ୍ରଶଂସା ଅଶ୍ୟାନ୍ୟିତାରେ ନୂତନ ପ୍ରାୟ ସମସ୍ତ ପ୍ରାଚ୍ୟ ପୁରାତନ ସାହିତ୍ୟରେ ତାହା ଦେଖିବାକୁ ମିଳେ । ନୂଆ ସବୁ ବେଳେ ବାସ୍ତବରେ ପୁରୁଣାର ସଂଶୋଧିତ ସଂସ୍କରଣ । ଏଥି ଉପରୁ କେତେକ କହିଥିବେ ଯେ ଏମେ ପ୍ରକୃତ ଅଣ୍ଡ ଟା ଗଳ୍ପ ଶୁଣିଲୁ ?

ବାସ୍ତବ ଗଳ୍ପ ରଚନା ଥାଉ ଯେଉ ସମଗ୍ର ତାହା ଦେଖିବାର ଅନୁଭବ ନାହିଁ । ଇଂଲଣ୍ଡ ପ୍ରଥମ ଗୋଟିଏ ଜାତି ଅନେକ ଅଭିଜ୍ଞତା ପାଇଥାଇ ଥିଲା ଏବଂ ଅନ୍ୟ ଧୀରେ ଧୀରେ ଅଗ୍ରସର ହୁଏ ଯେ କେବଳ ଅସ୍ୟାତ ଉଦାର ସମ୍ଭାବନାର କଥା କିନ୍ତୁ ନ ହୋଇ ପାରେ । ପ୍ରାଚୀନ ଉପନ୍ୟାସ ଲେଖିବାରେ ଗଳ୍ପ ନାୟକକୁ ଗୋଟିଏ ଦୃଷ୍ଟାନ୍ତ ପାଇ ନିଶ୍ଚୟ କରିବାର ଆବଶ୍ୟକତା ନାହିଁ । ଅବଶ୍ୟ 'ପେରୀଛବାଦ' ମତ ଅନୁସାରେ ସଂସାରରେ କୌଣସି ଦୁରାତ୍ମା ଅଛନ୍ତି କିନ୍ତୁ ସେମାନେ ଉପନ୍ୟାସରେ ଚରିତ ପାଇଁ ପୁରୁଷମାନଙ୍କୁ ନେଇ ଗଢ଼ କରିବାର କଥା ନାହିଁ ।

ଏମ ଯେଉଁମାନେ ଗଳ୍ପ ସାହିତ୍ୟ ରଚନା ଗୋଟିଏ ଉଚ୍ଚ ପ୍ରକରଣ ବୋଲି ଭାବନ୍ତି ଉପନ୍ୟାସର ଏହି ମୂଳର କଳ୍ପିତ ଅବସ୍ଥା ସମ୍ବନ୍ଧରେ ଧାରଣା କରି ପାରିବା ନାହିଁ ସନ୍ଦେହ । କେତେକ କେତେ ସେ ଏମ ଏଗ ଏକସ ଯେତେକେତେ ଗୁଣ ବଙ୍ଗ ସ୍କୋନ ଧର୍ମିକ ଗୁଣ । ଅବଶ୍ୟ ଯେପରି ସୁକ୍ତ ଉପନ୍ୟାସରେ ଏପି ଅମ ଢାଳୁଛନ୍ତି ଦେଇଯାନ୍ତି ।

—*—

---

( ତଳରର ଶେଷ ଧାର ଆଗ ପୃଷ୍ଠା ଇଙ୍ଗିତରୁ )

ମଣ୍ଡଳ ଅମଳ ତନ୍ତ୍ରର ଦୁର୍ବଳ ଧାର ଓ ଷଡ଼ଯନ୍ତ୍ରକୁ ଅପୂରଧୀନ କରିବାର ନାହାନ୍ତି । ହୋଇ ପାରେ କଂଗ୍ରେସ କର୍ମୀମାନେ ନିଜେ ସମର୍ଥନର ଅଭାବ ମନ୍ତ୍ରୀ ମଣ୍ଡଳକୁ ଦୁର୍ବଳ କରିଛି । କିନ୍ତୁ ଏହା ଅସ୍ୱୀକାର କରି ହେବ ନାହିଁ ଯେ ଦେଶ ବର୍ତ୍ତମାନ ଅଧିକ କାଳ ଲୋକ ପ୍ରିୟ ଶାସନ ଲୋକର କଳ୍ପନାକୁ ଉଜ୍ଜୀବିତ କରିପାରି ନାହିଁ । ଅଛି କ୍ଷମତାର ଲଢ଼ାଇ ଦଣ୍ଡନୀତି (Power Politics)ର ମାର୍‌ପେଞ୍ଚ୍ ଗୁଡ଼ିକ । ଫଳରେ ଅଛି ଜନନାୟକ ପଦାଭିଳାଷୀ ବଂଶ ପୂଜାର ଦାସ ହେବାକୁ ବାଧ୍ୟ ହୋଇଛି । ତାହାହିଁ ଅଛି ଲକ୍ଷ୍ୟ ସିଦ୍ଧ, ଦାସ ଅବଳୁ ଦଣ୍ଡସ୍ୟ ଦେଉଛି ପରିଶେଷରେ । କେବେ ମଧ୍ୟ ନେତା ବା ପୂଜା ନ କରି ଅର୍ଥକୁ ପୂଜା କରୁଛନ୍ତି । ଫଳରେ ଦେଶ ଅଧର୍ମକୁ ବଢ଼ୁ ଚାଲିଛି । କଂଗ୍ରେସକର୍ମୀ ବଗୁର କରୁ ତାର ଚିନ୍ତା କଏ ?

—※—

Digitized by srujanika@gmail.com



# ନୂପୁର

## ବିଭାଘର କଥା

ଶ୍ରୀମତୀ ସରଳାଦେବୀ

ଆଜିକାଲି ଆମ ଓଡ଼ିଶା ଏକା ନୁହେଁ, ଭାରତ ତମାମ ବାହାଘର ଗୋଟିଏ ସମସ୍ୟା ହେଲାଣି—ସୁଶିକ୍ଷିତ ଝିଅମାନଙ୍କ କଥା କହିଲେ ନ ସରେ। ସହର କେବଳ ନୁହେଁ, ଆମେ ଯେଉଁ ଗାଁକୁ ଯାଉ, ଦେଖୁ ସେ ଘର ଘରକେ ପ୍ରାୟ ଦି' ଚାରିଟି ବାଢ଼ୁଆ ଝିଅ, ପୁଅ ରହିଛନ୍ତି କିନ୍ତୁ ଝିଅ ବେଶି। ଏହାର କାରଣ କଣ? ଅନେକ କହନ୍ତି ଝିଅମାନେ ପାଠୋଇ ହେଲାରୁ ଏପରି ବାଢ଼ୁଆ ଗ୍ରହଦଶା ଭୋଗି ହେଉଛନ୍ତି। ଉଚ୍ଚ ଶିକ୍ଷା ପାଇଲାରୁ ଝିଅବିଭା ବାପମାଙ୍କର ଗୋଟାଏ ସମସ୍ୟା ହୋଇଛି। କିନ୍ତୁ ଆମର ମନେ ହୁଏ, ବର୍ତ୍ତମାନର ଅର୍ଥନୀତି ଓ ଯୌତୁକ ଏ ଦୁଇଟି ପ୍ରଥା ବିଭାଘର ସମସ୍ୟାର ପ୍ରଧାନତମ କାରଣ। ସେଥିପାଇଁ ଏବେ ଦେଖୁଛୁଁ, ଝିଅମାନେ ବର ନ ମିଳିଲାରୁ ଚାକିରି କରୁଛନ୍ତି ବା କରିବେ, କାହିଁକି ନା ଆନ ଉପାୟ ନାହିଁ। ଅନ୍ୟ ଦିଗରୁ ଦେଖାଯାଉଛି, ପାତ୍ରୀ ପାତ୍ର ଉଚ୍ଚଶିକ୍ଷିତ କିନ୍ତୁ ଆର୍ଥିକ ଅବସ୍ଥା ପାତ୍ରର ମନ୍ଦ; ସେଥିପାଇଁ ପାତ୍ରୀ ସେଇ ପାତ୍ରର ସ୍ତ୍ରୀ ହେବାକୁ ନାରାଜ। କିନ୍ତୁ ଏଥିପାଇଁ ଏଇ ଶ୍ରେଣୀର ଝିଅଙ୍କୁ ଦୋଷ ଦେବା ଠିକ ନୁହେଁ। ସେମାନେ ନିଜ ଭବିଷ୍ୟତ ଭାବି ଏପରି ବିଭାଘର ବିରୁଦ୍ଧରେ ଆପତ୍ତି କରିଥାନ୍ତି। ଏଠାରେ ଆମେ ନାରୀଶିକ୍ଷାର ପ୍ରଶଂସା କରିବାକୁ ବାଧ୍ୟ। ଅନ୍ୟପକ୍ଷରେ ଦେଖୁ, ପାତ୍ର ଧନୀ, କିନ୍ତୁ ପାତ୍ରୀର ବିଦ୍ୟା ବେଶୀ, ସେଥିପାଇଁ ଝିଅମାନେ ସେ କ୍ଷେତ୍ରରେ ବି ବିଭା ହେବାକୁ ନାରାଜ। ଅବଶ୍ୟ ଏହା ସାଧାରଣ କଥା ନୁହେଁ। କେତେଠି ଏହାର ବ୍ୟତିକ୍ରମ ବି ରହିଛି।

ସେଥିପାଇଁ ପାତ୍ରୀ ଅମତରେ ବାପମା ଏପରି ବରକୁ ଝିଅ ବିଭା ଦେଉଥିବାର ଦେଖୁଁ। ସେଇ ଝିଅର ନିଜସ୍ୱ ମତାମତ ବିସର୍ଜନ ଦେଇ ପିତାମାତା କନ୍ୟାଦାୟରୁ ଉଦ୍ଧାର ହୁଅନ୍ତି। ଅଥଚ ଅନେକ ସମୟରେ ଦେଖୁଁ ଏହି ଶ୍ରେଣୀର ଝିଅମାନଙ୍କ ଦାମ୍ପତ୍ୟ ଜୀବନ ଅଶାନ୍ତିମୟ ହୋଇଥାଏ। କିନ୍ତୁ ଆମ ହିନ୍ଦୁ ଆଇନରେ ଯେତେବେଳେ ଛାଡ଼ପତ୍ର ନ ଥିଲା, ଝିଅମାନେ ମନର ଅଶାନ୍ତି ଓ ଜୀବନର ତିକ୍ତତାକୁ ମନରେ ମାରି ଦାଣ୍ଡ ମାନ ବଜାଏ ରଖି ଉପରେ ହସଖୁସି ଦେଖାଇ କୌଣସି ମତେ ଏପରି ମିଥ୍ୟାଚାରକୁ ସତ୍ୟ ବୋଲି ଦୈନନ୍ଦିନ ଜୀବନ ଯାତ୍ରା ମୁହଁବୁଜି ସାରାଜୀବନ କଟେଇ ଦିଅନ୍ତି। ଯଦି କୌଣସି ଝିଅ ବା ବୋହୂ ଏ ସମ୍ପର୍କରେ କିଛି କହନ୍ତି କି ସତ୍ୟ ସରଳ ରାସ୍ତାରେ ଚାଲନ୍ତି ତେବେ ଅଶାନ୍ତି ଆସି ଘର ଭାଙ୍ଗେ। ସେତେବେଳେ ସ୍ପଷ୍ଟବାଦିନୀ ପାଠୋଇ ଝିଅ ବା ବୋହୂର ଦୁର୍ନାମ ଘରେ ଘରେ ଘୋଷଣା କରାହୁଏ। ଅଭିଭାବକମାନେ ବିବେଚନା କରି ଦୂରରେ ଥାଇ, ଆଖିବୁଜି ଦିଅନ୍ତି। ଆଗେ ବାଲ୍ୟ-ବିବାହ ଚଳନ ବେଳେ ଝିଅଙ୍କୁ ମାଛ ଶୁଖୁଆ ଭଳି ଦରକର ବିକା ହେଉଥିଲା, ଆମ ହିନ୍ଦୁ ସମାଜରେ। ସେ ପିଲା ପୁଅ ଝିଅଙ୍କର ମତାମତର ମୂଲ୍ୟ ନ ଥିଲା। କିନ୍ତୁ ଆମ ମନରେ ଆଜିକାଲି ଏଇ ପ୍ରଶ୍ନ ଉଠୁଛି ଯେ ବୟସ୍କା ଶିକ୍ଷିତା ଝିଅ ଓ ପୁଅଙ୍କର ପତି ବା ପତ୍ନୀ ନିର୍ବାଚନରେ ମତ ଦେବା ବା ଅମତ ଦେବାକୁ ଅଭିଭାବକଗଣ ଦାମ ଦେବେ ନାହିଁ କାହିଁକି?

ଯେଉଁଠି ବିବାହ ବ୍ୟାପାରରେ ବର ଓ କନ୍ୟାଙ୍କ ଭିତରେ ପୂର୍ବରାଗ ସଞ୍ଚାର ସେଠାରେ ଅଭିଭାବକମାନଙ୍କ ତାଡ଼ନା ଲାଞ୍ଛନାରେ ସେ ପ୍ରେମ ମଧ୍ୟ ବ୍ୟର୍ଥ ହୋଇଯିବାର ଦେଖୁଛୁଁ। ସାଧାରଣ ଭାବରେ ପ୍ରେମ ତଥା ଯୋଗ୍ୟ ହେଲେ ବି ଅଭିଭାବକ ମାନଙ୍କ ରୁଚି ପାଇଁ ବିବାହ ସମ୍ଭବ ହୁଏନି। ଏ ଦୋଷ ଅଭିଭାବକ ମାନଙ୍କର ଯେପରି ପାତ୍ର ଓ ପାତ୍ରୀଙ୍କର ସେପରି। କାରଣ ଆଜି ପାତ୍ରୀ ଜୀବନରେ ବିପଦ ବାଧା ଅତିକ୍ରମ କରି ଅଭିଭାବକମାନଙ୍କ ବିରୁଦ୍ଧରେ ବିବାହ ହେବାର ସାହସ ରଖନ୍ତି ନାହିଁ। ଯେଉଁଠି ନିର୍ବାଚନ କରିବାର ପ୍ରେରଣା ପୁଅ ବା ଝିଅର ଅନ୍ତରରୁ ଆସି ପରୀକ୍ଷିତ ହେବ, କଷ୍ଟି ହେବ, ସେ ପ୍ରବଳ ଆଗ ବିବାହ କରିବା ପାଇଁ ଝିଅ ବା ପୁଅଙ୍କର ସାହାସ ରହିବା ଦରକାର। ତାପରେ ଯୌତୁକ ପ୍ରଥା ଆମ ଦେଶରେ ଓ ଓଡ଼ିଶାରେ ଦିନକୁ ଦିନ ଯେପରି ପ୍ରବଳ ଆକାର ପ୍ରକାର ଧରୁଛି, ତହିଁରେ ଗରିବ କୁଟୀରେ ଶିକ୍ଷିତା, ସୁନ୍ଦରୀ ସ୍ୱାସ୍ଥ୍ୟବତୀ ଝିଅମାନଙ୍କର ସତ୍-ପାତ୍ରରେ ବିଭା ହେବାର ଉପାୟ ନାହିଁ। ଉଚ୍ଚ ଶିକ୍ଷିତ ପୁଅ ଝିଅମାନେ ଯଦି ପଣ କରନ୍ତି—ଯୌତୁକ ନେଇ ଆମେ ବିଭା ହେବୁନି, ତେବେ ଯାଇ ଏ ସମସ୍ୟାର ସମାଧାନ ହେବ ନ ହେଲେ ନାହିଁ। ଭାବୀ ସ୍ୱାମୀର ମନେ କରିବା ଉଚିତ କାଲି ସକାଳେ ଯେ ମୋ ଜୀବନର ଗୋଟିଏ ବଡ଼ ଅଂଶ ହେବ ଓ ମୋ 'ସୁଖ ଦୁଃଖର ଭାଗିନୀ ହେବ, ତା ବାପାଠାରୁ ମୁଁ ସୁନାରୂପା ଟଙ୍କା ଯୌତୁକ ଦାବୀ କରିବା ଅସଭ୍ୟତା ଓ ଅଭଦ୍ରତା। ସେପରି ଭାବୀ ପତ୍ନୀର ମଧ୍ୟ ଅନୁରୂପ ଚିନ୍ତା ଦରକାର। ଅତୀତ ଇତିହାସରେ ଏହିସବୁ କଥା ସମାଜର ପ୍ରତି ଝିଅ ପୁଅଙ୍କର ଚିନ୍ତା କରିବାର ବିଷୟ ହେବ। ନବ ଯୁଗର ମନୀଷୀ ମାନେ ବୁଝିବାକୁ ଶିଖିବେ ଯେ ପୁରାତନକୁ ଅବଜ୍ଞା ଅବହେଳା କରିବା ଠିକ୍ ନୁହେଁ, ପୁରୁଣାର ସଂସ୍କାର କରିବା ହେବ କର୍ତ୍ତବ୍ୟ। ବର୍ତ୍ତମାନ ପୁଅଝିଅମାନଙ୍କର ଅଗ୍ରଗତି ଦେଖି ପୁରାତନପନ୍ଥୀ ମାନେ ବିଚଳିତ ହେବେ ଏଥିରେ ଚିନ୍ତା ନାହିଁ—ବରଂ ଗ୍ରହଣ କରିବା ଉଚିତ, ସମସ୍ତ ଘଟଣାରେ ସମ୍ମୁଖ ମାନଙ୍କର ଚିନ୍ତା ଉଚିତ—ନଚେତ୍ ଆମେ ଅଚଳ ହୋଇଯିବୁ। ଭାବୀ ସମାଜ ଯେଉଁମାନେ ଗଢ଼ିବେ ସେମାନେ ଆମକୁ ପୋଛିଦେବେ।—

—*—

Digitized by srujanika@gmail.com

# ଲଗ୍ ଫ୍ଲରେନସ୍ ପ୍ରତି

ଲେଖକ: ଶ୍ରୀ ବିନୋଦ ଚନ୍ଦ୍ର ନାୟକ ଏମ୍. ଏ.

## ( ୧ ) ପରିଚ୍ଛଦ

ନୀଳ ସାଗରର ନିର୍ଜନ ବେଳାତଟେ
ପ୍ରଥମେ ତୁମରେ ବୋଧହୁଏ ଦେଖିଥିଲି ।
ଦୂରେ ଉପକୂଳ ତରୁଶ୍ରେଣୀ ଥିଲା ଛାୟା ମସିରେ ଲେଖା
ପଦତଳେ ଶତ ଫେନରୂପ ଉର୍ମିଦଳ ।
ଅଙ୍ଗରେ ଥିଲା ତୁମ
ସନ୍ତରଣର ସାମାନ୍ୟ ପରିଚ୍ଛଦ,
ସ୍ତନତଟ ଜାନୁତଟ ସୂଚୁଥିଲା ସ୍ପଷ୍ଟ ପ୍ରକାଶ ରୂପ
ଦାନବୀ କୁମନ୍ତ୍ରଣା ରଚିଥିଲା ଅବା
ନିଟୋଳ ସ୍ୱାସ୍ଥ୍ୟ ରକ୍ତ ବହ୍ନି ସ୍ତୂପ ।

ବର୍ମ ମୁଖର ନିୟନ୍ତ୍ରିତ ଏ ଜୀବନର ବ୍ୟବଧାନେ
ଅଶରୀରୀ ଏକ ପ୍ରଚ୍ଛନ୍ନ "ଅପଣାରେ"
ସେଦିନ ହେ ସହଚରି;
କଲି ମୁଁ ଆବିଷ୍କାର ।

ସେହିଦିନ ସେହି ସନ୍ତରଣର ପ୍ରତିଯୋଗିତା ଓ କ୍ରୀଡ଼ା,
ସେଇ ନିର୍ଜନ ଦୋଳାୟମାନ ଜଳବୀଚି ଅବିରଣୀ ତଳେ
ସମସ୍ତ ତନୁ ଯୌନ ବୁଭୁକ୍ଷା ଦେଇ
ଅନ୍ତସ୍ତଳରେ ଶିହାର କରିଥିଲି
ଜଳପିଚ୍ଛିଳ ତୁମ ଅଙ୍ଗର ପ୍ରତ୍ୟେକ ଆଲିଙ୍ଗନେ
ତୁମ ପ୍ରତ୍ୟଙ୍ଗ ରାଜିର ସଂଘର୍ଷଣେ
ଶତାୟୁ ଏଇ ପ୍ରତି ମୁହୂର୍ତ୍ତେ ଲଭିଲି ସଂଜୀବନୀ
ଅନିୟନ୍ତ୍ରିତ ଏଇ "ଅପଣାରେ" ଦେଖିଥିଲି ସେଇ ଦିନ
ତୁମରି ଅଙ୍ଗ ସଂଗ୍ଲନର କ୍ରୀଡ଼ନକ କ୍ରୀତ ଦାସ,
ଅସ୍ଥି କୃପଣ; ଅନ୍ୟ ଦେଶର ଯୋଷା
ସେଇ ତୁମ ପ୍ରିୟ ପରିଚ୍ଛଦର ତଳେ
ଅନାବିଷ୍କୃତ ରହିଲା ଯେ ପରିତୃପ୍ତି
ହେ ଅପରିସୀମା ! ସେଇ ମୋର ପରିଚୟ ।

## (୨) ନଗ୍ନିକା

ସେଇ ନିର୍ଜନ ରାତି
ଏକାଦଶ ତୋଷିଏ ଚନ୍ଦ୍ର ।
ବାହାରେ ଝରେ ଲିଲି ଅର୍କିଡ୍ ଡେଲିଆର
ମଧୁର ପରାଗ ଗନ୍ଧ ।
ତୁମ ଫ୍ଲେଟର ରେଲିଂ ଜଡ଼ାଇ
ନୀଳ ସ୍ନାପ୍ ଡ୍ରାଗନ୍ ଲତାଟିରୁ ଝରିଥିଲା
ଦେଇଛି ଅଜସ୍ର କି ଫୁଲ୍ ।
ପ୍ୟାନ୍‌ସି ଓ 'ଜିନିୟାର ମିଶ୍ରିତ ଗନ୍ଧ
ଅଣୁଥିଲା
ଲାଇଲାକ୍ କୁଞ୍ଜ ଅନ୍ତରାଳୁ !
ତୁମେ ଢାଳିଥିଲ ପ୍ରିୟା ପାନ ପାତ୍ର ଭରି
ସୁରଙ୍ଗର ଲାଣ୍ଡ୍ରୀୟ ସୁରା
ନଗରୀର ବହୁ ଦୂରେ ଅବଲୁଣ୍ଠିତ ଚନ୍ଦ୍ରର
ହୀନପ୍ରଭ ଜ୍ୟୋତ୍ସ୍ନା ଲେଖେ
ତୁମେ କହିଥିଲ
ତୁମ ଅଙ୍ଗ ଲତା
ନଗ୍ନ ଅଜ ପରିଚ୍ଛଦ ହୀନ,
କାଚ ପାତ୍ରେ ସୁରା ସମ
ନଗ୍ନ ଅଜ ପରିଚ୍ଛଦ ହୀନ ।
କୁନ୍ଦ ଶୁଭ୍ର ସ୍ତନାଙ୍କୁର ନିଟୋଳ ଯୌବନ
ପରିତୃପ୍ତ କଲା ମୋର ବୁଭୁକ୍ଷା ଆକାଂକ୍ଷା,
ସେଇ ନୀଳ ଅନ୍ଧକାରେ
ଭୁଲିଗଲି "ଅପଣାରେ"
ପରିଚୟ ହୀନ କେଉଁ ସୀମାହୀନ ଅନାଗତ କୂଳେ
କେବଳ ରହିଲି ବଧୂ
ଅନାଦି ଶିବ ଓ ଶୁଭ୍ର ତବ ଅଙ୍ଗ ।
ମନେ ଅଛି ଦେଇଥିଲି ତୁମ ଅଙ୍ଗାହାରରେ
ଅଜସ୍ର ଚୁମ୍ବନ ।

Digitized by srujanika@gmail.com

# ଡାଳରେ ଡାଳରେ ଡାନା ନାନା—

ମାନବର ମୌଳିକ ଅଧିକାର—ଇଏ ଅଣ୍ଡା ହେଉ ଲବନ…ମର୍କେଣ୍ଟ୍ସ ।

× + ×

ବସ୍ତ୍ରାଭାବ ଚାହିଁବ ?—ଇଏ ଅଣା ସଂପାଦକୀୟ…ଦ୍ରୌପଦୀଙ୍କୁ ବସ୍ତ୍ର ଯୋଗାଇବାରୁ ଓ ତାଙ୍କୋ ଟିଏ କ୍ଲାଇବ ଜୁଟ୍ ମିଲ ଚଳାଇବାରୁ ।

\+ + + +

ପ୍ରବାସୀ ଓଡ଼ିଆଙ୍କର ଏକମାତ୍ର ସାପ୍ତାହିକ —ଅଲ୍ ଅ…ବାହ୍ମି ଗଲଗଲ—ବାବାରେ…

× × × ×

ସ୍ଵାଧୀନ ଦେଶର ଗଣତନ୍ତ୍ରର ବିଳାପ… ଇଏ ମୁକ୍ତସ୍ଵପ୍ନ ଅଲେଖ ।

…ଯଥା ନିର୍ଜନ ଦ୍ଵୀପରେ ନିର୍ବାସିତର ବିଳାପ ।

ଏ ସ୍ଵତ୍ତ୍ଵ ବଟ୍ୟ ଚାହିଁବ ?—ଇଏ ମୁକ୍ତ ପୁଞ୍ଜ ହେଉଛଲଇନ…ଟ୍ରଷ୍ଟି ଅସ୍ଥାୟୀ ସମୃଦ୍ଧି ।

× × × ×

ଜନତାର ଦୃଷ୍ଟି କୋଣରୁ—ଇଏ ଉକ୍ତ ପତ୍ରର ବିଭାଗ ।…ଦୃଷ୍ଟି କୋଣରୁ କୁହନ୍ତି ? ଯଥା ଚତୁଷ୍କୋଣ ।

\+ × × ×

ଜନତାର ସ୍ତମ୍ଭରେ—ଇଏ ଉକ୍ତ ପତ୍ରର ବିଭାଗ ।…ନୃସିଂହ ଅବତାର ବାହାରିଲେ ।

\+ × + ×

ଗଚ୍ଛନ୍ତୁ ପଟ୍ଟନାୟକଙ୍କ ଆଶୀର୍ବାଦ— ଇଏ ଜନତାର ହେଡ଼ ଲାଇନ ।

…ନରେନ୍ଦ୍ର ଓ ମାନବେନ୍ଦ୍ର ଏକା ଅଛି ତେଣୁ ଦୁଃଖ ନାହିଁ । ଫଳ ରେଡ଼ବେଲ ଭୋଗିବେ ।

\+ + × +

ଜୀବନର ସମସ୍ୟାର ସମାଧାନ—ଇଏ ଦୈବୀ ମୁଦ୍ରିକା ବିଜ୍ଞାପନ ।

…କିନ୍ତୁ ଶକୁନ୍ତଳାଙ୍କ ମୁଦ୍ରିକା ଯଦି ହଜିଯାଏ ?

× + × +

ଚାକିରି ? ଇଏ ଦୁଇ ହସ୍ତର ଚୁଡ଼ି ବନ୍ଧନ ଯୁକ୍ତ ଛବି ସହ ଏମ୍ପ୍ଲଏମେଣ୍ଟ ଏକ୍ସଚେଞ୍ଜର ବିଜ୍ଞାପନ ।

…ବିଜ୍ଞାପନରେ କେବଳ ହସ୍ତଛନ୍ଦିର ବ୍ୟବସ୍ଥା ନାହିଁ—ରେଜିଷ୍ଟ୍ରି କରିବାର ମଧ୍ୟ ବ୍ୟବସ୍ଥା ଅଛି ।

\+ + + +

…ସୁନାର ଭାରତ ଫେରାଇ ଆଣିବାକୁ ହେବ—ଇଏ 'କୃଷକ' ଶ୍ରୀମତୀ ମାଳତୀ ଚୌଧୁରୀ ।

କୃଷକ ତେବେ ସେଠି ସୁନାର କୃଷି କରିବେତ । ମାଣକେ କେତେ ଟେଙ୍କି ସୁନା ଫଳିବ ?

ଖରାପ କାମ ଓ ଖରାପ ଲୋକର କଥା କଲେ ମନ ଖରାପ ହେବାର ଭୟ ଅଛି—ଇଏ କୃଷକେ ଲେଖୁଅ ।

…କେବଳ କୃଷକ କଥା ଲେଖିଲେ ସାମ୍ୟବାଦୀ ମାନେ ଚମ୍ପା ହେଇଯିବା ଭୟରେ ସେ ଅଧୁନା ଲେଖିଛନ୍ତି—କୃଷକ ମଜଦୁର, ବୁଦ୍ଧିଜୀବୀ ଓ ସହର ବାସୀଙ୍କର ମଧ୍ୟ ମୁଖ ପତ୍ର ହେବ ।

× × × ×

କୃଷକ ସମସ୍ତଙ୍କର ମୁଖପତ୍ର ହେବ— ଇଏ ଲେଖୁଅ । …ଅପେକ୍ଷାକୃତ, ମନସ୍କଙ୍କ ହାତରେ ଅଣ ପତ୍ରର ହେଉ ।

× × × ×

ମତାମତ—ଇଏ କୃଷକ ସଂପାଦନା ସ୍ତମ୍ଭ । ..ଏଥିରେ କିନ୍ତୁ କୃଷକର ମତ ଅଛି— ଅମତ ନାହିଁ ।

× × × ×

କଂଗ୍ରେସ ସମସ୍ତଙ୍କୁ ଗୃହିଁ ରୂପ ବଦେଇ ଲେଉ ହାରେ—ଇଏ ସଂପାଦକ ଶଙ୍କର ରାଓ

ଫେରେ କର୍ମ ଦେଖୁଛେ—ଯେବଣ ସ୍ଥାନେ ଯେ ବଗୁର—ଚାରି ପେଟେ ଛତା ତେଣେ ।

\+ + + +

କଂଗ୍ରେସ ଗୃହେଁ ସମାଜବାଦୀ ଗଣତନ୍ତ୍ର ଯାହାର ଶାସନ ହେବ ଲୋକଙ୍କ ଶାସନ, ଲୋକଙ୍କ ଦ୍ୱାରା ଶାସନ ଏବଂ ଲୋକଙ୍କ ପାଇଁ ଶାସନ—ଇଏ ଶଙ୍କର ରାଓ—

କିନ୍ତୁ ହେଉଛରେ ଦେଖାଯାଉଛି ପୁଲିସର ଶାସନ, ଫାଟୁଆଙ୍କ ଦ୍ଵାରା ଶାସନ ଏବଂ ବଡ଼ ଲୋକଙ୍କ ପାଇଁ ଶାସନ ।

\+ + + +

ସାମାଜିକ ନ୍ୟାୟ ଏବଂ ସାମ୍ୟ ଉପରେ ପ୍ରତିଷ୍ଠିତ ଏକ ସମାଜ ଗଠନ କରିବା କଂଗ୍ରେସର ଲକ୍ଷ୍ୟ ଇଏ ଶଙ୍କର ଦେଓ ।

…କିନ୍ତୁ ଶର ସନ୍ଧାନ କରୁ କରୁ ଯେ ଲକ୍ଷ୍ୟଭ୍ରଷ୍ଟ ।

\+ + + +

"ମୁଁ ଜଣେ ହିନ୍ଦୁସ୍ଥାନୀ ।" —ଶ୍ରୀ ଛନ୍ନା ।

…ଅଜପା ମନ୍ତ୍ର ମୋର ମନ୍ତ୍ର—ଅହିଂସା ହିଂସା ମୋର ଅସ୍ତ୍ର, ଅଗୁଣ୍ଡା ଗୁଣ୍ଡା ମୋର କବଚ ।

\+ + + +

---

( ମତାକଥା ସ୍ମୃତି ଜନ୍ମରୁ )

**କେତେ ଜଣ ସାଙ୍ଗଙ୍କ ଚେଷ୍ଟାରେ ସେ ଅନୁଭବ ଥାଏ । ଓ ଗଲ । ବୁଝିଲି କଲେଜ ହେଲେ ଏଇ ଗୋଟାଏ ମସ୍ତ ସୁବିଧା ଅଛି । ସେ ସୁବିଧାଟା ହେଉଛି ଛୁଟି ପରି ଶ୍ରମରେ ଯାଇ ପାରିବା, ବାଗକ ପଣ୍ଡିତରେ ବସ୍ତକଟା ମାରିଦେଲେ ହେଲା । ଏହି ଟଙ୍କା ଦେଇ ଦେଖଣ, ଦୁଇଣ, ତିନିଣ ଲେଖେଇ ଜଣଅନ୍ତ ଥିଠ । ନଥିଲୁ । ସେଃ ଲେଖ ଗୁଡ଼ାକ । ଟଙ୍କାଠ କେତେ ଦେଖି ନାହାନ୍ତି । ନଥିଲୁ, ନେଇ ନେଇ କେତେ ନେବେ ? ଏଇ ପାଠ୍ୟ ବର୍ଷରେ କଥା ତା ପରେ ମୋ ହାତକୁ ସବୁ ସମସ୍ତ ଆସିଲେ ଏକା ଦିନକେ ସବୁ ସବୁ କରି ଦେବ । କାଗଜ ପଣ୍ଡିତ ଲେଖେଇ ନେଲା ପରେ ସେମାନଙ୍କର ଏ ଆନନ୍ଦ !! କେମିତି ଗୋଟାଏ ଧୂସ ବସନ୍ତି ଯେ ତାଙ୍କ ଦେଖି ମୋର ମନ ହୁଏ ସେମାନେ ଯେମିତି ପବିତ୍ର ନା ପରୀକ୍ଷା ବର୍ଷ ତପସ୍ୟା ପରେ ଅମର ବର ପାଇଲେ ବୋଲି ମନେ କରୁଛନ୍ତି । ମୋତେ ସେ ଧୂସ ଦେଖି ଭାରି ମଜା ଲାଗେ, ସେ ଗୁଡ଼ାକ ମୋର ଟଙ୍କା ଦରକାର ଥାଉ ନ ଥାଉ ପଂସ୍କର ଅସନ୍ତି ଟଙ୍କା ଦରକାର ଅଛି କି ନା । ନଜେ ନଥସି ପାରିଲେ ସୁମାସ୍ତା ପଠାନ୍ତି । ଏଇ ଭାଇ ଓମାନଙ୍କର ଏ ଜନମର ଧୂସ ଦେଖିବା ପାଇଁ ମଜା ଲାଗେ ବୋଲି ଦରକାର ଥାଉ ନଥାଉ ଯାଉଥରେ । ଟଙ୍କା ପାଇଁ ତାଗାଦା କରୁ ନଥିବାରୁ ସେମାନଙ୍କ ଉପରେ ମୋର ପ୍ରଭାବ ବଢ଼ି ବଢ଼ି ଯାଉଥିଲା ।**

ଟଙ୍କାର ବ୍ୟବସ୍ଥା ହୋଇଗଲା ପରେ ମୋତେ ଏଇ ପାଏ ଦଶ ସାଙ୍ଗ ଗ୍ରହଣ କର୍ତ୍ତା ରହି ପନ୍ଥକଲେ । ଏଇ ଅସୁବିଧା ହୁଏନି । ସବୁବେଳେ ଦଳେ ସାଙ୍ଗ ମୋ ସଙ୍ଗେ ଥାନ୍ତି । ଭାରି ଫୁର୍ତ୍ତି ହୁଏ, ଭିଡ଼ଣକୁ ସାଙ୍ଗରେ ନେଇ ବରଷ ସେପାରିର ପ୍ରଭାବ ଦେଖିବ ଦେଖି ଅଛିଲି ।

ଏ ଭିତରେ ମୁଁ ଗୋଟାଏ କଲେଜରୁ ଆଉ ଗୋଟାଏ କଲେଜ ଭୁଲ I.A. ପରୀକ୍ଷାଟା ଦେଇ ଦେଇ କଟିଗଲି । ଦେଖୁ ଦେଖୁ ସମସ୍ତ ଉଡ଼ିଗଲା । ମୋର ଏବୋଲିଣ ବର୍ଷ ବୟସ ପୂର୍ବ ହେବାର ଆଉ ମାସ କେତେଟା ଥାଏ କଲେଜଗୁଡ଼ ଅଧୀର ଭାବରେ ମୋର ଅଭିଭାବକଙ୍କ ନିମନ୍ତ୍ରଣକୁ ଚାହିଁ ରହିଲି ।

ଦିନେ ସେଇ ତାରବାର୍ତ୍ତା ଚଠି ଆସିଲା— ତାପରେ—

ଅଛ ଥାଉ । ତାପରେ କଣ ହେଲା ବାକି କହିବ ।

( କ୍ରମଶଃ )

——*——

Digitized by srujanika@gmail.com



# କବି-ଲଡେରେ

ଲେଖକ—ଫଚୁରାନଂଦ

(ପୂର୍ବାନୁବୃତ୍ତି)

[ କଥା—ଜଣେ ଡାଙ୍କର ଅଜବ ବନ୍ଧୁ ଙ୍କୁ ଅସି ଅନୁରୋଧ କଲେ ବାଉଁଶ ବଣଘେରା ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ । ଅଜବ ବେତାଳମାନଙ୍କ ପେଶି ଜୀବନ୍ତ ଓ ମୃତ କବିମାନଙ୍କ ଠାରୁ ଯେଉଁ କବିତା ଗୁଡ଼ିକ ପାଇଲେ ତାହା କେତେକ ପ୍ରକାଶ ପାଇଛି ଓ କ୍ରମାନ୍ୱୟରେ ପାଉଛି । ତନ୍ମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ସାତଗୋଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ।

### ୰ ବିଶ୍ୱନାଥ ଖୁଣ୍ଟିଆ ( ବିଚିତ୍ର ରାମାୟଣ ରଚୟିତା )

[ ଅଷାଢ଼ ଶୁକ୍ଳ ]

ରବି ଅସ୍ତେ ଦିବା ହେଲା ପ୍ରକଟ
ରାତିଲେ କାକ ଡାହୁକ କୁକ୍କୁଟ
ଚେତନା ବଟର ପାରୁଶ ଦେଇ
ବାଳା ଏ ସଧୀରେ ଯାଏ ଗାଧୋଇ
କାଖେ ତା'ର କଳସୀ
ମୁଖ ନିନ୍ଦୁଅଛି ପୂର୍ଣ୍ଣିମା ଶଶୀ । ୧ ।

ଫିଟିଛି କୁସୁମ ସଜ୍ଜିତ ବେଣୀ
କାଳିନ୍ଦୀରେ ଭାସେ କି ହଂସ ଶ୍ରେଣୀ
ମର୍ତ୍ତ୍ୟକୁ ଆସିଛି କିଏ ଉର୍ବଶୀ
ସରୋଜ ନୟନୀ ଯୌବନମତ୍ତ ଧନି
କରଇ ଗମନ
ବର୍ତ୍ତୁଳ କୁଚ୍ର ଖସଇ ବସନ । ୨ ।

ସରୋବର ତୀରେ ପ୍ରବେଶ ହେଲା
କଳସୀ କାଖୁଁ ତଳେ ସେ ଥୋଇଲା
ନିର୍ମଳ ଜଳରେ ଅଙ୍ଗ ପଖାଳି
ନାନା କଉତୁକେ ଖେଳଇ ବାଳୀ
କମଳ ଦେଖିଣ
ବିଶିବୋଲେ ବାଳୀ ନେଲା ତୋଳିଣ

### ୰ କବି କର୍ଣ୍ଣ—

ସତ୍ୟ ନାରାୟଣ ପାଲା ରଚୟିତା

( ପାଲା ସୁର୍ )

ପ୍ରଥମେ ବନ୍ଦିଲି ଅମି ଗଉରୀ ନନ୍ଦନ
ରାଧେ ଗୋବିନ୍ଦ ବନମାଳି
ତା ପରେ ବନ୍ଦିଲୁ ଅମେ ସତ୍ୟ ନାରାୟନ ,,
ବଲିବୁ ଏଖନ ଅମ୍ଭେ ରସପୂର୍ଣ୍ଣ ଛନ୍ଦ ,,
ଏକ ଶତ ହସ୍ତାଙ୍ଗୁଳ ମଧୁର ପ୍ରବନ୍ଧ ,,
ଯବଫଲ ବନେ ଥାକେ ଏକ ସରୋବର ,,
ତାହିଁ ଯାଇଅଛି ଗ୍ରାମ୍ୟ ରାସ୍ତା ମନୋହର ,,
ସେ ଗ୍ରାମେତେ ବାସକରେ ଏକ ମହାଜନ ,,
ଅଛେ ତାର ଗୃହେ ଦିବ୍ୟ କନ୍ୟା ଯେ ରତନ ,,
ଭୋରବେଳା ସେହି କନ୍ୟା ସ୍ନାନ କରିଯାଏ ,,
କାଂଖେ ନୈୟା ଜଲ କୁମ୍ଭ ହସ୍ତିନୀ ପରାଏ ,,
ପାଛେ ତାର ଝୁଲୁଥାଏ ଘନ କାଲ ବେଣୀ ,,
ନାଗେଶ୍ୱର ଗାଛେ ଯଥା କୃଷ୍ଣ ବର୍ଣ୍ଣ ଫଣୀ ,,
କୁମ୍ଭ ରଖିତାରେ କନ୍ୟା ଜଲାଶୟେ ପଶେ ,,
କାପଡ଼ାରେ କୁଚ ଅଣ୍ଟା ପିଠି ପେଟ ଘଷେ ,,
ସ୍ନାନ ସାରିୟା କନ୍ୟା ଫେର ଫେର ଗୃହେ ରାଧେ ଗୋବିନ୍ଦ
ଭାଲ ଏକ ପଦ୍ମ ଦେଖି ଚମତ୍କାର ହୋଏ ,,
ବାବା ସତ୍ୟପୀର ପୁଜିବାରେ ହୈଲ ମତ ,,
କବି କର୍ଣ୍ଣ ବୋଲେ କନ୍ୟା ତୋଲିଲ ତଡ଼ିତ ,,

—✻—

### ଶ୍ରୀ ବୈଷ୍ଣବ ପାଣି

( ଶ୍ରୀ କଷ୍ୟପ ଜନୁକରେ ବୃତ୍ତେ )

ଭାଇ ଭଉଣୀ କହିବାରେ ଯାହା ଦେଖିଲି ଆଜ ନେତ୍ରର
ଶୁଣିଲେ ଯେ ଘୋ ଛାତି ଦେବ ତା କରିବ ମଦନ ମାରିବ ଶର ॥ ଦେ
ବେଣୁ ବନ ଦେଇ ଯାଉଥିଲା ମାଈ ଟାନ୍ଧାଇବ ବୋଲି ଦର
ଭାଗରେ ମାଟିଆ ହୋଇଥିଲା ଥିଆ କାନି ଉଡ଼େ ଫର ଫର ॥
ଗଲା ହଲି ହଲି ମୁଣ୍ଡେ ଥିଲା ମଲ୍ଲୀ ପାଦରେ ଥିଲା ନୁପୁର
ତାର ଭଙ୍ଗୀ ଦେଖି ମନ ଗଲା ଲାଖି କାମେ ହେଲି ଜରଜର ॥
ପୋଖରୀକୁ ଗଲା ମାଟିଆ ଥୋଇଲା ଜଳେ ପଶେ ଉରତର
ଗାଧୋଇ ସାରିଣି ପଦ୍ମୁ କ ଦେଖିଣି ତୋଳିଲା ବିଥାଇ କର ॥
ବାସ ଭେଦି କୁଚ ଦିଶେ ଅଳ୍ପ ଉଚ୍ଚ ମୁଣ୍ଡ ବୁଲିଗଲା ମୋର
ବଇଷ୍ଣବ ବୋଲେ ଏ ବାଳା ପାଇଲେ ପୁଜିବ ଶିବ ପଥର ॥

—✻—

Digitized by srujanika@gmail.com

# ମିଠାକଥା

ବୃଦ୍ଧଗ୍ରମର ଦେଖି ଅବ୍ୟର୍ଥ ଓ ଉଦ୍ଦାମ ଧାରା ଅପେକ୍ଷା ବେଳେ ଦୋଷ ବେଶି ଦେଖିଛନ୍ତି ସେ ଯେଉଁଥିପାଇଁ ମନ ଯାଏ ଖାଲି ବୃଦ୍ଧଗ୍ରମ ପାଖରେ ଦୃଷ୍ଟିପାତ କରିଲେ ଦେଖା ଯାଏ—ଦୃଶ୍ୟ ମିଳନ୍ତି ନଷ୍ଟ ହେବା—ଯାହା କଳ ବୃଦ୍ଧଗ୍ରମର ଉତ୍ତମ ମଧ୍ୟମ ଶ୍ରେଣୀ ଦେଖାଇ ମଧ୍ୟ ହୋଇ ପାରନ୍ତି । ଏବଂ ସେହି ଦେହ ସେମାନଙ୍କ ସ୍ଥିତି ସହିତ ବୃଦ୍ଧଗ୍ରମର ଗର୍ବ ସମ୍ବନ୍ଧଟାକୁ ଦୃଢ଼ କରିବାର କ୍ଷମା ମଧ୍ୟ ଦୀର୍ଘକାଳ କରିବାକୁ ହୋଇ ପାରନ୍ତି । ଦୁର୍ଭାଗ୍ୟ ! ବୃଦ୍ଧଗ୍ରମ ଦେଶର ବଂଶ ପରମ୍ପରା—ଅଛି ମନ୍ତ୍ରମାନ ହୋଇ ମନ୍ତ୍ର ଅନ୍ତରେ କରିବାର ସୌନ୍ଦର୍ଯ୍ୟ ତାର ନାହିଁ ? ସେ ଯାହ ମନ୍ତ୍ର ସମ୍ବନ୍ଧ କହୁଥାନ୍ତି ତେବେ ବସ୍ତୁ ସୋପଦାନଙ୍କ ଅଗ୍ରମରେ ବସ୍ତୁତ ମନ୍ତ୍ର ପାଇବା ଦାବୀ ବଢ଼, ପ୍ରଥମାଣି । କାରଣ ସର୍ବ ସମାଜରେ ସର୍ବଦାର ମୂଳମନ୍ତ୍ର ହୋଇଛି ଅନ୍ୟର ଶୋଷଣ । ଚାରିଦାନ ମାନେ ଧର୍ମତଃ ମନିଷ ଶୋଷଣ ସହିବାକୁ ନିୟମ କରିଥିବାରୁ ସମସ୍ୟାର ଏହ ସମାଜର ଶୋଷଣ ଚଲିଛି ଯାହା ମନ୍ତ୍ରଣା ବା ମନ୍ତ୍ର ଚାହିଁଲେ ଦୂରେଇଯାଏ । ସେହି ମନ୍ତ୍ରାନ୍ତ୍ରିକ ମାନେ ସନ୍ଦେହ କରି ପାରନ୍ତି ।

ସେ ଯାହାହେଉ, ମିଠାକଥାରେ ବୃଦ୍ଧଗ୍ରମ ତାହା ହେବ ନ ହେଉ, ବଦଳରେ ସେ ପ୍ରଶଂସା ଯେ କରି ନପାରେ ତା ନୁହେଁ । କିନ୍ତୁ ପ୍ରଶଂସା କରିବା ଯେତିକି ସହଜ ଏବଂ ପ୍ରଶଂସା କରିବା ଦ୍ୱାରା ଯେତେ ସହଜରେ ସ୍ୱାର୍ଥ ସିଦ୍ଧି ସମ୍ଭବ ସେ ପାଠ ଓଡ଼ିଶାର ଜାତୀୟ ମାନେ ଯେତେ ପଢ଼ାଇ ଦେଇ ସବୁ ଅମ ତଳ ତଳ ନେତାଙ୍କଠୁଁ ଆରମ୍ଭ କରି ସେଠଃ ସେଠଃ ନେତା ଯାଏଁ ଯେତେ ପଦ ଦେଖି ତାଙ୍କ ପୁଣି ପୁନରାବୃତ୍ତି କରିବା କଣ ଲୋଡ଼ା ହେବ ? ବୃଦ୍ଧଗ୍ରମ ଏହ ଧରଣିରା ପ୍ରବୃତ୍ତି—, ଯେଉଁମାନେ ଅଦ୍ୟାପି ପ୍ରଶଂସା କରନ୍ତି ସେମାନଙ୍କ ଭଳି ସେଠେ ଥେଷ୍ଟ ଅପଣା ପ୍ରଶଂସାରେ ପ୍ରୀତ ହେବା ଲୋକ ଅଛି ନାହିଁ ନଥିବେ ବୁଦ୍ଧ-ଘରେ । ବୃଦ୍ଧଗ୍ରମ-ପ୍ରବରେ ଅପଣା ପ୍ରଶଂସା ଶୁଣିବାକୁ ଚାହେ ନାହିଁ କି ଅପଣା ପ୍ରଶଂସା କରେ ନାହିଁ । ଯଦିଓ ଓଡ଼ିଶାର ବହୁ କଂଗ୍ରେସ କର୍ମୀ ତାର ଗୁରୁ । ତଥାପି ସବୁ କାନପୁଞ୍ଜା ମନ୍ତ୍ରକୁ ସେ ଭଜ କରିପାରେ ନାହିଁ ।

ତାହାଛଡ଼ା ଏହ ପ୍ରଶଂସାରେ ଅଛି ଗୋଟାଏ ବିପଦ ଅଛି । ଲୋକେ କହନ୍ତି ସାମାନ୍ୟ ଦୋଷକୁ ଘୋଡ଼େଇ ପକାଇଲେ ଲୋକ ମୁଧର ଯାଏ । କିନ୍ତୁ ଦୋଷକୁ ଦୋଷ ବୋଲି ନାହିଁ ବୁଝିଲେ ଦୋଷୀ ସାହସ ପାଇଯାଏ ଏବଂ ବଡ଼ ବଡ଼ ଦୋଷ କରେ । କିନ୍ତୁ ମୋ ଘର ଅନ୍ତର ଅଭିଜ୍ଞତା ଭିନ୍ନ । ଅମ ବୋଧୁହୁଏ । ହଟ ସାଥୀ ଟିକିଏ ଖେଳେଇ ଗଲେ । ବୋଧହୁଏ କୃଷ୍ଣ ପ୍ରେମରେ ନିଶ୍ୱାସ ଦେଉଁ ଦେଉଁ ଟିକିଏ ଉଷ୍ଣୀ ହୋଇଯାଇଛି । ମୁଁ ଦେଖିଲି ହାତ ତ ଧରେନି । ସେଥିପାଇଁ ଅଜ କଥାକଲେ ଚଳିବ ନାହିଁ । ଅଧିକନ୍ତୁ ଗାନ୍ଧ-ଦାନ୍ତ ସାର ହେବ ଭାବି, ତେଣୁ ମୁଁ ନାମ ଦେଲି ଶ୍ରୀମତୀ । ଶ୍ରୀମତୀ ! ଶ୍ରୀମତୀ ! ବୋଲି ଡାକିଲେ ଅଜ ଯା ଦେଖିବ ସେ ନିଶ୍ୱାସ ଉଙ୍ଗିମା । ଗୋଡ଼ ଖାଲି ବୁଲେଇ ବୁଲେଇ ପକେଇବାକୁ ଲାଗିଲେ ।

ଅଜ ବଡ଼ ଦୋଷ ସମସ୍ତେ ବୃଦ୍ଧଗ୍ରମକୁ ଦେଉଛନ୍ତି— ଯେଉଁମାନେ ବୃଦ୍ଧଗ୍ରମକୁ ଜାଣନ୍ତି ସେମାନେ କହୁଛନ୍ତି ବୃଦ୍ଧଗ୍ରମ ପକ୍ଷରେ ତ ବୋଝେ ଦୁଧ—ସେ ପୁଣି ପକ୍ଷୀ ତଅ-ଚୁଛି । କଥାଟା ସତ । ବୃଦ୍ଧଗ୍ରମ ପକ୍ଷରେ ଗୁଡ଼ ନଥିଲେ ସେ ଗୁଡ଼ର ଦୁର୍ଗୁଣ ଜାଣନ୍ତାନାହିଁ— ସେ ତ ଅନ୍ୟ ପକ୍ଷରେ ଗୁଡ଼ ଦେଖି ଅମୃତ ଅମୃତ କହି ବୁଲୁଥାନ୍ତା । ଅଜ ବୃଦ୍ଧଗ୍ରମର ଏଭ ସମାଲୋଚକମାନେ ତା ପାଖରେ ଗଡ଼ିଲ ଖଳବ ଯେଉଁ ଯୋଉ ତଳ ସରନ୍ତାନାହିଁ । ଚାଲ୍ଣି ଗାଣ୍ଡିରେ ଶହେ ଛିଦ୍ର ଥିବାରୁ ଯାଇ ଛୁଞ୍ଚ ଗାଣ୍ଡିରୁ ସେ ଗୋଟିଏ ଛିଦ୍ର ଖୋଜି ପାଇଲା । ଛୁଞ୍ଚ ତେବେ ଗୋଟିଏ ଛିଦ୍ରରେ ଦୁନିଆରେ ଅଜ କାହାର ମନ ଦେଖି ପାରିଲା ନାହିଁ—ଫଳରେ ଅନ୍ଧହୋଇ ରହିଲା । କିନ୍ତୁ ଦୁନିଆରୁ ମନର ଗନ୍ଧ ଗଲା ନାହିଁ ।

କଥା ହେଉଚି, ବୃଦ୍ଧଗ୍ରମ ସମାଲୋଚନା କରେ କାରଣ ସେଟା ତାର ସ୍ୱଭାବ— ଅଜ ମଣିଷ ମାନେର ସ୍ୱଭାବ ସମାଲୋଚନା ନକରି ରହିପାରେନା । ଅମ ସମାଜରେ ସମାଲୋଚନା, ଖୁଣ୍ଟାଦେବା ଓ ଅଡ଼ିବା ସବୁକଥାରେ ଅଛି । ତେବେ ଲିଖିତ ଭାବରେ ବା ଛପିତ ଭାବରେ କେବେ ହୁଏନାହିଁ । ସମୟ ସମୟରେ ବାହୁପକ୍ଷର ସମାଲୋଚନା ଦେଖିବାକୁ ମିଳେ ।

ପ୍ରଥମେ ସେଇଅଡ଼୍ ବିଗୁର କରାଯାଉ । କହି ସମାଲୋଚନାଟା ସମାଲୋଚନାର ସମାଲୋଚନା । କାହାରି ନିଜେ ସମାଲୋଚନା ମଣିଷ ଜୀବନର । ସେଥିପାଇଁ ସେ ସାହିତ୍ୟ । ସାହିତ୍ୟକୁ ଚେହେରା ଗାହକ ପୁଣି ଥିବା ଦରକାର— ସେଇ ଯେ ପ୍ରକୃତ ସମାଲୋଚକ It is easy to criticise but difficult to appreciate an auther. ସମାଲୋଚନା ସହଜ. କିନ୍ତୁ ଲେଖକଙ୍କ ଚଳିବା ବା ତାର ଚେହେରା ଗ୍ରାହକ ହେବା କଷ୍ଟ । ନିରପେକ୍ଷ ଭାବରେ କହିଲେ ସମାଲୋଚନା କଥାଟା ବରଂ ନ ଥିଲେ ଭଲ ହୋଇଥାନ୍ତା— ଯେଉଁ ଅର୍ଥରେ ଅମେ ତାକୁ ବୁଝୁ ।

କେତେକ କହନ୍ତି ଅମର ଯେଉଁ ସବୁ ବହି ସମାଲୋଚନା ହେଉଚି, ତା କେବଳ ପ୍ରଶଂସା — ପ୍ରକୃତ ସମାଲୋଚନା କାହିଁ ? ବା ମାନ କାହିଁ ? ଖୁଣ୍ଟା କାହିଁ ?

କିନ୍ତୁ ବଡ ବଡ ମୁନିମାନେ ଅନେକ ସମାଲୋଚନାଟାକୁ ଭିନ୍ନ ଅର୍ଥରେ ଦେଖିଛନ୍ତି । ଅର୍ନୋଲ୍ଡ ସମାଲୋଚନାକୁ କହୁଥିଲେ—ଭଲ ବିଗୁରର ମାନଦଣ୍ଡ — Standard of judging well . ଜଣେ ପାଶ୍ଚାତ୍ୟ ପଣ୍ଡିତ କିଏ ଥରେ କହିଥିଲେ ଶ୍ରେଷ୍ଠ ଚମତ୍କାରିତାପ୍ରତି ଦୃଷ୍ଟି ଆକର୍ଷଣ କରିବା ସମାଲୋଚନାର ଲକ୍ଷ୍ୟ—କାରଣ The bad will dig its own grave—ମନ୍ଦ ତାର ନିଜ ଗାତ ନିଜେ ଖୋଳେ ।

Longfellow କହିଛନ୍ତି—Doubtless criticism was originally benigrant pointiug out beauties of a work rather than its' defects . ଦୋଷ ଦେଖିବାଠାରୁ ଗୁଣ ଦେଖେଇ ଦେବା ଭଲ । The man who lives to find fault has a miserable mission —ଦୋଷଦ୍ରଷ୍ଟାର ସାଧନା ଅତି ହୀନ ସାଧନା — ଗୁଣମିଛନ୍ତି ମନୀଷୀଃ ।

କଥାଟା ସତ— କିନ୍ତୁ ସମାଲୋଚନା ବଡ଼ ସହଜ । ସେ ଗୋଟାଏ ସୃଷ୍ଟି କୁ ଭାଙ୍ଗି ଚୁର-ମାର— ଗଢ଼ିବା କିନ୍ତୁ କଷ୍ଟ । Gibson କହନ୍ତି God can form and paint a flower but any fatish child can pull it to pieccs . ଫୁଲ ଛିଣ୍ଡେଇ ଦେବା ପିଲା ପକ୍ଷରେ ବି କେଡ଼େ ସହଜ । କିନ୍ତୁ ଫୁଲ ଗଢ଼ାନ୍ତି କେବଳ ଈଶ୍ୱର ।

ସେଇ ଦୃଷ୍ଟିରୁ ଅମ ସାହିତ୍ୟରେ ବେଶୀ ଭାଗ ପ୍ରଶଂସା କରୁ ଯେଉଁ ସମାଲୋଚନା—

Digitized by srujanika@gmail.com

ଗୁଳିଛ ତାହା ମନ୍ଦ ନୁହେ । ବେଳେ ବେଳେ ମନେହୁଏ ଖରାପ ଦେଖେଇ ଦେବାଠାରୁ ଚୁପ୍ ରହିବା ଭଲ । ସେ ବି ଗୋଟାଏ ପ୍ରକାର କଡ଼ା ସମାଲୋଚନା । ଓଡ଼ିଆ ପୁସ୍ତକ ଓ ପତ୍ର ପତ୍ରିକାରେ ସମାଲୋଚନା ଏବେ ଆରମ୍ଭ ହେଉଛି । 'ଡଗର' ତା'ର ଅଗ୍ରଣୀ କହିଲେ ଚଳେ । ତା ପୂର୍ବରୁ ସମାଲୋଚନା ପ୍ରାୟ ନ ଥିଲା । ତାର କାରଣ ହୁଏତ ସମାଲୋଚନା ପାଇଁ କିଛି ନଥିଲା ବା ସମାଲୋଚନା କଲେ ଅଧିକାଂଶ ଖରାପ ଦଗଟାଇ ଦେଖେଇ ବାକୁ ପଡ଼ୁଥାନ୍ତା । ତେଣୁ ସେଇ ନୀରବତାହିଁ କଠୋର ସମାଲୋଚନା ବୋଲି ବୋଲିବାକୁ ହେବ । Silence is sometimes the severest criticism.

ତଥାପି ବନାଶାସ୍ତ୍ରର ଦୁଷ୍ଟତମ୍—ବେଳେ ବେଳେ ସକ୍ରିୟ ସମାଲୋଚନାର ଅସ୍ତ୍ର ଧରିବାକୁ ପଡ଼େ । ମେହନ୍ତର ବୋଲି ଲୋକେ ଘୃଣା କରନ୍ତୁ ପଛେ, ନିଜ ହାତ ଅପରିଷ୍କାର ହେଉ ପଛେ ଅନିଷ୍ଟ ସଫା କରିବାକୁ ହୁଏ —ଅବଶ୍ୟ ସେବା ଭାବରେ । ସାହିତ୍ୟ କଳୁଷିତ ହେବା ବେଳେ ଏହିଳି ସମାଲୋଚନା ଦରକାର । ଯେଉଁ ଦେଶରେ କଲେଜ ବୟ, କଲେଜ-ଗାର୍ଲ ଭଳି ବହିର ପରେ ଦିନରେ ଗୋଟାଏ ଗୋଟାଏ ସଂସ୍କରଣ ସରେ ସେ ଦେଶରେ କଲ୍କି ଅବତାର ଦରକାର ପଡ଼େ ।

ସେତେବେଳେ ବଡ଼ ଲୋକେ କ ଗାଳି ଦିଅନ୍ତି— Critics are asses—ସମାଲୋଚକ ଗଧ । ସେତେବେଳେ ଲୋକେ କହନ୍ତି —ନିଜର ତ କିଛି ଘେନପଣ ନାହିଁ, ପରକୁ କହିବ ବେଳକୁ— ଭାଗ ପାଲି । ବାସ୍ତବିକ କୌଣସି ଅଙ୍ଗରେ ଦେଖିଲେ ଯେ ନିଜେ କିଛି କରି ଦେଖେଇ ନ ପାରେ ତା'ର ସମାଲୋଚନା ହାସ୍ୟାସ୍ପଦ— It is rediculous for any man to criticise the work of another if he has not distinguished himself with his own performances.

ତଥାପି ପାଠକଙ୍କର ସମାଲୋଚନାର ଅଧିକାର ଅଛି । ତମେ ଯାହାକୁ ପଢ଼ିବାକୁ ଦେବ—ସେ ମୂଲ ଦେଇ କିଣିବ, ଅଥଚ ତା ଭଲ ମନ୍ଦ ସମ୍ବନ୍ଧରେ ସେ ପଦେ କହି ନ ପାରିବ କାହିଁ? Macaulay କହିଥିଲେ— The opinion of the great body of the reading public is very materially influenced even by the unsupported assertions of those who assume a right to criticise.

ଜଣେ ଲେଖକ ହିସାବରେ ମୁଁ କହିବି ନିଜର ସମାଲୋଚନା ନିଜେ କରି ନ ହେଲ ପଛେ, ନିଜର ବନ୍ଧୁବାନ୍ଧବ ପ୍ରିୟାପ୍ରିୟ ବି ଅନେକଥର ନିରପେକ୍ଷ ଠିକ୍ ସମାଲୋଚନା କରି ପାରନ୍ତି ନାହିଁ । ସେଥିପାଇଁ ଶତ୍ରୁ ହାତରେ ହିଁ ସମାଲୋଚନା ଭାର ଛାଡ଼ିଦେବା ବୁଦ୍ଧିମାନର କାର୍ଯ୍ୟ । Pope ସେଥିପାଇଁ କହିଥିଲେ—Get your enemies to read your work in order to mend them. ଶତ୍ରୁର ସମାଲୋଚନାରେ ଲେଖକ ସୁଧୁରେ ।

କିନ୍ତୁ ପ୍ରକୃତ ସମାଲୋଚନା ଗୋଟାଏ ମାନଦଣ୍ଡ । ଭଲ ମନ୍ଦ ଉଭୟ ଦେଖିବାର କଥା—It takes from the tree caterpillars & blossems together. ଆଲୋଚ୍ୟ ବସ୍ତୁ ଯାହା ତାହାକୁ ପ୍ରକୃତ ରୂପରେ ଦେଖେଇ ଦେବାକୁ ହେଲେ ଉଭୟ ଦିଗ ଦେଖିବାକୁ ପଡ଼େ । କେବଳ ଭଲ ବା କେବଳ ମନ୍ଦ ଦେଖାଇ ବାକୁ ଗଲେ ବରଂ ଆଲୋଚ୍ୟ ବସ୍ତୁ ଯାହା ନୁହେଁ ତାହାହିଁ ଦେଖାଇବାକୁ ପଡ଼ିବ । ତେଣୁ ତାହା ନିନ୍ଦା, ସ୍ତୁତି ବୋଧହେବା ସ୍ୱାଭାବିକ ।

ସମାଲୋଚକମାନେ Longfellowଙ୍କ କଥାରେ are the sentinels in the grand army of letters. ସାହିତ୍ୟର ରକ୍ଷୀ ସେମାନେ । ହୁଏତ ଏହା ଯେତେ ବେଶୀ ମନୀଷାର ପରିଚୟ ନ ଦିଏ ତାହାଠାରୁ ଦେଖିବାର ଓ ପର୍ଯ୍ୟବେକ୍ଷଣ କରିବାର ଅଭ୍ୟାସ ଉପରେ ନିର୍ଭର କରେ ବେଶୀ ଦକ୍ଷତାଠାରୁ ପରିଶ୍ରମର ଦାବି କରେ ବେଶୀ । ଏହି ଶ୍ରମ କୁଣ୍ଠା ଓଡ଼ିଆ ସାହିତ୍ୟରେ ସମାଲୋଚନାକୁ ପଛକୁ ପକାଇ ଦେଇଛି । ଓଡ଼ିଆ ଏକମାତ୍ର ଦୈନିକ ସମ୍ବାଦ ପତ୍ର ସମାଜ ପୁସ୍ତକ ସମାଲୋଚନା ସ୍ତମ୍ଭରେ ମଧ୍ୟ କରେ ନାହିଁ— ନିତାନ୍ତ ଜରୁର କହି ନ ହେଲେ । ଏବେ ନବଭାରତର ସମାଲୋଚନା ଗବେଷଣା-ପୂର୍ଣ୍ଣ ।

ଶେଷରେ ଗୋଟିଏ ଅନୁଭୂତିକୁ ମୁଁ ଏଠି ପ୍ରକାଶ ନ କହିଲେ ଅନ୍ୟାୟ କରିବ । ଡଗରର ମିଠାକଡ଼ା ଲେଖକ ହିସାବରେ ମୁଁ ମନ୍ମଥର ସମାଲୋଚନା କରିଛି ; କିନ୍ତୁ ଅନେକ ସମୟରେ ଅତି ସୁନ୍ଦର ବସ୍ତୁର 'ମଧୁମୟ ଭାବରେ ସମାଲୋଚିତ ହେବାର ଆନନ୍ଦକୁ ସମାଲୋଚନାର ସ୍ପୃହା ଅତି ନିଷ୍ଠୁର ଭାବରେ ଛାଡ଼ି ନେଇଯାଏ ।

ତଥାପି ବୁଦ୍ଧିଭ୍ରମ ସମାଲୋଚନା କରେ । ନିଜେ ଅନେକ ସୁଖରୁ ବଞ୍ଚିତ ହୋଇ ମଧ୍ୟ । ତାର କାରଣ ବ୍ୟକ୍ତିର ଅମଳ ଏତେ ଅସ୍ଥି ମଜ୍ଜାଗତ ହେଲାଣି ଯେ ଆମେ ତାକୁ ଠିକ୍ ବୋଲି ଧରିନେଉଛୁ ! ସେଥିପାଇଁ ବୁଦ୍ଧିଜୀବୀ ସମାଲୋଚନା କରେ । ଡଗର ସେଥିପାଇଁ ସବୁ ବଡ଼ବଡ଼ଙ୍କର ଅପ୍ରିୟ । ସବୁ ରାଜନୈତିକ ଦଳଙ୍କର ଚକ୍ଷୁଶୂଳ । ତାର ବିଷମୟ ଫଳ ଡଗର ଭୋଗୁଛି ।

ଡଗରର କଡ଼ା ମିଠା ଲେଖକ ବ୍ୟକ୍ତି-ଗ୍ରାମର no axe to grind. ସେଥିପାଇଁ ତାର ଯଶ ନାହିଁ— କିନ୍ତୁ ଭୋଗୁଛି କେବଳ ଡଗର । ସେଇଥିପାଇଁ ତାର ଦୁଃଖ । ହେଉ-ପାରେ କଡ଼ କଡ଼ାଙ୍କ ଅନୁକମ୍ପା ତ୍ୟାଗ ତା ମଳମୂତ୍ର ତ୍ୟାଗ ସଙ୍ଗେ ସମାନ ।

---

## କୁଟୁକୁଟୁ

"ଗୁରୁଦେବ, ବ୍ରଜରେ ମୁକ୍ତିଦାସ ହେବାପାଇଁ କଣ କୌଣସି ସୁପାରିଶ ବା ପ୍ରଶଂସା ପତ୍ର ଦରକାର ?"

"ନା-ନା-ଇନ୍ଦ୍ରଜଗତରେ କେବଳ ମନ୍ତ୍ରୀମାନଙ୍କର ଗୁଣ କୀର୍ତ୍ତନ କଲେ ସେ ଅଧିକାର ମିଳିବ ।"

× ×

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଆନନ୍ଦ ଓ ଉତ୍ସାହ ବଢ଼ାଇବା, ନୈତିକ ଚରିତ୍ର ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୨। 'ଜଗତ'ର ମାଧ୍ୟମରେ ଏହି ଶିଶୁମହଲ ତଥା ତରୁଣମାନଙ୍କ ମଧ୍ୟରେ ପରସ୍ପରର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।
(୧୮ବର୍ଷରୁ ଉଣା ବାଳକ ବାଳିକାମାନଙ୍କ ପାଇଁ)

## ଜାଗ ସ୍ୱାଧୀନ ଦେଶ।

ଅନ୍ଧାର ନାହିଁ ଫାଟିଛି ସୂଲି
ଫଟିକୁଳି ଅଜ ବିଜୁଳି ରେଖା,
ଦାସ ଅପାରର ଲହରୀ ତଳେ
ସ୍ୱାଧୀନ ଅରୁଣ ଦେଲାଣି ଦେଖା।
ଲାଲକିଲ୍ଲାର ଝୁଙ୍କିଟିରେ
ଜାତୀୟ ଝଣ୍ଡା ଧରଛି ବେଶ,
ବିଦେଶୀ ହେଲେ ଜାଣି ଗଲେଣି ଯେ
ଜାଗରେ ଜାଗ ସ୍ୱାଧୀନ ଦେଶ।
ଜାଗରେ ଜାଗ ଗାନ୍ଧୀ ଦେଶ
ଜାଗରେ ତରୁଣ ତରୁଣୀ ଜାଗ;
ଜାଗରେ ବୃଦ୍ଧ ଶୁକ୍ଳକେଶ
ଅହିଂସା ଗାନ୍ଧି ମନ୍ତ୍ର ମାଗ।
ବହିବା ଭୂଟେ, ବାଜିଲାଣିରେ
ବିଜୟ ଡଙ୍କାର ବିଜୟ ତୁରୀ,
ଘର କଣିରେ ଥର କଣିରେ
ଡା' ଡାକେ ଦ୍ୱାର ଅଳକାପୁରୀ।
ବହନା ବସି, ଜାକୁଟି ଦେଶ
ସ୍ଥଳଅ ହିନ୍ଦ ବିଜୟୀ ବେଟ,
ଜାଗରେ ଜାଗ ତରୁଣୀ, ଯୁବା
ଜାଗରେ ଜାଗ ସ୍ୱାଧୀନ ଦେଶ।

କୁମାର ଯଦୁନାଥ ଦାସ ମହାପାତ୍ର।

## ପାକିସ୍ତାନ

( ୧ )

ଇସ୍‌ଲାମ୍ ଅଜି ଖିପ୍ର ହୋଇଛି
ରକ୍ତ ପିଇବା ପାଇଁ,
ଢାଳି ଦେ ବନ୍ଧୁ ତପ୍ତ ଶୋଣିତ
ତୃପ୍ତ ହେଉରେ ପିଇ।
ସହନ୍ତୁ ତ କେତେ ଦୁଃଖ ଅତ୍ୟାଚାର;
ଦେଉନ୍ତୁ ତ ପ୍ରାଣ ବଳି ଅସୁମାର,
ମୁକ୍ତି ପଥରେ ଆଗେଇ ଚାଲନ୍ତି
ଶକ୍ତ କଦମ ଥୋଇ,
ଇସ୍‌ଲାମ ଯେବେ ରକ୍ତ ଚାହୁଁଛି
ତୃପ୍ତି ହେଉ ତା ପାଇଁ।

( ୨ )

ଇସଲାମ ଅଜି ଚିଙ୍କାର ମୁନେ
ଚେଉଁଛିରେ ପାକିସ୍ତାନ,
ଗ୍ରାମଗ୍ରାମ ପୋଡ଼ି ଅନେକ କରୁଛି
ଖୋଦା ବନ୍ଦା ଅପମାନ;
ସାର୍ଥକ କରୁଛି ଜେଜେମ୍ବର ବାଣୀ
ଅସଂଖ୍ୟ ନିରୀହ ମାନବଙ୍କୁ ହାଣି,
କୋରାନ୍ ଆଦେଶେ କାଫିରଙ୍କୁ ମାର
ହେବ ସବୁ ଇନସାନ,
ଇସଲାମ ଅଜି ଚିଙ୍କାର ମୁନେ
ଚେଉଁଛିରେ ପାକିସ୍ତାନ।

( ୩ )

ନଗ୍ନ ଦେଶର ନଗ୍ନ ପ୍ରତୀକ
ନଗ୍ନ ପାଅରେ ଚାଲ ତୁହି,
ଇସ୍‌ଲାମ ତର ରାସ୍ତାରେ ଚାଲ
ବାଧା ତାକୁ ଦେ—ନାହିଁ।
ଅହିଂସାର ଯେଥ ଦୁର୍ଜୟ ସୀମା
ତୋ ଜାତିରେ ଅଜି ଯେଉଁଠିରେ ସାଧନା,
ଧ୍ୱଂସ ନୁହେଁରେ ଗଠନ ତୋ କର୍ମ,
ଏ ଜାତି ଉନ୍ନତି ପାଇଁ;
ଇସ୍‌ଲାମ ଅଜି ଭ୍ରାନ୍ତ ହୋଇଛି
ବୁଝାଉଛି ରକ୍ତ ନଈ।

ଗଜକିଶୋର ମହାରଣା (୨୫୦)

—*—

## ସୁନ୍ଦର ଭୁବନ

ନୁହେଁ ମିଥ୍ୟା ଏ ଜୀବନ—
ନୁହେ ବୃଥା ନୁହେଁ ସ୍ୱପ୍ନ—
ସତ୍ୟ-ସତ୍ତ୍ୱର ଶିବ ସୁନ୍ଦରର ମୟ।
ହେ ପଥିକ କିପାଁ କ୍ଳାନ୍ତ—?
…ଉତ୍ସାହ—ପ୍ରଦୀପ ଧର,
ଚଳଚାଲ ହର୍ଷେ- 'ଯାହା କର୍ମ, ତାହିଁ ଜୟ'
ମହାଜ୍ଞାନ ଅସ୍ତ୍ର ଢାଳେ,
ତପ୍ତ ଧରଣୀ ବୁକେ,
ଯାଏ ହଜି ମସ୍ତିଷ୍କର ମିଳନ-ମନ୍ଦିରେ।
ପାଟୁଳା-ନୟନ ମେଳ,
ହସେ ଫୁଲ-ସୁକୁମାରୀ
ପାଗଳୀ ସମୀରଣର ମଧୁ ଚୁମ୍ବନରେ
ବାଂଶୀ ପିତା ପଦ-ତଳେ
ଉତ୍ସର୍ଗି ପରାଣ ମନ
ନେଉଛି ଜୀବନ-ତରଣୀ, ପୁଲକିତେ
ସୁନ୍ଦର ଭୁବନେ ମହା—
ସାର୍ଥକତା-ହର୍ଷ-ଭରି
ଯିବ ଖେଳି ଅମଳିନ ସୁନ୍ଦର ଏ ଶରୀରେ।

ଶୈଳବାଳା
୧୭ ନମ୍ବର ନାଗବସ୍ତି

## ସାବୁଜ ପ୍ରୟାଣେ

ସଙ୍ଗୀତର ଲହରୀରେ
ଭସାଇଲ ବୁକୁ ମଣିପଦ୍ମ
ଚଳିଲ ଆଲୋକ ରେଖା
ଦୂର ହେଲା ଅମା ଅନ୍ଧକାର।
ନୀଡ ଯେ ବାନ୍ଧିଲ ତମେ
ସଙ୍ଗୀତର ଅମର ଆନନ୍ଦ
ସେ ଅନନ୍ତ ସ୍ୱର୍ଗ ତୁମ
ଦାରିଦ୍ର୍ୟ ବି ହେଲା ହେ ସମ୍ପଦ।
ବୀଣାର ଝଂକାର ତୋଳି
କଣ୍ଠେ ଦେଇ ସୁମଧୁର ଗାନ
ଗୃହର ମମତା ତେଜି ଲଗାଇଲ
ବାଣୀ ପଦେ ଧ୍ୟାନ।
ଅଜି ନାହିଁ ତୁମେ ଅଉ
ଶୁଭେ ନାହିଁ ତମ ବୀଣା ତାନ
ଏ ମାଟିର ଦେହ ଛାଡ଼ି
ଲଭିଅଛ ଅନନ୍ତ ପରାଣ।
ତୁମର ବିଚ୍ଛେଦ ବନ୍ଧୁ
ଆଣିବ ଏ ଧରାର ସଙ୍ଗୀତ
ତରଙ୍ଗେ ତରଙ୍ଗେ ଅଉ
ନାହିଁ ଜାଗେ ସେ ସ୍ୱର ଲଳିତ।
ହେ ନାୟକ, ହେ ତପସ୍ୱୀ,
ହେ ଦେବତା ଉତ୍କଳକୁ ଭୁଲି
ଚାଲିଗଲ କେଉଁ ରାଜ୍ୟ
ଧରଣୀର ଦୈନ୍ୟ କ୍ଲେଶ ଭୁଲି।

ଶ୍ରୀ ବୃନ୍ଦାବନ ଚନ୍ଦ୍ର ପଣ୍ଡା

Digitized by srujanika@gmail.com

## ସେହି-ସ୍ମରଣୀୟ ଦିନ

ଅଙ୍କ ପୁଣି ସେହିଦିନ,
ଭସି ଆସିଥିଲା ଯେଉଁ ଦିନ, ଯେଉଁ କୋଣୁ
"ଭାରତ ଛାଡ଼" ଆହ୍ୱାନ ।
ଲଭି ପାଇଥିଲା ଭାରତ-ଆତ୍ମା
"ଅହିଂସା" ମହାବାଣୀ;
ଗର୍ଜି ଉଠିଥିଲା, ସାମ୍ରାଜ୍ୟବାଦୀ
ଫିରିଙ୍ଗିଙ୍କୁ ଧ୍ୱଂସ ବାଣୀ ।
ଦେଉଥିଲା ତା ଉତ୍ତର,—
ତୁମେ ମୁକ୍ତିବସନା, ଫିରିଙ୍ଗି ଆଗରେ
ଟେକି ଗର୍ବୋନ୍ନତ ଶିର ॥
ସେଦିନ ଆସିଛି ପୁଣି—
ନାହିଁ ନ କିଛି ଯାହାକୁ ଆଜି
(ଯେବେ) ଗୁଳିକି ବରିଲେ କାରା ।
ଭସି ଆସିଥିଲା ଯେତେ ମନ୍ତ୍ରଙ୍କ,
ମହାତ୍ମା ପବନ ତାଡନେ,
ପ୍ରଜ୍ୱଳିଲା ବାପୁଙ୍କ ସେ ମନ୍ତ୍ରକୁ
ନେବେ, ଭାରତର ପ୍ରତି କୋଣେ ।
ତା' ପରଦିନ ନେଲ ମାତ,
କୁଳଶ-ବର୍ଷର ବିଦେଶୀ ଶୃଙ୍ଖଳ
ଚିର୍ଗି ଉଠିଲା ଏ ଜାତି ॥
ତୁମେ ଲତ ଥିଲ ଆଗେ
ଢାଳି ଦେଇଥିଲ ବୁକୁର ରକତ,
ଦରବେଶ ଜନନୀ ଅଙ୍ଗେ ।
ହସି ଉଠିଥିଲ, ଅଧୀନେ ଜନନୀ
ତୁମ ବୁକୁ ରକ୍ତ ଟୀକା;
ଟେକିଥିଲ ଯେତେବେ, ଶଏ ବର୍ଷ ଆଗେ,
ପୁଣି ପଡ଼ିଥିଲା ଶୋଇ,
ତୁମେମାନେ ଅଟଳ ସେନା
ଉଡ଼ାଇଲ ପୁଣି ଗୌରବେ, ମନରେ
ସେଦିନ ବିପ୍ଳବ ବାନା ।
ସେ ଦିନ ଏହି ଶରତ,
କାଣ୍ଡି ଦେଇଥିଲ ସାରା ପ୍ରାଚ୍ୟତଟରେ
(ଏ) ସ୍ୱାଧୀନତା ନୂଆଗତ ।
ଦେଖିଥିଲ ପ୍ରାଚ୍ୟ,ପ୍ରଭାତ ଦେଖିଲା,
ଦେଖିଲା ସାରା ଜଗତ;
ତୁମ୍ଭମାନେ ଯେବେ ବରିଲ
ଗୋଲାବାଟି, ଅବିରତ ।
ସବୁକାଳ ଭାବଗାର
ଯେବେ ସୃଷ୍ଟିଥିଲ ଏ ମରତ-ସ୍ୱର୍ଗ,
ପୁତ-ଗନ୍ଧ-ନରକର ।
ତେବେବି, ନଥିଲ ଡର,
ମନର ସାଧନେ, ସ୍ୱାଧୀନ ସୈନ୍ୟରେ
ହସି ଦେଲ ଦେହ ଟାଣ,
ଗଢି ଦେଇଗଲ ସ୍ୱାଧୀନ କୋଟିଙ୍କୁ
ବିପ୍ଳବର ବହ୍ନି ଜାଳି,
ସେମୂର୍ତ୍ତି ଅଦ୍ଭୁତ ସମସ୍ତ ଜଗତ,
କାହିଁଅଛ ମହାବଳୀ ?
ଛାଡ଼ିଦେଇ ଅର୍ଦ୍ଧପଥେ;
ସରଗ ଅଲଭ୍ୟ ସାଥେ, କାହିଁ ବନ୍ଧୁ
ରହିଅଛ ଲୁଚାଇତେ ।
ଦେଖ ସମୁଖେ ଆଜି
ହୋଇଲେଣି ତବ ପ୍ରିୟ ନେତାଗଣ
ଦାଗଦ୍ୱାରିତ ଭାରତ ।
ଫେର ଆସିଲେଣି, ଆଜି ବାହୁନାରେ
ଭାରତର ଗାଉ ଜୟ;
ବହୁଛ ନୀରବେ କପଟ ଈଶ୍ୱର
ହୃଦକୁ ହୃଦେ ଅଥୟ ।
ତବ ପାଞ୍ଚଜନ୍ୟ ନୀରବ କମ୍ପାଇ
ଜାତିର ଏକ ଉତ୍ସବେ ।
କାଳ ।
କାରେ ଦେଉ ହୁଙ୍କାଳି ?
"ଯାଇଛନ୍ତି ସେହୁ ଜାତ-ଇତିହାସେ,
ସୁନା ଟାଳ ମହାଲ ତୋଳି"
ନାଁ,ନାଁ-ଏ ସ୍ୱପ୍ନ-ପୂଜା, ଯୁଗ ବିତେବୁ
ସେଦିନ ,ଯେଦିନ ପାଇବୁ ଫେର
ତାଙ୍କ ବୁକୁରକ୍ତ ପରେ ତୋର ରକ୍ତ;
ଏ ମାଟି ପରେ ମିଶାଇ
ବାଜିବରେ ଶୁଭ ଶଙ୍ଖ
ଅର୍ଘ୍ୟ ସଜାଇବ ଜନନୀ "ଅମର"
ବାଜଣ ବିଜୟ ଶଙ୍ଖ
ଶେଷେ ଜୟ-ହିନ୍ଦ୍ ଗାନ—
କୋଟି କୋଟି କଣ୍ଠ ନିର୍ଘୋଷ ନିନାଦେ,
ଦେଶକ ସାରା ଜୀବନ ।
ଶ୍ରୀମତୀ ରାଜଲକ୍ଷ୍ମୀ ମାନସିଂ ମହାପାତ୍ର
ନାଗ ନଂ ୭୩୦, ୧୦ ଶ୍ରେଣୀ ଖଇରା ଗଡ଼ ।

---

## ନୂଆ ନାଗଙ୍କ ନାମ

୮୪୭ । ଶ୍ରୀ ହରିହର ମହାନ୍ତି, ଏକାଦଶ ଶ୍ରେଣୀ, ଖ ରେଭେନ୍ସା କଲେଜିଏଟ୍ ସ୍କୁଲ କଟକ । ୮୮୮ । ଶ୍ରୀ ରାମ ନାରାୟଣ ସାମନ୍ତରାୟ, H. L. M. P. ରାମଚନ୍ଦ୍ରପୁର ପୋ: ବାହାଦୁର-ପେଠା । ଗଞ୍ଜାମ ଜିଲ୍ଲା । ୮୪୯ । ଚକ୍ରପାଣୀ ମିଶ୍ର ସେକ୍ରେଟେରୀ ଏଲ୍, ଏନ୍, ଏସ୍, ଉ, ବଲାଙ୍ଗୀର ପାଠନା ଷ୍ଟୋର । ସ୍ଥାୟୀ । ୮୫୦ । ବୈଶ୍ୟର ପ୍ରେମ୍ଜି C/o ଶ୍ରୀ ଚନ୍ଦ୍ରନାରାୟଣ ପଟ୍ଟନାୟକ ଦୋଳ ମଣ୍ଡପ ସାହି—ପୁରୀ । ୮୫୧ । ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ ଏକାଦଶ ଶ୍ରେଣୀ ଛାତ୍ର, ଷଡ଼ିଯୁ-ଗରପୁର । ପୋ: ଅ: ଗୋବରା ଜି: ଗଞ୍ଜାମ ( ଅସ୍ଥାୟୀ )

## ନାଗବଗ୍ର କୁପନ୍

ମୁଁ ଜଣେ ନାଗ/ନାଗୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା ମୁଁ ସର୍ବ ସାହାଯ୍ୟ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବଗ୍ର ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ

| | |
|---|---|
| ବାର୍ଷିକ ମୂଲ୍ୟ ୫ ୦ ନୟା | ର ଡାକଟିକଟ |
| ସ୍ଥାୟୀ ମୂଲ୍ୟ ୫ ୦ ୧ | |

ପଠାଇଲି ।

ତୁମ୍.ସ୍ନେହର ନାଗ/ନାଗୁଣୀ

ଠିକଣା _______________

ତାରିଖ _______________

* ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

## ଉତ୍କଳର ଶ୍ରେଷ୍ଠ "ଦାନ"!

କଲିକତା ପ୍ରେସିଡେନ୍‌ସି କଲେଜର ଶରୀର ବିଜ୍ଞାନର
ଭୂତପୂର୍ବ ଅଧ୍ୟାପକ

**ଆର୍ଯ୍ୟମିତ୍ରଙ୍କ**
**ଶ୍ରୀଜ୍ୱରାମ୍ପିନ ବା ଜ୍ୱରାନ୍ତକ ରସ**

ଏହା ଭାରତର ବଢ଼ ମୂଳ ଓ ଏଲୋପେଥିକ ଦାହାର ଦ୍ୱାରା ପ୍ରସ୍ତୁତ। କୁଇନାଇନ ଠାରୁ ଶତ ଗୁଣ ଶକ୍ତିଶାଳୀ ଓ ଏଥିରେ ଖରାପ ଗୁଣ କିଛି ନାହିଁ। ଏତେ ବଡ଼ ଜ୍ୱରନାଶକ ଔଷଧ ଅଦ୍ୟପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ। ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ି ଦୁର୍ବଳ ଶରୀର ଫେରିଆସେ। ଏକବର୍ଷ ମଧ୍ୟରେ ଜ୍ୱର ଆସେ ନାହିଁ। ପଥ୍ୟାପଥ୍ୟର ଦରକାର ନାହିଁ।

## ଖିଶ୍ମୁଲୀନ

ଚର୍ମ୍ମରୋଗର ଅବ୍ୟର୍ଥ ଔଷଧ

ଦାଦୁ, କୁଣ୍ଡିଆ, ଛାଉ, ମରଳା; ପାଚି ଘା ଓ ସମସ୍ତ ପ୍ରକାର ଚର୍ମ୍ମରୋଗ ଅଳ୍ପ ସମୟରେ ନାଶକରେ। ମୂଲ୍ୟ ଦାଗ ନକ୍ଷେପ କରେ।

ବିଳାସ ଓ ଭେଷଜ ଏକତ୍ର କରି ସମାବିଷ୍ଟ
ସାରା ଜଗତଠାରେ ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ
ପ୍ରଶୋଧନ ସମ୍ଭାର

## ସୁବାସିତ ଔଷଧ ତୈଳ

## ସ୍ୱର୍ଣ୍ଣିମା

ଦେହ ପୋଷଣ ଏବଂ ଦେହ ଶୋଷଣ ଉଭୟ କର୍ମ୍ମ ହିଁ କରେ।
ଶକ୍ତିଶାଳୀ, ସୁଦୃଢ଼, ସୁଗଠିତ ପେଶୀ ଉତ୍ପନ୍ନ କରେ।
ସୁବର୍ଣ୍ଣ, କାନ୍ତିଯୁକ୍ତ, ସୁନ୍ଦର ତ୍ୱକ୍; ସୁନାସ୍ଥିତ ଚର୍ମ,
ବାସନାର ଲୀଳା ଶୃଙ୍ଗ ଦେଇ ମନୋହର; ସ୍ତ୍ରୀ.ଙ୍କ କେଶ
ପୀନପୟୋଧର ଏବଂ ସୁଲମିତ କରେ।
ସ୍ୱଶକ୍ତିଶ, କୋମଳ, ଭ୍ରମରକୃଷ୍ଣ, କୁଞ୍ଚିତ କେଶଦାମ।

## ବୈଦ୍ୟସୁଧା

ବା NECTORUM.

ପ୍ରମେହ ରୋଗର ଅବ୍ୟର୍ଥ ଔଷଧ—ବହୁ ବହୁ ଷ୍ୱର୍ଣ୍ଣରେ ପ୍ରସ୍ତୁତ।
ଏହା ପ୍ରମେହ, ଶୁକ୍ର ତାରଲ୍ୟ ଓ ତତ୍‌ଜନିତ ଯାବତୀୟ ଉପସର୍ଗ, ସ୍ୱପ୍ନଦୋଷ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ କରେ।

ପ୍ରାପ୍ତି ସ୍ଥାନ—
**ବିଜୟ ଶକ୍ତି ଔଷଧାଳୟ**—ରସାୟନ ବିଭାଗ
ବାଲେଶ୍ୱର

କଥା ସାହିତ୍ୟରେ ନୂତନ ଅଭିଯାନ!
ସମସ୍ତଙ୍କର ଉପଭୋଗ୍ୟ ସାମଗ୍ରୀ!!

| ଖଣ୍ଡକୁ ଏକଟଙ୍କା | ଉ–ଦ–ଯ଼ | ବାର୍ଷିକ ପଞ୍ଚ ଟଙ୍କା |
|---|---|---|

ସର୍ବଶ୍ରେଷ୍ଠ କଥା-ଶିଳ୍ପୀଙ୍କର ରଚନା-ଅର୍ଘ୍ୟ ଧରି ଉଦୟ ଆତ୍ମପ୍ରକାଶ କଲା। ପ୍ରତ୍ୟେକଟି ଗୁଚ୍ଛ ଉପନ୍ୟାସ, ସମ୍ପୂର୍ଣ୍ଣ ନୂତନ ଏବଂ ବିଶିଷ୍ଟ ଚିତ୍ରରେ ପରିପୂର୍ଣ୍ଣ। ସବୁ ସହରର ସମ୍ବାଦପତ୍ର ଏଜେଣ୍ଟଙ୍କଠାରେ ଏବଂ କଟକ, ବାଲେଶ୍ୱର, ଖୋର୍ଦ୍ଧା, ପୁରୀ ବ୍ରହ୍ମପୁର, ବିଜୟ ନଗର, ଗଞ୍ଜାମ ବହରମପୁର ଓ ଆନନ୍ଦପୁର ବଜାରର ଷ୍ଟେସନାରୀ ବହି ଦୋକାନରେ ମିଳେ। ବିଜ୍ଞାପନ ସଂଗ୍ରହ ଓ ବିକ୍ରୀ ନିମନ୍ତେ ଆବେଦନ କରନ୍ତୁ।

ଓଡ଼ିଶା ଲେଖକ ସହଯୋଗ ସମିତି ଲିଃ, ନୟାସଡ଼କ, କଟକ

ଓଡ଼ିଶାର ଉପନ୍ୟାସ ଜଗତରେ ନୂତନ ଯୁଗ ଆରମ୍ଭ କରିଛି
**ନିତ୍ୟାନନ୍ଦ ବାବୁଙ୍କର**

## ଭୁଲ୍

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**
ରଚିତ ମନୋଜ ଦାସଙ୍କ କାହାଣୀ କହୁଛି
**"ଏଗାରଟା" ଓ "କ୍ଷଣିକା"**
କାନ୍ତିଆ ଜୀବନର ଜୀବନ୍ତ ଗୀତାବଳି
**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

—ଫ—

( କଟକର ସବୁ ବହି ଦୋକାନରେ ପାଇବେ )


Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com




# "DAGARO"

Orissa's Most Popular Weekly
of
Light, Lead & Laughter

—o—

ସାପ୍ତାହିକ ସଂସ୍କରଣ

| | | |
|---|---|---|
| ଏକାଦଶ ବର୍ଷ | ୧୬।୮।୪୭ | ଚତୁର୍ଥ ସଂଖ୍ୟା |

ଏ ସଂଖ୍ୟାରେ

ଓଟଙ୍କା ଲେଖା

—o—

ବଡ଼ଲୋକର ଗୋଟିଏ ବୋଲି ପୁଅ

୰ ସତ୍ୟଗୋପାଳ

—o—

କବି ଜନ୍ମନ୍ତି ; ତୈୟାରି ହୁଅନ୍ତି

ଶାରଳା ଦାସ

—o—

କାହାଣୀ କହିବାରେ ଆପଣଙ୍କ ପରିଚିତ କଥାକାର

ନିତ୍ୟାନନ୍ଦ

'ଅଗଷ୍ଟ ପନ୍ଦର'

ଅନ୍ୟାନ୍ୟ ବିଭାଗ ପୂର୍ବପରି

---

କଣାମାମୁଁଙ୍କୁ ଆପଣଙ୍କ ଦୁଃଖବେଦ—ଜଣାନ୍ତୁ ! ଅପେକ୍ଷା ।

---

ବାର୍ଷିକ ମୂଲ୍ୟ ଟ ୭୲ ଷାଣ୍ମାସିକ ଟ ୩୲

ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୨୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୪ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)


## ବମ୍ବେ ଲାଇଫ ଏସ୍ୟୁରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ——୧୯୦୮ ହେଡ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଅଳ୍ପ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

୧୯୪୫ର ସଂକ୍ଷିପ୍ତ ବିବରଣ—

ପ୍ରିମିୟମ ଆୟ ୭୩ ଲକ୍ଷରୁ ଊର୍ଦ୍ଧ୍ୱ ବୀମାପାଣ୍ଠି ୨ କୋଟି ୯୬ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ବଙ୍ଗଳା ଉପରେ ଇନ୍ସପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

କେ, ଗୋଲସୁବ୍ରମନ୍ୟମ, ବି. କମ୍. ଏ. ଆଇ. ଏ.
ମେନେଜର ଏବଂ ଏକଚ୍ୟୁଆରି
ହେଡ ଅଫିସ— ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ରାଇମୋହନ ଦାସ

Digitized by srujanika@gmail.com

ଡଗଡଗା

# ବିଜୁଳି ବିଚାର

୧୧ଶ ବର୍ଷ—

୪ର୍ଥ ସଂଖ୍ୟା

ଦୁଇ ଜଣ ବାହାରୁ ମହାତ୍ମାଙ୍କ ଶୋକ ପ୍ରକାଶ କରୁଛନ୍ତି ଏ ଓଡ଼ିଶା ସଂଗେ ପ୍ରବନ୍ଧ ଓ ଶେଷ ଦାବି ଓଡ଼ିଶା ପ୍ରତି ତାଙ୍କର ଅନେକ ସ୍ନେହ ଓ ଦୟା।

ପାଃ ମନ୍ତ୍ରୀ ମହତାବଙ୍କ ଶାସନ ସ୍ୱାଧୀନତା ଲାଭରେ ଗ୍ରହଣ କେବଳ କହିବେ ଏ ଏବଂ ପାଞ୍ଚ ବର୍ଷ ରିପୋର୍ଟରେ ଓଡ଼ିଶାର ଏ ଜନବସ୍ତି ସୃଷ୍ଟି ଯାଇ ସେଥି ମଣ୍ଡ କରନ୍ତେ। ସତକୁ ସତ ଏହା ଯେ କେବଳ ତାର ସୂଚନା ମିଳ ତଳସ୍ଥ ମନ୍ତ୍ରୀଙ୍କ କାର୍ଯ୍ୟ କଳାପରୁ। ଏଣେ ଦେଶବର୍ଷ ଦାଗି ତାଙ୍କ ରକ୍ତ ଭିତରେ ଏତେ ଦୁଃଖ ସହିବାର ବଳ ଓ ତ ସଙ୍ଗେ ସବୁ ସ୍ୱଦେଶ ପ୍ରେମ ଦେଖିଲେ ଯେ ଏହି ରୋଗରେ ଯାଇ କାମ ସ୍ୱରେ ଚେତେ ପଞ୍ଚବର୍ଷ ପୂରିଲା ଚୋଳବ ଦେଶସେବାସ ବୋଲି ଅଭ ଦେହ ନ ଥିବେ। ଦେଶର ଦାରିଦ୍ର୍ୟ ଘାଣ୍ଟିବାର ଏହାଠାରୁ ସହଜ ଉପାୟ ଅଉ କଣ ହୋଇପାରେ!

ଏଥିରେ ଗୋଟାଏ ଗୌଣ ଲାଭ ହବ ଏହି ଯେ ଏଣିକି ଆଉ ସ୍ୱତନ୍ତ୍ର ଅଦାଲତ ଓ ପୁଲିସ ରଖିବାର ଲୋଡ଼ା ପଡ଼ିବ ନାହିଁ; କାରଣ ସବୁଲୋକ ସରକାରୀ ନୌକର ଥିବା ହେତୁ ସମସ୍ତଙ୍କ ବାଇ ପେଟର ଯେ ଯାହା ଡିପାର୍ଟମେଣ୍ଟ ଦ୍ୱାରା ନିଷ୍ପତ୍ତି ହୋଇ ଯିବ। ଏହି ଦୃଷ୍ଟା ଖର୍ଚ୍ଚାନ୍ତ କଷ୍ଟର ଉଠେ ଯଥନ୍ତେ ସରକାର ତହବିଲରେ ଟଙ୍କା ର ବଢ଼ୁଥ କହିଯିବ।

× + ×

ଦ୍ୱିତୀୟ ଲାଭ ଯେ ଏହି ସରକାରୀ କର୍ମଚାରୀ-ମାନଙ୍କ ଦୁନ୍ ଘଣ୍ଟେ ଘଣ୍ଟେ ପରେଡ୍ (Parade) କରାଇ ନେଲେ ଏହିମାନେହିଁ ଦେଶରକ୍ଷୀ ସେନା ହୋଇ ଦରକାର ବେଳରେ କାମରେ ଲାଗିବେ। ସେନା ବିଭାଗର ଖରଚଟା ବଞ୍ଚିଯିବ।

ତୃତୀୟତଃ ଏହି ନୌକର ବାହିନୀ ସର୍ବଦା ସରକାରର ଗୁଣଗାନ କରି ଅନୁପ୍ରାଣ କାମରେ ଲାଗିବେ ଓ ଖୋଃ ବେଳରେ ଅଧୀନ୍ଦ୍ରିୟ କାମ କରିବେ। ସରକାରୀ ପ୍ରଚାର ବିଭାଗର ଖର୍ଚ୍ଚ ମଧ୍ୟ ବଞ୍ଚାଇ ପାରିବ।

ଏମନ୍ତେ ଜଣଙ୍କୁ ଓଡ଼ିଶା ଗୋଟାଏ ନୂଆ ଅର୍ଥନୈତିକ ପନ୍ଥା ଦେଖାଇ ଦେବ, ଯାହା ଅନୁସରି ଅନ୍ୟ ବର୍ତ୍ତମାନ ଏବଂ ସଙ୍ଗୀନ ଦୁଶ୍ଚିନ୍ତା ଓ ଜଟିଳ ସମସ୍ୟାରୁ ରକ୍ଷା ପାଇଯିବେ। ଜୟ ଉତ୍କଳ ଜନନୀର ଜୟ! × × ×

ଭାରତ ଉପନିବେଶ ସ୍ଥାପିତ ହେଲା। ଇଂରେଜ ଚାଲିଗଲେ। ଉପନିବେଶଟା କାହାର? ବୋଲି ପ୍ରଶ୍ନ ଉଠୁଛି। ମୂର୍ଖ ଓଡ଼ିଆ ଏତିକି ବୁଝିପାରୁ ନାହାନ୍ତି—ଉପନିବେଶ ହେଲା ଡ୍ରାଇ ସରକାରଙ୍କର ଉପନିବେଶ ନୌକର ମାନଙ୍କର। ସେମାନେ ଅତ ଯାଏ ସମ୍ରାଟଙ୍କ ବଂଶଧରମାନଙ୍କ ଭଳି ଭବ ସମ୍ପଦରେ ଓ ଏ ସଭାର ସେହି ଦୃଷ୍ଟିରେ ଭୋଗ କରୁଥିଲେ। ଏବେ କ୍ଷମତା ହସ୍ତାନ୍ତରିତ ହେବାରୁ ସେହି ସବୁ ପ୍ରତିନିଧି ଇଂରେଜଙ୍କ ଉତ୍ତରାଧିକାରୀ ରୂପେ ଉପନିବେଶ ସ୍ୱାଧୀନ ଶାସନ ପାଇଲେ। ତାଙ୍କର ରାଜ୍ୟ ହେଲା। ପ୍ରଭାବ ଏଣିକି ଯାହାର ଯେତିକି ଉପାଜନ ତୋଷାମୋଦ ନୀତି ଦରଦୀ ପାଇବେ ଯାହାର ପାଠଶାଳା ମଣ୍ଡ ମୁଣ୍ଡିଆଙ୍କ ମୁଣ୍ଡରେ ମୁଣ୍ଡ ଦେଇ—ତାଙ୍କର ରକ୍ଷାକର। ଅଉ ଅମର ବଳେ ବଂଶଗ୍ରସ୍ତ ଭାଇ ଏଣିକି ଡେରି ମର୍ଦ୍ଦନର ଥାଇକି ଉଦଭୀଦ ଓଡ଼ିଆଙ୍କୁ ହେଡକ୍ୱାର୍ଟର ବିଦ ପ୍ରସ୍ତୁତ କରି କାମରେ ଲଗାଇ ଦେଶ ପ୍ରାଣତାର ପରିକାଷ୍ଠା ଦେଖାଇବେ।

× × ×

ଏଥର କନ୍ଧମାଳ ଦରପଦ ଗ୍ରହଣ କରିଛନ୍ତି। ଏ ପଦମାନ ପୂର୍ବେ ପୁଂ ଲିଙ୍ଗରେ ଥିଲା। ତାର ମାନଙ୍କର ପ୍ରବେଶରେ ତାହାର ସ୍ତ୍ରୀ ଲିଙ୍ଗ କରାଯିବ କି ନାହିଁ ଏବଂ ଯେବେ ତା ହେଉ ପରିଣତିରେ—ପୁଂ ଲିଙ୍ଗରୁ ସ୍ତ୍ରୀ ଲିଙ୍ଗ କରିବାର ନୂଆ ନିୟମ ବ୍ୟାକରଣରେ ସୃଷ୍ଟି ହିଁ ନା ନାହିଁ, ଏ ସବୁ ମଧ୍ୟ ବିଚାର କରିବା ଦେଇ ଅଟେ। ଦେଖ ଗତ ଡାକ ପାଠକମାନଙ୍କ ମତ ନେବାକୁ ଯାହିଁ ଏ ଉଦ୍ଦେଶ୍ୟରେ। ଯେଉଁମାନ ଶ୍ରୀମତୀ ଲକ୍ଷ୍ମୀବାଇ ଉପମନ୍ତ୍ରୀ ହେବାରୁ ତାଙ୍କୁ ଉପମନ୍ତ୍ରୀ ପଦ୍ମା କହି ଯିବ କି ନାହିଁ। ଶ୍ରୀମତୀ ବିଜୟଲକ୍ଷ୍ମୀ ଭାରତର ଦୂତ ହୋଇ ରୁଷିଆ ଯାଉଛନ୍ତି। ତାଙ୍କ ସମ୍ଭ, ଦୂତ ପରିବର୍ତ୍ତରେ ସମ୍ଭ, ଦୂତୀ କୁହାଯିବ କି ନାହିଁ। ତୃତୀୟରେ ସଚ୍ଚିଦାନନ୍ଦ ଅମୃତ କଉର ଭାରତର ସ୍ୱାସ୍ଥ୍ୟ ମନ୍ତ୍ରୀ ହେବାରୁ ତାଙ୍କୁ ମନ୍ତ୍ରୀଣୀ ବା ସଚିବାଣୀ କହା ଯିବ କି ନାହିଁ। ଦେହାନ୍ତରେ ଶ୍ରୀମତୀ ସରୋଜିନୀ ନାଇଡୁ ଗଭର୍ଣ୍ଣର ହେବାରୁ ତାଙ୍କୁ ଗଭର୍ଣ୍ଣେସ କହାଗଲେ ଭୁଲ ଅର୍ଥ କରିବାର ଭୟ ନାହିଁ ତ? ଏ ସବୁ ବିଷୟରେ ପାଠକ ମାନେ ଧୀର ବୁଦ୍ଧି ସ୍ଥିର ଚିତ୍ତରେ ବିଚାର କରି ଦେଖନ୍ତୁ। ଏହି ସବୁ ଶେଷରେ ଏତିକି ଭାଷାକର କ୍ଷମା ମାଗୁଛୁ ଯେ ଏଣିକି ସାଧାରଣ ଜୀବନର ଦାସମାନଙ୍କୁ ସାଧାରଣ ସେବା ନରମାନଙ୍କୁ ଯେପରି public man କୁହାଯାଏ ସେପରି public woman କହିଲେ ଦେହ ଯେପରି ଭୁଲ ନ ବୁଝନ୍ତି ଏବଂ ଏ ପଦ୍ମାଙ୍କ ଉମେନଙ୍କ ପାଇଁ ଉଠିଲେ ଯେଉଁ ସ୍ଥାନ ଦେଲେ ସ୍ତ୍ରୀବାଚକ ଶବ୍ଦର୍ଥରେ ପ୍ରିୟା ବାଚକ ବୋଲି ଯେତିକି ଦେହ ଯୋଗର ପ୍ରେମ ଛଟି ମନେ ପକାନ୍ତୁ।

× × ×

ପୂର୍ବକାଳରେ ଢେଣ ପାଳକଙ୍କ ମନ୍ତ୍ରୀଙ୍କୁ ବୋଲି ସମସ୍ତେ ଜାଣନ୍ତି। ତାଙ୍କ ବୁଦ୍ଧିବୃତ୍ତି ସବୁବେଳେ ଏତେ ତୀକ୍ଷ୍ଣ ଯେ ଘଡ଼ା ବାଧ ହୋଇ ପାଳିବଣ୍ଟା ମୁଣ୍ଡରେ ମାରି ଦେଲେ। ଦେଖିଲ କରିବାର ବେଳେ ବଣ୍ଟା ଟୋକି ଦେଇ ଯାଏ। ସେତେବେଳେ ସୁଖଂକ ହେଲେ। ବୁଝି ଦେଖି ବଢ଼ିବାର ନଥିଲା। ଯେବେ ଏତେ ଅବଳ ଥିଲେ ଯେ ବୁଝିଲି ଏ ଦେଶ ବା ଜଳ ବୁଝିଲି ବିଶେଷ ପ୍ରତ୍ୟୋଜନ ହେଉ ନଥିଲା। ଏବେ ତନ୍ତ୍ର ଯବେ ତେଣି ସ୍ୱଳ୍ପ ହେଲେଣି—ଏବଂ ତାହା ସମସ୍ୟା ଉପୁଜିଲାଣି। ଅତଏବ ଏବେ ପୂର୍ବର ମନ୍ତ୍ରୀମାନଙ୍କ ଦ୍ୱାରା ସତ ବୁଦ୍ଧି ଦେବାକୁ ପଡ଼ୁଛି। ଯେଣୁ ଯଦି କୌଣସି ମନ୍ତ୍ରୀ ଅଳ୍ପ ବୁଦ୍ଧିଆ ହେବା କାରଣ ମୁଣ୍ଡରେ ବଣ୍ଟା ଦେଇଥାନ୍ତି ତାଙ୍କ ବଣ୍ଟା ଟୋକିବାକୁ ପଡ଼େ। ଯଦି ବଣ୍ଟାଟା ଭେଟିବାର ଗୋଲ ନ ଥାଏ ବା କିଛି କଷ୍ଟକର ଉଠିଲେ ହୋଇ ଅଚାନି ହୋଇଯାଇ ଥାଏ ତେବେ ବଣ୍ଟା ଗୋଲିବାର ସହଜ ଉପାୟ ହେଉଛି—ଗୋଟା ବାସନ କାଟି ତାହାର ଭିତରେ ଭରିଲ ବୁଦ୍ଧି ଦେଇଦେବା। ଆଣ୍ଡା କରୁ ମନ୍ତ୍ରୀ ମଣ୍ଡଳ କେଉଁ ସହର ଏ ବୁଦ୍ଧିରୁ ଅଭାବ କାର୍ଯ୍ୟରେ ଲଗାଇବେ। + + +

ମହତାବ ପ୍ରଥମେ ବାଲେଶ୍ୱରର ଅବସ୍ଥାକୁ ନେଟ ଥିଲେ। ପରେ ସେ କଟକ ଯାଇ ଓଡ଼ିଶାର ଅବସ୍ଥାକୁ (ଅଉ ସମ୍ପାଦ ନୁହେଁ) ନେଲା ହେଲେ। ସେହିପରି ତାଙ୍କ ପ୍ରତିଷ୍ଠିତ ପ୍ରଜାତନ୍ତ୍ର ମଧ୍ୟ ବାଲେଶ୍ୱରରୁ ପ୍ରମୋସନ ନେଇ କଟକକୁ ଯାଉଛି। ଜଗର ଦ୍ୱାରତ କରୁଛି ଏପରି ପାଇଁ ଯେ ସମାଜର ଗୋଟାଏ ଦୁର୍ଦ୍ଦଶା ସ୍ମୃତି ଯୋଗକୁ ପୁଣି ସମ୍ପାଦକଙ୍କ ଉଚ୍ଚାରଣ, ପ୍ରଜାତନ୍ତ୍ରର ନବେବେ ଅତଏ ଜଣେ ସ୍ମୃତି ସେହିପରି ବାଲେଶ୍ୱର ସମ୍ପାଦ ରକ୍ଷା କରି ଅଣ୍ଡା କରୁ ଯାଉଛି। ଆଜି ମାତ୍ର ଭୂମିରେ ସେଇପରି କଟକ ସମ୍ପାଦ ବାହାରିଲେ ତାହିଁରେ ମିଶି କଟକ ପୁଣି ବାଲେଶ୍ୱର କରୁଛନ୍ତି। ପଛରେ ସମ୍ବଲ ବୋଲପୁଃ ସମ୍ବଲପୁର କଥା ଦେଲକା ଡକାଇ ଅଡ଼ ଦେଖିବେ। ଅପେ କଥିଲେ କାହାର ନାହିଁ।

+ + ×

ଶଯୁକ୍ତ ମହତାବ କଂଗ୍ରେସ କର୍ମୀ ମାନଙ୍କୁ ଉପଦେଶ ଦେଉଛନ୍ତି ଯେ ସେମାନେ ଅମଳ ମାନଙ୍କ

ନୋ ନ କର ବଡ଼ ପଦ ଅଧିକ ହୋଇପାରେ । ଏସେମ୍ବ୍ଲିରେ ଓ ଦେଶ ଦେଶାନ୍ତରେ ଥିବ ନେତା ନ ହୁଏ ପର୍ଯ୍ୟନ୍ତ । ସେ ଅନୁସାରେ ଭାରତରେ କେବଳ କଂଗ୍ରେସ କର୍ମୀ ଗାଦିପିଡ଼ା ପାଇଁ ଲାଗି ଯେ କହିଲେ ତାକୁ ଗାଳି ଦେଲେ— ସ୍ୱାର୍ଥପର ଶ୍ରେଣୀଙ୍କ ମନ୍ତ୍ରୀ ଉଦ୍ଦେଶ୍ୟ ସିଦ୍ଧି ହୋଇଗଲା । କିନ୍ତୁ କହନ୍ତି ଏ ଶୋଷ ଅଜଣା କଂଗ୍ରେସ ଗାଦି ଛାଡ଼ିଦେବେ—ଏବଂ ଜଣେ କର୍ମୀଙ୍କର ଶକ୍ତି ମନ୍ଦରେ ଅଥବା ନିଜର ଗୋଷ୍ଠୀ ଭାଗରେ ଲାଗିବେ । ଅଥବା ତ୍ୟାଗ ସ୍ୱାର୍ଥ ଦେଇ ପାରିବାର ଅଭ ଅନ୍ୟ ଚାରା ନାହିଁ । ଏହା ଦ୍ୱାରା ପ୍ରଭୁତା ଜେଡ଼ୁଲ୍ ତଥ୍ୟ ଭଲ୍ଲୁକସ୍ତରଠାରୁ ହେବ ।

\+ + ×

ଓଡ଼ିଶା ଯେ ଦେବ ଦେଶ । ଏଠି ମନ୍ଦିର ବୋଡ଼ିଏ ଦେବତା କୋଡ଼ିଏ । ସମସ୍ତେ ଦେବତା । ତାହାକୁ ଦଣ୍ଡବତ କରିବୁ— ତାହାକୁ ପୂଜା ନ କରିବୁ ? ଅମ ବୁଦ୍ଧ ଲଃ ଚନ୍ଦ୍ରକଳ ଜ୍ୟୋତିଷ ପଣ୍ଡିତେଙ୍କ ଠାକୁର୍ ଦୋଳଃ ବେଦରେ ଜମ୍ବୁରଦ୍ୱୀପ ହିତେଷ କହିଲେ—ଚନ୍ଦ୍ର, ଉନେ ବିନ୍ଦୁର ଅସ୍ତି ର ମଣ୍ଡଳମନ୍ତ୍ର ଶେଷେ ଦେଶ ଥିଲ । ଉନେ ଜଳଦୁର୍ଗ ଅଠାଶ୍ୱରର ଅଧ୍ୟାତ୍ମ ବୃନ୍ଦ ଦଳର ୧୪ ଉନେ ଯାଉଛ ମଣ୍ଡଳ । କେନ୍ଦ୍ର ଅନ୍ତ- ଭରେ ଦେବତା ମନ୍ଦଭାବ ସ୍ଥାନ ଅଙ୍ଗ ସଙ୍ଗ ଲଭୁ ଦଳର ପୌରାଣିକ ଭଳ ଚନ୍ଦ୍ର ଅଙ୍ଗ ସଙ୍ଗ ଲଭୁ ବଳ ହୃଦୟସ୍ତ୍ର ହୋଇ ପ୍ରେମ ଉପଭୋଗରେ ସଙ୍ଗରନ୍ଦ୍ର ବ ସୃଷ୍ଟି ଶ୍ରୀ କହିଲେ—ତାକୁ ଏ ଓଡ଼ି- ଶାରେ ଭଲଭା ପାଇଁ ଚେଷ୍ଟା ସେ କରି ଥିଲେ ବାଉଁଶ ତାଙ୍କ ଗୁଣ ଅଶେଷ—ସେ ଦେବପର୍ଯ୍ୟରେ ପଦ୍ମ ଓଡ଼ିଶାକୁ ଭକ୍ତି କରି ଦେଇଛନ୍ତି । ପୁଣି କେଶେ ଥିଲେ ଥିଲେ—ନଟବାବୁ ଦାସ ଛାତ୍ର- ଦେଖିଲେ– ଯୁକ୍ତି ବାଢ଼ି ଦେଇଲେ—ଯେ ଚନ୍ଦ୍ର ଜଳଙ୍କ ଯୋଗ୍ୟତା ଦୃଢ଼ତ୍ୱ ସେ ଉଚ୍ଚ ପାହାଚ ପାଇଛନ୍ତି । ଏ ସବୁ ଦେବତାଙ୍କ କଥା ଶୁଣି ଲୋକଙ୍କ ଶାସ୍ତ୍ର ଅନ୍ଧ ଭୁଖ । ତେବେ ଦେବତାଙ୍କ ଦଣ୍ଡ ତଥାପି ?

× + ×

ନବବାବୁଙ୍କ ଯୁକ୍ତି ଶୁଣି ନାନାଜଣ ଗୋଦାବରୀଶ ବିରୋଧ କରୁଛନ୍ତି ବୋଲି ଶୁଣାଯାଏ । ସେମାନେ କହନ୍ତି ଏଭଳି କଥା ହୋଇ ଦେବା ଭଲ କଥା । ଚନ୍ଦ୍ରଭଳ ଯଦି ଲଃ ହୋଇ ପାରିଲେ—ଅନେ କଣ ଛାତ୍ରଙ୍କ ଅପରାଧୀ ? କିନ୍ତୁ କଥାଟା ଅନ୍ୟ ପ୍ରକାର ସାଁ ଭଲ ଶ୍ଳୋକ ଅଛି, ସୃଷ୍ଟିର ଅବହିଁ ସ୍ତବ । ତାର ଶାରିକ ଅର୍ଥ ବୁଝିବ ନବ ଭାଷର କେତେ କେତେ ହିଂସା କରନ୍ତି । ତାରପ ଚନ୍ଦ୍ରଭଳ୍ ଲଃ ସିନା

କହେ—ଓଡ଼ିଶା ପ୍ରଧାନ ମନ୍ତ୍ରୀ ଭ ଦେଉ ପାରିବେ ନାହିଁ ।

\+ × ×

ନବବାବୁଙ୍କ ପ୍ରଚାରକ ସଂଗଠନ ପରେ ଓଡ଼ିଶା ସମ୍ବାଦ ଦାର୍ଶନିକ ମହଲରେ କଥା ଉଠିଲା—ଯଦି କେଉଁ କର୍ମୀଙ୍କ ମାନେ ଦଳୀୟ ସମ୍ପର୍କ ସ୍ୱତନ୍ତ୍ର ସରକାରଙ୍କ ଅନୁଗତ ହୋଇ କଂଗ୍ରେସ ଉପରେ ମାତ୍ର ଚାହିଁ ଥିଲେ ସେମାନଙ୍କ ମେରୁଦଣ୍ଡ ଦୃଢ଼ ମନୋବଳର ଉଚ୍ଚ ଚାହିଁଥ ଦଣ୍ଡ- ଯାଏ ଓ ଯେଉଁମାନେ କଂଗ୍ରେସର ବିରୋଧ ସାହାଯ୍ୟ କରି ସ୍ୱତନ୍ତ୍ର ସରକାରଙ୍କ ସେବାରେ ନତର ଯାହା ଭାବ ମତ ଦିଲ ଦଳର ଦେଇ ନାହାନ୍ତି ଜନସାଧାରଣ ତାହାକୁ ସେମାନଙ୍କ ଅପାରଗ ଶ୍ରେଣୀରେ ନଥିଯାଏ ତେବେ ଏଥି ତନ ଅନ୍ୟାୟ ଅଛ କଣ ହୋଇପାରେ ?

ତଥାପି ସଭାରେ ଏହାର ଉତ୍ତର ହେଲା ଯେ ମହାଶୟଙ୍କ ନ୍ୟାୟ ଶାନ୍ତି । ଯେ କୌଣସି ଶାନ୍ତି ସରକାରର କର୍ତ୍ତବ୍ୟ କାଣ୍ଡି ବାଢ଼ି ପିଟି ଦେବା ଓ ଶାନ୍ତି ରକ୍ଷିବା । ଏହାଦ୍ୱାରା ଯେଉଁମାନେ ସ୍ୱତନ୍ତ୍ର ସରକାରଙ୍କ ସମୟରେ କଂଗ୍ରେସର ସାହାଯ୍ୟ କରୁ- ଥିଲେ ସେ ଦଳ ସାବଧାନ ହୋଇ ଯାଆନ୍ତୁ ଯେ ସେମାନେ ଯଦି ଅମ ମନ୍ତ୍ରୀଙ୍କ ବିରୁଦ୍ଧରେ ସୋସାଲିଷ୍ଟ ବା କମ୍ୟୁନିଷ୍ଟଙ୍କ ଭିତର ସାହାଯ୍ୟ କରୁ ଥାଆନ୍ତି ତେବେ ସୋସାଲିଷ୍ଟ ଜନତାକୁ ଅସିଲେ ତାଙ୍କ ଦଶା କ ହେଉଥିବା ହେବ । ତେଣୁ ତୋର ଯୋଗରେ ସେମାନେ ଏହି ମନ୍ତ୍ରୀ ଦରେଡ଼ୀ ଦଳ ଓ ଦ୍ୟୁତି- ମାନଙ୍କ ଚାହିଁନ୍ତୁ ।

ବାବୁ, ସିଏ ଥରେ କହିଥିଲେ ପାଠକଟା ଗୋଟିଏ ସରକାର ସଙ୍ଗ କରନ୍ତି—ସେ ସବୁଦିନେ ଦୋଷ ପାଠକ ରହିବ । ତେଣୁ ଯେଉଁ ଅମଳ ସ୍ୱତନ୍ତ୍ର ସରକାର ଅମଳରେ ଆଉ କଂଗ୍ରେସର ସାହାଯ୍ୟ କରିଥିଲେ ତାଙ୍କ ପରଚେ ନାହିଁ । ଯଦି ସେମାନେ ଅଣାକରୁ ଥାନ୍ତି ଯେ ଅନ୍ତତଃ ସେମାନଙ୍କ ଉଦ୍ଦେଶ୍ୟ ଗଣତନ୍ତ୍ର ଜନମତ ଧାରଣି ଭାଇଁର ମିଳିପାର ସେ ସ୍ୱତନ୍ତ୍ର କଥା । ଅମର ଆଶା, ମହତାବ ମନ୍ତ୍ରୀଙ୍କ ସୁପାରିଶରେ କାର୍ଯ୍ୟକାରୀ କମିଟିର ଯାଇ ଯେପରି ସୃଷ୍ଟିକର ତଟା ତାଳିଲେ ବୋଲି କହି ଯାଏ ପୁଣି ପାଠକଙ୍କ କଥାରେ ଡଙ୍କ ହୋଇ ପାଠକାଙ୍କ ବୋଲି ପରିଚୟ ଦେଇ ସେ ଯେପରି ଓଡ଼ିଶାରେ ମିଲ୍ ଚଳ ସ୍ୱଜନ କଲେ ଏହି ନମସ୍କାରମ୍ଭଙ୍କ ପ୍ରତି ତାଙ୍କର ଦୃଷ୍ଟିର ସହାନୁଭୂତି ହେବ ଓ ଦୃଷ୍ଟିର ସେ ତାଙ୍କର ବ୍ୟବସ୍ଥା କରିବେ ।

× × ×

ନବବାବୁଙ୍କ ଯୁକ୍ତି ଶୁଣି ତାଙ୍କ ସଭାପତି ଜଣେ କହିଲେ ୧୯୪୬ ରେ ଗୃହ ବନ୍ଦ ଅଛି ପୂର୍ବର ଜଣେ ନେତା ଜାଲନ ମାଣେ ଯେଉଁ ବେଳେ ଲକ୍ଷ୍ମୀଶ୍ରେଣୀ ହୋଇ, ଚରମ ଲକ୍ଷ୍ୟ ଅଭିବାଦନ କରି କହୁଥାନ୍ତି— 'ଜାମାଲ ଚଳ' ଜାମାଲ ଚଳ' 'ସାହ୍ୱାସ,—'ସାହ୍ୱାସ "ମୁଁ ଲକ୍ଷ୍ମୀ ହୋଇଛି—ଯେ ଅଧରେ ଉଦ୍ଧତ— ଗାଳିଦିଏ ।" ସେତେବେଳେ ତଳେ ସଭାପତି ଉତ୍ତର କହିଲେ—"ଉମର ଏ ସବୁ ପ୍ରମାଣରେ ଅଧ୍ୟାତ୍ମର ଉତ୍ତର ହେବ । ସ୍ୱାଧୀନ ଭାରତରେ ଏହି ଗୃହ ପିଅଙ୍କର ବୁଝି ଦିନ ଉମର ଦଣ୍ଡଦେବେ ।" ତାଙ୍କ ଉତ୍ତର ମିଳିଲା—ଶଳେ ଅଭ ସ୍ୱାଧୀନ ହେବ— ଯଦି ସ୍ୱାଧୀନ ତଏ ହେବ ତ ଉମ ଦେଖା ହେବ— ସେ ଯଦି ପୁଣି ଅମର ସୋଡ଼ ନ ସ୍ୱଃନ୍ତି ଭ ଦେଖିବ ପୁଣି—ତଏ ଅମର ଉତ୍ତର ଦଲିବେ ?ହିଁ ଃ ଅସିଲେ ଜଳ୍ ସାହେବ—ସାକ୍ଷାତ୍ ଭଗବାନ !"

ତଥାପି ସଭା ସଭାପତିଙ୍କୁ କହିଲେ—ବାବୁ, କ୍ଷମାଠାରୁ ବଡ଼ ଗୁଣ ନାହିଁ । ସଭାପତିଙ୍କର ଗୀତା ଶ୍ଳୋକ ମନେ ପଡ଼ିଗଲା ସେ 'କ୍ଷମା' ସାଙ୍ଗକୁ 'ଶୌଚ' ଦେଇ ପଢ଼ ଲୁଗା ପିଃ । ସମ୍ମାନ 'ତପ' କରିବାକୁ ଅନେଇଲେ । ଏଣିକି ସମସ୍ତେ ଇନ୍ଦ୍ରିୟ ସଂଯମ ଶିକ୍ଷା କରନ୍ତୁ ।

× + +

ତୋ ସାହେବ ପାକିସ୍ଥାନ କଥା ସଭାରେ ଜଣେ ଦେଇ କହିଲେ—ପାକିସ୍ଥାନରେ ସ୍ୱଜନିତର ଅର୍ଥରେ ହିନ୍ଦୁ ଅଭ ହିନ୍ଦୁ ହୋଇ ରହିବେ ନାହିଁ ବା ମୁସଲମାନ ମୁସଲମାନ ବୋଲି ରହିବେ ନାହିଁ । ଧର୍ମ ବ୍ୟକ୍ତିଗତ କଥା ।"

ବାବୁ, ମଳ ତେଜଲୁ ହିନ୍ଦୁ ସତ କହେ । ଭଗ ବାନ କରନ୍ତୁ ଜିନ୍ନା ଏତେଦିନ ପରେ ଏ ସତ କଥାଟା କହିଲେ ବୋଲି ସେ ଶୀଘ୍ର ନ ମରୁ ଅନ୍ତର ଯୁଗେ ଯୁଗେ ପାକିସ୍ଥାନର ବାଦଶା ହୋଇଥାଆନ୍ତୁ କିନ୍ତୁ କା'ରେ ଦରବ, ଏଇ କଥାଟା କଣ ଅପଣ୍ଡ ଭାରତ ପକ୍ଷରେ ସତ ନୁହେଁ । ସତ କଥାଟା କେବଳ ପାକିସ୍ଥାନରେ ଥାଏ—ହଟାଙ୍କ ବାଦଶା ପାକରୁ ବାହାରେ—ଅଭ ଉନବାଦ୍ଦ—ହନ- ସେବକ ହିସାବରେ ବାହାରେ ନାହିଁ ? ଗାନ୍ଧି- ଜୀରେ ଯଦି ହଠାତ ସତ୍ୟଟା ସତୀ ହୋଇଥାନ୍ତା ତେବେ ଭାରତର ଭାଗ କରିବାର ଦରକାର ପଡ଼ି ! ଅସଲ କଥାଟା ପାକିସ୍ଥାନ ନୁହେଁ ବା ହିନ୍ଦୁ- ନୁହେଁ—ହିନ୍ଦୁସ୍ଥାନ—ଅପଣା ବାସ୍ତ୍ର ସତ୍ୟ ।

\+ + ×

Digitized by srujanika@gmail.com




ମଜାକଥା

# ବଡ଼ଲୋକର ଗୋଟିଏ ବୋଲ୍ ପୁଅ

ଲେଖକ:— ଶ୍ରୀ ସତ୍ୟଗୋପାଳ ନାୟକ

ହଁ କଣ କହୁଥିଲି ? ଓ !! ମୁଁ ତ ଭାବି ନୂଆ ମଜାର ସ୍ୱପ୍ନ ଦେଖୁଥାଏଁ । ଏମିତି ସମୟରେ ମୋର ଅଭି-ଭାବକଙ୍କର ଚିଠି ଆସିଲା, ତମେ ଆସ ତମ ସମ୍ପତ୍ତି ବୁଝିନେବ । ଏ ଖବର ପାଇଲା ମାତ୍ରେ ସାଙ୍ଗମାନେ ଭାରି ଖୁସି ହୋଇ ଭୋଜିର ବନ୍ଦୋବସ୍ତ କରି ପକେଇଲେ । ଖର୍ଚ୍ଚଟା ଅବଶ୍ୟ ମୁଁ ଦେଲି । ଦେବାର କଥା ।

ତା ପରେ ପୁଣି ଦେଖା ହେବ କହି ମେଲାଣି ଦେଲି । କିନ୍ତୁ ପରେ ଆଉ କାହାର ସଙ୍ଗେ ମୋର ଦେଖା ହୋଇନି । ମୁଁ ପରେ ସେମାନଙ୍କୁ କରଛଡ଼ା ଦେଇଛି; ସେମାନେ ତ ଦେବାର କଥା । ମୋର ସାଙ୍ଗ ମୋର ମିଛାକର ଯେତେ ବଡ଼ଲୋକ ପିଲା ଥିଲେ ସେମାନଙ୍କ ସଙ୍ଗେ ମୋର ପ୍ରତିଯୋଗିତା ଏଇଠି ଶେଷ ହୋଇଗଲା । ପରେ ଆଉ ସେମାନଙ୍କ ସଙ୍ଗେ ଦେଖା ହୋଇନି । ଖାଲି ଦୁଇଜଣଙ୍କ ଖବର ପାଇଥିଲି, ଜଣେ ବୋକା ମଣିଷ ଜୀବନଟା ଶେଷ କରିଦେଲା ବିଷ ଖାଇ । ଅନ୍ୟଜଣେ ଗଲା ଜେଲ୍ ଭିତରେ— ଛାଡ଼ !!!

ଗତର ପହିଲି ସନ୍ଧ୍ୟାରେ । ଷ୍ଟେସନକୁ ବଗିଟି ଟେକି ଟେକିଅ ମୋଟର ଟାଏ ଧରି ଅଭିଭାବକ ମହାଶୟ ମୋତେ ନେବାକୁ ଆସିଥିଲେ । ହଁ ଆଗରୁ କେତେଥର ତ ଘରକୁ ଆସିଛି ମୋଟରେ ମୋଟର ଜଣେ ଲୋକ ସୁଦ୍ଧା ମୋତେ କେବେ ନେବାକୁ ଆସିନି । ଘରଟା ଷ୍ଟେସନଠୁ ତିନି କୋଶ ଦୂର । ମଫସଲ ଷ୍ଟେସନ । ସବୁବେଳେ କୁଲି ମିଳେ ନାହିଁ । ତେଣୁ ଏମିତି ଅସୁବିଧାରେ ଲୋକଟାଏ କି ଗୋରୁ ଗାଡ଼ିଟାଏ ଯୋଗାଡ଼ କରି ନେବାକୁ ହୁଏ । କେତେ ଥର ଏମିତି ହୋଇଛି ଲୋକ କି ଗାଡ଼ି ଯୋଗାଡ଼ ହୋଇ ପାରିନାହିଁ ବୋଲି ମୋତେ ଚାଲି ଚାଲି ଘରକୁ ଆସିବାକୁ ପଡ଼ିଛି । ଏ କିନ୍ତୁ ବହୁତ ଦିନର କଥା । ସେତେବେଳେ ଟଙ୍କା ଯୋଗାଡ଼ କରିବାର ସୁବିଧା ଉପାୟଟା ଜାଣି ନ ଥାଏ ବୋଲି ମୋର ଅଭିଭାବକଙ୍କଠୁ ଟଙ୍କା ନେବାକୁ ମୋତେ ଭୁହୋଇ ଭୁହୋଇ ଘରକୁ ଆସି-ବାକୁ ହେଉଥାଏ । ପରେ ଏଇ ଅସୁବିଧା ଯୋଗୁ ଘରକୁ ଆସିବାର ପ୍ରାୟ ଛାଡ଼ି ଦେଇଥିଲି । ଆଜି ମୋଟର ସହିତ ମୋତେ ଅଭ୍ୟର୍ଥନା କରିବାକୁ ମୋ ଅଭିଭାବକ ମହାଶୟ ନିଜେ ଷ୍ଟେସନରେ ହାଜର । ମୋତେ ଭାରି ଖୁସି ଲାଗିଲା । ମୋଟରଟା ଦେଖି ଭାବିଲି ମୋର ବୟଃପ୍ରାପ୍ତି ଉପଲକ୍ଷ୍ୟରେ ବୋଧ-ହୁଏ, ମୋଟରଟା କଣା ହୋଇଛି । ଏତେଦିନ ଯାଏ କିନ୍ତୁ ମୋର ଘରର ମୋଟର ନ ଥିଲା । ମଜାଟା ଆହୁରି ବୃଦ୍ଧି ହୋଇଗଲା । ବୃଦ୍ଧଙ୍କଠାରୁ ଉଚ୍ଛ୍ୱାସରେ ତାଙ୍କୁ ବସେଇ ଦେଇ ନାଚିବାକୁ ଇଚ୍ଛା ହେଉ ଥାଏ । ଅଶୋଭନ ଦେଖାଇବ ବୋଲି ମୁଁ ସମ୍ଭାଳି ନେଉଥିଲି । ଅଗତ୍ୟା ଉଚ୍ଛ୍ୱାସଟାକୁ ଚାପି ଦେଇ । ଖାଲି ପଚାରିଲି—"କେତେରେ କଣା ହେଲା ?"

ସେ କହିଲେ "ଆଠ ହଜାର ।"

ମାଲେଟା ପସନ୍ଦର ହେଲା ନାହିଁ । ତେଣୁ ପ୍ରଶ୍ନଟାକୁ ଆଉ ଟିକିଏ ଘୁରେଇ ପଚାରିଲି—"କେତେ ଦିନ ହେଲା ?"

ସେ—"ଏଇ ମାସେ ଖଣ୍ଡେ ହେବ ।"

କଥାଟା ଠିକ୍ ବୁଝି ହେଲା ନାହିଁ । ତେଣୁ ସିଧା ପଚାରିଲି—"ମୋ ପାଇଁ କିଣିଛନ୍ତି ତ !!"

ସେ ବିଅରଟା ଚଳେଇଲେ ବେଶ ଗମ୍ଭୀର ହୋଇ କହିଲେ "ନା ! ମୋ ପାଇଁ ।"

କଥାଟା କେମିତି ଅଡୁଆ ଅଡୁଆ ଲାଗିଲା । ଯାଏ ତ ସବୁ ଦିନେ ସରିବ । ମୋର ଅଭିଭାବକ ମୋର ଆଉ ସମ୍ପତ୍ତି ଦେଖା ଶୁଣା କରୁଛନ୍ତି ମୋର ବାପା ଛାଡ଼ି ଦେଇ ଯାଇଥିବା ସାମାନ୍ୟ ସମ୍ପତ୍ତି ତାହାର ମାସିକ ଦରମା ହିସାବରେ ଯାହା ପାଆନ୍ତି ସେଥିରେ ବାହ୍ୟ ଚଳେଇ ଜଣେ ଏମିତି ମୋଟରର ଦୂରର କଥା ମଟର ଚକଟାଏ ବି କିଣିବାର ସ୍ୱପ୍ନ ବି ଦେଖିବା ଅସମ୍ଭବ ।

ଲୋକଟା କି ସ୍ୱଳ୍ପ !!! ସ୍ତି ଅଙ୍କଂ ଚଢ଼ି ଉପରେ ଥିବା ଅବସ୍ଥାରେ ମୋର ମୁହଁ ଦେଖି ବୁଝିଲା ନା କଣ, କହିଲା "ଏବେ ହଠାତ୍ ବଡ଼ଲୋକ ହେବାର ଯୁଗ । ଯୁଦ୍ଧ ଠିକାରେ ମୋର କେତେ ଲାଭ ହୋଇଛି ଜାଣ ? ପାଞ୍ଚ ଲକ୍ଷ ଟଙ୍କା । ବୁଝିଲ, ପାଞ୍ଚ ଲକ୍ଷ ଟଙ୍କା ।

ସନ୍ଦେହଟା ମେଣ୍ଟିଗଲା । ତା ପରେ ବୁଢ଼ାଙ୍କୁ ତୁମେଙ୍କୁ ଭଟି ଅଶ୍ଳୀଳ ଲକ୍ଷ୍ୟ କରି ଭାରି ଖୁସି ଲାଗିଲା । ଘରର ଟଙ୍କା ଟିକିଏ ପ୍ରତି ଅଦ୍ଭୁତ । ସତ୍ତା ବଢ଼ିଗଲା ।

ସକାଳେ ଚୋଟେ କାଗଜପତ୍ର ନେଇ ଅଭି-ଭାବକ ମହାଶୟ ହାଜର ।

ପଚାରିଲି—ଏ ସବୁ କଣ ?

ସେ କହିଲେ—ହିସାବ । ତମ ବାପା ମଲା ଦିନରୁ ଆଜି ପର୍ଯ୍ୟନ୍ତ ଆୟ ବ୍ୟୟର ହିସାବ । ଏଥିର ଭୁଲ କଥା ତୁମେ ସମ୍ଭାଳିବ ପରା ?

ଏତେ ସବୁ କାଗଜ ଦେଖି ମୋ ମୁଣ୍ଡ ବୁଲିଲା । ଏତେ କାଗଜ ପଢ଼ିବାକୁ ହେବ ବୋଲି ଭାବିଥିଲେ ମୁଁ ମୋର ପାଠ ପୂରା ପଢ଼ିଥାନ୍ତି । ସେଥିରେ ବି ମେଟ୍ରିକରୁ ପଢ଼ିଥାନ୍ତି । ପଚାରିଲି "ଏ ସବୁ କଣ ଦେଖିବାକୁ ପଡ଼ିବ ?"

ସେ—ଦେଖିବାର କଥା ।

ତମେ ତ ଭାରି ମୋ କଥା ସବୁ ଶୁଣିଲେଣି; ମୁଁ କେମିତିଆ ଲୋକ ଜାଣି ସାରିଲେଣି । ତମେ କହିଲ, ଏତେ କାଗଜ ଦେଖି ହିସାବ କରିବା କଣ ମୋ ଭଳିଆ ଲୋକର କାମ ? ଏତେ କାଗଜ ଦେଖି ଦେଖି ସାରା ସତରେ ଯାହା ଟିକିଏ ସନ୍ଦେହ ଥିଲା ଉଭେଇ ଗଲା । କହିଲି 'ମୋଟା ମୋଟି ହିସାବ ନାହିଁ ? ମୁଁ ଏତେ ବୁଢ଼ାଏ କାଗଜ ଦେଖି ପାରିବି ନାହିଁ । ମୋଟ ହିସାବଟା ଦେଇ ଦିଅନ୍ତୁ ।"

ମୋ ମୁହଁର କଥା ସରିଲା କି ନାହିଁ ସେ ତଳୁ ଖଣ୍ଡେ କାଗଜରେ ଟିକିଏ ଲେଖା ମୋ ହାତକୁ ବଢ଼େଇ ଦେଲେ । ମୁଁ ଆଖି ବୁଲେଇ ଗଲି । ଟିକିଏ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଗାର ଟଣା, ପାଉଣାର ହିସାବରେ ଉଣା । ତଳ ପାଖରେ ଦସ୍ତଖତ । ପଚାରିଲି "ଠିକ ଅଛି ? ମୁଁ ଆଉ କଣ ଦେଖିବି ।"

ପରୁ ପଣ୍ଡିତ କହିଲେ—ପଣ୍ଡିତଟା କେତେବେଳେ ଆସି ସେଠି ହାଜର ମୁଁ ଲକ୍ଷ କରି ନ ଥିଲି—ପଣ୍ଡିତ କହିଲେ—"ଆପଣ ବି ସେମିତି ! ବାପ ସମାନ ! ଏବେ

ତମ ଅଫିସର୍ ଅଫିସରୁ ଚଳୁଛି ଯେ ଆପଣ ହସାଇ ଲୁହାଏ ଦେଉଛନ୍ତି ?"

ମୁଁ କହି ଭଲ କଟି ପଡ଼ ପଣ୍ଡିତଙ୍କ ଉପଦେଶାବଳୀ ଶୁଣି କହିଲି 'ଦେଖନ୍ତୁ ନା ମୋତେ ଯେଉଁ ହସାଇ ଥିବା ଲୋକଙ୍କୁ ଦେଖାଇ ଦିଅ ।"

ଅବିଶ୍ୱାସର ମହାରାଜ କହିଲେ—"ଏବେଠାରୁ ମୋ କର୍ତ୍ତବ୍ୟ ହେଲା ଏଣିକି ହସିବ ପାଇଁ ଚିନ୍ତା କରିବ ନାହିଁ । ହଁ ପଢ଼ିଆ କଥା କେତେ-ବେଳେ ଯେଉଁ—

ମୁଁ କହେ—"ବୁଝ ବୁଝ ଠିକ ଅଛି ! ଆପଣ ଯେତେବେଳେ କହୁଛନ୍ତି ମୁଁ ଦୂରରୁ ଦେଖେ ଦେଖି ନେବ ଯେ ।"

ସେ କହିଲେ—"ତେବେ ଏ କାଗଜରେ ଦସ୍ତଖତ କରିଦିଅ ।"

ତାଙ୍କ ମୁହଁକୁ ଅନେକ ଦେଖିଲି ଧାଇଁ ଦେଇ କାଗଜଟିକୁ ଭଲେଭଲେ ଦେଖିଲେ ମୋ ଆସ୍ତବାର ମାଳକର 'ମୁହଁରେ ହସର' ଭଙ୍ଗୀର ବଦଳ ଥାଏ ମୋର ଅବିଶ୍ୱାସଙ୍କ ମୁହଁରେ ଠିକ୍ ସେହି ଭଙ୍ଗୀର ଭାବ । ଏଇ ଭଙ୍ଗୀର ଭାବ ଦେଖିଲେ ମୋର ମନେ ହୁଏ ଯେପରି ଯେମିତି କୋଣାର୍କ ବୁଦ୍ଧିଆଣୀ ଜାଲରେ ଚୋରଟାଏ ପଡ଼ିବାର ଦେଖି ତା ମୁହଁରେ ଚୋରଟାକୁ ବାନ୍ଧିବାର ନାଚର ଉତ୍ସବରେ ଅଧିକ ଅଭ ଦେଖା । ତେବେ ଦସ୍ତଖତ । ବୁଦ୍ଧିଆଣୀର ଖେଳଚଳଣର ବସ୍ଥା ଉଜ ମଣିଷ ମୁହଁରେ ଫୁଟ ଉଠନ୍ତା ତାହାରେ କେମିତି ଦଶନ୍ତା ? ଭୁଲ ମଜାବାଳ ଦଶନ୍ତା ନା ? ମଣିଷ ମୁହଁରେ ବୁଦ୍ଧିଆଣୀର ବସନ୍ତା ମୁହଁର ପ୍ରତିଛବି କଳ୍ପନା କରି ଲୋକେ ଭାବ ଦେଖି ନାହିଁ । ମୁଁ ସବୁ 'ଭୁଲିଯାଏ' । ଆଉ ମୁଁ ଦସ୍ତ ଦସ୍ତ ଦସ୍ତଖତ କରିଦିଏ ।

ଭଦ୍ରଲୋକ ସଚିବ ଲୋକ, ଏବେଠାରୁ ସମ୍ପତ୍ତି ଏବେ ବାଜ ଚଳେଇଛନ୍ତି । ଲୋକ ଦେଖା ସ୍ୱଭାବ । କି' ପଢ଼ିଆ ଉପରୁ ସେକ୍ରେଟାରୀ କହିବାର ସୁଯୋଗ ପାଇଲେ କଏ ଅଛନ୍ତି ଯେ ଭଏ ଭଲଥିବେ ? ଖାଇ ଥିବେ ତ ସେଇଥି ପାଇଁ ତାପା ଦାୟୀ । ଅଭିଜ୍ଞ ଲୋକ ଅପାର ଏବେ ଚଳି ଲୋକ ଥୋଇ ଦେବା ଅଦ୍ଭୁତ । କ୍ରୋଧି ଅଗରେ ଭାତ ଭଙ୍ଗ ଖାଇବୁ ନାହିଁ କହିବା ତୋବାମୀ ନୁହେଁ ? ଯେତେବେଳେ ସେ ବାପାଙ୍କ ବନ୍ଧୁ !! ଖାଇ ଖାଇ କେତେ ଯାଇ ଥିବେ ଯେ— ମୁଁ ସେଇଥି ପାଇଁ ହସାଇ ଦେବି କେତିପ୍ରତି ଠକେଇ କରିବ ? ଛ !! ମୁଁ ବଣ ଏବେ ଘୋଡ଼ାଲୋକ ?

ଏବେଠାରୁ ସ୍ୱଭାବଟାଏ ସ୍ୱଭାବଲ । ହୃଦୟର କେତେ—ଯା ସବୁ କାଟା ଖରେ ଚଳନ୍ତ— ସ୍ୱଭାବଟା ଭିତରେ ଟିକା ନେଇ ବ୍ୟବସାୟ କରି ଟଙ୍କାର ଯୋଗାଣ ହୋଇଛନ୍ତି । ଘଏଟା ସମ୍ପତ୍ତି ଦେଖା ହଣା ଭଲ ତୁସ ସମସ୍ତ ଚୋଷାଯୁକ୍ତରେ ବସିଥିଲେ ତମ ଅଫିସ ଦେଖି ଉପରୋକ୍ତ କରି ନ ଥାନ୍ତେ ? ତାଙ୍କ ଏଏ ଅଚଳ ଥିଲ ? ଖାଲି ଅମ ଉତ୍ତରରୁ ଉପକାର ପାଉଛନ୍ତି ଲୋକ ଓ ସାଙ୍ଗର ପୁଅ ଲୋକ ମୋର ଭଲ ନେଉଥିଲେ । ଦେଖିଲେ ଏବେ ଓ'ପରେ ଉପରୁ ଦେଖିଲେ ସେଥିରେ କଣ ମୋର ଅବାଧ ସମ୍ପତ୍ତି ଅଛି ଯାଉଛି ? ଯାହା ଦେଉଥିବେ ସେଠିକି ହସାଇ ତ ଚିତ୍ତରେ ଯୋଗଥିବେ । ହସାଇ କରି ସେ ମିଛ ଦେବ କାହାର କରି ମୋତେ ଏ ଯଶ ମିଳିବ ଯେ ଆପ ହସାଇ ପଡ଼ ନ ଦେଖିଲେ ମୁଁ ଦସ୍ତଖତ କରିବ ନାହିଁ ? ମୁଁ କଣ ଏତେ ଅପଦାର୍ଥ ହୋଇଛି ? ଛ !!!

ଅଭିଭୂତ ଦସ୍ତଖତ କରିଦେଲି ।

ଦୁଇ ପଣ୍ଡିତ ତ ସେଠି ବସିଥିଲେ । ସେ ସଙ୍ଗେ ସଙ୍ଗେ କାହାରକୁ ଯାଇ ଅଭ ବଡ଼ଣ ବୁଢ଼ା'ଙ୍କ ଡାକ ଆଣିଲା । ସେମାନେ ଦୋଯସ୍ତଏ ତାହାରେ ବସି ଥିଲେ । ସମସ୍ତେ ସେଇ କାଗଜରେ ଦସ୍ତଖତ କଲେ ।

ଦୁଇ ପରେ କିନାବାରେ ସ୍ୱଭାବ—

ଚଉସଠରେ ଭଡ଼ ମଜାଟା ଛଃ ଛଃ ହେବାକୁ ଲାଗିଲା । ଭଦ୍ରଲୋକ ଏଠିକ'ର ସବୁ ବନ୍ଦୋବସ୍ତ କରିଦେଇ ତାହାରେ ସେସବୁ ମାରି ଅଛି । କେଉଁଠି କଣ ଅଛି ଦେଖିବା ପାଇଁ ବାହାର ଅନେକ ସବୁ ଲୋକ ଖାଇ ଦେଖିଲେ. କେଉଁଠି ଏବ ନ ପାଇ ମୋତେ କେମିତି ଅଡ୍ ଅଡ୍ ଲାଗିଲା । ଲଜ୍ଜା ଛିଦ୍ର ଭାବାଦ ଲୋକଙ୍କ ସେଠିକ ତ ଖାଲି । ବର୍ଷା କଣ ? ଭଦ୍ରଲୋକ ମଜା ରୂପା ପଡ଼ଣା ସାଣ୍ଡି ଯାହା ଥିଲା ସବୁ ତେଜରେ ଜମା ଦିଅ ହୋଇଛି । ତେଙ୍କ ଉଦ୍ଦିଷ୍ଟ ପାଖ ଚଢ଼ି ଖୋଲିଲ । ଅଦ୍ଭୁତ ଘୋଡ଼ାଟି ପଡ଼ିଲା ନାହିଁ । ବାଜେ ହସ ଉତ୍ତରେ କୋଲ ସ୍ୱରର କହିଲ ତାଙ୍କ ଡାକ ଅଣିବାକୁ ।

ଏଣ୍ଡାବ ପରେ ଗୃହର ଅଭି କହିଲା ଯେ ଉପନାଥ ବାବୁ ମୋତେ ଡାକୁଛନ୍ତି । ଗଲି । ଦେଖିଲି ଚମତ୍କାର କଥା ଘର । ଫେଷ୍ଟେସନ ଘରଟି ଛବି ଭଳି ଦିଶୁଛି । ଚଟିଗୁଡ଼ିକରେ ଗୋଟିଏ ଲକ୍ଷ୍ମୀଚୂଡ଼ା ଗଛ ତଳେ ଅସଂଖ୍ୟ ଫୁଲଗୁଡ଼ାରେ ଲମ୍ବା ହୋଇ ପଡ଼ିଛନ୍ତି । ପାଖରେ ଗୋଟାଏ ଶୋଇ ଚେଆରରେ ବସିଛାଏ ଅଭ ପିଲାଙ୍କର ଟିଣ ଓଆସିସ ଉଚ୍ଚା ହୋଇଛି । ସବୁଜ ଘାସ ଉପରେ କୃଷ୍ଣଚୂଡ଼ା ଫୁଲର ପାଖୁଡ଼ା ଗୁଡ଼ାକ ଗୋଟିକ ପରେ ଗୋଟିଏ ପଡ଼ୁଛି ଅଭ ଭାରି ସୁନ୍ଦର ଦିଶୁଛି । କବି ହୋଇଥିଲେ କହିଥାନ୍ତା—କଣ କହିଥାନ୍ତା କବି ଜାଣେ, ମୁଁ କବି ନୁହେଁ । ପାଖରୁ ଗଲି ଚଉକା ଉପରେ ନଜର ପଡ଼ିଲା । ଦେଖିଲି ଖାଲି

ଅଭ ଟଙ୍କା ପାଖକୁ ଗଲି । ଟାଙ୍କିଟାର ନେସାଇ କଲି । ତ ଭଦ୍ରଲୋକ କାଣିଲି । ଯୋଉଠି ଥିଲେ ଗୋଟିକେ ନାହିଁ କ କସ ଲୋକ କହିଲେ ନାହିଁ । ଭଦ୍ରଲୋକ ଚୋଯସ୍ତଏ ଶୋଇ ପଡ଼ିଛନ୍ତି । ଅଭଯରର ଖଟ୍‌ଟର କାଟିଲି । "କହିଲ ମୋତେ ଡାକି-ଥିଲେ ।" ଯେଉଁଠି ଅଛି ମେଲ ହେଲ ନାହିଁ । ଟଙ୍କା ତଉଆଁକରେ ଯେଉଁ ପଶୁଗଳକୁ ଟେବି ଉଠି କହିଲେ "ଓଃ ଏ ଖଳା ସୁଦ୍ଧା ଟଙ୍କା ଅଧମ କରି ଦେଇଛ ନାହିଁ । ଖରଚ—"

ଭଦ୍ରଲୋକ ଚୋଯସ୍ତଏ ନେଇ କାଇଜାରେ ଭିଜ ଭୁଲିଛନ୍ତି । କହିଲି "ଅଣ୍ଡା ଖରଚ ନୁହେ । ମୁ ।"

ଉପନାଥ ବାବୁ ଅଭି ମଉ ମଉ ମୋ ଅଙ୍ଗେ ଅନେଇ କହିଲେ 'ଅବେ—ତମେ । ମୁଁ ଭଦ୍ରଲୋକ ଅଛି ଏବ । ଟଙ୍କା ଖରଚ ନାହିଁ । କାହିଁକି ଆସିଲ !"

ମୁ—ଅଣ୍ଡା ଆପଣ ମୋତେ ଡାକିଥିଲେ—

ସେ—ଡାକିଥିଲି ? ଏବ କହିଲ ? ତାଙ୍କ ? ଅବେ ହଁ ହଁ ମନେ ପଡ଼ିଲା, ଏବେ କଣ ଚକ୍ରି କରିଛ !

ମୁ—କଣ କରିବ ଅଭି ! ଏ ଅଫିସ ଭଦ୍ରଲୋକ କାଗଜ ଉପରେ ଦେଇ ବଟ ପେଉଛିବ ଚୋର ଛଡ଼ା ।

ଉପନାଥ ବାବୁ କହିଲେ । କହିଲେ "ଗୁରୁ ଦେବାର ଅଭ ଭଣ ଅଛ ଯେ ଦେବ । ପାଞ୍ଚ ଛଅବର୍ଷ ବାଳ ବଲେଜରେ ବୃତ୍ତି କରି ବସେଇ ଦେଲ । I. A. ଟା ବ ପାସ କରି ପାରିଲ ନାହିଁ । ପାଠଟା ପଢ଼ିକଣ କରିଥାନ୍ତ, ବଡ଼ ଜୋର ମାଷ୍ଟର ନହେଲେ କିରାଣୀ ଗୁଟେଏ ମିଳିଥାନ୍ତା ଟେଷ୍ଟା କଲେ ଏବେ ବ ମିଳି ଯିବ ।"

ମୁ—କଣ କହୁଛନ୍ତି ? ମୁ—ଅଭ ସ୍ୱଭାବ ।

ସେ—ରୋଜଗାର ନ କଲେ ଖାଇବ କଣ ?

ମୁ—କଣ ଦୁଃଖରେ ରୋଜଗାର ପାଇଁ ସ୍ୱଭାବ କରିବାକୁ ଯିବ ?

ସେ—ଦେଖ ଏଇ କଥା ପାଇଁ ତମକୁ ଡାକିଥିଲି । ପିଲାଳିଆ ଢଙ୍ଗ ଛାଡ଼ିଦିଅ । ତମ ପାଇଁ ମୋର ଭାରି ଦୁଃଖ ହେଉଛି । ତୁମ ବାପା ମୋର ବନ୍ଧୁମାନ ଥିଲେ ( ଅଭି ଦାଟା ଘନ ଘନ ରୁମାଲରେ ପୋଛିବାକୁ ଲାଗିଲେ ) ତୁମେ ଏଏ ମୋ ପୁଅ ଏଏ । ତମେ କାହିଁ ଚିନ୍ତା କର ନାହିଁ । ମୁ ସବୁ ବ୍ୟବସ୍ଥା କରିଦେବ ।

ମୁ—ମୋତେ ଟଙ୍କା ଦରକାର ନାହିଁ—କଣ କହୁଛନ୍ତି ମୁ ବୁଝି ପାରୁନ ।

ସେ—ତମ ବାପ ଯେତେ କଡ଼ଲୋକ ଥିଲେ ବୋଲି ଭାବିଛ ସେତେ ପଇସା ବାଲା ନଥିଲେ ।

Digitized by srujanika@gmail.com

ମନଟା ଅବଶ୍ୟ ତାଙ୍କର ଗ୍ରହଣଶକ୍ତି ଥିଲା । କେତେ ତାଙ୍କୁ ମଜା କରନ୍ତି ! ସେ କେବେ ହେଲେ ଶୁଣିନାହିଁ ଖାଲି ଘୋଡ଼ଦଉଡ଼ ଆଉ—ଖେଳ । ତାଙ୍କର ଯେ ଏତେ ବଡ଼ ହୋଇ ଯାଇଛି ମୁଁ ତ ଜାଣି ନଥିଲି । ତା'ପର ଦିନ ମା ମଞ୍ଚପରେ ତାଙ୍କର ଅବସ୍ଥାଟା ଅଦ୍ଭୁତ ରକମ ହୋଇଗଲା । ମୁଁ ମଜା କରୁଛି କିନା ? ସେ ଯାହାହେଉ, ଗଳ୍ପକଥା ଖୋଜି ତାଙ୍କ ଭାବାର କଥା ନେଇ କଣ ? କାରଣ ମୋ ମୁଣ୍ଡରେ ଚୋଟ୍ ଲଗି ଦେଇ ଗଲେ । ସବୁ ହିସାବ ପତ୍ର କରି ଶୁଝିଲି ବେଳକୁ ଅଧିକାଂଶ ଗଳ୍ପ ତାହାର । ତମେ କେବେ ଲହସହ ଚଳନ୍ତାନ୍ତି ? ମୋତେ ନ ଜାଣେଇ କରନ୍ତି ଉପରେ କଥା କହସନ୍ତି । ନା, ନା, ମିଛ କହିବାର ଚେଷ୍ଟା କର ନାହିଁ । ମୁଁ ସବୁ ଜାଣେ । ଗାଈ ତୁମର ଗାଡ଼ିରରେ ସେମାନେ ଜାଲିସ କରି ତୁମକୁ ଅପମାନ ଦେବା ଅବଧି ମୁଁ ସେଇକ ଶୁଝିଛି । ଏ ମୋ ଦେଇଥିବା ହିସାବରେ ଲେଖାଅଛି ।

ମୁଁ—ତା' ହେଲେ ମୋର—

ସେ—ନା, ଆଉ କଛି ନାହିଁ । ଖାଲି ରହିବା ସରଟା ଅଛି । ତାକୁ ବନ୍ଦି କରିଦେଲେ ଭାବ କରିବ ଶୁଝି ଯିବ । କାଟଳ ତ ମୁଁ କାଣିବାକୁ ପ୍ରସ୍ତୁତ ଅଛି ।

ମୁଁ—ନା ସରଟା—

ସେ—କରିବ ନାହିଁ ନା ମୋତେ ଦେବ ନାହିଁ ?

ମୁଁ—କଣ ଦେଲେ ରହିବ କହିଠି ?

ସେ—ମୁଁ ଆଉ ଆଉ ତମର ଚନ୍ତା କଣ ? ସେଠେଇ ପାଖରେ ସୋଟାଏ ହୋଟେଲ ଖାଲି ଅଛି ସେଟି ରହିଯିବ । ମୋର ତ ବ୍ୟବସାୟ ଅଛି ସେଥିରେ ଚଳ ପଡ଼ । ଜାମ ଶିଖିବା ପର୍ଯ୍ୟନ୍ତ ମାସକୁ ମାସ ଦରମା ହିସାବରେ—

ମୁଁ—ରଘନାଥ ବାବୁ ? ମୋ'ର ଘୋର—

ସେ—ସନ୍ଦେହ ହେଉଛି ? ବେଶ୍ । ତମେ ଓକିଲ ଠିକ କର । କାଗଜ ପତ୍ର ଧରି ମୁଁ ତମ ସଙ୍ଗରେ ଯିବି । ସେ ଜମ୍ମା ତୁମେ ପାଞ୍ଚଜଣ ଜାଣ ଅଛିବ । ସେମାନେ କାଗଜ ପତ୍ର ଦେଖି ଯଦି; ତୁମର ପାଉଣା ହେଉଛି ବୋଲି ଠିକ କରିଦେବେ ମୁଁ ଦେବି । ତମେ ତ ନେବ । ଆଉ କେହିତ ନୁହେଁ ? ଭଗବାନଙ୍କ ଦୟାରୁ ମୋର ଯାହା ଅଛି ତମକୁ କଛି ଦେଇଦେଲେ ମୋର କଛି ସରି ଯିବ ନାହିଁ । ହେଉ, କେତେବେଳେ ଯିବା ? ତମ ମନରେ ଭାବେ ସନ୍ଦେହ ହେବ ବୋଲି ତ ମୁଁ ତୁମକୁ ଅଗେ ହିସାବ ଦେଇ ତା ପରେ ସେ କାଗଜ ସର୍ତ୍ତିକରେ ଦସ୍ତଖତ କରିବ ବୋଲି କହିଥିଲି । ସେତେବେଳେ ତ ମାନିଲ ନାହିଁ''

ମୁଁ—ଅପଣ କ୍ଷମାଦେବେ—

ସେ—ଅଚ୍ଛା ଅଉତ୍ କାହିଁକ ହେଉଚ । ମୁଁ ନା ତମ ବାପାଙ୍କ ଲକ୍ଷ୍ ? ବନ୍ଧୁଙ୍କ ପର ସୁଲ ହିସାବ ଦେଉଛେତା—ଓକିଲ ସଙ୍ଗେ ପରାମର୍ଶ କର ସେ ଯଦ ମୋର ଦୋଷ ଦାହାର କରିଦେବେ ମୁଁ ମାନିନେବ । ଏ ହେଲ ସିଧା କଥା ।

ମୁଁ—ପାଜି, ବଦମାସ—

ସେ—ବୁଝିଲ ! ମୋ ଦେହରେ ଆଉ ଯୋର ନାହିଁ । ସେଇଥିପାଇଁ କେତେବେଳେ କଣ ଦରକାର ହେବ ବୋଲି ଗଉସର୍ଭ କ—ଗଉସର୍ଭ ?

ଡାକଶୁଣି ଜଣେ ରେବେହଗବାନକେବ ଆସି ତାଙ୍କ ପାଖେ ଠିଆ ହୋଇ ସଲାମ କଲା । କେନ୍ଦେଟାକୁ ଦେଖିଲେ ଡର ମାଡବା କଥା ।

ସେ—ଗଉସର୍ଭ ଖୁବ ବଦ୍‌ମାସୀ କେବ । ମୁଁ ହୁକୁମ ଦେଲେ ସେ ଖୁନ୍ କରିପାରେ । କରେ—?

ଗଉସର୍ଭ—ହଜୁର ।

ବୁଝିଲି ଲେକଟା ପକା ଜାମ କରଇ । ଧରିବା ସହଜ ନୁହେଁ । ତାପରେ ଖୁନ କରିବାର ଧମକ ଦେଲଣି । ମିଛଟାରେ ତା ସଙ୍ଗେ ଆଉ ଲଢି ଲଭ ନାହିଁ । ଚୁପଚାପ ସୁଣ୍ଡ ଅସିଲି ।

ସେ ସମ୍ପତ୍ତି ନେଇ ମୋତେ ଖୁନ କରିବ ବୋଲି ଧମକେଇଲେ ମୋ ଦୁଃଖନାହିଁ । ବାପ ଅଜାଣଦରେ ସରଟା ବଚ୍ଛିବାର ହେଲେ ତାଙ୍କ ଲକ୍ଷଥାନ୍ତା ! ସବୁ ନେଇ ବୁଝେ ମୁଁ କଲେଜରେ ଥିଲି ବେଳେ ଯାହାକିଛି କରଇ କରିଛ ସ୍ୱାର ଲେକ ମୋ ଟଙ୍କା ମୋତେ କରଜ ହିସାବରେ ଦେଉଛନ୍ତି । ମଫସଲରେ ଏତେକଡ଼ ପୁରୁଣା ଘର କଣିବାକୁ କଏ ଅସିବ ? କେନ୍ଦେଟାକୁ ସଇଟା ଦେବାକୁହିଁ ପଡ଼ିବ । ତାପରେ ପେଟ ପୋଷିବା ପାଇଁ କଛି ଗୋଟାଏ ଉପାୟ ବାହାର କରିବାକୁ ହେବ ।

ଭାବିଲି ଅନ୍ଦୋଳନ କରିବ । ପତ୍ରପତ୍ରିକ ପାଖକୁ ଗଲି । ଅନୁରୋଧ କଲମାଟେ ଲେଖିଦେଇଁ ଲଟିକି; କହିଲି "ଚୋରି କର ଚୋର କର । ଧର୍ମ ରହିଲ ନାହିଁ ହୋ ଧର୍ମ ରହିଲ ନାହିଁ । ବାପରଜ ପାଉଛନ୍ତି ସେ; ତାଙ୍କ ନାଁରେ ଅପବାଦ ଦେଉଛ ? ଏତେ ସାହାସ ତୋର । ତାଙ୍କ ଭଳ ପୁଣ୍ୟାତ୍ମା ଲେକ ଦୁନିଆରେ ଦଟା ହେବେ ନାହିଁରେ । ଧନ୍ୟ !!! କଣ ହେଲେ ଅସିଦାଲବା ଟୋକାଏ ।"

ଏଇ ଅଭିଜ୍ଞତା ପରେ ଅସବାଡଥ ଟୋକା ହିସାବରେ ଏକବାର ବୁଢାଙ୍କ ପାଖକୁ ଯିବାକୁ ଆଉ ମନ ହେଲ ନାହିଁ । ଅସବାଡଥ ଟୋକାଙ୍କୁ ଅପ-ବାଡଥ ବୁଢାମାନେ ଭଲ ଚାଲିମ ଦେଇଥିଲେ; ତା ନ ହୋଇଥିଲେ ପତ୍ର ପତ୍ରିକର ଏତେ ଉଚ୍ଚଟ ଧର୍ମଜ୍ଞାନ ହେଉନ୍ଥି ଅସିଥାନ୍ତା ।

ଖୁବଲ । ହେ ଖୁବଲ । ଠିକ କଲ ପାହା ହେଲଣି ତ ହେଲଣି । ସକନଟା ଫୁର୍ତ୍ତି କରିବା ପାଇଁ ମିଳଛି । ଫୁର୍ତ୍ତି କରିନେବା ।

ରଘନାଥ ବାବୁ, ମାନେ—ମୋ ଭୂତପୂର୍ବ ଧର୍ମଧ୍ୱଜ ଅଭିଭାବକ କହିଥିଲେ ତାଙ୍କ ବ୍ୟବସାୟରେ ଶିକ୍ଷା ନବିସ୍ ହିସାବରେ ଚୁକ ପଡ଼ିବା ପାଇଁ । ସେ ସିଧା କହିଲେ ଯୁବଟିବା ନେଇ ହେଲେକ ହୋଇଛନ୍ତି ବୋଲି କାଲ୍ ମୁଁ ଭାବେ ବଡ଼ତ ବୁଝିଛ କ ବ୍ୟବସାୟ କରି ସେ ବଡ଼ଲେକ ହୋଇଛନ୍ତି । ସେ ଯାହାହେଉ ତାଙ୍କ ବ୍ୟବସାୟ ଶିଖିବାର ସୁଯୋଗ ଦେଉଛନ୍ତି ସେ । ମହତ୍ ଲେକ !!! ମୁଁ ଏ ସୁଯୋଗ ଛାଡ଼ିବ କାହିଁକ ?

ମୁଁ ଖାଲି ଭାବୁଛି । ବୁଢା ବୟସରେ ତ ଟୋକାଏ ବୋଲି ଡାକାଳତ ପୁଅ । ମୋ ବେଳକୁ ଏତେ ଭଲତ ବାପ ମା ମଲେ ଆଉ ସ୍ତ୍ରୀ ନେଇକୁ— ଛଡ଼ ! ପତ୍ର ପତ୍ରିକ କହିଛନ୍ତି ଏମନ୍ତ ଖୁବକା ବ୍ୟବଟେଡ଼ ପାପ !

ମଝି ମଝିରେ ରଘନାଥ ବାବୁ ଦେଉଥିବା ହିସାବ ପତ୍ରର ବଡ଼ା ଘୁଡ଼ାକୁ ଖୋଲି ଦେଖୁଛି । ଯେଉଁଠି ପଢ଼ୁଛି ତାଙ୍କ ଉପରେ ମୋର ଭକ୍ତି ବଢ଼ି ଯାଉଛି । ଭାବିଅଛି କଲେଜର ପ୍ରଧାନ ଅଧ୍ୟାପକ ହେବାର ଉପଯୁକ୍ତ ଲେକ ସେ । ପଢ଼ୁଛ କଲେ-ଜରେ ଥିଲାବେଳେ ତ ମୁଁ କହି ଛୁଇଁ ନି ଏତେ ଏ ଚତୁରତା ପଢ଼ୁଛ କଲେଜର ପାଠ୍ୟ ପୁସ୍ତକ ହିସାବରେ ହେବ୍ଛି ।

ପରୀକ୍ଷା ଦେବାର ସୁଯୋଗ ମିଳିଗଲେ ଦେଖାଯିବ । ସେତେବେଳ ଯାଏ ତମର ଧୈର୍ଯ୍ୟ ଥିବତ ବାଜ କଥା ଶୁଣିବ ।

ସବୁ ତ ଶୁଣିଲ । କହିଲ—ଏମିତ ଅବସ୍ଥାରେ ମୁଁ ଯଦ କଟେ ବଡ଼ଲେକ ଘରେ ଏକମାତ୍ର ପୁଅ ହୋଇ ଜନ୍ମହେଲେ ସେ ପୁଅଟା ବଡ଼ ହୋଇ ଟଙ୍କା ଉଡ଼େଇ ନ ଶିଖିବା ପର୍ଯ୍ୟନ୍ତ ବାପ ମା ମରି ପାରିବେ ନାହିଁ ବୋଲି ଆଇନ ହେବା ଦରକାର, ମୁଁ ଅନ୍ୟାୟ ଦାବୀ କରୁଛି ବୋଲି କହିବା କଣ ଠିକ ହେବ ? ଏତେ ମେହେନତ କରି ଟଙ୍କା ଉଡ଼େଇ ଶିଖିଲି ପରେ ଦେଖିଲି ବେଳକୁ ଟଙ୍କା ନାହିଁ । ଭଗ ମହାନଗରେ ପହଁଚିବ ବୋଲି ଯୋଗଉଛି ପାଣ୍ଡୁଅରେ ପହଁଚି ଶିକ୍ଷ ସାରିଲ ବେଳକୁ ମହାନଗ ଶୁଖା—ଖାଲି ବାଲି ବାଲି । ତାହାକୁ ସଫଳ କଲଭିକ କହିବ ?

—*—

Digitized by srujanika@gmail.com




# ଅଗଷ୍ଟ ପନ୍ଦର

ଲେଖକ—

— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଠିକ୍ ଦୁଇଦିନ ଆଗରୁ ମୁଁ ଘର ଭିତରୁ ଶୁଣିଲି, ତାଙ୍କ ସାଙ୍ଗରେ ଆଉ ଗୋଟିଏ—ମାଇପିଟିଏ କଥା କହୁଛି।

ସେ କହୁଚନ୍ତି—ପନ୍ଦରଦିନ ଇଂରେଜ ରାଜା ଚାଲିଯିବ। ସ୍ୱରାଜ୍ୟ ହେବ। ସେଦିନ ସବୁ ଆମ୍ବଡାଳ ଦେବଦାରୁ ପତର ଦେଇ ଘର ସଜେଇବେ, ପତାକା ଦେବେ, କଳସ ବସେଇବେ ଦାଣ୍ଡ ଦୁଆରେ। ସଞ୍ଜରେ ଦୀପାବଳି ଜାଳିବେ—ସ୍ୱରାଜ ହେବପରା।

ମାଇପିଟି କହୁଛି—ହଁ, ସ୍ୱରାଜ ହେଲେ—ଦୁର୍ଭିକ୍ଷ ହେଲା ତ ଚୋର ରାଜା ହେଲେ—ଗଣ୍ଡେ ଖାଇବାକୁ ମିଳୁନାହିଁ କି ଖଣ୍ଡେ କନିଆ ପିନ୍ଧିବାକୁ ମିଳୁନାହିଁ—ଖାଲି ସ୍ୱରାଜ ହଉଛି।

ମୁଁ ଘରୁ ବାହାରି ଗୁଡ଼ିଆଡ଼େ ବୁଲି ଆସିଲି—ମାଇପିଟି ମୋତେ ଦେଖି ତା ଘରକୁ ଚାଲିଗଲା।

ଆମ ଘରକୁ ଲଗି—ଓଳିତଳେ କହୁଥିଲେ ଚଟଳ—ଗଣ୍ଡାଟିଏ—କେହି ନାହିଁ—ଧାନକୁଟି ଖାଏ। ଦରବୁଢ଼ୀ ମାଇପିଟିଏ। ସେଇ। ସେଇ କଥା କହୁଥିଲା ତାଙ୍କ ସାଙ୍ଗେ।

ମୁଁ ଘରୁ ବାହାରି ଗୁଡ଼ିଆଡ଼େ—ଗାଁଟା ଯାକ ବୁଲି ଆସିଲି। ଏ ମାଟିଟା ସେମିତି ଶୋଇଛି। ସମସ୍ତେ ଜାଣିଛନ୍ତି—ସମସ୍ତଙ୍କୁ ମୁଁ କହୁଛି ସେକଥା—ସ୍ୱରାଜ୍ୟ ହେବ—ଇଂରେଜ ଭାରତ ଛାଡ଼ି ଯାଉଛନ୍ତି। କିନ୍ତୁ କାହାରି ହୃଦୟ କି ବିଶ୍ୱାସ ହେଉନାହିଁ। ଆମ ନେତାମାନଙ୍କ କଥାରେ ବି ସେମିତି ବିଶ୍ୱାସ ନାହିଁ। କେବଳ ବିଶ୍ୱାସ ଅଛି ତାଙ୍କର ଗୋଟିଏ କଥା ଉପରେ—ସେ ହେଉଛି ତାଙ୍କର ଦାରିଦ୍ର୍ୟ। ଦାରିଦ୍ର୍ୟ ଛଡ଼ା ସତ ବୋଲି ସେ ଆଉ ଜାଣନ୍ତି ନାହିଁ କିଛି ଦୁନିଆରେ। ତାଙ୍କ ଛୁଆ ପିଲା ଭାଇ ଭଉଣୀ ବି ସେ ଛାଡ଼ି ଯାନ୍ତି। ଛୁଆ ପିଲା ମରିଯାଉଛନ୍ତି, ହଜି ଯାଉଛନ୍ତି—ଉପାସ ଭୋକରେ—ରୋଗେ ଶୋକେ—ଭାଇ ବନ୍ଧୁ ଛାଡ଼ି ଯାଉଛନ୍ତି କିନ୍ତୁ ଦାରିଦ୍ର୍ୟ କେବେ ତାଙ୍କୁ ଛାଡ଼ି ଯାଇନାହିଁ—ଅବହେଳା କରିନାହିଁ। ଆଜି ସେ ତାକୁ ଅବିଶ୍ୱାସ କରି ଦାରିଦ୍ର୍ୟ, ରୋଗ ଶୋକର ପରମ ଶତ୍ରୁ ସ୍ୱାଧୀନତାକୁ ବିଶ୍ୱାସ କରିବେ କିମିତି!

ମୁଁ ଗାଁର ମୁଖିଆ ମୁଖିଆ ଲୋକ ଜଣକୁ ଡାକି କହିଲି। ସ୍ୱାଧୀନତା ଦିବସ ପାଳିବାକୁ ହେବ। ସମସ୍ତେ କହିଚନ୍ତି—ତୋରଣ ବାନ୍ଧିବେ—ମହୋତ୍ସବ କରିବେ। ପତାକା ଉଡ଼ିବ, ସଭାସମିତି ବସିବ, ଶଙ୍ଖ ହୁଳହୁଳି ପଡ଼ିବ, ଯାତ୍ରା ହେବ, ନାଟକ ହେବ। ଆନନ୍ଦ ଉତ୍ସବ କରିବାର ଥିବ—ସମସ୍ତେ କରୁଛନ୍ତି—ସହରରେ ଆହୁରି ବଡ଼ ବଡ଼ କାମ ଲାଗିଗଲାଣି।

"ବାବୁ, ସହର ଲୋକେ ବଡ଼ ଲୋକ; ସେମାନଙ୍କ ଟଙ୍କା ଅଛି ସେଥିପାଇଁ ସେମାନେ ମଉଜ କରୁଛନ୍ତି—ଆମ ଦଶା ଦେଖୁଛନ୍ତି—ଆମର ଏ ଦାନା ଜୁଟୁ ନାହିଁ।" ଜଣେ ଉତ୍ତର ଦେଲା।

ମୁଁ ଯୁକ୍ତି କଲି ନାହିଁ। କହିଲି ଆଉ ଗାଁରେ କରୁଛନ୍ତି। ଆମ ଗାଁ ପଛରେ ପଡ଼ିବ?

ଆଉଜଣେ ଟୋକା କହିଲା—ତେବେ ଆମ ଗାଁକୁ ପାରିବେ? ଦେଖିବା ତ ଏଥର କାହାର ଉତ୍ସବ।

ଜଣେ ବୁଢ଼ା କହିଲା—ହଉ ଯେତେବେଳେ ସେତେ ଆପଣ କହୁଛନ୍ତି—କରିବା। କେମିତି କରିବେ ତ? ପଚାରିଲେ।

"ତାଙ୍କ ସମସ୍ତେ କରୁଛନ୍ତି।" ମୁଁ କହିଲି—

"ହଉ, ଆମେ ତ କରିବା।"

ମୁଁ ଭାବିଲି, ସମସ୍ତେ କରୁଛନ୍ତି ବୋଲି ଆମେ କରିବା, ଆମେ ଦେଖି ସମସ୍ତେ କରନ୍ତୁ ବୋଲି ଚିନ୍ତା ବି ଆମେ କରୁନାହିଁ।

"ଡାକରେ, ଗାଁ ଯାକ ସମସ୍ତଙ୍କୁ କହିଦିଅ—" କହି ଜଣେ ଉଚ୍ଚ ସ୍ୱରରେ ବୁଢ଼ା ଉଠିଲା। ସମସ୍ତେ ଉଠିଗଲେ।

ଏଇ ତିନି ଦିନ ଭିତରେ ବଡ଼ ବଡ଼ କାଗଜ, ଖଦର ପଇସା ଆସିଲା। ଗାଁ ଯାକ ଏଥର ପ୍ରସ୍ତୁତ ହେଉଛନ୍ତି—କେତେ ଉପରେ କଂଗ୍ରେସ ପତାକା ଉଡ଼ିବ—ଥାନା ଉପରେ କଂଗ୍ରେସ ପତାକା ଉଡ଼ିବ—ଯେଉଁ ପୁଲିସ କଂଗ୍ରେସ ବାଲାଙ୍କ ହାତରେ ଏଇ ପତାକା ଦେଖିଲେ ଧରି ନେଇ ଯାଉଥିଲେ ସେଇ ପୁଲିସ ପତାକାକୁ ଏବେ ସଲାମ ଦେବେ—ସଲାମ କରିବେ।

ମୁଁ ପୁଣି ଥରେ ଗାଁ ବୁଲି ଗଲି। କାଲି ସକାଳେ ସ୍ୱାଧୀନତା ପାଳନ ହେବ। ଆଜି ରାତି ବାରଟାରେ ଥାନାରେ ରାମ୍ ଫୁଟିବ—ଥାନା ଆମ ଗାଁର ମାଇଲେ ବାଟ—ସେଇଠି ଦେଲେ ଇଂରେଜ ଆମ ଦେଶ ଛାଡ଼ି ଚାଲିଯିବେ—ସେତେବେଳେ ସମସ୍ତେ ଶଙ୍ଖ ହୁଳହୁଳି ଦେବେ—କୀର୍ତ୍ତନ କରିବେ।

ଚୁଲି ତଳ ଭିତରେ ଗାଁଟା ଚୁପ୍। ଏଇମାନେ କେବେ ମନେ ପକାଉଛନ୍ତି ଆମର ବଳ ବଢ଼ୁଛି? ଅଷ୍ଟପ୍ରହରୀ ନାମ କର। ଗାଁର ଆଉଜଣେ କହିଲା—ମୁଁ ଅଷ୍ଟପ୍ରହର କରିବି। ମୁଁ ଚୁପ୍ ରହିଲି।

ରାତି ବାରଟାରେ ମୋତେ ନିଦ ହେଉଛି—

ଦମ୍ ଦମ୍ ତୋପ ଫୁଟିଲା ପରି ଶବ୍ଦ ଶୁଣିଲି—ମେଘ ଗର୍ଜିଲା—ଏଇ ଜାଣ। ତାପରେ ଆମ ଭାରତ ସ୍ୱାଧୀନ ଯୁଗରେ ପାଦ ଦେଇଛି।

ସାଙ୍ଗେ ସାଙ୍ଗେ ଶଙ୍ଖ ହୁଳହୁଳି ଶୁଭିଲା ପଡ଼ିଲା। ମୋ ଦେହ ଟିକିଏ ଉଷୁମ ଲାଗିଲା। ମୋର ମନେ ପଡ଼ିଲା ୧୯୪୨ ଅଗଷ୍ଟ ବିପ୍ଳବର କଥା—ଅଗଷ୍ଟ ନ ଥାନ୍ତା। ସ୍ୱାଧୀନତାର ଉତ୍ସବରେ ଏ ଜାତି ସେ ଦିନକୁ ଭୁଲି ଗଲାଣି। ସେ ଦିନକୁ ଭୁଲିବା ମାନେ ସେଦିନ ଯିଏ ଏଇ ସ୍ୱାଧୀନତା ପାଇଁ ପ୍ରାଣ ଦେଇଥିଲେ ତାଙ୍କୁ ଭୁଲିଯିବା। ମୁଁ ଭାବିଲି, ଯେଉଁ ଜାତି ଅଗଷ୍ଟ ୯ ତାରିଖ ମନାଇ (ପାଳି) ନ ପାରେ—ସେ କେମିତି ଅଗଷ୍ଟ ୧୫ ପାଳନ କରିବ?

ଅଗଷ୍ଟ ୯ ତାରିଖ ରାତି ୧୨ଟାରେ ଆମେ ୪।୫ ଜଣ ବସି ଆପଣା ହାତ କାଟି ସେଇ ରକ୍ତରେ ଟୀକା ଦେଇ କହିଲୁ—କରିବୁଁ ନା ମରିବୁ—ସ୍ୱାଧୀନତା ଆସିବା ନ ଦେଖି ମରିବୁଁ। ମୋ ଦେହ ଶୀତେଇ ଉଠିଲା। ରୋମମୂଳ ଠିଆ ହୋଇଗଲା। ସେଦିନ ତ ସେଇ ଘରେ ଏମିତି ଶଙ୍ଖ ବାଜି ନାହିଁ। ଆମେ କହିଥିଲୁଁ ସେଦିନ ଶଙ୍ଖ ବଜାଇବାକୁ। ବାଜିଲା ନାହିଁ। କେଉଁଠି ବାଜୁ ନାହିଁ ବୋଲି କହିଲେ ଠିକ୍ ହେବ। ଯେଉଁଠି ଯେଉଁଠି ବାଜେ—ସେଠି ସେ ଶବ୍ଦ ଚାପି ରଖିଦେଇ ଯାଉଛି—ସ୍ୱର ମାତୃର ଚୋଟ—ସେଇ ଗୋଳିର ଚୋଟ!

Digitized by srujanika@gmail.com

ଲୋକଙ୍କର ଆନନ୍ଦରେ ମୋର ଆନନ୍ଦ ! କିନ୍ତୁ ଅବସ୍ଥା ଓ ପରିବେଶ ସେ ଭଳି, ମନର ବେଦନାକୁ ଲୁଚାଇ, ସେ ଶିହରଣ ଲୋକେ ଆଜ ମୋତେ ଦେଇ ପାରିଲେ ନାହିଁ ।

ଆଜ ଅଗଷ୍ଟ ପନ୍ଦର । ସ୍ୱର୍ଣ୍ଣିମ ଆନନ୍ଦ । ଆନନ୍ଦର ଗୋଟାଏ ଜୁଆର । ଏ ଉନ୍ମାଦନା, ଏ ଶୋଭାରଣ୍ୟ—ଏ ସକଳ ଉତ୍ସବ—ଏ ଜୟ ଧ୍ୱନି କାହିଁକି ? କାହା ପାଇଁ ! ମୋର ସବୁ ଘୋଳା ହେଉଛି । କିଏ ଆଣିଛି ? ଗାନ୍ଧି ? ନେହେରୁ ? ସର୍ଦ୍ଦାର ? କିଏ ? କେଉଁଠି ?

ଏ କଣ ସ୍ୱାଧୀନତାର ଆନନ୍ଦ ? ହେଉଥିବ । ନା—ସ୍ୱାଧୀନତା ପାଇବାର ଆଶାରେ ଆନନ୍ଦ ଏ ! ଏଥିରେ ଉଚ୍ଛୃଙ୍ଖଳତା କାହିଁ ? ସ୍ୱାଧୀନତାର ଅପବ୍ୟବହାର କାହିଁ ? ସ୍ୱାଧୀନତାର ପ୍ରମାଣ କେଉଁଠି !

ଗତ ୧୨ ବର୍ଷ ହେଲା—ସ୍ୱାଧୀନତା ହେବ ହେବ ବୋଲି କଂଗ୍ରେସ କହି ଆସିଛି । ଲୋକେ ବିଶ୍ୱାସ କରି ପାରୁ ନାହାନ୍ତି । ସତେ ଏ ଇଂରେଜ ଯିବେ ? ଅଙ୍ଗଦ ରାମଙ୍କଠାରୁ ବର ମାଗିଥିଲା, କଳିଯୁଗରେ ତାଙ୍କ ବଂଶଧର ଭାରତ ରାଜ୍ୟରେ ରାଜୁତି କରିବେ । ଇଂରେଜ ସେହି ଅଙ୍ଗଦ ବଂଶଧର, ସେ କଣ ସହଜରେ ଯିବ ?

ତଥାପି ଲକ୍ଷ ଲକ୍ଷ ଲୋକ ତାଙ୍କର ବିଶ୍ୱାସ ହରାଇ ନ ଥିଲେ—ଗାନ୍ଧି ସ୍ୱରାଜ ଆଣିଦେବେ । ଆଜ ସେହି ବିଶ୍ୱାସ ପୂର୍ଣ୍ଣ ହୋଇଛି— ସ୍ୱରାଜ ହେବ । —ଏଇ ହେଲା ପଣ । ସ୍ୱରାଜ୍ୟର ଅନୁଭୂତି ନାହିଁ—ସ୍ୱରାଜ ଆଶାରେ ଖାଲି ଏତେ ଆନନ୍ଦ ।

ସେଦିନର ସନ୍ଧ୍ୟାରେ ସ୍ୱରାଜ ଉତ୍ସବ ଲାଗିଗଲା । ଆମ ପିଲାଙ୍କର ଉତ୍ସବର ଶେଷ ଭାଗ ଥାଏ । ସେଇମାନଙ୍କର ବେଶୀ ଆନନ୍ଦ । ସ୍ୱରାଜ ତ ତାଙ୍କର । ଭବିଷ୍ୟ କେବଳ ଏଇମାନେ । ଆନନ୍ଦ ତ ତାଙ୍କରି ହେବାର କଥା ।

ଆମ ଘରକୁ ଲାଗି ସେଇ ବୁଢ଼ୀର କୁଡ଼ିଆଟିଏ । ବିଶେଷ କିଛି ହେଉ ନାହିଁ । ଘର ତ ନୁହେଁ । ମୁଁ ଦେଖିଲି ତା ଦୁଆରେ ବି କଳସ; କଦଳୀଗଛ; ଆମ୍ବପତ୍ର ଝୁଲୁଛି ।

ଯାହାପାଇଁ ଆମେ ସ୍ୱାଧୀନତା ଯୁଦ୍ଧ ଲଢ଼ିଥିଲୁ । କହୁଥିଲୁ ଗରିବ ଦୁଃଖୀଙ୍କର ସ୍ୱରାଜ ହେବ—ଏଇ ଦରିଦ୍ର ଭାରତରେ ସ୍ୱରାଜ ହେବ ବୋଲି ଗାନ୍ଧିଜୀ କହୁଥିଲେ । ସେହି ସ୍ୱରାଜକୁ ଦୁଃଖୀଙ୍କର ପ୍ରତିନିଧି ଏଇ ବୁଢ଼ୀ ଆଜ ସ୍ୱାଗତ କରୁଛି—ଏଇ ଅଭିବାଦନ ଜଣାଇ ।

ଗୋଟିଏ ଖଟ । ଦୁଇପଟେ ଦୁଇଟି ଦୀପ ଜଳୁଛି ମାଟିଆ ଦୀପ । ଏ କଦଳୀଗଛ— ଏ କଳସ ତ ଦୁଇଟି ମାଗି ଆଣିଥିବ । କାହା ଯାଚନା କରି ତା ସ୍ୱଜନଙ୍କୁ ଡାକି—

ବୁଢ଼ୀ ଖଟ ଉପରେ ଜୁହାର ହେଲା । ମୁଁ ରହିଥାଏ । ବୁଢ଼ୀ ପାଖକୁ ଯାଇ ପଚାରିଲି—ମାଉସୀ, କାହାକୁ ଜୁହାର ହେଉଛୁ ?

“ଠାକୁରଙ୍କୁ ବାପା ?”

“କଉ ଠାକୁର—ଭାରତ ମାତା ?”

“ଭାରତ ମାତା ?” ବୁଢ଼ୀ ଆଖି ବାଟା କରି ଚାହିଁଲା ।

“ଆଉ କାହାକୁ ଜୁହାର ହେବି ?”

“ଧର୍ମ ଦେବତାଙ୍କୁ—ଭଗବାନଙ୍କୁ ।”

“କଣ କହି ଜୁହାର ହେଲୁ ?” ମୁଁ ଆଗ୍ରହରେ ପଚାରିଲି । ଭଲକି ଭାରତ ମାତା କଣ ସେ ଜାଣେ ନାହିଁ—ଯାର ଧାରଣା ନାହିଁ, ଦେଶ ମାତୃକା କାହାକୁ କହନ୍ତି—ସେ କଣ କହି ଆଜ ଠାକୁରଙ୍କଠି ପ୍ରାର୍ଥନା କରିଥିବ— ସେ କଣ କହି ପାରିବ— ‘ଠାକୁରେ ଦେଶର ମଙ୍ଗଳ କର—?’

ବୁଢ଼ୀ କହିଲା—ଆଉ କଣ କହିବ ବାପା—କହିଲି—‘ଠାକୁରେ ଏ ଗାନ୍ଧି—ଏ ଜବାହରଲାଲ—ଏ ମହାତ୍ମାଙ୍କୁ ଠାକୁରେ ପରମାୟୁ ଦିଅ—ସେମାନଙ୍କର ମଙ୍ଗଳ କର—ସେମାନଙ୍କର ଭଲ କର ଠାକୁରେ ।’

ମୁଁ ଆଉ ବୁଢ଼ୀ ଆଗରେ ଠିଆ ହୋଇ ରହି ପାରିଲି ନାହିଁ । ମୋ ଶରୀରର ଲୋମ ଟାଙ୍କି ଉଠିଲା । ବୁଢ଼ୀ ମୋ ଆଗରେ ଗୋଟାଏ ଉଜ୍ଜ୍ୱଳ ସୂର୍ଯ୍ୟର ତେଜପରି ଠିଆ ହୋଇଛି । ସେ ତେଜକୁ ମୁଁ ସହି ପାରିଲି ନାହିଁ । ଅତୀତ ୧୨ ବର୍ଷର ନିର୍ଯାତନା, ତ୍ୟାଗ ଏ ବୁଢ଼ୀର ପ୍ରେମ ହୋମରେ ଯେମିତି ଉଡ଼ି ଗଲା ଭଳି ଲାଗିଲା ।

ମୁଁ ଘରେ ଆସି ଦେଖିଲି—ଦୀପାଳି ଜଳୁଛି । ମୋର ମନେ ହେଲା, ବୁଢ଼ୀର ଘର କହିବାକୁ— ବୁଢ଼ୀ, ଏ ଦୀପାଳି ସବୁ ତୋର । ମୋର ଘର ନାହିଁ—ଦ୍ୱାର ନାହିଁ ଖଟ ନାହିଁ । ତୁ ସେ ସ୍ୱରାଜର ନିଆଁ ଲଗେଇ ଦେଇ ରଖିଥା । ଭାରତର ଲଜ୍ଜା, ଦାରିଦ୍ର୍ୟର ଲଜ୍ଜା ଏ ଦେଶପ୍ରେମୀଙ୍କ ଅଯଥା ଅଭିମାନ ସବୁ ସେଥିରେ ଜଳିଯାଉ ।

ମୁଁ ଭାବୁଥିଲି । ଏ ତ କଣ ଦୁର୍ବଳତା ?

—✻—

## କୁଟ୍‌କୁଟୁ

ପୁଲିସ—ତମ ଦୋକାନରୁ କାଲି ରାତିରେ ଚୋରି ହୋଇଛି ?

ଦୋକାନୀ—ଆଜ୍ଞା ହଜୁର ।

ପୁଲିସ—ଅନୁମାନିକ କେତେ ଟଙ୍କାର ଜିନିସ ?

ଦୋକାନୀ—କାଲି ଚୋରି ନ କରି ସେ ଯଦି ପଅରଦିନ ଚୋରି କରିଥାନ୍ତା—ଆହୁରି ଦେଢ଼ଶ ଟଙ୍କାର ଜିନିସ ମାରିନେଇ ଥାନ୍ତା

ପୁଲିସ—କାହିଁକି—କାଲି କଣ ବହୁତ ଜିନିଷ ବିକ୍ରି ହୋଇ ଯାଇଛି ?

ଦୋକାନୀ—ନା ବେଶି ବିକ୍ରି ହୋଇ ନାହିଁ । କଥା କଣ କି—କାଲି ମୁଁ ଜିନିସ ଗୁଡ଼ାକର ମୂଲ୍ୟ ଟଙ୍କାରେ ଚାରିଅଣା କମେଇ ଦେଇଥିଲି । ପଅରଦିନ ଟଙ୍କାକ ଜିନିସର ଦାମ ପାଞ୍ଚ ସିକିଟା ଥିଲା ।

× × ×

“ଦେଖ ତମ ସାର୍ଟିଫିକେଟରେ ଲେଖା ଅଛି ତମେ ରଜାଙ୍କର ଷ୍ଟେନୋ ଟାଇପିଷ୍ଟ ଥିଲ । କିନ୍ତୁ ତମେ ଦରଖାସ୍ତରେ ଲେଖିଛ ଯେ ତମେ ରଜାଙ୍କର ପ୍ରଧାନ ପ୍ରାଇଭେଟ୍ ସେକ୍ରେଟେରୀ ଥିଲ ।”

“ଆଜ୍ଞା ଅପଣଙ୍କର ବିଜ୍ଞାପନରେ ଥିଲା—ଯୁଦ୍ଧୋତ୍ତର ଯୋଜନା କରିବା ପାଇଁ ଜଣେ ପରିକଳ୍ପନା-ଶୀଳ ସେକ୍ରେଟେରୀ ଲୋଡ଼ା । ମୋର କଳ୍ପନା କେତେ ଅଦ୍ଭୁତ ବୁଝିଲେ ଯାଇଥିଲି । ମୁଁ ଦରଖାସ୍ତରେ ଲେଖିଥିଲି ଯେ ମୁଁ ସେ ପ୍ରକାର ଗୁଣୀ । କିନ୍ତୁ ହଠାତ୍ ମନେ ପଡ଼ିଗଲା ଅପଣ ରଜା ନୁହନ୍ତି—ମନ୍ତ୍ରୀ ।

× × ×

Digitized by srujanika@gmail.com

ସାମ୍ପ୍ରତିକୀ

# ଶୁଣିବାକୁ ଅବଧାନ ହେଉନ୍ତୁ

## ମିଳିତ ଜାତି ସଂଘ

ମିଳିତ ଜାତି ସଂଘ (U. N. O.) ର କାର୍ଯ୍ୟବାହୀ ସମିତି ନିରାପତ୍ତା ସଭା [ Security Council. ] ର ଅଧିବେଶନ ଲେକସକସେସ୍ ଠାରେ ଚାଲୁରହିଛି—ସଭା ଅନେକ ଗୁରୁତ୍ୱ କଥାରେ ମୁଣ୍ଡ ଖେଳାଇ ଯାଉଛନ୍ତି । ଆସନ୍ତା ୧୬ ତାରିଖ ନଭେମ୍ବରରେ ମିଳିତ ଜାତି ସଂଘର ମହା ସାଧାରଣ ଅଧିବେଶନ ହେବ । ସେଥିରେ ପ୍ରାୟ ୫୫ ଟି ସ୍ୱାଧୀନ ରାଷ୍ଟ୍ର ଯୋଗ ଦେବେ । ସଂଘର ସାଧାରଣ ସଂପାଦକ [ Secretary ] ଶ୍ରୀ ଲିଏ କହୁଛନ୍ତି ଯେ କାର୍ଯ୍ୟ ଆଶାଜନକ ହେଲେ ହେଁ ବଡ଼ ବଡ଼ ଶକ୍ତି ମାନଙ୍କର ରାଜନୈତିକ କଳିଗୋଳରୁ ସଂଘର ଉଦ୍ଦେଶ୍ୟ ବିଫଳ ହୋଇଯାଉଛି ।

ଇଣ୍ଡୋନେସିଆ ସମ୍ବନ୍ଧରେ ନିରାପତ୍ତା ସଭା ବୈଠକରେ ଓଲନ୍ଦାଜ ଓ ଗଣତନ୍ତ୍ର ମଧ୍ୟରେ ଚାଲିଥିବା ସଂଗ୍ରାମର ବିରତି ପାଇଁ ଆଦେଶ ଦେବା ପରେ ସଂଗ୍ରାମ ଭାରତ ଓ ବ୍ରିଟିଶ ସରକାରଙ୍କ ଉକ୍ତ ସଭାରେ ଇଣ୍ଡୋନେସିଆ ପ୍ରତିନିଧିଙ୍କ ଠାରୁ ତାଙ୍କ ଆପତ୍ତି ଶୁଣିବାକୁ ଅନୁମତି ଦେଲେ । ଶୁଣାଣିରେ ସୁଦାନ ଶାହରିଅ ଉପସ୍ଥିତ ଆନ୍ତରିକ କଥା କହିଛନ୍ତି । ଓଲନ୍ଦାଜ ବା ଡଚ୍ ମାନଙ୍କ ତାଙ୍କ ଛତ୍ରଛାୟା ତଳେ ଗଠିତ ପୂର୍ବ ଇଣ୍ଡୋନେସିଆ ବର୍ଣ୍ଣିଓ ଦ୍ୱୀପ ମାନର ସରକାରଙ୍କ ପ୍ରସ୍ତାବ ଶୁଣା ହେଉ ବୋଲି ବେଲଜିଅମ ପ୍ରତିନିଧିଙ୍କ ଜରିଆରେ ପ୍ରସ୍ତାବ ପେସ କଲେ । ରୁସିଆ ଓ ଭାରତ ଆପତ୍ତି କଲେ । କାରଣ ଏହା ସ୍ୱାଧୀନ ରାଜ୍ୟ ନୁହେଁ । କିନ୍ତୁ ବ୍ରିଟେନ ଓ ଆମେରିକା ସମର୍ଥନ କଲେ । ଇଣ୍ଡୋନେସିଆ ସରକାର ପକ୍ଷରେ ଅଦ୍ୟାବଧି ଲଢ଼ୁଥିବା ଅଷ୍ଟ୍ରେଲିଆ ମଧ୍ୟ ବ୍ରିଟେନ ପକ୍ଷ ନେଲା । ଶେଷେ ବେଲ୍‌ଜିଅମର ପ୍ରସ୍ତାବ ନାକଚ ହୋଇଗଲା ।

ମିଳିତ ଜାତି ସଂଘର ଆଇନ-ଧୁରୀଣ [ legal experts ] ମାନେ ସିଦ୍ଧାନ୍ତ କଲେ ଯେ ୧୫ ଅଗଷ୍ଟ ପରେ ବ୍ରିଟିଶ ଶାସିତ ଭାରତର ପ୍ରକୃତ ପ୍ରତିନିଧି ଭାରତ ଡୋମିନିଅନ ଏବଂ ପାକିସ୍ତାନ ସ୍ୱେଚ୍ଛାରେ ସ୍ୱତନ୍ତ୍ର ହୋଇଥିବାରୁ ତାକୁ ନୂତନ ସଭ୍ୟ ହେବା ପାଇଁ ସାନ ଦରଖାସ୍ତ କରିବାକୁ ପଡ଼ିବ । ତଦନୁସାରେ ପାକିସ୍ତାନର ଦରଖାସ୍ତ ନିୟମାନୁଯାୟୀ ନିରାପତ୍ତା ସଭାରେ ପଡ଼ିଲା । ଭାରତ ପ୍ରତିନିଧିଙ୍କ ଓକାଲତି ପରେ ସଭା ପାକିସ୍ତାନକୁ ନୂଆ ସଭ୍ୟ କରାଯାଉ ବୋଲି ସଂଘକୁ ସୁପାରିଶ କରିଛନ୍ତି ।

ଗତ ବର୍ଷ (୧୯୪୬) ଡିସେମ୍ବର ୧୪ ତାରିଖରେ ମିଳିତ ଜାତିସଂଘର ସାଧାରଣ ସଭା ଦକ୍ଷିଣ ଅଫ୍ରିକାର ଦାବି ଅଗ୍ରାହ୍ୟ କରି ନିଷ୍ପତ୍ତି କଲେ ଯେ ଦକ୍ଷିଣ-ପଶ୍ଚିମ ଅଫ୍ରିକା ଅନ୍ତର୍ଗତ ବୈବର୍ଣ୍ଣାଗିର (Trusteeship ଅଧୀନରେ ରହିବ । କିନ୍ତୁ ଦକ୍ଷିଣ ଅଫ୍ରିକା ତାହା ମାନିବାକୁ ନାରାଜ କାରଣ ତା ମତରେ ଅଧିକାଂଶ ଦକ୍ଷିଣ ପଶ୍ଚିମ ଅଫ୍ରିକାର ଆଦିମ ଅଧିବାସୀଙ୍କ ଇଚ୍ଛା ଓ ତତ୍ରସ୍ଥ ୟୁରୋପୀୟଙ୍କର ସର୍ବସମ୍ମତ କ୍ରମେ ତାହା ଦକ୍ଷିଣ ଅଫ୍ରିକାରେ ରହିବା ବିଧେୟ ।

ଦକ୍ଷିଣ ଅଫ୍ରିକା ପ୍ରଧାନ ମନ୍ତ୍ରୀ ସ୍ମଟସ୍ ସାହେବ ଭାରତ ସରକାରଙ୍କୁ ମଧ୍ୟ ଜଣାଇ ଦେଇଛନ୍ତି ଯେ ତତ୍ରସ୍ଥ ଭାରତୀୟ ମାନଙ୍କ ସଂକ୍ରାନ୍ତରେ ସେ ମିଳିତ ଜାତି ସଂଘର ନିର୍ଦ୍ଦେଶ ଅନୁଯାୟୀ ଭାରତ ସରକାର ସହ କଥାବାର୍ତ୍ତା କରିପାରିବେ ନାହିଁ କାରଣ ତାହା ତାଙ୍କର ଏକ ଘରୋଇ ସମସ୍ୟା ।

## ଇଂଲଣ୍ଡ

ବ୍ରିଟେନର ଅର୍ଥ ନୈତିକ ସଂକଟ ଘେନି ଏ ମାସ ପ୍ରଥମ ସପ୍ତାହରେ ପାର୍ଲିଆମେଣ୍ଟରେ ଯେଉଁ ଆଲୋଚନା ହୋଇଥିଲା ସେଥିରୁ ଜଣାଯାଏ ଯେ ୧୯୩୮ ଠାରୁ ଶତକଡ଼ା ୧୧୧ ହାରରେ ୧୯୪୭ ର ରପ୍ତାନି ବୃଦ୍ଧି ପାଇଛି ଏବଂ ଶ୍ରମିକ ମାନଙ୍କୁ ଖୁବ୍ ଜୋର ଜୋରରେ କାମରେ ଲଗାଯାଇଛି । ଇଂଲଣ୍ଡ ତାର କରଜ ଧନକୁ ଉଡ଼େଇ ଦେଉ ନାହିଁ ବୋଲି ପ୍ରଧାନ ମନ୍ତ୍ରୀ ଆଟ୍‌ଲି କହିଲେ । ଏ ଆଲୋଚନାରେ ଜଣା ହେବା ପରେ ପରେ ଶ୍ରମିକ ସରକାର ଆଉ ଏକ ସଙ୍କଟରେ ପଡ଼ିଲେ । ସଙ୍କଟ ଆଶଙ୍କା ଦୂର କରିବା ପାଇଁ ଲୌହ-ଶିଳ୍ପକୁ ଜାତୀୟ ସମ୍ପତ୍ତି Nationalisation ) କରିବା ପାଇଁ ସରକାର ଯେଉଁ ମତ ଧରିଲେ ତାହା ସହିତ ଏକମତ ନ ହୋଇ ଦୁଇଜଣ ମନ୍ତ୍ରୀ ଇସ୍ତଫା ଦେବାର ଇଚ୍ଛା ପ୍ରକାଶ କରିଥିବାର ଖବର । ଏବଂ ମନ୍ତ୍ରୀ ମଣ୍ଡଳର ଏକ ଅଙ୍ଗ ଦରଣା ଅଦଳ ବଦଳ ହେବାର ସମ୍ଭାବନା ରହିଛି ।

## ବର୍ମା

ଅଙ୍ଗସାନ ଓ ତାଙ୍କ ସହକର୍ମୀ ମାନଙ୍କ ହତ୍ୟା ପରେ ବର୍ମା ଶାନ୍ତ ହୋଇ ନାହିଁ । ବର୍ତ୍ତମାନ ମନ୍ତ୍ରୀ ମଣ୍ଡଳର ସଭ୍ୟ ମାନଙ୍କ ଜୀବନର ଆଶଙ୍କା ରହିଛି ଏବଂ ହତ୍ୟାର ଉଦ୍ୟମ ଚାଲିଛି । ବର୍ମାରେ କ୍ରିପସ ମିଶନ ବା ବ୍ରିଟିଶ ଡିଫେନ୍‌ସ [ ରାଜ୍ୟରକ୍ଷା ] ମିଶନକୁ ବର୍ଜନ କରିବା ପାଇଁ ବର୍ମାର କମ୍ୟୁନିଷ୍ଟମାନେ ସ୍ଥିର କରନ୍ତି ।

## ଭାରତ

ଅଗଷ୍ଟ ପନ୍ଦର ତାରିଖଦିନ କ୍ଷମତା ହସ୍ତାନ୍ତର ଉତ୍ସବ ଖୁବ୍ ସମାରୋହରେ ହୋଇ ଯାଇଛି । ସେହି ଦିନ ଭାରତ ଦୁଇଟି

Digitized by srujanika@gmail.com

ଡୋମିନିୟନ ବା ଔପନିବେଶିକ ରାଷ୍ଟ୍ରରେ ପରିଣତ ହେଲା—ଭାରତ ଓ ପାକିସ୍ଥାନ । ଭାରତର ପୂର୍ବ ପଶ୍ଚିମରେ ଅନନ୍ଦ ଉତ୍ସାହ ଖେଳିଯାଇଥିଲା । ବ୍ରିଟିଶ ଶାସନର ଲୋପ ହେବା ସୂଚନା ଓ ଚିହ୍ନ ସ୍ୱରୂପ—ସରକାରୀ ବେସରକାରୀ ସବୁ ଗୃହ ଉପରେ ଜାତୀୟ ତ୍ରିରଙ୍ଗ ପତାକା ଭାରତ ଡୋମିନିୟନ ମଧ୍ୟରେ ଏବଂ ଚନ୍ଦ୍ର ତାରକା ଖଚିତ ଶ୍ୱେତ ସବୁଜ ପତାକା ପାକିସ୍ଥାନ ଡୋମିନିୟନରେ ଉଡୁଥିଲା । ଅତି ଶାନ୍ତି ପୂର୍ଣ୍ଣ ଭାବରେ ଏ ଉତ୍ସବ ପାଳିତ ହେବା ଏହାର ଅଜ ଏକ ବୈଶିଷ୍ଟ୍ୟ ।

ପରାଧୀନତାର ପ୍ରତୀକ ବ୍ରିଟିଶ ସେନାମାନେ 'ଭାରତ ଛାଡ' ଚାଲିଯିବାକୁ ଆରମ୍ଭ କରିଛନ୍ତି । ବ୍ରିଟେନର ଶାନ୍ତି ପୂର୍ଣ୍ଣ ଅପସାରଣ ଇତିହାସରେ ଏକ ନୂଆ କଥା ଏବଂ ବିଚିତ୍ର ତଥା ମଧ୍ୟ । କିନ୍ତୁ ସବୁଠାରୁ ଅଶ୍ଚର୍ଯ୍ୟ ଅଦ୍ଭୁତ ନବ ନୂତନ ଘଟଣାର ସୂତ୍ରପାତ ହୋଇଛି ଏହି ପନ୍ଦର ତାରିଖ ଦିନ—କଲିକତା ସହରରେ ଭଗବାନ୍ କୃପାରୁ ପ୍ରାୟ ଏକବର୍ଷ ବ୍ୟାପୀ ସାମ୍ପ୍ରଦାୟିକ ସଂଘର୍ଷର ଅବସାନ ହୋଇଛି । ଗାନ୍ଧିଜୀଙ୍କର ଯାଦୁକରୀ ସ୍ପର୍ଶହିଁ ସ୍ପର୍ଶମଣି ଲୁହାକୁ ସୁନାରେ ପରିଣତ କଲାପରି ଶତ୍ରୁଙ୍କୁ ଭାଇରେ ପରିଣତ କରିଛି—ଦୂରକୁ ନିକଟର କରିଛି । ଶ୍ରୀଯୁକ୍ତ ସହରାବର୍ଦ୍ଦୀଙ୍କ ଠାରେ ଦେଶ ଏଥିପାଇଁ ଋଣୀ । ସେ ଗାନ୍ଧିଜୀଙ୍କୁ ନୂଆଖାଲି ଯିବାରୁ ନିବୃତ୍ତ କରି ସହରରେ ଉପଦ୍ରୁତ ଅଞ୍ଚଳରେ ଜୀବନ ସଙ୍କଟ ମୁଖରେ ଥୋଇ ଗାନ୍ଧିଜୀଙ୍କ ସହିତ ବାସକରି ଏକତ୍ର ଦଳରେ ଗାନ୍ଧିଜୀଙ୍କର ସହକର୍ମୀ ହେବାପାଇଁ ସ୍ଥିର କରିବାରୁ ଏହିଭଳି ସାମ୍ପ୍ରଦାୟିକ ମିଳନ ସମ୍ଭବ ହୋଇପାରିଛି । ଗତ ୧୮ ତାରିଖରେ କଲିକତା ମହମେଡାନ ସ୍ପୋର୍ଟିଂ ମଇଦାନରେ ଗାନ୍ଧିଜୀଙ୍କ ପ୍ରାର୍ଥନା ସଭା ଏତେ ବିରାଟ ହୋଇଥିଲା ଯେ ତାହା ମୁଁ ତ ବର୍ତ୍ତମାନ ଯୁଗରେ କେବେ ସମ୍ଭବ ହୋଇ ନାହିଁ ।

## ସୀମା ନିର୍ଦ୍ଦେଶ

ଭାରତରେ ଦୁଇଟି ପ୍ରଦେଶ ବଙ୍ଗ ଓ ପଞ୍ଜାବ ବିଭାଗ ପାଇଁ ଦୁଇ ଦୁଇ ଜଣ ହିନ୍ଦୁ ଓ ଦୁଇ ଦୁଇ ଜଣ ମୁସଲମାନ ଜଜଙ୍କ ଉପରେ ଜଣେ ଇଂରାଜ ସଭାପତିଙ୍କ ମିଶାଇ ଯେଉଁ ଦୁଇଟି ପୃଥକ ବଙ୍ଗ ଓ ପଞ୍ଜାବ ସୀମା ନିର୍ଦ୍ଧାରଣୀ କମିଟି ବସିଥିଲା ସେ ତାଙ୍କର ନିଷ୍ପତ୍ତି ଶୁଣାଇଛନ୍ତି । ହିନ୍ଦୁ ଓ ମୁସଲମାନ ସଭ୍ୟମାନେ ଉଭୟ କମିଟିରେ ଏକମତ ନହେବାରୁ ସଭାପତି ଉଭୟ କ୍ଷେତ୍ରରେ ତାଙ୍କ ନିଜର ରାୟ ଦେଇ ଯାଇଛନ୍ତି—

ତଦନୁସାରେ ପଞ୍ଜାବରେ ଲାହୋର ଶିଖଙ୍କ ଗୁରୁଦାସପୁର ଓ ଲାହୋର ଜିଲ୍ଲାକୁ ବଣ୍ଟନର ଉଭୟ ପୂର୍ବ ଓ ପଶ୍ଚିମ ପଞ୍ଜାବକୁ ଦିଆ ଯାଇଛି । ଏ ଦୁଇଟି ଜିଲ୍ଲା ପୂର୍ବ ପଶ୍ଚିମ ପଞ୍ଜାବ ବା ପାକିସ୍ଥାନ ଭାଗରେ ପଡିଥିଲା । ବଙ୍ଗଳାରେ ସମଗ୍ର ଖୁଲଣା ଜିଲ୍ଲା ପଶ୍ଚିମ ବଙ୍ଗରୁ ଯାଇ ପୂର୍ବ ବଙ୍ଗ ବା ପାକିସ୍ଥାନ ବଙ୍ଗରେ ମିଶିଲା ଏବଂ ପୂର୍ବ ବଙ୍ଗର ସମସ୍ତ ମୁର୍ସିଦାବାଦ ଜିଲ୍ଲା ପଶ୍ଚିମ ବଙ୍ଗରେ ମିଶିଲା । ଜଲ ପାଇଗୁଡ଼ି ଜିଲ୍ଲାର ୫ଟି ଥାନା ପଶ୍ଚିମ ବଙ୍ଗରୁ କାଟି ପୂର୍ବ ବଙ୍ଗକୁ ଦିଆଗଲା । କିନ୍ତୁ ପୂର୍ବ ବଙ୍ଗର ଯଶୋର, ମାଲଦା, ଦିନାଜପୁର ଓ ନଦିଆ ଜିଲ୍ଲା ଦୁଇଭାଗ ହୋଇଗଲା ଦୁଇ ପ୍ରଦେଶ ମଧ୍ୟରେ । ଚଟ୍ଟଗ୍ରାମ ପାହାଡ଼ିଆ ଅଞ୍ଚଳରେ ମୁସଲମାନ ଶତକଡା ୩ ଜଣ ଥିଲେହେଁ ତାହା ପାକିସ୍ଥାନ ବଙ୍ଗରେ ରହିଲା । ସିଲହଟର ପଥର କାଣ୍ଡି, ରତାବାଡ଼ି, କରିମଗଞ୍ଜ ଓ ବଦରପୁର ଥାନା ଛଡା ବାକି ସବୁ ପାକିସ୍ଥାନରେ ମିଶିଲା ।

## ରାଜୁଡା ରାଜ୍ୟ

ଭାରତର ପ୍ରାୟ ସମସ୍ତ ରାଜୁଡା ରାଜ୍ୟ ଭାରତ ୟୁନିୟନରେ ଯୋଗ ଦେଇଛନ୍ତି । ଏପରିକି ୧୫ ଅଗଷ୍ଟ ପୂର୍ବରୁ ତ୍ରିବାଙ୍କୁର ଓ ଇନ୍ଦୋର ମଧ୍ୟ ଭାରତ ସହ ସହଯୋଗ କରିଛନ୍ତି । ତ୍ରିବାଙ୍କୁରର ଅତ୍ୟାଚାରୀ ଦେୱାନ ସାର୍ ସି, ପି, ରାମସ୍ୱାମୀ ଅୟାର ସନ୍ତୋଷରେ ଅବସର ଗ୍ରହଣ କରିଛନ୍ତି । କିନ୍ତୁ ହାଇଦରାବାଦର ନିଜାମ ଏକମାତ୍ର ଗଣ୍ୟ ରାଜ୍ୟ ଯେ କି ଭାରତରୁ ଅଲଗା ରହି ବ୍ରିଟିଶ ଉପନିବେଶୀ ରାଜ୍ୟଗୋଷ୍ଠୀ ଭିତରେ ରହିବେ ବୋଲି ଜଣାଇ ଦେଇଛନ୍ତି । କାଶ୍ମୀର ଉଭୟ ପାକିସ୍ଥାନ ଓ ଭାରତ ସହିତ ସମ୍ବନ୍ଧ ସୂତ୍ର ଖଞ୍ଜୁଛି—ଦୁଇ ନାବରେ ଗୋଡ଼ ଦେଇ ପରି । ମହାତ୍ମାଜୀ ସେଠୁ ଫେରିବା ପରେ ଜଣା ପଡୁଛି ଯେ ରାଜ୍ୟରେ ଜନମତ ନେବା ପାଇଁ ସ୍ଥିରିକୃତ ହେବ, କାଶ୍ମୀର ପାକିସ୍ଥାନକୁ ଯିବ କି ଭାରତରେ ଥିବ । ପଞ୍ଜାବର ଗୁରୁଦାସପୁର ଅଧ ଜିଲ୍ଲାର ବିଭାଗ ଫଳରେ କାଶ୍ମୀର ଓ ଭାରତ ମଧ୍ୟରେ ସଂଯୋଗ ସ୍ଥାପିତ ହୋଇଛି । ଏବଂ କାଶ୍ମୀର ବାହାର ସମାଜକୁ ବାଟ ଫିଟି ଯାଇପାରେ । ରାମପୁର ନାମଧେୟ ଏକ ରାଜ୍ୟରେ ମୁସ୍‌ଲିମ୍ ଲିଗ ଗୋଳ ଆରମ୍ଭ କରିଥିଲେ । ସେଠିକାର ରାଜା ଭାରତରେ ମିଶିବା ପାଇଁ ସାର କରିବାରୁ ଲିଗ୍ ପନ୍ଥୀମାନେ ହାଣ କାଟ ଲଗାଇ ଥିଲେ । ଭାରତ ସରକାର ଶାନ୍ତିସ୍ଥାପନରେ ସାହାଯ୍ୟ କରିଛନ୍ତି । ରଜ୍ଜବ ମିର୍ଜା ନାମକ ଜଣେ ଯୁବକ ହଠାତ୍ ନିଜକୁ ଅଯୋଧ୍ୟାର ରାଜା ବା ନବାବ ବା ନବାବଙ୍କ ନାତି ବୋଲି ନିଜକୁ ଘୋଷଣା କରି ଅଳ୍ପ ଏକ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିଛନ୍ତି । ଓଡ଼ିଶାର କଳାହାଣ୍ଡି ରାଜା ମଧ୍ୟ କଳାହାଣ୍ଡି ଅଞ୍ଚଳକୁ ଏକ ଦେଶୀୟ ରାଜ୍ୟରେ ପରିଣତ କରିବା ପାଇଁ ଦିଲ୍ଲୀ ଦଉଡିଥିଲେ । ସ୍ୱାଧୀନତା ଦିନ ସେ ଜାତୀୟ ପତାକା ସଙ୍ଗେ ତାଙ୍କ ରାଜ୍ୟର ପତାକା ମଧ୍ୟ ଉଡାଇ ଦେଇଛନ୍ତି ।

## ଓଡ଼ିଶା

ଡାକ୍ତର କାଟଜୁ ଓଡ଼ିଶାର ଲାଟ ଗାଦିନସିନ ହୋଇଛନ୍ତି । ଓଡ଼ିଶା ସରକାର ସମ୍ବାଦ ମାନଙ୍କ ସମ୍ପାଦକ ବର୍ଗଙ୍କୁ ଭରଣ ପୋଷଣ କରିବାପାଇଁ ମନସ୍ଥ କରିଛନ୍ତି । ମୟୁରଭଞ୍ଜ ମହାରାଜା ତାଙ୍କ ରାଜ୍ୟକୁ ପ୍ରଜାତନ୍ତ୍ର ଭିତ୍ତିରେ ଶାସନ କରିବା ପାଇଁ ଘୋଷଣା ଦେଇ ଓଡ଼ିଶା ଗଡ଼ଜାତର ଅଗ୍ରଣୀ ହୋଇଛନ୍ତି ।

# ଡାଳେ ଡାଳେ ଡାକା ନାନା—

"ଟାଙ୍କବାର୍ଣ୍ଣ"— ଇଏ ମହତାବ ପ୍ରଜାତନ୍ତ୍ରର ଧାରାବାହିକ ଲେଖାର ଶିରୋନାମା ।

......ହରି ହରି ବୋଲ— ବେଷ୍ଟା ମାଷ୍ଟର ମାଛେର ଝୋଲ ।

+ + + +

"ଜାହେଲା ହାଟ ତେଲ"— ଇଏ ପ୍ରଜାତନ୍ତ୍ର ବିଜ୍ଞାପନ ।

......ବଂଶିଧରବାବୁଙ୍କ ସୁବିଧା ନିମନ୍ତେ ଅଫିସରେ ମସଜିଦ ଅଛି । ସେ ସେଥିରେ ନେଇ ନମାଜ କରିପାରିବ ।

× × ×

"ଭୋଲାନାଥ ଧାମ"— ଇଏ ପ୍ରଜାତନ୍ତ୍ର ବିଜ୍ଞାପନ ।

ପୁଣିକୁ ନେଗାଡର ଜଟି ଅଭିଲା ପର ଲଗୁଛି ।

× × ×

ବର୍ତ୍ତମାନ ଅବସ୍ଥାରେ ଖାପ୍ କର ମୁକ୍ତିଶୀତରେ ପୂର୍ବକୃତ ସବୁ ଲୋପ କରିଦେବାର ଉଦ୍ୟମ ହେବା ଉଚିତ—ଇଏ ପ୍ରଜାତନ୍ତ୍ର ଟିପ୍ପଣୀ ।

...ଏଣେ ଜଗନ୍ନାଥ ଦେଉଳ ଅଡ଼ୁ ଅରଣ୍ୟ ହେଇ ନୂଆ ସ୍ମୃତିରେ—କେଶୁନାଚାନ୍ଦ ରେଭେନାସ, ବଡ଼ଦାଣ୍ଡ—ନାହେଲା ଜବନର ନାମ ବଡ଼ ଦେଉଳ—ମହତାବଙ୍କ ନାମ ବଢ଼ାକୁଳ ହେଉ ।

+ + +

"ହେଉଁ କଉଁଛ"— ପ୍ରଜାତନ୍ତ୍ରର ବିଶେଷ ଶିରୋନାମା ।

...ମୋତେ ଯେତେ ଚହଟାଇ ଚହଟା
ମୁଁ ସେଇ ନଲା ମୁହଁ ଗୁହଟା
ଛତୁଫୁଟା ମୋର ମୁହଁଟା
ମୁଁ ତ ସେଇ ନଲା ଛାଣି ପୁଅଟା ।

× × ×

ପୁଲିସ ସାହେବ ନେତ୍ର ସ୍ତ୍ରୀର ପ୍ରେମରେ ପଡ଼ି ନେତ୍ର ହେଲେ—ଇଏ 'କୃଷ୍ଣାବ' ସମ୍ବାଦ ।

...ଓଡ଼ିଶାରେ ବ୍ରାହ୍ମଣ, ହରିଜନ ସ୍ତ୍ରୀର ପ୍ରେମରେ ପଡ଼ି ପୁଲିସ ସାହେବ ହେବାର ସମ୍ଭାବନା ଅଛି ବୋଲି ଶ୍ରୀଦେଓ ସଂବାଦରୁ ପ୍ରକାଶ ।

× ×

ନେତ୍ର ନେପଥ୍ୟକୁ ସାତଖଣ୍ଡି ମାଫ—ଇଏ ମୁକ୍ତି ପଥ ସଂବାଦ ।

...ଆଉ ନେତ୍ରଙ୍କ ଖୁନ୍ତି ମାଫ ହେଲେ ନେତ୍ର ନେପଥ୍ୟ କମ୍ୟୁନିଷ୍ଟ ହେଇ ପାରିବେ ?

+ × +

"ନେହେରୁ-ମାଳ ଗାଙ୍ଗୀର ଗୁଳି"— ଇଏ ମୁକ୍ତି ପଥ ଲେଖା ।

...ରତ୍ନୀକ ଗୁଣୀ ଚାହାନ୍ତି—ମୁଣ୍ଡି କି ମୁଣ୍ଡି ଚାହାନ୍ତି ।

× ×

ପୂର୍ଣ୍ଣ ନାଗରିକ ସ୍ୱାଧୀନତା ଲେଡ଼ା—('ଲ' ରେ ଦୀର୍ଘ ଇକାର) ଇଏ ମୁକ୍ତି ପଥ ଶୀର୍ଷ ପଂକ୍ତି ।

...ଙ୍କ ସ୍ଥାନରେ ମୁଦ୍ରା ପ୍ରମାଦ ଘଟି 'କ' ହେବାର ଆଶଙ୍କା । ଭ୍ରମ ସଂଶୋଧନରେ କମ୍ୟୁନିଷ୍ଟଙ୍କର ଦଳବୃଦ୍ଧି ହେବା ସୁବିଧା ହୋଇପାରେ ।

× + ×

ଅତ୍ୟାଗ୍ରହର ଅଭିଯୋଗ— ଇଏ ମୁକ୍ତିପଥ ।

..ଉଦାସୀ ହୋଇ ମାଡ଼ି— ଗୁଣିଆ ହୋଇ ଝାଡ଼ି ।

+ × +

ଡାକେ ତୋ ସ୍ୱାଧୀନ ଦେଶ—ଇଏ ମୁକ୍ତିପଥ ଲେଖା .....ନାଇ ଝଣ୍ଡା ଉଡାଇବା ପାଇଁ— ଝଣ୍ଡା ଉଡ଼ା ରହେ ।

+ × +

ଜମିଦାର ମହାଜନ ଗଡ଼ଜାତ ରାଜାଙ୍କ ଲୋପ ଦରକାର— ଉତ୍କଳ ପୁନର୍ଗଠନ କମିଟି— ଇଏ ଶ୍ରୀ ଶରତ ପଟ୍ଟ— ... ... ...

କେବଳ କମ୍ୟୁନିଷ୍ଟ ଦଳ
ରୂପରୁ ଅଣିବେ ମୂଳ
ପୃଥିବୀ ହେବାପାଇଁ ଶଲ ।

+ + +

ମନ୍ତ୍ରୀଙ୍କ ଅଖି ପଡ଼ି— ଇଏ 'କୃଷକର' ଗୁହାରି । ........ ଅଖିରୁ ଚଷମା କିଏ ଖୋଲିବ ?

+ + +

ଅମର ନେତ୍ର କିଏ ?—
'ନକେ ସେ କାଳର ଶତ୍ରୁ'

+ + +

ହଠାତ୍ କରାଟନାରୁ କାଗଜ ସଂପର୍କ କାଟିଲ ଶିଲୋନ୍ନତରେ ବାଧା ଘଟିବ— ଇଏ ମାଟରନ୍ ମିକ ।

.....କଣ୍ଟ୍ରୋଲ କଲେ ସବୁ ସିଧା ହେଇଯିବ ।

× × ×

ଓଡ଼ିଆ ବୋଲନ୍ତେ ଓଡ଼ିଆ ପ୍ରଦେଶର ମଦ୍ର ସ୍ଥାୟୀ ଅଧିବାସୀ— ଇଏ ମହତାବ୍ ।

..ସ୍ଥାୟୀ ବୋଲନ୍ତେ ମହତାବଙ୍କ ସ୍ୱୟାରଣ୍ ।

+ + +

ଧର୍ମ ଜଗର ପ୍ରବର୍ତ୍ତନ—ଶ୍ରୀ ମହତାବ

......ଭୁଞ୍ଜନ୍ତି ସ୍ୱର୍ଗ ବାସ ଜନ ।

+ × ×

---

## କୁତୁକୁତୁ

ପତୋଇ ସ୍ତ୍ରୀ କହୁଛି—ମଣିଷ କ'ଣ ନ କରିପାରେ । ମୁଁ ଗୋଟିଏ ଲୋକ ଜାଣେ ପଚିଶ ବର୍ଷ ଯାଏଁ ସେ ଗଜମୂର୍ଖ ଥିଲା । ପଚିଶରେ ସେ ବାହା ହୋଇ ୨ ବର୍ଷ ଭିତରେ ସେ ଜଣେ ପଣ୍ଡିତ ହୋଇଗଲା । କେବଳ ତାର ସ୍ତ୍ରୀ ଯୋଗୁ ।

ସ୍ୱାମୀ—ଏ ତ ଅତି ସହଜ କଥା । ମୁଁ ଗୋଟିଏ ଲୋକ ଦେଖିଛି, ଯେ ପଚିଶ ବର୍ଷ ଯାଏ ଦେଶରେ ଜଣେ ପଣ୍ଡିତ ବୋଲି ଖ୍ୟାତି ଲଭିଥିଲା । ପଚିଶ ବର୍ଷରେ ବାହା ହେଲା ପରେ ସେ ମୂର୍ଖ ହୋଇ ଯାଇଛି ଗଲା— କାହା ଯୋଗୁ ତମେ କହୁନା ।

+ + ×

ପ୍ରେମିକା— ମୁଁ ଯେତେ ଚେଷ୍ଟା କଲି, ଦିନ ଦିନ ଧରି ସଂକେତ ଦେଲି, ତଥାପି ସେ ନିଷ୍ଠୁର ଦରଜା ବନ୍ଦ କରେ ମୋତେ କହୁନାହିଁ "ମୁଁ ତୋତେ ଭଲ ପାଏ ।"

ବୃଦ୍ଧା— ଏଣିକି ରାତି ରାତି ଧରି ଚେଷ୍ଟା କର ।

+ + +

କନ୍ୟା ପିତା—ତୁ ପରା ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ପଣ କରିଥିଲୁ, ଯେ ତୁ ସେ ଛଉଳ ଟୋକା ସାଙ୍ଗରେ ସାଙ୍ଗ ହେବୁ ନାହିଁ ।

କନ୍ୟା—ସୂର୍ଯ୍ୟଙ୍କୁ ସିନା ସାକ୍ଷୀ ରଖିଥିଲି— ଚନ୍ଦ୍ରଙ୍କୁ ତ ସାକ୍ଷୀ ରଖି ନାହିଁ ।

+ + +

Digitized by srujanika@gmail.com

# ମିଠାକଡ଼ା

"ଅଉ, ଶ୍ରୀମତୀ ସୀତା ଦେବୀଙ୍କର ଘର ଏ ?"

ବୁଦ୍ଧୁରାମ ଉତ୍ତର ଦେଲେ—"ଏଟା ବୁଦ୍ଧୁରାମ ଘର।"

"କିଏ ବୁଦ୍ଧୁରାମ ? ସୀତା ଦେବୀଙ୍କର ସ୍ୱାମୀ।"

ଲଜ୍ଜାରେ ବୁଦ୍ଧୁରାମ ମୁଣ୍ଡ ତଳକୁ ହୋଇଗଲା। ଧିକ୍ ଏ ଜୀବନକୁ—ଧିକ୍ ଏ ପୁରୁଷ ପଣକୁ। ବୁଦ୍ଧୁରାମ ସେଦିନ ଘରକୁ ଆସି କହିଲେ—ହେଇଟି ଶୁଣୁଛ—ମୁଁ ଆଉ ଆତ୍ମହତ୍ୟା କରିଦେବି। ବୁଦ୍ଧୁ ସୀତା ଦେବୀ ସଙ୍ଗେ ସଙ୍ଗେ ଯାଇଁ ତାଙ୍କ ପାଦୁକ ଗିନାରେ ଗିନାଏ ପାଣି ଆଣି କହିଲେ—ହେଇଟି ପାଣି। ବୁଝିଲ, ଲୋକ ମଲା ବେଳକୁ ଭାରି ସୁନ୍ଦର ସପନ ଦେଖନ୍ତି ବୋଲି ଡାକ୍ତରୀ ପାଠ କହୁଛି। ତମେ ବୁଝିଲେ, ହେଇଟି ମୋ ଗୁଣ ମୋତେ ସପନ ଦେଖିବଟି। ମୁଁ ଯଦି ସତୀ ହୋଇଥିବି ତେବେ ତମେ ନିଶ୍ଚେ ସପନ ଦେଖିବ।

ବୁଦ୍ଧୁରାମ କହିଲା—ମୁଁ କଣ ତମ ହାତ ଧରି ଥିଲି ଏଇ ହଟହଟା ହବାକୁ। ତମେ ମୋତେ କହିବୋକି ବାହାରକୁ ବାହାରିଲ—ତମକୁ ମୁଁ ସ୍ୱାଧୀନ ଭାରତରେ ଟିକିଏ ସ୍ୱାଧୀନତା ଦେଇଛି କି ନାହିଁ—ତମେ ହୋଇଗଲ ଏ ଘରର ମାଲିକ, ଦୁନିଆ ଲୋକ ଧମକେ ତମକୁ ଜାଣିଲେ, ମୋତେ ଭୁଲିଲେ, ମୁଁ କିଏ ? କଣ ନା—ମୋର ନା ନାହିଁ—ମୁଁ ସୀତା ଦେବୀଙ୍କ ସ୍ୱାମୀ।

ସେ ଉତ୍ତର ଦେଲେ—ଯିଏ କଣ ? ପୁଣି ଆଗ ସୀତା ପରେ ରାମ, ଆଗେ ରାଧା ପରେ କୃଷ୍ଣ ଆଗେ ଶଚୀ ପରେ ଇନ୍ଦ୍ର—ଏ ତ ଆମ ଧର୍ମ ଶାସ୍ତ୍ର କହୁଛି।

"ତା ହେଲେ କୃଷ୍ଣ ରାମ ଇନ୍ଦ୍ରଙ୍କଠୁ ରାଧା ସୀତା ଶଚୀ ବଡ ହେଲେ। ମାଲତୀ ଦେବୀ, ରମା ଦେବୀ ସରଳା ଦେବୀ କଣ ନାଁ କରିନାହାନ୍ତି ଓଡ଼ିଶାରେ ? ପୁଣି ନବ ବାବୁ, ଗୋପ ବାବୁ ହରି ବାବୁ ତାଙ୍କ ବଳ ତାଙ୍କ ବଳ ବଳସ୍ତାର ହୋଇଛନ୍ତି। ତା—ତାଙ୍କୁ କଣ କେହି ତାଙ୍କ ସ୍ତ୍ରୀଙ୍କ ଗିରସ୍ତ ହିସାବରେ ଚିହ୍ନନ୍ତି ?"

"ରମା, ମାଲତୀ, ସରଳା ଯଦି କଂଗ୍ରେସ ନାହାନ୍ତି ସେବା କରିବା ପାଇଁ ମୁଁ ତମକୁ ଛାଡ଼ି ଦେଇ ଥାନ୍ତି।"

"ତେବେ ଯଦି ଏ କଥା ତମେ ଆଗରୁ କହିଥାନ୍ତ—"

"କହିଥିଲେ ଏ ମଜା ରହନ୍ତା କେଉଁଠି ?"

ବୁଦ୍ଧୁରାମ ଶଚୀହଟା ନୂଆ ଢଙ୍ଗରେ ହୋଇଥିଲା। ଆମର ଠିକ ପ୍ରେମ ବିବାହ ନୁହେଁ—ପ୍ରଜାପତି ନୁହେଁ କିମ୍ବା ଗାନ୍ଧର୍ବ ନୁହେଁ। ଏଟାକୁ ପ୍ରଜାତନ୍ତ୍ରୀ ବା ଗଣତାନ୍ତ୍ରିକ ବିବାହ କୁହାଯାଇ ପାରେ। ସୀତା କାହିଁ ବୁଦ୍ଧୁରାମଙ୍କୁ ପସନ୍ଦ କରି ବିବାହ ହୋଇଛନ୍ତି। ବିବାହ ନିମନ୍ତ୍ରଣରେ ବୁଦ୍ଧୁରାମଙ୍କ ସହ ସୀତାଙ୍କର ବିବାହ ଲେଖା ନ ଯାଇ ସୀତାଙ୍କ ସହ ବୁଦ୍ଧୁରାମଙ୍କ ବିବାହ ଲେଖା ଯାଇଥିଲା। ଏବଂ ବୁଦ୍ଧୁରାମ ବର ସାଜି ବିବାହ ହେବାକୁ ନ ଯାଇ ସୀତା କନ୍ୟା ହୋଇ ବର ଘରକୁ ବିବାହ ପାଇଁ ବିଜେ କରିଥିଲେ। ଧନୁଭଙ୍ଗ କରିଥିଲେ ସେ; ରାମ ନୁହେଁ। ଅବଶେଷେ ବୁଦ୍ଧୁରାମ ବର ହୋଇ କନ୍ୟା ଘରେ ଆସି ରହିଛନ୍ତି।

ଏମନ୍ତେ କିଛିଦିନ କଟିଲା ପରେ—ସୀତା ଘରର ଓ ବୁଦ୍ଧୁରାମ ବାହାରେ ନାଁକୁ ମାତ୍ର ଥିଲେ। ସ୍ୱାଧୀନତା ହାତଆରେ ସୀତା ବାହାରକୁ ବାହାରିଲେ ବୁଦ୍ଧୁରାମ ପଡ଼ିଗଲା ପଛେ।

ଦୁଇ ଦିନ ମନ ଦୁଃଖରେ ବୁଦ୍ଧୁରାମ ଯୋଗକୁ ଦାନା ନ ପିବାରୁ ବୁଦ୍ଧୁରାମ ଗୃହିଣୀ ତାଙ୍କୁ ଆସି ବୁଝାଇ କହିଲେ—ଦେଖ, ତମର ଦୁଃଖ କରିବା ଉଚିତ ନୁହେଁ। ଯଦି ଦୁଃଖ କର ତେବେ ଜାଣିବି ତମ ଭିତରେ ପୁରୁଷତ୍ୱ ଆସିଲାଣି ଅତଏବ ବାଧ୍ୟ ହୋଇ ତମକୁ ଛାଡ଼ପତ୍ର ଦେଇ ଏ ଘରୁ ତଡ଼ି ଦେବି।

ମୁଁ କହିଲି—ତମେ ଏତେ ଲୋକ ଥାଉଁ ଥାଉଁ ମୋତେ କଣ ପସନ୍ଦ କରି ବିବାହ ହୋଇଥିଲ ତମର ଗୋଲାମ ହେବାପାଇଁ ?

ଉତ୍ତର ଆସିଲା—"ଅଲବତ୍ !—ମୋତେ କଣ ସୁପୁରୁଷ ସୁନ୍ଦର ବିଦ୍ୱାନ ବର ମିଳି ନ ଥାନ୍ତେ ? ମୋର ଏତେ ସମ୍ପତ୍ତି—ମୋ ବାପ ଅଜାଙ୍କର ନାମ—ମୁଁ ଏତେ ପାଠ ପଢ଼ିଛି—ମୋ ପଛରେ ପଚାଶ ପଚାଶ ଜଣ ଲୋକ ଯୋଡ଼ହାତ କରି ଧରେ—ଆମ ଘରର ହିଁ ଆଜ୍ଞାବହ ହେବା ପାଇଁ ଏତୁଡ଼ା ପଡ଼ିଥିଲେ ମୁଁ ସମସ୍ତଙ୍କୁ ଛାଡ଼ି ତମ ଭଳି ମାଇଚିଆ ଗୋବରଗଣେଶ କିଆଁ ବାଛିଲି ? ମୋ ଗୋଲାମି ନ କରିବା ପାଇଁ କି ଆଉ କେଉଁଥି ପାଇଁ ?"

ମୁଁ ଚୁପ୍ ହୋଇ ରହିଲି।

"ଦୁର୍ବଳ ଉପରେ ସବଳର କ'ଣ ? ଗଣତନ୍ତ୍ର, ଶକ୍ତି ରାଜନୀତି (power politics) ପଢ଼ିଛ ? ତାର ମୂଳମନ୍ତ୍ର କଣ ଜାଣିଛ ?"

ମୁଁ ମୁଣ୍ଡ ହଲାଇ ନାହିଁ କଲି।

କହିଲେ—ତମକୁ କହିଲେ ତମେ ବୁଝିବ ନାହିଁ। ତଥାପି ଯିଏ ମାଉଁସିଆ ଓ ବୁଦ୍ଧିମାନ ସେ ସବୁବେଳେ ଦୁର୍ବଳ ଉପରେ ଶାସନ କରେ। ଶାସନ ଯଦି ଚାହାନ୍ତି ଦେଶ ଅତଳ ଚିତ୍ର ନାହିଁ। ଶୁଣ—ଗଣତନ୍ତ୍ର କହେ ଯେ କ୍ଷମତା ହାତକୁ ନେ—ତାର ପ୍ରଥମ କଥା କଣ ? ଯିଏ ତାର ଶାସନରେ ବସାଇବ ତାର ଦେଶରେ ଭଲ ହେବ ତା ନୁହେଁ। ତାର ମତ ଶାସନ କରିବ ଅନ୍ୟ ଉପରେ ସେଇଥି ପାଇଁ ଦେଶ। ଯତ ଜନକୁ ଜନତା, ପ୍ରଜାଙ୍କ ଅବସ୍ଥା ବଳେ ଶାସନ ଉନ୍ନତ ହେବ ତା ହେଲେ ସ୍ୱାଧୀନତା ଚାହିଁ ଦେଶ ବାହାରିବା ଉଚିତ।

ତା ଅର୍ଥ ସ୍ୱେଚ୍ଛାଚାର ଶାସନ ହେବ ? ମୁଁ ପଚାରିବାରୁ ସେ ଉତ୍ତର ଦେଲେ—ଶାସନର ଅର୍ଥ ସ୍ୱେଚ୍ଛାଚାରିତା। ଅନ୍ୟର ଶାସନ ବଦଳାଇ ଅର୍ଥ, ଜଣକର ସ୍ୱାଧୀନତା ଅପହରଣ କରିବା। କୋଟିଏ ଲୋକରେ କୋଟିଏ ମତଭେଦ ଅର୍ଥ କୋଟିଏ ସ୍ୱେଚ୍ଛାଚାର ହେବ। ଏଟା ଜାଣି ପୁଣି ତମେ କଣ କହୁଛ। ପୁଣି ବୁଝିନ କଣ ?

"ନା—ନା—ଆମର ଏଟା ସ୍ୱାଧୀନ ସରକାର।"

"Free Governments have Committed more flagrant acts of Tyranny than the most perfectly despotic Governments we have ever known—Burke.

"ତାହେଲେ ତ ଅରାଜକ ହୋଇ ଯାନ୍ତା।"

Tyranny and anarchy are never far asunder—ଏଟା କଥା। ତମର ରାଜତ୍ୱ ଦେଖୁଛ ଜଳ ଥିଲା—କଲୁ ଭିତରେ ବଡ ଗଣ୍ଡଗୋଳ—ମାରପିଟ ବଡ଼ କଣ୍ଡ ହେଉଛି।"

"ତମର ଏ ସବୁ ବଡ ବଡ଼ ବଡ଼ କଥା। ପାଠ ପଢ଼ାଏ ଦେଉଛ—ଗୁଡ଼ିଆ ପଡୁଛ। ସତ୍ୟତା ଜଣ ଚାହିଁ ଏଥିରେ। ତମେ ଆମ ମହାତ୍ମାଙ୍କ ଭଳି ଦେଶ ନେତାଙ୍କୁ Tyrant ଅତ୍ୟାଚାରୀ ବୋଲି କହିବ ?, ଯେ ଦେଶପାଇଁ—"

( ୧୫ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଡଗରର ବିଚାର ଧାରା

—ସନ୍ଧାନୀ

## ସ୍ୱାଗତମ୍

ସ୍ୱାଧୀନ ଭାରତର ଜୟ ହେଉ ! ତିରଙ୍ଗା ପତାକାର ଜୟ ହେଉ ! ଅମର ଶହୀଦଙ୍କର ଜୟ ହେଉ । ଅମର ନେତା ଗାନ୍ଧିଜୀଙ୍କର ଜୟ ହେଉ ! ସତ୍ୟର ଜୟ ହେଉ । ଧର୍ମର ଜୟ ହେଉ । ସଙ୍ଘର ଜୟ ହେଉ !

ସ୍ୱସ୍ତିଃ ପ୍ରଜାଭ୍ୟଃ ପରିପାଳୟନ୍ତାଂ
ନ୍ୟାଯ୍ୟେନ ମାର୍ଗେଣ ମହୀଂ ମହୀଶାଃ
ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟମ୍
ଲୋକାଃ ସମସ୍ତାଃ ସୁଖିନୋ ଭବନ୍ତୁ ।

ଏତିକି କହି ଡଗର ଆଜି ନବ ଭାରତକୁ ସ୍ୱାଗତ ସମ୍ଭାଷଣ ଜଣାଉଛି । ଭାରତ ତାର ନିଜତ୍ୱ ଫେରି ପାଉ ଏହାହିଁ କାମନା ।

## ସ୍ୱାଧୀନତାର ଭୟ

ସ୍ୱାଧୀନତାର ଅନେକ ସହିତ ଭୟ ମଧ୍ୟ ଥାଏ । ସେ ଭୟ କେବଳ ଦାୟିତ୍ୱର ଭୟ ନୁହେଁ । ସେ ଭୟ ଅତିରିକ୍ତ ଆତ୍ମ ପ୍ରତ୍ୟୟର ଭୟ । ଆତ୍ମ ପ୍ରତ୍ୟୟର ନିର୍ଭରତା ସହିତ ଆସିଯାଏ ଆତ୍ମ ପ୍ରବଞ୍ଚନାର ଭ୍ରାନ୍ତି । ସ୍ୱାଧୀନ ପ୍ରାଣୀ ଯେତେବେଳେ ନିଜର ସ୍ୱାଧୀନତାକୁ ସୁରକ୍ଷିତ କରିବା ପାଇଁ ସ୍ୱଳ୍ପ ପରିଜନ ହାତରେ କ୍ଷମତା ଦିଏ, ସେତେବେଳେ ସେ ନିଜକୁ ଶାସନ କରୁଛି ବୋଲି ଭାବି ନିଜର ଦୁର୍ବଳତାକୁ ଯଦି ଶକ୍ତି ଓ ସ୍ୱାଧୀନତା ବୋଲି କଳ୍ପନା କରେ ତେବେ ତାର ସ୍ୱନିର୍ବାଚିତ ଶାସକହିଁ ହୁଏ ସବୁଠାରୁ ବଡ଼ ଅତ୍ୟାଚାରୀ । ଜନତା ଯଦି ତାର ଶାସକ— ସ୍ୱାଧୀନତାର ରକ୍ଷକ ଆଗରେ ନିଜର ଦୁର୍ବଳତା ପ୍ରକାଶ କରେ — ଏବଂ ଅସହାୟତା ପ୍ରକାଶ କରେ ତେବେ ତାର ନେତାମାନେ ଜନତାର ନ୍ୟସ୍ତ ବିଶ୍ୱାସକୁ ଅପବ୍ୟବହାର କରିବାର ଭୟ ଯଥେଷ୍ଟ ରହୁଛି ।

## ସ୍ୱାଧୀନତା କାହାର

ସ୍ୱାଧୀନତା କାହାର ? ଆଜି ନିର୍ମଳ ନିରପେକ୍ଷ ଭାବରେ ଏକଥା ବିଚାର କରିବା ଉଚିତ ।

ସ୍ୱୀକାର କରିବାକୁ ହେବ ଗତ ଜାତୀୟ ଆନ୍ଦୋଳନରେ ନେତୃତ୍ୱ ନେଇ ଥିଲେ ଏଦେଶର ମଧ୍ୟବିତ୍ତ— ଏବଂ ଓଡ଼ିଶାରେ ଏମାନେଇ ସର୍ବାଧିକ ନ୍ୟସ୍ତସ୍ୱାର୍ଥ— ସରକାରୀ କର୍ମଚାରୀଙ୍କୁ ଛାଡ଼ି ଦେଲେ । କାରଣ ଓଡ଼ିଶାରେ ଯଥେଷ୍ଟ କଳ କାରଖାନା ନଥିଲା ଏବଂ ଆଧୁନିକ ସଭ୍ୟ ସମାଜର ନୂତନ ନ୍ୟସ୍ତ-ସ୍ୱାର୍ଥ ବ୍ୟବସାୟଗତ ଦୃଷ୍ଟିରୁ ସୃଷ୍ଟି ହୋଇ ନଥିଲା । ଜାତୀୟ ଆନ୍ଦୋଳନର ଅଗ୍ରଣୀ ଏଇ ଅଳ୍ପ ମୂଳ କ୍ଷୁଦ୍ର ପୁଞ୍ଜି ଅଧିକାରୀ ଗୋଷ୍ଠୀର ଶିକ୍ଷିତ ଅର୍ଦ୍ଧ ଶିକ୍ଷିତ ଦଳ ଆନ୍ଦୋଳନର ନେତୃତ୍ୱ ନେବାରେ ସ୍ୱାର୍ଥ ତ୍ୟାଗ ଯେ ଯଥେଷ୍ଟ କରିଛନ୍ତି ଏଥିରେ ସନ୍ଦେହ ନାହିଁ । ତ୍ୟାଗ କାଳରେ ଏମାନେ ଯେଉଁ ଉଚ୍ଚ ଆଦର୍ଶ ଦେଖାଇ ଆସିଛନ୍ତି, ଭୋଗ କାଳରେ ବା କ୍ଷମତା ଓ ଦଣ୍ଡ ହାତକୁ ନେବା ବେଳେ ସେ ଆଦର୍ଶ ଦେଖାଇ ପାରିବେ କି ନା ସନ୍ଦେହର ଯଥେଷ୍ଟ କାରଣ ଅଛି । ଗତ କଂଗ୍ରେସ ମନ୍ତ୍ରୀମଣ୍ଡଳ ବେଳେ ଯେଉଁ ଦଣ୍ଡନୀତି ଓ (power politics) କ୍ଷମତା ପାଇଁ ପରସ୍ପର ପ୍ରତି ଈର୍ଷା ଦ୍ୱେଷ ବହୁ ତଥା-କଥିତ ସତ୍ୟାଗ୍ରହୀ ପୁଙ୍ଗବମାନେ ଯେଉଁ ନୀଚ ଘୃଣ୍ୟ କ୍ରିୟାର କାରଣ ହେଲେ ତାହାହିଁ ସନ୍ଦେହ ଆଣିବାପାଇଁ ଯଥେଷ୍ଟ ।

ସେଥିପାଇଁ ଆଜି ବାହାରର ଶତ୍ରୁଙ୍କୁ ଯେତେ ଭୟ ନାହିଁ—କୌଣସି ଦଳ ବା ମତ ଏଦେଶର ସ୍ୱଦେଶୀ ବା ବିଦେଶରୁ ଆମଦାନୀ ମତ ବାଦ—ସେ ରେଡ଼ିକେଲିଜମ୍ ହେଉ ସୋସାଲିଜମ ହେଉ ବା କମ୍ୟୁନିଜମ୍ ହେଉ,ତାକୁ ଯେତେଭୟ ନାହିଁ—ବେଶି ଭୟ ହେଉଛି—ଆପଣାକୁ ଏବଂ ଏଇ ନ୍ୟସ୍ତ-ସ୍ୱାର୍ଥ ନେତୃତ୍ୱକୁ ।

ଏଇ ନ୍ୟସ୍ତସ୍ୱାର୍ଥ ମଧ୍ୟବିତ୍ତ ଗୋଷ୍ଠୀ ଆନ୍ଦୋଳନ ବେଳେ ଅନ୍ୟ ଏକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ସହ ସଂଘର୍ଷରେ ଆସିଥିଲା— ସେ ହେଉଛନ୍ତି ଇଂରେଜୀ ଅମଲ ଓ ପୁଲିସ । ସେ ସଂଘର୍ଷର ଅବସାନ ପରେ ଯେତେବେଳେ ଉଭୟେ ଏକସ ହୋଇ ଶାସନ ଭାର ହାତକୁ ନେଲେ ସେତେବେଳେ ଶୋଷଣ ଓ ଅତ୍ୟାଚାରର ଯଥେଷ୍ଟ ପରିମାଣରେ ବଢ଼ିବାର ଆଶଙ୍କା ରହୁଛି । ଆଜି ତାର ସୂଚନା ଯେ କୌଣସି ନଗ୍ନ ରୂପରେ ଦେଖିବାକୁ ମିଳିବ ।

## ନୂତନସ୍ୱାର୍ଥ

ଏ ଦୁଇ ସ୍ୱାର୍ଥ ମିଳି ଆଜି ଏକ ନ୍ୟସ୍ତ ସ୍ୱାର୍ଥ ଦେଶରେ ସୃଷ୍ଟି କରୁଛନ୍ତି । ସେ ହେଉଛି ପୁଞ୍ଜି ପତିଙ୍କର ସ୍ୱାର୍ଥ । ବା ଅନ୍ୟ କଥାରେ ମିଲ ମାଲିକଙ୍କ ସ୍ୱାର୍ଥ । ଦେଶକୁ ସମୃଦ୍ଧ କରିବା ନାମରେ ବା ଛଳନାରେ ଦେଶକୁ ଶୋଷଣ ଏହି ନ୍ୟସ୍ତ ସ୍ୱାର୍ଥଙ୍କର ଗୋଲାମ କରି ରଖିବାର କୌଶଳ ଖଞ୍ଜା ହେଉଛି । ଏ କୌଶଳରେ ଷଡ଼ଯନ୍ତ୍ରୀ ଏହି ତିନି ଗୋଷ୍ଠୀ—ପୁଞ୍ଜି ପତିର ଧନ, ସରକାରୀ କର୍ମଚାରୀଙ୍କର କର୍ମ ଓ ମଧ୍ୟବିତ୍ତ ନେତୃତ୍ୱର ବୁଦ୍ଧି ଏକତ୍ର ହୋଇ ଏକ ଶକ୍ତିଶାଳୀ ଶୋଷଣ କଳ ସୃଷ୍ଟି ହେଉଛି ଯାହା ଫଳରେ ଜନତାର ଗୋଲାମି ଅତି ସୁନିଶ୍ଚିତ ମନେହୁଏ । ସ୍ୱାଧୀନତା ତେଣୁ ଏକ ମରୀଚିକା ବୋଲି ସନ୍ଦେହ କରିବା ନିତାନ୍ତ ଅଯୌକ୍ତିକ ନ ହୋଇପାରେ ।

## ଜନତାର ମୁକ୍ତି ମାର୍ଗ

ଏଥିରୁ ମୁକ୍ତି ପାଇବାର ଉପାୟ ମଧ୍ୟ ଅତି ସୁସ୍ପଷ୍ଟ । ଏଟା ଚିରନ୍ତନ ସତ୍ୟ ଯେ ନ୍ୟସ୍ତ-ସ୍ୱାର୍ଥ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଦୂର ପର୍ଯ୍ୟନ୍ତ ସଂଯୁକ୍ତ ଥାଆନ୍ତି । ତା'ପରେ ପରସ୍ପର ମଧ୍ୟରେ ସଂଘର୍ଷ ସୁନିଶ୍ଚିତ । କଂଗ୍ରେସ ସରକାର ହେବା ମାତ୍ରେ କର୍ମଚାରୀଙ୍କର ଧର୍ମଘଟ ଏହାର ଗୋଟିଏ ସୂଚନା । ଗୋଟିଏ ନ୍ୟସ୍ତ ସ୍ୱାର୍ଥ ଅନ୍ୟ ଏକ ନ୍ୟସ୍ତ-

(୧୫ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



# କବି-କଳ୍ପତରୁ

ଲେଖକ—ଫକୁରାନନ୍ଦ

(ପୂର୍ବାନୁବୃତ୍ତି)

[ କଥା—ଜଣେ ତାଙ୍କର ଅଜବ ବନ୍ଧୁଙ୍କ ଅସି ଅନୁରୋଧ କଲେ ବାର୍ଜିତ ବର୍ଣ୍ଣିତ ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ଶପଥରେ କବିତା ଲେଖିବାକୁ । ଅଜବ ବେତାଳମାନଙ୍କ ଠେଣି ଜୀବିତ ଓ ମୃତ କବିମାନଙ୍କ ଠାରୁ ଯେଉଁ କବିତା ଗୁଡ଼ିକ ପାଇଲେ ତାହା କେତେକ ପ୍ରକାଶ ପାଉଛି ଓ କ୍ରମାନ୍ୱୟରେ ପାଉଛି । ତଥିମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ଅଠଗୋଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ।

## ଶୂଦ୍ରମୁନି ଶାରଳା ଦାସ

ବୈବସ୍ୱତ ମନୁ ପୁଚ୍ଛା କଲେ ଅଗସ୍ତିଙ୍କି
କହ ବଶ ବନବାଳା ବର୍ଣ୍ୟଗସ ଗୁରୁଙ୍କି ।
ଅଗସ୍ତି କହନ୍ତି ଏବେ ମୁନିବର ଶୁଣ
ଭରତଖଣ୍ଡେ ଉତ୍କଳଦେଶ ଏକ ବଣ ବଣ
ବୈଶାଖ ଶୁକ୍ଳ ଦ୍ୱିପଦା ନକ୍ଷତ୍ରରେ
ଦ୍ୱିଜା ମେଷରାଶି ଭୋଗକରେ ସେ ଦିନରେ
ତୈତିଳ ନାମେ କରଣ ଧୃତି ନାମେ ଯୋଗ
ଏଥିରୁ ହୋଇଛି କେତେ ଦଣ୍ଡ ମାତ୍ର ଭୋଗ
ସଂପୂର୍ଣ୍ଣ ହୋଇ ଅଛଇ ସାତ ଦଣ୍ଡ ବଳ
ପ୍ରଭାତେ ନେଇ ତହିଁ ତ୍ରାମର ଦୁହିତା
କ ଶ୍ରେଷ୍ଠ ଗୋତ୍ର ତାର ସେ ନବୀନା ବାଳୀ
କେଶରାଣି ସେ ଟୋପାମଣି କା ମଧ ଦୁଅଳୀ
କୁଙ୍କୁମ କସ୍ତୁରୀ ତାର ଲେପନ ଶିରରେ
ମୃଗନାଭି ସଉରଭ ସମୃଦ୍ଧ ଶସ୍ତାରେ
ପଟ୍ଟାନ ତାର ଶୀନ ଅତି ଝୀନ ବାସ
ଅଳଙ୍କ ତାଳ ଶ୍ରୀଅ ଶରିଛ ସେ କେଶ
ଛାଇ ଯୁଇ ମଲ୍ଲୀମାଳ ଯେତେ ପାଖୁଡ଼ା
ମାଳତୀ କୁସୁମ ଦେଇ ବାନ୍ଧିଛି ସେ ଜୁଡ଼ା
ସୁଗନ୍ଧ ଟକ୍କ ଲଗାଇ ସଜାଛି କବରୀ
ଝଞ୍ଜିଛି ସେ ବାଳ ଖୋପ ଖୋସିଦେଇ କର
ନାନାଦ କୁସୁମ ଝଞ୍ଜି ବାନ୍ଧି ସାର କେଶ
ଗନ୍ଧ ଲୋଭରେ ଭ୍ରମର ନ ଛାଡନ୍ତି ପାଶ ।
ଯେ ଶିର ଖୋପ ଚାଳର ଉପରେ କ ମଣି
ଇନ୍ଦ୍ର ପଟରେ ଝୁଲେ ସୁନ୍ଦର ଝଞ୍ଜଣି
ତାଟକ ବେଣ୍ଟ ଯେ ହାଦେ ଶୋଭୁଅଛି କର୍ଣ୍ଣେ
ବାଳ ଆଦିତ୍ୟଙ୍କ ଗଣ୍ଡସ୍ଥଳେ ନାନା ବର୍ଣ୍ଣେ
ନାସାରେ ପିନ୍ଧିଛି ବାଳା ଫୁଲଯେ ବସୁଣୀ
ସୂର୍ଯ୍ୟ ପାଖରେ ଚନ୍ଦ୍ରମା ଉଇଁଲେ କି ପୁଣି
ହୃଦଯେ ଲମ୍ବିଛି ହାର ସତ ସତ କର
ଗଡନେ ତାରକା ପଡ଼ି ଉଦେ ହେଲା ପର
ଭୁଜରେ କଙ୍କଣ ପୁଣି ଶୋଭେ ଗରୁ ଚୂଡ଼
ବାହୁରେ ତାଡ଼ ଅଙ୍ଗୁଳେ ଶଦ ମୁଦ ଯୋଡ଼
ପାଦରେ ନୂପୁର ପୁଣି ବାଙ୍କିଅ ପହଁର
ସହକ ଚେମନ୍ତେ ଅତା ଅଳଙ୍କାର ଭର ।
କୁଞ୍ଚିତ କେଶ ତାହାର କେତେ ମନୋହର
ବହନ୍ତି ପୁଷ୍ପଗନ୍ଧ ପାଇ ମଧୁକର
ରସାଣିଙ୍କ ପଦ ଟ୍ରାଟ୍ୟେ କଳ୍ପଂର ପାଶି
ବଧୂଳି ଡାଳମ୍ବ ବିମ୍ବ ପାସୁ ଓଷ୍ଠଯୁଟି
ଭ୍ରୂଲତା କଳପି ଗ୍ରୀବ କଣ୍ଠାଗ୍ର ତା ବାଣ
କମ୍ପିତେକ ନେବ ଯୁବା ଜନଙ୍କର ପ୍ରାଣ
ସୁନ୍ଦର ରଞ୍ଜିତ ଭାମ କମଳାସୁ କୋଳା
ରୋମାବଳୀ ରେଖାରେ ଏ ସାକ୍ଷାତ ଚପଳା
ଅରକ୍ତ ନୟନ କ ସେ ନୀଳ ଉତ୍ପଳ
କଞ୍ଜିତ ମାନେ ଗୃହିଲେ ଚଳନେ ସକଳ
ଗୃହାନ୍ତେ ବକ ନୟନ କୁଦପିବ ଫନ୍ଦି
ଇନ୍ଦ୍ରହତେ ପ୍ରଥିବାରେ ରଖିଅଛି ଦୃଷ୍ଟି
ନାସାକୁ ତା ପଟାନ୍ତର ନୋହେ ତିଳ ଫୁଲ
ଦନେକ ଛଳରେ ଝଡ଼ ପଡ଼େ ଭୂମିତଳ
ଅତୁଳ ଶୋଭା କନକ ପଦ୍ମକୁ ଏ ଜିଣି
ଶୀତଳ ପବନ କ ପଳମ୍ବ ନୀଳ ମଣି
ଏତା ନାସିକାରୁ ଯେତେବ ବହିବ ପବନ
ନସ୍ୟ ସାଦ ଦାରେ ଲାଗି ହୋଇବ ଚଳନ
ତାମ୍ବୁଳ ଶ୍ୟାମଳ ରାଗ ଅଧରେ ପଡ଼ନ୍ତି
ବାଳାରନ୍ୟ ଜ କୁସୁମ ଫଳ ଅଛି ଫୁଟି
ବିମ୍ବ ଫଳ ସଡନୋହେ ବଧୂଳି ଅଧରେ
ସେ କାହିଁ ତୁଲ୍ୟ ହୋଇବ ଝଡ଼େ ରସାତଳେ
ଯେତେବ ଦନ୍ତ ଶୁଭ୍ର ଦାଡ଼ିମର ପନ୍ତି
କେତକ ମଦାନ୍ତର ଏଷ୍ଟ ଦ୍ୱିଜ ଗୋଟି
ମୁକ୍ତା ନଟଛନ୍ତି ଏତା ଦନ୍ତ ପନ୍ତି
ପଦ୍ମାନନେ ସେ ସ୍ମରୂଗ ମାନ ବିକାଶନ୍ତି
ମରକତ ଷୂଦ୍ର ମୋତି ସୁନ୍ଦର କ କାଣି
ବଣଶ କଳା ଯେନ କ ବିଦଳ ନଣାମିଣି
ଇନବତୀ ଏ ସୁଦଣ୍ଡ ନ କହଇ ବାଣୀ
ପିକବନ ଉଦ୍ଭେଷିବେ ଏତା ବାକ୍ୟଶ୍ରେଣୀ ।
ଯେବଣ ପୂରୁଷକୁ ଏ କହିବ ବଚନ
ଶର୍ବର ଧରିବାକୁ ସେ ନୋହିବ ଭାଜନ
ଶରତଚନ୍ଦ୍ର ବଦନା ବୋଇଲେ ତ ହେଲା,
ସିନ୍ଧୁ ତେଜ ଲଗି ଯେହ୍ନ କଳଙ୍କ ବହିଲା !
ନିଷ୍କଳଙ୍କ ବଦନଟି ଏହାକୁ ନିର୍ଦ୍ଦେଶି
ତେଣୁ ଏହା ପଟାନ୍ତର ନୋହେ ପୂର୍ଣ୍ଣଶଶୀ
ସୁବର୍ଣ୍ଣର ପଟରେ କ ଦଶେ ବାଳ ଅର୍କ
ଷୂଦ୍ର ମୁକ୍ତା ଟହିକି ପଡ଼ିଲି ପ୍ରତ୍ୟକ୍ଷ
ଦଳ କୁଞ୍ଚିତ କେଶରେ ବଦନ ମଣ୍ଡଳୀ
କୃଷ୍ଣ ମେଘେ ସୌଦାମିନୀ ତଳଇ କ ଝଳ ।
ହୃଦୟ ବସ୍ତ୍ରାର ତହିଁ ନବ ଯଉବନ
କେଶରୀ ମଧ୍ୟର ସେ କି ଅଟଇ ଉଦ୍ୟାନ
ପୃଥୁଳ ଅତି ସୁନ୍ଦର ତାର ଦ୍ୱିଜ ବେନି
ଧବଳ କମଳନାଳ ମୁକୁତା କି ଯେନି
ସରସିଜ ପଟାନ୍ତର ବେନି କର ତୁଳି
ଚମ୍ପା କୁସୁମ କଢ଼ା ଯେ ତାହାର ଅଙ୍ଗୁଳି
କାଠ କୁସୁମ ପାଖୁଡ଼ା ଜିଣି ନଖରେଖ
ଦୁଅଇ ଶଶରେଖ ସେ ନୃତ୍ୟକୁ କଳାକ
ଉଲଗ ରମ୍ଭ ରମ୍ଭାରୁ ଜାନୁ ଜଙ୍ଘ ବଳ
ରକତ କୁମୁଦ ଜିଣି ଦିଶେ ପାଦତଳ ।
ପାଦ ମୋହିଲାକୁ ଜିଣି ପାଦନଖ ରେଖ
ଥିରବ ଦର୍ପଣ ମାନ ହୋଇଲେ ନିରେଖ
କ ବର୍ଣ୍ଣିବ ଏକ ମୁଖେ ତାର ଶୋଭାଗୁଣ
କିଞ୍ଚିତେ କହି ଶାରଳା ଯେଣୁ ପରସନ୍ନ
ଏମନ୍ତେ ସଜିମୀ ତଟେ ଚଳନ୍ତି ତରୁଣୀ
ସରୋବରରେ ପଶିଲେଟ ପୂରିଲା ପାଣି ।
ଘଟକୁ କୂଳେ ଥୋଇଣ ସାରଳାଙ୍କ ସ୍ନାନ
ଦେଖିଲି ଫୁଟିଛି ତହିଁ ପଦ୍ମଫୁଲ ମାନ
ବଦନ ସମାନେକ ସେ ଦିଶେ ରୁଚିମନ୍ତ
ତାଙ୍କର ଗଣ୍ଡ ମଣ୍ଡଳି କରନ୍ତେ ଅମନ୍ତ ।
ସୁନ୍ଦରୀ ସେ କାକଦର୍ଶ ସହି ନପାରିଲା ।
ଶତେକ ପଦ୍ମ ସେ ପଦ୍ମ କରରେ ତୋଳିଲା
କୂଳକୁ ଅସି ସେ କଳ୍ପ ଧନ ପ୍ରହରଣ
ମୃଣାଳେ ଭିଡ଼ ସେ ବାନ୍ଧି କଟିର ବସନ
ପଦ୍ମଫୁଲ ଗୋଟି ଗୋଟି ତହିଁରେ ଖଞ୍ଜିଲା
ନୀଳ ଅକାଶେ କ ତାରାଗଣ ବସାଇଲା ।
ମଥାରେ ସେ ବସାଇଲା ପାଣି ଘଟ ଗୋଟି
ଛର ଛର ହୋଇ ବାଟେ ଅସଇ ବମ୍ଭୋଟି
ଜୟତୁ ଜୟତୁ ମାଗୋ ଜୟ ମାହେଶ୍ୱରୀ
ଜୟତୁ ଶାରଳେ ତୋର ପଦକୁ ମୁଁ ସ୍ମରି
ତୁ ଯାହା କହୁ ମୁଁ ତାହା କରଇ ଲେଖନ
ଜନ୍ମରୁ ମୂରୁଖ ମୋର ନାହିଁ ଜ୍ଞାନ ଧ୍ୟାନ
ମୋଠାରେ ସୁଦୟା ଏବେ କର ମହାମାଈ
ଶାରଳା ଦାସ ମୁ ତୋର ଶରଣ ମାଗଇ

Digitized by srujanika@gmail.com

ନିବନ୍ଧ

# ରବୀନ୍ଦ୍ରନାଥ ଓ ଜାତୀୟତାବାଦ

( ସଂଚୟ )

ଜାତୀୟ ଭାରତ ଆଜି ସ୍ୱାଧୀନ। ଆଜି ମନେ ପଡ଼ୁଛି ଜଣକର କଥା, ଭାରତର ସ୍ୱାଧୀନତା ଆନ୍ଦୋଳନର ପୁରୋଧା ମହାତ୍ମା ଗାନ୍ଧି ଯାହାଙ୍କୁ ଗୁରୁଦେବ ବୋଲି ସଂବୋଧନ କରୁଥିଲେ ଏବଂ ସେଦିନ ସେ ଯେଉଁ ଏଇ ସ୍ୱର୍ଗୋଦ୍ୟାନଙ୍କ ଉଦ୍ଦେଶ୍ୟରେ ଯେ ଲେଖିଥିଲେ— "ଅଚିହ୍ନ ଅଚିହ୍ନ ସେଇ ଗୋଷ୍ଠିତ ବନ୍ଧୁ ମୋର।"

ରବୀନ୍ଦ୍ର ନାଥଙ୍କ ସପ୍ତମ ବାର୍ଷିକ ତିଥି. ଭାରତର ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ଯାଇଛି। ସ୍ୱାଧୀନତା ମିଳିଛି—କିନ୍ତୁ ପରାଧୀନତାର ଗ୍ଳାନି ଯାଇ ନାହିଁ। ମନେ ହେଉଛି ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମର ଆଜି ଯେପରି ଆୟୁ ମାତ୍ରେ। ଯେଉଁମାନେ ଏ ଦେଶର ସ୍ୱାଧୀନତାର ପଥ କଣ୍ଟକ ବ୍ରିଟିଶକୁ ଭାରତରୁ ତଡ଼ିବାରେ ତାଙ୍କୁ ତାଡ଼ି ମଣାଇ ଜୀବନପଣ ଚେଷ୍ଟା କରିଥିଲେ, କିନ୍ତୁ ହେଉଛି ସେମାନେ ଆଜି କ୍ଳାନ୍ତ ସ୍ୱପକ୍ଷର ଅବଜ୍ଞା ହୋଇ ପଛରେ ପଡ଼ିଯାଇ ପାରନ୍ତି। ମନେ ହେଉଛି ବ୍ରିଟିଶ ଚାଲିଯିବା ସଙ୍ଗେ ସଙ୍ଗେ ଅମର ବିପ୍ଳବ ସ୍ପୃହା କମି ଆସୁଛି। ଏହିବେଳେ ସେହି କଥା ରବୀନ୍ଦ୍ରଙ୍କର ମନେପଡ଼େ—

ଯଦି ଡାକ ଦେଲେ କେହି ନ ଆସେ ପାଶେ
ଏକାକୀ ଚାଲରେ
ଏକାକୀ ଚାଲ, ଏକାକୀ ଚାଲ, ଏକାକୀ ଚାଲରେ
\+ + + +
ନ ଜ୍ୱଳେ ଯଦି ଆଲୋକ ଶିଖା ତୋର
ଯଦି ଝଡ଼ ହୁଅର
ଝଞ୍ଜା ବରଷା ଅନ୍ଧାର ଘନଘୋର
ତେବେ ବଜ୍ରାନଳ ଧରି
ଆପଣା ବୁକୁର ପଞ୍ଜର ଜାଳି
ଚାଲ ଏକାକୀ ଅଗ୍ରସର
ଏକାକୀ ଚାଲରେ
\+ + + +

ଭାରତ ଆଜି ଯେତେବେଳେ ଦ୍ୱିଖଣ୍ଡିତ, ଭାଇ ଭାଇକୁ ହତ୍ୟା କରୁଛି, ସବଳ ଦୁର୍ବଳ ଉପରେ ଅତ୍ୟାଚାର କରୁଛି ଯେତେବେଳେ ଧର୍ମ ଆଜି ଅତି ଗ୍ଳାନିରେ କମ୍ପିତ ସେତେବେଳେ ଏହି ସଂକଟ ବେଳରେ ରବୀନ୍ଦ୍ରନାଥଙ୍କର ଦେବବାଣୀ ଶୁଭୁଛି—

ସଙ୍କୋଚର ବିହ୍ୱଳତା ଆପଣା ଅପମାନ
ସଙ୍କଟର କଳ୍ପନାରେ ନହୁଅ ମ୍ରିୟମାଣ
ମୁକ୍ତ କର ଭୟ
ଆପଣା ଦେହେ ଶକ୍ତି ଧର ନିଜକୁ କର ଜୟ
ଦୁର୍ବଳକୁ ରକ୍ଷା କର ଦୁର୍ଜନରେ ହାଣି
ନିଜକୁ ଦୀନ ନିଃସହାୟ ଭାବ ନ ପାର ବୁଝି
ମୁକ୍ତ କର ଭୟ
ନିଜକୁ କର ଭରସା କେବେ ନ ରଖି ସଂଶୟ
ଧର୍ମ ଯେବେ ଶଙ୍ଖରବେ କରିବ ଆହ୍ୱାନ
ନୀରବ ହୋଇ ନମ୍ର ହୋଇ କରିଦେ ପ୍ରାଣପଣ
ମୁକ୍ତ କର ଭୟ
ଦୁରୂହ କାର୍ଯ୍ୟେ ଆପଣାରେ ନିଜ କଠିନ ପରିଚୟ

ଭାରତର ଜାତୀୟ ଭାବ ଧାରାର ପ୍ରବାହ ବୁଝିବେ, ଭାରତର ସ୍ୱାଧୀନତା ଆଶା ଓ ଆକାଂକ୍ଷା ପ୍ରଚାରକୁ ଉନ୍ମେଷିତ କରିବାରେ ରବୀନ୍ଦ୍ରନାଥଙ୍କର ଦାନ ଅତୁଳନୀୟ।

୧୪ ବର୍ଷ ବୟସରେ ହିନ୍ଦୁ ମେଳାର ଉଦ୍ୟୋଗୀ କର୍ମୀ ରବୀନ୍ଦ୍ର ଲେଖିଥିଲେ—

ହା'ରେ ଭାରତ କପାଳ କହ ବୁଦ୍ଧି;
ପୁଣି ହସମୁଖ, ହସିବାର ଦିନ
ଅନ୍ଧକାରେ ଆଜି ଏ ଘୋର ଦୁଃଖେ।

ଆଜି ଭାରତ ପ୍ରକୃତ ହସ ହସିବାକୁ ଆରମ୍ଭ କଲାବେଳେ ସେ ରବୀନ୍ଦ୍ର ନାଥ ନାହାନ୍ତି। ଆଜି ଆମ୍ଭମାନେ ତାଙ୍କୁ ଜଳ ତର୍ପଣ ଦେଇ କୃତଜ୍ଞତା ଜଣାଉଛୁ ମାତ୍ର।

କଲିକତାରେ କଂଗ୍ରେସର ଦ୍ୱିତୀୟ ଅଧିବେଶନ ବେଳେ ରବୀନ୍ଦ୍ର ନାଥ ଲେଖିଥିଲେ—

ଆଜି ଏ ମିଳନ, ମିଶିଛୁଁ ରେ ଆଜି
ମା'ଅର ଡାକେ
ଆପ'ରେ ହୋଇ ପର ପରି ଆରେ
ଭାଇଙ୍କ ଛଡ଼ା ଭୂଇଁରେ ରହିବ
କହ କେତେଦିନ ଯାଏ ?
ମିଶିଛୁରେ ଆଜି ମା'ଅର ଡାକେ

ସ୍ୱଦେଶୀ ଯୁଗର ପ୍ରାରମ୍ଭରେ ରବୀନ୍ଦ୍ର ନାଥ ଦେଶର ତରୁଣ ପ୍ରାଣକୁ ଉଦ୍‌ବୁଦ୍ଧ କରିବା ପାଇଁ ଲେଖିଥିଲେ—

ଲକ୍ଷ ପରାଣେ ଶଙ୍କା ନ ଜାଣେ
ନ ରଖେ କାହାର ଋଣ
ଜୀବନ ମୃତ୍ୟୁ ପାଦର ଭୃତ୍ୟ
ଚିତ୍ତ ଭାବନାହୀନ

ରବୀନ୍ଦ୍ର ନାଥ ସେହି ଉଦାର କଣ୍ଠରେ ଗାଇଥିଲେ -

ବନ୍ଧନ ଡର ଯେତେବେଳେ ଶକ୍ତ ହେବ
ଛିଣ୍ଡିବରେ ସେତେ ଆମ ବନ୍ଧନ ତୋର

ପୁଣି ଗାଇଥିଲେ—

ଯେ ଆ ବନ୍ଧନ ଛିଡ଼ାଇ ଦେବୁ ତୁ
ଏପରି ଶକ୍ତିମାନ୍।

ରବୀନ୍ଦ୍ର କବିତାରେ ଅସଂଖ୍ୟ ଜାତୀୟ ଭାବପୂର୍ଣ୍ଣ ପଣମୁକ୍ତା ରହିଛି। ସମ୍ୟକ ଭାବରେ ଆଲୋଚନା କରିବାର ଅବକାଶ ଏଠାରେ ନାହିଁ। ଆଜି କେବଳ ରବୀନ୍ଦ୍ର ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଦେଇ ଜଣେ ଭାରତର ସ୍ୱାଧୀନତା ସୈନିକର ମନ ଭିତରେ ଯେଉଁ ତୋଫାନ କଥା ଜାଗି ଉଠୁଛି ସେଥିକୁ ବ୍ୟକ୍ତ କରୁଛି ମାତ୍ର। ମନେପଡ଼େ କବି ରବୀନ୍ଦ୍ର ସେହି ସ୍ୱଦେଶୀ ଆନ୍ଦୋଳନର ପ୍ରାରମ୍ଭରେ ସ୍ୱ ରଚିତ ସଙ୍ଗୀତ ମୁଖରେ ଧରି ଶୋଭାଯାତ୍ରାରେ ଅଗ୍ରଣୀ ହୋଇ ଚାଲିଥିଲେ— ମନେ ପଡ଼େ ୧୯୧୯ରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ପ୍ରତିବାଦ କରି ରବୀନ୍ଦ୍ରନାଥ ତାଙ୍କର 'ସାର୍' ଉପାଧି ତ୍ୟାଗ କରୁଛନ୍ତି। ମନେ ପଡ଼ୁଛି— ୧୯୩୧ ହିଜଳି ଜେଲରେ ରାଜବନ୍ଦୀମାନଙ୍କ ଉପରେ ଗୁଳିର ପ୍ରତିବାଦ ସଭାରେ ରବୀନ୍ଦ୍ରନାଥଙ୍କ ଓଜସ୍ୱିନୀ ବାଣୀ। ମନେପଡ଼େ ସାମ୍ରାଜ୍ୟବାଦୀଙ୍କ ବର୍ବରତାର ପ୍ରତିବାଦ ସଭାରେ ରବୀନ୍ଦ୍ରନାଥ ଯେତେବେଳେ କହିଲେ—"ଆମ ପକ୍ଷରେ ଏହି ସାମ୍ରାଜ୍ୟିକ ଶାସକଶ୍ରେଣୀର ଅପମାନ ଏପରି ଦୁର୍ବିଷହ ଯେ ଦୌର୍ବଲ୍ୟ ଓ ସ୍ୱାସ୍ଥ୍ୟହୀନତାର ଅଳସତାକୁ ଲଜ୍ଜାବୋଧ ହେଲା ଏବଂ ମୋର ଅତିପ୍ରିୟ ନିର୍ଜନତାକୁ ପରିତ୍ୟାଗ କରି ପ୍ରତିବାଦ ବାଣୀ ଉଚ୍ଚାରଣ କରିବାକୁ ଚାଲି ଆସିଲି।"

ଦ୍ୱିତୀୟ ମହାଯୁଦ୍ଧ ଲାଗିଲା। ବ୍ରିଟିଶ ସ୍ୱାଧୀନତାର ଦୁହାଇ ଦେଇ ପରାଧୀନ ଭାରତ ଉପରେ ଯେଉଁ ଅତ୍ୟାଚାର କଲା ରବୀନ୍ଦ୍ରନାଥ ଅତି ଉଦ୍‌ବିଗ୍ନ ହୋଇ ତାଙ୍କର ଶେଷ ଜନ୍ମ ବାର୍ଷିକୀରେ 'ସଭ୍ୟତାର ସଂକଟ' ନାମରେ ଦେଶ ବାସୀଙ୍କ ନିକଟକୁ ପଠାଇଥିବା ବାଣୀରେ ସେ ଲେଖିଥିଲେ— ଏହି ବିଦେଶୀୟ ସଭ୍ୟତା, ଯଦି ଏହାକୁ ସଭ୍ୟତା

Digitized by srujanika@gmail.com

କରି, ସେ ଆମର ଯାହା ଅପହରଣ କରିଛି ତାହା ଜାଣୁ। ସେ ପରିବର୍ତ୍ତରେ 'ଦଣ୍ଡ' ଅର୍ପଣ କରିଛି ଯାହାର ନାମ ଦେଇଛି— Law & order ଶୃଙ୍ଖଳା ଓ ଶାନ୍ତି—ଯାହା ସମ୍ପୂର୍ଣ୍ଣ ବାହାରର ଜିନିଷ— ଯାହା ଦରୁଆନ୍ ମାତ୍ର। ପାଶ୍ଚାତ୍ୟ ଜାତିର ସଭ୍ୟତା ଅଭିମାନ ପ୍ରତି ଶ୍ରଦ୍ଧା ରକ୍ଷା କରିବା ସାଧ୍ୟାତୀତ ହୋଇ ପଡ଼ିଛି। ସେ ତାର ଶକ୍ତିରୂପ ଆମକୁ ଦେଖାଇଛି—ମୁକ୍ତରୂପ ଦେଖାଇ ପାରିନାହିଁ। ଅର୍ଥାତ୍ ମନୁଷ୍ୟ ମନୁଷ୍ୟର ଶ୍ରେଷ୍ଠ ସଂବନ୍ଧ ସବୁଠାରୁ ମୂଲ୍ୟବାନ୍ ଏବଂ ଯାହାକୁ ଯଥାର୍ଥ ସଭ୍ୟତା କୁହାଯିବ, ତାହାର କୃପଣତା ଅତି ଭାରତୀୟର ଉନ୍ନତି ପଥକୁ ସଂପୂର୍ଣ୍ଣ ଅବରୁଦ୍ଧ କରିଛି। ଭାଗ୍ୟଚକ୍ରର ପରିବର୍ତ୍ତନ ଦ୍ୱାରା ଦିନେ ନା ଦିନେ ଇଂରେଜକୁ ଏଇ ଭାରତ ସାମ୍ରାଜ୍ୟ ତ୍ୟାଗ କରିବାକୁ ପଡ଼ିବ। କିନ୍ତୁ ସେ କେଉଁ ଭାରତକୁ ପଶ୍ଚାତରେ ତ୍ୟାଗ କରିଯିବ— କି ଲକ୍ଷ୍ମୀଛଡ଼ା ଦୀନତାର ଅବର୍ଜନାକୁ ଛାଡ଼ି ଯିବେ।"

ରବୀନ୍ଦ୍ରନାଥଙ୍କର ଏହି ଶେଷ ଉକ୍ତିଗୁଡ଼ିକ କେତେ ସତ୍ୟ ପ୍ରମାଣିତ ହୋଇଛି— ମନେ ହେଉଛି ରବୀନ୍ଦ୍ରନାଥ ଜଣେ ମହାନ ଭବିଷ୍ୟତ ବକ୍ତା।

ମିଷ୍ଟ ରଥବେନ୍‌ଙ୍କ ଉକ୍ତିକୁ ଲକ୍ଷ୍ୟ କରି ସେ ଲେଖିଥିଲେ—ଆଜି ଆମେ ଇଂରେଜକୁ ଅଶ୍ରଦ୍ଧା କରୁନା, ତାର କାରଣ ନୁହେଁ ଯେ ସେ ବିଦେଶୀ, ତାର ପ୍ରକୃତ କାରଣ ହେଉଛି ଯେ ସେ ଆମର କଲ୍ୟାଣର ଅଭିଭାବକତ୍ୱ ଛଳରେ ଚରମ ବିଶ୍ୱାସଘାତକତାର ଉଦାହରଣ ଦେଖାଇଛନ୍ତି। ପୂର୍ବଦେଶର ମୁଷ୍ଟିମେୟ ପ୍ରତିପତ୍ତିଙ୍କ ସନ୍ତୋଷ ପୂର୍ଣ୍ଣ କରି। ପାଞ୍ଚ ଲକ୍ଷ ଭାରତ ବାସୀଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ସେମାନେ ଅତ୍ୟନ୍ତ କ୍ରୂର ଭାବେ ହରଣ କରିଛନ୍ତି। ମୁଁ ମନେ କରିଥିଲି, ଏତେ ଅନ୍ୟାୟ ଅତ୍ୟାଚାର ପରେ ଭଦ୍ର ଇଂରେଜ ଅନ୍ତତଃ ନୀରବ ରହିବ—ଆମର କୃତଜ୍ଞତା ପାଇଁ ଆଉ ପ୍ରତି ଅନ୍ତତଃ କୃତଜ୍ଞ ରହିବେ—କିନ୍ତୁ ଆହତକୁ ଅପମାନ କରି, କଟା ଘାରେ ଲୁଣ ଦେଇ ସେମାନେ ସୌଜନ୍ୟର ଓ ଶାଳୀନତାର ଶେଷ ସୀମା ଅତିକ୍ରମ କରି ଯାଉଛନ୍ତି।

ରବୀନ୍ଦ୍ରନାଥଙ୍କ ଏହି କଥାରେ ଆଜି ଇଂରେଜ ମାନଙ୍କୁ ଦୋଷ ଦେବା ଛଡ଼ା ଅଧିକ ଉପଯୁକ୍ତ ଭାଷା ଅଜଣା ନାହିଁ।

ଉପରର ଶେଷର ଧାର

ସ୍ୱାର୍ଥର ଆଧିପତ୍ୟକୁ ସହ୍ୟ କରିବାକୁ ଚାହେଁନା। ଏହା ଛଡ଼ା ଏହି ନ୍ୟସ୍ତ ସ୍ୱାର୍ଥ ନେତୃତ୍ୱ ଭିତରେ କ୍ଷମତା ପାଇଁ ଯେଉଁ ଲଢ଼ା ଭିଡ଼ା ତାହା ଜନତା କ୍ଷେତ୍ରରେ ଏକ ମଙ୍ଗଳ ସୂଚକ ହୋଇଛି। ଆଜି ଦେଶରେ ଯେ ନାନା ମତବାଦ ଦେଖା ଯାଉଛି— ସେ ସୋସାଲିଜମ୍ ହେଉ କି କମ୍ୟୁନିଜିମ୍ ହେଉ ବା ତଥାକଥିତ ଗାନ୍ଧିଜିମ୍ ଓ କଂଗ୍ରେସଜିମ୍ ହେଉ ଏ କେବଳ ଗୋଟାଏ ଗୋଟାଏ ଛଟା ବା ଢାଲ— ଜନତାକୁ ଠକିବାର ଉପାୟ। ଏହି ସବୁ ଦଳର ଏକମାତ୍ର ବାଦ—କର୍ତ୍ତୃତ୍ୱ। କର୍ତ୍ତୃତ୍ୱ ପାଇଁ ନେତା ଓ ଉପନେତା ମଧ୍ୟରେ ବିଭିନ୍ନ ଦଳ ସୃଷ୍ଟି। ତାପରେ ବାଦର ଆଶ୍ରୟ। ବାଦ ଯେଣୁ ପ୍ରକୃତ ଦଳ ସୃଷ୍ଟି ନୁହେଁ। ଏ ସଂଘର୍ଷ ଯେତେ ପ୍ରବଳ ହେବ— ଜନତା ଉପରୁ ନ୍ୟସ୍ତ ସ୍ୱାର୍ଥଙ୍କର ମୁଠା ସେତେ ଢିଲା ହେବ। ଭଗବାନ କରନ୍ତୁ ଜନତାର ପ୍ରକୃତ ସ୍ୱାଧୀନତା ଆସୁ।

## ସାଧୁବାଣୀ

ଏହି ସ୍ଥଳରେ ଉପରର ବକ୍ତବ୍ୟକୁ ସମର୍ଥ କଲା ଭଳି ଗୋଟିଏ ବାଣୀ ଉଦ୍ଧାର କରାଯାଉ। ଦିଲ୍ଲୀ ଷ୍ଟେଟ୍‌ସ୍ କନଫରେନ୍ସରେ ବକ୍ତୃତା ଦେଇ ନେହେରୁ ସରକାରର ମନ୍ତ୍ରୀ ଶ୍ରୀଯୁକ୍ତ ମାଥାଇ କହିଛନ୍ତି—ମନେ ରଖିବାର କଥା, ଯେତେବେଳେ ଆମେ ଜାତୀୟ ଆନ୍ଦୋଳନର ପ୍ରତିଷ୍ଠା ଆମେ କରି ପାରିଛୁ ଏବଂ କେତେକ ନ୍ୟସ୍ତ ସ୍ୱାର୍ଥଙ୍କର ଅଧୀନରେ ବହୁ ପରିମାଣରେ ତାଙ୍କର ସହାୟତାରେ ଆମେ ଜୟ ଯୁକ୍ତ ହୋଇ ପାରିଛୁ. ସେତେବେଳେ ଆମେ ଦେଖିବା ଆମେ ସେଇ ନ୍ୟସ୍ତ ସ୍ୱାର୍ଥଙ୍କ ମୁଠାରେ ଏପରି ଆବଦ୍ଧ ହୋଇଛୁ ଯାହା ପୂର୍ବରୁ କେବେ ସମ୍ଭବ ହୋଇ ନଥିଲା। ଆମେ ଭାରତରେ ସେହି ଅବସ୍ଥାରେ ଆସି ପଡ଼ିଛୁ। × × × ଯଦି ସ୍ୱାଧୀନତା ପୂର୍ଣ୍ଣ ଭାବରେ ବିକଶିତ ହୁଏ ତେବେ ଏହି ନ୍ୟସ୍ତ-ସ୍ୱାର୍ଥଙ୍କର ମୁଠାକୁ ପୂର୍ଣ୍ଣ ହଟାଇ ନ ପାରିଲେ ମଧ୍ୟ ତାକୁ ଢିଲା କରିବା ପାଇଁ ଯୁଦ୍ଧ ଚଲାଇବାହିଁ ଆମ କାର୍ଯ୍ୟର ପ୍ରଧାନ ଅଂଶ ହେବ। ×

## ମିଠାକଡ଼ା

" ଦାସ ଦାସ ସେବକ । ମହାତ୍ମା ବେଦର ଯେ ବେଦ ପ୍ରଥମ ତାଙ୍କର ତ୍ୟାଗପାଇଁ ସେ ବଡ଼। କିନ୍ତୁ କ୍ଷମତା ପାଇବା ପରେ ଯିଏ ସଂଗ୍ରାମ ସ୍ୱାମୀ ହେବା ପାଇଁ ଚେଷ୍ଟା କରେ ତାଠୁ ଦୁର୍ବଳ ଏବଂ ଅତ୍ୟାଚାରୀ ମଣିଷ ଦୁନିଆରେ କେହି ନାହିଁ। ମହାତ୍ମାଙ୍କ ନାମ ଏଠି ଉଠାଇବା ଠିକ୍ ନୁହେଁ— ସେ ତ ସାମାନ୍ୟ କ୍ଷୁଦ୍ରାଦପି କ୍ଷୁଦ୍ର ଜନ୍ମ ସେବା"। ହେଲେ ଉତ୍ତରାଧିକାରୀଙ୍କ ଭଳି ବଡ଼ ବଡ଼ ଜନସେବକଙ୍କ ଅବସ୍ଥା କଣ ?

" ସେମାନେ ଦେଶକୁ ଅତ୍ୟାଚାରୀ ପାଇଁ— ଅବଶ୍ୟକତା ଦୃଷ୍ଟିରୁ ଯାହା କରିଥାନ୍ତି ତାହା"—

" ତାକୁ ଦେଶ ହିତର କାର୍ଯ୍ୟ କହିବ କି ? ସେଥା ଦେଶ ଶତ୍ରୁର ବଳବାନ ହୋଇ କହିବ କି ? ତାକୁ Pitt କହିଥିଲେ— Necessity is the argument of Tyrants."

"କିନ୍ତୁ ଦୁର୍ବଳତା ଏବଂ ଅତ୍ୟାଚାର ଏକ ନୁହେଁ ।"

"ଏକା କଥା। ସେହି Pitt କହିଛନ୍ତି It is the creed of slaves— Lowell କହିଛନ୍ତି— Tyranny is always weakness. ଦୁର୍ବଳଲୋକହିଁ ତାର ଆପଣ ସଂବନ୍ଧରେ ସନ୍ଦେହାନ ହୁଏ ଏବଂ ଦେଶରେ ଅତ୍ୟାଚାର ଆରମ୍ଭ କରେ।" (୧୬ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ଦେଶାତ୍ମବୋଧ ଜାଗ୍ରତ କରିବା, ଶରୀର ଓ ମନ ସର୍ବାଙ୍ଗୀଣ ଉନ୍ନତି ସାଧନ କରିବା । ୨। 'ଜହ୍ନ'ର ମାଧ୍ୟମରେ ଏହି ପ୍ରଦେଶର ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪। ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।
(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାତେନାତୁଣୀଏ,

ଭାରତ ସ୍ୱାଧୀନ ହେଲା । ତମେ ସ୍ୱାଧୀନ ଭାରତର ଶିଶୁ—ତମ ସଙ୍ଗେ କଥା କହିବାକୁ ଡର ମାଡ଼ୁଛି । ସେଥି ପାଇଁ ପ୍ରଥମେ ଜୟହିନ୍ଦ, ସ୍ୱାଧୀନ ଭାରତକୀ ଜୟ; ମହାତ୍ମା ଗାନ୍ଧୀକୀ ଜୟ କହି ଆଗ ମୋ ଦେହ ଶୀତଳ କଲି ତା ପରେ କଥା କହୁଛି ।

ହେଇଟି ମୋର ନାତି ନାତୁଣୀଏ, କଥା ଟିକିଏ ଶୁଣିବ ନାହିଁ ? ଉପର ସାପ୍ତାହିକ ହେଲା । କିନ୍ତୁ ପ୍ରଥମେ ପାକ୍ଷିକ ହେଲେ ଆମ ସମ୍ବନ୍ଧ ଯେତେ ଗହୀର ହୋଇଥିଲା ଏବେ ଆଉ ସେତେ ନାହିଁ । ତାର କାରଣ ଆମେ ଉଭୟ ପକ୍ଷରୁ ଢିଲା, ମୋର ତ ବୁଢାହେବା କାରଣ ସବୁ ଢିଲା, ଦାନ୍ତ ଢିଲା, ହାତ ଢିଲା; କଥା ଢିଲା ମଥା ଢିଲା । ଟୋକା ଟାକରା ଟୋକୀ ଟାକଲୀ ବୁଢାଙ୍କ ପଛ ଠେଲି ଏକଲା ହେଉଛ କାହିଁକି ?

ସ୍ୱାଧୀନ ଯୁଗରେ ମୁଁ ପୁଣି ଥରେ ତମକୁ ଡାକୁଛି ତମେ ଆଗପରି ତମ ଜୀବନର ନାନା ସମସ୍ୟା ନେଇ ଯେପରି ଚିଠି ଲେଖୁଥିଲ, ତମର ସତ୍ୟ ସେବା ପାଳନ ବାଟରେ ଇଚ୍ଛା ଜଣାଉଥିଲ ସେମିତି ଲେଖିବ । ମୁଁ ତାର ଜବାବ ଉତ୍ତର ପୃଷ୍ଠାରେ ଦେବି । ପ୍ରତ୍ୟେକ ଚିଠିର ଉତ୍ତର ୨।୩ ଧାଡ଼ିରେ ଦେବାକୁ ଚେଷ୍ଟା କରିବି । ତଦ୍ଦ୍ୱାରା ଜଣକ ପ୍ରଶ୍ନର ଉତ୍ତରକୁ ସମସ୍ତେ ପଢି ଡହୁଁରୁ ଶିଖିବେ ।

ଆଉ ଗୋଟିଏ କଥା । ତମେ ଯେତେ କବିତା ଲେଖା ପଠାଉଛ ସେ ମୋ ପାଖରେ ସେ ସବୁ ଗଦା ହୋଇ ପଡ଼ିଛି । ସେ ସବୁକୁ ଓଲଟାଇବା ମୋ ପକ୍ଷରେ ଅସମ୍ଭବ ହେଲାଣି । ସେଥିରୁ ଅଧିକାଂଶ ଯା ଇଚ୍ଛା ତା ଲେଖିଛ । ତମ ଲେଖାକୁ ଶୃଙ୍ଖଳାରେ ପକାଇବା ପାଇଁ ମୁଁ ଏଣିକି ବିଷୟ ବାଛି ପ୍ରତିଥର ଦେଉଥିବି, ତମେ ସେହି ବିଷୟରେ ଲେଖିବ । ସବୁ ଲେଖାରେ ମୁଁ ନମ୍ବର ଦେବି । ପ୍ରଥମ ତିନିଜଣଙ୍କ ଲେଖା ଉପରରେ ବାହାରିବ । ବର୍ତ୍ତମାନ ଅଙ୍କା ଅଣ୍ଟି ଚିଲ ତେଣୁ ପୁରସ୍କାର ଦେଇ ପାରିବ ନାହିଁ । କିନ୍ତୁ ଖୁବ୍ ନିକଟରେ ତାର ବ୍ୟବସ୍ଥା କରୁଛି ।

ନପନ ଅଜା ।

## ପାଠାଗାର ଆନ୍ଦୋଳନ

୬୧୮ ନମ୍ବର ନବଘନ ପଣ୍ଡା ଉନୋଟି ପାଠାଗାର ସମ୍ବନ୍ଧରେ ଲେଖିଛନ୍ତି—

୧। ପଲ୍ଲୀସେବକ ଗ୍ରାମ ସମିତି ପୁସ୍ତକାଳୟ, ନାଥପୁର ପୋଃ ଅଃ ବର-କଟକ—ପରିଚାଳକ ଶ୍ରୀ· ନବଘନ ପଣ୍ଡା ପୁସ୍ତକାଳୟକୁ ସାପ୍ତାହିକ ପତ୍ରିକା ୨ ଖଣ୍ଡ ଓ ପାକ୍ଷିକ ପତ୍ରିକା ୨ ଖଣ୍ଡ ଆସେ । କିନ୍ତୁ ମୋଟ ବହି ସଂଖ୍ୟା କେତେ ଓ କେଉଁ ଭାଷାର କେତେ ଲେଖି ନାହାନ୍ତି ।

୨। ରମା ପାଠାଗାର, ଧାରପୁର ପୋଃ ଅଃ ବଡ଼କଟକ, କଟକ । ପରିଚାଳକ ଶ୍ରୀ ଗିରିବର ରଥ, ସଭାପତି ଧାରପୁର ସେବକ ସଂଘ (ଅନ୍ୟାନ୍ୟ ଖବର ଦେଇ ନାହାନ୍ତି)

୩। ହଳଦ ବସନ୍ତ ଯୁବକ ସଂଘ ଲାଇବ୍ରେରୀ, ହଳଦ ବସନ୍ତ, ପୋଃ ଅଃ ବଡ଼ବାଟକ, କଟକ । ପରିଚାଳକ ଶ୍ରୀ ନିରଞ୍ଜନ ବିଶ୍ୱାଳ ଜେନା (ଅନ୍ୟାନ୍ୟ ଖବର ନାହିଁ)

ଅଜାଠାରୁ ନାତି ମାନେ ଯୋଗାଇବା ପାଠାଗାର ସମ୍ବନ୍ଧରେ ଖବର ଓ ତାଲିକା ଏହିପରି ଭାବରେ ପ୍ରକାଶ ପାଇବ । ପାଠାଗାରର ପୁସ୍ତକ ସଂଖ୍ୟା, କେଉଁ ଭାଷାର କେତେ ପୁସ୍ତକ ଓ କେଉଁ କେଉଁ ପତ୍ର ପତ୍ରିକା ଆସେ ତାର ବିବରଣୀ କ୍ରମାନୁସାରେ ଗୋଟିଏ ଧାରାବାହିକ କ୍ରମିକ ନମ୍ବର ଦେଇ ପ୍ରକାଶ ପାଇବ । ଯେଉଁ ନାତି ମାନେ ଖବର ଦେବେ ବା ପାଠାଗାର ସହିତ ସଂପୃକ୍ତ ଥିବେ ସେମାନଙ୍କ ନାମ ଓ ନାତି ନମ୍ବର ପ୍ରକାଶ ପାଇବ ।

## ଅଜାଙ୍କ ଉତ୍ତର

କଣ୍ଡୁ ଘ—୫୬—ତମେ ଏକାଥରେ ଅନେକ ଗୁଡ଼ିଏ ପ୍ରଶ୍ନ ପଚାରିଛ; ସବୁର ଉତ୍ତର ଏକା ସାଙ୍ଗରେ ଦେଇ ପାରିବି ନାହିଁ । ସବୁ ନାତିଙ୍କୁ ଜଣାଇ ଦେଉଛି —ଥରକେ ଚିଠିରେ ଗୋଟିଏ ପ୍ରଶ୍ନ କେବଳ ପଚାରିବେ । ତମର ପ୍ରଥମ ପ୍ରଶ୍ନର ଉତ୍ତରରେ ଏତିକି କହିବି ଯେ ବର୍ତ୍ତମାନ ସମୟରେ ପାଠାଗାର ଆନ୍ଦୋଳନ ବରଂ ଅଧିକ ଜୋରରେ ଚାଲିବା ଆବଶ୍ୟକ । ତାହେଲେ ଲୋକେ ପ୍ରକୃତି ସ୍ୱାଧୀନତା ଅନ୍ତତଃ କଣ ଜାଣିବେ ।

ବେରହମପୁର—୫୬୫— ଏକାଥରେ ୮ଟି ପ୍ରଶ୍ନ ପଚାରିଛ । କେବଳ ପ୍ରଥମଟିର ଉତ୍ତର ଦେଉଛି । ନାତିବନ୍ଧୁ ସମ୍ମେଳନୀ ମୁଁ ବନ୍ଦ କରି ନାହିଁ । ମୁଁ ତ ସମ୍ମେଳନୀ ଡାକି ନଥିଲି, ବନ୍ଦ କରନ୍ତି କିପରି ? ସେ ତମ କାମ । ତମେ ଡାକିବ ବା ବନ୍ଦ କରିବ । ତମ ଉତ୍ସାହ ଉପରେ ନିର୍ଭର କରୁଛି ।

Digitized by srujanika@gmail.com

ବୈଦ୍ୟନାଥ— '୮୦୯— ତମେ ଗୋଟିଏ ଭଲ କଥା ବାଛିଛ । ମୋତେ ଭାରି ଖୁସି ଲାଗିଲା । ଏଣିକି କେବଳ ନାଗଙ୍କର ଅମନୋନୀତ ଲେଖା ମୁଁ ନିଜେଇପଡ଼ି ମୋଟା ମୋଟି ଭାବରେ ତାର ଦୋଷ ଜଣାଇ ଦେବି ! କିନ୍ତୁ ନାଗଙ୍କୁ ଏଥିପାଇ ଡାକଖର୍ଚ୍ଚ ଦେବାକୁ ହେବ । 'ଡଗର'ରେ ମୁଁ ଛାପି ଦେଉନ୍ତି ! କିନ୍ତୁ ସେଥିରେ କେହି କେହି ନାଗ କ୍ଷୁଣ୍ଣ ହେବେ ।

ବୃନ୍ଦାବନ ଚନ୍ଦ୍ର ପଣ୍ଡା—ବାସୁଦେବପୁର ମିଃ ଇଃ ସ୍କୁଲ—ତମେ ନାଗ ନହେଲେ ମଧ୍ୟ ତମ ଗଠିଁ ଏତେ ବଡ଼ ଗୋଟାଏ କଥା ଉଠାଇଛ ଯେ ମୋତେ ଉତ୍ତର ଦେବାକୁ ପଡ଼ିଲା । ବାସ୍ତବିକ ୰ ମନ ମୋହନ ସାବତଙ୍କ ପରେ ଲୋକରେ ଓଡ଼ିଶା ତାଙ୍କ ପ୍ରତି ଯେଉଁ ଶ୍ରଦ୍ଧା ନିଦ [illegible] କଥା ଦେଖାଇ ନାହିଁ ।

ସ୍ବର୍ଗତ ସାବତ ଜଣେ ସାଧକ ଥିଲେ— ଅଙ୍ଗୀବନ ସ୍ବର ଓ ସଙ୍ଗୀତ ସାଧନା କରିଛନ୍ତି । ସେ ଉଚ୍ଚକୋଟିର ଓସ୍ତାଦ । ଓଡ଼ିଶାରେ ତାଙ୍କପରି କୌଣସି ସିଦ୍ଧ ସଙ୍ଗୀତଜ୍ଞ ନାହାନ୍ତି । କିନ୍ତୁ ଆମ ଦେଶରେ ସାହିତ୍ୟ ସଙ୍ଗୀତ କଳାର ସାଧକମାନଙ୍କୁ ଏତେ ହତାଦର କରାଯାଏ ଯେ ତାହା ଜାତି ପକ୍ଷରେ ଏକ ପାପ ହୋଇ ଗଲାଣି । ସ୍ୱାଧୀନ ରାଜ୍ୟରେ ଏ ଦିଗରେ ସରକାରଙ୍କର ମଧ୍ୟ କର୍ତ୍ତବ୍ୟ ଥାଏ । କିନ୍ତୁ ଆମର ସରକାରୀ ମୁଣ୍ଡମାନେ ଆତ୍ମ ପ୍ରଶଂସା ଛଡ଼ା ଅଉ କାହାର ଗୁଣ ନଦେଖି ପାରିଲେ ପରି ଜଣେ । ପଡ଼ୁଛନ୍ତି । ତେଣୁ ସବୁ ସଧାରଣ ତାର କର୍ତ୍ତବ୍ୟ କରନ୍ତୁ । ଏ ସମ୍ବନ୍ଧରେ ଡଗର ତଥା ଅନ୍ୟାନ୍ୟ ପତ୍ର ପତ୍ରିକା 'ସଂପାଦକ' ମାନଙ୍କ ଦୃଷ୍ଟି ଆକର୍ଷିତ କରେ ।—

ଅତିରିକ୍ତ ସଂଖ୍ୟା ୫ ତାରିଖ "ଡଗର"ର "ଅବସର ବିନୋଦନ"ର ଉତ୍ତର:—

ନଅଟି ଏକଘାଏ ଅଧକ୍ରମ ଅଙ୍କ
ଲେଖିବ ଗୋଟିଏ ସଂଖ୍ୟା,
ଏହାପୂର୍ବ ଯାଏ ଉର୍ଦ୍ଧକ୍ରମ ଅଙ୍କ
ଲେଖ ଅଉ ଏକ ସଂଖ୍ୟା ।
ପ୍ରଥମ ସଂଖ୍ୟାରୁ ଦ୍ୱିତୀୟ କାଟିଲେ
ଯାହା ରହିଯିବ ତହିଁ.
ପଞ୍ଚ ଗୁଳିଗୁଡ଼ି ମିଶାଇଲେ ନେଲେ
ଛଅ ଗୁଳିଗିଟି ଜାଣ ।

ବୈଦ୍ୟନାଥ

୯୮୭୬୫୪୩୨୧ = ୪୫
୧୨୩୪୫୬୭୮ = ୩୬
୮୬୪୧୯୭୫୩ = ୪୫

ବୈଦ୍ୟନାଥ ପାଣିଗ୍ରାହୀ, ଖେତଗଣ୍ଡର ଝିଣା, ବିଦ୍ୟାଧର ପଣ୍ଡାଙ୍କ ଉତ୍ତର ଠିକ ।

—o—

( ମଠା କଡ଼ା ଅବଶିଷ୍ଟାଂଶ । )

"କିନ୍ତୁ ସଜନୀ, ତମେ ତ ମୋ. ଉପରେ କେବେ ଅତ୍ୟାଚାର କରନ ? ଯଦି ଥରେ କରନ୍ତ— ମୁଁ କୃତକୃତ୍ୟ ହୋଇଯାନ୍ତି । କହନ୍ତି—

"ପ୍ରେୟସୀର ପ୍ରେମ ପ୍ରହାର ଚିର ବାଞ୍ଛିତ ମୋର ବାଞ୍ଛିତ ।"

ଟାଇରେଣ୍ଟଙ୍କ ଶାସନ ଅଧୀନରେ ଲୋକଙ୍କର ଏଇ ମନବୃତ୍ତି ହୁଏ । ଟାଇରେଣ୍ଟଙ୍କ ଶାସନରେ ଯେ ସେତିକ କର ନ ଧ୍ୱଜର ବର୍ଣ୍ଣନାର ଅଧିକାର ନାହିଁ ।"

"ତେବେ କ'ଣ ତମର ଭଲପାଇବାକୁ ମୁଁ ଅତ୍ୟାଚାର ବୋଲି ମଣିବ ।"

"ଯଉଁ ଦିନ ତମେ ସେତିକ ବୁଝିବ ତମେ ସେ ଦିନ ଅସ୍ପୃଶ୍ୟ ନ କରି ସ୍ୱାଧୀନ ହେବାକୁ ଚେଷ୍ଟା କରିବ । ସେତିକେ ବୁଝିବାର କ୍ଷମତା ତମର ନାହିଁ ବୋଲି ମୁଁ ତମକୁ କିଭି ହୋଇଛି— ଏବଂ ନାରୀ ଜାତି ଉପରେ ପୁରୁଷର ଯୁଗ ଯୁଗ ଧରି ଯେଉଁ ଅତ୍ୟାଚାର— ଟିକିଏ ମୁଁ ତାର ପ୍ରତିଶୋଧ ନେଉଛି ।"

"କିନ୍ତୁ ତମେ ମୋର ଗୁଣରେ ମୁଗ୍ଧ ହୋଇ— "

"ନା— ନା— ମୂର୍ଖ— ତମର ଗୁଣ ଥିଲେ ମୁଁ ତମକୁ Concentration camp କୁ ଅଟକବନ୍ଦୀ ଲାଗି ପଠାଇ ଦିଅନ୍ତି । ଟିକିଏ ଅର୍ଥ ସେଇଥିପାଇଁ । ଟିକିଏ ଅର୍ଥ ସମସ୍ତଙ୍କୁ ମାରି ପକାଇବା ବା ହଣି ପକାଇବା ନୁହେଁ । ତବେ ପୃଥିବୀର 'ପ୍ରଜାତନ୍ତ୍ର' ମୂଳ ଭିତ୍ତି ଯେଉଁଠି । ଟିକିଏ ଶବ୍ଦର ଉତ୍ପତ୍ତି— ପ୍ରଜାତନ୍ତ୍ର ସ୍ଥାପିତ ହେଲା ବେଳେ ଯେଉଁମାନେ ଲୋକ ବଳରେ ଅଧିକାରୀ ହେଲେ ସେମାନଙ୍କର ପ୍ରଥମ କାମ ହେଲା ଯେ ଦେଶରେ ତାଙ୍କଠୁ ଅଧିକ ଯୋଗ୍ୟ ବା ଦମକଷ ଲୋକ କେହି ଯୋଗ୍ୟ ନ ରହିବେ । ଯଦି ରହନ୍ତି ତେବେ ସେ ଦେବତା ଠାକୁରଙ୍କୁ ଲୁଣ୍ଠିଲ ହେଲୁ । ଏହି ବୁଦ୍ଧିଅ ଲୋକଙ୍କୁ ଜଲେ ବଳେ କହ-ଶଳେ ଉଚ୍ଛେଦ ସାଧନ ବା elimination କରିବାର ଅନାଚାର Tyranny—ଟିକିଏ ଅର୍ଥ ହଣି ପକାଇବା ଡାକି ପକାଇବା ବା ଅତ୍ୟାଚାର କରିବା ନୁହେଁ । —ବୁଝ— —ହସ୍ତ—ଏତିକି ବୁଝି ପାରିଲ ନାହିଁ ? ନ.ମଷ୍ଟ ଯେମନ୍ତ ତୋର ବୁଦ୍ଧିଟି କେମନ୍ତ । ଖାଲି ଗଣ୍ଡିଟି ବଢ଼ି ଖାଇ ପିଇ ମନ ସୁଖରେ 'Tyrant'ଙ୍କ ଶାସନରେ ରହିଲାପରି ପଡ଼ିଥାଅ— ଅଉ । ଶାନ୍ତିକି କହୁଥାଅ—ଆଃ—କିଭି ମଠା [illegible] ବାର ଏଡ଼ା !"

"ତମେ ତ ଏକ ନୂଆ କଥା କହିଲ ସଜନୀ, ମୋତେ ତ ଏବେ ସବୁ ଭଲ ଜଣା ହୋଇ. ପଡ଼ୁଛି—ତେବେ କଣ ଆମ ଏଠି ଯେତେକ ସବୁ ପାଇ ତା ମୂଳରେ—"

"ଚୁପ୍—ଚୁପ୍—ଅଧିକା ଗୁପ୍ତ ଗପ୍ପାଏ ନାହିଁ । ସେ ସବୁ ଭଲ—ଏଠି ସେ ସବୁ Tyran[illegible] ନାହିଁ । ମୁଁ ଯାଇ ଅଉ ଟିକିଏ ଗୁହି [illegible] ତେବେ ସେ କଥା ନେଇ ତମେ ପଦାରେ ପକାଇବ ନା ?"





ଜାଣନ୍ତି କି ?

ଓଡ଼ିଶାର ... ଓଡ଼ିଶାର ଗୌରବ

ସୁବିଖ୍ୟାତ କୋଣାର୍କ କେମିକାଲର ଅତ୍ୟନ୍ତ ଅବସ୍ଥାର ବିଷୟ ... ପ୍ରସ୍ତୁତ ।

ସୁବାସିତ କେଶତୈଳ

"କାମିନୀ"

... ଓ ... ।

... ...

କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡକ୍ଟସ୍

ଇଣ୍ଡିଆ ।

.../୧ ଏ ପ୍ରେମଚାନ୍ଦ ବଡ଼ାଲ ଷ୍ଟ୍ରିଟ, କଲିକତା



ନୂଆ ଚିନ୍ତା ଓ ନୂଆ କଥା

... ଦୃଷ୍ଟି ଦେଇ ...

ଧୂଳି ଓ କାଶ

ବାସ୍ତବିକ

... — ଉଗରର ସ୍ୱପ୍ନ ... ମିଶ୍ର

ଲେଖକ—ଶ୍ରୀ ଦେବ ମହାପାତ୍ର

... ହରିଶ୍ଚନ୍ଦ୍ର ବଡ଼ାଲଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ... ... ନାୟକଙ୍କର ପ୍ରଶଂସି ସହ

ମୂଲ୍ୟ ୦ ।୵ ମାତ୍ର

ସ୍ନାମ ଓ ବନ୍ଧାଜର ...

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି

ନିତ୍ୟାନନ୍ଦ ବାବୁଙ୍କର

...

ଜୀଅନ୍ତା ମଣିଷ ଓ ... ଲକ୍ଷ୍ୟ

... ମନର ... କାହାଣୀ ...

"ଏଗାରଟା" ଓ "..."

... "ପାଞ୍ଚଜନ୍ୟ"

ଭାରତର ପ୍ରତି କଣ୍ଠରେ ... ହେଉ

—ଶ୍ରୀ—

( କଟକର ସବୁ ବହି ଦୋକାନରେ ପାଇବେ )


Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com



# "DAGARO"


Orissa's Most Popular Weekly
of
Light, Lead & Laughter

—○—

ସାପ୍ତାହିକ ସଂସ୍କରଣ

| ଏକାଦଶ ବର୍ଷ | ୧।୯।୪୭ | ପଞ୍ଚମ ସଂଖ୍ୟା |
|---|---|---|


ଏହି ସଂଖ୍ୟାରେ

**ନୂଆ ନୂଆ ଆକର୍ଷଣ**

ଗ୍ଲୋମ୍—ଗଳ୍ପ କଥା—ରବୀନ୍ଦ୍ର କୁମାର ଦାସ

ଅଭିଶପ୍ତା ରାତ୍ର - କାହାଣୀ— ନାରସିଂହ ପ୍ରସାଦ

ଛବି ଲୋକରେ ଅବତୀର୍ଣ୍ଣ

**୰ ଦନାଇ ଦାସ ଓ ୰ ଗୋପାଳ କୃଷ୍ଣ**

'ପୂର୍ଣ୍ଣିମା ଓ ପର୍ବର ସମାଧାନ' କରିଛନ୍ତି

ଶ୍ରୀ ସଦାଶିବ ନନ୍ଦ ଶର୍ମା ବାଣୀଭୂଷଣ

ଓସ୍ତାଦଙ୍କ ତାଲେ ତାଲେ

ତଥା

କୁଟି କୁଟି—କବିତା—ସାବିତ୍ରୀ

ଅଦ

ବିଲ୍ଲୁର ଧାରରେ କଂଗ୍ରେସ ଛତି

ନିଟଦର୍ଶି


**ବାର୍ଷିକ ମୂଲ୍ୟ ଟ ୬୲** **ଷାଣ୍ମାସିକ ଟ ୩୲**

**ରାଜ ସଂସ୍କରଣ ବାର୍ଷିକ ଟ ୧୦୲**



Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୭ ୮ ।୍ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩॥ ଅଗ୍ରୀମ ଦେବାକୁ ପଡ଼ିବ ।

୩ । ଟଙ୍କା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)


## ବମ୍ବେ ଲାଇଫ୍ ଏସ୍ୟୁରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ——୧୯୦୮          ହେଡ ଅଫିସ— ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡା କ୍ଷତି ନାହିଁ ।

ଅକର୍ମଣ୍ୟ ହେଲେ ଅଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୭୩ ଲକ୍ଷରୁ ଉର୍ଦ୍ଧ୍ୱ          ବୀମାପାଣ୍ଠି ୨ କୋଟି ୯୭ ଲକ୍ଷରୁ ଉର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଉର୍ଦ୍ଧ୍ୱ

ଓଡ଼ିଶା ଏବଂ ଉପକଣ୍ଠରେ ଇନ୍ସପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

ଜେ, ବାଲସୁବ୍ରମଣ୍ୟମ, ବି. ଏମ୍. ଏ. ଅଇ. ଏ.
ମେନେଜିଂ ଏବଂ ଏକ୍ଚ୍ୟୁଅରି
ହେଡ ଅଫିସ— ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,          ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com




# ବିଲୁଆ ବିଚାର

୧୧ଶ ବର୍ଷ— ୫ମ ସଂଖ୍ୟା

ଶ୍ରୀମାନ୍ ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ସର୍ବହରଙ୍କ ରେ ରଷସବାନା, ପୃଥିବୀ ବ୍ୟାପୀ କମ୍ୟୁନିଷ୍ଟ ମାନଙ୍କ ପିତୃଭୂମି ମା କାଗ୍ଲୁଣାଇ, ଷ୍ଟାଲିନଙ୍କ ନିଜ ଦେଶ ବାସିନୀ ଗ୍ରାମ ଦେବତୀଙ୍କ ଘଣ୍ଟ ଘୋଡ଼ରେ ସ୍ୱୟଂ ରୁଷିଆ ଆପଣାର ସ୍ୱର୍ଣ୍ଣ ବଳରେ ପୃଥିବୀ ପଞ୍ଚାୟତରେ ୧୮ଥର ପାଶୁପତ ଚଳାଇ ଦେଲେଣି । ପୃଥିବୀ ପଞ୍ଚାୟତ ବଡ଼ ବଡ଼ ଶକ୍ତି ମାନଙ୍କ ହାତରେ ପାଶୁପତ ଦେଇ ଭରସା କରି ବସିଥିଲେ କି ଏ ଷର୍ଯ୍ୟନ୍ତ୍ରକାରଣୀମାନେ ଦୁର୍ବଳକୁ ରକ୍ଷା କରିବା ପାଇଁ କେବଳ ପାଶୁପତ ପ୍ରୟୋଗ କରିବେ କିନ୍ତୁ ରୁସିଅର ଯୁକ୍ତି—ପ୍ରଥମେ ମୁଁ ତ ଦୁର୍ବଳ—ଅଗ ମୋତେ ରକ୍ଷା କରିସାରେ—ଆତ୍ମାନଂ ସତତଂ ରକ୍ଷେତ୍—ଅପେ ବଞ୍ଚିଥିଲେ ବାପର ନା—। ସେଥି ପାଇଁ ସେ ଅନ୍ୟାନ୍ୟ ଜାତି ମାନଙ୍କ ବକ୍ଷର ଉପରେ ଘୋଡ଼ା ଚଢି ବହୁବାର ସମସ୍ତଙ୍କ ମୁହଁରେ ଚୁଣ୍ଟି ମାରି ଦେଇଛି । ସେହିକଥିରେ ଏଥର ମିଳିତ ଜାତି ସଂଘରେ ଏଇ ପାଶୁପତ ବା ଭିଟୋ କ୍ଷମତା ଛଡ଼ାଇ ନେବାର ପ୍ରସ୍ତାବ ହେବ । ଏ ପ୍ରସ୍ତାବକାରୀ ମାନେ ନିରପେକ୍ଷ ନୀତରୁ କରିବେ କମ୍ପା ରୁସର ବିପକ୍ଷ ଆମେରିକା ବ୍ରିଟେନର ଶ୍ରେଣୀରେ ପଡ଼ି କରିବେ ତା ମା ଟେମହ୍କାଳୀଙ୍କୁ ଜଣା । ଆମେ ଭାରତରେ ବସି ଖାଲି ମଜା ଦେଖୁଥିବା ଆଉ କହିଥିବା—

ଯା ଲଗିଯା !—ଯା ଛୁଡ଼ି ଯା !

\+ \+ \+

ସ୍ୱାଧୀନତା ହାଲି ଲଙ୍ଗଳ ଧରେଇ ବାଲୁତ ତେଲଣେ ଜଳ ମୋଡ଼ିଲା ସେ ସୁନା ଦର ହୁ ହୁ ଚଢିଲାଣି । ଭାରତ ଏ ଦଶ ସୁନା ଜଳ ମୋଡ଼ିଲା ସେଥିରେ ଆମର କିଛି କ୍ଷତି ହେବ ନାହିଁ ବୋଲି ଆମ କେନ୍ଦ୍ରର ଅର୍ଥ ମନ୍ତ୍ରୀ ମଧ୍ୟ କହିଲେଣି । ଯାହା ହେଉ ଆମ ପେଟକୁ ସେଇଁ ଓଳିଏ ଅଧେ ଦାନା ଅଛି ସେ ଅଛି ଥାଉ । ବାକୀ ସେଉମାନେ ସୁନାର ଗୁଜଲ, ଷିଗ୍ନ, ପଲଉ ଖାନ୍ତି ତାଙ୍କ ଅବସ୍ଥା କଣ ହେବ ? ବିଶେଷତଃ ବିଲୁଅ ସଭ୍ୟ ସରକାରୀ ଦପ୍ତରି ହାକିମମାନଙ୍କ ପାଇଁ ଗମ୍ଭୀର ଶୋକ ପ୍ରକାଶ କରୁଛି । କାରଣ ସେମାନଙ୍କ ଗୃହିଣୀ ମାନଙ୍କର ଗହଣା ଦାବୀକୁ ପୂରଣ କରିବା ପାଇଁ ଆଉ କ୍ଷମତା ନାହିଁ । ସମସ୍ତେ ଏଥର ସମ୍ଭାଳି ବିହାଗରେ କାମ କରିବାକୁ ଚେଷ୍ଟା କରନ୍ତୁ । ଯଦି ଧରାଲି କାମ ପୁରିଯାଏ ତେବେ ପି ଉବଲିଉ ଉରେ କାମ କରନ୍ତୁ । ସ୍ତ୍ରୀଙ୍କର ନ କରି—କଣ୍ଟ୍ରାକ୍ଟ କାମ କରନ୍ତୁ । ଓ କୋରାପୁଟରେ ରାସ୍ତା ତିଆରି କରିବା ପାଇଁ ଠିକା ନିଅନ୍ତୁ । ଦେଖିବେ ସବୁ ଠିକ୍ ହୋଇଯିବ । ମାଇପ ହାତରେ ଓଠରେ ନାକରେ କାନରେ ଗହଣାର ଝୁଲିବ—ଆଉ ଏ ଦେଶର ଶ୍ରୀହରି ପାର୍ବତିକ ମୁକ୍ତି ମଧ୍ୟ ହେବ ।

× × ×

ଭାରତର ଜଡ଼ଜାତି ମାନଙ୍କରେ ଗୋଳମାଳ ହୋଇ ଗଲେଣି । ଆମ ଓଡ଼ିଶାରେ ବି ଆରମ୍ଭ ହୋଇଛି । ଓଡ଼ିଆ ପୁଏ ପଲକୁ ପଡ଼ିବାର ନୁହନ୍ତି । ଓଡ଼ିଶା ରାଜା ମାନେ ବି ଧାଁ ଦେଖି ଘୋଷଣା ଉପରେ ଘୋଷଣା ଦେଇ ଗଲେଛନ୍ତି । ତଳିଲା ପାଣିରେ ଘର ପୋଡ଼ିବା ଅଉ ମଣିଷ କଥାରେ ମଣିଷ ମରିବା ସେତିକି ସତ୍ୟ, ରଜାମାନଙ୍କ ଘୋଷଣା, ବେଇଷଣା ଏଷଣା ଗବେଷଣା ତାଠୁ ଟିକିଏ ଅଧିକ ସତ୍ୟ ଯଦି ନୁଏନ୍ତା ତେବେ କଳିକାଳରେ ଯୁଧିଷ୍ଠିରଙ୍କ ରାଜତ୍ୱ ହେଲା ବୋଲି କହନ୍ତେ । କିନ୍ତୁ ଏ ମହାଭାରତ ପୁଣି କାହିଁକି ? ପ୍ରଜାମାନେ କଣ ତାଙ୍କ ରାଜାଙ୍କ ସଦୁଦ୍ଦେଶ ବୁଝିପାରୁ ନାହାନ୍ତି । ତେବେ କିଛିଦିନ କଟକ ସହରକୁ ଆସି ଠକାମି ଇଉରୋପର ଜାଲିଆତି, ତତ୍ ଉପରଯାଏ ଘୁଷଖୋର କମିଟି ହୁଏ ଶିଖିଯାନ୍ତୁ—ରାଜାଙ୍କ ସଦୁଦ୍ଦେଶ ବଳେ ବୁଝା ପଡ଼ିବ ।

\+ \+ \+

ଜଣେ ଇଂରେଜ କବି ଗାଇଥିଲେ—

Happy the man whose
wish & care
A few paternal acres
bound.

ଅର୍ଥାତ

ସୁଖୀ ସେ ଜଗତେ ପଇତୃକ ଭୂମି
ମାଣ ଦୁଇ ତିନ ଯେନି ସେ ରହେ ।
ତହୁଁ ଅଧିକ ପାଇବାକୁ ଆଶା ରଖେ
ନାହିଁ, ତାକୁହିଁ ଯତ୍ନ କରି ସେ ସୁଖରେ
ଥାଏ । ଏଇଟା ହେଲା ଜଗତର ଆଦର୍ଶ ।

ଆମ ମହତାବ ସରକାର ଜଙ୍ଗମ ତଳ ସାପୁଟରେ ଛୋଟ ରାସ୍ତା ତେଲଗୁ ମଧ୍ୟ ହେବ ବୋଲି ସେଇଁ ଘୋଷଣା କଲେ ସେଥିରେ ସେହି ମହଦାଦର୍ଶ ରହିଛି । ଲୋକେ ଏତକ ବୁଝି ନ ପାରି ଡଙ୍କବୁଆ ଗାଳି କରୁଛନ୍ତି । କୋରାପୁଟ ଜଙ୍ଗମ ଆମ କଟକ ପୁରି ବାଲେଶ୍ୱରଅଞ୍ଚଳର ପୈତୃକ ଭୂମି ନୁହେଁ । ସେ ଗଲେ ମଙ୍ଗଳ । ଚଳିଯାଉ ତ ଗଲା । ଓଡ଼ିଶା ବାଧାରେ ଯାହା

ଓଡ଼ିଶା ଅଞ୍ଚଳ ରହୁଛି ମହତାବଙ୍କ ଘର ମୂଲ ଅନୁସାରେ ସେଲ୍ଲେଲସେ ପ୍ରଦେଶରେ ସ୍ଥାୟୀ ହୋଇ ଯାଇ ଥିବାରୁ ସେ ପ୍ରଦେଶର ଲୋକ ହୋଇ ଗଲେଣି । ସମ୍ବଲପୁର ଗଲେ ମଧ୍ୟ ମଙ୍ଗଳ । କେବଳ ଭଉଚି ପୁର ବାଲେଶ୍ୱର ଯେନ—

ସାରୁଗଛ ମୂଳ ବେଙ୍ଗଟିଏ ବସି
ଅଟେ ବୋଲଉଛି ରଜା ।

କେବେ ବିଲୁଆ ସଭା ବସିବ, ମହତାବ ଅଗରପଡ଼ାର ରଜାଥିଲେ, ମୂର୍ଦ୍ଧର ଯେଲ ପୈତୃକ ରାଜ୍ୟକୁ ପ୍ରାପ୍ତ ହେଲେ ଓଡ଼ିଆଙ୍କର ମଙ୍ଗଳ ହୁଅନ୍ତା ।

ଓଡ଼ିଶା ଦେଶର ବିଲୁଅଣୀମାନେ ତାଳ ତାଳକୁ ଗୁଣି ଗାଉଥିବେ—ଅଖା ଧୋଉଥିବେ—ଝୁର ମରୁଥିବେ—

ତମସରି ଅଉ କି ଏସେ ହେବ,
ହେ ମହତାବ
ପଇଚୁମ୍ବି ନିଜ ଗଳାରେ ଦେବ
ହେ ମହତାବ
ଓଡ଼ିଆଙ୍କୁ ଦେଲ ମେଠାଅ ପାଠ
ହେ ମହତାବ
ଅହିଂସା ଶାଠର ହେ ବଡ଼ଗୁରୁ
ହେ ମହତାବ
ଓଡ଼ିଆ ବୋଲି କେ ନରହୁ ଦେଶେ
ହେ ମହତାବ
ସମସ୍ତେ ମାଉନ୍ତୁ ତମର ବେଶେ
ହେ ମହତାବ
ପେଟକନ ପିନ୍ଧି ଘୁଞ୍ଚିବେ ଧୋତି
ହେ ମହତାବ
ପାଳିଟିବେ ବୀର ଜହର ମୋତି
ହେ ମହତାବ
ଲୋପ କର ଏହି ଓଡ଼ିଆ ନାମେ
ହେ ମହତାବ
ମହତାପୀ ଦେଶ ବୋଲିବୁ ଅମେ
ହେ ମହ[illegible] ।

\+ + +

ଯାହା ହେଉ ଗୋଟିଏ ଭଲ କଥା । ଆମ କଂଗ୍ରେସ ସରକାର ସହୀଦ ମାନଙ୍କ ପରିବାରଙ୍କୁ ଭରଣ ପୋଷଣ କରିବେ । ବିଲୁଆ ସଭାର ଅନେକ ଦୁଃଖ ପ୍ରକାଶ କଲେ ହାୟ, ହାୟ ଏ ସଭାର ସଭ୍ୟ ମଧ୍ୟରୁ କାହାର ପରିବାରରେ ସେ ସୌଭାଗ୍ୟ ଘଟିଲା ନାହିଁ । ଅନ୍ତତଃ ଅନେକଙ୍କର ବିଲୁଅ ଗୃହିଣୀ ମାନେ ଯଦି ସେ ଦିନ ସେମାନଙ୍କ ସ୍ୱାମୀମାନଙ୍କୁ ସହୀଦ ହେବାର ସୌଭାଗ୍ୟ ଦାନ କରିଥାନ୍ତେ ସେମାନେ ଆଜି ଓଡ଼ିଶା ସରକାରଙ୍କ ପର ଅଥବା ମହତାବଙ୍କ ଭଲ ଚର୍ଚ୍ଚା ପାଇଥାନ୍ତେ ।

ସେ ଯାହା ହେଉ ଏଇ ଟୋଟିକ କଥାରେ ଓଡ଼ିଶା ସରକାରଙ୍କ ଅନେକ କଳଙ୍କ ପୋଛି ହୋଇଯାଉଛି ।

\+ × ×

ରାଜନୈତିକ ନେତୃ ମାନଙ୍କର ମିଳନର ଗୋଟିଏ ମାତ୍ର ସ୍ଥାନ ଅଛି । ସେ ସ୍ଥାନଟି ଏବେ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର, ଶ୍ରୀଯୁକ୍ତ ଘନଶ୍ୟାମଙ୍କର ରାଜ୍ୟ ଅଧିକାର କରିଛନ୍ତି । ହାୟ, ଚନ୍ଦ୍ରିତ ମାଲିକଣୀ ତେବେ ଏତେ ବୋଲି କେଳ କୁଆଡ଼େ ? କେବଳ ବିଷ ଟିକେ ତମର ଭାଗରେ ଚଳି ଏମାନେ ଅମୃତ ପାନରେ ଲାଗିଗଲେ । ତମ ଭାଗରେ କିଛି ମଣ୍ଡଳକ ନାହିଁ ସେ କଥା କେହି ଜାଣିଲା ନାହିଁ । ତେବେ ଗୋଦାବରୀଶ ଓ ଘନଶ୍ୟାମ ଙ୍କଙ୍କୁ ଇର୍ଷା କରୁଥିବ ବୋଧହୁଏ । ଅନ୍ତତଃ ଏଥିପାଇଁ ଇର୍ଷା କରୁଥିବ ଯେ ଯଦି ତମେ ଗୋଟାଏ ମିଲର ମାଲିକ ହୋଇ ପାରିଥାନ୍ତ ତେବେ ତମର ପରମ ଶତ୍ରୁ ମହତାବଙ୍କ ସଙ୍ଗେ କୁଣ୍ଡାକୁ କୁଣ୍ଡ ମିଳେଇବାର ସୌଭାଗ୍ୟ ସୁଯୋଗ ମିଳିଥାନ୍ତା । ପଣ୍ଡିତେ ଅପଣେ ଏ କଥା ନ କଲ ଯାଏଁ ମହତାବଙ୍କ ସଙ୍ଗେ ମିଳନ କେବଳ ସ୍ୱପ୍ନ ହୋଇଥିବ ସିନା—ବାସ୍ତବରେ ଫଳିବାର ଆଶା ନାହିଁ ।

× + ×

ସମସ୍ତେ କହୁଛନ୍ତି ଜାତୀୟ ପତାକାରେ ଗୋଟାଏ ଚକ୍ର ଅଛି—ସେଇଟା ଚର୍ଖାର ଚକ । ଚର୍ଖା ଚିହ୍ନିତ ଜାତୀୟ ପତାକାକୁ ମିଲ୍ ମାଲିକ ମାନେ କେମିତି ଉଡ଼ାଉଛନ୍ତି—କି ମୀତରେ ?

ଏହାର ଉତ୍ତର ବଡ ସହଜ । ଗାନ୍ଧିଜୀ କହନ୍ତି ଭଗବାନ ଓ ସତ୍ୟ ଏକ କଥା । କିନ୍ତୁ ଦୁନିଆରେ ହେର୍. ମିନ୍ଥ୍ୟା, ଧର୍ମାବାକୁଙ୍କୁ ଅରମ୍ଭ କର ଏମର କି ଓଡ଼ିଶାର ପ୍ରଧାନ ମନ୍ତ୍ରୀ ମଧ୍ୟ ତାଙ୍କର କାମ ହାସଲ ପାଇଁ ତ ଭଗବାନଙ୍କୁ ଡାକନ୍ତି । ସେଥିରେ ପାପ ନାହିଁ । ସତ୍ୟ ସାଧନ କଲେ ଭଗବାନ ମିଳନ୍ତି । ଭଗବାନଙ୍କ ସହ ମିଳିଲେ ଅସତ୍ୟ ସତ୍ୟ ବି ହୁଏ । ସେଦିନ ମିଲ ମାଲିକଙ୍କ ଅଙ୍ଗନରେ ଶ୍ରୀଯୁକ୍ତ ମହତାବ ମିଳିବାରୁ ମିଲଟା ଚର୍ଖାରେ ପରିଣତ ହୋଇଥିଲା ବୋଲି ବୁଝିବାକୁ ହେବ ।

ଓଡ଼ିଶା ସରକାର ମଧ୍ୟ ସ୍ୱାଧୀନତା ଦିବସରେ ସେତେ ମିଲ ଉଆର ଲୁଟାର ଜାତୀୟ ପତାକା ବାନ୍ଧିଥିଲେ ସେ ସବୁରେ ଗାନ୍ଧିଜୀଙ୍କର ପରମ ଭକ୍ତ ମହତାବଙ୍କ ଦୃଷ୍ଟି ବସିଥିବାରୁ ସେ ସବୁକୁ ଖଦଡ଼ କନା ବୋଲି ଗ୍ରହଣ କରିଦେବା ନିମନ୍ତେ ବିଲୁଆ ସଭାର ଦେଶ ବାସିଙ୍କ ଠାରେ ବିଶେଷ ଅନୁରୋଧ ।

× + +

## କୁତୁକୁତୁ

ଘରବାଲା ଘରଭଡା ଦେଇ ଘରର ଖୁବ୍ ପ୍ରଶଂସା କଲା । ଭଡ଼ାବାଲା କହିଲା—ସବୁ ଭଲ ଖାଲି କାନ୍ଥରେ ଟିକିଏ ପାଣି ଝରୁଛି ।

ଘରବାଲା—ସେ ତ ଅଦ୍ଭୁତ ସୁବିଧା । ଜଗିରଲେ ଘରେ ଆଉ କଅଁ ସହଜରେ ଲଗିବ ନାହିଁ ।

\+ + +






# ଗୁଡ଼ାଖୁ

ଲେଖକ:— ଶ୍ରୀ ରବୀନ୍ଦ୍ର କୁମାର ଦାସ

ଆମ ହଷ୍ଟେଲ ଚେଞ୍ଜେସ୍‌ଫିଲ୍ଡ ଆଉ ଗାର୍ଲ୍ସ ସ୍କୁଲର ସିକ୍‌ରୁମ ମଝିରେ ଖଣ୍ଡେ ଅଳ୍ପ ଉଚ୍ଚ ପାଚେରୀ। ଆମ ହଷ୍ଟେଲ୍‌ଟା ସେଠୁ ଅଳ୍ପ ଦୂରରେ। ସିକ୍‌ରୁମ ବାରଣ୍ଡାରେ ଯଦି କେତେଟି ଝିଅ ଆମକୁ ଲକ୍ଷ୍ୟ କରୁଥିବାର ଦେଖି ଆମ ସାଙ୍ଗ ମାନଙ୍କ ଭିତରେ ଗୋଟିଏ ହୋଲ ପଡ଼ିଯାଏ। କ୍ରମେ କେତେଜଣ ଦିନ ରାତିଟାକୁ ରାତ ଅନେକ ହେବା ମାଏ ସେଠି ବସାଇ ‍। କବିତା ଅଭ୍ୟାସ କରନ୍ତି। ତା ଛଡ଼ା ପ୍ରାୟ ସମୟ ବା ସୁବିଧା ପାଇଲେ ସେ କାଗଜଟା ଥରେ ବୁଲି ଆସନ୍ତି ମନ ତୃପ୍ତି ପାଇଁ। ଏମିତିକି ରାତି ଏକ ଘଣ୍ଟା ପରେ ବି ଖାଇସାରି ନ ଶୋଇ କେହି କେହି ସେଠି ମୁହଁମାରି ବା ପାଠିଟେ କରିଦେଇ ଆସିବାକୁ ଭୁଲନ୍ତିନି, ହୁଏତ ସେତେବେଳେ ସେଠି କାହାରି ଦେଖା ମିଳିବା ଅସମ୍ଭବ—କେବଳ ଏତିକି ଆଶାରେ—କାଳେ କେହି ତାଙ୍କ କଥା ଠିକେ ଶୁଣି ନେଇଥିବେ।

ଦିନକର କଥା କହୁଛି—ରାତି ପ୍ରାୟ ସାଢ଼େ ଏଗାରଟା—ମିଞ୍ଜି ମିଞ୍ଜି ହୋଇ ସିକ୍‌ରୁମ ଭିତରେ ଆଲୁଅଟି ଜଳୁଥାଏ ସନ୍ଧ୍ୟାଦିନ ପରି—। କେହି ଜଣେ ଶୋଇଥାଏ ସେଠିକି—ତାକୁ ଦେଖିଲି ଝରକା ପାଖେ ଜଣେ ଉଙ୍କି ମାରୁଛି। ଖବରଟା ହଷ୍ଟେଲ ଯାଏ ଆସିବାକୁ ଡେରି ହେଲାନି। ସାଙ୍ଗେ ସାଙ୍ଗେ ଆଠ ଦଶ ଜଣ ବାହାରି ପଡ଼ିଲେ (ଜଣେ ଅଧା ନିଦରୁ ଉଠି) ସେ ଯାହା ଟାଆଁର—କିଏ ତରତରରେ କାମିଜଟା ଓଲଟା ଗଳେଇ ପକାଇ ପଳେଇ—କିଏ ଅନ୍ଧାରରେ ମୁଣ୍ଡଟା କୁଣ୍ଡେଇ ନେଇ—ଆଉ କିଏ ବା ଗର୍ଭ ସ୍ୱରରେ ଖଣ୍ଡେ ଫିଲ୍‌ମି ଗୀତ ଖଣ୍ଡେ ବୋଲୁ ବୋଲୁ—ମୁଁ ବାଦ ଯାଇନି—ଦେଖିଲି କେହି ଜଣେ ଝରକା ପାଖେ ମୁଣ୍ଡ ଠେକି ଚୁପ୍‌ ଚାପ୍‌—ପ୍ରାୟ ଅଧଘଣ୍ଟା ଗଲାଣି ଏମିତି। ଆଉ ସମ୍ଭାଳି ହେଲାନି—କେତେ ଜଣ ଅତି ଅଧୀର ହୋଇ ପଡ଼ିଲେ। କରୁଣ ପ୍ରେମ କଣ୍ଠରେ ଆରମ୍ଭ କଲେ—ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା—ସବୁ ଏ ଅଭିଯାନ ଦୁଃଖ ବେଦନା, ହୃଦୟର ଯାତନା ଏ ଗଳ୍ପ; କୋହଲେ ହାସ୍ୟ ଉଦ୍ୟାନ—ପ୍ରାୟ ତିନି ଚାରି ଜଣ ଏମିତି ହେବାପରେ ଜଣେ ସାହସ ଧରି କାହାରିକେ ଝରକା ପର୍ଯ୍ୟନ୍ତ—ଉଠିଥାଏ ତାଙ୍କ ଡେସ୍କରେ ଦରଖ୍ୟାନଙ୍କ—ଅନେକ ଚେଷ୍ଟାରେ ଫେଲ ମାରି, ଶେଷ ଚେଷ୍ଟା ପାଇଁ ଟେବୁଲ୍‌ରେ ଦୁଇ ଚାରି ବେଳା ମାରି, ଦୁଇଟାର ଚୋଟ ଟେବୁଲ ଚୋଟ ଝରକା ଯାଏ ଗଲା। କେତେ ଝରକା ଉପରେ ଘଣ୍ଟା ବାଜିଲା—କଣ ଶବ୍ଦ କେତେ ଶୁଣି ହୋଇଗଲା। ଆମକୁ ପରେ କହିଲେ। ସାଙ୍ଗେ ସାଙ୍ଗେ ମନେ ମନେ କେତେ ଭବିଷ୍ୟତର ରଙ୍ଗୀନ ସ୍ୱପ୍ନ ଦେଖିନେଲି। କିଛି ସମୟ ପାଇଁ ଆମକୁ ଭୁଲିଗଲା। ପ୍ରେମିକା ଛଡ଼ି ଖଣ୍ଡି ସେଠି କ୍ଷେଦେଇ ଶୋଇବାକୁ ଯେ ଭୁଲିଗଲେ ଏ କଥାରେ କଣ୍ଟିତ ହୋଇ ରହିଲି। ଚିଠି ନେଇ ଏବା ନିଶ୍ୱାସରେ ଦୌଡ଼ିଲି ହଷ୍ଟେଲ ଆଡ଼େ। ସମସ୍ତେ ତାକୁ ପଢ଼ି ପଢ଼ି। ତାକୁ ଉଚ୍ଚାରିଲି ବାକ୍ସରୁ ନ ଦେଖାନ୍ତି—ଫିଟ୍ ଭଲକି ତା ରୁମ୍ ଭିତରେ ପଶିଯାଇ କବାଟ ଦେବା ଉପରେ—ସେତେବେଳକୁ ତା ସୁରପାରେ ସମସ୍ତେ ସେଇ ପଢ଼େଇଁ। ସମସ୍ତଙ୍କ ଆଖି ସେଇ ଚିଠି ଉପରେ। ସମସ୍ତେ ଭାବୁଛନ୍ତି କଣ ଲେଖାଅଛି ସେ ଚିଠିରେ। ସେତେବେଳକୁ ପ୍ରାୟ ସାଢ଼େ ବାରଟା। ତାର ଭିତର ଦସ୍ତିରେ ବାନ୍ଧ ହୋଇ ଯେତେ ବେଳେ ସେ ଚିଠିଖଣ୍ଡି ଖୋଲିଲା ସମସ୍ତଙ୍କ ହୃଦ ଅଧୀର ମିଶିଗଲା। ଚିଠିଟି ଆରମ୍ଭ ହୋଇଛି—

"ତାଜ— ୧ମା— ୫୦।୵
ଜୋସ୍— ୧ ଛ— ୫୦୵•
ଫଟଣ— ୫୦(୯
ତାଲିଇସ—୪ପା— ୫୦।୵
ନୂଣା ସୁନ୍ଦକ— ୫୦(୧୦୪
ଟୁଥ ୫୦/
ଚେଙ୍ଗ— ୫୦(୬
ପିପଳି— ୫୦୵
ଘନ ସୁଣ୍ଠି— ୫୦/•
ଗୁଡ଼ାଖୁ— ୫୦(୬

୮୦ "

ହସଟା ଏତେ ଜୋରରେ ହେଲା ଯେ ମୁଁ ଘରଣ୍ଟେ ତେଣୁ ନିଦରୁ ଉଠି ଆସିଲେ—ଅଶଣା ସେତେବେଳକୁ ଲାଇଟ ଅଫ୍ ହୋଇ ସମସ୍ତେ ଘୁଙ୍ଗୁଡ଼ି ମାରୁଛନ୍ତି।

ପରେ ଜାଣିଲୁ ପରଦିନ ରାଗଟା ଉଠିଲି ପରଦିନ ବେଳେ ସେମିତି ହସୁଥିଲି।—

ଦିନେ ଜଗେଇ ସେ ଟା ବେଳେ ଟହଲ ମାରୁଥାଏ ସେଠି।—ଗୋଟିଏ ଗୋଡ଼ ଚଉକି ଟା ଉପରେ—ସେତେବେଳେ ସେ ଏବଂ—ଅନୁସିନ୍ଧରେ ଫେରନ୍ତି ବେଳେ ତ ସିକ୍‌ରୁମ ବାରଣ୍ଡାରେ ଦ ଜଣ ଝିଅ ଯାଇ ପଚାରୁଛନ୍ତି—

"ଆପଣ ବାହାରେ ଏଠି ବୁଲୁଛନ୍ତି ?"

'ଟେମିକ ଏଇ ଅନନ୍ଦ ପାଇବା ପାଇଁ।"

ତେଣୁ ସେଇ ଝୀଣ ସ୍ୱରକୁ ଅନୁବାଦ କରି ଆନନ୍ଦ କଥା ଚାର୍ଜ ହେବାପରେ ବୁଝିଲି ସେମାନେ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ନା ହେଉଛି—ମିସ୍‌ ଦାଏବ, ଶଙ୍ଖ ସାହୁ।

ଜଗେଇ ହେଡ୍ ଫେରିଲା ଘଣ୍ଟା ଆଠଟାରେ—ଗୋଡ଼ ତଳେ ଲାଗ ନ ଥାଏ ତାର—ମନେ ତ୍ୱରା ଚାଲିଲା। କେତେ କଣ ଶବ୍ଦ ଗଲାରେ ତାକୁ ଭଲ ଲାଗିଲା। ତାପରେ ଦିନ ସକାଳ ନ'ଟାରେ—ସେଇଠି—ପୁଣି ଦେଖା! ଜଗେଇ—"ହାଇ ରାତିରେ ମନେ ହେଲେ କର ଦୋଷଗଲା"। ସ୍ୟାଣ୍ଡ ଉତ୍ତର—"Really we are very sorry for that" ପୁଣି ଜଗେଇ—"ହେଲେ ଜେଲ କେବେ ? କେତେଥର ଆପଣଙ୍କ ତରଫ ନେଇ ପାଶେଇ ପଢ଼ିବେ କରଟା ଭଲ ହେଉଥିବ।"

ମିସ୍—ହଁ ?

ଜଗେଇ—ହଁ।

ମିସ୍ ଦାଏବ ହାତକୁ କହେଇ ଦେବେ ଗାଲ ଛିଣିଟେ। ତା ସଙ୍ଗେ ଫୁଲ ତୋଡ଼ାଟେ—ହସି ଦେଇ ଜଗେଇ ଫେରିଲା। ସ୍ୱସ୍ୟ ତାର ଗଦ୍ଗଦ ଗଳାରେ ବସି ମୁଣ୍ଡ ଗରମ ହୋଇ ଯାଉଥିଲା—ହଷ୍ଟେଲ ଯାଏ ନ ଅସୁଣୁ ବାଟରେ ବାନ୍ତି କରି ପକେଇ—ଭର ହେଲା ଯେ ସବୁ ଉଠି ପାଇକନ ମାସେ ଯାଏ। ଶେଷରେ ପର୍ଯ୍ୟନ୍ତ ଦେଇ ରହିଲି ତାର ଗାଁରେ ଅଣ୍ଡାବର।

କଥାଟା ସମସ୍ତେ ଜାଣିଲେ। ଆମର ଜଣେ ରସିକ ଶେଖର—ରୂପରେ କନ୍ଦର୍ପ ପୁଣ ଦେ ଦର୍ପିତ, ଦେଶରେ ସଗରେ ସୁବର୍ଣ୍ଣ ମନ୍ତ୍ରୀ—ସବୁ ରହ ପାଇ

Digitized by srujanika@gmail.com

ଗେଟ—ହୋଟେଲର ସହକର୍ମୀ ଫ୍ରେଞ୍ଚ ଷ୍ଟେଶ୍ନା ବାଳ ଲଟିଟିଭ୍ କରି, ଟେଲିଫୋ ବାଜେଇ ଦେଲ ଅଲକ୍ ଥର ମୁହଁକୁ ଦର୍ପଣରେ ଦେଖି ଦେଶର ସ୍ୱରରେ ସେଇ ଭାଷାକୁ—ମୁଁ ପ୍ରଶ୍ନ ପୁଛି—ନୂଆ ଅପେକ୍ଷା! କଣ ମାଛି ଅନ୍ଧାର ଦେଖିଲୁ ଦେବା, ଡାକେ ମିଳେଲେ । ଷ୍ୟାଡ଼୍—"ଅବେ କଏ ?"

"ମୁଁ ମିଷ୍ଟର ପଟ୍ଟନାୟକ—ମତେ ଡକ୍ଟର୍ ଡାକୁ ପଠେଇଛନ୍ତି ।" "କାହିଁକ ?"

"ତୁମ ଦେହ ବୁଝି ଯିବାକୁ ।" ଟୋପରେ କଣ ସବୁ କଥା ବୁଝିଲ ସେଇମାନେ ଜାଣନ୍ତି । ତେବେ ଦେଖିଲେ ସେମାନେ କହିଲେ ଡକ୍ଟର୍ ଡାକୁଛନ୍ତି କହିବେ ଯେ ଶିଖିବାରେ ତେଲ ପୂର୍ଣ୍ଣ କରି ଦେବେ । "ବାଇ"

ମାସ ଶେଷ—ସମସ୍ତେ ପ୍ରାୟ ଫକଡ଼—ପଦ୍ ପାଖେ ଟାଏ ଟଙ୍କାଏ ମାତ୍ର । ଏହା ଭିତରେ ପଟ୍ଟନାୟକ ଅହି ଦେବେ ପୋଷ୍ଟ ବାଡ ଧରି ଫୋପା-ମନ୍ତ କରି ଟଙ୍କା ଧରି ଦେଇଗଲେ—ଅନେମାନଙ୍କ ବାଃ ଦୌଡ଼ ବଜାରକୁ ପୋଟେ ଚୋଟ କାସଟା ତେଲ ଦେଇ ଥସ୍ଲି ସ୍ୱର ଅଣା ପାଇଁ ତା ଛଟାଃ କଥା ଉଠି । ସେତେବେଳେ ଆମେ ଫସ୍ବୁ ଥାଇ—କିମ୍ବୁ ପଟ୍ଟନାୟକ ଏତେ ଷଣ୍ଢ କାହିଁକ ?"

ପଟ୍ଟନାୟକ କହିଲେ—ଛାଏ Excuse me, ନୂଆ deeply engaged ଅଛି ।

ତେଲଟ ତାଙ୍କ ଦେଇ ଅଟିବାକୁ ଡେଇଁ କାଜାଡ—ତା ବଦଳରେ ତାଙ୍କଠୁ ଅଣିଥାଏ—ତେଣା ଟ୍ରଇ ରହା—ତାଙ୍କ ସ୍ୱାଟା ବେଳକ ଜାଣିଛି ।

ଅବଶ୍ୟ ସେଇକ ସେଇଟ—

ତା ପରେ କେମିତି ଅଟଗଲ ଆମେ ଜାଣିନୁ ।

ଦିନେ ଟ୍ରେନ୍ ସକାଳୁ ଣ ପଟ୍ଟନାୟକ ସେଇ ଡାଗରେ ବୁଲିଛ—ସାହେବଙ୍କ ପ୍ରିନ୍ସିପାଲ ଅସି ଠିଆ ହେଉଥିଲେ ତା ଅବହର—ମେମ୍ସାହେବ—ଏ ବେସ୍କର ନବେ ବାବୁର କଲ ହଠାତ୍ ତୋଟ୍ ଦେଖି—ତାଙ୍କ କ୍ୟେ ରେ ନ୍ୟାଜ ଅଣନ୍ତ କଥା ପସ୍ଥରେ—ବେସ୍ଟର ନଟଧାର ହିଁ ଟେଲର ଯାଇ ନଂହାକୁ 'ଶୋଟେଲ୍ କାଟ' କରି ପଇ ବଣ୍ଟେଇ ଓ ଆମ ହଷ୍ଟେଲର ଜଣେ ପିଲାର ଶଳା ବୋଲି ପରିଚୟ ଦେଇ ସାରିଲଣି—ମେମ୍ସାହେବ ସନ୍ଦେହ ହେଲାରୁ ସିଧା ହଷ୍ଟେଲକୁ ଅସି ବୁଝିଲେ ସବୁ ମିଛ—କଣ କରଯାଏ—ସମସ୍ତେ ମିଶି ହଷ୍ଟେଲ ତରଫରୁ କ୍ଷମା ମାଗିଦେଲୁ ।

ବାସ୍ତବିକ ବୁଝିଲୁ ଯେ ଅମ ପଟ୍ଟନାୟକଙ୍କର ଛଟି କଣ ଟଙ୍ଗ ପଡ଼େ—ସେ ଦିନ ଡିଲିଟ ଦେଏ ଧନ୍ଦା ପାଇଁ ତାଙ୍କ ପ୍ରିନ୍ସିପାଲ ସକାଳୁ ଅହି ଚିଠିରେ ।

ତଉଲୁଗା ଟେଣ୍ଡାଲ୍ ମହିରେ କରୋଣ । ଯା ବେଳ ସ୍ନା ଭିତରେ ରହବ ଯେ ୫ଟ ପଞ୍ଚ ପର୍ଯ୍ୟନ୍ତ ଅଟଗଲ ଚନ୍ଦ୍ର ପୂର୍ଣ୍ଣ ଅସୂର୍ଯ୍ୟ ହେଲ ।

ଅଉ ଦିନେ ଆମ କଲେଜ ପ୍ରିନ୍ସିପାଲଙ୍କ ପାଖକୁ ପୋଟେ ରିପୋର୍ଟ ଅସିଲ ପାର୍ଲିମେଣ୍ଟରୁ—ତାର ସାରାଂଶ ହେଉଛି—

"ତୁମ ହଷ୍ଟେଲର କେହି ଜଣେ ପିଲା ଆମ ହଷ୍ଟେଲର ପିଲା ପାଖକୁ ଛଟି ଦେଉଛନ୍ତି ଓ ସେ ଟେ ଲଫାପାରେ ଏଇ ସୁଭାଷ୍ ପଠେଇଛନ୍ତି । ଦ୍ୱାର ପ୍ରତିକାର କରନ୍ତୁ ।"

ଆମ ପ୍ରିନ୍ସିପାଲ ଚେୟାର ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଆମ ଉପରେ ଖୁବ୍ ଗର୍ଜନ ତର୍ଜନ କଲେ ମଧ୍ୟ ।—ଆମେ ସମସ୍ତେ ଏକାଠି ବସି ଠିକ୍ କଲୁ ଯିଏ ଏ କାମ କରିଛି ଉଠି ଉଠେ ମାନିଯାଉ, ନ ହେଲେ ଏ ହଷ୍ଟେଲ ସମସ୍ତଙ୍କୁ ଛାଡ଼ିବାକୁ ପଡ଼ିବ । ଗୋଟେ ଦିନ ଲାଗି ଆମେ ସମସ୍ତେ ହରତାଳ କଲୁ ।

ସମସ୍ତଙ୍କ ପରେ ପାଳି—ସମସ୍ତଙ୍କ ସାଙ୍ଗେ ପଟ୍ଟନାୟକ ବ "ନାହିଁ ମୁଁ କଣ ଜାଣେନ" କହିବାକୁ ସଙ୍କୋଚ ବୋଧ କଲେନ । ଆମେ ବିର-ଯାଇ ମୁଁହମାଡ଼ି ଶୋଇଲୁ । ଆମେ ପୁଣି ତାକୁ ଫ୍ରିକ୍ ପ୍ରଶ୍ନ କଲରୁ ସବୁ ମାନିଲ । ତା ସାଙ୍ଗେ ତା ପ୍ଲାନ ବି କହିଲ—କେମିତି ସେ ମିସ୍ ନାଏକଙ୍କୁ କଲକତା ବୁଲି ଯିବାକୁ ଠିକ୍ କରି ସାରିଛ ଇତ୍ୟାଦି—

ଏ ସବୁ ଶୁଣି ଆମକୁ କଣ ଲାଗ ଲାଗୁଥାଏ ? ମୋଟେ ନୁହେଁ—ତାର ଦାନ୍ତରେ ମଡ଼ାଃ ଉପରେ କରି ହେଉଥାଏ ।

କ୍ଲେଶ ସେକ୍ରେଟ ବେଳେ ଆମ ଉପର ବ୍ଲାସର ଦିନେ ହଠ ଅସି ଆମକୁ ସବୁ ବୁଝିଦେଲେ—ସେ ଆମ ପ୍ରିନ୍ସିପାଲଙ୍କର ଭଉଣୀ—କୌଣସି ମତେ ପ୍ରିନ୍ସିପାଲଙ୍କ ଅଗେ ଆମ ଉପରୁ ସବୁ ଦୋଷ ଛଡ଼େଇ ଦେଇ କହିଲେ—ଏସବୁ ଆମ ହଷ୍ଟେଲର ପିଲାଙ୍କ କାମ ନୁହେଁ ।

ମୁଁ ଅନେକ ସମୟରେ ଅନେକ କାଗଜ ଲେଖକଙ୍କ ସେଇ ଟେନିସ୍ ପଡ଼ିଆ ପାଖେ ଦେଖିଛି—ତାଙ୍କୁ ସାଇକ୍ଲରେ ପ୍ରାୟ ଏମିତି ଘଟଣା ଅନେକ ହେଉଛି ।......

ପ୍ରିନ୍ସିପାଲ ବଦଳ କରି ଗଲେ । ରିପୋ-ର୍ଟର ଉତ୍ତର ଦେଲେ "ଏସବୁ ମୋ ପିଲାଙ୍କ କାମ ନୁହେଁ ।"

ତାର ଦୁଇ ଦିନ ପରେ ସାର୍କଲର ଚେୟାରଙ୍କଠୁ ଶୁଣିଲୁ "କାଉନ୍ସିଲ ସୁଡ଼ାକୁ ସଜନ୍ତୁ ।"

ଟେଉଡ୍ ଭଲ କ୍ଷେତ୍ରରେ ସବୁ ଶୁଣିଲ—କହିଲ ଭଲ ମୋ ଦଶା ଅଜ କଣ ହୋଇଥାନ୍ତା କେଜାଣି—ମତେ ଜଲ ହେଉଛି ଭଲ ହେଉଛି । ସୁଭାଷ୍ଟା ଦସ୍ତୁର ହେଉ ବଡ଼ା—ତା ନହେଲେ ଆମ ପଟ୍ଟନାୟକର ଏତେ ଉତ୍କଟ ପ୍ରେମ ହୋଇ ନ ଥାନ୍ତା।" ଉତ୍ତରରେ ଆମେ କହିଲୁ—ଯେତେହେଲେ ପଟ୍ଟନା-ଏକ ଆମର ଅଧିକ ଭଗ୍ୟବାନ, ତୁମକୁ ତେଲ ମାରି ସୁନ୍ଦରମାନେ ବେଶ ଗର୍ବ ଲଗେଇ ଦେଉଥିଲେ, ସୁଭାଷ୍ଟର ଅଧିକ ଗର୍ବର ଅଧିକାର ଅଛି ।

—*—

## କୁଡ଼ୁକୁଡ଼ୁ

୪ ଦିନକାଳ ଏପାଖ ସେପାଖ ସାକ୍ଷୀ ଶୁଣି ଶେଷରେ ଜଜ୍ କହିଲେ ଅସାମି ଦୋଷୀ ।

ପୁଲିସ ରେକର୍ଡରୁ ପ୍ରମାଣ କଲା ଯେ ଅସାମୀ ପୂର୍ବରୁ ଥରେ ଜେଲ ଯାଇଛି—ଦାଗି ।

ଅସାମୀର ଜେଲରେ ଥିବା କାଗଜ ଦେଖି ଜଜ୍ କହିଲେ—ଏ ଗ୍ରେପ୍ତ କଲା ତାରିକ ଦିନ ତ ଅସାମୀ ଜେଲରେ ଥିଲା--ତେବେ ଗ୍ରେପ୍ତ କଲା କିମିତ ?

ଅସାମୀ ଉପରେ ଚିଡ଼ି ଜଜ୍ କହିଲେ—ଏଇ କଥା ଆଗରୁ କହିଥିଲେ ଏତେ ସମୟ ନଷ୍ଟ ହୋଇ ନ ଥାନ୍ତା ।

ଅସାମୀ କହିଲା—ଦୁଇଟି କାରଣରୁ କହିନାହିଁ ହଜୁର । ଗୋଟିଏ ହଉଚି ଅପଣଙ୍କ ମନଟାକୁ ଖୋଲା ରଖିବା [unprejudiced] ଅନ୍ୟଟି ହେଉଛି ଦରମାଖିଆ ଜଜମାନଙ୍କୁ ଖାଲି ବସାଇ ଖାଇବାକୁ ନ ଦେବା । × ×

ଖଦ୍ଦେଦାର—ତମେତ କହିଥିଲ, ଏ ଲୁଗାର ରଙ୍ଗ ପକ୍କା—ଏକା ଧୋବରେ ଛାଡ଼ିଗଲା ଯେ ?

ଦୋକାନୀ— ପ୍ରଥମ ଧୋବ ନ ହେବାଯାଏ ପକ୍କା ଥିଲାତ ? ଯାବତ ଚନ୍ଦ୍ରାର୍କେ ଅଉ ସେଇ ରଙ୍ଗ ଥାଅନ୍ତା

× × ×

Digitized by srujanika@gmail.com



କାହାଣୀ

# ଅଭିଶପ୍ତା 'ରାତି'

ଲେଖକ—

—ଶ୍ରୀ ନାରାୟଣ ପ୍ରସାଦ ମହାନ୍ତି

ଭାବି ସ୍ପନ୍ଦନ ଭଳି ପିଚୁ ସଡ଼କର କଳା ଧୂଅ ଗୁମୁରି ଉଠୁଥିଲା———ମୋଟର ଧୀରେ ଧୀରେ ଗୁଲୁ ………

ଶୀତଳ ପବନର ସତାଣିଆ ଛନ୍ଦରେ ତାଳ ମିଶାଇ ଗୁଲୁଥିଲୁ ଆମେ ଗୁରିଜଣ······ଛାତି ଭିତରେ ଉଙ୍କି ମାରୁଥିଲା ଦୂର ଅତୀତର ମଧୁଭରା ବାସ୍ତବର ଫାନ୍ଦ ଅଧେ ସ୍ୱପ୍ନଦେଖା କଥା······ମନ ତଳର ଗୋପନ କଥା ଆଉ ପ୍ରତାରଣ କଲା ଲମ୍ବା ଗୁରିଟା ଦୀର୍ଘଶ୍ୱାସରେ······ + + + +

ବସ୍ତାକଡ଼ ଛୋଟ ବଙ୍ଗଳାଟିର ବାରଣ୍ଡାରେ ଝଲସି ଉଠିଲା ଦାଉଟି ସନ୍ଧ୍ୟାଫୁଟା—ଗୋଲାପ—ସରସ—ମୁଦ୍ରା ପେଟ୍ରୋମାକ୍ସର ଅତିମୃଦୁ ଆଲୁଅରେ······ଆମର ଆଖିଟା ଅଟକି ଯାଇଗଲା ଅନ୍ଧାରରେ ସେଇ ରୂପଛଟାର ମୀମାଂସା କରିବା ପାଇଁ—···ମନତଳେ ବିଦ୍ରୋହୀ ହୋଇ ଉଠିଲା— ଧମନୀର ରକ୍ତ ବିନ୍ଦୁ ଚେଇଁ ଉଠିଲା—

କହିଲା—ଦୁନିଆରେ ସୁଖୀ ଏଇମାନେ···

ଆନନ୍ଦ କହିଲା—ଭଗବାନଙ୍କ ବିଗ୍ରହର ଦୈନ୍ୟଭାବ !!!

ପ୍ରମୋଦ ପଚାରିଲା—ସ୍ୱାଧୀନ ଭାରତରେ ଏମାନେ ବଞ୍ଚି ପାରିବେତ ??

କିଶୋର କହିଲା—ରଜା ଓ ପ୍ରଜା ମଧ୍ୟରେ ପ୍ରଭେଦ ନ ଥିଲେ ହୁଏତ ଆଜିର ଭଦ୍ରେ ଦେଶ କାପୁରୁଷତାର ସ୍ତମ୍ଭରେ ଅଗ୍ନିହୋତ୍ରୀ ହୁଅନ୍ତାନି—

ଶୁଣିଲ ଶେଷରେ, ଏମାନେ ଅଭିଶପ୍ତା 'ରାତି !' ମନ୍ଦିରରେ ଛେଳି ସାଜି ଟଙ୍କାର ରକ୍ତରେ ନିଜର ଅଧର ଯୁଗଳ ରଙ୍ଗେଇବା ଏମାନଙ୍କର କେମନ୍ତ ଧର୍ମ ! ବର୍ତ୍ତମାନର ସ୍ୱାଧୀନତା ବାସ୍ତବରେ ଏମାନଙ୍କ ବିବେଚନାର ବାହାରେ !···ମନେ ହୁଏ ଏମାନଙ୍କ ବାହାଦୁର ପୋଷଣାହାର କୋଟି ଜାଗାର ନଟିଙ୍କୀ—ପ୍ରଣ୍ଡ !!!

ଅନାଦି ତର ତର ହୋଇ ଉଠିଲା—, କହିଲା—ମେସ୍‌ରେ ଭାତ ଚଣ୍ଡାଳ ଗୃହନ ହେଲା ପିଲେଣି···ନଗ ଟିଏ କଥା—ଯାଉତା ମଧ୍ୟରେ ଯେ ଚର୍ଚ୍ଚିତ ସେ ଅସ୍ୱାଦନ କରିବେ ସେ ତା' ପାଖରେ କଙ୍କାଳର ସନ୍ଧାନ ଗୋଟିଏ ନାଟକୀୟ ପନ୍ଥା ..··· ହାଙ୍ଗାମର ସ୍ତରକୁ ଗଲେ ହୁଏତ ତୃପ୍ତି ହୁଅନ୍ତା। ବାହିଁକି ସେମାନଙ୍କର ସହଧର୍ମିଣୀ ନାରୀକୁ ଏଭଳି ଯାତପ୍ରମକରେ ରଖିବାକୁ ଚେଷ୍ଟା କରନ୍ତି... ଅତଏବ ଏ କଥା ସବୁ ଛାଡି ବେଗି ବେଗି ମେସ୍ ଆଡେ ଗୁଲିଲେ ମଙ୍ଗଳ·····ଗରମ ମୁଠେ ଭାତ ଖାଇବାରେ ଅମର ଆନନ୍ଦ······

ଉପରେ ଉଷ୍ଣ ଚାନ୍ଦିନୀ······
ତଳେ ଦୁନିଆର କଠୋର ପଥ·····

ମନ ଭିତରେ ହଠାତ କଳନାର ଅବ-ଶୋଷ ତେଜ···ଗୋଟା ଉଠେଇ ଗୁଲିଲୁ—ମୁହଁ ତଳକୁ କରି·····କିଛି ବି କହୁ ନାହିଁ······ କେବଳ ଜୋତାର ବେଡ଼ାଳିଆ ଶବ୍ଦ × ×

ହଠାତ୍ ନୀରବତା ଭାଙ୍ଗି କିଶୋର ଆରମ୍ଭ କଲା—

ଏ ଆଡେ ଘର ମିଳିବାର ସଂଭାବନା ନାହିଁ। ସେ ଆଡେ ସ୍ତ୍ରୀ କହେ ଯେ ମୋ ପାଖରେ ଦୁଃଖ କଷ୍ଟରେ ରହି ପାରିଲେ ସୁଖୀ ହବ।···ମଣ କରେ !.···

ଅନାଦି ସିଗାରେଟ୍ ଖଣ୍ଡେ ମୁହଁରେ ଲଗାଇ କହିଲା—ସେୟା ଠିକ୍ କଥା··· ତଥାପି···

ପ୍ରମୋଦ କହିଲା—ତଥାପି···

ମୁଁ କହିଲି, ତଥାପି ଆଉ କଣ ? ମୁଁ ମୋ ସ୍ତ୍ରୀ ପାଖକୁ ଲେଖି ଦେଇଛି ଗରିବର ସୁଖ କଳ୍ପନା କରିବା ଅବାସ୍ତବ। ଦୁଃଖରେ ରହି ଦୁଃଖକୁ ସୁଖ ବୋଲି ଧରି ନବାର ଅଧିକାର ଅନେକ ସମୟରେ ମଧ୍ୟ ଘଟେନା।

ତା'ପର ଦିନ ବେତନ ମିଳିଥିବାର ସେ ଗୋଟାଏ ଘର ଅଛି ···ଘରଣୀ ଅଛି······ ଭୁଲିଯାଇଥିଲି ଏ କଥା ହାକିମ ମୋତେ ବୁଝେନା—କମ୍ମା ବୁଝିବା ପାଇଁ ମଧ୍ୟ ତା'ର ବେଳ ନ ଥାଏ ନିଜର ଗୁରୁତର କର୍ମର ଛଳନା ମଧ୍ୟରେ·······

ଅନାଦି ସିଗାରେଟଟା ଫିଙ୍ଗିଦେଇ କହି ଉଠିଲା—ତେବେ ?

ପ୍ରମୋଦ କହିଲା—ଜୁନ ୧୯୪୮ ପରେ ସେ ସବୁ କଥା ।ବର୍ତ୍ତମାନ ଅପେକ୍ଷା କର···..

× × ×

ସେଇ ପିଚୁ ରାସ୍ତା କଡ଼ରେ ଝାମ୍ପୁରି ବରଗଛ··· ତା' ମୂଳରେ ଜଳୁଥିଲା କେଇ ଖଣ୍ଡ କାଠ— ଧୂଆଁ ଉଠୁଥିଲା ବେଣୀ, ଗଛତଳ ଝାମ୍ପ ଛାଇରେ ଟିକିଏ ଦୂରେଇ ଜଣେ ଭିଖାରୁଣୀ...ଯୁବତୀ ... ଏକୁଟିଆ·····

ଚୁଲିରେ ଭାତ ବସିଥିଲା ବୋଧହୁଏ— ପାଣି ଟକ ଟକ ଫୁଟୁଥିଲା—

ଅନାଦି ପଚାରିଲା— ଏ ଉ ତ ଯୁବତୀ···

କିଶୋର କହିଲା —ଯୁବତୀ ସତ···ତାକୁ ଏ ବିଳାସର ସାମଗ୍ରୀ ଲୁଚେ—ସ୍ୱାଧୀନ ଉପାସକ···ସମ୍ଭ୍ରାନ୍ତ ଲୋକର ସ୍ୱାନ ଦେହ ମଧ୍ୟକୁ ମେଞ୍ଚାଏ ଖାଇ ପାଇ ପାଇଛି ଦି ମୁଠା ଚାଉଳ ନିଜର ପେଟ ପାଇଁ—ସମ୍ଭ୍ରାନ୍ତ ଲୋକର ଆଖି ଆଗରେ 'ଉଠ' ସଜ୍ଜିତ ଅଛି। କରିବା ପାଇଁ ଲୁଚେ·····

ମୁଁ ଆଉ ରହି ପାରିଲି ନି କହିଲି— ବଡ଼ଲୋକ ଏହାର ଉଚିତ ? କିଏ ଜଣେ କହିଲା—ମଣିଷର ଏହାର ପୌରୁଷ କଣ ?

—ଏୟା ଦେଶର କଳଙ୍କ...

—ଜନତା ଯେଉଁ କଳଙ୍କର ଶଯ୍ୟା ଉପରେ ଶୋଇ, ତାର ପୁଣି ଦେଶର କଳଙ୍କ କଣ ? ···

ଗଛ ତଳର ଯୁବତୀ ଠିଆ ହୋଇ ଆମକୁ ଅନେଇଲା···ଆମେ ଦ୍ରୁତ ଗତିରେ ପାଦ ପକେଇଲୁ ...

ପୁଣି ମନତଳ ବିଦ୍ରୋହ କରି ଉଠିଲା···ଧମନୀର ରକ୍ତ ବିନ୍ଦୁ ଚେଇଁ ଉଠିଲା—

କହିଲା—ସୁଖୀ ଏହିମାନେ ଦୁନିଆରେ—

—○—

# ଶୁଣିବାକୁ ଅଛି—

କେବଳ ବ୍ରିଟେନଠାରୁ ବା ୱର୍ଲ୍ଡ ବ୍ୟାଙ୍କଠାରୁ ୧୫, ০০, ০০০, ০০০ ଅର୍ଥାତ ୧୫୦୦ କୋଟି ଟଙ୍କା ଋଣ ନେଇ । ନିୟମ ଅନୁସାରେ ପ୍ରତ୍ୟେକ ଦେଶ ଯେତେ ମାଲ ବିଦେଶରୁ ଆମଦାନି କରେ ଠିକ ସେତିକି ମୂଲ୍ୟର ମାଲ ରପ୍ତାନି କରିବାକୁ ହେବ । ଯଦି ଆମଦାନି ଦ୍ରବ୍ୟର ଦାମ ବେଶି ହୁଏ ତେବେ ସୁନା ପ୍ରଦାନ କରିବାକୁ ପଡ଼େ, କାରଣ ଟଙ୍କା ଦେଇ ବାହାରଠାରୁ କ୍ରୟ କରିହେବ ନାହିଁ । ମାଲ ନ ଆସିବାରୁ ବଳକା ଅଙ୍କର ସେହି ଦାମର ସୁନା ବା ସେହି ଦାମର ଷ୍ଟାର୍ଲିଂ ଦେବାର କଥା । ପର ଯୁଦ୍ଧବେଳେ ଭାରତର ଯେତେମାଲ ବିଲାତକୁ ଗଲା ସେହି ପରିମାଣରେ ମାଲ ନ ଆସିବାରୁ ବଳକା ଅଙ୍କର ସେହି ଦାମର ସୁନା ବା ଷ୍ଟାର୍ଲିଂ ଦେବାର କଥା । ବିଲାତରେ ଚଳୁଥିବା ମୁଦ୍ରାକୁ ପାଉଣ୍ଡ ବା ଷ୍ଟାର୍ଲିଂ କୁହାଯାଏ ଏବଂ ଆମେରିକାରେ ଚଳୁଥିବା ମୁଦ୍ରାକୁ ଡଲାର କୁହାଯାଏ । ଭାରତୀୟ ପ୍ରତ୍ୟେକ ଟଙ୍କାର ମୂଲ୍ୟ ୧ ଶିଲିଂ ୬ ପେନ୍ସ ଅର୍ଥାତ ବିଲାତ ଏକ ପାଉଣ୍ଡ ବା ଷ୍ଟାର୍ଲିଂର ମୂଲ୍ୟ ହେଉଛି ଟ ୧୩/୪ । ଏବଂ ଆମେରିକାରେ ପ୍ରଚଳିତ ମୁଦ୍ରା ଡଲାରର ମୂଲ୍ୟ ପ୍ରାୟ ଟ ୩( ।

ଭାରତୀୟ ନୋଟ ପ୍ରଚଳନ ଆଇନାନୁସାରେ ଦେଶରେ ଯେତେ ନୋଟ ରିଜର୍ଭ ବ୍ୟାଙ୍କ ଜରିଆରେ ଚଳିତ ତାହାର ଅନ୍ତତଃ ୪ଭାଗରୁ ଦୁଇଭାଗ ଟଙ୍କା ସୁନା ବା ପାଉଣ୍ଡ ( ଅର୍ଥାତ ବିଲାତ ସରକାରଙ୍କ ଋଣ କାଗଜ ) ଜମା ରଖିବାକୁ ହେବ । ଯୁଦ୍ଧ ସମୟରେ ଭାରତରୁ ଯେଉଁ ଅଧିକା ମୂଲ୍ୟର ମାଲ ପ୍ରେରିତ ହେଲା ତାହା ସମସ୍ତ ବିଲାତ ସରକାର ଯୁଦ୍ଧ ଖର୍ଚ୍ଚ ପାଇଁ ଗ୍ରହଣ କରୁଥିଲେ । ସେହି କାରଣରୁ ବିଲାତ ସରକାର ପାଖରେ ଭାରତର ପ୍ରାପ୍ୟ କ୍ରମଶଃ ପାଉଣ୍ଡ ଆକାରରେ ଜମା ହେବାକୁ ଲାଗିଲା । ବିଲାତର ଯେଉଁ ସୈନ୍ୟମାନେ ଭାରତରେ ବା ଭାରତ ନିକଟରେ ଯୁଦ୍ଧ କରିବାକୁ ଆସିଲେ ସେମାନଙ୍କର ବେତନ ବିଲାତ ସରକାର ଦେଲେ ମଧ୍ୟ ଭାରତୀୟ ମୁଦ୍ରାରେ ଦେବାକୁ ପଡ଼ିଲା । ବିଲାତ ସରକାର ପାଉଣ୍ଡ ନୋଟ ଇଂଲଣ୍ଡ ବ୍ୟାଙ୍କରେ ଜମା କରି ଦେଲେ ସୁଦ୍ଧା ଭାରତ ସରକାର ଦେଶକୁ ଟଙ୍କା ରୂପରେ ଇଂରେଜ ସୈନ୍ୟ ମାନଙ୍କୁ ଦେବାକୁ ପଡ଼ିଲା । ସେଥିପାଇଁ ଭାରତ ସରକାର ଯଥା ସମ୍ଭବ ନୋଟ ଛପାଇ ଇଂରେଜ ସୈନ୍ୟ ମାନଙ୍କୁ ଦେବାକୁ ଲାଗିଲେ ଏବଂ ଆମ ଦେଶରେ ବେଶି ନୋଟ ପ୍ରଚଳନ ହେବା ଫଳରେ ଜିନିଷ ମାନଙ୍କର ଦର କ୍ରମଶଃ ବଢ଼ିବାକୁ ଲାଗିଲା ଅଥଚ ଇଂଲଣ୍ଡ ବ୍ୟାଙ୍କରେ ଭାରତ ସରକାରଙ୍କ ଖାତାରେ ବହୁତ ମୁଦ୍ରା ଜମା ହେବାକୁ ଲାଗିଲା । ଦେଖିଲାବେଳକୁ ଯୁଦ୍ଧ ଶେଷରେ ଇଂଲଣ୍ଡ ବ୍ୟାଙ୍କ ଖାତାରେ ଭାରତ ସରକାରଙ୍କର ଜମା ହେଉଛି ପ୍ରାୟ ଟ ୧୫, ୦୦୦, ୦୦୦, ୦୦୦, ଅର୍ଥାତ ୧୫୦୦ କୋଟିଟଙ୍କା ବା ୧୧୪ କୋଟି ପାଉଣ୍ଡ ।

ଏଆଡ଼େ ଆମେରିକା ବୋଧହୁଏ ପୃଥିବୀ ମଧ୍ୟରେ ସବୁଠାରୁ ଧନୀଦେଶ । ତାଙ୍କ ଦେଶର ସବୁ ପ୍ରକାର ପଦାର୍ଥ ଏତେ ପରିମାଣରେ ଉତ୍ପାଦନ ହେଉଛି ଯେ ସେମାନଙ୍କ ଦର ବଢ଼ାଇବାକୁ ଗହମ ତୁଳା ଓ ଅନ୍ୟ ପଦାର୍ଥ ସମୟ ସମୟରେ ଜାଳି ନଷ୍ଟ କରିବାକୁ ପଡ଼େ - ଆମେରିକାରେ ଖାଦ୍ୟ ଜନିତ ଅଥବା ଶିଳ୍ପ ଜାତ ଦ୍ରବ୍ୟର ପ୍ରଚୁରତା ଏତେ ଯେ ଅନ୍ୟାନ୍ୟ ଦେଶରୁ ସେମାନଙ୍କ କିଛି କିଣିବା ଆବଶ୍ୟକତା ନାହିଁ । ଭାରତରୁ ସେମାନେ କେବଳ ଝୋଟ ଓ ଅଳ୍ପ କେତେ ପରିମାଣରେ କିଣନ୍ତି ଅଥଚ ଭାରତକୁ ବହୁ ପ୍ରକାର ଦ୍ରବ୍ୟ ଆମେରିକାରୁ କିଣିବାକୁ ପଡ଼େ । ଇଂଲଣ୍ଡକୁ ମଧ୍ୟ ସେହିପରି ବହୁ ଖାଦ୍ୟ ଦ୍ରବ୍ୟ ଆମେରିକାରୁ ଆମଦାନି କରିବାକୁ ହୁଏ କାରଣ ଆମେରିକା କିଣିବାଭଳି ଦ୍ରବ୍ୟ ଇଂଲଣ୍ଡରେ ବିଶେଷ କିଛି ନାହିଁ । ଅଥଚ ଆମେରିକାର ଶିଳ୍ପ ଏତେ ଉନ୍ନତ ଯେ ସେ ଦେଶରେ ଲୋକେ ଯେତେ ପଦାର୍ଥ ବ୍ୟବହାର କରି ପାରନ୍ତି ତଦପେକ୍ଷା ବହୁ ପରିମାଣରେ ଅଧିକ ପଦାର୍ଥ ସେ ଦେଶର କାରଖାନା ମାନଙ୍କରେ ପ୍ରସ୍ତୁତ ହେଉଛି । ଯଦି ଅନ୍ୟ ଦେଶର ଲୋକେ ଆମେରିକାରୁ ମାଲ ନ କିଣନ୍ତି ତେବେ ସେ ଦେଶର ବେକାର ସମସ୍ୟା ସୃଷ୍ଟି ହେବ । ସେହି ବେକାର ସମସ୍ୟାରୁ ନିଜକୁ ରକ୍ଷା କରିବାକୁ ଆମେରିକା ଇଂଲଣ୍ଡକୁ ୧୯୪୬ ମସିହାର ପ୍ରାରମ୍ଭରେ ୪, ୦୦୦, ୦୦୦, ୦୦୦ ଡଲାର ଋଣ ଦେଇଥିଲା ଯେପରି ଇଂଲଣ୍ଡ କେବଳ ଆମେରିକାରୁ ସେମାନଙ୍କର ଆବଶ୍ୟକୀୟ ମାଲ କିଣି ପାରିବେ ଏବଂ ଯୁଦ୍ଧୋତ୍ତର ସଂଗଠନ କରି ପାରିବେ ।

ଇଂଲଣ୍ଡ ଯୁଦ୍ଧ ସମୟରେ କେବଳ ଯେ ଭାରତ ସରକାରଙ୍କ ଠାରେ ଋଣ ଗ୍ରସ୍ତ ହୋଇ ଥିଲା ତାହା ନୁହେଁ, ଇଜିପ୍ଟ ବା ଅନ୍ୟାନ୍ୟ କେତେକ ଦେଶ ଠାରେ ମଧ୍ୟ ଋଣ ଗ୍ରସ୍ତ ହୋଇ ପଡ଼ିଅଛି । ସେହି ଋଣ ମାନ ପରିଶୋଧ କରିବା ପାଇଁ ଯେଉଁ ପରିମାଣରେ ମାଲ ରପ୍ତାନି କରିବା ଆବଶ୍ୟକ ଇଂଲଣ୍ଡ ବର୍ତ୍ତମାନ ତାହା କରିବାକୁ ଅକ୍ଷମ । ତେଣୁ ଇଂଲଣ୍ଡ ଆମେରିକାଠାରୁ ଯେଉଁ ଋଣ ଆଣିଲା ଇଂଲଣ୍ଡର ମହାଜନ ଦେଶମାନ ସମସ୍ତେ ସେଥିରେ ଭାଗ ବସେଇଲେ । ଫଳରେ ଇଂଲଣ୍ଡର ଉପର ଋଣ ଯାହାକୁ ସେମାନେ ଆଶା କରିଥିଲେ ୧୯୫୧ ପର୍ଯ୍ୟନ୍ତ ରହିବ ତାହା ଅତି ଶୀଘ୍ର ଶୀଘ୍ର ଶେଷ ହେବାକୁ ଲାଗିଲା । ପ୍ରତ୍ୟେକ ଦେଶକୁ ଆମେରିକାରୁ ଶିଳ୍ପଜାତ ଦ୍ରବ୍ୟ ଓ ଖାଦ୍ୟ ଦ୍ରବ୍ୟ କିଣିବାକୁ ପଡ଼ୁଛି ଅଥଚ ଆମେରିକାକୁ କେହି ବେଶି ଦ୍ରବ୍ୟ ବିକି ପାରୁ ନାହିଁ; ଇଂଲଣ୍ଡ ଯେଉଁ ଦେଶ ମାନଙ୍କ ପାଖରେ ଋଣୀ ସେମାନେ ଆମେରିକାରୁ କିଣିଲେ ତେବେ ଇଂଲଣ୍ଡର ଋଣ ଟଙ୍କାକୁ ଦେବାକୁ ପଡ଼ୁଛି । ଏଣୁ ଯୁଦ୍ଧ ଶେଷ ହେବା ପରେ ପରେ ଆମେରିକାରୁ କଣ୍ଟ୍ରୋଲ ଉଠାଇ ଦେବାରୁ ପ୍ରତ୍ୟେକ ଦେଶକୁ ପ୍ରତ୍ୟେକ ପଦାର୍ଥ ଯୁଦ୍ଧ ସମୟ ଅପେକ୍ଷା ଅଧିକ ମୂଲ୍ୟରେ ଆମେରିକାରୁ କିଣିବାକୁ ପଡ଼ୁଥିବାରୁ ଇଂଲଣ୍ଡର ଋଣ ବାବଦ ୪, ୦୦୦, ୦୦୦, ୦୦୦ ଡଲର ଆସି ସରିବାକୁ ବସିଲାଣି । ତେଣୁ ଇଂଲଣ୍ଡ ଅତୀବ ବ୍ୟସ୍ତ ହୋଇ ଏବେ ଗୋଟିଏ ନୀତି ଘୋଷଣା କରିଛି ଯେ ଯେଉଁ ଦେଶ ମାନଙ୍କର ଇଂଲଣ୍ଡ ସହିତ ଆର୍ଥିକ ସମ୍ପର୍କ ରହିଛି, ଏବଂ ଯେଉଁ ମାନଙ୍କର ବ୍ୟବସାୟ ଇଂଲଣ୍ଡ ଜରିଆରେ ହୁଏ ସେମାନେ ନିଜ ଇଚ୍ଛା ଅନୁସାରେ ଯେତେ ଇଚ୍ଛା ସେତେ ଦ୍ରବ୍ୟ ଆମେରିକାରୁ କିଣିଲେ ଇଂଲଣ୍ଡ ସେଥିପାଇଁ ଦାୟୀ ହୋଇ ପାରିବ ନାହିଁ । ଭାରତ ଓ ପାକିସ୍ଥାନ ଉଭୟେ ମିଶି ଆସନ୍ତା ୫ ମାସ ମଧ୍ୟରେ ସେମାନଙ୍କର ମହାଜନୀ ବାବଦ ୧୧୪ କୋଟୀ ପାଉଣ୍ଡ ( ଅର୍ଥାତ ୧୫୦୦ କୋଟୀ ଟଙ୍କା ) ମଧ୍ୟରୁ କେବଳ ୭୫୦ ଲକ୍ଷ ପାଉଣ୍ଡ ପାଇପାରିବେ ଏବଂ ଭାରତ ଇଚ୍ଛାକଲେ ସେହି ୭୫୦ ଲକ୍ଷ ପାଉଣ୍ଡ ମୂଲ୍ୟର ଦ୍ରବ୍ୟ ଆମେରିକାରୁ ମଧ୍ୟ କିଣିପାରେ କିନ୍ତୁ ଇଂଲଣ୍ଡର ଇଚ୍ଛା ଯେପରି ସେହି ମୂଲ୍ୟର ଦ୍ରବ୍ୟ ଆମେରିକାରୁ ନ କିଣି ଇଂଲଣ୍ଡ ସହିତ ବାଣିଜ୍ୟରେ ସମ୍ପୃକ୍ତ ( ଷ୍ଟାର୍ଲିଂ ଏରିଆ ) ଦେଶ ମାନଙ୍କରୁ କିଣେ ।

ଏ 'ଯେଉଁ ଅନ୍ତର୍ଜାତିକ ଆର୍ଥିକ ସଙ୍କଟ ବର୍ତ୍ତମାନ ଯୁଦ୍ଧୋତ୍ତର ପରିସ୍ଥିତି ଯୋଗୁଁ ସୃଷ୍ଟି ହୋଇଛି ସେପରି ସଙ୍କଟ ଏଥି ପୂର୍ବରୁ କେବେ ଦେଖା ନ ଥିଲା । ୧୯୩୧ ସାଲରେ ଇଂଲଣ୍ଡ ଯେତେବେଳେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ ବନ୍ଦ କରିଥିଲା ସେ ସମୟ ଅପେକ୍ଷା ପୃଥିବୀର ଅଧିକାଂଶ ଦେଶରେ ବିଶେଷତଃ ଭାରତ, ୟୁରୋପ, ଇଂଲଣ୍ଡ ଓ ଜାପାନ, ଚୀନ୍ ପ୍ରଭୃତି ଦେଶ ମାନଙ୍କରେ ଅତ୍ୟନ୍ତ ଖାଦ୍ୟାଭାବ ଏବେ । ଆମେରିକା, ଅର୍ଜେଣ୍ଟିନା ଓ ଅନ୍ୟାନ୍ୟ କେତେକ ଦେଶରେ ଖାଦ୍ୟର ବହୁଳତା ଥିବା ସତ୍ତ୍ୱେ ସେମାନେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ହ୍ରାସ କରିବାକୁ କୁଣ୍ଠିତ । ଏଇସବୁ ଦୃଷ୍ଟିରୁ ଇଂଲଣ୍ଡ, ଆମେରିକା ମୁଦ୍ରା ଡଲାର ବିନିମୟ ଅଭାବରେ ଦୁଃଦଶା ଭୋଗ କରୁଛି । ଅର୍ଥ ଆମେରିକାରୁ ଆମେ ଯେତେ ଇଚ୍ଛା ମାଲ ଆଣି ପାରିବୁ ନାହିଁ । ଭାରତ ଅର୍ଥ ସଙ୍କଟ ଏକ ବିପଣରେ ବହିଛନ୍ତି । ଆଇନ ସତ୍ତ୍ୱେ ଏ ବର୍ଷ ଡିସେମ୍ବର ମଧ୍ୟରେ ୩୫୦ ଲକ୍ଷ ପାଉଣ୍ଡର ଦ୍ରବ୍ୟ ଆମେରିକାରୁ ଆଣିପାରିବା । ପରେ ଆଉ ୩୦୦ ଲକ୍ଷ ମଧ୍ୟ ଆଣିବା । ତେଣୁ ଆମର ବେଶି କିଛି ଯିବ ନାହିଁ । କିନ୍ତୁ ଆମର ଖାଦ୍ୟର ଯେତେ ଅଭାବ, ଦେଶରେ ଅବସ୍ଥା କଣ ହେବ ତା' ଭଗବାନ ଜାଣନ୍ତି । ସୁନାଦର ହୁହୁ ବଢ଼ି ଚାଲିଛି ।

Digitized by srujanika@gmail.com

# ଧ୍ୟାନ ଦେଇ ଦେଖ

ମିଶରରେ ବ୍ରିଟିଶ ବିରୋଧୀ ଆନ୍ଦୋଳନ ପ୍ରବଳରେ ଚାଲିଛି। ମିଶରର ପ୍ରଧାନ ମନ୍ତ୍ରୀ ନକ୍ରାଶି-ପାଶା ବର୍ତ୍ତମାନ ନିରାପତ୍ତା ସଭା ଆଗରେ ମିଶରର ଦାବୀ ଉପସ୍ଥାପିତ କରୁଛନ୍ତି, ଚୀନର ନିରାପତ୍ତା ସଭାରେ ପ୍ରସ୍ତାବ କଲା ଯେ ମିଶର ଓ ବ୍ରିଟେନ ମିଳାମିଶା ପ୍ରସଙ୍ଗ ପୁଣି ସେ ଦୁହିଙ୍କ ଭିତରେ ହେଉ। ନକ୍ରାଶି ସେ ପ୍ରସ୍ତାବର ବିରୋଧ କଲେ। ତାଙ୍କ କହିବା ଅନୁସାରେ ଏ ପ୍ରସ୍ତାବ ଗୃହୀତ ହେଲେ ବ୍ରିଟେନ ଓ ମିଶର ମଧ୍ୟରେ ସ୍ଥାପିତ ୧୯୩୬ ସନ୍ଧି ସର୍ତ୍ତ ଅଦ୍ୟ ବଳବାନ ନୁହେଁ ବୋଲି ସଭା ସ୍ୱୀକାର କରିନେବା ପରି ହେବ।

୧୮୬୯ରେ ସୁଏଜ କେନାଲ ଖୋଲିବା ପରେ ବ୍ରିଟିଶ ଜାତିଙ୍କ ମୁହାଣ ଭୂମଧ୍ୟ ସାଗର ଉପକୂଳବର୍ତ୍ତୀ ସୁଦାନ ଓ ମାଲଟା ଅବକାହିକା ମିଶରରେ କ୍ରମେ କର୍ତ୍ତୃତ୍ୱ ସ୍ଥାପନ କରିବାରେ ଲାଗିଲା। ସେତେବେଳେ ମିଶର ତୁର୍କୀ ସାମ୍ରାଜ୍ୟର ଏକ ପ୍ରଦେଶ ସ୍ୱରୂପ। ସେଠି ଖେଦିବ ମାନେ ଶାସନ କରୁଥିଲେ। ସେମାନେ ଦୁର୍ବଳ ଥିବାରୁ ବ୍ରିଟେନର ଆଧିପତ୍ୟ ସହ୍ୟ କଲେ। କିନ୍ତୁ ଆରବିପାଶା ନାମକ ଜଣେକ ସୈନିକ ନେତା ଓ ତତ୍କାଳୀନ ଯୁଦ୍ଧମନ୍ତ୍ରୀ ତାହା ସହ୍ୟ କରି ନ ପାରିବାରୁ ୧୮୮୨ରେ ବ୍ରିଟେନ ବଳ ପୂର୍ବକ ମିଶର ଅଧିକାର କଲେ। ତାପରେ ମିଶରରେ ଓ୍ୱାଫଦିଷ୍ଟ ଦଳର ଜାତୀୟ ଆନ୍ଦୋଳନ ଆରମ୍ଭ ହେଲା ଜଗଲୁଲ ପାଶାଙ୍କ ନାୟକତ୍ୱରେ। ଫଳରେ ପ୍ରଥମ ମହାଯୁଦ୍ଧ ପରେ ୧୯୨୨ରେ ବାଧ୍ୟ ହୋଇ ବ୍ରିଟେନ ମିଶରକୁ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ର ବୋଲି ମାନି ଘୋଷଣା କଲା କିନ୍ତୁ ଯାତାୟାତ, ଦେଶରକ୍ଷା, ସଂଖ୍ୟାଲଘୁଙ୍କ ସ୍ୱାର୍ଥରକ୍ଷା ଏବଂ ସୁଦାନର ଭବିଷ୍ୟତ ବାବଦ ଇତ୍ୟାଦି ବିଷୟରେ ଭାର ନେଇ ଆପଣାର କର୍ତ୍ତୃତ୍ୱ ଜାରି କଲେ। ତାପରଠାରୁ ଓ୍ୱାଫଦିଷ୍ଟ ଦଳ ସହିତ ବ୍ରିଟିଶ ଓ ମିଶରର ରାଜ ପରିବାରଙ୍କ ଚକ୍ରାନ୍ତ ପୂର୍ଣ୍ଣ ଅଧିକାରର ବହୁ ସଂଘର୍ଷ ହୋଇଛି। ମିଶରର ସ୍ୱାଧୀନତା ବାରମ୍ବାର ବ୍ରିଟିଶ ଓ ମିଶରର ରାଜା ଦ୍ୱାରା ଅପହୃତ ହୋଇଛି। ୧୯୩୫ ରେ ଆବିସିନିଆ ଉପରେ ଇଟାଲୀର ଆକ୍ରମଣ ହୁଏ। ବ୍ରିଟେନ୍ ଆପଣା ନିଜ ସ୍ୱାର୍ଥରେ ଓ୍ୱାଫଦିଷ୍ଟ ଦଳ ସହିତ ସନ୍ଧି କରେ। ସେତେବେଳେ ଦଳର ନେତା ନାହାସ ପାଶା ମିଶରର ପ୍ରଧାନ ମନ୍ତ୍ରୀ। ସନ୍ଧି ଅନୁସାରେ ନାହାସ ପାଶା ଶାନ୍ତି ଅଣିବା ଉଦ୍ଦେଶ୍ୟରେ ଆପାତତଃ ବ୍ରିଟିଶ ମାନଙ୍କୁ ବହୁ ସୁବିଧା ଦେଲେ। ସୁଦାନରେ ସେ ବ୍ରିଟିଶ କର୍ତ୍ତୃତ୍ୱ ସ୍ୱୀକାର କଲେ। ସୁଏଜର ରକ୍ଷା କରିବା ଅଧିକାର ଇଂଲଣ୍ଡ ଉପରେ ନ୍ୟସ୍ତ ବୋଲି ମାନିନେଲେ। ତାର ବୈଦେଶିକ ନୀତି ମଧ୍ୟ ଇଂଲଣ୍ଡର ବୈଦେଶିକ ନୀତି ସହିତ ସଂଯୁକ୍ତ ରହିଲା। ପରବର୍ତ୍ତୀରେ ଇଂଲଣ୍ଡ ସ୍ୱଚ୍ଛାମତେ ଆଲେକଜାଣ୍ଡ୍ରିଆରୁ ସୈନ୍ୟ ଅପସାରଣ କଲେ। ମିଶର ପ୍ରବଳ ଭାବରେ ଲୀଗ୍ ଅବ୍ ନେଶନ ରେ ଆସନ ପାଇଲା—ଇଂରେଜ ଓ ମିଶରର ମିଳିତ ଅଧିକାର ତଥା ମିଶରରେ ଇଂରେଜ ମାନଙ୍କର ବିଶେଷ କ୍ଷମତା ଲୋପ ପାଇଲା।

ଗତ ଯୁଦ୍ଧ ସମୟରେ ମିଶର ମିତ୍ର ଶକ୍ତିଙ୍କୁ ସାହାଯ୍ୟ କଲା—ଆପଣାର ଇଚ୍ଛା ବିରୋଧରେ। ଯୁଦ୍ଧ ପରେ ଇଂଲଣ୍ଡ ମିଶରକୁ ପୂର୍ଣ୍ଣ ସ୍ୱାଧୀନତା ଦେବ ବୋଲି ମିଶରର ମନ୍ତ୍ରୀମଣ୍ଡଳ ସହିତ କଥାବାର୍ତ୍ତା ଚଳାଇଲା। ସୋଭିଏଟ ଋଷିଆ ବଳ ପଠାଇ ମିଶରରୁ ବ୍ରିଟିଶ ସୈନ୍ୟ ଅନତିବିଳମ୍ବରେ ଅପସାରିତ କରିବାକୁ ଠିକ କଲା କିନ୍ତୁ ମିଶର ସୁଦାନ ପୂର୍ଣ୍ଣ ସ୍ୱାଧୀନତା ମାଗିଲା। ବ୍ରିଟିଶ ସୁଦାନରେ ଏକ ମିଶର ବିରୋଧୀ ଆନ୍ଦୋଳନ ଠିକ ସାମ୍ରାଜ୍ୟବାଦ ଆନ୍ଦୋଳନ ଭଳି ସୃଷ୍ଟି କଲେ। ମିଶରର ସ୍ୱାଧୀନତା ସ୍ୱପ୍ନ ସଫଳ ନ ହେଲା। ଶେଷରେ ପ୍ରଶ୍ନ ପଡ଼ିଲା ନିରାପତ୍ତା ସଭାରେ। ନିରାପତ୍ତା ସଭା ଆଗରେ ଭାଷଣ ଦେଇ ନକ୍ରାଶି ପାଶା ସୁଦାନର ଆତ୍ମ ନିୟନ୍ତ୍ରଣ ଅଧିକାରକୁ ଏକ ପ୍ରକାର ସ୍ୱୀକାର କରିଛନ୍ତି। ତଥାପି ମୀମାଂସା ହେଉନାହିଁ?

## ନିରାପତ୍ତା ସଭା

ନିରାପତ୍ତା ସଭାରେ ପାଞ୍ଚ ଶକ୍ତିଙ୍କର ନାକଚ କରିବାର ଯେଉଁ ବିଶେଷ ବ୍ୟକ୍ତିଗତ କ୍ଷମତା ବା ଭେଟୋ ଅଛି ତାହାକୁ ନେଇ ବହୁ ବାଦାନୁବାଦ ହୋଇଥିଲା। ଆମେରିକାରେ ଗତ ୧୯୪୭ ଡିସେମ୍ବର ସାଧାରଣ ସଭା ଅଧିବେଶନରେ ଅଧିକ ମତରେ ନିର୍ଦ୍ଧାର୍ଯ୍ୟ ହୋଇଥିଲା ଯେ ଏହି କ୍ଷମତା ପ୍ରୟୋଗ ଯେପରି ନିରାପତ୍ତା ସଭାର କାର୍ଯ୍ୟକରୀ ବାଧା ନ ଦିଏ। ଏ ପ୍ରସ୍ତାବ ପରେ ଗତ ମାର୍ଚ୍ଚ ମାସ ଯାଏ କୌଣସି ରାଷ୍ଟ୍ର ଶକ୍ତି ଏହା ପ୍ରୟୋଗ କରି ନଥିଲା। ଇତିମଧ୍ୟ କେତେଥର ରୁଷ ବ୍ରିଟିଶ ଆମେରିକା ସାଧାରଣ ଦ୍ୱାରା ଆଗତ ହେବା ପରେ ଅଟେଟେରେଜ ସମ୍ବନ୍ଧରେ ବ୍ରିଟିଶ ଅଭିଯୋଗ ଆଣିଥିଲା। ତାହା ନିରାପତ୍ତା ସଭା ଗ୍ରହଣ କରିବାକୁ ରୁଷ ତାର ବିଶେଷ କ୍ଷମତା ଲାଗୁ କରି ତାହା ନାକଚ କଲା। ତୀବ୍ର ସମସ୍ୟାରେ ମଧ୍ୟ ରୁଷ୍ [illegible] ଏ କ୍ଷମତା ପ୍ରୟୋଗ କରେ ଏବଂ ତାହାଫଳରେ ଅଷ୍ଟ୍ରିଆ, ଇଟାଲୀ, ଏବଂ (ଆୟର୍ଲଣ୍ଡ) ଓ [illegible] ସଭ୍ୟ ହେବାର ପ୍ରାର୍ଥନାକୁ ସେହି କ୍ଷମତା [illegible] ନାକଚ କରିଛି। ମୋଟରେ ୧୮ ଥର [illegible] କ୍ଷମତା ରୁଷ୍ ପ୍ରୟୋଗ କରିଛି। ଏହା ଦେଖି [illegible] ୧୭ ସେପ୍ଟେମ୍ବର ଅଧିବେଶନରେ ମିଳିତ [illegible] ସାଧାରଣ ସଭା ଏହି କ୍ଷମତାର ପୁନ ବିଚାର [illegible] ପାଇଁ ଅଷ୍ଟ୍ରେଲିଆ ପ୍ରସ୍ତାବ ଆଣିଛି। [illegible] ଆର ଚେଣ୍ଟିନା ଏ କ୍ଷମତାକୁ ପ୍ରୟୋଗ କରିବାକୁ ମୂଳପୋଛ କରିବାର ପ୍ରସ୍ତାବ ଆଣିଛି।

ନିରାପତ୍ତା ସଭାରେ ଇଣ୍ଡୋନେସିଆ [illegible] ର ଆମେରିକାର ପ୍ରସ୍ତାବ ଗୃହୀତ ହୋଇଛି। ତଦ [illegible] ରେ ସଭାରେ ଗୋଟିଏ କମିଟି ଦୁଇ ପକ୍ଷ [illegible] ରେ ନିରାପତ୍ତା ମିଳାମିଶା କରିବାପାଇଁ ପ୍ରସ୍ତୁତ [illegible]। ତାର ସାହାଯ୍ୟ ନେବା ନିମନ୍ତେ ଯେ କୌଣସି ପକ୍ଷର ସମ୍ମତି ଉପରେ ନିର୍ଭର କରେ। ଇଣ୍ଡୋନେସିଆ ପ୍ରତିନିଧି ଏହାକୁ ସମର୍ଥନ କରିନାହାନ୍ତି।

ମିଶର ଅବଲମ୍ବନା ଦେଲେ ବର୍ଣ୍ଣନ ସମୟରେ ଇଂଲଣ୍ଡ ବିରୁଦ୍ଧରେ ଘୋର ପ୍ରଚାର କରି ଯାଉଥିଲା।

## ଚାଇନା

ଆମେରିକାର ପ୍ରେସିଡେଣ୍ଟ ଟ୍ରୁମ୍ୟାନଙ୍କ ବ୍ୟକ୍ତିଗତ ଦୂତ ଜେନେରଲ ଓଏଡ଼ମାୟାର ଗୋଟିଏ ଅବସ୍ଥା ପର୍ଯ୍ୟବେକ୍ଷକ କମିଟିର ସଭାପତି ରୂପେ ଚୀନରେ ଅନୁସନ୍ଧାନ ସାରି ଫେରିବା ବେଳେ କହିଛନ୍ତି ଯେ ଅସାଧୁ ଅଫିସରଙ୍କୁ ଅଫ ଘଉଡ଼ାଇ ଦେବା ଦରକାର। ଆମେରିକାରେ ବ୍ୟକ୍ତିଗତ ଚୀନା ବାସୀଙ୍କର ୧,୫୦୦,୦୦୦,୦୦୦ ଡଲାର ସମ୍ପତ୍ତି ଅଛି—ସରକାର ତାକୁ କାମରେ ଲଗେଇବା ଦରକାର। ସେ ଚିଆଂଙ୍କର ସାହସ ପ୍ରଶଂସା କରିଛନ୍ତି ଏବଂ କମ୍ୟୁନିଷ୍ଟ ମାନଙ୍କୁ କହିଛନ୍ତି ଯେ ସେମାନେ ବଳ ପ୍ରୟୋଗ ନକରି ନ୍ୟାୟ ସଙ୍ଗତ ଉପାୟରେ ତାଙ୍କର ଅର୍ଥଶକ୍ତି କାର୍ଯ୍ୟକାରୀ କରନ୍ତୁ। ଚୀନରେ ତୁରନ୍ତ ରାଜନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ ହୋଇଛି ସେ ବିଶେଷ ଭାବରେ କହିଛନ୍ତି।

## ଭାରତ

ସମ୍ବିଧାନ ସଭା କେନ୍ଦ୍ର ଓ ପ୍ରଦେଶର ଅଧିକାର ସମ୍ବନ୍ଧୀୟ କମିଟିର ସୁପାରିଶ ଉପରେ ବିଚାର କରୁଛନ୍ତି। ବୈଦେଶିକ, ରାଜନୈତିକ ଯୋଗାଯୋଗ ବାଣିଜ୍ୟ, ମିଳିତ ଜାତି ପ୍ରତିଷ୍ଠାନ, ଆଣବିକ ଶକ୍ତି ନିୟନ୍ତ୍ରଣ ପ୍ରଭୃତି ବହୁ ବିଷୟରେ କେନ୍ଦ୍ରକୁ କ୍ଷମତା ଦିଆ ଯାଇଛି। ଅନ୍ୟାନ୍ୟ ବ୍ୟକ୍ତ ସୂଚିତ। ଅବଶିଷ୍ଟ ବା ରେସିଡୁଆରି କ୍ଷମତା କେନ୍ଦ୍ରରେ ରହିବ ବୋଲି ଠିକ୍ ହୋଇଛି।

ଗାନ୍ଧିଜୀଙ୍କୁ କଲିକତା କର୍ପୋରେସନ ତରଫରୁ ଅଭିନନ୍ଦନ ଦିଆଯାଇଥିଲା। ଜିନ୍ନା କରାଚି କର୍ପୋରେସନ ଅଭିନନ୍ଦନ ନେଇଥିଲେ। ଉତ୍ତରରେ ଜିନ୍ନା କହିଛନ୍ତି ଯେ ପାକିସ୍ଥାନର ଲକ୍ଷ୍ୟ—ମୁକ୍ତି—ମୈତ୍ରୀ—ଓ ସାମ୍ୟ।

ପୂର୍ବ ଓ ପଶ୍ଚିମ ପଞ୍ଜାବରେ ସାମ୍ପ୍ରଦାୟିକ ଗୋଳ ଚାଲିଛି। ଉଭୟ ପାକିସ୍ଥାନ ଓ ଭାରତର ସରକାର ମିଳି ଶାନ୍ତି ସ୍ଥାପନରେ ବ୍ୟବସ୍ଥା କରୁଛନ୍ତି। ଲାହୋର ଓ ଅମୃତସର ଅଞ୍ଚଳ ପଡ଼ି ଥିଲେହେଁ ଅନ୍ୟାନ୍ୟ ଗୋଳ ଅଛି, ଏହି ସମୟରେ ଜିନ୍ନା ଏକ ବକ୍ତୃତାରେ କେବଳ ପୂର୍ବ ପଞ୍ଜାବର ଗୋଳମାଳକୁ ଲକ୍ଷ୍ୟ କରି କହିଛନ୍ତି ଯେ ମୁସଲମାନ ମାନେ ଶାନ୍ତ ରହନ୍ତୁ କିନ୍ତୁ ସେହି ଭାଷଣରେ ସେ ଅପ୍ରତ୍ୟକ୍ଷ ଧମକ ଦେଇ କହିଛନ୍ତି—ସେ ସବୁ ସହ୍ୟ କରୁଛନ୍ତି ଏବଂ ଚୁପ ହୋଇ ବସି ନାହାନ୍ତି। ପାକିସ୍ଥାନ ଅନ୍ତର୍ଗତ ଅଞ୍ଚଳ

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# ଡାଟରେ ଡାଟରେ ତାନା ନାନା

ପାଞ୍ଚ ବର୍ଷରେ ବଳିଷ୍ଠ ଓଡ଼ିଶା—ଇତି ମହତାବ···କିନ୍ତୁ ଇଲେକ୍ସନ୍ ପଞ୍ଚ ବର୍ଷୀୟ ।

× × ×

ଓଡ଼ିଶାରେ ଡଙ୍ଗାପୃଷ୍ଠ ଚକହେବ—କାହିଁକି···ଏମନ ପାଞ୍ଚ ଥାଇ ଯାହା
କାଟିଲ ପ୍ରାପତ ନୋହେ ତାହା—

× × ×

ମୋର ଅଙ୍ଗଛାନ କିଛି ନାହିଁ—ମନ୍ତ୍ରୀ ମାନେ ମୋର ଅଙ୍ଗ କାନ ।—ଇତି କାଟଜୁ

···ମନ୍ତ୍ରୀମାନଙ୍କର କିନ୍ତୁ—ଅଙ୍ଗ ନାହିଁ—କାନ ନାହିଁ ଯା ଦେହରେ ବାଜିବ ଦୋଷନାହିଁ ।

+ + +

'ଏପଟ ଓ ସେପଟ' ଇତି ସମାଜ ସମ୍ପାଦକୀୟ···ସେ କେଉଁପଟରେ କୁହନ୍ତୁ—ଖାଲି ଛଟପଟ।

"ମୋତେ ଏପଟ ସେପଟ କର ନାହିଁ ହରି" ବୋଲି ରଥେ ପ୍ରାର୍ଥନା କରନ୍ତୁ ।

+ × +

'ଚେଷ୍ଟାର ମ୍ୟାନଙ୍କ ଆଖିରେ ଧୂଳି' ଇତି ପୂର୍ଣ୍ଣକିଲ 'ଶକ୍ତି'ର ସଂବାଦ ।

ଚଷମା ଥିବା ସତ୍ତ୍ୱେ ? ତେବେ ଆଖିରେ ସବୁଦିନ ପାଇଁ ପଟି ଚଢେଇ ଦିଅ । ଆଉ ଧୂଳି ପଡିବ ନାହିଁ ।

× × ×

'ତୋଷ ବୃ'—ଇତି ବିଜ୍ଞାପନ

ଜୋର ବଢାଇବ—ଅସନ୍ତୋଷ ଛଡ଼ାଇବ—ଘୁସ୍—ଭଡ଼ାଇବ ।

+ + +

"ଶିକ୍ଷିତ ଯୁବକମାନଙ୍କ ପ୍ରତି—"

···ଯୁବକ କୁହନ୍ତି, ଶ୍ରୀଯୁକ୍ତ ମହତାବଙ୍କ ଉକ୍ତି । × × ×

"ଉର୍ଦ୍ଧାତ୍ ଶାସ୍ତ୍ରାତ୍ ଯୁଚନାତ—"
କୌଣସି କୁଟତାର୍କିକଙ୍କ ଉକ୍ତି ନୁହେଁ—ଶ୍ରୀ ମହତାବଙ୍କ ଅଭିବ୍ୟକ୍ତି ।

···କିନ୍ତୁ ମୈ ସ୍ତ କହୁଛି—ତର୍କୋଃ ଦୃତିଷ୍ଠ ସ୍ତୃତୟୋ ବିଭିନ୍ନାଃ ।

× × ×

"ମୋର ଅଣ, ସମସ୍ତେ ଏହାକୁ ଗ୍ରହଣ କରନ୍ତୁ ।" ଇତି ବିଜ୍ଞାପନେ ଶ୍ରୀ ମହତାବ

···ମଧ୍ୟ "ମୋର ଭାଷା ସମସ୍ତେ ବରଣ କରନ୍ତୁ ।"

× + ×

"ବିଦ୍ରୋହର ନିଆଁ ଜଳି ଉଠିଲା ।" ଇତି ଫାଷ୍ଟାର ବଚ୍ରେଡ

···କ୍ଷମା କରନ୍ତୁ—ଭୁଲ ହେଲା—ହେବାର କଥା—ଇତି 'ମୁକ୍ତିଯୁଦ୍ଧ ।'

+ + +

ମାଳିଚିରି ରାଜ୍ୟ ଓଡ଼ିଶାର ଜମି ଦାବୀ ମାଗି—ଇତି ମୁକ୍ତିଯୁଦ୍ଧେ—

···ମାଗି କାହା ବୁଆର ମାଲ ? ଉତ୍ତରାଧିକାରୀ କିଏ ? ପିଣ୍ଡ କାହା ନାମରେ ପଡ଼ିବ ?

+ + +

"ହିନ୍ଦୁ ମୁସଲମାନ ଏକ ହେଲେ" ଇତି କୃଷକ···

ମ.ଦେ ! ଦୁଇ ହେବାକୁ କେତେ ବେଳେ ଛାଡ଼ିବେ ?

+ + +

ମାର୍କ୍ସଙ୍କ ପ୍ରମାଦ—ଇତି ସୁରେନ୍ଦ୍ର ଦ୍ୱିବେଦୀ

···ଅମେ କହୁଚୁଁ—ମନ୍ତ୍ରୀଙ୍କ ପ୍ରମାଦ ଜିନ୍ଦାବାଦ୍, ଚନ୍ଦୁଲାଲ ତ୍ରିବେଦୀ ଜିନ୍ଦାବାଦ । ଯମକାତୁରୀ ଦୋଷ ତୁଟିଯିବ—ମାର୍କ ଧାରି ହୋଇଯିବ ।

+ × ×

ସୋସାଲିଷ୍ଟ ପାର୍ଟିର କର୍ତ୍ତବ୍ୟ—ଇତି ଜୟପ୍ରକାଶ···
ନ ଯଯୌ ନ ତସ୍ଥୌ ।

× × ×

ଓଡ଼ିଶା ଗଡ଼ଜାତର ହାଲ୍—ଇତି କୃଷକ ଶୀର୍ଷ ଲେଖା
···ବେହାଲ୍ ।

× × ×

ସମ୍ବାଦ ଦର୍ପଣରେ ଦୁନିଆ—'ମାତୃଭୂମି' ଶୀର୍ଷକ···

ମୁଖଡ଼ା କ୍ୟା ଦେଖୋ ଦରପନ୍ ମେ ।
ତୁମ୍ ଭି ଜାଏଗା ହମ ଭି ଜାଏଗା
ଜାଏଗା ମଲମଲ ଖାସା—
ଇସ୍ ଦୁନିଆଭୀ ସ୍ଥଳର ଜାଏଗା
ଜଙ୍ଗଲ୍ ହୋଗା ବାସା ।
ମୁଟକ ।

× × ×

ଓଡ଼ିଶା ସରକାରଙ୍କ ମୋହ ନିଦ୍ରା-ଭଙ୍ଗ—ଇତି 'ମାତୃଭୂମିରେ' ପଣ୍ଡିତ କୃଷ୍ଣଚନ୍ଦ୍ର ଉବାଚ ।

·· ମୋହ ନିଦ୍ରା ଭାଙ୍ଗିଲେ ମଧୁ-କୈଟଭ ବଧକୁ ସମର୍ଥ କେହି ନ ଥିବାରୁ ନିଦ ଭଙ୍ଗ ନାହିଁ ।

+ × +

ମୋଟା ବୁଦ୍ଧିଆର ସୂକ୍ଷ୍ମ ବିଚାର—ଇତି ମାତୃଭୂମି—

···ଶିରୋନାସ୍ତି—ଶିରଃ ପୀଡ଼ା ×

---

( ପୂର୍ବ ପୃଷ୍ଠା ଉତ୍ତରୁ )

ଦେଶରେ ପାକିସ୍ଥାନ ପତାକା ଉତ୍ତୋଳନ ସେଠି ପଠାଣ (ଖଦ୍ଦର) ଓ ମୁସଲମାନମାନଙ୍କ ମଧ୍ୟରେ ମାରପିଟ ହୋଇଛି । ମୁସଲମାନ ଉଭୟ ସମ୍ପ୍ରଦାୟର ନେତେ ବଳଦ୍ଧନ୍ ପକାଇ ଆସୁଛନ୍ତି ।

ନିଜାମ ( ହାଇଦରାବାଦ ) ନିଜକୁ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କଲେ । ପ୍ରଜାମଣ୍ଡଳ ପକ୍ଷରୁ ଆନ୍ଦୋଳନ ସେଠି ଚାଲିଛି । ନିଜାମର ସୈନ୍ୟମାନେ ମଧ୍ୟ ପ୍ରଦେଶରେ ଧର ପକଡ଼ କରୁଛନ୍ତି । ବୋମ୍ବେ ପ୍ରଦେଶରୁ ଜୁନା ଗଡ଼ ରାଜ୍ୟ ହିନ୍ଦୁ ପ୍ରଧାନ । କିନ୍ତୁ ସେଠାରେ ନବାବ ପାକିସ୍ଥାନରେ ଯୋଗ ଦେବାପାଇଁ ଘୋଷଣା କରିବାରୁ ସେଠା ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ଜାତ ହୋଇଛି ।

ଓଡ଼ିଶାରେ ତାଳଚେର, ନୟାଗଡ଼, କଳାହାଣ୍ଡି ଓ ମୟୂରଭଞ୍ଜରେ ଗୋଳମାଳ ଲାଗିଛି । ମୟୂରଭଞ୍ଜ ରାଜା ଯେଉଁ ଘୋଷଣା କରିଛନ୍ତି ତାହା ପ୍ରଜାମଣ୍ଡଳର ଦାବି ପୂରଣ କରିନାହିଁ । ମୟୂରଭଞ୍ଜର ସତ୍ୟାଗ୍ରହ ସମ୍ପର୍କରେ ଲୋକମତ ଯଥେଷ୍ଟ ପ୍ରଚାର କରାଯାଏ ।

ସୀମାନ୍ତର କଂଗ୍ରେସ ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରି ପାକିସ୍ଥାନ ବଡ଼ଲାଟଙ୍କ ଆଦେଶକ୍ରମେ ନୂଆ ମନ୍ତ୍ରୀମଣ୍ଡଳ ଗଠିତ ହୋଇଛି ।

—*—

Digitized by srujanika@gmail.com




# କବି-ଲୁଣ୍ଠନେ

ଲେଖକ— ଫତୁରାନନ୍ଦ

(ପୂର୍ବାନୁବୃତ୍ତି)

[ କଥା — ଜଣେ ତାଙ୍କର ଅଭିନ୍ନ ବନ୍ଧୁଙ୍କ ଅଗ୍ନି ଅନୁରୋଧ ଉପରେ ବାଉଁଶ ବଣାଘେରା ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ରୂପଗୁଣରେ କବିତା ଲେଖିବାକୁ । ଅଭିନ୍ନ ବେତାଳମାନଙ୍କୁ ପେଶି ଜୀବିତ ଓ ମୃତ କବିମାନଙ୍କ ଠାରୁ ଯେଉଁ କବିତା ସଂଗ୍ରହ କରିଥିଲେ ତାହା କେତେକ ପ୍ରକାଶ ପାଇଛି ଓ କ୍ରମାନ୍ୱୟରେ ପାଉଛି । ତନ୍ମଧ୍ୟରୁ କେତୋଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ନଅଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ।

**୮ ଦନାଇ ଦାସ** (ଚୋପଭଙ୍ଗା କବି)

ପ୍ରେମ ଅନନ୍ତରେ ଶୁଣ କଥା ଏ ।
ପାର୍ବତୀ ଆଗେ ପଶୁପତି କହେ ॥
ଏକଦିନେ ଏକ ଗ୍ରାମ ଯୁବତୀ ।
ପ୍ରଭାତୁ ଉଠି ହୋଏ ମନ୍ଥରଗତି ॥
ଦେଖିଲା ରଜନୀ ପାହି ଅଇଲା ।
ପୂର୍ବ ଦିଗରେ ଉଦୟ ବେଳ ॥
ତାହା ଜାଣିଲା ନବୀନ ନାଗରୀ ।
ବିଳମ୍ବ ନୋହିଲା ତେବେ ଅଳପ ॥
ବେଗି ବଢ଼ାଇ ଅଙ୍ଗୁଳି ଯେ ଗୋଟି ।
ଥିଲେ ପୋଖରୀ ତଟକୁ ଚାଲିଲା ॥
ବେଶ ହୋଇଲା ଦେଖି ଦର୍ପଣ ।
ଚୋରି ସବୁ ନୋହେ ସୁନ୍ଦର ପଣ ॥
ଜୁଡ଼ା ବାନ୍ଧିଲା ଫୁଲ କାଟି ନାଇ ।
ଚୌପାଶେ ଝିଞ୍ଜିରି ବେଢ଼ାଇଲା ତହିଁ ॥
ନୟନେ ରଞ୍ଜିଲା ନେଇ ଅଞ୍ଜନ ।
ବେନି ହସ୍ତେ ଚୁଡ଼ି ବାହୁ ସୁବର୍ଣ୍ଣ ॥
ଗଳେ ଲମ୍ବିଲା ମୁକୁତା ମାଳ ।
ହୃଦକ ଲେଗି କଣ୍ଠି ଜଡ଼ିତ ହାର ॥
ନାସାରେ ବସାଣି ଦେଇ ଧୀରେ ।
ଫୁଲଗୁଣ୍ଠା ପଡ଼ି ନୋଥ ଦେଇଥିରେ ॥
ଶ୍ରବଣ ତାଡ଼ ବାଉଳି କରି ଭୂଷଣ ।
ଫୁଲ ମେଣ୍ଟା ଦେଲା ମସ୍ତକେ ପୁଣି ॥
ଚରଣେ ପାହୁଡ଼ ନେପୁର ଦେଇ ।
କାଖିଲା ଅଳ୍ପ ବସ୍ତ୍ରଟିକେ ନେଇ ॥
ଅମଳାନ ବସ୍ତ୍ର ହସ୍ତରେ ଧରି ।
କାଖେ କଳସ ପୁଣି ସୁବର୍ଣ୍ଣ ଝରି ॥
ଚାଲିଲା ବଂଶବନ ସରସୀ ସୀମା ।
ବାମା ସେ ଦିଶଇ କେଡ଼େ ଉପମା ॥
ସରସୀ ନୀରେ ଫୁଟେ ପଦ୍ମକଳି ।
ଦେଖି ଲୋଭ ଏ ନୟନ ମନୋହର ॥
ବେଶ ଭୂଷଣ ଉଲ୍ଲଙ୍ଗି ଚଳିଲା ।
ତୋଳିବା ଲାଗି ପଶିଲା ସେ ଜଳ ॥
ଏକାଳ ଶୋଭାକୁ କେ ପାରେ ଭଲା ।
ସଅଁପି କହୁଛନ୍ତି ଶୂନ୍ଧ ଧରି ॥
ଏଣୀ ନୟନା ଯୁବତୀ ଏଣେ ତେଣେ ।
କେହି ରହିଛି ଅବା ବେଣୁ ବଣେ ॥
କମଳକରେ ତୋଳିଣ କମଳ ।
ବାଳା ଯୌବନ ହୁଏ ଢଳ ଢଳ ॥
ଦେଖି ନୋହିଲା କେଉଁଣି ଯୁବକ ।
ବାଳା ଫେରିଲା ବହୁ ମନେ ଦୁଃଖ ॥
ଯୁବା ବିନା ବୃଥା ନାରୀ ଜୀବନ ।
ହୋଏ ଷୋଡ଼ଶୀ ମନ ଛନଛନ ॥
ବାଳା ବସନ ଭୂଷଣ ପିନ୍ଧିଲା ।
ପାଣି ଭରି ଧରି ସେ ବାହାରିଲା ॥
ଏମନ୍ତ ବେଳେ କେହି ପାଶେ ନାହିଁ ।
ନାଗର କେଡ଼େ ଚୋରତାରେ ରହି ॥
ବାଳା ଭାବୁଛି କେତେ ମନେ ମନେ ।
ଯେବେ ଆସନ୍ତା ନାଗର ମୋ ସନେ ॥
ଅନୁ ଗୁହାରିକି ତଳ୍ପ କରି ।
ଘଞ୍ଚାଳି ବେଣୁବନେ ନେଇ ଧରି ॥
ଯୁବା ବୟସ ସମୟ ତାହାର ।
ନାନା ରଙ୍ଗରେ ଖେଳ ରସ କରି ॥
ତହୁଁ ତୁଷ୍ଟ ହୁଅନ୍ତା ଉଷତ ତା ମନ ।
ଧନ୍ୟ ତେବେ ନା ଏ ଯୁବା ଜୀବନ ॥
ଭାଳି ଭାଳି ଯାଉଅଛି ସେ ନାରୀ ।
ବେଣୁ ବନ ବାଏ ହସି ସୁଯାଚି ॥
ପାର୍ବତୀ ଶୁଣନ୍ତୁ କହେ ଈଶ୍ୱର ।
ଦାସ ଦନାଇ ଯେତେବେ ନିରନ୍ତର ॥

— ❀ —

**୯ ଗୋପାଳ କୃଷ୍ଣ**

ରାଗ ଶଙ୍କରା ଭରଣ — ରୂପକ ତାଳ

ବଂଶ ବନର ପଥର
ସେ ସୁନ୍ଦରୀ ବୁଲୁଛି
କଦମ୍ବ ତୋଳିଲା ପରି
ଦିଶଇଛି ସେ କିଶୋରୀ
ଦେଖିଦେଲେ ତା ମାଧୁରୀ,
ଯେଜନବାକୁ ବୋଲ କର
ଯୁବକର ମନ ବଳୁଛି ।
ଅଙ୍ଗେ ନାନା ଅଳଙ୍କାର
ସଦା ଲାଗିରେଥିବାର
ଉଛତାର କୁଚ ଭାର
କୋଟି ଦ୍ୱାର ମନୋହର
ରୂପବୋଲି ଜଣା ପାଉଛି ।
ଥାଇ ସ୍ୱଚ୍ଛେ ଦେଖିବାର
ପ୍ରସଙ୍ଗ ଶୁଣିଲେ ସାର
ନୟନୁ ବହୁଛି ନୀର
ଅଥିର ହୋଇ ଶରୀର
ପୁଲକରେ ପୂରି ଯାଉଛି ।
କଳସୀ ରହିଛି କୁଟିଳ
ପଛେ ଲୁହି ବେଳେ ବେଳେ
ପଦ୍ମ ଫୁଟିଅଛି ଜଳେ
ଛନ ଛନ ହୋଇ ତୋଳେ
ଧାଇଁରଙ୍ଗ ବେକ ମୋଡ଼ୁଛି ।
ଅଟେ ଏମନ୍ତ ମତିକି
କାପରି ମୁଁ ପାଅନ୍ତକି
ଅଙ୍ଗିବାରୁ ସେ ଏତିକି
ଦିଶୁଛି ମୋ ନେତ୍ରଗୀତି
ଗୋପାଳ କୃଷ୍ଣ ତ ଗାଉଛି ।

— * —

[ ଆସନ୍ତା ସଂଖ୍ୟାରେ କବି ଲୁଣ୍ଠନର ମୁଣ୍ଡି ମରିବ । ସ୍ୱର୍ଗତ କବି ମଧ୍ୟରୁ ଦେବ ଦୁର୍ଲଭ ଦାସ ଓ ଜୀବିତ କବି-ମାନଙ୍କ ମଧ୍ୟରୁ କଟକର ଖ୍ୟାତ ଜନ ସାହିତ୍ୟ ଲେଖକ, 'ବାବାଜିଙ୍କ ଅଲିଅ' 'ନଈ ବଢ଼ି' 'ଉଡ଼ା ଯାହାଜ' ଆଦି ବହୁ ସାମୟିକ ଘଟଣାର ଲେଖନକାଟ କବି ହମିଦଙ୍କ ଅନ୍ଥା ପ୍ରେରିତ ଲେଖା ପ୍ରକାଶ କରି ଆମ୍ଭେମାନେ ଆପଣାକୁ କୃତାର୍ଥ ମନେ କରିବୁ । ଇତି ସମ୍ପାଦକ ]

# ପୂର୍ଣ୍ଣିମା ଓ ପର୍ବର ସମାଧାନ କେଉଁଠି

ଶ୍ରୀ ସଦାଶିବ ନନ୍ଦ ଶର୍ମା ( ଗାର୍ଲୁସ )

[ ଝଙ୍କାର ଦଶମବର୍ଷ ୨୦ । ୨୧ ସଂଖ୍ୟା ଲିଖିତ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମା ଉପରେ କେତେ ପଦ କଥା । ]

ଭାରତର ପର୍ବ ବା ପୂର୍ଣ୍ଣିମା ଯେଉଁ ଗୁଡ଼ିକ ଆମ ଦେଶ ଇତିହାସର ଶିର ସ୍ମୃତି ସେ ଗୁଡ଼ିକୁ ଭଲ ଭାବରେ ଟିକିଏ ନିରିଖ କରି ସୂକ୍ଷ୍ମ ଦୃଷ୍ଟି ଦେଇ ଦେଖିଲେ ଦେଖାଯିବ, ଏ ସମସ୍ତ ପର୍ବ ଆମ ପଞ୍ଜିକା ଅନୁସାର ପର ଘଟଣା । ତେଣୁ କେଶରୀ ଯୁଗ ଓ ଗଜପତି ଯୁଗର ସ୍ମୃତି ।

'ପୁନର୍ଯ୍ୟ' ଆମର ବର୍ଷଆରମ୍ଭ ଦିନ । ଏ ଦିନଟିରେ 'ଦଶାଶ୍ୱମେଧ ଯଜ୍ଞ'ର ଶୁଭ ଦିଆ ଯାଇଥିଲା । ନୂଆ ହୋଇ ସେହି ଦିନରୁ ସାଲ ଏ ପର୍ଯ୍ୟନ୍ତ ଚଳୁଛି । ଅଙ୍କରୁ ଠିକ୍ ୧୩୫୪ ବର୍ଷ ହେଲା ଆମର ଜାତୀୟ ଗଣନାରେ ଆଜ ଦିନ ଅଧିକ ରାଜ୍ୟ ରାଜ୍ୟ ବୁଲାଇ ଦଶାଶ୍ୱ ପୁରାଣ ଯୁଗ ଯୁଦ୍ଧରେ ଜୟଚାରି ଦଶାଶ୍ୱମେଧ ଯଜ୍ଞ କରି ଆମର କେଶରୀ ରାଜାଙ୍କ ଲଳାଟରେ ମଣି ଜୟଧ୍ୱଜର ରୂପିତ କରିଥିଲେ । ସେହି ଯୁଗର ଇତିହାସ ଭିତରେ ଆମର ବର୍ଷର ପର୍ବ ( ସ୍ମୃତି ଆକାରରେ ) ଧର୍ମଭାବରେ ଯୁଗଯୁଗ ଧରି ପାଳିବାକୁ ଦିଆ ଯାଇଛି । ଆମେ ପାଳି ଆସୁଛୁ ।

ଯଯାତି କେଶରୀଙ୍କ ଲୁପ୍ତ ଇତିହାସ ସହିତ ଦୋଳ ପୂର୍ଣ୍ଣିମା ଓ ଚତୁର୍ଦ୍ଦଶୀର ବହୁ ସମ୍ପର୍କ ଅଛି । ତା' ଛଡ଼ା ବିଶ୍ୱାସ ମୂଳରେ କୋଇଲି ଯାତ୍ରୀଙ୍କ ମଧ୍ୟ । ସମୁଦାୟ ପୂର୍ବାପର ସମ୍ପର୍କ ଦେଇ ଲେଖିବାକୁ ସମୟ ଅଭାବ ସ୍ଥାନ ଅଭାବ ତେଣୁ ସଂକ୍ଷିପ୍ତ ଦେଉଛି । ସମୟ ସୁଯୋଗରେ ସମସ୍ତ ଲେଖି ଜଣାଇବି ।

୧—ଚାନ୍ଦହୁଣ୍ଡା ଯାତ୍ରୀ ରାଜର୍ଷି ଯଯାତି ଏକାମ୍ର ପୀଠରେ ଫାଲ୍‌ଗୁନ ଚତୁର୍ଦ୍ଦଶୀ [ କୃଷ୍ଣପକ୍ଷ ] ଦିନରେ ବେମାର ହେବା ଖବର ପାଇ, ଯଯାତିଙ୍କ ପୁତ୍ର ଅନନ୍ତ କେଶରୀ ଓ ବାସୁଦେବ କେଶରୀ ଦୁହେଁ ପିତାଙ୍କ ଅବସ୍ଥା ଦେଖିବାକୁ ଯାଇଥିବା ଓ ଭୀଷଣ ରୋଗରେ ପିତାଙ୍କୁ ଶଯ୍ୟାଶାୟୀ ଦେଖି ରାଜ୍ୟରେ ପ୍ରଚାର କରାଇଥିବା ଫଳରେ ପ୍ରତ୍ୟେକ ପ୍ରଜା ଜାଗର ରାତି ବସି ଶୁଭ କାମନା କରିଥିଲେ କିନ୍ତୁ ମହାପାପ ଫଳ ଦିନ ପରେ ନିଭିଥିଲା । ଏ ଭ୍ରମଣ ପର୍ବ ଓ ମହର ଗୀତରୁ ବୁଝି ପାରିବେ ।

୨—ରୋଗଗ୍ରସ୍ତ ରାଜର୍ଷି ଓ ରାଣୀଙ୍କୁ ଦୋଳରେ ଚତୁର୍ଦ୍ଦଶୀ କ'ଣ ଦଶମୀ ଦିନରୁ ଝୁଲାଇ ରୋଗ ଉପଶମ ପାଇଁ ବହୁ ଯତ୍ନ କରା ଯାଇଥିଲା କିନ୍ତୁ ଫଳ କିଛି ହୋଇ ନଥିଲା । ରାଜା ପେଣ୍ଡୁମୁଣ୍ଡିଆ ବାତ ରୋଗ ଭୋଗ କରୁଥିବା କଥା ଏ ସ୍ମୃତିରୁ ଜଣାପଡ଼େ । ଏହି ପେଣ୍ଡୁମୁଣ୍ଡିଆ ରୋଗ ପାଇଁ 'କୋଚିଲା' କାଠ ମୁଣ୍ଡା ଜାଳି ତା'ର ଧୂପ ଦେବାର ବ୍ୟବସ୍ଥା ହୋଇଥିଲା । ଏହା ସହିତ ମେଣ୍ଢା ଶାଳ ମେଣ୍ଢା ଲଣ୍ଡି ପୋଡ଼ି ଧୂମ ଦେବାଦ୍ୱାରା ବାତ ଭଲ ହେବ ବୋଲି ବୈଦ୍ୟ କବିରାଜ କହନ୍ତି । ବୋଧହୁଏ ରାଜାଙ୍କ ରୋଗ ଭଲ ପାଇଁ ଏ ଦୋଳ ପାଖରେ ଯେ ଧୂପ ବ୍ୟବସ୍ଥା କରା ଯାଇଥିଲା, ସେ ଦେଉଛି ମେଣ୍ଢା ଲୁଡ଼ିଆ ବା ମେଣ୍ଢାଘର ପୋଡ଼ା ଯାଉ ହେଉନ୍ତୁ । ଏ ବାତ୍ସ୍ୟାୟନଙ୍କ 'ରାଜାଗ୍ନି' ରାଜଙ୍କ ପାଇଁ ଏ ଅଗ୍ନି ବ୍ୟବସ୍ଥା । ଫାଲ୍‌ଗୁନ ଚତୁର୍ଦ୍ଦଶୀ ଦିନ ଯେ ଅଗ୍ନି ଲଗାଯାଏ, ସେ ଅଗ୍ନିହୋତ୍ରରେ ପୂର୍ଣ୍ଣିମା ନୁହେଁ, ଏ ହେଉଛି ମେଣ୍ଢାମୁଣ୍ଡିଆ ବା ଲୁଡ଼ିଆ ପୋଡ଼ା ଦୋଳ ଉତ୍ସବ ।

୩—ତା'ପର ଦିନ ସଙ୍କ୍ରାନ୍ତି ନବବର୍ଷର ପ୍ରଥମ ଦିନ ବା ନବପଞ୍ଜିକା ଚଳିବାର ଦିନ ନ ହୋଇଥିଲେ ହେଁ ବା ଦୋଳ ପାଖରେ ପଞ୍ଜି ଖୋଲା ହୁଏ । ( ଭୁବନେଶ୍ୱର ମନ୍ଦିର ସାଥି ସହିତ ସମ୍ପର୍କ । ଏକାମ୍ର ଦୋଳରେ ଯଯାତି ଆମ୍ବା ପ୍ରଭୁ ଲିଙ୍ଗରାଜ ଓ ପାର୍ବତୀ—ସାମାନ୍ୟ ଦୋଳରେ 'ଅନନ୍ତ ବାସୁଦେବ' ବସିଥାନ୍ତି ) ପାଞ୍ଜି ଖୋଲା ହୁଏ । ଏହି ପାଞ୍ଜିରେ ଶୁଭାଶୁଭ ବର୍ତ୍ତମାନ କୁହାଯାଉଛି ; ସେତେବେଳେ କେବଳ ଯଯାତିଙ୍କ ଦଶା କଷ୍ଟ ହୋଇଥିଲା ବୋଧହୁଏ । ସେହି ଦଶା କଷ୍ଟରୁ ବୁଝା ଯାଉଛି, ଯଯାତିଙ୍କ ଆୟୁ ୧୨୦ ବର୍ଷ ଏବଂ ବର୍ତ୍ତମାନ କେରଳ ମତରେ ୧୨୦ ବର୍ଷ ହିସାବରେ ଓ ରାଜ ଅନୁଗତ ଧର୍ମ ବା ରାଜ ସାଥି ଧର୍ମ ଭାବରେ ଆମର ଜାତକ ଲେଖା ହୁଏ । [ ଯଯାତିଙ୍କ ଜନ୍ମ ୪୭୫ ଖ୍ରୀଷ୍ଟାବ୍ଦ ୫୫୨ ରେ ଶାସନ ଭାର ନେଲେ ଓ ୫୨୨ ରେ ଦଶାଶ୍ୱମେଧ ଯଜ୍ଞ ପ୍ରତିଷ୍ଠା ଅତଏବ ଏ ହେଲା ୧୧୨ ବର୍ଷ । ଅତଏବ ବାନପ୍ରସ୍ଥ ଜନବର୍ଷ ହୋଇଥିଲେ—ଏପରି ୧୨୦ ବର୍ଷ—ଏକେକ ଦଶରୁ କେରଳ ମତରେ ବାହାର ୧୨ ବର୍ଷ ହେବା କଥାରୁ ଜଣାପଡ଼େ ଯଯାତିଙ୍କ ଜନ୍ମସ୍ଥାନ ବୋଧହୁଏ କେରଳ । ]

ଏହି ପାଞ୍ଜିପାଠରୁ ଜଣାଗଲା ଯଯାତିଙ୍କ ପରମାୟୁ ଅଛି ମାତ୍ର ୨୨ ଦିନ ( ବାଇଶଦିନ ) ସେହି ଦୋଳଠାରୁ ଆରମ୍ଭକରି ଗୁରୁଅଙ୍କେ 'ହରିପଣ୍ଡଲ ରାଜର୍ଷିଙ୍କ ପରମାୟୁ କ'। ଶୁଣି ରାଜାଙ୍କୁ କେଉଁ ଶରମ ନ ହେବ ବୋଲି ମୁଣ୍ଡରେ ଫଗୁ ଦିଆ ଯାଇଥିଲା । ସେହି ସ୍ମୃତିରେ ଆମର ଫଗୁଦେଲ ଅଛି । [ ଶ୍ରୀକୃଷ୍ଣଙ୍କ ହରିଖେଳ ସହିତ ଅନନ୍ତ କେଶରୀଙ୍କ ଇତିହାସ ସମ୍ପର୍କ ଅଛି । ] ଏ ହୋଲି, ବା ହୋଲିକ ନୁହେଁ । ଏ ହେଉଛି 'ହୁରୀ' ବାତ ମସ୍ତିଷ୍କର ପ୍ରଧାନ ଔଷଧ ; ଫଗୁ ବ୍ୟବହାର ସହିତ, ରାଜାଙ୍କ ଆୟୁର ଶେଷ ହେଲା ।

ତା'ପରଠାରୁ ଭୁବନେଶ୍ୱର ଯଯାତି, ଯେ ଦର୍ପଦଳନ କରି ଜୟଶ୍ରୀ ସେନା, ସେନାପତିଙ୍କ ସ୍ମୃତି ନେଇ ଯାଇଛନ୍ତି, ସେଥି ପାଇଁ ଏହି 'ଦୋଳ' ପର୍ବଠାରୁ ଗଢ଼ା ହେଲା ଦର୍ପ ଦଳନ ରଥ ଏବଂ ଏ ରଥ ଚଳିଲା ଚୈତ୍ର ଶୁକ୍ଳ ଅଷ୍ଟମୀ । ଏ ଅଷ୍ଟମୀର ନାମ ଅଶୋକାଷ୍ଟମୀ । ( ନ—ଶୋକ—ଅଶୋକ । ଅଛି ଶୋକ—ଅଶୋକ ) ଏହି ରୀତିରେ ଏହାର ନାମ ଅଶୋକାଷ୍ଟମୀ । ଯେଉଁଠି ଯଯାତିଙ୍କ ପ୍ରାଣବାୟୁ ଦେବତାଙ୍କ ରଥ ପାଇଲେ ନାହିଁ, ସେହି ସ୍ଥାନରେ ସ୍ମୃତି ଏ ପର୍ଯ୍ୟନ୍ତ ଅଛି । ତା'ର ନାମ "ଅସ୍ଥିର କଥରା" (ନ—ସ୍ଥିର ଅସ୍ଥିର ) ଯେଉଁଠି 'ଅମରତ୍ୱ' ତାଙ୍କ ଦାହ କରାଯାଇ ଥିଲା ଏବଂ ଶବବାହୀ ରଥ ଯେଉଁଠି ଲାଗିଥିଲା, ସେ ସ୍ଥାନ ହେଉଛି "ରାମେଶ୍ୱର" ।

ଏହି ସ୍ଥାନରୁ ରଥ ଆଉ ଫେରାଇ ନେଇ ବାହୁଡ଼ା ନ ଥିଲା ବୋଲି, ଏ ପର୍ଯ୍ୟନ୍ତ ଲୋକେ କହନ୍ତି "ରୁକୁଣା ରଥ ଅଣ ବାହୁଡ଼ା", ବୋଧହୁଏ ଆଗେ କହୁଥିଲେ "ରୁଗ୍ଣା ବା ରୁଗୁଣା ରଥ ଅଣ ବାହୁଡ଼ା" । ଏ ପର୍ଯ୍ୟନ୍ତ ରଥ ସେହିପରି ରହିଲେ 'ଦର୍ପଦଳନ' ନାମ ନେଇ । ଫେରି ଆସେ "ରୁକୁଣା ରଥ ଅଣ

( ଅବଶିଷ୍ଟାଂଶ ବାର ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଭାରତର ବିଚାର ଧାରା

—ସନ୍ଧାନୀ

ଅମେରିକା ଯୁକ୍ତ ରାଷ୍ଟ୍ର ଆଦର୍ଶରେ ଭାରତର ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । କଂଗ୍ରେସ ହୋଇଥିଲେ ଭାରତୀୟ ମହାଜାତିର ପ୍ରତିନିଧି ସଭା ଅର୍ଥାତ ଭାରତ ଜାତୀୟତାର ପ୍ରତୀକ । ଏହି ନୀତିରେ ଓ ଆଦର୍ଶ ନେଇ କଂଗ୍ରେସର ଜନ୍ମ ଓ ଏଯାବତ ମଧ୍ୟ କଂଗ୍ରେସ ନିଜକୁ ଏହି ରୂପରେ ପରିଚୟ ଦିଏ । ଏହି ହିସାବରେ ଧରାଯାଏ ଯେ ଭାରତୀୟ ମାତ୍ରେ କଂଗ୍ରେସର ଦାବିଦାର ।

ମାତ୍ର କଂଗ୍ରେସ ନୂଆକରି ଚାରିଅଣା ଦେଇ ଯେଉଁ-ଦିନୁ ମେମ୍ବର ବସାଇବା ଆରମ୍ଭ କଲା, ସେ ଦିନୁ ତାର ଏହି ବ୍ୟାପକ ପ୍ରତିନିଧିତ୍ୱ ଲୁପ୍ତ ହେଲା । କେବଳ ଗୁଡ଼ାଏ ଟଙ୍କା ଖରଚ କରି ଭାରତୀୟ ଜନତାକୁ ଆପଣାର ଦଳଭୁକ୍ତ କଲେ ନେଇ ଓ ଗୋଷ୍ଠୀଏ ସ୍ୱତନ୍ତ୍ର ଦଳ, ବା ଗୋଷ୍ଠୀରେ ପରିଣତ ହୋଇ ପଡ଼ିଲେ । କାର୍ଯ୍ୟତଃ ଦଳର ଏହି ସ୍ୱତନ୍ତ୍ର ଚରିତ୍ର (Coterie) ଲକ୍ଷ୍ୟ କରୁଥିଲେ ମଧ୍ୟ କଂଗ୍ରେସ ତାହା ଭଲ ଜାତି ହିସାବରେ ତାର ବ୍ୟାପକତା ପ୍ରକାଶ କରେ ।

କଂଗ୍ରେସର ପ୍ରଧାନ ଲକ୍ଷ୍ୟ ଭାରତର ସ୍ୱାଧୀନତା ହାସଲ କରିବା । ପ୍ରଥମେ ପ୍ରଥମେ ହାତ ଗୁହାରି କରି, ତାପରେ ଆଇନ ବା ନ୍ୟାୟର ଦୁହାଇ ଦେଇ କଂଗ୍ରେସ ଆପଣାର କର୍ତ୍ତବ୍ୟ ସାଧନ କରୁଥିଲା । ଗାନ୍ଧିଜୀ ତାର ନେତୃତ୍ୱ ନେଲେ ଜନତାରୁହିଁ ଦେବାକୁ ସେ ନିଜ ପଥ ଧରି କ୍ରମେ କ୍ରମେ ପ୍ରକୃତ ଜନ ପକ୍ଷରେ ଅବତୀର୍ଣ୍ଣ ହୋଇ ପଡ଼ିଲା ଓ ତାପରେ ପ୍ରାଧାନ୍ୟ ଲାଭରେ ଓ ଜୋର କରି ବ୍ରିଟିଶ ସରକାରକୁ କହି-ଦେଲେ—'ଚାଲିଯାଅ' ।

କଂଗ୍ରେସର ଏହି ଅଭିଯାନ ଦ୍ୱାରା ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ ବ୍ରିଟିଶ ଅଳ୍ପ ଦିନରେ ଭାରତରୁ ଚାଲିଗଲେ । ଏହା ଫଳରେ ସରକାର ଚଳାଇବାର ଦାୟିତ୍ୱ ଭାରତୀୟ ମୁକ୍ତ ଜନତା ଉପରେ ପଡ଼ିଲା; ଅର୍ଥାତ ତାର ପ୍ରତିନିଧି କଂଗ୍ରେସ ଉପରେ ପଡ଼ିଲା । ଏ ଅବସ୍ଥାର ସୂକ୍ଷ୍ମ ଭାବରେ ବିଚାର କରିବାକୁ ଗଲେ କେବଳ ପ୍ରତିନିଧି ଭାବରେ ବ୍ରିଟିଶର ପରବର୍ତ୍ତୀ ପ୍ରତିଭୂ ଆସନରେ ବସିଗଲା କଂଗ୍ରେସ । ଏ ହିସାବରେ ଧରିଲେ ଶାସନ ଓ ବ୍ୟବସ୍ଥାର ସର୍ବୋଚ୍ଚ ସଭା ହୋଇଯିବା ଉଚିତ—କଂଗ୍ରେସ । ଅର୍ଥାତ କଂଗ୍ରେସର ଯେଉଁ କାର୍ଯ୍ୟକାରୀ କମିଟି ତାହାରି ହାତରେ ରହିବା ସେଥିପାଇଁ ଉଚ୍ଚତମ ଶାସନ କ୍ଷମତା ଓ ରାଷ୍ଟ୍ରପତିଙ୍କର ହେବା ଉଚିତ ଉଚ୍ଚତମ ଶାସକ, କର୍ତ୍ତା ବା ନିୟନ୍ତା ଯେପରି ହୋଇଛି ଅମେରିକାରେ । ଅମେରିକାର କଂଗ୍ରେସ-ହିଁ ସ୍ୱାଧୀନତା ସଂଗ୍ରାମ କରିଥିଲା ଓ ସ୍ୱାଧୀନତା ଲାଭ କରିବା ମାତ୍ରେ ଲୋକ ପ୍ରତିନିଧି ଭାବରେ ହୋଇ ପଡ଼ିଲା ସମସ୍ତର ଶାସନ ଓ ବ୍ୟବସ୍ଥା ପରିଷଦ । ଆମ ଦେଶରେ ସେହିପରି ଯେଉଁ ପ୍ରତିନିଧି ମୂଳକ ସଭା ଭାରତୀୟ ପାର୍ଲିଆମେଣ୍ଟ ନାମ ଧରି ବସିଛି ତାହାର ନାମ ହେବା ଉଚିତ କଂଗ୍ରେସ । ସ୍ୱତନ୍ତ୍ରରେ ପ୍ରାଦେଶିକ ବ୍ୟବସ୍ଥା ପରିଷଦ ମାନଙ୍କରୁ ନିର୍ବାଚିତ ହୋଇ ସେମାନେ ଯାଉଛନ୍ତି, ଏହି ସେ ବ୍ୟବସ୍ଥା ସଭା ମୂଳତ ସବୁ କଂଗ୍ରେସ ପକ୍ଷୀୟ । ଅବଶ୍ୟ ଯେଉଁ ବେଧାନିକ ବୋଲି କଂଗ୍ରେସ ସଭା ସବୁ ନିଷ୍ପନ୍ନ କରୁଛନ୍ତି ତାହା କେବଳ ଅଭାବ ନବରେ ଓ ନେତା ନିରପେକ୍ଷତାର ପରୀକ୍ଷା କରିବା ନିମନ୍ତେ ।

ଏତେବଡ଼ା ବହୁଦଳ ଉଦ୍ଦେଶ୍ୟ ଏହିପରି କଂଗ୍ରେସ ଯେଉଁଠି ନିଜକୁ ସମଗ୍ର ଭାରତୀୟ ଜନତାର ପ୍ରତୀକ ବୋଲି ଘୋଷଣା କରେ ସେଠି ପ୍ରତିଷ୍ଠାନର କାର୍ଯ୍ୟତଃ ରକ୍ଷା-କରୁ । ସ୍ୱାଧୀନତା ଲାଭ ପରେ ଏହି କଂଗ୍ରେସର ଗୋଷ୍ଠୀଏ ସ୍ୱତନ୍ତ୍ର ଦଳ, ବା ଗୋଷ୍ଠୀ ହୋଇ ରହିବାର ପ୍ରୟୋଜନୀୟତା ନାହିଁ । ଯତ ପୂର୍ବରୁ ରାଜ୍ୟ ଚଳ-ଚାଳ ଦରକାର ମଣୁଥିଲେ, ସେହି କୌଶଳ ( Policy ) ବା ସୁବିଧା (expediency) ନିମନ୍ତେ । ଏବେ ତାକୁ ଅର୍ଥାତ ସ୍ୱାଧୀନ ହେଲା ପରେ କଂଗ୍ରେସ ଯତ ପର୍ଯ୍ୟାନ୍ତରିକ ଆପଣାର ପାଇଁ ବା ଗୋଷ୍ଠୀ ରଖିବାକୁ ଚିନ୍ତା କଲେ, ଲୋକେ ବୁଝିବେ ଯେ କଂଗ୍ରେସର ନିରପେକ୍ଷତା କ୍ଷମତା ହାତରୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଏଠାରେ କହିବାକୁ ପଡ଼ୁଛି ଯେ ଯତ ସେମାନଙ୍କର ବଳିଦାନ, ତ୍ୟାଗ ଓ ପ୍ରତିଭା ଦ୍ୱାରା ସେମାନେ ଦେଶର ସେବା କରିଥାନ୍ତି, ଦେଶର ପ୍ରୀତି ଓ ଶ୍ରଦ୍ଧା ଅନୁରକ୍ତି ଲାଭ କରି ଥାଆନ୍ତି, ତେବେ ତାଙ୍କର ଯେ ଅଧିକାର ଦେବେ ହେଲେ କ୍ଷୋଭ ପାଇବ ନାହିଁ । ତାଙ୍କ ଭରଣ ଅନୁଚ୍ଛେଦ ହେଲେ ହୋଇ ପାରେ । ମାତ୍ର ଗୋଷ୍ଠୀଏ ଜନତା କେବେହେଲେ ଅନୁଚିତ ହେବ ନାହିଁ । ଏଥିରେ ମଧ୍ୟ ସେମାନେ କଣ୍ଟକ କ୍ଷମତା ଯେଉଁ ଚରିତ୍ର ଓ ତ୍ୟାଗ ମତ ବା ଆଦର୍ଶ ମୁତାବକ ଦେଶର ସେବା ଓ କଲ୍ୟାଣ କରିପାରିବେ । ଅନେକ ସମୟରେ ଭଲ ଲୋକ ଓ ଭଲ ଚରିତ୍ରର ଶକ୍ତି ଏହା ଯାଉଛି ବା ଏହି ବ୍ୟକ୍ତିତ୍ୱର ନଥାଏ । ସେଥିପାଇଁ ଶାସନ ସମ୍ବନ୍ଧରେ କେବଳ ଏକ ଗୋଷ୍ଠୀର ଅନ୍ତର୍ଗତ ପଦସ୍ଥ ଓ ପରୀକ୍ଷିତ ବ୍ୟକ୍ତି ନିମନ୍ତେ ରାଷ୍ଟ୍ର ( reserve) ତ ରଖି ସଭାର ଅର୍ଜନ ଅଧିକ ଯୋଗାନ କରିଦେବା ଉଚିତ, ଯେପରି ସେଠି ନୂଆ ନୂଆ ପ୍ରତିଭାର ବିକାଶ ହେବ ପାଇବ ଓ ସବୁ ମତର ଲୋକେ ଗଠନ ଭାରତର ପରିଚାଳ ସୁବିଧା ସୁଯୋଗ ପାଇ ପାରିବେ । ତାହା ନ କଲେ କର୍ମୀ ମାନଙ୍କର ଗ୍ଲାନି ଦୁର୍ବଳ ମନୋବୃତ୍ତିର ପରିଚୟ ହେବ ଓ ତଦ୍ୱାରା କଂଗ୍ରେସର କାର୍ଯ୍ୟକାରିତା ଏବଂ ମର୍ଯ୍ୟାଦା କ୍ଷୁଣ୍ଣ ହୋଇଯିବାର ଆଶଙ୍କା ଯଥେଷ୍ଟ ଅଛି ।

ଅମେରିକା କଂଗ୍ରେସକୁ ଯିବା ପାଇଁ ଯେପରି ଡେମୋକ୍ରାଟ, ରିପବ୍ଲିକାନ, ସୋସିଆଲିଷ୍ଟ, ଲେବର ଫେଡରେସନ ପ୍ରଭୃତି ନାନା ଦଳ ଓ ଛୋଟ ଦଳ ଯତ୍ନ କରୁଥାଆନ୍ତି ଓ ନିଜ ମତ ଅନୁସାରେ ଶାସନ-ନୀତି ଚଳାଇବାକୁ ଚାହାନ୍ତି, ସେହିପରି ଭାରତୀୟ କଂଗ୍ରେସ ବା ଶାସନ ପରିଷଦକୁ ଯିବାପାଇଁ ନାନା ଦଳ ପ୍ରସ୍ତୁତ ହୋଇ ପାରନ୍ତେ—ଯଥା, ସାମ୍ୟବାଦ, କମ୍ୟୁନିଷ୍ଟ, ସୋସିଆଲିଷ୍ଟ, ଲେବର ଫେଡରେସନ, ହିନ୍ଦୁ ମହାସଭା, ଅହିଂସାବାଦ, ଗାନ୍ଧିବାଦ, ସତ୍ୟବାଦ ପ୍ରଭୃତି । ଏପରିକି ସ୍ୱତନ୍ତ୍ରବାଦ ମଧ୍ୟ ରହିବାରେ ବାଧା ନାହିଁ; କାରଣ ଦେଶ ସ୍ୱାଧୀନ ଅର୍ଥ ଲୋକଙ୍କର ମତ ବା ରୁଚି ଅନୁସାରେ ଶାସନ ନିୟନ୍ତ୍ରିତ ହେବାହିଁ ସ୍ୱାଧୀନତା । ଏହା ନ ହେଲେ କେବଳ ନାମ ବା ଡେମୋକ୍ରେସିର ଅପଳାପ ହେବ ଓ ସ୍ୱେଚ୍ଛାଚାରର ସମ୍ଭାବନା ଗଢ଼ିବାର ସମ୍ଭାବନା । କଂଗ୍ରେସ ଯଦି ତାହା ନ କରି ଗୋଷ୍ଠୀ ଗତ ଭାବର ପକ୍ଷପାତିତ୍ୱ ସ୍ଥାନରେ ନିଜର ଶାସନ ଭାର ଦେଇବାକୁ ଯିବ, ତେବେ ଯେତେ ଉଦାର ( benevolent ) ଶାସନ ଚଳାଇ ଦେଲେ ସ୍ୱାଧୀନ ଭଦ୍ର ସମାଜ କେବେ ଏ ସ୍ୱେଚ୍ଛାଚାର ସହ୍ୟ କରିବେ ନାହିଁ, ଓ ତାକୁ ଏହି କଂଗ୍ରେସର ଧନ୍ୟବାଦ ତାହାର ବରଦାସ୍ତ । ଜନତାର ପତନ ଓ ମହିମମୟ ନାମକୁ କଳଙ୍କିତ କରିବା ନିମନ୍ତେ କଂଗ୍ରେସ ପ୍ରସ୍ତୁତ ରହୁ. ଏହାତ ସ୍ୱପ୍ନ ଦେଖିବା କଥା !

ଯତ କଂଗ୍ରେସ ମନେ କରେ ଯେ ତାର ଲକ୍ଷ୍ୟ ଏ ପର୍ଯ୍ୟନ୍ତ ସିଦ୍ଧ ହୋଇ ନାହିଁ— ଗାନ୍ଧିଜୀଙ୍କର କଳ୍ପିତ ସ୍ୱରାଜ ତାର ଲକ୍ଷ୍ୟ; ତେବେ ତାର ପନ୍ଥା ବର୍ତ୍ତମାନ ପନ୍ଥାଠାରୁ ସ୍ୱତନ୍ତ୍ର ହେବା ଉଚିତ । ଏ ସମ୍ବନ୍ଧରେ ବାସ୍ତବରେ ଆଲୋଚନା ହେବ ।

—*—

## ବିଜ୍ଞପ୍ତି

ସାପ୍ତାହିକ ଉତ୍କଳକୁ ସଂବାଦପତ୍ର ମନେ କରି କେହି କେହି ମଫସଲରୁ ସଂବାଦ ପଠାଉଛନ୍ତି । ଉତ୍କଳ ସଂବାଦ-ପତ୍ର ନୁହେଁ—ଏହା ଆଦ୍ୟରୁ ପ୍ରକୃତ ସାପ୍ତାହିକ ସାହିତ୍ୟ ପତ୍ର । ପ୍ରଦେଶର ନାନାଦି ଆପତ୍ତି ଅଭିଯୋଗର ସଂବାଦ ପାଇଥିଲେ ଅଟୋମାଟିକ ଆମେ ନାହିଁ ଧାରୁଚିର ତାହା ଲେଖକ ଲେଖକଙ୍କୁ ଅଣାଯାଇ କିନ୍ତୁ ସଂବାଦ ଆକାରରେ ଦେଇ ପାରିବୁ ନାହିଁ ।

ଏକାଦଶ ବର୍ଷ ତୃତୀୟ ସଂଖ୍ୟାଠାରୁ ଉତ୍କଳ ସାପ୍ତାହିକ ଆକାରରେ ବାହାରୁଛି । ବହୁ ସାପ୍ତାହିକ ଉତ୍କଳ ଗ୍ରାହକ ସାପ୍ତାହିକ ଉତ୍କଳର ପ୍ରଥମ ସଂଖ୍ୟାଠାରୁ ମାଗୁଛନ୍ତି । ସାପ୍ତାହିକ ଉତ୍କଳର ପ୍ରଥମ ସଂଖ୍ୟା ନାହିଁ । ଯଦି ସେମାନେ ଗ୍ରାହକ ହେବେ ଏ ବର୍ଷାରମ୍ଭରୁ ପାକ୍ଷିକ ଉତ୍କଳର ପ୍ରକାଶିତ ଦୁଇଟି ସଂଖ୍ୟା ପାଇ ପାରିବେ—ଇତି । ପରିଚାଳନା ।

Digitized by srujanika@gmail.com

# କବିତା

## ସ୍ୱାକ୍ଷର

ଶୁଭ୍ରଶୀର୍ଷ ଅଧିତ୍ୟକେ—
ତନ୍ଦ୍ରାହୀନ ଧୀର ସଚେତନ,
ନୀରବେ ଅମର ରୂପ
ହର୍ଷୋତ୍‌ଫୁଲ୍ଲ—ବିଜୟ କେତନ।
ଉତ୍ତୁଙ୍ଗ ଏ ଦୂରେ—ଦୂରେ
ଗଗନରେ ରାଷ୍ଟ୍ରର ପ୍ରହରୀ,—
ବାଲୁକାର କ୍ଷୁଦ୍ର ଛାୟା,
ଖଣ୍ଡ ଖଣ୍ଡ କଳା ମେଘପରି।
କଳିଙ୍ଗରେ ଶୁଭ୍ରସ୍ତମ୍ଭ
ସୁସଜ୍ଜିତ ସୁନାର ମିନାର,
ଭାରତର ଭାଗ୍ୟାକାଶେ
ହସିଉଠେ ଚନ୍ଦ୍ରମା ସୁନାର।
ମୃଦୁ ହସେ ନରସିଂହ—
ସୁବିଖ୍ୟାତ ଦକ୍ଷୀର ବକ୍ଷରେ
ଏ—ନୂତନ ମୁକ୍ତିପଥ
ଭବେ ଦେଇ— **ସୁବର୍ଣ୍ଣ—ସ୍ୱାକ୍ଷରେ**।

ଯଦୁନାଥ ଦାଶ ମହାପାତ୍ର

## ଅମର ଆକାଂକ୍ଷା

ଅମର ଆକାଂକ୍ଷା !
ହୃଦର ପୂଜାର ପାର୍ବଣ—
ଅନନ୍ତର ପଥ ଏହି ସ୍ୱପ୍ନ !
ଶତାବ୍ଦୀର ହଲ୍‌ଦୀ ଘାଟ ଏ—
ନୂଆ ପୁଣି ଜାଲିଅନା ବାଗ !
ଦୈନ୍ୟର ଅମ୍ଳାନ କ୍ଷୁଧା ତୁହି
କାରୁଣ୍ୟର ଭୈରବ ବେହାଗ।
ନମସ୍କାର ତୋତେ ନମସ୍କାର—
ଯୁଗେ ଯୁଗେ ଜାଳିଥାଅ ଶିଖା—
ପୋଡ଼ି ଅତ୍ୟାଚାରର କଙ୍କାଳ।
ଏକତାର ମହାନ ସଙ୍କେତ—
ବାଜୁ ତୋର ବଜ୍ର—ନହବତ
ଧ୍ୱଂସ ସ୍ତୂପ ପରେ ଆଜ ତୋର
ସୃଷ୍ଟି ଜନ୍ମ ଦୀପ ସ୍ତମ୍ଭବତ।
ହେ ସାହସ !
ହେ ରୁଦ୍ର ସାହସ !!
ଚିର ଯାଅ କାଳେ କାଳେ ଦୁନିଆର—

ଉଗ୍ରକ୍ରାନ୍ତ ଦାସ।

---

[ନାଙ୍କ ଦଶ ପୃଷ୍ଠା ଉତ୍ତାରୁ]

ବାଙ୍କୁଡ଼ା" ନାମ ନେଇ ! ଏ ହେଉଛି ଅମ ପଦ୍ମ ଓ ମନ୍ଦିର ସ୍ମୃତି।

ଏହାଛଡ଼ା ଅନେକ ଦେଉଳ ଅଛି। ୧୦୮ ବା ଅଷ୍ଟୋତ୍ତରୀ ଓ ଜଗନ୍ନାଥ ମନ୍ଦିର ଧ୍ୱଂସ, ପଦ୍ମ ସ୍ମୃତି ସଙ୍ଗରେ ଅନନ୍ତ କେଶରୀ, ଶ୍ରୀରଙ୍ଗଙ୍କ ଓ ବୋଇତ ବ୍ୟବସାୟୀଙ୍କର ବହୁ ସ୍ମୃତି ଜଡ଼ିତ ହୋଇଛି।

ସମସ୍ତ ଅଂଶ ଆଲୋଚନା କରିବାକୁ ନିଶ୍ଚୟ ସୁବିଧା ମିଳିବ।

ମାଘ ପୂର୍ଣ୍ଣିମା—ଅଭିହବ ବା ଅହ୍ନହବ ଯଜ୍ଞ ;—

ଜନ୍ମେଜୟଙ୍କ ସର୍ପ ଯଜ୍ଞ ଏବଂ ଅନନ୍ତଙ୍କ ଅଭିହବର ସ୍ମୃତି ରହିଛି। ଏ ମଧ୍ୟ ଧର୍ମ ଭାବରେ ବିଶ୍ୱାସର ମୂଳ ପିଣ୍ଡ ହୋଇ ରହିଛି। ଖଣ୍ଡଗିରି, ଉଦୟଗିରିରେ ଅନନ୍ତଙ୍କ ଗୁଜନଅର ଭକ୍ତରେ ମାଘ ସପ୍ତମୀ ଠାରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯେ ନାଟ ପରିପାଳିତ ହୁଏ, ସେ ସବୁ ଦେଖିଲେ ଓ ଅନ୍ୱେଷଣ କଲେ ବୁଝାପଡ଼ିବ।

ଏବେ ମଧ୍ୟ ଲୋକେ କହନ୍ତି, "ଅଗ୍ନି ବା ଅଗ୍ନିଯେଉଁ ଘରକୁ ଉଡ଼ୁଛି, ସେ ଘରକୁ ଧନ ଧାନ୍ୟ ବହୁତ ଆସିବ।"

ଏ ଶବ୍ଦଟି ବୋଇତ ବ୍ୟବସାୟୀ ଓ କୃଷୀଙ୍କ ଘରେ ଏବେ ମଧ୍ୟ ବ୍ୟବହାର ହେଉଛି। ଏ ସ୍ମୃତି ସର୍ପ ଯଜ୍ଞରୁ ଆସିଥିବାର ସେତେ ବିଶ୍ୱାସ ହୁଏ। ଅନନ୍ତ କେଶରୀଙ୍କ 'ଅଭିହବ' ଯଜ୍ଞ ସ୍ମୃତିରୁ ଆସିଥିବା ସମ୍ଭବ।

**ଅତି ଏଥର ଥାଉ। ପରେ ଭିନ୍ନ ଭାବରେ ଆଲୋଚନା କରିବାର ବାସନା ରହିଲା।**

—o—

## କୁତ୍‌କୁତୁ

ସ୍ତ୍ରୀ ସ୍ୱାମୀକୁ ଆପଣା ଦରକାର ପାଇଁ ଟଙ୍କା ମାଗିବାକୁ କୁଣ୍ଠିତ। ତଥାପି ଥରେ ନିହାତି ଦରକାର ପଡ଼ିବାରୁ କହିଲା—ଶୁଣୁଛ—ମୋତେ ୧୦ଟା ଟଙ୍କା ଧାର ଦେଲ। ସ୍ୱାମୀ ଆଶ୍ଚର୍ଯ୍ୟ ହୋଇ ୧୦ଟା ଟଙ୍କା ଦେବାରୁ ସ୍ତ୍ରୀ କହିଲା—ଦଶରୁ ପାଞ୍ଚ ଦିଅ—ପାଞ୍ଚ ତମେ ରଖ।

ସ୍ୱାମୀ—କାହିଁକି ?

ସ୍ତ୍ରୀ—ମୁଁ ତମଠୁ ପାଞ୍ଚଟଙ୍କା ଧାର ନେଲି—ତମେ ମୋଠୁ ପାଞ୍ଚଟଙ୍କା ରଖିଲ ବାସ୍ ଛିଡ଼ିଗଲା। ଆଉ କାହାର ଉପରେ କାହାର କିଛି ନାହିଁ।

+ × +

Digitized by srujanika@gmail.com



**ଉଦ୍ଦେଶ୍ୟ**

୧। ଉତ୍କଳର ଶିଶୁମାନଙ୍କ ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପଥ ସୁଗମ କରାଇବା ଓ ଶିଶୁମାନଙ୍କର ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। 'ଝଙ୍କାର'ର ମାଧ୍ୟମରେ ଏହି ପତ୍ରିକା ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି ଶିଶୁ ଓ କିଶୋରମାନଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଆଦି ସଦ୍‌ଗୁଣ ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାଗ ନାଗୁଣୀମାନେ,

ସ୍ୱାଧୀନତା ପରେ ପ୍ରଥମ ଗଣତନ୍ତ୍ର ଦିବସ ଆସୁଛି? ଯେଉଁମାନଙ୍କ ତ୍ୟାଗ ପାଇଁ ଆମେ ସ୍ୱାଧୀନତା ପାଇଛେ ତାଙ୍କର କଥା ମନେ ପକେଇବା। ଆଜି [illegible] ଅମର ଶହୀଦଙ୍କ କଥା ଭାବି ଚିନ୍ତା କରିବା।

ଆଗ ସଂଖ୍ୟାରେ କହିଥିଲି, ମୁଁ ଯେଉଁ ବିଷୟ କହିବି ସେହି ବିଷୟରେ ସମସ୍ତେ ଲେଖିବ। ଆଜି ମୁଁ ଏଇ ବିଷୟ ଦେଉଛି—ପ୍ରତ୍ୟେକ ନାଗ ନିଜ ନିଜ ଅଞ୍ଚଳର ଶହୀଦମାନଙ୍କ ଜୀବନୀ ଲେଖି ପଠାଅ। ପ୍ରତ୍ୟେକ ଶହୀଦର ଜୀବନୀ ଫୁଲସ୍କାପ୍ ଗୋଟିଏ ପୃଷ୍ଠାରୁ ଅଧିକ ଯେପରି ନ ହୁଏ। ଯାହାର ବିବରଣୀ ଭଲ ହେବ ସେ ପୁରସ୍କାର ପାଇବ। ଛ ଜଣଙ୍କର ଛ ଟି ପୁରସ୍କାର ଅଛି।

ତମର ଅଜା

## ସାଧାରଣ ଜ୍ଞାନ

ତଳେ କୋଡ଼ିଏ ପ୍ରଶ୍ନ ପଚାରିଛି। ତାର ଉତ୍ତର ତମେ ଏହି ବହିରେ ପାଇବ। ଆଗ ନିଜ ଉତ୍ତର ଦେଇ ପରେ ମିଳାଇବ।

[୧] ସୁଇଜରଲାଣ୍ଡ ଗତ ଯୁଦ୍ଧରେ (କ) ତାର ନୈତିକ ମିଳିତ ଜାତିଙ୍କୁ ସାହାଯ୍ୟ କରିଥିଲା କିମ୍ବା (ଖ) ଯୁଦ୍ଧ ପ୍ରବୃତ୍ତ ନାନା ଜାତିଙ୍କୁ ସୈନ୍ୟ ସାହାଯ୍ୟ ଦେଇଥିଲା। (ଗ) କିମ୍ବା ଭାରତକୁ ବିଦ୍ରୋହ ଦମନ ପାଇଁ ସୈନ୍ୟ ପଠାଇଥିଲା? କେଉଁଟା ଠିକ୍?

୨। ମଧ୍ୟ ମହାସମରର କେଉଁ ନୂଆ ଜାତିଙ୍କୁ ଜନ୍ମ ଦେଇଛି? ନିମ୍ନଲିଖିତ ନାମରୁ ବାଛି ଠିକ୍ କର। (କ) ଜେକୋସ୍ଲୋଭାକିଆ, (୨) ବ୍ରାଜିଲ, (୩) ପାକିସ୍ଥାନ (୪) ହଙ୍ଗେରୀ, (୫) ପାଲେଷ୍ଟାଇନ [୬] ନେପାଳ [୭] ଯୁଗୋସ୍ଲାଭିଆ।

୩। ଭାରତରେ ହିନ୍ଦୁମାନେ [କ] ଅଧିକାଂଶ ନା [ଖ] ମଙ୍ଗୋଲୀୟ [ଗ] କିମ୍ବା ସେମିଟିକ? କେଉଁଟା ଠିକ?

## ରବୀନ୍ଦ୍ର ସ୍ମୃତି

ମରିନାହିଁ, ମରିନାହିଁ,—
ମୋ ଦେଶ-ଗଗନ୍ରୁ ରବି ତେଜ କେବେ,
ଲିଭିନାହିଁ-ଲିଭିନାହିଁ।
ନବୀନ ଦାନ ଅଛି ଜାତୀୟ ଜୀବନ,
ଅମୃତର ନଈ ଦେଇ ସେ ଝରଣା,
ଧଣ୍ଡ ସଭ୍ୟ ଆଜି, ତା ଜାତିର ଠେକ
ଫେରି ନାହିଁ ପଡ଼ିନାହିଁ।
ଅଛି ସେ ଅଦେଖା-ଦେଖା ଦିଏ ନାହିଁ,
ସ୍ୱାଧୀନ ଏ ଦେଶ ନ କହି ସେ କାହିଁ?
ଆଜି ଏ ସ୍ୱାଧୀନ ଭାରତ କି ସେହି
ଚିହ୍ନିନାହିଁ—ଚିହ୍ନିନାହିଁ?
ବିଶ୍ୱ ଭାରତୀର ଶାନ୍ତି-ନିକେତନ,
ଶୁଣାଏ ବିଶ୍ୱକୁ ତା କଣ୍ଠ ଆହ୍ୱାନ
ଦେଖାଇଲା ମୋତେ ଏ ମୁକ୍ତ କରିଛୁ
ସରିନାହିଁ ସରିନାହିଁ।

ଶ୍ରୀମତୀ ରାଜଲକ୍ଷ୍ମୀ ମାନସିଂ ମହାପାତ୍ର
୭।୦ ,୦ ନାଟବୋଲି

## ଆମ ପଡ଼ିଶି ପିଲା

ଗୋଟିଏ ମୋଟର ଗାଡ଼ି ତୀବ୍ର ବେଗରେ ଛୁଟି ଚାଲିଛି। ଗାଡ଼ିଟିର ଗତି ଦେଖିଲେ ମନେ ହେବ ସତେ ଯେମିତି କୌଣସି ଦରକାରୀ କାମରେ ଚାଲିଛି କୌଣସି ଦୂର ଜାଗାକୁ। ଏହି ଗାଡ଼ିଟିର ଆରୋହୀ ଓ ଚାଳକ ହେଉଛି ଗୋଟିଏ ପିଲା।

ଚାଲୁ ଚାଲୁ ଗାଡ଼ିଟା ହଠାତ୍ ସଶବ୍ଦରେ ଗୋଟିଏ ଜାଗାରେ ରହି ଗଲା। କେବଳ ମୋଟର ଚାଳକଟି ଗାଡ଼ିରୁ ଓହ୍ଲାଇ ଇଞ୍ଜିନ ଭିତରଟା ଖୋଲି ପରୀକ୍ଷା କରିବାକୁ ଲାଗିଲା...। ଶେଷରେ ବହୁ ସମୟ ପରେ ପରୀକ୍ଷାରେ ଜାଣି ପାରିଲା ଯେ କଳର ଗୋଟିଏ ଲୁହା ଅଂଶ ଭାଙ୍ଗି ଯାଇଛି। ସେହିପରି ଭଗ୍ନ ଅଂଶଟି ଯେପରି ସେଥିରୁ ଯେ ତଦେଇ ଶୀଘ୍ର ନିକଟସ୍ଥ ଗାମର କୌଣସି କମାରର ଦୋକାନରେ ଗାଡ଼ି ଚାଲେଇଲା। ଜଣେ କମାରକୁ ଡାକିଲା ମଧ୍ୟ ଓ ଭଙ୍ଗା ଅଂଶଟି ଦେଖାଇ କହିଲା— "ଏହିପରି ଏକ ଛାଞ୍ଚ କରିଦିଅ ମୁଁ ଏଥିପାଇଁ ତମକୁ ଯଥାଯୁକ୍ତ ପାରିଶ୍ରମିକ ଦେବି।" କମାର— "ଆଜି ଆମ ପାର୍ବଣର ଦିନ ଯୋଗୁଁ କମାରଶାଳ ବନ୍ଦ ଅଛି। ଅତଏବ ଲକ୍ଷେ ଟଙ୍କା ଦେଲେ ମଧ୍ୟ ମୁଁ ଆଜି ଲୁହାରେ ହାତ ଦେବି ନାହିଁ।"

ସେତେବେଳେ ସେହି ଚାଳକ ପିଲାଟି କହିଲା—"ବେଶ୍, ତମେ ଯଦି ଛାଞ୍ଚ କରିବ ନାହିଁ ତେବେ ତମର ଯନ୍ତ୍ର ପାତି ମତେ ଦିଅ। ମୁଁ ସବୁ ନିଜେ ନିଜେ ତିଆରି କରିନେବି।" ବୁଢ଼ା କମାର ପିଲାଟିର ଦେହରେ ଭଦ୍ରଲୋକ ପୋଷାକ ଦେଖି ହସି ହସି କହିଲା "ସତେ! ଲୁହା ପିଟିବା ବାହାରିବା ଏତେ ସହଜ କାମ ନୁହେଁ ବାବୁ! ସେହି ପୋଷାକ ପିନ୍ଧି ମଧ୍ୟ ଏହି କାମ କରିବା ମୁସ୍କିଲ। ଯାହାହେଉ ତମେ ଯେତେବେଳେ କହୁଛ ସେତେବେଳେ ଚାଲ କମାରଶାଳଟା ଦେଖାଇ ଦିଏ।"

ପିଲାଟିକୁ ତା'ପରେ କମାର ତା'ର ଶାଳକୁ ନେଇଗଲା।...ପିଲାଟି ଦେହରୁ

REG. No. O. 4 THE DAGARO.—1-9-

୧୧ଶ ବର୍ଷ—୫ମ ସଂଖ୍ୟା ନାଗବର୍ଗ—୧୭

ପେଷାକ ଉତାର କାର୍ଯ୍ୟରେ ଲାଗିଗଲା ... କେତେକ୍ଷଣ ପରେ ସେ ତାଁର ଝୁଲାପକେଟରୁ ଅଂଶଟି ଉଠାଇ କରି ପକାଇଲା। ବୃଦ୍ଧ କମାର ପିଲାଟିର କାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଚମ୍ପ ମାରିଲା।

ଏପିଲାଟି କିଏ ଜାଣ ?

ଏକଦା ଇଟାଲୀର ହର୍ତ୍ତା କର୍ତ୍ତା ଭାଗ୍ୟ ବିଧାତା ( କମାର ପିଲା ) ମୁସୋଲିନୀ। (...ଛାୟାରେ)

ସ୍ମରଚନ୍ଦ୍ର ୫୧୬ ନଂ ନାଗ

## ନାଗଙ୍କ ଚିଠି

ଡ଼ଗର ଜରିଆରେ ନିମ୍ନ ଲିଖିତ ପ୍ରଶ୍ନଟିର ଉତ୍ତର ମୁଁ ଚାହୁଁଛି, (୧) ଆପଣଙ୍କର ୧୧ଶ ବର୍ଷର ୪ର୍ଥ ସଂଖ୍ୟାରେ ଜଣେ ନାଗବରଙ୍କୁ ଉତ୍ତର ଦେବାକୁ ଯାଇ ଆପଣ ଲେଖିଛନ୍ତି ଅନ୍ୟାନ୍ୟଙ୍କର ରଚନାର ଦୋଷାଦୋଷ ଆଲୋଚନା କଲେ କେହି କ୍ଷୁଣ୍ଣ ହେବେ। କିନ୍ତୁ ମୋ ମତରେ ଏହା ସବୁବେଳେ ସମ୍ଭବ ନୁହେଁ। ତା'ପରେ ଲେଖାର ଦୋଷାଦୋଷ ଯାହା ଯେତିକି ଥିବ ସେ ସମସ୍ତ ସଂଶୋଧନ ପାଇ ଅନ୍ୟାନ୍ୟ ନାଗବରମାନେ ବିଶେଷତଃ ଯେଉଁମାନେ ସେ ତ୍ରୁଟି କରିଥାନ୍ତି, ନିଜର ଦୋଷ ସଂଶୋଧନ କରି ନେବେ। ଡ଼ଗରରେ ଆପଣ ନାଗବରଙ୍କୁ କହି ଦିଅନ୍ତୁ ଯେ [କ] "ଯେ" ନାଗବର ନିଜ ଲେଖାର ସମାଲୋଚନା ଡ଼ଗରରେ ଲୋଡ଼ନ୍ତି ନାହିଁ ସେ ଲେଖା ପଠାଇଲା ବେଳେ ତାହା ଉଲ୍ଲେଖ କରିବେ। (ଖ) ଯେ ସମାଲୋଚନା ଲୋଡ଼ନ୍ତି ସେ ଉଲ୍ଲେଖ କରିବେ।

ମୋ ମତରେ ଏହାଦ୍ୱାରା ଅନେକ ଅନେକ ଦୋଷ ସଂଶୋଧନ ହେବ ଓ ଯଥେଷ୍ଟ ଉପକାର ହେବ ନାଗବର ତଥା ପାଠକ ପାଠିକା ମାନଙ୍କର।

ଆପଣଙ୍କ ଉତ୍ତର ଅପେକ୍ଷାରେ ରହିଲି। ସ୍ନେହଭାଜନ ! ଇତି

ଶ୍ରୀ ଗୋପାଳ ପାତ୍ର [illegible] ନଂ ନାଗବର

ଏ ସମ୍ବନ୍ଧରେ ଅନ୍ୟାନ୍ୟ ନାଗଙ୍କ ମତ ଲୋଡ଼ା। ଅଗ।

## ଉତ୍କଳ ଯାଦବ ଛାତ୍ରାବାସ-ଭଦ୍ରକ।

'ଭଦ୍ରକ ଯାଦବ ସମିତି କଲିକତା'ର ଆନୁକୂଲ୍ୟରେ ସନ୍ ୧୯୦୫ ମସିହାରେ ଏହି ମହତ୍ ଅନୁଷ୍ଠାନ ପ୍ରଥମତଃ ପରିକଳ୍ପିତ ଓ ପ୍ରତିଷ୍ଠିତ ହେଲା। ଭଦ୍ରକ ଟାଉନରେ ଗୋଟିଏ ଘର ଭଡ଼ା କରି ଛାତ୍ରାବାସ ଖୋଲାଗଲା। ଏବେ ଉକ୍ତ ସମିତି ଏହି ଛାତ୍ରାବାସ ପାଇଁ ଏହି ଟାଉନରେ ଖଣ୍ଡେ ଜାଗା ଖରିଦ କରି ଅଛନ୍ତି। ଆଜି ମଧ୍ୟ ଉକ୍ତ ସମିତି ଉକ୍ତ ସାହାଯ୍ୟ ଯୋଗ୍ୟ ଛାତ୍ରମାନଙ୍କର ଉପକାରାର୍ଥେ ମୋଟ ବାର୍ଷିକ ଟ ୩୬୦୯ ଗତ ବର୍ଷଠାରୁ ମଞ୍ଜୁର କରିଅଛନ୍ତି। ଆବଶ୍ୟକ ପରିମାଣରେ ଅର୍ଥ ସାହାଯ୍ୟ ମିଳିଲେ ଅନତି ବିଳମ୍ବେ ନିଜର ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏତଦ୍ୱାରା ଏହି ଅନୁଷ୍ଠାନ ଅଯଥା ଘରଭଡ଼ା ଦେବାରୁ ମୁକ୍ତ ପାଇ ସେହି ଧନ ଛାତ୍ର ସାହାଯ୍ୟରେ ବ୍ୟୟ କରି ପାରିବ। ଏଥିପାଇଁ ଦେଶର ଧନୀ, ପ୍ରବୀଣ, ଦୂରଦୃଷ୍ଟି ସମ୍ପନ୍ନ ଉଦାର ନେତା ବ୍ୟକ୍ତିମାନଙ୍କର ସୁଦୃଷ୍ଟି ପ୍ରାର୍ଥନୀୟ; ବିଶେଷତଃ ସମଗ୍ର ଉତ୍କଳର ଧନୀ, ମାନୀ, ଜ୍ଞାନୀ ଯାଦବମାନେ ସମାଜ ଉନ୍ନତିମୂଳକ ଏହି ପବିତ୍ର ଅନୁଷ୍ଠାନର ମହତ୍ତ୍ୱ ଉପଲବ୍ଧି କରି ନିଜର ଯଥାଶକ୍ତି ସାହାଯ୍ୟ ଦ୍ୱାରା ବେଦପୁରାଣ-ପ୍ରସିଦ୍ଧ, ପରମ ପବିତ୍ର ଜଗଦ୍ବନ୍ଦନୀୟ ଦେବକୁଳ-ପ୍ରାଚୀନ ଶୌର୍ଯ୍ୟଶାଳୀ ଯଦୁବଂଶର ସନ୍ତାନମାନଙ୍କୁ ବର୍ତ୍ତମାନ ପତନ ଓ ବିଲୟ ଅବସ୍ଥାରୁ ଉଦ୍ଧାରକରି ପ୍ରାଚୀନ ଆର୍ଯ୍ୟ ଗୌରବ ଓ ଆର୍ଯ୍ୟ ଶକ୍ତିର ଅକ୍ଷୁର୍ଣ୍ଣ ରକ୍ଷା କରନ୍ତୁ। ଇତିହାସ-ପ୍ରସିଦ୍ଧ ଦେବଗିରି ରାଜବଂଶ ସମ୍ଭୂତ ଦାକ୍ଷିଣାତ୍ୟର ଯାଦବକେଶରୀ ଶିବାଜୀଙ୍କର ଉଦ୍ଦାତ୍ତ ବାଣୀ ପୁଣି ଯାଦବ ଯୁବକ ପ୍ରାଣରେ ଝଙ୍କାରିତ ହୋଇ ଏ ଯୁଗର ଯାଦବ ସମାଜର ଘୋରନୈରାଶ୍ୟ ଓ ଜଡ଼ତା ଅପସାରିତ କରୁ। ହିନ୍ଦୁ ଜାତିର ମେରୁଦଣ୍ଡ ଦୃଢ଼ ହୋଇ ଭାରତରେ ଶାନ୍ତି, ମୁକ୍ତି, ପ୍ରୀତି ପୁନଃ ପ୍ରତିଷ୍ଠିତ ହେଉ। ପୁଣି ଥରେ ଭାରତ ବକ୍ଷରେ ଯଦୁକୁଳରତ୍ନ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଶାନ୍ତି, ମୈତ୍ରୀ ପ୍ରେମର ସୁଲଳିତ ବଂଶୀ-ସ୍ୱନ, ମହାଭାରତର ପାଞ୍ଚଜନ୍ୟ, ସମ୍ମିଳିତ ଯାଦବ ଜନତାର ଗୁରୁଗମ୍ଭୀର ଶଙ୍ଖନାଦ ତାନ ପ୍ରତିଧ୍ୱନିତ ହେଉ। ଅନ୍ତରେ ଚିର ବିଶ୍ୱ ଶାନ୍ତି ଫେରି ଆସୁ। ଉତ୍କଳୀୟ ଯାଦବ ସମାଜ ଏ ଯୁଗର ନିକୃଷ୍ଟ ମନୋଭାବ, ନୀଚ ସ୍ୱାର୍ଥ ଓ ଆତ୍ମଗ୍ଲାନି ପରିହାର କରି ଦୃଢ଼ ଆତ୍ମ ପ୍ରତିଷ୍ଠା ଓ ଆତ୍ମରକ୍ଷା ସଙ୍ଗେ ସଙ୍ଗେ ଜଗତର ସମୃଦ୍ଧ କଲ୍ୟାଣ ସାଧନରେ ବ୍ରତୀ ହେଉ ଓ ଉତ୍କଳ-ମଣି ଗୋପବନ୍ଧୁଙ୍କ ଅମୃତ ବାଣୀ ସ୍ଥିର ପବିତ୍ର ଭାବରେ ଅନୁସରଣ କରୁ।

"ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ,
ଦେଶ ହିତେ ହିତ, ପ୍ରଚାରକ ବନ୍ଧୁ।" ଇତି

"ଜୟ ଗୋପାଳ"

ତାରିଖ ( ଭଦ୍ରକ ) ୨୮-୮-୪୭

ଶ୍ରୀ ରାମଚନ୍ଦ୍ର ପଲାଇ
ସମ୍ପାଦକ
ଉତ୍କଳ ଯାଦବ ଛାତ୍ରାବାସ—ଭଦ୍ରକ।

Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com





# "DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, Sept, 8, 1947. | No. 6. |
|---|---|---|

# ଡଗର

**ଆନନ୍ଦ, ଆଲୋକ ଓ ଅଟ୍ଟହାସିର ପ୍ରତୀକ**
**ଉତ୍କଳର ସର୍ବାଧିକ ଲୋକପ୍ରିୟ**
**ସାପ୍ତାହିକ ପତ୍ର**

| ଏକାଦଶ ବର୍ଷ | ସୋମବାର<br>[illegible] ୧୩୫୪ ସାଲ | ଷଷ୍ଠ ସଂଖ୍ୟା |
|---|---|---|


ଏ ସଂଖ୍ୟାରେ ଆସିଛନ୍ତି—

କଥା ଶିଳ୍ପୀ ନନ୍ଦକିଶୋର ମହାନାୟକ
ଦୁଃଖର ଔଷଧ ବତାଇ ଦେବାକୁ
କାହାଣୀ ପଢ଼ନ୍ତୁ ।

—*—

ଗଞ୍ଜାମ, କଟକ, ବାଲେଶ୍ୱର ଓ ସମ୍ବଲପୁରର
ମେଳ କେଉଁଠି ?
ମଜାକଥାରେ କହୁଛନ୍ତି ଗୌରଚନ୍ଦ୍ର ମହାପାତ୍ର.

—*—

କବି ଲଢାଇରେ
ରହସ୍ୟମଞ୍ଜରୀ ଲେଖକ
**ଦେବଦୁଲାଳଙ୍କୁ**
ଲଢିବାର ଦେଖିବେ ।

—o—


**ବାର୍ଷିକ ମୂଲ୍ୟ ଟ ୬॥** **ଷାଣ୍ମାସିକ ଟ ୩।**
**ରାଜ ସଂସ୍କରଣ ବାର୍ଷିକ ଟ ୧୦॥**


Digitized by srujanika@gmail.com

# ସାପ୍ତାହିକ 'ଡଗର' ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ଡାକ ଟ ୬ । ଷଣ୍ମାସିକ ମୂଲ୍ୟ ଡାକ ଟ ୩ । ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)

---


## ବମ୍ବେ ଲାଇଫ ଏସୋରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ——୧୯୦୮ ହେଡ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କଥା ଆମ୍ଭକୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଅଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ମୋଟ ଆୟ ୭୩ ଲକ୍ଷରୁ ଊର୍ଦ୍ଧ୍ୱ  ବୀମାପଣ ୨ କୋଟି ୧୨ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୫୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ [illegible]ରେ ଇନ୍‌ସ୍‌ପେକ୍‌ଟର, ଅର୍ଗାନାଇଜର ସ୍ପେଶାଲ୍ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

ଜେ, ବାଲସୁବ୍ରମଣ୍ୟମ୍, ବି. ଏମ୍. ଏ. ଆଇ. ଏ.
ମେନେଜର ଏବଂ ଏକ୍‌ଚୁଏରି
ହେଡ ଅଫିସ— ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।





Digitized by srujanika@gmail.com

## ହୁକାହୁକା ହୁଆ

( ଭାଦ୍ରବ )

## ବିଲୁଆ ବିଚାର

୧୧ଶ ବର୍ଷ— ସୋମବାର— ସିଂହ ଦ୍ୱାଦଶ ୧୩୫୪ ୬ଷ୍ଠ ସଂଖ୍ୟା


କେଉଁଠାର ସନ୍ଦେଶ ବାହକ— ଶ୍ରୀରାମ ଷ୍ଟେଟ୍ସମ୍ୟାନ— ପ୍ରାଦେଶିକତାର ବହିଷ୍କରଣ କରି ଓଡ଼ିଆଙ୍କ ଲୋକଙ୍କୁ ବାଦ ରଖାଇ ଆମ ନଃସାହେବ ବାବୁଙ୍କ ଉପରେ ଟିପ୍ପଣୀ ଦେଉଛନ୍ତି । ବାବୁଙ୍କ —ବାଲୁଙ୍କ ଦେଉଥିଲେ ବା ପୂର୍ବ ଥାନ୍ତା କିନ୍ତୁ ସେ ଜଣେ ନିଷ୍ଠାବ ଅହଂଷାବାଦ । ଅତଏବ ମନର ମୂନିର ଲକ୍ଷଣକୁ ଗ୍ରହଣ କଲେ ।

ତାଙ୍କ ଅପରାଧ ଯେ କର୍ଣ୍ଣ ଓଡ଼ିଆ ଅଞ୍ଚଳ ଏକାଠି ହେବା ବୋଲି ଦାବି କଲେ । ପୁଣି ନିଜେ ଜଣେ ଓଡ଼ିଆ ହୋଇ । ବେଆଦବ୍ କଥା । ଯାହାହେଉ, ଷ୍ଟେଟ୍ସମ୍ୟାନ କାଗଜ ଅଗଷ୍ଟ ପନ୍ଦର ତାରିଖ ପର ଠାରୁ ମିଷ୍ଟର ଗାନ୍ଧି ସ୍ଥାନରେ ମହାତ୍ମା ଗାନ୍ଧି ଲେଖି ଶିଖିବାରୁ ଏ ଜଣ ନୂତନ ବନ୍ଧୁ ପ୍ରୀତିରେ ବାନ୍ଧି ପଡ଼ିଛନ୍ତି । ସେ ପ୍ରୀତିର ଝଟକା ପ୍ରଥମେ ଓଡ଼ିଆଙ୍କ ଉପରେ ପଡ଼ିଲା । କଲିକତା ବାବୁ ।

\+ + +

ଲୋକେ କହୁଛନ୍ତି ବାବୁଙ୍କ ସାହାସକୁ ଧନ୍ୟ କହିବା । ଯୁ କଥା ତାଙ୍କ ମନ୍ତ୍ରୀଙ୍କ ମୁଣ୍ଡରେ ଆସି ନାହିଁ ନେଇଥିଲା, କଂଗ୍ରେସ ହାଇ କମାଣ୍ଡ ଅଧୀନରେ ରହି ମଧ୍ୟ ସେ କଥା କହି ବାଶ୍ରରେ କହିବାକୁ କେତେ ବଳ ଦରକାର ? ତାଙ୍କ କଳକତା ଷୋଧସ୍ତର ତଙ୍କ ମନ୍ତ୍ରୀଙ୍କ କଲିକତାର ହେଲ କହିଛା ଥିବାର ନୁହେଁ । ସେ ତାଙ୍କ ମନ୍ତ୍ରୀଙ୍କ ଅଙ୍ଗ କାନରେ ଦେଖା ଶୁଣା କଲେ ମଧ୍ୟ ଅପରାଧ ଦେଖା ବି ପିଉଛନ୍ତି । ଦେଉବର୍ଷ ଭିତରେ ମନ୍ତ୍ରୀ ଯାହା ଦେଖୁ ନ ଥିଲେ ଦେଇ ଦିନରେ ସେ ତାହା ଦେଖି ପାରିଛନ୍ତି । ମହାମାନ୍ୟ ବାବୁଙ୍କୁ ଆମର ଏତେ ଅନୁରୋଧ, ସେ ପଛକେ ମନ୍ତ୍ରୀଙ୍କ ଅଙ୍ଗ କାନରେ ଦେଖନ୍ତୁ—କିନ୍ତୁ ମନ୍ତ୍ରୀଙ୍କର ଅନ୍ୟାନ୍ୟ ଜ୍ଞାନ ଓ କର୍ମେନ୍ଦ୍ରିୟର ସାହାଯ୍ୟ ନ ନିଅନ୍ତୁ । ତା ହେଲେ ଶେଷକୁ ବାବୁଙ୍କ ଅବସ୍ଥା ଓ ବୋକା ବୋଲି ସାବ୍ୟସ୍ତ ହେଇ ସର ଯଷ୍ଟିବେ ।

\+ × +

ଶ୍ରଯୁକ୍ତ ବାବୁଙ୍କ ସ୍ୱାମୀ ଓ ସଭାପତିଙ୍କ ମଝିରେ ଥିବା ମଧ୍ୟ ଅର୍ଥାତ ଜମିଦାରଙ୍କ ଉଚ୍ଛେଦ ସାଧନ କରିବାର ମତ ଦୋହରିଛନ୍ତି । ସେ ମତ ବହୁ ଦିନରୁ ଘୋଷିତ ହୋଇଛି । ତଥାପି ଡେରି ହେବାର କାରଣ ବାବୁଙ୍କ ନିଜ ବୁଝି ପାରୁଥିବେ । ସେହି ଦୃଷ୍ଟିରୁ ସାମାନ୍ୟ କଥା ଘୋଷଣା ହୋଇ ଅଛି ବେଳେ କର୍ଣ୍ଣ ସଭାର ଦେଲେ ଭଲ ହବ । ଶ୍ରଯୁକ୍ତ ପ୍ରଧାନମନ୍ତ୍ରୀ ମଧ୍ୟ ବହୁ ଥର ସବୁରେ କହିଲେଣି—ଶ୍ରୀଘ୍ର ସେ କଥା ହବା ସମ୍ଭବ ନୁହେଁ । ମହାମାନ୍ୟ ବାବୁଙ୍କ ଓଡ଼ିଶାର କଂଗ୍ରେସ ନେତାମାନଙ୍କ ନଗର ବୃତ୍ତେ ଉପର ଅନୁରୋଧ କରୁଛନ୍ତି ଏ

### ବିଜ୍ଞପ୍ତି

'ଡଗର' ସାପ୍ତାହିକ ହୋଇଥିବାରୁ ଅନେକେ ସମ୍ବାଦ ବା ଖବର ପ୍ରକାଶ ପାଇଁ ପଠାଉଛନ୍ତି । 'ଡଗର' ସାପ୍ତାହିକ ହେଲେ ମଧ୍ୟ ସାଧାରଣ ସଂବାଦ ପତ୍ର ଭଳି 'ଖବର' ପ୍ରକାଶ ପାଇଁ—ତା'ର ସ୍ଥାନ ଅଳ୍ପ— ମଧ୍ୟ ତା'ର ଉଦ୍ଦେଶ୍ୟ ତାହା ନୁହେଁ । ଦେଶର ନାନା ସଂବାଦ ଆପତ୍ତି ଅଭିଯୋଗ ଉପରେ ଟୀକା ଟିପ୍ପଣୀ କାଟିବା ଡଗର ପ୍ରଧାନ କର୍ମ । ତା' ଛଡ଼ା 'ଡଗର'ର ଅନ୍ୟାନ୍ୟ ବିଭାଗ ଅଛି ଯେଉଁଥିରେ ଗଳ୍ପ, କବିତା, ମଜା କଥା, ମଜା କବିତା ପ୍ରକାଶ ପାଏ ଓ ସାହିତ୍ୟ କଳା ପ୍ରଭୃତି ଅନେକ ଶିକ୍ଷଣୀୟ ବିଷୟର ଆଲୋଚନା ହୁଏ । ଗଡ଼ଜାତରୁ ଆମେ ଅନେକ ଚିଠି ପାଉଛୁ ଯେଉଁଥିରେ ଏ ସେମାନେ ପଚାରିଛନ୍ତି ଗଡ଼ଜାତ ହାଲ ଖବର 'ଡଗର' ପ୍ରକାଶ କରୁ ନାହିଁ'—ଗଡ଼ଜାତ ବାସୀ ଗ୍ରାହକମାନଙ୍କୁ ନିବେଦନ, ସଂବାଦ ହିସାବରେ କୌଣସି ଖବର ଆମେ ପ୍ରକାଶ କରୁ ନାହିଁ—କାରଣ ଦେଶର ଅନ୍ୟାନ୍ୟ ପତ୍ର ପତ୍ରିକା ସେ କାମ କରୁଛନ୍ତି । ତେବେ ଆମର ଗଡ଼ଜାତ ସଂବାଦ ଦରକାର ଯାହା ଉପରେ ଆମେ ଟିପ୍ପଣୀ କାଟି ପାରିବୁ । ତେଣୁ ଗଡ଼ଜାତର ପ୍ରଜାମଣ୍ଡଳ, କୃଷକ ସଙ୍ଘ—ବା ଅନ୍ୟାନ୍ୟ ଜାତୀୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ଅନୁରୋଧ, ସେମାନେ ସାମୟିକ ସଂବାଦ ଦରକାର ଭାବରେ ପଠାନ୍ତୁ । ଆମେ ତା'ର ଉଚିତ ବ୍ୟବହାର କରିବୁ ।

—ପରିଚାଳକ—

ଯେତେ ଦିନଯାଏ ଏ ଦେଶରେ ଇତାବଳ ହୋଟେଲ ସବୁ କାମ ଆରମ୍ଭ କରି ଅଂଶୀଦାର କଂଗ୍ରେସ ନେତା ବା କଂଗ୍ରେସ ଜମିଦାର ( ଏକାକଥା )ଙ୍କୁ ଭଣ୍ଡାରୀ ନ ଦେଉଛି—ସେତେ ଦିନ ଯାଏ ଅନ୍ତତଃ ଜମିଦାରୀ ଉଠାଇବା ଶକ୍ତ । ନ ହେଲେ ଏବେ [illegible] ଲୋକଙ୍କ ସତ କଥା ଦୋଷ ଲାଗେ । ସେ ମାନଙ୍କ ସ୍ତ୍ରୀମାନଙ୍କ ପାଇଁ ନ.ସ କଥା ଓ ପିଲାମାନଙ୍କ ପାଇଁ ଶିକ୍ଷକତା ଦୋଷ ଲାଗିବ । ଦେଶ ପାଇଁ ସେମାନେ ଏତେ ତ୍ୟାଗ କରିଛନ୍ତି—ଏତକ ବଦଳେ ପାଇବେ ନାହିଁ ?

\+ + +

ଆମ ଓଡ଼ିଶାରୁ ଦେଖ, ସରକାରଙ୍କ ସାହାଯ୍ୟ ଲଗା ଦୋଷ ସେ ପୁଣି ପ୍ରତିବାଦ କରିଛନ୍ତି । ଏଭଳି ବାବୁଙ୍କ ସାତେକ ଅପଣାର ପରିଚୟଟା ଏଥିରେ ପଡ଼ିଲେ ଦେଖେ । ସେ ଓଡ଼ିଆ ଓଡ଼ିଆ ବୋଲି ଯେତେ ଚିତ୍କାର କରୁଥିଲେ କଥାରୁ ତାଙ୍କ ସ୍କଲର୍ଶିପ୍ ପାଇଲା ବା ଓଡ଼ିଆ ବର୍ଣ୍ଣ ବାଣ୍ଟିଙ୍ଗ ବୋଲି କେହି ଜାଣିପାରୁ ନଥିଲେ । ମାନେ ହେଉଛି ଏ କଣ ଆଉ ଜଣେ ଖାଣ୍ଟି ଓଡ଼ିଆ ନ ? ତାଙ୍କ ପ୍ରଧାନ ମନ୍ତ୍ରୀ ଭଳି ବର୍ତ୍ତମାନ ମହାସଭାଙ୍କ ଶ୍ରଦ୍ଧା [illegible] ନ ? କିନ୍ତୁ ଏଇ ଝଗା କଥାଟା କହି ସେ ଅଣ ଓଡ଼ିଆ ବୋଲି ଚଳା ପଚାରୁ ଦେଲେ ଅପଣାକୁ । ଓଡ଼ିଆ ଜାତକରେ ଭିକ୍ଷା ନୈତିକ ନେଇବ । ଆମେ ମଝିରୁ ପଚାରିବେ ଦେଖ୍, କ ଭଜ ମାଡ଼ିବୁ ନାହିଁ ? ଓଡ଼ିଆର କଣ ନାହିଁ ? ପୁଣି [illegible] ଅଛି— ଭୁବନେଶ୍ୱର ବୋର୍ଡ ଅଛି । [illegible] ଯୋଗ କର ଅଛି । ମହାନଦୀ ଭାରି ଅଛି—ଏଥିରେ କଣ ପେଟ ପୂର ଯାଉନାହିଁ ? ଆହୁରି ଭିକ୍ଷା ? [illegible] ଭିକ୍ଷା କଲେ କ ଦେଖ, ଆମକୁ [illegible]— ଓଡ଼ିଆ [illegible] । ସେ କେତେ ଭିକ୍ଷା ଦେଲେ ଓଡ଼ିଶାର ନୈତିକତାକୁ ତଳେ ପକାଇଦେବେ ନାହିଁ କମ୍ବା ଆମ ମନ୍ତ୍ରୀ ମାନଙ୍କ ଦୁର୍ବଳତାକୁ ଦୋହରାଇବେ ନାହିଁ ।

\+ + +

ଦ୍ୱାରକା ପ୍ରସାଦ ଗୋରଖପୁର [illegible] ଶାନ୍ତିପାଠ ନିବେଦନ କରିଛନ୍ତି । [illegible] ସବୁଦିନେ ସେ [illegible] ଏ ଯୁଗର ଏକଲବ୍ୟ । ସେ ବହୁତ ଅଧ୍ୟାୟର ଗର୍ଜନ କରୁଥିଲେ, ପୁଣି [illegible] ଅଧ୍ୟାୟରେ ଲକ୍ଷ୍ୟ କରି ରହୁଥିଲେ, [illegible] କଲିକତା ତାଙ୍କୁ ଦୃଷ୍ଟି ନଥିଲା । ଏଥର ସେ କିନ୍ତୁ ତାଙ୍କ ମୁସଲମାନ ଭାଇଙ୍କୁ ନିବେଦନ କରିଛନ୍ତି । ତାଙ୍କର ଏକନିଷ୍ଠା, ଏକଲକ୍ଷ୍ୟ କେଉଁଠି ଗଲା କେଜାଣି ?

ଆସଲ କଥା ହେଉଛି—ଭାବାଣୀ ହୋଇ [illegible]
ଗୁଣ୍ଡିଆ ହୋଇ ଥାଉ ଥାଏ ।
ଅନେକ ପ୍ରକାରର ଝଗଡ଼ା
କେ ବୁଝେ ଜନ୍ମାନ୍ତର ସତ ।

\+ + ×

ସଂଯୁକ୍ତ ନେତା ପୁଣି କହନ୍ତି—ଆମେ ଅହିଂସ ଓ ଶାନ୍ତି ପୂର୍ଣ୍ଣ ଉପାୟରେ, ଜନ୍ମଗତ ଅଧିକାର ପାକିସ୍ଥାନ ପାଇବୁ । କଥାଟା ଶୁଣିବାକୁ ବେଶ୍ । ଅହିଂସାରେ କିଏ ଭଲ କହେ ! ଅହିଂସା ତା ପ୍ରେମରେ କେବଳ ଚଣି ଦଉଛି । ନରହତ୍ୟା, ଲୁଟତରା, ସୀମାନ୍ତ ଓ ପଞ୍ଜାବର ରକ୍ତ ସ୍ରୋତ—ତାହା କାଣ ତାହ ସିନ୍ଧୁ ଗଙ୍ଗା, ପଦ୍ମାରେ ବନ୍ୟା ହେଉଥିଲା କାହିଁ ?

\+ + -

ନେତା ପୁଣି ଜାଣୁଥିବା ମାନେ କହନ୍ତି—ଆମର ଭୁଲ୍ ଏଠାରେ ଅନ୍ୟଙ୍କଠୁ ବେଶି ହୋଇ ଆମ ଭୁଲ୍ ଫଳରେ ଆଉ କଥା ଓ କେମ ଫଳରେ ପାକିସ୍ଥାନ ପାଇଲୁ ।

ହିନ୍ଦୁ ଶାସ୍ତ୍ର କହେ—ଶକ୍ତି ବ୍ରହ୍ମ । କେବଳ ଶକ୍ତିରୁ ଏମିତି ବ୍ରହ୍ମ ବାହାରିଲା ଯେ ହିନ୍ଦୁର ଭୁଲର ବ୍ରହ୍ମର ଦେଇ ଏବଂ ବ୍ରହ୍ମଙ୍କ ସାଙ୍ଗରେ ମିଳାଇ ଦେଇ ଏକକ ପାକିସ୍ଥାନ ସୃଷ୍ଟି କରିଦେଲା ।

\+ + +

ଆଉ ଭୁଲି । ଜନାବ ଭୁଲ୍‌ରେ ସେ ଅଖଣ୍ଡ ପାକିସ୍ଥାନ ପାଉଛନ୍ତି । ଜନ୍ତୁ ସେଠା ଶ୍ରେଷ୍ଠ ପାକିସ୍ଥାନ । ପୂର୍ବପୂର୍ବ ସ୍ୱରୂପ ଭୁଲ୍ ହୋଇଥିଲେ ଅଖଣ୍ଡ ପାକିସ୍ଥାନ ପାଉଥାନ୍ତେ ଓ ପୂର୍ବ ପଶ୍ଚିମ ପାକିସ୍ଥାନ ଭିତରେ ସୋଝାସୋଝି ଯୋଗ ଥାନ୍ତା । ଜନ୍ତୁ କଥାରେ ଅଛି—ଭଗବାନଙ୍କ ବାହା ଭୁଲ୍‌ରେ ଗଣ୍ଡି ଅଛି ?

× × ×

ବାଡ଼ି ଜନମଠାରୁ କଳମ ମୂଲ୍ୟ ବାହୁଡ଼ ବେଶି । ସେଥିପାଇଁ ସବୁଶଙ୍କ ହାତରେ କଳମ ଯାହା ହାତରେ ଯେତେ କଲମ ହୋଇ ତା ମୂର୍ତ୍ତା ସେ ସବେଶ ମହାପୁରୁଷ ଭଳି ସେତିକ ହେଲା । ସେ ତାର ମୂର୍ତ୍ତି ଦେଖିବ ବଲ କମେ ଦେଖି ଦେଖି ପାକିସ୍ଥାନ ଆଣିଛନ୍ତି । ସିଦ୍ଧି ପାଇଛନ୍ତି —ସିଦ୍ଧିଦାତା ଗଣେଶ ହୋଇଛନ୍ତି । ଅତଏବ ତାଙ୍କର ଅଦ୍ୟ ଦେବତା ହିସାବରେ ପୂଜା ପାଇବେ ।

× × ×

ବୋମ୍ବେ ଥିବା ସେ କଥାରେ—କାଶ୍ମୀରର ଏ ଲଢ଼େଇ । ଏ ଭୁଲ ଜଲ ପ୍ରତି ସରକାରଙ୍କର ବଡ଼ ଦୁର୍ଦ୍ଦଶା । ଆମ ବୋମ୍ବେ ପ୍ରତିନିଧି ଜଣାଉଛନ୍ତି— ଏବେ ବୋମ୍ବେରେ ଭେଷଜ କମିଟି ବସୁଛି । ବୋମ୍ବେରେ ଡେଭେଲପ୍ ମେଣ୍ଟ କମିଟି ନାହିଁ । ଜନ୍ତୁ କାଶ୍ମୀରରେ ସେ ସବୁ ଆଉ ନଥିଲା ଥିଲା । ଉଦାହରଣ ସ୍ୱରୂପ ପ୍ରଦେଶରେ ଯେତେ ବାଘ ଅଛନ୍ତି, କାଶ୍ମୀରର ଚୋର ସବୁ ଯାଇ ବାଘ ବାହୁ ଖାଇ ଯାଇଛି । ଏଠା ଲୋକଙ୍କ ଏହା ପ୍ରତି ଦରକାର ନାହିଁ । ଲୋକ ଲେଖି ଦରକାର ନାହିଁ । କାରଣ ଲେଖକଙ୍କ ଅଣ୍ଡ ଖୋଲରେ ମସ୍ତିଷ୍କ ଥାଇ ଦେଇ ଦେଖିବା ଲୋକ ମାନଙ୍କ ନାହିଁ ପୁଣି ଦେଇ ଅଣଗାଳ ଦେଖିବା ହୋଇନଥାଏ ତାଙ୍କ ସଙ୍ଗେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି । ତେଣୁ ମୂର୍ଖ ମାନଙ୍କ ଜିତିବେ ।

× × ×

ଆମର ଅନେକ କହୁଛନ୍ତି ଶିକ୍ଷା ବିଭାଗ ସାଙ୍ଗରେ ପୂର୍ବର ବିଭାଗର ତୁଳନା କରନ୍ତୁ । ଏ ପ୍ରଦେଶର ଶିକ୍ଷା ବିଭାଗର ଅବସ୍ଥା କଥା ଶୁଣିବାକୁ ବେଶ ନାହିଁ ?—ଆମେ ତ ଉଡ଼ାଇ ଦେବା ! ଆରେ ବାବୁ ଶିକ୍ଷାଟା ହେଲା ବ୍ୟକ୍ତିଗତ କଥା । ଏଥିରେ ତ୍ୟାଗ, ଉଦାସୀନତା ଉତ୍ୟାଦି ଶିକ୍ଷା ଦେଇ ଦିଆ ଉଚିତ । ପୂର୍ବର ବିଭାଗ ହେଲା ଗାଡ଼ିରେ ଖାଦ୍ୟ ବିଭାଗ । ସେଥିରେ ସରକାରଙ୍କର ସୁଦୃଷ୍ଟି—ସମର୍ଥନ—ସାହାଯ୍ୟ—ସର୍ବଦା ତଥା ସର୍ବଥା ଥିବା ଉଚିତ । ଆଉ ଶିକ୍ଷା ବିଭାଗ ପାଇଁ ସରକାର ବାସ୍ତବିକ ବାର୍ଷିକ ଚେଷ୍ଟାରେ ଉଦାସୀନତା, ତ୍ୟାଗ ସହିଷ୍ଣୁତା ଉତ୍ୟାଦି ନ ଦେଖାଇଲେ କେବେ କମିବ ?

\+ + ×

ବଡ଼ ଯାଉଛି ଯତ୍ନ ପ୍ରାଇମେରୀ ଶିକ୍ଷକଙ୍କ ଚଳେଇ ସାଙ୍ଗରେ ସମାନ କରାଯାଏ—ତେବେ ତାହାଦ୍ୱାରା ମାନଙ୍କ ସରକାର ଯେଉଁ ଦରମା, ଖାତିର, କ୍ଷମତା, ଦାୟିତ୍ୱ ଦେଉଛନ୍ତି ତାହା ଶିକ୍ଷକଙ୍କର ନାହିଁ । ଅଧିକ ମଧ୍ୟ ସ୍କୁଲ ବିଭାଗର ସବ୍ ଇନସପେକ୍ଟରର ସହ ପୋଲିସ୍ ସବ୍ ଇନସ୍ପେକ୍ଟରଙ୍କର ତୁଳନା କଲେ ଅବାକ ହୋଇ ଦେଖାଯିବ । ପୋ: ସବ. ଇନସ୍ପେକ୍ଟରଙ୍କର ବନ୍ଧୁକ ନଥିଲେ ଘୋଡ଼ା, ଜମ ଦାର ଉତ୍ୟାଦି ଅଛନ୍ତି । ଚଢ଼ିବା ପାଇଁ ଘୋଡ଼ା ଅଛି, ହୁକୁମ ତାମିଲ୍ କରିବା ପାଇଁ ଚୌକିଦାରଠାରୁ କନେଷ୍ଟବଲ୍ ଅଛନ୍ତି—ତଥା ବାହାଦୁରୀ, ଡାକ ଡାକିବାଠାରୁ ଅଫିସ ପର୍ଯ୍ୟନ୍ତ ସବୁ କାମ କରା ସର୍ତ୍ତରେ ହୋଇ ଏଗରିଭ ଭୂଷଣ ର ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ତାର ଅଲଗା ଢଙ୍ଗରେ ହୋଇଯାଏ ।

\+ × ×

ଶିକ୍ଷା ବିଭାଗକୁ ସରକାରଙ୍କର ଶିକ୍ଷା ଅତି ମହତ । ମଫସଲରେ ବାହା ଓଡ଼ ତଳେ ବା ନଈବଢ଼ିରେ ବା ଗୋରୁ ମଲ୍ଲଭୂଇରେ ଗୋରୁ ଖାଇ ଯତ୍ନ ଭାଙ୍ଗି ଯାଇଥାନ୍ତି ବା ମରି ଯାଇଥାନ୍ତି, ତେବେ ସେଥିରେ ମୁଣ୍ଡ ସ୍କୁଲ ରହିବା ପାଇଁ ସହିଷ୍ଣୁତାର ଶିକ୍ଷା ଦିଆଯାଏ ସ୍କୁଲ ସ: ଇ: ଙ୍କୁ । ବଡ଼ ବଡ଼ ଚପରାସିରେ କାମ ଚଳାଇବା ହାର ଏମାନେ ଆତ୍ମ ନିର୍ଭରଶୀଳତାର ଶିକ୍ଷା ପାଆନ୍ତି । କେବଳ ହାତ—ଗୁଣ୍ଡ ନ ଥିଲେ ସେଠା ଉ ହେଲା ତାଗ ତଥା ଅଦର୍ଶତା । ସେଥିପାଇଁ ଶିକ୍ଷା ବିଭାଗର ସ: ଇ: ମାନଙ୍କ ଆମର ପରାମର୍ଶ (ଶିକ୍ଷା ନୁହେଁ !) ଯେ ପୁ: ସ: ଇ: ଙ୍କଠାରୁ ମହତ୍ତ୍ୱ, ଉଚ୍ଚତର ବା ଦୀର୍ଘ ଶିକ୍ଷିତ ଏହା ପ୍ରମାଣ କରିବା ପାଇଁ ସେମାନେ ତ୍ୟାଗର ଆଦର୍ଶ ଗ୍ରହଣ କରନ୍ତୁ । କେଉଁ ମହାତ୍ମା ଲୋକଙ୍କର ପଦାଙ୍କ ଅନୁସରଣ କରନ୍ତୁ ।

\+ + × × ×

ଆମ ମେଦିନୀପୁର ପ୍ରତିନିଧିଙ୍କ ପାଖରୁ ଏକ ବିଶେଷ ସଂବାଦ ଆସିଛି । ମେଦିନୀପୁରର ଓଡ଼ିଆ ପ୍ରଗତ ନକ୍ସା ବଦଳ ମହାନ୍ତି ଓଡ଼ିଶା ମାଇତି ସ୍ୱୀକୃତ ସଂଯୁକ୍ତ ମହତାବଙ୍କୁ ଧମକ ଦେଉଥିଲେ— ଯଦି ତମେ ମେଦିନୀପୁର ଦାବି କର ଦେଖିବ । ମହାନ୍ତି ମହାଶୟ ମାଇତି ହେବା ପରେ ତାଙ୍କର ସ୍ୱଭାବ ନାମଟା ଭୁଲି ଯାଉଛନ୍ତି । ବିଶେଷତଃ ମେଦିନୀପୁରର ପ୍ରଥମ ଓଡ଼ିଆ ସେ ଯେ ବଙ୍ଗଳାର ପ୍ରଥମ ମନ୍ତ୍ରୀ ବା ବଡ଼ ପଦବୀ ପାଇଛନ୍ତି । ଘଟକ ମାନସିଂହ ହୋଇ ସେ ଆପଣାକୁ ବୋଲାଇବ କି ଯିବ । ତେବେ ପୁଣି ହଠାତ୍ ବେଳ ଚକ୍ର ଏମିତି ପଡ଼ିଲା ଯେ ସେ ବାଘ ହୋଇ ଦରେ ମୁଷାରେ ମଧ୍ୟଚକ୍ଷୁରେ —ଗୋପାଳ ଗୋବିନ୍ଦ ମୁକୁନ୍ଦ ସୌରି—

ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୁ ନିରାଶ୍ରୟମାଂ ଜଗଦୀଶ ରକ୍ଷ ବୋଲି କହୁଛନ୍ତି । ଆମର ଭରସା ଏଥିରେ ମହତାବ ଓଡ଼ିଆ ତାଙ୍କୁ ଧମକାଉଛନ୍ତି । ଧନ୍ୟ ଧନ୍ୟ । ମହତାବ ଓଡ଼ିଆ ବିଦ୍ୱେଷୀ ହୋଇ ଓଡ଼ିଶାରେ ମନ୍ତ୍ରୀ ଅଛନ୍ତି; ନକ୍ସା ଓଡ଼ିଆ ବିଦ୍ୱେଷୀ ହୋଇ ମଧ୍ୟ ବଙ୍ଗଳର ସ୍ଥାନ ପାଇ ପୁଣି କେଶର ଉଣ୍ଡିବା ସେହି ସାହିତ୍ୟ ।

\+ + + ×

## ବିଜ୍ଞାପନ

ମୟୂରଭଞ୍ଜର ମହାରାଜାଙ୍କର ଶୁଭ ଜନ୍ମ ବାସର ଉପଲକ୍ଷରେ ଉତ୍କଳ ଶୋଭିତ ସମିତି ଓଡ଼ିଆରେ ଶ୍ରେଷ୍ଠ ନାଟକ ଲେଖକଙ୍କୁ ଶହେ ଟଙ୍କା ପୁରସ୍କାର ଦେବାର ଘୋଷଣା କରିଛନ୍ତି । ଏହି ପୁରସ୍କାର ପାଇଁ ପ୍ରେରିତ ନାଟକ ସମ୍ପୂର୍ଣ୍ଣ ମୌଳିକ ଏବଂ ଅଭିନୟୋପଯୋଗୀ ହେବା ଆବଶ୍ୟକ । ପୂର୍ବରୁ ପ୍ରକାଶିତ ବା ଅନୂଦିତ ନାଟକ ଗ୍ରହଣୀୟ ହେବ ନାହିଁ ।

ଚଳିତ ବର୍ଷ ପୁରସ୍କାର ପ୍ରତିଯୋଗିତା ପାଇଁ ପ୍ରେରିତ ନାଟକ ଅକ୍ଟୋବର ମାସ ୫ ତାରିଖ ସୁଦ୍ଧା ଉତ୍କଳ ଶୋଭିତ ସମିତିର ସମ୍ପାଦକ ଗ୍ରହଣ କରିବେ ।

| | |
|---|---|
| ବାରିପଦା<br>ତା ୧.୯.୪୭ | ଶ୍ରୀ ସୁରେଶ ଚନ୍ଦ୍ର ଦାସ<br>ସମ୍ପାଦକ<br>'ଉତ୍କଳ ଶୋଭିତ ସମିତି' |

Digitized by srujanika@gmail.com




# କବି-ଲୁଚେରେ

ଲେଖକ – **ଫତୁରାନଂଦ**

(ପୂର୍ବାନୁବୃତ୍ତି)

[ କଥା—ଲାବଣି ତାଙ୍କର ଅବର ବନ୍ଧୁଙ୍କୁ ଯଥି ଅନୁରୋଧ କଲେ, ବାଉଁଶ ଜଣଣ୍ଟନ୍ତ ନେଂଶରୀଙ୍କୁ ପାଉଥିବା ସ୍ନାନାର୍ଥୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ । ଅବର ବୈତାଳମାନଙ୍କ ପେଶି ଶାବର ଓ ମୂଢ଼ କବିମାନଙ୍କ ଠାରୁ ଯେଉଁ କବିତା ଗୁଡ଼ିକ ପାଇଲେ ତାହା କେତେକ ପ୍ରକାଶ ପାଇଛି ଓ କ୍ରମାନ୍ୱୟରେ ପାଉଛି । ତନ୍ମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ଦଶଗୋଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ।

**୬ ଦେବଦୁର୍ଲଭ ଦାସ**

ରାଗ—ନଳିନୀ ଗୌଡ଼ା

ଏଥୁ ଅନନ୍ତରେ କ୍ଷଣ
ଯେ ନାୟିକା ପରଗୁଣ
ହୋଇଲା ପ୍ରଭାତ କାଳ
ବଡ଼ ସକାଳ ଯେ । ୧ ।
ଚଳେ ପୁଷ୍କରିଣୀ ତୀରେ
ଯୋଷାମଣି ଧୀରେ ଧୀରେ
କାଖରେ ଧରି କଳସୀ
ଯେ ମଦାଳସୀ ଯେ । ୨ ।
ପୁଷ୍କରିଣୀ ତଳପାଠ
ସୁନ୍ଦର ପାବଚ୍ଛୁ ଘାଟ
ଶୋଭା ତାର ଅନୁପମ
ବିଶଦ କମ ଯେ । ୩ ।
ଜଳ ସୁଧାମୟ ସ୍ୱାଦ
ହଂସ ଚକ୍ରବାକ ଖେଦ
ଡାହୁକ ଡାକନ୍ତି ରଙ୍ଗେ
ସ୍ୱକାନ୍ତ ସଙ୍ଗେ ଯେ ।୪
କମଳ କୈରବ ଶୋଭା
ମର୍ତ୍ତେ ମଧୁଲିଟ ଲୋଭା
କୁସୁମ କେଶର ଜଳ
ଅତି ଉଜ୍ଜ୍ୱଳ ଯେ । ୫
ବେଢିଅଛି ବଂଶବନ
ହୃଦୟ କରଇ ଛନ
ବୃକ୍ଷେ ବୃକ୍ଷେ ଛନ୍ଦାଛନ୍ଦ
ପ୍ରେମେ ଅବନ୍ଧ ଯେ । ୬
ପଶିଲା ଯୁବତୀ ଜଳେ
ପ୍ରତିବିମ୍ବ କୁମ୍ଭ ତଳେ
କମଳ ତୋଳଇ ବାଳୀ
ସ୍ନାହାନ ସାରି ଯେ ।୭
ଏକାଳ ଶୋଭା ଏମନ୍ତ
କେବଢ଼ ସେ ରୁଚିରବନ୍ତ
ଧନ୍ୟ କଦ୍ରମା ମଦ୍ରମା
ନାଗରୀ କ୍ଷେମା ଯେ । ୮
ଚନ୍ଦ୍ରକୁ କଳଙ୍କ କାଟି
ସୁଧା ସମୁଦ୍ରରେ ମାଜି
କାଟି କୋଟି କଳ୍ପତରେ
କି ଫୁଲଶରେ ଯେ । ୯
ଧନ୍ୟ କୁଟିଳ କୁନ୍ତଳ
ଚିକ୍କଳ ପଟ ନିର୍ମଳ
ଭ୍ରୂଲତା ଭଙ୍ଗିମ ଲୋ
ଅପାଙ୍ଗ ଖେଳା ଯେ । ୧୦
ଧନ୍ୟ ଶୋଭାପାଏ କର୍ଣ୍ଣ
ବନ୍ଧୂକ କି ଚନ୍ଦ୍ରବର୍ଣ୍ଣ
ଧନ୍ୟ ସେ ଶରୁକ ଓଷ୍ଠ
ବିମ୍ବ ବି ଶ୍ରେଷ୍ଠ ଯେ । ୧୧
ଧନ୍ୟ ଏ ଉଦ୍ଭାସ ମୁଖ
ନାସିକା ଫୁଲ ମୟୂଖ
ଧନ୍ୟ ସେ ସୁସ୍ୱରୁ ବାଣୀ
କାମ ବାଜେଣୀ ଯେ । ୧୨
ଧନ୍ୟ ଏ ସାରଙ୍ଗ ଗଳା
କୁଚ କୁମ୍ଭ ଉଚ୍ଚଶିଳା
ଧନ୍ୟ ତାର ପାଦପାଣି
ପଙ୍କଜ ଜିଣି ଯେ । ୧୩
ଧନ୍ୟ ତା ନଖ ଚନ୍ଦ୍ରକା
ଚନ୍ଦ୍ର ଯାଏ ଲୟେ ଶାଖା
ଉଲଟ ରମ୍ଭା ଜଘନ
ଯୁଗ ସଘନ ଯେ । ୧୦
ନାଭମ୍ବ ତଟ ଅନଙ୍ଗ
ସିଂହାସନ ହେଲା ଭଙ୍ଗ
ନିବିଡ଼ ଲଳିତ ମଧ୍ୟା
ଉମ୍ବରୁ ଅଧା ଯେ । ୧୫
ଧନ୍ୟ ତା ରଙ୍ଗ ପତଙ୍ଗୀ
କୁସ୍ଥି ପିନ୍ଧିଅଛି ଧନୀ
ଘଣ୍ଟି ଘାଘୁରି କି ମଣି
ସେ ଓଢ଼ିଅଣି ଯେ । ୧୬
ବିଦ ମୁଦ୍ରିକା ବାଂଯୁ
ବାହୁଟି ତାଟଙ୍କ ଚୟୁ
ନାକଚଣା କଣ୍ଠି କଣି
କାମ କାଟେଣୀ ଯେ । ୧୭
ଯାଏ ସଖୀ ସ୍ନାନ ସାରି
ଭମଳ ଭରରେ ଧରି
ଗୁହାଣୀ କାମକନ୍ଦୁରୀ
ସେ ନବ ଗୋରୀ ଯେ । ୧୮
ଦେଖ ସେ ଯେ ବଂଶବନ-
ସର ନାୟିକା ରଚନ
ବର୍ଣ୍ଣନେ ପ୍ରେମଲକ୍ଷଣ
ଉଲସେ ମନ ଯେ । ୧୯

**(ଅନ୍ୟା ସଂଖ୍ୟାରେ କବି ହୃମିଦ)**

—•—

**ମତାବଥାର ଅବଶିଷ୍ଟାଂଶ**

୧ମ ଯାଣୀଭ ପାଖର ଯାଉ ରା' ଦେବରେ ଗାନୁଛା ଖବାଇଦା ସଙ୍ଗେ ସଙ୍ଗେ ଧମକାଇବା ଓ ମରୁଭ୍ ଦେଖାଇବା ) ଅଉ ରୁଷିଣ ଦେବୁ ଭ ଦେ ନୋହିବେ ଘର୍ନ ଭଦବ ନାହିଁ ।

୧ଯେଶୀ – ( ଦଡ଼ପାଟ ବଉ ଅଉଁ ବୁଲେଉ ) ବାବା ମରଗଳ ଲେ ବାବା । ମୁଁ ଦେଇଛଉ ଖିମି ଲେ ବାବା । ମୁଁ ଏ ଦୁଷ ବନ ଲେ ବାବା । ମତେ ବେନେ ମାଲ୍ଲୁଟ୍ଲ ବାବା ।

ବନ୍‌ଷ୍ଟେବଲ୍—( ଲଟି ଉଁଷୁଭ ଦଉର ଅଛିବା ) ହୈ, ହୈ, ବାଦେ ବନ୍ଧା ବଗ୍‌ଲ ହୋ । ବଲସନ୍‌'ଅଦନି ହୋ । ବା ଉଦନ ହୋ—ବଉନ ବସ୍‌ବୋ ମାଇ୍ ପବାଇନ ହୋ ?

Digitized by srujanika@gmail.com

# ଡଗରର ବିଚାର ଧାରା

—ସନ୍ଧାନୀ

(ପୂର୍ବ ସଂଖ୍ୟାର ଅନୁବୃତ୍ତି)

କଂଗ୍ରେସ ଯଦି କହେ ଯେ ଏବେ ବି ତାର ଲକ୍ଷ୍ୟଠାରୁ ସେ ଦୂରରେ ତେବେ କଂଗ୍ରେସ ଅନୁଷ୍ଠାନ ହିସାବରେ ସ୍ୱତନ୍ତ୍ର ସତ୍ତା ଦେଇ ବଞ୍ଚି ରହୁ । ରହିବା ଉଚିତ । କିନ୍ତୁ ଯେଉଁମାନେ କଂଗ୍ରେସର ତ୍ୟାଗ ଓ ସୁନାମକୁ ବିକ୍ରି କରି ଖାଇବାର ସୁବିଧା ପାଇଁ ଚିତ୍କାର କରୁଛନ୍ତି ଯେ— ଆମର ସ୍ୱାଧୀନତା ମିଳିଗଲା —ସ୍ୱରାଜ୍ୟ ମିଳିଗଲା—ସେମାନଙ୍କ ମୁହଁ ବନ୍ଦ ହୋଇଯାଉ । ଗାନ୍ଧିଜୀ ଓ କଂଗ୍ରେସର ବହୁ ଉଚ୍ଚ ନେତା ଏକଥା ପୂର୍ବରୁ କହିଛନ୍ତି ଯେ ସ୍ୱରାଜ ପ୍ରାପ୍ତି ପରେ କଂଗ୍ରେସ ଏକ ଅନୁଷ୍ଠାନ ରୂପେ ରହିବାର ଅବଶ୍ୟକତା ନାହିଁ । କିନ୍ତୁ ସମ୍ପ୍ରତି ମୋଟାମୋଟି କଂଗ୍ରେସର ବ୍ୟକ୍ତି ବିଶେଷ ଆପଣାର ଆସନକୁ ଉଚ୍ଚପଦ ବିଚାର ଯେତେ ଚିତ୍କାର କରନ୍ତୁ ପଛେ ଖୁବ୍ ବିଚାରଶୀଳ କଂଗ୍ରେସ ନେତୃବର୍ଗ ବର୍ତ୍ତମାନ ଅବସ୍ଥାକୁ ପ୍ରକୃତ ସ୍ୱାଧୀନତା କହିବାକୁ ପ୍ରସ୍ତୁତ ନୁହନ୍ତି । ସଭାପତି ଆଚାର୍ଯ୍ୟ କୃପାଲନୀ ଓ ସମ୍ପାଦକ ଶଙ୍କର ରାଓଙ୍କ ନାନା ସ୍ଥଳରେ ନାନା ଭାଷଣର ଧାରାକୁ ଲକ୍ଷ୍ୟ କଲେ ତାହା ବୁଝାପଡିବ । ଗାନ୍ଧିଜୀ ମଧ୍ୟ ତା ୭।୮।୪୭ରିଖ 'ହରିଜନ'ରେ କହିଛନ୍ତି— "ରାମରାଜ୍ୟ (ଗାନ୍ଧିଜୀଙ୍କ କଳ୍ପିତ ସ୍ୱରାଜ୍ୟ)ର ପାଖରେ ପହଞ୍ଚିବା କଥା ସ୍ୱାଧୀନତା ଅଦୌ ଆସି ନାହିଁ । ମନେ ହେଉଛି, ଆମେ ପୂର୍ବରୁ ତାହାଠାରୁ ଯେତିକି ଦୂରରେ ଥିଲୁ ଏବେ ବି ସେତିକି ଦୂରରେ ଅଛୁ ।"

ଯଦି ଆମେ ଗାନ୍ଧିଜୀଙ୍କ କଥାକୁ ମାନି ନେଉ ତେବେ କଂଗ୍ରେସର କର୍ତ୍ତବ୍ୟ ଅଦ୍ୟାପି ଶେଷ ହୋଇ ନାହିଁ । ବରଂ ଆରମ୍ଭମାତ୍ର । କିନ୍ତୁ କଂଗ୍ରେସ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି ସେ ଭଳି ଅବସ୍ଥାରେ ରହିବା ଅଦୌ ଉଚିତ ନୁହେଁ । ସ୍ପଷ୍ଟ ଭାବରେ ଦେଖାଯାଉଛି— କଂଗ୍ରେସର କେତେକ କ୍ଷମତାମତ୍ତ ପଦସ୍ଥ ବ୍ୟକ୍ତି କଂଗ୍ରେସକୁ ଭ୍ରଷ୍ଟ କରି ଆପଣାର ଦୁର୍ନୀତିକୁହିଁ କଂଗ୍ରେସର ନୀତି ବୋଲି ଘୋଷଣା କରିବାର ଉଦ୍ୟମରେ ଅଛନ୍ତି । ଅଥଚ ରଚନାତ୍ମକ କାର୍ଯ୍ୟର ନାମ ହୋଇଛି ଲୁଗାକଳ, ତେଲ-କଳ, ଭେଜିଟେବଲ କଳର ବିଶାଳ ଯୋଜନା, ଶୋଷଣ ରହିତ ସମାଜର ଅର୍ଥ ହୋଇଛି, ଏହି କଳ ମାନଙ୍କର ଅଂଶଧାରୀ, ସତ୍ୟ ଓ ଅହିଂସାର ପରାକାଷ୍ଠା ପ୍ରମାଣିତ ହେଉଛି ଛୋଟ ଛୋଟ ଗୋଷ୍ଠୀ ଗଠନ କରି କ୍ଷମତାକୁ ଚିରସ୍ଥାୟୀ କରିବା ପାଇଁ ଆପଣାର ସହକର୍ମୀମାନଙ୍କ ଗଳାରେ ଛୁରୀ ଦେବା ଏବଂ କ୍ଷମତାକୁ ଦୃଢ଼ କରିବା ପାଇଁ ନିତାନ୍ତ ହୀନ ବୃତ୍ତି ଗ୍ରହଣ କରିବା ।

ଏହି ସବୁକୁ ବିଚାର କରି କଂଗ୍ରେସ ତାର ନୀତିର ସ୍ପଷ୍ଟୀକରଣ କରୁ । କଂଗ୍ରେସ ଯଦି ଏହି ଭଳି କ୍ଷମତାଲିପ୍ସୁ ଲୋକଙ୍କର ନୀତିକୁ ଗ୍ରହଣ କରେ ତେବେ ତାହା ସ୍ପଷ୍ଟ ଭାବରେ ଘୋଷଣା କରି ଦେଉ ଯେ କଂଗ୍ରେସ ଏକ ରାଜନୈତିକ ଦଳ ହୋଇ ରହିବ ଏବଂ ପାଶ୍ଚାତ୍ୟ ଅନୁକରଣରେ ଗଠିତ ଅନ୍ୟାନ୍ୟ ଦଳମାନଙ୍କ ପରି ଆପଣାର ନେତୃତ୍ୱ ପାଇଁ ସମସ୍ତ ପ୍ରକାର ଉପାୟ ଅବଲମ୍ବନରେ ତାର ସ୍ୱାଧୀନତା ରହିବ ।

ତା ନ ହୋଇ କଂଗ୍ରେସ ଯଦି ଏକ ଲୋକସେବକ ଦଳ ରୂପେ ଗୋଟାଏ ଆଦର୍ଶ ଧରି ବଞ୍ଚିରହିବାକୁ ଚାହେଁ ତେବେ ଯେତେ ଶୀଘ୍ର ଏ ଦମ୍ଭବାଜୀ ଅବର୍ଜନା ତା ଭିତରୁ ଦୂର ହୁଏ ସେଥିପାଇଁ ତା'ର କଠୋର ବ୍ୟବସ୍ଥା କରିବାକୁ ପଡ଼ିବ । ଦେଖିବାକୁ ହେବ କଂଗ୍ରେସ ନାମରେ ଯେପରି କେତେକ ଲୋକ ବୈଷ୍ଣବ ଏ ଦେଶକୁ ଶୋଷଣ କରିବାରେ ସୁବିଧା ନ ପାନ୍ତି । ହୋଇପାରେ, ଯେ କଂଗ୍ରେସ ତାର ବ୍ୟାପକତା ହରାଇ ଗୋଟିଏ କ୍ଷୁଦ୍ର ଗୋଷ୍ଠୀ ହୋଇଯିବ । କିନ୍ତୁ ସେଥିପାଇଁ କାତର ହେବା ଉଚିତ ନୁହେଁ । ସେବା ପାଇଁ ମନୋଭାବ ଥିବା କେହି ଦଳର ବୃଦ୍ଧିକୁ ଅପେକ୍ଷା କରେ ନାହିଁ କିମ୍ବା ଦଳର ହ୍ରାସରେ ବିନାଶ ହୁଏ ନାହିଁ ।

ମୋର ମତରେ କଂଗ୍ରେସର ଲୋକେ ଯଦି କଂଗ୍ରେସକୁ ବା କଂଗ୍ରେସର ସୁନାମକୁ ଉପଯୋଗ କରି ଏକ ରାଜନୈତିକ କ୍ଷମତା ହାସଲ କରିବାର ଅସ୍ତ୍ର କରିବାକୁ ଚାହାନ୍ତି ତେବେ କଂଗ୍ରେସକୁ ଭାଙ୍ଗି ଦିଆଯାଉ କି ଭାରତ ସରକାରଙ୍କହିଁ ଅମେରିକା ନୀତିରେ କଂଗ୍ରେସ ଆଖ୍ୟା ଦିଆଯାଉ । ନଚେତ୍ କଂଗ୍ରେସ ଗାନ୍ଧିଜୀଙ୍କର କଳ୍ପିତ ସ୍ୱରାଜ୍ୟକୁ ବାସ୍ତବରୂପ ଦେବାପାଇଁ ଏକ ନିଷ୍ଠାପର ସେବକ ଅନୁଷ୍ଠାନ ହୋଇ ରହୁ । ଇତି ।

## ପହିଲି ବଳୀ

ଇଂରେଜୀରେ କଥାଟିଏ ଅଛି । ତା'ର ମୋଟାମୋଟି ଅର୍ଥ ହେଉଛି ଯେତେବେଳେ ଯୁଦ୍ଧ ଦେବତା ବିକଟାଳ ମୂର୍ତ୍ତି ଧରି 'ଖାଇବି ଖାଇବି' 'ମୁଁ ରକ୍ତ ମୁହାଁ' କହି ଦଉଡ଼ୁଥିଲେ, ତାକୁ ବୋଧ କରିବା ପାଇଁ ପହିଲେ ବିଚରା 'ସତ୍ୟ'କୁ ନେଇ ତା ଆଗରେ ବଳୀ ପକେଇ ଦିଅନ୍ତି । ସତ୍ୟକୁ ମାରି ତା' ରକ୍ତ ମାଂସ ହାଡ ସବୁ ଗ୍ରେବେଇ ଦେଲେ ଯାଇ ସେ ଅନ୍ୟ କାହାକୁ ମାରେ । ଯୁଦ୍ଧ ଧମାଧମ୍ ଲାଗେ ।

ସେମିତି ଯେତିକି ଗାନ୍ଧିବାଦୀ ଅଛନ୍ତି ଆଜି ତାଙ୍କ ମୁହଁଟି ମାନଶୁଖି ଯାଇଛି । ଯାହାକୁ ଦେଖିବ 'ଅବାକ୍ !!' ହୁଅନ୍ତେ ସ୍ୱାଧୀନତା ଆସିଛି । ସ୍ୱାଧୀନତା ଦେବତା ଏତେ ତୀବ୍ର ବେଗରେ ବିକଟ ଅଟ୍ଟ ଆସିଲେ ଯେ ଆମ କଂଗ୍ରେସ ବାଲା ତାଙ୍କୁ କଣ ଦେଇ ପୂଜା ବୋଧ କରିବେ ଭାବି ପାରିଲେ ନାହିଁ । ସେ ତ ହୁଅନ୍ତେ 'ଖାଇବି ଖାଇବି' କହି ଦଉଡୁଥାଏ । ଗାନ୍ଧୀବାଦୀ ଭାବିଥିଲେ ଥଇଲରେ—ତା ମୁହଁକୁ ଏ କଳକାରଖାନା, ପୁଂଜିବାଦ, ବଡ଼ଲୋକ ଅତ୍ୟାଚାର ସବୁ ଠେଲି ଦିବା । ସେ ଗୋଟି ଗୋଟି କରି ଚପି ଖାଇଦେଇ ଜନମ କରିବ 'ଖଦଡ଼' 'ଗ୍ରାମୋଦ୍ୟୋଗ' 'ରାମରାଜ୍ୟ' !

କିନ୍ତୁ ଏଥର ସେମିତି ବନ୍ୟେଇ ପଥରେ ପହଂଚିଛୁ ଆମ କଂଗ୍ରେସ ସରକାର ଯାକ 'ଗାନ୍ଧିବାଦ'କୁ ନେଇ ଧନଗଡ଼ ଭଳି କାଟି ପକେଇ ତା' ମୁହଁରେ ରକ୍ତ ଢାଳିଦେଲେ । ସେ 'ଚରଖା' 'ରାମରାଜ' ସବୁ ଚଲଖିଆ କରି ଦେଇ ଓଇଛୁଆ ଗୋଡ଼ି ଫମ୍ପେଇ ଦେଇ ଗୋଟାକୁ ଗୋଟା ଲୁଗା କଳ, ଭେଜିଟେବଲ ଘିଅ କାରଖାନା, ସୋଡ଼ାଷ ତେଲ କଳ ଛଅଟିକିଆ ପକାଉଚି । ଗାନ୍ଧୀବାଦୀ ବିଗୁରା ଆଁ କରି ବସିଛନ୍ତି । ପାଟିରୁ କଥା କାହାରୁ ନାହିଁ ।

ଜଣେ ମୋତେ ବେ ଧଡ଼କେଇ କହିଲେ —ହଁ —ଦେଖୁଚତ । ତେବେ ଗାନ୍ଧୀ ହଜିଚି ରକ୍ତ ବୀର୍ଯ୍ୟ ଭଳି । ତାକୁ କଂଗ୍ରେସ ମନ୍ତ୍ରୀ କାଟି ପକେଇ ଧନଗଡ଼ କରିଦେଲେ ସେ ଛତ୍ରା ଲାଅନ୍ତା ରୂପ ହୋଇ ବଢ଼ାଇବ ଯେ ।

ଆଶା ବୈତରଣୀ ନଦୀ । ଗାନ୍ଧୀବାଦର ମୂଳକଥା ହେଉଚି ଆଶା—ଧୈର୍ଯ୍ୟ ।

'ଡଗର' ସମ୍ପାଦକେ, ଆପଣ ବିଚାର କରି କହିବେକି ଏକ୍ଷେତ୍ରରେ ଆଶା ଓ ଧୈର୍ଯ୍ୟ ନପୁଂସକର ଲକ୍ଷଣ ନା କଣ ?

—ବିନୋଦ କାନନ୍‌ଗୋ

Digitized by srujanika@gmail.com



# କଣାମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ତା' ନା' ଥିଲା 'କଣାମାମୁଁ'। ସେ ଯେ ପ୍ରକୃତରେ କାହାର ମାମୁ ବା କେଉଁ ଲେଖାରେ ସେ ମାମୁଁ ହୋଇଛି ତାହା କେହି କହି ପାରିବେ ନାହିଁ; କିବା ତାଙ୍କୁ ଯେ କେହି ହେଲେ ସତରେ 'ମା'ର ଭାଇ ମାମୁଁ ଲେଖାଏ, ତାହା ମଧ୍ୟ ନୁହେଁ। ତଥାପି ସେ ସମସ୍ତିଙ୍କର 'କଣାମାମୁଁ'। 'କଣାମାମୁଁ' କଥାଟା ଗୋଟାଏ ସମ୍ବନ୍ଧ ନ ହୋଇ ଗୋଟାଏ 'ନା' ହୋଇ ଯାଇଥାଏ। ସେ ନା'ଟା ପୁଣି ଏଡ଼େ ସାର୍ବଜନୀନ ଯେ, ଯାହାର ବାପ ଡାକେ କଣାମାମୁଁ ସେ ବି ସହଜେ ଡାକେ, ପୁଣି ତାର ପୁଅ ପୁତୁରା ବି ଡାକନ୍ତି କଣାମାମୁ। ପାଣି କଣ୍ଟିରାଠାରୁ ଆରମ୍ଭ କରି ବ୍ରାହ୍ମଣ ସାଏ, ସାଇ ପଡ଼ିଶା, ଗାଁ ଗଣ୍ଡା, ପିଲା, ବୁଢ଼ା, ଝିଅ ବୋହୂ, ସମସ୍ତେ ଡାକନ୍ତି 'କଣାମାମୁଁ' [illegible]।

ଆମେ ପିଲା ବେଳରୁ ଦେଖି ଆସୁଛୁଁ, ତାକୁ ସମସ୍ତେ କହନ୍ତି କଣାମାମୁଁ, ସୁତରାଂ ଆମେ ବି ସେଇଆ ଡାକି ଆସୁଛୁଁ। ଆମ ତଳକୁ ଯେଉଁମାନେ ଜନ୍ମହେଲେ ଆମ ଦେଖା ଦେଖି ସିଏ ବି ଡାକିଲେ କଣାମାମୁଁ। କାହାର ମାମୁଁ ସେ ନୁହେ ତା' ଆମକୁ ଜଣା ନାହିଁ। ସେ ଯେ କ ଯାଏ କଉଠିକି, ନ ଥାଏ କେଉଁଠି ତାହା ବି ଜଣା ନାହିଁ। କଣାମାମୁଁକୁ ନ ଜାଣେ ନ ଚହ୍ନେ ଏପରି ଲୋକ ଆମ ଖଣ୍ଡିକରେ ନାହାନ୍ତି। ମାତ୍ର ସେ କାହାର କଣ ବା ତାର ଘର କଏ ବା କେଉଁଠି ସେହି କଥାଟି ଏକା କେହି ଜାଣନ୍ତି ନାହିଁ। ନ ଜାଣିଲେ ପଛକେ ସେ ସମସ୍ତଙ୍କର ଆପଣାର ଓ ସମସ୍ତେ ତାର ଆପଣାର। ସେ କଉଁଠି ଖାଏ, କଉଁଠି ଥାଏ, କଉଁଠି ଶୁଏ ତାର ଥୟ ନାହିଁ। ସାଇ ଯାକଟିର ସବୁ ଘର ତାର ଅଜଣା ଦ୍ୱାର। କିଛି ବାଅଡ଼ ନାହିଁ, ଗାଧୋଇ ଗାଧୋଇ ଆସି ମହାନ୍ତିଙ୍କ ତ ଓଳଗଣରୁ ଲୁଗା ଖଣ୍ଡେ ଟାଣି ନେଇ ପିନ୍ଧିପକାଇଲା। ଯେ ଥାଆନ୍ତୁ ପଛକେ ହାଣ୍ଡିଶାଳେ ଦୁଆରେ ଯାଇ ଚକାପିଣ୍ଡା ମାଡି ବସିଗଲା। ଖାଇ ପିଇ ଦେଇ ମନ ହେଲା ତ ସପ ସତରଞ୍ଜି ଯାହା ପାଇଲା ଭିଡ଼ ନେଇ ଶୋଇଗଲା ଅଥବା ମନକୁ ଆସିଲା ତ କାହାରିକୁ କିଛି ନ କହି ଚାଲିଗଲା। ତାର ଚାଲିଚଳଣି ଗତି ଗତ ସବୁ ଏହିପରି ଅଦ୍ଭୁତ।

ଲୋକେ କଣାମାମୁର ବ୍ୟବହାରରେ ଏପରି ଅଭ୍ୟସ୍ତ ହୋଇ ଗଲେଣି ଯେ ତାର ଏ ସବୁକୁ କେହି ଗୋଟାଏ ଜୁଲମ ବୋଲି କେବେ ଭାବି ନାହାନ୍ତି। କିବା ନିହାତି ନିଜକୁଟା ବୋଲି ଯେ କେହି ତାକୁ କିଛି ଗୋଟାଏ ବିଶେଷ କରୁଣା ଦୃଷ୍ଟିରେ ଚାହାନ୍ତି ତାହା ବି ନୁହେ। ସେ ଯେପରି ଜଣେ ଘରର ମଣିଷ, ତାର ଯେପରି ଘରର ସମସ୍ତଙ୍କ ଉପରେ ଗୋଟାଏ ଜନ୍ମଗତ ଦାବୀ ଅଛି, ସବୁରି ମନରେ ଏହିପରି ଭାବ। ଆପଣା ପୁଅ, ନିଜର ଗୋଟାଏ ସ୍ୱତ୍ୱ ଅଛି, ବଳ ଅଛି ବୋଲି କେହି କେବେ ଭାବନ୍ତି ତାଙ୍କର ପରଚର୍ଯ୍ୟା କରେ କି? ସେଇଟା ଯେପରି ସ୍ୱାଭାବିକ ଧାରାରେ ପଡ଼ିଯାଏ, ସେହିପରି ଏଇ କଣାମାମୁର ଦାବୀଟା ହୋଇ ଯାଇଥିଲା। ସିଏ ତ ଅଜ ବାଟ ଭିକାରି ନୁହେ, ସ୍ନେହର ଉପେକ୍ଷିତ ନୁହେ, କୁଟୀଆ ମୈତ୍ର ନୁହେ, —ସିଏ ଯେ **କଣାମାମୁ**। ବାସ୍।

ଏଇଲା ଯେ କଣାମାମୁଁ, ସିଏ ସମସ୍ତଙ୍କର କହ୍ନମାମୁଁ ଭଲିଆ; ଏକା ସାନପିଲାଙ୍କର ଯମ। ଜନ୍ମହେଲା ଠଉଁ ୧୨।୧୪ ବରଷ ଯାଏ ସାନ ପିଲାଏ ତାକୁ ବାଘ ଭାଲୁ ପରି ଡରନ୍ତି। ଖଲାଲି ମିଳେ କଣା ମାମୁଁକୁ ଦେଖିଲେ କବାଟ କଣରେ କି ଗଡ଼ୁଁଟି ସନ୍ଧରେ ଲୁଚିବେ। ଅତି ସାନ ପିଲେ ତ କଣାମାମୁଁ ନା ଶୁଣିଲା କ୍ଷଣି କାନ୍ଦଣା ବନ୍ଦ କରି ତୁନି ହୋଇ ଯାନ୍ତି। ଶେଯ ବୁଢ଼ୀଙ୍କ ଆଗରେ କଣାମାମୁଁ ନା କହିଦେଲେ ଆଖିବୁଜି ପଡ଼ିକରି ମୁହଁ ଲୁଚେଇ ଦେବେ। ପିଲାଏ ଅଝଟ ହେଲେ ତାଙ୍କୁ "ହେଇ କାନକଟା ଆଇଲା" "ବାଘରେ ବାଘ" "ବଳୁଆ ଆଇଲା" ପ୍ରଭୃତି କହି ଦେଶରେ ଯେପରି ଡରାନ୍ତି, ଆମ ଗାଁଟାରେ 'କଣାମାମୁଁ' ନା'ଟା ପିଲାଙ୍କର ସେହିପରି।

ଇଏ ତ ଗଲା ସାନ ପିଲାଙ୍କ କଥା। ବଡ଼ପିଲାଏ, ଏପରିକି ବି ୧୦।୧୨ ବର୍ଷର ପିଲାଙ୍କଠାରେ ମଧ୍ୟ କଣାମାମୁଁଙ୍କର ପ୍ରଭାବ। କଣାମାମୁଁକୁ ଦେଖିଲେ ସେମାନେ ଛେରି ମୁଣ୍ଡ ପକାନ୍ତି। ଟିଲ ସଡ଼ାକ ଏହି ସମୟରେ ପ୍ରାୟ ଦୌଡ଼ି ଦୌଡ଼ି ପାଣିବୁଡ଼ା ମାଛଧରା, ଗଛଚଢ଼ା, ଚଢ଼େଇ ଧରା, ଗୁଡ଼ିଉଡ଼ା ପ୍ରଭୃତି କରନ୍ତି। ଏଇଲା ପିଲାଙ୍କର କଣାମାମୁଁ ହେଉଛନ୍ତି ଅବଧାନ। ଅବଶ୍ୟ ପାଠ ପଢ଼ାରେ ନୁହେଁ ଖାଲି ଶାସନରେ। କଣାମାମୁଁର ଗୋଟିଏ ଅଦ୍ଭୁତ ସ୍ୱଭାବ ଥିଲା, ସେ ପିଲାଙ୍କଠାରେ ଯେପରି ଯୁବକଙ୍କ ସାଙ୍ଗରେ ଠିକ ତାର ଓଲଟା। ଏତେ ବଡ଼ ଦରବୁଢ଼ା ମଣିଷଟାଏ, ମାତ୍ର ତାର ସାଙ୍ଗ ହେଉଛନ୍ତି ସେତିକି ଟୋକା ଦଳ। ଯଉଁ ପିଲାଙ୍କୁ ସେ ମାରି ମାରି ଗୁଣ୍ଡା କରୁଥିବ ସେ ପୁଣି ୧୬।୧୭ ହେବା କ୍ଷଣି ଅସ୍ତେ ଅସ୍ତେ କଣାମାମୁଁର ଇୟାର ବନିଯିବେ। ସେହି ଇୟାର ମାନେ ପୁଣି ଯିମିତି ଟିକିଏ ପୋଖତ ହୋଇ ସଂସାରରେ ପଶିବାକୁ ଲାଗିବେ, କଣାମାମୁଁ ତାର ଅସ୍ତେ ଅସ୍ତେ ତାକୁ ଛାଡ଼ିବ ଓ ତା ତଳ ପାହାଚକୁ ଆଗୁଳିବ। ଏହିତାର ଗତି, ଏହିତାର ଧାରା।

(କ୍ରମଶଃ)

Digitized by srujanika@gmail.com




# ଗୃହସ୍ଥର

## ଭଉଣୀମାନଙ୍କ ପ୍ରତି

ଆପଣ ମାନେ ଜାଣନ୍ତି ଆମ ଦେଶ ଅଗଷ୍ଟ ୧୫ ତାରିଖ ୧୯୪୭ ଠାରୁ ସ୍ୱାଧୀନ ହୋଇଯାଇଛି । କିନ୍ତୁ ସ୍ୱାଧୀନତାର ଧାରଣା କଣ ଆମର ଅଛି ? ସ୍ୱାଧୀନତାର ଦାୟିତ୍ୱ ଏ ଦେଶର ପ୍ରତି ନାରୀଙ୍କୁ ବହନ କରିବାକୁ ହେବ ବୋଲି କି ଆପଣ ମାନେ କଳ୍ପନା କରିଛନ୍ତି ? ଦେଶର ଗୋଟିଏ ପ୍ରଳୟଙ୍କର ଲଢ଼େଇ ତ ଆମ ଦେଶର ପୁଅ ଝିଅମାନେ ଲଢ଼ିଲେ— ଯାହା ମିଳିଲା, ତାହା ସମସ୍ତେ ବୁଝିଛେ । କିନ୍ତୁ ସ୍ୱାଧୀନତାର ସ୍ୱରୂପ କଅଣ, ତାର କଳ୍ପନା ବାସ୍ତବିକ ଆମର କାହାର ଅଛି କି ନା ସନ୍ଦେହ । ମଫସଲରେ ମାଇପେ କହୁଛନ୍ତି "ଏଣିକି ସ୍ୱରାଜ ଆସିଲା, ଦୁଧ ଘିଅରେ ମହୀ ଭାସିବ ।" ସତକଥା, ଭାସିଯିବ ନିଶ୍ଚୟ, କିନ୍ତୁ କିଏ ଭସେଇବ ? ସ୍ୱର୍ଗରୁ ଦେବତାମାନେ କି ଆସିଭଲି ଘିଅ ମହୁ ବର୍ଷେଇବେ ? ନା, ତା ହବ ନାହିଁ । ସେ ମିହନ୍ତ ଯେ ଆମକୁ କରିବାକୁ ହେବ । ଅର୍ଥ, ଉଗାଢର ଉଦ୍ଧାର କରିବାକୁ ହେବ ଆମକୁ—ଏକା । ଭଲ ଖାଇବାକୁ ହେଲେ ଗୋରୁ ଗାଈ ପାଳିବାକୁ, ତାଙ୍କ ସେବା କରିବାକୁ ହେବ, ଘର ପାଖେ ବାଗ ବଗିଚା ଉଦ୍ଧାର କରିବାକୁ ହବ । ପୁଅ ଗଡ଼ିଆରେ ମାଛ ଛାଡ଼ି ବଢ଼ି କରିବାକୁ ହବ । ଘର ଦୁଆର ସଫାସୁତୁରା କରିବାକୁ ହେବ; କୂଅ ପାଣି ସଫା ରଖିବାକୁ ହବ, ପାଣିକଳ ନ ହେଲା ଯାଏଁ ସିଝେଇ ପାଣି ପିଇବାକୁ ହବ । ଲୁଗା ବୁଣିବାକୁ, ସୂତା କାଟିବାକୁ ହବ । ଏପରି ନ କଲେ ଆମ ଅସୁବିଧା ପିଲାଙ୍କ ଅସୁବିଧା କିପରି ଯିବ ? ସହରରେ ନ ରହି ଗାଁରେ ରହି ମାଇପ ପିଲାଙ୍କୁ ଓଡ଼ିଆ ହିନ୍ଦୀ ଅଙ୍କ ପଢ଼ାଇବାକୁ ହବ । ବଡ଼ ମାଇପିଙ୍କୁ ବା ଆପଣମାନେ ଗାଁରୁ ଡାକି କ୍ଲାସ ଖୋଲି ପାଠ ପଢ଼ାଇବେ । ଏପରି କେତେ କାମ ଅଛି । ପର୍ଦ୍ଦା ଓଢ଼ଣା ଛାଡ଼ି ସାହସ କରି ଦାଣ୍ଡକୁ ବାହାରି ଠିଆ ହବାକୁ ହବ ଓ ନିଜର ଓ ପରଭାଗୀ ମାଇପିଙ୍କ ହକ ପାଇଁ ଦାଣ୍ଡରେ ସମାଜରେ ଲଢ଼ିବାକୁ ହେବ । ନିଜ ସମ୍ପତ୍ତିବାଡ଼ୀ ଠିକଣା କରି ବୁଝିବାକୁ ହେବ, ସେଥିପାଇଁ ଓକିଲ ଡାକ୍ତର, ରାଜଦୁଆରକୁ କଚେରିକୁ ଯିବାକୁ ହେଲେ ନ୍ୟାୟ ପାଇଁ ହକ ପାଇଁ ଯିବାକୁ ହେବ । ଏ ସବୁ ନ କଲେ ଆମ ଓଡ଼ିଆ ଘର ଝିଅ ବୋହୂମାନେ ନାଚବସ୍ତୁ ନ ହେଇ ଚିରଦିନ ଧଣ୍ଡିବସ୍ତୁ ହେଇଥିବେ, ଆଜି ସମସ୍ତେ ଦୁର୍ଣ୍ଣ ବଳରେ ଅଧିକାର ଦେଖେଇ ତାଙ୍କ ହକ ଦଳମାଡ଼ି ଦେଇ ଯାଉଥିବେ, ଆଉ ଧଣ୍ଡିବସ୍ତୁମାନେ ଜଳକା ହେଇ କପାଳକୁ ଆଦର କରିଥିବେ । କହିବାକୁ ତ କେତେ କଥା ଅଛି । କ୍ରମେ କ୍ରମେ କହିବା । ଆପଣମାନେ ନିଜକୁ ଏ ସଂସାରରେ ମଣିଷ ବୋଲି ଆଗ ଭାବି ଶିଖନ୍ତୁ । ବିଧବାନାରୀ ପ୍ରତି କି ଅବିଚାର ହେଉଛି, କେତେ ମାଇପେ ଘରଛାଡ଼ି ଗୁଣ୍ଡାଙ୍କ ଫାନ୍ଦରେ ପଡ଼ି କଲିକତାରେ ପଶୁଜୀବନ ଯାପୁଛନ୍ତି, ଜାତି ବାହାରି ହେଇ ଯାଉଛନ୍ତି ଅଫଗାନିସ୍ଥାନ ଲାହୋର, ବେଲୁଚ ଆଡ଼ େତଣେ ଟିକେ ଧ୍ୟାନ ରଖନ୍ତୁ । ମାଇପେ ମାଇପଙ୍କର ଆଜି ସମାଜରେ, ଘରର ବଡ଼ ଶତ୍ରୁ । ଏହାର କାରଣ ଆମର ଶ୍ରେଷ୍ଠ ସ୍ୱାର୍ଥ ଆଉ ପରନିର୍ଭର ଜୀବନ, ଭୋଗ ବିଳାସ ବାସନା । ସେବାଭାବ ଆଣି ଏସବୁ ଛାଡ଼ି ମନ ସଫା କରି ଅନ୍ୟ ନାରୀ ମାନଙ୍କ ସେବାରେ ଜୀବନ ଦିଅନ୍ତୁ । ସେମାନଙ୍କୁ ଅନ୍ଧାର ଗୋହିରୀରୁ ଆଲୁଅକୁ ଆଣି ଠିଆ କରନ୍ତୁ ଏତିକି ଅଳି କରି ଆଜି ବିଦାୟ ନେଉଛି । —ଶ୍ରୀମତୀ ସରଳା ଦେବୀ

(ପୁଟ୍ ସ୍ପୃହା ଉତ୍ତ)

## କମନ ୱେଲଥ ସମ୍ମେଳନୀ

କାନାବେରାଠାରେ ବ୍ରିଟିଶ କମନ ୱେଲଥ ବା ଡୋମିନିୟନ ପ୍ରତିନିଧି ମାନଙ୍କର ଏକ ମେଳଣୀ ବସିଛି—ଜାପାନର ଭାଗ୍ୟ ନିରୂପଣର କଳ୍ପନା କଳ୍ପନା ଉଦ୍ଦେଶ୍ୟରେ । ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ଡାକ୍ତର ଇଭାଟ ତାର ସଭାପତି ହୋଇଛନ୍ତି । ଶ୍ରୀ ବି ରମାରାଓ ଭାରତ ତରଫରୁ ଏବଂ ମି: ଏମ୍ ଆର ଇଷ୍ଟାମ ପାକିସ୍ତାନ ତରଫରୁ ଯୋଗ ଦେଇଛନ୍ତି । ସେମାନେ ଆମେରିକା ଦାବୁଥିବା ୧୧ ଟି ଜାତିର ଯେଉଁ ସଭା ଜାପାନ ସନ୍ଧି ସମ୍ବନ୍ଧରେ କଥାବାର୍ତ୍ତା କରିବାକୁ ଡାକୁଛି ତାହା ଉଚିତ ବୋଲି ମତ ଦେଇଛନ୍ତି । ପୁଣି ମତ ଦେଇଛନ୍ତି ଯେ ସେ ସଭାର ବ୍ୟବସ୍ଥା କରିବା ଉଚିତ ଯେପରି ଆଗ ପ୍ରଶ୍ନରେ ଆଉ ଏସିଆରେ ଯୁଦ୍ଧ ନ ହୁଏ, ଅସିଆର ଶକ୍ତି ମାନଙ୍କର ନୂତନ ସମାବେଶ ବା ସଂଯୋଗ ନ ହୁଏ, ଜାପାନ ସନ୍ଧିକ୍ରମରେ ମିଳିତ ଚି ଶକ୍ତି ( ଇଂଲଣ୍ଡ ଆମେରିକା ଓ ରୁଷ ) ଗତ ତିନୋଟି ମେଳଣୀରେ ( ଅର୍ଥାତ୍ କାଇରୋ-୧୯୪୩ ଡିସେମ୍ବର, ୟାଲ୍ଟା— ୧୯୦୫ ଫେବୃଆରୀ ଓ ପୋଟ୍ସଡାମ ୧୯୦୫ ଜୁଲାଇ ) ବିଶେଷତଃ ପୋଟ୍ସଡାମର ନିଷ୍ପତ୍ତିକୁ ମାନି ନେଇଛନ୍ତି । ଫଳରେ ଜାପାନ କେବଳ ହୋନସୁ, ହୋକାଇଡୋ, କିଉସୁ, ସିକୋକୁ ଏବଂ ଅନ୍ୟ କେତୋଟି ଛୋଟ ଦ୍ୱୀପ ପାଇବ । ଯେଉଁ ଦ୍ୱୀପ ନେଲେ ସେ ଯୁଦ୍ଧ ଚଳାଇବାର ଭୟ ଅଛି ସେ ଦ୍ୱୀପ ବା ସ୍ଥାନ ଦିଆଯିବ ନାହିଁ । କିନ୍ତୁ ତାର ଅର୍ଥନୀତିର ଉନ୍ନତି ଦ୍ରୁତ କରାଯିବ । ଏବଂ ସ୍ୱାଧୀନ ଶାସନ ପାଇବ । ବର୍ତ୍ତମାନ ମିତ୍ରଜାତିର ସୁପ୍ରିମ୍ କମାଣ୍ଡ ଉଠିଯାଇ ପ୍ରଶାନ୍ତ ସାଗର କୋଟିଏ କଣ୍ଟ୍ରୋଲ କମିଶନ ଅଧୀନରେ ରହିବ । ଜାପାନର ଭିତର ଶାସନରେ ସେ ହସ୍ତକ୍ଷେପ କରିବ ନାହିଁ— ।

Digitized by srujanika@gmail.com

## ମଜାକଥା




# ଏକାଙ୍କିକା

ଲେଖକ:— ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

( ସ୍ଥାନ—କଟକ ଷ୍ଟେସନ—ଥାର୍ଡ଼ କ୍ଲାସ ମୁସାଫିର ଖାନା—ପାନ ଭଙ୍ଗା—କଥାଭାଷା ଗ୍ରାମ୍ୟ । )

୧ମ ଯାତ୍ରୀ—( ତେଲେଙ୍ଗାରୁ ଜଣା ପଡ଼ୁଛି, ମେଲେରିଅ ପ୍ରପୀଡ଼ିତ ଓ ପ୍ଳୀହା ଗ୍ରସ୍ତ ) ଭାଇ, ବାଲ୍‌ଟର୍ ଯାଉଛେ ଗାଡ଼ି କେତେବେଳେ ଆସିବ ?

୨ୟ ଯାତ୍ରୀ—ଗଲେ ଡେର୍ ବେର ଅଛି । କେଉଁ ହର୍ଡ଼ିତ କଥି ?

୧ମ—ଭାଇ ପାଖ ଅସ, ଅପ ବାବକୁଲାଅ ପାନ ଖାଇବା, ଗପସପ କରିବା [ ୨ୟ ୧ମ ପାଖକୁ ଚିବା ]

୧ମ—ଭାଇ, କଟକ ଦେଖନ ଅଛ ?

୨ୟ—ପାଞ୍ଚଛ ଦିନ ହବ ଅଇଲଣି । ମୋ ଝିଅ ଜୋଇଁ ଏଠେଇଁ ରହନ୍ତି ଯେ—ଦେଖିବାକୁ ଅସିଥେଲି ।

୧ମ—ଭାଇ ତମ ଘର କେଇଠି ?

୨ୟ—ଗୋଟିଏ ।

୧ମ—ମଲ ! ମୁଁ କାସ ପଚାରୁଛି ତମେ କାସ କଉଚ ?

୨ୟ--ହେଇଟି, କହିଲି ପରା ଗୋଟିଏ ! ଅଉ କଣ କହନ୍ତି ବା !

୧ମ—ତମେ ମୋ କଥା ବୁଝି ପାରୁନ ନା କଣ ? ମୁଁ କଉଚି ତମେ କେଉଁଠିକି ଯିବ, ତମ ଘର କେଇଠି ?

୨ୟ—ହଁ, ମୁଁ ଜାଣିଲି କେମିତି ତମ ଅରେ ଏମିତି ଦେଖୁଥ କଥା କହନ୍ତି ବେଲି ! ତମେ ଆମ ପ୍ରାନ୍ତ କଟକ ଅରକା କଥା ଶିଖ ନା । କାହିଁକି ବା ?

୧ମ—ଶୁଣ ଅମରଠ ଉଣତଳ ଯିବା ଅଟେବା ନାହିଁ । ବଳରୁ ଅଇନ୍ତି, ବୁଝ କଣରେ ପଡ ରହନ୍ତି । ଭାବା କ୍ଷିଣରେ ତେଲ ବାହିଁ ?

୨ୟ—ଦେଖଉଥଇବା, ଅମେ କ'ଣ ଏମିତ ଖାଇ ଦେଇ ବୁଲି ବୁଲି ଭାଷା ଶିଖୁଚୁଁ ? ତମ ବାଲେଶ୍ୱରଅଙ୍କ ଭିତରରେ ଶୁଦ୍ଧ କଥା ଲେଖଟେ ନାହିଁ ? ମୂର୍ଖ ଉଲଅ ଲୋକ ସବୁ ।

୧ମ—ହଁ, ତମରୁ ଶୁଦ୍ଧ କହୁଅଛେ । ଦେଖ ହୋ, କଥା ବଳରେ ବଳରେ ଏଟି ଅମରୁ ମୂର୍ଖ କେନେଇ ପାରିଲେଣି । ତମେ ଅମ ଅଗର ଜମ ଦେଖଇଚ ହୋ ! ତମ ଅଡ଼ବା ମଣିଷ ଗୁଡାଙ୍କ ଗୁଡ଼ ଗୁଡ଼ାଚ ଗୁହୁଡ଼ା । ସେଥିର ପୁଣି ଏତେ ଦମାକ ? ( ଟିକିଏ ରଗିଯାଇ କହିବା )

୨ୟ—ହଇ ହୋ ! ତମେତ ଭାରି ଚଟି ଚଟି କଥା କହୁଚ ? ( ଟିକେ ରଗିଯାଇ ) ଅମେ ହେଲୁ ଉତ୍କଳର ଲୋକ ! ତମେ ଭାରି ଭଲ ! ସ୍ତ୍ରୀପୁତ୍ର ଛାଡ଼ି ଦେଇ ଯେ ବାଲିଆ ଉଇ ଉଇ ଯାଇ ଦଲ ତଳେ ପଶିବ ।

୨ୟ ଯାତ୍ରୀ—( ଗଣ୍ଡେ ଦୂରରେ ଶୋଇଥିଲେ ଉଠିଆସି କହିଲେ ) ବୋଲେ, ଅମକୁ ଟିକେ ବିଶ୍ରାମ ନାହିଁ ଦେବାର କଥା । ତେଲେ, ଏଠି ଏତା କଳ କରୁଚ କାହିଁ କି । ବୋଲେ, ଏଡାଙ୍କାଲ୍ଲ ଟିକେ ଅଲୋଚନା କରୁଚନା ? ବୋଲେ ଗୋଳ ଦେଲେ କଅଣ ହେବ ଜାଣିଚ ନା ? ଏତେ ଏବା ଗୋଲମାଲ ଯାଇ ପଡ଼ିବ ।

୧ମ—ବାବୁ ଦେଖ । ଠା କଥା ଶୁଣ ! କଥା କଇତେ କଇତେ ଜମ କରୁଚି ନା ମୂର୍ଖ ! ( ଟିକେ ରଗିଯାଇ ) ତମେ କେଉଁଠିକା ପଣ୍ଡିତ ହୋ !

୨ୟ—ଇଲେ ବୁ ମୋତେ ଗୋଦର ଗୋଲିଅ ବୋଲି କାହିଁ କହିଲରେ ! ସେପର ଚଟରଣିଅ......

୨ୟ—ତୋଲେ ଜଳ ଜନାଙ୍କା ଉଲ ଆଇଚେ ହୋ ଉଲ ଆଇଚ କି ? ବୋଲେ ଏଠା ମୁସାଫିରୁ ଖାନା ଥିବାର ମୁସାଫିରୁ । ବୋଲେ ଅମେ ବିଶ୍ରାମ ନେବାର କେମିତି ହୋ ?

୨ୟ—ବାବୁ ତମେ କହିଲ, ସେ କାହିଁ ଗୋଦର ଗୋଲିଅ କହିଲ ?

୧ମ—କଣ କାହିଁ କାହିଁ ହଉଚ୍ ଏଠାରେ !

୨ୟ—ହଇରେ ଚେଚେରଇ ଚେଙ୍ଗା ! ଚୋର ଏତେ ଚକଚ ? ଅମକୁ 'କାହିଁ କାହିଁ' ଖଚେଇ ହବୁ ? (ଏହା କହି ୧ମ ଯାତ୍ରିକୁ ଠେଲି ଦେବା ଓ ପ୍ରଥମ ଯାତ୍ରୀ ପାଖରେ ଥିବା ଚଉକିଣ୍ଡ ଦେଇଥିବା ବାଙ୍ଗୀ ପାନ ଦୋକାନର ଦୋକାନ ଉପରେ ପଡ଼ିଯିବା)

ଦୋକାନୀ—ଅତେ ! କେମିତିଅ ଗଉଡାଇଙ୍କା-ଚେ ? (୧ମ ଯାତ୍ରୀ ଉପରେ ଥମ ଥମ ହେବା) ଉଦ, ଅଉ ତୋତେ ଦେଖ ଲଇବ ।

୧ମ—ମଲ, ମୁଁ କଣ କରିନି ? ମ ଉପରେ ସଗୁଚ କେବେ ଲୁଅଛ ? ସେ ଦୁଇଟା ମତେ ପେଲି ଦେଲି—ମତ ନ ଦୁଷ ।

୨ୟ—ତୋରଇ, ଦୋକାନଙ୍କାକୁ ସଜାଡ଼ ଦବାର ଏବା, ସଗିଲେ କଅଣ ହେବ ହେ ?

ଦୋକାନୀ—(ମୁଖ ବିକୃତ କରି) ଓଃ ! ସଜାଡ଼ ଦବାର ଏବା । ଏବା କଁା ଯୋଡ଼ା ଯାଉ ହୋ ? ଅଉ କଣ ତମ ଉଦ୍‌ଲେବ ।

୨ୟ—ବୋଲେ, କଥାଙ୍କାକୁ ଟିକେ ଅଲୋଚନା କରୁଚନା । ଅମେ ତ କଥାଙ୍କାକୁ ମେସେଞ୍ଜର ଦେବାରୁ ହେ ମେସେଞ୍ଜର ଦେଖାଇ । ବୋଲେ ତାକେ ଅମକୁ ଏଠା କହିବାର କାହିଁ ହେ ? ( ୨ୟକୁ ଇଶାରା କହିବା )

୨ୟ—ନାହିଁ ହୋ ତମେ ଜାଣି ନାହିଁ । ଭାଇ ଶୁଣି ସେ ଲୋକଟା ଉଠ ପଡ଼ିବା ଦୋକାନଟା ଉପରେ ଶୋଇ ରହିଚ ହୋ ? ସେ ଦୋକାନ ତୋର ଏତେତେଇ ଯାଏ ସମ୍ଭାଳି ହେଲି ଉଠିଚନ୍ତି । ଖଇ ଚେହ ହେଉଥେଲ ଘରେ ଘାଉ ମାରୁ ମାରୁ ମାରିଦେଇ ଥାଆନ୍ତା ପର ।

୪ର୍ଥ ଯାତ୍ରୀ—(୧ମ ଯାତ୍ରୀ ପାଖରେ ଲୁଗାଖଣ୍ଡ ଧର ଯାଉଁ ଯାଉଁ ଟିକେ ଚିହ୍ନ ହେଇ ଯାଇ ) ହଇହୋ ! ହଇ ଦେଖ୍ ଦେଖ୍ କହୁଛି ମନ୍ଦିରରେ ଏବାରୁ ମରୁଚି । କେତା ଲୋକ ସୁଦ୍ଧା ତୁ । ଏଥି କି—ପେଲିଯ୍ ଦାଣ୍ଡ ନେଇଯିବ । ( ଭିତରୁ ଘଣ୍ଟି ଟଣାଟଣ ହେବା )

୧ମ ଯାତ୍ରୀ—ଯାଉଁ ଚିମା । ଅମ୍ଭର ଗଲଲେ ଗାଡ଼ି ଅସିଲ । ( ଉଭୟଙ୍କର ପ୍ରସ୍ଥାନ )

୨ୟ—ମୁଁ ହେଇଥେଲେ ତ ବାଟରେ ଗାମୁଛ ଚବାଇ ଲେବ ଟଙ୍କା ଉଠେଇ ପଣି ନେଇ ଥାଆନ୍ତି ।

ଦୋ—ମୁଁ—କ'ଣ ଅଉ ଠାକୁ ଖଉଚ ? ତାଙ୍କୁ କ'ଣ ହେ କହିଲ ଯିବ ? ତାଙ୍କ କଥା ଅଛି । ତାଙ୍କ କଣ ଆଉ ସାଙ୍ଗରେ ଚେଳି ଅଣ୍ଡାକୁ ଯାଉଚି । ( ମଲ୍ ଦେଖାଇ ଉତ୍ତର ଦେବା, ଉଠେଇ ହେବା ଓ ଫୁଟେଇ ମାରିବା )

( ଅବଶିଷ୍ଟାଂଶ ୧ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com





# ଦୁଃଖର ଔଷଧ

ଲେଖକ—

—ଶ୍ରୀ ରାଜକିଶୋର ପଟ୍ଟନାୟକ

ଅନ୍ୟ ଦିନ ପରି ସେଦିନ ସଞ୍ଜରେ ଅଫିସ ଫେରନ୍ତା ମୋର ଷାଠିଏ ଟଙ୍କାର କିରାଣୀ ଜୀବନର ଗଧ ଖଟଣି ଶେଷକରି କ୍ଲାନ୍ତ ଦେହକୁ ଗରିବର ଜଳଖିଆରେ ହାଲୁକା କରି ଶୋଇଥିଲି ଆରାମ ଚଉକି ଉପରେ ।

ଏତିକିବେଳେ ତାଙ୍କ ଦେହ-ପ୍ରାଣ ଜଗାଇବା ଖୋଲା ହସ ହସି ବନ୍ଧୁଟି ଆସିଲା । ସେ ଧନୀ—ଚାକିରି କରେ ଓ ମୋଠାରୁ ଅନେକ ଗୁଣ ଟଙ୍କା ପାଏ । ବାହା ହୋଇ ନଥିବାରୁ ଟଙ୍କା ଓ ସମୟର ଖରଚ କରିବା ପାଇଁ ତାହାର ଅନେକ ଅସୁବିଧା । ପିଲାଳିଆ ହସ ଓ ଚଞ୍ଚଳ ମନ ତାହାକୁ ଦଶବର୍ଷ ବୟସରେ କମେଇ ଦିଏ । ଠିକ ସେହିପରି ମୋର କ୍ଲାନ୍ତି ଓ ଗାମ୍ଭୀର୍ଯ୍ୟ ମୋର ବୟସ ବଢ଼ାଏ ।

ତାହାର ସେହି ଗୋଟିଏ କଥା—ଜୀବନର ଅଧେ କଟିଲା । ଆଉ ଅଧକ କୌଣସି ପ୍ରକାରେ ଶେଷ କଲେ କାଳ ଘାଟଟା ପାର ହୋଇ ଯାଇଥିବ ।

ତାହାହେଲେ ଚାଲ ସିନେମା—

ମନର ଦୁଃଖ ଓ ଦେହର କ୍ଲାନ୍ତିକୁ ଛାଡ଼ି ଦେବା ପାଇଁ ଏକାଠି ଗୋଟିଏ ରିକ୍‌ସାରେ ଜାକି ଜୁକି ହୋଇ ସିନେମା ହଲରେ ପଶିଲୁଁ । ଉପରେ ବାଲକନିରେ ଯୋଡ଼ିଏ ସିଟ୍ । ସେହି ନିରୋଳା ଅଂଶଟିରେ ମାତ୍ର ପାଞ୍ଚଜଣ ଦେଖଣାହାରୀ । ତିନୋଟି ମୁହଁ ଚାହାଁ ବାଳିକା ସ୍କୁଲର ମାଷ୍ଟ୍ରେ ଓ ଗୋଟିଏ ନବବିବାହିତ ଯୋଡ଼ି ।

ସେ ଦିନର ଖେଳ ବିଲ୍ୱମଙ୍ଗଳ କାହାଣୀ 'ସୁରଦାସ' ଆସିନାହିଁ । କାରଣ ପୋଲ ବର୍ଷାରେ ଖରାପ ହେବାରୁ ଟ୍ରେନ୍ ଆସିନାହିଁ । ତେଣୁ ଲୋକ ଫେରିଛନ୍ତି ପ୍ରାୟ ସମସ୍ତେ । କେବଳ ଏହି କେତେ ଜଣଙ୍କୁ ଓ ତଳେ ଆଉ ଦଳେଙ୍କୁ ଛାଡ଼ି ।

ପଛ ସିଟରେ ସେହି ଯୁବକ ଓ ପ୍ରୌଢ଼ା ତରୁଣୀ । ତାହାର ପଛ ସିଟରେ ପରଦାରେ ଖେଳ ହେବ । ଏଣେ ପଛ ପଟେ ସ୍ୱାମୀ ସ୍ତ୍ରୀ ଦୁହେଁ ଆପଣା ଆନନ୍ଦରେ ମଗ୍ନ ।

ସନ୍ଧ୍ୟାର ଆଲୁଅ ଘରର କବାଟ ଫାଙ୍କ ଦେଇ ଉଙ୍କି ମାରୁଥାଏ ଘର ଭିତରକୁ । ସେଥିରେ ସୁନ୍ଦର ହୋଇ ଦିଶୁଥାନ୍ତି ସେହି ସ୍ତ୍ରୀ ଲୋକଟି । ଘର ନାହିଁ—ମେସ୍ କରି ରହନ୍ତି । ଦେହକୁ ସବୁ ପ୍ରକାରେ ସଜାଇଛନ୍ତି । ଭିତରର ଚିନ୍ତା ଦିଶୁଛି ଜାମା ଉପରେ ଓ ଜାମା ଦିଶୁଛି ଶାଢ଼ୀ ଉପରେ । ଭିତରର ଚିନ୍ତାକୁ ମଧ୍ୟ ତାହାର ସାଥିରେ ନେଇ ।

ମନ ବୋଧହୁଏ ଖୋଜୁ ଥାଇଛି । ଯୌବନ ଲୁଚିଛି । ଦାମୀ ଲୁଗା ମନକୁ ଠକିବାର ଯନ୍ତ୍ର କଲା । ତେବେ ଦୂର ଅତୀତର ଉଜ୍ଜଳ ଚଞ୍ଚଳ ଦିନରେ ଫେରା ନେଉଥିବା ଶିଥିଳ ବାହୁବନ୍ଧନ ମନକୁ ଓଲଟା ଠେଲୁଛି ।

ବନ୍ଧୁଟି ସେମାନଙ୍କର ମନ ଅଶାନ୍ତ ଭୁଲାଇବା ପାଇଁ ନାନା ପ୍ରକାରରେ କଥା କହୁଥାଏ ଓ ହସୁଥାଏ ।...ସେମାନଙ୍କର ଧନ ବଳ ନାହିଁ । ଟଙ୍କା ଘରେ ନାହିଁ ।...ଯନ୍ତ୍ରଣା ସହି ତାହାର ସୁଖଦେହ ବ୍ୟାଙ୍କରେ ରଖିଥାନ୍ତି ଦେଖ ଉଦ୍ଦେଶ୍ୟରେ । ପାଖରେ ଥାଏ କେବଳ ଶାଢ଼ୀ ଓ କେତେ ଦଳ ଯୋଡ଼ା ।

ଝିଅଟିର ମୁଣ୍ଡ ପରି କେତେ କେତେ ଲୋକ ମୁଣ୍ଡ ସବୁ ଦୁଲେ ପଛରେ ଦେଖାଯାଉଥିବା ଅପ୍ସରା ଅଛି । ଅନ୍ୟ ସମୟରେ ଚାଲି ବସି ରହନ୍ତି କାନ୍ଧ-ପରି—ତଥାପି ଅସଲ ସ୍ୱଭାବ ।

ସବୁଠାରେ ସିଗାରେଟ ଧୂଆଁର ଦମକ କହୁଛି । ନହେଲେ ସେହି ଲୋକଟି ଓ ତାଙ୍କ ଘର ଖାଲି ହେଲା ।

ସିନେମାର ସେଦିନ ବ ପ୍ରେମର କାହାଣୀ । ପ୍ରେମିକ ଓ ପ୍ରେମିକା ପରସ୍ପରକୁ ଖୋଜୁଛନ୍ତି । ଭାଗ୍ୟର ବିଭାଗ ହୋଇ ଶେଷରେ ହେଲା ମିଳନ । ଏହାକୁ ମନେକରି କେତେଜଣ ଦୀର୍ଘ ଆଉ ନାହିଁ ।

ଆଉ ଏଣେ ଗୋଟିଏ ଅସରନ୍ତି ଅଲୋଚନା ସେହି ଝିଅଟିଙ୍କ ବେଦନ, କରି ସେମାନଙ୍କର ଅଶାନ୍ତ ଅତୀତ, ଭବିଷ୍ୟ ବର୍ତ୍ତମାନ ଓ ଅନ୍ଧାରିଆ ଭବିଷ୍ୟତ ବିଷୟରେ ।

ଖେଳ ସରିଲା । ବନ୍ଧୁ ତାହାର ଅଶାନ୍ତ ନାଚ କଥା, ପାଖ ଦୃଶ୍ୟ ବଦଳରେ ସେମାନଙ୍କର ମୁଣ୍ଡଭଲ ଓ ଜାହାଣୀରୁ ଅଧିକତର ଖେଳ ପାଉଥିଲା । ଏତିକିରେ ପୁଣି କହିଲା ।

ଘର ଭିତରେ ତାହାର ସ୍ମୃତି ପଡ଼ିରହିଲା । ଅନେକ ଥର ଅନେକ ପ୍ରକାରର ସ୍ମୃତି ଯେମିତି ମନ ଭିତରେ ଅସ୍ତ ବ୍ୟସ୍ତ ହୋଇ ପଡ଼ିଥିଲା ।

ସିନେମାରେ ଲୋକ ହୁଏ । ଲୋକ ଭରିଯାଏ । ବନ୍ଧୁ ଠିକ୍ ସୋଫାରେ ବସ୍ । ସେମିତି ମନଟା ଭିତରେ ବାରମ୍ବାର ଯାଇ ପଡ଼ୁଛି । ମନ ତଥାପି ଦଶ ଘର ନେଇ ପାରୁଛି । ସେଦିନ ବ ସେମିତି ଝିଅଟି ଯାଇ ପଡ଼ ପୁଣି ଲାଗିଲେ ସିନେମା ଗଡ଼ ଛକ୍‌ସାରେ ଚଢ଼ି ଘରକୁ ଫେରିଲି ବେଳେ ।

ଫେରନ୍ତା ବାଟରେ ଠାଏ ଗୁଡ଼ାଏ ଲୋକ ଜମା ହୋଇ ଅଛନ୍ତି ଓ ଟର୍ଚ୍ଚ ନେଇ କଣ ଦେଖୁଛନ୍ତି । ଆମେ ଓହ୍ଲାଇ ଜାଣିଲୁଁ ଯେ ଗୋଟିଏ ଅଠ ବର୍ଷର ଚାକର ପିଲା ଭିକ ମାଗୁଥିଲା, ସବାରୁ ପଡ଼ିଛି । ମୁଁ ହୋଇ ଛଟପଟ ହେଉଛି । ଆଖି ଓ କାନରେ ପିମ୍ପୁଡ଼ି ଲାଗିଲାଣି । ଲୋକ ଗୁଡ଼ିକ ଚାହିଁ ଯାଇ ନିଜର ସହାନୁଭୂତି ଦେଖାଉଛନ୍ତି । ବୋଧହୁଏ କ୍ଲାନ୍ତ ଲାଗିଲେ ଘରକୁ ଫେରିଯିବେ । ଆମେ ଯେମିତି ସିନେମାରୁ ଫେରିଲୁଁ ।

ତାକୁ କିଛି ସାହାଯ୍ୟ କରିବାର ଇଚ୍ଛା ଥିଲେବି ବେଳ ହେଲା ନାହିଁ । କାରଣ ପିଲାଟିର ସେବା ପାଇଁ ସେହି ପଇସା ଯେ ଖରଚ ହେବ ସେଥିରେ ସନ୍ଦେହ ଅଛି ।

ଆମେ ରିକ୍‌ସାକୁ ପୁଣି ଉଠିଲୁ ବେଳେ ବଡ଼ା ବଡ଼ି ହେଲା ମଣିଷର କାଳ ନ ପୂରିବା ଯାଏ ଯେତେ ଦୁଃଖକଷ୍ଟ ଭୋଗିବା ଲେଖା ଅଛି ସେତକ ହେବହିଁ ହେବ ।

ପରଦିନ ଠାରୁ ଭଦାସ୍ତୁ ହେବା ଯାଏ ସେହି ଏକା କଥା । ନଗର ମନ ବଦଳିଛି । ସିନେମା ଘରର ନାଚ, ଗୀତ, ଛବି, ଓ ମଣିଷ ଦେଖି ମନ ଆନନ୍ଦ ପାଉ ନଥିଲା; କ୍ଲାନ୍ତି ଦୂର ହୋଇ ନଥିଲା । କେବଳ ଆମଠାରୁ ଅଧିକ ଦୁଃଖୀ ଭିକାରୀର ମରଣ ଯନ୍ତ୍ରଣା ସେହି ଦୁଃଖକୁ ଟିକିଏ ଭୁଲେଇ ଦେଇଛି ।

ବୋଧହୁଏ ଦୁଃଖର ଔଷଧ ସୁଖ ନୁହେଁ ଦୁଃଖ ।

—*—

Digitized by srujanika@gmail.com

# ଓଡ଼ିଆ ଲିପି ସଂସ୍କାର

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ଓଡ଼ିଆ ଲିପି ସଂସ୍କାର କରିବାର ସମୟ ଆସିଛି । ଅର୍ଥାତ୍ ପୂର୍ବରୁ ଆବଶ୍ୟକତା ଥିଲା, କିନ୍ତୁ ବର୍ତ୍ତମାନ ଏକ ଅଚଳ ଅବସ୍ଥାରେ ଆସି ପହଞ୍ଚିଲାଣି । ତେଣୁ ନିତାନ୍ତ ଆବଶ୍ୟକ ।

ଏହି ଲିପି ସଂସ୍କାର ସମ୍ବନ୍ଧରେ ଚିନ୍ତା କଲାବେଳେ ପ୍ରଥମେ ଓଡ଼ିଆ ଭାଷାର ଏକ ମୌଳିକ ଗୁଣ ଓ ଏକ ମୌଳିକ ଦୋଷ ପ୍ରତି ଦୃଷ୍ଟି ଦେବା ବିଧେୟ । ଓଡ଼ିଆ ଭାଷାର ବିଶେଷତ୍ୱ ଏହି ଯେ ତାହା ଯେପରି ଲିଖିତ ହୁଏ ସେହିପରି କଥିତ ମଧ୍ୟ ହୁଏ । ସଙ୍ଗେ ସଙ୍ଗେ ଗୋଟାଏ ବଡ଼ ଦୋଷ ଯେ ଭାଷାରେ ହ୍ରସ୍ୱ ଦୀର୍ଘର ତାରତମ୍ୟ ନାହିଁ ।

ଉଦାହରଣ ଦ୍ୱାରା ବୁଝାଇ ଦେଲେ ସହଜ ବୋଧ ହେବ । ବଙ୍ଗଳା ବା ହିନ୍ଦୀ ଭାଷାରେ ଅଧିକାଂଶ ଅକାରାନ୍ତ ଶବ୍ଦ ହଲନ୍ତ ଥିଲାପରି ବା ସ୍ୱରହୀନ ଭାବରେ ଉଚ୍ଚାରିତ ହୁଏ । ଯଥା—ପଥକୁ ପଥ୍, ଭାତକୁ ଭାତ୍ ଇତ୍ୟାଦି । ହିନ୍ଦୀରେ ସେହିପରି 'ଦାଲ' ଲେଖି ଉଚ୍ଚାରଣ କରନ୍ତି ଦାଲ୍, ଦାନ୍ତ ଲେଖି ଉଚ୍ଚାରଣ କରନ୍ତି ଦାନ୍ତ୍ । ପୁଣି ବିଚିତ୍ରତା ଏହି ଯେ ସବୁ ସ୍ଥଳରେ ବଙ୍ଗଳାରେ ହଲନ୍ତ ଉଚ୍ଚାରିତ ହୁଏ ନାହିଁ । 'ପଥ' ଲେଖା ଥିଲେ ପଥ୍ ପଢ଼ିବାକୁ ହୁଏ ବୋଲି ନତ ଲେଖା ଥିବାବେଳେ ନତ୍ ନପଢ଼ି 'ନତ'ହିଁ ପଢ଼ିବାକୁ ହେବ । ଦୁଷ୍ଟ ଓ କଷ୍ଟ ଆଦି ଗୁରୁ ସଂଯୁକ୍ତ ବର୍ଣ୍ଣରେ ସବୁବେଳେ ପ୍ରାୟ ବଙ୍ଗଳାରେ ସ୍ୱର 'ଅ' ଉଚ୍ଚାରଣରେ ଲାଗିଥାଏ । କିନ୍ତୁ ହିନ୍ଦୀ ସେ ସ୍ଥଳରେ ନିୟମ ଭଙ୍ଗ କରି ଦୁଷ୍ଟକୁ 'ଦୁଷ୍ଟ୍' କଷ୍ଟକୁ 'କଷ୍ଟ୍' ବୋଲି ଉଚ୍ଚାରଣ କରେ ।

ଓଡ଼ିଆର ଯେ ଉଚ୍ଚାରଣଗତ ଦୋଷ କାହିଁ ତାହା ନୁହେଁ । ଓଡ଼ିଆ ଏବଂ ବଙ୍ଗଳାରେ, ଉଭୟ ଭାଷାରେ ହ୍ରସ୍ୱ ଓ ଦୀର୍ଘ ସ୍ୱର ସମାନ ଭାବରେ ଉଚ୍ଚାରିତ ହୁଏ । ରବୀନ୍ଦ୍ରଙ୍କ ଅନୁବର୍ତ୍ତୀ କାଳରେ କେବଳ ସଂଯୁକ୍ତାକ୍ଷରର ପୂର୍ବବର୍ତ୍ତୀ ସ୍ୱର ବଙ୍ଗଳା ପଦ୍ୟରେ ଦୀର୍ଘ ଉଚ୍ଚାରିତ ହେବାର ପଦ୍ଧତି ପ୍ରଚଳିତ ହୋଇଛି । ଏବଂ ତାର ଅନୁସରଣ କରି ଓଡ଼ିଆ ମାନେ ମଧ୍ୟ ସଂଯୁକ୍ତାକ୍ଷର ପୂର୍ବବର୍ତ୍ତୀ ଲଘୁ ସ୍ୱରକୁ ଦୀର୍ଘ କରୁଛନ୍ତି । କିନ୍ତୁ ହିନ୍ଦୀ ପଦ୍ୟରେ ପ୍ରତ୍ୟେକ ଦୀର୍ଘ ସ୍ୱର ଦୀର୍ଘହିଁ ଉଚ୍ଚାରିତ ହୁଏ । ଅର୍ଥାତ୍ ସ୍ୱର ଧରି ଗାଇଲେ ପ୍ରତ୍ୟେକ ଦୀର୍ଘ ସ୍ୱର ୨ଟି ମାତ୍ରା ନିଏ । କଥା କହିବାବେଳେ କିନ୍ତୁ ଦୀର୍ଘ ସ୍ୱର ଗୁଡ଼ିକ ସାମାନ୍ୟ 'ଟାଣି' ଦେଇ ଉଚ୍ଚାରଣ କରାଗଲେ ମଧ୍ୟ ପୂର୍ଣ୍ଣଦୀର୍ଘ ବା ଦ୍ୱିମାତ୍ରା ଉଚ୍ଚାରିତ ହୁଏ ନାହିଁ । ତଥାପି ତାହାକୁ ଦୀର୍ଘହିଁ କହିବାକୁ ହେବ । ହିନ୍ଦୀରେ ଉଚ୍ଚାରଣ ଗତ ବହୁ ନିଷ୍ଠା ଥିବା ସତ୍ତ୍ୱେ ଶେଷ 'ଅ' କାର ଉଚ୍ଚାରିତ ହୁଏ ନାହିଁ । ଏବଂ ଅନେକ ସ୍ଥଳରେ 'ଷ' କୁ ଛ ଓ ଜ୍ଞକୁ ଗ୍ୟଁ ଉଚ୍ଚାରଣ କରିଥାନ୍ତି । ଏବେ ସଂସ୍କାରକ ମାନେ ଅବଶ୍ୟ ଷକୁ "ଷ" ଓ ଜ୍ଞକୁ, ଜଞ ବା 'ଜ୍ନ୍ୟ' ଉଚ୍ଚାରଣ କରୁଛନ୍ତି ।

ଓଡ଼ିଆରେ ଯକୁ 'ଜ' ଜ୍ଞକୁ 'ଗ୍ୟଁ' ଉଚ୍ଚାରଣ କରନ୍ତି । ବଙ୍ଗଳାରେ ଯଥା କ୍ରମେ 'ଜ' 'ଓ' 'ଗ୍ୟ' (କଂଠତ ଅର୍ଦ୍ଧ ଅନୁନାସିକ ଚନ୍ଦ୍ରବିନ୍ଦୁ ସହ "ଗ୍ୟଁ") ଉଚ୍ଚାରଣ କରନ୍ତି ।

ଏହିଭଳି କେତେକ କାରଣରୁ ଓଡ଼ିଆ ଭାଷାର ଯେଉଁ ବିଶେଷତ୍ୱ ଅର୍ଥାତ୍ ଯଥା ଲିଖିତ ତଥା ଉଚ୍ଚାରିତ ହେବାର ବିଶେଷତ୍ୱ ଖଣ୍ଡିତ ହେଉଛି ।

ବିଶେଷତଃ ବର୍ତ୍ତମାନ ପଡ଼ୋଶୀ ସାହିତ୍ୟ ପ୍ରଭାବରୁ ଏବଂ ଭାଷାକୁ ଅଧିକ ବଳଶାଳୀ ବା ବଳଯୁକ୍ତ କରିବାକୁ କେତେକ ସ୍ଥାନରେ ଶେଷ 'ଅ' କାରକୁ ଲୋପ କରିବାର ପ୍ରୟାସ ଚାଲିଛି । ପ୍ରୟାସ ନୁହେଁ—ଭାଷା କ୍ରମେ ସ୍ୱତଃ ସେହିପରି ରୂପ ନେଉଛି ।

ଉଦାହରଣ ସ୍ୱରୂପ ଗୋଟିଏ ବାକ୍ୟ ନିଅନ୍ତୁ—'ବଳଯୁକ୍ତ କରିବାକୁ କେତେକ ସ୍ଥାନରେ ଶେଷ ଅକାରକୁ ଲୋପ କରିବାର ପ୍ରୟାସ ଚାଲିଛି ।' ଏହା ସାମାନ୍ୟ ପ୍ରଭାବ ପ୍ରଭାବିତ କରି କହିଲେ କେତେକ ସ୍ଥାନରେ 'କେତେକ୍', ଲୋପ ସ୍ଥାନରେ 'ଲୋପ୍', ପ୍ରୟାସ ସ୍ଥାନରେ 'ପ୍ରୟାସ୍' ଉଚ୍ଚାରଣ କରିବାକୁ ପଡ଼ୁଛି । ଶେଷ ଟା ଏ ସ୍ଥାନରେ ଶେଷ ଉଚ୍ଚାରଣ ହେଉଥିଲେ ହେଁ ଅନ୍ୟ ସ୍ଥାନରେ ଶେଷ୍ ଉଚ୍ଚାରଣ କରିବାକୁ ପଡ଼ୁଛି । ଯଥା— ଏ ଅଧ୍ୟାୟର ଶେଷ କେଉଁଟି ? ଏ ସ୍ଥଳରେ କହିବାକୁ ପଡ଼ିବ—'ଶେଷ୍ କେଉଁଟି ?' ତେଣୁ ଆମେ କେବଳ ଯଦି ବ୍ୟାକରଣର ସୂତ୍ର ଖଞ୍ଜିଦେଉଁ ଯେ ଓଡ଼ିଆ ଭାଷାରେ ପ୍ରତ୍ୟେକ ଶବ୍ଦର ଶେଷ ଅକାର ଯୁକ୍ତ ବ୍ୟଞ୍ଜନ, ଶୁଦ୍ଧ ବ୍ୟଞ୍ଜନ, ହଲନ୍ତ ଯୁକ୍ତ ଭାବେ ଉଚ୍ଚାରିତ ହେବ ତେବେ ଯେ ନିୟମ ବହୁ ବ୍ୟତିକ୍ରମ ଦ୍ୱାରା ବ୍ୟତିବ୍ୟସ୍ତ ହେବାର ସମ୍ଭବ । ସେଥିପାଇଁ ବର୍ତ୍ତମାନ ଲିପି ସଂସ୍କାର କରିବା ନିତାନ୍ତ ପ୍ରୟୋଜନ ।

ଛାପାଖାନା ବା ମୁଦ୍ରା ଯନ୍ତ୍ର ସୁବିଧା ନିମନ୍ତେ ମଧ୍ୟ ଏ ଲିପି ସଂସ୍କାର ହେବା ଉଚିତ । ଓଡ଼ିଆ ବହିରେ ମୁଦ୍ରା ଦୋଷ ଗୋଟିଏ ବିଶୃଙ୍ଖଳା ପର୍ଯ୍ୟାୟରେ ପହଞ୍ଚିଲାଣି ବା ସ୍ୱତଃ ସିଦ୍ଧ କଥା । ବିଶେଷତଃ ଛାପା କଳରେ ମାତ୍ରା ଗୁଡ଼ିକ ଭାଙ୍ଗି ଯାଉଥିବା ହେତୁ ଏପରି ହୋଇଥାଏ ।

ଏ ଅସୁବିଧା ଏଡ଼ିବା ପାଇଁ ଓ ଓଡ଼ିଆ ଭାଷାର ବିଶେଷତ୍ୱ ରଖିବା ପାଇଁ ଲିପି ସଂସ୍କାର ହେବା ଉଚିତ ।

ଏଣିକି ଶୁଦ୍ଧ ବ୍ୟଞ୍ଜନ ବା ସ୍ୱରହୀନ ବ୍ୟଞ୍ଜନ ପାଇଁ ସ୍ୱତନ୍ତ୍ର ଅକ୍ଷର ହେବା ଉଚିତ । ବ୍ୟଞ୍ଜନ ତଳେ ହଲନ୍ତ ଚିହ୍ନ ଦେଇ ହେଉ ବା ଅନ୍ୟ କୌଣସି

Digitized by srujanika@gmail.com

# ଡାଟେର ଡାଟେର ଟାନା ନାନା

ଗତକଥା ପାଶୋର ଯିବା ପାଇଁ ଗାନ୍ଧିଙ୍କ ନିବେଦନ—ଇତି ଦୈନିକ ଅଗ୍ରଗାର ଶୀର୍ଷ ମନ୍ତବ୍ୟ ।

…ଚଳିଣି ତ ଗାନ୍ଧି କଥାରେ ସଙ୍ଗାତ
ଗଳିଣିତ ଗାନ୍ଧି କଥା
ଶୁଣନ୍ତେ ମୁଁ କାନ—ଗୋଜିଲେ ମସ୍ତରେ
ଗଣ୍ଡି ହୋଇବାକୁ ବଥାରେ ସଙ୍ଗାତ
—ଇତି ଶ୍ରୀ କାଟେଜୋଡ଼ିଆ

× × +

ଦୁର୍ନୀତି ଦମନ—ଇତି ସମ୍ପାଦକୀୟ

ମୂଳରୁ ନୀତି ନାହିଁ—ପୁଣି ଦମନ । ବଣପକୁ ଅଣା ମାଲିକଙ୍କ ଜଂଗଲକୁ ନ ଛୋଇଥିଲେ ରକ୍ଷା ।

× × ×

ପାଟନା ଇଞ୍ଜିନିୟରିଂ କଲେଜରେ ଓଡ଼ିଆ ଛାତ୍ରଙ୍କ ଦୁରବସ୍ଥା—ଇତି ସମାଜର ପ୍ରବନ୍ଧ—

…ଦୂରରେ ଥିବାରୁ ଅଚ୍ଛୁଆ ହେଉଛନ୍ତି ।

+ × +

ବି ଏନ୍ ଆର ଠିକ୍ କରିଛନ୍ତି ଯେ ତାଙ୍କର କୌଣସି ଡିଭିଜନନାଲ ହେଡ କ୍ୱାଟର ଓଡ଼ିଶାରେ ରହିବ ନାହିଁ ।—ସମାଜ ସମ୍ବାଦ

…ଓଡ଼ିଶାର ତ ହେଉ (ମଥା) ନାହିଁ—ପୁଣି ନ୍ୱାଠରର କଲେଜ ?

+ × +

ଭାଷା ଓ ସୀମା ସମସ୍ୟା—ଇତି ସମାଜ ସମ୍ପାଦକଙ୍କ—…ବିଷମ ସମସ୍ୟା ହୋଇଗଲା ଆସି ଏକୁଠାବନର ।

× × +

ସମ୍ବଲପୁର ଧମା ଗ୍ରାମରେ ସ୍ୱାଧୀନତା ଉତ୍ସବ—ଇତି ସମ୍ବାଦ—

……ଧମା ଧମ୍ ସମ୍ବଲପୁର

× + +

ତାଳଚେରର ହେମନ୍ତ ବାବୁ ଖଲାସ—ଇତି ସମ୍ବାଦ…ରଜାଙ୍କର ହେମନ୍ତକୁ—ଧନ୍ୟ କହିବା

+ + ×

ରାଜ ନାୟକ ଶିକ୍ଷକ ସଙ୍ଘର ଚନ୍ଦ୍ରଶେଖର ନାୟକ ଗାନ୍ଧି ଜୟନ୍ତୀରେ ସରକାରଙ୍କ ଛୁଟି ମାଗିଛନ୍ତି ।—ସମ୍ବାଦ

…ଗାନ୍ଧୀ ବାଦକୁ ପ୍ରବାହୁଟି ଦେଲା ପରେ ଏ କଥାର ବିଚାର ହେଉ—ଇତି ଉତରେ

× × +

ଅଭି ଦାସ୍ୟ ମୂର୍ଖ ଓ ଭାରାକ୍ରାନ୍ତ ହୃଦୟରେ କହୁଛି—ଇତି ଶାନ୍ତି ପାଇଁ ଜନାଙ୍କ ନିବେଦନ ।

ଆପଣା ହସ୍ତେ ଜିହ୍ୱା ଛେଦ—

+ + +

ମାନ୍ଦ୍ରାଜର ଜମିଦାର ଉଠିଲେ—ଓଡ଼ିଶାର କେବେ—ଇତି ପ୍ରଶ୍ନକର୍ତ୍ତା 'ଜନତା' ।

…ଏଠୁ ଜମିଦାରୀ ଉଠିଲାଣି—ବାକୀଟା ସରକାର ରଖିଛନ୍ତି ।

× + +

ସଂଖ୍ୟା ଲଘିଷ୍ଠ ମାନେ ପ୍ରଦେଶର ଭାଷାକୁ ନିଜର ଭାଷା ବୋଲି ଗ୍ରହଣ କରିବା ଉଚିତ—ଇତି ପ୍ରଜାତନ୍ତ୍ର ମହତାବ ।

…ସଂଖ୍ୟା ଗରିଷ୍ଠମାନେ 'ସ୍ୱପ୍ରଦେଶ'ର ଭାଷାକୁ କଟେଇ ଭାଷା କରିବାକୁ ଚାହିଁ—ଇତି ଗେଜେଟେ ମହତାବ ।

…ଶ୍ରୀଯୁକ୍ତ ମହତାବଙ୍କ ବାତ ହାତୀକା ଦାନ୍ତ—କଥା ଓ କାର୍ଯ୍ୟରେ ଫରକ ଅଟଦୀ ନାହିଁ—କେବଳ ଯୁକ୍ତିରେ ଯାହା ପେଞ୍ଚ ।

× + +

'ନାୟକ'—ଏକ ସାପ୍ତାହିକ ପତ୍ରର ନାମ…… ନାୟିକା ବରଦିବେ ?

---

( ନିବନ୍ଧ ପୂର୍ବ ପୃଷ୍ଠା ଉତ୍ତାର )

ପ୍ରକାରେ ବର୍ଣ୍ଣକୁ ଖଣ୍ଡନ କର ହେଉ । ତା ଫଳରେ ଲିପିର ସଂଯୁକ୍ତ ବର୍ଣ୍ଣ ଆଉ ରହିବ ନାହିଁ । ବନ୍ଧନ ସ୍ଥାନରେ ବନ୍‌ଧନ ବିଶୁଦ୍ଧ ସ୍ଥାନରେ ବିଶୁଦ୍‌ଧ ଲେଖା ଯାଇ ପାରିବ ।

ପଣ୍ଡିତ ନୀଳକଣ୍ଠ ଅନୁନାସିକ ସମସ୍ତ ସଂଯୁକ୍ତାକ୍ଷରକୁ ଉଠାଇ ପୂର୍ବରେ ଅନୁସ୍ୱାର ଯୋଗ କରୁଛନ୍ତି । ସେ ସ୍ଥଳେ ଅନୁସ୍ୱାର ନଦେଇ ଙ, ଞ ଣ ନ ମ ସ୍ଥାନରେ ଦିଆ ହେବ କି ଗୋଟିଏ ଅନୁସ୍ୱାର ରଖି ଭାଷାରୁ ଙ ଞ ହଟାଇ ଦେବାକୁ ହେବ ତାର ବିଚାର କରିବା ଉଚିତ । ଙ ଓ ଞ ସ୍ୱତନ୍ତ୍ର କେଉଁଠି ଉଚ୍ଚାରିତ ହୁଏ ନାହିଁ । ଙ୍କ ଙ୍ଖ ଙ୍ଗ ଙ୍ଘ ଞ୍ଚ ଞ୍ଛ ଞ୍ଜ ଞ୍ଝ ଉଚ୍ଚାରିତ ହୁଏ । ଣ୍ଟ ଣ୍ଠ ଣ୍ଡ ଓ ଣ୍ଢ ନ୍ତ, ନ୍ଥ ନ୍ଦ ଓ ନ୍ଧ, ମ୍ପ, ମ୍ଫ, ମ୍ବ ଓ ମ୍ଭ ଉଚ୍ଚାରିତ ହୁଏ । ଏହିପରି ଭାବରେ ରଖାଯିବ କି ଅନୁସ୍ୱାର ଦେଇ ସବୁକୁ ଏକ କରାଯିବ ତାହା ବିଚାର କରିବା ଉଚିତ । ଅନୁସ୍ୱାର ଦ୍ୱାରା ଯଦି ଉଚ୍ଚାରଣ ବିକଳ ଅପୂର୍ଣ୍ଣ ରହେ ତେବେ ତାହାହିଁ ସ୍ମରଣୀୟ । ତାହେଲେ ତଦ୍ୱାରା ଆମେ ଭାଷାରୁ ଦୁଇଟି ବର୍ଣ୍ଣ ଙ ଓ ଞ ଉଠାଇ ଦେଇ ପାରିବୁ ।

ଓଡ଼ିଆ ଭାଷାରେ ଦୀର୍ଘ ଉଚ୍ଚାରଣ ନଥିବାରୁ ଦୀର୍ଘସ୍ୱର ମାତ୍ରା ଉଠାଇ ଦିଆ ଯାଇ ପାରେ । କେବଳ ଜୋର ଦେବା ସ୍ଥାନରେ ଗୋଟିଏ [’] ଚିହ୍ନ ଦେଲେ ଚଳିବ । କରଣୀ ଲିପିରେ ପୂର୍ବେ କେବଳ ଦୀର୍ଘ ସ୍ୱରଚିହ୍ନ ବ୍ୟବହୃତ ହେଉଥିଲା ଯଦି ଓ ଉଚ୍ଚାରଣ ହ୍ରସ୍ୱ ହୁଏ ।

ତେଣୁ ଏଠି 'ଶ ଷ ଓ ସ'ର ଆବଶ୍ୟକତା ମଧ୍ୟ ନାହିଁ । ବୈଦେଶିକ ଶ ଅକ୍ଷର ଉଚ୍ଚାରଣ କୌଣସି ଚିହ୍ନ ଦ୍ୱାରା ନିର୍ଦ୍ଦେଶ କରାଯାଇ ପାରେ ।

ଋ, ଓ ଋ ଢ ଓ ଢ଼ ର ଆବଶ୍ୟକତା ମଧ୍ୟ ଅଦୌ ନାହିଁ ।

ତା ଛଡ଼ା ଜ୍ଞ ଓ କ୍ଷ କୁ ଉଠାଇ ସେ ସ୍ଥଳରେ ଗ୍ୟ ଓ ଖ୍ୟ ଲେଖାଯାଇ ପାରେ । ବାସ୍ତୁ ପୁରୁଣା କାବ୍ୟ କବିତାରେ ଏପରି ଲିଖିତ ପୋଥିମାନ ମିଳୁଛି—ଓ କେତେକ ପ୍ରାଚୀ ଗ୍ରନ୍ଥମାଳା ପ୍ରକାଶନ ମଧ୍ୟ କରିଛନ୍ତି । ବର୍ଗର ଦ୍ୱିତୀୟ ଚତୁର୍ଥବର୍ଣ୍ଣ ଯଥା—ଖ ଘ ଛ ଝ ଠ ଢ ଥ ଧ ଫ ଭ ଆଦି ସ୍ୱତନ୍ତ୍ର ଅକ୍ଷର ନ ରହି ମୃଦୁ ଉଚ୍ଚାରିତ ପ୍ରଥମ ତୃତୀୟ ବର୍ଣ୍ଣରେ ଚିହ୍ନଟେ 'ହ' ଯୋଗ କଲେ ଚଳିବ ଯେପରି ଇଂରାଜୀ h ଓ ଉର୍ଦ୍ଦୁରେ ଦୋଚସମୀ ହେ ।

Digitized by srujanika@gmail.com



### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ସ୍ୱଦେଶ ପ୍ରତି ପ୍ରେମ ବଢ଼ାଇବା ଆତ୍ମନିର୍ଭରଶୀଳ ଓ ସ୍ୱାଧୀନ ଚରିତ୍ର ସାଧନା କରିବା । ୨ । 'ରଜର'ର ମାଧ୍ୟମରେ ଏହି ଦେଶର ଓ ବାହାର ପାଠକମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଓ ଅହିଂସା ମାଧ୍ୟମରେ ସେମାନଙ୍କ ଉନ୍ନତି କରିବା ।
(୧୮ ବର୍ଷରୁ କମ ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ ଉତ୍ତର

ବୈଦ୍ୟନାଥ ୮୦୯—ତୁମେ ନିଜ ନାମରେ ନାଗ.ଗୃହ ବ୍ରତ ଅର୍ଥାତ୍ ସଂଘ ସେବା ଅହିଂସା ଆଦି ପାଳନ କରୁଥିବା କହିଛ ସେଥିରେ ଯତ୍ନ କରି ଧ୍ୟାନ ନାହିଁ ଦେଉଛ କାଳେ । କାଳେ କେବଳ ନାମ ଛାପିବା ପାଇଁ ନାଗ ହେବା ଉଚିତ ନୁହେଁ ।

ରାମଚନ୍ଦ୍ର ୫୧୨—ତୁମର ପ୍ରାଥମିକ ଉଦ୍ୟମ ନିଷ୍ଫଳ ହେବାର କାରଣ ମନର ଚଞ୍ଚଳତା ଏବଂ କାର୍ଯ୍ୟର ସଫଳତାରେ ଦୃଢ଼ ବିଶ୍ୱାସର ଅଭାବ । ମନ ସ୍ଥିର କରିବା ପାଇଁ ତୁମେ ପୂଜା ପାଠ ଓ ପୂଜା କରିବା ସଙ୍ଗେ ସଙ୍ଗେ ଭଗବାନଙ୍କ ନାମ ବା ତୁମର ଇଷ୍ଟମନ୍ତ୍ର ଜପକର । ଫଳ ମିଳିବ ନିଶ୍ଚୟ ।

## ପାଠାଗାର ଆନ୍ଦୋଳନ

ନଂ ୪ ପାରୁଲ ପାଠାଗାର—ମୋଟ ୧୫୦ ଖଣ୍ଡ ବହି ଅଛି—ଦୈନିକ ସମାଜ, ଦୈନିକ ଆଶା, ପ୍ରଜାତନ୍ତ୍ର, ନବଓଡ଼ିଶା ଜନ୍ମଭୂମି; ଅର୍ଦ୍ଧ ସାପ୍ତାହିକ—ଅମୃତବଜାର ଓ ମାତୃଭୂମି; ସାପ୍ତାହିକ—ଜଗତ, କୃଷକ, ଅବକାଶ ଓ ଓଡ଼ିଶା, ମାସିକ—ସହକାର, ଚତୁରଙ୍ଗ, ବୀଣା, ପ୍ରଭୃତି, ଓ ଅନ୍ୟ ପୁସ୍ତକ ଅଛି ।

ନଂ ୫—ଛାତ୍ରବନ୍ଧୁ ପାଠାଗାର—ବୈଜ- ମୁଣ୍ଡ ପୋଷ୍ଟ ଫୁଲବାଣୀ ଜିଲ୍ଲା—ମୋଟ ପୁସ୍ତକ ସଂଖ୍ୟା ୩୫୦ । ସମାଜ, ଜଗତ, ନାଗରିକ, ବୀଣା, ମାତୃଭୂମି ପ୍ରଭୃତି ପତ୍ରିକା ଆସେ ।

( ୮୦୯ ନମ୍ବର ନାଗ ବୈଦ୍ୟନାଥ ପାଣିଗ୍ରାହୀଙ୍କ ଠାରୁ ପ୍ରାପ୍ତ )

ନଂ ୬—ଜୟହିନ୍ଦ ପାଠାଗାର, ଠକ୍କର ଅଶ୍ରମ, ରାୟଗଡ଼, କୋରାପୁଟ—ସଂସ୍ଥାପକ ରାମଚନ୍ଦ୍ର ପାଢ଼ୀ—ସମ୍ପାଦକ—ଦାମୋଦର ପ୍ରସାଦ ( ନାଗ ନଂ ୭୬୯ ) ପରିଚାଳକ ନଳିନୀକାନ୍ତ । ପୁସ୍ତକ ସଂଖ୍ୟା ୩୦୦ । ଦୁଇଟି ଦୈନିକ ଦୁଇଟି ସାପ୍ତାହିକ ଓ ଗୋଟିଏ ମାସିକ ପତ୍ର ଆସେ—ପୁସ୍ତକ ଇଂରାଜୀ, ଓଡ଼ିଆ, ତେଲୁଗୁ ଓ ହିନ୍ଦୀ ।

ନଂ ୭—ଦେବୀ ପ୍ରସାଦ ପାଠାଗାର—ପରିଚାଳକ ମଦନରାଜାଙ୍କ ସାହି ଜୟପୁର, କୋରାପୁଟ । ମନ୍ତ୍ରୀ—ଗୋପୀନାଥ—ପୁସ୍ତକ ସମସ୍ତ ଓଡ଼ିଆ—ସଂଖ୍ୟା ୧୦୨ । ଦୁଇଟି ସାପ୍ତାହିକ ପତ୍ର ଆସେ ।

ନଂ ୮—ଯୁବକ ସଂଘ ସାଧାରଣ ପୁସ୍ତକାଳୟ, ବେଙ୍ଗଳ ପାର୍ଲି ପୋ: ବଡ଼ପାଲି ଗୁଡ଼ା [ କୋରାପୁଟ ] ମନ୍ତ୍ରୀ—ରାମନାଥ ପଣ୍ଡା—ସମସ୍ତ ଓଡ଼ିଆ ପୁସ୍ତକ ସଂଖ୍ୟା ୫୦—ଦୁଇଟି ସାପ୍ତାହିକ ଓ ଗୋଟିଏ ମାସିକ ପତ୍ର ଆସେ ।

ନଂ ୯—ଦାମୋଦର ସଂଘ ବା ପାଠାଗାର କୋଟପାଡ଼—କୋରାପୁଟ—ପରିଚାଳକ ଶ୍ରୀ ନଠସନ୍ୟାସୀ । ପୁସ୍ତକ ସଂଖ୍ୟା ୨୦୦ । ସାପ୍ତାହିକ ୨—ମାସିକ ୧ ଓ ଦୈନିକ ୧ । ଭାଷା ଓଡ଼ିଆ ହିନ୍ଦୀ ଓ ତେଲୁଗୁ ।

[ ରାମଚନ୍ଦ୍ର ପାଢ଼ୀଙ୍କ ଠାରୁ ]

ନାଗଙ୍କ କଲମରୁ—

## ପରୀ ରାଇଜେ ମୋ ଘର

୧

ସବୁ ଘରଠେ ସରସେ ମୋର
ସବୁ ଘରଠେ ଘର
ଯୋଉ ଦେଶରେ ଗୋହଲା ବୋଠା
ମୁକୁତା ଝରେ ଝରେ,
ଯୋଉ ଘରଠେ ସୁନା ପଞ୍ଜରେ
ହୀରାର ଫୁଲ ଫୁଟେ
ମଣିକଣର ଭ୍ରମର ରଙ୍ଗ
ଗୁଣୁ ଗୁଣୁ ହୋଇ ଛୁଟେ,
ସେହି ଘରଠେ ଛାଡ଼ି ମୁଁ ଯିବି
କଟେଇ ଦେବ ପର
ସବୁ ଘରଠେ ସରସେ ମୋର
ସବୁ ଘରଠେ ଘର ।

୨

ଯୋଉ ଦେଶରେ ବସନ୍ତ ନିତି
ମଳୟ ସାଥେ ଆସେ
ସବୁଜ ବନେ ସୁନା ହରିଣ
ଭୁଲର ନାଚି ନାଚି,
ଯୋଉ ଦେଶରେ ଶୁଆ ଶାରୀରେ
ମୁନାଇ ଗାଇ ସର
ମାଣିକ ବନ୍ତ୍ର ଗାଇ ବୁଲନ୍ତି
ସଂଗୀତ ମନୋହର,
ସେହି ଘରଠେ ଛାଡ଼ି ମୁଁ ଯିବି
କଟେଇ ଦେବ ପର
ସବୁ ଘରଠେ ସରସେ ମୋର
ସବୁ ଘରଠେ ଘର ।

୩

ଯେଉଁ ଦେଶରେ ସୁନା ଦେଶରେ
ତାରା ଫୁଟନ୍ତି ଯହିଁ
ସବୁ ଘରର ଘର ଠେମା ଦେଇ
ନାଚନ୍ତି ଝିଅ ଠାକୁ,
ସେହି ଦେଶରେ ସୁନା ବାଳକ
ଧରନ୍ତି ପ୍ରଭାତର
ସୁନେଲି ସୂତ ଛାଡ଼ି ଆକାଶେ
ଆନନ୍ଦେ ନାଚନ୍ତି ମାତ,
ସେହି ଘରଠେ ଛାଡ଼ି ମୁଁ ଯିବି
କଟେଇ ଦେବ ପର
ସବୁ ଘରଠେ ସରସେ ମୋର
ସବୁ ଘରଠେ ଘର ।

୪

ଯେଉଁ ଦେଶର ନୀଳ ସାଗରେ
ମୁକ୍ତାର ତେଜ ଉଠେ
ମଳୟ ସାଥେ ବ କଥା କହି
ଲକ୍ଷ୍ମୀର ବନ୍ଧୁ ଛୁଟେ,
ସବୁ ଘରର ବାହ୍ୟ ଶୋଭା
ମୁଗ୍ଧ କରନ୍ତି ଜଗି
ମନ ଖୁସିରେ ଗାଏରେ ଗୀତ
ସୁନା କୋଇଲେ ବସି,
ସେହି ଘରଠେ ଛାଡ଼ି ମୁଁ ଯିବି
କଟେଇ ଦେବ ପର
ସବୁ ଘରଠେ ସରସେ ମୋର
ସବୁ ଘରଠେ ଘର ।

୫

ଯୋଉ ଦେଶରେ ସୁନା ଦେବତେ
ମଣିକ ଦର୍ପଣ ଧରି
ଅନ୍ଧାର ଘର ଆଲୁଅ କରି
ଖୁସି ଦେଇ ଚଳନ୍ତି,
ତାହାର ପୂଜା କରିବା ପାଇଁ
ମନ ମୋ ଯାଏ ଧାଇ
ଅନ୍ତର ମୋର ଗାଇବ ଗୀତ
ବାହାର ଶାନ୍ତି ଶାନ୍ତି ।
ସେହି ଘରଠେ ଛାଡ଼ି ମୁଁ ଯିବି
କଟେଇ ଦେବ ପର
ସବୁ ଘରଠେ ସରସେ ମୋର
ସବୁ ଘରଠେ ଘର

( ନାଗ ଭାଇଙ୍କ ନାମ ଓ ନମ୍ବର ଦେଇ ନାହାନ୍ତି )

Digitized by srujanika@gmail.com

REG. No. O. 4

THE DAGARO.—8-9-47

୧୧ଶ ବର୍ଷ—୭ମ ସଂଖ୍ୟା

ଡାଗର—୧୪

## ଭ୍ରମ ସଂଶୋଧନ

୫ମ ସଂଖ୍ୟାରେ ବାହାରିଥିବା ନାଗଙ୍କ ତାଲିକାରେ ଶ୍ରୀ ଗୋପାଳ ପାତ୍ରଙ୍କ ନାମ ଶ୍ରୀ ଗୋପାଳଚନ୍ଦ୍ର ମହାନାୟକ ହେବ ।

## ସାଧାରଣ ଜ୍ଞାନ

୧—୭ଟି ସ୍ୱାଧୀନ ଦେଶ ପୃଥିବୀରେ ଅଛି ଯେଉଁମାନଙ୍କର ଜଳପଥରୁ ବାଟ ନାହିଁ ସେମାନଙ୍କର ନାମ କଣ ?

୨—ଗୋଟିଏ ସ୍ୱାଧୀନ ରାଜ୍ୟର ନାମ କହ ଯେ ପୂର୍ଣ୍ଣ ଭାବରେ ଗୋଟିଏ ଦ୍ୱୀପକୁ ଅଧିକାର କରି ବସିଛି । ଦୁଇଟି ରାଜ୍ୟ ଏପରି ଅଛନ୍ତି ।

*—ନିମ୍ନଲିଖିତ କେଉଁ ଶ୍ରେଣୀର ନାଗ ମାନଙ୍କ ନାହିଁ ? ସେଠା ଲେଖେ ପଢ଼ି ନାଗ ବେଶରେ ଡାକ ପଠାଇ ବ୍ୟବହାର କରନ୍ତି ।

—✦—

। ଡିଅଉଉଟିଡ—୬

। ଡିଅଚଉଅ ୬୮ ।ଉକ୍ତ—୧

। ଡିଅ ଉଉଅକ 'ଦଉ

୮।। 'ଉଅଉଡ 'ଅଉ।ବ।ଚିଅ ।ଉଅଉଅ 'ଅଉ ଅ।ୟଅ 'ଅଞ୍ଜିଅ 'ଡାଚିଅ।ଉଉଅ—୨

ଡଉଡ

## ନୂଆ ନାଗଙ୍କ ନାମ

୮୫୨ ଶ୍ରୀ ଆନନ୍ଦ ଦାସ C/o ହରିଶ୍ଚନ୍ଦ୍ର ଦାସ କେନ୍ଦୁ ଝର ଗୋପାଳପୁର ଖୁର୍ଦ୍ଦା ସବଡ଼ିଭ ପୋ: ଖୁର୍ଦ୍ଦା ଜିଃ ପୁରୀ ଜନ୍ମ— ୮୫୩ ଶ୍ରୀ ସୁଭାଷଚନ୍ଦ୍ର ଦାସ C/o ଡାଃ ଦିଃ ପି: ଦାସ ପୋ: ଅଃ ଗୁଞ୍ଜନଡ଼ା ଜିଃ ଗଞ୍ଜାମ ଜନ୍ମ—୨୫—୭—୧୯୩୦ । ୮୫୪ ଶ୍ରୀମାନ ଶ୍ରୀ ଗ୍ରାମ—ବ୍ରାହ୍ମଣବରଦା ପୋଃ ବ୍ରାହ୍ମଣବରଦା ଜିଲ୍ଲା କଟକ ଜନ୍ମ—୧—୧—୨୯ । ୮୫୫ ଶ୍ରୀ ଅର୍ଜୁନ ଚରଣ ଦାସ ସରକାର ଭବନ vill—ମୁଣ୍ଡ ମହେଶାସ୍ଥ ପୋଃ ଅଃ ନୂଆପଡ଼ା ଜିଃ କଟକ ୧୫—୭—୧୯୩୦ ।


# ଉତ୍କଳର ଶ୍ରେଷ୍ଠ "ଦାନ"!

କଲିକତା ପ୍ରେସିଡେନ୍‌ସି କଲେଜର ଶରୀର ବିଜ୍ଞାନର ଭୂତପୂର୍ବ ଅଧ୍ୟାପକ

## ଆଚାର୍ଯ୍ୟ ଗିରିଙ୍କ ଶ୍ରୀଗିରି ଆର୍ମିନ ବା କୁଷ୍ଠନାଶକ ରସ

ଏହା ଭାରତର ବହୁ ମୂଲ୍ୟ ଓ ଏକ ଦୁର୍ଲଭ ଉପାଦାନରେ ପ୍ରସ୍ତୁତ । କୁଷ୍ଠ ରୋଗରେ ଏହା ସହସ୍ର ଗୁଣ ଶକ୍ତିଶାଳୀ ଓ ଏଥିରେ ବିଷାକ୍ତ ଦ୍ରବ୍ୟ କିଛି ନାହିଁ । ଏପରି କୁଷ୍ଠନାଶକ ଔଷଧ ଅଦ୍ୟାବଧି ଆବିଷ୍କୃତ ହୋଇ ନାହିଁ । ସାତଟି ଦିନ ଭିତରେ ସମ୍ପୂର୍ଣ୍ଣ କ୍ଷତ ଶୁଖି ହସ୍ତପଦ ସ୍ୱାଭାବିକ ହୋଇଥାଏ । ଏକବର୍ଷ ପରେ ଆଉ ଫେରି ଆସେ ନାହିଁ । ପଥ୍ୟାପଥ୍ୟର ବିଚାର ନାହିଁ ।

## କାଶ୍ମୀରିନ

ଚର୍ମରୋଗର ଅବ୍ୟର୍ଥ ଔଷଧ

ଦାଦୁ, କୁଣ୍ଡିଆ, ଖାଜୁ, ମଇଳା, ପାଚ ଘା ଓ ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶକରି ଚର୍ମରୁ ଦାଗ ନଷ୍ଟ କରେ ।

ବିଳାସ ଓ ଭେଷଜ ଏକତ୍ର କରି ସମାବିଷ୍ଟ "
ସାମ୍ପ୍ରତିକ ଜଗତରେ ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ ପ୍ରଶୋଧନ ସମ୍ଭାର

## ସୁବାସିତ ମୋରିଶ ତେଲ

# ସ୍ୱର୍ଣ୍ଣଶ୍ରୀ

ଦେହ ପୋଷଣ ଏବଂ ରୋଗ ନିବାରଣ କରି କାର୍ମୀନ ଭଳି, ଶକ୍ତିଶାଳୀ, ସୁପୁଷ୍ଟ, ସୁସ୍ନିଗ୍ଧପଣିଆ; ଉତ୍ପନ୍ନ କରେ, । ସୁବାସିତ, କାନ୍ତିଯୁକ୍ତ, ସୁନ୍ଦର ତ୍ୱକ୍; ସୁନିର୍ମିତ ଶରୀର, ବାସନାର ଲୀଳା ଶୃଙ୍ଗ ଦେହ ମନୋହର, ସ୍ନିଗ୍ଧ, କୋମଳ ମନପ୍ରାଣକୁ ଆକର୍ଷଣ ଏବଂ ପ୍ରଫୁଲ୍ଲିତ କରେ । ସୁନୀଳକୁଣ୍ଡଳ, କୋମଳ, ଭ୍ରମରନିନ୍ଦିତ, କୁଞ୍ଚିତ କେଶଦାମ ।

# ପ୍ରେମସୁଧା

ବା NECTORUM.

ପ୍ରମେହ ରୋଗର ଅବ୍ୟର୍ଥ ଔଷଧ—ବହୁମୂଲ୍ୟ ଉପାଦାନରୁ ପ୍ରସ୍ତୁତ ।

ଏହା ପ୍ରମେହ, ଶୁକ୍ର ତାରଲ୍ୟ ଓ ତଜ୍ଜନିତ ଯାବତୀୟ ଉପସର୍ଗ, ସ୍ୱପ୍ନଦୋଷ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ କରେ ।

ମିଳିବା ସ୍ଥାନ—

ବିଜୟ ଶକ୍ତି ଔଷଧାଳୟ—ରସାୟନ ବିଭାଗ

ବାଲେଶ୍ୱର


Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com





"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, Sept, 15, 1947. | No. 7. |
|---|---|---|


# ଡଗର

ଆନନ୍ଦ, ଆଲୋକ ଓ ଅଟ୍ଟହସିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର


| ଏକାଦଶ ବର୍ଷ | ସୋମବାର<br>ସିଂହ ୩୦ ୧୩୫୪ ସାଲ | ସପ୍ତମ ସଂଖ୍ୟା |
|---|---|---|


ଏ ସଂଖ୍ୟାରେ

କାନ୍ତ ଭଟ୍ଟଙ୍କର
ଉପନ୍ୟାସ
**କଣାମାମୁଁ**

—❖—

ମଜାକଥାରେ
**ଟାଉନବସ୍**
ମନ୍ତ୍ରୀଙ୍କ
ଅପଣଙ୍କର ଜ୍ଞାଃ ମଃ

କାହାଣୀରେ
ଏକ କରୁଣ ଚିତ୍ର
**ସ୍ୱାଧୀନତା ଦିବସ**


ବାର୍ଷିକ ମୂଲ୍ୟ ଟ ୬୯ ଷାଣ୍ମାସିକ ଟ ୩୷
ରାଜ ସଂସ୍କରଣ ବାର୍ଷିକ ଟ ୧୦୯



Digitized by srujanika@gmail.com

# ସାପ୍ତାହିକ ଜଗରର ନିୟମାବଳୀ

୧ । ସାପ୍ତାହିକ 'ଜଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୬ । ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୷ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁଗ୍ରହ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା **ପରିଷ୍କାର** ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଜଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଜଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଜଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଜଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଜଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଜଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଜଗର
ପୋ: ଭଦ୍ରକ (B. N. Ry.)

---


## ବମ୍ବେ ଲାଇଫ ଏସ୍ୟୁରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ—୧୯୦୮ ହେଡ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନିରେ ସର୍ବନିମ୍ନ ପ୍ରିମିୟମ ଦେଇ ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।

ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୬୩ ଲକ୍ଷରୁ ଊର୍ଦ୍ଧ୍ୱ ବୀମାଫଣ୍ଡ ୨ କୋଟି ୯୬ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଚତୁଷ୍ପାର୍ଶ୍ୱରେ ଇନ୍‌ସପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

କେ. ବାଲସୁବ୍ରମଣ୍ୟମ, ବି. ଏମ୍. ଏ. ଅଇ. ଏ.
ମେନେଜର ଏବଂ ଏକଚ୍ୟୁଅରି
ହେଡ ଅଫିସ—ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।



ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନ ଦାସ



Digitized by srujanika@gmail.com




# ବିଲୁଆ ବିଚାର

୧୧ଶ ବର୍ଷ— ସୌରମାସ—ସିଂହ (ଭାଦ୍ର) ସନ ୧୩୫୪ ୭ମ ସଂଖ୍ୟା

କଏ ଜଣେ ମନ୍ତ୍ରୀଙ୍କୁ ପଚାରିଲା— ଆଜ୍ଞା ରାମରାଜ୍ୟଟା କେମିତିକା ? ମନ୍ତ୍ରୀ ଗମ୍ଭୀରରେ ଉତ୍ତର ଦେଲେ—ଏଇ ଓଡ଼ିଶା ଦେଶ ଯେମିତିକା ଠିକ୍ ସେମିତିକା । ଅର୍ଥାତ ଅନ୍ୟାୟ ଅଧର୍ମ ଦେଖିବା ମାତ୍ରେ ଦଣ୍ଡ ଦିଆଯାଏ । ଶୁଦ୍ର ମୁନିଙ୍କି ହାଣିବା କଥା, ସୀତାଙ୍କୁ କଳାପାଣି ଦେବା କଥା ଜାଣିନା ? ଅତଏବ ଏଇ ରାମରାଜ୍ୟ ଚଳାଇବାକୁ ହେଲେ ରାଜ କର୍ମଚାରୀଙ୍କୁ ହାତରେ ରଖିବା ଦରକାର । ପ୍ରଶ୍ନକର୍ତ୍ତା ବୁଝି ନପାରି କହିଲେ—ସିଧା ଭର୍ଣ୍ଣାକୁଲାର ଭାଷାରେ ବୁଝାଇ ଦେବାକୁ ଆଜ୍ଞା ହେଉ । ମନ୍ତ୍ରୀ ମହିମା ପାରାଫ୍ରେଜ୍ ବା ବିଷଦବ୍ୟାଖ୍ୟା କରିଥିଲେ ଏହିପରି ଯଥା—

ଏଇ ଅମଲା ହାକିମ, ପୁଲିସଙ୍କ ଦାଉ କରି ଆମେ ପିଠିରେ କାନରେ ସହିନାହୁଁ । ସେଇଥିରୁ ଜାଣିଛୁ ଯେ ଯାଙ୍କୁ ହାତରେ ନ ରଖିଲେ ଶାସନ କରି ହେବ ନାହିଁ ବା ରାଜ କ୍ଷମତା ରହିବ ନାହିଁ । ଇଂରେଜ ସରକାର ଯଦି କେବେ ଆମକୁ ପୁଣି ତଡ଼ିବାକୁ ବସେ, ଗୁଳବଣିଆ ଗୋଷ୍ଠୀ ଆମ ହାତରେ ଥିଲେ ସେ ତାହା ପାରିବେ ନାହିଁ । ସେ ତାଙ୍କ ହୁକୁମ ନ ମାନି ଆମ ହୁକୁମ ମାନିବେ । ତେଣୁ ତାଙ୍କ ମହିମା ବଢ଼ାଇ ଦେଇ, ତାଙ୍କର ଦୋଷକୁ ଆଖି ବୁଜି ଦେଇ ତାଙ୍କ ମନ ନେବାକୁ ପଡ଼ୁଛି । ପୁଣିଦେଖ, ଇଂରେଜ ସରକାର ଯଦିଓ ବିଲକୁଲ ଘରକୁ ଯାଉଛନ୍ତି ତେବେବି ଆମର ବିପଦ ଯାଇନାହିଁ । ଆମକୁ ପଦରୁ ତଡ଼ିବା ଲାଗି କେତେ ଦଳ ବାହାରି ପଡ଼ିବେ ଓ କେତେ ବାହାରି ସାରିଲେଣି । ତାଙ୍କୁ ଜବତ କରିବାକୁ ହେଲେ ପୁଲିସ, ହାକିମ, ଅମଲାଙ୍କ ସାହାଯ୍ୟ ଲୋଡ଼ା । ଦେଶକୁ ଓ ଜାତିକୁ ଏସବୁ ବିପଦରୁ ରକ୍ଷା କରିବା ପାଇଁ ଆମକୁ ଏହା କରିବାକୁ ପଡ଼ୁଛି ଅନିଚ୍ଛା ସତ୍ତ୍ୱେ ।

ପ୍ରଶ୍ନକର୍ତ୍ତା ଏତିକିରେ ସନ୍ତୁଷ୍ଟ ହୋଇ କହିଲେ—ସାଧୁ, ସାଧୁ !

\+ × +

ଓଡ଼ିଶା ସରକାର ଏଇ ମଧ୍ୟରେ ଗୋଟିଏ ସୁବୁଦ୍ଧିର କାମ କରି ପକାଇଛନ୍ତି । ପୁରୀର କଲ ମାଜିଷ୍ଟ୍ରେଟ କାମରେ ଶ୍ରୀଯୁକ୍ତ ମନସୁଖ ଓ ପୁରୀର ପୁଲିସ ସାହେବ ରୂପେ ଶ୍ରୀଯୁକ୍ତ ଦେ ସାହେବଙ୍କ ନିଯୁକ୍ତି ଭିତରେ ଯେ କେତେ ସୁବୁଦ୍ଧି ଓ ଦୂର-ଦର୍ଶିତା ନିହିତ ଅଛି ତାହା କେହି ଅସ୍ୱୀକାର କରି ପାରିବ ନାହିଁ । ପୁରୀରେ ଯେପରି ଦିନକୁ ଦିନ ଗୋଟାଏ ବୃହଦାକାର ବଙ୍ଗାଳି ଉପନିବେଶ ଗଢ଼ି ଉଠିଛି, ସେଠାର ଶାସନ ଯନ୍ତ୍ରର ଚାଳକ ଜଣେ ବଙ୍ଗାଳି ହେବା ଯେପରି ସୁନ୍ଦର ସେହିପରି ବାଞ୍ଛନୀୟ ମଧ୍ୟ । ବିଶେଷତଃ ପୁରୀ ସହର ଓଡ଼ିଶା ମଧ୍ୟରେ ହେଲେ ମଧ୍ୟ ଏହାର ସାର୍ବଜନୀନତା ତାର ପ୍ରସିଦ୍ଧ କେବଳ ଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ । ଏପରି ଅବସ୍ଥାରେ ଏହି ବଙ୍ଗାଳି ଶାସକ ନିଯୁକ୍ତିରେ କୌଣସି ଓଡ଼ିଆଙ୍କର କିଛି ଆପତ୍ତିର କାରଣ ଥାଇ ନପାରେ, ପରନ୍ତୁ ନିକଟରେ ଉପୁଜିଥିବା ବଙ୍ଗାଳି—ଓଡ଼ିଆ ମନୋମାଳିନ୍ୟ ଗୋଟାଏ ପ୍ରତିଷେଧକ ହିସାବରେ ମଧ୍ୟ ଏହି ନିଯୁକ୍ତି ଶ୍ଳାଘ୍ୟକର । ଏପରି ସୁବୁଦ୍ଧି ବଙ୍ଗ ପ୍ରଧାନ ମନ୍ତ୍ରୀଙ୍କୁ ଦଶିଲେ ଓଡ଼ିଆ ବି ଅଶ୍ୱସ୍ତ ହୁଅନ୍ତେ ।

\+ + +

ମହାତ୍ମାଙ୍କ ନାଁଟି ମନ୍ତ୍ର ଜାଣନ୍ତି । କର୍ଣ୍ଣପିଶାଚୀ କି ବେତାଳ ସାଧିଛନ୍ତି । ସେ ଯେତେବେଳେ ଉପାସ କରନ୍ତି ତାଙ୍କ ପେଟ ଭିତରୁ ସେ ଦେବତାମାନେ ସେତିକିବେଳେ ବାହାରି ଯାହାକୁ ହାବୁଡ଼ି ପାଏ ତା ଉପରେ ଅହିଂସା ଷ୍ଟ୍ରୋକ୍ ବସାଏ । ସେ ଅହିଂସା ଷ୍ଟ୍ରୋକରେ ଏମିତି ବିଷାନ୍ ଯେ ଅଳ୍ପ ଅଳ୍ପ ବାଘ ଭାଲୁ ଘାରି ହୋଇ ଗାନ୍ଧୀଙ୍କ ଗୋଡ଼ତଳେ ପଡ଼ିଯାନ୍ତି । ହଇ ହୋ ସେଇଥି ପରି । ସେଦିନ କଲିକତାରେ ଗୁଣ୍ଡାମାନେ ଅସ୍ତ୍ର ଶସ୍ତ୍ର ଆଣି ତାଙ୍କ ଗୋଡ଼ ତଳେ କୁଢ଼େଇ ଦେଲେ । ହିନ୍ଦୁ ମୁସଲମାନ ସମସ୍ତେ ପୁଣି ଅହିଂସ ହୋଇଗଲେ । ଆମ ଓଡ଼ିଶାରେ ଏ ଯୋଡ଼ ‘ଗୋଷ୍ଠୀ’ ‘ଗୋଷ୍ଠୀ’ ହିଂସା ଗୁଲିଛି ତାକୁ ଦବାଇବା ପାଇଁ ମନ୍ତ୍ରୀବର ମହତାବ୍ ବି ସେମିତି ଏକ୍ ହାର୍ ଦେଖେଇବା ପାଇଁ ମୂଲକ ତିଆରି କରିଛନ୍ତି—ସ୍ୱରାଜ ଭବନରେ । ତାଙ୍କର ନାଁଟି ‘ପ୍ରଜାତନ୍ତ୍ର’। ଏ ନୂଆଁ ଲିଭପାଇ । ମହାତ୍ମା ମହତାବ୍‌ଙ୍କ ଜୟ ।

÷ ÷ ÷

ସମିଏ କହୁଥିଲେ ଗାନ୍ଧୀ ସମିଙ୍କୁ ପାରିଲେ ଏକା ଜଣକ ଛଡ଼ା । ଗାନ୍ଧି ୧୬ କଳାର ଗୁଣିଆ ହେବା ବେଳକୁ ସେ ୩୨ କଳାର ଡାହାଣୀ ହେଲା । ଗାନ୍ଧି ଏତକିଅ କହିଲା ବେଳକୁ ସେ ଦୁଇକରି ଦେଇ ବସୁଥିଲା । କିନ୍ତୁ ଶେଷକୁ ଗାନ୍ଧି ମାହାତ୍ମ୍ୟର ଜୟ ହେଲା । ଏଥର ପାକିସ୍ଥାନ

Digitized by srujanika@gmail.com

ଖ୍ରୀଷ୍ଟଙ୍କର ଉକ୍ତି ଜାଣି କହୁଥିଲେ—'ପ୍ରତି-ଶୋଧ ନିଅ ନାହିଁ—ପ୍ରତିରୋଧ କର ନାହିଁ' । ସିଏଣି ଜାତିରେ ସମ୍ମାନ ଲାଭ ଥିଲା ପରି କଥା କହିଲେ । ଏଥିରେ ଧନ୍ୟ କହିବା ଗାନ୍ଧିଙ୍କୁ ନା—ଜିନାଙ୍କୁ । ଗାନ୍ଧିଙ୍କ ସତ୍ପ୍ରଦନେ ଯେପରି ସ୍ୱରୂପ ଅହିଂସା କହି ଅସ୍ତ୍ର—କିନ୍ତୁ ଜିନ୍ନା ବେଳକୁ ବେଳ ନୂଆ ଜିନିଷ ଯୋଗ ନବ ନବ ଦଫେ ମିଳେ । ବାହାଦୁର୍ ତାଙ୍କର୍ ।

\+ + +

ତଥାପି ଗୋଟିଏ ଜାଗାରେ ଗାନ୍ଧିଙ୍କ ଅହିଂସା ଅକାମୀ ହୋଇଛି । ଅହିଂସାର ଗୋଟାଏ ଦ୍ରବ୍ୟଗୁଣ ଏହି ଯେ ତାହା ଶତ୍ରୁକୁ ମିତ୍ର କରେ—ହୃଦୟ ଶରୀରରେ କାମ କରେ । କିନ୍ତୁ ମିତ୍ରଠାରେ ତାହା ପ୍ରୟୋଗ କଲେ ତାର ଫଳ ବିପରୀତ ହୁଏ । ସୁସ୍ଥ ଲୋକ ଯେ ଔଷଧ ପାନ କଲେ ରୋଗରେ ପଡ଼େ । ଗାନ୍ଧିଙ୍କ ଶତ୍ରୁ ସବୁ ଯେତେ ମିତ୍ର ହୋଇଗଲେଣି—ତାଙ୍କ ମିତ୍ର ବା ଅନୁଗାମୀମାନେ ସେତିକି ଶତ୍ରୁ ହୋଇ ଯାଉଛନ୍ତି । ଏଥର ଗାନ୍ଧିବାଦ ବୋଲିଲେ, କଣ୍ଟ୍ରୋଲ୍ କମିଟି ପ୍ରେସିଡେଣ୍ଟ ଠାରୁ ଆରମ୍ଭ କରି, ପ୍ରେ ପାଗଣ୍ଡା କାଗଜ ତଥା ଅନ୍ୟ ଉପାଧି ଧାରୀ କଂଗ୍ରେସ ବାଲାମାନେ ସମସ୍ତେ ଗାନ୍ଧିଙ୍କ ତିଳକ କରି ଟୋପି ବାଡ଼ିକୁ ଟେକା କାଟି ଦେଉଛନ୍ତି । ଏମାନଙ୍କୁ ଟିକେ ବାଟ ଦେଖାଇବା ପାଇଁ ଓ ସଂଯତ କରି ଦେଶରେ କିଛି କାମ କରିବା ପାଇଁ କେବଳ ଗୋଟିଏ ନୂଆ ଆନ୍ଦୋଳନର ଦରକାର ।

**ଉପକାର କରନ୍ତୁ ଓଡ଼ିଶା ମାର୍କା ଛଡ଼ା, ମିଳିଲା, ଗୋଷ୍ଠୀ, ଓ ଲେଡ଼ଟେବଲ ଘିଅ ପର ଗୋଟାଏ ଓଡ଼ିଆ ମାର୍କା ଅହିଂସାର ପ୍ରଚାର ହେଉ । ସ୍ୱରାଜ ମାତା ମାର୍କା ସ୍ୱରାଜ୍ୟ, ଉତ୍କଳର ଏହି ଅଛି ଏ ଦେଶରେ । ସମସ୍ତେ ଏଣିକି ଗାନ୍ଧି ମାର୍କା ଅହିଂସା ଛାଡ଼ି ଓଡ଼ିଆଙ୍କ ମାର୍କା ଅହିଂସା ଓ ଓଡ଼ିଆଙ୍କ ଘରର ଉପରେ ବଡ଼ ଜୋରରେ ପ୍ରଚାର କରିଦେଲେ ପାଇବ ।**

\+ × +

ନୂଆ ନେତା ୧୯ ଓଡ଼ିଶାର ଅତିଥି ଲେଖୁ ଏକ ପ୍ରବନ୍ଧ ଦେଇଥିଲେ । ତହିଁରେ ସେ କଂଗ୍ରେସ ବିଷୟରେ ଯାହା ମିଛ ଅପବାଦ, ଦାବିଦାର ଲୋକ, ଦୁର୍ନୀତି ହେଲା ବଡ଼ଲୋକ କଥାରେ ପଡ଼େଣି ତଥା କଂଗ୍ରେସର ଶକ୍ତି ନଷ୍ଟ କରୁଛି ବୋଲି ଗୋଳା କରିଛନ୍ତି "ଆପଣ ମାନଙ୍କଠାରୁ ଉତ୍ତର ଚାହେଁ ନାହିଁ ଯେ କଂଗ୍ରେସ ସରକାରଙ୍କ ବାହାରେ ତତ୍ତ୍ୱାବଧାନ ଅନେକ ସନ୍ତୁଷ୍ଟ ନାହାନ୍ତି । ଅତଏବ ସର୍ଦ୍ଦାରଙ୍କ ଯୋଜନା ଓ କେବେଳ ଯୁକ୍ତରେ ସେମାନଙ୍କ ସରଳ ସଂକଳ୍ପ ସେମାନଙ୍କ ମନରେ ସନ୍ଦେହ ମଧ୍ୟ ଜାଗିଛି ।"

କେଉଁ ସହରେ ଏହା ଅତି କଥା । କଂଗ୍ରେସ ମନ୍ତ୍ରୀଙ୍କ ଶକ୍ତ ହାତ ଯାହା ପସନ୍ଦ କରୁଛନ୍ତି ଶଯ୍ୟା ଦେଓଙ୍କ ମୁଣ୍ଡ ଉପରେ ଅବର୍ଣ୍ଣିତ ବେକରେ ସେଥିଟା ପଡ଼ି ଯାଉଛି । ଲୋକ କେବେ କଂଗ୍ରେସ ସରକାର ର ଶାସନ ଚାହେଁ ନାହିଁ । ଲୋକଙ୍କର ପୂର୍ବ ବିଶ୍ୱାସ ଅଛି ଏବଂ ସବୁଠ କେଣି ବିଶ୍ୱାସ କଂଗ୍ରେସ ମନ୍ତ୍ରୀଙ୍କର ଆପଣ ଭଳରେ । ଏତ ଉତ୍ତରଦାୟୀ ଆନ୍ଦୋଳନର କାରଣ ହେଉ ନେଣି । ସେହି ଭାବ କେବେ ନେଇ ମିଳ । ତାହା କଂଗ୍ରେସ ମନ୍ତ୍ରୀ ଏବଂ ସହ ବୋଲି ଜାଣନ୍ତି ନାହିଁ ଯେ ଲୋକଙ୍କ ଉପଯୁକ୍ତ ଦେଇ ସାରେନେଣି । ଅନେକ ତ ସେମାନ ବୈଧାନିକ ସ୍ୱରରେ କହିଥିଲେ ଯେ କୌଣସି ପ୍ରଦେଶ କର୍ତ୍ତାଙ୍କ ମଣ୍ଡଳୀର ବିଶ୍ୱାସ ହରାଇଲେ ସେ ଶାସକ ହେଲେ ଉଚିତ ନୁହେଁ—ତାଙ୍କ ପୁଣି ଅସନ୍ତୋଷ କରିବାର ବ୍ୟବସ୍ଥା ରହିବା ଉଚିତ ନୁହେଁ । ତେଣୁ ଆମର ବିଶ୍ୱାସ ମନ୍ତ୍ରୀମାନେ ଯାହା କରୁଛନ୍ତି ଲୋକେ ତାହା ସମର୍ଥନ କରୁଛନ୍ତି—କରିବେ ଓ କରୁଥିବେ ।

\+ – +

ଆମ ଓଡ଼ିଶାରେ ପ୍ରଧାନ ମନ୍ତ୍ରୀଙ୍କ ମତରେ ଲୋକେ ଚିଡ଼ ଅଛନ୍ତି. କେବଳ ଏଇ କଂଗ୍ରେସ ବାଲା ସ୍ୱଭାବ ତାଙ୍କ ମତ ମାନନ୍ତି ନାହିଁ ବା ତାଙ୍କ ସ୍ୱାର୍ଥ ଅନୁଯାୟୀ କାମ ସରକାର ନ କରିବାରୁ ମନ୍ତ୍ରୀଙ୍କ ଅପଦସ୍ଥ କରୁଛନ୍ତି । ତାଙ୍କର ଦାବି, ସେ କଂଗ୍ରେସ ବାଲାଙ୍କ ଉପରୁ ଶକ୍ତ ଉଠି ନ ଯିବେ ? ଏଥର ଶକ୍ତ ଉଠି ଓଡ଼ିଶା ପଚାରିଲେ ଏହି ସ୍ୱାର୍ଥ ସାଧନ କରିବାର ବଳୁଆ ଅଟନ୍ତି ରହି ଥିବେ ଅଟା ! ତା ତାଙ୍କୁ ଲଣା ଥିବ ବା ମନ୍ତ୍ରୀମାନଙ୍କୁ ଜଣାଥିବ ।

\+ × +

ଯାହା କଂଗ୍ରେସଙ୍କ କଥା ସତ ବୋଲି ହୋଇଥିଲେ ତେବେ ସେ କଥା ଏବେ ନ କରନ୍ତୁ । ସରକାର ଲୋକ ମୁଖରେ ସେଇଟ ଉଠିବାକୁ ଦିଅ । ନହେଲେ ସରକାର ଚଳେ ନାହିଁ—ସଂସାର ଚଳେ ନାହିଁ । ପୂର୍ବ ସନ୍ନ୍ୟାସୀ ନିରାକାର ବ୍ରହ୍ମଜ୍ଞାନୀ କେବେ ହୃଦୟ ପୁଣି ରହନ୍ତି ? ସେଥିପାଇଁ ବୁଦ୍ଧଦେବ ମଧ୍ୟମ ପନ୍ଥା ଧରିବାକୁ କହିଥିଲେ । ଆମ ଓଡ଼ିଶା ସରକାର ବି ସେହି ମଧ୍ୟମ ପନ୍ଥା ଧରିଛନ୍ତି । ଅର୍ଥାତ ମାଲିମାନଙ୍କ ମୁଣ୍ଡରେ ହାତ, ଶ୍ରମିକଙ୍କ ମୁଣ୍ଡରେ ହାତ—କଳ ଲଗା ମୁଣ୍ଡରେ ହାତ ତ ଟେକା ମୁଣ୍ଡରେ ହାତ, ଚୋରିବାର କରିବା ଲୋକ ମୁଣ୍ଡରେ ହାତ, ଚୋରିବାର ଧରିବା ଲୋକ ମୁଣ୍ଡରେ ଆଉ ହାତ, ଦେଶସେବକ ଦେଶ ସ୍ୱାଧୀନ କରିବା ଲୋକ ମୁଣ୍ଡରେ ଲାଙ୍କ ଉପରେ ହାତ, ଦେଶ ଦ୍ରୋହ ବା ଦେଶ ଧର୍ଷଣ ଲୋକ ଉପରେ ସେତିକି ଭଲ ଅଛି ଆଉ ହାତ, ବଡ଼ ବଡ଼ କଳ କାରଖାନା ବ୍ୟବସାୟ ବାଣିଜ୍ୟର ବୋଝ ଲାଭ କରିବା ଲୋକ ଏବଂ ସାଗରର ବ୍ୟକ୍ତିଗତ ସୁଖ ଦ୍ୱାରା ଅଧିକ ଲାଭ କରିବା ଲୋକ ଅଛି ଏବଂ ପରିବାର—ସ୍ୱା ସାଙ୍ଗରେ ଯାହା ଅସାଧୁତା, କିଛି ମିଛ ଥାଏ—( ଆମେ ଅଧି ଜ୍ଞାନ କହୁଛୁ, ଆମ ବୁଦ୍ଧି ସବୁ ଅବେ ଜାଣେ ନାହିଁ—ବିଦ୍ୟାବୋଧ ।) ତେବେ ସେ ବେଳେ ନିଶ୍ଚୟ ନିଶ୍ଚେଳ କିଛି ମିଛ ବା ଅସାଧୁତା କରି ଚିହ୍ନାଇ ନଥିବ । ସେଥିରେ ନିଶ୍ଚୟ ସତ୍ ଉଦ୍ଦେଶ୍ୟ, ଜାତୀୟ ଲକ୍ଷ୍ୟ, ସାହିତ୍ୟ ସଂସ୍କୃତି, କଳା, ସଙ୍ଗୀତ ପୂଜା, ଉତ୍ସବ ପାଦାନ ସାଧୁତାର ମିଶ୍ରଣ ହୋଇ ଥିବ । ଆମକୁ ସେହି ପୁରପୂର ଅସାଧୁ ବୋଲି କହି ପାରିବ ନାହିଁ । ମଧ୍ୟମ ପନ୍ଥାରେ ଯେତିକି ସମ୍ଭବ ସେତିକି ଆଦରପାଏ । ସେଥି ଦୋଷ ହେଲେ କିଏ କାଢ଼ ପାରିବ ?

× - +

ଆମ ନଇନାଣ୍ଡିଣ ସଦ୍ଭାବ ଉଚାମାନେ ଯାହା କରନ୍ତୁ ଅନ୍ତତଃ ସେମାନେ ଯେ ଓଡ଼ିଆ ଏ ବିଷୟରେ ସନ୍ଦେହ ନଥିଲା । ଏବେ ଛତ୍ରଣ ସଙ୍ଗ ସାଂଗରେ ମିଶି ତାଙ୍କୁ ଯେ ଛତ୍ରଣେ ଦିଅ ବା ଛତ୍ରଣ ଗୋଟିଏ ବୋଲିବେ । ତାଙ୍କର କେବେ ରୂପ ବାହାରିବ । ଗାଲ ସହ ସମାଜ ରହିଥା ।

× × +

୧ଙ୍କ ସଦ୍ଭାବ ପୁଞ୍ଜ ଏକ ନୂଆ ଶାସନ ଖସଡ଼ା କରିଛନ୍ତି । ସେଥି ୧ଙ୍କ ବାଲୀକୁ ଖସଡ଼ା ବୋଲି ସମସ୍ତେ ନିନ୍ଦା କରୁଛନ୍ତି । କିନ୍ତୁ ଏଥିକ ବୁଝିପାରୁ ନାହାନ୍ତି ଯେ ୧ଙ୍କ ପୁଣି ୧ଷ୍ଟିମ ହେବ କପର ? ତେବେ ଉତା ମାନଙ୍କ ଏହିକ କଲିଆ ସବୁ ଉପଯୁକ୍ତ, ଏ ଯାହିଁ ଖସଡ଼ା କଲ—ଏ ଖସଡ଼ା ପଥରେ ପ୍ରତାଏ ଗଢ଼ିବେ କି ଯନ୍ତ୍ରମାନେ ଗଢ଼ିବେ ?

\+ + ×

Digitized by srujanika@gmail.com




# ଟାଉନ ବସ୍

—କୀ: ମ:

ଯୋଧପୁର ଟାଉନଟା ଯାହା ଲୋକେ ଯେଉଁଥିରେ ବସି ଟାଉନଟା ସାରା ଘୂରି ଅସୁଛନ୍ତି, ତା ନା—ଟାଉନ ବସ୍। କିନ୍ତୁ ସେଥିରେ ସବୁବେଳେ ତ ବସୁ ନାହାନ୍ତି—ଉଠି ବି ଯାଉଛନ୍ତି ସମସ୍ତେ। ତେଣୁ ତା ନା ଯେ ଟାଉନ୍ ଉଠ କାହିଁକି ନହେବ ମୁଁ ବୁଝି ପାରୁନାହିଁ।

ଆଜି ମୁଁ ଗୋଟାଏ 'ଟାଉନ ଉଠ୍'ର ଅଭିଜ୍ଞତା କହିବି ଶୁଣନ୍ତୁ।

ଟାଉନ ବସ୍ ଚଳ୍ ହେଉଛି। ମୋ ପାଖରେ ସେ ଭିଡ଼ ଭିତରେ କିଏ ଜଣେ ମହିଳା ଆସି ବସିଲେ। ମୁଁ ଲଜ୍ଜିତ। ତେଣୁ ତାଙ୍କ ମୁହଁକୁ ଅନାଇ ନାହିଁ। କେବଳ କୁନ୍ତଳ ମହକର ଗନ୍ଧ ନାକ ବାଟେ ଆସୁ ପରି ମୁଁ ବାରିପାରୁଥାଏ ସେ ଜଣେ ଖୁବ୍ ସୁନ୍ଦର ମହିଳା—ଖୁବ୍ ଗନ୍ଧ—ସ୍ନୋ ପାଉଡର ତ ଅଛି—ତା ସାଙ୍ଗରେ ଇଭନିଂ ଫ୍ୟାରିସ୍। ଭାବୁଥିଲି, ହାତରେ ନିଶ୍ଚୟ ରୁମାଲଟିଏ ଥିବ। କଳ୍ପନାରେ ମୁଁ ପ୍ରଥମେ ସେଇ ରୁମାଲର ପ୍ରେମରେ ପଡ଼ିଗଲି। ତଥାପି ସେ ମୁହଁକୁ ଚାହିଁ ପାରିଲି ନାହିଁ। ଟିକିଏ ଦୂରରେ ବସିଥିଲେ ତ ଚାହିଁବାର ମୌକା ଖୋଜି ନେଇଥାନ୍ତି କିନ୍ତୁ ଏତେ ପାଖରେ। ଚାହିଁଦେଲେ ଧରା ପଡ଼ିଯିବି। କୌଣସି ବାହାନା ନେବା ଅସମ୍ଭବ। ଅନ୍ୟ ଆଡ଼କୁ ଚାହିଁ ଚାହିଁ ଚାହିଁ ହେଇଗଲି ବୋଲି ଭାବିବା ଅସ୍ୱାଭାବିକ। ବିଲ୍‌କୁଲ୍ ଚାହିଁବାର ଉପରକୁ ଆକର୍ଷଣ ନହେଲେ ଦେଖି ହୁଅନ୍ତାନାହିଁ; ଉପରେନ୍ତୁ ଆକର୍ଷଣମାନେ ପାକିସ୍ଥାନ—ଇଣ୍ଡିଆନ ଇଉନିୟନ ଅର୍ଥାତ ଅଡ଼ ଅମ ଦୁହିଁଙ୍କର ଇଉନିୟନ ଅଟେ ନାହିଁ—ବିଲ୍‌କୁଲ୍ immidiate separation—ବା partition – ସଙ୍ଗେ ସଙ୍ଗେ ବିଚ୍ଛେଦ—ବଙ୍ଗ ପଞ୍ଜାବ ବିଚ୍ଛେଦ ଠାରୁ ବି ବଳି।

ମୁଣ୍ଡରେ ଉଡ଼ା ବ୍ରୁମ ଥିଲା ବୋଧେ। ଜଣ ଦର୍ପଣରେ ମୁଖ ଚନ୍ଦ୍ରମା ଦେଖି ମୋ ମନରେ ଯେଉଁ ଫଳାଫଳ ହେଉଥାଏ ସବୁତ। ନିଶ୍ଚୟତାର କନ୍ତୁ ମେଳଣେଇ କରା ଜଗ—ଧଳା ଦର୍ପଣ ନୁହେଁ ତାର ଦର୍ପଣ। ମୋ ମୁହଁଟା ତାକୁ ଦେଖିପାରି। ଅଫିସଟା ଚିକି ଗଲା। ନ ଦେଖନ୍ତୁ।

ଉପିବାଟା ଯା ୨ ଓ ଟ୍ରିପ୍ ଭଳି ଲାଗୁଥିଲା ଏତେ ସୁନ୍ଦର ପାଖ ପାଖ ପୁରୁଷ ଅଛି ମୋତେ ଇର୍ଷା ଦୃଷ୍ଟି ପକାଇ ଅନୁମାନ କରୁଥାନ୍ତି ଯେ ଉଠିବାକୁ ମୁଁ ସେତେବେଳକୁ ଭାଗ୍ୟ ମନେ କରୁଥିଲି। ଶେଷରେ ମୋ ଉଠିବା ଆଗରୁ ସେ ଉଠିଲେ। ସେଇ ହେଲା ମୋର ଦୁଃଖ। ପ୍ରେମ କାହାଣୀର ଟ୍ରାଜେଡି ଏଇ ସବୁ। ଯେ ଆଗ ଚାଲିଯାଏ ତା ଠାରୁ ରହିଯିବା ଲୋକଟାର ଦୁଃଖ ବେଶୀ ହୁଏ। କହି ରହିଲି। ସେ ଉଠି ଚାଲିଗଲେ। ପଛଟା ମୋ ଆଡ଼କୁ ଭିଡ଼ରେ ପଶି ମଥା ଭିତରକୁ ଲୁଚିଗଲା। ମୁଁ ଏତେବେଳେ ସୁଯୋଗ ପାଇ ନିସ୍ତବ୍ଧ ମନର ଭାବ ଚିନ୍ତନ କଲି।

ସେ ଚାଲିଗଲା ପରେ ମଝିରୁ ବାହି ସିଟ୍ ଦେଲି। ଦେଖେତ ତାଙ୍କ ଚାଲିବା ପରେ ମୁଁ ଦେଖିଲି—ଗୋଟିଏ ହାତବ୍ୟାଗ୍—ଲେଡିଜ୍ ବ୍ୟାଗ ତାଙ୍କର ପରିତ୍ୟକ୍ତ ରହିଛି। ଏଇ ନେଇ ଉଠାଇ ଦେବା ଆଗରୁ ମୁଁ ତାକୁ ଉଠାଇ ନେଇ କହିଲି, "ଆଗୋ ଇଏ ମହିଳା ଛାଡ଼ି ଗଲେ।" ସମସ୍ତେ ଚାହିଁ କହିଲେ ବ୍ୟାଗଟାକୁ ଧରି ମୁଁ ଓହ୍ଲାଇ ଗଲି। ତାଙ୍କୁ ଖୋଜି ଦେବା ଉଦ୍ଦେଶ୍ୟରେ। କିନ୍ତୁ ପାଇଲି ନାହିଁ। ସେଠୁ ଉପାୟ କାହାରେ ସୁବିଧା ସୁବିଧା ଆସିଲି।

ସେ ବ୍ୟାଗରେ ତାଙ୍କର ନାଁ ଥିଲା। ନାମଟା ରୂପର ପ୍ରସ୍ଥାନ ନାହିଁ—ମିସ୍ କଳାବତୀ। ଠିକଣାଟା ଲେଖିଦେଲେ କାଳେ ପରି ଗଲେ ଯାହାରେ ଜଣେ ଝିଅକୁ ତାଙ୍କ ନାମ ପହଞ୍ଚିବା ଉଚିତରେ ଥିଲା ରହିଲି।

ତହିଁ ପର ଦିନ ଏ ଜାଗା ଓଟି ଲେଖିଲି। ଯେଉଁ 'ଚାର ବସ୍'ର ଉପାୟ ନାହିଁ—ଶଜଳ ସଇ ଉଠ୍। ମୋତେ ସେଇ ସ୍ଥାନ ମିଳିଲା ନାହିଁ! ତାହାଙ୍କ କହିଲି। ଅଭିଜ୍ଞତା ମାନେ ଯିବାପରେ ଶୁଣିଲି—ଉଠିବା ମାତ୍ରା ତାଙ୍କର ବିବାହ ଯୋଗ୍ୟା କନ୍ୟାର ସେହି ଆସର ମାତାଙ୍କ ଉପରୁ ପଟେଲ କରି ଆସୁଥିଲେ। ଅତ୍ୟନ୍ତ ଶୁଣି ଅନୁଯାୟୀ ହେଲି ଯେ ଅନ୍ୟ ମାତା ଠାକୁରାଣୀ କନ୍ୟାକୁ ଦେଖିବା ଶିଖି ଯାଇ, ଲକ୍ଷ୍ମୀ ଚଣ୍ଡାଳ ସର ସବୁ ଆମ ସବୁ ଅଭିଜ୍ଞ ବୋଲି ଭାବି ଏକ ପ୍ରକାର ଉଦାସ ହେଉଛନ୍ତି। ମୁଁ ଗୋଟାଏ ପ୍ରଫେସର + ପୁଅ—ପାଠ ଶାଠ ଏତେ ପଢ଼ିଲି—କିନ୍ତୁ ମୋର ଉଦାହ ସମ୍ବନ୍ଧରେ ମୋର ମତ ମଧ୍ୟ ଲୋଡ଼ା ହେଲା ନାହିଁ। ଆମ ମାତା ନାରୀ ସ୍ୱାଧୀନତା ପାଇଁ ଲଢ଼ତା କରନ୍ତି ତେଣୁ ପୁରୁଷ ପରାଧୀନତାଟା ତାଙ୍କ ସୂତ୍ର। ଜଣେ ପରାଧୀନ ନହେଲେ ଆଉ ଜଣେ ସ୍ୱାଧୀନ ହେବ କିପରି? ତ୍ରେତା ସ୍ୱାଧୀନ, କାରଣ ଭରତ ପରାଧୀନ।

ମୁଁ କିନ୍ତୁ ଏଥର ବାଧ୍ୟ ସନ୍ତାନ ହୋଇ ସହି ପାରିଲି ନାହିଁ ମୋର ଉଦ୍ଦେଶ୍ୟ ଜଣେ। ଏହା ସଙ୍ଗେ ସଙ୍ଗେ ଶ୍ରୀମତୀ କଳାବତୀଙ୍କ ଠିକଣାରେ ମୋର ପ୍ରଥମ ଏବଂ ପତ୍ର ଲେଖିଲି। ଗୋଟାଏ ଉକ୍ତିରେ—ପିତା ମାତାଙ୍କ ସ୍ୱେଚ୍ଛାନୁବର୍ତ୍ତିତାର ପ୍ରତିବାଦ ସ୍ୱରୂପ।

ସେଠି ଅପେକ୍ଷାମାନେ ଆମ ସବୁ ଚାହାନ୍ତି ଯିବାବେଳେ ମୁଁ ତାଙ୍କ ଉତ୍ତର ପତ୍ର ପାଇବାର ଅଛି ଦେଖିଲି। ତାଙ୍କ ଉତ୍ତରରୁ ସେ ଅବିବାହିତା ଜାଣି—ଇସ୍ କେତେ ଆନନ୍ଦର! ତାଙ୍କର ଯେଉଁ ଚୋରା ଲକ୍ଷ୍ମୀ ଚୋରି କରୁଥାଏ ତେବେ ଜଣାଇ ନାମ ଅଦ୍ଭୁତ ଜେଡ଼ା ସ୍ୱାଭାବିକ, ଇସ୍ କେତେ ମଧୁର। ଯୋଧପୁର ଫ୍ରକ ଭିତରେ ସେ ଉଚ୍ଚ ଜଣେଇତି—ଗୋଟିଏ ଗୋଟିଏ ସ୍କୁଲ। ମୁଣ୍ଡରେ ଲଗା। ଶତଗା। ଲଗା ଫିଟାଇ ଥାଉ ନାହିଁ। ଉଚ୍ଚ ଓ ବେଶ ଉନ୍ନତ ମୁଣ୍ଡର ହେଉ ଲଗା ଓ ଦେହ ପାଉଡ଼ର ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁନାହାନ୍ତି। ୮୨ ପାଉଣ୍ଡ। ନାମକରଣର ଜେଠରୁ କଳା ନାମ ଦୂର ହେଲା ବେଶୀ ତାର ଦେଖା କରୁନାହିଁ। ଦେହାକାରର ନାମ କମାଇବା ଅଣ୍ଡା ଖାଣ ଉଚ୍ଚ ମାତ୍ର ହେଉ ନାହିଁ—ଏ ଦୁଃଖ ଦୁଃଖ—ଦୁଃଖର କାହାଣୀ! ତାଙ୍କର ପୁଣି ପ୍ରଫେସର ସେ। ଅନ୍ୟ ସେ। କିଏ ହେବେ? ଅସମ୍ଭବ। ଅସମ୍ଭବ।

ମୁଁ କଳାବତୀଙ୍କ ପାଖକୁ ଚିଠି ଲେଖିଲି। ମନ ବ୍ୟାଗଟା ଥିଲା ଦେବା ଯେ ସେଇଟା ପ୍ରେମର ନିଦର୍ଶନ ଏବଂ ଆମ ଦୁହିଁଙ୍କର ଭବିଷ୍ୟତ ସଂପର୍କ ସ୍ଥାପନର ଆବାହନ ସେ କଥା ମୋତେ ବୁଝିବାକୁ ଆଉ ବାକି ରହିଲା ନାହିଁ। ମୁଁ ଚିଠି ଲେଖିଲି—

କଲ୍ୟାଣୀୟାସୁ,

ତମେ ସେଦିନ ଗମନ ଗୋଟିଏ ମୂଲ୍ୟବାନ ଜିନିଷ ଛାଡ଼ିଗଲ। ମୁଁ ତାକୁ ଯତ୍ନରେ ରଖିଛି। ଯଦି ଲେଖିବ ପଠାଇ ଦେବି। (ପରପୃଷ୍ଠା ଶେଷଦେଖନ୍ତୁ)

Digitized by srujanika@gmail.com

ଗଳ୍ପ



# କାହାଣୀ

# ସ୍ୱାଧୀନତା ଦିବସ

ଲେଖକ—

ଡାକ୍ତର—ଶ୍ରୀ ରାମଚନ୍ଦ୍ର ମିଶ୍ର

ଡିବ୍, ଡିବ, ଡିବ୍, ଡିବ୍········· ଡିଡିବ, ଡିଡିବ୍, ଡିଡିବ୍, ଝିଅମାନେ ଟିକା ଦଅ ଅସିଲି ବୋଲି ଘରକୁ ଦଉଡି ପଳେଇଲେ। ଚଣ୍ଡାଘ ତେ ଠାଏ ପାଣି ଝିଅର ଭାଙ୍ଗ ଖୁବ ବଢ଼ ଚାଲି । ଉଟକୋ ଗାଇସବୁ କଙ୍କ ଠେକା ଫୁଟକୁଟିଅ ଡିଅଁ ପାହାଡ଼ୁଲ, ହନୁ ମାଙ୍କଡ଼ ଡକ ହୁଁ ହାଁ ହୋଇ ଗଛ କମ୍ପେଇ ଦେବେ। ପ୍ରହ୍ଲାଦ ମାଷ୍ଟ୍ର ବୁଢ଼ ନୁଆଁ ହେବତ ପଣ ଅସିଲା ନାହିଁ ବୋଲି ପିଲ ପିଟିବେ ବେତ ପକାଇବାକୁ ଯାଉଥିଲେ। ବେତ ଉପରେ ଚଢ଼ୁଗଲା। ସେ କାନ ଧରିଲେ ଡେଙ୍ଗୁରୁ ବାଜିଥିଲା। ସମସ୍ତ ବି ଧେଇଁକି ଗୁହଁଲେ। କଏ ବା କାନ ଡେରିଲା।

"ଭାଇମାନେ ସମସ୍ତେ ଶୁଣ, ଅଗଷ୍ଟ ବାର ଅଷ୍ଟ ପନ୍ଦର ତାରିଖ ଦିନ ସ୍ୱାଧୀନତା ଉତ୍ସବ ପାଳବା ପାଇଁ ସମସ୍ତ ଘରଦ୍ୱାର ମଙ୍ଗାସଜ କରିବ, ଜାତୀୟ ପତାକା ଉଡ଼ାଇବ, କାଞ୍ଚନ ମଞ୍ଜସୁବ କରିବ, ରାତିରେ ଦୀପାଳୀ ଜାଳିବ, ଯାହାର ସଜାସଜି ଖୁବ୍ ଭଲ ହେବ ତାକୁ ସରକାର ବାହାଦୁର ପୁରସ୍କାର ଦେବେ। ହୁକୁମ୍ ଜିଲା ମେଜିଷ୍ଟ୍ରେଟ ବାହାଦୁର"। ଡିଡିବ୍, ଡିଡିବ, ଡେଙ୍ଗୁରିଆ ପଛ ଅଗଳି ଫୁଲଲ ନେଇ ଗଲା ପଲ୍ଲିକ ସ୍କୁଲ ଆଡ଼ ଚାଲିଗଲେ।

ବସ୍ତ ସୁନ୍ଦରଣୀ ଲେଖ ନୂଆ ଲୁଗା ଚାକ ଦେଲେ, ସବୁ ଶୁଣିକ ନିଜ କେତେ ବୁଦ୍ଧି ପାଇଲ ନାହିଁ। ମେଳ କରେଇ ଏଲାକ ଝେଠ ବେଲ। ପାଇଁ ସଲ ଦାନ ଦେଇ। ଟୁଇ ମୁଣ୍ଡରୁ ପଇସା ଦଶ ଦେଖିଲ ଦଶଟା ଅଣା। "ଶେଷରେ, ଦେଖ ଦାନଦେଇ ଦଶଟା ଗଲେ ଚାର ଅଣା ଦାଉ। ହୁଁ ଦେଲେ କେଇ ଉହଲା, ଅଳ ଗୁରୁଣା ଜଣେ ହୋଇଥାନ୍ତା। ଦେଖ ହେବ ଖୋଜଲା। ଯୋଗାଣିଆ ଡେଙ୍ଗୁରେଇଟା ଦେଖ ପଇଲା ବେଳେ ବଜାରର। ବୁ ଅଠା ଗୋଟାଏ ପେଟ ଦ ଅଠଣା ହେଉନି। ଅଳ ଏଥ ଦେଖ ଗାଇ ଦେଖିଲ ଯେ"।

ପଇସାଦଶ ଟୁଇ ପଛ ପଟ ଯୋଡ଼ା ହୋଇଥିବା ସହରର ଚଉକ ଦେଇ ଦୋକାନରେ ତାଙ୍କ ଲେଖିଲ। ସପଟା ଖୁବ ଛୁଆନ ଡଉଥାଏ ବୁଢ଼ି ତାର ବାଆଣ ଡେଙ୍ଗୁର ବାଲ ବହଲ। ଦେଖଠି ଏ କିଏ? ବାମ ମାଷ୍ଟର ପୁଅ ଗୋପ ପଣ ବଜାରରେ ଚଢ଼ି। ତାର ପଛରେ ସବୁ ଭଣାଣିତ।

ଗୋପାଳ ତା ସାଙ୍ଗ ମାନଙ୍କ ସାଙ୍ଗରେ ବସି ଚହ୍ଲ ସମୋ ସରମ ଛଡ଼ା ଦେଇଥିଲା।

(ମହାଜଥା ମୂର୍ଦ୍ଧ ପୃଷ୍ଠା ଉତ୍ତର)

ତାର ଡାକ ଦିନେ ଅସିଲ—ବଳଦିକାଙ୍କ ଠାରୁ ନୂଆ—ତାଙ୍କ ମାଙ୍କ ଠାରୁ। ଅନ୍ତର୍ଯାମୀର ଅଳି ଥିଲ; ଦେଖା ଥାଉଥାଏ—ଚାଲି ଗାଁକୁ······

ମୋ ପିଠିରୁ ଉମର ତଳ ଦଶ୍ରି ପାର ଅନେକ ଧୀର ହେଇ। ତାଙ୍କ ଦେଶ ଦେଶ ଓ ଜନନ ଦେଶ ଏବେ। ଉମେ ତାଙ୍କ ରହିଥାଅ! ସେ ଯେଉଁ ଦିନ ଉମ ସେଇକୁ ଜିବ ଚାଲେ ତା ଦେଶ ସେ ଦେଖ ପାଉଣ ଯେ। ଜେ ସ୍ୱୁଦର୍ଶନ—

ମୋ ପ୍ରଣାମ ଦାତ ଉଠିଲି।......ଏହାର ଉତ୍ତର ମୁଁ କୋଉଠିକିର ମାଙ୍କ ନିକଟକୁ ଲେଖିଲି। ମୋର ମନେ ହେଲା ଚକ୍ରୋପିକିର ମା ସତେ ବେଳେ ଉଦାର—ମୋ ଚୋରଠାରୁ ବ ସେ ଉଚ୍ଚ। ମଧୁଚାରୁକର ଲେଖିବା ଉଚତ ଥିଲା—ଶାସ୍ତ୍ର ଉଚ୍ଚ ସ୍ୱୁଦର୍ଶୀ ଅଟଥା। ମୁଁ ଲେଖିଲି—ଉଲ୍ଲାସ୍ୱାସ୍ତ,

ଆପଣଙ୍କ ଆଶୀର୍ବାଦ ପାଉଛି। ତାରଉନ ଏ ଆଶୀର୍ବାଦ ପାଇ ପାରିଲେ ଧନ୍ୟ ମନେ କରିବି।

ଉତ ସ୍ନେହାଧୀନ

ଶେଷରେ ପାଠକ ଶୁଣି ଟୁଟି ହେବେ, ଅମ ସଇକୁ ଉଠାରିକଙ୍କ ମା ମୋ ଉପରେ ମମ ଉଣର ଉଦାର ପ୍ରସ୍ତାବ ଜଲେ। ମୋର ଉଚ୍ଚା ଅଳ ତାଙ୍କ ତାଙ୍କ ତୋଲ ସବ ମଧ ହେଲେ। ଅଳ ଉଦୋର କରିବାର ଏହ ଉତଲ ତାହିଁ। ଚୋର ଉତ୍ସାଏ—ଯୁଦ୍ଧ କେତେବେଳେ ପାଠ ନ ପଢ଼ିବାର ଏଣ ହେଲା, ସବୁ ମାଷ୍ଟର ଜଣ ଉତ୍ତର ପଢ଼ିଛ। ଚାନ୍ଦ ଟୋଲର ଗାଙ୍କ ପିଲେଇ ହୋଇ ବରଜାର ପଥଳ। ଉତାମିମ ଯେ ଉତ୍ସୁକ ଘରେ ଦେହ୍ନୀ ସେ ଏହ ୧୯୩୦ ଥାଇନ ଉସ ଏହ ଦେଉଛ—ଏଙ୍କ ତାର ପ୍ରମାଣ ପ୍ରମୁଖ ଲେଖକତ୍ୟାଗଃ ଅଦ୍ୟାବଧି ଉଦଂଗାଡ଼।

× × ×

ମଧ୍ୟଶଯ୍ୟା ପ୍ରତି। ମୁଁ ପ୍ରାଣର ଉଦ୍‌ବେଳତାର ଉତ୍ତ ଉତ୍ସୁକେ ଦେଖ ଉଳ ଅର୍ଦ୍ଧ-ଅଚେତନ୍ୟରେ ତା ଉଲାହିକାଙ୍କ ଓଡ଼ଣା ଟେକଦେଲ ଦେଖିଲି—"ଏ ଉଏ—ଏ ଦେଖି ଉଳାହିକ!"

ମୋ ଛାତ ଅର ଉଠିଲ। ସ୍ୱପ୍ନରେ ଯୁଦ୍ଧ ତାଲେ ଅନ୍ତ ମୋତେ ଜାନ ଅଣି ଦାହାକୁ ଏଠିକି! ସେ ଉସ ଦାଣିନ ଉଳାହିକ ତାହାକୁ? ଏଠ ଥାଇନ ଉସ ତାଙ୍କୀ ନୂଆ—ଥାଇନ ଉଡ଼ ତାଙ୍କୀ ସେ ମଜାଇ ଉଳାହିକ! ଯେ ଯେତନ ଅମ ସଙ୍ଗ—

"ଉମେ—ଉମେ—ଉମେ—?" ମୁଁ ଉହରଲ? ଲାଜଥିଲ ସେ, ତ୍ୟାଗର ମୁଁ ପ୍ରେରଣ୍ୟ କରଥାନ୍ତି ଦେଖିଲେ ଲାଜରେ। ଚନ୍ଦ୍ର ରଥରେ ନଅଁ ହୋଇ ତ୍ୟାଗର ଅଣି ତା ଉପରକୁ ଉଦାର ଦେବ ଦେଲ—"ଏ କାହା ତ୍ୟାଗ?"

ସେ ସରମ ଓ ଉସ୍ୱରେ କହିଲ—"ସେଟା ମୋ ମାଷ୍ଟରଣୀ ମିସ୍ ସାମୁଏଲଙ୍କ ତ୍ୟାଗ।"

"ସେଥିରେ ଉମର ଠିକଣା କୋଉଠୁ ଅଚିଲ?"

ସେ ବାପଙ୍କ ଉକ୍ତ ଖାର୍ଡରେ ମୋ ନାମ ଦେଖି ସ୍ୱାଦରେ ଉହିଲ—ସେ ତ୍ୟାଗ ଜୁଡ଼ଉଲ ଜେଣ ଉସ୍ତୁରେ ତମେ ତାଙ୍କ ଚେନରେ ଥାଇଲ?"

ଏଥର ସଂଶୟ ଗୁଟିଲି। ମାଷ୍ଟରଣୀଙ୍କ ଥାଇନ ଉସରେ ପ୍ରେମ ଉଦ—ଛାତୀକ ଥାଇନ ଉଚରେ ପାଉଛି। ମୁଁ ଦ କେତେ ସବ ହୋଇ ଉଣ୍ଡ ହୋଇଛ। ଅଳ ଦୋଷ ଦେବ କାହାର? ଉଲ ଶିଖତ ମୁଁ ଉଠାଚ ଉହିଛ—ଥାଇନ ଉସ୍ ତାଙ୍କୀ ନୂଆ—ମଧୁପଲ ଉସ୍ୱାନ୍ତ ଏ।

ଅଣା ଦୃଶ୍ୟ ଉଚ୍ଚାଟନ

ତେ ପୂର୍ଣ୍ଣିମାର ପ୍ରଭାବ।

ଚନ୍ଦ୍ର ଯାହା ଦେଖ ମନେହୁଏ ଅମର ପ୍ରଣୟ-ଟା— ତାଙ୍କ ପାଖରେ ଚଢ଼ିଲ ଯେମନ୍ତ ଦାଣ ଲମ୍ଭ ଲମ୍ଭ ସଲପର ଲସେ ସେମିତ ଲସ୍ୱତ—ଥାଇନ ଉସ ରେ ଚେଇ ସର ଦୂଠାର୍ ଉସ ଦୂଠାର୍ ଉଠିବାର ତା ତାଙ୍କ ସରପଲ ପରେ ଏ ପ୍ରଣୟ ଉଚ ଶିବାର ନୂଆ।

(ବଂଗଳା ଗଲ୍ପର ଛାୟାରେ)

Digitized by srujanika@gmail.com

ଦ୍ରୁପଦ ଦେଖି କହିଲେ "କଣ ରେ ଦ୍ରୁପଦ, କଣ ହେଲା?"—

'ପୁଅ ଏ ଭୋଜନବେଳ ମଧ୍ୟ କହିବ ବୁଝି ପାରୁନ ନାହିଁ ଯେ ହଠାତ୍ ବୁଝିବାକୁ ଅସିଲା'—

"ଆମ ଦେଶ ପରା ସ୍ୱାଧୀନ ହେଲା । ସେଥି-ଲାଗି ବଣଗ୍ର, ଦେବାକୁ ଘର ଘର ଦ୍ୱାର ସଜେଇବ ଦୂର୍ଗ କରିବ"—

"ସ୍ୱାଧୀନ କଣ ହେଲାମ?"—

"ଅଲେ ଯେଉଁ ସାହେବ ରାଜା ଥିଲେ ସେ ଗଲେ"

"ଗାନ୍ଧି ମହାତ୍ମା ଠାକୁର ରାଜା ହେଲେ?"—

"ହଁ ହେଲେ ।"—

ଦୋପଦରେ ଜଣେ ସାଙ୍ଗ ପ୍ରତିବାଦ କରି 'ଏ, ହେ, ଏସମାନଙ୍କୁ ଭୂତମୂ ଯଥ ବୁଝାଇ ନ ପାରିବ ତେବେ ପାଠ ପଢ଼ିଲୁ କଣ?'

— 'ଏ ଦେଶଟାର ମାଲିକମାନଙ୍କୁ ବୁଝେଇବା ଭାଟିକର ପାଠ, ହଁ ହଁ, ମାଛ ଦେଖେଇ ଘଳ, ମୋର ସମସ୍ତ ବାହିଁ ଏଠି ବୁଝେଇବାକୁ' ।

—ଦ୍ରୁପଦ ବସ୍ତୁତ ଦେଖୁଣ ହୋଇ କହିଲ 'ପୁଅ ହଠାତ୍ ଜହମ ମୁଁ ଜାଣେ ବୁଝିବ, ସହରେ ବଡ଼ ଏକ ଘଡ଼ା ହେଲା?'

—ଗୋପାଳ ସାଙ୍ଗର ଅନୁରୋଧ ଏଡ଼ି ନ ପାରି ଗ୍ରାହ ସ୍ୱର କହିଲ—'ଘଡ଼ା?—ଘଡ଼ା ଜହରଲାଲ ହେଲେ' ।—

'ମଲ, ସେଉଟା ଏକ ନ, ଗାନ୍ଧି ମହାତ୍ମା ଏତେ ଦିନ ଦେଶର ବଡ଼ ବୁଢ଼ା ହେଲେ, ଅଳ—ଭଡ଼ା ହେଲ ଦେଲେ ଅଲ ଜଣେ ।"

—"ଅଲେ ନାହିଁଲ ଗାନ୍ଧି ରଜା ହେବେ ଜହରଲାଲ ପ୍ରାନ୍ତ ମନ୍ତ୍ରୀ ହେଲେ । ଅବଶ୍ୟ ଭାର-ଦେଶ କଥା ବୁଝିବେ, ମହିରେ ମଝିରେ ସେ ବୁଝିବେ ଯେ" ।

ଠାକୁରଙ୍କ ଉପଦେଶାତର ମୂର୍ତ୍ତିଅଟାଏ ମାଛ ଦ୍ରୁପଦ କହିଲ "ଠାକୁରେ, ମୋ ଅନ୍ତରାଳ ଗାନ୍ଧି ମହାତ୍ମାଙ୍କ ଦେ, ଅଳ ଏ ବସ୍ତୁ ଗୋଟେଇ ଅଳ୍ପର କମି ଗଲା ଠ?"

—"ହଁ ହଁ ସବୁ କମିଗଲା ।"

"ଏ ଦେଶର ଅଳ ବାଦାମ ତେଲ ଗୁଡ଼ କମିବ?"

—"ହଁ ହଁ ସବୁ କମିବ ।"

—ଓ—ହୋ—ମଣିଷ ହଠାତ୍ ନିଶ୍ୱାସ ମାରିଲ । ଯୋଗଣୀଖିଆ ଚକର ସାସୁର ଉଙ୍କ ମୋଡ଼ ହୋଇ ଗଲା । ଦୋକାନ କରିଲ ଯେ ଯାହା ମାଗିବ—ନାହିଁ—ଦ୍ରୁପଦ ତେଲ ଦେବେ ସବୁ ହଁ ।"

ଦ୍ରୁପଦ ଖେଳ ଉଠିଲ ।

"ଅଳ ଘଡ଼ା ଘର କେମିତି ହବ"

—"ବଡ଼ଦିନକୁ କେମିତି ଘଡ଼ା ହୁଏ ସେମିତି—, ଦେବଦାରୁ ଡାଳ ଅଣି ବଡ଼ ଦାଣ୍ଡରେ ଡ଼ାଳ ଘର ଅଗରେ ଲଗେଇବୁ, ଘରରେ ଦୀପାଳି ଜାଳିବୁ ।"

—"ଉଡ଼ ତେଜ୍ଞ କଣ ଜଳା ହବ?"

—"ହଁ ତେ ଜାତୀୟ ଭାବ ଗାନ୍ଧି ଜାତୀୟ ବନ୍ଦୋଦ କରିବାକୁ କହିବୁ, ଅଳ ଜାତୀୟ ପତାକା ଉଡ଼େଇବୁ ।"

—"ସେ ପତାକା କେମିତି ?"

—"ଅଲୋ ସେ ପତାକା ତିନି ରଙ୍ଗ ଖିଆ, ମଝି ଗୋଟିଏ, ଗାଢ଼ ଉପରେ ଗେରୁଆ, ଉପରେ ଧଳା ତଳେ ସବୁଜ, ଅଳ ଧଳା ରଙ୍ଗ ଉପରେ ଗୋଟାଏ ଚକ୍ର ନୀଳ ରଙ୍ଗ ଚକ ଅଙ୍କା ହେବ । ମୋ ପାଖରେ ତେଲ ପଇସା ମୁଁ ଦେଇ ଅଣି ଦେବ । ନ ହେଲେ ସେଟାଏ କିଣି ଅଣିବୁ, ମୋଟେ ଦୁଇଟଙ୍କା ପଇସା । ଅଳ ଗାଈଆ, ଉଳ ଚାରି ଘଡ଼ା ଘର କରିବୁ । ସନ୍ଧ୍ୟାରେ ଯାହାର ଉଳ ହେବ ତାକୁ ପୁରସ୍କାର ଦେବେ ।"

ସ୍ୱପ୍ନଭାବ ଦିନ ସଞ୍ଜରେ ଦ୍ରୁପଦର ନିଦ ହେଲା ନାହିଁ, ଗାଈ ଗୁରୁଆ କେମିତି ସଜେଇବ । ଦେବ ଦାରୁ ଡାଳ ଏକ ଅଣିଦେବ ।—"ପାଣ୍ଡି ମୋର ମୋଟେ ଛଅଟଙ୍କା, ତଙ୍କା ଗଲ ତେଲ ଓ ଖେଳାର ଦେବା ଟଙ୍କାଟା ଗା ଦିଅ ପାଇଁ, ସେଥିରେ ଯାହା ହେବ । ଦୋକାନର କଣ ତଦ ନେବ ଚୋଲ ସମସ୍ତ ବସ୍ତୁର । ସକାଳ ଝିଅର ଛନ ଟଙ୍କା ଯାବ ଖର୍ଚ୍ଚ କରି ଦେବ । ଦଶିଆ ମଡ଼ା ଭଲରୁ ପଇସା ଟଙ୍କା ଯାଇ କରି ନେବ । ଅଳ ଭଲ କଣ । ଗାଈର ଘଡ଼ା ହେଉଥିଲେ, ତେଲ ଖେଳାର ଗୁଡ଼ଠ ଘଡ଼ି ପଡ଼ । ଦୋକାନର ଉଳ ଭଲ ଛାଡ଼ି ଦେବ । ଦିନ ଦ ଘଣ୍ଟାରେ ପୁଣି ମୋ ଦୋକାନ ବନ୍ଦ ଉଠିବ । ସକାଳ ଯାଏ ଶୁଣି ହୋଇ ଦ ଛଅ ଟଙ୍କା ରଖିଛି ତେଲ ଅଳଦଶ—

ସଞ୍ଜ ହଠାତ୍ ଅଳ, ଦ୍ରୁପଦ ଉଠିଲି, ସକାଳ ଗୋବରରେ ଲିପି କରି ଲିପିଲ । ଅଲ୍ପ ସ୍ୱଳ୍ପ ସାଙ୍ଗ ବାହାରେ ଚଲାଇଥିଲେ । ସକାଳୁ ବନ୍ଧୁ ଦେଖି କହିଲ "ଦ୍ରୁପଦ, ତୁ ନିଶ୍ଚୟ ପୁରସ୍କାର ପାଇବୁ ଅଳ ଦେବଦାରୁ ଡାଳ ବଡ଼ ଗଛ ଅଣି ଗଡ଼େଇ ଦେ—।"

"ହଁରେ ପୁଅ, ସକାଳୁ ଦେଖିଲ ଦଳ ଦେଖେ ନାହିଁ ମୁଁ ଜାଣିଛି ।" ସାଙ୍ଗମାନଙ୍କ କଥାରେ ନେଡ଼ୁଗ ହେଲ ଦେଇ ଦେବଦାରୁ ଡାଳ ଅଣିଦେବେ ନାହିଁ । ଯମୁନା ମୂଳରେ ବାଧ ହୋଇ ସବୁଦିନ କରିବାକୁ ମଜୁରି ଦେଲ । ମଜୁରି, ଚଟା, ଖାଇଁଶ, କଦଳୀ ଗଛ, ମାଟିଆ ଦୀପାଳି, ପୁନାଙ୍ଗ ତେଲ ନେବା ପାଇଁ ପଇସା, ଦଳ ଦଳ ଖଡ଼ମ !

"ମଳ ମଲ୍ଲ ପଢ଼ିବାର ଅର୍ଥ ନାହିଁ, କଅଣ କରିବ । ଗାଈ ଯେମିତ ହେଉଛି ତାହା କହିଦେଇ ସେଥି ପାଇଁ ଭାବିଲ ଏଣିକି । ସକାଳେ ଦେଖିବୁ ଦେବଳ—ଯେ!" ପେଡ଼ ଖେଳେଇଲ । ଗାଈ ପଢ଼ ସାଇତା ହୋଇଥିବା ଶାଢ଼ୀ ଉପରେ ନଜର ପଡ଼ିଲା । ହାତ ବନ୍ଧା ବନ୍ଧା ହେଉଥାଏ । "କଅଣ କରିବ, ଅଳ ତ ସୁପା ଏଡ଼ ନାହିଁ ।" ମନରେ ଅସ୍ତ କଲ "ତ ଅଛି ଅଳକୁ ଗୋଟିଏ ଲୁଗା ଅଳ ଖଣ୍ଡରେ ନ ମିଳିବ ଯେ ଏଣେ ଗୋଟିଏ ବାହିଁବ କରିବ ନ । ଅଳ ବାକି ଅଳ ଦିନ, ପତାକା ଉଡ଼ିବ ଦେଖାଯିବ ।" ଲଗାରୁ ଅଧେ ଚିରିଲା । ସୁନ୍ଦର ପଇସା ମୋଟେ ରଖିଥିଲା । ସବୁ ପତାକାର ପାଇଁ, ଗାଈଖ ରଙ୍ଗ ଏଣି ସୁନ୍ଦର ଗୋପାଳ ପାଖକୁ ଗୋପାଳ ତାକୁ ଦେଖି କହିଲା 'ଏଃ ଦ୍ରୋଣ ବଡ଼ା ଉତ୍ସ ହୋଇଛ ଅଣିଛନ୍ତି,'—

'ଗେରୁଆ ଶାଢ଼ୀ ଥିଲା, ସେଥିରୁ ଚିରି ଚଳ ଅଣିଛି'—ଗୋପାଳ ତା ମୁହଁକୁ ଚାହିଁଲେ କରି ରହିଲା । ହଠାତ୍ ହସି କହିଲା—"ହେଁ ଅ ପତାକା ଟାଏ ହବ । ଏତେବଡ଼ ପତାକା ଅମର ଏଠି କେହି ଉଡ଼ାଇ ନାହାନ୍ତି ।" କଥାଟି ଛଡ଼ଦଣ୍ଡ କହି—ଦେଲ । ଦ୍ରୁପଦକୁ କେମିତି ଶିଖେଇ କରିବାକୁ ହେବ ସବୁ ବତାଇଲା କରି ଦେଇ ଚାଲିଲା ।

ଦିନ ୧୦ଟା ୧୧ଟା ବେଳକୁ ଦ୍ରୁପଦର ଘର ଟିକେ ଠାକୁ । ତା ପତାକାଟି ସମସ୍ତଙ୍କ ଠାରୁ ବଡ଼ ହୋଇ-ଥାଏ । ସମସ୍ତେ ଅଟାରେ କହନ୍ତି "ଏଃ ଦ୍ରୁପଦ ନିଶ୍ଚୟ ପୁରସ୍କାର ପାଇବ ।" ଦ୍ରୁପଦର ମନ କେମିତି ଗୋଟାଏ ହର୍ଷରେ ପୁଲ, ନାଚିବା କେମିତି । ସେ ଯେ ତାହାର ସବୁଯାକ ପାଣ୍ଡି ଖର୍ଚ୍ଚରେ ଲଗେଇଛି । ଅଳ ଅଳ ହେଉଛି ଜାତିମାନେ ସେଥି ସେଥି ଲୁଗା ପାଇଁ ଲୋକଙ୍କ ଉପଦେଶ କରୁଥିଲେ ତେବେ ସେ ତାହାର ଏକମାତ୍ର ସମ୍ବଳ ଲୁଗାଖଣ୍ଡି ଚିରି ପତାକା ତିଆରି କରିଛି ।

ସନ୍ଧ୍ୟାବେଳ । ଦ୍ରୁପଦ ଦିଆଲିରେ ଚଳଚଳ ହେଉ ପୁନାଙ୍ଗ ତେଲ ଦଳ ଦଳ ଦପଦପ ହେଲା । ପାଏ ମୋଟେ ତେଲ । ସବୁ ଛଣା ନେଉଛନ୍ତି—"ଦ୍ରୁପଦ, ତେଲଟ ଖଣ୍ଡା ହୋଇ ଗଲା ଅଳ ଦଉଁଅ ମହାଜନ ତ ଟଙ୍କା ଥାଇ ଏଠ, ଏଠେ ଗ୍ରାମ ନାଇକଅଣ?"—ବଡ଼ଲୋକ ଗୋଲ ପାଖ ତେଲ ସବୁ ଦୀପାଳୀରେ ଢାଳିଲା । ସବୁ ଦିପାଳି ଜଳି ଯୋଉଠିକି ଉଠିଲା, ସାଙ୍ଗ ଟୋକାଏ ଚିଲେ ରଡ଼ି "ବାରାରେ ଅକଅ, ଦ୍ରୁପଦ ଜନ୍ମେଜୟ" ଦ୍ରୁପଦର ଛାତି ମୋଟ ମନ ହୋଇଗଲା । ତାଙ୍କର

( ଅବଶିଷ୍ଟାଂଶ ୧୬ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ସାପ୍ତା

## ରୁଷ ଓ ଆମେରିକା

ଆମେରିକା ଓ ରୁଷ ମଧ୍ୟରେ ବାଦ ଲାଗି ରହିଛି । ଏବେ ଅଲ୍‌ଏଡ଼ କଣ୍ଟ୍ରୋଲ କାଉନ୍‌ସିଲ (ମିଳିତ ନିୟନ୍ତ୍ରଣ ସଭା) ରେ ଆମେରିକା ପକ୍ଷପାତ ଭାବରେ ବୈଦେଶିକ ସଂଗ୍ରହରେ ବାଧା ଦେଉଛି ବୋଲି ରୁଷ ଦୋଷ ଦେଲା । ଆମେରିକା ପ୍ରତିନିଧି ରୁଷ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଓ ତାର ଅଳିଆ ନୀତିକୁ ଗୁପ୍ତେଇବା ପାଇଁ କାର୍ଯ୍ୟରେ ବାଧା ଦେଉଛି ବୋଲି ଉତ୍ତର ଦେଲେ । ରୁଷ କାଗଜ ଇଜଭେଷ୍ଟିଆ କହିଲେ—ଆମେରିକା ପୃଥିବୀର କର୍ତ୍ତୃତ୍ୱ ନେବା ପାଇଁ ସଜ ହେବାକୁ ଆଟଲାଣ୍ଟିକ ସାଗର ଉପରେ ପଶିଲା । ଉତ୍ତର ଅଟଲାଣ୍ଟିକ, ଆଇସଲାଣ୍ଡ, ସ୍କାଣ୍ଡିନେଭିଆ, ଡେନମାର୍କ, ଅଲାସ୍କାରେ ସେ ଘାଟି ବାନ୍ଧୁଛି । ଅପର ପକ୍ଷରେ ଆମେରିକାର ଅଭିଯୋଗ ଯେ ରୁଷ ୧୪ ଅଗଷ୍ଟ ୪୫ର ଚୁକ୍ତିସର୍ତ୍ତ ଅନୁସାରେ ମାଞ୍ଚୁରିଆର ଡାଇରେନ ବନ୍ଦର ଚୀନକୁ ଫେରାଇ ଦେବାର କଥା । କିନ୍ତୁ ପ୍ରଶାନ୍ତ ସାଗର ଉପରେ ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ତାହା ଛାଡ଼ୁ ନାହିଁ । ଆମେରିକା ରୁଷକୁ ସ୍ମାରକ ପତ୍ର ଦେଲା । ରୁଷ ତାକୁ ଅଗ୍ରାହ୍ୟ କରିଦେଇଛି ।

ସମ୍ଭବତଃ ଆମେରିକାର ଭାବୀ ସଭାପତି ବର୍ତ୍ତମାନ ଆମେରିକାର ଚିଫ୍ ଅଫ୍ ଷ୍ଟାଫ୍ ଆଇଜନହାଓ୍ୱାର ସେଦିନ ସ୍ପଷ୍ଟ କହିଲେ—ଯେ ପୃଥିବୀ ବର୍ତ୍ତମାନ ଦୁଇଟି ପ୍ରତିଦ୍ୱନ୍ଦୀ ଦଳରେ ବିଭକ୍ତ ହୋଇଛି—ଗୋଟିଏ ଗଣତନ୍ତ୍ର ଦଳ (democracy) ଅର୍ଥ—ଆମେରିକା ନେତୃତ୍ୱରେ ଅନ୍ୟଟି ଏକଛତ୍ର ତନ୍ତ୍ର ( dectatorship ) ଅର୍ଥାତ୍ ରୁଷ୍‌ର ନେତୃତ୍ୱରେ ।

ବର୍ତ୍ତମାନ ପୃଥିବୀର ରାଜନୀତି ଠିକ୍ ଏହି ଦୁଇ ପ୍ରତିଦ୍ୱନ୍ଦୀ ଶକ୍ତିଙ୍କର ଗତିକୁ ନିର୍ଭର କରିବାକୁ ହେବ । ପ୍ରେସିଡେଣ୍ଟ ଟ୍ରୁମାନ ଆମେରିକାନ ଜାତିଅନ କମିଶନକୁ ଏହି ବାର୍ତ୍ତାରେ କହିଛନ୍ତି ସର୍ବମୟ ଅସ୍ତ୍ର ଶିକ୍ଷା ନୀତି ଗ୍ରହଣ କରାଯିବ । ପୁଣି ଅନ୍ତରାମେରିକା ସମ୍ମେଳନୀକୁ କହିଛନ୍ତି ଯେ ମିତ୍ରଶକ୍ତିଙ୍କ ଭିତରେ ଏକମତ ଅଭାବରୁ ସାମରିକ ବଳ ଉପରେ ନିର୍ଭର କରିବାକୁ ହେବ । ମସ୍କୋ ସହରରେ ୮୦୦ ଫୁଟ ଉଚ୍ଚ ଜନ୍ମ ଦିବସରେ ଷ୍ଟାଲିନ କହିଛନ୍ତି ମସ୍କୋ ପୃଥିବୀର ପୁଞ୍ଜି କେନ୍ଦ୍ରରେ ଲଢ଼ିବାର କେନ୍ଦ୍ର ହେବ ।—ପୃଥିବୀ ପକ୍ଷରେ ଏସବୁ ଖୁବ୍ ଶୁଭ ସୂଚକ ଲକ୍ଷଣ ନୁହେଁ ।

## ମିଳିତ ଜାତି ସଂଘ

ମିଳିତ ଜାତି ସଂଘର ଆଗାମୀ ତୃତୀୟ ଅଧିବେଶନର କାର୍ଯ୍ୟକର୍ମ ମଧ୍ୟ ଏହି ଦୁଇ ପ୍ରତିଦ୍ୱନ୍ଦୀ ଶକ୍ତିର ସ୍ୱାର୍ଥ ଦୃଷ୍ଟିରୁ ଚାଳିତ ହେବାର ଭୟ ଅଛି ।

## ବଲକାନ ରାଜ୍ୟ

ପ୍ରଥମେ ଇଉରୋପର ବଲକାନ ଅଞ୍ଚଳ ନେଇ ଗୋଳ ହେବ । ଆମେରିକା ରୁଷର ଯୁଗୋସ୍ଲାଭିଆ କମ୍ୟୁନିଷ୍ଟ କନ୍‌ଫୋର୍ମ ଅଫିସଙ୍କୁ ବନ୍ଦୀ କରିବା ଓ କଠୋର ବ୍ୟବହାର କରିବା ବିରୋଧରେ ପ୍ରତିବାଦ କରିଛି । ଗ୍ରୀସ ଯୁଗୋସ୍ଲାଭିଆ ବୁଲଗେରିଆ ଓ ଅଲବାନିଆ ଆଦି ରୁଷ ପ୍ରଭାବିତ ରାଜ୍ୟ ସୈନ୍ୟଙ୍କ ଅନଧିକାର ପ୍ରବେଶ ଅଭିଯୋଗ କରି ଥିଲା । ଏଥର ବୁଲଗେରିଆ ମିଳିତ ଜାତିସଂଘ ଆଗରେ ଅଭିଯୋଗ କରିଛି ଯେ ଗ୍ରୀସ ବୁଲଗେରିଆ ସୀମାନ୍ତରେ ସମର ସଜ୍ଜା କରୁଛି । ନିରାପତ୍ତା ସଭା ଗ୍ରୀସର ଏହି ଉତ୍ତର ସୀମାରେ ଶାନ୍ତି ସ୍ଥାପନ ପାଇଁ ଯେତେ ଚେଷ୍ଟା କରୁଛି ଏବଂ ଯେତେଥର ବହୁ ସଂଖ୍ୟକ ଭୋଟରେ ଯାହା ନିଷ୍ପତ୍ତି କରୁଛି ରୁଷ ତାହାର ନିଷେଧ କ୍ଷମତା ବା ଭିଟୋ ବଳରେ ରଦ କରି ଦେଉଛି । ରୁଷ କହେ, ଗ୍ରୀସ ସମ୍ପର୍କରେ ତାର ହାତ ନାହିଁ । ସେଠାର ଲୋକପ୍ରିୟ ସାମ୍ୟବାଦୀ ଦଳ ବ୍ରିଟିଶ ବାହିନୀର ସମର୍ଥନ ନ ହୋଇ ଗଣତନ୍ତ୍ର ଯୁଦ୍ଧ କରୁଛନ୍ତି । ନିରାପତ୍ତା ସଭା ଯେଉଁ ତଦନ୍ତ କମିଶନ ବସାଇଛନ୍ତି ତାହା ଆମେରିକା ପ୍ରଭାବିତ ଏବଂ ନିରପେକ୍ଷ ନୁହନ୍ତି । ଅଭିଯୋଗ କରୁଛି ଯେ ତଦନ୍ତ କମିସନ ବୁଲଗେରିଆ ପ୍ରଭୃତି ରାଜ୍ୟର ସାକ୍ଷୀ ନେଇଁଲେ ନାହିଁ ଏବଂ ଇଂଲଣ୍ଡର ଗୋଲାମ ଗ୍ରୀସ ସରକାର ଲୋକଙ୍କୁ ଧମକ ଦେଇ ସାକ୍ଷୀ ଦିଆଇଛନ୍ତି । ସେଥିରୁ ୧୪ ଜଣ ସାକ୍ଷୀ ସେ କଥା ମାନିଲେଣି । ବ୍ରିଟେନ ଗ୍ରୀସରେ ୧୩ କୋଟି ୬୦ ଲକ୍ଷ ପାଉଣ୍ଡ ଓ ୧୫ କୋଟି ଡଲାର ଖଟାଇଛି । ସେଥିପାଇଁ ସେ ଗ୍ରୀସକୁ ହାତରେ ରଖିବାକୁ ଚାହାନ୍ତି । ଇଂଲଣ୍ଡ ଦୁର୍ବଳତା ଦେଖାଇ ଏବେ ତାର ସୈନ୍ୟ ଗ୍ରୀସରୁ ଅପସାରିତ କରିବାକୁ ସ୍ଥିର କରିଛି କି ନାହିଁ ତେଣେ ଆମେରିକା ଗ୍ରୀସର ଅନୁରୋଧ କ୍ରମେ ଗ୍ରୀସର ନିରାପତ୍ତା ଉଦ୍ଦେଶ୍ୟରେ ସେନା ବାହିନୀ ପଠାଇବାକୁ ସ୍ଥିର କଲାଣି ।

ଆମେରିକା ଏଥର ମିଳିତ ଜାତି ସଂଘର ୫୫ଟି ଜାତିଙ୍କର ନୈତିକ ସହାନୁଭୂତି ଉଦ୍ରେକ କରି ଗ୍ରୀସରେ କଡ଼ା ହାତ ପକାଇବାର ଉଦ୍ୟମ କରିବ । ଆମେରିକା ପ୍ରତିନିଧି ଜନସନ କହିଲେଣି ବଲକାନ ଆଲୋଚନା ସରିଲେ ଆମେରିକା ମିଳିତ ଜାତି ସଂଘ ଚାର୍ଟରର ୫୧ ଧାରା ଅନୁସାରେ ଜାତି ବିଶେଷକୁ ଏକା ବା ମିଳିତ ଭାବରେ ଆତ୍ମ ରକ୍ଷା କରିବାର ଯେଉଁ ଅଧିକାର ଦିଆଯାଇଛି ଆମେରିକା ତଦନୁସାରେ ଗ୍ରୀସରେ କାର୍ଯ୍ୟ କରିପାରିବ । ୧୫ ଦିନ ତଳେ ପପୁଲିଷ୍ଟ ବା ରାଜ ସମର୍ଥନକାରୀ ଦଳର ନେତା ସାଲଡାରିସ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ । ସେ ଲୋକପ୍ରିୟ ନଥିବାରୁ ପୁଣି ଲିବରେଲ ମାନଙ୍କୁ ମିଶା ଯାଇଛି । ଲିବରେଲ ନେତା ସଫୁଲିସ ପ୍ରଧାନମନ୍ତ୍ରୀ ହୋଇଛନ୍ତି ।

ତେଣେ ଆମେରିକା ବଲକାନ ଅନ୍ତର୍ଗତ ତୁର୍କୀ ଭୂରସ୍କକୁ ୨୩,୦୦୦,୦୦୦ ପାଉଣ୍ଡ ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇଛି । ଦାର୍ଦାନେଲି ପ୍ରଣାଳୀ ନେଇ ରୁଷ ଓ ତୁରସ୍କର ମତଭେଦ ପ୍ରାଚୀନ ।

ପାଲେଷ୍ଟାଇନ ଭାଗ ଭାଗକୁ ଆରବ ମାନେ ବିରୋଧ କରିବେ ଏବଂ ରକ୍ତାକ୍ତ ବିଦ୍ରୋହ ହେବ ବୋଲି ଆରବମାନେ ଧମକ ଦେଲେଣି ।

## ମଧ୍ୟ ପ୍ରାଚ୍ୟ

ମଧ୍ୟ ପ୍ରାଚ୍ୟରେ ମଧ୍ୟ ରୁଷ ଆମେରିକା ଖେଳ । ପାରସ୍ୟ ସରକାର ତାର ତୈଳ ସଂପଦ ନେଇ ନୂଆ ବ୍ୟବସ୍ଥା କରିବେ ତା ଫଳରେ କୌଣସି ବୈଦେଶିକ ସ୍ୱାର୍ଥକୁ ତୈଳ ଖଣିର ୧୫ ଶତକଡ଼ାରୁ ଅଧିକ ଅଂଶ ଦିଆଯିବ ନାହିଁ । ପ୍ରଧାନ ମନ୍ତ୍ରୀ ସୁଲତାନେ ପୂର

ଶ୍ରୀଯୁକ୍ତ ଶଙ୍କର ରାଓ



ଓଡ଼ିଶା ଟେସ୍ତରେ

Digitized by srujanika@gmail.com

# ହିକା

ନବୀକରଣ ହେବ । ଫଳରେ ଏ ଗାନ୍ଧ ଅଧ ସ୍ପଷ୍ଟ ହୋଇ ଯାଇଛି । ତେଣୁ ରୁଷ ବର୍ତ୍ତମାନ ପାରସ୍ୟର ଗାଡ଼ିକୁ ଶତ୍ରୁପକ୍ଷ କାନ୍ଧ ବୋଲି ଆକ୍ଷେପ କରି ପାରସ୍ୟଙ୍କୁ ଜଣାଇ ଦେଇଛନ୍ତି ।

ସିରିଆର ରାଜା ଅବଦୁଲ୍ଲା ବୃହତ୍ ସିରିଆ ଅର୍ଥାତ ସିରିଆ ଓ ଲେବାନନ ସଂଯୋଗର ପକ୍ଷପାତୀ । ପ୍ରଧାନ ମନ୍ତ୍ରୀ କେ ଅରବ ଲଗର ଯୋଜନାକୁ ପସନ୍ଦ କରି ନାହାନ୍ତି । ସଉଦୀ ଆରବର ରାଜା ଇବନ ସାଉଦଙ୍କୁ ହତ୍ୟା କରିବା ପାଇଁ ଏକ ଷଡ଼ଯନ୍ତ୍ର ଧରା ପଡ଼ିଛି ।

## ସୁଦୂର ପ୍ରାଚ୍ୟ

ହଦେସିଆ ମଙ୍ଗଳାମେଣ୍ଟ କମିଟିର ସଭ୍ୟ ପଦପାଇଁ ଷ୍ଟୋକର୍ଣ୍ଣ ଅଷ୍ଟ୍ରେଲିଆର ନାମ ଦେଇଛନ୍ତି—ହଲାଣ୍ଡ ବେଲଜିୟମର ନାମ ଦେଇଛନ୍ତି ।

ତେଣେ ଇଣ୍ଡୋ ଚାଇନା ସମସ୍ୟା କ୍ରମେ କ୍ରମେ ଗୁରୁତର ହେଉଛି । ଫରାସୀ ମାନେ ଭିଏତ ନାମରେ ୧୮୬୨ ରେ ପ୍ରବେଶ କଲେ ସମ୍ରାଟ ଟୁଡକ ଅମଳରେ । ୧୮୮୫ ଏକ ଦୁର୍ବଳ ସରକାର ଉପରେ ତାଙ୍କ ସ୍ୱାର୍ଥକୁ ଲାଗି ସନ୍ଧି ସର୍ତ୍ତ ଚାପି ପୂର୍ଣ୍ଣ ଉପନିବେଶ ସ୍ଥାପନ କଲେ । ଫରାସୀ ବିରୋଧରେ ବିଦ୍ରୋହ ଲାଗି ଆସିଛି, ୧୮୮୩ ଠାରୁ । ଫାନ୍ ଦିନ୍ ଫୁଙ୍ଗ ଓ ଜେନେରେଲ ହୋଆଙ୍ଗ ହୋ ଥାମଙ୍କ ନେତୃତ୍ୱରେ ପ୍ରତିରୋଧ ଆନ୍ଦୋଳନ ଆରମ୍ଭ ହୋଇ ଚାଲିଲା ୧୯୧୩ ଯାଏ । ତାପରେ ଆନ୍ଦୋଳନ ଦବିଗଲା । ବହୁ ମେଧାବୀ ସ୍ୱାଧୀନ ଚେତା ଛାତ୍ର ମାନଙ୍କୁ ଫରାସୀ ଶକ୍ତି ପ୍ରାଣଦଣ୍ଡ ଦେଇ ଆନ୍ଦୋଳନ ମୂଳ ପୋଛି

ଶ୍ରୀଯୁକ୍ତ **ଆସଫ ଅଲି**



ଅମେରିକାରୁ ଫେରିଛନ୍ତି

କରିବାକୁ ଚାହିଁଲେ । ପ୍ରଥମ ମହାସମର ବେଳେ ଭୀଷଣ ଅତ୍ୟାଚାର ହେବାରୁ ପୁଣି ଆନ୍ଦୋଳନ ଚେଇଁ ଉଠିଲା । ଅନେକ ଗୁପ୍ତ ବିପ୍ଳବୀ ଦଳ ଗଢ଼ି ଉଠିଲେ । ୧୯୩୦ରେ ଏହି ଦଳର ଅଗ୍ରଣୀ ଭିଏତନାମ କୁମିଂଟାଂ ଏକ ସଶସ୍ତ୍ର ବିଦ୍ରୋହ କଲେ । ଫରାସୀ ଶକ୍ତି ଅମାନୁଷିକ ଭାବରେ ଦବାଇବାକୁ ଚେଷ୍ଟା କରି ଅକ୍ଷମ ହେଲେ । ୧୯୩୬ ରେ ଲୋକଙ୍କୁ ବାଧ୍ୟ ହୋଇ କିଛି କ୍ଷମତା ଦିଆଗଲା । ୧୯୩୯ରେ ୨ୟ ମହାସମରରେ ଫରାସୀମାନେ ସେଠାରେ ପୁଣି ଶୋଷଣ ଆରମ୍ଭ କଲେ । ଫଳରେ ବିଦ୍ରୋହ ହେଲା । ଜାପାନୀ ମାନେ ଇଣ୍ଡୋଚୀନ ଦଖଲ କଲା ପରେ ଜାପାନ ଓ ଫ୍ରାନସ ଉଭୟ ମିଶି ଭିଏତନାମ ଉପରେ ଅତ୍ୟାଚାର କଲେ ଓ ଆନ୍ଦୋଳନକୁ ଦବାଇ ଦେଲେ । ପୁଣି ୧୯୪୧ ମେରେ ଭିଏତ ମିନ ଲୀଗ ଗଢ଼ାଗଲା । ଫ୍ରାନ୍ସରେ ଯେତେବେଳେ ଜର୍ମାନ କ୍ରୀଡ଼ା-ପୁତ୍ତଳି ଭିଚି ସରକାର । ଉଭୟେ ମିଳି ଭିଏତ ନାମ ଉପରେ ଅତ୍ୟାଚାର କରୁଥିଲେ । ୧୯୪୫ ମେ ୯ ରେ ଜାପାନୀ ମାନେ ଫ୍ରାନ୍ସକୁ ଚଟାକାଟି ଦବାକୁ ବସିଲେ । ସେ ସୁଯୋଗରେ ଭିଏତ ମିନ ଲୀଗ୍, ଉତ୍ତର ଭିଏତ ନାମର ୭ଟି ପ୍ରଦେଶ ଓ ହାନୟ ଓ କ୍ୱାଙ୍ଗାଇକୁ ଜାପାନଙ୍କଠୁ ଛଡ଼ାଇ ନେଲେ । ଅଗଷ୍ଟ ୧୯, ୧୯୪୫ ମଧ୍ୟରେ ସେ କ୍ଷମତା ନେଲେ । ଏବଂ ପୁଲ୍ୟନେତା ସଭାପତି ଡାକ୍ତର ହୋ ଚି ମିନ୍ ସେପ୍ଟେମ୍ବର ୨ରେ ଭିଏତନାମ ଏକ ସ୍ୱାଧୀନ ରାଷ୍ଟ୍ର ବୋଲି ଘୋଷଣା କଲେ । ସେହି ଦିନଠାରୁ ବ୍ରିଟିଶ ମାନଙ୍କ ସାହାଯ୍ୟରେ ଫ୍ରାନ୍ସ ପୁଣି ଭିଏତ ନାମ ଉପରେ ଆକ୍ରମଣ ଚଳାଇଛି । ଗତ ଦୁଇବର୍ଷ ହେବ ସେମାନେ ଫ୍ରାନ୍ସ ସହ ଯୁଦ୍ଧ କରି ଆସୁଛନ୍ତି । ଫରାସୀ ସମସ୍ତ ସାମ୍ରାଜ୍ୟବାଦୀ କୌଶଳ ସେଠି ପ୍ରୟୋଗ କରୁଛି । ପ୍ରଥମେ ଭୂତପୂର୍ବ ଇଣ୍ଡୋ-ଚୀନର(ଅନାମ) ସମ୍ରାଟ ବାଓ ଦ.ଇକୁ ଉତ୍ତେଜିତ କରିଥିଲା । ସେ ଏବେ ନିଜର ସିଂହାସନ ଦାବିକୁ ଲୋକଙ୍କ ମଙ୍ଗଳ ପାଇଁ ତ୍ୟାଗ କରିବାକୁ କହୁଛନ୍ତି । ବର୍ତ୍ତମାନ ଡାକ୍ତର ହୋଚିମିନ୍ ମାନଙ୍କ ବିରୋଧରେ ୧ ଦଳ ସୃଷ୍ଟି କରାଯାଉଛି । ତଥାପି ଏବେ ଫରାସୀ ହାଇକମିଶନର ବୋଲି ଘୋଷଣା କରନ୍ତି ଯେ ଉପଯୁକ୍ତ ଜାତୀୟ ସରକାର ହାତରେ ସେ ଶାସନ ଭାର ଦେବେ ।

## କୋରିଆ

କୋରିଆରେ ମଧ୍ୟ ରୁଷ୍ ଓ ଅମେରିକା ସ୍ୱାର୍ଥର ସଂଘର୍ଷ ହୋଇଛି । କୋରିଆକୁ ଉତ୍ତର ଓ ଦକ୍ଷିଣ କୋରିଆରେ ଭାଗକରି ଉତ୍ତରକୁ ରୁଷ୍ ଓ ଦକ୍ଷିଣକୁ ଅମେରିକା ମାଡ଼ି ବସିଛି । ୧୯୪୫ ରେ ମସ୍କୋରେ ବ୍ରିଟେନ ସୂଚନା ରୁଷ୍ ଓ ଅମେରିକାର ସମ୍ମେଳନୀ ବସି କୋରିଆ ଫଳରେ ରୁଷ୍ ଅମେରିକା କମିଶନ ଉପରେ ଅସ୍ଥାୟୀ କୋରିଆ ସରକାର ଗଢ଼ିବା ଏବଂ ଏ ଗଭର୍ଣ୍ଣମେଣ୍ଟର ନିକଟ ମିତ୍ରଶକ୍ତି (Trusteeship) ତଥା ଚାରିଜଣ ସାହାଯ୍ୟ ଦରକାର ତାହା ସ୍ଥାପନ କରିବାର ଭାର ଦିଆଗଲା । ଗତବର୍ଷ ମାର୍ଚ୍ଚରେ ଏ କମିଶନ ବସିଲା । କୋରିଆନେ ଯେଉଁ ରାଜନୈତିକ ଦଳ ପରାମର୍ଶ ନିଆଯିବ ଏ ପକ୍ଷପୂରେ ମତଭେଦ ହେବାରୁ କଥା ଅଟକିଲା । ଏ ବର୍ଷ ପୁଣି ମେ ମାସ ହେବ କମିଶନ ବସି ଶେଷରେ ଏକ ପ୍ରକାର ସେଇ କାରଣରୁ ଭାଙ୍ଗିଲାଣି । ରୁଷ କହନ୍ତି କୋରିଆର ଯେଉଁ ଦକ୍ଷିଣ ପନ୍ଥୀମାନେ ମିତ୍ରଶକ୍ତିର ନିକ୍ଷେପାଧିକାର ମାନୁ ନାହାନ୍ତି ତାଙ୍କୁ ଡାକିବାକୁ ଅମେରିକା ଚାହେଁ । ଅମେରିକା କହୁଛି—ରୁଷ ତାର କ୍ରୀଡ଼ାପୁତ୍ତଳୀଙ୍କୁ ଚାହେଁ । ଗତ ଅଗଷ୍ଟ ୨୬ ରେ ରୁଷ କହିଲା ଦକ୍ଷିଣ ଓ ଉତ୍ତର କୋରିଆ ସମାନ ସଂଖ୍ୟକ ପ୍ରତିନିଧି ପଠାନ୍ତୁ । ଅମେରିକା ଅଧୀନସ୍ଥ ଦକ୍ଷିଣ କୋରିଆର ଲୋକ ଉତ୍ତର କୋରିଆ ଲୋକ ସଂଖ୍ୟାର ଦ୍ୱିଗୁଣ । ତେଣୁ ଅମେରିକା ରାଜି ହେଲା ନାହିଁ; ୨୯ତାରିଖରେ ଅମେରିକାର ଅଣ୍ଡର ସେକ୍ରେଟେରୀ ଲୋଭେଟ ଯୋଜନା ଦେଲେ ଯେ ପୁଣି ଚାରିଶକ୍ତିର ମେଳଣୀ ଆଠ ସେପ୍ଟେମ୍ବରରେ ହେଉ ଏବଂ କୋରିଆର ଦୁଇ ଅଂଶରେ ଦୁଇ ଅସ୍ଥାୟୀ ସରକାର ଗଠିତ ହେଉ । ରୁଷ ତାହାକୁ ଅଗ୍ରାହ୍ୟ କରି ଦେଇଛି ।

## ଭାରତ

ମହାତ୍ମାଙ୍କ କଲିକତାରୁ ପଞ୍ଜାବ ଅଭିମୁଖେ ପ୍ରସ୍ଥାନ କରିଛନ୍ତି । କଲିକତା ଶାନ୍ତ । ପୂର୍ବ ପଞ୍ଜାବ ଅସ୍ଥିର । ପଶ୍ଚିମ ପଞ୍ଜାବରେ ଶୀଘ୍ର ଶାନ୍ତ ହେବାର ଆଶା ପୋଷଣ କରାଯାଉଛି । ପାକିସ୍ଥାନ ଓ ଭାରତ ଉଭୟ ଉପନିବେଶର ପ୍ରଧାନ ମନ୍ତ୍ରୀ ଉପଦ୍ରବକାରୀ ମାନଙ୍କୁ ଗୁଳିକରି ଦିଆଯିବ ବୋଲି ଆଜ୍ଞା ଦେଇଛନ୍ତି । ହଠାତ୍ ଦିଲ୍ଲୀରେ କେତେକ ଗୁଣ୍ଡା ଲୁଟତରାଜ ଆରମ୍ଭ କରିଛନ୍ତି । ପଣ୍ଡିତ ନେହରୁ ଅତି ସାହାସର ସହିତ ନିଜର ଜୀବନକୁ ବିପଦସଂକୁଳ କରି ସେ ଉପଦ୍ରବର ସମ୍ମୁଖୀନ ହେଉଛନ୍ତି । କଲିକତା ଗୋଳମାଳକୁ ଶାନ୍ତ କରିବାରୁ ଗାନ୍ଧିଜୀ ଏବଂ ସ୍ଥାନୀୟ ସହିଦକୁ ପ୍ରାପ୍ତ ହୋଇ ଭାରତର ନମସ୍ୟ ଓ ପୂଜ୍ୟ ହୋଇଛନ୍ତି ।

( ୧୨ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



# କଣାମାମୁଁ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

[ ପୂର୍ବ ପ୍ରକାଶିତର ଅବଶିଷ୍ଟ ]

ଏହି ପୃଷ୍ଠାରେ ଛେଳ ଛେଳ କରି କେତେ ଛେଳର ପିଲାଏ ତାଠାରୁ ମାଡ଼ଖାଇ ହାଡ଼ ଭଙ୍ଗାଇଲେଣି, କେତେ ଛେଳର ଅଟବଡ଼ା ଗଛା ନଜଣ୍ଡିଆ ତାର ସାଙ୍ଗ ହେଲେଣି, ଓ ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ଖାଲ ଛାଡ଼ିଲେଣି ତାର ହିସାବ କେହି ଦେଇ ପାରିବେ ନାହିଁ । ସେ ଯେତେବେଳେ ଅମ ବାପାଙ୍କ ସମ ବୟସୀ ଲୋକ, ତାଙ୍କ ଟୋକା ଅମଳରେ ନିଶ୍ଚୟ ସାଙ୍ଗ ହୋଇଥିବେ । ତାହାପରେ ତା ତଳକୁ ତାତଳକୁ କେତେ ଚଳେଣି । ଏବେ ଅମପାଳି ପଡ଼ିଛି ।

କଣାମାମୁଁଟି ବୁଢ଼ା କି ନଜଣ୍ଡିଆ ତା ମୁଁ ଜାଣି ବୁଝିପାରେ ନାହିଁ । କଥାରେ କହନ୍ତି ଚିର ନବୀନତା, ଚିର ଯୌବନ, ଚିର ସ୍ଫୂର୍ତ୍ତି, ଚିର ବସନ୍ତ । ମୁଁ ଜାଣୁଛି ସେ ସବୁ ଏହି କଣାମାମୁଁ ।

ଯୌବନ ଯେ ଗୋଟାଏ ଦୈହିକ (physical) ଅବସ୍ଥା ନୁହେଁ, ମାନସିକ (mental) ଅବସ୍ଥା ଏହି କଣାମାମୁଁ ତାର ଜ୍ୱଳନ୍ତ ପ୍ରମାଣ । ଅନ୍ଦାଜରେ ବୟସ ପଞ୍ଚାଶ ଟପିଲେଣି, ମାତ୍ର ସ୍ଫୂର୍ତ୍ତିରେ, ତେଜରେ, ଚପଳତାରେ, ଉତ୍ସାହରେ କେଉଁ ଟୋକା ତା ସାଙ୍ଗରେ ସରି ହେବ ? ମନୁଷ୍ୟ ଜୀବନରେ ଏ ବସନ୍ତର ଉନ୍ମାଦନାଟା ଖୁବ ଖୁବ ୮/୧୦ ବର୍ଷ ଥାଏ କି ନାହିଁ ସନ୍ଦେହ । ତା' ପରେ ଧୀରେ ଧୀରେ ଜୋଡ଼ିବାରେ ଯେ ମଣିଷ ଜଣ ହୋଇଯାଏ ତା କିଏ କହିବ । ଏଇଟା ବୟସର ପ୍ରଭାବକୁ, ସଂସାରର ଠେଙ୍ଗା ତା କହିହେବ ନାହିଁ; ଯାହା-ହେଉ, କଣାମାମୁଙ୍କୁ ଏଜା ଏସବୁ କିଛି ଟିକିଏ ହେଲେ ଛୁଇଁ ପାରି ନଥିଲା । ଚିନ୍ତା କଣ, ଦୁଃଖ କଣ, ଦାରିଦ୍ର୍ୟ କଣ, ସେ କେବେ ଜାଣିନି ନାହିଁ । ଯେଉଁ ଦୁନିଆ କେତେ ସୁନ୍ଦର, ଚଳନ୍ତି, ମସୃଣ ଏକ ଲନ୍ଥ ଉପରେ ଅଳସିଆ ଭାବରେ ଚଳାର କାଷ୍ଠ ବେଖା ଦିନକୁ ଦିନ ଗଡ଼ାଇଲାର କଢ ଝୋଲ ଦେଇ ଯାଉଛି, କଣାମାମୁ ସେ ଦୁନିଆକୁ ବେଖାତିରକର ଖେଳ ଖେଳ ଗୋଡ଼ରେ ଅଡ଼େଇ ଦେଇ ଚାଲମାରି ଚାଲିଯାଉଛି; ଏତେ ବଡ଼ ଶିକାରୀ ହୋଇ ମଧ୍ୟ ସେ କଣାମାମୁର ବାଳବଙ୍କା କରି ପାରି ନାହିଁ । ହୟତ ମୁଁ ତାହାର ପର ହୋଇ ଥାଅନ୍ତି କି । ଆପଣାର ଦୁଶ୍ଚିନ୍ତା ଅପଣାର ଜଞ୍ଜାଳ, ଅପଣାର ବାର୍ଦ୍ଧକ୍ୟ, ଅପଣାର ମୃତ୍ୟୁ ଅପେ ଅପେ ନିରଣି କରି ଅଣେ ଏଇ ମଣିଷ— ଏଇ ମଣିଷର ଧାରଣା ।

ଯଦିଓ ତାଙ୍କୁ କାଣବାରେ ... ତାର ବାଳ ଗୋଟିଏ ପାଚି ନ ଥିଲା କି ଦାନ୍ତ ଗୋଟିଏ ପଡ଼ି ନ ଥିଲା । ମୁଖମଣ୍ଡଳର ଚମରେ ଯେଉଁ ସବୁ ଦାଗ କିବା ବାଗ ବୟସର ମାପକାଠି ବୋଲି ଜଣା, କଣାମାମୁ ମୁହଁକୁ ସେସବୁ ସ୍ପର୍ଶ ମାତ୍ର କରି ନ ଥିଲା । ତେବେ ଅଖିରେ ଚାଳଣା ଝାଙ୍କି ଥିଲା କି ନାହିଁ, ସେ କଥା ତାହାର କହିବାର ବାଟ ଥିଲେ ବା କେହି କହନ୍ତା । ମାମୁଁଙ୍କର ଅମର ଛାତିର କଲମ ବା ବହିପତ୍ର ସାଙ୍ଗରେ ଏକଲ ଅସହଯୋଗ ଯେ ସେ କଥା କାହାର ମନକୁ ଅସିବାର 'ଅବସର ମଧ୍ୟ ସେ ଦିଅନ୍ତି ନାହିଁ ।

ଦେଖିବାକୁ, ଯାହାକୁ କହନ୍ତି ପଞ୍ଚହତା ମରଦଟାଏ, ମୁହଁଟାଯାକ ଚେଚକ ଦାଗ, ତହିରେ ପୁଣି ବାଲୁ ବାଲୁ ମୋଟ ମୋଟା, ଏଥିରେ ତାଙ୍କୁ କେହି ମଣିଷ ବୋଲି କହିବେନି ଅଉ ଉତ୍ତମ କାହାକୁ ? ଏକା ନଗାଡ଼ିଏ କଥା ଯଦି କଣାମାମୁର ନ ଥାଆନ୍ତା ତେବେ ତାଙ୍କୁ ସୁପୁରୁଷ ବୋଲି କୁହାଯାଇ ପାରନ୍ତା । ଗୋଟିଏ କଥାରେ ମା ଷଷ୍ଠୀ ଗଡ଼ୁଛି ତାଙ୍କୁ ଜଣା କରିଥିଲେ । ତାର ଅଣ୍ଟାଠାରୁ ତଳକୁ କମିତବାଟା ବେବାଗିଆ, ବେମାପିଆ । ଦେହଟା ତାର ଖୁବ ବଳିହେଲା ପରି ହେଲେ ମଧ୍ୟ ବେଶି ମୋଟ ନଥିଲ, ମାତ୍ର ଇଙ୍ଗ ଦୁଇଟା ଅସଙ୍ଗତ ଭାବରେ ମୋଟ, ଯେପରି ସେ ତାଏ ଦୌଡ଼ିଆ ଖୁଣ୍ଟ । ଅଉ ଅଣ୍ଟାଠାରୁ ମୁଣ୍ଡ ପଇ ଯେତେ ଲମ୍ବ, ଗୁହାଲ ବେଳକୁ ଅଧାଭାଗଟା ତେଲ ବେଣି । ଗର୍ଦ୍ଦିଲ ବେଳକୁ ଯମ ଏହାଟି ମାପରେ ଭୁଲ କରିଛି । ତା' ଉପରେ ପୁଣି ଜେବର ଅଖିଟା କଣା । ଯଉଁ ଭଲ କଣା ହେଲେ ଅଖିଟା ଭୃକ ହୋଇଯାଏ ସେପରି ନୁହେଁ; ଡୋଳାଟା ଉମା ହୋଇ ବାହାରି ପଡ଼ୁଛି । ଏହି ଅଖି କଣା ହେତୁ ତା ନାଁ ଯେ କଣାମାମୁ ହୋଇଛି, ଏଥିରେ ସନ୍ଦେହ ନାହିଁ । କଣା ସେ କିମିତ ହେଲ, ସେଥିରେ ଅନେକ ରକମ କଥା ଶୁଣା ଯାଏ । କେହି କେହି କହନ୍ତି କି ପିଲ ବେଳେ ସେ ଅଖିଟାରେ ଫୁଲ ପଡ଼ି ଯାଇଛି । କେହି କହନ୍ତି ଯେତେ-ବେଳେ ତାଙ୍କ ବସନ୍ତ ହୋଇଥିଲା ସେତେବେଳେ ମା ଠାକୁରାଣୀ ଦୟାକରି ଜୀବନ ବଦଳରେ ଅଖିଟି ନେଇ ଚାଲି ଯାଇଛନ୍ତି । ଅମ ଗାଁ ସନା ନାୟକ କହେ କି ତାଙ୍କ ଲଗ୍ନର ନିଶ୍ଚୟ ଶୁକ୍ର ଅଛନ୍ତି । କଣାମାମୁଁଙ୍କ କୋଷ୍ଠି ସେ ଅବଶ୍ୟ ଦେଖିନାହିଁ, ମାତ୍ର ଅତୀତ ଭବିଷ୍ୟ ସବୁ ତାଙ୍କୁ ମାଲୁମ । କିନ୍ତୁ କଣାମାମୁଁ ଏସବୁ କିଛି ମାନେ ନାହିଁ, ସେ ତାର ଅଖି ଖରାପ ହେବାର ଗୋଟାଏ ଇତିହାସ କହେ ।

(କ୍ରମଶଃ)

Digitized by srujanika@gmail.com




# କବି-ଲଢେଇ

ଲେଖକ—**ଫଟୁରାନନ୍ଦ**

୯

(ପୂର୍ବାନୁବୃତ୍ତି)

[ କଥା—ଜଣେ ରାଜାଙ୍କ ଅଜବ ଖେଳକୁ ଅର୍ଥ ଅନୁବୋଧ କଲେ, ବାଉଁଶ ବଣସ୍ଥିତ ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ । ଅତଏବ ବେତାଳମାନଙ୍କୁ ପେଶି ଜୀବିତ ଓ ମୃତ କବିମାନଙ୍କ ପାଖରୁ ଯେଉଁ କବିତା ଗୁଡ଼ିକ ପାଇଲେ ତାହା କେତେକ ପ୍ରକାଶ ପାଇଛି ଓ କ୍ରମାନ୍ୱୟରେ ପାଉଛି । ତଥିମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ଏଗାରଗୋଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ।

## ଏସ୍, ଏ. ହମିଦ୍

ରାଗ—( ୧୯୭୩ କଟକ ଦହେର ସୁର )

ରାତି ସରିଗଲା ଦିନ ଆସିଲା—
ଗୋସଲ୍ କରିବାକୁ ସୁନ୍ଦରୀ ଗଲା ॥

ବାଉଁଶ ବଣରେ ଗାଡ଼ିଆ ଅଛି—
ମାଠିଆ ଧରି ସୁନ୍ଦରୀ ଯାଉଛି ॥

ଅକବର ଖାଁଙ୍କ ଗୁଡ଼ାଖୁ ଧରି—
ଘୁଲ୍ ଘୁଲ୍ ଦାନ୍ତ ଘସିବ ଗୋରୀ ॥

ବମ୍ବେଇ ପ୍ରିଣ୍ଟର ଶାଢ଼ୀ ପିନ୍ଧିଛି—
ଡାଇମଣ୍ଡ କଟା ଚୁଡ଼ି ନାଇଛି ॥

ପିଚ୍ ପିଚ୍ ଛେପ ଫୋପାଡ଼ୁ ଅଛି—
ଅଡ଼କୁ ସାଡ଼କୁ ଘୂରି ଦଉଛି ।

ଓଠ ଦାନ୍ତ ତାରୁ ଅଟେ ଭଲ—
ଖାର୍ଯା ଲୋକ୍ତ ତ୍ରାସ୍ତ ଦିଶୁଛି ଲାଲ ॥

ପାଣି ମାଠିଆକୁ ତଳେ ଥୋଇଲା—
ଖଜୁରୀ ଗଛରୁ ( କ ) ଘଡ଼ା ଖସିଲା ॥

ପାଣିରେ ପଡ଼ିଣ ଦାହ ଭସିଲା—
ଧୋଡ଼ୀ ଭସାହେଲା ପ୍ରାୟେ ଦିଶିଲା ॥

ମତୁଆଲା ହୋଇ ଗାଧୋଉ ଅଛି—
(କଅଣ) ଗଡ଼ଗାଡ ମଦ କିଛି ପିଇଛି ? ॥

ଗୋସଲ୍ ସାରି ପଦ୍ମଫୁଲ ତୋଳିଲା—
କୁକୁଡ଼ା ମୋଡ଼ିଲା ପ୍ରାୟେ ଦିଶିଲା ॥

ଏତିକି ଲେଖିଣ କରିଲି ଶେଷ—
ହମିଦ କହେ ନ ଧର ମୋ ଦୋଷ ॥

—ଃ—

## ଶ୍ରୀ ହୀର୍ଖଣ୍ଡୀ

ଦେଖିଚାଲ ଘାଟ କରିବା ଚଲ୍ ଚଲ୍ ରେ......
ଧରି ମଟିଆ ଯାଉଛି ତାର୍
ମୁହଁ କହୁଛି ଢଳ୍
ଫୁଟି ପଡୁଛି ନୂଆ ଯଉବନ୍
ଦେହ୍ କରେ ଥଲ୍ ଥଲ୍ ରେ
ଦେଖି ଚାଲ...

ଖୁସି ଦେଖାଉଛି ଢଳିଆ ଖୋସା
ଅଁଠା ମଲ୍ଲୀ ଫୁଲ
ମୁହଁକେ ମାନେ ଚୋଗ୍ନା
ବେଁକ୍ କେ କଟିରେ ମାଲ

ଦେଖି ନାଚେ ହୁଏ ଯମି ଯାଏସି ଯଲ୍ ରେ......

ହାତ୍ ଟେକ ଧାଉଛି ସୁନ୍ଦରୀ ତାର୍
ଦେହ୍ ଟେ ଚନ୍ଦନ କୁଚି
ପାଦ୍ ଦୁଇଟା ଦେବତ ନାଏ ଖାର୍
ଫୁଟିଆ ମୁନ୍ଦ ଦୁଚି
ଭେଣ୍ଡିଆ ପିଲା ଦେଖି ହେବେ ମଲ୍ ମଲ୍ ରେ......

ବାଁକ ଦୁଇଟା ମଟିଆ ରଖି
ଘିଚି ଗଲାଟେ ଫୁଲ୍
ଅଲି ଉପରେ ନହିବା ପିଲା
ହସୁଛେ ମୁଲ୍ ମୁଲ୍
ନୂଆ ଜୁଆନେନ୍ ଜାନ ପାରଲା ନହିବା ପିଲାର
କଲ୍ ରେ...

—ଃ—

— ( ସମାପ୍ତ ) —

Digitized by srujanika@gmail.com

# ଡାଟର ଡାଟେର ଟାନା ନାନା [୧୦]

କାଳଃ ହରତି ଉଦ୍ୱରଂ—ଯଥା ସମୟରେ କର୍ତ୍ତବ୍ୟ ନକଲେ ପରମତା ମାରହେ ବୋଲି ଗଡ଼ଜାତ ରାଜାଙ୍କୁ ସମାଜ ସମ୍ପାଦକଙ୍କ ଉପଦେଶ ।

…କିନ୍ତୁ, କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁଃ ତଦପି ନ ମୁଞ୍ଚତ୍ୟାଶା ବାୟୁଃ ।

× × ×

କଲିକତା ପୁଲିସଙ୍କ ଅନଶନ—ସାହେବ ଖ୍ରିଆ ଖାନା ଖାଉନାହାନ୍ତି ।—ଇତି ସମ୍ବାଦ

…ବୃଦ୍ଧ ପୁଲିସ ଉପସ୍ଥିତି ।

+ × ×

ଓଡ଼ିଶାରେ ଶଙ୍କର ଗର୍ଜ୍ଜ—ସମ୍ବାଦ । କେହି ହେଉ ରାଗ ଶଙ୍କର ଭରଣରେ ସ୍ୱାଗତ କରୁଛନ୍ତି । କେହି ଶଙ୍କର କଦଳୀ ଅନ୍ତର୍ଗତ କରୁଛନ୍ତି । କିଏ ବା…ଶଙ୍କର ବୋଲି ଗାଳି ନିର୍ଦ୍ଦିଷ୍ଟ କରୁଛନ୍ତି ।

× × ×

ଦିଲ୍ଲୀରେ ସଦିନ ପରିସ୍ଥିତି ? ଇତି ମାତୃଭୂମି ହେଡ୍ ଲାଇନ ।

…ଜଣେ ସଚିନ୍ ମୁନରେ ସୃଷ୍ଟି ହୋଇଛି ?

+ + +

ଅଜବ ରାଜ୍ୟରୁ ଓଡ଼ିଆଲିଭ ଉଠିଲେ —ସମ୍ବାଦ

…ଅନ୍ଧ ଦେଶକୁ ଗଲି ଦର୍ପଣ ବିକି ଇତି ଓଡ଼ିଲଃଜବାବ୍ ।

× × +

ହରି ଦାସଙ୍କର ବାଜିଲି ଘଣ୍ଟା

ଦେଖିଲି କେଳକୁ ଚାହିଁଆ ଘଣ୍ଟା—

ଇତି ଜନତା ।

…ସେଥିକି ମିଛିଛି ପାଟଳି ଘଣ୍ଟା

କିଏ ପଗୁରୁଛି ନିଅଣ୍ଟ ଅଣ୍ଟା

ଦୁନିଆ ସାରତି ହେଲେଣି ଖଣ୍ଟା

ଗରବର ବାରୁ ଶୁଖିଲି ଗଣ୍ଡ

× × ×

ନାୟକ—The Leader—ଏକ ସମ୍ବାଦପତ୍ରର ଦ୍ୱିତୀୟ ନାମ…ସମ୍ପାଦକ ଡାକ୍ତର ନୃସିଂହଚରଣ ସାମନ୍ତସିଂହାର ବା Editor. Call quicker man Lion foot feudalist lionkiller.

+ + +

ଓଡ଼ିଆଙ୍କ କପାଳ କ'ଣ ଫାଟେ ? ଇତି ନାୟକ ।…ଚନ୍ଦା ମୁଣ୍ଡ ହେଲ ବଡ଼ କପାଳ କରିବା ପାଇଁ ମହତାବ ଚନ୍ଦୁଲାଲଙ୍କୁ ପୂଜୁଥିଲେ ପରା ?

× × ×

ଝିଅ ବାହାପାଇଁ ଦଣ୍ଡ—ନାୟକ ସମ୍ବାଦ…ଜୁଆଇଁ ମୁଣ୍ଡଫାଟି ନାହିଁତ ?

+ × +

ବଡ଼ମ୍ବାର ବଡ଼ମା ଭାଙ୍ଗିବ । ଇତି କୃଷକ…କୃଷକ ଗୁଡ଼ାମ୍ବା ବାନ୍ଧିବେ ?

+ + +

ଲକ୍ଷ୍ମୀ ଓ ଗୁଣଣ ଭୂତ—କୃଷକ ପ୍ରବନ୍ଧ…କେତେଟା ଖଦଡ଼ ଧାଗା ଓ ମହତାବ ନବାବ ।

× × ×

କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସଂପର୍କ—ଇତି କୃଷକ ହେଡ ଲାଇନ୍ ।…ଭଲ୍ଲ ଲଙ୍ଗୁଡ଼

+ + +

ଉତ୍କଳ ଖଦୀମଣ୍ଡଳ—ଶ୍ରୀ ଗୋପବନ୍ଧୁ ଚୌଧୁରୀ…ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରଂ ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ…

ଭଗବାନ କରନ୍ତୁ ଲୋକଙ୍କୁ ବାଟ ଦେଖାଉ

× × ×

ଗଡ଼ଜାତ ଚାଷ—ଇତି ଲଣ୍ଡା ଦେହୁରି ।

…ସେତ ବାରମାସ—

ବାରମାସ ବେଶ ମଞ୍ଜୁଳାରେ—

ଅଶେଷ ଲୁଚ୍ଚାରୀ—ଶୀଳା ।

+ + +

କଂଗ୍ରେସର ଭଣ୍ଡାରଂଭ କର୍ମପନ୍ଥା—'ପ୍ରଜାତନ୍ତ୍ର'ର ପୋଷାକ

…ଲୁଗାକାଳ, ଟୋଟୋଇଲ, ଭେକ ନେଟବଲ ଜଲ ।

× × ×

"ବେଦ୍ୱଦନ୍ତି ମୁ ସ୍ମୃଷ୍ଟି ଅନୁଭବ କରୁଛି—ଓଡ଼ିଶାରର ଶିଳ୍ପ ବାସ୍ତୁରର ଅବାବ୍ୟକତା"—ମହାର ବ…

ଶୟନେ ସ୍ୱପନେ କିବା ଜାଗରଣେ

(ସେହି) ଲୁଗାକାଳି ରୂପ ଦେଖୁଛି ।

+ + +

କଂଗ୍ରେସ ସହିତ ସୋସାଲିଷ୍ଟ ପାର୍ଟିର ସଂଘର୍ଷ ହେବ ହିଁ ହେବ ଇତି ଲୋକମୁଖ

…ବର୍ତ୍ତମାନ କଣ ସଂଘର୍ଷ ଚାଲିଛି ?

+ × +

କଂଗ୍ରେସ ସରକାର ଅନୁପଯୁକ୍ତ ଅସମର୍ଥ ଓ ତାଙ୍କର ପରିକଳ୍ପନା କାମ୍ୟ ଅଗ୍ରଗତି ନାହିଁ—ଲୋହିଆ,

…ସେମାନେ ହାତେ ମାପି ଗୁଣଖଣ୍ଡେ ପଛକୁ ଘୁଞ୍ଚୁଛନ୍ତି — ସୋସାଲିଷ୍ଟଙ୍କୁ ସଙ୍ଗରେ ନେବାପାଇଁ

+ × ×

ଆମ ରଜାଙ୍କ ଗଡ଼ କୁଆଡ଼େ—ଇତି ସାରଙ୍ଗଧର…

ଦୁର୍ଦ୍ଦିନ ।

+ + ×

ପାର୍ଟିଫଣ୍ଡ—ଇତି ମୁକ୍ତି ଯୁଦ୍ଧରେ ନିବେଦନ

… କେହି କେଉଁଠର ପାର୍ଟିଫଣ୍ଡ ନ ବୁଝନ୍ତି ।

+ × ×

ଢେଙ୍କାନାଳ ପ୍ରଧାନମନ୍ତ୍ରୀଙ୍କ ପୁଅ ଲୁଗା ଚୋରୀରେ ଧରା ପଡ଼ିଲେ—ମୁକ୍ତି ଯୁଦ୍ଧ ସଂବାଦ ।

…ଢେଙ୍କାନାଳ ପ୍ରଧାନ ମନ୍ତ୍ରୀଙ୍କର ପୁଅ ନାହିଁ ।

× + +

Digitized by srujanika@gmail.com

# ଉଗରର ବିଚାର ଧାରା

—ସନ୍ଧାନୀ

ଓଡ଼ିଶା ର ରାଜନୀତି କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଆ ସ୍ୱାର୍ଥର ପ୍ରଶ୍ନ ଉଠୁଛି । ପ୍ରତ୍ୟେକ କଥାର ଭଲ ଓ ମନ୍ଦ ଥିଲା ପରି ଏ ଭାବର ଭଲ ଓ ମନ୍ଦ ଦୁଇଟି ଦିଗ ଅଛି । ଭଲ ଦିଗରେ ଏ ଭାବକୁ ପରିଚାଳନା କରିବାରେ ନେତୃତ୍ୱର ବାହାଦୁରୀ । ଏହାକୁ ସ୍ୱାର୍ଥରେ ନିୟୋଜିତ କରିବା ଯେତିକି ବିପଦ ସଙ୍କୁଳ, ଏହାକୁ ବିପଦ ବୋଲି ଗ୍ରହଣ କରିବା ସେତିକି ସ୍ୱାର୍ଥ ଚିନ୍ତାର ପରିଚାୟକ ।

ଓଡ଼ିଶାରେ ଉପରେ ଭାସୁଥିବା ରାଜନୀତି ଅଗ୍ରଣୀ ମାନେ ବର୍ତ୍ତମାନ ଦୁଇଟି ଅନନୁଷ୍ଠିତ ଦଳରେ ବିଭକ୍ତ । ଗୋଟିଏ ଦଳ କହେ— ସରକାର ଓଡ଼ିଆ ସ୍ୱାର୍ଥ ଚାହୁଁ ନାହାନ୍ତି । ବର୍ତ୍ତମାନ ଓଡ଼ିଆ ସ୍ୱାର୍ଥ ଜଗିବା ସବୁଠାରୁ ବେଶି ଦରକାର । ସରକାର ଦ୍ୱାରରେ ସବୁ ଦୋଷ ଲଦିଦେଇ ଏମାନେ ନିଶ୍ଚିନ୍ତ । ଅପର ପକ୍ଷରେ ସରକାର ଏହି ପନ୍ଥୀଙ୍କୁ ସ୍ୱାର୍ଥପର ପ୍ରଚାରକ, କଂଗ୍ରେସ ବିରୁଦ୍ଧ ପ୍ରଚାର ନାମରେ ଘୃଣ୍ୟ ପ୍ରମାଣିତ କରିବାକୁ ସାହସ ମଧ୍ୟ ପାଉଛନ୍ତି । କଂଗ୍ରେସ ମନ୍ତ୍ରୀମଣ୍ଡଳ କଂଗ୍ରେସ ନିର୍ଦ୍ଦିଷ୍ଟ ପଥରେ ଚାଲିବାରେ ଅନେକ କାମ କରିବେ । ସେ ଯାହା କରିବେ ତାର ବିରୋଧ କରିବାର ଅର୍ଥ କଂଗ୍ରେସ ବିରୋଧ ହୋଇ ନପାରେ । ବିଶେଷତଃ ଓଡ଼ିଆ ଆନ୍ଦୋଳନଟା କୌଣସି ମତେ କଂଗ୍ରେସ ବିରୋଧୀ ଆନ୍ଦୋଳନ ନୁହେଁ । ଓଡ଼ିଶାର କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତୀୟ କଂଗ୍ରେସର ନେତୃତ୍ୱ ଅଧୀନରେ ରହି ଅନ୍ୟାନ୍ୟ ପ୍ରଦେଶ ସହିତ ମିଶି ଲଢ଼ୁଥିଲେ । ତେବେ ଓଡ଼ିଆ ସ୍ୱାର୍ଥ ସମ୍ପୂର୍ଣ୍ଣ ଭାବରେ ଭୁଲି ପାରି ନଥିଲେ—କିନ୍ତୁ ବ୍ୟକ୍ତିଗତ ଭାବରେ କଂଗ୍ରେସ ନେତାମାନଙ୍କର ଏ ଦିଗରେ କାର୍ଯ୍ୟ ହିଁ ଓଡ଼ିଆ ଆନ୍ଦୋଳନକୁ ଠିଆ କରିଛି ଏବଂ ବଳ ଦେଇଛି ।

ବର୍ତ୍ତମାନ ଏହି ଦୁଇ ଦଳଙ୍କ କଥା ବିଚାର କରାଯାଉ । ଓଡ଼ିଆ ଆନ୍ଦୋଳନକାରୀଙ୍କ କଥା କହିବା ଲୋଡ଼ା ନାହିଁ । କାରଣ ଏମାନେ ନିଷ୍କ୍ରିୟ । କେବଳ ଖବର କାଗଜରେ ଏମାନଙ୍କର ମତ ପ୍ରକାଶହିଁ ସାର ।

ସରକାର କିନ୍ତୁ ମହତାବଙ୍କ ନେତୃତ୍ୱରେ ସକ୍ରିୟ । ତେବେ କାରଣ ସରକାର ଅର୍ଥ ଗୋଟାଏ କର୍ମଶୀଳ ଅନୁଷ୍ଠାନ । ବାଧ୍ୟ ହୋଇ ତାଙ୍କୁ କୌଣସି ନା କୌଣସି କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼େ । ମହତାବଙ୍କର ଏ ନେତୃତ୍ୱକୁ କଂଗ୍ରେସ ନେତୃତ୍ୱ ବୋଲି ବୁଝିବା ଭୁଲ । ବରଂ ମହତାବ କଂଗ୍ରେସ ନାମରେ ନିଜର ଶକ୍ତିକୁ ଏବଂ ଅପ୍ରାସଙ୍ଗିକ ଯୁକ୍ତିକୁ ଲୋକଙ୍କ ଉପରେ ଚପାଇ ଦେବାକୁ ଯାଉଛନ୍ତି । ମହତାବଙ୍କର କର୍ମସ୍ପୃହା ଅଛି । କର୍ମ ପ୍ରେରଣା ଅଛି । ସେ ଯଦି ସାମାନ୍ୟ ଭୁଲ ବାଟରେ ପରିଚାଳିତ ହୁଅନ୍ତି ତେବେ ତାଙ୍କର ନେତୃତ୍ୱ ନେଇ ସେ ଜାତିକୁ ଅନ୍ଧାରରେ ଠେଲି ଦେବେ ବୋଲି ଭୟ ହେବାରୁ ଆମେ ବାଧ୍ୟ ହୋଇ ଗୋଟିଏ ଗୋଟିଏ ଆଲୋଚନା କରିବାକୁ ଯାଉଛୁ ।

'ପ୍ରଜାତନ୍ତ୍ର'ରେ ମାନ୍ୟବର ମହତାବଙ୍କ ସ୍ୱନାମୀ ସମ୍ପାଦକୀୟ ଦୁଇଟି 'ସତ୍ୟାନୁସନ୍ଧି' ଓ 'ସାଧୁ ସାବଧାନ' ପଢ଼ିଲେ ସ୍ପଷ୍ଟ ବୁଝା ପଡ଼ିବ ଯେ ଜାତି ଗୋଷ୍ଠୀ ଓ ସମ୍ପ୍ରଦାୟ ଏ ତିନୋଟି କଥାକୁ ଯଥା ସ୍ଥାନରେ ରଖି ଇତିହାସର ପରମ୍ପରା ଓ ବର୍ତ୍ତମାନ ପରିସ୍ଥିତିର ବିଚାର କରିବାର ଅବସର ସେ ପାଇ ନାହାନ୍ତି ।

"ଲକ୍ଷଦେଶର ଅର୍ଥନୈତିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଗୋଷ୍ଠୀପ୍ରୀତି ସ୍ଥାନରେ ସତ୍ୟାନୁସନ୍ଧି ଦେଶାସକ୍ତି ଜାଗି ଉଠିଛନ୍ତି । ଯୋଗସୂତ୍ର ସେ ପ୍ରକାର ସ୍ୱତନ୍ତ୍ର Sectarian ମତ ସ୍ଥାନ ନେଇ Nationalism କୁ । ଗୋଷ୍ଠୀ ସ୍ଥାନରେ ଜାତି ଠିକ୍ ନୁହେଁ । ସେ ଜନ୍ମ ଲେଖକରେ ମୁକ୍ତରେ ଯେ ଜାତୀୟତାବାଦର ଉତ୍କଟ ରୂପ ନେଇ ଜର୍ମାନ ନାତ୍ସିବାଦ ଗୋଷ୍ଠୀବାଦିତ ନୁହେଁ—ଅସହ୍ୟ ଜାତୀୟତାବାଦ । ଗତ ଯୁଦ୍ଧରେ ଜର୍ମାନର ପରାଜୟ ଦ୍ୱାରା ସେ ଜାତୀୟତାବାଦର ପରାଜୟ ହୋଇଅଛି; ବରଂ ତାହା ନଷ୍ଟ ହୋଇନାହିଁ ଏବଂ ସେ ଏକ ନୂଆ ରୂପ ଧରି ପୃଥିବୀର ରଙ୍ଗମଞ୍ଚରେ ଠିଆ ହେଉଛି, ଏପରିକି ସାମ୍ୟବାଦୀ ରୁଷରେ ଜନ୍ମ ମଧ୍ୟ ସେଥିରେ ଦୂଷିତ ହୋଇଛି ।

ମହତାବଙ୍କ ମାନଚିତ୍ର ଯେ ଭାରତର ଅର୍ଥନୈତିକ ପରିବର୍ତ୍ତନ ନ ସହିଲେ ମଧ୍ୟ ସଂଗଠନ ଜାତୀୟ ସମ୍ପର୍କ ଯୋଗୁ ଭାରତରେ ସତ୍ୟାନୁସନ୍ଧି ମତ ବଢ଼ିବ । ଏପରି ଯଦି ମହତାବଙ୍କ ଇଂରେଜର ଜାତୀୟତାବାଦ ବା ତାଙ୍କ ଭାଷାରେ ସତ୍ୟାନୁସନ୍ଧି ଓ ଭାରତର ସତ୍ୟାନୁସନ୍ଧି ବା ଆମ ଚଳନ୍ତି କଥାରେ ଜାତୀୟତାବାଦର ପାର୍ଥକ୍ୟ ସତ ଦୃଷ୍ଟି ଦେଇ ଥାନ୍ତେ ତେବେ ତାଙ୍କର ଚିନ୍ତା ନିର୍ମଳ ହୋଇ ପାରିଥାନ୍ତା ଏବଂ ସେ ଗୋଷ୍ଠୀ ଓ ସତ୍ୟ ଭିତରେ ଏପରି ଅସ୍ୱାଭାବିକ ରେଖା ଟାଣିବାର ସାହସ କରି ନଥାନ୍ତେ । ଭାରତର ଜାତୀୟତାବାଦ ଅନୁସନ୍ଧାନୀ ଜାତ୍ୟଭିମାନ ନୁହେଁ—କାରଣ ପରାଧୀନର ଯନ୍ତ୍ରଣାରୁ ଜନ୍ମ, ଅର୍ଥନୀତିର ଶୋଷଣ ସେ ନୁହେଁ । ଭାରତର ଜାତୀୟତାବାଦ ଆତ୍ମରକ୍ଷା ମୂଳକ ଜାତୀୟତାବାଦ । ସୁତରାଂ ସେଥିରେ ଅନ୍ୟର ଅଧିକାରର ଅପହରଣ ନାହିଁ ସେଠି ସେ ଜାତୀୟତାବାଦର ପରସ୍ପର ସୃଷ୍ଟି ହୋଇ ଯାଇଛି ସିନା— ତାର ଗୋଷ୍ଠୀବାଦିତାର କଳଙ୍କ ଅର୍ଥ ଆପଣାର ସନ୍ତାନକୁ ସୋହାଗିବା ଛଡ଼ା ଅନ୍ୟ କିଛି ନୁହେଁ ।

ଧରାଯାଉ ଆଜ ଯଦି ଭାରତ ସଂଘ ଓଡ଼ିଆ ସ୍ୱାର୍ଥ ସୁରକ୍ଷିତ କରିବାରେ ତେବେ ସେ ପାକିସ୍ଥାନ ଭଳି ସ୍ୱତନ୍ତ୍ର ହେବାର ଦାବି କରି ନ ପାରେ କି ? ଏବଂ ସେ ଦାବିକୁ କଂଗ୍ରେସ ଅସ୍ୱୀକାର କରିବ କି ? ପାକିସ୍ଥାନର ସମସ୍ତ ହିନ୍ଦୁ ମୁସଲମାନ କଂଗ୍ରେସ କର୍ମୀଙ୍କୁ କଂଗ୍ରେସ ପାକିସ୍ଥାନରେ ସତ୍ୟାନୁସନ୍ଧି ହେବାକୁ କହିବାବେଳେ ମହତାବଙ୍କ ପ୍ରତିବାଦ କରିବେ କି ?

ଇଂରେଜର ଚରମତମ ସାହିତ୍ୟ—ଭାରତ ସତ୍ୟ ପ୍ରସ୍ତାବ ଅଙ୍ଗୀ ପାରନ୍ତି । ଏସିଆର ଜାତୀୟ ଭାରତର ଭୂମ୍ୟ ଜଥାରୁ ଚେତନା ଦେଇଥା ସଙ୍ଗେ ସଙ୍ଗେ ଭାରତର ମାଟି, ଭାରତର ଜଳ, ଭାରତର ଜନ ଲକ୍ଷଣୀ ସକଳଙ୍କ ମଙ୍ଗଳ କାମନା କରି ପାରନ୍ତି; କିନ୍ତୁ ଆମ ଯେ ଆପଣାର ମଙ୍ଗଳ ପାଇଁ କୌଣସି କଥା କହିବାକୁ ଯାଉଁ ସେତେବେଳେ ଅଡଙ୍ଗିଆ ହେଲା କହିଲେ ମନର ପରିଚୟ ?

ଜାତି ଗୋଷ୍ଠୀ ବା ସଂପ୍ରଦାୟ ଏପରି କୌଣସି ମତ ମଧ୍ୟ ଅନ୍ୟାୟ ନୁହେଁ, ଯାହା ଯେ ଆତ୍ମରକ୍ଷା ମୂଳକ ହୁଏ । ବରଂ ତାହା ଗୌରବ । କିନ୍ତୁ କ୍ଷମତାପନ୍ନ ଲୋକେ ଆପଣାର କ୍ଷମତା ବା ପ୍ରତିପତ୍ତି ରକ୍ଷା ପାଇଁ ସାଧାରଣଙ୍କ ଏହି ସୁପ୍ରବୃତ୍ତିକୁ ଭୁଲ ମାର୍ଗରେ ପରିଚାଳନା କରିଥାନ୍ତି । ସାମନ୍ତବାଦୀ ସମାଜ ଗୋଷ୍ଠୀ ଚିନ୍ତାର ଯେପରି ସୁଯୋଗ ନେଉଥିଲେ ଧୂର୍ତ୍ତବାଦୀ ସମାଜ ଜାତୀୟତାବାଦର ସେହିପରି ସୁଯୋଗ ନେଉଛି ଏବଂ ଭୁଲ ମାର୍ଗରେ ପରିଚାଳନା କରି ତାହାର ସଜୀବ ଶକ୍ତିରେ ବାଧା ଦେଉଛି ।

ଓଡ଼ିଶାର ଓଡ଼ିଆ ଆନ୍ଦୋଳନକାରୀମାନେ ଓଡ଼ିଆ ସ୍ୱାର୍ଥ ରକ୍ଷିବା ନାମରେ ଯଦି ଅଳ୍ପ ଆପଣାର ନେତୃତ୍ୱବାଦ ଓ ସ୍ୱାର୍ଥବାଦର ସନ୍ନ୍ୟାସ ଦେଇ ଥାନ୍ତି ତେବେ ସେମାନେ ଅବଶ୍ୟ ଭୁଲ କରୁଛନ୍ତି । ସେହିପରି ମହତାବ ଜାତୀୟ ଦଳର ଦାବି ଦେଇ ନେଇ ନେତୃତ୍ୱବାଦ ଓ ସ୍ୱାର୍ଥବାଦର ସ୍ଥାପନା କରିବାର ଚେଷ୍ଟା ମଧ୍ୟ ଅନ୍ୟ ପକ୍ଷରେ ମାରାତ୍ମକ ।

ଜାତୀୟ ମତ ବା ଗୋଷ୍ଠୀବାଦ ବା ବ୍ୟକ୍ତିବାଦ ଅପେକ୍ଷା ସମ୍ପ୍ରତି ଭାରତ ଅଧିକ ସ୍ୱୀକୃତ ହୁଏ ତେବେ ଉତ୍କଳୀୟ ଦୋଷାଦୋଷ ଅପର ନେତୃତ୍ୱ ଉପରେ । ମହତାବଙ୍କ ଇତିହାସର ଭୁଲ ହୋଇ, ଇଂରେଜର ସତ୍ୟାନୁସନ୍ଧି ଯେଉଁ ଅର୍ଥ ନବ ରୂପରେ ପ୍ରତିଷ୍ଠିତ ତାହାର ସଂଧାନ ପାଇ ଯଦିଓ ଦେଶର ମିଳ ମାଲିକ ଓ ପୁଞ୍ଜିପତି ମାନଙ୍କଦ୍ୱାରା ପରିଚାଳିତ ହେଉଥିବା ଜାତି ବିଷୟରେ ତେବେ ଓଡ଼ିଆବାଦ ଓ ଭାରତୀୟ ... ବା ମହତାବଙ୍କ ଭାଷାରେ ସତ୍ୟାନୁସନ୍ଧିବାଦ ଉତ୍କଟ ରୂପ ନେବ ସେଥିପାଇଁ ଅନ୍ୟକୁ ଦୋଷୀ କରିବାରେ ଲାଭନାହିଁ ।

Digitized by srujanika@gmail.com

( କାହାଣୀ ୫ପୃଷ୍ଠା ପରରୁ )

କଥା । ଯୋଉଁ ପତିମାନେ ବେଶି ବଳାତ୍କାର କରନ୍ତି ବା ଦୂର କରାଏ, ତୁମ୍ଭ ବେଶି ଦଣ୍ଡ ଛ ବଜାର ଭିତରେ ଗର୍ବ କରନ୍ତି, କେଲୁ ନନ ଟଙ୍କାର ପଇ ଦୁଃଖ ସମୁଦାୟ ଜନ ଟଙ୍କା ଗର୍ବ କରଇ ।

ସନ୍ଧ୍ୟାବେଳୁ ଆରମ୍ଭ ହେଲ ଅଭସତାଷ ନାମ ଦଳ ପଢ଼ଶରେ ।

ବଡ଼ ଭୂଷଣର କହଇ—"ତୁମେ ଭୂଷଣ, ତୋହର ନାମ ବାଦ ଦେଇଗଲା । ସୋଟାଏ ବାଟ ଦାବେଲି ନ ଲଗେଇବେଲ ପୂଜର ବିଶିକ ନାହିଁ"—

"ନାମ୍ ବେରେ"—

"ଟଙ୍କାରେ ଦଟ"—

ସବେଭ ଏତକ ନାମ ବାଦ ଉଦ୍ଧସିବ ନାହିଁ ନ ? କରେଭ ଡାଲଚଁ ଉପରେ ନଭଯ ପଡ଼ଲ, ଦଲଡ଼ ଯାଉଁ ଗଲସ ସାସ୍ତ ଷାଗରେ ବଙ୍କା ଦେଇ ସୋଟାଏ ଟଙ୍କା ଅଣିଲ । ବନାକୁ ଟ୍ରେନ୍ ଗୋସାମ୍ଭ ବର ତା ହାତରେ ବିଟା ହାବେଜ ମସେଲନ୍ ।

ଲଗେଇବ ତା ଚଏ ? ସେଇ ବନା ସୋଟାଏ ଲଗେଇନ୍ ।

ସୁର୍ ର୍ ଉର ର୍ ଉର୍ ର୍ ଉଡ଼୍ ର୍ ସା·ଁ-ଁ ହୋଇ ହାବେଜଟା ଉପରେ ଯାଇ ଗୁଡାଏ ଧଳା ନାଲି ନେଳ ଅଲ ଯୋଟଭବେଳେ ବାନ୍ତି କର ପଡେଇଲ, ଭୂଷଣର ଅନନ୍ଦ ନ ଅଲ ସମ୍ଭଳା ଉଠେ, ଅନନ୍ଦରେ ବଢ଼ାଟ ଦେଇ "ମହାତ୍ମା ଗାନ୍ଧିଙ୍କ ଜୟ" ହୋ ହୋ ପାଟ ଓ ହସରେ ସାହ୍ଲଟା ସରମ ଗରମ ହୋଇଗଲ । ଏହାରେ ତାଙ୍କ ଫୁଟେଇନ ଲୋକମାନେ କଥଣ ଭୂଷଣଠାରୁ ବେଶି ତୁଚ୍ଛ ହୋଇ ଥିବେ ? ଏହ ଏହ ଟଙ୍କା ବାଣ ଲଗି ସେମାନେ ଗର୍ବ କରୁଛନ୍ତି, ଏଲୁ ଭୂଷଣ ଭାଇ ତଡ଼ା ତଳର ଉପାୟ କରେଇ ଓ ନାଲଟି ପର୍ଯ୍ୟନ୍ତ ବାଣ ଲଗି ଗର୍ବ କରୁ ଦେଉଛ ।

ସାହ୍ୱ ଟୋକାଙ୍କ ମୁଣ୍ଡରେ ସୋଟାଏ ଅଭସବ ଶିଖଲ୍ ପଡ଼ିଲ । ଥୋଡ଼େ ଅସେ ଭୂଷଣକୁ କହିଲେ "ଭୂଷଣ, ତୁ ଅଭ ହାବେଜଟା ଲଗା, ନହେଲେ ସିଦା ଲଗେଇଲେ ହଇ ।" ଭୂଷଣ ଦୁହାଇ ପାଦ ନୂଡ଼ଇ, ଉଦ୍ଦେଶ୍ୟଟା ସେଇନ । "ତଥବା, ସେଥିରେ କଥଣ ସୋଟାଏ ପାଠଅଛ, ନଥିଁ ତଏ ସେଇ ଦେଉ, ସୁର୍ ସୁର୍ ହେଲେ ଲଗେଇଛ" ମଜା ଦେଖିବା ପାଇଁ ସାହ ଟୋକାଏ କହ ଉଠିଲେ "ହଁ ହଁ ସେଉପ୍ରାଭ କଥା, ତୁ ଲଗେଇବୁଟ ।" ଭୂଷଣ ନାକ ଟେଇକସ କର ଅଣ୍ଟାରେ ଭିଡ଼ିଦେଲ । ହାବେଜଟାକୁ ଧରଲ । ସୋଟାନାଲ ଟରୁଥାଏ । ନିଦ୍ରାଟାକୁ ଟ୍ରେନ୍ ଦମ୍ଭକର ନଥିଁ ବଢ଼ାଟାକୁ ହାବେଜୀ ମୂର୍ତ୍ତିରେ ସେଞ୍ଜି ଦେଲ । ହାବେଜୀ ହେଲ— ସୁର୍ ର୍ ଉର୍ ର୍ । ସ୍ୱରାଷ୍ଟ ଯାବ ଟୋକାମାନେ ଠିଷ ହୋଇ କହୁଥାନ୍ତି "ଧରଥା, ଟ୍ରେନ୍ ଡୋରରେ ଧରଥା" ଭୂଷଣ ସର୍ଭନ ଶୁଣି ଉଠଗଲ । ହାବେଜଟାକୁ ଫୋପାଡ଼ ଦେଲ । ହାବେଜଟା ସାହ ଟୋକାଙ୍କ ଅସ ମଝି ପଡ଼େଇଲ । ବୋପା ଲୋ ମାଅ ଲୋ ହୋଇ ସେ ଯୁଏଡ଼େ ପଳେଇଲେ । ଅଲ ବାହାକୁ ଅପରେ ନପାଇ ହାବେଜ ପଶିଗଲା ଭୂଷଣ ଘର ଭିତରକୁ । ଭୂଷଣ ପାଟରେ କଥା ନାହିଁ । ପଥର ପାଲଟ ଗଲାଣି । ଚାଲିବାକୁ ବଳ ସ୍ୱହିଁ । ଚାଳ ଟେଡ଼ା ପଶିଲା ଫେଳକ ସରେ ନଥିଁ ଧର ସାଇଲାଣି । ସାହ୍ୱ ଟୋକାଏ, "ଅରେ ପାଣି, ଅରେ ବାଲିଟ" କରୁ କରୁ ନଥିଁ ସ୍ୱଳ ଉପରକୁ ଉଠି ଗଲାଣି । ବୋବାଡ଼େ ସୋଟାଏ ଠଣାରେ ସଟେଶ ଟଏ ଦୂତା ପାଇଁ ରହ ଥିଲେ । ଭୂଷଣ ସମସ୍ତେ ହାଁ ହାଁ କରୁ କରୁ ଠାବରକୁ ନେଇ ଅଟିବାଲାଗି ଜଳନ୍ତା ଘର ଭିତରକୁ ପଶିଗଲା । ସଟେଶଙ୍କୁ ହାତରେ ଧରଛ, ଟିକ୍ ସେଇତ ବେଳେ ଜଳନ୍ତା ଖେଦୋଟା ମୁଣ୍ଡ ଉପରେ ଖସି ପଡ଼ିଲା । ସାହ୍ୱ ଟୋକାଏ ଟ୍ରେନ୍ ସାହସରେ ତା ଦଉଡ଼ପାଖା ଦେହକୁ ଟାଣି ଅଣିଲେ । ହେଲେ, ସେ ଅଭ ଅଣ୍ଟ ଫିଟେଇଲା ନାହିଁ । ପଢ଼ବା କାଇଁଷ ମୂଳରେ ନଥିଁ ଧଇଲା, ତାଉଁଷଟା ବ୍ୟାପ୍ତକର ଅସରୁ ଭଙ୍ଗି ପଡ଼ିଲା । ପଢ଼ବାଟ ବଞ୍ଚିଗଲା ଏଲୁ ଭୂଷଣର ଅଭ ଚଇ ରହଲା ନାହିଁ । ତାର ସଙ୍ଗ୍ର ସ୍ୱପ୍ନ ସେ ନଟେ ବ ଗର୍ବ ହୋଇଗଲା । ସବୁ ଘୁରି ହେଲା ବାଦ ନଥିଁ ଭଣ୍ଡ ମଝଇ ସାଉ ଅପ ପଡ଼ିଥି ଗଲା । ନଥିଁ ଲଗ୍ରତ ଦଳ ହାଣ୍ଡି ଶୁଣ୍ଡରେ ପାଣି ପଡ଼ିଲା ଉଚ ନସ୍ତ ଭଷ ପାଣି ଫେପଡ଼ ସବୁ ଉଭୟର ଧୋଇଯାଇ ଦେଲେ ।

ଡ଼ସ୍ତ୍ରାଏ ବାଦ ସମାଚାରରେ ବାହାରିଲା ଯେ ସେପଣୀ ନାମ କଟେଇଲ ଦଳେଇଙ୍କର ସବୁଠାରୁ ବେଶି ହୋଇଥିବା ଲାଗି ପ୍ରଥମ ପୁରସ୍କାର ପାଇ ଅଛନ୍ତି ଓ ଉଗତ ବାରୁଙ୍ଗର ସବୁଠାରୁ ବଢ଼ିଆ ବାଣ ହୋଇଥିବା ଲାଗି ପ୍ରଥମ ପୁରସ୍କାର ପାଇ ଅଛନ୍ତି । ଖବର ସାସ୍ତ ଶୁଣିଲା । ହସି ହସି ସାହ୍ୱ ଟୋକାଙ୍କୁ କହିଲା "ହେଲେ, ଭୂଷଣର ସେପଣୀ ଓ ବାଣକାମ ସମସ୍ତଙ୍କ ଠାରୁ ବଢ଼ି ଯାଇଛି ।" ଏତେ କାଣ୍ଡ ହୋଇ ସାହ୍ୱ ଟୋକା ତବ ହସି ଉଠିଲେ ।

—※—

( ସାମ୍ପ୍ରତିକ ୧ମ ପୃଷ୍ଠା ପରରୁ )

ଗୋଡ଼ ହାତ ଧରି କେତେ କାନ୍ଦିଲି ଗୋ,
ପଦ ପାଇଁ ମୁ ଫନ୍ଦା ପାନ୍ଦିଲି ସଜନ ଗୋ ।

[ ୯ ]

ପ୍ରତାପେ ବନାନ୍ତୁ ଭୂତ,
ମନ୍ତ୍ରୀ ପଟଣି ଅଙ୍ଗ କରିନ୍ତୁ ପୂତ ଗୋ,
ବାକି ରହିଗଲି ରାଜ ଦୂତ ସଜନ ଗୋ ।

[ ୧୦ ]

ଅଉ କେ ହୋଇବ ସବ ?
ମହାତପୀ ନାମେ ପଣ୍ଡିତ ହୁର ଗୋ,
[ମୋର] କ୍ଷୀଣ ହେବ ଅଙ୍ଗ ଝୁରି ଝୁରି ସଜନ ଗୋ

[ ୧୨ ]

ରଖ ହେ ଓଡ଼ିଆ ଠେକ,
ଘୁଚିଅଡ଼ୁ ମୋର ନଗୁଡ଼ା ଭେକ ଗୋ,
କାସ କରୁଛୁ ମୁଁ ଥରେ ଦେଖ ସଜନ ଗୋ ।

[ ୧୨ ]

ମେଣ୍ଟା ଓ ଓଡ଼ିଆ ଲୋକ
ନ ବୁଝି ଅଡ଼ୁଆ ଲଗାନ୍ତ ଥୋକେ ଗୋ,
ମୁଁ ଯେ ହଡ଼ଯାଏ ଲଟେ ଶୋକେ ସଜନ ଗୋ

[ ୧୩ ]

ତଥାପି ନାନ୍ଦବ ଯେବେ
ଢ଼ାଁ ମାଟ ଘୁଲିଯିବ ମୁଁ ଡେବେ ଗୋ,
ଫଳେ ଓଡ଼ିଆଏ ଭାବ ହେବେ ସଜନ ଗୋ ।

[ ୧୦ ]

ଗୁପତେ ଦେଉଛୁ କହି,
ଭୁହ ଯେଣୁ ମୋର ପରାଣ ସହି ଗୋ,
ନ ପାରିବ ଏ କଥଣି ବହି ସଜନ ଗୋ ।

[ ୧୫ ]

ଏ ପାପରେ ଦୂତୀ **କବ**
ସେପାଖେ ଲଳିତା **କିଛ୍ୟା**ନୁଭବ ଗୋ
ରାଧା କହନ୍ତି ଭାଲି ମାଧବ ସଜନ ଗୋ ।

Digitized by srujanika@gmail.com



ଶ୍ରୀମଦ୍ଭାଗବତ [ ଦ୍ୱିତୀୟ ସ୍କନ୍ଧ ] ଶ୍ରୀ ବୈକୁଣ୍ଠ ଚରଣ ନନ୍ଦ ଗୌର ଗୋବିନ୍ଦମଠ, ବାଙ୍କି । ପୃ ୬୮ ଷ୍ଟା ମୂଲ୍ୟ ଚାରିଅଣା ।

ସଂସ୍କୃତ ଭାଗବତ ଗ୍ରନ୍ଥର ଓଡ଼ିଆ ଗଦ୍ୟାନୁବାଦ । ଭାଷା ପ୍ରାଞ୍ଜଳ ଓ ସରଳ । ସଂସ୍କୃତ ଜାଣି ନଥିବା ବ୍ୟକ୍ତି ଏଥିରୁ ମୂଳ ଗ୍ରନ୍ଥର ଆସ୍ୱାଦନ ପାଇ ପାରିବେ । ଅନୁବାଦକ ଏହା ପୂର୍ବରୁ ପ୍ରଥମ ସ୍କନ୍ଧ ପ୍ରକାଶ କରି ସାରିଛନ୍ତି । ଆଶାକରୁ କ୍ରମେ କ୍ରମେ ବାକି ଗ୍ରନ୍ଥକ ଶୀଘ୍ର ପ୍ରକାଶ ପାଇବ । ଏଥିରେ ଯେଉଁମାନେ ସହାୟକ ସେମାନେ ଧନ୍ୟବାଦାର୍ହ ।

ସଙ୍ଗୀତ ସ୍ୱପ୍ନ—ଶ୍ରୀ ଗୌରମୋହନ ପ୍ରଧାନ, ନବଜୀବନ ଔଷଧାଳୟ, ପୋଃ ମାର୍କୋନା, ମୟୂରଭଞ୍ଜ । ପୃ ୩୫ ଷ୍ଟା ମୂଲ୍ୟ ଅଠଅଣା ।

ପୃଥିବୀରେ ଚାଲିଥିବା ଅଶାନ୍ତି, ଉପଦ୍ରବ, ବିଦ୍ୱେଷ, ଧ୍ୱଂସ ପ୍ରଭୃତି ଉପରେ ଉପଶମ ହୋଇ ବିଶ୍ୱମୈତ୍ରୀ ଓ ବିଶ୍ୱପ୍ରେମ ସ୍ଥାପିତ ହେବ ତାହା ହିଁ ଗୋଟିଏ କାଳ୍ପନିକ ଚିତ୍ର । ଆଧ୍ୟାତ୍ମିକତାର ପୁନରୁତ୍ଥାନ ଉପରେ ଲେଖକ ଜୋର ଦେଇଛନ୍ତି । ବହି କେନ୍ଦ୍ରିକର ବହୁଳ ପ୍ରଚାର ଆମେ କାମନା କରୁଁ ।

ମାର ଡ଼ାକ—ଶ୍ରୀ ଗୌରମୋହନ ପ୍ରଧାନ । ପୃ ୩୬ ଷ୍ଟା ମୂଲ୍ୟ ଛଅଣା । କବିଙ୍କର ଏକଶତ ୨୪ ଗୋଟି ଜାତୀୟ କବିତା ଏହି କ୍ଷୁଦ୍ର ପୁସ୍ତିକାରେ ସ୍ଥାନ ପାଇଛି । କବିତା ଗୁଡ଼ିକ ସୁର ସମ୍ବଳିତ ଭାବେ ଗୀତ ହୋଇପାରେ । ସ୍ୱଦେଶ ପ୍ରେମ ଓ ଜାତୀୟତାର ଉଦ୍ଦୀପନା ପ୍ରତ୍ୟେକ କବିତାରେ ବ୍ୟଞ୍ଜିତ ।

ସ୍ୱପ୍ନ ସିନ୍ଦୂର—ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା ପ୍ରକାଶକ, ଷ୍ଟୁଡେଣ୍ଟ ଷ୍ଟୋର, ବଡ଼ ପୁର । ପୃ ୪୩ ଷ୍ଟା, ମୂଲ୍ୟ ଅଠଅଣା ।

ଏହା ଗୋଟିଏ ସାତଗୋଟି ନାତିଦୀର୍ଘ କବିତା ସଙ୍କଳିତ ହୋଇଛି । ଏହିରେ ବନ୍ଧୁର ଉଦ୍‌ଭ୍ରାନ୍ତ ପ୍ରେମିକର ବ୍ୟାକୁଳତା ଅବେଦନ । ମୁକ୍ତ ଛନ୍ଦରେ ଲେଖା, ମାତ୍ର ଛନ୍ଦେ ଭଙ୍ଗ ନାହିଁ । ଭାଷା ମଧୁର ସାବଲୀଳ ଓ ପ୍ରାଣସ୍ପର୍ଶୀ । ପ୍ରେମ କବିତା ଅନେକ ଲେଖନ୍ତି । ତରୁଣ କବିମାନଙ୍କର ପ୍ରାୟସଃ କବି ଜୀବନର ଆରମ୍ଭ ହିଁ ଏ ପ୍ରେମ କବିତା ଲେଖାରେ । ମାତ୍ର ସ୍ୱପ୍ନ ସିନ୍ଦୂର ସାଧାରଣ ପ୍ରେମ କବିତା ପୁସ୍ତକ ନୁହେଁ । ଏହାର ଭାବ ଓ କଳ୍ପନା ଅତି ଉଚ୍ଚ ଧରଣର । ପଢ଼ିଲେ ହୃଦୟ ରସାପ୍ଳୁତ ହୋଇଉଠେ । ନବୀନ କବିଙ୍କୁ ଆମ୍ଭେମାନେ ଉତ୍କଳ ସାହିତ୍ୟ ଦରବାରକୁ ସମ୍ଭାଷଣ କରୁଛୁଁ ।

ବିଶ୍ୱ କଲ୍ୟାଣୀ—ଶ୍ରୀମତୀ ସରଳା ଦେବୀ । ପ୍ରକାଶକ ଷ୍ଟୁଡେଣ୍ଟସ୍ ଷ୍ଟୋର । ପୃ ୮୦ ଷ୍ଟା ମୂଲ୍ୟ ଚାରିଅଣା ।

ପ୍ରତିଭାଶାଳିନୀ ସାହିତ୍ୟିକା ଶ୍ରୀମତୀ ସରଳ ଦେବୀଙ୍କ ଲେଖନୀ ପ୍ରସୂତ ସ୍ୱଦେଶୀ ଓ ବିଦେଶୀ ସାତଗୋଟି ବିଶ୍ୱକଲ୍ୟାଣୀ ନାରୀଙ୍କର ସଂକ୍ଷିପ୍ତ ଜୀବନ କାହାଣୀ । ଭାଷା ସତେଜ ଓ ସାଧୁ । ସ୍ୱଦେଶ ଓ ସ୍ୱଜାତି ନିମନ୍ତେ ଆତ୍ମତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆଦର୍ଶ, ତରୁଣ ପ୍ରାଣରେ ଉଦ୍ଦୀପନା ଅଣିବ ତାହା ଅସ୍ୱୀକାର କରିହେବ ନାହିଁ । ଏ ଯୁଗରେ ଏହିପରି ପୁସ୍ତକ ବହୁଳ ଭାବରେ ପଠିତ ହେବା ପ୍ରୟୋଜନ । ଓଡ଼ିଶାର ବାଳିକା ବିଦ୍ୟାଳୟ ମାନଙ୍କରେ ପାଠ୍ୟରୂପେ ନିର୍ବାଚିତ ହେବା ପାଇଁ ବିଶ୍ୱ କଲ୍ୟାଣୀ ଖଣ୍ଡିଏ ଉପାଦେୟ ଓ ଉପଯୁକ୍ତ ପୁସ୍ତକ ।

କଳ ପୂର୍ଣ୍ଣୋଦୟ—ଶ୍ରୀ ବିକ୍ରମ ଦେବ ବର୍ମା, କଟକ ସତ୍ୟବାଦୀ ପ୍ରେସରେ ମୁଦ୍ରିତ । ପୃ ୭୭ ଷ୍ଟା, ମୂଲ୍ୟ ନାହିଁ ।

ସାହିତ୍ୟସମ୍ରାଟ୍‌ ଜୟପୁରାଧୀଶ ଶ୍ରୀ ବିକ୍ରମଦେବ, ଏହା ଧାରରେ କବି, ପଣ୍ଡିତ ଓ ଧାର୍ମିକ ବୋଲି ସୁବିଖ୍ୟାତ । ତେଲଗୁ ଭାଷାରେ ରଚିତ ଏକ ପ୍ରବନ୍ଧର କାବ୍ୟିକ ଆଦର୍ଶରେ ଏହା ଉଦ୍ୟାନରେ ଲିଖିତ । କାବ୍ୟର ଅଖ୍ୟାୟିକା ମନୋରମ ଏବଂ ଭାଷା ସାଧୁ । ରସାମୋଦୀ ପଣ୍ଡିତ ମାନଙ୍କର ଏକାନ୍ତ ଉପଭୋଗ୍ୟ ।

ସିକନ୍ତି ବିକ୍ରମଦେବ ଏ ବୟସରେ ଯେ ସାହିତ୍ୟ ସେବାରେ ନିମଗ୍ନ ଥାଇ ରସ ସୃଷ୍ଟି କରି ପାରୁଛନ୍ତି ଏହା ତାଙ୍କର ଅସୀମ ରସିକତାର ପରିଚାୟକ ।

ଦାମ୍ପତ୍ୟ ଜୀବନ — ଲେଖକ ଶ୍ରୀ ଗୌରଚନ୍ଦ୍ର ଦାସ, ପ୍ରକାଶକ କଟକ ଟ୍ରେଡିଂ କମ୍ପାନୀ । ଦାମ୍ପତ୍ୟ ସମ୍ବନ୍ଧରେ ଆବଶ୍ୟକ ଜ୍ଞାନ ଦାମ୍ପତ୍ୟ ଜୀବନରେ ଶିକ୍ଷାର ଏକ ଅଙ୍ଗ ।

କେବଳ ଉପଭୋଗ ନୁହେଁ — ଦାମ୍ପତ୍ୟ ଜୀବନ ଭିତରେ ସଂଯମ ତଥା ମନ କୁଶଳୀ ରୂପେ ଆନନ୍ଦ ଉପଭୋଗ କରିବା ଜୀବନର ମହତ୍ତ୍ୱ । ବାତ୍ସ୍ୟାୟନଙ୍କ କାମଶାସ୍ତ୍ର ପାଠ ଓ ଆପଣାର ଅଭିଜ୍ଞତା ପ୍ରସୂତ ଅନୁଭୂତି ଦେଇ ଲେଖକ ଲେଖିଥିବାରୁ ପୁସ୍ତକଟି ସୁପାଠ୍ୟ ହୋଇଛି ।

ମଜଦୁର ଅବାଜ—ଇଂରାଜୀ ସାପ୍ତାହିକ—କାମଦେବ ପୁରର ମଜଦୁର ମୁଖପତ୍ର । ପ୍ରକ୍ଷେପିତା ସ୍ୱର୍ଗତ ଦୀନ ସାହେବ । ସଂପାଦକ କାଜୀ ଓଡ଼ିଶାର ଭୂତପୂର୍ବ ସହକାରୀ ସମ୍ପାଦକ ନରେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ । ଭଟ୍ଟାଚାର୍ଯ୍ୟଙ୍କର ଦକ୍ଷତା ଏଥିରୁ ସୁସ୍ପଷ୍ଟ ବୁଝାପଡ଼େ । ପତ୍ରଟି ମଜଦୁର ମାନଙ୍କର ବହୁ ଜ୍ଞାତବ୍ୟ ବିଷୟରେ ପୂର୍ଣ୍ଣ । ଗାନ୍ଧୀଜୀଙ୍କର ମଜଦୁର ନୀତିକୁ ପୋଷଣ କରୁଥିବାରୁ ଏହା ଦେଶ ପକ୍ଷରେ ମଙ୍ଗଳ ସୂଚନା ଦେଉଛି ।

— * —

Digitized by srujanika@gmail.com

# ନାରୀ ଓ ରାଜନୀତି

**ଶ୍ରୀମତୀ ପ୍ରମଦା ଦେବୀ**

ଭାରତକୁ ସ୍ୱାଧୀନ କରିବାପାଇଁ ଆମଦେଶର ନାରୀମାନେ ପୁରୁଷ ମାନଙ୍କ ସହିତ ସମାନ କଷ୍ଟ ସହି କାମ କରିଛନ୍ତି ଓ ଜେଲ ଯିବା ପରି ବଡ଼ କରଣୀ ବୋଲି ଧରାଯିବ, ନାରୀମାନଙ୍କ କରଣୀ ବି ଅଳ୍ପ ନୁହେଁ। ପୁରୁଷମାନଙ୍କ ସଂଖ୍ୟା ଅନୁପାତ ଧରି ସେମାନେ ତୁଳନା କରନ୍ତୁ ସେମାନଙ୍କୁ ପାଞ୍ଚଲୋକେ ନିର୍ବୋଧବୋଲି କହିବେ। କାରଣ ଯେଉଁ ଅଧିକ ସଂଖ୍ୟକ ପୁରୁଷ ଦେଶର ରାଜନୀତିକ ସ୍ୱାଧୀନତା ପାଇଁ ଜେଲ ଯାଇଥିଲେ, ସେମାନଙ୍କ ଘର ହାଣ୍ଡି ଚୂଲି ସଜଡ଼ାଥାଏ, ଯେଉଁମାନଙ୍କର ନଥାଏ, ସେମାନଙ୍କ ଘରେ ଘରଣୀ, ମା, ଭଉଣୀ ହାଣ୍ଡି ଚୂଲି ପିଲାପିଲିଙ୍କ ଦାୟିତ୍ୱ ଇଚ୍ଛାରେ ହେଉ ଅନିଚ୍ଛାରେ ହେଉ ପରିସ୍ଥିତି କ୍ରମେ ଅତୁଟାଇ ନେଇଥିଲେ। ଯେଉଁମାନେ ଜେଲ ଯାଇଥିଲେ, ସେମାନଙ୍କ ଘର ଦାୟିତ୍ୱ ପୋଷ୍ୟମାନଙ୍କର ବଞ୍ଚିବାର ଦାୟିତ୍ୱ ନେଇଥିଲେ ଆମ ମଫସଲିଆଣୀ ମୂର୍ଖ ଗାଁ ଗଣ୍ଡାବାଲି ମାଇପେ। ସୁତରାଂ ପୁରୁଷଙ୍କ କୃତିତ୍ୱ ନାରୀର ସୌଜନ୍ୟ ଓ ଦୟାରୁ। ନିଜେ ଜୀବନ ସଂଗ୍ରାମର କଠିଣ ପରିସ୍ଥିତିକୁ ଯୁଦ୍ଧକାଳରେ ଅତୁଟାଇ ନେଇ କଳା ପୋତେଇକି କରୁଣୀ ସ୍ୱୀକାର ହୋଇ ମହାଜନ ସାହୁକାରର ଦେଣା ତଳ ତଳେ ପେଷିହୋଇ ଭାଇ ଦିଅରଙ୍କ କୁଟେଇକୁ, ଅପମାନ, ଲାଞ୍ଛନା, ଲାଞ୍ଛନାର ଲକ୍ଷ୍ୟସ୍ଥଳହୋଇ ପୁରୁଷମାନଙ୍କୁ ଜେଲରେ ଦାୟିତ୍ୱଶୂନ୍ୟ, ଫୁଲ ଫାଙ୍କିଆ, ନିଶ୍ଚିନ୍ତ ଜୀବନ ଯାହା ଯୋଗେଇ ଦେଇଥିଲେ ଭାରତର ନାରୀ—ଓଡ଼ିଆନାରୀ। ସୁତରାଂ ପୁରୁଷ ଅନୁପାତରେ ସ୍ୱାଧୀନତା ସଂଗ୍ରାମରେ ନାରୀ କରିଛନ୍ତି ବେଶି ତ୍ୟାଗ— ସହିଛନ୍ତି ଅକଳନ ଅସୁବିଧା— ଅସହ୍ୟ ବାସ୍ତବତା। କିନ୍ତୁ ନାରୀମାନଙ୍କର ଦେହ ଗଠନ ଓ ମନ ବିଧାତା ଏପରି କଣଦ ଉପାଦାନରେ ତିଆରି କରିଛି, ଯାହାପାଇଁ ତାକୁ ସବୁବେଳେ ଠକି ଯିବାକୁ ପଡ଼େ। ତାର କାମ, ତ୍ୟାଗ ଓ କଷ୍ଟ ସହିବାର ପୁରସ୍କାର ତାକୁ ଛଅଣା ମାତ୍ର ମିଳିଲା ପରି ନେଇଯାଏ ପୁରୁଷ ରାଜନୈତିକ। ନାରୀମାନଙ୍କ ମନ ଭୁଲାଇ ସ୍ତବ ସ୍ତୁତି କରିବା ପାଇଁ କାଗଜରେ ଅବଶ୍ୟ ପୁରୁଷମାନେ ଓ ପୁରୁଷ ଚାଳିତ ରାଜନୀତିକ କମିଟିମାନ ଧନ୍ୟବାଦ ଦିଅନ୍ତି। ଖୁବ ବେଶି ତ୍ୟାଗର ମୂର୍ତ୍ତିମାନଙ୍କ ଚରଣ ତଳେ ଲୋଟନ୍ତି କିନ୍ତୁ ଦାନ୍ତ ଦେଖାଣି କରି ବିଜୟଲକ୍ଷ୍ମୀ, ସରୋଜିନୀ, ଅମୃତକାଉରଙ୍କୁ ନେଇ ଦୁନିଆ ଦରବାରରେ ସମାଦର ଆସନ ଦେଇ ଦେଖାନ୍ତି ପୃଥିବୀକୁ ଯେ ଭାରତୀୟଙ୍କୁ ଯେଉଁ ସଭ୍ୟମାନେ ଅସଭ୍ୟ କହୁଥିଲେ, ହେଇ ଦେଖ ସଭ୍ୟତାର ଘୋଡ଼ା ଦୌଡ଼ାରେ ଆମେ ସେମାନଙ୍କଠୁଁ ବଳିଗଲୁ— ଜିତାପଟ ଆମର। ସେମାନଙ୍କ ଶିକ୍ଷିତା ଆମକୁ ସଭ୍ୟ ଉଦାର କରି ଦେଇନଥିଲା। ସ୍ୱାଧୀନତା ଅରଦିନ ଆମର ଜାତିର ଜନନୀ ନାରୀ ଜାତିପ୍ରତି ସମାନ ଜାହିର ଦେଖାଇଲୁ! ସମସ୍ତ ସଭ୍ୟ ଅଭିମାନୀ ଜାତିର ମୁଣ୍ଡ ନଇଁଗଲା। ସେମାନେ କହିଲେ ସତେତ, ଆମର ସାମ୍ରାଜ୍ୟବାଦ, ଶୋଷଣ ନୀତି ମାଇପଙ୍କ ଗୋଡ଼ରେ ବେଢ଼ି ପକାଇ ଥିଲା। ଲଜ୍ଜିତ ହେଲେ। ଅସ୍ତୁ। ସଂଖ୍ୟାନୁପାତରେ ପୁରୁଷଙ୍କର ଅଧେ ନାରୀ? ଯୋଉ ବିଲାତ 'ରାକ୍ଷସ' 'ପଶୁ' 'ସ୍ୱେଚ୍ଛାଚାର' 'ମୁଷ୍ଟିପତି ଦଳ' ସରକାର ଭାରତୀୟ ନାରୀଙ୍କୁ ରାଷ୍ଟ୍ରନୀତିରେ ସମ୍ମାନ ଓ ସାମ୍ୟ ଦେଇନଥିଲା, ସେଇ ସରକାର ଭାରତରେ ପ୍ରଦେଶମାନଙ୍କପାଇଁ କେତେକ ସଂଖ୍ୟାର ନିର୍ଦ୍ଦିଷ୍ଟ ହୋଇଥିବା ଆସନ ନାରୀମାନଙ୍କ ପାଇଁ ଗୋଲ ଟେବୁଲ ବୈଠକରୁ ଉତ୍ପାତ ହୋଇଥିବା India Act 1935 ନାମକ ଯୋଜନା ବା ଖସଡ଼ା ବା ଅଇନରେ ରଖିଥିଲା, ଆମ ଦେଶୀ ରାଜନୀତି ବଣିକଦ ନେତା ବା ରାଜନୀତି ଚଳାଉଥିବା କମିଟିମାନେ ୧୯୪୭ ରେ ସ୍ୱାଧୀନ ଭାରତରେ ତାଙ୍କ ନାରୀମାନଙ୍କ ପାଇଁ ଅଧିକା ସ୍ଥାନ ଆସନ ନିଜେ ଭୋଗ କରିବାରୁ ବିରତ ହୋଇ ଛାଡ଼ି ଦେଇଛନ୍ତି କି?

ବରଂ ସଦ୍ୟ ବିଦେଶୀ ସରକାର ନିର୍ଦ୍ଦିଷ୍ଟ ନାରୀମାନଙ୍କର ସ୍ଥାନକୁ କାଟିଦେଇ ସେ ସ୍ଥାନମାନଙ୍କରେ ପୁରୁଷ ପ୍ରାର୍ଥୀ ଠେଲେଇ ନେଇଥାନ୍ତେ— ନେଇ ପାରିଥାନ୍ତେ ଖୁସି ହୋଇଥାନ୍ତେ ବେଶି— ବନ୍ଧୁ ବାନ୍ଧବିମାନଙ୍କୁ ବଦାନ୍ୟତା କରି— ଯୋଗ୍ୟ ଅଯୋଗ୍ୟ ବାଛୁବାଛ ଜିଲ୍ଲାବୋର୍ଡ ଓ ମ୍ୟୁନିସିପାଲିଟିରେ ଆମ ଦେଶର ରାଜନୀତିକ ନେତାମାନେ ଅଜିଯାଏ ନାରୀଙ୍କୁ ନ ପୁରାଇ ଅଟକାଇ ରଖିଛନ୍ତି। ଅଥଚ ନିଜ ଦ୍ୱାରରେ ହରିଜନଙ୍କ ସ୍ଥାନ ଯେପରି ନିର୍ଦ୍ଦିଷ୍ଟ ଦେଶର ଭାଗ୍ୟ ନିୟନ୍ତ୍ରଣ କରିବାରେ ନାରୀମାନଙ୍କ ସ୍ଥାନ ସେପରି ନିର୍ଦ୍ଦିଷ୍ଟ ଓ ନିୟନ୍ତ୍ରିତ— ପୁରୁଷ ନେତାମାନଙ୍କ ହାତରେ। ଏଠି ସଂଖ୍ୟାର ଗୁରୁତ୍ୱ ନାହିଁ— ଯୋଗ୍ୟତାର ବିଚାର। କିନ୍ତୁ ସେ ଯୋଗ୍ୟତାର ମାପକାଠି କଣ ଓ କେତେ ପୁଣି କିପରି ତା ଓଡ଼ିଆଣୀ ମୂର୍ଖମାଇପେ 'ଡଗର' ସମ୍ପାଦକ ଯେଉଁମାନଙ୍କୁ ଓଡ଼ିଆ ଦେଶ "ବିଲୁଅଣୀ" ବୋଲି ନାଁ ଦେଇଛନ୍ତି; ଯେମାନଙ୍କୁ ଅଟଗାଡର। ପାଣିରେ ନଛାଡ଼ିଲେ ପହଁରି ଏ ବିଲୁଅଣୀ ଶିଖିବେ କିପରି? କାନ୍ଧରେ ନ ପକାଇଲେ ବନ୍ଧୁକ ଜାଣିବେ କିପରି? ସୁତରାଂ ଏ ଦେଶରେ ରାଜନୀତି ସହିତରେ ନାରୀଙ୍କର ଯୋଗ ନରଖିବା ପୁରୁଷଙ୍କ ସ୍ୱାର୍ଥପର ନୀତିର ଗୋଟିଏ ଉଜ୍ଜ୍ୱଳ ଦୃଷ୍ଟାନ୍ତ। କିନ୍ତୁ 'କଷ୍ଟନୀତି'ବେଳେ ନାରୀମାନଙ୍କୁ ସହଗୃହିଣୀ ସହଧର୍ମିଣୀ, ସହକର୍ମିଣୀ ହେବାପାଇଁ ପୁରୁଷ ବିଲୁଅମାନଙ୍କ ବୋବାଳି ମଶାଣୀ ଅନ୍ଧାରକୁ ବି ଡରି ପଳାଏ!

—୦—



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜୀବନର ସବୁ ସ୍ତରରେ ସେମାନଙ୍କ ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ସାଧନା କରିବା। ୨। 'ବସନ୍ତ'ର ମଧ୍ୟସ୍ଥତାରେ ଏହି ବୟସର ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।
(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ଭାବନା-କୋଠା

ନଛ ଦେଇ ପାରି, ପାଖୁଡ଼ା ଝରି,
ବାପା ଆସୁଥିବେ କଟୋରି ଧରି;
ଗୋଲାପ ଲୋ
ମହଣା ପୁଣି, ଫାଙ୍କିଅ ଝିଣି,
ଅଣ୍ଟୁଥିବେ ଟାପା ବଣିଙ୍କ ସାରି।
ଗୋଲାପ ଲୋ। ୧।
ଭଲାଣି ବାଅ, ଅଣୁଛି ନାଅ,
ବାପା ଆଣୁଥିବେ ନୂଆ ବଣିଅ;
ଗୋଲାପ ଲୋ
ଏଇତ ନାଅ, ଆସୁଛି ନୂଆ,
ନୂଆ ନାଅଁ ଦେବ ନୂଆ କୁଣିଅଁ;
ଗୋଲାପ ଲୋ। ୨।
କଡ଼ାପ ଫୁଟରେ, କୋମଳ ସ୍ୱରେ,
'ବନ୍ଧାଣି-ଗୀତି' ଶୁଣାଟିର ଧୀରେ;
ଗୋଲାପ ଲୋ
ନୀଳ ନୀରେ, ଧୀର-ସୁଅରେ,
ସୁନା ଏ ଡୋଙ୍ଗାତ ଭାସୁଛି ଧୀରେ;
ଗୋଲାପ ଲୋ। ୩।
ଝାଣେ ମୋ ମନ, ମନ୍ଥର ପବନ,
ଫୁଲଙ୍କ ଉଠଇ ମୋ ପ୍ରାଣ-ଧନ;
ଗୋଲାପ ଲୋ
ମଧୁର ସ୍ୱନ, ଅଚିହ୍ନି ପବନ,
ସୁହିଁ ରହେ ପଥେ ଲୋକା ନୟନ।
ଗୋଲାପ ଲୋ। ୪।
ଏହୁତ ଛଟା, ପାଟ ମୁକୁଟା,
ଝାଣିଛନ୍ତି ବାପା ଜୁଆଳି ମଥା;
ଗୋଲାପ ଲୋ
ନିଆଳି ଲତା, ତାଟରଣି ସୂତା,
ଝଟକି ଉଠଇ ଲୋକ-ମୁକୁତା;
ଗୋଲାପ ଲୋ। ୫।
ବୋଇଭ ନୂଳ, ଟଳା କୂଳ,
ଧନ୍ୟ ଏ ଉତ୍କଳ ଚେତନାଗାର;
ଗୋଲାପ ଲୋ
ନଯୁକ୍ତ ଘର, ଝରିଲ୍ଲ ମୋର,
ଭାବନା-କୋଠା ମୋ କେଡ଼େ ଭଙ୍ଗୁର
ଗୋଲାପ ଲୋ। ୬।

ଶ୍ରୀ ନିଖିଳେଶନାଥ ବଡ଼ଦାର
ନା. ବ. ୭୩୪।

---

## ପାଠାଗାର ଆନ୍ଦୋଳନ

୨୨। ବୀଣାପାଣି ପୁସ୍ତକାଗାର—କଣ୍ଟାପଡ଼ା—ଟର୍ଣ୍ଣୋଲ, କଟକ। ୧୯୩୪ରେ ସ୍ଥାପିତ। ବୀଣାପାଣି ସମିତି ଦ୍ୱାରା ପରିଚାଳିତ। ସଭ୍ୟ ସଂଖ୍ୟା ୩୦। ପୁସ୍ତକ ଓଡ଼ିଆ, ଇଂରାଜୀ, ହିନ୍ଦୀ ଓ ବଙ୍ଗଳା—ସଂଖ୍ୟା ୮୫୦। ସମାଜ, ଶଙ୍ଖ ଓ ଚତୁରଙ୍ଗ ଆସେ।

୨୩। ମଦନମୋହନ ପାଠାଗାର—ଡାଦୋବାହାଲ, ପୋଃ ଲରମ୍ଭା ସମ୍ବଲପୁର। ୧୯୪୩ ରେ ସ୍ଥାପିତ। ସଭ୍ୟ ସଂଖ୍ୟା ୨୫। ମାସିକ ଚାନ୍ଦା ୦/୧। ପ୍ରତିଷ୍ଠାତା ଶ୍ରୀ ଗୌରୀଅ ଛପିନ ଶିବାଶ୍ରୀ ଦାସ। କର୍ମକର୍ତ୍ତା ଶ୍ରୀ ରାମ ପ୍ରସାଦ ଭଗତ, ପୁସ୍ତକ ସଂଖ୍ୟା—୩୧୨। ସମାଜ, ଶଙ୍ଖ, ଚତୁରଙ୍ଗ, ଅଧିକନ୍ତୁ ଓ ପ୍ରଜାତନ୍ତ୍ରୀ ଆସେ। [ ଶ୍ରୀପତି ସାହୁ ୭୨୭ ନାଗ ]

୨୪। କପିଳେଶ୍ୱର ପାଠାଗାର, ଖୁରୁଷିଆ ଲୁଛଙ୍ଗ, କଟକ। ୧୯୦୨ ରେ ସ୍ଥାପିତ। ସଭ୍ୟ ସଂଖ୍ୟା ୨୫। ମାସିକ ଚାନ୍ଦା ୦।୯। ପୁସ୍ତକ ସଂଖ୍ୟା ୩୪୫। କର୍ମକର୍ତ୍ତା—ସର୍ବଶ୍ରୀ କରୁଣାକର ତ୍ରିପାଠୀ, ଘନଶ୍ୟାମ ନାୟକ, ଅର୍ଜ୍ଜୁନ ଚରଣ ମହାପାତ୍ର।

୨୫। ପଲ୍ଲୀବନ୍ଧୁ ପାଠାଗାର, ଭୂତମୁଣ୍ଡି, ଲୁଛଙ୍ଗ, କଟକ। ୧୯୦୫ ରେ ପ୍ରତିଷ୍ଠିତ ସଭ୍ୟସଂଖ୍ୟା ୨୦। ମାସିକ ଚାନ୍ଦା ୦।। କର୍ମକର୍ତ୍ତା—ସର୍ବଶ୍ରୀ ସୁଶୀଳ ଚନ୍ଦ୍ର ମହାପାତ୍ର, ବସ୍ତୁ ଚରଣ ଚୌଧୁରୀ, ଗଙ୍ଗାଧର ମହାପାତ୍ର, ନାରାୟଣ ଚନ୍ଦ୍ର ଦାସ। ପୁସ୍ତକ ସଂଖ୍ୟା ୪୬୮
( ସୁଶୀଳ ୮୮୬ )

୨୬। ମଧୁସୂଦନ ପାଠାଗାର—୧୯୪୬ରେ ସ୍ଥାପିତ। ସଭ୍ୟ ସଂଖ୍ୟା ୫୦ ଜଣ। ମାସିକ ଚାନ୍ଦା ୦।। କର୍ମକର୍ତ୍ତା—ସର୍ବ ଶ୍ରୀ ଅର୍ଜ୍ଜୁନ ଚରଣ ଓ ଗଙ୍ଗାଧର ମହାପାତ୍ର ଦ୍ୱୟ।

୨୭। ଶିବାନନ୍ଦ ପାଠାଗାର, ଧୂଅଁଖିଆ ରସଲକୋଣ୍ଡା, ଗଞ୍ଜାମ। ପୁସ୍ତକ ସଂଖ୍ୟା ୫୦୦। ସମାଜ, ମାତୃଭୂମି, ଜଗତ, ନଅଞ୍ଜଳି ପ୍ରଜାତନ୍ତ୍ର, ଆସେ। ଜାହ୍ନବୀ ଆନ୍ଦୋଳନ ଫଳରେ ଅଗଷ୍ଟ ମାସରେ ୮୦୯ ନମ୍ବର ନାଗଙ୍କ ପ୍ରଚାର ଫଳରେ ପ୍ରତିଷ୍ଠିତ। ସଭାପତି ଶ୍ରୀ ପଦ୍ମଚରଣ ଦାସ ଶର୍ମା—ସମ୍ପାଦକ ଶ୍ରୀ ସତ୍ୟ ନାରାୟଣ ସେନାପତି।

ଜୟହିନ୍ଦ ପାଠାଗାର—ଗାନ୍ଧୀ ଜୟନ୍ତୀ ଦିନଠାରୁ ଦାଣ୍ଡରା ନନ୍ଦକିଶୋର (୬୦୨)ଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଛି। ବିବରଣୀ ପରେ ପ୍ରକାଶ ପାଇବ।

---

## ଅଜାଙ୍କ ଜବାବ

ବୈଦ୍ୟନାଥପୁର—ତମର ନମ୍ବର ନାହିଁ ଏହା ଦୋଷ। ତମ କଥାନୁସାରେ ଜଣେ ବାଙ୍ଗଲା ଅଞ୍ଚଳ ଓ ଜଣେ କଲିକତା ନାଗର ନାମ ତଳେ ଦେଲୁ—

ବାଙ୍ଗଲାଞ୍ଚଳ—ଶ୍ରୀମାନ ସତ୍ୟନାରାୟଣ ସିଂଦେଓ (୫୨୩) C/o ଶ୍ରୀ ଅଜିତ ପ୍ରସାଦ ସିଂଦେଓ ପୋ: ସଢେଇକଳା—ସିଂହଭୂମ।

କଲିକତା—ଶ୍ରୀ କୈଳାସ ଚନ୍ଦ୍ର ଦାସ (୮୪୨) ୩/୨ କିଳାସସାହ ଲେନ, କଲିକତା

ନନ୍ଦକିଶୋର—୬୦୨ କଟକ ଓ ରାଧାଶ୍ୟାମ।

ସୁବାସ—ତମର ନାଗ ନମ୍ବର ୮୫୩। ତମେ ଯେ କୌଣସି ଓଡ଼ିଆ ସମ୍ବାଦର ଜୀବନୀ ପଠାଅ। ବର୍ତ୍ତମାନ ସମ୍ବାଦ ଜୀବନୀ ଛଡ଼ା ଅନ୍ୟ ଯେ କୌଣସି ଲେଖା ଆସିବ ତାହା ବର୍ତ୍ତମାନ ଗୃହୀତ ହେବ ନାହିଁ। ଯାହା ପୂର୍ବରୁ ମିଳିଛି, ତାହାର ଭିତରୁ କେତୋଟି ବାଛି, ଛପାଇ ପାରେ।

Digitized by srujanika@gmail.com

ଇନ୍ଦ୍ର—ତମ ନାଗ ନମ୍ବର ୮୯୦

ବୈଦ୍ୟନାଥ—ପ୍ରହ୍ଲଣା ପାଠାଗାର ନାମ ମଧ୍ୟ ଦିଅ । ନାଗମାନେ ଜାଣିଙ୍କି ଅକର୍ମା ହୋଇଛନ୍ତି ତାର ତିନୋଟି କାରଣ । ପ୍ରଥମ କାରଣ ଶିକ୍ଷା । ଦ୍ୱିତୀୟ କାରଣ ଅର୍ଥ ଅଭାବ । ତୃତୀୟ କାରଣ ଉପଯୁକ୍ତ ଗୁରୁଜନ ନାହାନ୍ତି—ବା ଗୁରୁଜନ ମାନେ ଲଘୁଜନ ମାନଙ୍କୁ ଅନୁପ୍ରାଣିତ କରିପାରୁ ନାହାନ୍ତି । ଅଜା ମଧ୍ୟ ସେହି ଦୋଷରେ ଦୋଷୀ । ନ ହେଲେ ମୋ କଥା ତମେ ନଶୁଣନ୍ତ କିଆଁ ।

କରୁଣାକର [ ୮୮୭ ] କୌଣସି ସଂସ୍ଥା ସଂପର୍କରେ ହଠାତ ଭଲମନ୍ଦ ମତ ଦେବା ଠିକ୍ ନୁହେଁ । ଯେଉଁ ସଂସ୍ଥା ତ୍ୟାଗ ଉପରେ ପ୍ରତିଷ୍ଠିତ ତାହା ଦେଶର ଉପକାର କରିପାରିବ । ବାହାନା ମଧ୍ୟ ପାରେ ।

ଗଦାଧର [ ୮୧୬ ] ତମର ଅନ୍ୟ ପ୍ରଶ୍ନ କଥା ବୁଝିପାରୁ ନାହିଁ । ତେବେ ଅନେକ ଅଜାଙ୍କୁ ସର୍ବଜ୍ଞ ମନେକରି ପ୍ରଶ୍ନ ପଚାରୁଛନ୍ତି । ଅଜା କେବଳ ଏହି ନାଗ ସଂପର୍କୀୟ ଓ ତମ ଜୀବନର ନାନା ସମସ୍ୟା ସେଇ ପ୍ରଶ୍ନର ଉତ୍ତର ଦେବେ । ତମେ ଯଦି ଅଜାଙ୍କୁ ପରୀକ୍ଷା କରିବ ତେବେ ବୁଢ଼ା ଫେଲ୍ ମାରିବ । ତଥାପି ଯେଉଁମାନେ ଜ୍ଞାତବ୍ୟ ବିଷୟ ପଚାରୁଛନ୍ତି ସେ ପ୍ରଶ୍ନକୁ ଉପରରେ ଛାପିଦେଲେ ନାଗ ମାନେ ତାର ଉତ୍ତର ଦେବେ । ଅଜା ଅନେକ କଥା ଜାଣେ ନାହିଁ—ଯାହା ତମେ ଜାଣ ।

## ନାଗଙ୍କ ପ୍ରଶ୍ନ

ଜଣେ ନାଗ ପଚାରିଛନ୍ତି—ଓଡ଼ିଶାର ସର୍ବ ପ୍ରଥମ ସମ୍ବାଦ ପତ୍ରର ନାମ କଣ ।

—✽—

## ସାଧାରଣ ଜ୍ଞାନ

୧—ପୃଥିବୀର ଲୋକସଂଖ୍ୟା କେତେ ?

୨—ଓଡ଼ିଶା ଲୋକ ସଂଖ୍ୟା ଏବଂ ପୁରୁଷ ଓ ସ୍ତ୍ରୀଙ୍କର ସଂଖ୍ୟା

୩—ଗାନ୍ଧୀଜୀ ଜେଉଁ ଜେଉଁ ସମୟରେ ମୋଟ କେତୋଟି ଉପବାସ କଲେଣି ?

୪—ପୃଥିବୀରେ ସବୁଠାରୁ ବେଶିଲୋକ ବାସ କରନ୍ତି କେଉଁଠି ?

୫—କେଉଁ ଗୋଟିଏ ରୋଗଦ୍ୱାରା ଭାରତର ସର୍ବାଧିକ ମୃତ୍ୟୁ ହୁଏ ?—ପ୍ରଶ୍ନକର୍ତ୍ତା ସୁବାସଚନ୍ଦ୍ର ଦାସ ।

ଉତ୍ତର ପର ସଂଖ୍ୟାରେ ବାହାରିବ ।

## ନୂଆ ନାଗଙ୍କ ନାମ

୮୫୬ ଶ୍ରୀ ଗଣେଶ ପ୍ରସାଦ ମହାନ୍ତି ବଡ ବାସେଲି ପୋଃ ଅଃ ଗୁନ୍ଦନୀଚକ ଜିଃ କଟକ । ୮୫୭ ଶ୍ରୀ ଗୋପାଳ ଚନ୍ଦ୍ର ପଟ୍ଟନାୟକ [ସ୍ଥାୟୀ] ରାଜ ନଗର, ପୋଃ ଅଃ ଅନନ୍ତପୁର, କେନ୍ଦୁଝର ଷ୍ଟେଟ୍ । ୮୫୮ ଶ୍ରୀମତୀ ଶରତ୍ ପ୍ରଭା ଦେବୀ C/o କୁମାର ନୀଳମଣି ଷଡ଼ଙ୍ଗୀ ଭୁନ୍ଦୁଗା, ପୋଃ ଅଃ ବାରସତ୍ୟା ଜିଃ କଟକ । ୮୫୯ ଶ୍ରୀ ସତ୍ୟ ନାରାୟଣ ସେନାପତି ଏକାଦଶ ଶ୍ରେଣୀ [କ] ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ରସୋଲକୁଣ୍ଡା ଜିଃ ଗଞ୍ଜାମ । ୮୬୦ ଶ୍ରୀ ଦୁର୍ଗା ଚରଣ ଦାସ [ସ୍ଥାୟୀ] ବାଣପୁର ହାଇସ୍କୁଲ, ପୋଃ ଅଃ ବାଣପୁର ଜିଃ ପୁରୀ । ୮୬୧ ଶ୍ରୀ ଲକ୍ଷ୍ମୀଧର ସେଠୀ କଣିପୁର,ମଃ ଇଃ ସ୍କୁଲ ପୋଃ ଅଃ କଣିପୁର ମୟୂରଭଞ୍ଜ ଷ୍ଟେଟ୍ ଜିଃ ବାଲେଶ୍ୱର । ୮୬୨ ଶ୍ରୀ ଅନିରୁଦ୍ଧ ବାରିକ୍ କଣିପୁର ମଧ୍ୟ ଇଂରାଜୀ ସ୍କୁଲର ୬ମ ଶ୍ରେଣୀ ଛାତ୍ର ପୋଃ କଣିପୁର ମୟୂରଭଞ୍ଜ ଷ୍ଟେଟ୍, ଜିଃ ବାଲେଶ୍ୱର । ୮୬୩ ଶ୍ରୀ ସୂର୍ଯ୍ୟମଣି ପଣ୍ଡା Vill Upula [ ଉପୁଲା ] ପୋଃ ବୈରି ଜିଃ କଟକ । ୮୬୪ ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି । [ ସ୍ଥାୟୀ ] ରାମପୁର କରଣ ବସ୍ତି ନଂ ୧ ପୋଃ ଅଃ ବାଲିଚନ୍ଦ୍ରପୁର ଜିଃ କଟକ । ୮୬୫ ସେକ୍ ସିରାଜୁଦ୍ଦିନ୍ ୧୦ମ ଶ୍ରେଣୀ ବିଶ୍ୱନାଥ ଏକାଡେମୀ ପୋଃ କମଲପୁର ଜିଃ ବାଲେଶ୍ୱର । ୮୬୬ ଶ୍ରୀ ସତ୍ୟାନନ୍ଦ ଅଗ୍ରୁଆ ବିଶ୍ୱବନ୍ଧୁ ପାଠାଗାର ଗ୍ରାମ କଟରା ପୋଃ ନନ୍ଦନ ଜିଃ କଟକ । ୮୬୭ ଶ୍ରୀ ମନୋରଞ୍ଜନ ଦାସ [ ସ୍ଥାୟୀ ] ଏନ୍ ସି, ସି, ଏଚ୍ ସ୍କୁଲ ଦଶମ ଶ୍ରେଣୀ ଛାତ୍ର ପୋଃ ଅଃ ଯାଜପୁର ରୋଡ଼ । ( ସ୍କୁଲ ହଷ୍ଟେଲ୍ ) ଜିଃ କଟକ । ୮୬୮ ଶ୍ରୀମତୀ ତୁଳସୀକୁମାରୀ ଦାସ C/o ଶ୍ରୀଯୁକ୍ତ ପରମାନନ୍ଦ ଦାସ ଗ୍ରାମଃ ଅନନ୍ତପୁର ପୋଃ କୁଜଙ୍ଗ ଜିଃ କଟକ ।

—✝—

## ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ

ବାର୍ଷିକ ମୂଲ୍ୟ ୦ ୦ ୯  
ସ୍ଥାୟୀ ମୂଲ୍ୟ ୦ ୦ ୫ ର ଡାକଟିକଟ

ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ________________

ତାରିଖ ________________

✽ ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ ।

Digitized by srujanika@gmail.com

# ଗାନ୍ଧିଜୟନ୍ତୀରେ

## ଓଡ଼ିଶା ସରକାରଙ୍କ ଯୋଜନା

### ଘରେ ଘରେ ବୃକ୍ଷ ରୋପଣ କର

ବଡ଼ ବଡ଼ କଲମି ଗଛ

| | |
|---|---|
| ଆମ୍ବ ଗଛ ଡଜନ | ଟ ୧୫( |
| ଲିଚୁ ,, | ଟ ୧୫( |
| ଲେମ୍ବୁ ,, | ଟ ୧୦( |
| କମଳା ,, | ଟ ୧୦( |
| ବଉଳି ,, | ଟ ୧୨( |
| ଚିକୁ ,, | ଟ ୧୬( |
| ଅଁଳା ( star apple ) | ଟ ୮( |
| ଜାମୁ ,, | ଟ ୧୦( |
| ଗୋଲାପ ଜାମ ( Rose apple ) | ଟ ୬( |
| ପେରୁ— ,, | ଟ ୪( |
| କାଇଥ ଗଛ ( wood apple ) | ଟ ୨ ୪ |
| ନେବାନା ଗଛ ଡଜନ— | ଟ ୮( |
| ସପୁରି ,, | ଟ ୬( |
| ସପେଟା ,, | ଟ ୧୦( |

| | |
|---|---|
| ଚମ୍ପା ଫୁଲ ଗଛ ଡଜନ | ଟ ୬( |
| ମେଗନୋଲିଆ ଫୁଲ | ଟ ୨୪( |
| ଓଲିଭ ,, | ଟ ୮( |
| କ୍ରୋଟନ ,, | ଟ ୮( |
| ତାଳ ( Palm ) | ଟ ୮( |
| ଗୋଲାପ (ବଡ଼) ,, | ଟ ୧୦( |
| ଗୁଆ ,, | ଟ ୨ ୪ |

—*—

ଉତ୍କୃଷ୍ଟ ପନିପରିବା ମଞ୍ଜି

| | |
|---|---|
| ବନ୍ଧାକୋବି—ଗ୍ଲାନଗ୍ଲୋରି | ପ୍ରତି ଅଉନ୍ସ ୨ ୮ |
| ବନ୍ଧାକୋବି (ଡଲ୍‌ଡ ପ୍ରଥମ) | ,, ଟ ୨ ୮ |
| ବନ୍ଧାକୋବି (ପଉଡଣ୍ଡଥ) | ,, ଟ ୨ ୪ |
| ଫୁଲକୋବି (ଡଲ୍‌ଡ ଓ ଦାମି ମେଡ଼ିଲ) | ,, ଟ ୯( |
| ସ୍ନୋବ ଫୁଲକୋବି | ,, ଟ ୪( |
| ଓଲକୋବି | ,, ଟ ୧ ୮ |
| ବଟ (ଡାଲ | ,, ଟ ୧ ୪ |
| | ପାଉଣ୍ଡ ଟ ୧୮( |

| | |
|---|---|
| ସାଲଗମ | ଅଉନ୍ସ ଟ ୧( |
| | ପାଉଣ୍ଡ ଟ ୧୨( |
| ଲାଲ ବନ୍ଧାକୋବି | ଅଉନ୍ସ ଟ ୨ ୪ |
| ଲେଟୁସ— | ,, ଟ ୧ ୪୵ |
| ମୂଳା (ଜାପାନି ନଂ୧) | ,, ଟ ୦ ୪ |
| | ପାଉଣ୍ଡ ଟ ୭( |
| ମୂଳା (ଗ୍ଲୋବ ଲାଲ) | ଅଉନ୍ସ ଟ ୧( |
| ଟମାଟୋ (ପରଫେକସନ) ଷ୍ଟାଣ୍ଡାରଡ | ଟ ୨ ୪ |
| ଚିଅନ ମଞ୍ଜି ଭେଣ୍ଡି | ,, ଟ ୦ ୪ |
| | ପାଉଣ୍ଡ ଟ ୭( |
| ଗାଜର ( ଅଟମରବା ) | ଅଉନ୍ସ ଟ ୧ ୵ |
| | ପାଉଣ୍ଡ ଟ ୧୩୪ |
| ଫରାସି ବିନ ( ଶୀମ ) | ଅଉନ୍ସ ଟ ୦ ୵ |
| | ପାଉଣ୍ଡ ଟ ୧ ୮ |
| ଟିଚେଲ | ଅଉନ୍ସ ଟ ୧। |
| ବାଇଗଣ (ମୁକ୍ତକେଶୀ) | ,, ଟ ୧( |
| ମଟର (ଅଟମରବା) | ,, ଟ ୦୵ |
| | ପାଉଣ୍ଡ ଟ ୧ ୮ |

ମୌସୁମୀ ଫୁଲମଞ୍ଜି ( ଏକଶେ ପ୍ରକାର ) ପ୍ରତି ପ୍ୟାକେଟ ଟ୦୮ ଠାରୁ ଟ୧( । ଦେଶୀ ପନିପରିବା ମଞ୍ଜି—ପ୍ରତି ପ୍ୟାକେଟ ଟ୦୵ । ଦୁଷ୍ପାପ୍ୟ ବା ଟୋବାକୋ ଟ୦୵ । ନୋ ଲଙ୍କା ମରିଚ—ଟ୨( ଲଙ୍କା ( ସବୁଜାନୀ )—ଟ୦୮ ; ଅଗ୍ରରେ ଅର୍ଡର ଦିଅନ୍ତୁ— ପ୍ରାପ୍ତିସ୍ଥାନ:—

**ଗ୍ଲୋବ ନର୍ସାରୀ**
ନିଉମାର୍କେଟ ଓ
କଲେଜଷ୍ଟ୍ରିଟ କଲିକତା

**GLOBE NURSERY**
NEW MARKET &
COLLEGE STREET, CALCUTTA.

ହାଓଡ଼ା ଓ ଶିଆଲଦା ଷ୍ଟେସନରେ ମିଳେ

---

# ମେଲେରିନ

ମେଲେରିଆ ଏବଂ ଅନ୍ୟାନ୍ୟ ଜ୍ୱରର ଅବ୍ୟର୍ଥ ମହୌଷଧ—
୧୦୦ ବଟିର ମୂଲ୍ୟ ଟ ୨(

—*—

ସର୍ବବ୍ୟାଧି ହର

## ସାଭରେନ ସ୍ପେସିଫିକ

ସର୍ବ ପ୍ରକାର ରୋଗ ବିଶେଷତଃ ସ୍ତ୍ରୀ ରୋଗର ଅମୋଘ ଔଷଧ ମୂଲ୍ୟ ଟ ୪ ୪

ପ୍ରାପ୍ତିସ୍ଥାନ—Gouri Ayurveda Stores
(Registered )
MARUTER W-Godavary

---

# ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ବାତରକ୍ତ ମର୍ଣ୍ଣରକ୍ତ ସ୍ପର୍ଶତା ସର୍ବାଙ୍ଗର ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦଦ୍ରୁ ଖାଦ ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏହାହିଁ କେବଳ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଲୋପ ପାଇଁ ଗ୍ୟାରେଣ୍ଟି ଦିଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା
ଶାଖା—୩୬ ନଂ ହାରିସନ ରୋଡ଼, କଲିକତା ।

Printed & Published by G. C. Mahapatra at the Gopinathpress, Bhadrak, 1947.

Digitized by srujanika@gmail.com

ଗାନ୍ଧୀଜୟନ୍ତୀ ସଂଖ୍ୟା


ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>[illegible] ୧୮୫୫ ସାଲ | ଦଶମ ସଂଖ୍ୟା |
|---|---|---|


ଏ ସଂଖ୍ୟାରେ

ଯାହା ଖାଇଥିବ ପେଟକୁ
ଯାହା ରଖିଥିବ ଗଣ୍ଠିକୁ
ଏ କଥାର ତାତ୍ପର୍ଯ୍ୟ
[illegible]
ଲେଖକ— [illegible] ମହାପାତ୍ର
ସଚ୍ଚା ଗାନ୍ଧୀବାଦୀ କିଏ ?
ମଜା କଥା ଜଣାଇ ଦେଉଛନ୍ତି ।
ଲେଖକ— [illegible]
[illegible] ଯାପନରେ
ଗାନ୍ଧୀଜୀ ଚିରଦିନ ବଞ୍ଚିବେ ।
ଗାନ୍ଧୀ ଜନ୍ମଦିନରେ ଗାନ୍ଧୀବାଦ
ସମ୍ବନ୍ଧରେ ନାନା ପ୍ରବନ୍ଧ ।

—*—



ବାପୁଜୀ !
ଅଜ [illegible] ଜନ୍ମ ଦିନରେ [illegible] ଅପଣଙ୍କର ଅଶୀର୍ବାଦ ପ୍ରାର୍ଥୀ ।


"[illegible]"
ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, Oct, 6. 1947. | No. 10. |
|---|---|---|

ବାର୍ଷିକ ମୂଲ୍ୟ ଟ ୬୯ ଷାଣ୍ମାସିକ ଟ ୩୨
[illegible] ସଂସ୍କରଣ ବାର୍ଷିକ ଟ ୧୦


Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୬ ୯ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୪ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୂପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ଦେବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ସମାଲୋଚନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)


## ବମ୍ବେ ଲାଇଫ ଏସିଓରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ——୧୯୦୮ ହେଡ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନିରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୬୩ ଲକ୍ଷରୁ ଉର୍ଦ୍ଧ୍ୱ ବୀମାପାଣ୍ଠି ୨ କୋଟି ୯୬ ଲକ୍ଷରୁ ଉର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଉର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ ଇନ୍‌ସ୍‌ପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମନିୟମ, ବି. ଏମ୍. ଏ. ଆଇ. ଏ.
ମେନେଜର ଏବଂ ଏକ୍‌ଚୁଆରି
ହେଡ୍ ଅଫିସ— ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।




Digitized by srujanika@gmail.com




# ବିଲୁଆ ବିଚାର

୧୧ଶ ବର୍ଷ — ସୋମବାର — କନ୍ୟା ( ଆଶ୍ୱିନ ) ଦି ୨୦ ନ ୧୩୫୫ ୧୦ମ ସଂଖ୍ୟା

ମୋଟର ଗାଡ଼ି ଯପରି ସାବଧାନ ଚଳାଇ ଦେଲେ ଅଲବର୍ଟ ଆଇନଷ୍ଟାଇନଙ୍କ ଭଳି ଜ୍ଞାନ, ବିଜ୍ଞାନ, ଗାଣିତିକ; ବୈଜ୍ଞାନିକ ସେଠାରେ ବସି ପଡ଼ିଲେ ମନୁଷ୍ୟଙ୍କର ମୁଣ୍ଡ ଉପରେ ସବୁ ଜାଣିବ ରହସ୍ୟ ଖୋଲିବ ।

ଅଇନଷ୍ଟାଇନ ବିଜ୍ଞାନର relativity ବା ଅପେକ୍ଷିକ ଅଇନର ଅନ୍ତର୍ଗତ । ମନୁଷ୍ୟଙ୍କୁ ଦେଖିଲେ ପୁରୁଷଙ୍କୁ ଓ ନାରୀଙ୍କୁ ଅପେକ୍ଷିକ ଅଇନର ବନ୍ଧନ । ସେ ବନ୍ଧନ ଦୃଢ଼ ଥିବାଯାଏ ମନୁଷ୍ୟଙ୍କର ଲୋପ ଅସମ୍ଭବ । ପ୍ରଥମେ ଏକ ଥିଲ ପୁରୁଷ । ଏକରୁ ଦୁଇ ହେଲ—ପୁରୁଷ ଓ ପ୍ରକୃତି । ଏହି ପୁରୁଷ ପ୍ରକୃତିର ପରସ୍ପର ସମ୍ବନ୍ଧ ନ ହେଲେ ମନୁଷ୍ୟ ରୂପୀ ଚେଇଁଣୀ ପୋକଙ୍କୁ ନାଶିବାକୁ ଏତେଶୁଣ୍ଡ ଲୋଡ଼ା ହବ ?

\+ + ×

କିନ୍ତୁ ଗୋଟାଏ ଭୟ ଅଛି । ଏହି ବଡ଼ ବଡ଼ ବୋମା ଯୁଦ୍ଧର ଅନେକ କଥା କହି ହୁଅନ୍ତି ଯାହା ସତ ହେଇଯାଏ—ଶ୍ରୀମଦ୍ଭାଗବତରେ ଅମ ବନ୍ଧୁ ଜଗନ୍ନାଥ ଦାସେ ସେ କଥାକୁ ଲେଖିଗଲେ ଯେ—

ସବେଁ ହୋଇବେ ଖଳ ବଳ ।
ଗ୍ରାହିବେ ଭୁବନ ମଣ୍ଡଳ ॥

× + ×

ପ୍ରଜାଏ ଅନ୍ୟୋ ଅନ୍ୟ ହୋଇ ।
ଅପଣା ସର୍ବ ନାଶ ଯାଇ ॥
ଏକ ଅଇବେ ସବୁ କରି ।
ମାରିବେ ହଂସା ଗ୍ରାନ୍ଧରି ॥

× × ×

ତେଣୁ ହୋଇବେ ଅଳ୍ପାୟୁଷ ।
ପାପେ ସକଳେ ଯିବେ ନାଶ ॥

× × +

କିନ୍ତୁ ଏ ପାପରୁ ରକ୍ଷା ପାଇବାର ଉପାୟ ଏବେ ମୋର ଅଇନଷ୍ଟାଇନଙ୍କ ଅଇନ । ପୁରୁଷ ସ୍ତ୍ରୀ ସମ୍ପର୍କରେ ଯଦି କୌଣସି ବ୍ୟାଘାତ ନ ଅସେ ତେବେ ସବୁ ଠିକ୍ ହେଇଯିବ ।

\+ + × +

ପ୍ରସ୍ତାବ ହୋଇଛି ଯେ ଇଂଲଣ୍ଡରୁ ଫ୍ରାନ୍ସ ଯାଏଁ ଗୋଟାଏ ଟନେଲ ବା ପାତାଳ ରେଳ ବାଟ ତିଆରି ହେବ । ଆମେ ପୁରାଣରେ ପଢ଼ିଥିଲୁ ଯେ ପଞ୍ଚ ପାଣ୍ଡବେ ଜତୁଗୃହରୁ ଏହି ଟନେଲ ବାଟେ ପଳାଇ ଥିଲେ । ଦରକାର ହେଲେ ଇଂଲଣ୍ଡବାସୀ ମଧ୍ୟ ଏହି ଟନେଲ ବାଟେ ପଳାଇବାର ବାଟ କରିଛନ୍ତି । ଲୁଅଟକୁ ୮୦ ବର୍ଷ ହେଲା ଏ କଥା ହେଉ ହେଉ ହୋଇ ହେଉ ପାରୁନାହିଁ । କିନ୍ତୁ ଅମ ଭାରତର ସିନ୍ଧୁ ବାଟ ସେମାନଙ୍କୁ ଦେଇ-ଗଲ ଏବେ ଦଳେ ସେମାନେ କବର ଖୋଳୁ ଅଛନ୍ତି । ମହାଭାରତର ସେ ଗଳ୍ପ ବାର ବା ଖୋଳିବାର କଥା ସତ । କାଳେ ଲୁଣ୍ଠ ପଥ ଗ୍ରାମ ଘରେ ପଶିବା ବେଳକୁ ବ୍ରହ୍ମା ତାଙ୍କୁ 'ଲକ୍ଷଣା' ବା ସିନ୍ଧୁବାଟ ଦେଇ ଯାଇଥିଲେ । ଏହି ଲକ୍ଷଣା ବଳରେ ଯଦି ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ବାଟ ହୁଏ ତେବେ ଅନେକ ପ୍ରେମର ପରିଚୟ ମିଳିବ ।

× + ×

ଶାସ୍ତ୍ର ଅନୁସାରେ ଲକ୍ଷଣା ପଡ଼ିବାର କଥା ମଧ୍ୟ ଅଛି । କୃତ୍ତିବା ନଗର ବୃନ୍ଦାବନର ଲୋକ ଯଦାଚିତ୍ ଉଠି, ସାଧାରଣ ବଳବନ୍ତ ଶିବ ମନ୍ତ୍ର ଅଳ୍ପା ମାଇପଙ୍କର ଶଙ୍ଖା ଖଣ୍ଡେ ହାତରେ ଧନ, ସିନ୍ଦୂରେ ଚଣ୍ଡି ପୂଜା କରନ୍ତି । ପ୍ରଥମରେ ଦଶ ଜଣାଇ ଲକ୍ଷ୍ମୀପୂଜା ଦେଇ ସିନ୍ଧୁ ଭବ ପଡ଼ିଲେ ଚଣ୍ଡୀ ଦେବୀଙ୍କ ଉତ୍ସବ ଶ୍ରୀ କରାନ୍ତି । ପୁଣି ପ୍ରସୂତି ଧରିବା ଲଜ୍ଜା ଖଣ୍ଡେ ଦେଇ ପଦାବଳି କରନ୍ତି । ତାଙ୍କୁ ଦର୍ଶନରେ ପାଣିଦେଇ କମାଇ ଲକ୍ଷଣା ଛାଡ଼ି କରନ୍ତି । ଏଠେ ଶ୍ରେଣୀରେ ପାଣି ଉଠୁଛି ଏ କଥି ସବୁ ସାଧାରଣଙ୍କ ଜଣାଇ ଦିଅଗଲ—ବିଶେଷ ମନ୍ତ୍ରୀ ମଣିମା ମାନଙ୍କ ଅନ୍ଧାରୁ ବାହାରିବା—ଦରକାର ବେଳେ କର୍ମରେ ଅସିବ ।

\+ + +

ଶୁଣା ଯାଉଛି କିଛି ଦିନ ଭିତରେ ଉଡ଼ା ଜାହାଜ ଅଟଲାଣ୍ଟିକ ମହା ସାଗରରେ ୨,୪୦୦ ମାଇଲ ଉଡ଼ି ୧୦ ଘଣ୍ଟାରେ ଇଂଲଣ୍ଡରେ ପହଞ୍ଚିଗଲା । ମହାଭାରତ ଘୋଡ଼ା ଉଡ଼ା କଥା ଆଗରେ ଶୁଣିଥିଲେ । ଏଥର ସେଠ ସତ ହେଲା । ତାଙ୍କ ସେ ସ୍ତ୍ରୀ କନ୍ୟା ଯେ ବନବେଳେ ରାକ୍ଷସମାନଙ୍କୁ ଖାଇ କରି ତଏ ପୁଣି ଷଷ୍ଠରେ ମଣିଷ କରେ—ଫୁଲ ଶୁଖେଇ; ସେଇଟା ସତ ହେଲେ ଅମ ମାଇପେ ଯାବ କେଉଁ ଶତ ତାଙ୍କ ପୁରୁଷଙ୍କ ଫୁଲ ଶୁଖାଇ ପଶୁ କରି ରଖନ୍ତେ ।

× × ×

ପ୍ରଥମେ ଜବ୍ବଲପୁରରେ ହୁଗଳି ଗୋଷ୍ଠ ଅଫିସର ପାକିସ୍ତାନକୁ ଅସ୍ତ୍ର ଶସ୍ତ୍ର ଚାଲାଣ କରିବା ଅପରାଧରେ ଧରା ପଡ଼ିଥିଲେ । ତା ପରେ ପୁଣି ଚନ୍ଦା-ଉଠାଉଛନ୍ତି । ... ଇଂରେଜ ... ମେନନ ଦିଲ୍ଲୀ ... କଲିକତାରୁ ... ମାଲ ପଠାଇବା ଖବରରୁ ଧରା ପଡ଼ି ଯାଇଛନ୍ତି ।

ଏ ସବୁ ବାସ୍ତବରେ ସୁଖ ଭାରତ ନୁହେଁ—ପରୀକ୍ଷା କଲେ ଦେଖା ଯିବ ଯେ ଏ ସବୁ ଶିଶୁଙ୍କ ଖିଆଲି । ପାକିସ୍ତାନ ବା ପବିତ୍ର ଭୂମି ଭାରତରୁ ଅଲଗା ହୋଇଗଲା ପରେ ଭାରତ ଏ ନର୍କ ଭୂମିରେ ଯେତିକି ପବିତ୍ରତାର ଛିଟା ବା ଥିବା ରହିଯାଇଛି; ତାକୁ ପବିତ୍ର ଭାବରେ ରଖିବାର ଚେଷ୍ଟା ଚାଲିଛି । କାରଣ ପୁଣ୍ୟ କାର୍ଯ୍ୟ ଗୋପନରେ କରିବା କଥା—ଯେ ଧର୍ମ କଲେ ଅଚିରାତ ଅନେ ପ୍ରକାଶ ନ କରିବ । ଧରା ପଡ଼ିବା ହାଉ—ଧର୍ମ ପ୍ରକାଶ ହୋଇ ଅପକାର ହେଲ—ତେଣୁ ସେ ଭୁଲ ଭାରତ ଭଲ କଲୁଚି ।

× × ×

ଜବ୍ବଲପୁର ଇଂରାଜ ସିପାହୀମାନେ କହୁଛନ୍ତି ଯେ ସେମାନେ ପାକିସ୍ତାନ ସବୁର ଅସୁରକ୍ଷା କରିବା ପାଇଁ ପାଇଲେ ସୁଖ ଭିତରେ ଭୁଲ ଭାରତ ଜନ୍ମ ଲଭିଥିଲେ—ପାକିସ୍ତାନକୁ ପଠାଇବା ତାଙ୍କର ଉଦ୍ଦେଶ୍ୟ ନଥିଲ । ଅନାର୍ଯ୍ୟଙ୍କ ଉପ୍ତେଶକ କହୁଛନ୍ତି—ତାଙ୍କ ଦେହରୁ ତାଙ୍କ ଅସ୍ତ୍ରଶସ୍ତ୍ର ପଳାଇ ଯିବାକୁ ଧମକ ଦେବାରୁ ତାଙ୍କ ଅସ୍ତ୍ରକୁ ଛଡ଼ିବା ପାଇଁ ସେ ଅଧିକ ଭାଇଚାର ଓ ସୁବୋଧ ଦେଖିଥିଲେ ।

× × ×

ଧର୍ମଶାଳାରେ ଗୋଟିଏ ଲେମ୍ବୁ ଗଛ ... ଏବେ ଅଛି ... ପାଣି, କମଳା, ଅଳାଣି ଓ ସରବତୀ ସ୍ୱାଦ ପ୍ରକାଶ ଲେମ୍ବୁ ଫଳୁଛି । ଏକାଧାରରେ ଯାହା ଗଙ୍ଗୀ ଅଣ୍ଡାଳିକ, ସାହିତ୍ୟିକ, ସାଙ୍ଗୀତିକ ହେବାର ଦୃଷ୍ଟାନ୍ତ ଓଡ଼ିଶାରେ ବିରଳ ନୁହେଁ । ଏ ଦେଶରେହିଁ କେବଳ ଏହା ସମ୍ଭବ ପାରେ ।

ମାତ ବୀଣାପାଣି କେଉଁ ପୁଣ୍ୟ ଫଳେ!
କରୁଣା ତୋହର ଲେମ୍ବୁ ଗଛ ମୂଳେ
ଗୋଟିଏ ଗଛରେ ଫଳ ସ୍ୱର ସ୍ୱର
ସ୍ୱର ଜଦ୍ୟା ଏକାଧାରେ ଏକାଧର ।

× + +

ଚେକୋସ୍ଲୋଭାକିଆର ମିଛଛାତି ସଂଘ ପ୍ରସ୍ତାବ ମାସାରିକ କହିଲେ ଉଦେଶ ବାମପନ୍ଥୀ କର୍ତ୍ତୃତ୍ୱ ରୂପେ ଚାଲିଛି । କିନ୍ତୁ ଦକ୍ଷିଣରେ ଅମେରିକା ସବୁରୁ ସେ ଦୁଇପକ୍ଷ ଜଗାଇ ରଖିଛନ୍ତି । ଅର୍ଥାତ୍ 'ଶ୍ୟାମ' ଓ ଅଛି ,'କୁଳ' ଓ ଅଛି । ଯେଉଁ ଦେଶ ବ ଅଛି, ପୁଅ ମୁଣ୍ଡ ବ ଅଛି— ମର୍ତ୍ତ୍ୟରେ ପାଇବ, ସ୍ୱର୍ଗରେ ପାଇବ, ମନ ହୁଏ ।

Digitized by srujanika@gmail.com

କାହିଁ ଭାରତ ? ଭାରତର ନେତୃବୃନ୍ଦ କହନ୍ତି ଆମେ କୌଣସି ପକ୍ଷରେ ନୋହୁଁ । ଦୁଇ ଦୁଇଟା ସମ୍ପ୍ରଦାୟ ଭିଡ଼ା କଥାରେ ଭାରତ ନିରପେକ୍ଷ ବା ନପୁଂସକତ୍ୱ ବା କ୍ଲୀବତ୍ୱ ପ୍ରକାଶ କରୁଛନ୍ତି । ଏହା ଏଭଳି କଥାଟେ କହିବା ? ଭାରତ ସ୍ୱତନ୍ତ୍ର ଭାବରେ ଛିଡ଼ା ହୋଇଥିବେ । କାରଣ ଭାରତର ପଣ୍ଡିତଙ୍କ ଭାବଦ୍ଭଙ୍ଗରେ ଅଛନ୍ତି । ଅର୍ଥାତ୍ ବାମାଙ୍କ ଓ ଦାମୋଦରଙ୍କ ।

କେତେକ କହୁଛନ୍ତି, ଭାରତ ଏଇଟାରେ ନାହିଁ ବା ସେ ଘାଟରେ ନାହିଁ— ମାଝ ଘାଟରୁ ! ଏ ପକ୍ଷରେ ନୁହନ୍ତି ବା ସେ ପକ୍ଷରେ ନୁହନ୍ତି— ଚମ୍ପାଗଛ ପକ୍ଷୀ ।

\+ + ×

ଗାନ୍ଧି ଜୟନ୍ତୀ— ବା ଚରଖା ଜୟନ୍ତୀ— ଏଥର ଗାନ୍ଧି ଜୁହାର ୭୮ ବର୍ଷ ଜୟନ୍ତୀ । ସେଥିପାଇଁ ଶିବ ଏଥି କାରଣରେ ଅର୍ଥାତ ଚର୍ଖା ପ୍ରଶ୍ନରପାଇଁ ଦାନ କରିବେ— ସେ ୭୮ ଟଙ୍କା, ୭୮ ଅଧଲା, ୭୮ ଗିନ୍ନି ୭୮ କୋଡ଼ି, ୭୮ ପଣ, ୭୮ ଯୁବତୀଙ୍କ କୋପଦୃଷ୍ଟି ୭୮ ଥଇଲା, ୭୮ ଅଧୁଲା, ୭୮ ପାଉଲା, ୭୮ ଛଦାମ ଟେଣିକି ୭୮ ବଳା, ୭୮ ଖାନ୍ତ, ଚେକ୍, ଚକ୍ର ଯୁକ୍ତ । ଯେଉଁଠି ମନ ଦୁର୍ବଳ ଥିବ, ସେଠିଠି ବାଟି ବଳେଇଥିବ । ଷମତା ପାଇବା ପାଇଁ— ଯେଉଁଠି ପୁଅ ବାହାର ମନ, ଅର୍ଣ୍ଣରେ ନଥାଇ ଧନ ସେଠିକି ସୁତ ସୂତା— ଆଉ ଯେଉଁଠି ମଣିଷ 'ବାପାରେ ଖାଇଛି ରଖାଇବ' ଭଳି ସେଠି ଅପଣାକୁ ବଞ୍ଚାଇବାପାଇଁ— ଗାନ୍ଧିଜୀଙ୍କ ବା ଚରଖା ଭକ୍ତମାନେ ଭଗାଡ଼ି କରି ଦାଢ଼ୀ, ଖାନ୍ତ, ଚକ୍ର ଆଦିରେ ଦେଇଦେବେ ପାଇ ।

\+ + +

ବଇଶ ସଭାରେ ପ୍ରସ୍ତାବ ହୋଇଛି ଯେ ସେଦିନ ୭୮ ସିଗାରେଟ ଦୁଇ ଖଣ୍ଡ ସମସ୍ତେ କରିବେ । ଏବଂ ଯେଉଁ କଂଗ୍ରେସ କର୍ମୀମାନେ କେତେ ପଦାର୍ଥ ବର୍ଜନ କରିବା ଉଦ୍ଦେଶ୍ୟରେ ସ୍ୱଭାବୈବିକ ଷମତା ହାତରେ ଥାଇ କେତେ ସିଗାରେଟ୍ ଦହନକର୍ମ ଚଳାଇ ଛନ୍ତି, ତାଙ୍କ ଅନୁରୋଧ କରାଯାଉଛି ଯେ ସେମାନେ ସମସ୍ତେ ଅନ୍ତତଃ ୭୮ଟା ଲେଖାଏ ସିଗାରେଟ୍ ଦହନ କରନ୍ତୁ ସେଦିନ ।

\+ + ×

କେନ୍ଦ୍ର ବ୍ୟବସ୍ଥା ସଭ୍ୟ ଓଡ଼ିଶା ଦୁଇଜଣ ଭାରତ କର୍ମୀଙ୍କ ପ୍ରତିନିଧି ଥିଲେ । ତଥ ମଧ୍ୟରୁ ଅଜିର ବଡଲୁ ଗ୍ରୀଗିରଥ ମହାପାତ୍ର ସଭ୍ୟ ଓ ସଚିବ ହେବା ଫଳରେ ଓଡ଼ିଶା ରାଜଧାନୀ ଭବନ ପାଇଁ କେନ୍ଦ୍ର ସରକାରରୁ ଅର୍ଥ ହାତରେ ଥିବାରୁ ଶ୍ରୀଯୁକ୍ତ ମହତାବଙ୍କର ଭୂରି ଭୂରି ପ୍ରଶଂସା ହେଉଛି । ଆମେ ଏ ବିଷୟରେ କହୁ ନ ଥିବାରୁ ଭରି ରହିଛୁ ଯେ କରିବାକୁ କାର୍ଯ୍ୟ କାର୍ଯ୍ୟ ଯାଏ, ନକରିବାକୁ କରାଗାଏ । ମୁହଁରେ ଅଛି ଅନ୍ୟାୟ ହେଉନାହିଁ ସେଥିରେ । ବରଂ ମହତାବଙ୍କ ପ୍ରଶଂସା କରିବାର କଥା ଯେ ସେ ଅନ୍ତତଃ ଦୁଇନ୍ତି । ଏବଂ ଆଧୁନିକ ସଭାରେ ସେ ଶ୍ରମିକବର୍ଗଙ୍କ ପୋଷ୍ୟ ରଖନ ଦଶ୍ଵପୁ କେତେ । ତାହ ରଖନ ପାଇଁ ଅନ୍ୟତମ ସଭ୍ୟ ଶ୍ରୀ ଜଗନ୍ନାଥ ଦାସ ଗିଲେ । ଶ୍ରୀ ଦାସ ବୈଷ୍ଣବ ଥିବାରୁ—ତାଙ୍କପାଇଁ ଶ୍ରୀଯୁକ୍ତା ମାଳତୀ ଦେବୀଙ୍କ ଦ୍ୱାରା ଶୂନ୍ୟ ସ୍ଥାନଟି ପୂର୍ଣ୍ଣ କରାଗଲା । ଅଛ ତଥ ଜଗନ୍ନାଥ ଦାସେ ଯେଉଁ ନାମ ରୂପ କେବ ଅଛିଥିଲେ ସେଥିରେ ଜଗନ୍ନାଥ ନାମ ସାର୍ଥକ ହେବ ଦଶ୍ଵପୁ । ଆମ ଜଗନ୍ନାଥ ଦାସଙ୍କ ମହତାବ ବା ତାଙ୍କ ଶ୍ରୁତ୍ ଅଛ ଜଗ ନାମ ଜନେଇ ଥିଲେ କେଁ— ଲୋକସାଧାରଣ ତାଙ୍କୁ 'କୃମଜଡ଼' ନାମ ଦଣ୍ଡ ପୂର୍ବରୁ ଦେଇଛନ୍ତି । ତେଣୁ ଏବଂ ଦନ୍ୟାଜୀ ଦଣ୍ଡ କାରଣରୁ ଜଗନ୍ନାଥଙ୍କ ମହୋମତ କରିବା ଉଚିତ । ଉତ୍କଳ ଜଗନ୍ନାଥ କ୍ଷେତ୍ରର ପ୍ରକୃତ ପ୍ରତିନିଧି ହେବାକୁ ହେଲେ ତାଣ ଜଗନ୍ନାଥ ନାମ ଧାରୀ ଲୋକଙ୍କ ଦରକାର ଉଚିତ । ତଦ୍ୱାରା ଜଗନ୍ନାଥ କ୍ଷେତ୍ରର ପ୍ରକୃତ ହେବ । ଚନ୍ଦ୍ରକେତୁ ପୁଣ ଅଶେଷ ବ୍ୟବସାୟ ବାଣିଜ୍ୟ ଚଳିବ । ପ୍ରଦେଶ ବାହାରକୁ ଜଗନ୍ନାଥ ବଟେ କଲେ— ପ୍ରଦେଶ ଭିତରକୁ ଲକ୍ଷ୍ମୀ ବଟେ କରିବେ । ଏହି ଆଶା ବଇଶ ସଭା ଘୋଷଣା କରି ସମର୍ଥନ କରୁଛି ।

\+ + +

ସଂସ୍କୃତରେ ଗୋଟିଏ କଥା ଅଛି— ଅଟବୀ ନହେବା ଠାରୁ ତେଉଁରେ ହେବା ଭଲ । ଅର୍ଥାତ ଭଲ ଅଟବୀ ନଖିଅବାଠାରୁ ତେଉଁରେ ଖିଅବା ଭଲ । କେତେକ ତାକୁ କହିବେ ନାଚାଲନ୍ତା ଅଟବୀ ନଖିଅବା ଠାରୁ ୮୦ କରପଟେ ଖିଅବା ଭଲ । ( ଏଠାରେ ତାର ଅର୍ଥ ଏବଂ ପ୍ରବାଦଗତ ଗୋଷ୍ଠୀ । ସାମାଜିକ କୌଣସି ଆକ୍ଷେପ କରାଯାଉ ନାହିଁ ।)

କଲୁ ତା ସାଙ୍ଗକୁ ଆଉ ଗୋଟାଏ ଓଡ଼ିଆ କଥା ଅଛି— ନେଡ଼ିମୁଣ୍ଡ କହୁଣୀ ବଡ଼ ଘଇଣି । ଆଉ ଦୃଷ୍ଟି ଦୂରକାହିଁ । ଠିକ ସେହି ଅବସ୍ଥାରେ ଓଡ଼ିଶା ମୁସଲମାନଙ୍କ ନେତା ଅବଶୋଷ କରୁଛନ୍ତି— '' ପାକିସ୍ତାନକୁ ସମର୍ଥନ କରି ଆମେ ଭୁଲ କରିଛୁଁ ।''

ପ୍ରଭୁ ଯେପା ତାଙ୍କ ସନ୍ତାନମାନଙ୍କୁ କ୍ଷମା କରନ୍ତୁ । ଅବଶ୍ୟ କୌଣସି ଗୋଟାଏ ସଂପ୍ରଦାୟ ଉଦ୍ଦେଶ୍ୟରେ ଏ ପ୍ରାର୍ଥନା ନୁହେଁ— ସବୁ ସଂପ୍ରଦାୟ ଉଦ୍ଦେଶ୍ୟରେ । ଗାନ୍ଧୀଜୀଙ୍କ ପ୍ରାର୍ଥନା ଅନୁକରଣରେ ।

× × ×

ବାନ୍ଦ୍‌ମଲ୍ଲ କେତେକ ସତ କଥା କହେ । ବଲୁ ଆମେ ସଅନ୍ତା ମଲ ହେଲ, ଭଲ ଭଲ ଦଣାବଟା ଲଗି, ଏବା ସରକୁ ସଗ ସଗ କରି ବଡ଼ମଲ୍ଲ ଅବ- ସ୍ଥାରେ ଲଣ୍ଡପୁରଙ୍କ ଚେତାବଣୀ ହେବାଟା ଗୋଟାଏ ମଙ୍ଗଳ ଦୂଚନା । ଏବାଥରେ ଲିଗ୍‌ର ବାଣପୁରୁଷି, ଭୁରୁକ, ମିଚ୍ଛାରଗାର ସବୁକୁ ପୋପ ଦି ଦେଇ ଲଣ୍ଡପୁର ଭଜ୍‌ବର ଗଜନ ଅଟମ୍ବ କଳ ଭଳି ଚାତୁରୀ ଛଳରୁ ସାପ ଦଳରେ ଦଳର ଲୋକ ଭଳି କହୁଛନ୍ତି— ବଙ୍ଗଦେଶର ଲିଗ ନେତାମାନେ କ୍ଷମତା ପଦରେ ରହ୍ନମର ଲୁଦାଇ ମାନ୍ଧ ଭୂଲ ନୂଆଗାଲ ଓ କଲିକତାରେ ହଂସ କାଣ୍ଡ ଘଟାଇଲେ । ଲଣ୍ଡପୁର ଗାଇ ଲିଗକୁ ଦୋଷ ଦେଲେ ଉଣା ହେବ । ଆମ ଏ ହିନ୍ଦୁ ଗ୍ରାଭ ବି କମ୍ ନୁହନ୍ତି । ଯେଉଁଠି ମାଡ଼ ଖାଇଲେ ସେଠି ଭଲ ଲଢ଼ି ଯାଇ ଥାନ୍ତେ । ସେଠୁ ପୁଞ୍ଜିଟେକ ଖସି ଯେଉଁଠି ମୁସଲମାନଙ୍କ ସଂଖ୍ୟା ଅଳ୍ପ ସେଠି ଯାଇ ଅସହାୟ ଉପରେ ବୀରତ୍ୱ ଦେଖାଇ କଲେ ! ଏହେ ଦାଏ ଲଗା କ । ଯେଉଁ ହାତରେ ଯେତେ ତାଳିବଟା । ଦାଏ ଉଦ୍‌ଏରଣ ଦାଏ ଦିଣ୍ଡ । ସମସ୍ତଙ୍କ ପେଟରେ ଭୂଇ । ଗାଲ ଲିଗକୁ ଦୋଷ ଦେଲେ ଚଳିବ ନାହିଁ । ଲିଗ ଆମ ହିନ୍ଦୁଙ୍କ ଭିତରେ ଥିବା ହିଂସାକୁ ଉସୁକେଇ ଦେଇ ଜମ୍ମୀ ହେଲେଣି । ଜମ୍ମୁହେଲା ଲିଗର । ହାର ମାନିଲେ ହିନ୍ଦୁ ଯାକ । ଲଣ୍ଡପୁର ତାଙ୍କ ହିନ୍ଦୁ ଗ୍ରାଭକୁ କହିବାକୁ ସାହସ କରିନାହାନ୍ତି । ବଇଶ ସଭା ଯାହା ଦୁଇ ଲଣ୍ଡପୁରଙ୍କ କଥାରେ ସବୁ, ତଥାପି ଭାରତକୁ ପୁଣି ଏକ କରିବାପାଇଁ ଗୋଟିଏ ମନ୍ତ୍ର କହି ଦେଉଛି— ସ୍ୱଲ ଆମେ ହିନ୍ଦୁସ୍ଥାନ ପାକିସ୍ଥାନ ଏକ ହୋଇ କହିବା— ତୁମ ମୁକୁସ ମୁଁ ବି ମୁକୁସ ତୈଁସ କାହିଁ ପଛେ ଧୋଇବା ? ସ୍ୱଲ ମୁକୁସ ଶୋଇବା —ପୁଣି ଏକ ହୋଇ ହେବା ।

× × ×

ଲଣ୍ଡପୁର କହନ୍ତି— ହିନ୍ଦୁ ମୁସଲମାନ ଦୁଇ- ଜାତି ଏକଥା ଭୁଲଯାଅ ! ବାବା, ଭୁଲିବା ସେ ଭୁଲ ପଣରେ ଭଳ— ଯାହା ହେବ ଭ ତ ହୋଇଗଲା । କଲୁ ବଇଶ ସଭା କହେ— ଦୁଇ ଜାତି ସିଦ୍ଧ ଦଣ୍ଡ- ଜାତିକ ହୁଏ— ଜାତି ସୁତ୍ତକ ଯଦି ସରଳରେଖା ଦୁଅନ୍ତି ତେବେ ଗୋଟିକ ପରେ ଗୋଟିଏ ଥୋଇ ଦେଲେ ଦେଖିବ ଇଉକ୍ଲିଡଙ୍କ ଜ୍ୟାମିତି ସୂତ୍ର ଅନୁ- ସାରେ ପରସ୍ପର ଉପରେ ସମାନ ଭାବରେ ପଡ଼ିବି ।

\+ + +

ଭାରତ ସରକାରର ଅର୍ଥ ମନ୍ତ୍ରୀ ଏକ ବକ୍ତୃତାରେ କହିଛନ୍ତି କି ଭାରତର ଆର୍ଥିକ ଅବସ୍ଥା ଖୁବ ସ୍ୱଚ୍ଛଳ । ଏଣେ ଖାଦ୍ୟ ମନ୍ତ୍ରୀ କହୁଛନ୍ତି ଯେ ଦେଶର ଖାଦ୍ୟ ଶସ୍ୟର ଅବସ୍ଥା ଶୋଚନୀୟ ।

ଆମେ ଭାବୁଛୁ ଏଇ ଯଦି ଦୁର୍ଭିକ୍ଷ, କାଣକାଟ ଓ ଉପଦ୍ରବ ବ୍ୟାପକ ଭାବରେ ଆମ ମୁଣ୍ଡ ଉପରେ ପର୍ଯ୍ୟାୟ ହୋଇ ଅନର୍ଥ ଘଟାଉଛି ତାହା କଣ ଏ ଅର୍ଥ-ସ୍ୱଚ୍ଛଳତା ହେତୁରୁ ? ''ଅର୍ଥମନର୍ଥଂ ଭାବୟ ନିତ୍ୟ'' ?

ଅଚ୍ଛା ଖାଦ୍ୟାଭାବ ହେଲେ ସୁନା, ରୁପା, କାଗଜ ଖାଇ ଚଳିବି ନାହିଁ କି ?

Digitized by srujanika@gmail.com

# ଯାହା ଖାଉଥିବ ଦେବାକୁ

ସେତେବେଳେ ଅବସର ଜନାର୍ଦ୍ଦନ ବାବୁଙ୍କ ପୁଅ ଏଡଭୋକେଟ୍‌ଙ୍କର ଭୋଜ ଅଡ଼ୁଥିଲା, ଘରଣୀ ତ ଥିଲେ ବାପଘରେ । ଘଣ୍ଟେ ଅଧ ଘଣ୍ଟାକ ଡେରି ସହି ସାରି ହୋଇ ବାହାରି ପଡ଼ିଲି । ବେଶ୍ ଲାଗୁଥିଲେ—ପଲଉ, ମାଛ, ମାଂସ, ପାଏସ୍ ଦଥ ଦହିବାଏ ଛ ରଜା ପୁଣି ସବୁ ଶେଷରେ ରସଗୋଲା, ଚେ ଭୁଟେକ; ମାନେ ଭୋଜଟା ଅଡ଼ବାଲର ସେସବ ଯୁଗର ଭୋଜ ଉଭୟ ଚମାନ୍ତରେ । ବେଶ୍ ଟଳବଣିଅ ଗୋପୀମିଟା ଭୋଜନଟାଏ ହେଲା । ଏମିତିଅ ଶିଅଟ ୧୯୦୯ ପଛରୁ ଖାଇଥିଲି ନଥିଲି । ସେଅ ପରେ ଦକ୍ଷିଣୀ ବାଉନାଚ ଦେଖୁ ଦେଖୁ ବେଣି ଘଣ୍ଟ ହେଇଗଲା—ଘରେ ଅସି ବଛଣାରେ ଶୋଇ ଶୋଇ ଘଣ୍ଟ ହେଲଣି ଗୋଟାଏ ତ—ବାଟା । ମନେ ହେବ ଗଲକଡ଼ ହେଇ ଅଛି; ଉଣ୍ଡାର ଘଲୁ ଘଜ ଘଡ ଘଡାର ନଡ଼ଟା ଗୁଲବନା ଗୁଙ୍ଗ କଲା । ଘଟ ଉପରେ ବସି ବନ୍ଧ ବାନ ପାଇ ଶୁଣିଲି—ପୁଣି ଘଡ ଘଡ ଝଣ ଝଣ ଧଡ ଧଡି ।

## ମାଙ୍କଡ଼ ହାତରେ ଶାଳଗ୍ରାମ

ପଚାରିଲି— "କିଏ କିଏ ?"

ଅନ୍ଧାରରୁ ଉତ୍ତର ଆସିଲା—"ନାଇଁ ଚୋର ନୁହେଁ, ମୁଁ ଗଣ୍ଡ" ଚୋର ଆଉ ଗଣ୍ଡଙ୍କ ଭିତରେ ଗୋଟାଏ ପାର୍ଥକ୍ୟ ଥାଏତ ? ମୋର କୌତୂହଳ ହେଲା ଜାଣିବାକୁ । ତାଛଡ଼ା ଆମ ଘରକୁ ଚୋର ଗଣ୍ଡ କେବେ ଆସି ନଥିଲେ । ଯୋବା ସଇତ୍ତ ପ୍ରସ୍ତୁତ ଅସନ୍ତି, ଘାଇ ପଉଷା ଖୁବ୍ ଅସନ୍ତି କିନ୍ତୁ ଗୁଣ୍ଡାଗଣ୍ଡ କେବେ ଅସ ନଥିଲେ । ନୂଆ ଅଛିଥି ବୋଲି ଡାକିଲି "ଆସନ୍ତୁ ଏ ଘରକୁ ।" ଅନ୍ଧାରରେ ସେ ଆସିଲେ ଆଉ ଚଉକି ଟାଣି ବସିଲେ । ପଚାରିଲି— "ଆପଣ ଯେ କହୁଛନ୍ତି ଚୋର ନୁହନ୍ତି ଗଣ୍ଡ, ଆପଣମାନଙ୍କ ଭିତରେ ତା ହେଲେ କଣ ପ୍ରଭେଦ ନିଶ୍ଚୟ ରହିବ ?"

ଗଣ୍ଡ କହିଲେ—"ହଁ, ଚୋରମାନେ କେବଳ ଆପଣମାନଙ୍କର ଧନ ଆଣି ମାନଙ୍କର ଅଜାଣତରେ ସ୍ଥାନାନ୍ତରିତ କରନ୍ତି । ଅଜଣା ଆମେ ସେମିତି କରୁ କିନ୍ତୁ ଆମପାଖରେ ହତିଆର ଥାଏ ବୋଲି ଆମକୁ ଗଣ୍ଡ କୁହାଯାଏ ।"

"ଆପଣଙ୍କ ପାଖରେ ଭାରିହେଲେ ହତିଆର ଅଛି ଶୁଣି ଖୁସିହେଲି । କଣ ଲଗେଇବେ ? ଆପଣଙ୍କୁ ମୁଁ ଟିକିଏ ଦେଖି ପାରୁନି ।"

"ନା, ନା ତା କରନ୍ତୁ ନାହିଁ—ଆପଣ ଜାଣନ୍ତୁ ଆମେ କେମିତି ଅନ୍ଧାରକୁ ଘୃଣା କରୁ ଏମିତିକି ସ୍ୱପ୍ନ ସରିକି ଆମେ କେବେ ନିନ୍ଦା କରୁଁ ଆପଣ ନିଶ୍ଚୟ କହିବାର ପଡ଼ୁଥିବେ"



"ସତ ମୋର ମନେ ନଥିଲା, କ୍ଷମା କରିବେ । ତା ଛଡ଼ା ମୋର ଦୁର୍ଭାଗ୍ୟ ଆପଣମାନଙ୍କ ଉଲଗ୍ନକମ ଜାଣିବାର ଅବକାଶ ପାଇନି—ଆପଣଙ୍କର କଥା କହନ୍ତୁ"

"କଣ କହିବି ? ଏଇ ଦରିଦ୍ର ଓଡ଼ିଶା ଦେଶରେ ଜନ୍ମ ହୋଇ ଆମ ଜୀବନରେ କଣ ବା ନୂତନତ୍ୱ ରହିବ କହିଲୁ ଉଭୟ—ଆମର କର୍ମଜୀବନର ପରିସର ଅତି କ୍ଷୁଦ୍ର—ଆମର ଭଉଜା ନବାବର ପନ୍ଥା ଅତି ପ୍ରାଚୀନ ହେଲେଶୁଦ୍ଧା ଏବଂ ଅନ୍ୟାନ୍ୟ ଦେଶ ଅନ୍ୟାନ୍ୟ ପ୍ରଦେଶରେ ଆମର ଭାଇମାନେ ନାନା ଅଭିନବ ଉପାୟ ଦ୍ୱାରା ପ୍ରଭୂତ ଧନର ଅଧିକାରୀ ହୋଇ ପାରୁଥିଲେ ବି ଆମେ ଓଡ଼ିଆ ଓଡ଼ିଆର ହୋଇ ରହିଛୁ । ଦେଖନ୍ତୁ ଟଙ୍କାଅ ଅଫିସର, ପାଠିଏ ଟଙ୍କିଆ କେରାଣି, ହଜାର ଟଙ୍କିଆ ଦୋକାନ ବା ବ୍ୟବସାୟୀ ମଣିଷଙ୍କ ଘର ଲୁଟ କରି କେହି ବଡ଼ଲୋକ ହୋଇ ପାରିଲେଣି ? ଓଡ଼ିଶାରେ ଆମର ଜିଲ୍ଲା ବାହିଁ ? ଏଇ ଗରିବ ଦେଶରେ ଉପଯୋଗୀ ଆମର କଣ ଅବଲମ୍ବନ ଅଛି ? ଦେଶ ସ୍ୱାଧୀନ ହେଲା ମିଲ୍ କାରଖାନା ଉଦ୍ୟୋଗ ହୋଇଛି, କେତେଖଣ୍ଡି ଅଛି ପାଞ୍ଚ ଦଶ ବର୍ଷ ଭିତରେ ଯେତେ ଲୋକଙ୍କ ହାତରେ ପଇସା ହେବ ଆମର ଭାଗ୍ୟ ଚିନ୍ତାରେ !

## ମଜାକଥା

ଗଣ୍ଡଙ୍କ କଥା ଶୁଣି ଦୁଃଖହେଲା । ବାସ୍ତବିକ ଯେଉଁ ପନ୍ଥାରେ ଗୋଟାଏ ଭବିଷ୍ୟତ ନାହିଁ ସେମିତି ପନ୍ଥାଧର ମଣିଷ କେତେଦିନ ପୃଥିବୀରେ ଚଳିପାରିବ—ଉନ୍ନତର ଦେଶ ମାନଙ୍କରେ ତାଙ୍କର ପ୍ରତିପତ୍ତି କେତେ ! ଆଉ ବାସ୍ତବରେ ଦରିଦ୍ର ଓଡ଼ିଶା! ପଚାରିଲି—"ଆପଣଙ୍କର ଘରେ ଆଉ କିଏ କିଏ ଅଛନ୍ତି ?"

"ମୋର ମାଆ, ଆଉ ଗୋଟିଏ ଭାଇ ଗଣ୍ଡ କିଏ"

"ଆପଣ କେମିତି ସମୟ କଟାନ୍ତି ?"

"ଏମିତି ଚୋର ସବୁ କରି ଥାଏ । ଅନେକ ସମୟରେ ମାମୁଁ ଘରୁ ଡାକରା ଆସେ, ସେଠି କଟେଇ ଆସେ ।"

ଆପଣଙ୍କ ମାମୁଁଘର କୋଉ ଗାଁରେ ?"

"ଭୋଜ ଗାଁରେ ଚୋର କଥା ! ବାପା ଆମର ପଦ୍ମପାଦଙ୍କ ଶିଷ୍ୟ ଥିଲେ । ବାପାଙ୍କ ଘରମାନେ ଘର କଡ଼େଇ—ଏଥିର ଟିକଣାରେ ତାଙ୍କର ଘର ଅଛି—ମୁଁ କିନ୍ତୁ ମାମୁ ଘରକୁ ଗଲେ ମୋ ମାଆ ଛୁଟି ଦିଏନି—ବାଜେ ତା ଭାଇମାନଙ୍କ ପାଖରେ ଲୁଚି ତାର କଥେନ—ସେ ମନଦୁଃଖ କରେ, କିନ୍ତୁ ତାର ଏମିତି ଗୋଟାଏ ଅଭ୍ୟାସ, ସେ କାନ୍ଦନ୍ତି; ଯେତେ କାନ୍ଦେ ଦୁଃଖ ହେଉ ବାନ୍ଧେ । ଆଉ, ମୋ କଥା ଥାଉ, ଆପଣଙ୍କ କଥା କହନ୍ତୁ । ଏତେ କେଉଁପାଏ ଶୋଇ ନାହାନ୍ତି କାହିଁକି ?

'ସେତେବେଳେ ଅଫିସର ଘରକୁ ଭୋଜ ଖାଇ ଯାଇଥିଲି ଅଧ୍ୟ ଅଧ୍ୟ ହଜମ ହେଉନାହିଁ ।"

"କଣ କଣ କରିଥିଲେ ?"

"ଅନେକ କିଛି—ପଲଉ, ମାଛ, ମାଂସ, ଚପ, ମଣ୍ଡା—"

ଚିତ୍ରାଙ୍କନ — ଚେତନ ମହାପାତ୍ର

"ଏଁ ! କଣ କହୁଛନ୍ତି, ଅନ୍ଧକାର ଭିତର ଆମଳରେ ଏତେ ଖାଇବ ! ସମୁଦାୟ କେତେ ଟଙ୍କା ଖର୍ଚ୍ଚ ହୋଇଥିବ ?"

"ପ୍ରାୟ ୫୦ ହବ ।"

"ଦେଖୁଛନ୍ତି ଅନ୍ଧକାର ଦିନରେ ସରକାରମଣ୍ଡ ଦେଶର ଉପରେ କଣ୍ଟକଣା କଲେ କେହି ଚେଷ୍ଟା ଖାଇବେନ ବୋଲି କିନ୍ତୁ ଲୋକେ ଭୋଜ ଭିତରେ ଏତେ କଥା ଟେଟେଇ ଖାଇ ଦଉଛନ୍ତି—ଆମ ପେଟ ଭରୁଛନ୍ତି କଣ ?"

"ନା ନା ସମସ୍ତେ କଣ ସେମିତି ହୋଇଛନ୍ତି ? ଆମ ଘରଣୀ ଯେଉଁ ଦିନୁ ବାପ ଘରକୁ ଗଲେଣି ମୁଁ ଗୋଟାଏ ଓଳି ଯାହା ତାହା ଖିଆରେ ଖାଇ ନାହିଁ, ଆଉ ଓଳିଟା ପ୍ରାୟ ଉପାସ ।"

"ଯାହାହେଉ, ମୋ ପେଟ ଆପଣଙ୍କର ସହାନୁଭୂତି ଅଛି—କଣ କଣ ମୋ ପେଟ ଭରିଛନ୍ତି ?"

"ଆସନ୍ତୁ ଦେଖିବେ—ଏଇଟା ହରିତ ଭାଇର କହଣା ବାକ୍ସ—ଏଇଟା ଭାଇର ପଇସା ବାକ୍ସ—ଏଇ ଟ୍ରଙ୍କ ପେଟେର ସ୍ୱଭାବରେ ଭଲ ପଟା ରହିବ ।"

"ବାସ ଏତିକିମାତ୍ର—ବାଉଁ କଂସା ବାସନ ବି କେଉଁ ଠାରେ ଦେଖୁନି ।"

"ନାହିଁ—ଏଇ ଯାହା ଦେଖୁଛନ୍ତି ଶଶୁର ଘରୁ ମିଳିଥିଲା ସେଥିଭିତରୁ ବ୍ୟବହାର ହୁଏନି—ଆମେ ଚନ ବାସନରେ ଖାଉଁ ।"

"ଅଚ୍ଛା, ଆପଣ ଏମିତି ଶସ୍ତା ଜିନିଷରେ କାମ ଚଳେଇ ଦଉଛନ୍ତି—କଂସା ପିତଳର ଯେଉଁ ତ

ସେଟାଏ ମୂର୍ଖ ପତି ! ଅଚ୍ଛା ଅଉ କଣ ସବୁ ଲେଖିଛନ୍ତି ।”

“ଏହି ସ୍ତ୍ରୀଙ୍କ ଅତି ଆଗ୍ରହ କେତେକ ? ଅଲଗ କଥା ଦେଖନ୍ତୁ ଆପଣଙ୍କର ଦରବାର ଦେଖି ଉଠିଥି— ‘ଓଃ ଟଙ୍କ ସ୍ତ୍ରୀ ନେଇ ପାରନ୍ତି କହି ଏତେ କହନ୍ତି କେତେ କେମିତି ?

“ନେଇଯିବ—ମୋ ସାଙ୍ଗରେ ମହିଷ ଅଛନ୍ତି ଯେ ! ତାହାରେ ଛଡନ୍ତି ।”

“ବେଶ୍ ତ ହେଲେ ଭଲ ହେଲା—ଉଠାନ୍ତୁ— ପାଇ ଫଳ କରନ୍ତୁ—ଅଚ୍ଛା ଅଉ ପୁଣି କେତେ ଅଛିତେ ?”

“ଅଛିତ ଯେ ପୁଣି କହସ୍ତ ଏହ ପଢନ୍ତୁ । ଗୋଟାଏ ଅନୁରୋଧ କରୁ ରଖିବେ, ପେଟକୁ ଦେଶି ଖାଇବେନି— ତା ହେଲେ ଅମ ତାଙ୍କ ଭଲ ହେଉଛି ।”

“ସେ କଥା ମତେ ଶିଖେଇବାକୁ ହବନି— ସେଇଠ ଯଦ୍ଦୃଷ୍ଟି ଯମାର ଅଛ—ତା ଛଡ଼ା ସ୍ତ୍ରୀଟାଏ ପଡନ ଗିଏ ଆମର ସମ୍ପତ୍ତି ଉପରେ ଚେଷ୍ଟା କରୁଛନ୍ତି ତାଙ୍କ ତାଙ୍କର ଅଧିକାରରୁ ବଞ୍ଚିତ କରିବାର ପକ୍ଷପାତୀ ମୁଁ ନୁହେଁ ।”

“ଧନ୍ୟବାଦ—ଦେଶରେ ଆପଣଙ୍କ ଭଳି ମଣିଷ ଯଦି ଆଉ କେତୋଟି ଥାଆନ୍ତେ ତେବେ ଆମେ ଆଉ ଅଦୃଷ୍ଟକୁ ଦୋଷ ଦଅନ୍ତୁନି କମ୍ । ଓଡ଼ିଶା ମାତାର କଦା କରନ୍ତୁନି । ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ ।”

“ହଁ, ମୋର କର୍ତ୍ତବ୍ୟ ମୁଁ କରୁଛି ସେଥିପାଇଁ ଏତେ ବୃଥା ପ୍ରଶଂସା କାହିଁକି ? ଅଚ୍ଛା ଏଠି କେତେ ସ୍ତ୍ରୀଟାଏ ଗଣ୍ଡିରୁ ଅଛି । ମୁଁ କେଉଁଠି ସବୁ ସଙ୍ଗେ ନେଇ କରି ଯିବି ଭାବୁଥିଲି, କେମିତି ?”

“ନା ଥାଉ—ସେ ସ୍ତ୍ରୀ ବର୍ତ୍ତମାନ...ଦରକାର— ଆପଣ ସଙ୍ଗ ନେଇକି ବାଟରେ ମୋ ଉପ-ଗଣ୍ଡି କଟା...ର ସେ ସ୍ତ୍ରୀ ବାହାର ଦୁଏଠ ଦରବାରକୁ ପଠେଇବ, ତେବେ ଏଇ ଝିଅ ବଡ଼ ସ୍ତ୍ରୀଙ୍କ ସାଙ୍ଗରେ ନେଇ ଯାଇଛି ।”

“ହଁ ଦଅନ୍ତୁ । ଅଉ ତୋର ଜିନା ଝିଅ କନା ହେଉଛି; ଦଶଦିନ ପରେ ବାହାଘର ହେଲେ ସେ ସ୍ତ୍ରୀ ମାଠ ହେଉଛି— ମୋର ମାଠ ଦେଖିଯାଇଛି ବୋଲି ମୁଁ ସମସ୍ତଙ୍କୁ କହ ପାରିବି ।”

“ଅଚ୍ଛା ଯାଉଛି—ଧନ୍ୟବାଦ—ମନେ ରଖିଥିବେ ।”

“ଧନ୍ୟବାଦ—ଧନ୍ୟବାଦ ମନେ ରଖିବି । ଏମିତି ପ୍ରତି ମୁହୂର୍ତ୍ତରେ ଭାବିବି ଆପଣଙ୍କ କଥା ।”

“ସେ ସ୍ୱଳ୍ପ ସବୁ ନେଇ । ମୁଁ ଝିଅ ସପଟା ଉପରେ ଶୋଇ କାଳ ସଞ୍ଜଟା କଟେଇଲି— ନିଦ ହେଉନି ମୋର । ମନରେ କେବଳ ଗୋଟାଏ ପ୍ରଶ୍ନ ଉଠିଲା ଯେ ସ୍ତ୍ରୀଟାଏ ଏତ ଯେଉଁମାନଙ୍କର ସଭ୍ୟତାର ପନ୍ଥା ଅତି ପ୍ରାଚୀନ, ଯେଉଁମାନଙ୍କର ବ୍ୟବସାୟ ଅତି ଅଳ୍ପ କାଳରୁ ଚଳିଆସୁଛି, ଯେଉଁମାନେ ସମାଜକୁ ଅଶ୍ରଦ୍ଧା ନ କରି କହି ପାରିବେନି ସେମାନେ କଣ ଓଡ଼ିଶାରେ ଜନମିଲେ ବୋଲି ତାଙ୍କ ତାଙ୍କଟା ଏକାବେଳେ କେମିତି ପାଇଗଲା ? ଏଥିପାଇଁ କଣ ସମାଜର କିଛି କର୍ତ୍ତବ୍ୟ ନାହିଁ ? ତାଙ୍କମାନଙ୍କ କଥା ମନରେ ଆଣିବା କଣ ଆମ୍ଭମାନଙ୍କର ଉଚିତ ନୁହେଁ ? ଅବଶ୍ୟ ଉଚିତ । ମୁଁ ସେଇଯୋଗୁ ଆପଣମାନଙ୍କୁ ପଚାରୁଛି ଆପଣମାନେ ସାଧାରଣ ଜନରେ, ପୁରୋହିତ ପକ୍ଷରେ, ଭୋଗ ରୂପରେ ବସ୍ତ୍ର ଉତ୍ତମ ଏତ ପେଟକୁ ଖାଇ କହୁଛନ୍ତି, ଗଣ୍ଡିମାନଙ୍କ ପାଇଁ ରଖୁଛନ୍ତି କଣ ???*

— * —

* ପାଠକ ପାଠିକାମାନେ ବିଶ୍ୱାସ କରିବେନି, ଏଇ ଗପଟି ମୁଁ ଏମିତି ଅଶୁଭ ଲଗ୍ନରେ ଲେଖିଥିଲି ଯେ ଲେଖିବାର ଦୁଇଦିନ ପରେ ଦଶଦିନ ଧରି ଦୁଇ-ଟାରେ ବନ୍ୟାରେ ମୋର ଘରେ ଡକାଏତମାନେ ପଶି ନିତ୍ତର ଅବସ୍ଥାରେ ମତେ, ମୋର ସ୍ତ୍ରୀଙ୍କୁ ଏବଂ ସାନ ଭାଇକୁ ନିଷ୍ଠୁର ଭାବରେ ପିଟିକରି ଓ ଛୁରାମାରି ମୋ ଘରର ସମସ୍ତ ସମ୍ପତ୍ତି ଲୁଣ୍ଠନ କରି ନେଇଥିଲେ । ମୁଁ ସାଂଘାତିକ ଭାବରେ ପୁଣି ହସ୍ପିଟାଲ ପାର୍ଶ୍ୱ ଛ ମାସ ପଡିବା ପରେ ନୂଆ ଜୀବନ ଲାଭ କରିଛି । ଭଗବାନଙ୍କ ସେଇ ଅଶୁଭ ଦେଖାଣ ପୁଣି ମୋର ଲେଖକ ଜୀବନର ଶୁଭ ହେଉ । —ଲେଖକ

( ଏ ଗଳ୍ପରେ ଯେଉଁ ପ୍ରଶ୍ନ ପଚରା ଯାଇଛି ତାର ଭଲ ଉତ୍ତର ଦେବାକୁ ଓଡ଼ିଶା ସରକାର ସବୁଠାରୁ ଅଧିକ ଯୋଗ୍ୟ ଏବଂ ଅଭିଜ୍ଞ— ସଂ ଉପର )

## କୁତୁକୁତୁ

ଜଣେ ଲଣ୍ଡନ ଅଧିବାସୀ ଓ ଜଣେ ଏଡନବରା ଅଧିବାସୀ ସ୍ଥିର ଏକ ସାଙ୍ଗରେ ଟ୍ରେନ୍‌ରେ ବସି ଲଣ୍ଡନରୁ ଏଡନବରା ଯାଉଥିଲେ । ଏଡନ୍‌ବରା ଅଧିବାସୀ ସ୍ଥିରଟି ଯେତେ ଯାଗାରେ ଟ୍ରେନ ରହୁଥାଏ ସେ ଓହ୍ଲାଇ ପଡ ପ୍ଲାଟଫର୍ମରେ ଦୌଡ଼ ଦୌଡ଼ ଯାଇ ପୁଣି ଦୌଡ଼ ଦୌଡ଼ ଅସି ଟ୍ରେନରେ ବସନ୍ତି । ଲଣ୍ଡନ ଅଧିବାସୀ ପଚାରିଲେ— “ଏତେ ଥର କାହିଁ ଓହ୍ଲାଉଛନ୍ତି ଓ ଦୌଡ଼ ଦୌଡ଼ ଅସି ଚଢ଼ୁଛନ୍ତି ।”

ସ୍ଥିର ଭଦ୍ରଲୋକଟି ଉତ୍ତର ଦେଲେ— “ସେ ଲଣ୍ଡନଯାଇଛି ଜକର ହୃଦୟନ୍ତ୍ର (heart) ପରୀକ୍ଷା କରିବାକୁ । ତାଙ୍କୁ ଜଣେ ହୃଦୟନ୍ତ୍ର ବିଶେଷଜ୍ଞ ( Heart Specialist ) କହିଛନ୍ତି ଯେ ତାଙ୍କ ହୃଦୟ ଏତେ ଦୁର୍ବଳ ଯେ ସେ ସାବଧାନ ନ ହେଲେ ଯେ କୌଣସି ମୁହୂର୍ତ୍ତରେ ଫାଟିଯିବେ । ସେଇ ଯୋଗୁଁ ପ୍ରତି ଷ୍ଟେସନରେ ଓହ୍ଲାଇ ଆର ଷ୍ଟେସନ ପର୍ଯ୍ୟନ୍ତ ଟିକଟ କାଟୁଛନ୍ତି—

\+ ×

ଜଣେଲୋକ ତାର ରେସନ କାର୍ଡ଼ ଦୋକାନରେ ଯାଇ କହିଲା “ଚିନି ଦିଅ”

ଦୋକାନୀ—ଚିନି ସରି ଯାଇଛି

ଗରାଖ—ତେବେ ମଇଦା ଦିଅ

ଦୋକାନୀ—ମଇଦା ନାହିଁ

ଗରାଖ—କିରୋସିନ ।

ଦୋକାନୀ—କିରୋସିନ ମିଳୁ ନାହିଁ ।

ଗରାଖ—ତେବେ ଦୋକାନରେ ଚାବି ଦେଇ ଚାଲି ଯାଉନା ଘରକୁ ?

ଦୋକାନୀ—ଯାଆନ୍ତି ସେ; କିନ୍ତୁ କୁଲୁପଟାଏ କିଣିବାକୁ ପଇସା ନ ଥିବାରୁ ଯାଇ ପାରୁ ନାହିଁ ।

\+ +

ପଣ୍ଡିତଙ୍କ ସ୍ତ୍ରୀ କହୁଥିଲେ ପଣ୍ଡିତଙ୍କୁ— ବଜାରରୁ ଗୋଟାଏ ଗ୍ଲାସ କିଣି ଆଣିବ ।

ପଣ୍ଡିତ ଦୋକାନରେ ଗ୍ଲାସ ମାଗିଲେ । ଦୋକାନୀ କହିଲା, “ସେଇ ଥାକରେ ଗ୍ଲାସ ଅଛି, ବାଛି ନିଅନ୍ତୁ ।”

ଗ୍ଲାସ ଗୁଡ଼ାକ ଓଲଟା ହୋଇ ଥୁଆ ହୋଇଥିଲା । ପଣ୍ଡିତ ଦେଖି କହିଲେ— ହିଁହୁଁ—ଏ ଗୁଡ଼ାକର ଦୁଇପାଖ ବନ୍ଦ ଯେ ।

ଦୋକାନୀ ଗୋଟାଏ ଗ୍ଲାସ ଓଲଟାଇ ଦେଲା ।

ପଣ୍ଡିତ ଦେଖି କହିଲେ—ଉଁହୁଁ— ଯାର ଦୁଇ ପାଖ ଯାକ ମେଲା ପାଣି ରହିବ କିପରି ।

ଗ୍ଲାସ ନ କିଣି ପଣ୍ଡିତେ ଲେଉଟି ଆଇଲେ । × × ×

Digitized by srujanika@gmail.com

# ଗାନ୍ଧୀଜୀ ଚିରଦିନ ବଂଚିବେ

ଗଛ ଅଧରେ ମୋତେ ଜଣେ ଅସି ଉଠ ଛାଡ଼ି ଡାକିଲା—'ଭାଇ—ଭାଇ ଦଉଡ଼ ଆସ !'

ମୁଁ ଧଡ଼ ପଡ଼ ହୋଇ ଉଠି ଦେଖିଲି—ଘୋର ପଡ଼ଶା ! ତାଙ୍କ କଣ୍ଠସ୍ୱରକୁ ସେ ସହଜ ଭରି ପାରୁ ନାହିଁ । ଧଇଁ ଧଇଁ ହୋଇ କହୁଚ—ଭାଇ ପୁଣି ଲଗିଗଲା—ପୁଣି ଲଗିଗଲା ।

"କଣରେ ତୁ ଏମିତ କାହିଁକି କହୁଛୁ ।" ସେ କେବଳ ମୁଣ୍ଡରେ ହାତମାରୁ ଥାଏ—ଆଉ କହୁଥାଏ—"ଲଗିଗଲା—ଲଗିଗଲା—ବାପୁ ଖୁଦ—ପୁଣି ଲଗିଗଲା ।"

## ଛଅଟିଏ କହୁଁ

ମୁଁ ତାକୁ ପ୍ରକୃତିସ୍ଥ କରିବା ପାଇଁ ତା କାନ୍ଧରେ ହାତ ପକାଇ ତାକୁ ମୋ ଘର ଭିତରକୁ ଅଡ଼ାଇ ଆଣିଥିଲି । ସେ ମୋତେ ଛାଟି ଦେଇ କହିଲା—"ଠିଆ ହୋଇଛୁ କଣ ? —ଗାନ୍ଧୀଜୀ—"

ମୋ ଛାତିରେ ଗୁଳି କିଏ ଲଗିଗଲା । ମୁଁ ବି ଏଥର ଡରିଗଲି । ସେ କହିଲା—"ଦୌଡ଼—ଗାନ୍ଧୀଙ୍କି ବଞ୍ଚାଅ ।"

× × ×

ତା ଅରଦିନ ସଡ଼କ ସଡ଼ ଜନତାରେ ପୁଣି କଅଁ ଜଳ ଉଠିଲା । ଗାନ୍ଧୀଜୀଙ୍କ ଆଖି ଆଗରେ ଅଗଷ୍ଟ ପନ୍ଦର ତାରିଖର ଦୀପ ଜଳ ଲିଭି ବି ନାହିଁ—କାଗଜର ପତାକା ଫିକା ଦ ପଡ଼ି ନାହିଁ—ଅନ୍ନ ଦେବଦାରୁ ପତ୍ର ପୁରି ପୁରି ଝାଉଁଳି ନାହିଁ—ଦୁଆର ମୁହଁରେ ଏବେ ବି କଳସ ବସିଛି । ଏବେ ବି ରାସ୍ତା ମଝିରେ ଏ କେ ଠାରୁ ସେ କୋଠ ଯାଏ ବଡ଼ ବଡ଼ ନାଲିକନା ଉପରେ "ଜୟହିନ୍ଦ" "ବନ୍ଦେ ମାତରମ୍" ଲେଖା ଝୁଲୁଛି । ଏବେ ବ ସେ ଶବ୍ଦ କାନରେ ବାଜୁଛି—'ମହାତ୍ମା ଗାନ୍ଧୀଙ୍କ ଜୟ—ସ୍ୱାଧୀନ ଭାରତ ର ଜୟ—ହିନ୍ଦୁ ମୁସଲମାନଙ୍କ ଜୟ ।"

ହିନ୍ଦୁ ମୁସଲମାନ ଉଭୟେ ମିଶି ସେଦିନ ଯେଉଁ ଉତ୍ସାହରେ ଗାନ୍ଧୀଜୀଙ୍କୁ ଅଭିବାଦନ କରିଥିଲେ—ସେ ଉତ୍ସାହର ଗତି ଏ କଣ ହେଲା ?

ମୁଁ ଖାଲି ଅସ୍ଥିର ହୋଇ ଯାଉଥାଏଁ । ପ୍ରଥମେ ବିଶ୍ୱାସ-କରି ପାରିଲି ନାହିଁ । କିନ୍ତୁ ଆଖି ଆଗରେ ଯେତେବେଳେ ପଡ଼ୋଶୀ



ପଡ଼ୋଶୀଙ୍କ କାଟିବାରେ ଲାଗିଗଲେ ସେତେବେଳେ ମୁଁ ଘଟଣାକୁ ଅବିଶ୍ୱାସ୍ୟ କରି ମଣିପାରୁ, ଆଉ ଗୋଟାଏ ମଣିଷ ପଶୁ ହିସାବରେ ନିଜକୁ ଅବିଶ୍ୱାସ କରୁଥିଲି ।

ହିନ୍ଦୁମାନେ ଏଥର ମାରିବାରେ ଅଗୁଆ ହେଲାପରି ଦଶିଲା । ସମ୍ଭବତଃ ହିନ୍ଦୁମାନେହିଁ ଏଥର ଗୋଳ ଆରମ୍ଭ କରିଦେଇଛନ୍ତି । କିନ୍ତୁ ଦୋଷ ମୁଁ କାହାକୁ ଦେଇ ପାରୁନାହିଁ । ହିନ୍ଦୁ ମୁସଲମାନ ଉଭୟେ ଉଭୟଙ୍କୁ କାଟିବାରେ ଲାଗିଛନ୍ତି । କି ନୃଶଂସ । କି ପଶୁ—ପିଶାଚ !

## କାହାଣୀ

ଗାନ୍ଧୀଜୀ ମରି ନାହାନ୍ତି—ଆତତାୟୀର ପ୍ରହାରରୁ ଭଗବାନ ତାଙ୍କୁ ରକ୍ଷା କରିଛନ୍ତି—କିନ୍ତୁ ଏଥର ସେ ଭଗବାନଙ୍କ ହାତରେ ଅପଣାର ଜୀବନଟିକୁ ଥୋଇ ଦେଇ ବସିଚନ୍ତି । ଗାନ୍ଧୀଜୀଙ୍କର ଅନଶନ—

× × ×

ଦଳ ଦଳ ଶାନ୍ତିସେନା ବୁଲୁଛନ୍ତି—ହିନ୍ଦୁ ମୁସଲମାନ ଉଭୟେ । ମୁଁ ସ୍ଥିର କରି ପାରୁ ନାହିଁ—ଏ କଅଁ ଶତ୍ରୁତାର ପରିଣତି ନାହିଁ । ଜୀବନର ଭୟ ମୋତେ କାତର କରୁଛି । ମଣିଷର ରକ୍ତ ମୋତେ ଉତ୍ତେଜିତ କରୁଛି । ପରିବାରର ମାୟା ମୋତେ ଅବଶ କରୁଛି । "ହିନ୍ଦୁ ମୁସଲମାନ ଏକ ହୋ"—ନିନାଦ ମୋତେ ପାଗଳ କରିଦେଉଛି—ମୁଁ ଜପଯୋ—ନତଶ୍ରେ—

ହଠାତ୍ ସେଇ—ମୋର ବନ୍ଧୁ ଉସମାନ୍ ଅସି ପହଞ୍ଚିଲା—ଲମ୍ବା ପଠା ଲମ୍ବା ଗଠନ—ବଳିଷ୍ଠ—ସ୍ୱଭାବରେ ଚଞ୍ଚଳତା ଅଥଚ କାର୍ଯ୍ୟର-ଶୀଳତା !

"ଜୟହିନ୍ଦ !"

ମୁଁ ତାର ଉତ୍ତରରେ ଜୟହିନ୍ଦ୍ କହିବା ପୂର୍ବରୁ ସେ ଆଉ କଣ୍ଠ ମିଳାଇ କହିଲା—"ବୋଲେ—ଅଲ୍ଲା ହୋ ଅକବର ।"

ଅପେ ଆପେ ମୁହଁରୁ ବାହାରି ଗଲା—"ଅଲ୍ଲା ହୋ ଅକବର ।"

ତା ଆଖିରେ ଲୁହ ଥିଲା—ମୋ ଆଖିରେ ବି ଗୋଟାଏ ଠେକ ।

"ଚାଲିଲୁ—ଚାଲ—ଗାନ୍ଧୀଜୀଙ୍କୁ ବଞ୍ଚାଅ ।"

ମୁଁ ଆଉ ଚିନ୍ତା ପାଇଲି ନାହିଁ । ତାର ସାଙ୍ଗେ ସାଙ୍ଗେ ଚାଲିଗଲି । ଘରର କାହାକୁ କିଛି କହି ନାହିଁ । ସେ ବି କହିନାହିଁ କାହାକୁ ତା ଘରେ । ମୁଁ ମୋ କଥା ଭାବୁ ନ ଥାଏଁ । ତାକୁ ଚାହିଁ ଥାଏଁ—ତାର ଉତ୍ସାହକୁ ଦେଖୁଥାଏଁ—ଆଉ ତାର କଥା ଭାବୁଥାଏଁ । ଘରେ ତାର ସ୍ତ୍ରୀ—ବୃଦ୍ଧୀ ମା—ପିଲା ଦୁଇଟି । ଶେଷରେ ଗୋଟିଏ—ବଡ଼ଟି ଦୁଇ ବର୍ଷର ।

ଆମେ ଚାଲିଲୁ—କୋଉଠିକି ଠିକ୍ ଜାଣୁ ନାହିଁ । ହିନ୍ଦୁ ମୁସଲମାନ ଦୁଇଜଣ । ଯେଉଁଠି ଅଶାନ୍ତି ଉଠିଲା ସେଠି ହାଜର । ଆଶ୍ଚର୍ଯ୍ୟ କଥା—ଯେ ହିନ୍ଦୁ ହେଉ ମୁସଲମାନ ହେଉ ଆମକୁ ଦେଖିଲାକ୍ଷଣି ଘାତକ ଛୁରୀ ଭଳି ପଳାଇ ଯାଉଥିଲେ । ମୁଁ ସେତେବେଳେ ଉ ସେଇ ଉସମାନ ମୁହଁକୁ ଚାହେଁ—ଏ କଣ ମନ୍ତ୍ର ଜାଣେ ?

\+ \+ \+

ଗୋଟାଏ ପାଟରେ ମୁସଲମାନ ଗୁଣ୍ଡା ଦଳେ ହିନ୍ଦୁବସ୍ତୀ ଉପରେ ଚଡ଼ାଉ କରିଛନ୍ତି । ଉସମାନ ସେଇଠି ଯାଇ ପହଞ୍ଚିଲା । ତା ପଛେ ପଛେ ମୁଁ । ଉସମାନ ଚିତ୍କାର କରି କହିଲା—ବନ୍ଦ କର—ବନ୍ଦ କର !

ଲେଖକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ତା ର ବକ୍ତୃତା ଚମ୍ଭୀର ପାଟିରେ ସମସ୍ତେ କାବୁସ୍ଥ ହୋଇ ଗୁହିଲେ । ଜଣେ ଲୋକ କିନ୍ତୁ ହଠାତ୍ ଚିତ୍କାର କରି ଉଠିଲା—'ସାଲା—କାଫେର' ।

ଛୁରୀ ଧରି ଛୁଟି ଆସିଲା ସେ ମୋ ଦେହକୁ ଧରି ଛୁରୀ ଉଠାଇଲା ବେଳକୁ—ଉସମାନ ତା ହାତଟାକୁ ଧରି ଛଡ଼ାଇ ଦେଇ ମୋ ଆଗରେ ଠିଆ—"ପହିଲେ ମତେ ମାର ।"

Digitized by srujanika@gmail.com




ଅନେକ୍କୁ କହନ୍ତି, କଣାମାମୁଁ ମାନେ ପଞ୍ଚଶିଳ ନୀତିର ଚରମ ବକ୍ତାଙ୍କର ଭାଇଁ ରହିଛନ୍ତି । ଚମ୍ବର୍ଲେନ୍ କ୍ରିଟ୍ ଲେମ୍ ବୋଲି ଯାହା କହନ୍ତି, ତାହା ଥିଲା ଏହାର ଠେଁ । ଲୋଭ, ସଂଯମ, ଅଭିମାନ, ଅପମାନ ବୋଲି କଣ ତାହା ତାଙ୍କୁ ଜଣା ନଥିଲା । ସେ ଯେପରି ସମସ୍ତଙ୍କ ନିକଟ ଲୋକ ଏ, ସମସ୍ତେ ବି ତାଙ୍କୁ ସେହିପରି ନିଜର କରିଥାନ୍ତି । "ଚୋର ମେ..." ବୋଲି ଯେଉଁ ଲୋକଟା ମନୁଷ୍ୟ ପାଶରେ ସୃଷ୍ଟି ହୋଇଛି, ସେଇଟା କଣାମାମୁଙ୍କୁ ଛୁଇଁ ନଥିଲା । ଗାଁଟାଯାକ ଯାହା ... ଭାସ ଭାସି ପଡ଼ିଲା କଣାମାମୁଙ୍କୁ ଦେଖିବା ପାଇଁ ଦଉଡ଼ି ଭିଡ଼ ଲଗିଛି । ଯାହାର ଚାହ ... ହେଲା, କଣାମାମୁଁ ଅଣ୍ଟା ଭିଡ଼ିଦେଇ ହାଣ୍ଡି ହାଣ୍ଡି ଅନ୍ନ ପରଶୁଛନ୍ତି; ଯାହାକୁ ଦେବାର ବାଧ୍ୟ ଥିଲା, କଣାମାମୁ ତା ବାଛଣା ପଟଳେ ଗାଢ ଅନାଗତ ଦ୍ୱୋଇ ନସ ଭରୁଛି, ତହା ଘଟିଲ ମହାମଲ ଭ ।ମାମୁଁ ମୁଣ୍ଡରେ ଗାମୁଛା ବାନ୍ଧି ଯାଇ ପଶାଣୀ ପଦାରେ । ତାର ଏହି ଯେଉଁ ଅସୀମା ଭୁଲା ପର-ଦୁଃଖଦୁଃଖ, ଏହିଥିରେ ଏକ ସେ ସମସ୍ତଙ୍କୁ ଜଣ ନେଇଥିଲା । ଶେଷକୁ ସେ ଏପରି ହୋଇ ଯାଇଥିଲା ଯେ ସେ ନହେଲେ କାହାର ନ ଚଳେ ।

## ଉପନ୍ୟାସ

କଣାମାମୁଙ୍କ ଏତେ କଥା କହୁଗଲି, ଏବା କହୁନାହିଁ ସେ.ଟିଏ କଥା— ସେ କଣାର କିଏ । ସେ କାହାର କେହି ନହୋଇ କଣ ସବୁଠୁ ଛୁଣ୍ଡି ପଡ଼ିଥିଲା । ଭୁଲ୍‌ଖ ଫୁଟି ବାହା ଥିଲା ? ପିଲାଟି ବେଳେ ମୁଁ ଜାଣେ ସେ ଆମ ଘରର ଜଣେ ହୋଇ ସବୁ ପିଲାଏ ତାଙ୍କୁ ଆପଣା ଆପଣା ଘରର ଲୋକ ବୋଲି ଜାଣନ୍ତି । ମନ ସେଇ ପୁଣି ତକ୍ଷଣରେ ପଡ଼ିଲ କହୁଥିବା ହେବାର କେହ ହୋଇଥିବ ।

ଶୁଣିବାରେ ତା ଜନ୍ମ ଆମ ଗାଁରେ ନହେ । ସେ କୁଆଡ଼େ ଖବ୍ ଖାନ୍ ଦାନ୍ ବ୍ରାହ୍ମଣ ବଂଶଜ । କିନ୍ତୁ ସେ ଖାନ୍‌ଦାନୀ ବ୍ରାହ୍ମଣର କୌଶସି ଚିହ୍ନ ବାସ୍ତବ ଜଗତରେ ନାହିଁ— ଯାହା ଅଛି ସେ କେବଳ କଣାମାମୁଁଙ୍କ ଗାଲ ଭ୍ରୁକୁଞ୍ଚରେ ।

ଆମ ଗାଁରେ ତାଙ୍କ ବନ୍ଧୁଘର । ସେ ବନ୍ଧୁଘରର ପୁଣି ଏବେ ବଂଶ ବୁଡ଼ିଲାଣି । ପଟ୍ଟନାୟକ ଘରର ଯେତେବେଳେ ବୋଲବାଲା ଚାଲୁଥିଲା, ବଂଶା ଭଗାଟ ପଡ଼ୁଥିଲା, ହଞ୍ଜି ବଜାଇଲେ ଯେଉଁ ନାଗରା ବାଜୁଥିଲା, ବାଟରେ ଗୃହଲଗାଇଲେ ପୋଡ଼ ମଶାଲ ଜଳୁଥିଲା, ସେତେବେଳେ କଣାମାମୁଁ ଆମ ଗାଁକୁ ଆସେ । ତାର ପିତୃକୁଳର ଧନ ଠାରୁ ଜନ ଯାଏ ସବୁ ନିଃଶେଷ ହୋଇଯିବାରୁ ବନ୍ଧୁ ଘରର ଏ ପିଲାଟିକୁ ବାବୁ ପଟ୍ଟନାୟକେ ଦୟା କରି ଆଣି ଆପଣା ଘରେ ରଖିଲେ । କଥାରେ କହନ୍ତି 'ବିପଦ ପଡ଼ିଲେ ବନ୍ଧୁ ସାହା' । କିଣ୍ଡ ଥିଲେ ବାବୁଙ୍କର ଭଣୋଇର ମାମୁର ସଳା ।

ସୁତରାଂ କିଣ୍ଡ ବାବୁଙ୍କର ହେଲେ ସମ୍ପର୍କିତ ମାମୁ । ଅସିଲା ବେଳକୁ କିଣ୍ଡ ହୋଇଥିଲେ ୧୦।୧୨ ବର୍ଷର ପିଲା ଆଜ

---

(ବାକୀ ପୂର୍ବ ପୃଷ୍ଠା ଉତ୍ତାରୁ)

ତା ପାଟିରୁ ପଦକ ସର ନାହିଁ । ହଠାତ୍ ତାର ଉପରେ ବସିଗଲି ।

'ଯ୍ୟା ଅଲ୍ଲା" ବୋଲି କହି ଉସମାନ ତଳେ ପଡ଼ିଗଲା ।

ଅଜ ସେ କେଉଁଠା ? ତା' ମୁହଁରୁ ବ ସେହି ପଦକ କଥା ।

× × ×

ହସପାତାଳ । ମୋ କୋଳରେ ଉସମାନ ମୁଣ୍ଡ ଦେଇଛି । ଅଜ କେତୁଂ ମିନଟ୍—ବା କେତୁଟା ମୁହୂର୍ତ୍ତ !

ମୁଁ କେବଳ ସେଇ ଉସମାନକୁ ଚାହିଁ ଥାଏଁ—ଉସମାନ କଥା ଭାବୁଥାଏ ଅଜ ତାର ମା—ସ୍ତ୍ରୀ ପିଲା । କିନ୍ତୁ ତା ମୁହଁରେ ଟେଟାଏ ଚାପ୍ନି । ସେ ଯେମିତି ଅଜ ଏ ନର୍କର ଜୀବ ନୁହେଁ । ସେ ଯେମିତି କେଉଁ ସ୍ୱର୍ଗର ସନ୍ଧାନ ପାଇଛି ଅବ ।

ତୋର କୁଆ ପିଲାଙ୍କ କଥା ମନେ ପଡ଼ୁନାହିଁ ? ମୁଁ ପଚାରିଲି । ସେ ହସିଲା । ସେ ମନା କରିଥିଲା ଖବର ଦେବାକୁ । ଏଥର କହିଲା "ଆଜ୍ଞା ଖବର ଦେ ।"

ମ ଖବର ଦେଲି । ଉସମାନ ସାମାନ୍ୟ ନରମି ଗଲା । ଭାବଲି ଦୁର୍ବଳତା—ମଣିଷର, ଦେହର ସ୍ୱାଭାବିକ ଦୁର୍ବଳତା ବୋଧହୁଏ ।

ଉସମାନ କହିଲା—"ଭାଇ ଗୋଟାଏ ଅନୁରୋଧ । ଅଖିର୍ ଅନୁରୋଧ ।"

"କଣ ?" ମୁ ପଚାରିଲି ।

"ମୋ ନା ଖବର କାଗଜରେ ଦେବ ନାହିଁ—ମୋତେ ସହୀଦ୍ ବୋଲି କହି ସମ୍ମାନ କଲେ ମୋ ଅତ୍ମାର ଅଗୌରବ ହେବ ।"

ମୁ କାନ୍ଦପକାଇଲି । ତାର ଉର୍ଦ୍ଧ୍ୱଶ୍ୱାସ ଉଠିଲା । କଷ୍ଟ କଷ୍ଟରେ ସେ କହିଲା—"କାହିଁକି ଜାଣୁ ? ମୁ କିଛି ବଡ଼ କଥା କରିନାହିଁ । ମୁଁ କାହାର ପ୍ରାଣ ବି ବଞ୍ଚାଇ ନାହିଁ—ମୁ ମୋ ପାପର ପ୍ରାୟଶ୍ଚିତ୍ତ କରିଛି ମାତ୍ର ।"

ଦେଖିଲି ତା ଚେହେରା ଉଜ୍ଜ୍ୱଳ ହୋଇ ଉଠିଲା ।

"ମୁ ମୁସଲମାନ— ଯାହାକୁ ଅପଣା କରିଥିଲି ତାହାର ହାତରେ ମରୁଛି—କାରଣ ମୋର ଅଜ ଏକ ଖ୍ୱଇ—ହିନ୍ଦୁଭାଇ ପ୍ରତି ଦିନେ ମୋ ମନରେ ହିଂସା ନିଆଁ ଜଳି ଉଠିଥିଲା । ମୋ ଭିତରେ ଯଦି ଅହିଂସା ଥାଆନ୍ତା ତେବେ ଏ ପ୍ରାୟଶ୍ଚିତ୍ତ ମୋତେ କରିବାକୁ ପଡ଼ିନଥାନ୍ତା । ଗାନ୍ଧୀଜୀ ତ ଏହିକଥା ଶିଖାଇଥିଲେ । ମୁ ଭୁଲିଲି—କିନ୍ତୁ ଗାନ୍ଧୀଜୀ ଖାତିରନ କରିବେ ।"

ଉସମାନର ଛାତି ଧକ୍ ଧକ୍ ବନ୍ଦ ହୋଇଗଲା । ତାର ପରିବାର ଅସି ପାରିଲେ ନାହିଁ ସମୟରେ । ମୁଁ ସେଇ ଦିନରୁ ଦେବତାର ଅରାଧନା ଛାଡ଼ି ଦେଇଛି । ମୋର ଦେବତା ହୋଇଛି ଉସମାନ—ଅଜ ତାର ଏଇ ଛୋଟ ଛୋଟ ଶିଶୁ ପୋଡ଼କ ।

—✱—

Digitized by srujanika@gmail.com

# ମହାତ୍ମା ଗାନ୍ଧୀକୀ ଜୟ



ମରତରେ ବାଇ ସରଗରେ ସୁଧା ନବଣୁ,
ମୁଖର କରଚ ଧରଣୀର ଜଡ଼ ରେଣୁ,
ଜଗତର ଯିଏ ଅମିତ କ୍ଷମତାଶାଳୀ,
ତାଙ୍କୁ ପୁଣି ପ୍ରୀତ କରିଚ କୁହୁକ ଭୁଲି,
ମରଣକୁ ଦେଇ ଜୀବନର ସବୁ ମୂଲ,
ସେବା-ବେଦିକାରେ ଢାଳିଛ ମରମ-ଫୁଲ,
ସାରା ଦୁନିଆଁକୁ ଅତି ଆପଣାର କରି,
ଆପଣାକୁ ଦିଏ କର୍ମ-ଅନଳେ ଭରି,
ପୀରତ ତାହାର ସବୁରି ହୃଦୟେ ଲେଖା,
ଅରତର ଲୁହେ ଫୁଟେ ତା' ରୂପ-ରେଖା,
ଅକ୍ଷୟ କୀରତ ପଦ ଯା'ର ଅନୁସରେ,
'ଜୟନ୍ତୀ'ରେ ତାଙ୍କୁ ସୀମାବଦ୍ଧ କେ କରେ ?

—ଗୌରଚନ୍ଦ୍ର

ତାଙ୍କ ଭଉଜା ପୂର୍ଣ୍ଣ ବୟସ୍କ । ତାସୁ ତାଙ୍କୁ ଭଣାମାମୁଁ ବୋଲି ଡାକିଲେ, ଏବଂ ତାଙ୍କ ଦେଖା ଦେଖି ଅନେକ ସେହି ନାମରେ ଡାକିବାକୁ ଲଗିଲେ । ଭଣାମାମୁଁ ଦନା ବେଳେ ଜାମା ଯୋଡ଼ା ପନ୍ଧି ଇସ୍କୁଲକୁ ଯାଉଥିଲେ, ଓ ପେଲି ଛୁଟ ନଥିବା ଅପୁଅ ଘରର ସ୍ନେହ ଖରଧା ବ ଢଉଥିଲେ । ମାତ୍ର ହଠାତ ବାପୁଙ୍କର ଅକାଳରେ କାଳ ହୋଇଯିବାରୁ ତାଙ୍କର ପାଠପଢ଼ା ଇତି ହୋଇଗଲା । ଘରେ କେହି ପୁରୁଷ ବ୍ୟକ୍ତି ମୁରବି ନଥିଲେ । ଗୋଟିଏ ଯୋଡ଼ିଏ ଘଣ୍ଟା ଅଛି ବଡ଼େ ଗୁହର, ପୋଇଲି, ଅପଖ, ଗୁମାସ୍ତା । ବାବୁବାବୁ ଥିଲେ ଭାଇ ଜବରଦସ୍ତ ଓ ହାଁହାତାଜ ଲୋକ ।

(କ୍ରମଶଃ)

Digitized by srujanika@gmail.com

# ସା ପ୍ତ

## ଦେଶ

ଅକ୍ଟୋବର ଦୁଇ ତାରିଖରେ ସ୍ୱାଧୀନ ଭାରତ ରାଷ୍ଟ୍ରର ଜନକ ମହାତ୍ମା ଗାନ୍ଧୀଙ୍କର ୭୯ ତମ ଜନ୍ମ ଦିବସ ଭାରତ-ରେ ଅନ୍ତରଙ୍ଗତାର ସହିତ ପାଳିତ ହୋଇଛି ।

କିନ୍ତୁ ଦେଶ କ୍ରମେ ବିପନ୍ନ ହେବାକୁ ବସିଛି । ପଣ୍ଡିତ ନେହେରୁ ସେକଥା ସୂଚାଇ ଦେଇଛନ୍ତି । ଭାରତରେ ଭାତୃ-ହତ୍ୟାର ଅନ୍ତ ନହେଲେ ପାକିସ୍ଥାନବାଦୀମାନେ 'ହିନ୍ଦୁ ମୁସଲମାନ ଦୁଇ ସ୍ୱତନ୍ତ୍ରଜାତି' ବୋଲି ଯେଉଁ ନୀତିରେ ଭାରତକୁ ଖଣ୍ଡିତ କରିଛନ୍ତି ସେହି ନୀତିରହିଁ ଜୟ ହେବ ବୋଲି ସେ କହିଛନ୍ତି । ଭାତୃ ହତ୍ୟା ଫଳରେ ଭାରତ ବାହାରେ ଭାରତର ସମ୍ମାନ କ୍ଷୁର୍ଣ୍ଣ ହୋଇଛି । ଭାରତ ସରକାରଙ୍କ ଦେଶ ଉନ୍ନତି କାର୍ଯ୍ୟରେ ବାଧା ପଡୁଛି । ପାକିସ୍ଥାନରେ ସରକାରଙ୍କ ଇଙ୍ଗିତରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଛି ତାହାର ପ୍ରତିବାଦ କରିବାକୁ ଭାରତ ସରକାରଙ୍କ ମୁହଁ ନାହିଁ । ନେହେରୁଜୀ କହିଛନ୍ତି— ଆଜି ଯଦି ଭାରତ ସୈନ୍ୟଙ୍କୁ ହସପିଟାଲ ଓ ଆଶ୍ରୟପ୍ରାର୍ଥୀମାନଙ୍କ ରକ୍ଷଣାବେକ୍ଷଣ ଦେଖିବାକୁ ପଡୁ ନଥାନ୍ତା ତେବେ ହୁଏତ ସେମାନେ ପାକିସ୍ଥାନର ସଂଖ୍ୟାଲଘୁଙ୍କ ରକ୍ଷା ପାଇଁ ପାକିସ୍ଥାନ ଭିତରକୁ ମାଡ଼ିଯାଇ ପାରନ୍ତେ ।

ଭାରତରେ ଭାତୃହତ୍ୟାର ଅବସାନ ହୋଇ ଆସୁଥିଲେହେଁ ପାକିସ୍ଥାନରେ ସଂଖ୍ୟାଲଘୁଙ୍କ ଅବସ୍ଥା ଶୋଚନୀୟ ହୋଇ ପଡୁଛି । ପଶ୍ଚିମପଞ୍ଜାବରେ ହିନ୍ଦୁ ଶିଖ ଶୂନ୍ୟ ହେବା ଉପରେ । ସିନ୍ଧୁର ପ୍ରଧାନ ମନ୍ତ୍ରୀ ଖୁହ୍ରୋଙ୍କ କଥାରୁ ସ୍ପଷ୍ଟ ବୁଝା ପଡୁଛି ଯେ ସିନ୍ଧୁର ହିନ୍ଦୁମାନଙ୍କୁ ତଡ଼ିବାରେ ସରକାରଙ୍କ ହାତ ଅଛି । ସିନ୍ଧୁରେ ବାଣିଜ୍ୟର ଶତକଡ଼ା ୮୦ରୁ ଊର୍ଦ୍ଧ୍ୱ ହିନ୍ଦୁଙ୍କ ହାତରେ । ସେମାନେ ଅଧିକରେ ପଳାଇ ଆସିବାବେଳେ ତାଙ୍କର ସମସ୍ତ ସମ୍ପତ୍ତି ଛାଡ଼ିକରି ଆସୁଛନ୍ତି । ସୁନା ରୁପା ରପ୍ତାନି ମଧ୍ୟ ଆଇନଦ୍ୱାରା ବନ୍ଦକରି ଦିଆଯାଇଛି । ଖୁହ୍ରୋ ଘୋଷଣା କରିଛନ୍ତି, ହିନ୍ଦୁମାନଙ୍କ ପରିତ୍ୟକ୍ତ ସମ୍ପତ୍ତିକୁ ସରକାର ଜବତ କରି ମୁସଲମାନମାନଙ୍କ ମଧ୍ୟରେ ବିତରଣ କରିବେ । ପାକିସ୍ଥାନରୁ ଅଣ ସଂଖ୍ୟାନ୍ୟୂନମାନଙ୍କ ପଳାଇ ଆସିବାର ସୁବିଧା ଦିଆଯାଉନାହିଁ । ବିଶ୍ୱସ୍ତ ମହଲରୁ ପ୍ରକାଶ ଯେ ପାକିସ୍ଥାନ ସରକାର ପ୍ରଥମେ ବ୍ରିଟିଶ ଉପନିବେଶିକ ସରକାରମାନଙ୍କୁ ଓ ବ୍ରିଟେନକୁ ଭାରତ ଓ ପାକିସ୍ଥାନର ସାଂପ୍ରଦାୟିକ ସମସ୍ୟା ସମାଧାନ କରିବା ପାଇଁ ଆମନ୍ତ୍ରଣ କରିଥିଲେ । ପୁଣି କାଏଦ ଜିନ୍ନା ଇଂରାଜ ସରକାରକୁ ସୈନ୍ୟ ସାହାଯ୍ୟ ମାଗିଥିଲେ । ମାତ୍ର ଇଂରାଜ ସରକାର ସେ ନିବେଦନକୁ କର୍ଣ୍ଣପାତ କରି ନାହାନ୍ତି । ଅଧିକ ଜଣାଯାଉଛି—ଲର୍ଡ ଓ୍ୱାଭେଲଙ୍କ କଣ୍ଡିଦନ ପାଇଁ ରଜଲାଟ କରି ଜିନ୍ନାଙ୍କ ପୁତ୍ରୀ ପର୍ଯ୍ୟଟନରେ ବାହାରିବେ ।

ପାକିସ୍ଥାନର ମତିଗତି ଦେଖି ମହାତ୍ମାଜୀ ମଧ୍ୟ ଆତଙ୍କିତ ହୋଇ କହିଛନ୍ତି ପାକିସ୍ଥାନର ନୀତି ନ ବଦଳିଲେ ପାକିସ୍ଥାନ ଓ ଭାରତ ମଧ୍ୟରେ ଯୁଦ୍ଧ ଲାଗିବାର ସମ୍ଭାବନା ଅଛି ।

ଭାରତର ଖାଦ୍ୟ ପରିସ୍ଥିତି ମଧ୍ୟ ସାଂଘାତିକ ହୋଇ ଆସୁଛି । ଡାକ୍ତର ପ୍ରସାଦଙ୍କ କହିବା ଅନୁସାରେ ମାନ୍ଦ୍ରାଜ ବମ୍ବେ, ମହୀଶୂର, ତ୍ରିବାଙ୍କୁର ଓ କୋଚିନରେ ୨ ସପ୍ତାହରୁ କମ ଦିନ ଖାଇବା ଭଳି ଖାଦ୍ୟ ମାତ୍ର ଷ୍ଟକରେ ରହିବ । ପୂର୍ବ ପଞ୍ଜାବରେ ଅତିରିକ୍ତ ୫୦, ୦୦୦ ଟନ ଗହମ ଓ ୨୦,୦୦୦ ଟନ ଗହମ ମଞ୍ଜି ଦରକାର । ପୂର୍ବରୁ ଘୋଷଣା କରା ଯାଇଥିଲା ଯେ ନିଅଣ୍ଟ ଅଞ୍ଚଳରେ ମୋଟେ ଦଶ ପନ୍ଦର ଦିନର ଖାଦ୍ୟ ରହିବ । ଏବଂ ସେପ୍ଟେମ୍ବରରେ ୧୫୦.୦୦୦ ଟନ ଶସ୍ୟ ଆଣିବା ସରକାରଙ୍କ ପକ୍ଷରେ ସମସ୍ୟା ହେଲାଣି । ଅକ୍ଟୋବର ଶେଷ ସୁଦ୍ଧା ନିଅଣ୍ଟ ଅଞ୍ଚଳରେ ୫୦,୦୦୦ ଟନ ଖର୍ଚ୍ଚ ହେଉଥିବା ସ୍ଥଳେ ହାତରେ ମୋଟେ ୧୦ ୦୦୦ ଟନ ଖାଦ୍ୟ ରହିବ ।

ଏହି ଖାଦ୍ୟାଭାବର କାରଣ ଦର୍ଶାଇ ରାଜେନ୍ଦ୍ର ପ୍ରସାଦ କହିଛନ୍ତି— ଚଳିବର୍ଷ ସ୍ଥାନେ ସ୍ଥାନେ ଫସଲ ହୋଇନଥିଲା; ତା ଛଡ଼ା ଯୁଦ୍ଧପୂର୍ବରୁ ଭାରତବାହାରୁ ୭,୮୦୦୦୦୦୦ ଟନ ଶସ୍ୟ ଆସୁଥିବା ବେଳେ ବର୍ତ୍ତମାନ ୨,୧୮୦୦୦୦୦୦ ଆସୁଛି । ବର୍ମା, ଇଣ୍ଡୋଚୀନ୍ ଶ୍ୟାମରେ ଭଲ ଫସଲ ହୋଇ ନଥିବାରୁ ସେଠୁ ମଧ୍ୟ ଭଲ ଆମଦାନୀ ହୋଇ ନାହିଁ । ପାକିସ୍ଥାନ ଓ ପଞ୍ଜାବ ଗୋଳ ଯୋଗୁ ୬୫,୦୦୦୦୦୦ ଟନ ଶସ୍ୟ କ୍ଷତି ହୋଇଛି ।

ଭାରତ ସରକାର ଅଷ୍ଟ୍ରେଲିଆଠାରୁ ୧୦୦୦୦୦୦ ଟନ ଗହମ ଆଣିବେ ବୋଲି ଚୁକ୍ତି କରି ସାରିଛନ୍ତି । ରୁଷିଆକୁ ମଧ୍ୟ ନିବେଦନ କରାଯାଇଛି । ଅକ୍ଟୋବର ଶେଷ ସୁଦ୍ଧା ୨୦୭,୦୦୦ ଟନ ଗହମ ଆସିବାର ଆଶା ଅଛି ।

ଭାରତ ସରକାର ଖାଦ୍ୟସମସ୍ୟା ସମାଧାନ ପାଇଁ ଠାକୁର ଦାସଙ୍କ ନାୟକତ୍ୱରେ ଏକ କମିଟି ବସାଇଛନ୍ତି । ତାଛଡ଼ା ଦର ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଶୀଘ୍ର ପ୍ରକାଶ ପାଇବ ।

କାଶ୍ମୀରର ନେତା ସେଖଅବଦୁଲ୍ଲା ଏବଂ ତାଙ୍କ ସହକର୍ମୀମାନଙ୍କୁ ମୁକ୍ତ ଦିଆଯାଇଛି ।

ଜୁନାଗଡର ପ୍ରଜା ସାଧାରଣ ଯେଉଁ ଅସ୍ଥାୟୀ ସରକାର ଗଢ଼ିଛନ୍ତି ସେ ସରକାର ରାଜକୋଟ ଅନ୍ତର୍ଗତ ଜୁନାଗଡ ପ୍ରାସାଦକୁ ଅଧିକାର କରିଛନ୍ତି । ସେଠାରେ ସଶସ୍ତ୍ର ସ୍ୱେଚ୍ଛା ସେବକ ଜଗିରହିଛନ୍ତି । ମହୀଶୂର ଆନ୍ଦୋଳନ ନୂଆରୂପ ନେଇଛି । ଉତ୍‌କ୍ଷିପ୍ତ ଜନତା ଜେଲ ଭାଙ୍ଗି ଦେଇଛନ୍ତି ।

## ପ୍ରଦେଶ

ଭାରତ ସରକାରଙ୍କ ଦେଶୀୟ ରାଜ୍ୟ ବିଭାଗ ପୂର୍ବାଞ୍ଚଳ ଗଡ଼ଜାତର 'ଖ' ଓ 'ଗ'

Digitized by srujanika@gmail.com

# ଛି  କା

ଶ୍ରେଣୀସ୍ଥ ୧୭ଟି ଗଡ଼ଜାତ ସରକାର ମାନଙ୍କ ପ୍ରବେଶ ପତ୍ରରେ ଏକ ଅତିରିକ୍ତ ସର୍ତ୍ତ ଦେଇଛନ୍ତି ଯେ ଉକ୍ତ ଗଡ଼ଜାତ ମାନଙ୍କର ଆଭ୍ୟନ୍ତରୀଣ ଶାସନର ଉନ୍ନତିର ଉଦ୍ଦେଶ୍ୟ ଉପରେ କେନ୍ଦ୍ର ସରକାର ହସ୍ତକ୍ଷେପ କରି ପାରିବେ। ପୂର୍ବ ଗଡ଼ଜାତ ବୋର୍ଡ଼ର ଶାସନ ସଙ୍ଘ ଭବାନୀ ପାଟଣାରେ ବସି ସ୍ଥିର କରିଛନ୍ତି ଯେ କେନ୍ଦ୍ର ସରକାର ଏ କ୍ଷେତ୍ରରେ ହସ୍ତକ୍ଷେପ କରି ନପାରନ୍ତି।

ଓଡ଼ିଶା ସରକାରଙ୍କ ଉଚ୍ଚପଦସ୍ଥ ମୋଟା ବେତନ ଭୋଗୀ ସଂଖ୍ୟା କ୍ରମେ ଭୀଷଣ ବୃଦ୍ଧି ପାଇଛି ଏବଂ ନିମ୍ନସ୍ଥ କର୍ମଚାରୀଙ୍କ ଦାବି କେହି ଶୁଣୁ ନାହିଁ ବୋଲି ଅଭିଯୋଗ ଉଠୁଛି। ଓଡ଼ିଶା ସରକାର ପ୍ରାଥମିକ ସ୍କୁଲରୁ ଇଂରାଜୀ ଶିକ୍ଷା ଅସନ୍ତା ବର୍ଷରୁ ଉଠାଇ ଦେବେ ବୋଲି ଇସ୍ତାହାର ଦେଇଛନ୍ତି।

## ବିଦେଶ

ମିଳିତ ଜାତି ସଂଘ ରାଜନୈତିକ କମିଟି ପାକିସ୍ଥାନକୁ ସଭ୍ୟରୂପେ ଗ୍ରହଣ କଲାପରେ ମିଳିତ ଜାତିସଂଘ ମଧ୍ୟ ସର୍ବ ସମ୍ମତି କ୍ରମେ ଗ୍ରହଣ କରିଛନ୍ତି। କେବଳ ଅଫଗାନିସ୍ଥାନ ପ୍ରତିରୋଧ କରିଥିଲା। କାରଣ ପାକିସ୍ଥାନ ସୀମାନ୍ତ ପ୍ରଦେଶକୁ ପାକିସ୍ଥାନର ଅଂଶ ବୋଲି ସେ ସ୍ୱୀକାର କରନ୍ତି ନାହିଁ। ସୀମାନ୍ତ ଇଚ୍ଛା ବିରୋଧରେ ତାହା କରା ଯାଇଛି ବୋଲି ତାଙ୍କ ମତ।

ରାଜନୈତିକ କମିଟିରେ ରୁଷ ପ୍ରତିନିଧି ଗ୍ରୋମିକୋ ବଲକାନର ସମସ୍ତ ଗୋଳପାଇଁ ଗ୍ରୀସ ସରକାରକୁ ଏବଂ ଅପ୍ରତ୍ୟକ୍ଷ ଭାବରେ ଇଂଲଣ୍ଡ ଆମେରିକାକୁ ଦାୟୀ କରି ସେଠାରେ ଶାନ୍ତି ସ୍ଥାପନର ପ୍ରସ୍ତାବ ଦେଇଛନ୍ତି। ସେଥିରେ ସେ ଗ୍ରୀସରୁ ଅନ୍ୟ ଦେଶ ସୈନ୍ୟ ଅପସାରଣ କରିବା ଓ ମିଳିତ ଜାତିସଂଘ ଦ୍ୱାରା ତାହା ତଦାରକ କରିବାର ସର୍ତ୍ତ ଦେଇଛନ୍ତି। ରାଜନୈତିକ କମିଟିରେ ବଲକାନ ପ୍ରସଙ୍ଗ ପଡ଼ିବା ବେଳେ ଆଲବାନିଆ ଓ ବୁଲଗେରିଆ ଯୋଗଦେଇ ପାରିବେ ନାହିଁ ୩୦ ଭୋଟରେ ପ୍ରସ୍ତାବ ଗୃହୀତ ହେଲା କାରଣ ଏ ଦୁଇ ଦେଶ ମିଳିତ ଜାତିସଂଘର ସୁପାରିଶ ମାନିବେ ବୋଲି ଆବଶ୍ୟକୀୟ ପ୍ରତିଶ୍ରୁତି ଦେଇ ନାହାନ୍ତି।

ମାର୍ଶେଲ ଯୋଜନା ଅନୁସାରେ ୟୁରୋପରେ କର୍ଜ କରିବାକୁ ୫୮ କୋଟି ଡଲାର ଦେବାପାଇଁ ଆମେରିକା କଂଗ୍ରେସ ନେତାଙ୍କସହ ଟ୍ରୁମାନ କଥାବାର୍ତ୍ତା କରିଛନ୍ତି। ବ୍ରିଟେନ କିନ୍ତୁ ଯୋଜନାର ଏହି ଅଂଶ ବିଶେଷରୁ ଲାଭ ପାଇବ ନାହିଁ। ଏହି ଯୋଜନାକୁ ୟୁରୋପର ଷୋଳଜାତି ମିଶି ସମର୍ଥନ କରି ଏକ ରିପୋର୍ଟ ଦେଇଛନ୍ତି। ଏ ସଭାର ସଭାପତି ବେଭିନ ହୋଇଥିଲେ। ମିଳିତ ଜାତିସଂଘରେ ଅର୍ଥନୈତିକ କମିଟିରେ ରୁଷ ପ୍ରତିନିଧି ଓସ୍କାର ଲାଙ୍ଗେ ମାର୍ଶେଲ ଯୋଜନାକୁ ଲକ୍ଷ୍ୟକରି କହିଲେ ଯେ ସମସ୍ତ ସଭ୍ୟ ରାଷ୍ଟ୍ରମାନେ ଦେଖିବା ଉଚିତ ଯେ ସାମାଜିକ ଓ ଆର୍ଥିକ ସମସ୍ୟା ମାନ ସମାଧାନ ଯେପରି କେହି ଜାତିସଂଘର ବାହାରେ ଯାଇ କରିବାକୁ ଚେଷ୍ଟା ନକରେ।

ନିରାପତ୍ତା ସଭାର ନିୟମାନୁସାରେ କେତେକ ସଭ୍ୟ ଅପେ ଅପେ ପାଳିକରି ଅବସର ନେବା କଥା। ସେହି ଅନୁସାରେ ଅଷ୍ଟ୍ରେଲିଆ, ପୋଲାଣ୍ଡ ଓ ବ୍ରାଜିଲ ଅବସର ନେଇଛନ୍ତି। ଭାରତ ଗୋଟିଏ ଆସନ ପାଇବାକୁ ଚେଷ୍ଟା କରୁଛି। ଇଂଲଣ୍ଡ ଓ ଆମେରିକା ଭାରତକୁ ସମର୍ଥନ କରୁଛନ୍ତି। ରୁଷ ତାର ନିଜ କ୍ରୀଡ଼ା ପୁତ୍ତଳୀ ଉକ୍ରେନକୁ ଉଠେଇବାକୁ ଚାହେଁ। ଏ ବିଷୟରେ ବାରମ୍ବାର ଭୋଟ ଦିଆନିଆ ମିଳିତ ଜାତିସଂଘ ସଭାରେ ଚାଲିଛି। ଉକ୍ରେନର ବେଶି ଭୋଟ ହେଲେ ହେଁ ନିୟମାନୁସାରେ ଦୁଇ ତୃତୀୟାଂଶ ଭୋଟ ନହେବାରୁ ତଥାପି ହୁଏ ନାହିଁ।

ଇଂଲଣ୍ଡର ମନ୍ତ୍ରୀ ମଣ୍ଡଳ ଅଦଳ ବଦଳ ହୋଇଛି। ସାରଷ୍ଟାଫୋର୍ଡ କ୍ରିପସ ନୂଆ ଅର୍ଥନୀତି ବିଭାଗର ମନ୍ତ୍ରୀ ହେଲେ। ଗ୍ରୀନ ଉଡ ଇସ୍ତଫା ଦେଲେ। ବ୍ରିଟେନର ଏ ବର୍ଷ ୨୬୩ କୋଟି ଡଲାର ଅଣ୍ଟାଉଣ୍ଟି ଘଟିବ।

ବ୍ରିଟେନର ଉପନିବେଶ ସେକ୍ରେଟେରୀ ଗ୍ରୀଚ ସାହେବ ମିଳିତ ଜାତି ସଂଘ ପାଲେଷ୍ଟାଇନ କମିଟିରେ ଘୋଷଣା କଲେ—ବ୍ରିଟିଶ ସୈନ୍ୟ ପାଲେଷ୍ଟାଇନ ଛାଡ଼ି ଚାଲି ଆସିବେ ଏବଂ କମିଟି ଯେଉଁ ନିଷ୍ପତ୍ତି କରିଛି ତାହାର ଭାରକୁ ଗ୍ରହଣ କରିବେ। କିନ୍ତୁ ଯେଉଁ ନିଷ୍ପତ୍ତି ପାଲେଷ୍ଟାଇନର ଉଭୟ ଆରବ ଓ ଇହୁଦିଙ୍କୁ ଭଲ ଲାଗୁନାହିଁ ତାକୁ ସେ ଜବରଦସ୍ତି ତାଙ୍କ ଉପରେ ଲଦି ଦେବାର ପକ୍ଷପାତୀ ନୁହନ୍ତି। ସ୍ୱିଡେନର ପ୍ରତିନିଧି ବିଚାରପତି ସ୍ୟାଣ୍ଡଷ୍ଟ୍ରମ ଏ କମିଟିର ସଭାପତି। ସେ କହିଲେ ଉଭୟ ପକ୍ଷକୁ ଖୁସି କରିବା ଅସମ୍ଭବ। ପାଲେଷ୍ଟାଇନ ହାଇଅରବ ଏକଜିକ୍ୟୁଟିଭର ସେକ୍ରେଟେରୀ ଡାକ୍ତର ଖାଲିଦ ସମାଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି ଯେ ଗୋଟିଏ ଅନ୍ତର୍ବର୍ତ୍ତୀକାଳୀନ ସରକାର ପ୍ରଥମେ ବ୍ରିଟିଶ ସେନା ବାହାରା ତଦାରକ କରିବେ—ଦ୍ୱିତୀୟରେ ଜନଗଣନା କରିବେ ଓ ତୃତୀୟରେ ବିଧାନ ସଭାପାଇଁ ନିରପେକ୍ଷ ନିର୍ବାଚନ ଚଳାଇବେ। ତେଣେ କାଇରୋ ସଂବାଦରୁ ପ୍ରକାଶ ଯେ ୪୫୦୦୦ ଆରବ ସେନାଙ୍କୁ ନେଇ ଦମାସ୍କସ ସନ୍ନିକଟ ଅଞ୍ଚଳରେ ଆରବ ମାନେ ଏକ ବାହିନୀ ଗଠନ କରୁଛନ୍ତି—ମିଳିତ ଜାତିସଂଘ ନିଷ୍ପତ୍ତି ବିରୋଧରେ ଲଢ଼ିବା ପାଇଁ।

ମିଳିତ ଜାତି ସଙ୍ଘର କର୍ଣ୍ଣଧାରଣୀ ସମିତି (Steering committee) ରେ ଦକ୍ଷିଣ ପଶ୍ଚିମ ଆଫ୍ରିକା କଥା ପଡ଼ିଲା। ଦକ୍ଷିଣ ଆଫ୍ରିକାର ଏହି ଆଜ୍ଞାଧୀନ ( mandatory ) ରାଷ୍ଟ୍ର ଏକ ନିରପେକ୍ଷ ନ୍ୟାସପାଳିକାର ( trusteeship ) ଅଧୀନରେ ରହିବ ବୋଲି ଗତବର୍ଷ ଜାତିସଂଘ ଦକ୍ଷିଣ ଆଫ୍ରିକାକୁ ନିର୍ଦ୍ଦେଶ କରିଥିଲା। ଦକ୍ଷିଣ ଆଫ୍ରିକା ଏ ପର୍ଯ୍ୟନ୍ତ ତାହା କରିନଥିବାରୁ ଭାରତର ପ୍ରତିନିଧି ମହାରାଜସିଂ କହିଲେ ଆଇନ ଓ ଧର୍ମ ଦୃଷ୍ଟିରୁ ନିର୍ଦ୍ଦେଶାନୁସାରେ ଚଳିବାକୁ ଦକ୍ଷିଣ ଆଫ୍ରିକା ବାଧ୍ୟ। ଦକ୍ଷିଣ ଆଫ୍ରିକା ପ୍ରତିନିଧି କହିଲେ—କୌଣସି ଆନ୍ତର୍ଜାତୀୟ ସନ୍ଧି ଦ୍ୱାରା କିମ୍ବା ମିଳିତ ଜାତି ସଂଘ ଗଠନ କରିବା ଦ୍ୱାରା ଦକ୍ଷିଣ ପଶ୍ଚିମ ଆଫ୍ରିକା, ଦକ୍ଷିଣ ଆଫ୍ରିକାଅନ୍ତର୍ଭୁକ୍ତ ହୋଇନାହିଁ ତେଣୁ ଆଇନତଃ ବାଧ୍ୟନୁହେ। ଆମେରିକ ମଧ୍ୟ ଆଇନତଃ ବାଧ୍ୟନୁହେ ବୋଲି କହିଲା କିନ୍ତୁ ଧର୍ମତଃ ବାଧ୍ୟ ବୋଲି ମାନିଲା। ରୁଷ ଓ ଅନ୍ୟରାଷ୍ଟ୍ର ମାନେ ଭାରତ ପକ୍ଷରେ କହିଲେ।

ପୂର୍ବ ଇନ୍ଦୋନେସିଆର ସଭାପତି ମିଃ ସୋକାବତୀ ଏବଂ ବର୍ଣ୍ଣିଓର ସୁଲତାନ ଅବ ପୋଣ୍ଟିଅନାକ ୨ଯୁ ହମିଦ୍ ଗୋଟିଏ ସ୍ୱାକ୍ଷରିତ ଘୋଷଣାରେ କହିଛନ୍ତି ଯେ ବର୍ତ୍ତମାନ ନେଦରଲାଣ୍ଡ ସେନା ବଦଳରେ ଗୋଟିଏ ମିଳିତ ରକ୍ଷୀ (ପୁଲିସ) ଦଳ ଗଠିତହେଉ ଏବଂ ଇନ୍ଦୋନେସିଆର ସମସ୍ତ ଅଞ୍ଚଳର ପ୍ରତିନିଧି ମାନଙ୍କୁ ନେଇ ଗୋଟିଏ ସମ୍ମିଳନୀ ବସି ଇନ୍ଦୋନେସିଆର ମିଳିତ ରାଷ୍ଟ୍ରଗଠନର ପରିକଳ୍ପନା କରାଯାଉ। ସେହି ରାଷ୍ଟ୍ରଭିତରେ ଇନ୍ଦୋନେସିଆର

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ସା ପ୍ତ

## ଦେଶ

ଅକ୍ଟୋବର ଦୁଇ ତାରିଖରେ ସ୍ୱାଧୀନ ଭାରତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୭୯ ତମ ଜନ୍ମ ଦିବସ ଭାରତରେ ଅନ୍ତରଙ୍ଗତାର ସହିତ ପାଳିତ ହୋଇଛି ।

କିନ୍ତୁ ଦେଶ କ୍ରମେ ବିପନ୍ନ ହେବାକୁ ବସିଛି । ପଣ୍ଡିତ ନେହେରୁ ଏକଥା ବୁଝାଇ ଦେଇଛନ୍ତି । ଭାରତରେ ଭ୍ରାତୃହତ୍ୟାର ଅନ୍ତ ନହେଲେ ପାକିସ୍ଥାନବାଦୀମାନେ 'ହିନ୍ଦୁ ମୁସଲମାନ ଦୁଇ ସ୍ୱତନ୍ତ୍ରଜାତି' ବୋଲି ଯେଉଁ ନୀତିରେ ଭାରତକୁ ଖଣ୍ଡିତ କରିଛନ୍ତି ସେହି ନୀତିରହିଁ ଜୟ ହେବ ବୋଲି ସେ କହିଛନ୍ତି । ଭ୍ରାତୃ ହତ୍ୟା ଫଳରେ ଭାରତ ବାହାରେ ଭାରତର ସମ୍ମାନ କ୍ଷୁର୍ଣ୍ଣ ହୋଇଛି । ଭାରତ ସରକାରଙ୍କ ଦେଶ ଗଠନ କାର୍ଯ୍ୟରେ ବାଧା ପଡ଼ୁଛି । ପାକିସ୍ଥାନରେ ସରକାରଙ୍କ ଇଙ୍ଗିତରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଛି ତାର ପ୍ରତିବାଦ କରିବାକୁ ଭାରତ ସରକାରଙ୍କ ମୁହଁ ନାହିଁ । ନେହେରୁଜୀ କହିଛନ୍ତି— ଅଜି ଯଦି ଭାରତ ସୈନଙ୍କୁ ହସପିଟାଲ ଓ ଅଶ୍ରୟ ପ୍ରାର୍ଥୀମାନଙ୍କ ରକ୍ଷଣାବେକ୍ଷଣ ଦେଖିବାକୁ ପଡ଼ୁ ନଥାନ୍ତା ତେବେ ଦୁଇ ଦିନରେ ସେମାନେ ପାକିସ୍ଥାନର ସଂଖ୍ୟାଲଘୁଙ୍କ ରକ୍ଷା ପାଇଁ ପାକିସ୍ଥାନ ଭିତରକୁ ମାଡ଼ିଯାଇ ପାରନ୍ତେ ।

ଭାରତରେ ଭ୍ରାତୃହତ୍ୟାର ଅବସାନ ହୋଇ ଆସୁଥିଲେହେଁ ପାକିସ୍ଥାନରେ ସଂଖ୍ୟାଲଘୁଙ୍କ ଅବସ୍ଥା ଶୋଚନୀୟ ହୋଇ ପଡ଼ୁଛି । ପଶ୍ଚିମପଞ୍ଜାବରେ ହିନ୍ଦୁ ଶିଖ ଶୂନ୍ୟ ହେବା ଉପରେ । ସିନ୍ଧୁର ପ୍ରଧାନ ମନ୍ତ୍ରୀ ଖୁହ୍ରୋଙ୍କ କଥାରୁ ସ୍ପଷ୍ଟ ବୁଝା ପଡ଼ୁଛି ଯେ ସିନ୍ଧୁର ହିନ୍ଦୁମାନଙ୍କୁ ତଡ଼ିବାରେ ସରକାରଙ୍କ ହାତଅଛି । ସିନ୍ଧୁରେ ବାଣିଜ୍ୟର ଶତକଡ଼ା ୮୦ରୁ ଊର୍ଦ୍ଧ୍ୱ ହିନ୍ଦୁଙ୍କ ହାତରେ । ସେମାନେ ଅନେକରେ ପଳାଇ ଆସିବାବେଳେ ତାଙ୍କର ସମସ୍ତ ସମ୍ପତ୍ତି ଛାଡ଼ିକରି ନେଇ ପାରୁନାହାନ୍ତି । ପୁନା ରୁମା ଚପ୍ପଲ ମଧ୍ୟ ଆଣିବାକୁ ଦିଆଯାଉନାହିଁ ।

ଖରଡ଼ା ଘୋଷଣା କରିଛନ୍ତି, ହିନ୍ଦୁମାନଙ୍କ ପରିତ୍ୟକ୍ତ ସମ୍ପତ୍ତିକୁ ସରକାର ଜବତ କରି ମୁସଲମାନମାନଙ୍କ ମଧ୍ୟରେ ବିତରଣ କରିବେ । ପାକିସ୍ଥାନରୁ ଆଉ ସଂଖ୍ୟାଲଘୁମାନଙ୍କୁ ପଳାଇ ଆସିବାର ସୁବିଧା ଦିଆ ଯାଉନାହିଁ । ବିଶ୍ୱସ୍ତ ମହଲରୁ ପ୍ରକାଶ ଯେ ପାକିସ୍ଥାନ ସରକାର ପ୍ରଥମେ ବ୍ରିଟିଶ ଉପନିବେଶିକ ସରକାରମାନଙ୍କୁ ଓ ବ୍ରିଟେନକୁ ଭାରତ ଓ ପାକିସ୍ଥାନର ସାଂପ୍ରଦାୟିକ ସମସ୍ୟା ସମାଧାନ କରିବା ପାଇଁ ଆମନ୍ତ୍ରଣ କରିଥିଲେ । ପ୍ରଣୀ କ୍ଷୁଅନେ ଶେଷ ଇଂରାଜ ସରକାରକୁ ସୈନ୍ୟ ସାହାଯ୍ୟ ମାଗିଥିଲେ । ମାତ୍ର ଇଂରାଜ ସରକାର ସେ ନିବେଦନକୁ କର୍ଣ୍ଣପାତ କରି ନାହାନ୍ତି । ଅଧୁନା ଜଣା ଯାଉଛି—ଲର୍ଡ ମାଉଣ୍ଟବାଟେନଙ୍କ କନ୍ୟା ପାଞ୍ଚ ଦିନ ଲାହୋର କରାଚୀ ପ୍ରଭୃତି ପର୍ଯ୍ୟଟନରେ ବାହାରିବେ ।

ପାକିସ୍ଥାନର ମତିଗତି ଦେଖି ମହାତ୍ମାଜୀ ମଧ୍ୟ ଆତଙ୍କିତ ହୋଇ କହିଛନ୍ତି ପାକିସ୍ଥାନର ନୀତି ନ ବଦଳିଲେ ପାକିସ୍ଥାନ ଓ ଭାରତ ମଧ୍ୟରେ ଯୁଦ୍ଧ ଲାଗିବାର ସଂଭାବନା ଅଛି ।

ଭାରତର ଖାଦ୍ୟ ପରିସ୍ଥିତି ମଧ୍ୟ ସାଙ୍ଘାତିକ ହୋଇ ଆସୁଛି । ଡାକ୍ତର ପ୍ରସାଦଙ୍କ କହିବା ଅନୁସାରେ ମାନ୍ଦ୍ରାଜ ବମ୍ବେ, ମହୀଶୂର, ତ୍ରିବାଙ୍କୁଡ଼ ଓ କୋଚିନରେ ୨ ସପ୍ତାହରୁ କମ ଦିନ ଖାଇବା ଭଳି ଖାଦ୍ୟ ମାସ ଶେଷକୁ ରହିବ । ପୂର୍ବ ପଞ୍ଜାବରେ ଅତିରିକ୍ତ ୩୦,୦୦୦ ଟନ ଗହମ ଓ ୨୦,୦୦୦ ଟନ ଗହମ ମଞ୍ଜି ଦରକାର । ପୂର୍ବରୁ ଘୋଷଣା କରାଯାଇଥିଲା ଯେ ନିଅଣ୍ଟ ଅଞ୍ଚଳରେ ମୋଟେ ଦଶ ପନ୍ଦର ଦିନର ଖାଦ୍ୟ ରହିବ । ଏବଂ ସେପ୍ଟେମ୍ବରରେ ୧୫୦,୦୦୦ ଟନ ଶସ୍ୟ ଅଣିବା ସରକାରଙ୍କ ପକ୍ଷରେ ସମସ୍ୟା ହେଲାଣି । ଅକ୍ଟୋବର ଶେଷ ସୁଦ୍ଧା ନିଅଣ୍ଟ ଅଞ୍ଚଳରେ ୫୧୦,୦୦୦ ଟନ ଖର୍ଚ୍ଚ ହେଉଥିବା ସ୍ଥଳେ ହାତରେ ମୋଟେ ୧୮୦ ୦୦୦ ଟନ ଖାଦ୍ୟ ରହିବ ।

ଏହି ଖାଦ୍ୟାଭାବର କାରଣ ବର୍ଣ୍ଣାଇ ରାଜେନ୍ଦ୍ର ପ୍ରସାଦ କହିଛନ୍ତି—ଗତବର୍ଷ ସ୍ଥାନେ ସ୍ଥାନେ ଫସଲ ହୋଇନଥିଲା; ତା ଛଡ଼ା ଯୁଦ୍ଧପୂର୍ବରୁ ଭାରତବାହାରୁ ୭,୮୦୦୦୦୦ ଟନ ଶସ୍ୟ ଆସୁଥିବା ବେଳେ ବର୍ତ୍ତମାନ ୨,୧୮୦୦୦୦୦ ଆସୁଛି । ବର୍ମା, ଇଣ୍ଡୋଚାଇନା ଓ ସ୍ୟାମରେ ଭଲ ଫସଲ ହୋଇ ନଥିବାରୁ ସେଠୁ ମଧ୍ୟ ଭଲ ଅମଦାନୀ ହୋଇ ନାହିଁ । ପାକିସ୍ଥାନ ଓ ପଞ୍ଜାବ ଗୋଳ ଯୋଗୁ ୬୫,୦୦୦୦୦ ଟନ ଶସ୍ୟ କ୍ଷତି ହୋଇଛି ।

ଭାରତ ସରକାର ଅଷ୍ଟ୍ରେଲିଆରୁ ୧୦୦୦୦୦୦ ଟନ ଗହମ ଆଣିବେ ବୋଲି ଚୁକ୍ତି କରି ସାରିଛନ୍ତି । ରୁଷିଆକୁ ମଧ୍ୟ ନିବେଦନ କରାଯାଇଛି । ଅକ୍ଟୋବର ଶେଷ ସୁଦ୍ଧା ୨୦୬,୦୦୦ ଟନ ଗହମ ଆସିବାର ଆଶା ଅଛି ।

ଭାରତ ସରକାର ଖାଦ୍ୟସମସ୍ୟା ସମାଧାନ ପାଇଁ ଠାକୁର ଦାସଙ୍କ ନାୟକତ୍ୱରେ ଏକ କମିଟି ବସାଇଛନ୍ତି । ତାଛଡ଼ା ଦର ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଶୀଘ୍ର ପ୍ରକାଶ ପାଇବ ।

କାଶ୍ମୀରର ନେତା ସେଖଅବଦୁଲ୍ଲା ଏବଂ ତାଙ୍କ ସହକର୍ମୀମାନଙ୍କୁ ମୁକ୍ତ ଦିଆଯାଇଛି ।

ଜୁନାଗଡ଼ର ପ୍ରଜା ସାଧାରଣ ଯେଉଁ ଅସ୍ଥାୟୀ ସରକାର ଗଢ଼ିଛନ୍ତି ସେ ସରକାର ରାଜକୋଟ ଅନ୍ତର୍ଗତ ଜୁନାଗଡ଼ ପ୍ରାସାଦକୁ ଅଧିକାର କରିଛନ୍ତି । ସେଠାରେ ସଶସ୍ତ୍ର ସ୍ୱେଚ୍ଛା ସେବକ ଜମିରହିଛନ୍ତି । ମହୀଶୂର ଆନ୍ଦୋଳନ ନୂଆରୂପ ନେଇଛି । ଉତ୍‌କ୍ଷିପ୍ତ ଜନତା ଜେଲ ଭାଙ୍ଗି ଦେଇଛନ୍ତି ।

## ପ୍ରଦେଶ

ଭାରତ ସରକାରଙ୍କ ଦେଶୀୟ ରାଜ୍ୟ ବିଭାଗ ପୂର୍ବାଞ୍ଚଳ ଗଡ଼ ଜାତର 'ଖ' ଓ 'ଗ'

Digitized by srujanika@gmail.com

# ଟିକା

ଶ୍ରେଣୀସ୍ଥ ୧୬ଟି ଗଡ଼ଜାତ ସରକାର ମାନଙ୍କ ପ୍ରବେଶ ପତ୍ରରେ ଏକ ଅତିରିକ୍ତ ସର୍ତ୍ତ ଦେଇଛନ୍ତି ଯେ ଉକ୍ତ ଗଡ଼ଜାତ ମାନଙ୍କର ଆଭ୍ୟନ୍ତରୀଣ ଶାସନର ଚରମ ଅଭାବ ଉପରେ କେନ୍ଦ୍ର ସରକାର ହସ୍ତ କ୍ଷେପ କରି ପାରିବେ। ପୂର୍ବ ଗଡ଼ଜାତ ବୋର୍ଡର ଶାସନ ସଘ ଭବାନୀ ପାଟଣାରେ ବସି ସାର କରିଛନ୍ତି ଯେ କେନ୍ଦ୍ର ସରକାର ଏ କ୍ଷେତ୍ରରେ ହସ୍ତକ୍ଷେପ କରି ନପାରନ୍ତି।

ଓଡ଼ିଶା ସରକାରଙ୍କ ଉଚ୍ଚପଦସ୍ଥ ମୋଟା ବେତନଧାରୀ ସଂଖ୍ୟା କ୍ରମେ ବୃଦ୍ଧି ପାଉଛି ଏବଂ ନିମ୍ନସ୍ଥ କର୍ମଚାରୀଙ୍କ ଦାବି କେହି ଶୁଣୁନାହିଁ ବୋଲି ଅଭିଯୋଗ ଉଠୁଛି। ଓଡ଼ିଶା ସରକାର ପ୍ରାଥମିକ ସ୍କୁଲରୁ ଇଂରାଜୀ ପଢ଼ା ଆସନ୍ତା ବର୍ଷରୁ ଉଠାଇ ଦେବେ ବୋଲି ଇସ୍ତାହାର ଦେଇଛନ୍ତି।

## ବିଦେଶ

ମିଳିତ ଜାତି ସଂଘ ରାଜନୈତିକ କମିଟି ପାକିସ୍ଥାନକୁ ସଭ୍ୟରୂପେ ଗ୍ରହଣ କଲାପରେ ମିଳିତ ଜାତିସଂଘ ମଧ୍ୟ ସର୍ବ ସମ୍ମତି କ୍ରମେ ଗ୍ରହଣ କରିଛନ୍ତି। କେବଳ ଅଫଗାନିସ୍ତାନ ବିରୋଧ କରିଥିଲା। କାରଣ ପାକିସ୍ତାନ ସୀମାନ୍ତ ପ୍ରଦେଶକୁ ପାକିସ୍ଥାନର ଅଂଶ ବୋଲି ସେ ସ୍ୱୀକାର କରନ୍ତି ନାହିଁ। ସୀମାନ୍ତ ଇଚ୍ଛା ବିରୋଧରେ ତାହା କରା ଯାଇଛି ବୋଲି ତାଙ୍କ ମତ।

ରାଜନୈତିକ କମିଟିରେ ରୁଷ ପ୍ରତିନିଧି ଗ୍ରୋମିକୋ ବଲକାନର ସମସ୍ତ ଗୋଳପାଇଁ ଗ୍ରୀସ ସରକାରକୁ ଏବଂ ଅପ୍ରତ୍ୟକ୍ଷ ଭାବରେ ଇଂଲଣ୍ଡ ଆମେରିକାକୁ ଦାୟୀ କରି ସେଠାରେ ଶାନ୍ତି ସ୍ଥାପନର ପ୍ରସ୍ତାବ ଦେଇଛନ୍ତି। ସେଥିରେ ସେ ଗ୍ରୀସରୁ ଅନ୍ୟ ଦେଶ ସୈନ୍ୟ ଅପସାରଣ କରିବା ଓ ମିଳିତ ଜାତିସଂଘ ଦ୍ୱାରା ତାହା ତଦାରକ କରିବାର ସର୍ତ୍ତ ଦେଇଛନ୍ତି। ରାଜନୈତିକ କମିଟିରେ ବଲକାନ ପ୍ରସଙ୍ଗ ପଡ଼ିବା ବେଳେ ଆଲବାନିଆ ଓ ବୁଲଗେରିଆ ଯୋଗଦେଇ ପାରିବେ ନାହିଁ ୩୦ ଭୋଟରେ ପ୍ରସ୍ତାବ ଗୃହୀତ ହେଲା କାରଣ ଏ ଦୁଇ ଦେଶ ମିଳିତ ଜାତିସଂଘର ସୁପାରିଶ ମାନିବେ ବୋଲି ଅବଶ୍ୟକୀୟ ପ୍ରତିଶ୍ରୁତି ଦେଇ ନାହାନ୍ତି।

ମାର୍ଶେଲ ଯୋଜନା ଅନୁସାରେ ୟୁରୋପରେ ଖର୍ଚ୍ଚ କରିବାକୁ ୫୮ କୋଟି ଡଲାର ଦେବାପାଇଁ ଆମେରିକା କଂଗ୍ରେସ ନେତାଙ୍କସହ ଟ୍ରୁମାନ କଥାବାର୍ତ୍ତା କରିଛନ୍ତି। ବ୍ରିଟେନ କିନ୍ତୁ ଯୋଜନାର ଏହି ଅଂଶ ବ୍ୟବସ୍ଥାରୁ ଲାଭ ପାଇବ ନାହିଁ। ଏହି ଯୋଜନାକୁ ୟୁରୋପର ଷୋଳଜାତି ମିଶି ସମର୍ଥନ କରି ଏକରିପୋର୍ଟ ଦେଇଛନ୍ତି। ଏ ସଭାର ସଭାପତି ବେଭିନ ହୋଇଥିଲେ। ମିଳିତ ଜାତିସଂଘରେ ଅର୍ଥନୈତିକ କମିଟିରେ ରୁଷ ପ୍ରତିନିଧି ଓସ୍କାର ଲାଙ୍ଗେ ମାର୍ଶେଲ ଯୋଜନାକୁ ଲକ୍ଷ୍ୟକରି କହିଲେ ଯେ ସମସ୍ତ ସଭ୍ୟ ରାଷ୍ଟ୍ରମାନେ ଦେଖିବା ଉଚିତ ଯେ ସାମାଜିକ ଓ ଆର୍ଥିକ ସମସ୍ୟା ମାନ ସମାଧାନ ଯେପରି କେହି ଜାତିସଂଘର ବାହାରେ ଯାଇ କରିବାକୁ ଚେଷ୍ଟା ନକରେ।

ନିରାପତ୍ତା ସଭାର ନିୟମାନୁଯାୟୀ କେତେକ ସଭ୍ୟ ଅଳ୍ପେ ଅଳ୍ପେ ପାଳିକରି ଅବସର ନେବା କଥା। ସେହି ଅନୁସାରେ ଅଷ୍ଟ୍ରେଲିଆ, ପୋଲାଣ୍ଡ ଓ ବ୍ରାଜିଲ ଅବସର ନେଉଛନ୍ତି। ଭାରତ ଗୋଟିଏ ଆସନ ପାଇବାକୁ ଚେଷ୍ଟା କରୁଛି। ଇଂଲଣ୍ଡ ଓ ଆମେରିକା ଭାରତକୁ ସମର୍ଥନ କରୁଛନ୍ତି। ରୁଷ ତାର ନିଜ କ୍ରୀଡ଼ା ପୁତ୍ତଳୀ ଇଉକ୍ରେନକୁ ଭର୍ତ୍ତି କରିବାକୁ ଚାହେଁ। ଏ କ୍ଷେତ୍ରରେ ବାରମ୍ବାର ଭୋଟ ଦେବାନେବା ମିଳିତ ଜାତିସଂଘ ସଭାରେ ଚାଲିଛି। ଇଉକ୍ରେନର ବେଶି ଭୋଟ ହେଲେ ହେଁ ନିୟମାନୁସାରେ ଦୁଇ ତୃତୀୟାଂଶ ଭୋଟ ନହେବାରୁ କଥା ଛିଡ଼ି ନାହିଁ।

ଇଂଲଣ୍ଡର ମନ୍ତ୍ରୀ ମଣ୍ଡଳ ଅଦଳ ବଦଳ ହେଉଛି। ସାର ଷ୍ଟାଫୋର୍ଡ କ୍ରିପ୍ସ ନୂଆ ଅର୍ଥନୀତି ବିଭାଗର ମନ୍ତ୍ରୀ ହେଲେ। ଗ୍ରୀନଉଡ ଇସ୍ତଫା ଦେଲେ। ବ୍ରିଟେନର ଏ ବର୍ଷ ୨୬୫ କୋଟି ଡଲାର [illegible] ଘାଟତି ହେବ।

ବ୍ରିଟେନର ଉପନିବେଶ ସେକ୍ରେଟେରୀ କ୍ରୀଚ ଜୋନ୍ସ ମିଳିତ ଜାତି ସଂଘ ପାଲେଷ୍ଟାଇନ କମିଟିରେ ଘୋଷଣା କଲେ—ବ୍ରିଟିଶ ସୈନ୍ୟ ପାଲେଷ୍ଟାଇନ ଛାଡ଼ି ଚାଲି ଆସିବେ ଏବଂ କମିଟି ଯେଉଁ ନିଷ୍ପତ୍ତି କରିଛି ତାହାର ଭାରକୁ ଗ୍ରହଣ କରିବେ। କିନ୍ତୁ ଯେଉଁ ନିଷ୍ପତ୍ତି ପାଲେଷ୍ଟାଇନର ଉଭୟ ଆରବ ଓ ଇହୁଦିଙ୍କୁ ଭଲ ଲାଗୁନାହିଁ ତାକୁ ସେ ଜବରଦସ୍ତି ତାଙ୍କ ଉପରେ ଲଦି ଦେବାର ପକ୍ଷପାତୀ ନୁହନ୍ତି। ସ୍ୱିଡେନର ପ୍ରତିନିଧି ବିଚାରପତି ସ୍ୟାଣ୍ଡଷ୍ଟ୍ରମ ଏ କମିଟିର ସଭାପତି। ସେ କହିଲେ ଉଭୟ ପକ୍ଷକୁ ଖୁସି କରିବା ଅସମ୍ଭବ। ପାଲେଷ୍ଟାଇନ ହାଇଅର ଏକଜିକ୍ୟୁଟିଭର ସେକ୍ରେଟେରୀ ଡକ୍ଟର ଖାଲିଦ ସମାଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି ଯେ ଗୋଟିଏ ଅନ୍ତର୍ବର୍ତ୍ତୀକାଳୀନ ସରକାର ପ୍ରଥମେ ବ୍ରିଟିଶ ସେନା ବାହୁଡ଼ା ତଦାରଖ କରିବେ—ଦ୍ୱିତୀୟରେ ଜନଗଣନା କରିବେ ଓ ତୃତୀୟରେ ବିଧାନସଭା ପାଇଁ ନିରପେକ୍ଷ ନିର୍ବାଚନ ଚଳାଇବେ। ତେଣେ କାଇରୋ ସଂବାଦରୁ ପ୍ରକାଶ ଯେ ୪୫୦୦୦ ଆରବ ସେନାଙ୍କୁ ନେଇ ଦମାସ୍କସ ସନ୍ନିକଟ ଅଞ୍ଚଳରେ ଆରବ ମାନେ ଏକ ବାହିନୀ ଗଠନ କରୁଛନ୍ତି—ମିଳିତ ଜାତିସଂଘ ନିଷ୍ପତ୍ତି ବିରୋଧରେ ଲଢ଼ିବା ପାଇଁ।

ମିଳିତ ଜାତି ସଂଘର କର୍ଣ୍ଣଧାରଣୀ ସମିତି (Steering committee) ରେ ଦକ୍ଷିଣ ପଶ୍ଚିମ ଆଫ୍ରିକା କଥା ପଡ଼ିଲା। ଦକ୍ଷିଣ ଆଫ୍ରିକାର ଏହି ଆଜ୍ଞାବଦ୍ଧ ( mandatory ) ରାଷ୍ଟ୍ର ଏକ ନିରପେକ୍ଷ ନିକ୍ଷେପାଧିକାର ( trusteeship ) ଅଧୀନରେ ରହିବ ବୋଲି ଗତବର୍ଷ ଜାତିସଂଘ ଦକ୍ଷିଣ ଆଫ୍ରିକାକୁ ନିର୍ଦ୍ଦେଶ କରିଥିଲା। ଦକ୍ଷିଣ ଆଫ୍ରିକା ଏ ପର୍ଯ୍ୟନ୍ତ ତାହା କରିନଥିବାରୁ ଭାରତର ପ୍ରତିନିଧି ମହାରାଜସିଂ କହିଲେ ଆଇନ ଓ ଧର୍ମ ଦୃଷ୍ଟିରୁ ନିକ୍ଷେପାଧିକାର ଚୁକ୍ତି କରିବାକୁ ଦକ୍ଷିଣ ଆଫ୍ରିକା ବାଧ୍ୟ। ଦକ୍ଷିଣ ଆଫ୍ରିକା ପ୍ରତିନିଧି କହନ୍ତି—କୌଣସି ଆନ୍ତର୍ଜାତୀୟ ସନ୍ଧି ଦ୍ୱାରା କିମ୍ବା ମିଳିତ ଜାତି ସଂଘ ଚାର୍ଟରର ଧାରା ଦ୍ୱାରା ଦକ୍ଷିଣ ପଶ୍ଚିମ ଆଫ୍ରିକା, ଦକ୍ଷିଣ ଆଫ୍ରିକାଅନ୍ତର୍ଭୁକ୍ତ ହୋଇନାହିଁ ତେଣୁ ଆଇନତଃ ବାଧ୍ୟନୁହେଁ। ଆମେରିକା ମଧ୍ୟ ଆଇନତଃ ବାଧ୍ୟନୁହେଁ ବୋଲି କହିଲା କିନ୍ତୁ ଧର୍ମତଃ ବାଧ୍ୟ ବୋଲି ମାନିଲା। ରୁଷ ଓ ଅନ୍ୟ ରାଷ୍ଟ୍ର ମାନେ ଭାରତ ପକ୍ଷରେ କହିଲେ।

ପୂର୍ବ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ମିଃ ସୋକାୱାତୀ ଏବଂ ବର୍ଣ୍ଣିଓର ସୁଲତାନ ଅବ ପୋଣ୍ଟିଆନାକ ୨ୟ ହାମିଦ ଗୋଟିଏ ସ୍ୱାକ୍ଷରିତ ବିବୃତିରେ କହିଛନ୍ତି ଯେ ବର୍ତ୍ତମାନ ନେଦରଲାଣ୍ଡ ସେନା ବଦଳରେ ଗୋଟିଏ ମିଳିତ ରକ୍ଷୀ (ମୁକ୍ତସ) ଦଳ ଗଠିତହେଉ ଏବଂ ଇଣ୍ଡୋନେସିଆର ସମସ୍ତ ଅଞ୍ଚଳର ପ୍ରତିନିଧି ମାନଙ୍କୁ ନେଇ ଗୋଟିଏ ସମ୍ମିଳନୀ ବସି ଇଣ୍ଡୋନେସିଆର ମିଳିତ ରାଷ୍ଟ୍ରଗଠନର ପରିକଳ୍ପନା କରାଯାଉ। ସେହି ରାଷ୍ଟ୍ରଭିତରେ ଇଣ୍ଡୋନେସିଆର

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଜଗତର ବିଚାର ଧାରା

**—ସନ୍ଧାନୀ**

ଗାନ୍ଧି ଜୟନ୍ତୀ ବା ଚର୍ଖା ଜୟନ୍ତୀ । ଗାନ୍ଧିଜୀ କହୁଛନ୍ତି— ଖଦୀର ଗୋଟିଏ ଯୁଗ ସରିଲା । ଖଦୀ ବୋଧହୁଏ ଗରିବଙ୍କର ଗୋଟିଏ କାମ କରିଦେଇ ନେଇଛି । ଏବେତ ସବୁ ଲୋକେ କପଡ଼ ସ୍ୱାବଲମ୍ବୀ ହେବେ, ଖଦୀ କପଡ଼ ଅହିଂସାର ମୂର୍ତ୍ତି ହୋଇ ପାରିବ ସେକଥା ବତାଇବାକୁ ବାକିଅଛି । ସେଥିରେ ବିଶ୍ୱାସ ଦର୍ଶାଇବାକୁ ହେବ ।

ଏହାହିଁ ଗାନ୍ଧୀ ଜୟନ୍ତୀର ସନ୍ଦେଶ । ଏ ବିଶ୍ୱାସ ଯାହାର ନାହିଁ, ସେ ବ୍ୟକ୍ତି ବିଶେଷ ହେଉ ବା ସରକାର ହେଉନ୍ତୁ ତାଙ୍କର ଚର୍ଖା ଜୟନ୍ତୀ ପାଳନକୁ ଲୋକେ ଭଣ୍ଡାମି ଛଡ଼ା ଅନ୍ୟ ଆଖ୍ୟା ଦେଇ ପାରିବେ ନାହିଁ ।

ଲଢ଼ିବାର ଯୁଗ ଯାଇଛି । ବର୍ତ୍ତମାନ ଯେ ଗଢ଼ିବାର ଯୁଗ ଏ କଥା ସମସ୍ତେ ମାନିବେ । କିନ୍ତୁ ଏ ଗଢ଼ା କି ପ୍ରକାର ଗଢ଼ାହେବ ସେଥିରେ ମତଭେଦ ଘଟିଛି ! ଦଳେଲୋକ କହୁଛନ୍ତି, ପାଶ୍ଚାତ୍ୟ ଦେଶ ସାଙ୍ଗରେ ପାଦ ଦେବାପାଇଁ ଆମକୁ କଳ କାରଖାନା ଓ ବିରାଟ ଶିଳ୍ପରେ ଦେଶକୁ ମୁଖରିତ କରିବାକୁ ହେବ । ଅନ୍ୟ ଏକ ଦଳର ଲୋକେ କହନ୍ତି, ଗାନ୍ଧୀଜୀଙ୍କର ନିର୍ଦ୍ଦେଶ ଅନୁସାରେ ଦେଶକୁ ଗଢ଼ିବା ଉଚିତ । କାରଣ ତାଙ୍କ ନେତୃତ୍ୱର ମୂଳ ନୀତି ଥିଲା ସଙ୍ଗଠନ ଭିତରେ ବିପ୍ଳବ । ଏମାନେ ଚର୍ଖାକୁ କେବଳ ଏକ ଅର୍ଥ ସମସ୍ୟାର ସମାଧାନକାରକ ବୋଲି ଧରନ୍ତିନାହିଁ । ଚର୍ଖା ଏକ ବୈପ୍ଳବିକ ଅସ୍ତ୍ର । ସମାଜର ଶୋଷଣକୁ ଲୋପ କରିବାରେ ହିଁ ଅହିଂସ ସମାଜର ସଙ୍ଗଠନ ସମ୍ଭବ । ତେଣୁ ଚର୍ଖାର ପ୍ରୟୋଜନ ।

ଗତ ସତ୍ୟାଗ୍ରହ ସମୟରେ ଦେଖାଯାଇଛି ଯେ, ଯେଉଁଠି ଯେଉଁଠି କେବଳ ବ୍ୟବସାୟ ଦୃଷ୍ଟିରୁ ଚର୍ଖା ଚାଲିଥିଲା— ବିଶେଷତଃ ଚର୍ଖା ସଂଘର କେନ୍ଦ୍ର ମାନଙ୍କରେ ଆନ୍ଦୋଳନ ଆଶାନୁରୂପ ହୋଇନାହିଁ । ତାର କାରଣ ଖଦୀ ଏକ ବ୍ୟବସାୟ ସର୍ବସ୍ୱ ହୋଇ ଠିଆ ହେଲା । ତା ଭିତରର ବିପ୍ଳବକୁ କେହି ବୁଝିନଥିଲେ ବା ତାକୁ ବୁଝାଯାଇ ନଥିଲା । କେବଳ ଅର୍ଥନୀତି ଦୃଷ୍ଟିରୁ ଖଦୀ ବଜାରରେ ଖଦୀ ବେଶିଦିନ ବଞ୍ଚି ପାରିଲା ନାହିଁ । କାରଣ ଅର୍ଥନୀତି ଭିତ୍ତି ଉପରେ ଠିଆହେବା ଖଦୀ ଏକ ବିରାଟ ଅର୍ଥ ରାକ୍ଷସ ମିଲ୍ ବା କଳ ଆଗରେ ପ୍ରତିଯୋଗିତାରେ ଥାଇ ପାରିବ ନାହିଁ । ଲୋକେ ଯଦି ଖଦୀର ପ୍ରକୃତ ଅର୍ଥ ନ ବୁଝନ୍ତି, ତେବେ ଖଦୀ ଆନ୍ଦୋଳନ ଅସମ୍ଭବ । ଯେଉଁ ଜନ ନେତା ବା ସରକାର ଖଦୀକୁ ବା କୁଟୀର ଶିଳ୍ପକୁ ଏକ ଅର୍ଥନୈତିକ ଆନ୍ଦୋଳନ ଦୃଷ୍ଟିରୁ ଦେଖେ ଏବଂ ସେହି ଦୃଷ୍ଟିରୁ ତାର ଯଥାର୍ଥତା ଉପଲବ୍ଧି କରେ, ସେ ଯଦି ଅନ୍ୟ ଦିଗରେ କଳ କାରଖାନାକୁ ପ୍ରୋତ୍ସାହନ ଦିଏ, ତେବେ ବୁଝିବାକୁ ହେବ ଯେ, ସେ ହୁଏତ ଖଦୀର ମର୍ମ ଜାଣେନାହିଁ କିମ୍ବା ଉପରେ ଦେଶପ୍ରେମିକ ବୋଲାଇ ଭିତରେ ଖଦୀର ମୂଳୋତ୍ପାଟନ ଚାହେଁ ।

ଗୋଟିଏ ପ୍ରଶ୍ନ ଉଠୁଛି ଯେ, ବିଦେଶୀ କଳ ବିରୋଧରେ ଲଢ଼ିବା ପାଇଁ ଦେଶୀ କଳ ଜନ୍ମହେବା ଉଚିତ । ଏ ମତ ପୋଷକମାନେ ଆଂଶିକ ବୁଦ୍ଧିମାନ୍ ମନେକର କହନ୍ତି ଯେ ଦେଶୀକଳ ବିରୋଧରେ କୁଟୀର ଶିଳ୍ପ ଲଢ଼ିବା ଯେତେ କଷ୍ଟକର ନୁହେ, ବିଦେଶୀ କଳ ବିରୋଧରେ ଲଢ଼ିବା ତାଠୁଁ ବେଶି କଷ୍ଟ । ଏ କଥା ହୁଏତ ପରାଧୀନ ଦେଶରେ ସତ୍ୟ ମନେ ହୋଇଥାନ୍ତା ବା ହୋଇଥିଲା । କିନ୍ତୁ ଆଜି ବିଦେଶୀ ଜିନିଷକୁ ଏକାବେଳକେ ବନ୍ଦ କରିବା ଆମ ସରକାରଙ୍କ ହାତର କଥା । ପ୍ରଶ୍ନ ଉଠିପାରେ, ବିଦେଶୀ ଜିନିଷ ପ୍ରତିବଦଳରେ ଆମଦେଶରେ ଜିନିଷ କାହିଁ ? ସେଥିପାଇଁ ତ କଳ ଦରକାର ଏବଂ କଳର ଯୋଜନା ଦରକାର । କିନ୍ତୁ ଅନ୍ୟ ପକ୍ଷରେ କି, ସେଥିପାଇଁ ଚରଖା ଓ ଗ୍ରାମୋଦ୍ୟୋଗର ଯୋଜନା ଦରକାର । ବିଦେଶୀ ପୁଞ୍ଜିପତିଙ୍କର ଗୋଲାମ ବନ୍ଧନ ହେଲା ପରେ ଆଜି ଦେଶୀ ପୁଞ୍ଜିପତିଙ୍କ ଗୋଲାମ ହେବାର ମହାର୍ଘ ବନ୍ଧୁ ଦଶାରେ ଆମର ଚଳିବା ନାହିଁ । ଏ ପୁଞ୍ଜିର ନିଶା ଏତେ ଉତ୍କଟ ଯେ ଯେଉଁମାନେ ଦିନେ ତ୍ୟାଗର ଅଗ୍ନିକୁଣ୍ଡରେ ପରୀକ୍ଷିତ ହୋଇ ମଧ୍ୟ ଚର୍ଖା ଛାଡ଼ିନଥିଲେ, ସେମାନେ ଚର୍ଖା ଛାଡ଼ି ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଲାଗି କଳ ସହିତ ସଂପୃକ୍ତ । ଏ ପୁଞ୍ଜି ଓ କଳର କରାମତି ଏତେ ଯେ ଆଜି ତ୍ୟାଗୀବୀର କଂଗ୍ରେସର ନେତାମାନଙ୍କ ହାତରେ ସରକାର ଥାଇମଧ୍ୟ ତାର ବ୍ୟୂହଭେଦ କରିବାକୁ ସେମାନେ ଅସମର୍ଥ ।

ସେଥିପାଇଁ ଆଜି ଦେଶ ଆଗରେ ଦୁଇଟି ପଥରୁ ଗୋଟିକୁ ବାଛିନେବାର ବେଳ ଆସିଛି । ଯଦି ଏ ଦେଶର ପ୍ରକୃତ ସ୍ୱାଧୀନତା ଦେଶୀ ମିଲ ଉପରେ ପ୍ରତିଷ୍ଠିତ କରିବାକୁ ଚାହିଁ ତେବେ ତାହା ପୂର୍ଣ୍ଣ ପ୍ରାଣରେ କହିବା ଉଚିତ, ସେ କ୍ଷେତ୍ରରେ ଗାନ୍ଧୀ ଜୟନ୍ତୀ ପାଳନ କରିବା ନିତାନ୍ତ ଅନୁଚିତ— ଅଯୌକ୍ତିକ ଏବଂ ତାହା କେବଳ ଗାନ୍ଧୀ ନାମରେ ଭୋଟ ପାଇବା ପାଇଁ ଗୋଟିଏ ଭଣ୍ଡାମି—ଦ୍ୱାରସ୍ଥ ଛଡ଼ା ଅନ୍ୟ କିଛି ନୁହେ । ଗାନ୍ଧୀଜୀ ସେଥିପାଇଁ ସ୍ପଷ୍ଟ କହିଛନ୍ତି—ଯେ ସତ୍ୟ ଓ ଅହିଂସା ପାଳୁନଥିବ ଓ ଈଶ୍ୱରଙ୍କ ଧ୍ୟାନ କରୁ ନଥିବ ତାର ଚରଖା ଜୟନ୍ତୀରେ ସୂତା ଦେବା ଅନାବଶ୍ୟକ ।

---

ସାପ୍ତାହିକୀ ପୂର୍ବପୃଷ୍ଠା ଉତ୍ତାରୁ

ବିଭିନ୍ନ ଅଂଶମାନ ସ୍ୱାୟତ୍ତ ଶାସନ ଅଧିକାର ପାଇବେ ।

ଇତି ମଧ୍ୟରେ ରାଜଦୂତ (କନସଲର) ମାନେ ଉଭୟ ଦେଶ ଲଣ୍ଡ ଓ ହ୍ୱଦେଶୀୟ ଜାତୀୟ ସରକାର ଉପରେ ସଂଘର ଅସ୍ୱୀକରାମ ଆଦେଶ ମାନୁଛନ୍ତି ତାହା ତଦାରଖ କରୁଛନ୍ତି ।

---

ଭ୍ରମ:— ପ୍ରଚ୍ଛଦ ପଟରେ ଅଣସ୍ତର ଯାଗାରେ ପଞ୍ଚାଅଣୀ ହେବ ।

Digitized by srujanika@gmail.com

# ଡାଟରେ ଡାଟରେ ଟାଟାନାନା

"ଗାନ୍ଧି ଜୟନ୍ତୀରେ ଘଣାଘୋଡ଼ା ମୋହିଷଣ୍ଢେଲ"—ପ୍ରଜାତନ୍ତ୍ରର ହେଡ୍ ଲାଇନ୍।

…ମନ୍ତ୍ରୀଙ୍କ ପାଇଁ ?

\+ × ×

ବାଲେଶ୍ୱର କଲେଜ ଶିକ୍ଷାସପ୍ତାହରେ ସଭାପତି ହେବା ପାଇଁ ଶ୍ରୀ ମହତାବଙ୍କର ଆସିବାର ଥିଲା। ସେ ଆସି ନ ପାରିବାରୁ ଶ୍ରୀ ରାଧାନାଥ ରଥ ସଭାପତି ହେଲେ—[ସମ୍ବାଦ]

…'ପ୍ରଜାତନ୍ତ୍ର' ନ ଥିଲେ ମଧ୍ୟ 'ସମାଜ' ଥିବ।

\+ × ×

ମନ୍ତ୍ରୀମାନେ ଆଡ଼ମ୍ବର ପୂର୍ଣ୍ଣ ଜୀବନ ଯାପନ, ସ୍ୱଜନପ୍ରୀତି ଏବଂ ପକ୍ଷ ପାତିତା କରୁଥିବା ଅଭିଯୋଗ ସମ୍ପର୍କିତ କେତେକ ପତ୍ର ମୁଁ ପାଇଛି—ହରିଜନରେ ଗାନ୍ଧିଜୀ

…କମାଣ୍ଡମେଣ୍ଟସ ଉପରେ।

\+ × +

ବିହାର ବିହାରୀଙ୍କ ପାଇଁ, ମଧ୍ୟ ଭାରତୀୟଙ୍କ ପାଇଁ—ଗାନ୍ଧିଜୀ

…ଓଡ଼ିଶା ଏକା ଭାରତୀୟଙ୍କ ପାଇଁ ପରା।

× + +

ସୁସଂଗଠିତ ବସ୍ତିରେ 'ଜନଧାରା'ର ରାଜ ପ୍ରତିଷ୍ଠିତ ହେବା ସମ୍ଭବ—ମହତାବଙ୍କ

…"ପ୍ରଜାତନ୍ତ୍ର" ରାଜ ନୁହେଁ ? ଅବଳଙ୍କଭାର କି ଦୋଷ କଲେ ?

\+ + ×

ପୁଲିସ ମାନେ ବଡ ଚୋର—ମାତୃଭୂମିର ହେଡ଼ ଲାଇନ

…ଜାଣିଛ ନା! ଓଡ଼ିଶା ସରକାରଙ୍କ ୨୧୧ ଦଫାରେ ପଡ଼ିଯିବଟି।

× + ×

ଭାରତ ଓ ପାକିସ୍ଥାନ ମିଳନ ଚେଷ୍ଟା —ଖବର କାଗଜ ସଂବାଦ

…ଘୋଡ଼ା ମଇଁଷି ହାତଗଣ୍ଠି ?

\+ + +

ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କର ନୂଆବାହା "ରତ୍ନ ଉଜାଏର"—ସମାଜର ବିଜ୍ଞାପନ,

…ନାଟ୍ୟାଚାର୍ଯ୍ୟଙ୍କ ଆଦ୍ୟ ଜୀବନୀ ନୁହେଁତ ?

× + ×

କଟକର ସବୁ ଛାପାଖାନା କାଗଜ ପରମିଟ୍ ପାଇବେ—ପ୍ରେସ ଇନ୍ସପେକ୍ଟର

…ଖାଲି ପରମିଟ୍—କାଗଜ ନୁହେଁ ?

\+ + +

ମହତାବଜୀ ଶୀଘ୍ର ପାକିସ୍ଥାନ ଯିବେ —ସଂବାଦ

…କଣ ଆଶ୍ରମ ଖୋଲିବେ ନା ତପସ୍ୟା କରିବେ ?

\+ × ×

ପ୍ରବାସୀ ବଙ୍ଗାଳୀ ବା ତେଲଗୁଙ୍କୁ ଓଡ଼ିଆ ବୋଲି କହି ଅଭିନ୍ନ ବ୍ୟବହାର କରିବା ଉଚିତ—ମହତାବଙ୍କ ଝଙ୍ଗ ଟୀକା

…ଉପରେ ପଡ଼।

× × +

ଛାଡ଼ ୯ଟି ମାନଙ୍କରେ ଛାଡ଼ ପରିବର୍ତ୍ତନ, ଜଳଖିଆ ମିଳିବ—ମାତୃଭୂମି ସମ୍ବାଦ

…ଭାରତୀୟ ସ୍ୱ ସ୍ତର!

× × ×

ଗାନ୍ଧି ଜୟନ୍ତୀରେ ଗଛ ଯୋଡିବାକୁ ହେବ—ଓଡ଼ିଶା ସରକାର ନିର୍ଦ୍ଦେଶ

…ଚମ୍ପା ଗଛ ନା ଖଜୁରି ଗଛ?

× + ×

'ସଂଗୀତରୁ ଶାନ୍ତି"—ଇତି ରାଜାଜୀ।

…ନା ଶାନ୍ତିରୁ ସଙ୍ଗୀତ ସ୍ଥାପନା ? ସାଙ୍ଗୀତିକ ଶାନ୍ତି—ନା ଶାନ୍ତ ସଙ୍ଗୀତ ? ମଞ୍ଜିରୁ ଗଛ ନା ? ଗଛରୁ ମଞ୍ଜି ?

÷ ÷ ÷

"ସଂସାରକୁ ମିଏ ପ୍ରେମ ଦିଏ ବୋଲି ଭହେ—ସେ ମଣିଷ"—ଇତି ରାଜାଜୀ।

…ଯିଏ ନ ଦିଏ ବୋଲି କହେ ସେ ପଶୁ କି ?

\+ × ×

ଆମେ ମତବାଦକୁ ଘୋର ପିଇବା ନାହିଁ—ବା ମତବାଦରେ ପେଟ ପୂରିବ ନାହିଁ ? ବଡ ମିଳିତ ଜାତି ସଂଘରେ ଶ୍ରୀ ମତୀ ବିଜୟ ଲକ୍ଷ୍ମୀ।

…ପେଟ ସିନା ନ ପୂରିବ—ମନ ତ ମୋଟ ହେବ।

× + +

ଯଦି ଭାରତ ହାରିଯାଏ ତେବେ ଏସିଅ ମରିଯିବ— ଗାନ୍ଧିଜୀ।

…ଯଦି ଏସିଅ ମରେ, ୟୁରୋପର ପେଟ ଶୁଖି ଶୁକଦେବ ପାଲଟି ଯିବ।

\+ × +

ନେହେରୁ ସର୍ବାର୍ତ୍ତିନାୟକ କଟକ ଆସିଛନ୍ତି —ସଂବାଦ

…ଆମ ଏଠି ସଭା ନ ହେବବୋଲି ଥିବେ।

\+ × +

"ପୂର୍ବ ପଞ୍ଜାବରୁ ଗୋଟି ଗୋଟି ସବୁ ମୁସଲମାନଙ୍କ ଲାଗି ପଶ୍ଚିମ ପଞ୍ଜାବରେ ବସେଇ ଦେବା।" ଇତି ନିଅଜତ (ହିନ୍ଦୁ ସଂବାଦ।)

…ବୋଧହୁଏ ପାକିସ୍ଥାନରୁ ବି ସେ ଗୋଟି ଗୋଟି ସବୁ ହିନ୍ଦୁଙ୍କୁ ଉଠେଇ ଦେବେ। ଉଠାଗାଣ୍ଡି ବସାଗାଣ୍ଡି ରାଜ୍ୟ ହେବ ପାକିସ୍ଥାନ।

\+ + +

ପାକିସ୍ଥାନୀ ମୁସଲମାନ ମାନେ ଆମ ସହିତ ବିଶ୍ୱାସ ଘାତକତା କଲେ—ଇତି ନିଜାମ୍

…ଖାଲି ବିଶ୍ୱାସ ନୁହେଁ ମିଆଁ ପୁଅ, ନିଶ୍ୱାସ ଘାତ ବି କଲେ। ଆଉ ବୃଥା ନିଶ୍ୱାସ ଛାଡ଼ ନାହିଁ।

\+ + ×

Digitized by srujanika@gmail.com

# ଛାତ୍ର ଓ ଗାନ୍ଧୀ

ଲେଖକ—ଶ୍ରୀ ଗୋକୁଳାନନ୍ଦ ନାୟକ

ଭାରତ ରାଜନୈତିକ ସ୍ୱାଧୀନତା ଲାଭ କରିଅଛି ସତ୍ୟ, କିନ୍ତୁ ସାମ୍ପ୍ରତିକ ସ୍ୱାଧୀନତା ଲାଭ କରିବାକୁ ବହୁଦିନ ଲାଗିବ । ଯେଉଁ ଉପାୟରେ ଭାରତ ସ୍ୱାଧୀନ ହୋଇଅଛି, ତାହା ଅଭୂତପୂର୍ବ ଏବଂ ଅଶ୍ରୁତପୂର୍ବ । ଏହା କେବଳ ସେହି ମହାମାନବଙ୍କର ଆତ୍ମିକ ଶକ୍ତି ଏବଂ ତପସ୍ୟାଦ୍ୱାରା ସମ୍ଭବ ହୋଇଅଛି । ୧୯୨୦ ମସିହାରେ ଯେତେବେଳେ ମହାତ୍ମାଜୀ ଏହି ସ୍ୱାଧୀନତା ସଂଗ୍ରାମ ଆରମ୍ଭ କଲେ, ସେ ସତ୍ୟ ଏବଂ ଅହିଂସା ଏହି ଦୁଇ ଅମୋଘ ଅସ୍ତ୍ର ପ୍ରୟୋଗ କରିବାକୁ କହି ଜନସାଧାରଣଙ୍କ ପାଇଁ ଗୋଟିଏ ସୁଚିନ୍ତିତ କାର୍ଯ୍ୟତାଲିକା ସ୍ଥିର କରି ନେଇଥିଲେ । ପାଶ୍ଚାତ୍ୟ ଶିକ୍ଷାଦ୍ୱାରା ଦେଶରେ ବ୍ରିଟିଶ ଶାସନ ଦୃଢ଼ୀଭୂତ ହୋଇଥିବାରୁ ସେ ଛାତ୍ରମାନଙ୍କୁ ସ୍କୁଲ କଲେଜ ବର୍ଜନ କରିବାକୁ କହିଥିଲେ । କିନ୍ତୁ ପାଶ୍ଚାତ୍ୟ ଶିକ୍ଷାର ମୋହରେ ପଡ଼ି ସେମାନେ ତାହା କଲେ ନାହିଁ । ଛାତ୍ରମାନେ ରାଜନୀତିରେ ଯୋଗ ଦିଅନ୍ତୁ, ଏହା ମହାତ୍ମାଜୀଙ୍କର ଉଦ୍ଦେଶ୍ୟ ନଥିଲା, ବର୍ତ୍ତମାନ ମଧ୍ୟ ନାହିଁ । ଏବେ ସେ ହରିଜନରେ ଜଣେ ଛାତ୍ରକୁ ଉତ୍ତର ଦେବାକୁ ଯାଇ କହିଛନ୍ତି —"ଛାତ୍ରମାନେ ସ୍କୁଲ ବା କଲେଜରେ ପଢ଼ିବା ବେଳେ ରାଜନୀତି କରିବାକୁ ମୁଁ ଚାହେଁ ନାହିଁ । ମୁଁ ତାଙ୍କ ଭିତରେ ଅହିଂସା ଓ ଅସହଯୋଗର ପ୍ରେରଣା ଦେଇ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାକୁ ସ୍କୁଲ କଲେଜ ଛାଡ଼ି ଆସିବାକୁ କହିଥିଲି । ମୁଁ ତ ଜାତୀୟ ସ୍କୁଲ ଓ କଲେଜକୁ ପ୍ରୋତ୍ସାହନ କରିଛି ।" ଛାତ୍ରମାନଙ୍କର ଅକପଟ ହୃଦୟ, ସରଳ ପ୍ରାଣ, ପରୋପକାରିତା, ଏବଂ ଦେଶ ବତ୍ସଳତା ସବୁ ଦେଶରେ ଏବଂ ସବୁ କାଳରେ ସର୍ବବାଦୀସମ୍ମତ ଅଟେ । ସେଥିପାଇଁ ଦେଶର ସଙ୍କଟ ସମୟରେ ସେମାନେ ଅଗ୍ରଣୀ ହୋଇ ବାହାରି ପଡ଼ନ୍ତି । ଅସହଯୋଗ



ଆନ୍ଦୋଳନର ଆରମ୍ଭରେ ଛାତ୍ରମାନେ ଯଦି ସ୍କୁଲ କଲେଜ ଛାଡ଼ି ମହାତ୍ମାଜୀଙ୍କର ଆଦେଶ ପାଳନ କରିଥାଆନ୍ତେ, ତାହାହେଲେ ସ୍ୱାଧୀନତା ସଂଗ୍ରାମ ଏତେକାଳ ସ୍ଥାୟୀ ହୋଇ ନଥାନ୍ତା । ବର୍ତ୍ତମାନ ସ୍ୱାଧୀନ ଭାରତରେ ଛାତ୍ରମାନେ ସ୍ୱାଧୀନ ଭାବରେ ଚିନ୍ତା କରିବା ଉଚିତ । [illegible] ଉଚିତ ଆନନ୍ଦ ଉତ୍ସବ ଅବସାନ ନ ହେଉଣୁ ସାମ୍ରାଜ୍ୟବାଦୀମାନଙ୍କର ଷଡ଼ଯନ୍ତ୍ର ଫଳରେ ପଞ୍ଜାବ ପ୍ରଦେଶରେ ସାମ୍ପ୍ରଦାୟିକତାର ତାଣ୍ଡବ ନୃତ୍ୟ ଲାଗିଅଛି । ଲକ୍ଷାଧିକ ନିରୀହ ପ୍ରାଣୀ ମାନଙ୍କୁ ହତ୍ୟା କରାଯାଇଥିବାରୁ ବହୁଲକ୍ଷ ଲୋକ ପ୍ରାଣ ଭୟରେ ଗୃହ ସମ୍ପତ୍ତି ତ୍ୟାଗ କରି ଦେଶାନ୍ତର ପଳାଇ ଯାଉ ଅଛନ୍ତି । ଏହାଦ୍ୱାରା ଦେଶର ଖାଦ୍ୟ ଓ ବସ୍ତ୍ର ସଙ୍କଟ ଘନୀଭୂତ ହୋଇ ମହା ଦୁର୍ଭିକ୍ଷର ଆଶଙ୍କା କରାଯାଉଅଛି । ସ୍ୱାଧୀନତା ଲାଭ କରିବାକୁ ହେଲେ ଏହିପରି ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ । ଦେଶର ଏପରି ସଙ୍କଟ ସମୟରେ ଛାତ୍ରମାନେ ଇଚ୍ଛା କଲେ ଦେଶର ପ୍ରଭୂତ କଲ୍ୟାଣ ସାଧନ କରି ପାରନ୍ତି । ସଂଘବଦ୍ଧ ଯୁବ ଶକ୍ତି ଦ୍ୱାରା ଅସାଧ୍ୟ ସାଧନ ହୋଇପାରେ । କିଛି ଦିନ ପୂର୍ବେ କଲିକତାରେ ମହାତ୍ମାଜୀ ଅନଶନ କରୁଥିବା ବେଳେ ଛାତ୍ର ମାନେ କି ସାହସ ଏବଂ ଦକ୍ଷତାର ସହିତ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦମନ କରିଥିଲେ ତାହା ସମସ୍ତେ ଜାଣନ୍ତି । ସେମାନଙ୍କର ସମବେତ ଚେଷ୍ଟାରେ ସାମ୍ପ୍ରଦାୟିକ ବିବାଦ ଲୋପ କରାଯାଇ ପାରେ । ଦେଶର ଖାଦ୍ୟ ଏବଂ ବସ୍ତ୍ର ସଙ୍କଟ ମଧ୍ୟ ସେମାନଙ୍କ ଉଦ୍ୟମରେ ବହୁ ପରିମାଣରେ ହ୍ରାସ କରାଯାଇ ପାରେ । ଗାନ୍ଧିଜୀ ଏବେ ହରିଜନରେ କହିଛନ୍ତି—"ଶିକ୍ଷା ପ୍ରକୃତରେ ଖାଦ୍ୟ ଏବଂ ପରିଧେୟ ପ୍ରସ୍ତୁତ କରିବାରେ ଯେତେଦୂର ସାହାଯ୍ୟ କରିବା ଆବଶ୍ୟକ ତାହା କରିପାରିଛି କି ନାହିଁ ଏଥିରୁ ଶିକ୍ଷା ପ୍ରକୃତ ଶିକ୍ଷା କି ନୁହେଁ ବୁଝି ହେବ ।"

ଛାତ୍ର ମାନଙ୍କର ପ୍ରଥମ କର୍ତ୍ତବ୍ୟ ଜ୍ଞାନ ଅର୍ଜନ କରିବା । କିନ୍ତୁ କେବଳ ବହି ଘୋଷି ବା ମୁଖସ୍ଥ କରି ଯେଉଁ ଜ୍ଞାନ ଲାଭ କରାଯାଏ, ଗାନ୍ଧିଜୀ ତାକୁ ଜ୍ଞାନ ବୋଲି କହନ୍ତି ନାହିଁ । ସେ କହନ୍ତି—ଆମର ଶିକ୍ଷା, ବେଦ ବିଦ୍ୟା ସଂସ୍କୃତ ଲାଟିନ ଆଦିର ଜ୍ଞାନ ଆମକୁ କିଛି ଦେବ ନାହିଁ—ଯଦି ତଦ୍ୱାରା ଆମେ ହୃଦୟର ନିର୍ମଳତା ଆଣି ନପାରୁ । ସବୁ ଜ୍ଞାନର ଏକମାତ୍ର ଲକ୍ଷ୍ୟ ହେବା ଉଚିତ—ଚରିତ୍ର ଗଠନ ।

ଏହି ଚରିତ୍ର ଗଠନ ଉପରେ ମନୁଷ୍ୟର ମନୁଷ୍ୟତ୍ୱ ଯୁବକର ଯୁବକତ୍ୱ ଠିଆ ହୋଇଛି । ଗାନ୍ଧୀ ସେଥିପାଇଁ ଛାତ୍ରଙ୍କୁ ଆହ୍ୱାନ କରି ଥରେ କହିଥିଲେ—ଛାତ୍ର ଏକାନ୍ତ ଆତ୍ମ-ନିର୍ଭର-ଶୀଳ ହୋଇ ଠିଆ ହେବାର କୌଶଳ ଶିକ୍ଷା କରିବା ଉଚିତ ।

ଗାନ୍ଧୀ ଆମ ଜାତିର ଜନ୍ମ ଦାତା ଏବଂ ପୃଥିବୀର ସର୍ବଶ୍ରେଷ୍ଠ ମାନବ ଅଟନ୍ତି । ତାଙ୍କ ଠାରେ ଭାରତ ଚିର କୃତଜ୍ଞ ରହିବ । ତାଙ୍କ ପ୍ରତି ଯଦି ଛାତ୍ର ମାନଙ୍କର ଆନ୍ତରିକ ଶ୍ରଦ୍ଧା ଏବଂ ଭକ୍ତି ଥାଏ, ତାହାହେଲେ ତାଙ୍କର ଏହି ଜନ୍ମଦିନ ଉପଲକ୍ଷରେ ଛାତ୍ରମାନେ ଈଶ୍ୱରଙ୍କୁ ସାକ୍ଷୀ ରଖି ତାଙ୍କରି ନୀତିରେ କାର୍ଯ୍ୟ କଲେ ପ୍ରକୃତରେ ଗାନ୍ଧୀଜୀଙ୍କୁ ଛାତ୍ରମାନେ ଅମର କରି ପାରିବେ ।

—✦—

Digitized by srujanika@gmail.com

# ପିଲାଙ୍କ ଗାନ୍ଧୀ

ଶ୍ରୀଶରତଚନ୍ଦ୍ର ମହାରଣା

ଗାନ୍ଧୀଙ୍କୁ ସାଧାରଣତଃ ଆମ୍ଭେମାନେ ମହାତ୍ମା ଗାନ୍ଧୀ କହୁଁ । ଅନ୍ୟର ହୃଦୟର ବ୍ୟଥା, ଅନ୍ତରର କଥା ଯେ ଅନୁଭବ କରି ପାରନ୍ତି ଓ ଅନ୍ୟର ଦୁଃଖ ଦୂର କରିବାକୁ ସେ ଅହରହ ଲାଗିଛନ୍ତି ବୋଲି ଲୋକେ ତାଙ୍କୁ ମହାତ୍ମା ପଦ ଦେଇଛନ୍ତି । ଅନ୍ୟକୁ ଭଲ ନ ପାଇଲେ କେହି ତାହାର ହୃଦୟର ବ୍ୟଥା ଜାଣି ପାରିବ ନାହିଁ । ଏହି ଭଲ ପାଇବା ଗୁଣ ଯୋଗୁ ଗାନ୍ଧୀ "ଗାନ୍ଧୀ" ହୋଇ ପାରିଛନ୍ତି । ଗାନ୍ଧୀ ଅଜାତ ଶତ୍ରୁ—ସେ କାହାରିକୁ ମଧ୍ୟ ଶତ୍ରୁ ବୋଲି ଭାବନ୍ତି ନାହିଁ । ମାତ୍ର କେହି କେହି ଗାନ୍ଧୀଙ୍କୁ ବଡ଼ ଭୁଲ ବୁଝିଥିଲେ ଓ ବୁଝୁଥିବେ । ଗାନ୍ଧୀ ଏହି ଭୁଲ ବୁଝିବା ଲୋକଙ୍କୁ ମଧ୍ୟ ଭଲ ପାଆନ୍ତି ଓ ସେମାନଙ୍କୁ ଅନ୍ୟାୟ ମାର୍ଗରୁ ସତପଥକୁ ଆଣିବାକୁ ଅସୀମ ଧୈର୍ଯ୍ୟସହକାରେ କାମ କରି ଆସୁଛନ୍ତି । ଏହି ସାଧନା ବଳରେ ସେ କେତେ ଲୋକଙ୍କର ଜୀବନରେ, ସରକାରୀ ଶାସନ କଳରେ ଆଶ୍ଚର୍ଯ୍ୟ ଜନକ ପରିବର୍ତ୍ତନ ଆଣି ପାରିଛନ୍ତି । ଗାନ୍ଧୀଙ୍କ ପରି ପିଲାମାନେ ମଧ୍ୟ ଅଜାତ ଶତ୍ରୁ—ସ୍ନେହ ଆଦର ସରଳ ତାରେ ପିଲାଙ୍କର ହୃଦୟ ପରିପୂର୍ଣ୍ଣ । ଏଥି ପାଇଁ ଗାନ୍ଧୀ ପିଲାଙ୍କୁ ଏତେ ଭଲ ପାଆନ୍ତି ଓ ପିଲାଏ ତାଙ୍କୁ ଏତେ ଭଲ ପାଆନ୍ତି ଯେ କହି ହେବ ନାହିଁ । ନାନା ଗୁରୁତର କାର୍ଯ୍ୟ ମଧ୍ୟରେ, ଦୈନିକ ଅସରନ୍ତି କର୍ମ ସ୍ରୋତ ମଧ୍ୟରେ, ସତ୍ୟାଗ୍ରହ, ଆମରଣ, ଅନଶନ ମଧ୍ୟରେ ସୁଦ୍ଧା ଗାନ୍ଧୀ ପିଲାଙ୍କ ସହ ଖେଳ, କୌତୁକ, ମଜା କରନ୍ତି । ଏପରି ମଜା, ପରିହାସ ଯେ ଥରେ ଦେଖିଛନ୍ତି ସେ ଭୁଲି ପାରିବେ ନାହିଁ । ଗାନ୍ଧୀଙ୍କ ଆଶ୍ରମରେ ବା ପାଖରେ ଅନେକ ସମୟରେ ସାନ ସାନ ପିଲା ରହନ୍ତି । ସେମାନଙ୍କର ହସ ଖେଳରେ ଆଶ୍ରମ ବେଳେବେଳେ ଉଦ୍‌ବେଳ ହୋଇଉଠେ ।

ଗାନ୍ଧୀ ଅଭୟଦାତା । କେତେ ଭୀତ; ତ୍ରସ୍ତ ଲୋକଙ୍କୁ ସେ ଅଭୟ ଦେଇଛନ୍ତି । ଫାଶିଦଣ୍ଡରୁ ରକ୍ଷା କରିଛନ୍ତି । ଏମାନଙ୍କୁ



ସେ ଯେ କେବଳ ଅଭୟ ଦେଇଛନ୍ତି, ରକ୍ଷା କରିଛନ୍ତି, ଆଶ୍ରୟ ଦେଇଛନ୍ତି ତାହା ନୁହେଁ—ସେମାନଙ୍କୁ ଅହିଂସ ମାର୍ଗରେ ଚଳାଇ, ଅଭିନ୍ନ ଭାବରେ ସାହସୀ କରି ଦେଇଛନ୍ତି, ମୁହୂର୍ତ୍ତକେ ପ୍ରାଣ ଦେଇ ଦେବାକୁ ପ୍ରସ୍ତୁତ କରି ପାରିଛନ୍ତି । ଏହାର କାରଣ ଗାନ୍ଧୀ ଏକ ପ୍ରକାର ମୃତ୍ୟୁଞ୍ଜୟ—ମୃତ୍ୟୁକୁ ତାଙ୍କର ଭୟ ନାହିଁ । ପରାର୍ଥେ ଜୀବନ ଦେବାକୁ ସେ ସର୍ବଦା ପ୍ରସ୍ତୁତ । ପିଲାମାନେ ଯାହା ଠାରୁ ଗାଳି, ମାଡ଼ ଖାଆନ୍ତି, ତାକୁ ଭୟ କରନ୍ତି । ଗାନ୍ଧୀ ଯେତେବେଳେ ଏତେ ପରମ ଶାନ୍ତିର ଅଭୟ, ପିଲାମାନେ ତାଙ୍କୁ କାହିଁକି ଡରିବେ ? ଗାନ୍ଧୀଙ୍କର ନୂଆ ଶିକ୍ଷାରେ ସେଇଥିପାଇଁ ଗାଳି, ମାଡ଼, କଠୋର ଶାସନର ଆଦୌ ସ୍ଥାନ ନାହିଁ । ପିଲାଏ ଏ ଶିକ୍ଷାକୁ ବଡ ଭଲ ପାଆନ୍ତି ।

ଗାନ୍ଧୀ ନିଜେ କୌଣସି କାର୍ଯ୍ୟ ଆପେ ନକରି, ସେ କାର୍ଯ୍ୟ ବିଷୟରେ ଅନ୍ୟକୁ ନିର୍ଦ୍ଦେଶ ଉପଦେଶ ଦିଅନ୍ତି ନାହିଁ । ଯେଉଁଠି ଦୁଃଖ କଷ୍ଟ ବରଣ କରିବାକୁ ହେବ, ସେ ନିଜେ ଆଗେ ତାହା କରନ୍ତି ସେହିହେତୁରୁ ସେ ଦେଶର ସେନାପତି, କୋଟି କୋଟି ଲୋକଙ୍କର ବିଶ୍ୱାସପାତ୍ର । ଅତି ସଂକଟପୂର୍ଣ୍ଣ ଅବସ୍ଥାରେ ଦେଶକୁ ଠିକ୍ ବାଟରେ ନେବାକୁ ଗାନ୍ଧୀ ବାହାରିବା ମାତ୍ରେ, ହଜାର ହଜାର ଲୋକ ତାଙ୍କର ପଛ ଧରି ନିର୍ଭୟରେ ଆନନ୍ଦରେ ଚାଲନ୍ତି ।

ଗାନ୍ଧୀଙ୍କର ଏହିପରି ଅନେକ ସଦ୍‌ଗୁଣ ଅଛି । ସେ ବଡ ଆଶାବାଦୀ—ଦେଶର ଦୁର୍ଦ୍ଦିନ ଦୂର ହେବ, ଅହିଂସ ଉପାୟରେ ପୃଥିବୀରେ ଶାନ୍ତି ଆସିବ ଓ ଶାନ୍ତି ରହିବ ବୋଲି ସେ ବିଶ୍ୱାସ କରନ୍ତି । ସେ ପିଲା ମାନଙ୍କଠାରେ ବଡ଼ ଆଶା ଭରସା ରଖନ୍ତି । ପିଲାମାନେ ବଡ଼ ହେଲେ ଦେଶକୁ, ସାରା ଦୁନିଆକୁ ନୂଆ ଛାଞ୍ଚରେ ଗଢ଼ିବେ ବୋଲି ତାଙ୍କର ଆଶା । ସେ ପିଲାମାନଙ୍କୁ ଭଲ ପାଇବା, ସେମାନଙ୍କ ସହ ମଜା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ—ନୂଆ ଦୁନିଆ—ଶାନ୍ତି, ସରଳତା, ସମତାର ଦୁନିଆ ଗଢ଼ିବାକୁ ଡାକୁଛନ୍ତି । ଗାନ୍ଧୀ—ଜୟନ୍ତୀରେ, ଗାନ୍ଧୀଙ୍କ ପ୍ରତି ଭକ୍ତି, କୃତଜ୍ଞତା ଦେଖାଇବାରେ, ଏ ଆନନ୍ଦ ଉତ୍ସବରେ ଚାଲ ଆମ୍ଭେମାନେ ତାଙ୍କର ସେହି କଳ୍ପିତ ସମସ୍ତଙ୍କର କଲ୍ୟାଣ କର ନୂଆ ସମାଜ ଗଢ଼ିବାରେ କାମ ଲାଗିବା ।

---

## କୁଡ଼ୁକୁଡ଼ୁ

ରାତିରେ ରେଲ୍ ଷ୍ଟେସନର ଲାଇନ ଉପରେ ଗୋଟାଏ ଟ୍ରେନ ଛିଡ଼ା ହୋଇଥିଲା । ହଠାତ୍ ଆଉ ଗୋଟାଏ ଆସି ପିଟାଟୁ ଧକ୍କା ଲାଗିଗଲା । ଇନ୍‌କ୍ୱାରି ବେଳେ ଡ୍ରାଇଭର—"ମୋତେ ଲଣ୍ଠନ ଦେଖାଇ ଥିଲେ ମୁଁ ମୋ ଗାଡ଼ି ଅଟକେଇ ଦେଇ ଥାଆନ୍ତି । ମାତ୍ର ଷ୍ଟେସନ ମାଷ୍ଟର ତାହା ନ କରିବାରୁ ମୁଁ ଗାଡ଼ି ଛାଡ଼ି ଦେଲି ।"

ଷ୍ଟେସନ ମାଷ୍ଟର ହଲପ କରି ଜବାବ ଦେଲା ଯେ 'ସେ ଲଣ୍ଠନ ଦେଖାଇଥିଲା ଡ୍ରାଇଭର ଗାଡ଼ି ରୋକିଲା ନାହିଁ ।"

ଘରକୁ ଆସି ତାରୁ ସହଧର୍ମୀ ପଚାରିଲା "ତୁମେ ଏତେ ମିଛ କଥାଟା ହଲପ କରି କହିଲ କିପରି ?"

ଷ୍ଟେସନ ମାଷ୍ଟର ଜବାବ ଦେଲେ—ଲଣ୍ଠନଟା ଜଳୁଥିଲା କି ଲିଭିଥିଲା ସେ କଥା ମୋତେ ପଚାରି ନାହିଁ ଲେ । + + +

ହାକିମ କହିଲେ, "ତୁମେ ନେହର ପାଖରେ ବଡ଼ ଗ୍ରେସ କରିଛ । ଏଥର ତମକୁ ଛାଡ଼ି ଦେଲି—ଆଉ ସେପରି ଲୋକ ମୁହଁ ଚାହିଁବ ନାହିଁ"

ଅସାମୀ—ଆଜ୍ଞା, ଆପଣଙ୍କ ସହିତ ମୋର ଏଇ ଶେଷଦେଖା ବୋଲି ଜାଣନ୍ତୁ ।

# ନାରୀର ଗାନ୍ଧୀ

ଶ୍ରୀମତୀ ପ୍ରମଦା ଦେବୀ

ସମାଜରେ ନାରୀର ସ୍ଥାନ ନେଇ ଗାନ୍ଧୀଜୀ ବହୁବାର ଆଲୋଚନା କରିଛନ୍ତି । ସେ [illegible] ଏକେ ଏକେ ସାରଗର୍ଭକ ଏବଂ ଆମ ଦେଶର ନାରୀମାନଙ୍କ ପକ୍ଷରେ ବିଶେଷ ପ୍ରଣିଧାନ ଯୋଗ୍ୟ ।

ହିନ୍ଦୁ ନାରୀ ଉପରେ ସ୍ୱାମୀର ଅମାନୁଷିକ ଅତ୍ୟାଚାର ନେଇ ଗାନ୍ଧୀଜୀ ଲେଖିଛନ୍ତି—"ସ୍ତ୍ରୀ ଗୃହଲକ୍ଷ୍ମୀ—ରାଣୀ—ଦାସୀ ନୁହେଁ । ସ୍ତ୍ରୀ ସ୍ୱାମୀର ଅତ୍ୟଧିକ ବଶ୍ୟତା ସ୍ୱୀକାର କରେ ଏବଂ ସ୍ୱାମୀ ଦେହରେ ପୂର୍ଣ୍ଣ ଲୀନ ହୋଇ ରହିଥାଏ । ହିନ୍ଦୁ କୃଷ୍ଟିର ପ୍ରମାଦ ଏଇଟି । ଫଳରେ ସମସ୍ତ ସମ୍ବନ୍ଧରେ ସ୍ୱାମୀ ପଶୁ ଭଳି ତାର କର୍ତ୍ତୃତ୍ୱ ପ୍ରୟୋଗ କରେ ।

ଏହାର ପ୍ରତିକାର କିନ୍ତୁ ଆଇନରେ ହେବା ସମ୍ଭବ ନୁହେଁ । ନାରୀମାନଙ୍କର ହାତରେ ହିଁ ଏହାର ପ୍ରତିକାର ସମ୍ଭବ ବୋଲି ସେ କହିଛନ୍ତି—"ନାରୀ ତାର ଆଇନଗତ ବନ୍ଧନରୁ ଛୁଟି [illegible] ମଧ୍ୟ ସ୍ୱାମୀଠାରୁ ସ୍ୱତନ୍ତ୍ର ହୋଇ ଅଦୌ ବିବାହିତ ହୋଇ ନଥିଲାପରି ନିଜକୁ ଜ୍ଞାନ କରିବା ଉଚିତ ।" ଗାନ୍ଧୀଜୀ ସେଠି ନାରୀଙ୍କୁ ସମାଜର ସେବାରେ ନିୟୋଜିତ ହେବାର ସୌଭାଗ୍ୟ ଲାଭ କରିବାକୁ କହିଛନ୍ତି । ତାଙ୍କ ମତରେ ତଦ୍ୱାରା ସ୍ୱାମୀର ଶଯ୍ୟାଭାଗିନୀ ନହେବାର କ୍ଷତି ପୂରଣ ହେବାଠାରୁ ଅଧିକ ହେଲାବୋଲି ବିଚାରିବା ଉଚିତ ।

ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ମତ ପାର୍ଥକ୍ୟ ହେଲେ, ସ୍ତ୍ରୀ ଯଦି ବୁଝେ ଯେ ସେ ଠିକ୍, ତେବେ ତାର ମିତ୍ରବାଙ୍କ ପନ୍ଥା ନେବା ଉଚିତ ବୋଲି ଗାନ୍ଧୀଜୀଙ୍କ ମତ । "ବିବାହିତ ଜୀବନର ଶାନ୍ତିହିଁ କେବଳ ମନୁଷ୍ୟର ଲକ୍ଷ୍ୟ ନୁହେଁ— ବିବାହିତ ଜୀବନ ଏକ ଶୃଙ୍ଖଳା ଏବଂ ଅଗ୍ନିର ପୂର୍ଣ୍ଣ ଜୀବନ । ଜୀବନହିଁ କର୍ତ୍ତବ୍ୟ— ବିନା ପାରଶ୍ରମିକରେ କର୍ତ୍ତବ୍ୟ ସାଧନ । ତେଣୁ ସେହି ଲକ୍ଷ୍ୟରେ ପହୁଞ୍ଚିବାପାଇଁ ଦମ୍ପତିର ମିଳନ, ସେହି କର୍ତ୍ତବ୍ୟ ସାଧନ ପାଇଁ ବିଚ୍ଛେଦ ମଧ୍ୟ [illegible] ।"



କିନ୍ତୁ ଆଇନର ଆଶ୍ରୟ ନନେଇ ସମାଜର ପରିହାସକୁ ଭ୍ରୂକ୍ଷେପ ନକରିବାର ସାହସ ଆଣିବାକୁ ହେଲେ, ନାରୀର ଚରିତ୍ରମଧ୍ୟ ଖୁବ୍ ମଜବୁତ ହେବା ଦରକାର । ଗାନ୍ଧୀଜୀଙ୍କ ମତରେ ନାରୀ ତ୍ୟାଗ ଓ ସହନଶୀଳତାର ପ୍ରତିମୂର୍ତ୍ତି । ନାରୀର ସମ୍ପତ୍ତିରେ ଭାଗ ନଥିବାରେ ଗାନ୍ଧୀଜୀ ଦୁଃଖିତ ନୁହନ୍ତି । ସେ କହନ୍ତି— 'ନାରୀର ସମ୍ପତ୍ତି ତାର ଚରିତ୍ର, ନୈତିକତା ଓ ଶିକ୍ଷା ।'

ନାରୀ ବା ଅବଳା ବୋଲି ଯେଉଁମାନଙ୍କୁ ଆଖ୍ୟା ଦିଆଯାଇଛି, ସେମାନଙ୍କର ଅପାତ୍ରତା, ଅଯୋଗ୍ୟତା ବା ସମାଜରେ ତାଙ୍କର ନିମ୍ନସ୍ଥ ଆସନ ମୂଳରେ କଣ ଅଛି ? ଗାନ୍ଧୀଜୀ ତାର ଉତ୍ତର ଦେଇଛନ୍ତି— ତା ମୂଳରେ ଅଛି ଲାଳସା । ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଯେଉଁ ଅନ୍ତରକ୍ତ ଇନ୍ଦ୍ରିୟ ଲାଳସା ତାହାହିଁ ନାରୀକୁ ଆଜି ପୁରୁଷର ଦାସୀ କରିଛି । "ନାରୀ ପୁରୁଷକୁ ବଶ କରିବା ପାଇଁ ତାର ସମସ୍ତ ସୂକ୍ଷ୍ମ ଉପାୟ ଅଜ୍ଞାତସାରରେ ଅବଲମ୍ବନ କରେ ଏବଂ ପୁରୁଷ ମଧ୍ୟ ନାରୀକୁ ତାର ଆୟତ୍ତାଧୀନ କରିବାକୁ ଯଥାଶକ୍ତି ଯୁଦ୍ଧ କରୁଥାଏ ।" ସେଥିପାଇଁ ଗାନ୍ଧୀଜୀ ଉପଦେଶ ଦେଇଛନ୍ତି— "ନାରୀ ପୁରୁଷର ଲାଳସାର ସାମଗ୍ରୀ ବୋଲି ଆପଣାକୁ ଆଉ ଜ୍ଞାନ ନକରୁ । ସୀତା ତାଙ୍କର ଶାରୀରିକ ସୌନ୍ଦର୍ଯ୍ୟରେ ରାମଙ୍କୁ ମୁଗ୍ଧ କରିବା [illegible] ଏବଂ ପୁରୁଷଙ୍କୁ ମଧ୍ୟ [illegible] କରିବାର କଳ୍ପନା ଗାନ୍ଧୀଜୀ କରି ପାରିବେ ନାହିଁ ।"

ନାରୀ କେବେ କପରି ଆପଣାକୁ ପୁରୁଷର ଶୀକାର ହେବାରୁ ରକ୍ଷା କରିବ । ଉପାୟ ସହଜ । ଗାନ୍ଧୀଜୀ ତାର ଉପାୟ ବତାଇଛନ୍ତି— "ଆମେ ସରଳତା ଅବଲମ୍ବନ ନକଲେ ଆମେ ପଶୁର ନିମ୍ନ ସ୍ତରକୁ ଖସିଯିବାର ବିପଦକୁ ଏଡ଼ି ପାରିବାନାହିଁ । ଏଣୁ ଆମର ନାରୀତ୍ୱଂବର ସାଜ ସଜ୍ଜା ବିହୀନ ଜୀବନ ହେବା ଦରକାର । ଗାନ୍ଧି ଆଧୁନିକା ସୁସଜ୍ଜିତା ବାଳିକାମାନଙ୍କୁ ଲକ୍ଷ୍ୟକରି ଥରେ କହିଥିଲେ— ଗୋଟିଏ ଭୟ ମୋ ଭିତରେ ଅଛି ଯେ, "ଆଧୁନିକା ବାଳିକାମାନେ ଅଧ ଡଜନ ଖଣ୍ଡେ 'କେଦାର'ଙ୍କର 'ଜୋସି' ହେବାକୁ ସ୍ପୃହା ପାଆନ୍ତି । ସେ ପୋଷାକ ପିନ୍ଧେ— ପାଣି, ପବନ ଓ ଖରାଧାସରୁ ଆପଣାକୁ ବଞ୍ଚେଇବା ପାଇଁ ନୁହେଁ— ଅନ୍ୟର ଦୃଷ୍ଟିକୁ ଆକର୍ଷଣ କରିବାପାଇଁ ତାର ବେଶ ପ୍ରସାଧନ । ସେ ନିଜକୁ ରଞ୍ଜିତ କରି, ଅସାଧାରଣ ଭୂଷଣ କରି ତାଦ୍ୱାରା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅଧିକ ସୁନ୍ଦର କରେ

ଅନେକ ନାରୀର ପତନ ପାଇଁ ପୁରୁଷର ଦୋଷ ଦେଇଥାନ୍ତି । କିନ୍ତୁ ନାରୀ ଠିକ୍ ଥିଲେ ପୁରୁଷ ନାରୀକୁ ଭୁଲେଇ ନପାରେ । ଗାନ୍ଧୀଜୀ ନିଜେ କହିଛନ୍ତି, —'ନାରୀର ଇଚ୍ଛା ବିରୁଦ୍ଧରେ ଧର୍ଷଣ କରିବା ପୁରୁଷ ପକ୍ଷରେ ଅସମ୍ଭବ । ନାରୀ ଯେତେବେଳେ ଭୟର ବଶବର୍ତ୍ତୀ ହୋଇଯାଏ, କିମ୍ବା ତାର ନୈତିକ ବଳ ଭଲନା କରି ନପାରେ, ସେତେବେଳେ ଧର୍ଷଣ ସମ୍ଭବ ହୁଏ ।

ସେଥିପାଇଁ ଆଜି ଯୁଗରେ ନାରୀ ତା ନିଜ ନୈତିକବଳ ଉପରେ ଠିଆ ହେବାର ବେଳ ଆସିଛି । ଯେ ନିଜର ନୈତିକ ବଳ ଓ ଭଗବତ୍ ବଳ ଉପରେ ଠିଆ ହୋଇପାରେ, ସେହି ପ୍ରକୃତରେ ଗାନ୍ଧୀଙ୍କର କଳ୍ପିତ ନାରୀ । ଏବଂ ସେହି ନାରୀ କେବଳ ଗାନ୍ଧୀଜୀଙ୍କୁ ନାରୀର ଗାନ୍ଧି ବୋଲି କହି ଗର୍ବ ଅନୁଭବ କରିପାରେ ।

Digitized by srujanika@gmail.com

# ମୁଁ ଜଣେ ଗାନ୍ଧିବାଲା

ମୁଁ ଜଣେ ଗାନ୍ଧୀବାଲା —
ଗାନ୍ଧୀ ନାମଧର      ଯିବା ପାଇଁ ଭର
କରେଁ ଗ୍ରାଙ୍ଗନାଢ ପାଲ,
ମୁଁ ଜଣେ ଗାନ୍ଧୀ ବାଲା ।
ଏକୋଇଶ ସାଲେ      ଗଦାଡ ଧରିଲି
ଗାନ୍ଧିଟୋପି ଦେଲି ମାଥେ
ସେଦିନ ସେ ଦୁଖ      କହିନାହିଁ ଆଜ
ଲିଭୁଇଛୁଁ ହାତେ ହାତେ
ମୁଣା ଖଣ୍ଡେ ପଗ      କାଖ ଦଣ୍ଡା ତଳେ
ଝୁଲୁଥିଲା ଝୁଲୁମାଲା ।
ମୁଁ ଜଣେ ଗାନ୍ଧୀ ବାଲା ।

## ମଜା କବିତା

ତିରିଶ ସାଲେ ମୁଁ      ଲୁଣ ମାରୁଥିଲି
ଦଇତିଂଶେ ନେହେମ୍ବର
ଭୀଷଣ ମୋହର      ଅସନକୁ ବଳ
କଷଣ ଦେଲୁଛି ଘୋର
ଏଭ ସ୍କୁଲଗରେ      ବ୍ୟକ୍ତି ଗତ ଭାବେ
ସତ୍ୟାଗ୍ରହ ପଡ଼ିଗଲୁ ।
ମୁଁ ଯେଣୁ ଗାନ୍ଧିବାଲା ।
ଶରୀର ଅସୁସ୍ଥ      ବୋଲି ଦିନା କେତେ
ଛୁଟି ମୁହିଁ ନେଲି ମାଗି,
କିଏ ଜାଣିଥିଲା      ବିଦ୍ୟାଳୟେ ପୁଣି
ସଙ୍କଟ ଅସିବ ଲାଗି ।
ବିନା ଦୋଷଠାରେ      ସରକାର ମୋତେ
ଅଟକ ବନ୍ଦୀ କଲା;
ମୁଁ ଯେଣୁ ଗାନ୍ଧୀ ବାଲା ।
କ୍ଷମା ମାଗିବାକୁ      ମାଡ଼ିବାରୁ ଲାଜ
ପେରେଲେ ଫେରିଲି ଘର,
ତାହାର ଭିତରେ      କରନେଲ ବାବୁ
ସୁଅ ଝିଅ ବାହାଘର,
ତାହାର ଭିତରେ      ହାତରେ ଝଫାଇ
କେତେ ଏ ଦେଖାଇ ଦେଲା,
ଏ ଯେଣୁ ଗାନ୍ଧୀ ବାଲା ।
ସେତିକି ବେଳେ ତ      କର୍ମନିଷ୍ଠ ଦଳ
ତା ସଙ୍ଗେ ଯୋଗିଅ ପାଇଁ,
ମୋହର ସ୍ୱପତ      ପାଞ୍ଜି ପଟା ଖୋଲି
ହେଲେ ମୋ ମାରକ ଘାଟି ।



ଦଇବକୁ ଲର୍ଡ୍      ୱେଭେଲ ଦୟାରେ
ରକ୍ଷ ମାନ କଟିଗଲା
ଭଲରେ ମୁଁ ଗାନ୍ଧୀ ବାଲା ।
ଅଗଷ୍ଟ ପନ୍ଦର      ଷଡ଼ଯନ୍ତ୍ରଶିରୁ
ସ୍ୱାଧୀନ ହେଲାଣି ଦେଶ,
କରିଛୁ କେବଳ      ମୋହର ସେ ତ୍ୟାଗ
ମୋ ବୁଦ୍ଧି ମୋହର ବେଶ
ଏବେ ମୁହିଁ ଏକ      ମାତବ୍ବର ଲୋକ
ମୋହର ଶହଣ ଦେଲା
ମୁଁ ଜଣେ ଗାନ୍ଧୀବାଲା ।

## ସଜନା ଗଛମୂଳେ —

କଣ୍ଟ୍ରୋଲ୍ ବିଭାଗ      ଅଞ୍ଚଳ ଓରନ୍ତ
ପ୍ରଭୁର ବାନ୍ଧିଗ ହାତେ,
ହାକିମ ଦେଖୁଛି      ଥାଇ ହିଁ ସଦା
ମୋହର ବଚନ ଘାତେ
ଫିକା ପଡ଼ିଲାଣି      ପୁଲିସ ମଗଜ
ଦିନେ ଦିଶୁଥିଲା ନାଲି;
ମୁଁ ହୁରେ ଗାନ୍ଧୀ ବାଲା ।
ମିଲ୍ ମାଲିକେ ମୋ      ମୁଠାର ଭିତରେ
ବସାଏଁ ଉଠାଏଁ ନିତି,
ଅଣ୍ଟା ମୋ ଉସୁମ      ହୋଇ ଅସିଲାଣି
ଏ ଯେଣୁ ତ୍ୟାଗର ସ୍ଥିତି
ସତ୍ୟ ଅହିଂସାକୁ      ପେଟରେ ରଖିଛି
ବାହାରିଲେ ସବୁଗଲା;
ତେଣୁ ମୁଁ ଗାନ୍ଧୀବାଲା ।
ତ୍ୟାଗର ହୁଣ୍ଡୀ      ଏତେ ସେ ଦରବ
ଭଙ୍ଗାଇଲେ ସରେ ନାହିଁ
ମୂରୁଖ ଏ ଲୋକେ      ମୋହର ପିଛରେ

ଚିରଦିନ ହେବେ ଚାଇ ।
କଳ କାରଖାନା      କୁମ୍ପାନୀ ସେଅର
କିଣା ମୋର ନସରିଲା;
ମୁଁ ଯେଣୁ ଗାନ୍ଧୀବାଲା ।
ରେଖା ଦେଇ      କୁଟୀର ଶିଳ୍ପ
ସୁଦୂରେ ଅଦର ମୋର,
ସାଇତି ରଖିଛି      ସେ ସବୁ ଦରବ
ଦେଉଳ ଠାକୁର ଘର ।
ତା ପାଦରେ ନିତି      ସୁତ ମୁଁ ନକଲେ
ଶିରା କଣ୍ଠା ନ ଫିଟିଲା;
ଭଲ ମୁଁ ଗାନ୍ଧିବାଲା ।
କଳ କାରଖାନା      କରୁଛି ବୋଲିତ
ମୂରୁଖେ ଦିଅନ୍ତି ଦୋଷ
ପୋଥି ବଇଗଣ      ବାଡ଼ି ବାଇଗଣ
ଏକା ହୋଇବ ନା କସ ?
ଗାନ୍ଧୀ ନାମେ ଖାଲି      ପାଣି ଛଡ଼ାଇଲେ
ପାତୁଲ ଅମର ହେଲା ।
ମୁଁ ଯେଣୁ ଗାନ୍ଧୀବାଲା ।
ଗଲାଣିତ ଗଲା      କଥାରେ ସଗାଇ
ଗଲାଣିତ ଗଲା କଥା
ସେଦିନ କି ଫେରି      ଅସିବ ରେ ଅଉ
ବଡ଼ା ରେ ମୋ ଭାଇ ବଡ଼ା !
ତ୍ୟାଗ ଯୁଗ ଗଲା      ଭୋଗ ଯୁଗ ଏବେ
ଗୁଁଲଖିର ଯୁଗ ହେଲା
କିଏ ସେ ହୋ ଗାନ୍ଧୀବାଲା ?

## ଲେଖକ—ଅଛିଗାନ୍ଧୀ

ଭେକ ମୋର କାବୁ      ଧଳା ସିଗାରେଟ୍
ଟୁଣ୍ଡ ବେଢା ସରୁ ଜାମା
ତା ସାଥକୁ ଭଲ      ମାନବ ସିନା ରେ
ଚିଲା ଚିଲା ପାଇଜାମା ।
ବେଢ଼ ବେଢ଼      ରୂପ ବଦଳିବା ପାଇଁ
ଦରଜି ବଟେ ମଲା;
ମୁଁ ଯେଣୁ ଗାନ୍ଧୀ ବାଲା ।

—•—

Digitized by srujanika@gmail.com



### ଉଦ୍ଦେଶ୍ୟ

୧। ଶିଶୁମନର କୋମଳ ପ୍ରାଣରେ ନବଜାଗରଣ ଆଣିବା, ଜୀବନର ପଥ ସର ବଢ଼ାଇବା। ଚରିତ୍ରଗଠନ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। 'ଜହ୍ନମାମୁଁ'ର ମାଧ୍ୟମରେ ଏହି ଜନପଦ ଭାଷା ଶିଶୁମାନଙ୍କ ମଧ୍ୟରେ ପରିଚିତ ଭାରତର ଅବାଧ ପ୍ରଚାର କରାଇବା ଓ ସେମାନଙ୍କ ମଧ୍ୟରେ ବନ୍ଧୁ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି ସେମାନଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ପ୍ରେମ ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।
(୧୮ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ)

## ଶତାବ୍ଦୀ ସାଧକ

ତମେଇ ନୀରବ କର୍ମୀ
ହେ ଐତିହ୍ୟ ସିଦ୍ଧ,
ଅହିଂସା ସମରେ ଜୟୀ
ସୈନିକ—ନିର୍ଭୀକ।
ବାରୁଣୀର କମନୀୟ
ଅସ୍ଥିଳ ଶରୀରେ,
କରିଅଛ ଲୁଚିଛ ତମେ
ଭଂଗୁର ମନ୍ଦିରେ।
ଶୃଙ୍ଖଳ—ଜୋଙ୍କର ସ୍ମୃତି—
ଅଶ୍ରୁ ନୀରବତା
ତମପାଶେ ନଷ୍ଟ—
ସିନା ତାହାର ମମତା।
ତମ ଅଂଗ—ତମ ତନୁ
ଶିଥିଳ—ରକତ,
ଜାଗି ଉଠେ ବାର ବାର
ଥରିବ ଜଗତ।
ଦୂରେ କାହିଁ ଲୁଚିଯାଏ
(ବିଦେଶୀର) ମାଲବାହୀ ତରୀ,
ତମ ମୁକ୍ତି ସ୍ୱପ୍ନ ଫୁଟେ
ନବ ଅଙ୍କ ଧରି।
ଆକାଶର ବର୍ଣ୍ଣ୍ୟ ଭେଦ
ଶୁଭ ବୈଜୟନ୍ତୀ,
ତମ ହାତେ ଶୋଭା ପାଏ
ହେ ସତ୍ୟ—ସାରଥି।
ଏକାତମେ ଚିରଜୟୀ,
ଜୀବନର—ଅର୍ଘ୍ୟ—
ଦେଇ ତମେ ଲଭିଅଛ
'ଯା' ତର ମହାର୍ଘ।
ସେବା ଧର୍ମ—ଯମ ଧର୍ମ
କରିଚ ପ୍ରମୃତ,
"ଯୀଶୁ—ଅଲ୍ଲା କୃଷ୍ଣ ଏକ
ଭକତର ସାର।"
ତମ ମୁଖେ ଏଇ ଭାଷା
ଏଇ ଏକ ମନ୍ତ୍ର
ଏଇ ଏକ ପାଞ୍ଚଜନ୍ୟ—
ସୁମହତ ନ—ତନ୍ତ୍ର।
କରିଅଛ ଦେଶ ଜୟ
ହେ ବିଶ୍ୱ ସେବକ
ନୀରବ, ମଉନ କର୍ମୀ;
ଶତାବ୍ଦୀ—ସାଧକ।

**ଶ୍ରୀମାନ ଯଦୁନାଥ।**

—†—

## 'ଯୁଗ-ମାନବର-ଜୟ'

ମରଣ ପଥ...ବରଣ କରି
ଚରଣ ଯା'ର ତଳେ
ଶରଣାଗତ ପରାଣ ଶତ
ଖାଇଁ ଯେ ପଳେ ପଳେ—
ଝୁରାଇ ଦେହ, ନୟନ—ଲୁହ
ଶୂନ୍ୟ କରି ଧାଇ...
ସରିତ ପାରେ ସରଗ—ଶିଖ,
ମୃଣ୍ମୟୀ-ଧରା,
ବିପଦ, ବାଧା ଚରଣେ ଦଳି,
କରୁଣ କରି ପରାଣ-ବଳି .....
ପାଷାଣ ଶିରେ ଫଗୁଣ-ଫୁଲ
ଫୁଟାଇ ପାରେ ଯିଏ—
ମହା ମାନବ ସିଏ।
'ଜୀବନ' ସିଏ ସମର-ଭୂଇଁ,
ନାହିଁ ଯେ' ଲୁହିଁ ଦନେ
ଅହିଂସାର ଅସ୍ତ୍ର ଧରି;
ଅଛି କେ ତାହା ବନେ ?—
ବିଜୟୀ ହେବ—ସଂଗ୍ରାମରେ,
ସ୍ୱାଧୀନ କରି ଦେଶ—
ଅରତ ଭାବେ ଚଳେ ସେ ଧରି
ସନ୍ନ୍ୟାସୀର ବେଶ,
ତ୍ୟାଗୀ-ବୀର ବନ୍ଦନୀୟ—
ଯୁଗ-ମାନବ 'ଗାନ୍ଧୀ' ଜୟ—
ଭାରତ—ଭାଗ୍ୟ-ଗଗନ-ଶଶୀ
ତମର କାଟି ଅସେ......
ଅଲୋକ ପରକାଶେ—
ଜନମ ତାର ଅଶେଷ ଘନ,
ଦଳିତ ସେବା ପାଇଁ—
ବିଶ୍ୱେ ବୁଣେ ସମତା-ବୀଜ
ମିଳନ-ଗୀତ ଗାଇ,
ଦୟା ଓ କ୍ଷମା, ସତ୍ୟ ଆଉ
ଅନଶନ ଯା' ବଳ—
ଅଣିବ ତିର-ଶାନ୍ତି ସେତୁ
ଫଳାଇ ଶୁଭ-ଫଳ,—
ନୂଆଖାଲିର ନଶାଣି—ଭୂଇଁ
ଉଠିଲା ପାଦ ପରଶେ ଚେଇଁ—
ସବୁଜ ଫୁଲ, ପଡ଼ରେ ଆଉ
ଫଳ—ନଦୀ ତୀରେ—
ମଣିଷ ଯହିଁ ମରେ—...
ଭାଇର ବୁକେ ସେନେହେ (?) ଭାଇ
ଲୁହକୁ ଦିଏ ଲୁଚି—
କାଳିଆ ପାଣି ଗୋଳିଆ କରି
ରକତ ଯାଏ ଭାସି...
'ଅହିଂସାର' ଅମୃତ ଧରି
ସେଇ ଦିଗେ ସେ ଚଳିଲ,
'ଶାନ୍ତି' ଥାପି ପାରିଲେ କେବେ
ଫେରିବ—ବଳେ ବଳେ—
ପୂର୍ଣ୍ଣ ହେଉ ସାଧନା ତବ—
ଧ୍ୱାନ୍ତ-ଧରା-ଭାରତ-ନଭ—
ଆଲୋକେ କର ଜାତ୍ୟ—ନବ,
ଦେବତା—ମହାକାୟ
(ଆଜି) ପ୍ରଣତ ଶତ କଣ୍ଠ
ଯୁଗ—ମାନବ—ଜୟ।

**ଶ୍ରୀ ଚକ୍ରଧର ସାମନ୍ତ**

—†—

ପ୍ରିୟ ନାଗନାଗୁଣୀ ମାନେ,
ଆଜି ଗାନ୍ଧୀ ଜୟନ୍ତୀ ସପ୍ତାହ ଚାଲିଛି। ମୋର ତମ ସମସ୍ତଙ୍କୁ ଗୋଟିଏ କଥା କହିବାର ଅଛି। ନାଗବନ୍ଧୁ ଦଳ ମୁଁ ଗଢ଼ିଥିଲି—ପିଲଙ୍କୁ

Digitized by srujanika@gmail.com

ଏଇ ମହା ମାନବଙ୍କ ନିର୍ଦ୍ଦିଷ୍ଟ ପନ୍ଥାରେ ଚଳାଇବା ପାଇଁ । ସେଥିପାଇଁ ନାଗ ସଂଘର ତିନୋଟି ଧର୍ମ—ସତ୍ୟ, ସାହସ ଓ ସେବା । ସେ ସହିତ ଅହିଂସା ମଧ୍ୟ ଥିଲା । କିନ୍ତୁ ସତ୍ୟ ସାହସ ଓ ସେବା ଠାରୁ ଅହିଂସା ଅଲଗା କଥା ନୁହେଁ । ସତ୍ୟ ସାହସ ଓ ସେବା ଏଇ ତିନି ଟିକୁ ଧରିଲେ ଅହିଂସା ଆପେ ଆପେ ଆସିଯିବ । ମୋଟାମୋଟି ନାଗ ସଂଘର ମନ୍ତ୍ର--ତିନୋଟି "ସ" ଭିତରେ ରହିଛି—ସତ୍ୟ, ସେବା ଓ ସାହସ । ମୁଁ ଆଜି ଗାନ୍ଧୀ ଜୟନ୍ତୀ-ରେ ନାତି ମାନଙ୍କୁ ଏହି ତିନୋଟି ଶବ୍ଦ ଉପହାର ଦେଉଛି

ତୁମର ଅଜା

## ଅଜାଙ୍କ ଜବାବ୍

ଗୋପାଳ ଚନ୍ଦ୍ର (୮୧୮)—ଉପରର ଲେଖାପାଇଁ ପାରିଶ୍ରମିକ ମିଳେ ନାହିଁ । କେତେକ ଖ୍ୟାତ ନାମା ବରିଷ୍ଠ ଲେଖକଙ୍କ ଠାରୁ ଲେଖା ଆଣିଲେ ତାଙ୍କର ଇଚ୍ଛାକ୍ରମେ ପାରିଶ୍ରମିକ ଦିଆଯାଏ । ଉପର ନୂତନ ଲେଖକ ମାନଙ୍କୁ ଉତ୍ସାହ ଦେବା ପାଇଁ ଅଧି-କାଂଶ ସମୟରେ ନବୀନ ଲେଖା ଗ୍ରହଣ କରି ଥାଏ । ବର୍ତ୍ତମାନ ସମ୍ବାଦ ଜାବଳୀ ଛଡ଼ା ଅନ୍ୟ ଲେଖା ନାଗବଟା ବିଭାଗ ପାଇଁ ନିଆଯିବ ନାହିଁ ।

ପ୍ରଫୁଲ୍ଲ (୮୫୧)—ନାଗଙ୍କର କର୍ତ୍ତବ୍ୟ କଣ ତୁମେ ଆଜି ଉପର ଲିଖିତ ଅଜାଙ୍କ ଉପଦେଶ ଚାହିଁଲେ ବୁଝି ପାରିବ ।

ଲୋକନାଥ— ତୁମର ବୟସ ୧୮ରୁ ବେଶି ନ ହୋଇ ଥିଲେ ୫୦/ ଦେଇ ବର୍ଷକ ପାଇଁ ନାତି ହୋଇପାର କିମ୍ବା ୫୦୲ ଦେଇ ସ୍ଥାୟୀ ହୋଇପାର । କିନ୍ତୁ ଚାନ୍ଦା ଦେବାବେଳେ ପୁରୁଣା ବୋଲି ଲେଖିବ ।

ବୈଦ୍ୟନାଥ—(୪୧୮) ଠାକୁରାଣୀଙ୍କ ଆଗରେ ବଳି ପଡ଼ିବା ସମ୍ବନ୍ଧରେ ଗାନ୍ଧୀ ଅଜ୍ଜ-ଙ୍କର ମତାମତ କହିପାରୁ ନାହିଁ । ବିଶେଷତଃ ଗାନ୍ଧୀ ତ ପୌତ୍ତଳିକ ନୁହନ୍ତି । କିନ୍ତୁ ମୋର ଜ୍ଞାନରେ ଏ ପନ୍ଥା ସର୍ବଥା ନିନ୍ଦନୀୟ । ତୁମେ ତୁମର ସବୁ ଶକ୍ତି ଦେଇ ଏହାକୁ ବନ୍ଦ କର । ବଳ ପ୍ରୟୋଗ କରିବ ନାହିଁ । କେବଳ ବୁଝାଇ ସୁଝାଇ ଗୋଟିଏ ହାତ ଧରି, ଅନ୍ୟ ଲୋକ ପଦ ତଳେ ଦେଉଥାନ୍ତି ତେବେ ଅନ-ଶନ କରି ତାହା ବନ୍ଦ କରିବାକୁ ଚେଷ୍ଟା କର । ମା କେବେ ତାର ସନ୍ତାନର ରକ୍ତ ପିଏ ନାହିଁ । ଯଦି ପଶୁ ବଳି ଦେବାକୁ ଚାହିଁ ତେବେ ମଣିଷ ଭିତରର ପଶୁକୁ ବଳି ଦିଅ । ଅର୍ଥାତ୍ ଇନ୍ଦ୍ରିୟ ସଂଯମ କର ।

ସତ୍ୟାନନ୍ଦ—କର୍ତ୍ତବ୍ୟ – ସତ୍ୟ ସେବା ଓ ସାହସ ପାଳନ ।

ଗୋପୀନାଥ(୮୯୨)କବିତାରେ ବନାନ୍, ବ୍ୟାକରଣ ପଦରେ ନାନା ଦୋଷ ରହିଛି । କବିତା ଲେଖି ତୁମ ଶିକ୍ଷକଙ୍କୁ ପ୍ରଥମେ ଦେଖାଅ ।

## ପାଠାଗାର ଆନ୍ଦୋଳନ

(୨୮)ବାଗ୍‌ଦେବୀପାଠାଗାର ସ୍ଥାପିତ ୧୫।୮।୪୭ ସ୍ଥାନ ପେଣ୍ଡପାଳ ଜି: କଟକ । ଘରୋଇ କମିଟି ଦ୍ୱାରା ପରିଚାଳିତ ସଭ୍ୟ ସଂଖ୍ୟା ୧୫ ସମ୍ପାଦକ ସୁଦର୍ଶନ ନାୟକ, ପରିଚାଳକ କମ୍ଭୁକଣ୍ଠ ପରିଡ଼ା । ପୁସ୍ତକ ସଂଖ୍ୟା ୧୩୩ ମାତୃଭୂମି ଓ ପ୍ରଜାତନ୍ତ୍ର ଆସେ । (ସତ୍ୟାନନ୍ଦ)

(୨୯) ଗୋପବନ୍ଧୁ ପାଠାଗାର— ନୌବଗ୍ର, ଚଣ୍ଡୀମ । ପୁସ୍ତକ ସଂଖ୍ୟା ୨୦୦୦ ସହକାରୀ ସମ୍ପାଦକ— ନାଗବନ୍ଧୁ ପ୍ରଫୁଲ୍ଲଚନ୍ଦ୍ର [ନାଗ୧୫୧]

(୩୦) ଆନନ୍ଦପୁର ସାଧାରଣ ପାଠାଗାର, ରାଜନଗର କେନ୍ଦୁଝର । ପ୍ରତିଷ୍ଠା ୧୯୪୪ ।୨୦୦୦ ପର୍ଯ୍ୟନ୍ତ ଓଡ଼ିଆ. ଇଂରାଜୀ, ହିନ୍ଦି, ଓ ବଙ୍ଗଳା ପୁସ୍ତକ ଅଛି । ପରିଚାଳକ ଯୋଗେଶ୍ୱର ପାଢ଼ୀ ଚତୁରଙ୍ଗ. ସହକାର, ସମାଜ, ମୁକୁପୁଲ,ଆସେ । (ନା ୮୧୮)

(୩୧) ବାଳକ ସଂଘ ଲାଇବ୍ରେରୀ. କମ-ପୁର, ପୋ: ଅଲଗୁ, କଟକ । ସ୍ଥାପନା ୧୯୪୬ ସଭ୍ୟସଂଖ୍ୟା ୧୫ । ସଂପାଦକ ବଳଦେବ କୁମ୍ଭାର । ପରିଚାଳକ ସର୍ବଶ୍ରୀ ଘନଶ୍ୟାମ ଓ ଶୁକଦେବ କୁମ୍ଭାର । ଦ୍ୱୟ । ପୁସ୍ତକସଂଖ୍ୟା ୩୫୦ ସମାଜ, ମାତୃଭୂମି, ଉପର ଆସେ । ଏହି ଲାଇବ୍ରେରୀକୁ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ସାହୁ ପୁସ୍ତକ ଦାନ କରିଛନ୍ତି ।

(୩୨) ଉତ୍କଳବନ୍ଧୁ ପାଠାଗାର, ଶାସନ, ପୋ: ଅଲଗୁ କଟକ । ସମ୍ପାଦକ ଧରଣୀଧର ରଣ୍ଡାଳ । ୧୯୪୫ରେ ପ୍ରତିଷ୍ଠିତ । ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ପରିଚାଳିତ । ପୁସ୍ତକ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ।

—※—

## ନୂଆନାଗଙ୍କ ନାମ

୮୬୯ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ C/o ଶ୍ରୀକୃଷ୍ଣଚନ୍ଦ୍ର ନାୟକ; ଦରବାର ମୋ: ସୋରୋ ଜି: ବାଲେଶ୍ୱର । ୮୭୦ ଶ୍ରୀ କୁମାର ରାଜେନ୍ଦ୍ର ଦାଶ ୧୧ଶ ଶ୍ରେଣୀ ଛାତ୍ର ବୈଦ୍ୟନାଥ ଏକାଡେମୀ ପୋ: ଜମାଲପୁର ଜି: ବାଲେଶ୍ୱର ୮୭୧ ଶ୍ରୀ ଜଗନ୍ନାଥ ନାୟକ ପ୍ରେସି-ଡେଣ୍ଟ ସୁବାସ କ୍ଲବ ପୋ: ଛତିଆ ଜି: କଟକ ୮୭୨ ଶ୍ରୀ ଅମରେନ୍ଦ୍ର ତ୍ରିପାଠୀ ଠାଙ୍ଗି ବିଦ୍ୟାପୀଠ, ପୋ: କୋଟଶାହି ଜିଲ୍ଲା କଟକ ।

## ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ

ବାର୍ଷିକ ଗ୍ରାହକ ଟ ୦ /
ସ୍ଥାୟୀ ଗ୍ରାହକ ଟ ୦ ।

ର ଡାକଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ______________________

ତାରିଖ ______________________

※ ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ ।

Digitized by srujanika@gmail.com

## ଉତ୍କଳର ଶ୍ରେଷ୍ଠ "ଦାନ"!

କଲିକତା ପ୍ରେସିଡେନ୍‌ସି କଲେଜ ଶରୀର ବିଜ୍ଞାନର
ଭୂତପୂର୍ବ ଅଧ୍ୟାପକ

**ଆଚାର୍ଯ୍ୟ ଗିରିଙ୍କ ଶ୍ରୀଗିରି ଆସ୍ପିରିନ୍ ବା ଜ୍ୱରାନ୍ତକ ରସ**

ଏହା ଭାରତର ଜଡ଼ି ମୂଳ ଓ ଏଲୋପେଥିକ୍ ବାହାର କରି ପ୍ରସ୍ତୁତ । କୁଇନାଇନ ଠାରୁ ଛଅ ଗୁଣ ଶକ୍ତିଶାଳୀ ଓ ଏଥିରେ [illegible] ନାହିଁ । ଏତେ ବଡ଼ ଜ୍ୱରନାଶକ ଔଷଧ ଅଦ୍ୟାପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର [illegible] । ଏକବର୍ଷ ଏକାଥରେ ଜ୍ୱର ଆସେ ନାହିଁ । ପଥ୍ୟାପଥ୍ୟର ବିଚାର ନାହିଁ ।

## [illegible]

ଚର୍ମରୋଗର ଅବ୍ୟର୍ଥ ଔଷଧ

ଛାଉ, କୁଣ୍ଡିଆ, ଖାଉ, ମଇଳା, [illegible] ପ୍ରଭୃତି ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶ କରି ଚର୍ମରୁ ଦାଗ ନିଶ୍ଚେଷ କରେ ।

ବିଳାସ ଓ ଭେଷଜ ଏକତ୍ର କରି ସମାବିଷ୍ଟ
ସାରା ଜଗତଠାରେ ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ
ପ୍ରଶୋଧନ ସମ୍ଭାର

## ସୁବାସିତ ପୌଷ୍ଟିକ ତେଲ

## [illegible]

ଦେହ ପୋଷଣ ଏବଂ ମେଦ ଶୋଷଣ କରି ନିର୍ମାଣ କରେ,
ଶକ୍ତିଶାଳୀ, ସୁଦୃଢ଼, ସୁଗଠିତ ପେଶୀ; ଉତ୍ପନ୍ନ କରେ ।
ସୁକୋମଳ, କାନ୍ତିଯୁକ୍ତ, ସୁନ୍ଦର ତ୍ୱକ୍; ସୃଷ୍ଟି କରେ,
ବାସନାର ଲୀଳା ଶୃଙ୍ଗ ବେନି ମନୋହର, ସ୍ଥିତ, [illegible]
ପୀନପୟୋଧର ଏବଂ ପ୍ରଲମ୍ବିତ କରେ ।
ସୁଚିକ୍କଣ, କୋମଳ, ଭ୍ରମରନିନ୍ଦିତ, କୁଞ୍ଚିତ କେଶଦାମ ।

## [illegible]

ବା NECTORUM.

ପ୍ରମେହ ରୋଗର ଅବ୍ୟର୍ଥ ଔଷଧ—[illegible] ପ୍ରସ୍ତୁତ
ଏହା ପ୍ରମେହ, ଶୁକ୍ର ତାରଲ୍ୟ ଓ ତଜ୍ଜନିତ ଯାବତୀୟ ଉପସର୍ଗ, ସ୍ୱପ୍ନଦୋଷ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ କରେ ।

ପ୍ରାପ୍ତିସ୍ଥାନ—
ବିଜୟଶକ୍ତି ଔଷଧାଳୟ— [illegible]
[illegible]

## ମେଲେରିନ

ମେଲେରିଆ ଏବଂ [illegible] ଜ୍ୱରର ଅବ୍ୟର୍ଥ ମହୌଷଧ—
୧୦୦ ବଟୀର ମୂଲ୍ୟ [illegible]

—*—

ସର୍ବବ୍ୟାଧି ହର

## [illegible]

ସର୍ବ ପ୍ରକାର [illegible] ରୋଗର ଅମୋଘ
ଔଷଧ ମୂଲ୍ୟ [illegible]

ପ୍ରାପ୍ତିସ୍ଥାନ—Gouri Ayurveda Stores
(Registered)
MARUTER W-Godavary

## ହାୱଡ଼ା କୁଷ୍ଠ କୁଟୀର

## କୁଷ୍ଠ | ଧବଳ

[illegible] ଏହାହିଁ [illegible] ।

[illegible] ଶୀଘ୍ର ଭଲ ହୁଏ ।

[illegible] ମୂଲ୍ୟରେ ବ୍ୟବସ୍ଥା [illegible] କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାୱଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ଼, କଲିକତା


Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ତୁଳା ୪ଠନ ୧୩୫୫ ସାଲ | ଦ୍ୱାଦଶ ସଂଖ୍ୟା |
| --- | --- | --- |

ଅପଟଙ୍କ,
ଅର୍କେଷ୍ଟ ଭବର—
ଓଡ଼ିଶା ସରକାରଙ୍କ ଯୋଜନାନୁଷ୍ଠେ
ଡଗର ମଜାକଥାରେ
**ଯୋଜନା**

— * —

ମଜା ଭବଢ଼ାରେ
ମଡାର୍ଣ୍ଣ ଦୃଷ୍ଟିଙ୍କ ଲେଖା
ପଢ଼ନ୍ତୁ

— ୦ —

ଚାନ୍ଦାଣୀରେ
**ସ୍ୱର୍ଗୀୟ ଦାନ**

— ୦ —

ଏଥର ଅଭିନବ ଢ ଙ୍ଗେ ଭାରେ
ପଢ଼ିଶୁଣି ମାଢ ଭଠିବେ

— ୦ —

ଅସନ୍ତା ସଂଖ୍ୟା ପୂଜାଛୁଟି ପାଇଁ ବନ୍ଦ
୨୭।୧୦।୪୭
ପରବର୍ତ୍ତୀ ସଂଖ୍ୟା ବାହାରିବ—
୩।୧୧।୪୭

"DAGARO"
**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, Oct, 20. 1947. | No. 12. |
| --- | --- | --- |

ବାର୍ଷିକ ମୂଲ୍ୟ ଟ ୬୯ ଷାଣ୍ମାସିକ ଟ ୩୯
ରାଜ ସଂସ୍କରଣ ବାର୍ଷିକ ଟ ୧୦୯

Digitized by srujanika@gmail.com

ଅକ୍ଟୋବର ୨୦ ତାରିଖ ଠାରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ

# ସାରସ୍ୱତ ଭଣ୍ଡାରର ପୂଜାଅର୍ଘ୍ୟ

**କଥା କଥାଂଶର କଥାର ଛଟା**

**ଉତ୍କଳ ପ୍ରସିଦ୍ଧ ଲେଖକ ମାନଙ୍କର କୃତି**

| ୧ମ ଅର୍ଘ୍ୟ | | ୨ୟ ଅର୍ଘ୍ୟ | | ୩ୟ ଅର୍ଘ୍ୟ | |
|---|---|---|---|---|---|
| କୁଅରଭଟା | ଟ ୨॥ | ସଙ୍ଗଦୋଷ | ଟ ୧॥ | ମଣିଷ ଶିକାର | ୨୮ |
| ମାସ୍ତୁମୁକ | ଟ ୧୮ | ଶେଷ-ାର୍ଘ୍ୟ | ଟ ୧୮ | ଷଡ୍ଗୁମାଳୀ | ୧। |
| ମାତାମଠ | ଟ ୧୮ | ପୂର୍ଣ୍ଣାହୁତି | ଟ ୧୮ | ନୂଅକୁକଥ | ୧୮ |
| ସାତାଘର | ଟ ॥୵ | ଭୁଲାଦହାର | ଟ ୪ | ଅନ୍ଧର୍ଣକନ୍ୟା | ।୵୨ |
| ୩୧୨ | ଟ ॥ | ଜନମସ୍ତର | ଟ ॥୵ | କବାସିତା | ୧॥ |
| | | ପ୍ରେତପୁରଗଭାବର ଟ ୧॥ | | | |
| | ଟ ୫॥୵ | | ଟ ୬୮ | | ୨୬୨ |
| | ସ୍ଥଳେ ଟ ୫୮ ଙ୍କା | | ସ୍ଥଳେ ଟ୫॥ଙ୍କା | | ସ୍ଥଳେ ଟ ୫୪୵ |

| ୪ର୍ଥ ଅର୍ଘ୍ୟ | | ୫ମ ଅର୍ଘ୍ୟ | | ୬ଷ୍ଠ ଅର୍ଘ୍ୟ | |
|---|---|---|---|---|---|
| ପିଣ୍ଡଦ | ଟ୧॥ | ଫାସିଦଣ୍ଡ | ଟ ୧। | ଗଳ୍ପମଞ୍ଜରୀ | ଟ୦॥୵ |
| ଅନାଥାଶ୍ରମ | ଟ ୧॥ | ଗଙ୍ଗାକରଭଣ୍ୟ | ଟ ୧॥ | ଅଦୃଶ୍ୟହସ୍ତାଦୀଗୀବିଏ | ଟ୧॥ |
| ନୈବେଦ୍ୟ | ଟ ୦୪୵ | ଓଡ଼ଣା ଖୋଲ | ଟ ୧ ୮ | ଧର୍ମରଦ୍ରୁଥ | ଟ ୦॥୵ |
| ମୁକ୍ତ ଅକାଶର ତଳେ | ଟ ୧ ୮ | ପ୍ରଗ୍ଭହଂସା | ଟ ୧॥ | ବାଳକ ରାମାୟଣ | ଟ ୦୪୵ |
| ଦାଗର ହଡ଼ପେଫାନ | ଟ ୧॥ | ପକ୍ଷୀରେଣୁ | ଟ ୧ ୮ | ଦେଶାଦେଶର | ଟ ୦।୵ |
| | | | | ଭଦ୍ରସ୍ୱାଂସ୍ଥୀ | ଟ ୦୪ |
| | ଟ ୪୪ | | ଟ ୬। | | ଟ ୪୪ |
| | ସ୍ଥଳେ ଟ ୪॥ | | ସ୍ଥଳେ ଟ ୫॥ | | ସ୍ଥଳେ ଟ ୪॥ |

୭ ବାଳ ଗଳ୍ପର ଲେଖକଙ୍କ ଗୀତା ଉତ୍ସବ ଟ ୫॥୵ ସ୍ଥଳେ ଟ ୫ ଙ୍କା

ପାକ୍‌ଷିକଲ୍‌ପର୍ବ ୨। ସ୍ଥଳେ ଟ ୨ ଙ୍କା

ଅଗ୍ରୀମ ଏକଚତୁର୍ଥାଂଶ ପଠାଇଲେ ପାର୍ଶଲ ପଠାଯିବ

ପ୍ରାପ୍ତିସ୍ଥାନ— **ସାରସ୍ୱତ ଭଣ୍ଡାର,** ଚାନ୍ଦବଜାର, ପୋ: ବୃନ୍ଦାବନଚୌକ କଟକ


# ବମ୍ବେ ଲାଇଫ ଏସ୍ୟୁରେନ୍‌ସ କମ୍ପାନି ଲିଃ—

**ପ୍ରତିଷ୍ଠିତ——୧୯୦୮** **ହେଡ ଅଫିସ—ବୋମ୍ବାଇ**

ସବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ

ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍‌ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।

ଅକର୍ମଣ୍ୟ ହେଲେ ଅଧିକ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୭୩ ଲକ୍ଷରୁ ଊର୍ଦ୍ଧ୍ୱ     ବୀମାପାଣ୍ଠି ୨ କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ ଇନ୍‌ସ୍‌ପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମଣ୍ୟମ, ବି. ଏମ୍. ଏ. ଅଇ. ଏ.
ମେନେଜର ଏବଂ ଏକଚ୍ୟୁଅରି
ହେଡ ଅଫିସ—ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।



ସଂପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,** ପରିଚାଳନା ସଂପାଦକ—**ଶ୍ରୀ ବ୍ରଜମୋହନ ଦାସ**


Digitized by srujanika@gmail.com

ହୁକାହୁକା ହୁଆ

# ବିଲୁଆ ବିଚାର

୧୧ଶ ବର୍ଷ— ସୋମବାର— ତୁଳା ( କାର୍ତ୍ତିକ ) ୨୪ ନ ୧୯୪୭ ୧୬ଶ ସଂଖ୍ୟା

ଅଗ୍ନ୍ୟର୍ କୃପାଲାନୀ ଏକ ଭାଷଣରେ କହିଲେ, ସିନ୍ଧୁରେ ତାଙ୍କର ଅନେକ ମୁସଲମାନ ନାତି ନାତୁଣୀ ଅଛନ୍ତି । ବୋଧହୁଏ ବର୍ତ୍ତମାନ ସୁଚେତା କୃପାଲାନୀ ଏକଥା ଚେତାଇ ଦେଇ ଅଗ୍ନ୍ୟର୍ଙ୍କୁ କହିଥିବେ—ତମ ନାତୁଣୀ ଓ ମୋ ନାତି ନାତୁଣୀମାନେ ଅମ ନାତି ନାତୁଣୀଙ୍କ ସାଙ୍ଗରେ କଳି କରୁଛନ୍ତି । ସୁତରାଂ ହିନ୍ଦୁ ମୁସଲମାନ ପ୍ରଶ୍ନ ଅଉ ରହିବ ନାହିଁ । କେବଳ ନାତି ନାତୁଣୀ ପ୍ରଶ୍ନ ରହିବ । ସମସ୍ତେ ଉପର ନାଗ ସଙ୍ଘରେ ନାମ ଲେଖାଇ ଦେବେ ।

× × +

ଜଣେ ସାହେବ ମେମ୍ ଥିଲେ । ମେମ ସାହେବଙ୍କୁ ଅସି କହିଲେ, ତମ ପୁଅ ଝିଅ ଓ ମୋ ପୁଅ ଝିଅମାନେ ମିଶି ଅମ ପୁଅ ଝିଅଙ୍କ ସାଙ୍ଗେ କଳି କରୁଛନ୍ତି । କଥାଟା ସେପରି । ଆଜି ଭାରତରେ ଯେ ମୁସଲମାନ ତାଙ୍କ ରକ୍ତ ଅଣି ପରୀକ୍ଷା କଲେ ଦେଖାଯିବ ଯେ ସେମାନେ ଦିନେ ସମସ୍ତେ ହିନ୍ଦୁ ଥିଲେ— ପରେ ଧର୍ମାନ୍ତର ନେଇଛନ୍ତି । ତଥାପି ଜିନ୍ନା କହିବେ ଦୁଇଜାତି ।

+ + +

ପାଲଷ୍ଟ୍ରିନକୁ ଭାଗ ଭାଗ କରିବା ଏକ ମାରାତ୍ମକ ନୀତି । ଫଳରେ ଚିରଦିନ ସଙ୍ଘର୍ଷ ଲାଗି ରହିବ ବୋଲି ପାକିସ୍ଥାନ ପ୍ରତିନିଧି ଜଫରୁଲ୍ଲା ଖାଁ ଜାତି ସଙ୍ଘର ପାଲଷ୍ଟ୍ରିନ କମିଟି ଆଗରେ ଭାଷଣ ଦେଇଛନ୍ତି । ଜାଫରୁଲ୍ଲାଙ୍କର ଏହା ପ୍ରାଣୀର ଭଲ ମନ୍ଦ ବାଣୀ କି ନୁହେଁ ସମସ୍ତେ ଭାବି ଅସ୍ଥିର ହେଉଥିବେ । ଭାରତକୁ ଭାଗ ଭାଗ କଲାବେଳେ ଏ ନୀତି ଖାଟିଲା ନାହିଁ । ଭାରତର ହାଉଆ ପାଲଷ୍ଟ୍ରିନର ହାଉଆ ଅଲଗା । ଏଠୁ ଅମ୍ବଗଛ ନେଇ, ସେଠି ଲଗାଇଲେ ଇମ୍ଲି ଫଳିବ ।

× × ×

ଜିନ୍ନା, ତାଙ୍କ ଲିଗ ଓ ପାକିସ୍ଥାନ ପକ୍ଷରେ ଏଭଳି ବହୁବିଧ ରୂପ ଅତି ସ୍ୱାଭାବିକ । ଜିନ୍ନାଙ୍କର ବହୁରୂପକୁ ଗୋଟିଏ ଗୋଟିଏ ବାହାରୁଛି । ଜିନ୍ନାଙ୍କ ନାମ କ୍ୱାଏଦି ଆଜାମ ନ ହୋଇ ବହୁରୂପୀ ହୋଇଥିଲେ ସେ ଭଗବାନଙ୍କ ଭଳି ପୂଜା ପାଉଥାଆନ୍ତେ ।

+ + ×

କେହି କେହି କହୁଛନ୍ତି—ଜାଫରୁଲ୍ଲା ତାଙ୍କ ନିଜ ମହାର୍ଘ ବକ୍ତୃତାରୁ ଭାଗ ଭାଗ ବିପଦଜନକ ବୋଲି ଶିକ୍ଷା କରୁଛନ୍ତି । ଏବଂ ସେ ଭାରତକୁ ଫେରି ପୁଣି ପାକିସ୍ଥାନ ଓ ଭାରତ ଯୋଡ଼ି ଦେବାପାଇଁ ଚେଷ୍ଟା କରିବେ । କିନ୍ତୁ ଡାକ୍ତରମାନେ କହୁଛନ୍ତି ପାକିସ୍ଥାନ ହାଉଆ ମାଡ଼ିଲେ ତାଙ୍କୁ ପୁଣି 'ଦୁଇଜାତି' ରୋଗ ଧରିବ ।

× × ×

ଗାନ୍ଧି ଜୟନ୍ତୀରେ ଶ୍ରୀଯୁକ୍ତ ମହତାବ ଗଳିଆ ବସ୍ତି ସଫା କରିବାରୁ ପୁରୀର ରାଜାସାହେବ ତାଙ୍କ ଉପାଧିଟା ମହତାବଙ୍କୁ ଦେଇଦେବେ । ଏଣିକି ସମସ୍ତେ ଗଜପତି ଶ୍ରୀ ମହତାବ ବା ଶ୍ରୀମହତାବ ଇତି ଗଜଃ ବୋଲି ଲେଖିବେ ।

+ × ×

ମହତାବଙ୍କ ମେଥର କାମ ଦେଖି ମେହେନ୍ତରମାନେ ପ୍ରଧାନମନ୍ତ୍ରୀ ହୋଇ ସେକ୍ରେଟେରିଏଟ୍‌ରେ ଫାଇଲ ଦସ୍ତଖତ କରିବେ । ଏବଂ ମହତାବ ଟେକା ପଥର ଦେବା ବେଳେ ତାଙ୍କ ଭାଗ୍ୟ ପ୍ରାପ୍ତ ହେବେ ବୋଲି ଆମେ ଆଶା ପୋଷଣ କରୁଛୁ ।

× × ×

ମଧ୍ୟପ୍ରଦେଶ ଶୁକ୍ଳଙ୍କ ମନ୍ତ୍ରୀମଣ୍ଡଳରେ ଅଦଳ ବଦଳ ହୋଇଯାଉଛି । ଏ ଅଦଳ ବଦଳଟା ଶୁକ୍ଳ ପକ୍ଷରେ ହେଲା କି କୃଷ୍ଣ ପକ୍ଷରେ ଜଣାପଡ଼ି ନାହିଁ । ତଥାପି ଶୁକ୍ଳ ଚନ୍ଦ୍ରମା ମୁଖରେ କଳଙ୍କ ଟୀକା ରହିଗଲା

+ + +

ପୁରୀର ଡାକ୍ତରଖାନାରେ ଡାକ୍ତର ନର୍ସଙ୍କଠାରୁ ଭଲ ବ୍ୟବହାର ମିଳୁନାହିଁ ବୋଲି କେତେ କେତେ ସମ୍ବାଦପତ୍ର ଅଭିଯୋଗ କରିଛନ୍ତି । କଥାଟା ସତ ବୋଲି ଆମ ପୁରୀ ସମ୍ବାଦଦାତା ଲେଖିଛନ୍ତି । ମାତ୍ର ଏ ସତଟି ଅର୍ଦ୍ଧସତ୍ୟ । କାରଣ ଡାକ୍ତରମାନେ ନ ଲେଉଟଗଲେ ଅନ୍ତ୍ରର ଦର୍ଶିବ ବୋଲି ବାଘରେ ମଧ୍ୟ ଯୋଗାଡ଼େଇବ । କିନ୍ତୁ ପ୍ରକୃତରେ ଏହି ସମ୍ବାଦଦାତା ଓ ତାଙ୍କ ଶ୍ରେଣୀୟ ବ୍ୟକ୍ତି ଏବଂ ଦ୍ୱ ଏନ ତାଙ୍କ ସମ୍ପାଦକ କିମ୍ବା ସମ୍ପାଦକଙ୍କ ସମ୍ପର୍କୀୟମାନେ ଅଶାନୁରୂପ ଯତ୍ନାନୁଭୂତ ହସ୍‌ପିଟାଲର ଡାକ୍ତରେଞ୍ଚର ପ୍ରାର୍ଥୀଙ୍କ ଠାରୁ ନପାଇ ଏପରି ଲେଖି ଦେଇଛନ୍ତି । ରସାଳସା ଏଣା କର ରହିଛି ଏ ଜୀବ (ସୁପର୍) ପାଇନ ଗୋଷ୍ଠୀ ଅନୁକମ୍ପା

ନ୍ୟାୟ ଚେନା ପିବ !

+ + +

**କେତେକ ଖବରକାଗଜ କେତେ ... ବାକି ନଦୀ ବାଇବାରେ ଧୁରନ୍ଧର ହୋଇ ଯାଉଛନ୍ତି । ସ୍ୱତନ୍ତ୍ରପ୍ରାର୍ଥୀ ଅଧିକର ଅନୁକୂଳକୁ ଏଥର ତଳ**

Digitized by srujanika@gmail.com

ଠକେଇବେଳେ ଦେଖିବାର ଅଭ୍ୟସ୍ତ ହୋଇଥିଲେ । ଏବେ ମଣିଷ ଭଳି ଏମିତି ଢଙ୍ଗ ଦେଉଛନ୍ତି— ସମାଲୋଚକମାନେ ୪ଟ ଦଳବାଲ । ଯେମିତି ଯୋଗ ମୂର୍ଖଙ୍କ ଭଳି ଦେଉଛନ୍ତି ଏଣ ! ଏଣିକି ଅଣ ଦେହ ସମାଜ ଭରକଲା ବୋଲି କହିବେନାହିଁ, ଏ ସମାଲୋଚକ ସୁଯାଙ୍କୁ ଏମିତି ଉତ୍ତର ଅପଣ ଦେଇ ହୋଇଛ ଯେ ଭୂତ ଦେଖିଲେଣି ଏମାନେ ହୁଡ ଦେଉଛନ୍ତି । ଉତ୍କଳ ଗଣ୍ଡର ପରାମର୍ଶ, ସମ୍ପାଦକ ଏ ସାତ ଶବ୍ଦ କାଗଜ କଥାରେ ନିଜର ତାଙ୍କ ସଙ୍ଗରୁ ରକ୍ଷା କରନ୍ତୁ । ଏବଂ ତାହା ପୂର୍ବ ଯୋଗରେ ପ୍ରସ୍ତର ବର ଭାଙ୍ଗି ଦିଅନ୍ତୁ ।

\+ + +

ଗାନ୍ଧି ଉଦ୍ଧାର ଜାତୀୟ ଦ୍ରୁତ ଭବନ ଆମି- ଷଜାତିର ମିଳ ଓଡ଼ିଆ ଭୂଷଣ । ସେଥିରେ ଉତ୍କଳ ପ୍ରାଦେଶିକ କଂଗ୍ରେସ ସଭାପତି, ଡକ୍ଟରଙ୍କ ସେକ୍ରେ- ଟାରୀ ବନ୍ଧା ଉଦ୍ଧାର କରେ । ଏଥିରୁ କପଟତା ଫଳିଲ ? ଫଳତ ଯେତନ ଲୁଣ ସେବକଙ୍କୁ ଫଳତ । ଏମାନେ ଦସ୍ତୁର ପଥକୁ ଫେରାଇ ଯାଆ । ଶୁଣୁଛ ଦପ ତାଙ୍କ କଥା ? ପୁଣି ଏଥିରେ ଦୋଷଟା କଣ ! ଓଡ଼ିଆ କଂଗ୍ରେସ ସଭାରେ ତ ମିଳର ବନ୍ଧୁ ଭବ୍ୟ କାର କରୁଛନ୍ତି । ସ୍ୱାଧୀନତା ଦବସରେ ହ୍ରାସବତ ମିଳର ପ୍ରଶସ୍ତି ନଟେ ଗାଇଲେ । ଏବେତାଙ୍କ ଜାତୀୟ ପତାକା ମନ୍ଦିରେ ହେଉଥ ଭ୍ରମିବଳ କଣ । ତାଙ୍କର ଦୁଇଟା କଥା ନୂଆ । କଥା ଓ କାର୍ଯ୍ୟ ସମାନ । ସେ ଅବରୁ ଜାଣି ଶୁଣି ସ୍ୱାଧୀନତା ଦବସ ଦିନ ସରକାରୀ ଅଫିସରେ ସନ୍ଧି ମିଳ ପତାକା ଉଡ଼ାଇବାର ବ୍ୟବସ୍ଥା କରଥିଲେ । ଏଥିରେ ତାଙ୍କର ଦୋଷ ନାହିଁ । ସେ ମିଳ ଭଣ୍ଡାରୀ ଇଚ୍ଛା କଲେମଧ ମିଳ ତାଙ୍କୁ ଛାଡ଼ ପାରୁନାହିଁ । ନେମିଁ କମଳବୋ ଶୈଳଜା ଦ୍ୱିଁପର୍ କମଳ ମୁଦେ ଚହିଁ ଶୈଳଜା— ଭବ ବର୍ଣ୍ଣିଥିଲେ ଗାଉଥାନ୍ତେ— ଲକ୍ଷିଲରେ ଏ ମନ୍ତ୍ରୀବରଙ୍କୁ ମିତ୍ ଇଃ ।

× × +

ଏ ସମ୍ପର୍କରେ କଂଗ୍ରେସ ସଭାପତି ନନ୍ଦବାବୁ ଯେତନ ଭୂତ ଓ ମତ ବଗର୍ହିତ ବାମ ହୋଇଗଲ ବୋଲି ଯେଉଁ ଉକ୍ତି ଦେଲେ ତାର ଉତ୍ତର ଦେଲେ ଶ ମଦ୍ରାଜର ପ୍ରଜାତନ୍ତ୍ର ସମ୍ପା- ଦକଙ୍କ ଦ୍ୱାରା । ପୋଥିରେ ପୋଟାଏ ପୋଟାଏ ଶିକାର ଖୁଁଟ ବା scape goat—ରଙ୍ଗ ମନ୍ତ୍ରୀତ ଏମିତି ଜଣେ ଜଣେ ସମ୍ପାଦକ ବା ଅପାଦକ ରହିଥାନ୍ତି । ବ୍ୟାକରଣ ଅନୁସାରେ ମନ୍ତ୍ରୀବ ନହେ ସମ୍ପାଦନ କାଟେ ଓ ପ୍ରଜାତନ୍ତ୍ର ସମ୍ପାଦକ ଅପାଦାନ କାରକ ମାତ୍ର । ମାତ୍ର ନମକାହାତ୍ରେ ବା ନାମକାରକ ।

\+ + +

ସମ୍ପାଦକଙ୍କ ନାମରେ ଏହ ଯେଉଁ ଉତ୍ତର ଦପଦଳ ତାକୁ ପୁଣି ଉତ୍ତର ଦାତା ଜଣକ ମତଲୋଭ ନବହ ବେତନ ବନ୍ଧୁଙ୍କ ମତ ବୋଲି ଭାଷେଇ ଦେଇଛନ୍ତି । ସେ ବନ୍ଧୁମାନଙ୍କ ନାମ ଦେଇ ତାଙ୍କ ୧୮ ଛପାଇ ଦେଇପାରି ପାରୁଥାନ୍ତା । ମାତ୍ର ସେ ସମ୍ଭାବନା ହେଉନାହିଁ । ତଥାପି ସେବକ ମୂର୍ଖ ଟାଏ । ତାକୁର ଘରେ ବଏ, ନା’ ମୁଁ ବଙ୍ଗାଳୀ ଗାଇ ନାହିଁ କଥାପର ପ୍ରଜାତନ୍ତ୍ର ସମ୍ପାଦକ ରୂପରେ ବନ୍ଧୁଙ୍କ ମୁଖରେ ନନ୍ଦବାବୁ ଏହ ବାମ ନ କର ଗାଲି ଦୋଷ ଦେଉଛନ୍ତି ବୋଲି ବେଣ୍ ମାତ୍ରଟାଏ ପରେକ୍ଷ ଭ ଦେଉଛନ୍ତି । ଏହାଦ୍ୱାରା ସେ ତାଙ୍କ ଅଜଣାରେ ମିଳ ପତାକା ଉଡ଼ାଇବାର ବାଧ୍ୟରୁ ନିଜ ମୁଣ୍ଡ ଉପରେ ନେଇଗଲେ । ତେଣୁ ସଭା ମଜା ଦେଖିବାପାଇଁ ବସିଛନ୍ତି, ଏହାର ଅଭ ବାଦା- ନୁବାଦ ହେବନ ? ତାହେଲେ ବାଧ୍ୟାନଧି ତାରୁ ସ୍ୱର୍ଗରୁ ଗାଇବେ— ‘ଭଳ— ମଉପତାକା ପାଇ ଲଭିଲରେ ।’

\+ + +

ଧନ୍ୟ ଯାଜପୁରର ମନ୍ତ୍ରୀବରଙ୍କ ଧନ୍ୟ । କହତାକୁ ଗଲେ ଉତ୍କଳ କଂଗ୍ରେସ କମିଟି ସଭାପତିଙ୍କ ଶୃଙ୍ଖଳା ଭିତରେ ରହ ସେ ମନ୍ତ୍ରୀ ହୋଇଛନ୍ତି । ଗୁରୁ ବେଶି ସେ ସଭାପତିଙ୍କ ମତ ଠିକ୍ ନୁହେଁ ବୋଲି କହ ପାର- ଥାନ୍ତେ । ଧନ୍ୟ ତା ନବର ସେ ଓଳଟ ଅପଣା ଭୁଲଟା ଭୁଲ ବା ଦୋଷ ହେଲେ ହେଁ ତାହା ଠିକ୍ ସାବ୍ୟସ୍ତ କରନ୍ତି । କାରଣ, ଭୁଲ ଦେଖାଇବା ଲୋକ ସଭାପତି ନହେ ବାହିଁକ ସବୁ ନକଲେ ? ସଭାପତିଙ୍କ ଗାଳି କରିବାର ସାହସ ଏବା ଉତ୍କଳ କେଶରୀ ବୋଲି ସେନା ମନ୍ତ୍ରୀବରଙ୍କର ଅଛ । ତାହଲା ଆମ ଓଡ଼ିଆ କଂଗ୍ରେସ ସଭା ଓ ତାଙ୍କ ସଭାପତି ମଧ ସେମିତବା ସେମା ବୋଲି ମନ୍ତ୍ରୀବରଙ୍କର ଏ ଔଦ୍ଧତ୍ୟକୁ କ୍ଷମା କ ଦେଇ ପାରୁଛନ୍ତି । ଯଥା—

ବଣ୍ଡିବା କନ୍ତୁ ଯାଉ ଥାଉ
ସେ ପୁଣି କ୍ଷମା ଅଟଉଲ ॥

× × ×

ମେଦନୀପୁରରେ କେତେକ ଓଡ଼ିଆ ବଣେଷତଃ ବଲଣ ଅପଣାକୁ ବଙ୍ଗାଳୀ ବୋଲଉ ଦେଖି ‘‘ଅଟମ ଏବଂଟା ଏ କନ୍ତ !’’ ବୋଲି ଗର୍ବ କରନ୍ତି । ଓଡ଼ିଆରୁ ବଙ୍ଗାଳୀ ହୋଇ ଅପଣାକୁ ଦକ୍ଷିଣ ମେଦନୀପୁରର ଓଡ଼ିଆ ଭାଷୀ ଅଞ୍ଚଳର ନେତା ବୋଲି ଏମାନେ ଘୋଷଣା କରି, ହରଜନ ମାନଙ୍କ ହାତ ମୁଠାରେ ରଖି ନେତୃତ୍ୱ କରିବା ଆଡ଼ କୁଇଜନ ଭବାଇ କର ବସିଲେ । ଧନ୍ୟ ଶଇଅ

ସଭ୍ୟ ବଟେ—ଯାହାର ନଜର ମେରୁ ଦଣ୍ଡ ନାହିଁ —ସେ କଣ ସମାଜର ମେରୁଦଣ୍ଡରେ ଏବେ ଚଢ଼ ଉଣ୍ଡା ଯାଗାଟାକୁ ହରାଇ ପାରିବ ? ଏବେ ତାହା ବାରେନ ଏହ ବଙ୍ଗାଳୀ ନେତାଙ୍କୁ ବାସନ କରିବାକୁ ସେମାନେ ପୁଣି ପ୍ରାୟଶ୍ଚିତ୍ତ କରି ପବାର ଛନ୍ତି ଃ ଅମର ଅଣା, ବାବୁମାନେ ଅଛ ଥରେ ଲେଖାଏଁ ପ୍ରାୟଶ୍ଚିତ୍ତ କରି ଓଡ଼ିଆ ହୋଇ ଯିବେବ ?

\+ × +

ସଉଭାତ ଉତ୍ତମାନଙ୍କର ଏବ ଶାସ୍ତ୍ରଚାଃ ମିଳିଗଲ । ଏମାନେ ପ୍ରଜାମଣ୍ଡଳକୁ ଦବାଇବା ପାଇଁ ପ୍ରଜା ଓ ଅଦମ ଅଧିବାସୀ ବା ଗିଠ ଓ ବଙ୍ଗାଳ ଭିତରେ ବବାଦ ଲଗେଇ ବ୍ରାହ୍ମଣ ହନ୍ଦୁ ମୁସଲମାନ ଭେଦ ନୀତିର ଶରଣ ନେଉଛନ୍ତି । ବସ୍ତରନ ବ୍ରାହ୍ମଣର ଗୋଲମ ହେଉଥିବାରୁ ଏ ଅଭ୍ୟାସଟା ଆମ ମାର୍ଜାମାନେ ଛାଡ଼ ପାରୁ ନାହାନ୍ତି । ଏ ବଗରେ ଅଗ୍ରଣୀ ଆମ ମୟୂରଭଞ୍ଜ । ବହେ ଏ ଗୁଣି ବଳବ ସୋନପୁର ଓ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପିଲଣି । ଧନ୍ୟ ମହିମାମାନେ ସମୁଦ୍ରର ନେ ଶରଣ ଧର୍ମର ବ୍ରାହ୍ମଣ, ତାହାମଧ ହନ୍ଦୁ ମୁସଲମାନ ଭଳ ସତ୍ତ୍ୱେ ଶ୍ରଦ୍ଧା ଛଡ଼ାଇବାକୁ ପଡ଼ିଲ । ଦଳ ଓ ସଂଗଠ ଭଳ ଲଗିଲ ମଧ ଦରେ ଗବାକୁ ଶାସନ ଛଡ଼ାଇବାକୁ ପଡ଼ିବ । ବ୍ରାହ୍ମଣ ବଦେଶୀ ଥିବାରୁ ସେ ଏବେ ବେଳେ ଯାଉ ବଳଦରେ ବସି ଦାଃ ଦେଖିଲେ । ଧନ୍ୟ ଆମ ରଜା ପୁଅ ମାନେ ଏବେ ଭଳ ଅଦମ ବାସୀଙ୍କ ଦସ୍ୟୁରେ ଯମପୁରକୁ ବାଃ ବାହଟେ । ଅବଶ୍ୟ ଯାଜ ସଙ୍ଗ ବ୍ରାହ୍ମଣମାନେ ଅବତାହିନାରୁ ବଡ଼ାଇ କରି ଏବ ହୋଇ ଯାଆନ୍ତୁ ସେ ଭିନ୍ନ କଥା ହେବ । ତେଣୁ ସଭ୍ୟ ବଦ୍ୟାସ ଉତ୍ତମାନେ ଅଟେ ଭସ୍ ଦେଖ ଯାହା କରୁଥିଲେ ଏବେ ତାହା ପ୍ରକାଶ୍ୟରେ କରିବେ ।

\+ + +

କେତେକ ସରୀକର ଅଭିଯୋଗ ଯେ କଃଣ ବାଳକା ବଦ୍ୟାଳୟ ଓ ବାଳକା କଲେଜରେ ବଙ୍ଗାଳ ପ୍ରଭୃତ ବେଶ ହେଉଛ । ଏ ସମ୍ପର୍କରେ ଅଛ ତେଣୁ ସବୁ ଥରେ ବସ୍ତର କରି ବଡ଼ ଅଭିଯୋଗ ପରସ୍ଥିତି ସୃଷ୍ଟି କରିଛ । ଉପରକୁ ନନ୍ଦ ବନ୍ଧନ ଉପରକୁ ଫୋଡ଼ବା, ଏପରିକ ଦାଉବୋଃ ଦେଉଥିବାକୁ ପାଉଁ କଥା ଉଠିଲ । ଉପର ଦାନକୁ ଅନୁଆଣ ଭଲଅମାନେ ଉଦ୍ଦେଶ୍ୟରେ ସ୍ତୋତ୍ର ପଢ଼ୁଥାନ୍ତି—
ଯାବେବ ଶାର୍ଣ ଉତ୍ତ୍ପଲ ବଟୀ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ

× + ×

Digitized by srujanika@gmail.com

ଅମିତାଭ, ସୁର ଆଉ ବିନୟ। ତମକହିଁ ଆମ୍ଭହସ୍ତ। ଗମରୁ ଶୁଭୁଛି ଖୁବ୍ ଜୋରରେ। ମାତ୍ର ଶ୍ରାବଣର ଲଘୁ ନଇ ସ୍ରୋତରେ ତମାଙ୍କଣ ଭାସୁଚନ୍ତି। ଏ ଗଳ୍ପର ନଦୀ କୂଅଣ୍ଡ, ଅମିଳ କୂଅଣ୍ଡକୁ ଯାଉଛି ନଜାଣି ମୁଁ ବି ଗୋଡ଼ ବଢ଼େଇ ଦେଲି

## ମଜାକଥା

ଆଷାଢ଼ ଶେଷ। ଘଞ୍ଚ ବର୍ଷାଲଗା। ଦାଣ୍ଡିବାଲା ଘେଇ ଭୁମିଦାନର ତେଉ ଆନନ୍ଦ ଉଚ୍ଛେ ମଉଜ। ସେ ମଉଜ ଆଉରି ବାଢ଼ିଗଲା ହୋଇ ଉଠିଲା ଯେତେବେଳେ ଅମିତାଭ ଇଙ୍ଗିତରେ ସ୍ଥାନ୍ତାଦ୍ୱାରା ଆଉ ସମସ୍ତ ବନ୍ଧୁଙ୍କୁ ଅଭ୍ୟାର୍ଥନା କଲେ। ମୁଁ ଆସି ବୈଠକଖାନା ଭିତରେ ଗୋଡ଼ ଦେଉଛି କି ନ ଦେଉଛି ଅମିତାଭ କହିଲେ—ଆଉ ବ୍ରଜ!

ସୁର— ହଁ, ମୁଁ ବ୍ରଜ କଥା ଭୁଲି ନାହିଁ। ସିନେମାରେ ଯେଉଁ ପଞ୍ଜ କୋଠାରେ କଥା କହୁ ନଥିଲ? ଯେଉଁଥିରେ ସେ ବି ରହିବ।

ବିନୟ— ବ୍ରଜ ଏକଲା ରହିବ?

ସୁର— ହଁ, ଅନ୍ତତଃ ବର୍ଷେ ଦୁଇବର୍ଷ ପର୍ଯ୍ୟନ୍ତ ସେ ଏକାକୀ ରହିବ। ସେଥିରେ ଉଭୟଙ୍କର ଉପକାର। ମୁଁ ବି ଠିକ୍ ଏ ବ୍ୟୟ ସଙ୍କୋଚ କରିପାରିବି ଆଉ ବ୍ରଜ ପ୍ରିୟା ବିଚ୍ଛେଦର ଅନୁଭୂତି ଉପଭୋଗ କରି ଆମକୁ ଅଧିକ ମାନସିକ ଖୋରାକ ଯୋଗାଇବ।

ଅମିତାଭ— କିନ୍ତୁ ତାର ସବୁପାଇଁ ଲେଖା ଯଦି ଶୋକାନ୍ତ ( Tragic ) ହୋଇଯାଏ?

ବିନୟ— ବାସ୍ତବିକ ସେଠା ଭାବିବାର କଥା। ତେବେ ମଝିରେ ମଝିରେ ଦୁ'ଦିନ ଛୁଟି ପାଇଁ ସସ୍ତୀକ ରହିଲେ ବା ରହିବା ପାଇଁ ଛୁଟି ମିଳିଲେ କ୍ଷତି କ'ଣ?

ସୁର— ହଁ, ତା' ହୋଇ ପାରେ, କିନ୍ତୁ ସେ ଖର୍ଚ୍ଚଟା ଲେଖକଙ୍କୁ ହିଁ ତୁଲାଇବାକୁ ପଡ଼ିବ।



ଅମିତାଭ— ତୁ ବଡ଼ ଜ୍ଞାନୀ ପରି କଥା କହୁଛୁ। ସ୍ତ୍ରୀ ପୁରୁଷ ଏକା ଜାଗାରେ ରହିବା ଲୋକବୋଧ ନ ହେଲେ ଆମର ମଝିରେ ଏଡ଼େ ବଡ଼ ଯୋଗଣ ଦୁର୍ଗୁଣୀ ପ୍ରତି କିଛି କର୍ତ୍ତବ୍ୟ ଅଛି। ଗୋଟିଏ ମାସିକ ଭତ୍ତାର ବ୍ୟବସ୍ଥା ନକଲେ ହେବ କେମିତି?

ସୁର— ମୁଁ ତ ଏକଦମ୍ ସର୍ବେସର୍ବା ହେବ ନାହିଁ।

## ମାଙ୍କଡ଼ ହାତରେ ଶାଳଗ୍ରାମ

ବିନୟ ବାଧାଦେଇ କହିଲା— ଆଉ ଗୋଟେ କଥା ସୁର। ମୁଁ ସେକଥା ଟିକେ ଜାଣେ। ପ୍ରକୃତରେ ହଉ ତେବେ କମ୍ପାନୀର ସର୍ବେସର୍ବା। 'ବୋର୍ଡ଼ ଅବ୍ ଡ଼ିରେକ୍ଟରସ୍' ତାର ନାମ ମାତ୍ର।

ସୁର—ହେଲେ ମୁଁ ତ ସେମାନଙ୍କର ମତ ନେବ;

ଅମି—ହଁ, ତାର ଗୋଟେ ବ୍ୟବସ୍ଥା କରିବୁ।

ବିନୟ—ଏଟା ତ ଅଦୌ ଅଯୌକ୍ତିକତା ହେବ ନାହିଁ! ଯେଉଁ ଦେଶରୁ କମ୍ପାନୀ ମାସକୁ କୋଟି କୋଟି ଟଙ୍କା ଆୟ କରିବ, ସେହି ଦେଶର ଜଣେ ବିଦ୍ୱାନ୍, ଗୁଣୀ, ଉଚ୍ଚ ଲେଖକଙ୍କୁ କମ୍ପାନୀ କିଛି କିଛି ମାସିକ ଭତ୍ତା ଦେବା ଯେ କେବଳ ସମୀଚୀନ ତାହା ନୁହେଁ ଏଟା କମ୍ପାନୀର ଅପରିହାର୍ଯ୍ୟ କର୍ତ୍ତବ୍ୟ।

ସୁର—କିନ୍ତୁ ଏଥି ଗୋଟାଏ ସର୍ତ୍ତ ତ ରହିବା ଦରକାର!

ଅମି—ଯେତେ—ସବୁକଥା ବ୍ୟବସାୟ ଦୃଷ୍ଟିରୁ ଦେଖିଲେ ଚଳେ ନାହିଁ।

ସୁର—ନାଁ ନା! ସେଇ ଲୋକ ସାଧାରଣଙ୍କର ଉପକାର ପାଇଁ କମ୍ପାନୀ ସର୍ତ୍ତ ଦେବ ଯେ ଲେଖକ ଅନ୍ତତଃ ବର୍ଷରେ ପାଞ୍ଚଖଣ୍ଡ ବହି ଲେଖିବେ।

ବିନୟ—ତଥାପି କମ୍ପାନୀର ସଂକୀର୍ଣ୍ଣତା ଏଥିରେ ଯଥେଷ୍ଟ ପ୍ରକାଶ ପାଉଛି।

ସୁର—ଆଉ ଯାଉନ ଦେ। ସେଇଆ ହେଉ। ଲେଖକ ଯୁକ୍ତନାଥ ପାଣିଙ୍କ କଂପାନୀ ଏବେ—ଟଙ୍କା ଭତ୍ତା ଦେବା କଥା ଠିକ୍ ହୋଇଗଲା।

ସେ ରାତିର ସାଜ ଆଉ ସୁର ଯେମିତି ବସି ଥାଆନ୍ତି। ଅନେକ ଗାମ୍ଭୀର୍ଯ୍ୟରେ ... ଭାବ ପାଇଁ ଏପରି ବସିବ ଦେଖା।

\+ × +

ମୁଁ ସବୁ ଶୁଣୁଥାଏଁ ଓ ଚୁପ୍ ହୋଇ ଥାଏଁ। କହିବାର ଅବସର କାହିଁ? କଥା ଭିତରେ କଥା ପଶି ଅଡ଼ୁଛି ଜଟିଳ। କୋଉଠି ଯାଉଛି କାହିଁ? କହା... ମଝାଟା ସବୁ ଜାଣିଲି ମୁଁ ଗୋଟେ ଜଣା ଶିକାର କହିଲି—ଏଟା ମୋର କପାଳରେ ଭାଗ ଲେଖା ନୁହେଁ ତ ତା ଆଉ କାହାର?

ଅମି—କାହିଁକି? ଆମ ସମସ୍ତଙ୍କର ଭବିଷ୍ୟତ ତ ଏଇ ଉଜ୍ଜ୍ୱଳମୟ! ମୁଁ ତ ଏତ ଯଦୁପତି ହୋଇ ଲେଖି ସାରିଲଣି। ମୁଁ କହିଲି କାହିଁକି?

ସୁର—ସେ ହେଉ P. A. to General Manager ହେବ। ମଝିରେ ଜଣାଇଦେବା, ଜାଣୁ? ଆଉ ବିନୟ ହେବ Asst. Manager.

ବିନୟ—General Manager କିଏ ହ'ବୁ? ସୁତରାଂ ସୁର ବାବୁ। ଓଃ! ଜେଣ୍ଟି ମଜଲିସ ଜାଣୁ! ଅନେକ ଦିନ ବସି ଯେତେବେଳେ ଗୋଟାଏ ସ୍ଥାୟୀ ଓ ଦୃଢ କମ୍ପାନୀର ଏତେ ବଡ଼ ଅଧିକାର ପାଇବା— ସେତେବେଳେ ଆମର ତ ଅବଶ୍ୟ ଟିକେ ଗର୍ବ କରିବା କର୍ତ୍ତବ୍ୟ ଅଛି।

ମୁଁ ଅଳ୍ପ ଅଶାନ୍ତି ହୋଇ ପଚାରିଲି—କଉ କମ୍ପାନୀ ମ! ସୁରତ ଖାଲି ଯୋଗାଡ଼। ମୁଁ ପରି ଜାଣେ ସୁରର ସେ ଯୋଗ୍ୟତା ଅଛି!

ଅମି—ବାହାଦୁରିଟା ତାଙ୍କ ସୁରର ନୁହେଁ ଆମର ବି ସେଥିରେ ଭାଗ ଅଛି।

ବିନୟ—ନିଶ୍ଚୟ, ଆମ ତିନିଙ୍କର ଅଂଶ ସମାନ ରହିବହିଁ ରହିବ।

ଅଧିକ କୌତୂହଳ ହେଲା। ଅଗ୍ରହରେ ପୁଣି ପଚାରିଲି— କଉ କମ୍ପାନୀ ମ?

ସୁର ମାଧବରେ ମୁହଁ ଟେକିଲା ଓଜାଇଥାଏ। ଅମିତାଭ ସୁର ମୁହଁକୁ, ସୁର ଅମିତାଭ ମୁହଁକୁ ଅନେକ ସମୟ ଚାହିଁ ରହି ଗଲେ। ମୁଁ ଅଧିକ ଯୋର ଦେଇ ଟିକେ ନାଟକୀୟ ଢଙ୍ଗରେ ପଚାରିଲି— ଏ କଣ୍ଡ କଣ? ନାଲବ ଯେ?

### ଲେଖକଃ—ଗୌରଚନ୍ଦ୍ର ମହାପାତ୍ର

ସୁର—ଯେତ—ମାଃ। ଚଳାଉ। ଏବେ ବଡ଼ ଯୋଜନା। ପାଣି ପାଇଗଲା।

ଅମି—ଏବେ ଉଦ୍ଧାରକର୍ ଏଥର ( Weekly' ରେ ' ଯେଉଁ Cross Word ଟା ଥିଲା ଯାଉଛି ତାର First—prize ନିଶ୍ଚୟ ମିଳିବ। ସେଇ Capital ରେ ଯେଉଁ କମ୍ପାନୀ ଖୋଲିବ ତା'ର କଥା ଚାଲିଛି।

—*—

Digitized by srujanika@gmail.com

# ସ୍ୱର୍ଗୀୟ ଦାନ

"ମୁହୂର୍ତ୍ତକ ପାଇଁ ଯେ ଯାହାକୁ ଭଲ ପାଇଛି, ଅନ୍ତରର ନିଷ୍କଳଙ୍କ ପବିତ୍ର ସ୍ନେହ ଦେଇଛି, ସେ କଅଣ କେବେ ତାକୁ ଭୁଲିପାରେ— ?

## କଥାଟିଏ କହୁଁ

ଏଇ ପ୍ରଶ୍ନଟି ଥରେ ନୁହେଁ—ଦି'ଥର ନୁହେଁ— ହେ ହେ ଥର ସୁବ୍ରତର ପ୍ରାଣ କମ୍ପିତ କରିଛି, ବିବେକ ତାର ଉତ୍ତର ଦେଇଛି—"ନା ପାରେନାହିଁ, କଦାପି ସେ ତାକୁ ଭୁଲି ପାରେନାହିଁ। ଯଦି ସେ ସ୍ନେହ ଜୀବନର ଶୁଦ୍ଧ, ପୂତ, ନିର୍ମଳ, ନିଷ୍କଳଙ୍କ ହୋଇଥାଏ— । ସେ ସ୍ମୃତିର ସମାଧି କଦାପି ହୋଇ ପାରେନା.............।"

—ପାରିନାହିଁ ମଧ—ସୁବ୍ରତର ନିଜ ଜୀବନର ଅନୁଭୂତ ତାର ଜ୍ୱଳନ୍ତ ସାକ୍ଷୀ। ତାକୁ ଦାର ପାଣି କରିବାର ଅନେକ ପାଞ୍ଚବର୍ଷ ହୋଇଗଲା, ଏହି ପାଞ୍ଚବର୍ଷ ଭିତରେ ଅନେକ ଭଲ କୁଳୀନ ବଂଶରୁ ତା ପାଇଁ ସମ୍ବନ୍ଧ ଆସିଛି—କିନ୍ତୁ ସୁବ୍ରତ ସେଥିରେ ସମ୍ମତି ଦେଇ ପାରିନି। ମା' ତାର ଦୁଃଖରେ କାନ୍ଦୁଛନ୍ତି। ସୁବ୍ରତର ପ୍ରତିଜ୍ଞା କିନ୍ତୁ ଅଟଳ ପରି ଅଟଳ।

× × ×

ଜଳଖିଆ ଖାଇସାରି ସୁବ୍ରତ ବସି ଦୈନିକ ଖବର କାଗଜ ଖଣ୍ଡେ ପଢୁଛି। ହେମନ୍ତର—ସନ୍ଧ୍ୟାର ଦୂର ପାହାଡ଼ ପଛ ପଟେ କେତେବେଳୁ ରବି ଲୁଚିଲେଣି— ଅସ୍ତର ଅରୁଣିମା ଧୀରେ ଧୀରେ ଆସନ୍ନ ଅନ୍ଧାର ସାଥେ ହଜି ହଜି ଯାଉଛି—

ବାଳକଟି ତାର ଛୋଟ ହାତ ଯୋଡ଼ିକ ଯୋଡ଼ି ପ୍ରଣାମ କଲା—"ମୋ ମା କହିଛନ୍ତି ବେମାର, ଆପଣଙ୍କୁ ନିଶ୍ଚେ ଯିବାକୁ ହେବ ବର୍ତ୍ତମାନ, ଯିବେ-ନାହିଁ ?—"

ଅନେକଦିନର ପରିଚିତ ପରି କଥା। ସୁବ୍ରତ ବାଳକଟିର ମୁହଁକୁ ଚାହିଁ ରହିଲା। ସୁନ୍ଦର ମୁହଁଟି, ସତେ ଯିମିତ ଦରଫୁଟା ପଦ୍ମ କଳିକାଟିଏ। କିଏ ସ୍ୱାଭ ମାଁ,



କେତେ ଭାଗ୍ୟବତୀ! ସ୍ନେହର ଏହି ଧର୍ମାଳିଟିକୁ କୋଳରେ ଧରି ସ୍ୱାମୀ ଦେବତାର ମୁଖ ନିମ କରୁଥିବ କେତେ ଆନନ୍ଦରେ। କହିଲା, ମୋର ବର୍ତ୍ତମାନ ଜରୁରି ମନେଲେ ନିଷ୍ଠୁର ଯିବ, ଠିଣା କହିଦେଇ ଯାଅ।" + + ×

## କାହାଣୀ

ପ୍ରତାରଣା

ମୃତ୍ତି ଦେଇ ଅଧୂରିଲା—।

ଧମୁ ଡାକିଲା—"ଶୁଣ ସୁବ୍ରତ, ଏଇତ ଫେରେ ଦେଖା ଶୁଣ ଟିକିଏ। ଏଇ ବାଳକଟିକୁ ଚାହିଁ—"

ସମୁ—ଏଇ ସମୁ—ତାର ଦେବତା ଜୀବନ୍ତ ଚିହ୍ନାଧୀ—ତାର ନାମସ୍ୟ କରି ବସି ଥିଲେ ଛି ମନେ ମନେ। ଆଜି ମଧ ସମୁ ପ୍ରତି ତାର ଭକ୍ତି ପ୍ରାଣପୂର୍ଣ ହୋଇ ରହିଛି ଅନ୍ତରରେ। ସେଥିପାଇଁ ସେ ବିବାହ କରିନାହିଁ। ସମୁ ଯେ ଏତେ ଶୀଘ୍ର ଅବିଶ୍ୱାସ—ଏ କଥା ସେ ସ୍ୱପ୍ନରେ ମଧ କଳ୍ପନା କରି ନଥିଲା।

ସୁବ୍ରତ ବାପ ସମୁକୁ କନ୍ୟାର ଉପଯୁକ୍ତ ପାତ୍ର ବୋଲି ମନୋନୀତ କରିଥିଲେ। କିନ୍ତୁ ସମୁ ବାପା ମାଙ୍କର ଅସମ୍ମତି ବିବାହରେ ପ୍ରତି ବାଧକ ହେଲା। ସମୁ ତା' ବାପା ଙ୍କର ମନୋନୀତ ପାତ୍ରୀକୁ ବିବାହ କଲା—ପୁଅ ଝିଅ ସନ୍ତାନଏ ଶିଶୁଟି।—

ସବୁ ଜାଣିଥିଲା। ସୁବ୍ରତର ଏଥିରେ ଦୁଃଖ ନଥିଲା, ବରଂ ସେ ଆନନ୍ଦରେ ଏଥିପାଇଁ ତାକୁ ଉତ୍ସାହିତ କରିଛି। କଲ୍ୟାଣୀ—ସମୁର ସ୍ତ୍ରୀକୁ ସୁବ୍ରତ ଭାରି ଭଲ ପାଉଥିଲା, ତା ସ୍ନେହ ଶାନ୍ତ-ଶୀଳତାରେ ମୁଗ୍ଧ ହୋଇ ସେ ତାକୁ ଡାକୁଥିଲା—"ଦେବୀ!

ସେଇ କଲ୍ୟାଣୀ ଆଜି ନାହିଁ—ସଂସାରର ସେପାରକୁ ସଧବାର ଗୌରବଚିହ୍ନ ସିନ୍ଦୂର ଟିପା ଦେଇ ହସି ହସି ସେ ଚାଲି ଯାଇଛି। ରଖି ଯାଇଛି ପ୍ରଣୟ—ସ୍ୱର୍ଗର ପାରିଜାତ ଏଇ ସରଳ କୋମଳ ଶିଶୁଟିକୁ। ସମୁ ଆଜି ତାକୁ ଏଇ ଶିଶୁଟି ହାତରେ ତୋଳାଇ ଆଣିଛି କଲ୍ୟାଣୀ ପୀଡ଼ିତା ବୋଲି।—

ଛି, କି ଘୃଣିତ ପ୍ରସ୍ତାବ—

ସୁବ୍ରତର ପାଣିଗ୍ରହଣ କରିବାକୁ ସେ ଇଚ୍ଛିତ।—

କଲ୍ୟାଣୀ—ସ୍ୱର୍ଗର ଦେବୀ। ତା ସ୍ନେହର—ନିର୍ମଳ ନିଷ୍କଳଙ୍କ ପ୍ରେମର ପ୍ରତିଦାନ ଏଇ। ଏତେ ଶୀଘ୍ର କଲ୍ୟାଣୀ ପରି ସ୍ତ୍ରୀକୁ ସମୁ ଯେ କପରି ଭୁଲିଗଲା—ସୁବ୍ରତକୁ ଅସ୍ପଷ୍ଟ ଲାଗିଲା। ସୁବ୍ରତ ଜାଣିଥିଲା—"ଜୀବନରେ ଥରେ, କ୍ଷଣକପାଇଁ କେହି ଜଣେ ଯେ ଯାହାକୁ ଟିକିଏ ଭଲପାଏ, ସେ ତାକୁ କଦାପି ଭୁଲିପାରେ ନା।" ସମୁ ମଧ ଦିନେ ସୁବ୍ରତଠାରୁ ବେଶି ଦୃଢ଼କଣ୍ଠରେ ଏକଥା କହୁଥିଲା।

ସମୁର ମହତ୍ତ୍ୱ—ନିର୍ମଳ ହୃଦୟ ନିକଟରେ ସୁବ୍ରତର ପ୍ରାଣ ଆପେ ନତ ହୋଇ ଯାଇଥିଲା। କିନ୍ତୁ ଆଜି ସେ ସମୁ ନାହିଁ—ହୃଦୟ ତାର ଓଲଟି ଯାଇଛି।—ତଥାପି ସେ ତାର ଦେବତା—। ମନେ ମନେ ଏହିପରି ସେ ତାକୁ ଚିରଦିନ ପୂଜୁଥିବ। ବିବାହ କରିବ ନାହିଁ। ବିବାହ ହୋଇପାରେ ନା।—ଦେବୀସମା କଲ୍ୟାଣୀକୁ ସେ ଅପମାନିତା କରିପାରେନା।—

ଲେଖିକା—ଶୈଳବାଳା ମହାନ୍ତି

ଅକଣରେ ତାସ ହସୁଥିଲା—ଜହ୍ନର ଡଳେ ଛପି ଛପି ଜହ୍ନମାମୁଁ ଟିକିଟୁଅଟି ପରି ଲୁଚକାଳି ଖେଳୁଥିଲା।—ପବନ ଗୀତରେ ବାଜାବଜାଇ ମଳୟ ଗାଉଥିଲା ଗୀତ—।

ସୁବ୍ରତ କହିଲା—

"ସମୁବାବୁ, ହୃଦୟହୀନ ଅତୀତର ମହତ୍ତ୍ୱ ଫେରାଇ ଅଣ—। ଦେବୀସମା କଲ୍ୟାଣୀକୁ ଅସମ୍ମାନିତା କରନାହିଁ, ତାର ସ୍ୱର୍ଗୀୟଦାନ ଏଇ ସୁନ୍ଦର ଶିଶୁଟିକୁ ମଣିଷକର।"

ସୁବ୍ରତ ଫେରି ଆସିଲା—। ସମୁ ନିର୍ବାକ ନିସ୍ପନ୍ଦ ପାଷାଣ ପରି ଦୂର ଗଗନକୁ ଚାହିଁ ରହିଥିଲା।

—❀—

Digitized by srujanika@gmail.com



# କଣାମାମୁଁ

## ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପୂର୍ବ ପ୍ରକାଶିତ ଅଂଶରୁ

ଟଳ୍ପ ମୁଖା ଦେଖିଲେ ... ଯେପରି ଥାନ୍ଗାଆ ଥିଏ ଥାଏ ନାହିଁ, ମାମୁଁ ସେହିପରି ଲୁଗିପାଣି ନଟ ଖାଇ ଗଛରେ ଜଗିଥିର ହୋଇ ମୋ କାନ ଧ’ଠା ଧ’ ଆଡେ ଧରି ଟେକୁଥାଏ ପୁଣି ଝୁଲିରେ ଦୁମ୍ ଦୁମ୍ କରି କଚୁଡ଼ିବାରେ ଲାଗିଥାଏ । କୈଆଁ ଖାଇଖାଇ ମୁଁ ତ ନାକେ ଦମ୍ । ବୁଢ଼ୀ ଆମ ଦଣ୍ଡ ଦେଖି ହେଲା ତ ବଡ଼ ଖୁସିଟାଏ ହୋଇ ଥିଲା, ମାତ୍ର ଦଣ୍ଡର ପରିଣମନ ଏତେ-ବେଳେ ଜାଣିପାରି, ଧାଇଁ ଆସି କଣା ମାମୁଁର ହାତ ଧରି ପକାଇ କହିଲା "ହୀ ହୀ—ଆଉରେ ଥାଉ— ବାଇଆଟା ପିଲାଟେକି, ଯେତିକି କରିଥିଲା, ତା ଠିକ୍ ସେତିକି ପାଇଲେଣି—ଏଥର ଛାଡ଼ିଦେ ତାଙ୍କୁ । ବୁଢ଼ୀ କଥାରେ ମାମୁଁ ମୋତେ ଛାଡ଼ି ଦେଲାରୁ ମୁଁ ତ୍ରାହି ପାଇଲି । ତେଣେ କ୍ରୁଦ୍ଧ ହୋଇ ବୁଢ଼ୀ ଚିଆଁ ନଲଇ "ଅଁ’ରେ ବଗୁଲିଆଟା ଓହ୍ଲାଇ ଆ, କେହି କିଛି କହିବେ ନାହିଁ କହି କହି ଗଛ ମୂଳକୁ କୁଣ୍ଢାଇ ‘ନ ପଡ଼ୀ ନ ଡରୋ’ । ଯେତେ ଡ଼ାକିଲେ ବି ଆସିଲା ବାଲୁ ନାହିଁ । ଶେଷେ ମାମୁଁ ବି ଡାକିଲେ ‘ଅଣ୍ଟିନା ଓହ୍ଲାଇ’ । ତଥାପି ସେ ମୂର୍ଖବତ୍ । ବିରକ୍ତ ହୋଇ ମାମୁଁ ସ୍ୱୟଂ ଗଛକୁ ଚଢ଼ି ଦେଖିଲା ବେଳକୁ ଗଛ ଡାଳରେ ତାର ଦୁଇ ହାତର ଆଙ୍ଗୁଠି ପଡ଼ି ଗଲାଣି—ହୁସ୍ ନାହିଁ ଅଥଚ ଭଟ ମଠ କରି ଅଟକିଛି । କଣାମାମୁଁ ତାର ହାତ ଖୋଲି ଟେକିଟାକି ତଳ ତଳକୁ ଆଣିଲେ । ବୁଢ଼ୀ ତରବରହୋଇ ପାଣି ଯାଏ ଆଣି ଲୋଟାଏ ଆଣି, ତା ମୁହଁରେ ଟେଳା ଟେଳା ଛାଟିବାରୁ କେତେ ଡାକ୍ତରଙ୍କ ପାଇ ... ହେଲା । କଣାମାମୁଁ ଏଥିରେ କହୁଥାଏ ସେ ହୁଟୁମାରେ ବେଗଲେଇ ହେଉଛି । ସେ ସାହାହେଉ ମାମୁଁ ଅଡ଼ୁକିତ୍ ଅଧିକ ଜାଗ-ଧାନ ନ ଦେଖାଇ ହଲେ ହଲେ ସେଠୁ ଖସିଲେ । ବୋଧହୁଏ ଧୋଇପାରି ହୋଇ ଲାଗାପାଉଥି ବାଳୁ । ଅଟେ ବି ସେ ଦିନଠା ପାଇଁ ପାର ପାଇଲୁଁ । ଗୋଟାଏ ଶନିଦଶା କଟିଗଲା । ସେ ଗୁଲି ଲେ’ଛୁ, ସ୍ବର ଅଡ଼କୁ ?ରେ କଣ୍ଠ ମାତ୍ର ମୁଁ କହିପାରି ହାତରେ ଧୀରେ ଧୀରେ ଖଲମିଲ ଦଉଡ଼ିପରି ସେଠୁ ବାହାରିଲି । କେହି କାହାରିକୁ କିଛି କହି ବାକୁନାହିଁ । କିଛିକ୍ଷଣ ରହି ମୁଁ କହିଲି; "ଏ, ଦୁଷ୍ଟଭାଇ, ତୁ ଯାହା ଖସିଗଲୁ ! ମୁହିଁ ଏକା ପଡ଼ିଗଲି ତା ପାଲରେ ।" କ୍ରୁଦ୍ଧ ହୋଇ ବୋଧହୁଏ କଥା କହିବାର ଶକ୍ତି ନଥିଲା, କିବା ଏଥିରେ ଅଉ କହିବାକୁ ଥ କଥା କିଛି ନଥିଲା । ସେ କିଛି ନକହି ମୋ ଆଡ଼କୁ ଚାହିଁ ଖାଲି ଟିକିଏ ହସିଲା । କାଲି ଠାରୁ କାଲି ମା’ ଜାଣିଲାପରେ ମୁଁ ବି ଟିକିଏ ହସିଦେଲି । ବାପ୍, ଏତକି ।

କଣାମାମୁଁ ଯେପରି ଆମକୁ ଛକୁଥାଏ, ଆମେବି ତାଙ୍କୁ ଛକି ପାଡ଼ିବାରେ କଣା ମଙ୍ଗରୁତ ନୋହୁଁ । ଆମ ସ୍କୁଲ ତରଣୀକୁ ସେ ନଜରେ ଦେଇ ସ୍କୁଲର ବେଳକୁ ଆମେ ବି ତା ଗତ ଗ୍ରତକୁ ଗୁଇନ୍ଦା ଲଗାଇଥାଉଁ । ତେ ଗୋଟାଏ ବାଘ ବକରୀ ଖେଳ । ତଫାତ ଏତିକି ଯେ, ସେ କେତେବେଳେ କିମିତି ଆସି ହାବୁଡ଼ିଯାଏ, ମାତ୍ର ଆମେ ହଇଧଇ ତା ଗତିବିଧିକୁ ଲକ୍ଷ୍ୟଖି ରହୁଥାଉଁ ।

ଦିନେ କଣ ହେଲା କି, ଆମ ଟବର ପାଇଲୁ ଯେ, ପାଗ ... ହୋଇ କୁଆଡେ଼ ଯାଇଛି । ଆମ୍ଭମାନେ ତେଣୁ ଗୋଟାଏ ଉତ୍ସବ ଲଗିଲେ । ... ଯେପରି ଜେ୍ର ଯୂର୍ଯ୍ୟ ନାହାନ୍ତି, ... ଆମକୁ ଲାଗିଲେ । ମଝିରେ ମଝିରେ ଏହି ଦିନ ଆମ ଭାଗ୍ୟରେ ଘଟିଥାଏ । ତାହା ନୋହୁଥିଲେ ଆମେ ବଞ୍ଚନ୍ତୁ ନାହିଁ ପରା । ସେଦିନ ମହାପାତ୍ରଙ୍କ ଘର ଦାଣ୍ଡ ପୋଖରୀରେ ମେଳା ଲଗିଲେ । ଗଧିଆ ପାଧିଆ ହେଲେ । ଯୋଡ଼ିଏ, ଦୁଇ ତିନି, ଛଅଟି, ଏହିପରି ଦୁହିଁ ତିହିଁ ଦଶ ପନର ଆସି ଜୁଟିଲେ । କିଏ କାହାକୁ କାଦୁଅ ଫୋପାଡ଼ୁଛି, କିଏ ମାଛ ଅଣ୍ଡାଳୁଛି, କିଏ ଏଣ୍ଡୁଲା ମାଛ ଧରି ଏଠୁ ଦୁଇ ସେଠି ଉଠୁଛି, କିଏ ତଳ ପହଁରା ଦେଉଛି, କିଏ ହାତଠେକି ବିରିକି ନାକ ବୁଡ଼ ପଡ଼ି ତଳୁ ମାଟି ଅଣୁଛି । କିଏ ଗୋଡ଼ ଦୁଇଟା ପାଣି ଉପରକୁ ଟେକିଦେଇ ପାଣିତଳେ ଦୁବହାତରେ ସ୍କୁଲ ସ୍କୁଲ ପାଇ ପାଣିକିଆ ହେଉଛି । ଅଉ କେତେଜଣ ସିଙ୍ଘାଣିଆ ସିଙ୍ଘାଣିଆ ମିଶି ଶଙ୍ଖଲୁ—ବାଲିଅ ଖେଳୁଛନ୍ତି । ଆମର ଉତ୍ପାତ ଦେଖେ କିଏ ! ପୋଖରୀ ପାଣି ସେ ଦୁଲମାଦୁଲରେ ଲଜ୍ଜିଟ ପାଜିଟ ହୋଇଗଲାଣି । ... ଉପରେ ତ ପାଣି ତଳେ । ସେ କଣେ ଅଧେ ଆସି ଅଉ ଉପରୁ ହାକି ଦେଉଛନ୍ତି ବା ଧମକାଉଛନ୍ତି ତାଙ୍କ କଥା ପଡ଼ିବାରେ ପଡ଼ିବାକୁ ନାହିଁ । [ କ୍ରମଶଃ ]

---

### ନଗର ପୂଜା ଛୁଟି

ପୂଜା ଛୁଟିରେ ପ୍ରେସ ବନ୍ଦ ରହିବ । ତେଣୁ ନଗର ତାର ପାଠକ ପାଠିକା ମାନଙ୍କ ଠାରୁ ଗୋଟିଏ ସପ୍ତାହ ପାଇଁ ମେଲାଣି ମାଗୁଛି । ଆସନ୍ତା ସଂଖ୍ୟା ୨୭ । ୧୦ ରେ ନ ବାହାରି ୩ । ୧୧ ରେ ବାହାରିବ । ଇତି ।

ନଗରର ପକ୍ଷ ସୂଚନା ବିଭାଗ

Digitized by srujanika@gmail.com

# ସା ପ୍ର

## ଦେଶ

ବିଧାୟକ ସଭା ଭାରତ ପାଇଁ ଏକ ଶାସନ ବିଧାନର ଖସଡ଼ା କରିବା ନିମନ୍ତେ ଯେଉଁ କମିଟି ବସାଇଥିଲେ ସେ କମିଟି ଖସଡ଼ା ପ୍ରସ୍ତୁତ କରିଥିବାର ଜଣାଯାଏ । ଖସଡ଼ାଟି ୨୪୦ ଭାଗରେ ବିଭକ୍ତ । ଏହି ଖସଡ଼ାର ପ୍ରସ୍ତାବନାରେ ଲିଖିତ ଅଛି—"ଆମେ ଭାରତର ଲୋକେ ସର୍ବସାଧାରଣଙ୍କ ହିତାର୍ଥେ ଏତଦ୍ୱାରା ଆମର ମନୋନୀତ ପ୍ରତିନିଧିଙ୍କ ଦ୍ୱାରା ଏହି ଶାସନ ବିଧାନକୁ ବିଧିବଦ୍ଧ କରୁଛୁ, ଗ୍ରହଣ ଏବଂ ସମର୍ଥନ ମଧ୍ୟ କରୁଛୁ ।" ଏହି ବିଧାନର ମୋଟାମୋଟି ରୂପ ରେଖାରେ—ଭାରତ ଏକ ସଂଯୁକ୍ତ ରାଷ୍ଟ୍ର ରୂପେ ପରିଚିତ ହେବ । ଏହାର ପ୍ରତ୍ୟେକ ଅଂଶ ଯଥା, ଗଭର୍ଣ୍ଣର ଶାସିତ ଓ ଚିଫ୍ କମିଶନର ଶାସିତ ପ୍ରଦେଶ ଏବଂ ଦେଶୀୟ ରାଜ୍ୟମାନ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରାଷ୍ଟ୍ର ଆଖ୍ୟା ପାଇବେ । ଏହି ସଂଯୁକ୍ତ ରାଷ୍ଟ୍ରର ଲକ୍ଷ୍ୟ ହେବ—[୧] ନାଗରିକ ନିର୍ବିଶେଷରେ ଯଥେଷ୍ଟ ଜୀବିକାର୍ଜନର ଅଧିକାର [୨] ସମସ୍ତ ସମାଜର ଉପଯୋଗୀ ଦ୍ରବ୍ୟ ଓ ତାହାର ନିର୍ମାଣ ଉପାୟ ସାଧନାଦିର ଅଧିକାର ଓ ନିୟନ୍ତ୍ରଣ ଯେପରି ଅଧିକ ସମ୍ଭବ ସାଧାରଣଙ୍କ ସେବା ଓ ମଙ୍ଗଳ ଦୃଷ୍ଟିରୁ ବଣ୍ଟନ କରାଯିବ ଏବଂ ଅତ୍ୟାବଶ୍ୟକୀୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଓ ଅଧିକତ୍ୱ ଧନର ନ୍ୟସ୍ତ ହେବ ଯେପରି କି ଅବାଧ ପ୍ରତିଯୋଗିତା ଫଳରେ ମୁଷ୍ଟିମେୟ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ଲୋକଙ୍କର ଅପକାର ନକରେ [୩] ଏକ କାମ ପାଇଁ ସ୍ତ୍ରୀ ପୁରୁଷ ଉଭୟଙ୍କର ଏକ ଦରମା, କି ସ୍ତ୍ରୀ କି ପୁରୁଷ ଏବଂ ଅଳ୍ପବୟସ୍କ ବାଳକର ସ୍ୱାସ୍ଥ୍ୟ ଓ ବଳର ଯେପରି ଅପବ୍ୟବହାର ନ ହୁଏ ଏବଂ ଆର୍ଥିକ ଅଭାବ ଯୋଗୁଁ ରାଷ୍ଟ୍ରର ନାଗରିକକୁ କୌଣସି କର୍ମରେ ନିଯୋଗ କରିବା ପାଇଁ ବାଧ୍ୟ ନକରେ ଏବଂ ମନୁଷ୍ୟର ଶୈଶବ ଓ ଯୌବନ ଯେପରି ଶୋଷଣରୁ ତଥା ନୈତିକ ଓ ଭୌତିକ ସର୍ବନାଶରୁ ସୁରକ୍ଷିତ ହୁଏ । ରାଷ୍ଟ୍ରର ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ବାର୍ଦ୍ଧକ୍ୟ, ପୀଡ଼ା, ଅକ୍ଷମତା ପାଇଁ ବ୍ୟବସ୍ଥା ରହିବ । ମଜୁରି ଓ ମାତୃମଙ୍ଗଳ ମନବୋଚିତ ଅବସ୍ଥାକୁ ଆଣିବ । ୧୪ ବର୍ଷ ଯାଏ ପ୍ରତ୍ୟେକ ବାଳକ ବାଧ୍ୟତାମୂଳକ ଓ ଅବୈତନିକ ଶିକ୍ଷା ପାଇବେ । ସମାଜର ଦୁର୍ବଳ ଶ୍ରେଣୀ ବିଶେଷତଃ ହରିଜନ ଓ ଆଦିମ ଅଧିବାସୀଙ୍କ ପ୍ରତି ବିଶେଷ ଯତ୍ନ ନିଆଯିବ । ଲୋକଙ୍କର ପୁଷ୍ଟିକାରିତାର ମାତ୍ରା ଓ ବଞ୍ଚିବାର ମାନ ବୃଦ୍ଧି କରିବା ରାଷ୍ଟ୍ରର ସର୍ବ ପ୍ରଥମ ଦାୟିତ୍ୱ ହେବ ।

ଆନ୍ତର୍ଜାତୀୟ ବ୍ୟାପାରରେ ରାଷ୍ଟ୍ର ଅନ୍ୟାନ୍ୟ ରାଷ୍ଟ୍ର ସହ ନ୍ୟାୟ ସଂଗତ ସମ୍ମାନଜନକ ତଥା ଖୋଲା ଖୋଲି ସଂପର୍କ ରଖିବା ପାଇଁ ଆନ୍ତର୍ଜାତୀୟ ନିୟମ ଶୃଙ୍ଖଳା ମାନିବ ଏବଂ ସନ୍ଧି ସର୍ତ୍ତାଦିକୁ ପାଳନ କରିବ ।

ରାଷ୍ଟ୍ରର କୌଣସି ଅଂଶ ବା ସମଗ୍ର ଅଞ୍ଚଳ ପାଇଁ ସୀମାଧିକୃତ କ୍ଷମତା ସଂବନ୍ଧୀୟ ଆଇନ ମଧ୍ୟ ଯୁକ୍ତ ରାଷ୍ଟ୍ର ବ୍ୟବସ୍ଥା ସଭା ପ୍ରଣୟନ କରି ପାରିବେ । ସଂଯୁକ୍ତ ରାଷ୍ଟ୍ରର ତଫସିଲ ଭୁକ୍ତ ବିଷୟ ମାନଙ୍କ ସମ୍ବନ୍ଧରେ ପ୍ରାଦେଶିକ ବ୍ୟବସ୍ଥା ସଭା ଆଇନ କରିପାରିବେ ନାହିଁ ।

ବିଧାନ କାର୍ଯ୍ୟକାରୀ ହେବା ତାରିଖରେ ଯେଉଁ ଲୋକ ନିଜେ ତାର ପିତା ମାତା କିମ୍ବା ପିତାମାତାମହର ଜନ୍ମସ୍ଥାନ ଯୁକ୍ତ ରାଷ୍ଟ୍ର ମଧ୍ୟରେ ଥିବ କିମ୍ବା ଡମିସାଇଲ ହୋଇଥିବ ସେ ଭାରତୀୟ ନାଗରିକ ଅଧିକାର ପାଇବ । ଯେ ଅନ୍ୟ ରାଷ୍ଟ୍ରର ନାଗରିକ ହେବାରୁ ଥିବ ଭାରତୀୟ ନାଗରିକ ହେବାର ଅଧିକାରକୁ ସେ ପ୍ରତ୍ୟାହାର କରିପାରେ । ଯିଏ ଅନ୍ୟ କୌଣସି ବିଦେଶୀ ରାଷ୍ଟ୍ର ପ୍ରତି ଅନୁରକ୍ତ ଥିବାର ସ୍ୱୀକାର କରୁଥିବେ କିମ୍ବା ଅନ୍ୟ ଦେଶର ନାଗରିକ ଥିବେ ବା ଅନ୍ୟ ଦେଶର ନାଗରିକ ସୁବିଧା ପାଉଥିବେ ସେ ଯୁକ୍ତରାଷ୍ଟ୍ର ବ୍ୟବସ୍ଥା ପରିଷଦରେ ସଭ୍ୟ ହୋଇ ପାରିବେ ନାହିଁ ।

ଶାସନ ବିଧାନ କାର୍ଯ୍ୟକାରୀ ହେବାଯାଏ ବିଧାୟକ ସଭାକୁ ଶାସନର ସମସ୍ତ କ୍ଷମତା ଦିଆଯାଉଛି । ପ୍ରଦେଶ ମାନଙ୍କରେ ମଧ୍ୟ ଅସ୍ଥାୟୀ ଭାବେ ଓ ବ୍ୟବସ୍ଥା ପରିଷଦ ସାଧାରଣ ନିର୍ବାଚନ ଯାଏ ସମସ୍ତ ଶାସନ କ୍ଷମତା ଭୋଗ କରି ପାରିବେ । ସୁତରାଂ ଏ ବ୍ୟବସ୍ଥା ପୂର୍ବପରି ରହିବ । କେନ୍ଦ୍ର ବା ପ୍ରାଦେଶିକ ମନ୍ତ୍ରୀ ପଦ ସମ୍ରାଟଙ୍କ ଅଧୀନସ୍ଥ ହୋଇ ଗଣ୍ୟ ହେବ ନାହିଁ ।

ବିଧାନ ପ୍ରଚଳନର ଦଶବର୍ଷ ପରେ ବିଧାନର ପରିବର୍ତ୍ତନ ହୋଇ ପାରିବ । ସେ ସ୍ଥଳରେ କେନ୍ଦ୍ରର ଉଭୟ ବ୍ୟବସ୍ଥା ସଭାରେ ସଂଶୋଧନ ପ୍ରସ୍ତାବ ତିନ ଚତୁର୍ଥାଂଶ ଅଧିକ ମତରେ ଗୃହୀତ ହେବା ଆବଶ୍ୟକ ।

ଆସନ୍ତା ଡିସେମ୍ବରରେ ବୈଧାନିକ ସଭା ଅଧିବେଶନରେ ଏହି ବିଧାନ ଖସଡ଼ା ବିଚାର ହେବ ।

ପାକିସ୍ଥାନ ଓ ଭାରତ ମଧ୍ୟରେ ପଳାତକ ସମସ୍ୟା ଯେଉଁ ରୂପ ବାଦାନୁବାଦ ସୃଷ୍ଟି । ଲିଆକତ୍ ଓ ପଣ୍ଡିତଙ୍କ ମଧ୍ୟରେ ବାକ୍ୟ ବାଣ ବିନିମୟ ହୋଇଛି । ପାକିସ୍ଥାନ ସରକାର ଏ ସମ୍ବନ୍ଧରେ ଭାରତ ସହିତ ଯେଉଁ ଚୁକ୍ତି କରିଛନ୍ତି ତାହା ତଥିକାର ଅଫିସର ମାନେ ପାଳନ କରୁ ନାହାନ୍ତି । ସୀମାନ୍ତରେ ଅମୁସଲମାନଙ୍କ ଅବସ୍ଥା ବି ଆଶଙ୍କା ଜନକ ହୋଇଛି ।

ଜୁନାଗଡ଼ ଯେଉଁ କୌଣସି ନିଷ୍ପତ୍ତି ସଂଗତ ହୋଇ ନାହିଁ । ଜନମତ ଦ୍ୱାରା ଜୁନାଗଡ଼ ପାକିସ୍ଥାନ ବା ଭାରତ ଅନ୍ତର୍ଭୁକ୍ତ ହେବା ସ୍ଥିର ହେବ ବୋଲି ପାକିସ୍ଥାନ ସରକାର ପାଖରେ ବୋଲି ଜଣା ଯାଇଥିଲା । ପୁଣି ଶୁଣାଗଲା ଯେ ଆଧା ଷ-ଦାର ତାନର ପ୍ରଭୃତ ପଦାର୍ଥ ବାଣ୍ଟିଲେ ଭାରତ ଏହି ସାମିଲ କରିଲେ ଯେବେ ଜୁନାଗଡ଼ର ଲୋକମତ ଗ୍ରହଣ କରିଯିବାରୁ ପାକିସ୍ଥାନ ସତ । ଭାରତ ସରକାର ଏପରି ପ୍ରସ୍ତାବ ଏକାବେଳକେ ଅଗ୍ରାହ୍ୟ କରିଥିଲେ । ଏବେ ଜୁନାଗଡ଼କୁ ୮୦୦ ପାକିସ୍ଥାନୀ ସୈନ୍ୟ ବ୍ୟକ୍ତିଗତ ଭାବରେ ଯାଉଛନ୍ତି । ସେଠି ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଯୋଗା ଯାଉଛି । ଏଣେ ଭାରତ ସରକାର ପାକିସ୍ଥାନ ସରକାରଙ୍କୁ ଜୁନାଗଡ଼ରେ ଜନମତ ନେବା ପାଇଁ ଯେଉଁ ଚିଠି ଦେଇଥିଲେ ତାର ଉତ୍ତର ପାକିସ୍ଥାନ ଦେଇ ନାହାନ୍ତି । ଭାରତ ସରକାରଙ୍କ ଅଧିକାଂଶ ଚିଠିର ଜବାବ ପାକିସ୍ଥାନରୁ ମିଳୁନାହିଁ । ଭାରତ ସରକାରଙ୍କ ମତ ହେଉଛି ଯେ ଯେଉଁ ରାଜ୍ୟ ଯେଉଁ ଡୋମିନିୟନର ସୀମାରେ ଥିବ ସେ ସେହି ଡୋମିନିୟନ ଭୁକ୍ତ ହୋଇପାରେ । ସେଥିପାଇଁ ଭାରତ ସରକାର ବଡ଼ା ଜଳମୁଖ ରାଜ୍ୟ ପାକିସ୍ଥାନକୁ ଯିବାରେ ଆପତ୍ତି ଉଠାଇ ନାହାନ୍ତି ।

ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶସ୍ଥ ଉପଜାତି ପାକିସ୍ଥାନର ପ୍ରବେଶ ପଥ ସ୍ୱୀକାର କରିଛନ୍ତି । ଏହି ସୀମାନ୍ତର ଉତ୍ତରରେ ଅଛି ଋଷ ଭୂମି । ଏଠାରେ ଋଷ, ଚୀନ, ଆଫଗାନ ସ୍ଥାନର ସୀମା ମିଶିଛି, ଫଳରେ ସୀମାନ୍ତର ପାକିସ୍ଥାନ ସରକାର ଖୁବ୍ ଦୃଢ଼ ହୋଇଛନ୍ତି । ପାକିସ୍ଥାନ ସରକାର ଇପିର ଫକୀରଙ୍କୁ ମାଫି ଦେଇ ତାଙ୍କୁ ପାକିସ୍ଥାନର ନାଗରିକ ରୂପେ ବାସ କରିବାକୁ ଆହ୍ୱାନ କରିଛନ୍ତି । ଇପିର ଫକୀର ଜଣେ ପୃଥ୍ୱୀ ବିଖ୍ୟାତ ଲୋକ । ତାଙ୍କ ଶୁଦ୍ଧନାମ ମିର୍ଜା ଅଲିଖାଁ । ଓ୍ୟାଜିର ନାମକ ଉପଜାତି ଭିତର ଧର୍ମ ଗୁରୁ ସେ । ବ୍ରିଟିଶ ଅଧିକାରୀଙ୍କୁ ଉପେକ୍ଷା କରି ସେ ବହୁବର୍ଷ ହେଲା ସୁରୁବୁ କର୍ଯରେ

Digitized by srujanika@gmail.com

# ସ୍ୱ କୀ

ତାଙ୍କ ଅସ୍ଥାନ ଜମାଇ ଥାଆନ୍ତି । ସୀମାନ୍ତର ଏହି ଦୁଇଟି ଦେଶୀୟ ରାଜ୍ୟ ସ୍ୱାଟ ଓ ଚିତ୍ରାଲ ଉଭୟ ମଧ୍ୟରେ ପାକସ୍ଥାନ ଅନ୍ତର୍ଭୁକ୍ତ ହେବେ । ମାନକି ଶରିଫଙ୍କ ପୀର ସାହେବ ମୁସଲମ୍ ଲିଗ ପକ୍ଷରୁ ସେ ଅଞ୍ଚଳରେ ପ୍ରଚାର କରୁଛନ୍ତି । ତାଙ୍କର ଏହି ଉପାନ୍ତ ଜାତି ଉପରେ ପ୍ରଭାବ ଅଛି । ସୀମାନ୍ତରେ ଏହି ଉପାନ୍ତ ଏଜେନ୍‌ସି ପାଞ୍ଚ—ଖାଇବର, କୁରାମ ମାଲକନ୍ଦ, ଉତ୍ତର ଓ ଦକ୍ଷିଣ ୱାଜିରି ସ୍ଥାନ । ଦେଶୀୟ ରାଜ୍ୟ ପରେ ଏ ସବୁର କ୍ରମେ ପାକସ୍ଥାନରେ ମିଶି ଯିବାର ଆଶା କରା ଯାଉଛି । ତାହା ହେଲେ ଅଫଗାନ ଓ ପାକସ୍ଥାନର ଗୋଟିଏ ସୀମା ହେବ ।

ହାଇଦ୍ରାବାଦର ପ୍ରଧାନ ମନ୍ତ୍ରୀ ଛତାରୀର ନବାବ ଦିଲ୍ଲୀରୁ ନିଜାମଙ୍କ ପାଖକୁ ଫେରିଛନ୍ତି । ଗୋଟିଏ ଚୁକ୍ତି ହୋଇଥିବାର ଜଣା ଯାଉଛି । ହାଇଦ୍ରାବାଦ ପ୍ରବେଶ ପତ୍ର ସହି ନ କରି ସହଯୋଗ ପତ୍ର ସହି କରିବ । ଅର୍ଥାତ ଅନ୍ୟାନ୍ୟ ରାଜା ମାନଙ୍କ ପରି ତାର ଚୁକ୍ତି ପତ୍ରର ନାମ ପ୍ରବେଶ ପତ୍ର ହେବ ନାହିଁ । ଅନ୍ୟାନ୍ୟ ରାଜ୍ୟପରି ସେ ଯାତାୟାତ ରାଜ୍ୟରକ୍ଷା ଓ ବୈଦେଶିକ ବିଭାଗ ଦାୟିତ୍ୱ ଛାଡ଼ି, ସରକାର ହାତରେ ଦେବ ତଥାପି ବୈଦେଶିକ ବିଷୟରେ ବାଣିଜ୍ୟ ସମ୍ପର୍କ ସେ କେତେକ ରାଷ୍ଟ୍ର ସହିତ ସ୍ୱତନ୍ତ୍ର ରଖି ପାରିବ ବୋଲି ଦାବି କରୁଛନ୍ତି । [illegible] ତାଙ୍କର ଦୂତାବାସ ମଧ୍ୟରେ ଓ ଅଧୀନରେ ସ୍ୱତନ୍ତ୍ର ବାଣିଜ୍ୟ ଅଫିସ ହାଇଦ୍ରାବାଦ ରଖି ପାରନ୍ତି ବୋଲି ରାଜି ହୋଇଛନ୍ତି । ନିଜାମ ଏ ସର୍ତ୍ତ ମାନ ସହି କଲେ ହାଇଦ୍ରାବାଦ ସମସ୍ୟା ଛିଡ଼ିବ ।

ମହୀଶୂରର ଷ୍ଟେଟ କଂଗ୍ରେସ ସହିତ ରାଜାଙ୍କର ଚୁକ୍ତି ହୋଇ ଯାଇଛି । ତଦନୁସାରେ ସତ୍ୟାଗ୍ରହ ବନ୍ଦ ହୋଇଛି । ପୁରୁଣା ମନ୍ତ୍ରୀମଣ୍ଡଳ ଭାଙ୍ଗି ଷ୍ଟେଟ କଂଗ୍ରେସ ଅଧୀନରେ ନୂଆ ମନ୍ତ୍ରୀ ମଣ୍ଡଳ ଗଢ଼ାହେବ । ଏଥିରେ ଷ୍ଟେଟ କଂଗ୍ରେସ ୭ଜଣ ମନ୍ତ୍ରୀ ଓ ଅନ୍ୟାନ୍ୟ ଦଳରୁ ୩ଜଣ ମନ୍ତ୍ରୀ ରହିବେ । ଦେୱାନ ମନ୍ତ୍ରୀ ମଣ୍ଡଳ ବାହାରେ ରହିଲେ ମଧ୍ୟ ସେ ମନ୍ତ୍ରୀ ମଣ୍ଡଳ ସୁପାରିଶ ମାନିବାକୁ ବାଧ୍ୟ ହେବେ । ମନ୍ତ୍ରୀମଣ୍ଡଳ ବ୍ୟବସ୍ଥା ସଭା ପ୍ରତି ଉତ୍ତର ଦାୟୀ ରହିବେ । ଏବଂ ମଣ୍ଡଳର ମିଳିତ ଦାୟିତ୍ୱ ରହିବ । ଏହି ମଧ୍ୟବର୍ତ୍ତୀ ମନ୍ତ୍ରୀ ମଣ୍ଡଳ ଉପରେ ଶାସନ ତନ୍ତ୍ର ସଭା ଡାକିବାର ଭାର ରହିବ । ରାଜାଙ୍କ ଛତ୍ରତଳେ ଏକ ସ୍ୱାଧୀନ ଗଣତନ୍ତ୍ର—ସାବାଳକ ଭୋଟ କ୍ରମେ ପ୍ରତିଷ୍ଠା କରିବା ଉକ୍ତ ଶାସନର ଲକ୍ଷ୍ୟ ହେବ ।

ଅନ୍ତର୍ଜାତୀୟ ଶ୍ରମିକ ସଂଘ ( I. L. O. ) ର ଏସିଆଖଣ୍ଡ ଅଂଶର ଅଧିବେଶନ ଦିଲ୍ଲୀରେ ୨୭ ତାରିଖରେ ବସିବ । [illegible] ଉଦ୍‌ଘାଟନ କରିବେ ଓ ନେହେରୁଙ୍କ ଭାଷଣ ହେବ । ପ୍ରାୟ ୨୦ଟି ଏସିଆ ଖଣ୍ଡର ରାଷ୍ଟ୍ର ଏଥିରେ ଯୋଗ ଦେବେ ଏବଂ ପ୍ରାୟ ୪୦୦ ଲୋକ ଯୋଗ ଦେବେ । ମିଳିତ ଜାତି ସଂଘ ମିଳିତ ଜାତିଙ୍କର ଅର୍ଥନୈତିକ ସାମାଜିକ ସଂଘ, ଅନ୍ତର୍ଜାତୀୟ ଅର୍ଥନୀତି ସଂଘ, ପୃଥିବୀ ସ୍ୱାସ୍ଥ୍ୟସଂଘ ଓ ଅସ୍ଥାୟୀ କମିଶନ, ପୁନର୍ଗଠନ ପାଇଁ ଅନ୍ତର୍ଜାତିକ ବ୍ୟାଙ୍କ ଏବଂ ଅନ୍ୟ ଦେଶର ବିଶେଷ ପ୍ରତିନିଧି ମାନେ ଯୋଗ ଦେବେ ।

## ବିଦେଶୀ

ପାଲେଷ୍ଟାଇନ ସମସ୍ୟା ଚରମ ସଙ୍କଟପୂର୍ଣ୍ଣ ହୋଇ ଉଠିଛି । ମିଳିତ ଜାତି ସଂଘରେ ପାଲେଷ୍ଟାଇନ ବିଭାଗକୁ ରୁଷ ଓ ଆମେରିକା ସମର୍ଥନ କରିଛନ୍ତି । ଭାରତର ପ୍ରତିନିଧି ବିଜୟଲକ୍ଷ୍ମୀ କହିଛନ୍ତି ଯେ ମଧ୍ୟ ପ୍ରାଚ୍ୟର ବାସସ୍ଥାନ ସମସ୍ୟା ଉପନିବେଶର ଦାସ ନୁହେଁ, ଏହା ସ୍ୱତନ୍ତ୍ର ସମସ୍ୟା । ତାକୁ ଭାରତ ସମସ୍ୟା ସହିତ ସଂଯୋଗ କରିବା ଅନୁଚିତ । କେତେକ ଆରବ ମାନେ ଯୁଦ୍ଧ କରିବେ ବୋଲି ପ୍ରସ୍ତୁତ ହେଉଛନ୍ତି । ମିଶର ଓ ସିରିଆ ପ୍ରଭୃତି ଆରବ ଦେଶ ଆରବ ମାନଙ୍କୁ ସାହାଯ୍ୟ କରିବେ ଓ ଦରକାର ହେଲେ ମିଳିତ ଜାତି ସହିତ ସଂଘର୍ଷ କରିବାକୁ ପ୍ରସ୍ତୁତ ବୋଲି ଘୋଷଣା କରିଛନ୍ତି । ଇହୁଦୀମାନେ ମଧ୍ୟ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିବାର ଜଣାଯାଏ । ପାଲେଷ୍ଟାଇନରେ ଆମେରିକା ଦୂତାବାସ ଉପରେ ବୋମା ବିସ୍ଫୋରଣ ଘଟିଛି । ଅନ୍ୟାନ୍ୟ ଦୂତାବାସ ମଧ୍ୟ ଅଶାନ୍ତ ହେଉଛନ୍ତି ।

ମିଳିତ ଜାତି ସଙ୍ଘ ନିକ୍ଷେପାଧିକାର (ଟ୍ରଷ୍ଟିଶିପ) କମିଟିରେ ଭାରତର ଗୋଟିଏ ପ୍ରସ୍ତାବ ଗୃହୀତ ହୋଇଛି । ତଦନୁସାରେ ମିଳିତଜାତି ସଂଘ ସଂପୃକ୍ତ ଯେଉଁ ସବୁଦେଶ ସ୍ୱାୟତ୍ତଶାସନହୀନ ରାଷ୍ଟ୍ର ମାନଙ୍କର ଶାସନ ଦାୟିତ୍ୱ ନେଇଛନ୍ତି ସେମାନେ ଯଦି ସ୍ୱାୟତ୍ତଶାସନହୀନ ରାଷ୍ଟ୍ରମାନ ଯେତେ ଶୀଘ୍ର ସ୍ୱାଧୀନ ହେବାକୁ ପ୍ରସ୍ତୁତ ନ ଥାନ୍ତି ତେବେ ସେମାନଙ୍କ ସହ ନିକ୍ଷେପାଧିକାର ଚୁକ୍ତି କରି ରିପୋର୍ଟ ଦେବେ । ତାହା ହେଉଛି ସାଧାରଣ ଅଧିବେଶନ ଅଗ୍ରରେ । ଭାରତ ଏକ ପ୍ରସ୍ତାବ କରିବାକୁ ଚାହେଁ ଯେ ସାଧାରଣ ଅଧିବେଶନର ୭ ସପ୍ତାହ ପୂର୍ବରୁ ଗୋଟିଏ ବିଶେଷ କମିଟି ବସି ସ୍ୱାୟତ୍ତ ଶାସନରୁ ବଞ୍ଚିତ ରାଷ୍ଟ୍ରମାନଙ୍କ ସମ୍ବନ୍ଧରେ ଉପନିବେଶ ଅଧିକାରୀ ରାଷ୍ଟ୍ରମାନେ ଯେଉଁ ରିପୋର୍ଟ ଦେଇଥିବେ ତାହା ବିଚାର କରିବେ । ଭାରତର ଏ ପ୍ରସ୍ତାବ ମଧ୍ୟ ନିକ୍ଷେପାଧିକାର ସଭାରେ ଗୃହୀତ ହୋଇଛି । ତେଣୁ ତାହା ସାଧାରଣ ସଭାରେ ମଧ୍ୟ ପଡ଼ିବ ।

ଅଷ୍ଟ୍ରିଆ ସନ୍ଧିପତ୍ର ବିଷୟ ପାଇଁ ଅଷ୍ଟ୍ରିଆର ବର୍ତ୍ତମାନ ଅଧିକାରୀ ଚାରିଶକ୍ତି ଆମେରିକା, ରୁଷିଆ, ଫ୍ରାନ୍ସ, ଲଣ୍ଡନରେ ବସି ଅବୌ ଏକମତ ନହେବାରୁ ସ୍ଥଗିତ ରହିଛନ୍ତି । ୧୯୪୩ରେ ରୁଷ୍ ଆମେରିକା ଓ ବ୍ରିଟେନର ବୈଦେଶିକ ମନ୍ତ୍ରୀମାନେ ଚୁକ୍ତି କରି ଥିଲେ ଯେ ଅଷ୍ଟ୍ରିଆକୁ ଜର୍ମାନ ଜବରଦସ୍ତ ଗ୍ରାସ କରିଥିବାରୁ ତାକୁ ଶତ୍ରୁଦେଶ ବୋଲି ପରିଗଣିତ କରାଯିବ ନାହିଁ । ଅମେରିକାର ୭ମ ବାହିନୀ ଅଷ୍ଟ୍ରିଆକୁ ନାଜି କବଳରୁ ମୁକ୍ତ କରିବାବେଳେ ସ୍ୱୀକାର ମଧ୍ୟ କରିଥିଲେ ଯେ ଅଷ୍ଟ୍ରିଆ ତାକୁ ବହୁ ସାହାଯ୍ୟ କରିଛି । କିନ୍ତୁ ଯୁଦ୍ଧ ପରେ ଅଷ୍ଟ୍ରିଆ ପ୍ରତି ମିତ୍ର ଶକ୍ତିର ବ୍ୟବହାର ମିତ୍ରପରି ହେଉନାହିଁ; ପୋଟ୍‌ସଡ଼ାମରେ ଷ୍ଟାଲିନ ଟ୍ରୁମାନ ଓ ଆଟଲି ସିଦ୍ଧାନ୍ତ କରିଥିଲେ ଯେ ଶତ୍ରୁ ଜାତୀରେ ଯେଉଁଟି ଯେଉଁଠି ଯାହା ଜର୍ମାନ ସମ୍ପତ୍ତି ଅଛି ସେ ସବୁ କ୍ଷତିପୂରଣ ସ୍ୱରୂପେ ଦିଆଯିବ । ତାସଙ୍ଗରେ ଅଷ୍ଟ୍ରିଆକୁ ସେହି ଶତ୍ରୁରାଜ୍ୟ ରୂପେ ପରିଗଣିତ ମଧ୍ୟ କରାଗଲା । ଅଷ୍ଟ୍ରିଆକୁ ଜର୍ମାନ ନେବା ପୂର୍ବରୁ ଜର୍ମାନର ସମ୍ପତ୍ତିକୁ ମିତ୍ରଶକ୍ତି ନେବାରେ ଅଷ୍ଟ୍ରିଆ ଆପତ୍ତି କରେ ନାହିଁ । କିନ୍ତୁ ଯେଉଁ ଅଷ୍ଟ୍ରିଆ ସମ୍ପତ୍ତିକୁ ଜର୍ମାନ ଛଡ଼ାଇ ନେଇଥିଲା ଏବଂ ୧୯୩୮ର ଜର୍ମାନ ଦଖଲ ପରେ ଜର୍ମାନଯେଉଁ କଳକାରଖାନାଦି କରି ଥିଲା ସେ ସମସ୍ତକୁ ରୁଷ୍ ଗ୍ରାସ କରିବାକୁ ଚାହିଁବାରୁ ଅଷ୍ଟ୍ରିଆ ସରକାର ଉକ୍ତ ମଧ୍ୟରେ ୧୧ ପ୍ରକାର କଳ କାରଖାନାକୁ ସରକାରୀ ଖାସ୍ କରିନେଇଛନ୍ତି । ରୁଷ ସୈନ୍ୟ ଅଷ୍ଟ୍ରିଆ ସରକାରୀ ଲୋକଙ୍କୁ ରୁଷ ଅଧିକାର କରି ରଖିଥିବା କାରଖାନାରେ ଉକ୍ତ ଆଦେଶ ଜାରି କରିବାକୁ ଗଲାବେଳେ ବନ୍ଦୀ କରୁଛନ୍ତି । ବ୍ରିଟେନ ଓ ଆମେରିକା ଅଷ୍ଟ୍ରିଆ ସରକାରଙ୍କୁ ସମର୍ଥନ କରୁଛନ୍ତି । କିନ୍ତୁ ରୁଷ ମହାଜନଙ୍କ ଦତାକାନ୍ତି ଅଦାୟ କରିବାକୁ ଚାହେଁ ।

ଭିଏତ୍‌ନାମରେ ଫରାସୀମାନେ ପ୍ରବଳ ଆକ୍ରମଣ କରୁଛନ୍ତି । ଇନ୍ଦୋଚୀନ ଭିଏଟ୍‌ନାମ୍ ନେତା ହୋଚି ମିନ୍ ମିଳିତଜାତି ସଂଘରେ ଏକଥା ପକାଇବା ପାଇଁ ଭାରତକୁ ଅନୁରୋଧ କରିଛନ୍ତି । ଉକ୍ତ ମଧ୍ୟରେ ଫରାସୀ କ୍ରୀଡ଼ାପୁତ୍ତଳୀ ସରକାରର ପ୍ରଧାନ ମନ୍ତ୍ରୀ ଡାକ୍ତର [illegible] ତ୍ୟାଗ କରିଛନ୍ତି ।

ଚୀନରେ କମ୍ୟୁନିଷ୍ଟମାନେ ପ୍ରାୟ ସମସ୍ତ ମଞ୍ଚୁରିଆକୁ ଦଖଲ କରିସାରିଲେଣି । ଯାଙ୍କୀସ୍ ବାହିନୀ ଛେନୋଣ୍ଟ ପ୍ରଦେଶରେ ପ୍ରତିଆକ୍ରମଣ କରିଛନ୍ତି ।

ବର୍ମା ସ୍ୱାଧୀନତା ବିଲ ପାର୍ଲିମେଣ୍ଟରେ ପଠିତ ।

ପ୍ରଧାନମନ୍ତ୍ରୀ ଥାକିନ ନୁ ଲାଇଟ୍‌ଟୋଟେ ଲଣ୍ଡନ ଯାଇଛନ୍ତି ଇଂଲଣ୍ଡ ସହ ସନ୍ଧିସ୍ଥାପନ କରିବାକୁ ।

## ପ୍ରଦେଶ

ଅନ୍ତର୍ପ୍ରାଦେଶିକ ଫୁଟବଲଗେମ ପ୍ରତିଯୋଗିତାର ପ୍ରଥମଖେଳ ଓଡ଼ିଶା ଓ ବିହାର ମଧ୍ୟରେ ହୋଇଥିଲା । ଓଡ଼ିଆମାନେ ଉକ୍ତ ଖେଳ ୧ ର ମାତ୍ର ଗୋଟିଏ ଗୋଲ ହାରିଯାଇଛନ୍ତି ।

[illegible]ର ମୋଟ ୩୯୫ ସଦସ୍ୟରୁ ୧୧୫ ପ୍ରତିବାଦପତ୍ର ସ୍ୱାକ୍ଷର କରିଛନ୍ତି । ବାମଣ୍ଡାରେ ପ୍ରଜାମଣ୍ଡଳ କର୍ମୀଙ୍କ ଦଳ ଉପରେ ମାଡ ହୋଇଛି । ଜଣେ ଲୋକ ମରିଯାଇଛନ୍ତି ।

Digitized by srujanika@gmail.com

# ଡଗରର ବିଚାରଧାରା

– ସନ୍ଧାନୀ

## ଆଦିବାସୀ

ଇତିହାସ ସେମାନଙ୍କୁ ଅନାର୍ଯ୍ୟ ଆଖ୍ୟା ଦେଇଛି । ଆର୍ଯ୍ୟମାନେ ଏ ଦେଶକୁ ଆସିବା ପୂର୍ବରୁ ଏଠି ... ଅସ୍ତ୍ର ବଳ ପ୍ରୟୋଗ ପୂର୍ବକ ଦଖଲ କରି ଆର୍ଯ୍ୟାବର୍ତ୍ତ କରିବା ପୂର୍ବରୁ ଏ ଧରଣର ପ୍ରକୃତ ମାଲିକ ଥିଲେ ସେଇମାନେ । ସେମାନଙ୍କର ସରଳ ନିରାଡ଼ମ୍ବର ଅକପଟ ଜୀବନ ହିଁ ହେଲା ସେମାନଙ୍କର ଅପରାଧ । ସେଥିପାଇଁ ସେମାନେ ହେଲେ ଘୃଣ୍ୟ, ନୀଚ, ଅନାର୍ଯ୍ୟ ।

ପୁରାଣ ସେମାନଙ୍କୁ ନାନା ଆଖ୍ୟା ଦେଇଛି—ଅସୁର, ଦୈତ୍ୟ, ଦାନବ, ନାଗ, ବାନର ଇତ୍ୟାଦି । ମନୁଷ୍ୟ ଦେବତା ନର ସୁର ସମସ୍ତେ ଏକ କାଶ୍ୟପଙ୍କର ଔରସରୁ ଜନ୍ମ । କାଶ୍ୟପଙ୍କ ଆଠପତ୍ନୀ । ମନୁର ପୁତ୍ର ମାନବ, ଅଦିତିଙ୍କ ପୁତ୍ର ଆଦିତ୍ୟ । ଦିତିର ପୁତ୍ର ଦୈତ୍ୟ, ଦନୁର ପୁତ୍ର ଦାନବ । କଶ୍ୟପ ସ୍ତ୍ରୀ କ୍ରୋଧବଶାଙ୍କର କଦ୍ରୁ ଓ ସୁରମା ଦୁଇ କନ୍ୟା । କଦ୍ରୁଙ୍କର ସନ୍ତାନ ମାନେ ନାଗ । ସୁରମାଙ୍କର ସନ୍ତାନ ମାନେ ପରୋପକାରୀ ବୃକ୍ଷ—ବା ନର । ହିମାଳୟର ପରପାରରେ ଇଳାବୃତ ବର୍ଷର ଅଧିବାସୀ ମାନେ ଯେତେବେଳେ ବର୍ବର ଭାବରେ ମନୁଷ୍ୟ ମାଂସ ଆହାର କରୁଥିଲେ ସେତେବେଳେ ଯେଉଁମାନେ ଏହି ଅନାର୍ଯ୍ୟ ନୀତିର ବିରୋଧ କଲେ ସେମାନେ ସୁରା ପାନକାରୀ ସୁର ମାନଙ୍କ ଦ୍ୱାରା ଅସୁର ନାମରେ କଥିତ ହେଲେ ଏବଂ ମନୁଷ୍ୟ ମାଂସାହାର ନକରି ମନୁଷ୍ୟ ରକ୍ଷାକାରୀ ହେବା ଦୋଷରେ ରକ୍ଷ ବା ରାକ୍ଷସ ବୋଲାଇଲେ । କ୍ରମେ ଉଭୟ ସୁର ଅସୁରଙ୍କ ମଧ୍ୟରେ ଯୁଦ୍ଧ ହେବାରୁ ଅସୁର ମାନେ ଭାରତ ଅଭିମୁଖରେ ଯାତ୍ରା କଲେ । ଏଠାରେ ସେମାନେ 'ନର ବା' ବଳିଲେ ବାନର ବୋଲାଇ ବାନର ଆଖ୍ୟା ପାଇଲେ ।

ତା ପରେ ଭାରତକୁ ଦେବତା ମାନେ ଯେତେବେଳେ ଦେବ ସଭ୍ୟତା ଆଣିଲେ ସେତେବେଳେ ପୂର୍ବର ଅଧିବାସୀ ମାନଙ୍କ ଅବସ୍ଥା ଶୋଚନୀୟ ହେଲା । ଆର୍ଯ୍ୟ ଦେବଙ୍କର ମୂଳମନ୍ତ୍ର ହେଲା ବୀରଭୋଗ୍ୟା ବସୁନ୍ଧରା । ସୁତରାଂ ଦୁର୍ବଳ ଉପରେ ଅତ୍ୟାଚାର ।

ଏହି ଅନ୍ୟାୟ ଏବଂ ପାପ ଆଜି ଭାରତୀୟ ସଭ୍ୟତାର ଇତିହାସ ଦ୍ୱାରା ଲିପି ହୋଇଛି । ଏହାହିଁ ଭାରତ ବର୍ଷର ଦୁର୍ଭାଗ୍ୟର କାରଣ ।

ଆଜି ସେହି ଯୁଗ ଯୁଗ ଧରି ଅନ୍ୟାୟର ନିରାକରଣ ଓ ପାପର ପ୍ରାୟଶ୍ଚିତ୍ତ ବେଳ ଆସିଛି ।

ଭାରତରେ ଆଜି ଆଦିବାସୀଙ୍କର ସଂଖ୍ୟା କୋଟିଏରୁ ଊର୍ଦ୍ଧ୍ୱ—୧୨ ହଜାର ବର୍ଗ ମାଇଲ ଭୂଖଣ୍ଡରେ ଏମାନେ ଅଧିବାସ କରନ୍ତି । ଯାନ୍ତ୍ରିକ ସଭ୍ୟତା, କୂଟ ନୈତିକ ସଭ୍ୟତା, ହତ୍ୟାକାରୀ ବିଜ୍ଞାନର ସଭ୍ୟତାରୁ ଏମାନେ ବହୁ ଦୂରରେ । ଏମାନେ ନିରକ୍ଷର ମୂର୍ଖ । ତଥାପି ସରଳ—ତଥାପି ସୁନ୍ଦର—ତଥାପି ସୁସ୍ଥ ।

ଆଜି ଯେତେବେଳେ ଆଦିବାସୀ ସେବା ପର୍ବ ଚାଲିଛି ସେତେବେଳେ ଅପହରଣ-କାରୀ ଶିକ୍ଷିତ ଆର୍ଯ୍ୟମାନେ ଆପଣାକୁ ପଚାରନ୍ତୁ ସେମାନଙ୍କର ଏହି ସେବାମୂଳରେ କ'ଣ ଅଛି । ସେମାନେ ଯଦି ତ୍ୟାଗ ଭାବ ନ ରଖି, କୃତ-ପାପର ପ୍ରାୟଶ୍ଚିତ୍ତ କରିବାର ପ୍ରେରଣା ନ ନେଇ ସେମାନଙ୍କୁ ଆପଣା ସ୍ୱାର୍ଥରେ ନିୟୋଜିତ କରିବାକୁ ଚାହାନ୍ତି, ତେବେ ଅଚିରେ ହରିଜନ ଓ ମୁସଲମାନ ସମସ୍ୟା ଭଳି ଦେଶରେ ଆଉ ଏକ ସମସ୍ୟା ସୃଷ୍ଟି ହେବ ।

ଉଦାହରଣ ସ୍ୱରୂପ ଆଜି ଓଡ଼ିଆ ମାନେ ଆପଣା ପ୍ରଦେଶ ସ୍ୱାର୍ଥରେ, ପ୍ରଦେଶକୁ ସମୃଦ୍ଧ କରିବା ପାଇଁ ଯଦି ଆଦିବାସୀ ମାନଙ୍କ ନିକଟକୁ ସେବା ପରାୟଣ ସ୍ୱେଚ୍ଛାସେବକ ହୋଇଯାଆନ୍ତି ତେବେ ତାହାର କୁପରିଣାମ ଅବଶ୍ୟମ୍ଭାବୀ । ଆଦିବାସୀ ମାନେ ଯଦି ପ୍ରକୃତ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଓ ସ୍ୱତନ୍ତ୍ର କୃଷ୍ଟି ରଖିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରଦେଶ ଚାହାନ୍ତି ତେବେ ଓଡ଼ିଆ ମାନେ ତାକୁ ସମର୍ଥନ କରି ସହଯୋଗ କରିବା ଉଚିତ । ଆଦିବାସୀ ବହୁଳ ଅଞ୍ଚଳର ଅଳ୍ପ ସଂଖ୍ୟକ ଓଡ଼ିଆ ମାନେ ଯଦି ସେମାନଙ୍କୁ ସମର୍ଥନ ନକରନ୍ତି ତେବେ ଅନ୍ୟ ପ୍ରଦେଶସ୍ଥ ଓଡ଼ିଆ ବହୁଳ ଅଞ୍ଚଳକୁ ଦାବିକରିବା ହାସ୍ୟାସ୍ପଦ କଥା ହେବ ।

ଓଡ଼ିଶାର ଆଦିବାସୀ ମାନେ ଯଦି ଆପଣାକୁ ଓଡ଼ିଆ ବୋଲି ମନେ କରନ୍ତି ତେବେ ଦୁଃଖ କରିବାର କିଛି ନାହିଁ । କିନ୍ତୁ ତାହା ସମଗ୍ର ଭାରତ ଓ ମନୁଷ୍ୟ ଜାତି ପକ୍ଷରେ ଶୁଭ ବୋଲି ମନେ କରିବା ଉଚିତ ।

ଆଦିବାସୀ ମାନଙ୍କ ସରଳ ଜୀବନ ବର୍ତ୍ତମାନ ସଭ୍ୟତାରେ କଳୁଷିତ ନହେଉ । ଏ ସଭ୍ୟତାର ଯାହା ଶିବ—ମଙ୍ଗଳ—କେବଳ ସେତିକ ସେ ଗ୍ରହଣ କରନ୍ତୁ ।

ଯଦି ଆଦିବାସୀ ଓ ତଥାକଥିତ ଆର୍ଯ୍ୟ ମାନଙ୍କର ମିଳନର ମଧ୍ୟ ବିନ୍ଦୁ ଥାଏ ତେବେ ସେଠି ଆଦିବାସୀଙ୍କର ଓ ଅଣାଦିବାସୀଙ୍କ ସଭ୍ୟତାର ଯାହା ସତ୍ୟ ଶିବ ସୁନ୍ଦର ତାହାର ସମାବେଶ ହେଉ ।

ଆଦିବାସୀଙ୍କୁ ଆପଣାର କରିବା ପାଇଁ ଯଦି ଆମକୁ ଆର୍ଯ୍ୟପଦ ଶିକ୍ଷିତ ପଦ ବା ଓଡ଼ିଆ ପଦ ତ୍ୟାଗ କରିବାକୁ ପଡ଼େ, ଭୁଲିଯିବାକୁ ହୁଏ ତେବେ ବରଂ ତାହାହିଁ ଶ୍ରେୟସ୍କର । କାରଣ ଆମେ ଦିନେ ଓଡ଼ିଆ ନଥିଲୁ—ଉତ୍କଳୀ ନଥିଲୁ—କଳିଙ୍ଗବାସୀ ନଥିଲୁ—ଆର୍ଯ୍ୟ ନଥିଲୁ । ଅତୀତର ଯେଉଁ ଗୌରବକୁ ଭୁଲିଲେ ଭବିଷ୍ୟତ ଉଜ୍ଜ୍ୱଳ ଓ ମହତ୍—ତାକୁ ଭୁଲିବା ପାଇଁ ଦ୍ୱିଧା କରିବା ଆଦୌ ଉଚିତ ନୁହେଁ । ତାକୁ ଭୁଲିବାର ସଂଗ୍ରାମ ହିଁ ଶାନ୍ତି ।

—*—

## କୁତୁକୁତୁ

ଶିକ୍ଷକ ଶୁଣି ଆଶ୍ଚର୍ଯ୍ୟ ହେଲେ ଯେ କ୍ଲାସର ସବୁ ପିଲା ସିଗାରେଟ ଖାଆନ୍ତି । ସେ ବିରକ୍ତ ହୋଇ ସବା ସାନ ପିଲାକୁ ପଚାରିଲେ—"ତମେ ବି ପିବା ପିଅ ?"

ବାଳକ—"ନାଇ ଆଜ୍ଞା ମୋର ୫ ବର୍ଷ ବୟସ ଠାରୁ ମୁଁ ଛାଡ଼ି ଦେଇଛି ।"

ଶିକ୍ଷକ—"ତମର ବୟସ ବର୍ତ୍ତମାନ କେତେ ?"

ଛାତ୍ର—"କାଲି ମୋର ୭ମ ଜନ୍ମଦିନ ଗଲା ସାର ।"

× × ×

Digitized by srujanika@gmail.com

## ତାପସୀଙ୍କ ତ୍ରିକୋଣମିତି

ଲେଖକ— ଶ୍ରୀଭାସ୍କର ସୂପକାର ।

( ଜ୍ୟାମିତି ବୃତ୍ତରେ ଗାଇବ )

ଦେଖଇ ତରୁଣ କବି,
କଟକ କଲେଜ ପୂରୁବ ଛାତ୍ରାବାସେ-
ହରିଣ-ନୟନା ନାୟିକାକୁ ସ୍ୱପନରେ
ବନ୍ଦୀ ପକ୍ଷୀ ସମ ବାତାୟନ ପାଶେ ।

ଖଗୋଳେ କ୍ରାନ୍ତି-ବୃତ୍ତର ବୃତ୍ତପର,
କଜ୍ଜଳରେଖା ଆଖି ପତା ତାର ସ୍ୱର,
ଈଷ ମୁକୁଳିତ ଓଷ୍ଠ-ଅଧର ଭରି
ମନ୍ଦ ମଧୁର ହାସେ ।

ଉଗ୍ରମିଷ ଭେଳା ମେଷ ମୀନ ପଛେ ଧାଏଁ
କନକ ପିଙ୍ଗଳା କନ୍ୟା ପଛରେ ତୁଳା,
ଅକାରେ ଏକଗ୍ରାନ୍ତୁଁ ଅପର ସାଏଁ
ଦେଖ ଲାଗିଅଛି ନିତ ଲୁଚକାଳି ଖେଳା ।

ମୃଗଶିର ପଛେ ଲୁବ୍ଧକ ଯାଏ ଧାଇଁ,
ଯେତେ ଗୋଡ଼ାଇଲେ ଦୂରତା ତ କମୁନାଇଁ
ନଭଚାରୀ ଗ୍ରହପଟେ ସଦା ଘୂରୁଥାଇ
ତେଲ୍‌ଘଣା ପରି ସପତର୍ଷିର ମେଳା ।

କବି-କଳ୍ପନା ମାନସୀ ପଛରେ ଧାଏ
ରଚଇ ମଧୁର ଗୀତ,
ଚନ୍ଦ୍ର କରଣ ଚଉକଡ ଘୂରୁଥାଏ
ହାର ମାନେ ନାହିଁ ପ୍ରୀତ ।

କବି ଭୌତିକ ଦୂରତାକୁ ନାହିଁ ମାନେ,
ତହିଁରେ ଯେ ଅଛି ଜୀବନର ସବୁ ମାନେ,
ଅଚ୍ଛୁଯାହା ବାକି ଅବୁଝା ଅର୍ଥ ସ୍ୱାନେ
ସକଳର କରେ ଇତ ।
କବିର ମାନସ ତ୍ରିକୋଣର ପରି ଅନ୍ତ,
ଦୂରତା ସମାନ, କୋଣ ବଡ଼ ସାନ ସାଜି
ଯାଉଥାଏ; ଆଉ ପଢ଼ୁଥାଏ ସାଥେ ସାଥେ
ନିଷ୍ପିକ୍ କବିତା, ତାପସୀ ତ୍ରିକୋଣମିତ ।

— ୦ —

## ପାଗ୍ଲା ମିନତି ରଖ

ଲେଖିକା—ମହାଣ୍ଡଦୂତୀ

ସତ୍ୟ ସୁନ୍ଦର ହେ ଏ ସାଜେ ସାଜିବ ନାହିଁ
ଏ ବେଶ ଦେଖିଲେ ଅପସ୍ମାରୀ ଠଳେ
ନାସ୍ତି ଧୃତ ଛାର କାହିଁ । ପଦ ।

ପିନ୍ଧିବଟି ଯେବେ ବିଲାତ ପୋଷାକ
ଠାଇଠା ଭଙ୍ଗିବ ନାହିଁ
ହାତେ ସିଗାରେଟ୍ ଥିଲେ ହେ ମୋହନ
ଧୂଆଁ ନ ଛାଡ଼ିବ ତହିଁ । ୧ ।

ବାଳରେ ଟେରି କାଟିଥିବ ଯେବେ
ଦେବଢ଼ର ହସିବ ନାହିଁ
ପତଳା ପଞ୍ଜାବୀ ପକେଟୁ ରୁମାଲ
ଉଙ୍କି ଦେଖାଇବ ବାଇ । ୨ ।

କଟିତଟେ ଥିଲେ ସରୁଧୋତି, କିର—
ଧଣ୍ଡି ନ ଥିବଟି ତହିଁ,
ବାଟା ଚପଲର ଚପଲ ଛନ୍ଦରେ
ବାଳା ମନ ଦେବ ମୋହି । ୩ ।

କୁଞ୍ଚିତ କୁନ୍ତଳ ଲୋଟିଥିଲେ ହେଲେ
କଟାକ୍ଷ କରିବ ନାହିଁ
ସିଲ୍‌କ କାମିଜ ପିନ୍ଧିଥିଲେ ପର-
କଲମ ନ ଥିବ ତହିଁ ।

ଯେତେ ବେଶ ତମେ ନିତ ପକାଉଛ
ପଠାନ୍ତର ତାର କାହିଁ ?

କଲେଜ ପୂରୁବ ଛାତ୍ରାବାସେ ଯେବେ
ବାତାୟନେ ଥାଅ ଚାହିଁ।

ମଡ଼ାଣି କୃଷ୍ଣ ହେ ଫାନ୍ଦେ ପଡ଼ିବାକୁ
ଏତେ ଛାତ୍ରୀ ରାଧା କାହିଁ ?
ଶ୍ରୀପଦ ଯୁଗରେ ମିନତି ଜଣାଇ
କବଣୀ ବିଦା ମାଗେ।

— ୦ —

Digitized by srujanika@gmail.com

# ଓଡ଼ିଆ ଲିପି ସଂସ୍କାର

ଶ୍ରୀ ସୂର୍ଯ୍ୟନାରାୟଣ ମହାନ୍ତି

ଓଡ଼ିଆ ଭାଷା ଓ ଓଡ଼ିଆ ଲିପି ଏ ଦୁଇଟା ଅଲଗା ଅଲଗା ଜିନିଷ । ଭାରତର ଗତ ଏକ ଦଶ ବର୍ଷ ନବମ ସଂଖ୍ୟାରେ ଦେବନାଗରୀ ମାନେ ଲିପି ସମ୍ବନ୍ଧରେ ଅନେକ ଭାଷା ପଣ୍ଡିତମାନେ ଏକାଠି ମତାମତ ଦେଇ ଆସୁଅଛନ୍ତି । ଯଦି ଓଡ଼ିଆ ଲିପି ଦୁର୍ବୋଧ ହେବ—ନା ମନ୍ଦ ଲକ୍ଷଣୀୟ ଭାବରେ ବଙ୍ଗଳାର ଭାଇ ଓଡ଼ିଆ ଭାଷାକୁ ଦେବନାଗରୀ ଅକ୍ଷରରେ ଲେଖିବା ପିଲାଏ ପାଇବେ—କଳା ଭଗବାନର ଜନ୍ମହାର ସଂଗେ ରୋହିଣୀସୁତ, ଦଶନ୍ଦି ଯଥାର୍ଥ ଭଙ୍ଗପ୍ୟୁ ଦାଂତେ ସଂଗୀତ କଥା ବସ୍ତୁ ଭିତରେ ଓଡ଼ିଆ ଭାଷାକୁ ଇଂରେଜି ଅକ୍ଷରରେ ଲେଖିଲେ "Kamala lochana hari, karena sankha chakra dhari. ଏହିଟା ଅଚିନ୍ତ୍ୟ ହେଉ ତେଣିକି ଆମ ସଂଗେ ଯୁଦ୍ଧ ହେଉଛି ମନ୍ଦରେ ନେଇଥା ପାଏବା ସେ ଗାଏବେ, ବାନେସ୍ୱର ଏଇ ତାଂକ ହିସାବରେ କେଉଁଠେ କିପାଇଁ ହେବ ସେ ବଗୁଇବେ ବର୍ଣ୍ଣମାଳା ହେଲିକୁ ଯୋଜନା ଭଲ ଲାଗିବାର ସେ କଥା ସେମାନେ କହିବେ । ନଚେତ୍ ଓଡ଼ିଆ ଲିପି ଯଦି ରଖିବାର କଥା ହେବେ ଏତେ ଏତେ ଗୁଡ଼ାଏ ଅକ୍ଷର ରହିବାର ଦରକାର କ'ଣ ? ସ୍ୱରବର୍ଣ୍ଣରେ ୧୪, ବ୍ୟଞ୍ଜନ ବର୍ଣ୍ଣରେ ୩୮ ଯୁକ୍ତାକ୍ଷର ୧୬, ମାତ୍ରା ୨୧ ସଂଖ୍ୟା ୧୦ ଏବଂ ଫଳା ପାଇଁ (।, ॥, ୍, ୍ର, ୍ୟ, ୍ୱ) ଗୋଟି, ପୂର୍ଣ୍ଣଚ୍ଛେଦ ଆଦି ସାଙ୍କେତିକ ଚିହ୍ନ ୩୦ଟି ମୋଟ ୨୧୬ ଲିପି । ତାହା ଛାପାଖାନା ସୁବିଧା ପାଇଁ ର, ର୍ ବା ଷ ପ୍ରଭୃତି ଯେମେ ଗୁଡ଼ାଏ ଯୁକ୍ତ ଅକ୍ଷରକୁ ମିଶାଇଲେ ୩ ସହରୁ ଉର୍ଦ୍ଧ୍ୱ ଲିପି ବ୍ୟବହାର ହେଉଛି କିନ୍ତୁ ଇଂରାଜି ହିସାବରେ ୨୬ଟି ଅକ୍ଷର ୧୦ଟି ସଂଖ୍ୟା ୨୦ଟି ସାଙ୍କେତିକ ଚିହ୍ନ ମୋଟ ୮୨ଟି ମାତ୍ର ଲିପିରେ ଛାପାଖାନା ଓ ତାଠାରୁ କିଛି କମ୍ ଲିପିରେ ଟାଇପ୍ ମେସିନ୍ ଚାଲୁଛି । ତେବେ ଓଡ଼ିଆ ଭାଷାରେ ଅଯଥା ଏତେ ଗୁଡ଼ାଏ ଅକ୍ଷର ମଧ୍ୟରୁ ଅନେକ ଗୁଡ଼ାଏ କାଟି ଦେଲେ ଉଚ୍ଚାରଣ କରିବାରେ କିଛି ଅସୁବିଧା ହେବ ନାହିଁ ।

ତେଣୁ 'ଅ' ଛଡ଼ା ସ୍ୱର—ବର୍ଣ୍ଣର ଆଉ କିଛି ଅକ୍ଷର ନରଖି କେବଳ ମାତ୍ରା ସାହାଯ୍ୟରେ 'ଆ' ଅି ଅୀ, ଅୁ, ଅୂ, ଅେ, ଅୈ ଅୋ, ଅୌ ଲେଖିଲେ ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ ହଟାଯିବ ଏବଂ ସେହି ମାତ୍ରା ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣରେ 'ଜ'ର ପେଟ କାଟି (ଞ) 'ଞ' ଉଚ୍ଚାରଣ ହେବ 'ଗ'ର ପେଟ କାଟିଲେ 'ଘ' ହେବ ଆଉ ମଧ୍ୟ 'ବ'ର ପେଟ କାଟି 'ଭ' ଏବଂ ମଝିରେ ଦାଢ଼ ଦେଇ (ଓ୍ୱ) ହେବ, ଯର ପେଟ କାଟି 'ଯ' ଦାଢ଼ ଦେଇ ଯ୍ୟ ଉଚ୍ଚାରଣ କରିବାକୁ ହେବ ଗୋଟିଏ 'ସ'ରେ ଅଟକ ଧରିଲେ 'ଷ'ର ପେଟ କାଟି ଦେଲେ 'ଷ' ଓ ମଝିରେ ଦାଢ଼ି ଦେଇ 'ଶ' ହୋଇଯିବ ୍, ଂ, ଁ ଏ ଅଲଗା ନହାତି ଦରକାର । ଏହା ବ୍ୟତୀତ ଚାର ଓ ୍, ୍ର, ୍ୟ ଫଳା ଚିହ୍ନ ସହିତ ଥାଉ । ସାଙ୍କେତିକ ଚିହ୍ନ ମଧ୍ୟରୁ କେବଳ ॰, ; :— :, —, । = ( ), , ' ' ? ! * ୍ ଏହି ୧୬ ଟି ମାତ୍ର ସାଙ୍କେତିକ ଚିହ୍ନ ଏବଂ ୧ରୁ ୯ ଏବଂ ଶୂନ ଗୋଟି ମିଶି ୧୦ଟି ସଂଖ୍ୟା ଓଡ଼ିଆର ବ୍ୟବହୃତ ଭାବରେ (।, ି, ୀ, ।, ୁ, ୂ) ରୁ ୬ଟି ରହିଲେ ଚଳେ । ସବୁ ମୋଟ ସ୍ୱରବର୍ଣ୍ଣ ୧ + ବ୍ୟଞ୍ଜନ ବର୍ଣ୍ଣ ୧୯ + ମାତ୍ରା ଓ ଫଳା ମିଶି ୨୦ + ସାଙ୍କେତିକ ଚିହ୍ନ ୧୬ + ସଂଖ୍ୟା ୧୫ = ୭୯ଟି ମୋଟ ଲିପିଦ୍ୱାରା ଟାଇପ ମେସିନ ସୁନ୍ଦର ଚଳିବ । ଗୋଟିଏ ( ୍ ) ପେଟକଟା ଓ ଦାଢ଼ି ଟିଏ ଦ୍ୱାରା ବ୍ୟଞ୍ଜନ ବର୍ଣ୍ଣର ଅଧିକା ୧୭ଟି ଅକ୍ଷର ହେବ । ଛାପାଖାନା ପାଇଁ ସ୍ୱତନ୍ତ୍ର ପେଟକଟାଙ୍କର କ, ଖ, ଘ ପ୍ରଭୃତି କରିବାକୁ ପଡ଼ିବ ଅତଏବ ଛାପାଖାନାରେ ସାଙ୍କେତିକ ଚିହ୍ନ ଆଉ ୧୭ଟି ଅଧିକା ହେଲେ ବର୍ତ୍ତମାନ ପ୍ରଚଳିତ ୩ଶହରୁ ଊର୍ଦ୍ଧ୍ୱ ଲିପି ସ୍ଥଳେ ୧୦୮ ମାତ୍ର ଲିପି ଦ୍ୱାରା ଛାପାଖାନା ଓ ୭୯ କିମ୍ବା ୮୦ଟି ଲିପି ଦ୍ୱାରା ଇଂରାଜି ଟାଇପ ମେସିନ ଠାରୁ କମ୍ ଅକ୍ଷରରେ ଖୁବ୍ କ୍ଷୋ ଓ କମ୍ ପରିଶ୍ରମରେ ଟାଇପ ମେସିନ ତିଆରି ହୋଇପାରି ସସ୍ତାରେ ମିଳିବ ଆଉ ପାଞ୍ଚ ବର୍ଷରେ ହରବର ଭୁଲ୍‌ମା ଚିହ୍ନ ଯୋଜନା ସବୁ କାର୍ଯ୍ୟକାରୀ ହୋଇ ଦେଶ ସୁଖ ସମୃଦ୍ଧିରେ ଆଗେଇଲା ବେଳକୁ ଘରେ ଘରେ ଓଡ଼ିଆ ଟାଇପ ମେସିନ ବ୍ୟବହାର ହୋଇ ପାରିବ । ଆମ ଦେଶ ପୁରୁଷ, ମଧୁବର୍ଷଙ୍କ ବର୍ଣ୍ଣ ବୋଧ ଗୃହସ୍ଥଙ୍କ ପାଠକୁ ଦେଖି ଆମ୍ଭ ମାନଙ୍କ ଏକାଠି ଆଜି ପାଇଁ ଆମକୁ ଧନ୍ୟ ଧନ୍ୟ କହିବେ । ଇତି ।

---

## କୁତୁକୁତୁ

"ତମେ ମୋତେ ସବୁ କଥାରେ ସ୍ୱାଧୀନତା ଦେବ ?"

"ଦେବି, ପ୍ରିୟେ ।"

'ମୋ ମାଆ ଦେଖା କରିବାକୁ ଆସିଲେ ଭଲ ପାଇବ ?'

"ମେ ତ ଏତେ ନିଷ୍ଠୁର ଭାବିଛ ?"

"ମୋର ଖର୍ଚ୍ଚପାଇଁ ଟଙ୍କା ମୋତେ ଦେବ ?"

"ତାକୁ କିଏ ଆଉ ମୋ ପକ୍ଷରେ ବନ୍ଦ ହୋଇପାରେ ?"

"ତମେ କାମ କଲା ବେଳେ ମୁଁ ଫୋନରେ ଡାକିପାରେ ?"

"ତମେ ନ ଡାକିଲେ କାମରେ ମନ ଲାଗିବ ନାହିଁ ।"

"ମୋର ଡର ହେଉଛି ତମର ସେ ପଣ୍ଡିତା ସବୁ ବାହାହେଲା ଉତ୍ତାରୁ ଟଳି ଯାଇପାରେ ।"

"ନା—କେବେ ନା—ତମେ ଆଉ କଣ ଶୁଣୁଛ ।"

"କିଛି ନା— କେବେ ଗୋଟାଏ କଥା, ମୁଁ ଯଦି ଭୁଲରେ ତମକୁ ଫୋନରେ ଆଉ କାହା ନାମ ଧରି ଡାକେ ତେବେ ରାଗିବ ନାହିଁ ତ ? ମୋର ଭୁଲ୍ ହୋଇଯାଏ ।"

\+ \+ \+

Digitized by srujanika@gmail.com

# ଡାଟରେ ଡାଟରେ ଟାନାନା

ଅଦ୍ଭୁତ କଥା, ଯେ ପାକିସ୍ଥାନକୁ ପଳାଇ ଯାଇଥିବା ଲେଖକଙ୍କଠାରୁ ସବୁ କାମ ଛଡ଼ାଇ ନିଆ ଯାଉଛି—ଇଢ ଜବାହର ଲାଲ।

...ଉନାକୁ କହନ୍ତୁ ତାର ସ୍ଥାନରୁ କୁହାଇ ମା !

× × ×

"ସତ୍ୟାଗ୍ରହ ଆମ୍ଭାରେ ମୁଁ ନିଶ୍ଚୟ ସ୍ୱଜନାତରେ ଇଣ୍ଡାର କରେ।"—ଇଢ ରାଜାଜୀ—

...ସତ୍ୟ କହନ୍ତି କଚାଇ କୁହନ୍ତି—

\+ + +

ମୁଁ ବଙ୍ଗଳାର ହେଲେ ମଧ ମୋ ମନ ସଦା ସର୍ବଦା ତାମିଲ ନାଡୁରେ ଥାଏ—ରାଜାଜୀ

...ଛଣ୍ଠାଣି।

× × ×

ଲଃଗାଘ ଅଦୌ ଲୋଭପ୍ରିୟ ପଦ ନୁହେଁ।—ଇଢ ରାଜାଜୀ

...ହୋଇଥିଲେ ପାଦ ଖସର ଯାଆନ୍ତା।

× × ×

ଛାତ୍ରମାନେ ତାଙ୍କ ମୁନି ଋଷିଙ୍କ ଶିକ୍ଷା ନମାନି ଲଗ୍ ଗୁଣ୍ଡାଙ୍କ ଶିକ୍ଷାରେ ପଢୁଛନ୍ତି—ଇଢ କୃପାଳନୀ।

...ନହେଲେ ଥଣ୍ଡା କରି ଦେବେ ଯେ

\+ + +

ଦ୍ୱିଖଣ୍ଡ ଭାରତ ଗ୍ରହଣ କଲାବେଳେ କଂଗ୍ରେସ ଦୁଇଟି ଅପଦରୁ ଗୋଟିଏ ବାଛି ନେବାକୁ ବାଧ୍ୟହେଲା—ଇଢ କୃପାଳନୀ

...ମନ୍ଦର ମଧ୍ୟେ ବାଛିଲେ।"

× × ×

ସୀମା ସମସ୍ୟା—ଲେଖକ ଶ୍ରୀ ଭୈରବ ଚନ୍ଦ୍ର ମହାନ୍ତି (ଷେନ—ଣ ପ୍ରଜାତନ୍ତ୍ର)

...ସୀମା ଲଙ୍ଘନରେ ସମାଧାନ

× × ×

ବାଙ୍ଗପଦା ବାଳିକା ବିଦ୍ୟାଳୟ ଶିକ୍ଷୟିତ୍ରୀ ସରସ୍ୱତୀ ପୂଜା ବନ୍ଦ କରି ଦେଇଛନ୍ତି—ସଂବାଦ

...ଯା ସ୍ନୋ ପାଉଡର ଭୂଷାବହାଲ ଧବଳା ଯା କଜ୍ଜଳ ବସ୍ତ୍ରାନ୍ୱିତା—

× × ×

ଚଉଠା [illegible] ?—ଶ୍ରୀ [illegible] କାଶୀନାଥ ଦାସ [ଓଡ଼ିଶା] 'ଆଧୁନିକ'ରେ।

...ଦେଶ କେଶ ( case ) ଗୁଡ଼ିକ। ଥଉ ନେଇଥାପାଳେ ବେଶ (base) ତାହାନ୍ତି।

× + ×

ଜାଗ ଓଣ୍ଡ୍ରାୟୁଡ଼ !—ନାୟକ ସଂପାଦକୀୟ

...ଓଡ଼ିଶା ସେକ୍ରେଟେରିଏଟ୍ ଅଢଦଅ !

\+ + +

'ସାଧୁ ସଦସ୍ୟ ସାଧୁ' !—ଓଡ଼ିଶା ଅସେମ୍ବ୍ଲି ସଭ୍ୟଙ୍କୁ କୌଣସି ସଂବାଦ ପତ୍ରରେ କୁହା ଯାଇଛି।

...କଳି କଳାପୋଡେଇ ଯୁଗରେ ସମସ୍ତେ ସାଧୁ—ସାଧୁ—ସାଧବଃ।

× + ×

ସତ କି ?—ଇଢ ମାତୃଭୂମିର ସ୍ଥାୟୀ ହେଉଛନ୍ତି।

...ସାତ କଥ ରେ ସତୀ ଭୁଲେ।

\+ + +

ଅନୁଗ୍ରହ ନାରାୟଣ ଖାଦ୍ୟମନ୍ତ୍ରୀ ହେବେ— ସଂବାଦ।

ଅନୁଗ୍ରହ କରି ଖାଦ୍ୟ ଦେବେ।

× × ×

ଉଦ୍‌ବେଗ କାହିଁକି ?—ପ୍ରଜାତନ୍ତ୍ରରେ ମନ୍ତବ୍ୟାୟ

...ବନ୍ଧୁହେ ଡମରୁ ପାଇଛି।

× + ×

ମହିଳା କଲେଜରେ ବଙ୍ଗଳା କବିତାର ପ୍ରଭାବ—ଇଢ ସମାଜର ଚାପ୍ତ ପତ୍ର।

...ତେଣେ ପୁରୁଷଙ୍କ କଲେଜରେ ଯେ ଦୁର୍ବଳ କଲଣି।

\+ + +

ଓଡ଼ିଶା ସରକାରଙ୍କ ଜମିଜମା ଆଇନ ସଂସ୍କାର କମିଟି ବସିଛି।—ଇଢ ସଂବାଦ

ଜମି ଜମା ସଂସ୍କାର ଅଇନ କରିବେ

× + ×

ପାଚିଲ କାଳି—ସରକାରଙ୍କ ଦ୍ୱାରା ରେଜେଷ୍ଟ୍ରୀ କୃତ—ଇଢ ବିଜ୍ଞାପନ।

...କଥା ବାଳ କଏ ରେଜେଷ୍ଟ୍ରି କରିବ ?

\+ + ×

[illegible] ମନ୍ତ୍ରୀ—[illegible] ସଂବାଦ ହୋଇଅଛନ୍ତି

...ଚାଞ୍ଚ ମହୁକିଚି।

\+ + ×

'କଲେଜ ଗାଲ'' 'ଗ୍ରୀମ ଗ୍ରିଅ' ମାନସିକ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକର [illegible] ବଡ଼ ଗୁରୁଗୁରୁ—ଇଢି ଶତାବ୍ଦୀ ସଂପାଦକ।

...'ସ୍ୱପ୍ନ ସୁନ୍ଦରୀ' ଲେଡିସ୍ ଟେଟ୍‌ଚା-ଲେଃ।

× + ×

"ଏତେ ଅବାଜନତ କୋଡ଼ା !"—ବାକା ଗଜପତି କବତା—କୃଷକରେ

...ଗଜାଙ୍କୁ କଲ ସେ କୋଡ଼ା

× + ×

କଂଗ୍ରେସ ସଂପାଦକ କଥା ଓ କଂଗ୍ରେସ ବାଲଙ୍କ କାମ—ଇଢ ଗୌରଦାସଙ୍କ ପ୍ରବନ୍ଧ କୃଷକରେ।

...ଅନ୍ନ ଓ ଅମ୍ବୁଡ଼ା

\+ × ×

କଂଗ୍ରେସକୁ ଧନୀଙ୍କ ହାତରୁ ବଞ୍ଚାଅ—ଦ୍ୱିବେଦୀ

...ଧନୀଙ୍କ ହାତରେ ବଞ୍ଚାଇଲେ କ୍ଷତି କଣ ?

\+ + +

ଖାଇଷ୍ଟୁଅଁ ପ୍ରଜାଙ୍କ ଦାବୀ—ସଂବାଦ ହେଉଅଛନ୍ତି

...ଧୀର ସ୍ୱସ୍ଥ ହେବାକୁ ନୁହେଁତ ?

\+ + +

ଜାତିଭେଦ ଉଠାଅ—ଇଢ 'କୃଷକ'ର ଅହ୍ୱାନ।

...ଜାତିଭେଦକୁ ଟଳେ ପଚେଇ ଦେବା ମାସ୍ୱସ୍ଥ ।

× × ×

ଏକମାତ୍ର ଅହିଂସା ଦ୍ୱାରହିଁ ସ୍ୱାଧୀନତା ରକ୍ଷା କରିପାରି ପାରିବ—ଇଢ ପ୍ରଧାନମନ୍ତ୍ରୀ ମନ୍ତବ୍ୟ

...ତାଙ୍କ ପୁଲିସଙ୍କ ହାତରେ, ଅହିଂସା ବନ୍ଧୁକ ଥିବାଟି ?

\+ + +

Digitized by srujanika@gmail.com




# ନୂପୁର

## ନାରୀ ଓ ରାଜନୀତି

ଶ୍ରୀମତୀ ପ୍ରମଦା ଦେବୀଙ୍କ ନାରୀ ଓ ରାଜନୀତି ଶୀର୍ଷକ ଲେଖାଟି ପଢ଼ି ଏତେ ଦୂରଅବସ୍ଥା ହୋଇ ପଡ଼ିଲି ଯେ ସେ ସମ୍ବନ୍ଧରେ ପଦେ ନ କହି ରହି ପାରୁ ନାହିଁ ।

ପୁରୁଷମାନେ ଜେଲ୍ ଯାଇ ପୃଥିବୀର ରାଜନୀତି ସମ୍ବନ୍ଧରେ ପଢ଼ା ଶୁଣା ଏବଂ ଆଲୋଚନା କରୁଥିଲେ ଆମ ଓଡ଼ିଶା ବା ଭାରତର ନାରୀମାନେ ଗାର୍ହସ୍ଥ୍ୟ ଜୀବନର ଦୁର୍ବିଷହ ଜ୍ୱାଳା ସହି କାଳ କଟେଇ ଥିଲେ । ସ୍ୱାଧୀନତା ପରେ ପୁରୁଷମାନେ ଜେଲରୁ ଆସି ରାଜ ନୈତିକ ଜଗତର ଅଧିକାର ଆସନ ମୁଣ୍ଡରେ ନିର୍ବିବାଦରେ ବସିଗଲେ, କେବଳ ସେଇ ଜେଲଫେରା ଯୋଗ୍ୟତାର ବଳରେ । ବର୍ତ୍ତମାନ ତ ସେମାନଙ୍କର ଅପାରଗତା ଜଣା ଯାଉଛି ବୋଲି ଦେଖାଯାଉ ରହି ପଡ଼ିଲଣି । ବର୍ତ୍ତମାନ ସ୍ତ୍ରୀମାନେ ଅସହ ଯୋଗ ଆନ୍ଦୋଳନ କରି ଜେଲ୍ ଯାଆନ୍ତୁ । ପୁଣି ଫେରିଲେ ଅଧିକାର ଆସନରେ ବସିବେ । କିନ୍ତୁ ମୋର ଭୟ ହେଉଛି, ନାରୀମାନେ ପୁରୁଷଙ୍କର ଉପଦ୍ରବ ସହ୍ୟ କରି ପାରିବେ ନାହିଁ । ବର୍ତ୍ତମାନ ବିଜୟଲକ୍ଷ୍ମୀ ପଣ୍ଡିତ ସ୍ଥାନ ସ୍ଥାପନ କରିବେ ବୋଲି ଉପର ସମ୍ବାଦ ଯେଉଁ ଭାବରେ ଆଲୋଚନା କରୁଛନ୍ତି, ଦେଖିଲେ ଚମକି ପଡ଼ିବାକୁ ପଡ଼ୁଛି । ଆଜିକାଲି ଯେପରି ଭାବରେ ପତ୍ରିକା ମାନଙ୍କରେ ଲେଖା ଯାଉଛି, ପୁରୁଷଙ୍କର ମେଡ଼ା ଷଣ୍ଢ ବୋଲି ସେ ଦାଢ଼ି ବାଢ଼ର ଅଘାତ ସହି ଯାଉଛନ୍ତି । ସ୍ତ୍ରୀ କଣ ଏ ସବୁ ସହ୍ୟ କରି ପାରିବେ ?

ପାଚ୍ଛ ପାଣିରେ ପଡ଼ି ପଡ଼ିରହିବା ଅବସ୍ଥା ଚାଲିବା ସଙ୍ଗେ ସଙ୍ଗେ ଉପର ଅଙ୍ଗ ପଡ଼ିଲ ହେଲା ଯେ ସେ ଏକାଥରକେ ଫିଟ ରଙ୍ଗ ତଳ୍ପାନ୍ତ ହୋଇ । ବର୍ତ୍ତମାନ ତ ସରକାର ଶ୍ରେଷ୍ଠ ପ୍ରଥା ସ୍ୱୀକୃତ ହେଲଣି, ନାରୀଙ୍କର ମାତୃସ ଶକ୍ତି ଦେଖେଇ ଗୋଟାଏ ଗୋଟାଏ ସ୍ଥାନରେ ଛାଡ଼ି ଦିଅନ୍ତୁ; ଲୋକ ତାଙ୍କର ଗୁଣ ଜାଣି ଶ୍ରେଷ୍ଠ ଦିଅନ୍ତୁ । ଅଗତ୍ୟା ଯେଉଁପରି ହରିଜନ ଆଉ ସ୍ତ୍ରୀଙ୍କୁ ଗୋଟାଏ ସ୍ଥାନ ନିର୍ଦ୍ଦିଷ୍ଟ କରି ଯାଉଛି ତାକୁ ଅତିକ୍ରମ କରି ବାହ୍ୟ ସ୍ଥାନରୁ ସ୍ତ୍ରୀମାନେ ଚାହୁଁ ନ ଥାନ୍ତୁ । ବର୍ତ୍ତମାନ ଯେଉଁପରି ବତିଶ ଜଣ ପୁରୁଷ ଭିତରେ ଜଣେ ସ୍ତ୍ରୀ ଯାଇ ମୂକ ହୋଇ ବସିବାକୁ ପଡ଼ୁଛି, ସେପରି ପ୍ରହସନ ଭବିଷ୍ୟତରେ ନ ହେଉ । ନିର୍ବାଚନ ଭାବରେ ଯେଉଁ ଭାବରେ ନାରୀଙ୍କ ସ୍ଥାନ କେବଳ ଦୁଇଟି ହେବ ବୋଲି ନିର୍ଦ୍ଦେଶ ଅଛି, ତାକୁ ଉଠାଇ ଦିଅନ୍ତୁ । ସ୍ତ୍ରୀ ପୁରୁଷ ଭିତରେ ନିର୍ଦ୍ଦିଷ୍ଟ ସ୍ଥାନ ନ ରହୁ । ସ୍ୱ ସ୍ୱ ଶକ୍ତିରେ ସମସ୍ତେ ଚେଷ୍ଟା କରିବାକୁ ଯାଆନ୍ତୁ । ଯେଉଁ ପୁରୁଷ ମାନେ ଶହ ଶହ ଯୁଗ ଆଗରୁ ସକଳ ପ୍ରକାର ଶିକ୍ଷା କ୍ଷେତ୍ରରେ ଅଗ୍ରଗାମୀ ହୋଇ ସାରିଲେଣି ସେମାନେ ତାରୀ କବିତା ଲେଖିଲ ବେଳେ ସିନା ନାରୀଙ୍କୁ ଆଦ୍ୟା ଶକ୍ତି ମାତୃମୂର୍ତ୍ତି ବୋଲି ବନ୍ଦନା ଗାଇବେ, ଅନ୍ୟ ସମୟରେ ନାରୀ ସହିତ ସହଯୋଗ ମନୋଭାବ ଦେଖେଇବା ତେଣେ ଥାଉ, ସୁଯୋଗ ଦେଖି ତାଙ୍କୁ ଏଭଳି ତୀବ୍ର ସମାଲୋଚନା କରିବେ ଯେ ବିଚାରି ଗୃହର ବାହାର ଜଗତରେ ବାସ କରିବା ଦୁର୍ବିସହ ହୋଇ ପଡ଼ିବ । ସୁତରାଂ ସବୁ ଅଡ଼କୁ ଦୃଷ୍ଟି ଦେଇ ନିଜର ବିଦ୍ୟାବୁଦ୍ଧି ଧୈର୍ଯ୍ୟ କଳନା କରି କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରନ୍ତୁ । ଆଉ ମଧ୍ୟ ଏ ପୁରୁଷ ସମାଜ ତ ଚିରକାଳ ସେମାନଙ୍କଠୁ ସେବାପାଇ ଆସିଛନ୍ତି । ଏଣିକି କୃତଜ୍ଞତାର ନିଦର୍ଶନ ସ୍ୱରୂପ ନାରୀଙ୍କ ପ୍ରତି ଅନୁଗ୍ରହ ଦେଖାନ୍ତୁ ।

ଶ୍ରୀମତୀ ସୀତା ଦେବୀ (ଖାଡ଼ଗ୍ରାମ)

ଆୟୁର୍ବେଦାଚାର୍ଯ୍ୟ ଶ୍ରୀ ମହେନ୍ଦ୍ରକୁମାର ପାଣିଗ୍ରାହୀଙ୍କ ଆବିଷ୍କୃତ—
ଆୟୁର୍ବେଦୀୟ ମତରେ ପ୍ରସ୍ତୁତ, ସୁ ଖ୍ୟାତ
**ପ୍ରସାଧନ ସମ୍ଭାର**
ଏ ଶାଖାରେ ଭେଷଜ ଏବଂ କଳ ସ ।
ଶାରଦୀୟୋତ୍ସବର ବେଶ ରଚନାରେ ପ୍ରିୟ ଜନଙ୍କୁ ସାହାଯ୍ୟ କରିବ ।
**ନର୍ମ୍ମଦା କେଶ ତୈଳ—** ବିଶୁଦ୍ଧ ନାରିକେଳ ତୈଳ ଏବଂ ଦେଶୀୟ ଭେଷଜମାନଙ୍କ ସଂଯୋଗରେ କେଶର ଉତ୍କର୍ଷତା ଓ ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ।
**ଅଁଳା ବ୍ରାହ୍ମୀ ତୈଳ—** ବିଶୁଦ୍ଧ ତୈଳରେ ପ୍ରସ୍ତୁତ, ଏହାର ଉତ୍କର୍ଷତା ଜନସମାଜରେ ସମାଦର ।
**ଆଶାଞ୍ଜନ—** ଯାବତୀୟ ବେଦନାର ମହୌଷଧ । ବଜାରର ଯେ କୌଣସି ଅଞ୍ଜନ ଠାରୁ ଏହା ବହୁ ଗୁଣକାରୀ ।
ପ୍ରସ୍ତୁତକାରକ— ଧନ୍ୱନ୍ତରୀ ଔଷଧାଳୟ, ନୟା ବଜାର ବାଲେଶ୍ୱର ।

Digitized by srujanika@gmail.com

## ସହୀଦ ଜୀବନୀ

ସହୀଦ ଦିବାକର ପରିଡ଼ା ଓ
ରଘୁ ମହାନ୍ତି ।

୧୯୩୯ ମସିହାରୁ ୧୯୮୨ ମସିହା ମଧ୍ୟରେ ଯେଉଁ କେତୋଟି ବର୍ଷ କଟିଯାଇଛି,— ତାର ଇତିହାସ ଭାରତବର୍ଷ ତଥା ପୃଥିବୀ ଇତିହାସରେ ଲିପିବଦ୍ଧ ରହିବ । ଏହି ସମୟରେ ସ୍ୱାଧୀନତାର ଢେଉ ସମଗ୍ର ଭାରତକୁ ପ୍ଲାବିତ କରିଥିଲା । ତାର ଏକ କ୍ଷୁଦ୍ର ତରଙ୍ଗ ଓଡ଼ିଶାର ଛୋଟ ଗଡ଼ଜାତ ରଣପୁରରେ ଆସି ଧକ୍କା ଦେଇଥିଲା । ଫଳରେ ରଣପୁରବାସୀ ହୋଇ ଉଠିଥିଲେ ସ୍ୱାଧୀନତା ଲିପ୍ସୁ ।

ଦିବାକର ପରିଡ଼ା ରଣପୁରର ଜଣେ ଯୁବକ— ବହୁ ଉଚ୍ଚ ଶିକ୍ଷିତ ନୁହନ୍ତି । ତଥାପି ସେଥିଲେ ଦେଶ ପ୍ରେମିକ । ସ୍ୱାଧୀନତା ଆନ୍ଦୋଳନରେ ଉତ୍ସାହିତ ହୋଇ ସେ ତାଙ୍କର କେତେକ ବନ୍ଧୁଙ୍କ ସହ ରଣପୁରରେ ସ୍ୱାଧୀନତା ଧ୍ୱଜା ଉତ୍ତୋଳନ କରିବାକୁ ଚେଷ୍ଟା କରିଥିଲେ । ତାଙ୍କର ସ୍ୱର ଭଉଣୀମାନଙ୍କୁ ସେହି ପରାଧୀନତା ଦାସତ୍ୱରୁ ମୁକ୍ତ ହେବାକୁ ପ୍ରେରଣା ଦେଉଥିଲେ । ଯେତେବେଳେ ଦିବାକର ଓ ତାଙ୍କର ଅନ୍ୟାନ୍ୟ ବନ୍ଧୁମାନେ ଏ କାର୍ଯ୍ୟରେ ପ୍ରବୃତ୍ତ ଥିଲେ ସେତେବେଳେ Political agent ଓ ଶାସକ ମିଶି ଅକଥନୀୟ, ଅସହ୍ୟ ଅତ୍ୟାଚାର କରୁଥିଲେ । କେବଳ ଏମାନଙ୍କ ଉପରେ ନୁହେଁ, ସାରା ଗଡ଼ଜାତବାସୀଙ୍କ ଉପରେ । ତାଙ୍କର ଏ ଅତ୍ୟାଚାର ବହୁଦିନ ସହ୍ୟ କରିବା ପରେ ଦିନେ ଅସହ୍ୟ ହୋଇପଡ଼ିଲା । ଫଳରେ ବିଶୃଙ୍ଖଳ ଜନତା ଉତ୍ତ୍ୟକ୍ତ ହୋଇ Political agent ଙ୍କୁ ହତ୍ୟାକରିବା ସଙ୍ଗେ ସଙ୍ଗେ ପୋଲିସ ଆସି ଦିବାକର ପରିଡ଼ାଙ୍କସହ ତାଙ୍କର ବନ୍ଧୁମାନଙ୍କୁ ଗିରଫ କଲା । ଶେଷରେ ଦିନେ ବିଚାର କଷ୍ଟ ହୋଇ ରାୟ ଦିଆଗଲା । ଦିବାକର ପରିଡ଼ା ଓ ତାଙ୍କର ବନ୍ଧୁ ରଘୁ ମହାନ୍ତି ଉଭୟଙ୍କୁ ଫାଶୀ ଓ ଅନ୍ୟାନ୍ୟ କେତେକଙ୍କୁ ଆଜୀବନ ଜେଲ । ଏହି ଘଟଣା କ୍ଷଣକ ମଧ୍ୟରେ ସାରା ଦେଶ ବ୍ୟାପିଗଲା । ରଣପୁର ବାସୀ କର୍ତ୍ତବ୍ୟ ବିମୂଢ଼ ।

ଶେଷ ସମୟ ହେଲା— ଦିବାକର ପରିଡ଼ା ଓ ରଘୁ ମହାନ୍ତି ହସି ହସି ନିଜ ଦେଶପାଇଁ ବରଣ କରିନେଲେ ଈଶ୍ୱର ସେହି ଫାଶି ରସ୍ମିକୁ । ନେ ହୁଏ ଯେଉଁ ଅନେକ ରଣପୁରକୁ ଦେଖାଇ ଯାଇ ଅଛନ୍ତି, ସେ ଅନେକରେ ଅନେକ ରଣପୁର ବାସୀ ଅବଗତ । ଆଜ ମୁହଁ ଏହି ଦୁଇ ଅମରସହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଅଛି ।

କୈଳାସଚନ୍ଦ୍ର ପଣ୍ଡା ( ୮୦୦ )

## ନୂଆନାଗଙ୍କ ନାମ

୮୮୧ । ଶ୍ରୀ ପ୍ୟାରୀ ମୋହନ ବଳ, ୧ମ ବାର୍ଷିକ କଳା, ରେଭେନ୍ସା କଲେଜ କଟକ (ସ୍ଥାୟୀ) ୮୮୧ । ଶ୍ରୀମତୀ ହୀରାମଣି ଦେଇ, କରଞ୍ଜିଆଡ଼ିଆ ଉଃ ପ୍ରଃ ସ୍କୁଲ ପୋଃ ଘଣ୍ଟେଶ୍ୱର ଜିଃ ବାଲେଶ୍ୱର । ୮୮୩ ଜଗବନ୍ଧୁ ଶଙ୍ଖୁଆ, କରଞ୍ଜି ଆଡ଼ିଆ ଉଃ ପ୍ରାଃ ସ୍କୁଲ ପୋଃ ଘଣ୍ଟେଶ୍ୱର ଜିଃ ବାଲେଶ୍ୱର । ୮୮୪ ଶ୍ରୀ ହରିହର ପ୍ରସାଦ ମହାପାତ୍ର, ଭଦ୍ରକ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ପୋଷ୍ଟଃ ଭଦ୍ରକ । ୮୮୫ ଶ୍ରୀ ହରିଶ୍ଚନ୍ଦ୍ର ଦାସ [ ସ୍ଥାୟୀ ] ନୀଳଗିରି ହାଇସ୍କୁଲ ସପ୍ତମ ଶ୍ରେଣୀ ପୋଃ ରାଜ ନୀଳଗିରି । ୮୮୬ ଶ୍ରୀ ସୁଶୀଳଚନ୍ଦ୍ର ମହାପାତ୍ର, ବନକହାଣୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପୋଃ କୁଜଙ୍ଗ ଜିଃ କଟକ । ୮୮୭ ଶ୍ରୀ କରୁଣାକର ତ୍ରିପାଠୀ, ବନକହାଣୀ ହାଇସ୍କୁଲ ପୋଃ କୁଜଙ୍ଗ ଜିଃ କଟକ । ୮୮୮ ଶ୍ରୀ ଧରଣୀଧର ଚୌଧୁରୀ ବନକହାଣୀ ହାଇସ୍କୁଲ ପୋଃ କୁଜଙ୍ଗ ଜିଃ କଟକ । ୮୮୯ ଶ୍ରୀ ପ୍ରବୀର କୁମାର ଜେନା, ପିଃ ଏମ୍ଃ ଏକାଡେମୀ ଏକାଦଶ ଶ୍ରେଣୀ [କ] ପୋଃ ବକ୍ସି ବଜାର— କଟକ । ୮୯୦ ଶ୍ରୀ ଇନ୍ଦ୍ରାନ୍ଦ୍ର କୁମାର ମହାପାତ୍ର [ସ୍ଥାୟୀ] ନାରାୟଣ ଚନ୍ଦ୍ର ହାଇସ୍କୁଲ ପୁରୁଣା ବଜାର ଭଦ୍ରକ ପୋଃ ଭଦ୍ରକ ଜିଃ ବାଲେଶ୍ୱର । ୮୯୧ ଶ୍ରୀ ଅମୃତବଲ୍ଲଭ ପ୍ରଧାନ, ଢେଙ୍କାନାଳ ହାଇସ୍କୁଲ ୧୦ମ ଶ୍ରେଣୀ ପୋଃ ଢେଙ୍କାନାଳ । ୮୯୨ ଶ୍ରୀ ଘନଶ୍ୟାମ ରଥ [ସ୍ଥାୟୀ] ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ—ପୋଃ ରସୁଲକୁଣ୍ଡା ଜିଃ ଗଞ୍ଜାମ । ୮୯୩ ଶ୍ରୀ ମଧୁସୂଦନ ପାତ୍ର [ସ୍ଥାୟୀ] ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଏକାଦଶ (ଚ) ପୋଃ ରସୁଲକୁଣ୍ଡା ଜି ଗଞ୍ଜାମ ୮୯୪ ଶ୍ରୀ ଯୁଗଳ କିଶୋର ମହାନ୍ତି, ଏକାଦଶ ଶ୍ରେଣୀ (ଚ) ଶାଳିପୁର ହାଇସ୍କୁଲ ପୋଃ ସାଲିପୁର ଜିଃ କଟକ । ୮୯୫ ଶ୍ରୀ ସହଦେବ ମିଶ୍ର ରାମକୃଷ୍ଣ ସେବାଶ୍ରମ ପୋଃ ସାଲିପୁର ଜିଃ କଟକ । ୮୯୬ ଶ୍ରୀ ରମାନାଥ ପାତ୍ର C/o ଗୋପୀନାଥ ଭଞ୍ଜ ବାଳଗଲି ଖୋଲ ପୋଃ ଜୟପୁର ଜି କୋରାପୁଟ ।

## ନାଗବନ୍ଧୁ କୁପନ୍

ମୁଁ ଜଣେ ନାଗ/ନାଗୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା, ମୁଁ ସତ୍ୟ ସାହାସ ସେବା ଓ ଅଭ୍ୟାସ ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ

ବାର୍ଷିକ ଚାନ୍ଦା ଟ ୦ ୬ / ସ୍ଥାୟୀ ଚାନ୍ଦା ଟ ୦ ୫ ର ଡାକଟିକଟ

ପଠାଇଲି ।

ତୁମ ସ୍ନେହର ନାଗ/ନାଗୁଣୀ

ଠିକଣା _______________

ତାରିଖ _______________

✽ ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ ।

Digitized by srujanika@gmail.com

୧୯୪୭ର ଶାରଦୀୟା

ସରସ ସୁନ୍ଦର

# ଉ--ଦ--ୟ

ସଚିତ୍ର ସୁପାଠ୍ୟ

ସୁପ୍ରସିଦ୍ଧ ସାହିତ୍ୟିକମାନଙ୍କର ରଚନା ଓ ଚିତ୍ରଶିଳ୍ପୀ ବୃନ୍ଦଙ୍କର ଚିତ୍ରାବଳୀରେ ସମୃଦ୍ଧ ହୋଇ ଏହିମାତ୍ର ୧୫ ତାରିଖ ପୂର୍ବରୁ ବାହାରିଛି। ପ୍ରିୟ ଜନଙ୍କୁ ଉପହାର ଦେବାର ଶ୍ରେଷ୍ଠ ସାମଗ୍ରୀ।

## କେତେକ ବିଶେଷ ଆକର୍ଷଣ:—

ଆମ କଳାକାରଙ୍କ ବ୍ୟଙ୍ଗ-ଚିତ୍ର 'ଅଣ୍ଟି ନାହିଁ କାନ ନାହିଁ' ଓ 'କାକ-ଚୋର ଉପାଖ୍ୟାନ' ଏବଂ ଚିତ୍ରଶିଳ୍ପୀ ଠାକୁ, ବିଭୂତି ଓ ବିପ୍ରୀନ ମନ ମତାଣିଆ ନୂଆ ଧରଣର ଛବି।

ଉପକଥା:
**ଗୋଟିଏ ଲାଲ ଗୋଲାପ**
**ଆଶ୍ରମରେ ଏକାକୀ ମୁଁ**

ଏକାଙ୍କିକା:
**ପ୍ରଶ୍ନ**

ଅନୁବାଦ:
**ବର୍ଲିନରୁ କହୁଛି**
**ଡାଲ୍ଟ୍ ଯେବେ ଗୀତା ଗଲା**

କଥା:
କାହ୍ନୁ ଚରଣ, ଅନନ୍ତ ପ୍ରସାଦ, ନିତ୍ୟାନନ୍ଦ, ଗୋପୀନାଥ, ଚନ୍ଦ୍ରମଣି, ଲକ୍ଷ୍ମୀନାରାୟଣ, ପ୍ରମଦା, ବସନ୍ତ, ପ୍ରେମଲତା, ସରଳା, ଦଣ୍ଡପାଣି, ରାମନାଥ, ଜଗଦ୍‌ବନ୍ଧୁ

କବିତା:
ଲକ୍ଷ୍ମୀନାରାୟଣ ସାହୁ, ରଜନୀକାନ୍ତ, ନୀଳକଣ୍ଠ, ଭାସ୍କରଚନ୍ଦ୍ର, ଚକ୍ରଧର, ଦେବବ୍ରତ, ଗୋପାଳ, ରମାନନ୍ଦ, ହରପ୍ରିୟା

ମୂଲ୍ୟ ଟ ୧।, ରେଜେଷ୍ଟ୍ରି ଡାକ ଯୋଗେ ଟ ୧୷, ଭି ପି ପଠାଯିବ ନାହିଁ
ଖବର କାଗଜ ଏଜେଣ୍ଟ ଓ ରେଲବାଇ ବହି ଦୋକାନରେ ମିଳେ।

**ସମ୍ପାଦକ, ଓଡ଼ିଆ ଲେଖକ ସହଯୋଗ ସମିତି ଲି:, ଡଗରପଡ଼ା, କଟକ—**

---

# ମେଲେରିନ

ମେଲେରିଆ ଏବଂ ଅନ୍ୟାନ୍ୟ ଜ୍ୱରର ଅବ୍ୟର୍ଥ ମହୌଷଧ—
୧୦୦ ବଟୀର ମୂଲ୍ୟ ଟ ୨୷

—*—

## ସର୍ବବ୍ୟାଧି ହର
# ସାଭ୍‌ରେନ ସ୍ପେସିଫିକ

ସର୍ବ ପ୍ରକାର ରୋଗ ବିଶେଷତଃ ସ୍ତ୍ରୀ ରୋଗର ଅମୋଘ ଔଷଧ ମୂଲ୍ୟ ଟ ୪୷

ପ୍ରାପ୍ତିସ୍ଥାନ—Gouri Ayurveda Stores
(Registered)
MARUTER W-Godavary

---

## ହାଉଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ବାତରକ୍ତ ମର୍ଦ୍ଦନ ସ୍ପର୍ଶତା ଗଳିତ ବା ଅଗଳିତ କୁଷ୍ଠ, ଏକ୍‌ଜିମା, ସୋରାଇସିସ୍ ଦୁଷ୍ଟ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ଆଉ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ, କଲିକତା

Printed & Published by G. C. Mohapatra at the [illegible] press, [illegible] 1947.

ଏକାଦଶ ବର୍ଷ ଏକାଦଶ ସଂଖ୍ୟା ସୋମବାର




ପକ୍କା ପାକିସ୍ତାନୀ ବନ୍ଧୁତା



ସ ମରନ୍ତ ମୋର ପାଣ, କହନ୍ତି ଏକାନ୍ତ ବିଶ୍ୱାସ —ଜନ୍ମା—

Digitized by srujanika@gmail.com

## ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୬୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୷ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜରର 'ଡଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ଦାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)


## ବମ୍ବେ ଲାଇଫ ଏସିଓରେନ୍ସ କମ୍ପାନି ଲି:—

ପ୍ରତିଷ୍ଠିତ—୧୯୦୮ ହେଡ ଅଫିସ—ବୋମ୍ବାଇ

ସର୍ବଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନିରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବ ନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

୧୯୪୫ର ସଂକ୍ଷିପ୍ତ ବିବରଣ—

ବାର୍ଷିକ ଆୟ ୭୩ ଲକ୍ଷରୁ ଉର୍ଦ୍ଧ୍ୱ ବୀମାପାଣ୍ଠି ୨ କୋଟି ୧୬ ଲକ୍ଷରୁ ଉର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଉର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ ଇନ୍ସପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମନିୟମ, ବି. ଏମ୍. ଏ. ଅଇ. ଏ.
ମେନେଜର ଏବଂ ଏକଚୁଆରି
ହେଡ଼ ଅଫିସ—ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com




# ବିଲୁଆ ବିଚାର

୧୧ଶ ବର୍ଷ— ସୋମବାର— ଜନ୍ୟ ( ଅପ୍ରିଲ ) ତା ୨୭ ନ ୧୯୪୫ ୧୧ଶ ସଂଖ୍ୟା

ଶ୍ରୀଯୁକ୍ତ ଚର୍ଚ୍ଚିଲ ଯଦିନେ ପ୍ରଧାନ ମନ୍ତ୍ରୀ ଥିଲେ । ଏଣିକି ସେ ଚାକିରୀ ଯିବା ଦିନରୁ ଶୁଣାଯାଏ ସେ ଲଣ୍ଡନର ଫୁଟପାଥରେ ବସି ହାତ ରେଖା ଗଣି ଆଗତ ଭବିଷ୍ୟ କଥା-ମାନ କହୁଛନ୍ତି । ଅବଶ୍ୟ ବିଲାତ ଫେସନରେ ହାତ ଗଣିବା ସେ ଦେଶରେ ଅଛି । କିନ୍ତୁ ଚର୍ଚ୍ଚିଲଙ୍କ ଭାରତ ପ୍ରୀତି ଅତିରିକ୍ତ ହେବାରୁ ଶୁଣାଯାଏ ସେ ଏ ଦେଶରୁ ନାମାବଳି, ରକ୍ତ ଚନ୍ଦନ, ରୁଦ୍ରାକ୍ଷ ଓ କଣ୍ଠି ଦାଢି ଓ ବାଲ ପାର୍ସଲ ମଗାଇ-ଛନ୍ତି । ଏହି ରୂପରେ ସେ କେବଳ ଲୋକଙ୍କର ଭବିଷ୍ୟତ ନୁହେଁ— ଦେଶ ମାନଙ୍କର ଭବିଷ୍ୟତ ମଧ୍ୟ କହିବେ ।

× × ×

ଆଜି ଭାରତରେ ଯେଉଁ ଭାତୃହତ୍ୟା ଚାଲିଛି ସେକଥା କେମନ୍ତେ ଚର୍ଚ୍ଚିଲ ପଣ୍ଡିତେ ବର୍ଷକ ଅଗରୁ କହିଦେଇଥିଲେ । ପୁଣି ଏବେ ବର୍ମାରେ ହେଇ ଭଳି କାଣ୍ଡ ଘଟିବ ବୋଲି ସେ ଚେତାଉଣୀ ଦେଇ-ଛନ୍ତି ଏବଂ କହୁଛନ୍ତି ଯେ ହେ ଲଣ୍ଡନ-ବାସୀ, ଧର୍ଯ୍ୟ ଧର, ତମେ ବଞ୍ଚିଥାଅ ମୋ କଥା ସତ କି ମିଛ ବଳେ ଦେଖିବ । ଭଗବାନ କରନ୍ତୁ ଚର୍ଚ୍ଚିଲ କଥା ସତହେଉ କିନ୍ତୁ ତାର ସମୟଟା ବା ତାରିକଟା ନିର୍ଦ୍ଦିଷ୍ଟ ନଥାଉ । କାରଣ ଚର୍ଚ୍ଚିଲ ତାର ତାରିଖ ଦେଇ ନାହାନ୍ତି । ଏ ତାରିଖ ଯେତେ ଗଡ଼ି ଗଡ଼ି ଯାଉଥିବ— ଲଣ୍ଡନ ବାସୀଙ୍କର ସେତେଦିନ ଅଧିକ ଆୟୁ ବଢି ବଢ଼ି ଯାଉ-ଥିବ— ନହେଲେ ସେ ଦେଖିବେ କିପରି ? ବର୍ମା ଓ ଭାରତର ଦୁର୍ବିପାକରେ ଲଣ୍ଡନର ଜୀବନ ।

\+ + +

ମି: ଆସଫ ଅଲି ଭାରତ ତରଫରୁ ଆମେରିକାକୁ ଯାଇଥିଲେ ରାଜଦୂତ ହୋଇ । କୌଣସି କାରଣରୁ ତାଙ୍କୁ ଫେରାଇ ଅଣାଗଲା । କଥା ଉଠିଲା ସେ ଆଉ ଦୂତ ହୋଇ ଯିବେ ନାହିଁ । ଭିତର କାରଣ ତାର ବହୁତ ଶୁଣାଯାଉଥିଲେହେଁ ବଡ଼ଲୋକଙ୍କ ନାଆଁରେ ସେ ଗୁଡ଼ାକ ପଖାଳିବା ଅଭଦ୍ରତା । ତେବେ ଗାନ୍ଧିଜୀ ତାଙ୍କୁ ଓ କଂଗ୍ରେସକୁ ଗୁଡ଼ାଏ ବଦନାମରୁ ରକ୍ଷା କରି ଦେଇଛନ୍ତି ଏତିକି ସୁଖର କଥା । ଭବିଷ୍ୟତକୁ ଗାନ୍ଧିଜୀଙ୍କ ପରାମର୍ଶା-ନୁଯାୟୀ ଆସଫଙ୍କ ସ୍ତ୍ରୀ ଶ୍ରୀମତୀ ଅରୁଣା ଏଥର ପତିଙ୍କ ସହଧର୍ମିଣୀ ହୋଇଛନ୍ତି ଯେତେବେଳେ ଏଣିକି ସେ ଠିକ ବାଟରେ ଚାଲିବେ । ଆସଫ ଟିକିଏ ଥଣ୍ଡା ମିଜାଜ ଥିବାରୁ ତାଙ୍କୁ ଥଣ୍ଡା ଲାଗିଯାଉଛି—ଅରୁଣା ତାଙ୍କୁ ଅଗ୍ନି ତାପରେ ଉଷୁମେଇ ଦେବେ ବୋଲି ଆଶା ।

× × ×

ଶ୍ରୀମତୀ ଅରୁଣା ଜଣେ ବିଖ୍ୟାତ ସୋସିଏଲିଷ୍ଟ ନେତ୍ରୀ । ସେ ଏବେ ବିଲାତର ଏକ ସଭାରେ କହିଛନ୍ତି କି— ଭାରତରେ ସୋସିଏଲିଷ୍ଟ ଦଳ ସ୍ୱତନ୍ତ୍ର ହୋଇ ରହିବାର ଦରକାର ନାହିଁ । ସମସ୍ତଙ୍କର ନେହରୁ ସରକାରଙ୍କୁ ସମର୍ଥନ କରିବା ଉଚିତ । ଅରୁଣା— ଅ+ରୁଣା ହୋଇ ଚିରଦିନ ରହିବେ ।

\+ + +

ମହାତ୍ମାଜୀ ୧୨୫ ବର୍ଷ ବଞ୍ଚିବେ ବୋଲି ଅଗରୁ ଇଚ୍ଛା କରୁଥିଲେ । ଏବେ ଦେଶର ବିଭ୍ରାଟ ଦେଖି ସେ ଆଉ ବେଶି ଦିନ ବଞ୍ଚିବାକୁ ଇଚ୍ଛା କରୁନାହାନ୍ତି ବୋଲି ନିଜ ମୁହଁରେ କହିଲେଣି ।

ଗାନ୍ଧିଜୀଙ୍କର ବଡ ଆଶାଥିଲା ସେ ଭାରତରେ ରାମରାଜ୍ୟ ସ୍ଥାପନ କରିବେ । କିନ୍ତୁ ଏଇଟିକି ଯେଉଁ ହଟ୍ଟାକଟା ଲାଗିଛି ଓ ଯାହା ଫଳରେ ଯୁଦ୍ଧ ବି ଲାଗିଗଲାଣି, ତାହା ଦେଖି ତାଙ୍କ ମନରେ ଘୋର ଦୁଃଖ ହୋଇଥିବାର କଥା । ମାତ୍ର ଆମର ମନେ ହୁଏ, ତାଙ୍କର ନିଜ ଚେଲାମାନଙ୍କ ଶାସନରେ ଯେଉଁ ସ୍ୱେଚ୍ଛାଚାର, କଳାପୋଟଲି, ଅସାଧୁତା, ପକ୍ଷପାତିତା ଓ ଶେଷକୁ ଦୁର୍ଭିକ୍ଷ ମାଡ଼ିଆସିଲାଣି, ସେଥିରେ ରାମରାଜ୍ୟ ଆଶା କେଉଁ ଗହନରେ ପଶିଲାଣି । ଏଥିରେ ଏଭଳି କଥା କହିବା ତାଙ୍କ ପକ୍ଷରେ ବିଚିତ୍ର ନୁହେ ।

× × ×

ଶ୍ରୀ ସାରଙ୍ଗଧର ଦାସଙ୍କୁ ଗଡ଼ଜାତ-ବାସୀମାନେ ଗଡ଼ଜାତ କେଶରୀ ପଦ ଦେଇ ସାରିଲେଣି । ମୋଗଲ ବନ୍ଦୀଅଙ୍କର ମନ୍ତ୍ରୀ-ତାଙ୍କୁ "ଉତ୍କଳ କେଶରୀ" ପଦ ଦେବା ଦେଖି ଏହା ଯେ ହୋଇଛି ଏଥିରେ ସନ୍ଦେହ ନାହିଁ । ସାରଙ୍ଗଧର ବାବୁଙ୍କର ଏକଦା ଦୋଳାୟମାନ କେଶର ଥିବାରୁ ଏ ପଦଟା ତାଙ୍କୁ ଯେପରି ଦିନେ ଶୋଭା ପାଉଥିଲା, ମହତାବ ବାବୁ କେଶରହୀନ ହୋଇ କେଶରୀ ଆଖ୍ୟା ଧରିବା ସେପରି ଅଶୋଭନୀୟ ଥିଲା । ବର୍ତ୍ତମାନ ଉଭୟେ କେଶରହୀନ କେଶରୀ । ବିଲୁଆ ସଭା ଏହି କେଶରୀ ଶବ୍ଦ ବଦଳରେ ଉତ୍କଳ ମହାବୀର ଓ ଗଡ଼ଜାତ ମହାବୀର ଉପାଧି ପ୍ରସ୍ତାବ କରୁଛନ୍ତି । ଅବଶ୍ୟ 'ମହାବୀର' ଅର୍ଥ 'ହନୁମାନ' ଯେପରି କେହି ନବୁଝନ୍ତି ।

Digitized by srujanika@gmail.com

ପ୍ରକାଶର ପ୍ରକାଶନେ ସକାଶ ଓଡ଼ିଶା ସରକାର ବାଲେଶ୍ୱର ଜିଲ୍ଲାବୋର୍ଡ଼ ହାତରେ କେତେ ଟଙ୍କା ଦେଇଥିଲେ । ତହିଁରେ କେଉଁ ଗୋଟାମାନଙ୍କ ତୋଳିଏ ହଜାରରୁ ଛ ହଜାର ଖରଚ ହୋଇଛି, ଘର ଓ ରାସ୍ତା ମରାମତି ଗ୍ରୁଣି ହଜାରରୁ ଛବିଶ ହଜାର, ରକ୍ଷଣାବେକ୍ଷଣ କେତେ ଗ୍ରୁଣି ହଜାରରୁ ପଚିଶ ହଜାର ଓ ଛାତ୍ର-ଚିକିତ୍ସା ସ୍କୁଲ ପାଇଁ ସତୁରି ହଜାରରୁ ସାଢ଼େ ମଟାଟ ହଜାର ।

ଏପରି ମିତବ୍ୟୟିତା ଓ ସହିଷ୍ଣୁତା ପାଇଁ ବାଲେଶ୍ୱର ଜିଲ୍ଲାବୋର୍ଡ଼କୁ ଆମେ ଅଭିନନ୍ଦନ କରିବାକୁ ବାଧ୍ୟ । ଓଡ଼ିଶାର ଅନ୍ୟ ଜିଲ୍ଲା ବୋର୍ଡ଼ମାନେ ଏହି ମହାନ ଆଦର୍ଶର ଅନୁକରଣ କରିବା ଉଚିତ । ମନ୍ତ୍ରୀ ମିଶ୍ରଙ୍କୁ ଏଥର ବୋର୍ଡ଼ କୁବେର ବୋଲି ଦଣ୍ଡାଗ୍ରା ।

ଯାହାହେଉ ବୋର୍ଡ଼ କର୍ମଚାରୀମାନେ କିଛି କିଛି ଅଧିକା ଭତ୍ତା ପାଉଛନ୍ତି । ବାକୀରୁ ମଧ୍ୟ ଅନେକ ଲୁଟ ଶ୍ରେଣୀରେ ଯିବ । କାରଣ କଥାରେ ଅଛି ପରା—

ରଙ୍କୁଣୀ ଛଣ୍ଡିଗ ଧନ,

ନାକୁ ମୂଷାକଲା ଭଲପାନ ।

\+ + +

ବଲ୍‌ଅ ସଭାର ଅଂଗରଥ ଅଧିବେଶନରେ ଜଣେ ସଭ୍ୟ ପ୍ରସ୍ତାବ କଲେ; ଯଥା—

ଓଡ଼ିଆ ଜାତିର ମୌଳିକତା ନଥିବାରୁ ଓ ଜାତୀୟ ଅନୁକରଣ ମଟ୍ଟ ବୋଲି ଖ୍ୟାତି ଲଭିଥିବାରୁ ତାଙ୍କ ନାମରେ "ଦେଖାଶିଖା ଓଡ଼ିଆ" ବୋଲି ଗୋଟିଏ ପ୍ରବାଦ ଚଳି ଆସିଅଛି । ବଙ୍ଗ, ଆସାମ, ଯୁକ୍ତପ୍ରଦେଶ ଆଦି ସରକାରମାନେ ସମଗ୍ର ସରକାରୀ କାଗଜ ପତ୍ରମାନଙ୍କରୁ ଇଂରାଜୀ ଭାଷା ଲୋପକରି ମାତୃଭାଷା ପ୍ରଚଳନର ବିଧାନ କରିଥିବା ସ୍ଥଳେ ଓଡ଼ିଶା ସରକାର ଓଡ଼ିଶାରେ ତାହା ନକରି କେବଳ ପ୍ରାଇମେରି ସ୍କୁଲ ମାନଙ୍କରୁ ଇଂରାଜୀ ଉଠାଇ ଦେବାର ହୁକୁମ ଦେଇଥିବାରୁ ପ୍ରତିବାଦ, ଅପବାଦ, ନିନ୍ଦାବାଦ କରାଯାଉ ।

ଅନ୍ୟ ଜଣେ ସଭ୍ୟ ଉତ୍ତର ଦେଲେ କି—ଆମ୍ଭ ସରକାର "ଶନୈଃ ପନ୍ଥା ଶନୈଃ କନ୍ଥା ଶନୈଃ ପର୍ବତ ଲଙ୍ଘନଂ" ରୂପ ଆପ୍ତ ବାକ୍ୟ ଓ ଶାସ୍ତ୍ରୀୟ ନୀତି ଅନୁସରଣ କରିଥିବାରୁ ତାଙ୍କୁ ଅଭିନନ୍ଦନ, ସମର୍ଥନ ଓ ବନ୍ଦନ କରାଯାଉ ।

ତୃତୀୟ ଜଣ କହିଲେ—ଏହା "ଶିରୋ ନାସ୍ତି ଶିରୋବ୍ୟଥା" ପରି ହୋଇଛି । ଅର୍ଥାତ୍ ଓଡ଼ିଶାର ପ୍ରାଇମେରି ସ୍କୁଲମାନଙ୍କରେ ଇଂରାଜୀ ଶିକ୍ଷା ଦିଆଯିବା କେବଳ କାଗଜ କଲମରେ ଅଛି । ତାହା ରହିତ କରିବାର ମୂଲ୍ୟ କିଛି ନାହିଁ । "ହିନ୍ଦୁମାନେ ଆଜିଠାରୁ ଗୋମାଂସ ଖାଇବେ ନାହିଁ" ବୋଲି ଆଇନ କରିବା ଯାହା, ପ୍ରାଇମେରି ସ୍କୁଲରୁ ଇଂରେଜୀ ଉଠାଇ ଦେବା ସେଇଆ ।"

ନାନା ବାଦାନୁବାଦ ପରେ, ସର୍ବଶେଷରେ ସଭାପତି ଭାଷଣ ଦେଲେ କି—ଆପଣମାନେ କେହିହେଲେ ସରକାର ଗୂଢ଼ ତତ୍ତ୍ୱ ବୁଝି ନପାରି ଏପରି ବାଦାନୁବାଦ କରୁ ଅଛନ୍ତି । ଆମ ସରକାର ଅତି ବୁଦ୍ଧିର କାମ କରିଛନ୍ତି । ତାଙ୍କର ନୀତି ହେଉଛି "ମୂଳମାଇଲେ ଯିବ ଶାଳ" ଅର୍ଥାତ ପ୍ରାଇମେରି ଠାରେ ଇଂରେଜୀ ବନ୍ଦ କରିଦେଲେ ଆଉ ଥିବ କେ, ପିଲେ ସ୍କୁଲ କଲେଜରେ ଇଂରେଜୀ ପଢ଼ିବେ ।"

ଏଥି ଉତ୍ତାରୁ ଭୋଟ ନିଆଗଲା । U. N. O. ସଭାରେ ପାକିସ୍ଥାନ ଗ୍ରହଣ ସମ୍ବନ୍ଧରେ ଏକା ଅଫଗାନିସ୍ଥାନ ବିରୁଦ୍ଧ ଭୋଟ ଦେଲା ପରି କେବଳ ପ୍ରସ୍ତାବକଙ୍କ ଛଡ଼ା ବାକି ୫୩ ଜଣ ସଭ୍ୟ ସରକାରଙ୍କୁ ସାଧୁବାଦ ଦେବା ସପକ୍ଷରେ ଭୋଟ ଦେଲେ ।

× × ×

ଓଡ଼ିଶା ଚମ୍‌ତ୍କାର ରୋଳ ଉଠୁଛି ଯେ ଆମ କଂଗ୍ରେସ ସରକାର ମୁଣ୍ଡରୁ ବଳାଇ ବେଶି କୋଷ୍ଠୀ ମହଜାରେ ଏତେ ଗୁଣ୍ଡରିଆ ରଖିଲେଣି ଓ ରଖୁଛନ୍ତି ଯେ ଏହି ଗୁଣ୍ଡରିଆ ପୋଷଣରେ ଓଡ଼ିଶାର ଅଧିକ ଦୁଇ ତୃତୀୟାଂଶ ଖରଚ ହୋଇ ଯାଉଛି । ଏଥିରେ ମହତାବଙ୍କ ବାଲେଶ୍ୱର ଜିଲ୍ଲାବୋର୍ଡ଼ର କର୍ତ୍ତା ଥିଲାବେଳେ ଯେପରି ଦୁଅଳିଆ ହୋଇ ଯାଇଥିଲା ଓଡ଼ିଶା ସରକାର ସେହିପରି ହୋଇଯିବ ।

ଆମେ କିନ୍ତୁ ଏପରି ଆଶଙ୍କାର କୌଣସି କାରଣ ଦେଖିପାରୁ ନାହୁଁ । ଅଧୁନିକ ଅର୍ଥ ଜଗତରେ 'ଋଣଂ କୃତ୍ୱା ଘୃତଂ ପିବେତ୍' ହେଉଛି ସର୍ବବାଦୀ ସମ୍ମତ ନୀତି । ଏତ୍ଦ୍ଭିନ୍ନ ଆମ ପ୍ରଧାନମନ୍ତ୍ରୀଙ୍କର ଆଦର୍ଶ ହେଉଛି ଅତାଳତ୍ୱକର୍ମତା । ପ୍ରତ୍ୟେକ ଓଡ଼ିଆର ଯେପରି ଦାନା, ଜଳ ଓ ବର୍ଷ ଉହର କେହି ଅଭାବ ଅନୁଭବ କରି ନ ପାରିବେ । ସେହି ଧାରାରେ ସେ ଯୋଜନା କରି ଅଛନ୍ତି । ତାଙ୍କର ଉଦ୍ଦେଶ୍ୟ ପ୍ରତି ଓଡ଼ିଆ ଯେପରି ସରକାରୀ ଖର୍ଚ୍ଚରେ ପାଇ ଦରମା, ଭତ୍ତା ବା ପୁରସ୍କାର ଦ୍ୱାରା ଆପଣାର ସରଳ ମେଣ୍ଟାଇବେ । ସେଥିପାଇଁ କାହାରି ବ୍ୟସ୍ତ ହେବାର ବା ମୁଣ୍ଡ ଘରର ଖଟାଇବାର ନ ପଡ଼ିବ ।

ଯଦି କହ, ସମସ୍ତେ ଯଦି ସରକାରୀ ଖର୍ଚ୍ଚରେ କରି ଟଙ୍କା ନେବେ, ତେବେ ସରକାରଙ୍କୁ ଟଙ୍କା ଦେବ କିଏ ? ଆମେ କହୁଛୁ, ସେ ଚିନ୍ତା କରିବାକୁ ତୁମେ କିଏ ? ସେ ସବୁ ଚିନ୍ତାରୁ ପାର ପାଇବା ପାଇଁ ତ ତୁମେ ଜଣକୁ ମୁଖିଆ କରି ଥୋଇଛ । ଆଉ ପୁଣି ସେଥିପାଇଁ ମୁଣ୍ଡ ବଥାଉଛ କାହିଁ ? ଖାଇବାକୁ ପିନ୍ଧିବାକୁ ଓ ମଉଜରେ ରହିବାକୁ ତୁମର ଅଭାବ ନ ହେଲେ ସରିଲା । ବୃଥାରେ ଅନଧିକାର ଚର୍ଚ୍ଚା କରନା କର । + × +

ପାଇଲାଯାଏଁ କଂଗ୍ରେସବାଲାଙ୍କଠାରୁ ଅଧିକ ଭୋଟ ପାଇ ବଧାଯିବ ସଭାକୁ ଯିବାର ଦେଖି କଂଗ୍ରେସର ଏକମାତ୍ର ଇଂରାଜୀ ଦୈନିକ ନବ ଓଡ଼ିଶା କଂଗ୍ରେସର ଏ ଅଧଃପତନରେ ଦୁଃଖ କରି ତାଙ୍କର ଏ ବର୍ତ୍ତର ପ୍ରତି ଆକ୍ଷେପ ପ୍ରଦର୍ଶନ କରିଛନ୍ତି । ଯେଉଁ ଧନ, ସାମନ୍ତ ପାଇଁଲା ସେବକ ନାନା ଉପାୟରେ କଂଗ୍ରେସକୁ ଲୋପ କରିବାକୁ ବସିଥିଲେ, ପ୍ରତାପନ୍ତ ବଧାଯିବ ସଭାକୁ କଂଗ୍ରେସ ତାଙ୍କୁହି ବାଛି ପଠେଇଲେ କେଉଁ ଦୟାରେ ?

ନବ ଓଡ଼ିଶାଙ୍କର ଏ ଅସହିଷ୍ଣୁତା ଦେଖି ଆମର ବ ଦୁଃଖ ଲାଗୁଛି । ସେ ବୋଧହୁଏ ଭୁଲି ଯାଉଛନ୍ତି ଯେ ଉଦାରତା ଓ ସାର୍ବଜନୀନତା କଂଗ୍ରେସର ଧର୍ମ । ସଙ୍କୀର୍ଣ୍ଣତା ଓ କୃତଘ୍ନତାକୁ ବର୍ଜନ କଲେତ ଯାଇ ସଦଗତି ମିଳିବ ! ଗାନ୍ଧିଜୀ ପରା କହୁଛନ୍ତି—ଅପରାଧୀକୁ କ୍ଷମା କର—ଶତ୍ରୁକୁ ପ୍ରେମ କର !

\+ + +

କିନ୍ତୁ ପାଇଲାଙ୍କୁ କଂଗ୍ରେସ ବାଛିବା ଯେତେ ଆଶ୍ଚର୍ଯ୍ୟ ନୁହେଁ, ତାଙ୍କୋଦ୍ଧାରଙ୍କ ଏକାଧାରରେ ପାଇଲା ଓ କଂଗ୍ରେସ ଦଳ ଉଦ୍‌ବେଳ ଆଶ୍ଚର୍ଯ୍ୟ କଥା । ଏକଦା ପାଇଲା ରୂପୀ ଶୋଷିତ, ନବଓଡ଼ିଶା ଆଉ ପୋଷିତ ହଉ ବା ନାହିଁ ବା ଉଚ ତାଙ୍କର ବର୍ତ୍ତମାନ ପ୍ରେମୀ କଂଗ୍ରେସ ପ୍ରତି ଏ ମାନ ଅଭିମାନକୁ କଂଗ୍ରେସ ପତି ମହତାବ 'ଦେହି ପଦ ପଲ୍ଲବ ମୁଦାରମ୍' କରି ଭଜନ କରିବେ କି ? + × +

Digitized by srujanika@gmail.com

# ଅଧ୍ୟାପକ

ଏ' ପ୍ରଚାରର ଅର୍ଥ ନେତୃତ୍ୱର ଭାର ଗ୍ରହଣ ଠିକଣା କହିବା କଷ୍ଟ କଥା । ସର୍ବଶେଷରେ ମୁଁ ବୁଝେ, ଅପରାଜିତ ସ୍ୱର୍ଗଦୂତଙ୍କ ପରଶରେ, ଦେବତା ଭଳି ଜ୍ୟୋତିରେ ମୁହଁ ଉପରେ ମୁଁ ତାଙ୍କର ସାନ-ଚନ୍ଦ୍ର ଦେଖିଥିଲି; ସେ ବସିବା ସ୍ଥଳରେ ବସିଥିଲେ, ବସିବା କଥାରେ ଅସାଧାରଣ ଗାମ୍ଭୀର୍ଯ୍ୟ ହୋଇଛି । ସବୁ ସଙ୍ଗେ ରହିବା ଦେବତା ପାଇ ଯାହାଙ୍କର ଅଛି, ତାଙ୍କ ଦାସତ୍ୱ ଲୁଣର ନିଷ୍ଠା କରନ୍ତି । ତାଙ୍କର ସ୍ନେହ ସବୁ ଉପରୁ ଲଞ୍ଜ ସହି ମୋ ପାଠଦେବ ସୃଷ୍ଟିବା ଅଗରୁ

## ଛଅଟିଏ କହୁଁ

ମୁଁ ତାଙ୍କ ପରମ ସ୍ନେହରେ ଚୋଟନଥିଲି ରହି ଅନ୍ତରେ ଦେଖିଛି । ଚିକିତ୍ସା କଥା ମୁଁ ପଚାରିଛି । କେତୋଟି ପୁଅ, କେତେଟି ଝିଅ । ଛଅଟି କହିବାରେ ତାଙ୍କର ବଦନ ଉପରେ ଆତ୍ମପ୍ରସାଦର ଯେଉଁ ପରମ ତୃପ୍ତି ଝଲସିଯାଏ ତାକୁ ଧୀର ଗମ୍ଭୀର ମୁଁ ଉପଭୋଗ କରିଛି । ଟୋକିଏ ୧୨ ଟାର୍ଗ ସ୍କୁଲରେ ପଢେ । ଟୋକିଏ କଲେଜରେ । ପୁଅଟି ବିଦେଶରେ ଯୁଦ୍ଧରେ ଥାଏ । ସାନପୁଅ ଟିଙ୍କଟି ବୁଦ୍ଧିରେ ଏକେବାରେ ଭୁଲିବ । ଯାହା ଥିଏଟରେ ଦେଖିଲେ ଟେଷ୍ଟ କରିଦିଏ; ଶାଢ଼ୀ ଚିହ୍ନାଇ ଦିଏ । ସବାରିଳ ଦଉଡି, ସବେ ଅଛନ୍ତି ।

କଥାରୁ ବାହିଁକି ବଳା ଚକଚକ ଗାଲେ ଗାଲେ ଉଜ୍ଜ୍ୱଳ ରେଖା ମୁଁ ଦେଖି ପାରିଲି । ସେମାନଙ୍କ ଝିଅ କଲେଜରେ ପଢନ୍ତି; ଆଉ ମୁଁ ସେହି କଲେଜର ଅଧ୍ୟାପକ । ହା, ଭଗବାନ, ଆଜ ନିଶ୍ଚୟ ମୋ ଦୁର୍ଘଟର ଅବସାନ ହେବ । ବାସ ଗନ୍ତେ ପାଇ ପାରିବ । ଦୂରଣ ମାଇଲ ଦୂରରେ ପ୍ରଣୟିନୀ ମୋର ଅଂଜନ ରଂଜିତ ନେତ୍ରପଲ୍ଲ ଉଠାଇ ଶ୍ରାବଣର ଜଳଭରା ଆକାଶକୁ ଝର୍ ଝର୍ ଯେ ଲୁହ ଢାଳି ଯାଉଛନ୍ତି, ତାଙ୍କର ମୁଖ ଉପରେ ମୁଁ ଉଲ୍ଲାସର ରେଖା ଦେଖି ପାରିବି । ଭଗବାନ ତୁମେ ସତେ କେଡ଼େ କରୁଣାମୟ !!

"ଆପଣଙ୍କ ଝିଅ କଲେଜରେ ପଢନ୍ତି ? ମୁଁ ଅଧ୍ୟାପକ । ଆପଣଙ୍କର ଚିନ୍ତାର କାରଣ ନାହିଁ । କେବଳ ଆପଣଙ୍କର ସହଯୋଗ......" ଏଥର କିଛି ଉତ୍ତର ଅପେକ୍ଷାରେ ବସିରହିଲି । ବେଶୀବେଳ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ବୃଦ୍ଧ ଗମ୍ଭୀର ସ୍ୱରରେ ଆରମ୍ଭ କଲେ—

'ଆପଣ ଜଣେ ହିନ୍ଦୁ ?'

ପ୍ରମାଦ ଗଣିଲି । ଧର୍ମର ଚର୍ଚ୍ଚା କାହିଁକି ? ବରଂ ୨୦ ବା ୨୫ ଟଙ୍କା କହିଥିଲେ ଅବା ତାଙ୍କ ହାତରୁ ଦଶ ଟୋକାଏ ଅଙ୍କ ବାହାରିଥିଲେ ମୁଁ ତଥାସ୍ତୁ କରି ସାଙ୍ଗେ ସାଙ୍ଗେ ସ୍ତ୍ରୀଙ୍କ ପାଖକୁ ତାର କରି ଦେଇଥାନ୍ତି । ଭଦ୍ରଲୋକ ଧର୍ମ ନେଇ ଏତେ ବ୍ୟସ୍ତ କାହିଁକି ?



ମୁଁ ଜାଣେ ମୋର ଧର୍ମଚିନ୍ତା ବଡ ଧର୍ମନାହିଁ । ମନୁଷ୍ୟର ହୃଦୟ ମୋ ପାଖେ ପରମେଶ୍ୱର । ତଥାପି ସଂସାର ବୋଝକୁ ମୁଁ କହି ପକାଇଲି—"ହଁ ।"

ତାଙ୍କର ମୁହଁ ଉପରେ ଗୋଟାଏ ଝୁଙ୍ଗ ଝୁଙ୍ଗ ଛବି ଉପରେ ଖେଳିଗଲା, ଶୁଭ୍ର ଓଠୋଷ୍ଠ ଭ୍ରମରେ ଦୋହଲିଗଲା । ମୁହଁ ଏଥର ସେପଟକୁ ଥରେ ଘଞ୍ଚି କଲ । ଗୋଟାଏ ମସ୍ତକ—'ନାଥ' ଯାହାର ଦୈର୍ଘ୍ୟ ଓ ପ୍ରସ୍ଥ ମାପିବା ସେତେବେଳେର ମାନସିକ ଅବସ୍ଥାରେ ମୋର ସମ୍ଭବ ହୋଇ ନଥିଲା । ସେହି ନାଥ ପଦକ ଟୋକି ଉଚ୍ଚ ଅସନ୍ତୋଷ ଭଳି ଶେଷରେ ମୋର ହୃଦୟଟାକୁ ଅସର ପ୍ରାଣରେ ନୈରାଶ୍ୟ ସଂଚାର କଲା ।

## କାହାଣୀ

ମୁଁ କେବଳ ଏକ ପ୍ରତିମା ଭଳି ବସି ରହିଥାଏଁ । କେତେବେଳୁ ଟ୍ରେନ ଛାଡ଼ିଲାଣି ଟିକା ଧରିଲେଣି, ଡିବା ଛାଡ଼ ନାସ ଶୁଙ୍ଘିଲେଣି, ନାସ ଛାଡ଼ ବସ୍ତା ଝୁଣ୍ଟ ଦେଖିବାକୁ ଚଞ୍ଚଳ ଉଠିଲେଣି, ମୋର ଧ୍ୟାନ ନାହିଁ । ମୁଁ ଭାବୁଥାଏ ତାଙ୍କର କଥା ଯାହାଙ୍କୁ ବହି ଅସିଥିଲି ପ୍ରବାସରେ ପଢ଼ିଥି ପଢ଼ିଥି ସବୁ ଖଣ୍ଡ ଯୋଗାଡ କରିଦେଇ ଆସିଛି । ହଠାତ୍ ଟେଳରେ ସେ ଦୃଶ୍ୟ ମନେ ପଡ଼େ । ଅଭି-ମୁଣ୍ଡଭରା ସ୍ତ୍ରୀ ମୋର ପାଦସ୍ପର୍ଶ କରି ମୋତେ ପ୍ରଣାମ କରିବାବେଳେ କହିଥିଲେ—'ଶୀଘ୍ର ମନେ ନେଇ ଯିବ, ଡେରିହେଲେ ମୁଁ ଅଶାନ୍ତ ହେଉଛି ।' ସେତେ-ବେଳେ ମୁଁ ଭାବିଥିଲି ସେ ଉତ୍ତରରେ କଅଣ କେହି ଜଣେ ଦୟାପ୍ରାଣ ସଜ୍ଜନ ନଥିବେ ? ଯାହାର ହୃଦୟ ଦଣ ଝାଙ୍କର ହେବନି ? ମନରେ ବହୁ ଆଶି ଥିଲି, ସବୁ ନିରାଶ, ନେଇଯିବି ବୋଲି ବହୁ ଅଶ୍ରୁଭାରର ସ୍ତ୍ରୀଙ୍କୁ ସାନ୍ତ୍ୱନା ଦେଇ ମୁହଁ ଫେରାଇ ଚାଲି ଆସିଲି ।

ଜଳବଣର ଆଦ୍ୟ ଅଷାଢ଼ରେ ମୁଁ ପ୍ରବାସକୁ ଆସିଥିଲି । ଝର ଝର ବର୍ଷଣର ମଧୁଛନ୍ଦ ହୃଦୟଟାକୁ ମୋର ଛନ୍ଦୋମୟ କରି ଦେଇଥିଲା । ଆସିଲା ଶ୍ରାବଣ । ଶ୍ୟାମଶୋଭାରେ ସଂଗୀତର ପୃଥିବୀକୁ ସଂଯୋଜନବାର ପ୍ରାଣ ମୋର ଲୁଣ୍ଠି ହେଲା । ଏବେ ଅସିଛି ଭାଦ୍ରବ ତଥାପି ଶରତ୍ ଆସି ଅବଶ୍ୟ ଉପଭୋଗ କରିବାକୁ ଉତ୍ତାଳର ସାଥୀ ନାହିଁ ତ ମନ ଶୂନ୍ୟତାର ଅନ୍ତ ନାହିଁ ।

ସେହି ବର୍ଷା ରାତ୍ରି ଅନ୍ଧାରରେ ଦେହ ଉପରେ ଘଣ୍ଟି ହୋଇ ରହିଗଲା । ସୁଦର୍ଶନ ମଣ୍ଡଳ ଭାବ ମୁଁ ଧର୍ମଗତାଙ୍କର ଦୁର୍ଗ-ପାଷାଣ ଧାର ବଳ ଚେଷ୍ଟା କରିଥିଲି, ଏବେ ଚେଷ୍ଟା ଭଲ ହୁଡ଼ ଯାଇ ଚାଲିଲେ ତାର ଗନ୍ତବ୍ୟ ପଥର । ଚ ବୃଥା ; ଅକ୍ଷା ନ ଛାଡ଼ି ଶେଷଥର ପାଇଁ ଚେଷ୍ଟା କଲି—

'—କାହିଁକି ନାହିଁ କରିଦେବେ ?'

'—ହଁ ।' ସେହି ଦୃଢ଼ ବାଣୀ ।

'କାରଣ ଜାଣିପାରେ ?'

'—ଆପଣ ହିନ୍ଦୁ, ଏମାନେ ଖ୍ରୀଷ୍ଟିୟାନ ପଢ଼ା; ଅନୈକ୍ୟ ହେବନ୍ତି ।'

ଯେଉଁଠି ମୁଁ ସଂକୀର୍ଣ୍ଣତା ଦେଖେଁ, ସେଠାରେ ମୋ ଅନ୍ତର ତିକ୍ତ ହୋଇଯାଏ । ଯେଉଁ ଧର୍ମରେ ସାମ୍ୟ, ମୈତ୍ରୀ ଓ ବିଶ୍ୱ ପ୍ରେମର ଅପୂର୍ବ ମହିମାମୟ ଚିତ୍ର ଚିରନ୍ତନ ହୋଇ ରହିଯାଇଛି, ଯେଉଁ ଭାବନା ଓ ଦୁଃଖ ନାଶ କରିବା ପାଇଁ ଯେଉଁ ପ୍ରସନ୍ନ ପ୍ରଭୁ ପ୍ରଭୁ ଖ୍ରୀଷ୍ଟ ଜୀବନଦାନ କରି ମୃତ୍ୟୁପଥ ଦେଖାଇଛନ୍ତି, ତାଙ୍କର ଧର୍ମାବଲମ୍ବୀ ମନୁଷ୍ୟ ମନୁଷ୍ୟ ଭିତରେ ଭେଦ ଦେଖନ୍ତି ।

ତାଙ୍କରି କହିବା ଅନୁସାରେ ମୁଁ ଅନେକ ଚେଷ୍ଟା କଲି । ତାହା ଅତି ଗୋଟାଏ ମର୍ମସ୍ପର୍ଶୀ କାହାଣୀ ।

'—ଅଚ୍ଛା, ସବୁ ଆପଣଙ୍କର ଖାଲିଥିଲା ବୋଲି ଶୁଣିଲି, ତେଣୁ ଇଚ୍ଛା......'

'ହଁ ଅସନ୍ତୁ, ଅସନ୍ତୁ' ବୋଲି ଜଣେ ସୁନ୍ଦରବାବୁ ଭଦ୍ରଲୋକ ମତେ ସମ୍ବର୍ଦ୍ଧନା କଲେ । ଲୋକଟି ଦେଖିବାକୁ ସୁନ୍ଦର ନୁହେଁ, ଉପରେ ଯେପରି କଳା, ଭିତରେ ସେହିପରି ଗୋଟାଏ କଳା ପ୍ରଲେପ ରହିଛି ବୋଲି ପ୍ରଥମ ଦର୍ଶନରେ ମୋର ଧାରଣା ହେଲା ।

ଅସଲ କହି ରଖେ, ବାରବୁଲା ଫକୀର ଭଳି ଏଇ ସବୁ ଗୋଡ଼ା ଉଦେଶୀ ଯେବେ ମୁଁ ଯେତେବେଳେ ଭୁଲି ଯାଏ, ସେତେବେଳେ ଧୋକ୍କା ପରକର୍ଷରେ ଗାଡ ଫାଶ୍ଟ ସଙ୍ଗେ ଥିଲା ।

ଭଦ୍ରଲୋକ ବଡ଼ ନମ୍ର ସ୍ୱରରେ କହିଲେ—'ଆପଣ ଦେଖିଁ ଆମର ଉଦ୍‌ବେଗ, ସଦର ଆମର ନୂଆ ଆସିଛନ୍ତି ନା ?'

**ଲେଖକ—ରାଜକିଶୋର ରାଏ ଏମ୍ ଏ,**

ମୁଁ ସ୍ତମ୍ଭିତ ହେଲି । ଯାହାର ଏ ପୁରସ୍କାର କାହିଁକି ? ସହୃଦୟୀ ହେଲି । ମିଥ୍ୟାକୁ ଆଶ୍ରୟ କରିବା ମୋର ରୁଚିର ବାହାର କଥା । ମୁଁ ସାଙ୍ଗେ ସାଙ୍ଗେ କହିଦେଲି—

'—ନା, ମୁଁ ପୁଲିସ୍ ନୁହେଁ, ମୁଁ କଲେଜ ଅଧ୍ୟାପକ ।'

ନର୍ସ ଉପରେ ପାଣି ଛିଞ୍ଚିଲା ଭଳି ଭଦ୍ରଲୋକଙ୍କର ଏତେ ଉତ୍ସାହ, ଏତେ ଅଭ୍ୟର୍ଥନା ଶୀତଳ ହୋଇଗଲା । ସେ ମୁହଁଟାକୁ ବିକଟ କରି କହିଲେ—

Digitized by srujanika@gmail.com





'—ପୁଅଟାକୁ ଛାଡ଼ି ମୁଁ ଘର ବାହାର ହେବନି । ସେମାନଙ୍କୁ କେବେ ମୁଁ ଦୁଃଖରେ ରଖିଥାଏ । କାହିଁକି ଜାଣନ୍ତି ? ମୁଁ ବେସରକାରୀ ଚାକିରି କରେ । ମୁଁ ଏକଥା ଭାବିଲେ ଶୁଣିଲେ ହୋଇ ଚିନ୍ତା କରେ । ଅବସରପରେ ସବୁର ସମସ୍ତେ । ସାଧାରଣ ଭାବେ କହିଲେ ପ୍ରଫେସର ମୋର ଚାକିରି ନାହିଁ । ଆଉ କେଉଁଠି ଦେବେନି ।'

ମନେହେଲା ଅଧ୍ୟାପକଙ୍କ ଅଦୃଷ୍ଟର ମଧ୍ୟ ଯେଉଁ ଏକ ଘଟଣା ଘଟି ଦେଖାଇ ପାରନ୍ତି, ମୁଁ ଏପରି ଅବସ୍ଥା ବୁଝନ୍ତି ନାହିଁ । ମୁଁ କାରଣ ବସୁଥିଲି ଅଧ୍ୟାପକଙ୍କ ଚରିତ୍ର ହିଂସା କରନ୍ତି । ସେମାନଙ୍କ ଭାବରେ ଦଏ ଯେ ହିଂସା କରିବାର ଏକ ଅର୍ଥ ଅଛି ? ସେଠାରୁ କଥାଣ ହୋଇ ଫେରି ଆସିଲି । ଟାଉଣ ପଟକରେ ଟେଲିଗ୍ରାମ ଫର୍ମ ସେହିପରି ଅନୁରୂପ ଭାବରେ ପଢ଼ିଥିଲି ।

ଭାବିଲି ଛାତ୍ରଙ୍କ ପ୍ରେମ ସବୁର ଯଥାର୍ଥ କରିବ । ଅଚେତ ମାଁ ଧରଛି କଲେ । ବଡ଼ ବଡ଼ଲ କାଟେଣ୍ଟରେ ଦୁଆରରୁ ଫେରୁଛି; ଜଣେ ଛାତ୍ର କହିଲା— 'ସାର, ଘର ମିଳିଲା ।' ଅଟେ ଉମିଳ ଖବର ବାହାରୁ ଶୁଣୁଥିଲେ ମୁଁ ଆନନ୍ଦରେ ଚେତନା ହୋଇ ଯାଇଥିଲି । ଦେଖୁଥିଲି, ଟେଲିଗ୍ରାମ ପାଇନଥିଲା ଅଛି ନ ନାହିଁ । ଆଜି ସେ ଶୁଣ ଅଛି ନାହିଁ । ତେବେଳ ଏଣ୍ଡ ସେ ଛାତ୍ର ପଚାରିଲା— 'ସତ ?' '—ଅଜ୍ଞ, ହଁ, ଘର ଖୁବ ଦେଖ ଅଛି, ଭଲ ଧନ ଦେଖି ଘର ବଗଲ କରିବେ, ଫଳ୍ମା କଥା ମୁଁ ତାକୁ ଜଣାଇ ଦେବି ।' ମୁଁ କହିଲି—'କହୁଛ ଖୁବ ଦେଖ ଅଛି, ତାକୁ ପୁଣି ଫଳ୍ମାକଥା କଅଣ ?' ଛାତ୍ର ଚେ ମଥା ଅଞ୍ଚି ସେ କହିଲା—'ନାହିଁ, ସାର, ଖୁବ ଅଶ୍ଳୀଳ ଭଳି, ଏଉଥ କହୁଥିଲି ।' ମୁଁ ହସି ହସି କହିଲି—'ଓହୋ, ଚନ୍ଦ୍ରଭଳ ମୁଖ ଯାହାର ଏଇ ଭଳି ଅଳଂକାର ଲଗାଇ କଥା କହିଲ ?'

ସେ ଦେଖିଲା ଯେଉଁ ଛାତ୍ରଟା ଦେଖ ସେ କଥା ଅରମ୍ଭ କରିଥିଲା, ତାହା ଏପରି ଶୀତଳ ହୋଇ ଅସୁଛ । ତଠାରୁ କହିଲା— 'ସାର, ମୁଁ ପଞ୍ଜାବ ଶରଣାର୍ଥୀଙ୍କ ପାଇଁ ବଡ଼ ଧନ୍ଦାରେ ଅଛି । ଅଜ ରାତିରେ ସେମାନଙ୍କର ସାହାଯ୍ୟ ପାଇଁ ସାହାଯ୍ୟ ରଜନୀ । ସାର, ଗୋଟିଏ ଟିକେଟ ନିଅନ୍ତୁ, ଦଶଟଙ୍କାର ମାତ୍ର ।'

ଶେଷରୁ ବନ୍ଦ ହୋଇଥିବା ଓ ମୋ ନାଆଁ ଲେଖା ହୋଇଥିବା ଦଶ ମୁଦ୍ରାର ଗୋଟିଏ ଟିକେଟ । ମନେ ମନେ ମୁଁ ହସିଲି । ଘରର ଖୁବ ଉମିଳ ଏହିଠାରେ ଅସ୍ ତୋପଜ କରିବ ବୋଲି ମୁଁ ସେତେବେଳେ ଯାଏ ଜାଣିପାରି ନଥିଲି । ଯେତେବେଳେ ତ ଛାତ୍ର; ଟିକେଟ କିଣିଲି, ଟଙ୍କା ଦେଲି । ସବୁଠି ଘର ମୋର ବାସ-ସ୍ଥାନରୁ ଏଣିକି ଦେଖିଥିବା ଲୋକ ମୋର ନଥିଲେ । ଛାତ୍ର ସେଠି ଦୋଷ ଧରିଲେ । କିନ୍ତୁ ସମ୍ବାଦଦାତା ସେ ତେବେଠାରୁ ଅସନ୍ତୋଷ । ଅସ୍ତୁ ! !

ସେଦିନ ହେଲା ମୁଁ ଅନୁଭବ କରୁଅଛି କ୍ଲାସରେ ସେତେବେଳେ କାବ୍ୟଚର୍ଚ୍ଚା ହୁଏ, ସବୁ ଛାତ୍ରୀ ହସନ୍ତି, ଆନନ୍ଦ ହୁଅନ୍ତି, ସବିତା କିନ୍ତୁ ବଡ଼ ଗମ୍ଭୀର ଭାବରେ ଚୁପ୍ ପ୍ରତିମା ଭଳି ବସି ରହିଥାଏ । ସାହିତ୍ୟ ଚର୍ଚ୍ଚାରେ ରସର କାରଣ ରହିଛି; ରସ-ନାଶର ସବୁଠାରୁ ଅବର୍ଜନ ଯେଉଁ କାବ୍ୟ ସମ୍ପୂର୍ଣ୍ଣ ପରିପୂର୍ଣ୍ଣ । କ୍ଲାସରେ ଏହି ସବୁ ଆଲୋଚନାରେ ଅନେକ ସମୟରେ ବାତାବରଣ ରସାଳ ହୋଇ ଯାଏ । ମୁଁ ବି ଜନକୁ ଭୁଲିଯାଏ । କିନ୍ତୁ ଥରେ ଥରେ ମୁଁ ଦେଖେ ସବିତା ଯେପରି ମୋର ଆଲୋଚନାକୁ ହୃଦୟ ଭିତରୁ ସମର୍ଥନ କରୁ ନାହିଁ । ବରଂ ''ଯୁବଂ ଦେହି—'' ଭାବରେ ସେ ଚୁପ୍ ମାରି ବସି ରହେ । କିନ୍ତୁ ଯେତେବେଳେ ଭକ୍ତିରେ, ସମସ୍ତ ଛାତ୍ର ଛାତ୍ରୀ ଯେତେବେଳେ ଆନନ୍ଦ ଓ ସୌନ୍ଦର୍ଯ୍ୟର ମଧ୍ୟସ୍ଥଳରେ ହିଲୋଳାୟମାନ, ସେତେବେଳେ ସବିତା କେବଳ ଶାନ୍ତ ସ୍ଥିର ଭାବରେ ବସିଥାଏ ।

ଏଥର ମୋର ଦୁଶ୍ଚିନ୍ତା ବଢ଼ିଲା । ଏ ତାହାର ଭିତରେ ମୋ ପ୍ରତି ଏପରି କ୍ଷୋଭ କାହିଁକି ? ତାହାର ପ୍ରତି ମୋର ଅଭିଯୋଗ ନାହିଁ । ତାହାର ଅଶ୍ରଦ୍ଧା ପାଇବା ପାଇଁ ମୁଁ କିଛି କରେ ନାହିଁ । ତଥାପି ଦେଖେ ସବିତା ଯେପରି ଅନ୍ୟ ଲୋକର ଝିଅ । ଶ୍ରେଣୀରେ ମୁଁ ଯେଉଁ ବାତାବରଣ ସୃଷ୍ଟି କରେ, ତାହାର ସୀମା ସ୍ପର୍ଶ କରିବାକୁ ସେ ଯେପରି ଅନନ୍ ପାଏ ନାହିଁ ।

ସେଦିନ ମଦନାଯୋଗ ଦେଇ ଲେକ୍ଚରରେ ରବୀନ୍ଦ୍ରଙ୍କର 'ଉର୍ବଶୀ' କବିତାଟି ଧୀର କଣ୍ଠରେ ଆବୃତ୍ତି କରୁଥିଲି । ମଝିରେ ମଝିରେ ତାହାର ଦୃଷ୍ଟି ରେଖାରେ ମୋର ପଡ଼ିଯିବାର ଆଶଙ୍କା ନ ଥିଲା । ଟାଗୋରଙ୍କ ଉର୍ବଶୀର ମହିମା—

''—ବିଶ୍ୱଭୁବନ ପୁଷ୍ପିତ ଅପନାରେ ଅପନ ବରଣି,
କବେ ତୁମ ଫୁଟିଲେ ଉର୍ବଶୀ !''

ହଠାତ୍ ଶୁଣିଲି କଳକଣ୍ଠରେ କେହି ଜଣେ କହୁଛି—

'ହଠାତ୍ ସତି, ତୁ ତାଙ୍କ ଉପରେ ରାଗିଛୁ କାହିଁକି ?'

'—କାହା ଉପରେ ?'

'—କଅଣ ଜାଣିନୁ, ସେପରି—'

'—ଓ, ଅଧ୍ୟାପକଙ୍କ କଥା । ରମଳା, ତୁ ତ ଜାଣୁ, ତାଙ୍କ ପଢ଼ା ପଢ଼ି ଦେଉରୁ ମୁଁ ଶୁଣେନାହିଁ । ସେ କବିତାରେ ସେ ସୁନ୍ଦର । କିନ୍ତୁ ସେ ଯେଉଁ କାମ କଲେ ସେଥିପାଇଁ ତାଙ୍କ ଉପରେ ମୋର ଶ୍ରଦ୍ଧା ରହି ପାରିଲା ନାହିଁ ।'

ରମଳା ବୋଧେ ଯେ ସଂବୋଧିତ ହେଲା, ସେ କହିଲା—

'ସେ କାମ ?'

'ତୁ କଅଣ ଜାଣିନୁ ? ପଚିଶ ବର୍ଷ ଧରି ଅମ ଜାତିର ଭଲେ ଝିଅକୁ କଥା ଦେଇ ଅନ୍ୟଥା କରିବାର ପୌରୁଷ ତାଙ୍କଠାରେ ଏତେ ସମ୍ଭବ । ତାଙ୍କ ଚରିତ୍ରର ଯାହା କିଛି ମହତ୍ତ୍ୱ, ତାଙ୍କ ଗୁଣର ଯାହା କିଛି ମର୍ଯ୍ୟାଦା, ଏଥିରେ ସବୁ ଧ୍ୱଂସ ହୋଇ ଯାଇଛି । ତେଣୁ କ୍ଲାସରେ ତାଙ୍କ ନାରୀ ଚରିତ୍ରର ବିଶ୍ଳେଷଣ କରୁଥିବାର ଦେଖିଲେ ମୁଁ ଭାବେ କେଜେ ସେ ଯେଉଁ ନାରୀକୁ ଏପରି ଅବନୀତ କରିଗଲେ, ତାର ମନର କୋହ କି ଅଶ୍ରୁକଥା ସେ ବୁଝିଛନ୍ତି କି ? ଏଭଳି ଅଲ୍ପ ସଚ ଖେଳ ମଧ୍ୟ ରମଳା ଭଲ ଲାଗେନାହିଁ । ସେଥିପାଇଁ ମୁଁ ଇଚ୍ଛା ନ କଲେ ମଧ୍ୟ ତାଙ୍କ କ୍ଲାସରେ ବସିବା ଲାଗି ଛୁଟୁଥିଲେ ମୁଁ ଗମ୍ଭୀର ହୋଇ ଯାଏ । ପୁଣି ସେ ଅନ୍ୟକୁ ବିଚାର କରୁଛନ୍ତି । ଧନ୍ୟ ଏ ପୁରୁଷ ଜାତି !'

'ଉର୍ବଶୀ' କବିତାର ମଝିରେ ମୁଁ ଯେଉଁ ଭାବ-ଦୋଳନରେ ଉର୍ବଶୀର ବିଳାସ ସଙ୍ଗେ ସଙ୍ଗେ ମୁଁ ତ ଦୋଳି ଉଠିଥିଲି, ତାହା ହଠାତ୍ ଶାନ୍ତ ସ୍ଥିର ଜଳ ସ୍ଥିର ହୋଇଗଲା । ସବିତାର ମୋ ପ୍ରତି ଏ ଯଥାର୍ଥ ଅଭିଯୋଗ ମୁଁ ମଥା ପୋତି ଗ୍ରହଣ କରି ନେଲି । ତାର ଯେ ଦିବ୍ୟଦୃଷ୍ଟି ଅଛି, ଏଥିପାଇଁ ମୁଁ ଲଜ୍ଜିତ ହେଲି ।

ରମଳା ପଚାରିଲା—

'ଦେଖ୍ ଅଛି, ଏ ପ୍ରତାରଣା କରିବା ବୁଝିବା କଷ୍ଟ । ତେବେ ଅଧ୍ୟାପକଙ୍କୁ ଦେଖିଲେ ମୋର ମନେହୁଏ ସେପରି ଲୋକର ହୃଦୟରେ ସରଳ ବିଶ୍ୱାସ ଛଡ଼ା ପ୍ରତାରଣା ନାହିଁ । କିନ୍ତୁ ଏ ଦୁର୍ଘଟଣା ଘଟିଲା କିପରି ବଡ଼ ଆଶ୍ଚର୍ଯ୍ୟ ଲାଗେ ।'

ସବିତା ଉତ୍ତର ଦେଲା — 'ବୋଧହୁଏ ଧର୍ମ ଦେଖ ମହାନ୍ତର ଘଟିଛି ।'

ଉତ୍କଳର ସୁପରିଚିତ ଲେଖକ ଓ କବି ସଚ୍ଚି ରାଉତରାୟଙ୍କ ପିତୃ ବିୟୋଗରେ ଉପର ସମ୍ପ୍ରତ ସମବେଦନା ଜଣାଉଛି । ରାଉତରାୟଙ୍କ ପିତା ପ୍ରସନ୍ନ କୁମାର ପୋଲିସର ଉଚ୍ଚ ପଦ ବ୍ୟବସାୟୀ ଏବଂ କଂଗ୍ରେସ ଆନ୍ଦୋଳନ ବ୍ୟକ୍ତ ଭାବରେ ସେ ଷଷ୍ଠ ଅନୁସାରେ ଦେଶର ସେବା ମଧ୍ୟ କରୁଥିଲେ । ସ୍ୱର୍ଗୀୟ ଗୋପବନ୍ଧୁ ବନୀ ହେବା ବେଳେ ସେ ପ୍ରଥମେ ନର୍ତ୍ତକୀ ଭାବରେ ତାଙ୍କର ଜାମିନଦାର ହେବାକୁ ସ୍ୱୀକାର କରିଥିଲେ । ସେ ସାହାସୀ ଓ ସୁସ୍ଥ ଚିନ୍ତା ଏବ ଶରୀରର ଅଧିକାରୀ ଥିଲେ । ତାଙ୍କର ଜନ୍ମ ୧୮୮୨ ଖ୍ରୀଷ୍ଟାବ୍ଦରେ ଚୌଧୁରୀ ହୋଇଥିଲ । ପିତା ତାଙ୍କର ସେଠା ଦେହତ୍ୟାଗ କଲେ । ୧୧ ବର୍ଷ ବେଳେ ତାଙ୍କର ପିତୃ ବିୟୋଗ ହେବାରୁ ସେ ପ୍ରଥମେ ପୋଲିସ ଇନ୍‌ସ୍ପେକ୍ଟର କାର୍ଯ୍ୟକଲେ । କିନ୍ତୁ ସ୍ୱଭାବ ତାଙ୍କ ମୃଦୁ ଭାବ ନାହିଁ । ତାଙ୍କର ଅଦର୍ଶ ଜୀବନ ତାଙ୍କର ଜ୍ୟେଷ୍ଠପୁତ୍ର ସମାନ ସଚ୍ଚିଦାନନ୍ଦଙ୍କ ଅନୁପ୍ରାଣିତ କରିଥିଲ । ତାଙ୍କର ଯମଜ ଭ୍ରାତା ନନ୍ଦକିଶୋର ଓ ଲିପପୁଷ୍ଟ ତଥା ବନ୍ଧୁ ବର୍ଗମାନଙ୍କୁ ଶୋକ ସାଗରରେ ଭସାଇ ସେ ଗତ ୨।୧୦।୪୭ରେ ଇହଲୀଳା ସାଙ୍ଗ କଲେ । ଭାରତର ସ୍ୱାଧୀନତା ପାଇଁ ସେ କାର୍ଯ୍ୟ କରୁଥିଲେ— ତାଙ୍କର ଆଶା ସଫଳ ହୋଇଛି ।

Digitized by srujanika@gmail.com

# ନୀଳକୋଟ

ସସ୍ତ୍ରୀକ ବୁଲି ଯାଉଥାଏଁ ବାରପଦ ।। ମିନୁ, ମଫସଲର ଝିଅ, ଦେଖିବାକୁ ସୁନ୍ଦରୀ ହେ, ଚଳଣୀସ୍ତ, ଆଧୁନିକତା ମୋର ଜୀବନରେ ଅନେକଥର ଛୁଇଁଛି ।

ଅନ୍ଧାର ରାତ, ଇଣ୍ଟର କ୍ଲାସ ଅଉ ଥାର୍ଡ କ୍ଲାସ ଭିତରେ ତଫାତ ବୋଲି ଅଧିକାଂଶ ହେବନି । ସବୁଠି ଏକା ପ୍ରକାର ଠେଲା ଠେଲି, ପେଲା ପେଲି, ଜିନିଷପତ୍ର ଫୋପଡ଼ା ଫୋପଡ଼ି । ଷ୍ଟେସନରେ ପହଞ୍ଚିବା କ୍ଷଣି ଟିକେଟ ଦେଖାଇ କିଏ କହୁଛି, 'ଗୋଟିଏ ଷ୍ଟେସନ ଗୋଟିଏ ଷ୍ଟେସନ,

## ମାଙ୍କଡ଼ ହାତରେ

ବାପ୍ରା!' ଟ୍ରେନ ଉପରୁ କିଏ ନାକ ଫୁଲାଇ ଜବାବ ଦେଉଛି- 'ଏଠି ନାହିଁ' ଏଠିନାହିଁ 'ଆଗରେ ଦେଖ'- 'ଆଗରେ ଦେଖ' । ମରା ମାର, ଧକା ଧକି, ଇଂରାଜୀଠୁଁ ଆରମ୍ଭ କରି ହିନ୍ଦି ବଙ୍ଗଳା ତୁଣ୍ଡ ମୁଣ୍ଡ ଗାଳି ପର୍ଯ୍ୟନ୍ତ ଖାଇ ଲୋକପୁଣି କହୁଛି, ହାୟରେ ଭଗବାନ, ପଇସା ଦେଇ କି ହଟହଟା ହେବାକୁ ହେଲା ।

ଫ୍ଲେଟ ଗାଡ଼ୀ କ୍ଲାସ ଡବାଟିଏ ମୁଁ ଓ ମିନୁ ଯାଗା ଅଟକାଇ ବସିଯାଇଥିଲୁଁ ଅନେକ ଆଗରୁ । କଟକ ଷ୍ଟେସନ ହେଲା, ହଇ ହଇ ପଡ଼ିଗଲା ।

ଗୋରା ପାତଳା ପାଞ୍ଚଅ ଭଦ୍ର ଯୁବକଟିଏ ଉଠିଲେ ଆମର ଡବାରେ । ବେଶ ବିନ୍ୟାସ ବେଶ ବିଦେଶି ଢଙ୍ଗରେ ଥିବାରୁ ଟ୍ରେନରେ ଉଠି ଜାଗାଟିଏ ନେବାକୁ କେହି ପ୍ରତିବାଦ କଲେନାହିଁ । ଶେଷରେ ଯୁବକଟି ନିଜର ନୀଳ କୋଟ ସାଦା ପାଇଜାମା ଛାଡି ଫ୍ଲେଟ ଚମଡ଼ା ସୁଟକେସ୍ ଉପରେ ଆସନ ଜମାଇ ଦେଲେ । ହଠାତ୍ ମୁଣ୍ଡ ଦେହରେ ହାତମାରି ଅନୁଭବ କଲି କେଶ ଗୁଡ଼ାକ ଗୋଳମାଳ ହୋଇ ଯାଉଛି ଝାଡ଼େ ପଡୁଛି । ପକେଟରୁ ପାନିଆ କାଢି କୁଣ୍ଡାଇ ପକାଇଲି । ଦୁଇ ମିନିଟ ଭିତରେ ଯୁବକଟି ବେଶ୍ ଚୈନିଟ ହୋଇ ସିଗା-



ରେଟ ଟିଣ୍ଟିଏ କାଢି ଅଗ୍ନି ସଂଯୋଗ କଲେ । ମୋର ଆଗରେ ଅଭିନୟ ଗୁଡ଼ିକ ଅଭିନୀତ ହୋଇ ଚାଲିଥାଏ । ମଝିରେ ଆଶ୍ୱସ୍ତିର ଦୀର୍ଘ ନିଶ୍ୱାସ ଛାଡ଼ି ସୁବାସିତ ଝାଳ ପୋଛି ରୁମାଲ ହଲାଇ ଚାହିଁଲି ଚାରିଆଡ଼େ ।

ମିନୁ ଟ୍ରେନରେ ଗଲେ କ୍ଳାନ୍ତ ହୋଇ ପଡେ । ପୁଣି ରାତ-ବେଳି କ୍ଳାନ୍ତହୋଇ ଟ୍ରେନର କାଚ ଝରକାକୁ ନିଦରେ ଆଉଜି ପଡ଼ୁଛି । ଥରେ ଥରେ ଝୁଙ୍କି ପଡ଼ି ନିଦ ଭାଙ୍ଗି ଯାଉଛି । ମୁଁ ନିଦ ଭଙ୍ଗେଇ ଚେତେଇ ଦିଏ, ମୋ ଆଡକୁ ଆଉଜି-ବାକୁ—ମିନୁ ପୁଣି ଥରେ ଢୁଲାଉଥାଏ ।। ସମୟେ ସମୟେ ମୁଁ ତାର ନିଦ୍ରା ବିହ୍ୱଳିତ ଦେଖି ହସି ଉଠୁଥାଏ ।

## ମଜାକଥା

ଯୁବକଟି ଚାରିପାଖ ଆଖି ବୁଲାଇ ଶେଷକୁ ଆଖି ଦୁଇଟିକୁ ଯୋଡ଼ି ଦେଇଛି ମିନୁ ଆଡକୁ । ମିନୁର ମୁଣ୍ଡ ବାଡ଼ିଆ ଓ ନିଦ ଭଙ୍ଗା ଦେଖି ମନେ ମନେ ହସୁଛି । ଥରେ ମୁଁ ଓ ସେ ହସି ଉଠିଲୁ ଏକାସଙ୍ଗେ । ମିନୁ ଟିକିଏ ସଜାଗ ହୋଇ ତା ନାଲି ଆଖିରୁ ବିରକ୍ତି ଆଭାସ ଦେଇ ମୁହଁ ମୋଡ଼ି ଶୋଇଲା ହାତ ଉପରେ ଭରା ଦେଇ ।

ଭଦ୍ର ଯୁବକଟି ପାଟିରେ ସିଗାରେଟ ଦେଇ ପଚାରିଲେ—ଆପଣଙ୍କ ପାଖରେ ସିଗାରେଟ୍ ଅଛି ?—ମୁଁ ଉତ୍ତର ଦେଲି—'ନିଶ୍ଚୟ' । ବଢାଇ ଦେଲି ହାତକୁ । କ୍ରମେ ଯୁବକଟି ତାଙ୍କ ଚଞ୍ଚଳ ଆଖି ଦୁଇଟିକୁ ପକାଇ ରଖିଲେ ମିନୁର କୋମଳ ଦେହ ଓ ଯୌବନ ଉପରେ ।

ଈର୍ଷାରେ ମୁଁ ଜଳିଗଲି । ନିଜ ଅଗତେ···

ଦଅଖିଲର ଅଦାନ ପ୍ରଦାନ ବାର-ମ୍ବାର ଦେଖି ବନ୍ଧୁତ୍ୱ ସୃଷ୍ଟି ହେଲା । ଭଦ୍ରତାର ତୀକ୍ଷ୍ଣ ଚକ୍ଷୁ ଉପରେ ଠିଆ-ହୋଇ ପଚାରିଲି "ଆପଣଙ୍କ ପରିଚୟ ପଚାରି ପାରିବି ?'

ନିଶ୍ଚୟ ! ନିଶ୍ଚୟ !! ମୁଁ ଓ ମୋର ପରିଚୟ ଜାଣିବାରେ ମୁଁ ଜଣେ Government office assistant. କଟକରେ ଥାଏଁ । ବାସ୍ ଏତିକି ।

ମୋ ମନରେ ଖୁବ୍ ବଡ଼ ସନ୍ଦେହ ହୋଇ ଯାଇ-ଥିଲା । ପରେ ଜାଣିଲି ଅନେକ କଥା । ଶେଷରେ ଠିକ୍ କଲି, ଅଫିସର [illegible] ଅଫିସର ଆସିଷ୍ଟାଣ୍ଟ ବୋଲି ମନେକରନ୍ତି । ଏ ବୋଧହୁଏ, ସେଇ ଧାଡିରୁ ଜଣେ ।

"କେବେଠୁ ହୁଇ ଯିବେ ?"

'ଗୋଟିଏ [illegible] ମାସରେ [illegible]'

"ତେବେ ଆପଣଙ୍କ ଅନେକ ସମ୍ଭାବନା ଅଛି ।"

ଯୁବକଟି ପାଦଅରେ ମୁଣ୍ଡ ହଲାଇ ହଲାଇ-କହିଲେ, 'ହିଁ' । ତା [illegible] ପାନଅଁରେ ମୁଣ୍ଡ ହଲା-ଇବା ମୁଁ ମିନୁର [illegible]—ମାନେ—[illegible] ସାହୀ ଯେତେବେଳେ ମିଳିଲେ · ସେତେବେଳେ [illegible] । ବର୍ତ୍ତମାନ୍ [illegible] ସେଇ [illegible] ପାନଅ [illegible] ଏଥର [illegible]—ଯୁବକଟିର ମୁଣ୍ଡ [illegible] ଗୋଟିଏ [illegible] ଠିକ୍ [illegible] । ଅନେକ [illegible] । ସେ ହଠାତ୍ ମୋ [illegible] ଉଠି [illegible] କହିଲେ—'ସେ [illegible] ମହିଳାଙ୍କ [illegible] ଆପଣଙ୍କ [illegible]—?'

'ମୁଁ [illegible] 'ନା'—ଆପଣଙ୍କର ଯେମିତି ମୋର ମଧ୍ୟ [illegible] ।'

'ଆପଣଙ୍କ ସଙ୍ଗେ [illegible] ଜଣାଯାଉଛି'

ଲେଖକ—[illegible] ନାଥ ଦାଶ

'ନା'—ଟ୍ରେନଟା [illegible] ମୁଁ [illegible] କୌଣସି ନା କୌଣସି [illegible] । [illegible] ?—' [illegible] ହାଃ—ହାଃ—ହାଃ [illegible] ମଜା—[illegible] ମଜା— ଆପଣ [illegible] ଶାନ୍ତରେ ଯାଉଛନ୍ତି । Train [illegible] । ମୁଁ [illegible] ବସିଲି । [illegible] କରୁଥାଏ ।

'ତେବେ ଆପଣ [illegible] ଅନୁମାନ କରୁଛନ୍ତି'?—ଯୁବକଟି [illegible] ।

Digitized by srujanika@gmail.com

'ଏଏ ? ମୁଁ—ମୁଁ ଭାବୁଛି ବୋଧହୁଏ କୌଣସି ଅଭିନେତ୍ରୀ...... ହେବ ।'

ମୁଁ ମଧ୍ୟ ଠିକ୍ ସେହି ଅନୁମାନ କରୁଥିଲି । ଯା ହେଉ ଆମ ଦୁହିଁଙ୍କର ଅନୁମାନ ଏକା— ଯୁବକଟି ହସି ଉଠିଲେ ।

'କେଉଁଠିକୁ ଯିବେ ?' ମୋତେ ହଠାତ୍ ପଚାରିଲେ । ମୁଁ ଉଦ୍ଦେଶ୍ୟ ଲୁଚାଇ ପାରିଲି ନାହିଁ । ଜବାବ ଦେଲି— 'ନାସିକଦା ।' 'ଏ ଅଭିନେତ୍ରୀ ମଧ୍ୟ ନାସିକଦା ଯିବେ, ତେବେ ଆପଣଙ୍କ ସଙ୍ଗେ ମୁଁ ଯିବି ?'

'ଆମର କୌଣସି ଆପତ୍ତି ନାହିଁ ।'

ଯୁବକଟି ଆନନ୍ଦରେ ଉତ୍ଫୁଲ୍ଲ ହୋଇଉଠିଲେ । ହସିବାଟାରେ ତା ଅଧି ଦନ୍ତଙ୍କ ଜଣେ ପ୍ରସାରିତ ହୋଇଗଲା ! ପାଦଶ ଦାଗି ମୁଣ୍ଡରେ ଥରେ ହାତ ଦେଇ ଉତ୍ତର ଦେଲେ 'All right'— ଗୁଣୁଗୁଣୁ କରି ଗାଇଲେ 'ଏ··· ଚାଲେନେହିଁ ଯାନା......' ।

ମୁଁ ଭାବୁଥାଏ ମୋ ମନରେ; ଯୌବନର ଉନ୍ମାଦନା ସୃଷ୍ଟି କରୁଥାଏ ଯାହା ତାହା କଣ ବାସ୍ତବ ହେବ— ମନେମନେ ଯୁବକର ଉଦ୍ଦିଷ୍ଟତା ଦେଖି ହସି ଉଠୁଥାଏ । ଗାଡ଼ି ଗନ୍ତବ୍ୟ ପଥରେ ଚାଲିଥାଏ— ତେଣେ ତେଣେ ଯୁବକଙ୍କ ମନ ତାଙ୍କ ଅଭିନେତ୍ରୀ ପାଖରେ ହାଜର । ମିଠା ଚଇତ୍ର ହୋଇ ମୋ ଆଡ଼କୁ ଦୃଷ୍ଟି ପଡ଼ୁଥାଏ । ମୁଁ ଭାବ ମନ ମନ ଅସ୍ଥିର ମୋଜର ଦେବେ ଅନ୍ତୁ ଦାଗାଛତ— ଉଦ୍ କଣ୍ଠରେ କହିଲି ଆପଣ ହେଲେ ଯାହା ଦେଖି କହନ୍ତୁ ।

ଯୁବକଟି ମୋ କଥାରୁ ବୁଝିଲେ କଣ— ଉତ୍ତର ଦେଲେ 'ହଁ ଠିକ୍ ଅଛି ।'

ଉଦ୍ଦ--ଟେଲିଗ୍ରାଫର ମୁଣ୍ଡଗୁଡ଼ି ବଦଳେ । ... ; ଓ୍ୱେଲ୍ଡ ଷ୍ଟେସନ. ବାହାରୁ ଶୁଭିଲା ଖ୍'—ଖ୍' ... ଟ—

ମୁଁ ମିନୁଭ ପଚାରିଲି ଖ୍—ଖାଉଛ ? ଯୁବକଟି ଖାଙ୍କରି ଉଠିଲେ— 'ନନ୍ସେନ୍ସ ! ନନ୍ସେନ୍ସ !' ଓ୍ୱହ୍ଲାର ପଡ଼ିଲା ହେଉ ଥାଇଲା । ମୁଁ ଶୁଣିଥା ଦେଖି ଯୁବକଟିଙ୍କ ପରିଚୟ ଦେଲି ''ମୋର ଜଣେ ଫିଲ୍ମଷ୍ଟାରଙ୍କ ସ୍ୱାଙ୍ଗ । ଭାରି ଉତ୍ସାହିତ ଯାଉ ଛ । ତାଙ୍କ ତୁମର ନମସ୍କାର କହିବା କଥା !'' ମୋ କଥାଃ ମାଡ଼ଗଲା ଓ ଅଭିମାନରେ ଶବ୍ଦିଲା ।

'ଏଇ ନଥକୁ ଖ୍' — ମୋତେ ଖ୍' ନେଇ ଅରୁ ନମସ୍କାରଟିଏ କରି ମୁହଁ ବୁଲାଇଦେଲେ । ଯୁବକଟି ଅର୍ଦ୍ଧକ ସରସ ହୋଇ ଉଠିଲେ । ଖାଲି ଖ୍' ଅପେକ୍ଷା ଏକ ଜନମତ ଦରକାର ଉପଲବ୍ଧି କରି ଦୂରାରେ ଦୂରେଇ ଅଣି ଦୋହଲିବାକୁ ଦିଗନ୍ତ, ଯାତ୍ରୀଗଣ ନମନ । ଉଦ୍ଧତ ଗାଡ଼ିଟରେ ପଲଙ୍କ ଉପର ତଳେ କେଉଁ କେଉଁ ମୁଁ ଖାଲିବାକୁ ଆରମ୍ଭ କଲି । ମନ ଗଡ଼ାଇବାକୁ ଉଦ୍ଧତୋଭ ଗାଲରେ ନାହିଁ । ମନ୍ଦ ନାଧ୍ୟତାତ ବାକ୍ୟର୍ଷ ଉନଟିଏ ଖାଇଲି । ଆମ ଛଦ୍ମଜଣଙ୍କର ଚଞ୍ଚଳ ଦୃଷ୍ଟି ନେତ୍ ବୋଝରେ ଭରିଗଲା ।

ତାପରେ ପୋଷ୍ଟର ପରେ ପୋଷ୍ଟର ଷ୍ଟେସନ ଆସୁଥାଏ, ଯୁବକଙ୍କ ବୋଲୁଚ୍ ଛଡ଼ାଇବାକୁ. ଟଣା ଟାଇଁଟୋକ, ସପୁର, ଅଣ୍ଡୁ, ଏଣି ମୋ ପାଦ ଉପରେ ଷ୍ଟେସନ ଦରଖାସ୍ତ । କଣ ପାଇଁ ହେଉଛନ୍ତି— ଲୁଚିଯିବାକୁ ଆଉ ଜଣେ ଷ୍ଟେସନ ଅଟ ମୁଁ ସ୍ୱୟଂ ହେଲି । ଅଭ ଦଃଖରେ ଅନୁମାନରେ ଅପଣଙ୍କଠାରୁ ଅଲଗା ହୋଇଯିବୁ । ଯୁବକଙ୍କର ମନ ମ୍ଳାନ ହୋଇଗଲା । କଣ ଭାବନ୍ତି— ଉପରଠାରୁ ସ୍ୱଇଁ ଶେଷରେ କରୁଣ କଣ୍ଠରେ ଉଚ୍ଚାରିଲେ, ''ଅଉ ମୁଁ ଯାଇ ଆପଣଙ୍କ ସଙ୍ଗରେ ଯାଏ ଅଛି କଣ ହେବ ?'

''ଅଛି ଏଇ ନାହିଁ—ତେବେ କମ ହେଉଛି ଅନେ ଯାଉଛୁ ଭଲ । ଆପଣ ବାହିଁ ଶର୍ମିନ୍ଦା ହୋଇ ଆମ ସଙ୍ଗେ ଯିବେ ?''

ନା—ନା—ମୁଁ ଯିବି । ଜଣେ କଣ୍ଠ ତାର ଭଲ ହୋଇଗଲା । ପଢ଼ିଆର ରୂପା—ପାନ୍ଥଶାଳା, ଶେଷଦା ଯାଇ ଦେଖିବାକୁ । ମନ୍ଦଭରତ । ତାପରେ ପ୍ରେକ୍ଷ ଠି ଖାଣ୍ଟି ପିଠତା ଦରକାର ସେଠାରେ ପିଲଙ୍କା ମିଶ୍ର ପାଖରେ ଷ୍ଟେସନ ଲାଗୁଥାଏ । ସହାନୁଭୂତି ଉଦ୍ଧତା ବାଧ୍ୟ ବାଧ୍ୟତାର ଏହି ହେଉଥାଏ—ସବୁ ସ୍ଥାନ-ଗତ ସବୁ ମୁଣ୍ଡ ଟେକି ଦେଖ ହୋଇଥାନ୍ତି । ତାଙ୍କ ହୋଷ୍ଟେଲ ପ୍ରଣୟ ନାହିଁ—ଠେଲା ଠେଲିର ଏ ସମୟରେ ପଣ ନାହିଁ । ଗାଡ଼ିଃ ମନ୍ଦର ମନେ ଉଡ଼ି ଅନେକ ଘଣ୍ଟା । ନାଁ—ଶ୍ରୀ ସାନ୍ୟାଲ ଜନ୍ମ । ସାନ୍ୟାଲ ଫିଲ୍ମ ସ୍ଥିତା ପରି ହୋଇ ଦକ୍ଷତାକନ୍ତୁ ଟେକି ସଙ୍ଗ ।

ନାସିକଦା—ନାସିକଦା—ଜମାଦାର ନାମ ପଢ଼ାଯିବା ଦୁଇଥର ଡାକିଲା ।

\+ \+ \+

ଧର୍ମଶାଳା— ତଃଖର କଥାସ କହିବି । ଛଟେଜ୍ ନଷ୍ଟ ହେଲା । ଗାଡ଼ ଫିର ଅଗ୍ରମ କଲୁ । ଆଃ ଡାକେ । ମୁଁ ବୁଲିଯିବାକୁ ପ୍ରସ୍ତାବ ଦେଲି—ଯୁବକଟି ସିନେମା ଦେଖିବାକୁ ପ୍ରସ୍ତାବ ଦେଲେ । ମିନ୍ ଉପରେ ଶେଷ ଖବର ପଢ଼ିବାକୁ ସେ ସିନେମା ଯିବାକୁ ମତ ଦେଲେ— ମୁଁ ଗଡ଼ିଲି—

ସ୍ୱଳ୍ପ ସିନେମା - ଗଢ଼ ଉତ୍ତାଡ଼ରୁ କଳଙ୍କଗୀତ ଭଜନ ପଡ଼ୁଥାଏ । ନୃତ୍ୟ ନୃତ୍ୟ ଜମୁଥାଏ । ସ୍ୱାଭଟରେ ସେ ଯୁବକଟି ଛଟେଜ୍ ଦଶ ଶେଷ ହୋଇ ଅଣି ଆମ ହାତରେ ଗୁଞ୍ଜିଦେଲେ— ବୋଲାହଳ ଭିତରେ ହିନ୍ଦୋସ୍ତା ହଲ ଭିତରକୁ ଯିବାକୁ ଅନୁରୋଧ କଲେ—

ମୁଁ ଅଭ ତୁମ ସମ୍ମାନ ପାଇଲି ନାହିଁ— ମନେ ମନେ ମିତାଙ୍କୁ ପ୍ରଶଂସା ଦେବାକୁ ଇଚ୍ଛା ଦେଖିଦେଲି । ବୋଲ ଠିକ୍ କଲି— ଫିଦାର ତାଙ୍କରେ ହାତଟେ ତା କୁ ସ୍ୱଚ୍ଛ ଲଗ କଣ୍ଠରେ ଫସୁଛିଲି—ମିନା ! ତୁମେ ମୋ ଯୌବନକୁ ଏତ ଲଜ୍ଜ କରିପାରୁଛ, ସେ ଯୁବକ-ଉଦ୍ଦେଶ୍ୟକୁ ଅଯାଚିତ କହ୍ନାଇ ଦେଖାଉଛନ୍ତି ତାଙ୍କର ସ୍ୱାର୍ଥ କଣ ?— ସେ କଣ ପାଉଛେ ହୋଇ ତଳ ପାଖରେ ତାଙ୍କର ଏତେ ମିନତି । ଧନ୍ୟ ତୁମେ— ଧନ୍ୟ ତୁମର ଅଛି ବାସ୍ତବତ । ପୁରୁଷର ଜନାଇବା ପାଇଁ ଭଗବାନ ତାଙ୍କର ସମସ୍ତ ମନ ପ୍ରାଣ ଢାଳି ସୃଷ୍ଟି କରିଛନ୍ତି ।

ଅସହ୍ୟ ! ଅସହ୍ୟ !! ଯୁବକଟି ଚହଲାଇ କଲେ— ମୁଁ ମିନାକୁ ନେଇ ଅଗ୍ରସର— ବସିଲି ଅନ୍ଧାରେ ହଲ ଭିତରେ— ଝାପସା ଅନ୍ଧାର । ମୋ ପାଖରେ ଯୁବକଟି ବସି ଏପଟ ସପଟ ହୋଇ ଉଠୁଥାଏ ତେଣୁ ଅନୁଭବ କରୁଥାଏ— ସିନେମା ସରିଲା—ରାତି ଦଶ ।

ଧର୍ମଶାଳା । ଉଦ୍ଧଲୋକଙ୍କ ଆମ ଦୁହିଙ୍କ ସନ୍ତପ୍ତ ଏଥର ଶାସ୍ତ୍ର ଦୃଷ୍ଟି ଦେବାକୁ ଲାଗିଲେ । ମୁଁ ତାଙ୍କୁ ସୋଫାଏ ବୋଠରିରେ ଶୋଇବାର ସମସ୍ତ ସୁବିଧା କରିବାରେ ସାହାଯ୍ୟ କରିଦେଇ ବିଦାୟ ନେଇ କହିଲି—Goodnight, ଶୁଭରାତ୍ରି ।

ସେ ପଚାରିଲେ—ସେ ଉଦ୍‌ମହିଳାଙ୍କର ତ—

ମୁଁ କହିଲି—ଓ—I am sorry—ମତ ଦୁଃଖିତ ଆପଣ ମୋର ଏବଂ ମୋ ସ୍ତ୍ରୀ ମିଣ୍ଟୁ ଉତ୍ତରଙ୍କର ଶୁଭରାତ୍ରି ଗ୍ରହଣ କରନ୍ତୁ—ନମସ୍କାର ।

ଉଦ୍ଧଲୋକଙ୍କ ଦେହର ନାଳ ବୋଃ ଛଡ଼ା ଅଉ ଯିମିତି କଣ ନାହିଁ ।

—*—

## କୁତୁକୁତୁ

ଜଣେ ବିଶିଷ୍ଟ ଲୀଡ଼ର ନେତା ଅହିଂସ୍ର ଗୁଣ୍ଡାମାନଙ୍କ ହସ୍ପିଟାଲ ପରିଦର୍ଶନ କରିବାକୁ ଯାଇ ପ୍ରଥମ ବ୍ୟକ୍ତିକୁ ପଚାରିଲେ—କି ହୋଇଛି କେତେ ମାରିଛ ?

ଗୁଣ୍ଡା—ଗୋଟାଏ ?

ନେତା—କେଉଁ ହାତରେ

ଗୁଣ୍ଡା—ଡାହାଣ ହାତ ବଢ଼ାଇ ଦେବାରୁ ନେତା ସେହି ହାତ ଧରି ତା'ପରେ ଗୋଟିଏ ମାତ୍ର ମୃଦୁ ଚୁମ୍ବନ ଦେଲେ ।

ତା ପରେ ଅନ୍ୟ ଗୁଣ୍ଡାକୁ ଯାଇ ପଚାରିଲେ—ତମେ ?

ଗୁଣ୍ଡା—ମୁଁ ଗୋଟାଏ ନୁହେଁ ଅସଂଖ୍ୟ ଶତ୍ରୁ ମାରିଛି ।

ନେତା—କେଉଁ ହାତରେ ?!

ଗୁଣ୍ଡା—ହାତରେ ନୁହେଁ—ମୁଁ ସମସ୍ତଙ୍କୁ କାମୁଡ଼ି ମାରି ପକାଇଛି—ଏଇ ଦାନ୍ତ ଜିଭ ଓଠ ଓ ମୁହଁରେ । ++

Digitized by srujanika@gmail.com



# କଣାମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

[ପୂର୍ବ ପ୍ରକାଶିତ ପରଠାରୁ]

ଏତିକିବେଳେ କେଉଁଠି ଥିଲା, ଆସି ପହଞ୍ଚିଗଲେ କଣାମାମୁଁ ! ଶୂନ୍ୟରୁ ବାହାରି ପଡ଼ୁ ତାଳଗଛ ପ୍ରମାଣ ଦେବ ଭୂତଟାଏ ଅକସ୍ମାତ୍ ପାଦ ଆଗରେ ଠିଆ ହୋଇଗଲେ ଯେଉଁଥିରେ ବ ଲୋକ ଏପରି ହେବେନାହିଁ, ଆମେସବୁ ଯାହା ହୋଇଗଲୁ ତାର ଅବଶ୍ୟ ବିଚାର । ସେ ସେମିତି ଡ଼ାକଟା ମାରିଦେଲେ, "କି-ଏ-ରେ?" ସତ କହୁଚି, ମୋର ପିଳେହି ପାଣି ! ଭଣ କରବ, କୁଅଡ଼େଯିବ, ଇତ୍ୟାଦି ଭାବିବାକୁ ବ ଶକ୍ତି ହଜିଗଲା । କେଲା ପତ୍ରିଡ଼ୋଳା ଡାକିଲେ, ସେ ଯୁଅଡ଼େ ଥାଆନ୍ତୁ, ନାଗସାପ ଯେପରି କାଅ, କୋଉଆ ଭଳି ତା ପାଖରେ ଗୁଣୁରୁ ଗୁଣୁରୁ ପହଞ୍ଚି ଯାଆନ୍ତି— 'ଉଠି ଅସୁଛନା !' କଥାଟା ଶୁଣି ଆମେ ସେମିତ ଗୋଟି ଗୋଟି ହୋଇ ଉଠିଆସି ଛୁଡ଼ାହେଲୁ । ସେ ଆମ ଭିତରୁ ପ୍ରଥମେ ଦୁଇଜଣଙ୍କୁ ଦି' ହାତରେ ଧରି ପାଣିକୁ ପଶିଲେ ଓ କହିଲେ, 'ବୁଡ଼ବାଟିରେ ପାଣିକୁଅ !' ଏତିକି କହିଲାକ୍ଷଣି, ଦୁହିଁଙ୍କ କାନକୁ ଦି' ହାତରେଧରି ବୁଡ଼ାଇଲେ ପାଣିରେ । ପୁଣି ଉଠାଇଲେ ତ ପୁଣି ବୁଡ଼ାଇଲେ ଏତେ ଝଟ୍ ଝଟ୍ କରି ବୁଡ଼ା-ଉଠା କରାଇବାକୁ ଲଗିଲେ ଯେ ସେଠିକି ଇଞ୍ଜି-ନରେ ହାବସ ଗୁଳିଛୁ ! ନିଶ୍ୱାସ ନେବାକୁ ଫୁରୁସତ ନାହିଁ । ପାଟିକରି କାନ୍ଦିବାକୁ ଭୟ । ମନେ ହେଲା ଶ୍ୱାସ ବନ୍ଦହୋଇ ଜୀବନ ବାହାରିଗଲା ପରି । ପ୍ରଥମ ଦୁହିଁଙ୍କୁ ଛାଡ଼ି ଆଉ ଦୁଇଜଣଙ୍କୁ ଧରି ପୁଣି ସେହି ପ୍ରକ୍ରିୟା । ତାଙ୍କୁ କହିଲେ, 'ବୁଡ଼ିବାଟିରେ ବାଲିଆମାଛ !' ତାଙ୍କୁ ନାକେଦମ କରି ପୁଣି ଆଉ ଦୁଇ । ଏହିପରି ଯୋଡ଼ା ଯୋଡ଼ା କରି ସେହିପରି କରୁଥାଏ ଓ ସମସ୍ତଙ୍କୁ ଦେଉଥାଏ ୨ ବର୍ଷଙ୍କୁ ଗାଳିଗୁଲୁର ନା । ଦେଉଥାଏ । ଗ୍ରାମର ନାଗ ବନ୍ଧ ଶରେ ମଡ଼ାଇ ପରି ଆମେ ସେହି ଅନିବାର୍ଯ୍ୟ ମରଣାମକୁ ଅତି ଶାନ୍ତ, ଶିଷ୍ଟ, କାକୁସ୍ଥ ଭାବରେ ସହିଗଲୁ ଓ ପୁଣି ଦ୍ୱିତୀୟ ଦଫାରେ କଣ ହେବ ସେଥିପାଇଁ ଅନ୍ଧେ-ରେ ମୁଣ୍ଡ ପୂରାଇଥିବା ବଳି ବୋଦା ପରି ପ୍ରସ୍ତୁତ ହୋଇ ନୀରବ, ନିସ୍ପୃହ ଅପେକ୍ଷାରେ ରହିଗଲୁ । ମାନ ଦେଇ ଦେବତା ତା କଣ୍ଠରେ ବସିଲେ କେଜାଣି ସମ୍ଭବତଃ ଅଗ୍ନି ଦେବତା ଉଦରରେ ବସିଥିଲେ,— କାରଣ ତାଙ୍କଛଡ଼ା ସେଠ ଅଜ କାହାରିକୁ ମାନେ ନାହିଁ— ସେଦିନ ସେଠିକରେ ଆମଦଶା ଦେଖିଗଲା 'ଯା— ପଳା ଏବେ ଘରକୁ !' ବୋଲି କହିଦେଇ ସେ ସେସ୍ଥାନରୁ ସିଧା ଏକମୁହାଁ ହୋଇ ଚାଲିଗଲେ । ମୁଁ ଡ଼ରରେ କମ୍ପୁରେ ନାକଖ କାନବୁ ହୋଇ ବାଉ ଦୁଆର ବାଟେ ଘରକୁ ପଶିଲି ବେଳକୁ ସେ ଆମରି ହାଣ୍ଡିଶାଳ ପିଣ୍ଡାରେ ପଡ଼ର ପକାଇ ବସିଛି ! ମୋର ସେଦିନ ଯେ ଅବସ୍ଥା, ତାହା ପ୍ରକାଶ କରିହେବାର ନୁହେଁ । ଅନୁଭବର କଥା ।

× × ×

ଦିନତ ରହେନାହିଁ । ମା'—ବାପାଙ୍କ ଅଖିରେ ଓ ଗାଁ ଲୋକଙ୍କ ଆଗରେ ଆମେ ବୟସ ସାଙ୍ଗେ ସାଙ୍ଗେ ଅଜାଣତରେ ବଢ଼ି ଉଠିଲୁ । ସେ ବଢ଼ିବାଟା ଶଣି କଳାପ୍ରାପ୍ତ କି ତାଳଗଛ ପ୍ରାପ୍ତ, ସେ କଥା କିଏ କହି ପାରିବେ । ମାତ୍ର ଆମେ ଏବେ 'ପିଲା' ବୋଲି ଯାହାଙ୍କୁ କହନ୍ତି, ତାହା ନୋହୁଁ । ସାପଟିଏ ବଢ଼ିଲେ ତାକୁ ଯେ ବଢେ । ଆମରିବ ସମୟ ଓ ଶରୀରର ବୃଦ୍ଧି ସଙ୍ଗେ ବୁଦ୍ଧିଆଉ ବା ଦାୟିତ୍ୱ ବଢ଼ିଲୁ । ସେ କଥା ଆମେ ବୁଝି ପାରନ୍ତୁ କି ନାହିଁ କେଜାଣି, ମାତ୍ର ଘର ଭିତର ଠାରୁ ବାହାର ଲୋକ ପର୍ଯ୍ୟନ୍ତ ଆମ ସହିତ କାର ବ୍ୟବହାରରେ ବୁଝିବାକୁ ଆମର ବାକି ରହିଲାନାହିଁ ଯେ ଆମେ ଆଉ ପିଲାଟିମାନ ନୋହୁ । ମାତ୍ର ଏ ଗୁରୁତ୍ୱଟା ଭଲଭାବ ସମର୍ଥନ ଦେଲା ଆମପ୍ରତି କଣାମାମୁଁର ଆଚରଣ ଓ ବ୍ୟବହାର ।

ସେ ଏବେ ଆଗପରି ଆମ ସହିତ ଅହି-ନକୁଳର ସମ୍ବନ୍ଧ ରଖେନାହିଁ । ଆମ ସଙ୍ଗେ ଖୁସି ଗପକରେ, ସାଙ୍ଗ ଭାବରେ ମିଳା ମିଶା କରେ, ହସ ଖୁସି, ଖେଳିବା ବୁଲିବା ପ୍ରଭୃତି ଯେତେ ପ୍ରକାର ସମ ବୟସ୍କ ବନ୍ଧୁର କାମ ସହଜ ଓ ନିର୍ବାଧରେ ସବୁ ସେ କରିଯାଏ । ପ୍ରଥମେ ପ୍ରଥମେ ଯେତେବେଳେ ସେ 'ମାଉସି ଟିକିଏ ବସନ୍ତୁ— ଟିକିଏ ଶୋଇ ଲାନ୍ତୁ— ଟିକିଏ ଶୁଅନ୍ତୁ' ଆଦି ଅବ-ଲମ୍ବନ କରି ଆସ୍ତେ ଆସ୍ତେ ଆଗକୁ ଦେଖାଇଲା, ଆମକୁ ବଡ଼ କିମିତିକା କିମିତିକା ଲାଗୁଥିଲା । ମାତ୍ର ଆମେ କାଳ-କାଳ ହୋଇ— ଗୁହୁଁ ଗୁହୁଁ ବାହା ଗିଳିଗଲୁଁ । ତାର ମଧ୍ୟ ବାହା ଗିଳାଇ-ବାରେ କୃପଣତା ନଥିଲା । ଏବେ ଏକ ସେ ଆମରି ଇୟାର ମଧ୍ୟରେ ଗଣ୍ୟ । ଆଜ ସେ ଆଗ କଥା ନାହିଁ, ସେ ଡାଡ଼-ଡାଲ ଭାବ ନାହିଁ, ସେ ଭୟ ନାହିଁ, କ୍ରୁଦ୍ଧା ନାହିଁ, ସଙ୍କୋଚ ନାହିଁ । ତଥାପି କଣାମାମୁଁ ପ୍ରତି ସେ ଆମର ଗୋଟାଏ 'ଅନ୍ତଭାବରେ ଗୌରବନିଷ୍ଠ' ଭଳିଆ ଏକ ଭାବ ଅସିଥିଲା ତାହା କେବେ ନୁହେଁ । ପିଲାଟି କାଳରୁ ତାର ଯେଉଁ ଅତିମାନୁଷିକ ଛାପ ଆମ ହୃଦୟରେ ପଡ଼ିଥିଲା, ତାହା କି ସହଜରେ ଲିଭିପାରେ ? ସେ ଯେତେ ଆମ ସାଙ୍ଗରେ ସମାନ ଭାବରେ ମିଶୁ ପଛକେ, ଆମେ ତାର ଭିତରେ ଭିତରେ ଭକ୍ତି ଓ ସମ୍ମାନ କରୁଥିଲୁ ଓ ଆମଠାରୁ ସେ ଯେ ଶ୍ରେଷ୍ଠ ଏକଥା କେବେ ଭୁଲି ନଥିଲୁ ।

[କ୍ରମଶଃ]

Digitized by srujanika@gmail.com

# ସା ପ୍ତା

## ଦେଶ

ମନେ ହେଉଛି—ଭାରତ ଓ ପାକିସ୍ଥାନ ମଧ୍ୟରେ ଯେପରି ଅଘୋଷିତ ଯୁଦ୍ଧ ଲାଗିଛି । ମହାତ୍ମାଗାନ୍ଧି ମଧ୍ୟ ଏହାର ସମ୍ଭାବନା ଅନୁମାନ କରି ଭାରତୀୟ ମୁସଲମାନମାନେ ଭାରତ ପ୍ରତି ଆନୁଗତ୍ୟ ପ୍ରକାଶ କରି ପାକିସ୍ଥାନ ବିରୋଧରେ ଆବଶ୍ୟକ ହେଲେ (ଭଗବାନ ନ କରନ୍ତୁ) ଲଢ଼ିବା ଉଚିତ ବୋଲି କହିଲେଣି । କାଶ୍ମୀରର ଅପ୍ରତିଦ୍ୱନ୍ଦୀ ଜନ ନାୟକ ଶେଖ ଅବଦୁଲ୍ଲା ଭାରତୀୟ ଦେଶୀୟ ରାଜ୍ୟ ପ୍ରଜାସଂଘର ସଭାପତି । ଧର୍ମ ସଂପ୍ରଦାୟ ଭିତ୍ତିରେ ରାଷ୍ଟ୍ର ସଂଗଠନର ପକ୍ଷପାତୀ ସେ ନୁହନ୍ତି । ମୁସଲିମ ଲିଗ ଏ କଥା ଜାଣି ପ୍ରଥମେ ସେ କାଶ୍ମୀରରେ ସାମ୍ପ୍ରଦାୟିକ ଦ୍ୱେଷ ଭାବ ପ୍ରଚାର ଓ କାଶ୍ମୀରର ହିନ୍ଦୁ ରାଜାଙ୍କ ଶାସନ ବିରୋଧରେ ସାମ୍ପ୍ରଦାୟିକ ଦଙ୍ଗା ପ୍ରଚାର ଆରମ୍ଭ କଲେ । କାଶ୍ମୀରକୁ ପାକିସ୍ଥାନରେ ମିଶିବା ପାଇଁ ବାଧ୍ୟ ପ୍ରଦର୍ଶନ କରିବା ଏ ପ୍ରଚାରର ଲକ୍ଷ୍ୟ । କାଶ୍ମୀର ସରକାର ଏପରି ପ୍ରଚାରର ପ୍ରତିବାଦ କଲେ । ପାକିସ୍ଥାନ ସରକାର ଗତ ୨୦ ଅକ୍ଟୋବରରେ ଏ ପ୍ରତିବାଦ ଭିତ୍ତିହୀନ ବୋଲି କହିଲେ । ସୀମାନ୍ତର ଲିଗ ପ୍ରଧାନମନ୍ତ୍ରୀ କ୍ୟାୟୁମଖାଁ ପ୍ରଥମେ ପ୍ରଥମେ କହିଥିଲେ— କାଶ୍ମୀର ଭାରତ ବା ପାକିସ୍ଥାନରେ କେଉଁଥିରେ ଯୋଗ ନ ଦେଲେ ଆମର ଆପତ୍ତି ନାହିଁ । ପାକିସ୍ଥାନ ସରକାର ୧୭ ଅକ୍ଟୋବରରେ ଘୋଷଣା କରିଥିଲେ ଯେ ଦେଶୀୟ ରାଜ୍ୟର ରାଜାମାନେ ଯେ କୌଣସି ଡୋମିନିୟନରେ ଯୋଗ ଦେଇ ପାରନ୍ତି କିମ୍ବା ସ୍ୱାଧୀନ ରହିପାରନ୍ତି । ତାଙ୍କ ଉପରେ ବାଧ୍ୟ କରିବା ପାକିସ୍ଥାନର ନୀତି । କିନ୍ତୁ ପରେ ପରେ କ୍ୟାୟୁମ କହିଲେ—କାଶ୍ମୀରର ସମସ୍ତ ମୁସଲମାନ ଜନସାଧାରଣ ପାକିସ୍ଥାନ ଆସିବାକୁ ଇଚ୍ଛୁକ । ତେଣୁ ପାକିସ୍ଥାନ ମୁସଲମାନଙ୍କର ସ୍ୱାର୍ଥ କାଶ୍ମୀରରେ ଅଛି । ସୀମାନ୍ତ ସରକାର ଗତ ୨୩ ଅକ୍ଟୋବରରେ ଘୋଷଣା କରିଛନ୍ତି ଯେ ଦେଶୀୟ ରାଜ୍ୟ ବିଷୟରେ ସରକାର ନିରପେକ୍ଷ ଏବଂ କାଶ୍ମୀର ଗୋଳମାଳରେ ସୀମାନ୍ତ ଲୋକେ ନିରପେକ୍ଷ ରହିବାପାଇଁ କୁହାଯାଇଛି । କିନ୍ତୁ କାଶ୍ମୀର ସରକାରଙ୍କ ଅଭିଯୋଗ ଭିତ୍ତି ହୀନ କହି କାଏଦ ଆଜାମ ଜିନା କାଶ୍ମୀରକୁ ଦୋଷାରୋପ କଲେ ଯେ—ଏଭଳି ମିଥ୍ୟା ଅଭିଯୋଗ ମୂଳରେ ଷଡ଼ଯନ୍ତ୍ରର ଅଭିସନ୍ଧି ରହିଛି । ପାକିସ୍ଥାନ ସରକାର ୨୪ ଅକ୍ଟୋବର ୨୦ ତାରିଖରେ କାଶ୍ମୀର ମହାରାଜଙ୍କୁ ଧମକ ଦେଇଛନ୍ତି —"ତମ ନୀତି ଯଦି ନ ବଦଳାଅ ତେବେ ଯେଉଁ ସଙ୍ଗୀନ ଅବସ୍ଥା ସୃଷ୍ଟି ହେବ ସେଥିପାଇଁ ତମେ ଦାୟୀ ରହିବ ।"

ଏ ଧମକର ପରେ ପରେ ସମ୍ବାଦ ପହଞ୍ଚିଛି ଯେ ପ୍ରଥମେ ୨୦୦୦ ସୀମାନ୍ତ ପାହାଡ଼ିଆ ଆଫ୍ରିଦି ସେନା ଆଧୁନିକ ଅସ୍ତ୍ର ଶସ୍ତ୍ରସେନ ଅକ୍ଟୋବର ୨୨ ଓ ୨୩ରେ କାଶ୍ମୀର ଆକ୍ରମଣ କରି ଲୁଣ୍ଠନ, ଘର ପୋଡ଼ି ଓ ନାରୀ ଧର୍ଷଣ ଆଦି ଅମାନୁଷିକ ଅତ୍ୟାଚାର ଅମୁସଲମାନ ମାନଙ୍କ ଉପରେ ଚଳାଉଛନ୍ତି । ପରେ ପରେ ଦେଖାଗଲା ତାଙ୍କ ସଙ୍ଗେ ପାକିସ୍ଥାନ ସୈନ୍ୟ ମଧ୍ୟ ବେସରକାରୀ ଭାବରେ ଯୋଗ ଦେଉଛନ୍ତି । ସୀମାନ୍ତ ପ୍ରଧାନମନ୍ତ୍ରୀ ଏହି ଲୁଣ୍ଠନକାରୀ ମାନଙ୍କୁ ଉତ୍ସାହିତ ମଧ୍ୟ ଦେଇ ତାଙ୍କର ଯଶ କାମନା କରୁଛନ୍ତି । ଏହି ଲୁଣ୍ଠନ କାରୀ ମାନେ ପୁଞ୍ଛଠାରୁ ଉରି, କୋହାଲ ଓ ମୁଜାଫରାବାଦ ଦେଇ କାଶ୍ମୀର ଆକ୍ରମଣ କରି ମୋହୁରା ବିଦ୍ୟୁତ୍ ଘର ଦଖଲ କରି ନେଲେ । ପୁଞ୍ଛଠାରେ ଅସ୍ଥାୟୀ କାଶ୍ମୀର ସରକାର ଗଠିତ ହେଲା । ତାର ନେତା ହେଲେ କାଶ୍ମୀରର ଭୂତପୂର୍ବ ଅଡିଷ୍ଟାଣ୍ଟ ଅଡ଼ଜୁଟାଣ୍ଟ ଜେନେରେଲ ଓ ଆସେମ୍ବ୍ଲି ସଭ୍ୟ ମହମ୍ମଦ ଇବ୍ରାହିମ ।

ଏହି ପରିସ୍ଥିତିରେ କାଶ୍ମୀର ରାଜା ହରିସିଂ ଜନନେତା ଅବଦୁଲ୍ଲାଙ୍କୁ ଅହ୍ୱାନ କରି ଅସ୍ଥାୟୀ ଲୋକପ୍ରିୟ ସରକାର ଘୋଷଣା କଲେ ଏବଂ କାଶ୍ମୀର ରାଜା କାଶ୍ମୀରକୁ ଭାରତ ୟୁନିୟନ ଅନ୍ତର୍ଭୁକ୍ତ କରିବାପାଇଁ ପ୍ରବେଶ ପତ୍ର ସ୍ୱାକ୍ଷର କଲେ । ଭାରତ ୟୁନିୟନ ଏହାକୁ ଅସ୍ଥାୟୀ ଭାବରେ ଗ୍ରହଣ କରି ଅଶାନ୍ତି ଦମନ ପାଇଁ ସୈନ୍ୟ ପଠାଇ ଦେଲେ । ଅବସ୍ଥା ଶାନ୍ତ ହେଲେ ଲୋକମତ ଦ୍ୱାରା କାଶ୍ମୀର ଯେଉଁ ଡୋମିନିୟନରେ ମିଶିବାକୁ ବାଛିବ ଭାରତ ସରକାର ତାହା ଗ୍ରହଣ କରିବେ ବୋଲି ଭାରତ ସରକାର ତାଙ୍କର ନୀତି ଘୋଷଣାକରି ଯଥାର୍ଥ ନ୍ୟାୟ କରିଛନ୍ତି । ଭାରତ ସୈନ୍ୟ ମାନେ ଓ ଶେଖ ଅବଦୁଲ୍ଲାଙ୍କ କାଶ୍ମୀର କନଫରେନ୍ସ ଅଧୀନ ସେନା (ରକ୍ଷକ (defence) ଫୌଜ ) ଅବସ୍ଥା ଆୟତ୍ତ ଧୀନ କରିଛନ୍ତି । ଆକ୍ରମଣ କାରୀମାନେ ହଟି ଯାଉଛନ୍ତି । ଜିନା ଲହୋର ଯାଇ ଅବସ୍ଥା ପର୍ଯ୍ୟବେକ୍ଷଣ କରୁଛନ୍ତି । କଥାବାର୍ତ୍ତା ପାଇଁ ସେ ମାଉଣ୍ଟ ବେଟନ ଓ ନେହେରୁଙ୍କୁ ଲହୋର ଆସିବାକୁ ନିମନ୍ତ୍ରଣ କରିଛନ୍ତି ।

ଜୁନାଗଡ଼ର ଅସ୍ଥାୟୀ ପ୍ରଜାସରକାର ଜୁନାଗଡ଼ର ୨୫ ଟି ଗ୍ରାମ ଦଖଲ କରି ଗଡ଼ୀ ମଧ୍ୟରେ ଅସ୍ଥାନ ଜମାଇଛନ୍ତି ଏବଂ ଶୁଣାଯାଏ ଜୁନାଗଡ଼ର ନବାବ କରାଚୀ ପଳାୟନ କଲେଣି ।

ମହୀଶୂରରେ ମହୀଶୂର ରାଜା କଂଗ୍ରେସ ନେତା କେ ସି ରେଡ଼ି ଦେଓ୍ୟାନଙ୍କୁ ସହ ଛଅ ଜଣ ସଭ୍ୟଙ୍କୁ ନେଇ ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି ।

ହାଇଦରାବାଦ ପ୍ରତିନିଧିମାନେ ଦିଲ୍ଲୀରୁ ହାଇଦରାବାଦ ଫେରିଗଲେ । ନିଜାମଙ୍କ ସଙ୍ଗେ ଶେଷ କଥା ଓ ସ୍ୱାକ୍ଷର ହେବାର କଥାଥିଲା । ଶୁଣାଗଲା ଏକ ନୂଆ ଅସ୍ଥାୟୀ ଭାବରେ ଦୁଇ ସରକାର ରାଜିହେବେ । ଏହି ଅସ୍ଥାୟୀ ଚୁକ୍ତି ( Stand still ) ନୀତି ଏକ ବର୍ଷଯାଏଁ କାୟମ ରହିବ । ଏହି ସମୟରେ ହାଇଦରାବାଦ ତାର ବୈଦେଶିକ ନୀତି ସ୍ୱତନ୍ତ୍ର ରଖି ରାଜଦୂତ ପଠାଇବାର ଅଧିକାର ପାଇଲେ ମଧ୍ୟ କଥାଦେବ ଯେ ସେ ତାହା କାର୍ଯ୍ୟରେ ପରିଣତ କରିବ ନାହିଁ । ରାଜ୍ୟରକ୍ଷା ପାଇଁ ଭାରତ ସରକାର ଆବଶ୍ୟକ ମନେକଲେ ହାଇଦରାବାଦ ନିର୍ଦ୍ଦିଷ୍ଟ ସଂଖ୍ୟା ସୈନ୍ୟ ସାହାଯ୍ୟ ଦେବେ । ପୁଣି ସମ୍ବାଦ ଆସିଲା ଯେ ନୂଆ ଚୁକ୍ତିନାମାରେ ଭାରତ ଦୂତାବାସ ସଂଲଗ୍ନରେ ହାଇଦ୍ରାବାଦର ବାଣିଜ୍ୟ ପ୍ରତିନିଧି ମାନ ବିଦେଶରେ ରହିବେ । ଭାରତ ସରକାର ହାଇଦ୍ରାବାଦରୁ ସୈନ୍ୟ ଅପସାରଣ କରିବେ କିନ୍ତୁ ନିଜାମ ସରକାରଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବେ । ନିଜାମ ସୈନ୍ୟଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ ରହିବ କେବଳ ଆଭ୍ୟନ୍ତରୀଣ ଶୃଙ୍ଖଳା ପାଇଁ । ନିଜାମ ଏ ସର୍ତ୍ତରେ ରାଜିଥିଲେ । କିନ୍ତୁ ତାଙ୍କ ନ୍ୟସ୍ତସ୍ୱାର୍ଥଙ୍କ କାଉନସିଲ ରଖିଲା । କାଶ୍ମୀର ଅବସ୍ଥାକୁ ଚାହିଁ ନିଜାମ ତାଙ୍କ ନୀତି ବଦଳେଇଲେ । ଫଳରେ ଏ ସନ୍ଧି ସ୍ୱାକ୍ଷରିତ ହେଲା ନାହିଁ । ନିଜାମ ପକ୍ଷରୁ ଭାରତ ସହ କଥାବାର୍ତ୍ତା କରୁଥିବା ଦୁଇ ସଭ୍ୟ ମଙ୍କଟନ ଓ ସୁଲତାନ ଅହମଦ ପ୍ରତିବାଦ ସ୍ୱରୂପ ଇସ୍ତଫା ଦେଇ ଚାଲିଗଲେ । ମୁସଲିମ ଲିଗର ଏହା ଆଉ ଏକ ଚାଲ ।

କୋଚିନର ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଇଛନ୍ତି । କୌଣସି ଘଟଣା ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ମନ୍ତ୍ରୀମଣ୍ଡଳ ରହିବାରୁ ରାଜା ତାହା ଅଗ୍ରାହ୍ୟ କରନ୍ତେ ଏ ପରିସ୍ଥିତି ଉପୁଜିଛି ।

ଦିଲ୍ଲୀରେ ଭାରତ ଦେଶୀୟ ରାଜ୍ୟ ସ୍ଥାୟୀ କମିଟି ବସିଥିଲା । ସେଠାରେ ପୂର୍ବାଞ୍ଚଳ ରାଜ୍ୟ ମାନଙ୍କ ଶାସନ ବ୍ୟବସ୍ଥା ପ୍ରତି ଅସନ୍ତୋଷ ପ୍ରକାଶ କରାଯାଇଛି ।

ଅନ୍ତର୍ଜାତୀୟ ଶ୍ରମିକ ସଂଘର ଏସିଆ ଖଣ୍ଡ ସମ୍ମିଳନୀ ଏସିଆ ମହାଦେଶର ୨୦ଟି ରାଷ୍ଟ୍ରର ପ୍ରାୟ ୨୫୦ ପ୍ରତିନିଧିଙ୍କ ନେଇ ଦିଲ୍ଲୀରେ ଆରମ୍ଭ ହୋଇଛି । ଅନ୍ତର୍ଜାତୀୟ ଶ୍ରମିକ ସଙ୍ଘର କାର୍ଯ୍ୟକାରୀ କମିଟିର ସଭାପତି ଯୁକ୍ତ ଇଂଲଣ୍ଡ ଏହାର ଉଦ୍ଘାଟନ କରିଥିଲେ । ଭାରତର ଶ୍ରମ ମନ୍ତ୍ରୀ ଶ୍ରୀ ଜଗଜୀବନ ରାମ ନିର୍ବିବାଦରେ ଏହି ସମ୍ମିଳନୀର ସଭାପତି ନିର୍ବାଚିତ ହୋଇଛନ୍ତି । ପଣ୍ଡିତ ନେହେରୁ ପ୍ରତିନିଧି ମାନଙ୍କୁ ସ୍ୱାଗତ ଭାଷଣ ଶୁଣାଇଥିଲେ ।

## ପ୍ରଦେଶ

ବୈଧାନିକ ସଭାର ବିଧାନ ରଚନା କମିଟି ଆଗରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଅଧିକ ରକ୍ଷା

Digitized by srujanika@gmail.com

# ଟି   କା

ଦେବାର ପ୍ରଧାନ ରହିବା ପାଇଁ ସୁଯୋଗ ଦେଉଛନ୍ତି । ଓଡ଼ିଶା ଦରିଦ୍ରତମ ପ୍ରଦେଶ । ଓଡ଼ିଶା [illegible] ସ୍ଥାନରେ ସେ ଜଳ କ୍ଷତି ସହିଛି ଏବଂ ବନ୍ୟା ଓ ମରୁଡ଼ିରେ ଥିବାବେଳେ ଓଡ଼ିଶାର ଜନତା ପ୍ରତି [illegible] ସରକାର ଅଦେଖି ଦୃଷ୍ଟି ଦେଉନାହାନ୍ତି । [illegible] ସେ ସହୁଛନ୍ତି । ଓଡ଼ିଶା ଅଧିକ ଏକଚତୁର୍ଥାଂଶ ଅଭାବ ଅଛି । ଧର୍ମତଃ ସରକାର ଏହାର ପରିହାର କରିବେ । ତାର ଫଳ ହେବ ଆର୍ଥିକ ବିପର୍ଯ୍ୟୟ । ତେଣୁ ଅନ୍ୟାନ୍ୟ [illegible] ଟଙ୍କା ସାହାଯ୍ୟ ନେଇ ମାଗିଛନ୍ତି ।

ଓଡ଼ିଶା ଓ ମଧ୍ୟପ୍ରଦେଶର କୋଇଲା ଖଣି ଶ୍ରମିକମାନଙ୍କ ଅବସ୍ଥା ତଦନ୍ତ ପାଇଁ ଭାରତ ସରକାର ଗୋଟିଏ କମିଟି ବସାଇଥିଲେ ତାଙ୍କ ରିପୋର୍ଟକୁ ଭାରତ ସରକାର ଗ୍ରହଣ କରିବା ଫଳରେ ଶ୍ରମିକମାନଙ୍କ ଦରମା ମହଙ୍ଗା ଭତ୍ତା ବଢ଼ିବ ଓ ବୋନସ ମିଳିବ ।

ଓଡ଼ିଶା [illegible] ଚତୁର୍ଦ୍ଦିଗରେ ଭୀଷଣ ଅଶାନ୍ତି ବ୍ୟାପିଛି । [illegible] ତାଙ୍କର ସ୍ୱାର୍ଥସିଦ୍ଧି ପାଇଁ ନାନା ଅବୈଧ ଓ ଅନ୍ୟାୟ ଉପାୟ ଅବଲମ୍ବନ କରୁଛନ୍ତି । ପ୍ରଥମେ ମୟୂରଭଞ୍ଜର ଧର୍ମମହାରାଜା ତାଙ୍କର ବଂଶଗତ ପ୍ରଭୁତ୍ୱର ଯୋଗୁଁ ସାଂପ୍ରଦାୟିକ ଭେଦବୁଦ୍ଧି ସୃଷ୍ଟି କରି ଆଦିବାସୀ ଓ ଓଡ଼ିଆ [illegible] ମଧ୍ୟରେ କଳହ ଲଗାଇଲେ ତାର ଚରମ ପରିଣତିରୂପେ ମୟୂରଭଞ୍ଜ [illegible] ଶାସନ ମଧ୍ୟରେ ଏକ [illegible] । ସେଠାରେ ଆଦିବାସୀମାନେ ଓଡ଼ିଆମାନଙ୍କ ଧନ ଲୁଟ କରୁଛନ୍ତି, ଘରପୋଡ଼ି ଦେଉଛନ୍ତି । ରାଜା ଗୁପ୍ତଚରମାନ ଓ ଗୁର୍ଖାଙ୍କ ସାହାଯ୍ୟରେ ସେମାନଙ୍କୁ ସାହାଯ୍ୟ ଦେଇ ଜନସାଧାରଣଙ୍କୁ ଅତିଷ୍ଠ କଲେଣି । ଇତିମଧ୍ୟରେ ବେଙ୍ଗଲର ମଧ୍ୟ ଆଦିବାସୀ ନେତାଙ୍କୁ [illegible] ରାଜାଙ୍କ ସାହାଯ୍ୟ କରିବାର [illegible] ବା ପ୍ରତିଜ୍ଞା ତାଙ୍କଠୁଁ ନେଉଛନ୍ତି ।

[illegible] ଶ୍ରୀଯୁକ୍ତ ସାରଙ୍ଗଧର ଦାସ ଗିରଫ ହେଲାବେଳେ ରାଜସରକାରଙ୍କ ଗୁର୍ଖା ସୈନ୍ୟ ଜନତା ଉପରେ ଆକ୍ରମଣ କରିବାରୁ ଅନେକ ଆହତ ହୋଇଛନ୍ତି ।

ପାଟଣାର ମହାରାଜା [illegible] ଉପଲକ୍ଷରେ ଏକ ଘୋଷଣା କରିଛନ୍ତି ଯେ ସାବାଳକ ଭୋଟଦ୍ୱାରା ନିର୍ବାଚିତ ଏକ ବିଧାନସଭା ରାଜ୍ୟର ଶାସନ ବିଧାନ ଗଠନ କରିବେ । ମାର୍ଚ୍ଚ [illegible] ଏ ଘୋଷଣାକୁ କାର୍ଯ୍ୟକାରୀ କରି ଶାସନ ବିଧାନ ସଭାକୁ ଏକ ପ୍ରଚଳନ ଆକାରରେ ପରିଣତ କରିବାର କଳ୍ପନା କରାଯାଉଛି । ଏ ଘୋଷଣାରେ ଉତ୍ତରଦାୟୀ ବ୍ୟବସ୍ଥା ଅନୁସାରେ ସଭ୍ୟ ସଂଖ୍ୟା ମନ୍ତ୍ରୀ ସଂଖ୍ୟା ସଂଖ୍ୟାଲଘୁ ପ୍ରତିନିଧିଙ୍କ ସଂଖ୍ୟା ପର୍ଯ୍ୟନ୍ତ ପୂର୍ବରୁ ନିର୍ଦ୍ଧାରିତ ହୋଇଛି । ଶାସକ ଓ ତାଙ୍କର ବଂଶଗତ କ୍ଷମତା, ରାଜବଂଶଙ୍କର ଉତ୍ତରାଧିକାର ଓ ଉନ୍ନ ରାଜସ୍ୱ ହ୍ରାସର ବନ୍ଦୋବସ୍ତ [illegible], ଅଦ୍ୟାବଧି ରାଜା ଓ ସରକାରଙ୍କ ସହିତ ସମ୍ପର୍କ ଅଧିକାର, ପବ୍ଲିକ ସର୍ଭିସ କମିଶନ ନିଯୁକ୍ତି, ହିସାବ ନିରୀକ୍ଷକ ନିଯୁକ୍ତି, ବ୍ୟବସ୍ଥାପକ ସଭାର କ୍ଷମତା ଓ [illegible] ନିର୍ବାଚନ କାର୍ଯ୍ୟରେ [illegible] ଅନ୍ୟ ବିଷୟରେ ବିଧାନସଭା ହସ୍ତକ୍ଷେପ କରିପାରିବେ ନାହିଁ ।

ଅଠମଲ୍ଲିକର ରାଜାସାହେବଙ୍କ ଘୋଷଣା ଢେର ଉଦାର ହୋଇଛି । ସେ ବିଧାନସଭା ଉପରେ ସମସ୍ତ ଦାୟିତ୍ୱ ଛାଡ଼ି ଦେଉଛନ୍ତି । ବିଧାନସଭାର ନିଷ୍ପତ୍ତିକୁ ସେ ୨ ଥର ଫେରାଇ ଦେଇ ପାରନ୍ତି । ତୃତୀୟ ଥରକୁ ତାହା ଆପେ ଆପେ ଚଳନ୍ତିର ହୋଇଯିବ ।

## ବିଦେଶ

ପାଲେଷ୍ଟାଇନରେ ଆସନ୍ନ ପୃଥିବୀ ଯୁଦ୍ଧର ସମ୍ଭାବନା ଅଛି ବୋଲି କେହି କେହି ମତ ପୋଷଣ କରୁଛନ୍ତି । ପାଲେଷ୍ଟାଇନକୁ ଭାଗ ଭାଗ କରିବା ପାଇଁ ମିଳିତ ଜାତିସଂଘ ଯଦି ଶେଷ ନିଷ୍ପତ୍ତି କରେ ତେବେ ଆରବ ଦେଶମାନେ ମହା ବିଭ୍ରାଟ ସୃଷ୍ଟି କରିବାର ସଂଭାବନା । ମିଶରର ସେନାପତି ପାଲେଷ୍ଟାଇନ ସୀମା ଯାଏ ତଦାରଖ କଲେଣି । ଇରାକ ସ୍ପଷ୍ଟ ଭାବରେ ମିଳିତ ଜାତିର ପାଲେଷ୍ଟାଇନ ବିଭାଗ ନିଷ୍ପତ୍ତିକୁ ମାନିବ ନାହିଁ ବୋଲି ଘୋଷଣା କରିଛି । ମିଳିତ ଜାତି ସଂଘରେ ମିଶର ଓ ସିରିଆ ପ୍ରସ୍ତାବ ଆଣିଛନ୍ତି ଯେ ପାଲେଷ୍ଟାଇନକୁ ଭାଗ ଭାଗ କରିବାର ଆଦେଶ ଦେବା ପାଇଁ ମିଳିତଜାତି ସଂଘ କ୍ଷମତାବାନ କି ନାହିଁ ଏବଂ ଲୋକମତ ବିରୋଧରେ କୌଣସି ଦେଶ ଉପରେ ଅନ୍ୟ ଏକ ଦେଶ ବା ଦେଶ ସଂଘ କୌଣସି ନିଷ୍ପତ୍ତି ଚାପି ଦେଇ ପାରନ୍ତି କି ନାହିଁ ସେ ସମ୍ବନ୍ଧରେ ଅନ୍ତର୍ଜାତୀୟ ଅଦାଲତର ମତ ନିଆଯାଉ । ସିରିଆ ଅଦ୍ଭୁତ ପ୍ରସ୍ତାବ କରିଛି ଯେ [illegible] (ମେଣ୍ଡେଟରୀ) ରାଜ୍ୟ ସଂକ୍ରାନ୍ତୀୟ ମିଳିତ ଜାତି ସଂଘର ଅନୁବନ୍ଧ ନୀତିର ଏହା ଅନୁଯାୟୀ କି ନୁହେଁ ତାହା ମଧ୍ୟ ଅନ୍ତର୍ଜାତି ଅଦାଲତ ବିଚାର କରୁ ।

ଇତି ମଧ୍ୟରେ ଅସ୍ଥାୟୀ ଇହୁଦୀ ସରକାର ଜେରୁଜେଲମର ଇହୁଦୀ ଏଜେନସିର ମୁଖ୍ୟ ବେନଗୁରିଅନଙ୍କ ନେତୃତ୍ୱରେ ଗଠିତ ହୋଇ ସାରିଲାଣି ବୋଲି ସମ୍ବାଦ ମିଳିଛି ।

ମିଳିତ ଜାତି ସଂଘର ସାଧାରଣ ସଭା, ଗ୍ରୀସର ସୀମା ଅବସ୍ଥା ତଦାରଖ ଓ ତଦନ୍ତ କରିବା ପାଇଁ ଏକ କମିଟି ନିଯୁକ୍ତ କରାଯାଉ ବୋଲି [illegible] ସପକ୍ଷ ୬ ବିପକ୍ଷ ଓ ୧୧ ନିରପେକ୍ଷ ଭୋଟରେ ଗ୍ରହଣ କରିଛି । ରୁଷ ଏ ପ୍ରସ୍ତାବର ଘୋର ବିରୋଧ କରିଥିଲା । ଏହା ଦ୍ୱାରା ରୁଷର ଦୁର୍ବଳତାହିଁ ପ୍ରକାଶ ପାଉଛି ।

ଗତବର୍ଷ ଡିସେମ୍ବର ୮ ତାରିଖରେ ମିଳିତ ଜାତି ସଭା ଭାରତ ଓ ଦକ୍ଷିଣ ଆଫ୍ରିକା ସମ୍ବନ୍ଧରେ ଯେଉଁ ନିଷ୍ପତ୍ତି କରିଥିଲା ତଦନୁସାରେ ଦକ୍ଷିଣ ଆଫ୍ରିକା କାର୍ଯ୍ୟ କରିନାହିଁ । ଅଧିକନ୍ତୁ ମିଳିତ ଜାତି ସଭାକୁ [illegible] କରିଛି ବୋଲି ଭାରତ ପ୍ରତିନିଧି ଏ ସଭାରେ ଅଭିଯୋଗ କରିଛନ୍ତି ।

ମିଳିତ ଜାତିସଭାର ଅର୍ଥନୈତିକ ଓ ସାମାଜିକ ସମିତି ଆନ୍ତର୍ଜାତୀୟ ବ୍ୟାଙ୍କ ଓ ଆନ୍ତର୍ଜାତୀୟ ଅର୍ଥଭାଣ୍ଡାର ନାମକ ଦୁଇ ଅନୁଷ୍ଠାନ ସହିତ [illegible] ଚୁକ୍ତି ଗ୍ରହଣ କରିଛନ୍ତି । ଏ ଚୁକ୍ତି ଫଳରେ [illegible] ଅଧିକ ସାହାଯ୍ୟ ପାଇବେ । ରୁଷ ଏହି ଦୁଇ ଅନ୍ତର୍ଜାତୀୟ ସଂସ୍ଥାର ସଭ୍ୟ ନୁହେଁ । ତେଣୁ ସେ ଏ ପ୍ରସ୍ତାବର ବିରୋଧ କରିଥିଲା ।

ଆମେରିକା, ତୁର୍କି ଓ ଗ୍ରୀସ ଯୁଦ୍ଧ ବାତାବରଣ ସୃଷ୍ଟି କରୁଛନ୍ତି ବୋଲି ସେମାନଙ୍କ ବିରୋଧରେ ରୁଷ ଯେଉଁ ପ୍ରସ୍ତାବ ରାଜନୈତିକ କମିଟିରେ ଆଗତ କରିଥିଲା ତାହା ଗୃହୀତ ହୋଇନାହିଁ । ଭାରତ ନିରପେକ୍ଷ ରହିଥିଲା ।

ବ୍ରାଜିଲର ପ୍ରେସିଡେଣ୍ଟ ଏବଂ ସୈନ୍ୟମାନଙ୍କ ବିରୁଦ୍ଧରେ ରୁଷ ସମ୍ବାଦପତ୍ର କୁତ୍ସିତ ପ୍ରଚାର କରୁଥିବାରୁ ବ୍ରାଜିଲ ରୁଷ ସହିତ କୂଟନୈତିକ ସମ୍ପର୍କ ତୁଟାଇ ଦେଇଛି । ତା' ସଙ୍ଗେ ସଙ୍ଗେ ଚିଲି ମଧ୍ୟ ରୁଷ ଓ ଚେକୋ-ସ୍ଲୋଭାକିଆ ସହିତ ସମ୍ପର୍କ ତୁଟାଇଛି ।

ମିଳିତ ଜାତି ସଂଘ ସାଧାରଣ ସଭାରେ ରୁଷ ପ୍ରସ୍ତାବ [illegible] ଯେ କୋରିଆର ଭିତରୁ ଆମେରିକା ଓ ରୁଷ ଶାସିତ ଅଞ୍ଚଳରେ ମାର୍ଚ୍ଚ ୧୯୪୮ ପୂର୍ବରୁ ଜାତିସଂଘ ତତ୍ତ୍ୱାବଧାନରେ ସାଧାରଣ ନିର୍ବାଚନ ହେଉ । ଆମେରିକା ଓ ରୁଷ [illegible] ମିଳିତ କମିଟି [illegible] ସେପ୍ଟେମ୍ବର [illegible] ପାଇଁ ସେ କମିଟି [illegible] । ରୁଷ ପ୍ରଥମେ [illegible] ସେଠାରୁ [illegible] କରନ୍ତୁ । [illegible] — ମିଳିତ [illegible] ସଂଘରେ [illegible] ଏବଂ ଭାରତୀୟ ସରକାର ମିଳିତଜାତି ସଂଘକୁ ସାହାଯ୍ୟ କରନ୍ତୁ ।

ବର୍ମା ସ୍ୱାଧୀନତା ଅଧିନ ପାର୍ଲିମେଣ୍ଟରେ ଗୃହୀତ । ଜାନୁ• ୪ ତାରିଖ ଦିନ ବର୍ମା ପୂର୍ଣ୍ଣ ସ୍ୱାଧୀନସତ୍ତା

(ଅବଶିଷ୍ଟାଂଶ ୧୬ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଉଗଲର ବିଚାର ଧାରା

—ସନ୍ଧାନୀ

## କଂଗ୍ରେସ ବିପନ୍ନ

ନିଖିଳ ଭାରତ କଂଗ୍ରେସ କମିଟିର ଅଫିସ ସେକ୍ରେଟେରୀ ଶ୍ରୀଯୁକ୍ତ ସାଦିକ ଅଲି ଏକ ଇସ୍ତାହାରରେ କଂଗ୍ରେସ ଅନୁଷ୍ଠାନ ମାନଙ୍କୁ ଏକ ସତର୍କ ବାଣୀ ଦେଇଛନ୍ତି । କଂଗ୍ରେସର ଅସ୍ତିତ୍ୱ ସଂବଂଧରେ ସେ ଆଶଙ୍କା ସୂଚିତ କରିଛନ୍ତି । ଏ ଅଶଙ୍କା ଦୂର କରିବାର ଉପାୟ କଂଗ୍ରେସ ଅନୁଷ୍ଠାନ ଓ ମନ୍ତ୍ରୀମଣ୍ଡଳ, ଜନ ସାଧାରଣ ଓ ମନ୍ତ୍ରୀ ମଣ୍ଡଳଙ୍କ ମଧ୍ୟରେ ସହଯୋଗ, ଏଆହିଁ ତାଙ୍କର ନିର୍ଦେଶ । କଂଗ୍ରେସ ଅର୍ଥରେ ସେ ମୁଖ୍ୟତଃ କଂଗ୍ରେସ ସରକାରକୁହିଁ ଲକ୍ଷ୍ୟ କରିଛନ୍ତି । ଏ ବିବୃତିର ଯନ୍ତ ଟେରେ ସାମ୍ପ୍ରଦାୟିକ ବିଶୃଙ୍ଖଳାର ଧୂ ୟ ଓ ଟେଜି ପ୍ରଦେଶ ମାନଙ୍କରେ ସେ ବିଶୃଙ୍ଖଳା ଉପୁଜିଛି ଏ ବିବୃତି ସେହି ପ୍ରଦେଶ ମାନଙ୍କ ପକ୍ଷରେ ବିଶେଷ ରୂପେ ପ୍ରଯୁଜ୍ୟ । ତଥାପି ସେ କହିଛନ୍ତି—ସ୍ୱାଧୀନତାର ପ୍ରାକ୍ କାଳରେ କଂଗ୍ରେସ ତା' ଆଗରେ ଦେଖୁଛି—ଯେଉଁ ନୀତି ତାକୁ ଉଦ୍‌ଜୀବିତ ଏବଂ ଉତ୍ସାହିତ କରି ରଖିଥିଲା ସେ ନୀତି ଏବଂ ତାର ଅସ୍ତିତ୍ୱ ଆଜି ବିପନ୍ନ—ବାହାରୁ ଏବଂ ଭିତରୁ—ଦୁଇଆଡ଼ୁ । ସାମ୍ପ୍ରଦାୟିକ ସମସ୍ୟା ବାସ୍ତବିକ ବାହାରର । ଭିତରର ବିଶୃଙ୍ଖଳା କିନ୍ତୁ ଅତି ମାରାତ୍ମକ । ଶ୍ରୀଯୁକ୍ତ ସାଦିକ ଅଲି ଏ ବ୍ୟାଧିର ଝାଙ୍କାଣ ପ୍ରତି ସମ୍ୟକ୍ ଦୃଷ୍ଟି ପାତ୍ ନକରି କେବଳ ଜନ ସାଧାରଣ ଓ କଂଗ୍ରେସ ଅନୁଷ୍ଠାନ କଂଗ୍ରେସ ସରକାରଙ୍କ ସହ ସହଯୋଗ କରିବା ପାଇଁ ଅହ୍ୱାନ କଲେ ସମସ୍ୟାର ସମାଧାନ ହେବ ନାହିଁ ।

ଅନ୍ୟ ପ୍ରଦେଶର କଂଗ୍ରେସ ସରକାର ଓ କଂଗ୍ରେସ ଅନୁଷ୍ଠାନ କଥା ଆଲୋଚନାର ବାହାରେ । ଏହି ପ୍ରଦେଶର ସରକାର ଓ ଅନୁଷ୍ଠାନର ସଂବଂଧ ପ୍ରତି ଲକ୍ଷ୍ୟ କରାଯାଉ । ପ୍ରଦେଶର କଂଗ୍ରେସ କମିଟିହିଁ ବ୍ୟବସ୍ଥା ପରିଷଦର ସଭ୍ୟ ମନୋନୀତ କରି ପ୍ରାର୍ଥୀ ଛିଡ଼ା କରାଇ ଥିଲା । ନ୍ୟାୟତଃ ବ୍ୟବସ୍ଥା ସଭା କମିଟିର ଅଧସ୍ତନ—ଅନ୍ତତଃ ସ୍ୱାଧୀନ ନୁହେଁ । କିନ୍ତୁ କାର୍ଯ୍ୟତଃ କଣ ହୋଇଛି ? ବର୍ତମାନ କମିଟି ସାକ୍ଷୀଗୋପାଳ । କମିଟିର ଅସ୍ତିତ୍ୱ ଜନ ସାଧାରଣ ଉପଲବ୍ଧି କରନ୍ତି ନାହିଁ । ଜନ ସାଧାରଣଙ୍କ ଅଭାବ ଅଭିଯୋଗ କଂଗ୍ରେସ କମିଟି ଜରିଆରେ ମେଣ୍ଟି ଯିବାର ଆଶା ବୃଥା । କଂଗ୍ରେସ ଅନୁଷ୍ଠାନ ଏପରି ନିଫ୍‌ପ୍ରଭ ହୋଇ ପଡ଼ିଛି ଯେ କୌଣସି ଆତ୍ମ—ସମ୍ମାନ ସଂପନ୍ନ ନିସ୍ୱାର୍ଥ କଂଗ୍ରେସ କର୍ମୀ କେବଳ କଂଗ୍ରେସ ନାମକୁ ବଞ୍ଚାଇ ରଖିବାର ସ୍ପୃହା ନରଖିଲେ ଅନୁଷ୍ଠାନ ଭିତରେ ପ୍ରବେଶ କରିବାକୁ ପୂର୍ବରୁ ବହୁବାର ବିଚାର କରିବ ।

ମନ୍ତ୍ରୀମଣ୍ଡଳ କଂଗ୍ରେସ କମିଟିକୁ ନ ପଚାରି ଦେଶର ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି । ପ୍ରଧାନ ପ୍ରଧାନ ନୀତି ଗ୍ରହଣ କଲାବେଳେ ମଧ୍ୟ କଂଗ୍ରେସ କମିଟିର ମତକୁ ଅପେକ୍ଷା କରାଯାଉ ନାହିଁ । ଆସେମ୍ବ୍ଲିର କଂଗ୍ରେସ ଦଳ ଯେତେବେଳେ ମିଳି ସପକ୍ଷରେ ନୀତି ଗ୍ରହଣ କଲେ ସେତେବେଳେ ପ୍ରଦେଶର କଂଗ୍ରେସ ଅନୁଷ୍ଠାନ ମାନଙ୍କର ମତ ନିଆଯାଇ ନାହିଁ । ମନ୍ତ୍ରୀମଣ୍ଡଳ ପକ୍ଷ ସମର୍ଥନ କାରୀମାନେ କୂଟନୀତି ପ୍ରୟୋଗ କରି କାର୍ଯଦକ୍ଷ କଂଗ୍ରେସ କର୍ମୀ ମାନଙ୍କୁ କାର୍ଯ୍ୟକାରୀ କମିଟିରୁ ନିର୍ବାସନ କରିବାରେ କୃତୀ ହେଲେ । ଫଳରେ ବର୍ତମାନ କଂଗ୍ରେସ କମିଟି ଏକ କଂଗ୍ରେସର ଅପଭ୍ରଂଶ—ପ୍ରହସନ ବା ଫାର୍ସ ।

କାହିଁକି ? କାରଣ, କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଦେଖିଲେ ଶାସନ କଳ ଏପରି ଯେ ତାକୁ ସ୍ଥିର ରଖିବାକୁ ହେଲେ ଅମଲା ତନ୍ତ୍ର ଉପରେ ତାଙ୍କୁ ନିର୍ଭର କରିବାକୁ ହେବ । ଶାସନର ସମ୍ମାନ ଓ ଆଡ଼ମ୍ବର ଜଗିବାକୁ ହେଲେ କଂଗ୍ରେସର ଆଦର୍ଶକୁ ଧରି ପାରି ହେଉନାହିଁ । ସେଥି ପାଇଁ ମନ୍ତ୍ରୀମଣ୍ଡଳ ସାହାଯ୍ୟ ଲୋଡ଼ିଲେ ଧନାଢ଼୍ୟ ଜମିଦାର ଓ ବ୍ୟବସାୟୀ ମାନଙ୍କର । ଫଳରେ କଂଗ୍ରେସ କର୍ମୀମାନଙ୍କ ଠାରୁ ସେମାନେ ଅଲଗା ହୋଇଗଲେ । କଂଗ୍ରେସ କର୍ମୀମାନେ ମନ୍ତ୍ରୀମଣ୍ଡଳକୁ ଯେମିତି ସନ୍ଦେହ ଚକ୍ଷୁରେ ଦେଖିଲେ ମନ୍ତ୍ରୀମଣ୍ଡଳ ମଧ୍ୟ ସେହିପରି କଂଗ୍ରେସ କର୍ମୀ ମାନଙ୍କୁ ବିଚାରିଲେ । ଏ ବିଯୋଗକୁ ଯୋଗ କରିବା ପାଇଁ ମନ୍ତ୍ରୀମଣ୍ଡଳ ସତ୍ୟ ଅହିଂସା ଅସ୍ତେୟ ଆଦି ନୀତି ବିଗର୍ହିତ ପନ୍ଥା ଅନୁସରଣ କଲେ । ଅର୍ଥର ଲୋଭ ଦେଖାଇ ଦେଶ ସେବୀ କଂଗ୍ରେସ କର୍ମୀ ମାନଙ୍କର ନୈତିକତାକୁ କ୍ରୟ କଲେ । କେତେକ କର୍ମୀ ମନ୍ତ୍ରୀମଣ୍ଡଳର କ୍ରୀତଦାସ ସାଜିଲେ । କେତେକ ନ ହୋଇ ପାରି ମନ୍ତ୍ରୀମଣ୍ଡଳର ଶତ୍ରୁତା କରିବା ସଙ୍ଗେ ସଙ୍ଗେ ଅପଣା ଅଗୋଚରରେ କଂଗ୍ରେସର ଶତ୍ରୁତା ମଧ୍ୟ ଆଚରଣ କଲେ । ତେଣୁ କଂଗ୍ରେସ ଅନୁଷ୍ଠାନ ଆଜି ନୀତି ନ୍ୟାୟ ଉପରେ ପ୍ରତିଷ୍ଠିତ ଅନୁଷ୍ଠାନ ନ ହୋଇ ଏକ ଦଗାବାଜ, ଜାଲିଆତ, କୂଟନୀତିଙ୍କର ଧପାବାଜି, ଓ ପେଞ୍ଚର ଆଖଡ଼ା ହେବାକୁ ଆରମ୍ଭ କରୁଛି । ଗାନ୍ଧି ନୀତି କେବଳ ଏକ ଭଣ୍ଡାମି, ଭେକ, ବିରାଡ଼ି ବୈଷ୍ଣବର ଜପାମାଳି ହୋଇ ରହିଛି । ଏଭଳି ପରିସ୍ଥିତିରେ ସାଧାରଣ କଂଗ୍ରେସ କର୍ମୀ ଓ ଜନସାଧାରଣ କଂଗ୍ରେସ ସରକାର ଠାରୁ ଆପଣାକୁ ଅଲଗା ଭାବିବା ସ୍ୱାଭାବିକ ।

—୧—

Digitized by srujanika@gmail.com

# ସିଗାରେଟ୍

**ଶ୍ରୀ ନିର୍ମଳଚନ୍ଦ୍ର ଦାସ**

ଅୟି ସିଗାରେଟ୍ ପ୍ରିୟେ,
ପ୍ରଣୟ ତୁମ୍ଭର କଲେଜ ଜୀବନେ କେତେ ଯେ କରେଜ୍ ଦିଏ।
ଶୁଭ୍ର ତନୁର କୋମଳ ଅଙ୍ଗେ ଚୁମ୍ବନ ଦେବା ଲାଗି,
କ୍ଷିପ୍ର ସମାନ ଧାଇଁ ବୁଲୁଥାଏଁ ଟାଲି କେବିନ୍ ମାଗି ମାଗି।
ତୁମରି ସେବାରେ ଅର୍ଥ ମୋହର ଶ୍ରାଦ୍ଧରେ ଯାଏ ଯେତେ,
ଟିଫିନ୍ ପାଇଁ କି ନଅଣ୍ଟ ପଡ଼ିଲେ ଦୁଃଖ ନାହିଁ ହେଲେ ଏତେ।

ତରୁଣ୍ ତନ୍ୱୀ ଅଙ୍ଗୁଳ୍ କରି ମୁଁ ଉଡ଼ାଏ ଧୂଆଁ ଗଦେଁ,
ସାହେବ ଠାଣୀରେ ଉହୁଁ ଉହୁଁ କେତେ ଖଣ୍ଡି କାସ ମୁହାଁଡେ଼,
ଚିମିନି ମୁହଁରୁ ବାହାରେ ଯେପରି କୁଣ୍ଡଳୀ ଧୂଆଁ ରାଶି,
ମୋ ମୁହଁରୁ ସେପରି ତୁମ ଚୁମ୍ବନେ କେତେ ସ୍ରୋତ ଯାଏ ଭାସି
କଲେଜ୍ ପଢ଼ୁଆ ନବୀନ ଯୁବାର ତୁମେ ଯେ ଫାଷ୍ଟ ସାଥି,
ବେଳେବେଳେ ତବ ଏମନ୍ତି ଖୋଲକୁ ବଢ଼ୁଥାଏ ତବଖ୍ୟାତି।

ତବ ପରସାଦେ କ୍ଲବର ସାଙ୍ଗ ମିଟିଂକି ଜମି ଉଠେ
ବଳେ ହେ ତୁମର ବଳଦ ଷ୍ଟାଇଲ୍ ଶ୍ରୀମୁଖରେ ନାହିଁ ଫୁଟେ।
ଶଢ଼ ବେକାରର ଟୁକ୍‌ଲୁ ପକେଟେ ପ୍ୟାକେଟ୍ ପ୍ୟାକେଟ୍ ତୁମେ
ଭରି ରହୁଥାଅ, ବୁଝେ ତା ଦୁଃଖ ଅନୁପମ ତ'ବ ଧୂମେ।
କେତେ ବର୍ଗଲେ ଶିକ୍ଷର୍ସ କେତେ ଉଡ଼ିଯାଏ ଫୁହୁଁ ଫୁହୁଁ,
ଖସିପଡ଼େ ନାହିଁ ତଥାପି ବଚରି *ଖାକି ସିଗାରେଟ ଭକ୍ତ।

ସାତ ସମୁଦର ପାରିରୁ ଏ ଦେଶେ ଆସିଥିଲ ତୁମେ ବୋଲି
ଦରଦ ଗୋଲା ମୋ ବୁକୁଭରା ପ୍ରେମ ତବ ପରେ ଅରପିଲି।
ପଶ୍ଚିମ ସାଥେ ପୂର୍ବ ଦେଶର [ଏକ] ମିଳନ ତୁ ଏତେକାଳେ
ସେଥିପାଇଁ ତୁମ୍ଭ ସ୍ୱଦେଶୀ ନେତାଙ୍କୁ ଭୁଲାଇ ଧୂମ୍ର ଜାଳେ।
ତେଣୁ ଗୋ ଶୁଭ୍ର ଦେହା,
ଯେତେକାଳ ଅଛ ଧନ୍ୟ କର ଗୋ ଦୀପ୍ତପ୍ରଣୟ ଦେଇ।

—*—

* —ଖାକି ସିଗାରେଟ— ବିଡ଼ି



# ଚିଲିକା ଚିତା

ଲେଖକ—**ଗୋପାଳଚନ୍ଦ୍ର ମିଶ୍ର** ବି ଏ ଅନର୍ସ

ପଧାନ ଟିଅର ଉବଗ୍ର କୁସୁମ ସଜାଇଁ,
କେଉଁ ଅଣିଥିଲ ଚିଲିକା କୂଳର ଗଜରଥ।
ଗୋଧୂଳିର ଛାୟା ଚିଲିକାର ଗୃହ ଥାଏ ଭରି,
ପଧାନ ଟିଅର ଓଠ ମଜୁଥାଏ ହସରେ।
କହୁଥିଲି ଶୁଣେ ତରୁଣ ପ୍ରେମିକ ମୁଗଧା କାନେ,
ଆଜ ରାତି ଆମେ ଗୁଲିଯିବା ଦୂରେ ସଂଗୋପନେ।
ଆଜି ଏ ଚିଲିକା ଚପଳ ଲହରେ ଯୁଗ୍ମ ଆମେ,
ଯିବା ଭାସି ଭାସି ଜୋଛନା ରାତରେ ସ୍ୱପ୍ନ ପ୍ରେମେ।
ପଧାନର ଟିଅ ବଡ଼ ଲାଜକୁଳୀ ଅଳ୍ପ ହସେ,
ଚିଲିକା ସ୍ୱପ୍ନରେ ମରାଳ ଯୁଗଳ ଶାନ୍ତ ଦିଶେ।
କେଉଁ ଦୂର ପଲ୍ଲୀ ଗାଁର ଏ ଦୁଇ ପ୍ରାଣୀ,
ଗୋପନ ପ୍ରଣୟେ ଫୁଟିଲ ନାଲିକ ସମନ୍ୱୟ।

\+ × +

ଚିଲିକାର ଗୁରୁ ଚପଳ ଲହରୀ ଶୁଭ୍ର ଜଳ,
ନୀଳ ଗଗନର କୌମୁଦୀ ରସ ପଡ଼ଇ ଝରି।
ଚିଲିକା କୂଳର କଅବଣି ଖୋଲ ମହୁକାଇ,
ମହୁଆ ପବନ ସୌରଭ କଅଁଳ ଯାଏ ଛୁଇଁ।
କହିଲା ତରୁଣ, "ଏଇ ଯେ ନଉକା ବସ ରାଣୀ,
ଗୁଲିଯିବା ଦୂରେ ପଛରେ ପକାଇ ଏ ଧରଣୀ"
କି କହିବେ ଆଜ ମା' ବାପା ସତେ ଗ୍ରାମବାସୀ,
ଆସ ଏ ଚିଲିକା ଜଳରେ ଖେଳିବା ଭାସି ଭାସି।
କଳକଳ କରି କଲ୍ଲୋଳ ଗୀତ ଗାଉଥାଏ,
ବାରମ୍ବା କୋଶ୍ରୀ କରୁଣ ରାଗିଣୀ ଚମକାଏ।
ଜହ୍ନରାତି ତଳେ ପ୍ରଣୟୀ ଯୁଗଳ ମୁଗ୍ଧ ହୋଇ,
ଚିଲିକା ଗୃହରେ ଆବେଗେ ନଉକା ଦେଲେ ବାହି।
କେହି ନାହିଁ କାହିଁ ନୀରବ ରଜନୀ ଶାନ୍ତ ଥିର,
ଫୁଲଉଠୁଥାଏ ଚିଲିକା ଗଭୀର ରୌପ୍ୟ ନୀର।
କିଏ ଜାଣିଥିଲା ନଉକା ବୁଡ଼ିବ ଯୁବଧି ଜଳେ,
ଝଡ଼ ଉଠିବ ସେ ଉଦାର ଆକାଶ ବକ୍ଷତଳେ।
ପ୍ରକଟ ହୋଇବ ଏ ବାରତା,
ପ୍ରଣୟ ପାଇକ ଯୁଗଳ ଦେଖିଲେ ତଟିନୀ-ଚିତା।
ଚିଲିକାର ତୀରପକ୍ଷୀ
ଡାକି ଡାକି ଯାଏ ଜାଗ ଜାନକାକା ସଙ୍ଗ।

—*—

Digitized by srujanika@gmail.com

ହଂସପୁର

# ଗାନ୍ଧୀ ଆଦର୍ଶ ଓ ନାରୀ

—ଶ୍ରୀମତୀ ଦେବଦୂତୀ ଦେବୀ

ମାନନୀୟା ସଭାପତି ମହୋଦୟା ଓ ପ୍ରିୟ ଭଉଣୀମାନେ ! ଆଜି ଗାନ୍ଧିଙ୍କ ଶୁଭ ଜନ୍ମଦିନରେ ମନର ଶ୍ରଦ୍ଧା ଭକ୍ତି ଦେଖାଇବାପାଇଁ ତାଙ୍କର ଦୀର୍ଘାୟୁ କାମନା କରିବାପାଇଁ ଆମେ ସମସ୍ତେ ଏଠାରେ ଏକାଠି ହୋଇଛେ ଚାହିଁକି ? କଣ ପାଇଁ ? କେବଳ ତାଙ୍କପରି ନିର୍ମଳମନ ଜଗତରେ ଆଉ ଗୋଟିଏ ତାହାର ନାହିଁ ବୋଲି ସିନା । ସେ ସତ୍ୟ ଅହିଂସାର ଜୀବନ୍ତ ପ୍ରତି-ମୂର୍ତ୍ତି, ଶାନ୍ତି ମୈତ୍ରୀର ଉପାସକ, ଅତି ଉଦାର ଈଶ୍ୱର-ବିଶ୍ୱାସୀ । ସେ ଦେଶପାଇଁ ଦେଶବାସୀଙ୍କ ଦୁଃଖରେ ବ୍ୟାକୁଳ ହୋଇ ନିଜର ସମସ୍ତ ସ୍ୱାର୍ଥ ଦୂରକୁ ଠେଲିଦେଇଛନ୍ତି । କାରଣ ଆମ ଭାରତବାସୀ ତଥା ସାରା ପୃଥିବୀବାସୀ ଜନ ସାଧାରଣ ସୁଖରେ ଶାନ୍ତିରେ ଆନନ୍ଦରେ ନିଜ ନିଜ ଭିତରେ ମନ ମିଳାଇ ସ୍ନେହ ପ୍ରୀତି ବିନିମୟକରି ପର ଦୁଃଖରେ ଦୁଃଖୀ ପର ସୁଖରେ ସୁଖୀ ହୋଇ ଏକ ମାଆ ପେଟର ଭାଇପରି ଜୀବନ କଟାଇବେ ଏହି ଚିନ୍ତା ତାଙ୍କର ସବୁବେଳେ ।

ସେ ତାଙ୍କ ଜୀବନରେ କେବେ-ହେଲେ କୌଣସି ଜାତିକୁ କିମ୍ବା କୌଣସି ଧର୍ମକୁ ଅବହେଳା କରି ନାହାନ୍ତି । ପୃଥିବୀର ସମସ୍ତ ଜାତି ସମସ୍ତ ଭାଷା ସମସ୍ତ ଧର୍ମକୁ ସେ ସମାନ ଭାବରେ ଭଲ ପାଆନ୍ତି ଏବଂ ଶ୍ରଦ୍ଧା ଓ ସମ୍ମାନ ଦେଖାଇ ଥାନ୍ତି । ସେ ପୃଥିବୀର ସବୁ ଜାତି ସବୁ ଲୋକଙ୍କ ମଙ୍ଗଳ ସମାନ ଭାବରେ ଚିନ୍ତା କରୁଥାନ୍ତି । ସମସ୍ତେ କିପରି ସମାନ ଅଧିକାର ପାଇ ସମାନ-ଭାବରେ ଚଳିବେ ସେଇକଥା ସେ ସବୁବେଳେ ଭାବୁଛନ୍ତି ।

ଆମଦେଶର ପ୍ରତ୍ୟେକ ଲୋକ କିପରି କେହି କାହାରି ଉପରେ ନିର୍ଭର ନ କରି ନିଜେ ରୋଜଗାର କରି ଖାଇବେ ନିଜେ ସୂତାକାଟି ଲୁଗା ପିନ୍ଧିବେ ସେଥି-ପାଇଁ ତାଙ୍କର ଭାରି ଚିନ୍ତା । ସେ ଆଜିକି ଛବିଶ ବରଷ ହେଲା ଆମକୁ ବାରମ୍ବାର ଶିଖାଉଛନ୍ତି ପ୍ରତିଦିନ ପ୍ରତ୍ୟେକ ଲୋକ ଅଧଘଣ୍ଟା ସମୟ ସୂତା କାଟିବାରେ ଲଗାଇବା ପାଇଁ । ଆମେ ଯଦି ନିଜ ଖାଲି ହସ ଖୁସି ଗପ କରି ବୃଥାରେ ଦୁଇଘଣ୍ଟା ସମୟ କଟାଇ ଦେଉଛୁ । ସେତିକିବେଳେ ଯେପରି ଆମେ ଚରଖା କିମ୍ବା ତକଲି ଧରି ବସୁଥାନ୍ତୁ ଆମର ଗପ ସଙ୍ଗେ ସଙ୍ଗେ ସୂତାମଧ୍ୟ କଟାହୋଇଯାଉଥାନ୍ତା । ତାହା-ହୋଇଥିଲେ ଲୁଗାର ଅଭାବ ମେଣ୍ଟିଯାଇ-ଥାନ୍ତା । ଆଜି କାଲି ସମସ୍ତଙ୍କର ଲୁଗାର ଅଭାବ ଅଳ୍ପ ବହୁତ ସମସ୍ତେ ଅନୁଭବ କରୁଥିବେ । ଆମେ ଯେବେ ସମସ୍ତେ ଆମର ପ୍ରୟୋଜନ ଅନୁସାରେ ସୂତାକାଟି ପାରିବା ତେବେ ଲୁଗା ଦୁର୍ଭିକ୍ଷ ଆମକୁ ମୋଟେ ବାଧିବ ନାହିଁ । ଲୁଗାପାଇଁ ଅନ୍ୟଲୋକଙ୍କ ହଇରାଣିରେ ପଡ଼ିବା ନାହିଁ । ଭଉଣୀମାନେ, ଆଜି ମହାତ୍ମାଙ୍କର ଜନ୍ମ ଦିବସରେ ସମସ୍ତେ ପ୍ରତିଜ୍ଞା କର ପ୍ରତିଦିନ ରାନ୍ଧିବା ଖାଇବା କାମ ପରି ସମସ୍ତେ କିଛି ସମୟ ପାଇଁ ସୂତା କାଟିବା, ତାହେଲେ ଆଉ ଲୁଗାର ଅଭାବ ରହିବ ନାହିଁ । ଗାନ୍ଧିଜୀଙ୍କର ସବୁଠାରୁ ବଡ଼ ପ୍ରିୟକାର୍ଯ୍ୟ କରିବାଦ୍ୱାରା ତାଙ୍କପ୍ରତି ଶ୍ରଦ୍ଧାର ପରିଚୟ ମିଳିବ ।

ଗତ ଅଗଷ୍ଟ ପନ୍ଦର ତାରିଖରେ ଆମ-ଦେଶରେ ଯେଉଁ ଆନନ୍ଦ ଉତ୍ସବ ଲାଗିଥିଲା ସେ କାହାପାଇଁ ! ଏତେଦିନ ଯାଏ ଆମେ ବିଦେଶୀ ଶାସନରେ ଥିଲେ; କେବଳ ସେହି ମହାତ୍ମା ଗାନ୍ଧି ନିଜର ସବୁ ସ୍ୱାର୍ଥ ତ୍ୟାଗକରି ଥରକୁ ଥର ଜେଲ ଯାଇ ଅନଶନ ସତ୍ୟାଗ୍ରହ କରି ତାଙ୍କର ଆଦର୍ଶରେ ଦେଶବାସୀଙ୍କୁ ଚଳାଇ ବ୍ରିଟିସ ଶାସକ ମାନଙ୍କ ସହିତ ଅସହ-ଯୋଗ କରି ଭାରତକୁ ସ୍ୱାଧୀନ କଲେ, ସ୍ୱରାଜ ଆଣିଲେ. ସ୍ୱଦେଶୀ ଲୋକଙ୍କ ଦ୍ୱାରା ଶାସନ ଚଳିଲା । ତଥାପି ସାରା ଭାରତ ଏକଶାସନାଧୀନରେ ନରହି ଖଣ୍ଡ ଖଣ୍ଡ ହେବାଦ୍ୱାରା ତାଙ୍କ ମନରେ ଶାନ୍ତି ନାହିଁ । ଭାଇ ଭାଇ ଭିତରେ ହଣା କଟା ହେବା ଦେଖି ତାଙ୍କ ମନ ସବୁବେଳେ କାନ୍ଦୁଛି ।

ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନ ପୂର୍ବରୁ ଆମ ଦେଶର ସ୍ତ୍ରୀମାନେ ରାନ୍ଧି ବାଢ଼ି ଖାଇ ପିଇ କେବଳ ଘର କୋଣରେ ଦିନ କଟାଉ ଥିଲେ । ବିଶେଷତଃ ଆମ ଓଡ଼ିଆ ଘରର ସ୍ତ୍ରୀମାନେ । ସେତେବେଳେ ନାରୀର ଜାଗାଥିଲା କେବଳ ଘର କାମରେ । ଦେଶକଥା କେହି ଭାବୁନଥିଲେ । କିନ୍ତୁ ମହାତ୍ମା ଗାନ୍ଧି କହିଲେ. ଏଇ ଅସହଯୋଗଯୁଦ୍ଧରେ ନାରୀ, ନର ସମସ୍ତେ ସମାନଭାବରେ ଭାଗ ନେବେ । ଦେଶର ସ୍ୱାଧୀନତା ସମରରେ ସ୍ତ୍ରୀଜାତି ଭୋଟରେ ଶାସନ କାର୍ଯ୍ୟରେ ନାରୀ ପୁରୁଷ ଦୁହିଁଙ୍କର ସମାନ ଅଧିକାର ଅଛି । ମା ଭଉଣୀମାନେ ! ଦେଶ କାମରେ ଯୋଗଦେଇ ନିଜର ଦାବୀ ହାସଲକର । ଯେଉଁ ଦେଶରେ ଜନ୍ମ ହୋଇଛ ତାକୁ ମାଆ ପରି ଭଲ ପାଅ । ତାଙ୍କର ଅନ୍ତରର ସମତାଭାବ ଦ୍ୱାରରେ ନାରୀ ଜାତିର ଆଖି ଫିଟିଲା । ଏତେ ଧୈର୍ଯ୍ୟଶୀଳା ନାରୀ ଘରକଣ ଛାଡ଼ି ବାହାରି ପଡ଼ିଲେ ଅସହଯୋଗ ଆନ୍ଦୋଳନରେ । ନିଜର ଘର ପିଲାପିଲାଙ୍କ ଚଳାଇବାର ଭାର ସବୁ ମୁଣ୍ଡରୁ ନେଇ ସ୍ୱାମୀ ପୁଅଙ୍କୁ ପଠାଇଦେଲେ ଗାନ୍ଧିଜୀଙ୍କ ଆଦେଶ ପାଳି ସତ୍ୟାଗ୍ରହ କରିବା ପାଇଁ । ଶହ ଶହ ନାରୀ ଗାନ୍ଧିଙ୍କ ନାମ ଧରି ଜେଲରେ ପଶିହେଲେ । ତାହାର ଫଳରେ ସମସ୍ତଙ୍କ ପ୍ରାଣ ପ୍ରାଣର ସହାନୁଭୂତି ଦ୍ୱାରା ଆଜି ଗାନ୍ଧିଜୀଙ୍କର ଚିର ବାଞ୍ଛିତ ଆଶା ସଫଳ ହେଲା । ଭାରତ ବକ୍ଷରେ ମହା-ଭାରତର ଜାତୀୟ ପତାକା ଉଡ଼ିଲା । ଆମ୍ଭେମାନେ ଆଜି ସ୍ୱାଧୀନ ଭାରତରେ ଗାନ୍ଧିଜୀଙ୍କର ପ୍ରଥମ ଜନ୍ମଦିବସ ପାଳନ କଲେ । ନାରୀ ଯେ ପୁରୁଷର କ୍ରୀଡ଼ାପୁତ୍ତଳିକା ନୁହେଁ ନାରୀମଧ୍ୟ ପୁରୁଷର ସହ-ଧର୍ମିଣୀ ଓ ସହକର୍ମିଣୀ ହୋଇ ଦେଶ ପାଇଁ ଜୀବନ ଦେଇପାରେ, ଏକଥା ଆମକୁ ଶିଖାଇ ଯେ ଆମକୁ ବାଟ

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଓଡ଼ିଆ ଲିପି ସଂସ୍କାର

## ORIYA LIPI SANSKARA

Dagara Sampadaka Moha-
ଡଗର ସଂପାଦକ ମହା-
saya Sadara Namaste. Apana
ଶୟ, ସାଦର ନମସ୍ତେ । ଅପଣ
Dagara re Oriya Lipi Sanskara
ଡଗର ରେ ଓଡ଼ିଅ ଲିପି ସଂସ୍କାର
Sambandhare jeun suchana
ସମ୍ବନ୍ଧରେ ଯେଉଁ ସୂଚନା
deithile tar pratikriya pratha-
ଦେଇଥିଲେ ତାର ପ୍ରତିକ୍ରିୟା ପ୍ରଥ
me Anugula ru dekha deichhi.
ମେ ଅନୁଗୁଳ ରୁ ଦେଖା ଦେଇଛି ।
Prathame Satyabadi ru keteka
ପ୍ରଥମେ ସତ୍ୟବାଦୀ ରୁ କେତେକ
pandita mananka dwara ei
ପଣ୍ଡିତ ମାନଙ୍କ ଦ୍ୱାରା ଏଇ
Lipi Sanskara katha othithila.
ଲିପି ସଂସ୍କାର କଥା ଉଠିଥିଲା ।
Semane sabu jukta-
ସେମାନେ ସବୁ ଯୁକ୍ତା-
kshara ku othai taha paribarte
କ୍ଷର କୁ ଉଠାଇ ତାହା ପରିବର୍ତ୍ତେ
anusar dei kama chalai nebaku
ଅନୁସାର ଦେଇ କାମ ଚଳାଇ ନେବାକୁ
basithile. Phalare Pandita
ବସିଥିଲେ । ଫଳରେ ପଣ୍ଡିତ
jagare ancke phadita boli
ଜାଗାରେ ଅନେକ ଫାଡ଼ିତ ବୋଲି
padhile. Apana tara prati-
ପଢ଼ିଲେ । ଅପଣ ତାର ପ୍ରତି-
kara swarupa anusar badalare
କାର ସ୍ୱରୂପ ଅନୁସାର ବଦଳରେ
halant debaku kahichhanti.
ହଲନ୍ତ ଦେବାକୁ କହିଛନ୍ତି ।
Tara jababa deichhanti Sri
ତାର ଜବାବ ଦେଇଛନ୍ତି ଶ୍ରୀ
Deba Mohapatro. Ete sabu
ଦେବ ମହାପାତ୍ର । ଏତେ ସବୁ
kauhinki? Oriya Lipi othai
କାହିଁକି ? ଓଡ଼ିଅ ଲିପି ଉଠାଇ
dei tar badalare Roman Lipi
ଦେଇ ତାର ବଦଳରେ ରୋମାନ ଲିପି
chalaile bodha hoe sobuthara
ଚଳାଇଲେ ବୋଧ ହୁଏ ସବୁଠାରୁ
subidha huanta. A. B. C.
ସୁବିଧା ହୁଅନ୍ତା । ଏ ବି ସି
kichhi Ingaraji Lipi nuhen.
କିଛି ଇଂରାଜୀ ଲିପି ନୁହେଁ ।
Taha Rome Lipi. Turkey re
ତାହା ରୋମ ଲିପି । ଟର୍କୀ ରେ
ei Lipi prayoga kara
ଏଇ ଲିପି ପ୍ରୟୋଗ କରା
jaichhi. Samagra Bharatare ei
ଯାଇଛି । ସମଗ୍ର ଭାରତରେ ଏଇ
lipi prayoga kale Deb-
ଲିପି ପ୍ରୟୋଗ କଲେ ଦେବ-
nagri kimba urdu ba obhay lipi
ନାଗରୀ କିମ୍ବା ଉର୍ଦ୍ଦୁ ବା ଉଭୟ ଲିପି
byabahar karibaku padanta
ବ୍ୟବହାର କରିବାକୁ ପଡ଼ନ୍ତା
nahin. Sara Bharatare eka
ନାହିଁ । ସାରା ଭାରତରେ ଏକା
lipigata samya pratistha
ଲିପିଗତ ସାମ୍ୟ ପ୍ରତିଷ୍ଠା
hoanta. Haripura Congress
ହୁଅନ୍ତା । ହରିପୁର କଂଗ୍ରେସ
re Netaji Subhas seikatha
ରେ ନେତାଜୀ ସୁଭାଷ ସେଇକଥା
kahi thile. Pilanku bhasa
କହି ଥିଲେ । ପିଲଙ୍କୁ ଭାଷା
sikhibare subidha, chhapa
ଶିଖିବାରେ ସୁବିଧା ଛାପା
balanku chhapibare subidha,
ବାଲଙ୍କୁ ଛାପିବାରେ ସୁବିଧା
office re type writting kari-
ଅଫିସ ରେ ଟାଇପ ରାଇଟିଂ କରି
baku subidha, ete subidha
ବାକୁ ସୁବିଧା । ଏତେ ସୁବିଧା
chhadibar nuhen. Desabasi
ଛାଡ଼ିବାର ନୁହେଁ । ଦେଶବାସୀ
tikie ei bisaya maulika bhabe
ଟିକିଏ ଏଇ ବିଷୟ ମୌଳିକ ଭାବେ
chinta karibeki?
ଚିନ୍ତା କରିବେକି ?

Iti.
ଇତି

Apanankar
ଅପଣଙ୍କର

Ananta Charan Panda
**ଶ୍ରୀ ଅନନ୍ତଚରଣ ପଣ୍ଡା**

---

( ପୂର୍ବ ପୃଷ୍ଠା ଅବଶିଷ୍ଟ )

ଦେଖାଇଛନ୍ତି ଅଜି ତାଙ୍କ ପାଦରେ କୋଟି ନମସ୍କାର । ତାଙ୍କପରି ଅଜିଯାଏ କେହି ନାରୀକୁ ସ୍ଥାନ ଦେଇନାହିଁ ନାରୀ ହାତରେ ସୁଦର୍ଶନଚକ୍ର ଅର୍ପଣ ଦେଇ କେହି ସ୍ୱାବଲମ୍ବିନୀ ହେବାର ରାହା ଦେଖାଇନାହିଁ, ନାରୀର ଧର୍ମଶକ୍ତି ଜାଗ୍ରତ କରିନାହିଁ । ଯେଉଁ ମହାପୁରୁଷ ନାରୀ ସ୍ୱାର୍ଥପାଇଁ ଏତେ ବ୍ୟାକୁଳ ତାଙ୍କ ପାଦ-ତଳେ ଅଜି ଏ ଶୁଭଦିନରେ ସମସ୍ତେ ମୁଣ୍ଡ ନୁଆଁଇ ତାଙ୍କର ଆତ୍ମାର ସଦ୍ଗତି କାମନା କରନ୍ତୁ । ତାଙ୍କର ଗୁଣ ଗାଇଲେ ସରିବ ନାହିଁ । ଗୋଟିଏ ଗୋଟିଏ ଗୁଣ ଗୋଟିଏ ଗୋଟିଏ ପୋଥି ହେବ । ତାଙ୍କ ବିଷୟରେ ବହୁତ ଲୋକ ବହୁତ କଥା ଲେଖିଛନ୍ତି । ନାରୀ ତାଙ୍କର କଥାରେ ଖବର ରଖିବା ଭଲ ଯାଉଛି । ଅଗଣା ଚାରିଥର ବିତୁ କାଣୁଥିବେ । ମୁଁ କେବଳ ମନର ଆବେ-ଗରେ ଦୁଇପଦ ମାତ୍ର ଶୁଣାଇଲି ।

(ବାରୁଣୀ ଜୟନ୍ତୀ ଉପଲକ୍ଷେ କଟକ ମହିଳା ସମ୍ମେଳନରେ ବକ୍ତୃତାର ସାରାଂଶ)

Digitized by srujanika@gmail.com

# ଡାଟରେ ଡାଟରେ ଟାନାଟାନା

ସ୍ୱାଧୀନ ଭାରତରେ ଓଡ଼ିଆଙ୍କ ସ୍ଥାନ କେଉଁଠି ?—ନବ ଓଡ଼ିଆ କାଗଜର ପ୍ରଶ୍ନ ।

...କଂଗ୍ରେଲାରେ ।

× × ×

ପୂର୍ବ ବିଶ୍ୱଗର କୃଷ୍ଣବର୍ଣ୍ଣ କନ୍ୟା—ନବ ଓଡ଼ିଆ—

...ଛମାସ ତ୍ରୁଟେଁ—ପୂର୍ବ ବର୍ଷେ ।

+ + +

ବାବବାର୍ତ୍ତା— ଓଡ଼ିଆର ବିଶ୍ୱଗୀସ୍ୱ ଶିରୋନାମ ।

...ଲେଖକ ବୋଧହୁଏ ବୋବଣାସ୍ତ୍ରୀ ।

× × ×

ଭଗବତୀ ପୂଜା ସଂଖ୍ୟା—ମୁକ୍ତ ଯୁଦ୍ଧ ।

...ଭଗବତୀ ପୂଜାପରେ ବିଜୟାରେ ପ୍ରକାଶ ପାଉଛି ।

+ + +

ଓଡ଼ିଶା ଜାତିର ଜନକ ଘୁଆଁଇ—ନବ ମୁକ୍ତଯୁଦ୍ଧ ।

...କିରାସିନ୍ ତେଲ କଣ୍ଟ୍ରୋଲ ହେଉଛି ।

× × ×

ସମ୍ପାଦକ—ଗୁରୁଚରଣ—ମୁକ୍ତ ଯୁଦ୍ଧ ।

...ମାଉଲୋଟଅ ଦୋଷରୁ ଚରଣ ଗୁରୁ ହେଉନାହିଁ ତ ?

× × ×

ଦେଖିନେବୁ ଚାଲୁ—ନବ ସତ ସଂକେତର ।

...ନଦେଖିଲ ପୁଅ ଦେଖ୍— ଝଟମ କାଟିଛୁ ବେକ୍ ।

× × ×

ଲାଟ ଭବନରେ ସୁହଯଜ୍ଞ—ସଂବାଦ (ସମାଜ)

—ଲାଟମାନଙ୍କ ବାଟ ଫିଟିଲା ।

× + ×

ଗାନ୍ଧିଙ୍କ ଟେବଲେଟ—ସମସ୍ତ ପ୍ରକାର ଶୁଦ୍ଧ ଚାରିଲ୍ୟ ସ୍ୱପ୍ନଦୋଷ ଓ ପେଟ ବ୍ୟଥାର ଅବ୍ୟର୍ଥ ମହୌଷଧ— ନବ ବିଜ୍ଞାପନ (ମାତୃଭୂମି)

...ଗାନ୍ଧୀଜୀ 'ସୁଖ ପ୍ରସବ' ଔଷଧ ମଧ ବାହାରୁଛି ।

× + ×

ଡଳଅ ବର୍ମଗୃହୀଙ୍କ ୪ତକାଧି ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ସାକ୍ଷାତ କଲେ—ସମ୍ବାଦ ।

...ବର୍ମଗୃହୀଙ୍କ ଡଳଅ ନୁହନ୍ତ ତ ?

+ + +

ନିଖିଳ ଭାରତ କଂଗ୍ରେସ କମିଟି ବୈଠକ—୧୪ ତାରିଖରେ ହେବ ।—ନବ ସଂବାଦ

...ବୈଠକ ପରେ ଦଣ୍ଡ ବସରତ ଅଛି ନା ?

× × ×

"କଂଗ୍ରେସ ପାର୍ଥୀଙ୍କ ବିରୁଦ୍ଧରେ ଅନ୍ୟନେତାଙ୍କ ପ୍ରଚାର ।"—ନବ ବିଶ୍ୱାସ ରାୟ ।

...ଅନ୍ଧ ବିଶ୍ୱାସ !

× + +

ନଂଗା ଅବସ୍ଥା—ଶ୍ରୀ ହରେକୃଷ୍ଣ ମହତାବ ଲେଖକ ।

ଦକ୍ରମାନ ବସ୍ତ୍ର ହରଣ ।

+ + ×

ମହାତ୍ମାଗାନ୍ଧୀଙ୍କ ହିନ୍ଦୁସ୍ଥାନ ପ୍ରୀତି—ମାତୃଭୂମି ହେଡ଼୍ ଲାଇନ ।

...ପାକିସ୍ଥାନ ପ୍ରୀତି କିଣା ପଡ଼ିଲାକି ?

× + ×

କଣ୍ଟ୍ରୋଲ ଉଠିଗଲେ ଭଲ—ଗାନ୍ଧୀଜୀ

...ବାର୍ଥ କଣ୍ଟ୍ରୋଲ ?

× + ×

ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ମାନଙ୍କୁ ସମଗ୍ର ଦେଶରେ ପ୍ରଚାର କରିବାକୁ ହେବ ।—ମାତୃଭୂମି ସମ୍ପାଦକୀୟ ।

...ଖୋଲ କରତାଳ ଧର ।

× + +

ହାଇଦ୍ରାବାଦରୁ ମୁସଲମାନ ଛୁଟିଲେ—ମାତୃଭୂମି ସମ୍ବାଦ ।

...ଅନଳେ ଯେସନ ପତଙ୍ଗ
ଧାବନ୍ତି ହୋଇ ଉଦବେଗ ।

× × ×

ଉତ୍କଳ ମନ୍ତ୍ରୀ ମଣ୍ଡଳ—ନାୟକ ଲେଖା ।

...ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ।

× × ×

ଏ ଧୋକାରେ—ନାୟକ ହେଡ ଲାଇନ ।

...କାଳିଆ ଭଲେଇ କୁଳେ ଅଟେମ୍ଭ ଫେରିବା ବେଳେ ଦେଖି ନବକୃଷ୍ଣ ମୁଖରେ

× × ×

ଓଡ଼ିଶାର କୃଷି ଉନ୍ନତି—ନାୟକ ଅଗ୍ରଲେଖ ।

...ଶୁଣିଥିଲେ ଦପ୍ପି । ଦେଉଥିଲେ ପାଉ ।

+ + +

ଗାନ୍ଧି ଜୟନ୍ତୀରେ ଯେଉଁ ଗାନ୍ଧିଗଛ ପୋତା ହେଲା ତାର ଫଳ ଖାଇବ କିଏ? —ଜନତା ।

ଗାନ୍ଧିବାଲା; ଆଉ କିଏ ?

+ + +

ଫାସିଷ୍ଟ ମନୋଭାବ କ୍ରମେ ଭାରତରେ ବ୍ୟାପୁଛି—ଜବାହର ଲାଲ୍ ।

ଘର ବୁଡ଼ୁ ପାଣି ଅଣ୍ଟିଏ ।

× × ×

ଗାଁରେ ପଞ୍ଚାୟତ ଗଠିତ ହୋଇ ନ୍ୟାୟ ବିଚାର ହେଉ—ପ୍ରଜାତନ୍ତ୍ର ସମ୍ପାଦକୀୟ ।

କଟକରେ ଯେଉଁ ପଞ୍ଚାୟତ ଗଢ଼ା ହୋଇଛି, ତାହାର ନକଲରେ ଗଢ଼ା ହେବଟି !

+ × +

---

## 'କୁତୁକୁତୁ'

ମାଲିକ—କରୁଣି କାହିଁ ?

ମେନେଜର—ଛୁଆ ଖେଳ ଯାଉଛି ।

ମାଲିକ—କାମ ବେଳରେ ?

ମେନେଜର—ଏହୁଟା ତ ର ଶେଷଥର —ନହେଲେ ହୁସାବ ମିଳିବ ନାହିଁ ।

× × ×

ଅଭିନେତା— ଆପଣମାନେ ଏତେ ଦେଖିଲେ ଥରୁଟେ ବି ତାଳି ପଡ଼ିଲା ନାହିଁ । ବୋଧହୁଏ ମୁଁ ଆପଣ ମାନଙ୍କ ଦୃଷ୍ଟି ଗୋଚରହେଉ ନାହିଁ ।

ଦର୍ଶକ—ଆପଣ ପୂର୍ବରୁ ଆମର ଦୃଷ୍ଟି ଆକର୍ଷଣ କର ନାହାନ୍ତି ।

+ × +

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ହୃଦୟରେ ନବଜାଗରଣ ଆଣିବା, ସେମାନଙ୍କ ମନର ବଢ଼ାଇବା ଚରିତ୍ରଗଠନ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଜହର'ର ମାଧ୍ୟମରେ ଏବଂ ଜନମଙ୍ଗ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କ ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଓ ଅହିଂସା ଆଧାରରେ ସେମାନଙ୍କୁ ଗଢ଼ି ତୋଳିବା ।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ ଉତ୍ତର

ପରଶୁରାମ (୫୫୫)—ଯେଉଁ ବିଷୟ ଉପରେ ନାତିନାତୁଣୀଙ୍କୁ ଲେଖିବାକୁ କୁହାଯିବ ସେ ବିଷୟ ବା ଲେଖା ମୋର ହସ୍ତଗତ ହେବାକୁ ଅନ୍ତତଃ ୧୫ଦିନ ସମୟ ଦେବି । ତେବେ ଏଥି ଅପେକ୍ଷାର କାରଣ ରହିବ ନାହିଁ । ବର୍ତ୍ତମାନ ସମ୍ବାଦ ଜୀବନୀ କେବଳ ଚାଲିବ ।

ସୁଶୀଳ (୮୮୬) ସ୍ୱାଧୀନ ଭାରତରେ ନାଗରିକର ପ୍ରଧାନ କର୍ତ୍ତବ୍ୟ ସ୍ୱାଧୀନ ଚିନ୍ତା । ତାହାହେଲେ ମଣିଷ ନିଜର କର୍ତ୍ତବ୍ୟ ନିଜେ ବୁଝି ପାରିବେ ।

ରମେଶ (୮୨୫) ଥରକରେ କେବଳ ଗୋଟିଏ ପ୍ରଶ୍ନର ଉତ୍ତର ଦେବ । ତମ ପ୍ରଥମ ପ୍ରଶ୍ନ ହେଉଛି ତୋସାର ପୁଣି ଶିକ୍ଷକମାନଙ୍କଠାରୁ ତାଡ଼ନା ଖାଇ ଛାତ୍ର କିପରି ଦେଶ ସେବା କରିବ । ପ୍ରଥମେ ପଢ଼ାକଥା ଧରାଯାଉ । ପଢ଼ାଟା କାମର ପରିପୂରକ । ଯିଏ ଖାଲି ପଢ଼େ, କୌଣସି ଶାରୀରିକ ଶ୍ରମ ନ କରେ ବା ପଢ଼ା ଅନୁଯାୟୀ କାର୍ଯ୍ୟ ନ କରେ ତାର ପଢ଼ାର ମୂଲ୍ୟ ନାହିଁ । ସେହିପରି ଯିଏ ଅଜ୍ଞାନ ଭାବରେ କେବଳ ମୂର୍ଖାମିଆ କାମକରେ ଅନେକ ସମୟରେ ତାର ଶ୍ରମ ପଣ୍ଡ ହୁଏ ।

ଦ୍ୱିତୀୟରେ—ଶିକ୍ଷକଙ୍କ ତାଡ଼ନା, ଉଚିତ କି ଅନୁଚିତ ତମେ ଧୀରସ୍ଥିର ଭାବରେ ବିଚାର କର ଯଦି ନିଶ୍ଚିତରୂପେ ଜାଣ ଯେ ଶିକ୍ଷକଙ୍କର ଅନ୍ୟାୟ ତେବେ ଶିକ୍ଷକଙ୍କର ମନୋଗତି ବଦଳାଇବା ପାଇଁ ତମେ ତାଙ୍କର ଶିଷ୍ୟରୂପେ ପ୍ରାୟଶ୍ଚିତ୍ତ କରିବ ଓ ପ୍ରାର୍ଥନା କରିବ ।

ଶାରଳା (୮୬୫)—'ପରୀକ୍ଷାଗରରେ ଘର' ତମ ଲେଖାଟାଣି ଅପ୍ରୀତ ହେଲି । ତମ ଲେଖା ଖୁବ୍ ସୁନ୍ଦର ହେଉଛି । ତମନାମ ଲେଖିବାକୁ ଭୁଲି ଯାଇଥିବାରୁ ନାମ ପ୍ରକାଶ ପାଇ ନ ଥିଲା । ତମ ଗ୍ରାମର ନାମ ଅଲଗା ସ୍ଥାନରେ ଅଲଗା ଛାପା ହେବାର ପ୍ରମାଦ ପାଇଁ ମୁଁ ଦୁଃଖିତ । ହଁ, ତମେ ଯେତେ ଶୀଘ୍ର ହେଉ ନାରୀ ନେତ୍ରୀମାନଙ୍କର କାହାରି କଥା କାହାରିକୁ ମିଳୁନି—ତମେ କାହାକୁ ଆଦର୍ଶ କରି ଚଳିବ । ଯେଉଁଠି ମନରେ ଏକାଳ ସନ୍ଦେହ ହୁଏ, ସେଠି ଭଗବାନଙ୍କୁ ପ୍ରାର୍ଥନା କରିବ । ସେ ବାଟ ବତାଇ ଦେବେ ନାନା ସୂତ୍ରରେ । ତମେ କେବଳ ସତ କହୁଥିଲେ ଦେଖିବ ତମର ସନ୍ଦେହ ଅନେକ ଦୂରହୋଇ ଯାଉଛି ।

(୭୪୩)—ମହତାବ ଶ୍ରୀହରେକୃଷ୍ଣ ବାବୁଙ୍କର ଉପକାରିତା ସମ୍ବଲପୁର ବାସୀଙ୍କୁ ବାଦେଯାଇ କାହିଁକି ବୁଝାଉ ନାହାନ୍ତି ସେ କଥା ସେ କହିପାରିବେ । ମୋର ଛୋଟ ବୁଦ୍ଧିରେ ତାଙ୍କର ସେ ନୈତିକ ସାହସ ନାହିଁ ।

ଶତ୍ରୁଘ୍ନ—ତମ ଲେଖା ପ୍ରଥମ ଅବସ୍ଥାରେ ତମ ଶିକ୍ଷକଙ୍କୁ ଦେଖାଅ ।

କରୁଣାକର—ଭାରତର ଅଶାନ୍ତି ପାଇଁ ସାମ୍ରାଜ୍ୟବାଦହିଁ ଦାୟୀ । ଅର୍ଥାତ୍ ଇଂରେଜ ସରକାର ଏ ବାଟ ଦେଖାଇଲେ, ଲିଗ୍ ନେତାଏ ନାଚିଲେ । ତାର କୁଫଳ ଭୋଗ କଲେ ଜନସାଧାରଣ । ତଥାପି ଆମର ଏତିକି ଦୋଷ ଯେ ଆମେ ସେଇ ନେତାଙ୍କ କଥାରେ ଭାସିଗଲୁ ।

ସଂକର୍ଷଣ—ଭାରତରେ ଏତେ ଦଳ ସୃଷ୍ଟି ହେବା ମଙ୍ଗଳ ସୂଚକ । ସ୍ୱାଧୀନ ଚିନ୍ତା ଅନୁସାରେ ସ୍ୱାଧୀନଦଳ ଗଢ଼ିବା ଉଦ୍ୟମମାନ ଜାତିର ଲକ୍ଷଣ । କିନ୍ତୁ ଏହା ଯେପରି ଅନ୍ୟ ଦଳର ସ୍ୱାଧୀନତା ଉପରେ ହସ୍ତକ୍ଷେପ ନକରେ ।

ଉମାଶଙ୍କର—ବନ୍ଧୁ ନାତିଙ୍କର ମତ ହେଲେହେଁ ଜଗତର ବଳେକର ଦୃଷ୍ଟିରୁ ଲେଖା ସଂବନ୍ଧରେ ମତାମତ ଦେଇ ହେବ ନାହିଁ । ଯେଉଁ ନାତିମାନେ ଟିକଟ ପଠାଇବେ ସେମାନଙ୍କ ଲେଖାଉପରେ ମୁଁ ମୋର ମତ ଲେଖି ଫେରାଇ ଦେବି । ନୂଆ ଗଡ଼ଜାତ ନାତିମାନେ ସମ୍ବାଦ ଜୀବନୀ ଲେଖିବାରେ ଆପତ୍ତି ନାହିଁ ।

ବୈଦ୍ୟନାଥ—ଅଧୁନାତନ ଜାତୀୟ ଆନ୍ଦୋଳନର ସମ୍ବାଦ ଜୀବନୀ ମୁଁ ଗ୍ରହଣ କରିବି । ଗୋବିନ୍ଦ ବିଦ୍ୟାଧର ଓ ବକ୍ସି ଜଗବନ୍ଧୁ ସମ୍ବାଦ ମାନଙ୍କ ସଂବନ୍ଧରେ ପରେ ଲେଖି ପଠାଇବ ।

ବାସୁଦେବ—[ ୪୫୧ ] କଂଗ୍ରେସ ଶବ୍ଦ ଇଂରେଜ ଭାଷା । କିନ୍ତୁ ବର୍ତ୍ତମାନ ତାକୁ ଓଡ଼ିଆ ଭାଷା ଆପଣାଇ କରିନେଲଣି ।

—:—

## ନାତି ସଂଗୀ

୭୦୩ ନମ୍ବର ନାତି ଜଣେ ସାହିତ୍ୟ ନାତି ସଂଗୀ ଚାହାନ୍ତି ।

[ନାତି ସଂଗୀମାନେ ଅଜାଙ୍କ 'କେଅର'ରେ ଖୋଲା ଚିଠି ଦେଲେ— ଅଜା ତାହା 'ଫରୱାଡ଼ରେଜନ୍' କରିଦେବେ ।]

## ପାଠାଗାର ଆନ୍ଦୋଳନ

( ୩୩ ) ଛାତ୍ରକ୍ଲବ ପାଠାଗାର, ରସଲକୋଣ୍ଡା, ଗଞ୍ଜାମ । କ୍ଲବ ଦ୍ୱାରା ପରିଚାଳିତ । ସଭାପତି—ବୀର ଲକ୍ଷ୍ମଣ ଦାସ । ୧୯୪୪ରେ ସ୍ଥାପିତ । ଇଂରାଜୀ ଓ ଓଡ଼ିଆ ପୁସ୍ତକ ସଂଖ୍ୟା ୫୦୦ । ସମାଜ, ଦୈନିକ ଆଶା, ପ୍ରଜାତନ୍ତ୍ର, ନବଓଡ଼ିଶା, ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ, ମାତୃଭୂମି, ନବୀନ, ଡଗର, ନିଆଁଖୁଣ୍ଟା, ଚତୁରଙ୍ଗ, ସହକାର, ବୀଣା, ଓଲ୍ଡ଼ଏଣ୍ଡ଼, ମଡର୍ଣ୍ଣ ରିଭ୍ୟୁ, ଇଣ୍ଡିଅନ ରିଭ୍ୟୁ, ପିପଲ୍ସ ଏଜ୍, ଫିଲ୍ମଇଣ୍ଡିଆ, ପ୍ରଭୃତି ଆସେ ।

( ୩୪ ) ବୀଣାପାଣି ପାଠାଗାର, ବନ୍ଧୁଦାରଡ଼ା । ପୋଃ କେନ୍ଦୁଆପଦା । ଫାଉଲେଶ୍ୱର । ପ୍ରତିଷ୍ଠା ୧୯୪୭ । କମିଟିଦ୍ୱାରା ପରିଚାଳିତ । ସଭ୍ୟ ସଂଖ୍ୟା ୪୫ । ସଂପାଦକ ଶ୍ରୀ ପଦ୍ମନାଭ ପଣ୍ଡା । ସହକାରୀ-ବାଞ୍ଛାଧର ରାଉତ । ପରାମର୍ଶଦାତା—ଶ୍ରୀ ଶିବରାମ ସାହୁ । ପୁସ୍ତକ ସଂଖ୍ୟା ୧୯୭

Digitized by srujanika@gmail.com

( ୩୫ ) ବଳଦେବଜୀଉ ଲାଇବ୍ରେରୀ, ଗୋପିନାଥପୁର, ପୋଃ ବନ୍ଧୁଗ୍ରାମ, କଟକ । ସ୍ଥାପନା—୧୯୪୩ ପାଠାଗାର ପରିଚାଳନା କମିଟିଦ୍ୱାରା ପରିଚାଳିତ । ସଭାପତି ଶ୍ରୀଚରଣ ଦାସ । ହିନ୍ଦୀ, ଓଡ଼ିଆ, ଇଂରେଜୀ, ପୁସ୍ତକ ସଂଖ୍ୟା ୧୦୦୦ । ସମାଜ, ସହକାର, ନୂଆଁ କୁଣ୍ଡା, ଓ ଡଗର ପତ୍ରିକା ଆସେ ।
(ଗ୍ରାମଶଙ୍କର ୮୪୪)

( ୩୬ ) ରାଧାନାଥ ପାଠାଗାର, କମାରଶାଳିଆ ପୋଃ ନାମୋ, ବାଲେଶ୍ୱର । ପ୍ରତିଷ୍ଠାତା ଶ୍ରୀ ପୂର୍ଣ୍ଣଚନ୍ଦ୍ର ପରିଡ଼ା । ସେକ୍ରେଟେରୀ ଶ୍ରୀ ବଙ୍କିମ ଚନ୍ଦ୍ର ମହାନ୍ତି— ପରିଚାଳକ—ପଲ୍ଲୀ ଛାତ୍ରବୃନ୍ଦ । ସଭ୍ୟ ସଂଖ୍ୟା ୧୦ । ପୁସ୍ତକ ସଂଖ୍ୟା ଓଡ଼ିଆ ବଙ୍ଗଳା, ହିନ୍ଦୀ ଇଂରାଜୀ ମିଶି ୨୯୦ । ସମାଜ, ଯୁଗାନ୍ତର, ଡଗର ଓ ଉତ୍କଳପ୍ରସଙ୍ଗ ଆସେ ।

( ୩୭ ) ଶ୍ରୀ ଗଣେଶ ପାଠାଗାର ବୁନାଦେଇ—ପୋଃ ଗୋଳନ୍ଥ, ଗଞ୍ଜାମ । ସ୍ଥାପନା ୧୯୦୩ । ପରିଚାଳକ— ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ । ଓଡ଼ିଆ ହିନ୍ଦୀ ଇଂରାଜୀ ବଙ୍ଗଳା ବହି ମୋଟ ୩୦୦ । ପତ୍ରିକା ଓ ପ୍ରଜାତନ୍ତ୍ର ଆସେ । (ରାମନାରାୟଣ ୮୦୬)

( ୩୮ ) ଗୋପବନ୍ଧୁ ପାଠାଗାର— ଖଣ୍ଡମାଟି, ଧଲଭୂମ, (ସିଂହଭୂମି) ସ୍ଥାପନା ୧୯୪୩ । ଗ୍ରାମବାସୀ ଓ ଛାତ୍ରଙ୍କ ଦ୍ୱାରା ପରିଚାଳିତ । ପୁସ୍ତକ ସଂଖ୍ୟା ୪୫୦ । ସମାଜ, ଆନନ୍ଦବଜାର, ଚତୁରଙ୍ଗ, ବିଶାଳ ଉତ୍କଳ ଆସେ । ଏହାଦ୍ୱାରା ଓଡ଼ିଆ ପ୍ରଚାର ମୁଖ୍ୟ ଉଦ୍ଦେଶ୍ୟ— ହରିଜନଙ୍କ ପାଇଁ ନୈଶ ବିଦ୍ୟାଳୟ ଅଛି । ଓଡ଼ିଆ ପଢ଼ାଯାଏ ।

( ୩୯ ) କୁମାର ପାଠାଗାର— କୁମାରଙ୍ଗ ଶାସନ, ପୋଃ ବାଣପୁର । ପୁରୀ । ସ୍ଥାପନା ୧୯୩୬ । ୧୧ ଜଣ ସଭ୍ୟ ବିଶିଷ୍ଟ ପରିଚାଳନା କମିଟି ଦ୍ୱାରା ପରିଚାଳିତ । ସଂପାଦକ ଶ୍ରୀ ଜଗନ୍ନାଥ ମହାପାତ୍ର । ଇଂରାଜୀ, ହିନ୍ଦୀ, ଓଡ଼ିଆ, ବଙ୍ଗଳା ମିଶି ପୁସ୍ତକ ସଂଖ୍ୟା ୧୦୦୦ ରୁ ଊର୍ଦ୍ଧ୍ୱ । କୁମାର ନାମକ ହାତଲେଖା ପତ୍ରିକା ବାହାରେ । ଡଗର, ସହକାର ନବଭାରତ, କଲ୍ୟାଣୀ ଆଦି ମାସିକ ପତ୍ରିକା ଆସେ ।

## ନୂଆ ଜାଗଙ୍କ ନାମ

୯୬ । ଶ୍ରୀ ରାଧାକୃଷ୍ଣ ସ୍ୱାଇଁ ମୁଃ ଭିରଙ୍ଗ ପୋଃ ଏରସମା ଜିଲା କଟକ (ସ୍ଥାୟୀ) ୯୮ ଶ୍ରୀ କୃଷ୍ଣଚରଣ ବେହେରା (ସ୍ଥାୟୀ) ଦୋଲସାହି ହାଇସ୍କୁଲ ୧୧ଶ ଶ୍ରେଣୀର ଛାତ୍ର ପୋଃ ଦୋଲସାହି ଜିଃ ବାଲେଶ୍ୱର । ୯୯ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ C/o ଶିବ ପ୍ରସାଦ ଦାସ, ଶାନ୍ତି କୁଟିର ପୋଃ ଦଶପଲ୍ଲା । ୧୦୦ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାସ, C/o ଶ୍ରୀ ଶିବପ୍ରସାଦ ଦାସ, ଶାନ୍ତି କୁଟୀର ଦଶପଲ୍ଲା । ୧୦୧ । ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର, ରଘୁନାଥଜୀ ଟୋଲ ରାମଚନ୍ଦ୍ର ସେବାଶ୍ରମ ପୋଃ ଶାଳିପୁର— କଟକ ( ସ୍ଥାୟୀ ) ୧୦୨ । ମାଣିକଲାଲ ଜୀ ଯାଜକ, ଯାଜକ ଲେନ ପୋଃ ବକସି ବଜାର କଟକ । ୧୦୩ । ଶ୍ରୀ ସତ୍ୟାନନ୍ଦ ବିଶ୍ୱାଳ, ପେଣ୍ଠପାଳ ବାଗ୍‌ଦେବୀ ପାଠାଗାର ପୋଃ ଚୌଦୁଆର ଜିଃ କଟକ । ୧୦୪ । ଚୌଧୁରୀ ହୃଷିକେଶ ପ୍ରଧାନ ସାଲେପୁର ସ୍କୁଲ ୧୧ଶ ଶ୍ରେଣୀ ଛାତ୍ର [କ] ପୋଃ ସାଲେପୁର ଜିଃ କଟକ । ୧୦୫ । ଶ୍ରୀ ଶ୍ୟାମସୁନ୍ଦର ସେନାପତି ୭ମ ଶ୍ରେଣୀ ଛାତ୍ର ବୋର୍ଡ ମଧ୍ୟମ ବିଦ୍ୟାଳୟ ରମ୍ଭା ପୋଃ ରମ୍ଭା ଜିଃ ଗଞ୍ଜାମ । ୧୦୬ । ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ C/o ପିତବାସ ପଟ୍ଟନାୟକ ପୋଃ ରମ୍ଭା ଜିଃ ଗଞ୍ଜାମ ୧୦୭ । ଜଗନ୍ନାଥ ଦାସ- ଏଡ଼ତାଳ ମିଃଇଃ ସ୍କୁଲ ପୋଃ ଏଡ଼ତାଳ ଜିଃ ବାଲେଶ୍ୱର [ସ୍ଥାୟୀ] ୧୦୮ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା C/o ଅନନ୍ତ ପ୍ରସାଦ ପଣ୍ଡା ଡେପୁଟି ମାଜିଷ୍ଟ୍ରେଟ କୋ-ଅପରେଟିଭ ସୋସାଇଟିସ୍ କଟକ

[ ସାପ୍ତାହିକୀ ]

ହେବ । ବର୍ମା ପ୍ରଧାନମନ୍ତ୍ରୀ ଥାକିନନୁ ଲଣ୍ଡନ ଯାଇ ଇଂଲଣ୍ଡ ସହିତ ସନ୍ଧି ସ୍ୱାକ୍ଷର କରି ଫେରିଛନ୍ତି ।

ଲର୍ଡ ସଭାର କ୍ଷମତା ସଂକୋଚ କରିବା ପାଇଁ ପାର୍ଲାମେଣ୍ଟରେ ଏକ ବିଲ୍ ଉପସ୍ଥିତ ହୋଇଛି । ଅର୍ଥ ବ୍ୟବସ୍ଥା ଛଡ଼ା ଅନ୍ୟାନ୍ୟ ବିଷୟରେ ଯଦି କମନସ୍ ସଭାରେ ଗୃହୀତ ହେଲେ ଲର୍ଡ ସଭା ତାହା ଦୁଇବର୍ଷ ଯାଏ ରୋକି କରି ଦେଉଥିଲେ— ଏଣିକି ମାତ୍ର ଏକ ବର୍ଷ ସେ ରୋକି କରି ପାରିବେ ।

ଫ୍ରାନ୍ସ ମିଉନିସିପାଲିଟି ନିର୍ବାଚନରେ ଡିଗଲ୍ ଙ୍କର ( ଡେଗଲ ) ଦଳ ସର୍ବାଧିକ ଭୋଟ ପାଇଛନ୍ତି । ତା ତଳେ ଅଛନ୍ତି କମ୍ୟୁନିଷ୍ଟ— ତା ତଳେ ସୋସିଆଲିଷ୍ଟ । ଫଳରେ ଡିଗଲ୍ ବର୍ତ୍ତମାନ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦାବି କରିଛନ୍ତି । ଗତ ନିର୍ବାଚନରେ କମ୍ୟୁନିଷ୍ଟ ଦଳ ଅଧିକ ଭୋଟ ପାଇଥିଲେ ହେଁ ସେମାନେ ମନ୍ତ୍ରୀମଣ୍ଡଳ ଗଠନ କରି ପାରି ନ ଥିଲେ । ସୋସିଆଲିଷ୍ଟ ନେତା ରମାଦିଅର ଫ୍ରାନ୍ସର ଆର୍ଥିକ ଅବସ୍ଥା ଦୃଷ୍ଟେ ମନ୍ତ୍ରୀ ମଣ୍ଡଳରେ କେତେକ ପରିବର୍ତ୍ତନ କରିଛନ୍ତି ଓ ସଂଖ୍ୟା କମାଇ ଦେଇଛନ୍ତି । ଏ ନିର୍ବାଚନରେ ବିଶେଷରୁ ହେଉଛି ଡିଗଲ୍ ପରିଷ୍କାର ଭାବେ ରୁଷ ବିରୁଦ୍ଧ ମତ ପ୍ରକାଶ କରିବା ପରେ ଭୋଟ ଗୃହୀତ ହୋଇଥିଲା ।

ତେଲ ଖଣି ନେଇ ରୁଷ ଓ ପାରସ୍ୟ ମଧ୍ୟରେ ଯେଉଁ ଟଣାଟଣି ଚାଲିଥିଲା ସେ ସଂପର୍କରେ ପାରସ୍ୟ ଚରମ ନିଷ୍ପତ୍ତି କରି ସାରିଛି । ପ୍ରଥମେ ପାରସ୍ୟ ମଜଲିସ ବା ବ୍ୟବସ୍ଥା ସଭା ରୁଷ ସହିତ ଚୁକ୍ତି ଠିକ କରିଥିବା ପ୍ରଧାନମନ୍ତ୍ରୀ କ୍ୱାଭମଙ୍କ ପକ୍ଷରେ ଆସ୍ଥା ପ୍ରସ୍ତାବ କଲେ । ତା ପରେ ଏବେ ରୁଷ ସହିତ ସେ ଚୁକ୍ତିକୁ ମଜଲିସ ରଦ କରିଦେଇ ପ୍ରସ୍ତାବ କରିଛନ୍ତି ଯେ ପାରସ୍ୟ ତେଲ ଖଣିରେ କୌଣସି ବିଦେଶୀ ଧନ ବା ଶକ୍ତି ନିୟୋଜିତ ହେବ ନାହିଁ । କ୍ୱାଭାମାଙ୍କ କଥାନୁସାରେ ୧୯୪୬ରେ ବ୍ରିଟେନ୍, ରୁଷ ଓ ଆମେରିକା ତିନି ଶକ୍ତି ମିଳି ଘୋଷଣା ପତ୍ର କଲେ ଯେ ପାରସ୍ୟରୁ ସମସ୍ତେ ସୈନ୍ୟ ଅପସାରଣ କରିବେ । କିନ୍ତୁ ଏ ଶର୍ତ୍ତ ଅନୁସାରେ ରୁଷ କାର୍ଯ୍ୟ କରିବ ପେଷ ଖେଳ କହିଲା ଯେ ତାଙ୍କୁ ତେଲ ଖଣିରେ ସୁବିଧା ଦେଲେ ସେ ତାଙ୍କ ସୈନ୍ୟ ଅପସାରିତ କରିବେ । ତା ପରେ କିନ୍ତୁ ସେ ଏହି ଚୁକ୍ତି ଠିକ ପ୍ରସ୍ତୁତ କଲେ । ସେତେବେଳେ ପାରସ୍ୟ ସୀମା ଅଭ୍ୟନ୍ତରରେ ରୁଷ ସେନା ଥାଆନ୍ତି । ପ୍ରଧାନମନ୍ତ୍ରୀ ବାଧ୍ୟ ହୋଇ ଚୁକ୍ତି ସହି କଲେ କିନ୍ତୁ ତାହାର ଶେଷ ନିଷ୍ପତ୍ତି ମଜଲିସ୍ କରିବ ବୋଲି ସର୍ତ୍ତ ଥିଲା ।

Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com

DAGARO
ORISSA'S MOST POPULAR & LEADING WEEKLY






ମୂଲ୍ୟ ଚାରି ଅଣା

Digitized by srujanika@gmail.com

# ସୁବର୍ଣ୍ଣ ସୁଯୋଗ ।

ବଦଳି ଉପଲକ୍ଷେ ଧନସେବନ—ପ୍ରିୟ ଜନଙ୍କୁ ଉପହାର ଦେବାର ଶ୍ରେଷ୍ଠ ସାମଗ୍ରୀ—
ମନ ମୁଗ୍ଧକର ପୁସ୍ତକ ନିର୍ବାଚନ କରି ଗ୍ରନ୍ଥାଗାର ସମୃଦ୍ଧ କରନ୍ତୁ । !

**ଉପନ୍ୟାସ ଗଳ୍ପ**

| | | |
|---|---|---|
| ୧ | ଦୃଷ୍ଟିକୋଣ | ଟ୦୫ |
| ୨ | ପିଶାଚ ( ଡିଟେକ୍ଟିଭ ) | ଟ୦୫ |
| ୩ | ନର୍ତ୍ତକୀ— | ଟ୦୪ |
| ୪ | ଧର୍ମର ଦୁଆ— | ଟ୦୪ |
| ୫ | ଥ୍ରି, ହଣ୍ଡ୍ରେଡ୍ ନାଇନଟି ନ୍ଁ | ଟ୦୫ |
| ୬ | ନିର୍ବାସିତା— | ଟ୧୫ |
| ୭ | ପ୍ରେମର ସମାଧି— | ଟ୦୪ |
| ୮ | ଏ ଯୁଗର ଅସୁର— | ଟ୦୮ |
| ୯ | ଉଣ୍ୟଗୃହ— | ଟ୦୫ |
| ୧୦ | ଜୁଆର— | ଟ୦୫ |
| ୧୧ | ଶାରଦୀୟା ଉଦୟ— | ଟ୧ |

**ନାଟକ**

| | | |
|---|---|---|
| ୧୨ | ବେନାମୀ— | ଟ୧୫ |
| ୧୩ | ଚଣ୍ଡିକା ଶକ୍ତି— | ଟ୦୫ |
| ୧୪ | ଭକ୍ତର ବାର୍ତ୍ତା— | ଟ୦୮ |
| ୧୫ | ମୁକ୍ତକୁଞ୍ଜନ— | ଟ୧ |

**କବିତା**

| | | |
|---|---|---|
| ୧୬ | ସଙ୍ଘର୍ଷ— | ଟ୦୮ |
| ୧୭ | ଗୀତାପାଠ— | ଟ୧୧ |
| ୧୮ | ସଜଳ ଶିଖା— | ଟ୦୪ |
| ୧୯ | ତରୁଣ ଛାପ— | ଟ୦୧ |
| ୨୦ | ଶତାବ୍ଦେଣ୍ଡୁ— | ଟ୦୧ |
| ୨୧ | ଗ୍ରାମ୍ୟପଥ— | ଟ୦୮ |
| ୨୨ | ମରମ— | ଟ୦୫ |
| ୨୩ | ନୂପୁରା— | ଟ୦୫ |

**ପ୍ରବନ୍ଧ**

| | | |
|---|---|---|
| ୨୪ | ତୀର୍ଥପାଥି (ଭ୍ରମଣ-କାହାଣୀ | ଟ୨୧ |
| ୨୫ | ଦଣ୍ଡନୀତି— | ଟ୦୫ |
| | ଉଦୟ (୧ମ, ୨ୟ, ୩ୟ) ଏକ ସେଟ ଟ୩ ସ୍ଥଳେ | ଟ୨୧ |

ଏକକାଳୀନ ଟ୫୧ ମୂଲ୍ୟର ବହି ନେଲେ ଶତକଡ଼ା ଟ୧୨୫ ଏବଂ ଟ୧୦ରୁ ଉର୍ଦ୍ଧ୍ୱ ନେଲେ ଶତକଡ଼ା ଟ୧୫୧ କମିଶନ ପାଇବେ ।

ଏ ସୁଯୋଗ ଶୀଘ୍ର ପହିଲି ଯ ଏ ମଳର ।

ତରୁଣ ଲେଖକ ସହଯୋଗ ସମିତି ଲିଃ
ବ ଲୁଦାର କଟକ ।

ପୂର୍ବ ସୁଯୋଗ ହରନ୍ତୁ ନାହିଁ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଏ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଛାତ୍ର ଜନ୍ମ ନାହାନ୍ତି । ବର୍ତ୍ତମାନ ଅଯୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସା ହେବ ଗଣ୍ୟ । ଡାକ୍ତର ଓ ନେଡ଼ୁରଙ୍କ ମତ ଦୂରଦର୍ଶୀ ଔଷଧ ବ୍ୟବହାର କରି ଓ ଚିକିତ୍ସା କରି । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ ଆମ୍ଭମାନଙ୍କ ଅଯୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ସ୍ୱୀକୃତ କଲେଜରୁ ଡିପ୍ଲୋମା ପାଇପାରିବେ । ଅଜି ଚିଠି ଲେଖନ୍ତୁ । ଔଷଧ ତାଲିକାର ମୂଲ୍ୟ ଟ୧୫ । ଏକ ଆନାର ଟିକଟ ପଠାଇଲେ ବିଃ ବିଃ ନିଃ ପଠାଯିବ ।

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ
**ବରଜା ଔଷଧାଳୟ, ପୋଃ ବଣାଇଗଡ଼ ( ଓଡ଼ିଶା )**

## ଶିକ୍ଷା

ଏହି ପାଠରେ ଆଉ ଏମନ, ଲେଖମାନଙ୍କ ବା ଜାନକଟୀ ମହିମାଂ ଦେବାକୁ ଉଦ୍ଧାରଣ ଶ୍ରୀ ଏ ଶ୍ରୀ ତୁଳସୀ ନାଥ ମହାରାଜ, ସମାଜ ଅଫିସ କଟକ ଠିକଣାରୁ ମାଗିବା ମନାନ୍ତୁ ।

## ଭେଷଜ ଏବଂ ବିଳାଶ

ଅୟୁର୍ବେଦ ଗ୍ରନ୍ଥ ଶ୍ରୀ ମିହିର କୁମାର ପାଣିଗ୍ରାହୀଙ୍କ ଅବିଷ୍କୃତ ବିଶୁଦ୍ଧ ଉପାଦାନ ମାନଙ୍କ ସଂଯୋଗରେ ଅଯୁର୍ବେଦୀୟ ମତରେ ପ୍ରସ୍ତୁତ । କେଶରଚନାରେ ଅପ୍ରତିଦ୍ୱନ୍ଦୀ ମହାସୁଗନ୍ଧି କେଶତୈଳ

**"ଅଁଲାବ୍ରାହ୍ମୀ"**—ମସ୍ତିଷ୍କ ସ୍ନିଗ୍ଧ କାରକ, କେଶ ବର୍ଦ୍ଧକ
**"ନର୍ମଦା"**—କୁଞ୍ଚିତ କେଶର ସଞ୍ଜୀବ ମମଦ ॥
**ଆଶାଞ୍ଜନ**—ମୁଣ୍ଡବିନ୍ଧା ପ୍ରଭୃତି ଶିରବେଗ, ଏବଂ ସମସ୍ତ ପ୍ରକାର ବେଦନା-ନାଶକ ॥ ବଜାରର ଯେ କୌଣସି ଅଞ୍ଜନଠାରୁ ବହୁଗୁଣ ଶ୍ରେଷ୍ଠ ॥ ପ୍ରସ୍ତୁତ କାରକ

**ସିଂହବାହିନୀ ଔଷଧାଳୟ**
ନୂଆବଜାର, ବାଲେଶ୍ୱର
ସମସ୍ତ ସମ୍ଭ୍ରାନ୍ତ ଦୋକାନରେ ପାଇବେ ।

—ନାହାଁ କି—
ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ସଚିତ୍ର ପାକ୍ଷିକ—

## ଛାତ୍ରକଥା

ବାର୍ଷିକ ଟ୪, ଷାଣ୍ମାସିକ ଟ୨୫, ପ୍ରତିସଂଖ୍ୟା ଟ୦୮ । ଉଚ୍ଚ କୋଟୀର ଗଳ୍ପ, କବିତା, ପ୍ରବନ୍ଧ, ଜୀବନୀ, ଛାତ୍ରମାନଙ୍କର ଖବର, ଖେଳକଥା, ବିଜ୍ଞାନ ରହସ୍ୟ ପ୍ରଭୃତିରେ ପରିପୂର୍ଣ୍ଣ । ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ଗଳ୍ପ, କବିତା, ଲେଖା ଓ ଫଟୋ ପ୍ରତିଯୋଗିତାର ସୁବିଧା ଦିଆ ଯାଇଛି । ପ୍ରତି ସ୍କୁଲ, କଲେଜ ଓ ସହରରେ ଏଜେଣ୍ଟ ଓ ସମ୍ବାଦଦାତା ଆବଶ୍ୟକ—

ମ୍ୟାନେଜର— ଛାତ୍ରକଥା, ପୋଃ ମଙ୍ଗଳାବାଗ, କଟକ ।


ସଂପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,**          ପରିଚାଳନା ସଂପାଦକ—**ଶ୍ରୀ ମଦନମୋହନ ଦାସ**

Digitized by srujanika@gmail.com

# ଓଡ଼ିଶାରେ ପ୍ରଜାତନ୍ତ୍ର ଶାସନ




"ମନ୍ତ୍ରୀପଦ ଚାଲିଯାଉ ପଛେ ମୁଁ ପ୍ରଜାତନ୍ତ୍ରରେ ଲେଖିବି ।"— ମହତାବ ।

---

## ଏ ସଂଖ୍ୟାର ସମ୍ଭାର

| | | | |
|---|---|---|---|
| ଇତିବୃତ୍ତ | ଲେଖିଛନ୍ତି— | ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ । |
| ସାହିତ୍ୟ | ଲେଖିଛନ୍ତି— | ବଙ୍ଗର ଜନୈକ କୃତୀସନ୍ତାନ | ଶ୍ରୀ ପ୍ରିୟରଞ୍ଜନ ସେନ । |
| ରାଜନୀତି | ଲେଖିଛନ୍ତି— | ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ସାହିତ୍ୟକାର | ଶ୍ରୀ କାଳିନ୍ଦୀ ପାଣିଗ୍ରାହୀ । |
| ଶିକ୍ଷା ସମ୍ବନ୍ଧରେ | ଲେଖିଛନ୍ତି— | ଜଣେ ନିପୁଣ ମୌଳିକ ଶିକ୍ଷାରେ ବ୍ରତୀ | ଶ୍ରୀ ମହେନ୍ଦ୍ର ମହାନ୍ତି । |
| ଗଳ୍ପ | ଲେଖିଛନ୍ତି— | ଲୋକପ୍ରିୟ ତରୁଣ କଥାକାର | ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି । |
| ଅନୁବାଦିତ ହୋଇଛି | — | ବିଖ୍ୟାତ କଥାଶିଳ୍ପୀ | ତୁର୍ଗେନେଭଙ୍କର କଥା । |
| ଟୀକା | ଲେଖିଛନ୍ତି— | ଉତ୍କଳର କୁଳବୃଦ୍ଧ ସାହିତ୍ୟିକ | ପଣ୍ଡିତ—ନୀଳକଣ୍ଠ ଦାସ |
| ଉପନ୍ୟାସ | ଲେଖିଛନ୍ତି— | ଅଧୁନିକ ଓଡ଼ିଆ ସାହିତ୍ୟର ପୁରୋଧା | କାନ୍ତକବି ଲକ୍ଷ୍ମୀକାନ୍ତ । |
| କବିତା | ଲେଖିଛନ୍ତି— | ଉଦୀୟମାନ ଅଧୁନିକ କବି | ରମଣୀକାନ୍ତ । |
| ମଜାକଥା | କହୁଛନ୍ତି— | ଡଗରର ନୂତନ ଅବତାର— | ଶ୍ରୀ ଦୁର୍ଗାମାଧବ ନନ୍ଦ |
| ମଜାକବିତା | ଗାଇଛନ୍ତି— | ଆପଣ ଯାହାଙ୍କୁ ଭୁଲି ପାରିବେ ନାହିଁ— | ହନୁମନ୍ତ ନକଲ ନବିସ । |
| ହନୁକରଣ | କରିଛନ୍ତି— | ଡଗରର ସୁପରିଚିତ ‘କବଲଡ଼େର’ ଲେଖକ | ଫତୁରାନନ୍ଦ । |

Digitized by srujanika@gmail.com

# ଦିଆଲି

ଆଲୋକ ଯେ ଦେଇଥିଲ,
ମରିଥିଲା ଆଲୋକ ଯାହାରେ,
ଆଜି ମୁହିଁ ଖୋଜି ମରେ
ନାହିଁ ଅଛ ସେ ମୋର ବାହାରେ ।
ବାହାରକୁ ଚାହିଁ ଚାହିଁ
ଅକ୍ଷିରୁ ମୋ ମଳିଣିତ ପାଣି,
ଚଉଦିଗେ ଅନ୍ଧକାର
ଅଛି ମୁହିଁ ପାରୁଅଛି ଜାଣି ।
ବିଶ୍ୱାସ ମୁଁ କଲା ଯାକୁ
ସେହି ଦେଲା ବିଶ୍ୱାସରେ ବିଷ,
ଦୋଷ ଅଛି କହିବି କାର
ଦେଖେ ମୁହିଁ ଆପଣା କଳ୍ମଷ ।

ମିଛରେ ପ୍ରତ୍ୟୟ ଯାର
ଗୋଡ଼ାଏ ସେ ଦୋଷ ମରୀଚିକା,
ଆପଣାର ଦୁର୍ବଳତା
ଭୁଲେ ତାର କଳଙ୍କର ଟୀକା ।
ବାହାରର ଆଡ଼ମ୍ବର
ବାହାରର ସୌନ୍ଦର୍ଯ୍ୟରେ ଭୁଲି,
ଅନ୍ତରର ଦେବତାକୁ
ଅହା ମୁହିଁ କେତେ ଉପେକ୍ଷିଲି ।
ବାହାରର ସ୍ୱାଧୀନତା
ଯେତେ ମୋତେ କରେ ଉଚ୍ଛୃଙ୍ଖଳ,
ଭିତରକୁ ଦେଖିବାରେ
ଠେଲି ଯାଏ ସେତେ ଅମ୍ବଳ ।

ଭିତରେ ମୋ ଖୋଜେ ଆଜି
ଅପମାନ ବୋଝ ବହୁ ଶିରେ,
ଆଲୋକର କ୍ଷୀଣରେଖା
ଶୀତର ଏ ଅମା ନିଶିରେ ।
ହରାଇ ମୁଁ ପାରୁନାହିଁ
ତଥାପି ମୋ ନାହିଁ ଅନୁଗତ,
ବନ୍ଧନର ଛନ୍ଦ ଛେଦ
ସେହିକରେ ହେବ ମୋ ମୁକତ ?
ବାହାରର ମୋହ ଛୁଟି
ସ୍ୱାର୍ଥ ମୋର ଦୂରେ ଯାଉ ଚୁଲି,
ତଳେ ତଳେ ଦେବି ଢାଳି
ଅନ୍ତରେ ମୁଁ ଆପଣା ଦୀଅଳି ।

— କଲ୍ୟାନନ୍ଦ —

# ପ୍ରଚ୍ଛଦ ପଟ

ଯୁଦ୍ଧବେଳେ ଅଜା ଶୋଇଯାଇ ଥିଲେ
ମନ୍ତ୍ରୀ ଚାଟଚଳେ ଯାର,
କୁମ୍ଭକର୍ଣ୍ଣ ନିଦ ଘାରି ଯାଇଥିଲା
ସେତ ମୁଁ ଥିଲି ନାହିଁ ।
ଯୁଦ୍ଧପରେ ପୁଣି କଙ୍ଗ୍ରେସ ରାଜ
ହେଲାଣି ନଥିଲା ଜଣା,
ଦ୍ରୁତ ବେଗେ ଭଙ୍ଗି ପରେ ଉଠି ଅଜା
ଚାହିଁ ଲାଗିଲେ ପଥବଣା ।
ଶୁଣିଲେ ଶୁଭୁଛି ଚୋର ଗାନରେ
କେତେ ଯେ ଚୋରଙ୍କ ନାମ,
ଆଖୁ ବାଡ଼ିରେ ଯେ ପଶିଲା ପରାଏ
ଲୋକଙ୍କର ବୁଦ୍ଧି ବାମ ।
କାହାକୁ କିଣିବେ କାହାକୁ ଛାଡ଼ିବେ
କାହାକୁ ଧରିବେ କରେ,
କାହାକୁ ତେଜିବେ ଅବା ନଚାଇବେ
ପଡ଼ିଛନ୍ତି ହରବରେ ।
ଏବେ ଅମୋଚନା ଅନ୍ଧକାର ଘର
ଦିଶୁନାହିଁ ବାଟଘାଟ
କଣ୍ଟ୍ରୋଲ ଚୋରିଛୁ ଗୁହଅଡେ ବାରୁ
କାଳା ଚୋରଅଙ୍କ ନାଟ ।
ତହିଁରେ ଜଳନ୍ତି ଖବର କାଗଜ
ଦୀପାବଳୀ ଶହ ଶହ,
କାଏ ଚୋପେ ଚୋପେ ହୁଟେ ପୁଣି ରୋପେ
ମିଠାଇଡା ଅହରହ ।

କିଏ ସତ୍ୟବାଦୀ କିଏ ସାରସ୍ୱତ
କେ ବୋଲଇ ଦଶରଥ,
କିଏ ନବଯୁଗ ସକଳ ନିଯୋଗ
ପୂରାଇବେ ମନୋରଥ ।
ଅଜା ଖୋଜିହେଲେ ଏବଡ଼ ଅଳିଅରେ
ପ୍ରିୟ ଡଗର ଯେ କାହିଁ,
ଫେଲ୍.ନଥିବାରୁ ସଳିତା ତାହାର
ଏ ଦେଶେ ଜଳେ କି ନାହିଁ ।
ହବୁ ଫେଲ୍ କିମ୍ବେ ମାଲିସରେ ଗଲା
ଠୋପାଏ କି ନାହିଁ ମିଳେ,
ନାଲିସ ଅଥବା କରବ ଭାଅରେ
ବାଡ଼ ତ ଖନ୍ଦକୁ ଗିଳେ ।
ଏକୁ ଏକ ଯେତେ ଖବର କାଗଜ
ସଭିଙ୍କର ଭିନେ କଥା
ସତ କେଉଁଠାରେ ଖୋଜି କାଢ଼ିବାକୁ
ହେଉଅଛୁ ମୁଣ୍ଡ ବଥା ।
ଏ ସମୟେ ଏକ ଉଠିଲା ହାଉଇ
ଚମତ୍କାର ରଙ୍ଗପାଣ
କ୍ଷଣକରେ ସେହି ନୀଳିମ ଆକାଶେ
ପ୍ରକାଶିଲା ତା' ବିଭବ ।
ଅନ୍ଧାର ତୁଟିଲା— ଗୁହ କି ଉଠିଲା
ଦେଖିଲେ ହୋଇଛି ଲେଖା—
ଅଜାଙ୍କର ପ୍ରିୟ ଡଗର ନାମଟି
ଅନ୍ଧାରେ ଆଲୋକ ରେଖା ।

Digitized by srujanika@gmail.com

ହୁକାହୁକା ହୁଆ

# ବିଲୁଆ ବିଚାର

୧୧ଶ ବର୍ଷ — ସୋମବାର— ୨୪ ( ମାର୍ଗଶୀର ) ଡି ୨ ନ ୧୯୪୭ ୧୪ଶ ସଂଖ୍ୟା

କାଶ୍ମୀରରେ ଯେଉଁ ଆକ୍ରମଣକାରୀମାନେ ଲୋକଙ୍କୁ ଏତେ ହଇରାଣ କରୁଥିଲେ ବା କରୁଛନ୍ତି, ସେମାନଙ୍କୁ ପାକିସ୍ଥାନ ସରକାର ସମର୍ଥନ କରୁନାହାନ୍ତି ବୋଲି ପାକିସ୍ଥାନୀ ସରକାର ଘୋଷଣା କରିଦେଲେ । ସେମାନେ ଯେଉଁ ନୂଆ ଅସ୍ତ୍ର ଶସ୍ତ୍ର ବ୍ୟବହାର କରୁଛନ୍ତି, ସେ ଗୁଡ଼ାକ ଦେବତାମାନେ ବୋଧହୁଏ ତାଙ୍କ ଉପରେ ଆଶୀର୍ବାଦସ୍ୱରୂପ ବର୍ଷଣ କରି ଯାଉଥିଲେ । ସୀମାନ୍ତ ପ୍ରଧାନମନ୍ତ୍ରୀ କ୍ୱାୟୁମ ଆସି ସେମାନଙ୍କୁ ପରିଚାଳିତ କରୁଛନ୍ତି ବୋଲି ଯେଉଁ ବିଶ୍ୱସ୍ତ ସମ୍ବାଦ ବାହାରିଛି, ତାହା ମଧ୍ୟ ମିଛ । କାରଣ ସୀମାନ୍ତ ପ୍ରଧାନମନ୍ତ୍ରୀ କେବଳ ଧର୍ମ ପ୍ରଚାର କରି ସେଠାକୁ ଆସିଥିଲେ ବୋଲି ପାକିସ୍ତାନ ସରକାର କହୁଛନ୍ତି । ଅବଶ୍ୟ ସୀମାନ୍ତ ମନ୍ତ୍ରୀ ତାଙ୍କ ଧର୍ମ ପ୍ରଚାର ବେଳେ ଏହି ଅର୍ଥ ବା ଉପଦେଶ କରିଥିବେ ଯେ ଜଣେ ଲୋକ ମଣ୍ଟୀ ଘୁଚେଇଟି ସ୍ଥାନରେ ଘୁରେଇଟିରୁ ଯେତେ ବେଶି ନାରୀ ବିବାହ ପରିବର୍ତ୍ତେ ନାରୀ ଧର୍ଷଣ କରିବ ତାପାଇଁ ସ୍ୱର୍ଗରେ ସେତେ ଭଲସ୍ଥାନ ମିଳିଯିବ ।

ଭଗବାନ କରନ୍ତୁ ସୀମାନ୍ତ ମନ୍ତ୍ରୀ ଓ ପାକିସ୍ଥାନ ମନ୍ତ୍ରୀମାନଙ୍କୁ ଶୀଘ୍ର ଶୀଘ୍ର ସ୍ୱର୍ଗ ପ୍ରାପ୍ତି ହେଉ ଏବଂ ଭଲରେ ହିନ୍ଦୁ ମୁସଲମାନ ଏହି ନର୍କ ଭାରତରେ ସୁଖ ଶାନ୍ତିରେ ରହନ୍ତୁ ।

× + +

ଯେଉଁ ଅସ୍ତ୍ର ଶସ୍ତ୍ର ଆକ୍ରମଣକାରୀମାନେ ପାଉଛନ୍ତି ସେ ସବୁ ସେ କାଶ୍ମୀରରୁ ପାଉଥିବେ ବୋଲି ପାକିସ୍ତାନ ସରକାର କହନ୍ତି । ବୋଧହୁଏ କାଶ୍ମୀରର ଏ ଲୋକେ ଆପଣାକୁ ମାରିବା ପାଇଁ ମାଉଣ୍ଟବାଟନ୍ ହାତରେ ବଢ଼ାଇ ଦେଉଛନ୍ତି । କାରଣ ସେମାନେ ପୂର୍ବପୁରୁଷ ଗାନ୍ଧି—ବା ଯିଶୁଖ୍ରୀଷ୍ଟ ।

× × ×

ପାକିସ୍ତାନ ପ୍ରଧାନ ମନ୍ତ୍ରୀ କହୁଛନ୍ତି ଦେଶୀୟ ରାଜ୍ୟରେ ଯେଉଁ ଗଣ୍ଡଗୋଳ ହେଉଛି—ଭାରତ ସରକାର ସେହି ସବୁ ରାଜ୍ୟର ଅଭ୍ୟନ୍ତରୀଣ କଥା ବୋଲି କହି ହସ୍ତକ୍ଷେପ କରୁ ନାହାନ୍ତି । ଏହା ବଡ଼ ଅନ୍ୟାୟ । କିନ୍ତୁ ପାକିସ୍ତାନ ଯେତେବେଳେ ଏତେ ପାଟି କରି କହୁଥିଲା—କଂଗ୍ରେସ ଦେଶୀୟ ରାଜ୍ୟ ଉପରେ ହସ୍ତକ୍ଷେପ କରୁଛି ମାତ୍ର ଲୀଗ ତାଙ୍କୁ ପୂରା ସ୍ୱାଧୀନତା ଦେବ, ସେତେବେଳେ ପାକିସ୍ତାନ ମନ୍ତ୍ରୀଙ୍କର ଅକଲ ମଦାମଦନା ଯାଇଥିଲା କି ? ବୋଧହୁଏ ହଜ୍ ସାରିବାପରେ ଏ ବୁଦ୍ଧି ଗଜାଇଛି ।

+ × ×

ଜିନ୍ନାଙ୍କ ଲାହୋରରେ ଏକ ଭାଷଣରେ କହିଲେ—ପାକିସ୍ତାନ ଇସ୍‌ଲାମି ଦୁନିଆର ଶୀର୍ଷ କେନ୍ଦ୍ର ହୋଇ ରହିବ, ସେ ଗୋଷ୍ଠୀର ବା ଆଉ କେଉଁ ଦେଶ ଶୀର୍ଷ ହେବ ସେ କଥା କହୁ ନାହାନ୍ତି । ସମ୍ଭବତଃ ହିଂସା ଘୃଣା ଆଦି ମାରାତ୍ମକ ସାମାଜିକ ରୋଗର ବ୍ୟାଧି ଶୀର୍ଷ ହୋଇ ରହିବ ।

× × +

ସେହି ଜିନ୍ନା ପୁଣି ପାକିସ୍ତାନର ଖାଲିଫ ହେବା ବେଳେ କହୁଥିଲେ—ପାକିସ୍ତାନ ରାଷ୍ଟ୍ରର ଧର୍ମ ନାହିଁ । ସବୁ ଧର୍ମକୁ ସେ ସମାନ ଆଖିରେ ଦେଖିବ । ସେତେବେଳେ ବୋଧହୁଏ ଜିନ୍ନାଙ୍କର ସୋଡାଏ ଅଧେ ପେଗ [ ବିଲାତି ମଦର ମାତ୍ରା ] ଅଧିକ ହୋଇ ଯାଇଥିଲା । ସେଥିପାଇଁ ତୁଣ୍ଡରୁ ଭଣ୍ଡ କଥା ବାହାରି ପଡ଼ିଲା । ଆଶାକରା ଯାଉଛି ଏଣିକି ଜିନ୍ନା ଡମାସ ଓ ମିଜାଜ ଠିକ ରଖିବାକୁ ଯତ୍ନ କରିବେ ।

+ + +

ଚର୍ଚ୍ଚିଲ ଚତା ମଦଣ ବର୍ଷ ହେଲା କହି ଥିଲେ—"ଅତଏବ (ଇଂରାଜ) ଭାରତ ଛାଡ଼ିଲେ ଭାଇ ଭାଇ କଟାକଟି ହେବେ—ରକ୍ତ ନଦୀ ବହିବ ।" ସେ କଥା ଏବେ ସତ ହେଲା ବୋଲି ଅଷ୍ଟାଲିନ ଭଳି ଚର୍ଚ୍ଚ ପାର୍ଲାମେଣ୍ଟରେ ଚଳାଇଛନ୍ତି ।

ମନେ ହେଉଛି ଜିନ୍ନା ଚର୍ଚ୍ଚିଲଙ୍କର ପକ୍କା ସାଗିର୍ଦ୍ଦ । କାରଣ ଏହି ଚର୍ଚ୍ଚିଲ ପୁଣି ପ୍ରଚାର କରୁଥିଲେ—ହିନ୍ଦୁ ମୁସଲମାନ ଦୁଇ ଜାତି—ମୁସଲମାନଙ୍କୁ ଅଲଗା ସ୍ଥାନ ମିଳିବା ଦରକାର । ଅଥଚ ସେ ପୁଣି ହିନ୍ଦୁ ମୁସଲମାନ ଭାଇ ଭାଇ ବୋଲି କହୁଛନ୍ତି ।

ସେ ସ୍ଥାନେ ଯେମନ୍ତ ପ୍ରକାର

+ × +

ଚର୍ଚ୍ଚିଲଙ୍କ ଭବିଷ୍ୟତ ବାଣୀ ସତ୍ୟ ହୋଇଥିବାରୁ ଭାରତ ସରକାର ଏଥର ଚର୍ଚ୍ଚିଲଙ୍କୁ ସ୍ୱାମୀ ଚର୍ଚ୍ଚିଲ ବାବା ଉପାଧି ଦିଅନ୍ତୁ ଓ ପାକିସ୍ତାନ ଉପାଧି ଦିଅନ୍ତୁ ଦାତା ଚର୍ଚ୍ଚିଲ ପୀର୍ ଜନାବ । ଚର୍ଚ୍ଚିଲ ଯେପରି ଶରଣ ପାକିସ୍ତାନର ବନ୍ଧୁ ହୋଇ ଅଛନ୍ତି ଅମର ବଣ୍ଣାଏ ପାକିସ୍ତାନ ଜାତୀୟ ପତାକାରେ ଚର୍ଚ୍ଚିଲଙ୍କ ପ୍ରତୀକ ଗୋଟିଏ ଚୁରୁଟ ସ୍ଥାନ ପାଇବ ।

× × +

ଗାନ୍ଧିଜୀ ଏକ ପ୍ରାର୍ଥନା ଭାଷଣରେ ଆଶା ପୋଷଣ କରିଲେ—ପୃଥିବୀ ଭାରତ ଠାରୁ ବଡ଼ ବଡ଼ ଓ ମହତ୍ତ୍ୱ ଆଶା କରୁଛି । ଆମ୍ଭମାନେ ମଧ୍ୟ ଏଥିରେ ଏକମତ । ବର୍ତ୍ତମାନ ଜିନ୍ନା ଓ ତାଙ୍କ ଲୀଗପନ୍ଥୀମାନେ ଅଲଗା ହୋଇ ଯିବାରୁ ସବୁ ଅବର୍ଜନା ନୀଚକୁ ଘୃଣ୍ୟ କଥା ତାଙ୍କ ସଙ୍ଗରେ ଯାଇ ବା ପବିତ୍ର ହେବା ଆଶାରେ ପାକିସ୍ତାନ ଗୃହ ଯାଉଛି । କେବଳ ମହତ୍ତ୍ୱ ଗୁଡ଼ାକ ଭାରତ ଭାଗରେ ରହି ଯାଉଛି । କାରଣ ଲୀଗ ଲୋକେ ଓ ରାଜାକାରମାନେ ଷଡ଼ଯନ୍ତ୍ର କରି ଅନେକ ଥର ପାକିସ୍ତାନକୁ ଗ୍ରେସର

Digitized by srujanika@gmail.com

ନେଲେଣି । ମହତ୍ତ୍ୱଆଁ ଆଜ ଦେଶବାସୀଙ୍କୁ ନେଇ ମାନଙ୍କ ପାଇଁ ଚାଞ୍ଚଲ୍ୟ ଲଗାଇ ଉଚ୍ଚ ଚଳାଇଲେ ସେ ମହତ୍ତ୍ୱକୁ ହେଜି ନେଇ ଏଠା ଭଣିବା ଏ ଦେଶ ପାଣ୍ଡୁ ନରେ ବାଣ୍ଟି ଦିଆଣି ଅବା ସ୍ନେହ ତାଳ ଦୋଷ ଘୁଞ୍ଚିଯିବ ।

\+ × +

ଶ୍ରୀଯୁକ୍ତ ନେହରୁଙ୍କ ଗୃହ ଅନ୍ତର୍ଜାତିକ ଶ୍ରମିକ ସଭାରେ କହିଲେ—ଭାରତର ଲକ୍ଷ୍ୟ ପୃଥିବୀର ଶାନ୍ତି । ସେ କଥା ସତ କିନ୍ତୁ ଭାରତର ଅଜ ପୋଷଣ ଦରକୁ ଯାହାକୁ ଘାଣ୍ଟିବାକୁ ଏକତ ଜୋର ଦେଉଛନ୍ତି—ସେ ହେଉଛି ଯୋଗ । ଅସଂଖ୍ୟ ଦୀନ ଦେଇ ପରର ମଙ୍ଗଳ କରିବା । ଭାରତର ଆଦର୍ଶ । ସେଥିପାଇଁ ଜୋରରେ ପୃଥିବୀର ଶାନ୍ତି ପାଇଁ ଖାଟିବ ନଜେ ଦେଶମାନ ଅନ୍ତରେ ଘାଣ୍ଟି ହେଉଛି ଶାନ୍ତି ଭଙ୍ଗକାରୀ । ସେଥିପାଇଁ ।

× + ×

ଶ୍ରୀଯୁକ୍ତ ମହତାବ ଅଜାଦହିନ୍ଦ ହୋଟେଲ ଉଦ୍‌ଘାଟନ ପାଇଁ ଦଉଡ଼ି ଅସିଲେ । 'ଆଜାଦ୍ ହିନ୍ଦ' ଶବ୍ଦଟା ଦେଶରେ ଯେପରି ମଧୁର ହୋଇ ଉଠିଛି ହୋଟେଲ ମଜାଦ ମାଂସ । ତାଳିଆ ବାଟଲେଟ ଦେଇ ତାକୁ ମଧୁରତର କରିଥିଲେ । ମହତାବଙ୍କ ଅମୃତସ୍ପର୍ଶରେ ତାହା ମଧୁର ତମ ହୋଇଥିବ ନିଶ୍ଚୟ । ଏହାପରେ ଅଜାଦ୍‌ହିନ୍ଦ ବାର୍ ବା ଆଜାଦ୍‌ହିନ୍ଦ ଶୁଣ୍ଡି ଘର, ଅଜାଦ୍‌ହିନ୍ଦ ଭୁଙ୍ଗଳାଚାର ଅଡ୍ଡା ଖୋଲା ହେଲେ ତାର ଉଦଘାଟନ ପାଇଁ ମଧ୍ୟ ମହତାବ ନିଶ୍ଚୟ ଡାକର ହୋଇଯିବେ । ଛୋଟ କଥାକୁ ବଡ଼ କରିବାରେ, ପବିତ୍ରକୁ ପାବନ କରିବାରେ ତ ଡାକ୍ତର ମହତ୍ତ୍ୱ । ସେଥିପାଇଁ ଅମେ ଏଣିକି ଟୋଲ ବରତାଳ ଧର ଗାଉଛୁ ।

ପତିତ ପାବନ ବାନା ଅଜ କେତେ ବେଳକୁ ବାସିଲେ ଚାହିଁ ନାଲେ
ନାଚ ଦିଅ ହୋଟେଲକୁ

× × +

ପୂର୍ବଦିନ କଂଗ୍ରେସ କମିଟି ବେଳେ ଗୃହ ଏ କଥା କେ । ପ୍ରସ୍ତାବ କରାଇଛନ୍ତି । ମନେ ହେଉଛି ମନ୍ତ୍ରୀ ପ୍ରସଙ୍ଗରେ, ମନ୍ତ୍ରୀ କଂଗ୍ରେସ କମିଟିର କାର୍ଯ୍ୟକାରୀ ଶେଷରେ ପଞ୍ଚଂ ଥାପି ପୂର୍ବ କଂଗ୍ରେସ କମିଟି ଏଠା ସମାଧି ଦେଇବ ପାଳନ କରେ ଏ ଅଜା । କଂଗ୍ରେସର ସବୁ କାମ ତ ସ୍ୱର୍ଗ ଭୁଲିବେ ଅମେ ଓଡ଼ିଆଏ ଉଚ୍ଚେଇ ଦେଲୁଣି । ଯୁଗ କଂଗ୍ରେସ କମିଟି ଭଲଭାବ ତଳେ ବସି ତମାସାଲ ଗଜାଇଲେ ଯଦି ବେଳକ ବୈକୁଣ୍ଠ ମିଳାଇ ଦେବେ ବା କହି-ବକୁ । ନା କହେଲେ ଅଜ ଅଣା ନାହିଁ ।

\+ + +

ଏଥର ମିଳିଛି ଲାଟ ସାହେବ ବାଟେକୁ କାନେ ଏ କଂଗ୍ରେସ ସଭାରେ ହାଜର ହୋଇ ଥିଲେ । କିନ୍ତୁ ମନ୍ତ୍ରୀମାନଙ୍କ ହାତ କଣ ? ଓହୋ! ଏବେ ଏଣିକି ମନ୍ତ୍ରୀମାନେ ବୋଧେ ଲାଟ ସାହେବଙ୍କ ଅତି ନିକଟରେ ଦେଖିବାକୁ ଅଭ୍ୟସ୍ତ ହେଲେଣି । ପବ୍ଲିକରେ ଯଦି ସେଇଟା ଦୃଶ୍ୟ ହେବ ତେବେ ଓଡ଼ିଶାର ରୂପ ବଦଳି ଯିବ ।

\+ + +

ଘଣ୍ଟା ଠିଆ ଅଲଅି ସଭା ଲାଟ ସାହେବଙ୍କ ଅଭିନନ୍ଦନ କରି ହୋଇପାରିନାହିଁ । ଅବଶ୍ୟ ସବୁ ଠାରେ ଅଲଅି ଶବ୍ଦର ଗୁଡାକ ଦେଖିଥିବା ନୁହେଁ । ଦାନ୍ତଳୀର କେବଳ ଦୃଶ୍ୟ ଜଣା ସମ୍ବାଦ । କିନ୍ତୁ ଅଲଅି ଶବ୍ଦ ଧାଇଁ ଦୁଇକୁ ଅଧିକ । ତା ଦୃଶ୍ୟ ଅର୍ଥ କାହାଣୀ ଧୂଏ, ଅଦ୍ଭୂତ ଦୃଶ୍ୟ, ଶୃଙ୍ଗାର, ବୃଥା ଭୟଙ୍କର ଆଉ ସବୁ ନାଁ ତହିଁରୁ ବାହାରେ । ଏହା କଥାର ଦ୍ୱିବିଧା—ଦ୍ୱିବିଧା ଶବ୍ଦ ଅର୍ଥ ବାହାରେ, ଭିତର ସନ୍ଦେହ ଅଲଅି ଶବ୍ଦର ଜବ ଦଏ । ସେଥିପାଇଁ ଅଲଅି ସଭାର କଥାରେ ତାକୁ କେହି କେହି ବୋଧାର ବହିଥାନ୍ତି । କିନ୍ତୁ ଏ ହେବରେ ବାହାରକୁ ପ୍ରତି ଅଲଅି ସଭାର ଧାଇଁ ସାଟା ହେଲା ! ଏଥିରେ ମହତାବଙ୍କ ମୋହନମନ୍ତ୍ର ନାହିଁ—ନବକୃଷ୍ଣଙ୍କ ନୂଆ ନାହିଁ—ମୋହନ ଗୋସ୍ୱାମୀଙ୍କ ଅନୁକମ୍ପା ନାହିଁ—ଶ୍ରୀପ୍ରସ ରାୟଙ୍କ ଅବିଶ୍ୱାସ ନାହିଁ—ଲିଙ୍ଗରାଜଙ୍କ ମାର୍ଗ ନାହିଁ ।

× + +

ଜାତୀୟ ଲାଟ ମାନଙ୍କ ଯେଉଁ ଉପଦେଶ ଦେଇ ଗଲେ ବାହାର ଧୀରେ ଧୀରେ ସେ ସବୁ ପାଳନ କରିବାକୁ ଚେଷ୍ଟା କରୁଥିଲେ ଭଲ ହୁଅନ୍ତା । ପାଞ୍ଚ କହୁଥିଲେ ଲାଟ ଯେଉଁଠି ରହିଲେ ତା ଚତୁର୍ଦ୍ଦିଗରେ ଚତୁର୍ଦ୍ଦିଗରେ ଚର୍ଚ୍ଚାର ବାତାବରଣ ସୃଷ୍ଟି କରନ୍ତେ । ଲାଟ ସାହେବ ସେଥିପାଇଁ ତାଙ୍କ ଭଉଁରି ଚତୁର୍ଦ୍ଦିଗରେ ସୁନ୍ଦର ଯଜ୍ଞ ଅଗ୍ନି କରି ଦେଲେଣି ।

ଅନ୍ୟ ଜଣେ ଲୋକର ଯୋଗଦାନ କଥା କହିବାର ଅଛି । ହେ ମହାତ୍ମା, କୌଣସି କାର୍ଯ୍ୟ ଦୁଇ ପକ୍ଷରେ ଦେଖିଲେ ଲୋଭାଦ୍ୱାରା ପ୍ରାପ୍ତି ହୋଇ ପାରେ ନାହିଁ । ବାଉନ୍ଙ୍କ କଥାରେ, ଏବେ ପ୍ରଭାବରୁ ମଧ୍ୟ ଓଡ଼ିଶାରେ ଚୈତନ୍ୟ ଓ ତାଙ୍କ ଦଳ ନାମର ପ୍ରଚାର କରୁଥାନ୍ତି । ଅତଏବ ତାଙ୍କଠାରୁ ଦେବତା ଦୁର୍ଲଭ । ଏ ଯେଉଁ କଳିର ଜନ୍ୟ ଅଭୁତ, ପାପ ଅପରେ ପୁଣ୍ୟର ଭାରତୀୟ ପଣ ଧର୍ମ ପୃଷ୍ଠପୋଷକତା ସବୁ ସେ ବୁଝିଥିବ । ପାପ ଅପରେ ପୁଣ୍ୟ ନେବନ୍ତା । ଯଦି ପାପ ତାର ଅତ ଲୁପ୍ତ ହେବ ଅସନ୍ତା ତେବେ ଭଗ୍ନ ନଥିବ । ପାପ ଯେ ଧର୍ମର ଛଦ୍ମ ବେଶ ଧରି ଅଛେ । ମହତାବଙ୍କ ନୀତି ଯୋଜନା ଯେ ସାମ୍ୟବାଦ ଓ ପ୍ରଚାରକ ବାଦ ନାମରେ ଅଛି । ଅମର ତାହାର ଉର । ତତ ଇତାଙ୍କ ବଳ ଗ୍ରାସ କରି ଧର୍ମ ରୂପରେ—ନାମର ମଧ୍ୟ ଅତି ସ୍ୱରିତ ଏକ ଧର୍ମବାଦ ମାରି । ହେ ଧର୍ମକଥାର ବାଦଶା ! ତମର ଦେବତ ବାହାଣ ଏ ଛାଡ଼ିଦେଣି ଲୋକପ୍ରିୟ ମନ୍ତ୍ରୀମଣ୍ଡଳଙ୍କ ମଧ୍ୟର କାହିଁକି ? ତମେ ଜାଣିଲ ତାକେ ଦେବେ ସେ ପଥରେ ପଥରେ ଯିବେ—ତମେ ଟୋଲ କରାଇ ଜାହାଣୀ ହେବେ ସେ ବଟେ ଗଳାର ମୃତ୍ତିକା ।

\+ × +

ଲାଟ ସାହେବ ସେଠାର ଓଡ଼ିଶା ସଂସଦ ଏହାର ସମ୍ବର୍ଦ୍ଧନା ପାଇ ମଧ୍ୟ ହୃଦୟ ର ସୁବାସ ଦେଇ ନାହିଁ । ଓଡ଼ିଶା ତାଙ୍କ ଅତିପ୍ରିୟ ସେ କଥା ସ୍ୱଭାବ ବାନ୍ଧବର ତାଙ୍କର ସ୍ୱାର୍ଥ ଟାଙ୍କର ଉପରର ଅଛନ୍ତି । ଲୋକ ସଭା ଲେଖି—ଲାଟ ସାହେବ ଜଣ ତାଙ୍କ ନାମ ପ୍ରଚାର ପାଇଁ କୌଣସି ଦେଶର ବାହି ନାହାନ୍ତି ? ତା ହୋଇଥିଲେ ସେ କହାନ୍ତି ଏହିଟା ନଷ୍ଟ ହୋଇ ନଥାନ୍ତା ।

\+ + +

କଳିଯୁଗରେ ନାମ ପ୍ରଚାର ସବୁଠାରୁ ବଡ଼ ଧର୍ମ ଅଙ୍ଗ । ଗାନ୍ଧୀଜି କହୁଥିଲେ ଏହି ନାମ ବଳରେ ରେଳ ଗୋଟେ ଓ ଘର ତେଜ ଯିବ । ବର୍ତ୍ତମାନ ବଡ଼ ବଡ଼ ପୁଞ୍ଜିପତି ଦେଶ ସେବକ ମାନେ ଅପର ବେଳରେ ସେଇ ନାମ ଦୁଇରେ ଲଟିଛନ୍ତି ! ମାନ୍ୟବର ବାବୁଙ୍କୁ ମଧ୍ୟମାନ୍ ମାଣିଥିବେ । ତାହା ଶ୍ରଦ୍ଧା ଏବଂ ଗୋପ୍ୟ ରଖାକୁ ଲୋକ ସଭା ଏଠାରେ

( ଅବଶିଷ୍ଟାଂଶ [illegible] )

Digitized by srujanika@gmail.com




୧

ଗୋଟିଏ ଅଙ୍ଗୁଳି ଚିପି ନୟ--

ମୁଣ୍ଡରୁ ଗୋଡ଼ଯାଏ ଖିଲା ଜାଳି ଅଟକାଇ ଦେଲେ, ସେ ଇଚ୍ଛା ଥିଏ ଜାଣିବ ସେ ଏକାଥିଗୀ! ମଫସଲର ଚକ୍ରଙ୍କ କାଦୁଅ ଭିତରୁ ଉଠି ଆସିଛି। କିମ୍ବା ଛଡ଼ା ଲୁଗା-ପୂରୁଗୁଣ ମଫସଲି। ମୁଣ୍ଡରେ ଦୁଇ-ଧାର ପଡ଼ି ଟିକେ ଉଠିଲ ବାଳ, କାନରେ

## ମଜାକଥା

ବାଘା ହୋଇଥିବା ଗଞ୍ଜାମୁଣ୍ଡରେ ଧଳା ସରୁ ସରୁ ଗଛା ଜାଗାଏ ଜାଗାଏ ଚନ୍ଦାକୁ ଫୁଟାଇ ବାହାରକୁ ବାହାରି ଆସିଛନ୍ତି ଯେ, ମୁହଁର ଠାଏ ଠାଏ ନୁଆ ହୋଇ ଦାଢ଼ି ଜାଗା ଅଙ୍କୁର ଅସି ମୁହଁଟାକୁ କଣ୍ଟକି କମାଜାଗ କରି ପକାଇଛି। ଦୋଉ ମାନଧାତା ଅମଳର ମଇଳା ସାର୍ଟ ଗଣ୍ଡି—ଗାଁ ଦାଉଜୀର ଛିଡ଼ା ଛିଡ଼ା ସିଲେଇ ଅଠର ଗଣ୍ଡାଦ୍ଧୀର ପରିପାଟୀ ସୂଚେଇ ଦିଏ। ସବୁରି ଉପରେ ସଂକୀର୍ଣ୍ଣ କପାଳ ଗୋଟାକ ଯାକ ଚନ୍ଦନରେ ଭରି—ଦୁଇ ଭ୍ରୂଲତା ମଝିରେ ଲାଲ ତୋଫେଲର ଗୋଟି ପରି ଗୋଟାଏ ଧଳା ଗୋଲ ଚନ୍ଦନ ଟୋପା।

ତୋତା କି ଚେପା ତାକୁ ଚିହ୍ନିବାର କେହି କେବେ ଦେଖିନାହିଁ, କିନ୍ତୁ ଶିବଙ୍କ ଉପରେ ଫୁଲ ବେଲପତ୍ର ଚଢ଼େଇବା ବନ୍ଦ ହୋଇଯିବ ପଛକେ, କଟକେ ଦିନେ କେବେ ସ୍କୁଲରୁ ଛାତାଖଣ୍ଡ କାଖରେ ଝୁଲାଇ କଲେଜ ଆସିବାକୁ ଭୁଲିବ ନାହିଁ।

ଏଥିପାଇଁ ସେକ୍ସପିୟରର 'ହ୍ୟାମଲେଟ୍' ଠାରୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦଙ୍କର Complete works ଯାଏ ସବୁ ଭାଗ କରି ପଢ଼ିଛି ସେ। ପ୍ରତ୍ୟହର ବିବେକାନନ୍ଦଙ୍କ ଫୋଟୋ ଆଗ ଦେଇ ସେ ଧ୍ୟାନରେ ବସେ। କଥାବାର୍ତ୍ତା ବେଳେବେଳେ ସେହି ଯାଏ ବିବେକାନନ୍ଦଙ୍କ ନାମ ଉଚ୍ଚାରଣ କରିବେକ, ଯେଉଁଠି ଯୋଗ୍ୟତା ନାହିଁ ତାଙ୍କ ଉପଦେଶ୍ୟରେ ସେ ନମସ୍କାର କରେ—ପଚାରି ବସିଲେ, ସେ ସେହି ପରି ପ୍ରାୟ ଦେଢ଼ ଶହ ସ୍ୱାମୀ ଓ ପ୍ରତ୍ୟେକଙ୍କର ବହି ମୁହଁରେ ମୁହଁରେ କହିପାରେ।

ଉପରେ! ଟେକି ଧାରୁ ଦରଭ କରି କରେ, ଏଓ, କଣ ଗୁରୁ ସ୍ୱାମୀଙ୍କ ପ୍ରେମରେ ପଡ଼ିଛ! ଯେତେ ପରି କହେ ସ୍ୱାମୀ ଦେବ, ଅଭଗବତ।

ସେ ଶୁଣି ହିଁ ଏ ଟ୍ଟ ଉଚ୍ଚ ନ କହି ରହିଯାଏ। କଟେ ଅଠ ବର୍ଷରେ ତା' ବୁଢ଼ୀମା ମଲାବେଳେ ତାକୁ କହିଯାଇଥିଲ, 'ପୁଅରେ ଗଳ ଲୋକ ସାଥିରେ ମିଶିବୁ ନାହିଁ।' ସେ ସେଇ ଅର୍ଥ ତାକୁ ଅକ୍ଷରେ ଅକ୍ଷରେ ପାଳନ କରେ।

## ପୁନର୍ମୂଷିକୋଭବ

ସବୁ ଠିକଏ ଭୁଲନ୍ତୁ, ସେ ଗୋଟାଏ ଅନା-କୋନିଜମ୍ ( anachronism ) ବାଙ୍ଗାଳ ତାହା ସନ୍ତ କରିବ ନାହିଁ କିଂ କର କରିବ, ବୃଦ୍ଧଙ୍କର ଭଗବାନ ଯୋଗୀଙ୍କ······

—୨—

କଲେଜ ସାଙ୍ଗ ଚଳନ ଯେ ଯାଉଚି—

ଭୁମାର କ୍ରିୟା— ସର ଓଡ଼ିଶାର ଯେତେ କଲେଜ ଛାତ୍ରୀ ସମସ୍ତଙ୍କଠାରୁ ମୁନ୍ଦର—କୋଲେଦାର କଳା ମଚ ମଚ ବୁଲୁଥାଏ ଖୁବ, କୋଟାପାଟୋର ଦୋପାଟାର ଯକଦେଶରେ ଦଉଡ଼ ଯଦାଇ, ଶୋଭନା ସମସ୍ତଙ୍କ ତଦୋକ ସମସ୍ତେ ଚନ୍ଦନ କରି, ସ୍ୱେଦ ପ୍ରଭର ମନ ଟେକକ ମୁଣ୍ଡପାଣିରେ ଅଧର ମଣ୍ଡନ କରି କଲେଜକୁ ଅସ୍ତୁଚନ୍ତ ଆର୍ଦ୍ର ପଥରେ ସଂସାର ଅନର୍ଥ ନେଇ······।

ସମସ୍ତଙ୍କ ପ୍ରାଣରେ ଉନ୍ମାଦନା ଦେଇଛି।

କଲୁ କଟେଜ୍‌ର କାନରେ ବାଜୁଛି ବୁଢ଼ୀମାର ଉପଦେଶ, 'ସ୍ତ୍ରୀମାନଙ୍କଠାରୁ ଦୂରରେ ରହିବୁ ?' ବର୍ତ୍ତମାନ ସେଇ ସୁକୁବାକ୍ୟ ଯେ ଉପଦାଥିକ, ସେଥି ପାଇଁ ତା ପାଖରେ ସୁନ୍ଦରୀ ଦେଖିଛି ଅଲଗା ପ୍ରବାହରେ।

ତାଂରମ ଦ୍ୱାର ଅଲମ୍ବ ବେଳକୁ···

ବୃନ୍ଦାଯା ଅସିଲେ...

ଚାଡାବଡିୀରର ଉଦ୍ଧତ ସୁନ୍ଦରୀର ମୁଚାଇ ହୁଟାର, ଅଧରକୋଣର ହାସ୍ୟ ଦେଖାଇ କର ମୁହୂ କାଏ୍ୟ ପକାଇ, କମ୍ପ୍ରେସଡ ଶାଢ଼ୀର ସୁରଭିର ଇଳତ ଅଗ୍ରରେ ଅଙ୍ଗଯଷ୍ଟି ଇଡାଇ, ଗୁଳ ଦଦନରେ ବର୍ଜନ ଚଟୁ ପୂରର ଉଠାଥାଇ ହଇଚାର ଡୋଲାପୁ-ମାନ ବର୍ଣ୍ଣଚ ଉଷାରେ ଗଣ୍ଡ ଦେଖ ଲେଟାର, କ୍ଷେତ୍ରକରନ୍ତି—ଲଜ୍ଜା ଦୂର କରନ୍ତି ଦରୋର ପ୍ରାଣରେ "ଚାଂପକ-ଦବନ ବନ୍ଧନ" ଉପାଇ···

··ବୁଦ୍ଧିଯା ଅସିଲେ······

ଟକନ ଯୋଡ଼ା କ୍ଷୁଧାର୍ତ୍ତ ଅଖି ଓ ତା' ସହିତ ସମାନର ଉନ୍ନୂ ଦୁଇ ପ୍ରଫେସରଙ୍କ ଚଷମାର ବୋଟାଙ୍ଗର ଚକ୍ଷୁ ନବକ ଦେଖି ସ୍ୱର୍ଣ୍ଣ ପ୍ରତିଫଳନରେ ଦୁଇଟି ସାଡ଼ି, ଅନୁପୂର୍ଣ୍ଣ ନଯନରେ, ମଧ୍ୟାହ୍ନ ଯର ପରିଣିମା ଦୁଇଟି କପୋଳରେ ଭାରମଣ୍ଡ କଟା ଚଳି-ଚଳିଲ ଦୁଇଟି ଦୁଲ ଦେଇ···

ଏଡ଼ା ସାଥିରେ ସହିଯାଉ ସଡ଼ ଉଠର ଅଡା-ଶରରେ ବାମିନର ବଳର ଦୂଡ଼ା ଟେକ ଦେଇର, ଫଟଯାଇଥିବା ସେଲ୍‌ଫ ଗୋଲ୍ଡ ଚୋଡାମ ପୁଣି ଲଗେଇ ଦେଲେ, ପାଉଡ଼ର୍ ଦନସ୍ତାମାନଙ୍କରେ ବାଇମାଷ ପୁଣି ସଜାଡ଼ି ଦେଲେ, ଅଖାରେ ଲାଗି ଯାଉଥିବା କେଶରେ ଅଙ୍ଗୁଳି ଚଳାଇ ନେଲେ।

ଭୁଲ ପ୍ରବେଶର ତାଲିକାରେ ଦୁଇଅର ବାଡର ପରେକଲେବେଲ ଅପ୍ରତିର ଭାବରେ ରହିଁ ଉଠିଲେ। ସମସ୍ତଙ୍କ ଦୃଷ୍ଟି ଏଡ଼ିର ବର୍ତ୍ତମାନ ବୃତ୍ତାରୁ ଯାଇ କେନ୍ଦ୍ରୀଭୂତ ହେଲା ଗୋଟାଏ ସ୍ଥାନରେ।

ଲେଖକ—ଦୁର୍ଗାମାଧବ ମିଶ୍ର

କଲୁ କେବଳ ଭବଣ କହ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରି ବସି ରହିଲା। ସେ କଟେଜ୍। ଏ ପ୍ରକାର ଅନନ୍ୟଭୂତ ଦୃଷ୍ଟ ଅଜମାବରେ ତା'ର ମୁଣ୍ଡ କଟିଅଲବ ବୋଧହୁଏ। କହିଁ ଉପରେ ମୂର୍ତ୍ତି ଥୋଇ ସବୁଦିନ ପରି ସଦା ଶେଷ ବେଞ୍ଚରେ ବସି ରହିଲା।

ପ୍ରଫେସର ତା ହାତ ଟିକେ ଚାପି କହିଲେ—ଦେଖ ସ୍ମିତା, ମୁଁ ଅନେକ ଗୁଡ଼ାଏ ଟୋକା ଦେଖିଛି ଜୀବନ ଦେଖି ସାରିଛି । ବରେନ୍, ସେ ସବୁ ଉଚ୍ଚମନସ୍କ ଲୋକ ନୁହନ୍ତି । ତୁମେ ତାଙ୍କଠାରୁ ଟିକେ ସାବଧାନରେ ରହିବେ ।

ବରେନ୍, ଶେଷ କଥାର ଉଚ୍ଚାରଣ ଶୁଣି ହୋଇ ପାରିଥିବ ? ସ୍ମିତା ତାକୁ ଥରେ ଚାହିଁଲା ମୁହୂର୍ତ୍ତ ପାଇଁ କୌତୁହଳ ଭରା ଆଖିରେ ।

କ୍ଲାସ ସରିବା ପରେ ସ୍ମିତା ବରେନ୍‌କୁ ଅନେକ ଖୋଜିଲା ବାହାର ରୁମ ଚାରିଆଡ଼େ । ସେଇ ଦିନଠୁ ବରେନ୍, ଗଲାବେଳେ ସ୍ମିତାକୁ ଦେଖି ନ ଦେଖିଲା ପରି ଭାବ ଭଙ୍ଗୀ ଧରି ଯାଉଥିଲା । ସ୍ମିତା ଡାକିଲା—

ବରେନ୍, ବାବୁ !

ନିଜର ନାଆଁଟା ଏତେ ସୁନ୍ଦର, ମଧୁର ଅଥଚ କମନୀୟ ଭାବରେ ଉଚ୍ଚାରଣ କରିଯାଇ ପାରେ ବରେନ୍‌ର ମାନସ ମନରେ ସେ ଧାରଣା ନଥିଲା । ସେ ମନ୍ଦ ମୂର୍ଚ୍ଛନାରେ ଫେର ଶୁଣିଲା, ସ୍ମିତା ତାର ଅନ୍ତର ସ୍ୱର୍ଗ ସ୍ୱର୍ଗ ଅମୃତ । ମୁଗ୍ଧ ବରେନ୍, କୌଣସି ବାଟ ବାଚ ପାଇବାର ସୁଯୋଗ ଯେ ଜାଣି ଶୁଣି ହରାଇ ବସି ନାହିଁ—ସେ ଅନେକ ଦିନ ତା'ର ଅଭାବ—କଥାଟା ସତ ।

ସ୍ମିତା ମୃଦୁ ହସି କହିଲା, 'ଟୋକାଟା ଦେବେ ପରା ?'

'I am sorry, ମନେ ନଥିଲା, ଆସନ୍ତୁ; କାଲି ଦେବି ।'

ଏତିକି କହି ସାମ୍ନା ଲନକୁ ଧସି ଆସିବାକୁ ଚାହିଁଥିଲା ସେ । ଶୁଣିଲା—

—'ଶୁଣନ୍ତୁ ନା, ମୁଁ ଏମିତି ଟୋକା କହିକି ନେଇ ନାହିଁ । ଏଇଟା ଆପଣଙ୍କର ଜିନିଷ ବୋଧେ ।'

—ହଁ, ଦେଖି—

—ଆପଣଙ୍କର ପେନ୍ ଅଛି ? ମୋ କଲମଟାରୁ କାଳି ସରିଗଲା ।

ବରେନ୍‌କୁ କହିବାକୁ ନଦେଇ ସ୍ମିତା କହିଲା ।

ବରେନ୍, ପକେଟରେ ହାତମାରି, ଅପ୍ରତିଭରେ ହୋଇ ମୁହଁ ବୁଲାଇଲା ।

—ଅଚ୍ଛା ମୁଁ ଚାଲେ ଆସୁଛି, ନମସ୍କାର ।

ରୁମର କୋଣଟାଏ ଡେଇଁଲା ସ୍ମିତା, ସାମନା ଦେଖିଲା ବରେନ୍ । ବରେନ୍, ଭାବିଲା—ଲେଡ଼ିଜ୍ ସ୍ମିତା ।

ଯାହା ପରି ବରେନ୍, ସବୁ ଉଚ୍ଚାରଣ କରୁଥାଏ ସତ, କିନ୍ତୁ ଅନ୍ତରର ଲଳିତ ଥାଏ, ସ୍ମିତାର କମନୀୟ ମୁଖମଣ୍ଡଳରେ ଭ୍ରୁମଞ୍ଜରୀ ଭ୍ରୂ ଭଙ୍ଗୀର ବ୍ୟଂଜନ, ଲଜ୍ଜିତା ସମୟରେ ଟଣା ଓଠର ଲଜ୍ଜାମନ୍ଦ୍ରୀ ଶୋଭା, ସର୍ବୋପରି ସେଇ ହାବଭାବରେ ନାଳ-ଦା'ର ଲେଖନ୍ ପାର୍କରେ ଅଙ୍କନ କରନ୍ତୁ ଅପୂର୍ବ ବର୍ଣ୍ଣାଢ୍ୟ ( Contrast )

ଯଉବନ ଅପର୍ଣ୍ଣ, ବୁଢ଼ୀମା'ର ଉପଦେଶ, ବଡ଼ଭାଇମାନଙ୍କର ଉପଦେଶ ଜାଣି ସବୁ ଉଭୟ-ପକ୍ଷ—କାହାଁ ମୁଣ୍ଡ ସୁଧା ତଳ ପାର୍ଶ୍ୱରେ ତରଙ୍ଗନ୍ନ ପଡ଼, ତରଙ୍ଗମାନଙ୍କ ଉତ୍ପତ୍ତି, ଉଚ୍ଚ ଜଳ ପ୍ରକାରରେ ତା'ର ଶୀତଳ ଶିଳ ସ୍ପର୍ଶରେ ଉପ ହାରଦେବାକୁ ।

ଲେଡ଼ିଜ୍‌ରୁ ସ୍ମିତା ପଚାରିଲା—

—ଆପଣଙ୍କର ପୁରା ନାଆଁ କଣ ?

'ବରେନ୍, ବଜ୍ର'

'ଚମତ୍କାର । ମୁଁ ଭାବୁଥିଲି ବରେନ୍‌ନାଥ ହୋଇ । ସୁନ୍ଦର ସିଲେକ୍ସନ୍ । ମୋ' ନାଆଁ ସେମିତି ଥିଲା 'ସ୍ନେହରେଖା' ପିଲାବେଳେ । ମୁଁ ତାକୁ ଏବେ ସ୍ମିତା କରି ଦେଇଛି ।'

ବାହାରେ ଶ୍ରାବଣର ଅବସନ୍ନ ଅପରାହ୍ନ । ରୁମର ଝରକାଟା ପାଖି ଝାପଟା ମାରୁଥାଏ । ରୁମ ଭିତରେ ସ୍ମିତାର ଉଷ୍ମ ହାସ୍ୟୋଦୀପ୍ତ ମୁଖ ଆଉ ଉଦାସୀନ ବରେନ୍, ···ତା'ର ମନହେଲା,—ମନେହେଲା—

\+ + ×

—*—

ତଥାପି ବଡ଼ ଯାଉଛନ୍ତି ଆପଣ—

ଟ୍ରାମ୍‌ରେ ଚାଲକ ଘୋଟେଇବାକୁ ଗୋଟାଏ ଟ୍ୟାକ୍ସି ଲଗାଇ, ଉଷ୍ଣୀବର ମର୍ସିରିଜ୍ କାର ସାର୍ଟ ଓ ଯୋଗ୍ୟ ଟାଇ, ଚେହେରାରେ ସାଧାରଣ ମଣ୍ଡନ, ମୁହଁରେ ଉତ୍ସାହ ପ୍ରଭା, ସୋମବାର ଦିନ, ଯେତେବେଳେ ବରେନ୍, କ୍ଲାସର ପ୍ରଥମ ବେଞ୍ଚରେ ଯାଇ ବସିଲା, ଝିଅମାନଙ୍କ ଭିତରୁ କେହୁଟା ସେ ଦର୍ଶା ଭାବରେ ବ ଦଳଉଠାଇ ଅଭିନନ୍ଦନ—ଦୁଇଁ ଚୋଖ ତଳରେ ଉଠିଛନ୍ତି ।

ସମସ୍ତେ ବରେନ୍, ସ୍ୱରପାଗେ ସେରିଯାଇ ଦେଖି ପ୍ରଶ୍ନ ପଚାରି ପକାଇଲେ । ନୀରବ ନିଶ୍ଚଳ ସ୍ଥାଣୁ ପ୍ରତିମା ପରି ବସି ରହିଲା ସେ ।

ପ୍ରଫେସର କ୍ଲାସକୁ ନେଲାବେଳେ ବରେନ୍, ନାଆଁ ଡାକିଲେ । ଉତ୍ତର ମିଳିଲା, ପରନ୍ତୁ ଚେହେରାର ଯୁବକ ଜ୍ୱାଳାମୟ ଉତ୍ତର ଦେଲା । ପ୍ରଫେସର ଦୂରରୁ ଦେଖି ଭାବିଲେ ନିଶ୍ଚୟ କେହି ନୂଆ ଅପେକ୍ଷାରତ ସାହସୀ ଛାତ୍ର ଜ୍ୱାଳାବୃଦ୍ଧି ପକାଇବାକୁ ବସିଛି । ପ୍ରଫେସର ତାକୁ ପାଖେ ଶିକ୍ଷା ଦେବାକୁ କହିଲେ, 'ଏଠିକି ଆସ ।'

ବରେନ୍, ଆସିଲା ।

ପ୍ରଫେସର ମୁହଁକୁ ଚାହିଁ କହି ଅନେକରେ ମୋଟା ଫ୍ରେମ ଚଷମା ଭିତରୁ । ନିଜର ଭୁଲ ବୁଝି ନିଶ୍ୱାସଟାଏ ମାରିଲେ ଦେବଳ ।

ସେଦିନ ପୁଣି ଆଉ ନମସ୍କାର, କ୍ଲାସ ।

ଟୋକି ଲେଡ଼ିଜ୍ ଦେଲେ Parker କଲମ କ୍ଲାସରେ ସ୍ୱୀକାର୍ଯ୍ୟ ସନ୍ଧି କରିଦେଲେ । ଏପରିକି ସ୍ମିତା ପାଖ ବେଞ୍ଚରୁ ଉଠେଇଦେଲେ, ଏହି ଦେଇ କଥାଏ ବସିଦେଲା ।

ସେଇଦିନରେ ବରେନ୍‌ର ଅନ୍ତର ଉଲ୍ଲସି ଉଠିଲା ସତେ ।

× ✓ +

ପ୍ରତ୍ୟେକ ସୋମବାର ବରେନ୍‌ର ବେଶ-ଭୂଷାରେ କିଛି ନା କିଛି ପରିବର୍ତ୍ତନ ଆସିଲା । ଗୋଟିଏ ସୋମବାରରେ ସେ ସୁଟ୍ ପିନ୍ଧି, ଟାଇରଡ଼ ଆସିଥିଲା । ଧିରକୁ ଫେର ଦିଆଯାଇ ବାହାର କରିବାକୁ ଚେଷ୍ଟାର ସାହାଯ୍ୟ ନେବାକୁ ପଡ଼ିଥିଲା ତାକୁ, ତା' ନ ହୋଇଥିଲେ, ଆଉ କିଛିକ୍ଷଣରେ ନିଃଶ୍ୱାସ ନେବା ପାଇଁ ବନ୍ଦ ହୋଇଯାଇ ଥାଆନ୍ତା ହୃଦୟର ।

ଏଣେ ଦୂରଠାରୁ, କ୍ଲାସ ରୁମ ସାରା, ସୋଲଷ୍ଟ୍ରିଲ ଗନ୍ଧରେ ମହକି ଉଠିଲା । ସମସ୍ତେ ଚାହିଁଲେ, ବରେନ୍, ଅତେ ତାର ପାଖରୁ ଗୋଲାପୀ ଅତରର ଉତ୍କଟ ସୁଗନ୍ଧ ପବନରେ ଦୂର ବୁଲୁଛି । ପ୍ରଫେସର ନାକରେ ରୁମାଲ ଦେଲେ ।

କ୍ଲାସ ପରେ ସବୁଦିନପରି ସ୍ମିତା ଆଜି ପଚାରିଲା, 'ଅଚ୍ଛା, ବରେନ୍‌ବାବୁ, ଆଜି କ୍ଲାସରେ କଣ ଏମିତି ବାସୁଥିଲା ତ ?'

ବରେନ୍, ଉତ୍ସାହରେ ପଡ଼ିଯାଇ ଉତ୍ତରଦେଲା—

—ଏଇ ମୁଁ ଟିକିଏ ଏସେନ୍ସ ଲଗେଇ ପକେଇ-ଥିଲି ଯେ—

—ଓ, ଚମତ୍କାର ଏସେନ୍ସ ତ ।

—ହଁ, ତାକୁ ଷ୍ଟାଲଠାରୁ କିଣି ଆଣିଥିଲି । ଦାମ ଅଧ ଅଉନ୍ତେ ପଡ଼ିଥିଲା, ସବୁଟିକ ଲଗେଇ-ପକେଇଥିଲି ।

ସ୍ମିତା ବ୍ଲାଉଜ୍ ଭିତରୁ, ଛୋଟ ପାଖରୁ ଗୋଲାପୀ ରୁମାଲଟି ବାହାର ମୁହଁ ପାଖରେ ଦେଇ ବସିଲା ।

ବରେନ୍, ଭାବିଲା, ସତେ ଅବା ସ୍ୱର୍ଗ ଆଉ ଛୋଟ ଅଛି ।

\+ + +

ସେଇଦିନରେ ବରେନ୍‌ର ମନ ସନ୍ତୋଷ ହେଲା ନାହିଁ ।

ରବିବାରଟା ଯାଇ ଟାଇମର ଯେତେବେଳ ନାମ-ଡାକ ଡାକ୍ତର ସମ୍ମୁଖ ବସିବ ଯାଇ, ଅଣ୍ଡ ପରୀକ୍ଷା କରେଇଲା ଭୁଲବୁଲ । ତାର ଦୁର୍ବଳ୍ୟକୁ ଚ' ଦେଖି, ସର୍ବସ୍ୱ କହିଲେ, ଦୃଷ୍ଟି ଶକ୍ତି କ୍ଷୀଣ, ଚଷମା ନେଲେ ଭଲ ନାହିଁ ।

ନୂଆ ଟୋପର ଶେଷରେ ସାଦା କାଚର ମୋଟା ଫ୍ରେମ ଲଗେଇ ଗୋଟାଏ ଚଷମା କିଣିଲା—ବୋମ୍ବେଠୁ ଆଣିଦେଲା—

( ଅବଶିଷ୍ଟାଂଶ ୬ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ

ଲେଖକ—ପ୍ରିୟ ରଞ୍ଜନ ସରକାର

ଓଡ଼ିଆ ସାହିତ୍ୟ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ଥିଲେହେଁ ଏହା ଉପରେ ଭାରତର ଅନ୍ୟାନ୍ୟ ସାହିତ୍ୟ ତୁଳନାରେ ବହୁ କାଳ-ପରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ପଡ଼ିଥିଲା । ଇଂରେଜମାନେ ବାଲେଶ୍ୱରରେ ପ୍ରଥମ ବ୍ୟବସାୟ କେନ୍ଦ୍ର ସ୍ଥାପନ କରିଥିଲେ । ଫରାସୀ ଓ ଓଲନ୍ଦାଜ ମାନେ ମଧ୍ୟ ଏହି ବାଲେଶ୍ୱରରେ ବ୍ୟବସାୟ ଆରମ୍ଭ କରିଥିଲେ । କିନ୍ତୁ ଇଂରେଜ ପ୍ରଭାବ ଅନେକ ଦିନ ପର୍ଯ୍ୟନ୍ତ ଓଡ଼ିଶାର ସାହିତ୍ୟକୁ ପ୍ରଭାବିତ କରିନାହିଁ । ଇଂରେଜ ମାନେ ଓଡ଼ିଶାକୁ ଅଧିକାର କଲେ ୧୮୦୩ ଖ୍ରୀଷ୍ଟାବ୍ଦରେ; ମାତ୍ର ତାହାର ବହୁ ଦିନ ପୂର୍ବରୁ ଓଡ଼ିଶାର ଉତ୍ତରଅଂଶ ସେମାନଙ୍କର କରାୟତ୍ତ ହୋଇଥିଲା ଓ ବ୍ୟବସାୟ ସୂତ୍ରରେ ଏଠା ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଏକାନ୍ତ ପ୍ରୟୋଜନ ହେବାରୁ ଓଡ଼ିଆଲିପି ଭାଷା ସହିତ ଇଂରେଜମାନେ ପରିଚିତ ହୋଇଥିଲେ ଓ ଫୋର୍ଟଉଇଲିଅମରୁ ପ୍ରକାଶିତ ଗୋଟିଏ ପ୍ରାଚୀନ ଅଭିଧାନରେ ଓଡ଼ିଆ ପ୍ରତିଶବ୍ଦ ଓଡ଼ିଆ ଲିପିରେ ଦିଆଯାଇଥିଲା । ବାଣିଜ୍ୟ ବ୍ୟପଦେଶରେ ପାଶ୍ଚାତ୍ୟ ଜାତି ମାନଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥିବାରୁ ଅନେକ ପାଶ୍ଚାତ୍ୟ ଶବ୍ଦ ଓଡ଼ିଆରେ ପ୍ରଚଳିତ ହୋଇଥିଲା କିନ୍ତୁ ସାହିତ୍ୟରେ ପାରସି ବା ହିନ୍ଦି ଶବ୍ଦ ଅବାଧରେ ବ୍ୟବହୃତ ହୋଇ ଥିବାସ୍ଥଳେ ପୋର୍ତ୍ତୁଗୀଜ ପ୍ରଭୃତି ଭାଷାର ଶବ୍ଦ ସାହିତ୍ୟରେ ସ୍ଥାନ ପାଇପାରି ନଥିଲା । କିନ୍ତୁ ବୋଧହୁଏ ସାଧାରଣ ଲୋକଙ୍କ ମଧ୍ୟରେ ବହୁ ସଂଖ୍ୟାରେ ପ୍ରଚଳିତ ହୋଇ ଯାଇଥିଲା । ଯାହାହେଉ ୧୮୦୩ ଖ୍ରୀଷ୍ଟାବ୍ଦ ପୂର୍ବରୁ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବର ସନ୍ଧାନ କରିବା ଅନୁଚିତ ।

ଓଡ଼ିଶାରେ ଇଂରେଜ ରାଜତ୍ୱ ସ୍ଥାପିତ ହୋଇ ଥିଲେହେଁ ବହୁ କାଳ ପର୍ଯ୍ୟନ୍ତ ଇଂରେଜି ଭାଷା ଶିକ୍ଷାପ୍ରାପ୍ତ ଲୋକଙ୍କର ଅଭ୍ୟୁଦୟ ଜାତ ହୋଇନଥିଲା । ଓଡ଼ିଶାର ଲୋକେ ଗୃହକର ଆନନ୍ଦରେ କାଳାତିପାତ କରୁଥିଲେ । ଇଂରେଜି ଭାଷା ଶିକ୍ଷା କରି ଚାକିରି ଦ୍ୱାରା ପେଟ ପୋଷିବାକୁ ଲାଳାୟିତ ହେଉ ନଥିଲେ । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇଂରେଜ ରାଜାଥିଲେ ମାତ୍ର ଓଡ଼ିଶାର ଲୋକେ ସ୍ୱାଧୀନ ଭାବରେ ପଢ଼ା ଆରମ୍ଭ କରୁଥିଲେ । ସ୍ୱାଧୀନ—ଭାବରେ ସେ ଧର୍ମର ଆଲୋଚନା କରୁଥିଲେ, ସେ ପ୍ରକୃତରେ ଭଲ ସୁଖ-ସ୍ୱାଚ୍ଛନ୍ଦ୍ୟରେ ଜୀବନଯାପନ କରୁଥିଲେ । ଏଣୁ ଇଂରେଜି ସାହିତ୍ୟ ସହିତ ସେମାନଙ୍କର ପରିଚୟ ଘଟିନଥିଲା ଓ ଇଂରେଜି ସାହିତ୍ୟର ପ୍ରଭାବ ମଧ୍ୟ ଅନୁଭୂତ ହେଉ ନଥିଲା । ୧୮୩୬ରେ Macaulay ସାହେବଙ୍କ ନିର୍ଦ୍ଧାରଣ ମତେ ଭାରତରେ ସର୍ବତ୍ର ଇଂରେଜି ଶିକ୍ଷା ପ୍ରବର୍ତ୍ତିତ ହେଲା, ଇଂରେଜି ପଢ଼ିବା ନିମନ୍ତେ ସ୍କୁଲ ସ୍ଥାପିତ ହେଲା । ଓଡ଼ିଶାରେ କିନ୍ତୁ ଏହାର ପ୍ରଭାବ ଅନେକ ଦିନ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇ ନଥିଲା । ଇଂରେଜ ମାନଙ୍କର ଉଦ୍ଦେଶ୍ୟ ଥିଲା ଯେ ରଙ୍ଗ ରକ୍ତ ଆଦି ମଧ୍ୟ ଏପରି ଦଳେ ଭାରତୀୟ ସୃଷ୍ଟି କରିବେ ଯେଉଁ ମାନେକି ଅନ୍ୟ ସବୁ ବିଷୟରେ କଥାରେ, ଆଚରଣରେ, ରୁଚିରେ, ବେଶ ଭୂଷାରେ ପୁରା ସାହେବ ହୋଇ ଇଂରେଜ ସଭ୍ୟତାର ଅନୁକରଣ କରି ରାଜାଙ୍କର ସହଜରେ କାର୍ଯ୍ୟ ଉଦ୍ଧାର କରିବେ । ଅନୁକ୍ରମରେ ଓଡ଼ିଶାର ଅଧ୍ୟାପକଶ୍ରେଣୀ ଦେଶର କ୍ରମେ ଏପରି ଲୋକଙ୍କର ଆବିର୍ଭାବ ହେଲା କିନ୍ତୁ ୧୮୬୬ରେ ଯେଉଁ ନଅଙ୍କ ଦୁର୍ଭିକ୍ଷ ହେଲା ତାହାଦ୍ୱାରା ଓଡ଼ିଆସମାଜ ଏତେ ବିପର୍ଯ୍ୟସ୍ତ ହୋଇ ଉଠିଲା ଓ ଲୋକେ ଏତେ ବ୍ୟସ୍ତ ହୋଇ ପଡ଼ିଲେ ଯେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ସେମାନଙ୍କ ଉପରୁ ଉଭେଇ ଗଲା ।

୧୮୬୬ ଖ୍ରୀଷ୍ଟାବ୍ଦପରେ କିନ୍ତୁ ଏହି ପ୍ରଭାବ ନାନା ଭାବରେ ସମାଜରେ ଅନୁଭୂତ ହୋଇ ସମାଜକୁ ନିୟନ୍ତ୍ରିତ କରିବାର ଚେଷ୍ଟା କରିଥିଲା । ସ୍ୱାଧୀନ ଶିକ୍ଷାପ୍ରାପ୍ତ ଲୋକଙ୍କର ବିତୃଷ୍ଣା ଅଧିକ କାରଣ ସ୍ୱାର୍ଥ ବଶ ହୁଏ ସେମାନଙ୍କ କରିବା ଉପରେ ଲୋକଙ୍କର ପ୍ରବୃତ୍ତି ବଢ଼ିଲା । ଭାରତର ସମାଜ କ୍ରମଶଃ ଲୋପ ପାଇଲା କାରଣ ଏକ ଦିଗରେ ଭାଷା ବଡ଼ ମୂଲ୍ୟର ହେବାକୁ ଆରମ୍ଭ ହେଲା, ଅନ୍ୟ ଦିଗରେ ମାମଲତକାରମାନେ ମାଲିକ୍‌ମାନଙ୍କ ଉପରେ ଇଂରେଜ ପ୍ରତିଷ୍ଠିତ କୋର୍ଟ କଚେରିରେ ଇଂରେଜି ଶିକ୍ଷିତ ଓକିଲ ମୁକ୍ତାର ଦ୍ୱାରା ନ୍ୟାୟ ଅନ୍ୟାୟର ବିଚାର କରାଇ ଗ୍ରାମ୍ୟ ଜୀବନକୁ ଦୁର୍ବିସହ କରି ଦେଉଥିଲେ । କ୍ରମେ ଓଡ଼ିଶାରେ ପ୍ରତିଷ୍ଠିତ ଇଂରେଜି ସ୍କୁଲ ମାନଙ୍କରୁ ଯେଉଁ ଛାତ୍ରମାନେ ବାହାରିଲେ ସେମାନେ ଓଡ଼ିଆ ଭାଷାର ନୂତନ ସୃଷ୍ଟିରେ ବ୍ରତୀ ହୋଇ ପାଶ୍ଚାତ୍ୟ ସାହିତ୍ୟର ଅନୁକରଣରେ ଦେଶୀ ସାହିତ୍ୟ ଗଠନ କରିବାର ପ୍ରୟାସ କଲେ । ଏହି ସମୟରୁ ଅର୍ଥାତ୍ ପ୍ରାୟ ୧୮୭୫—୧୮୮୦ ଖ୍ରୀ:ଠାରୁ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ପୂର୍ଣ୍ଣ ଭାବରେ ଦେଖାଦେଲା ।

ଓଡ଼ିଆ ସାହିତ୍ୟରେ ଏ ଯାବତ୍ ଯାହାଥିଲା ତାହା କାବ୍ୟ ଉପରେ ପୂର୍ଣ୍ଣ ପ୍ରାଚୀନ କାଳର ଧର୍ମଗ୍ରନ୍ଥ, ଜାଗରଣ, ଚଉତିଶା, ବାରମାସୀ-ସଂକ୍ଷିପ୍ତ-ମହାଭାରତର ଭାବାନୁବାଦ ପ୍ରଭୃତିଦ୍ୱାରା ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଥିଲା । ମଧ୍ୟବର୍ତ୍ତୀ ଯୁଗର ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କ ଦ୍ୱାରା ମଧ୍ୟ ଓଡ଼ିଆ ସାହିତ୍ୟ ନାନା ପ୍ରକାରେ ଅଳଂକୃତ ହୋଇଥିଲା । କିନ୍ତୁ ଓଡ଼ିଆ ସାହିତ୍ୟରେ ଅଭାବ ଥିଲା ଗଦ୍ୟ ସାହିତ୍ୟର, ନାଟ୍ୟ ସାହିତ୍ୟର ଓ ବର୍ଣ୍ଣନାତ୍ମକ ସାହିତ୍ୟର । ଯେଉଁ ବାଳକ ମାନେ ଇଂରେଜି ସ୍କୁଲ ମାନଙ୍କରେ ପଢ଼ିଥିଲେ ସେମାନେ ଏକ ନୂତନ ସାହିତ୍ୟରସର ସନ୍ଧାନ ପାଇଲେ । ଏହାକୁ Romantic literature

( ମଲାଟର ୪ ପୃଷ୍ଠା ଭିତରୁ )

ଏ ମହଙ୍ଗା କାଳରେ ମଧ୍ୟ ଗୋଟିଏ ମାସର ଖାଇବା ଖର୍ଚ୍ଚ ।

ଠିକ୍ ସାତେ ଦଶଟା ବେଳେ ଘଣ୍ଟା ବଜାକୁ ସେ ପହଞ୍ଚେ । ସେଦିନ ଜାଣିଶୁଣି ପଦଲିବିନିଃ ଡେରି କରି ଗଲା—ଯେପରିକି ସ୍ନିଗ୍ଧାର ଦୃଷ୍ଟି ତା’ର ନୂଆ ଚଷମାକୁ ଆକର୍ଷଣ କରିପାରିବ ।

ଯେତେବେଳେ ସେ ଚଷମା ପିନ୍ଧି କ୍ଲାସରେ ପଶିଗଲା, ସବୁ ପିଲାଏ ସମସ୍ୱରରେ ହସ୍ ହସ୍ ଚିତ୍କାର କଲେ । ସେ ସେଆଡ଼କୁ ଖାତିର ନକରି ନିଜ ଟେବୁଲରେ ବସିପଡ଼ି ଅନାଇଲା— ସ୍ନିଗ୍ଧାର ସିଟ୍ ଖାଲି । ହଠାତ୍ ମୁହଁଟା ତାର କଳା ପଡ଼ିଗଲା— ସ୍ନିଗ୍ଧା ତ ଆସିନାହିଁ ।

ପ୍ରଫେସର ହାଜର ନେଲେ— ସ୍ନିଗ୍ଧାର ନାମ ଡାକନ୍ତେ ନାହିଁ । ନରେନ୍ଦ୍ରର ଉତ୍କଣ୍ଠା ବଢ଼ିଲା— ସ୍ନିଗ୍ଧା କାହିଁ ଗଲା ?

କ୍ଲାସ ପରେ ଦେଖିଲା ଗୋଟିଏ ମୟୂରକଣ୍ଠି ଲଫାଫା— ଉପରେ ତାର ନାଁ ସ୍ପଷ୍ଟ ସୁନ୍ଦର ଅକ୍ଷରରେ ଶୋଭୁଛି— ତାକୁ ଅପେକ୍ଷାକରି ରହିଛି ।

ଫିଟେଇ ଦେଖିଲା—

—ସ୍ନିଗ୍ଧା ଲେଖିଛି—

ପ୍ରିୟ ନରେନ୍ଦ୍ର, ବାବୁ !

ଶୁଣି ଦୁଃଖିତ ହେବେ ଯେ, ମୁଁ କଲେଜରୁ ନାମ କଟାଇ ଆଣିଛି । କିନ୍ତୁ ଶୁଣି ଖୁସୀ ହେବେ ଯେ ମୋର ବିବାହ ଆସନ୍ତା ସୋମ ବାରରେ ହେବ । ସେଥିପାଇଁ ଆପଣଙ୍କର ମୂଲ୍ୟବାନ୍ ସମୟ ନଷ୍ଟକରି ଏ ବିବାହ ଉତ୍ସବରେ ଯୋଗ ଦେବାକୁ— ସବିଶେଷ ଅନୁରୋଧ—ଇତି ।

ନରେନ୍ଦ୍ରର ହାତପାପୁଲି ଝିମିଝିମି ହୋଇ ଆସିଲା । ଲଫାଫା ଓ ତା ଭିତରୁ ଗୋଲାପୀ ନିମନ୍ତ୍ରଣ ପତ୍ର ପବନରେ ଉଡ଼ିଗଲା । ସେ କାଠଭଳି ବସିରହିଲା ।

\+ + +

ଏକମାସ ଅନୁପସ୍ଥିତି ପରେ ନରେନ୍ଦ୍ର ଆଜି ଆସିଛି । ସେହି ମଫସଲ ଲୁଗା ଆଉ ଖାଦିର ହାଫ୍ ସାର୍ଟ । ମୁଣ୍ଡର ବାଳ ପୂର୍ବପରି ଖେଟ ଖେଟ । କେବେ କାହିଁକି ଆଉ ନାକରେ ଚଷମାର ଗୋଡ଼ଟିଏ ଉଠି ପାରିବ ତାହିଁ; ଏତିକି ମାତ୍ର ଦାଗ ।

ଏବେ ମଧ୍ୟ ସେ ଦୁଇଟି ଜିନିଷର ନାମ ଶୁଣିଲେ ଚମକି ଉଠେ—ଗୋଟିଏ ହେଉଛି—ଚଷମା ଅନ୍ୟଟି ଏସେନ୍ସ ।

—*—

Digitized by srujanika@gmail.com

ହୋଇଯାଏ. ଏହା Scott. Byron, Words-Worth ପ୍ରଭୃତିଙ୍କଦ୍ୱାରା ସେତେ ସାହିତ୍ୟ, ଏହା ଲୋକରେ ପୂର୍ଣ୍ଣ ଜନ୍ମ ଏ ଘର ଦେଶାତ୍ମ ବୋଧ ସହିତ ସମ୍ପୃକ୍ତ, ଏମାନେ Shakespeare ଙ୍କ ନାଟକ ପଢ଼ିଲେ, Scott ଙ୍କ ନଭେଲ ପଢ଼ିଲେ, Addison ଙ୍କ essay ପଢ଼ିଲେ, ସ୍ୱାଭାବିକ ସହିତ ଶେଷ ଭାବରେ ପରିଚିତ ହେଲେ। ସେଠିଏ ଯେତେ ସାହିତ୍ୟ ଉପରେ ସେମାନଙ୍କ ଦୃଷ୍ଟିରେ ଆକର୍ଷିତ ହୋଇ ଉଠିଲ ଓ ଏହାର ଫଳରେ ସେମାନେ ନୂତନ ସାହିତ୍ୟ ସୃଷ୍ଟି କରିବା ନିମନ୍ତେ ବ୍ରତୀ ହେଲେ। ଫଳରେ ସ୍ତ୍ରୀ ଓ ପୁରୁଷର ସାଭ ପ୍ରତିସାଦ ମଧ୍ୟରେ ... ବିଷୟରେ ଉଦାହାରଣ ଦୃଶ୍ୟକାବ୍ୟ, ... ମଧ୍ୟ ପଦ୍ୟ କାବ୍ୟ, ରାଧାନାଥଙ୍କର ... କାବ୍ୟ, ଚାଁଦିକାହାଣୀ ପତ୍ର ନାଟକ ଓ ଅନ୍ୟାନ୍ୟ ଏକ ସମ୍ପୂର୍ଣ୍ଣ ନୂତନ ଗଦ୍ୟ ସାହିତ୍ୟ ପ୍ରବର୍ତ୍ତିତ ହୋଇ ଉତ୍କଳ ସାହିତ୍ୟରେ ନବ୍ୟାଦର୍ଶ ଓ ନୂତନଙ୍କା ସମାବେଶର ସୂଚନା ଦେଲା।

ଓଡ଼ିଆର ଏଥି ପୂର୍ବେ ଥିଲା ମାଦଳା ପାଞ୍ଜିର ବର୍ଣ୍ଣନା; ଏହାର ଐତିହାସିକ ମୂଲ୍ୟ ଥିଲେ ହେଁ ସାହିତ୍ୟିକ ମୂଲ୍ୟ ଅଳ୍ପ। ଅନ୍ୟ ପୁସ୍ତକ ମାନଙ୍କ ମଧ୍ୟରେ ବ୍ରଜନାଥ ବଡ଼ ଜେନାଙ୍କ ଗଳ୍ପ ପୁସ୍ତକ ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଥିଲା। କିନ୍ତୁ ଫକୀର ମୋହନ ଗଳ୍ପ ଉପନ୍ୟାସ ଆଦିଦ୍ୱାରା, ମଧୁସୂଦନ ନାନା ପ୍ରବନ୍ଧ ଦ୍ୱାରା ରାମଶଙ୍କର ଉପନ୍ୟାସ ଦ୍ୱାରା ଗୌରୀଶଙ୍କର ସାମ୍ବାଦିକ ରଚନା ଦ୍ୱାରା ଓ ବିଶ୍ୱନାଥ, ମୃତ୍ୟୁଞ୍ଜୟ ଗୋପୀନାଥ ପ୍ରଭୃତି ସମାଲୋଚନା ଦ୍ୱାରା କ୍ରମଶଃ ଗଦ୍ୟ ସାହିତ୍ୟର ପତ୍ତନ କରିଥିଲେ ଓ ଏମାନେ ସମସ୍ତେ ପାଶ୍ଚାତ୍ୟ ସାହିତ୍ୟର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ସୃଷ୍ଟି କାର୍ଯ୍ୟରେ ବ୍ରତୀ ହୋଇଥିଲେ।

ନାଟ୍ୟ ସାହିତ୍ୟ କ୍ଷେତ୍ରରେ ଓଡ଼ିଶାରେ ଥିଲା ସୁଆଙ୍ଗ ଯାତ୍ରା ପ୍ରଭୃତି। ଆଧୁନିକ ନାଟକ ଓ ରଙ୍ଗମଞ୍ଚର ପରିକଳ୍ପନା ପାଶ୍ଚାତ୍ୟ ପ୍ରଭାବର ଫଳ ଏହି ସାହିତ୍ୟର ପ୍ରତିଷ୍ଠାତା ରାମଶଙ୍କର ଓ ସେକ୍ସପିୟରଙ୍କ ନାଟକ ଏହାଙ୍କ ଆଦର୍ଶ। କିଛିଦିନ ମଧ୍ୟରେ ଓଡ଼ିଆ ଭାଷାରେ ନାନା ନାଟକ ରଚିତ ହୋଇ ନାନା ରଙ୍ଗମଞ୍ଚରେ ନାନା ସାମାଜିକ ପରିସ୍ଥିତି ମଧ୍ୟରେ ଗତିକରି ବର୍ତ୍ତମାନ ଯେଉଁ ନାଟ୍ୟ ସାହିତ୍ୟ ଓଡ଼ିଶାରେ ସୁପ୍ରତିଷ୍ଠିତ ହୋଇ ଅଛି ତାହା ମୂଳତଃ ପାଶ୍ଚାତ୍ୟ ପ୍ରଭାବର ଫଳ।

ପଦ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ନାନା ଭାବରେ ଦେଖାଯାଏ। ଓଡ଼ିଆରେ ରସାଳ କାବ୍ୟ କବିତାର ଅଭାବ ନଥିଲା, କିନ୍ତୁ ଯାହା ଏକଶତାବ୍ଦୀ ଧରି ଗଢି ଉଠିଥିଲା ସେଥିରେ ଯେ ପ୍ରୟୋଗର ନୈପୁଣ୍ୟ, ଭାଷାର ଚମତ୍କାରିତା ଥିଲେହେଁ କେତେକ ସୁନିର୍ଦ୍ଦିଷ୍ଟ ଗଣ୍ଡି ମଧ୍ୟରେ ସାହିତ୍ୟ ପରିବର୍ଦ୍ଧିତ ହୋଇଥିଲା। ପାଶ୍ଚାତ୍ୟ ପ୍ରଭାବରୁ ଏହିସବୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଓ ତାହା ସ୍ଥାନରେ ଏକ ନୂତନ ସାହିତ୍ୟ ଗଢ଼ି ଉଠିଲା। ଏହି ନୂତନ ସାହିତ୍ୟର ଆଦର୍ଶ ଇଂରାଜୀ Romantic ସାହିତ୍ୟ। ଏଥିରୁ ଆସିଲା ପ୍ରକୃତିର ଅବାଧ ବର୍ଣ୍ଣନା, ହୃଦୟର ଆବେଗର ସମ୍ୟକ ପ୍ରକାଶ, ପ୍ରଗାଢ଼ ଦେଶାତ୍ମ-ବୋଧ ଓ ସେଥିରେ ଉଦ୍ଭୂତ ହୃଦ୍ ସ୍ଥାନର ସୌନ୍ଦର୍ଯ୍ୟ ପ୍ରତି ଭାବ-ବିମୁଗ୍ଧ ଶ୍ରଦ୍ଧା, ଅନ୍ତରର ଦୁଃଖାନୁଭୂତିର ପ୍ରାଚୁର୍ଯ୍ୟ ମଧ୍ୟରେ ଆନନ୍ଦର ସନ୍ଧାନ, ଗତିକୁ ଲଂଘନ କରି ସେଇ ନୂତନ ଭାବ ଧାରାକୁ ସ୍ୱଚ୍ଛ ଭାବରେ ପ୍ରକାଶ କରିବାର ପ୍ରୟାସ। ଏହାର ଦ୍ୱାରା ଅନୁପ୍ରାଣିତ ହୋଇ ସାହିତ୍ୟିକ ମାନେ ଦେଶ ମାତୃକାର ସନ୍ଧାନ ପାଇଲେ, ଶଳକା ପରି କାବ୍ୟ ରଚିତ ହେଲା, ଦରବାର ପରି ବାସ୍ତବ ବ୍ୟଙ୍ଗ ସାହିତ୍ୟ ଲିଖିତହେଲା, କବି ଗାଇ ପାରିଲେ 'ମନ୍ଦିଶିଷ୍ୟ' ମୁହିଁ ଦୁଃଖ ସୁନ୍ଦରର। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ବା ଲାବଣ୍ୟବତୀ ପରି ଦେଶ କାଳାତୀତ ସ୍ୱପ୍ନ ସୁନ୍ଦରୀ ପରିବର୍ତ୍ତରେ ଉତ୍କଳର ପ୍ରତି ପଲ୍ଲୀର ପ୍ରେମପ୍ରୀତିଡସରା ସ୍ତ୍ରୀଲୋକମାନଙ୍କର ଛବି ସାହିତ୍ୟରେ ଫୁଟି ଉଠିଲା ଓ ସାହିତ୍ୟରେ ଛନ୍ଦ ଝଂକାର ଯୁକ୍ତ ଶବ୍ଦ ବାହୁଲ୍ୟ ପୂର୍ଣ୍ଣ ରଚନା କୌଶଳ ପରି-ବର୍ତ୍ତରେ ପ୍ରାଣର ସଘନ ସ୍ୱଳ୍ପାଳଂକାର ଯୁକ୍ତ ଆବେଗମୟ ଭାବ ପ୍ରକାଶର ଲାଳାୟିତ ଗତି ଅନୁଭୂତ ହେଲା। ସାହିତ୍ୟରେ ଏହି ଯେଉଁ ଗୁରୁମୂଳ ପରିବର୍ତ୍ତନ ଏହାହିଁ ପାଶ୍ଚାତ୍ୟ ସାହିତ୍ୟର ଉତ୍କଳ ସାହିତ୍ୟ ଉପରେ ଅସୀମ ପ୍ରଭାବର ଫଳ। ସାହିତ୍ୟିକ ନୂତନ ଦୃଷ୍ଟି ପାଇଲେ, ନୂତନ ଆଦର୍ଶରେ ଅନୁପ୍ରାଣିତ ହେଲେ, ନୂତନ ସୃଷ୍ଟି କରିବାର ପ୍ରୟାସ କଲେ ଓ ଗୋଟିଏ ସଜୀବ ପ୍ରାଣବନ୍ତ ସାହିତ୍ୟ-ଶିଶୁ ଉତ୍କଳ ମାତୃକୋଡ଼ରେ ଅବତୀର୍ଣ୍ଣ ହୋଇ ସମସ୍ତଙ୍କୁ ସଚକିତ କରିଦେଲା।

ତାପରେ ସାହିତ୍ୟ କ୍ରମଶଃ ନୂତନ ନୂତନ ରଚନା ଦ୍ୱାରା ନୂତନ ଭାବଧାରା ଦ୍ୱାରା ସମୃଦ୍ଧ ହୋଇଅଛି। ବର୍ତ୍ତମାନ ରୁଷ ସାହିତ୍ୟ, ଜର୍ମାନ ସାହିତ୍ୟ, ଅନେକ ଛାର ସାହିତ୍ୟର ଛାୟା ଉତ୍କଳ ସାହିତ୍ୟ ଉପରେ ପଡ଼ିଅଛି ଓ ସାହିତ୍ୟର କ୍ରମଶଃ ଅଭିବୃଦ୍ଧି ମଧ୍ୟ ଘଟୁଅଛି।

( ବାଲେଶ୍ୱର କଲେଜରେ ଶିକ୍ଷା ସପ୍ତାହରେ ଅଧ୍ୟାପକ ପ୍ରିୟରଞ୍ଜନ ସେନଙ୍କର ଦେଇଥିବା ବକ୍ତୃତାର ସାରାଂଶ )

---

## କୁତକୁତ୍

ପ୍ରଫେସର—କି ହୋ! ତୁମେ କ୍ଲାସରେ ଢୋଳଉଛ କାହିଁକି? ତୁମେ କଣ କବାଡ଼ୁଛ?

ଛାତ୍ର—ସାର ଆପଣ ତ ଖୁବ୍ କମ୍ ଧନ ହେଲ ବାହା ହୋଇଛନ୍ତି—ଆପଣ କାହିଁକି ଢୋଲଉ ...

(...) × × ×

Digitized by srujanika@gmail.com

# ମୌଳିକ ଶିକ୍ଷା

ଲେଖକ— **ଶ୍ରୀ ମହେନ୍ଦ୍ରନାଥ ମହାନ୍ତି**

ଜଗତକୁ ଗାନ୍ଧିଜୀଙ୍କ ଦାନ ମଧ୍ୟରେ ମୌଳିକ ଶିକ୍ଷାହିଁ ଶ୍ରେଷ୍ଠ ଦାନ। ମୌଳିକ ଶିକ୍ଷାର ଅନ୍ୟନାମ 'ନଇତାଲିମ' ବା 'ବୁନିୟାଦୀ' ତାଲିମ। ସମସ୍ତେ ନଇ ତାଲିମ ନାମ ଶୁଣିଥିଲେ କିନ୍ତୁ ନଇ ତାଲିମରୁ ରସ ଆସ୍ୱାଦନ କରି ନ ଥିବେ। ନଇତାଲିମର ବ୍ୟାପକ ପ୍ରଚାର ଓ ସର୍ବତ୍ର ସ୍ଥାପନର ବ୍ୟବସ୍ଥା ହୋଇ ନ ଥିବାରୁ କେବଳ ପୁସ୍ତକ ପୁସ୍ତିକା ବା ଖବର କାଗଜ ପଢ଼ି ଅଥବା କିମ୍ବା ମୌଳିକ ଶିକ୍ଷା ଅନୁଷ୍ଠାନରେ ଘଣ୍ଟାଏ ଦୁଇଘଣ୍ଟା ବୁଲି-ଗଲେ କେହି ନଇତାଲିମର ସ୍ୱାଦ ଅନୁଭବ କରି ପାରିବେ ନାହିଁ। ତେଣୁ ନଇତାଲିମକୁ ଅନୁଭବ କରିବାକୁ ହେଲେ ବା ସେଥିରୁ ରସ ପାଇବାକୁ ହେଲେ ସେହିପରି ଅନୁଷ୍ଠାନ ସହିତ ଓତଃପ୍ରୋତଃ ଭାବରେ ମିଶିବାକୁ ହେବ। ତଥାପି ଥରେମାତ୍ର ସେହିପରି ଅନୁଷ୍ଠାନ-ମାନଙ୍କରେ ବୁଲି ଆସିଲେ କିଛି ନା କିଛି ଧାରଣା ହୋଇ ପାରିବ।

'ନଇତାଲିମ'ର ଅର୍ଥ ନୂତନ ସଭ୍ୟତା ଅର୍ଥାତ ବର୍ତ୍ତମାନ ଯେଉଁ ସଭ୍ୟତା ଚାଲିଛି ତାହାର ଠିକ୍ ଓଲଟା। ସେଥିରେ ପରିବାର ଛୋଟ ହୋଇ ରହିବ ନାହିଁ। ଯନ୍ତ୍ରାଧାରି ନାତ ହେବନାହିଁ। ଶାରୀରିକ ପରିଶ୍ରମ ନ କରି କେହି ରହି ପାରିବେ ନାହିଁ। ସରଳ ଜୀବନ ସହିତ ଉଚ୍ଚ-ଚିନ୍ତା ସ୍ଥାନ ପାଇବ। ଏହାପିଲାର ଶରୀର ବୁଦ୍ଧି ଓ ଆତ୍ମା—ଏହି ତିନୋଟିର ସମ-ତୁଲ ଓ ସୁସମଞ୍ଜସ ବିକାଶ ଦ୍ୱାରାହିଁ ସମ୍ଭବପର।

'ନଇତାଲିମ' ଦେଶର ଧନ ବଢ଼ା-ଇବ। ଦେଶବାସୀଙ୍କୁ ସୁଖୀ, ଶାନ୍ତ ଓ ହୃଷ୍ଟପୁଷ୍ଟ କରାଇବ। ଏହା ନ ହୋଇ ପାରିଲେ ନଇତାଲିମରେ କିଛି ଦୋଷ ରହିଲା ବୋଲି ଗାନ୍ଧିଜୀଙ୍କ ମତ।

ନଇତାଲିମ ଦେଶର ବସ୍ତ୍ର ଓ ଖାଦ୍ୟ ସଂକଟ ଦୂରକରିବ। ପ୍ରକୃତରେ ନଇତାଲିମ ଚାଲିଲେ ଦେଶରେ ବସ୍ତ୍ର ଓ ଖାଦ୍ୟ ଦୁର୍ଭିକ୍ଷ ପଡ଼ିବ ନାହିଁ। ଏ ଶିକ୍ଷାଦ୍ୱାରା ଦେଶରେ ପ୍ରକୃତ ସାମ୍ୟବାଦ ପ୍ରତିଷ୍ଠା ହେବ—ଯେଉଁ ସାମ୍ୟବାଦରେ ଦୁଃଖ ଦୈନ୍ୟ ରହିବ ନାହିଁ, ସମସ୍ତେ ସୁଖ ଆନନ୍ଦରେ ରହିବେ।

ନଇତାଲିମରେ ଖେଳ ଓ କାମ ଦୁଇଟି ଅଲଗା ଜିନିଷ ନୁହେଁ। ଏଥିରେ କେତେଘଣ୍ଟା ଖେଳ ଓ କେତେଘଣ୍ଟା କାମ ନାହିଁ। ନଇତାଲିମରେ ପିଲା ଖେଳି ଖେଳି ଶିଖିବେ ଓ ଲେଖାପଢ଼ା ଏବଂ କାମ ତାର ଖେଳ ହେବ।

ନଇତାଲିମ ତା ନିଜର ଖର୍ଚ୍ଚ ନିଜେ ତୁଲାଇବ ଅର୍ଥାତ ନଇତାଲିମ ସ୍ୱାବଲମ୍ବୀ ହେବ। ଯେଉଁଠି ଏ ଶିକ୍ଷା ସ୍ୱାବଲମ୍ବୀ ହୋଇ ନ ପାରିବ ତାହା ଶିକ୍ଷାର ଦୋଷ ନୁହେଁ। ଦୋଷ ଶିକ୍ଷକ ବା ଶିକ୍ଷା ପରିଚାଳକଙ୍କର।

ମୌଳିକ ଶିକ୍ଷାର ଶିକ୍ଷକ କାରୀଗର ହେବ, କେବଳ ଦରମା ନେଇଥିଲା ନୁହେଁ। ତାଙ୍କର ମାସିକ ଖର୍ଚ୍ଚ ଏଥିରୁ ଉଠିବ। ତାଙ୍କର ସ୍ତ୍ରୀ ଓ ପିଲାଙ୍କୁ ମଧ୍ୟ ଏହା ଭିତରକୁ ଆସିବାକୁ ହେବ। ତେବେଯାଇଁ ଖାଣ୍ଟି ସହଯୋଗର ଉଦ୍ଭବ ହେବ।

ମୌଳିକ ଶିକ୍ଷାର କ୍ଷେତ୍ର ବହୁତ ବଡ଼। ତାକୁ ସମଗ୍ର ଜୀବନର ସମସ୍ୟାକୁ ସମାଧାନ କରିବାକୁ ହେବ। ପିଲା ଓ ଶିକ୍ଷକ ନିଜେ ସମସ୍ତେ ମିଶି କାମ କରିବେ ଓ ନିଜର ଅଭାବ ନିଜେ ପୂରଣ କରିବେ।

ଏଥିରୁ ପାଠକ ପାଠିକାମାନେ ଭାବିବେ ନାହିଁ ଯେ ଏ ଶିକ୍ଷାରେ ଶିକ୍ଷକ ଓ ପିଲାମାନେ କୁଲିମଜୁରିଆ ପାଲଟି ଯାଉଥିବେ। ଏ ଶିକ୍ଷା ବୁଦ୍ଧି ଓ କର୍ମକୁ ଯୋଡ଼ୁଛି, ମଜୁରିଆର ଯେଉଁ ସମ-ୟରେ ଯେଉଁ କାମ କରିବ ନଇତାଲିମର ଛାତ୍ରଛାତ୍ରୀ ତାହାର ବୁଦ୍ଧିବଳରେ ଦୁଇ-ଗୁଣ କାମ କରିପାରିବ। ଏଥିରେ ଦେଖାଣିଆ କାମର ସ୍ଥାନ ନାହିଁ। ପ୍ରତ୍ୟେକ କାମ ହୃଦୟର ସହିତ ହେବ।

ମୌଳିକ ଶିକ୍ଷା କୌଣସି ପେଷା ଶିଖାଏ ନାହିଁ। ମାତ୍ର ହାତକୁ କଳାକୌଶଳ ଦେଇ ମଣିଷ ଗଢ଼େ। ପିଲାକୁ ଜୀବନ ରସ ଦିଏ। ମୌଳିକ ଶିକ୍ଷା ଅପୂର୍ଣ୍ଣ ମନୁଷ୍ୟକୁ ସମ୍ପୂର୍ଣ୍ଣ କରେ।

ଏ ନୂଆ ସମାଜର ପିଲା ନିଜର ଦାୟିତ୍ୱ ନିଜେ ବୁଝିବ। ନିଜେ ନିଜର ଦାୟିତ୍ୱ ବୁଝି କାମ ନ କଲେ ବା ଅଳ୍ପ କଥାରେ ଉତ୍ତମ ନାଗରିକ ହୋଇ ନ ପାରିଲେ ସମାଜ ପଙ୍ଗୁ ହୋଇଯିବ। ଏ ସମାଜରେ ଦୈନନ୍ଦିନ କଟାଇବା ପାଇଁ ରୁଟିନର ଆବଶ୍ୟକତା ଅଛି। କିନ୍ତୁ ଏଥିରେ କାମର ରୂପ, ପ୍ରକାର ଓ ସମୟ ବଦଳି ଯାଇପାରେ। ତାହାଦ୍ୱାରା ମନରେ ଆନନ୍ଦ ଦିଏ। ଏଥିରେ କଳ କଳିଆ ରୁଟିନ ନାହିଁ। କାମରେ ସଦା ସର୍ବଦା ନୂତନତ୍ୱ ରହିଛି।

ଏତେ ବଖାଣି ଗଲେ କିନ୍ତୁ ମୌଳିକ ଶିକ୍ଷା କି ଜିନିଷ ତାହା ପ୍ରାୟ ଆପଣଙ୍କୁ ସ୍ପଷ୍ଟ ହୋଇ ପାରି ନ ଥିବ। କୌଣସି ଯଦି କରିଥିବେ ଶିକ୍ଷା ଦେବାହିଁ ମୌଳିକ ଶିକ୍ଷା। ଅତେବ [illegible] ଇଣ୍ଡିଆ ପମ୍ପନ୍ତ୍ରଙ୍କୁ [illegible] ଦେଇଛନ୍ତି। କିନ୍ତୁ [illegible]ନ୍ୟାନ୍ୟଙ୍କୁ ହାତ ଦେଇନାହାନ୍ତି; କେବଳ [illegible] ଦେଇଛନ୍ତି। [illegible] ଜନ୍ମ ହେଲାମାତ୍ରେ ହାତଗୋଡ଼ ହଲାଉଛି। ଜନ୍ମଠାରୁ ଯେଉଁ କ୍ରିୟାର ଆରମ୍ଭ ହୋଇଛି ତାହାର ଭିତ୍ତିରେ ଶିକ୍ଷା ଦେବାହିଁ

( ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com



ଗୋଟିଏ ଧୂମ୍ ଧାମ୍ ସରିଯାଇଛି ସେଠାରୁ ଦେଖି ହେଉଛି। ଶବ୍ଦ ଅନୁଯାୟୀ ମୂର୍ତ୍ତି ଚର୍ଚ୍ଚା ବୌଦ୍ଧିକତା। ଭକ୍ତ ଅନେକ ଅଛନ୍ତି।

## କାହାଣୀ

ଏଥର ଚନ୍ଦ୍ରମାନଙ୍କର ପାଳି। ଚନ୍ଦ୍ର-ପ୍ରେୟସୀଙ୍କୁ ଅଭିବାଦନ ଜଣାଉଛନ୍ତି। ଅପରେ କେଉଁ ଚନ୍ଦ୍ର ଶ୍ରୀକାନ୍ତ ଓ ସମସ୍ତଙ୍କ ମନରେ ନବ-ଜୀବନରେ-ପାଦ-ଦେଇ-ଥିବା ପ୍ରଣୟ।

ସୁସଜ୍ଜିତ ପ୍ରକୋଷ୍ଠ। ନୀଳାଭ ଆଲୋକରେ ସ୍ୱଳ୍ପ ଉଦ୍ଭାସିତ। ବହୁତ ପୁଷ୍ପହାର ଓ ବିଭିନ୍ନ ପ୍ରକାରର ମୂଲ୍ୟବାନ ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତା ପତ୍ନୀ-ପଦଗାମୀ-ଧାରିଣୀ ନବ-କୁମାରୀ ବଧୂ। ପଲଙ୍କରେ ଉପବେଶନ କରିଛି। ଚନ୍ଦ୍ର କୌତୁକ ଓ ଆଶା ଚାପିଧରି ଭିତରକୁ ନେଇ ଗୃହକୁ ଦେଖା। ଲୀଳା ଜଣ ଜଣ କରି ସମସ୍ତଙ୍କୁ ପ୍ରିୟା କଣ୍ଠରେ ପରିଚିତ କରାଇଦେଲା। ସେ ଯାହାର ଶକ୍ତି ଅନୁଯାୟୀ ଉପହାର ଦେବାକୁ ଲାଗିଲେ। ଟଙ୍କା, ଅଳଙ୍କାର, ପୁସ୍ତକ, ପ୍ରସାଧନ-ସାମଗ୍ରୀ ପୁତ୍ତଳିକା, ପୁଷ୍ପଗୁଚ୍ଛ ଏବଂ ଅନୁରୂପ କେତେ କଣ।

## ଜଳଲଜାଗେ ଟେଢ଼ଅ

ଏହି ସମୟରେ ଅସି ପହଞ୍ଚିଲା ଲୀଳା, ପ୍ରଣୟର ଉଚ୍ଛ୍ୱାସ। ସାଙ୍ଗରେ ତା ସ୍ୱାମୀ।

ଘର ଭିତରକୁ ପଶି ଆସିଥିବା ପୂର୍ବରୁ କହିଲା—ସ୍ୱାମୀ ଏକଣି ଗୃହପ୍ରବେଶ, ଇନ୍ଦୁକୁ ଟିକିଏ ଦେଖିବାକୁ ତାଙ୍କର ଭାରି ଇଚ୍ଛା। ଚନ୍ଦ୍ରମାନେ ନିସ୍ତବ୍ଧ ହୋଇଗଲେ ଏବଂ ଏମାନେ ଘରେ ପ୍ରତିଷ୍ଠିତ ହେଲେ। ସନ୍ଧ୍ୟା ବେଳ ଯେମିତି ଅଭିନବ ହେଉଛି, ଦୃଶ୍ୟ ପରେ ଦୃଶ୍ୟ, ବିଶ୍ରାମ ନାହିଁ। ସେହିଲେଖ ଦେଖାଣିଆ ଜାଲତାଏ। ଟିକିଏ ଭଲ କରି ଆଖିନାକ ଭିତରକୁ ଦେଖିଲାଠାରୁ ବିହୀନ। ସାରା ଜୀବନରେ ହିଁ ଅଭିବାଦନଟା ଉଲ୍ଲେଖଯୋଗ୍ୟ, ପ୍ରଦର୍ଶନୀ। ସେ କନ୍ୟାକୁ ଦେଖିଲେ, ଟିକିଏ ଭାଟିବ,— ଅର୍ଥାତ୍ ଥରକ ଓଢ଼ଣା - ଖୋଲରେ ଗୋଟିଏ ମୂଲ୍ୟବାନ ସାମଗ୍ରୀ। ସାମର୍ଥ୍ୟ ନ ଥିଲେ ବି କେବଳ ଗୃହ ଉପରେ ଯେମିତି ହେଲେ କିଛି ଦେବାକୁ ହେବ।

ଶେଷରେ ବାକୁଥା ଯାଉଥିଲା ଶ୍ରୀକାନ୍ତ। ଏଥର ଚନ୍ଦ୍ର ହେବ ସଙ୍ଗିଣୀ। ଲୀଳା ଦେଖିପାରି ଡାକିଲା—କ'ଣ ଭାନ୍ତ? ବେଶ୍ ଲୋକ ତ ତୁ! ଥରେ ଏତେ ଦିନ ହେଲା ଅସିଲୁଣି, ତୋର ଟିକିଏ ବି ଦେଖା ନାହିଁ।

## ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

ସମସ୍ତେ କାମରେ ବ୍ୟସ୍ତ. ଅସିବ ତା କଣ କରନ୍ତି?

ସାମ୍ନା ନବ - ବଧୂର ରୂପରେ ପ୍ରଶଂସା ମୁଖର ହୋଇ ସୁନା ମୁଦିଟିଏ ଅଙ୍ଗୁଳିରେ ପିନ୍ଧାଇ ଦେଇ ବାହାରି ଅସିଲେ। ତାଙ୍କ ପଛରେ ଶ୍ରୀକାନ୍ତ ଓ ଲୀଳା।

ଲୀଳା ତା କାନରେ କଣ କହିଦେଲା। ଶ୍ରୀକାନ୍ତ ଟିକିଏ ଅଟକି ଗଲା।

ଲୀଳା ବ କହିଥି ଅନମନା ପର କଟାଗଲା! ମାତ୍ର ମୁହୂର୍ତ୍ତରେ ନିଜକୁ

(ମୌଳିକ ଶିକ୍ଷା ପୂର୍ବପୃଷ୍ଠା ପରରୁ)

ମୌଳିକ ଶିକ୍ଷା। ଗାନ୍ଧିଜୀଙ୍କ ଭାଷାରେ ମୌଳିକ ଶିକ୍ଷା ଆରମ୍ଭ ମା'ର ଗର୍ଭଠାରୁ, ଶେଷ ମୃତ୍ୟୁପରେ।

ବର୍ତ୍ତମାନ ସୁଦ୍ଧା ମୌଳିକ ଶିକ୍ଷା ପିଲାର ୭ବର୍ଷଠାରୁ ୧୪ବର୍ଷ ପର୍ଯ୍ୟନ୍ତ ପ୍ରୟୋଗ କରାଯାଇଛି। ଅନେକ ପ୍ରଦେଶରେ ଏହି ଶିକ୍ଷାର ପ୍ରସାର ହେଉଛି କିନ୍ତୁ ମୌଳିକ ଶିକ୍ଷାର ଅନ୍ୟ ଅଂଶମାନଙ୍କୁ ବିଭିନ୍ନ ସ୍ଥାନରେ ପ୍ରୟୋଗ କରାଯାଉଛି।

ଏହି ସାତ ବର୍ଷରେ ପିଲା ଇଂରାଜୀ ବଦଳରେ ରାଷ୍ଟ୍ରଭାଷା ସହ ଅଳକାର ମେଟ୍ରିକ ଷ୍ଟାଣ୍ଡାର୍ଡ ପର୍ଯ୍ୟନ୍ତ ପଢ଼ିବା ମେଟ୍ରିକ ଷ୍ଟାଣ୍ଡାର୍ଡର ଅର୍ଥ ନୁହେଁ ବର୍ଣ୍ଣ ବନ୍ଧି ପଡ଼ି କେତେକ ବାଧ୍ୟତା ନିର୍ଦ୍ଦିଷ୍ଟ ସଂଖ୍ୟକ ନମ୍ବର ରଖି ପାସ କରିବା। ତାହା ସଙ୍ଗେ ସଙ୍ଗେ ଦୈନନ୍ଦିନ କର୍ମ ଜୀବନରେ ବ୍ୟକ୍ତିତ୍ୱ ବିକାଶ ଓ ନିଜର ସାମାଜିକ ଯୋଗ୍ୟତାର ପରିମାପକ ହେବ। ଏବଂ ସେ ଜଣେ ଅଦର୍ଶ ନୀତିବାନ ସୁଦକ୍ଷ କର୍ମବୀର ହୋଇଯିବ। ବୁନିୟାଦି ଶିକ୍ଷା ବା ମୌଳିକ ଶିକ୍ଷା ଅଗରେ ବ୍ୟକ୍ତିଗତ ବିକାଶର ଅଦର୍ଶ ଏପରି ଅଛି ଯେ ପିଲା ସମ୍ପୂର୍ଣ୍ଣ ହେବ ଓ ତାହା ସଙ୍ଗେ ସଙ୍ଗେ ଦେଶ ଜାତିର ପ୍ରକୃତ କଲ୍ୟାଣକାରୀ ହେବ। ଏହି ଅଦର୍ଶବାଦ ନଇତାଲିମରେ ନିହିତ ଅଛି।

ପାଠକ ପାଠିକାମାନେ ବର୍ତ୍ତମାନ ଭାବୁଥିବେ—ମୌଳିକ ଶିକ୍ଷା ସମ୍ବନ୍ଧରେ କେତେଗୁଡ଼ିଏ ଶୂନ୍ୟ ତତ୍ତ୍ୱ ବଖାଣି ଯାଇଛି। ଏହା ଲେଖକର ତତ୍ତ୍ୱ ନୁହେଁ, ଗାନ୍ଧିଜୀଙ୍କ ଅନ୍ତରର ବାଣୀ। ଯାହା ସାଧାରଣଙ୍କ ପକ୍ଷରେ ସମ୍ଭବପର ତାହାହିଁ ଗାନ୍ଧିଜୀ ସାଧାରଣଙ୍କୁ କରିବା ପାଇଁ କହନ୍ତି। କୌଣସି କାର୍ଯ୍ୟ ହାତକୁ ନ ନେଇ ଦୂରରେ ଠିଆ ହୋଇ ଗାନ୍ଧି ନାମ ଅମ ପକ୍ଷରେ ଅସମ୍ଭବ କହିବା ବଡ଼ ଦୁଃଖର କଥା।

—୦—

ସମ୍ଭାଳି ନେଇ କହିଲା 'ମୋର ଏବେ ସେଇ କଥା ଭ- ନାହିଁ ।'

ତାହିଁ ଅର୍ଥାତ୍ ତ କୌଣସି ପରିବର୍ତ୍ତନ ହୋଇନାହିଁ । ସମସ୍ତେ ବହନ୍ତି ସମ୍ବଲପୁରୀ ଫୁଲ ଜାମା ।

ଏହା ପରିଷ୍ଟ, ଘରର ନାନା ଝଞ୍ଜାଳ ।

ପିଲା ପିଲି କଣ ?

ପୁଅଟିଏ, ଝିଅଟିଏ । ଅସିବୁ, ଆମେ ଆଉ ଦୁ ଜଣ ଅଛୁଁ ।

ହଉ ।

ଉଭୟେ ଓହ୍ଲାଇଲେ । ଲୀଳା ମନ ଭିତରେ କଣ ଅଜଣା ପାଇଟି ହେଲା । ଟଙ୍କାପାଏ ଅସି ପୁଣି ଲେଖିଟି ଗଲ୍ପ, ତୁମ୍ଭ ପଢିଥିଲ ନାହିଁ । ପଚାରିବ ବୋଲି ଯେତେ ଉଦ୍‌ବିଗ୍ନ ହେଲେ ବି, ପଚାରି ପାରିଲା ନାହିଁ । × +

ଅନେକଦିନେ ସାହିତ୍ୟ ସମ୍ବନ୍ଧରେ ଅଲୋଚନା ହୋଇଥିଲା ।

ଲୀଳା ପଚାରିଥିଲା—ତୋ ଲେଖା ଦେଖିବ ବୋଲି ପ୍ରାୟ ସବୁ ପତ୍ରିକା ମଗାଏଁ । କିନ୍ତୁ ତୁ ଏବେ କମ୍ କାଗଜରେ ଯାହିଁକି ଲେଖୁ ?

ଭଲ ଲାଗେ ନାହିଁ ।

କାହିଁକି ? ଅଜିକାଲି ସାହିତ୍ୟ—କ୍ଷେତ୍ରରେ ଖୁବ୍ ଦଳାଦଳି ନା ?

ପ୍ରଶ୍ନ ପାଇଁ ପ୍ରସ୍ତୁତ ନଥିଲା ଶ୍ରୀକାନ୍ତ । ତେବେ ଗୋଟେ ଉତ୍ତର ଦେଲା ହବ ନାହିଁ କାହିଁକି ? ନିଶ୍ଚୟ, ବିଶେଷତଃ ସାହିତ୍ୟିକମାନେ ସ୍ୱାଧୀନ-ବୁଦ୍ଧି-ସମ୍ପନ୍ନ ଜୀବ । ପ୍ରତ୍ୟେକଙ୍କର ସ୍ୱାଧୀନ ମତ ଅଛି ଏବଂ ତାହା ପ୍ରକାଶ କରିବାର ଅଧିକାର ମଧ୍ୟ ଅଛି । ସୁତରାଂ ଦଳାଦଳି ତ ହେବ ।

ତୁ କଣ କହିବାକୁ ଚାହୁଁ, ସ୍ୱାଧୀନ ମତ ପ୍ରତି ନିଷ୍ଠା ଲାଗି ଏତେ ଦଳାଦଳି ? ମୋର ତ ନାନା କାଗଜର ନାନା ପ୍ରବନ୍ଧ ପଢି ମନେ ହେଲା ଯେ, ସାହିତ୍ୟ ପ୍ରତି କାହାରି ନିଷ୍ଠା ନାହିଁ । ସମସ୍ତେହିଁ ମତଲବ-ବାଜ ବ୍ୟବସାଦାର ।

ଏରକମ ଧାରଣା ମନରେ ପୋଷଣ କରିବାର ଅଭିପ୍ରାୟ ?

ଅର୍ଥାତ ଯାହା ଲେଖାଯାଉଛି, ଦେଶର ଦରିଦ୍ର ଜନସାଧାରଣଙ୍କୁ ନେଇ ଯେ ପର୍ଯ୍ୟନ୍ତ ସେ ସାହିତ୍ୟ ଗଠିତ ନ ହୋଇଛି ସେ ପର୍ଯ୍ୟନ୍ତ ତାହା ଖାଣ୍ଟି ସାହିତ୍ୟ ନୁହେଁ । ଲେଖକ ହୋଇଥିବେ କିଏ ପ୍ରକାଶକ, କିମ୍ବା କୌଣସି ପ୍ରକାଶକଙ୍କର ବନ୍ଧୁ ତାଙ୍କ ଅସଲ ଉଦ୍ଦେଶ୍ୟ - ଦରିଦ୍ର ଜନସାଧାରଣଙ୍କୁ ନେଇ ଲେଖା କୌଣସି ପୁସ୍ତକର ବିକ୍ରୟ ହେବା । ଫେର୍ ଏହୁ ଦେଖ୍, ଅଉଗୋଟେ କାଗଜରେ ଦେଖିଛି, ଗୋଟିଏ ପ୍ରବନ୍ଧର ପ୍ରତିପାଦ୍ୟ ବିଷୟ—ରସ ସାହିତ୍ୟ ଏ ଦେଶରେ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ । ଏହା ସଙ୍ଗରେ ବୋଧହୁଏ ପ୍ରଥମ ପ୍ରବନ୍ଧ ଲେଖକର ଶତ୍ରୁତା ଅଛି । ଅଉଗୋଟେ କାଗଜ ପ୍ରଗତି-ସାହିତ୍ୟ ଧରି ଅନ୍ଦୋଳନ ଚଳେଇଛି, ଏହାର ଉଦ୍ଦେଶ୍ୟ—

ତାକୁ ଅଟକାଇ ଦେଇ ଶ୍ରୀକାନ୍ତ ପ୍ରଶ୍ନ କଲା— ଏମିତି, ସବୁ ଯେ ମତଲବବାଜ ଏ ସନ୍ଦେହ ଆପଣଙ୍କର କିପରି ହେଲା ? ଏହି ସବୁ ପ୍ରବନ୍ଧରେ ଯେଉଁ ଯୁକ୍ତି ଅଛି, ସେସବୁ କଣ ଅର୍ଥହୀନ ?

ସେ ଟିକିଏ ହସି କହିଲା—ବୁଦ୍ଧିମାନ ଲୋକ ଯେ କୌଣସି ବିଷୟ ସପକ୍ଷରେ ବା ବିପକ୍ଷରେ ଅନାୟାସରେ ଗୋଟେ ଯୁକ୍ତି ଛିଡା କରିପାରେ । ଭଲ ଓକିଲ ପ୍ରକୃତ ଦୋଷୀକୁ ବି ବେକସୁର ଖଲାସ କରାଇ ଅଣିପାରେ, ତାହା ବୋଲି ସତ୍ୟ ମିଥ୍ୟା ହୋଇଯାଏ ନାହିଁ । ଯେଉଁମାନେ ମଣିଷକୁ ଭଲ ପାଆନ୍ତି, ସେମାନେ ଯେଉଁର ଜାତ ବିଚାର କରିବାକୁ ବସନ୍ତି ନାହିଁ, ସେହିପରି ଯେଉଁମାନେ ସତ୍ୟ ସାହିତ୍ୟ ରସିକ, ସେମାନେ ସାହିତ୍ୟର ଜାତି ନେଇ ମୁଣ୍ଡ ଘୁରାନ୍ତି ନାହିଁ । ମଣିଷର ସୁଖ ଦୁଃଖ ପ୍ରେମ ଘୃଣା ଆଶା ଆକାଂକ୍ଷା ଅର୍ଥାତ ମଣିଷର ଜୀବନକୁ ଭିତ୍ତିକରି ସାହିତ୍ୟ । ସେ ମଣିଷ ଧନୀ କି ଗରିବ, ରାଜରାଣୀ କି ମେହେନ୍ତରାଣୀ—ଏଥିପାଇଁ ଯେଉଁମାନେ ବେଶି ମାତନ୍ତି, ସେମାନଙ୍କୁ ଜାଣିବ ଚଣ୍ଡୀମଣ୍ଡପବାସୀ ଭଙ୍ଗବାଃ ମତଲବବାଜ ପଣ୍ଡାଙ୍କର ସଗୋତ୍ର । ସେମାନେ ବ୍ୟବସାଦାର, ସାହିତ୍ୟିକ ନୁହନ୍ତି ।

ଏହାପରେ ଆଉ କେବେ ଲୀଳା ସାଙ୍ଗରେ ସାହିତ୍ୟ ଆଲୋଚନା କରିବାର ସୌଭାଗ୍ୟ ଶ୍ରୀକାନ୍ତର ନଥିଲା । × ×

ତୃତୀୟ ଦିନ ।

ଶ୍ରୀକାନ୍ତ ତନ୍ମୟ ଚିତ୍ତରେ ସାହିତ୍ୟ ରଚନାରେ ନିମଗ୍ନ ଥିଲାବେଳେ, ଲୀଳା ପୁଅକୁ ପଠାଇଥିଲା ତାକୁ ଡାକି ଆଣିବାକୁ ।

ଲୀଳା ଛନଛନ ସଜାଇ କରି ରଖିଥିଲା । ପାଖରେ ସାନ ଝିଅଟି ଠିଆହୋଇ ଦୁଷ୍ଟାମି କରୁଥାଏ ।

ଆଜି କଣ ଯାଉଛ ?—ଶ୍ରୀକାନ୍ତ ମୁହଁରେ ଜିଜ୍ଞାସାର ଚିହ୍ନ ।

ହଁ, ଆଉ ଛୁଟି ମିଳିଲାନାହିଁ । ବାଧ୍ୟ ।

ତାପରେ ଦୁହେଁ ନୀରବ । ଲୀଳା ଗୋଟେ ଟ୍ରଙ୍କ ଉପରେ ବସି ଅନାଇଁକି ଶ୍ରୀକାନ୍ତ ପାଇଁ ଇଙ୍ଗିତ ଦେଲା ।

ଶୁଣିଲୁ ତୁ ବାହା ହେଉନାହୁଁ !

ସତ ।

କାହିଁକି ?

ସମସ୍ତେ ତ ବାହା ହେଉଛନ୍ତି, ମୁଁ ନହେଲେ କଣ ହୋଇଗଲା ? ତା ଛଡା ନିଜ ପେଟ ଗୁଜୁରାଣ ଚଳାଇବାକୁ ଯାହାର ପନ୍ଥା ନାହିଁ—

ଶ୍ରୀକାନ୍ତ ପାଇଁ ଜଳଖିଆ ଆସିଲା । ଖାଇ ସାରିଲା ବେଳକୁ ବାହାରୁ ଶୁଣାଗଲା— ଗାଡି ଆସିଲାଣି । ଦୁହେଁ ଉଠିଲେ ।

ସମସ୍ତେ ବିଦାୟ; ପର୍ବରେ ବ୍ୟସ୍ତ । ଜିନିଷ ପତ୍ର ଗାଡିରେ ଲଦା ହେଉଛି ।

ସ୍ୱାଭାବତରେ ଲୀଳା ଶ୍ରୀକାନ୍ତକୁ ଟିକିଏ ଅନ୍ତରାଳକୁ ଡାକିନେଇ ପଚାରିଲା—ସିଲୁର ଖବର ? ଶୁଣୁଛି, ସେ ବାହା ହେଲେଣି । ପିଲାପିଲି କଣ ? ଚକ୍ଷୁ ଦୁଇଟି ତଳକୁ ନଇଁ ପଡିଲା, ମୁହଁଟି ଲାଲ ।

ଶ୍ରୀକାନ୍ତ ହଠାତ୍ ପ୍ରତିବାଦ କରି ପାରିଲା ନାହିଁ । ନିଜକୁ ସମ୍ଭାଳି ନେଇ କହିଲା—ଭଲ ଅଛନ୍ତି । ଆପଣଙ୍କ ସେହିଅତେ ଝାରସୁଗୁଡାରେ ତ ଅଛନ୍ତି ।

ସମସ୍ତେ ଗାଡିରେ ଉଠିଲେ । ଅସ୍ଥାୟୀ ଦୁନିଆ ଗଢି ଭାଙ୍ଗିଲା । ଲୀଳା ନଯିବା ଯାଏ ଶ୍ରୀକାନ୍ତ ଆଖି ଫେରାଇ ପାରିଲା ନାହିଁ ।

ସୂର୍ଯ୍ୟ ଓ ଲୀଳା ଦିନେ ପରସ୍ପରର ମନ ପ୍ରାଣରେ ବୁଡ଼ିଥିଲେ । ମାତ୍ର ପ୍ରତିବନ୍ଧକ ହେଲା ସମାଜ ।

ସୂର୍ଯ୍ୟକାନ୍ତ ଶ୍ରୀକାନ୍ତର ବଡଭାଇ !

Digitized by srujanika@gmail.com

# ଗାନ୍ଧୀଜୀଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଦେଶର ପ.ଷଡ଼ଯନ୍ତ୍ରୀ କାର୍ଯ୍ୟ, ସଂସ୍ଥାଗୁଡ଼ି ସମ୍ବନ୍ଧରେ ଅନେକ କଥା ଲେଖିବା ହେଲେ ... ବ୍ୟକ୍ତିଙ୍କର ବର୍ତ୍ତମାନ ତାହା ଯାବ ପୃଥକ ଭାବରେ ଲେଖା ଯାଉଛି । କାରଣ ତାଙ୍କ ଜୀବନରେ ଅର୍ଥାତ୍ ଯେଉଁ ପ୍ରକାର ଧର୍ମଗତ ଜାତ ଅନେକ ଜନ୍ମ ସେହିଠାରେ ଭାରତ ବର୍ଷରେ ଅଛି ତାହା ହେଲେ ବେହି ବିଶେଷ ନାହିଁ । ପୃଥିବୀରେ ମଧ୍ୟ ବେହି ବିଶେଷ ଅଛି ବା ନାହିଁ ଜେଣେ ଜାଣିଲେ—ଭାରତ ସମ୍ପ୍ରଦାୟବାଦୀମାନଙ୍କ ଉପରୁ ଅଳ୍ପ ଦଳ ଅନେକ ଆଦି ଅଛନ୍ତି ହିନ୍ଦୁ, ମୁସଲମାନ, ଶିଖ ଖ୍ରୀଷ୍ଟାନ ଏବେ ବା ଅନ୍ୟ ସ୍ଥାନର, ଇଂରେଜ, ମୁସଲମାନ, ହିନ୍ଦୁ ଆଦି । ସେସବୁ ଜୋରରେ କେ ସ୍ୱାଧୀନ ଦେଶରେ ସରକାର ଚାଲିବ କିପରି ଏମାନଙ୍କ ସହିତ ଲାଗିକି କଲୁ ଭଲ ଭାବରେ ଚାଲି ପାରିବ ନାହିଁ ।

କାରଣ ସେମାନଙ୍କ ମତ ଥିଲା ଭାରତ-ବର୍ଷର ବିଭାଜନ ନ ହେଉ । ବରଂ ସେମାନଙ୍କ ଚାପରେ ସମାଜଗୁଡ଼ିକରେ ଅଧିକ ଛଡ଼ା କହୁଥିବା ପାଇଁ ଅଥବା ସମାଜ ଅନ୍ତରରେ ଉତ୍ତେଜନା ପାଇଁ—ଭାରତ ମୁକ୍ତିଯୁଦ୍ଧର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର-ଲାଲ ତା' ପାକିସ୍ତାନର କାର ଶାଃ ମହମ୍ମଦ ଅଲି ଜିନ୍ନା । ସାମ୍ପ୍ରତଃ ପୂର୍ବ ଅନ୍ତର୍ଭୁକ୍ତ ଅସମ ଓଡ଼ିଶା ପାକିସ୍ତାନୀ ଏ ଦୁହିଙ୍କର ସେହିଠାରେ ଅଧିକାର ଅଧିକାର କରି ଥିଲା । ସେ ଅଧିକାର ଉପରେ ଦାବୀ ଏବଂ ଓ ଦେଶ ପଞ୍ଜାବ ଓ ବଙ୍ଗରେ ଯାହା ସମ୍ପୂର୍ଣ୍ଣ ହେଲେ ସେ ସବୁ ଅବଶ୍ୟ ଦେଖିବାର କଥା । ଅନ୍ୟ ଭାରତର ବିଭାଗ ପୃଥିବୀର ଭିତର ଦେଶର ଯେଉଁ ଶ୍ରେଷ୍ଠ ନେତାମାନଙ୍କ ଉପରେ ଦୃଷ୍ଟି ପଡ଼େ ଗାନ୍ଧୀଙ୍କ ଅନ୍ୟ ଯେ ତାଙ୍କ ଭିତରେ ନ ଥାଉ ସେ ସମସ୍ତଙ୍କ ଠାରୁ ଏକାଠେଇଲେ ଅଲଗା ଏଠାରେ ଅଛି ଅଧିକ ମଧ୍ୟ ଭଲ ଭଳି ହେଲେ ।

ପୃଥିବୀର ଅନେକ ଦେଶ ଉପରେ ଭୁଲ ଦୃଷ୍ଟି, ଯେତେବେଳେ ସ୍ୱଦେଶକୁ ବାହାରି ଅପେ ସେତେ-ବେଳେ ଗାନ୍ଧୀଙ୍କ ଅଛି ଦେଶରେ ଥିବାରୁ ତାଙ୍କ ଉପରେ ନଜର ନ ଥାଇ ସେଠି ଯାଇଁ ନ ଅଟକି, ହିନ୍ଦୁ, ବନ୍ଧୁତା, ପଞ୍ଜାବ ଓ ଶେଷରେ ସ୍ୱାଧୀନ ହିନ୍ଦୀ ଉପରେ । ଅଥଚ ଏଥିରୁ ଆମରେ ଅଛି ବେହି ମସ୍ଜିଦ ଥିବ ପରି ଭଳି ପଡ଼େ ନାହିଁ । ଭଗବାନ ଯେମିତି ଏହା ଦେଖ ଅଛନ୍ତି ! ଏ ସବୁ ଥାନର ଅଛି ଉପଦ୍ରବ ଯେମିତି ଏକଟି ମସ୍ଜିଦ ନାମର ଗୋଟିଏ ଉପମର ଜନ୍ମ ଅଛି ତାଙ୍କ ମସ୍ଜିଦ କରିବାକୁ ଲକ୍ଷ୍ୟ ହୋଇଛନ୍ତି ଭଲେ ଏହା ଗାନ୍ଧୀ ।

ତମାମ ଭାରତ ବର୍ଷର ୪୦ କୋଟି ଅଧିବାସୀଙ୍କ ୩୫ ବର୍ଷ ବୟସରେ ସେ କଣ କରିଛନ୍ତି ଓ ତାହ, ତାଙ୍କର ଜନ ଜନ୍ମ ସମ୍ପଦର ଗୋଟା କରିବା, ତାଙ୍କର ଅହିଂସା, ସତ୍ୟାଗ୍ରହ, କର୍ମପ୍ରଣାଳୀ, ଅସହଯୋଗ, ଅସାମ୍ୟ ଦୂର ଓ ଉଚ୍ଚ ଶିକ୍ଷା ନାଗରିକ, ହରିଜନୋଦ୍ଧାର, ଗ୍ରାମ ସଙ୍ଗଠନ, ଗୀତା, ଉପବାସ, ଭାରତୀୟ ସ୍ୱାଧୀନ ଅନ୍ୟ ଶେଷରେ ତାଙ୍କ ପ୍ରାର୍ଥନା ସଭାରେ ସଂଗ୍ରାମ ମାନେ ଭାରତରୁ ବିଦାୟ ନେଇ ୧୯୪୭ ଅଗଷ୍ଟ ଅଧୋବଦନରେ ଗୋଷ୍ଠୀଙ୍କ ମାଉଣ୍ଟ ବାଟନ କାର୍ଯ୍ୟକାଳରେ ଅତି ପର ଓଡ଼ିଆଙ୍କ ର ଜବାବରେ ସ୍ୱଭାବତଃ ତାହା ଚାହିଁଲା ପଠାଇବାକୁ ଦେଶରେ ଜନ୍ୟ ନେତାଙ୍କ ପାକିସ୍ତାନ ଯେଉଁ ଓ ଯୁଦ୍ଧରେ ହିଂସାର ସବୁବାର ଦୁର୍ବଳ ହେଉ ପଡ଼ିବା ପରରେ ସ୍ୱାଧୀନ ଶାସନ ମିଳିଲା; ଅଥଚ ଯୁଦ୍ଧରେ ଜର୍ମାନ ଜାପାନ ପରାସ୍ତ ହେବାରୁ ଅନ୍ୟ ବ୍ରିଟିଶ ସାମ୍ରାଜ୍ୟ ଦେଖି ଶକ୍ତିଶାଳୀ ହୋଇ ଉଠିବା କାରଣରୁ, ପରେ ଏ ସକଳ କାରଣ ସଙ୍ଗେ ଅନ୍ତର ଅନେକ ଦୃଶ୍ୟ ଅଦୃଶ୍ୟ କାରଣର ସମଷ୍ଟି ଯୋଗ ଭାରତ ଉଦ୍ଧାରରେ ସର୍ବ ଦୂରଦର୍ଶୀ ଗାନ୍ଧୀ ଏକ ନୂତନ ଅଧ୍ୟାୟ ମଧ୍ୟ ହେଲା ସମସ୍ତ କଥା ଭାରତର ଅଧିକ ବେଳେ ଗାନ୍ଧୀଙ୍କ ସେସବୁ ପାଇଁ ଜଗତରେ ଜଣିଶ ମାତ୍ର ବୋଲିଯାଇ ପାରେ । ତାହା ହେଲେ ମଧ୍ୟ ମହାତ୍ମାଙ୍କ ଯୁଦ୍ଧରେ ଅଂଶ ଗ୍ରହଣ ମାତ୍ର ହୋଇଥିଲେ ।

ଅନ୍ୟ ଏଥିସଙ୍ଗେ ସଙ୍ଗେ ଅନ୍ୟ କଥାଟି ଭୁଲିଯିବାର ନୁହେଁ ଯେ ଯେଉଁ ଭାରତବର୍ଷ ଅବଲମ୍ବ ପରେ (ତାଙ୍କ ସମୟରେ ମଧ୍ୟ) ଗୋଟିଏ ଅଖଣ୍ଡ ଦେଶ ହୋଇଥିଲା ଇଂରେଜଙ୍କ ସ୍ୱାର୍ଥ ବା ଶତ୍ରୁତାରେ ହେଲା ପଛରେ ଦ୍ୱିଖଣ୍ଡିତ ଅଛି ମ ହିଁ ଶେଷରେ ମିଳିତ ଏକ ଶାସନାଧୀନ ଦେଶ ହୋଇ ପାରିଥିଲା, ଗାନ୍ଧୀ ଭଗବାନ ଦୁଇ ବିଦେଶୀ ଶାସନରୁ ମୁକ୍ତ ହେବାର ସ୍ଥିତିର ସେ ସମ୍ପର୍କରେ ତାହା ପୂର୍ଣ୍ଣ ଖଣ୍ଡିତ ଓ ବିଭକ୍ତ ହୋଇ ପଡ଼ିଲା । ଅର୍ଥାତ୍ ଭାରତର ମୁକ୍ତ କରିବାରେ ଗାନ୍ଧୀ ଯେଉଁଠି ପ୍ରଶଂସାର ପାତ୍ର ତାକୁ ବିଭକ୍ତ କରିବାରେ ମଧ୍ୟ ସେହିଠି ଦାୟୀ ନୁହଁନ୍ତି ।

ଯେତେବେଳେ ଭାରତ ସ୍ୱାଧୀନ ହେଲା, ତାହା ପାକିସ୍ତାନ ମଧ୍ୟ ହେଲା, ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏ ଦୁଇଟି ଦେଶ ସୃଷ୍ଟି କରିବାରେ ତାଙ୍କ ସମ୍ମତିର ଜିନିଷ ଯେଉଁ ପରିମାଣରେ ଦାୟୀ କରାଯିବ, ପୃଥକ ହେବାରେ ଭାରତ ତଥା ପାକିସ୍ତାନର ଅନ୍ୟ ହିନ୍ଦୁ ମୁସଲମାନ ମାନଙ୍କର ଉଲ୍ଲାସ, ଲୋକ-ଗଣରେ ମଧ୍ୟ ସେହିପରିମାଣରେ ତାଙ୍କୁ ଦାୟୀ ଧରିବାକୁ ହେବ । ତାଙ୍କ ସମ୍ମତିର ଦୃଷ୍ଟି ଫଳରେ ଯାହା ହେଲେ ହିନ୍ଦୁମାନଙ୍କର ଭାରତ ହେଲା ତେବେ ସେ ପାକିସ୍ତାନ ହେଲା ତେବେ ପାକିସ୍ତାନ ମଧ୍ୟ ସେହି ପରିମାଣରେ ମଧ୍ୟ ପ୍ରଶଂସା ଜନ୍ମାଇ ଯେଉଁ ପରିମାଣରେ ଦାୟୀ କରିବାକୁ ହେବ, ତେବେ ହିନ୍ଦୁମାନଙ୍କ ଦୃଷ୍ଟିରେ ତାଙ୍କ ପଦକ୍ଷେପରେ ଭାରତର ପ୍ରଧାନମନ୍ତ୍ରୀ ହିସାବରେ ମଧ୍ୟ ସେହି ପରିମାଣରେ ଦାୟୀ କରିବାକୁ ହେବ ।

ପୃଥିବୀର ସର୍ବଶ୍ରେଷ୍ଠ ଶତ୍ରୁ ଦୁଃଖ ଦେବ ଦେଶକୁ ଯେ ଯେପରି ଅଣି ପାରିବା, ବିଦେଶୀକୁ ହଟାଇ ଦେବାକୁ ଯେ ଦେଶକୁ ଏକ୍ୟ କରି ପାରିଲା ତାହା ପଛରେ ହିନ୍ଦୁ ମୁସଲମାନ, ଗୁଜୁରାଟୀ, ମାରୁଆଡ଼ି, ଶୋଷକ ଶୋଷିତ ଆଦି ସେହି ଜାତି ବର୍ଣ୍ଣ ଭେଦ କରି ଅସମ୍ଭବ ? ଏହାର ଉତ୍ତର ଗାନ୍ଧୀଙ୍କ ପରିବାରରେ ସେ କହିବେ ଏହି ବାବରେ କଣ ଉତ୍ତର ଦେଇଥିବେ ହେଉଛି । ତେବେ ଏତେବେଳେ ଅଛି ଅଛି ତାଙ୍କର କହିବାର ବୋଧହୁଏ ତାଃ ନାହିଁ ଯେ ଭାରତର ବହୁଲୋକ ହୋଇଥିଲେ ଏହିଭଳି ଅଧିକ ନଥ ସେତେ ବଳ ଦେଖାଇବାକୁ ଚେଷ୍ଟା କରନ୍ତେ । କାରଣ ଏବେ ତ ସେ ବହୁଲୋକ ହେବାର ଯୋଗ୍ୟତାକୁ ପାଇ ହୋଇ ଅନ୍ୟ ଯେ ବାହାରକୁ ବହୁଲୋକ କରି ବସାଇବାର ଯୋଗ୍ୟ ହୋଇଛନ୍ତି । ଅଛି ପ୍ରଥମ ତାଙ୍କ ଇଚ୍ଛାରେ ଜବାହରଲାଲ ପ୍ରଧାନ ମନ୍ତ୍ରୀ, ତାଙ୍କ ସେ ଇଚ୍ଛା କଲେ ଜଣେ ହରିଜନ କନ୍ୟା ଉଚ୍ଚ ସ୍ଥାନରେ ବସି ପାରନ୍ତି ।

ଅନ୍ୟ ପାକିସ୍ତାନରେ ଜିନ୍ନା ବହୁଲୋକ ଥାଇ ଏବଂ ଭାରତରେ ମାଉଣ୍ଟବାଟେନଙ୍କ ପରେ ଗାନ୍ଧୀ ଯାହା ବହୁଲୋକ ହୁଅନ୍ତୁ, ତେବେ ସେ ଜଣକ ବହୁଲୋକ ଭାବରେ ରହନ୍ତେ ଓ 'ଗ୍ରଙ୍ଗ କଲେଜ'ରେ ବହୁ-ଜନଙ୍କ ପରିଷଦ ହୁଅନ୍ତେ, ତାଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାଦେଶିକ ଲାଟମାନେ ବିଭିନ୍ନ ସ୍ତରର ରହନ୍ତୁ ବା ଥିବାରୁ ଓ ମନ୍ତ୍ରୀମାନଙ୍କ ଉପରୁ ବେହି ଚେତନ ତ୍ୟାଗ କରୁ ନଥିବାରୁ ସେମାନଙ୍କର କୌଶଳ ଶାନ୍ତି ସ୍ଥାପନ କରନ୍ତେ ତଥା ସେତେବେଳେ ଅଛି ସେହି ନିର୍ଦ୍ଦେଶ ଦେଉଥିଲାନାହିଁ, ସାମ୍ପ୍ରଦାୟିକ ସମ୍ପ୍ରଦାୟ କରାଇବା ପାଇଁ ସୈନ୍ୟସୈନିକ ପଠାନ୍ତେ ତଥା ଆମରଣ ଅନଶନ କରନ୍ତେ, ପ୍ରାର୍ଥନା ସଭାର ଆବଶ୍ୟକତା, ଉପବାସ ବ ନାହିଁ ଓ ସେଠାରେ ତାଙ୍କର ହୋଇନ ଅବସ୍ଥିତିରେ ବାଧା ଉପସ୍ଥିତ ନ ହୋଇ ପରସ୍ପର ସମ୍ପୂର୍ଣ୍ଣ ଏହା ଦେଖିବା ଲାଗି ଯେ ବାହାର ଚୌହଦୀରେ ରହି-ପାରେ ।

ଏହି ଚୌହଦୀର ଯାହାଙ୍କର ତାରତମ୍ୟ ତାହା ନବୁଝି ପାଇଁ ଅର୍ଥାତ୍ ଗାନ୍ଧୀଙ୍କ ଭାରତର ଲାଟ ରୂପେ ପାଇବାକୁ ତାଙ୍କର ଯେ ଚୌହଦୀ ଭିତରେ ହେଲା କହୁଥିଲେ ଉଦାସ ନେତା । କାରଣ

Digitized by srujanika@gmail.com

ବର୍ତ୍ତମାନ ଅବସ୍ଥାରେ ଭାରତ ଏବଂ ପାକିସ୍ତାନର ବନ୍ଧୁତ୍ୱ ହେବାକୁ ଯେଉଁ ଯୋଗ୍ୟତା ଲୋଡ଼ା ଗାନ୍ଧିଜୀଙ୍କ ମହୋନ୍ନତ କୌଶଳ ଦ୍ୱାରା ଜନତା-ଙ୍କର ମଧ୍ୟ ଆସିଥାନ୍ତା । ସେଣୁ ଗାନ୍ଧିଜୀଙ୍କ ବନ୍ଧୁତ୍ୱ ରୂପେ ପାଇବାକୁ ହେଲେ ସମସ୍ତ ଦେଶବାସୀ ସେ ସୌଭାଗ୍ୟ ଲଭି ଯୋଗ୍ୟ ହେବାକୁ ପଡ଼ିବ ।

ଏବେ ଗାନ୍ଧିଜୀଙ୍କ ସ୍ମରଣରେ ବନ୍ଧୁତ୍ୱ ଲାଭ ପାଇବା ତ ଦୂରର କଥା, ଆଜି ତାହାଙ୍କ ସହିତ ୧୨୫ ବର୍ଷ ବଞ୍ଚିବା ଯାବେ କହୁଥିବା ଲୋକଙ୍କୁ ଅଦରେ ପୁଣି ଅତି ନୃଶଂସ ଭାବରେ ହତ୍ୟା କରିବାର ଘୃଣ୍ୟ ଉଦ୍ୟମ ହେଉଥିବାର ଜଣାଯାଏ । ଧ୍ୱଂସପନ୍ଥୀଠାରୁ ଏବେସବୁ ବେଶି ଉଦ୍ୟମଶୀଳ ହୋଇଛନ୍ତି ବୋଧହୁଏ ତାଙ୍କର ଗୁପ୍ତ ଶତ୍ରୁବର୍ଗ ଅନୁଚରମାନେ—ଯେଉଁମାନେ ତାହାଙ୍କୁ ଦେବତା ଅବତାର ବା ସନ୍ଥମାନଙ୍କ ରୂପେ ପୂଜା କରନ୍ତି, ଅଥଚ ଅଥଚ ତାଙ୍କର ପରମଭକ୍ତ ହୋଇଥିବା ଦ୍ୱାରା ଶେଷରେ ଏତ ଏତର ମୃତ୍ୟୁ ମଧ୍ୟ ବା ଗୌରବ ବଢ଼ାଇବାକୁ ହିଁ ଲକ୍ଷ୍ୟ ରଖନ୍ତି । ଗାନ୍ଧିଜୀ ମାନ ବଢ଼ିଲେ ଶେଷରେ ଯେ ପର ଲୋକଙ୍କ ପାଖରେ ଏତ ମାନ ମଧ୍ୟ ବଢ଼ିଯିବ, ଏହି ଶେଷ କଥାଟା ଯେମିତି ଏ ସବୁବେଳେ ତାଙ୍କ ମନର ଉପରେ ରହୁଛି । ସେଠାଏ ମହାତ୍ମାଙ୍କ ଉଦାହରଣରେ ଯାହାକୁ କହନ୍ତି, 'ଗୋବୃକ୍ଷ ଅଂଶ କପା ଚୋରଣ ନ୍ୟାୟ' ଗାନ୍ଧିଙ୍କ ନାଁରେ ସବୁ କଥାରେ ତାହା ପାଇଁବାର ଦିଶୁଛି ।

ତାଙ୍କ ଅତ ଦେବତା ସ୍ମୃତି ଅନୁସାରେ ଏକ-ଦେବା ପରେ ତାଙ୍କର ପ୍ରାର୍ଥନା ଭାବରେ 'ସତ ଏକ ରୂପ ବହୁ ନ ପାରନ୍ତି' ବୋଲି ଯେଉଁ ଧାରଣା ପ୍ରଚଳିତ ଅଛି, ସେହି ଅନୁସାରେ ଏତର ସବୁ ବାଦ ମଧ୍ୟ ସତ୍ୟ ବୋଲି କହିବା ଅସଙ୍ଗତ ହୁଏ-ନାହିଁ । ଠିକ୍ ଯେମିତି ତାହାଙ୍କ ସେବକ ଓ ଭକ୍ତ-ମାନେ ତାହାଙ୍କ ନାମ ରଖିଲେ ଜଗତ୍‌ରେ କହିବ ବୋଲି ବୁଝନ୍ତି । ତାଙ୍କ ତାହାଙ୍କ ପ୍ରତି ଯେତେ ବେଶି ଲୋକଙ୍କର ଭକ୍ତି ହେବ ସେତେ ବେଶି ତାଙ୍କର ଓ ତାଙ୍କ ବଂଶର ନାମଙ୍କର ଗୌରବ ହେବ । ଶେଷରେ ପୁଣି ଏମନ୍ତ ସବୁ ଯେ ତାହାଙ୍କ-ଙ୍କର ସ୍ମୃତି ହେବନି ତାଙ୍କ ସେବକମାନଙ୍କର ହିଁ ଭବର ସହିତ ଅତି ସମ୍ପର୍କ ରହିଥାଏ ।

ଗାନ୍ଧି ଯେ ଜଣେ ପ୍ରେମ ଅମ ଧର୍ମ ସାଧାରଣ ସହିତ୍ ତାଙ୍କର ମହାତ୍ମ ତାଙ୍କର ଦୁର୍ବଳ ଓ ଧର୍ମ ପ୍ରେରଣା ଯେଉଁ ସମାଜର ତାହା ଜଗତରେ ସ୍ୱୀକାର କରି ସେ ଅଟେ ସହିତ ଅଛନ୍ତି, ଏମନ୍ତ ଗାନ୍ଧିଙ୍କ ଏତ ଶ୍ଳୋକରେ ମଧ୍ୟ ଜଗତ ବଡ଼ିରେ ହୁଏ ଏହାର ହେବେ ସହିତ ହେବାଯାଇ ପାରନ୍ତି, ଏକଥା ପ୍ରଚାର କରିବା ଅଟେ ମହାପାପ ତ ନୁହେଁ, ଏହାକେତେଳେ ପ୍ରମାଣିତ ସତ୍ୟ ।

ଗାନ୍ଧିଙ୍କ ଅନ୍ତିମ ଦେବତା ସ୍ୱୟଂ ତାହା ଦ୍ୱାରା ତାହାଙ୍କ ହତ୍ୟା କରିବାର ଉଦ୍ୟମ ହୋଇ ବନ୍ଧ-ତାର ଅନ୍ୟ ତାତ୍ପର୍ଯ୍ୟ ଏହି ଯେ ତାହାଙ୍କ ଉକ୍ତିର ୧୨୫ ବର୍ଷ ପରମାୟୁ ପ୍ରତି ବ୍ରିକ୍ଷେପ ରଖିବାର ଅବ-ଶ୍ୟକତା ଅଛି ହେଉନାହିଁ । ଦେବତାର କଥିତ ସଙ୍ଗେ ପୁଣି ପାଏ ଅଟେ କଣ ? ସେତ ସବା ଜଗତ ଯେଉଁ ସବୁରେ ଗାଆ ଜନ୍ମଜୀ ଉଦ୍ଧାର ପାଇବ ହେଲ, ତାକୁ ଠିକ୍ ତାହାଙ୍କ ଯାଏ ଯାଏ ଉଚ୍ଚ ସ୍ତରରେ କରିପାର ପାରେ । ଯେତେ ଯେଉଁଠି ସତ୍ୟ ପୋଥା ସଜ୍ଞ ଏ ଜଗତ, ଅଥଚ ଯୁଗର ଶାନ୍ତ ମୂର୍ତ୍ତି—ଗତର ବାପତରେ ଅସ ତାହା ବାହାରିବ ନାହିଁ, ସେଇଥିପାଇଁ ବେଶି ଦେଖିବାର କଥା । କେଶିଷ୍ଟ ସରକାର ଉଚ୍ଚନେତାମାନେ ଖାଦ୍ୟ ଧନ୍ଦକ ସ୍ୱସ୍ଥ ଅପେକ୍ଷା ଅଧିକ ସ୍ୱସ୍ଥ ପାଇଁ ଯେ ବା ବେଶି ଲୋକଙ୍କ ଜୀବନ ପଡ଼ିବା ଉତ ଆନ ଭାବି ସ୍ୱସ୍ଥ ସହ ଦଳବେଳେ ଅଗରୁ ସ୍ୱାସ୍ଥ୍ୟର ପଟେ ବାସେର ଧର ପ୍ରସ୍ତୁତ ରହିବାକୁ ସେ ଜରୁରି ବ୍ୟବସ୍ଥା କରିବା ଦରକାର ଜଣାପଡ଼ୁନି ।

ଗାନ୍ଧିଜୀଙ୍କର ସବୁ ଶାନ୍ତ ସତ୍ତ୍ୱ ଦେଶରେ ଯେଉଁ ପୈଶାଚିକ ଲୀଳା ଚାଲିଛି, ତାହାର ଶେଷ କରିବା ତାଙ୍କ ଭକ୍ତମାନଙ୍କ ପକ୍ଷରେ ମଧ୍ୟ ସମ୍ଭବ ହେବାର ମୂଳରେ ଜଣ ଅଛି ? ୧୨୫ ବର୍ଷ ପର୍ଯ୍ୟନ୍ତ ବଞ୍ଚିବା କଥା ପାଖେଇ ଦେଇ ସେ ଯେ କୌଣସି ମୁହୂର୍ତ୍ତରେ ମରିବାକୁ ଲୋଡ଼ୁଛନ୍ତି ଏହାର ବାହାର ? ତାଙ୍କ ପେଟେ ମୃତ୍ୟୁ ମୃତ୍ୟୁରୁ ଉଦ୍ଧାର କରିବ କିଏ ? ଯେ ଉପାୟ କହେ ସେ କବାଟି ତାଙ୍କ ହତ୍ୟା ପାଇଁ ଉଦ୍ୟମ କରୁଥିବା ଷଡ଼ଯନ୍ତ୍ରକାରୀ ତପାସର ଭକ୍ତମାନେ ନୁହନ୍ତି । ତାଙ୍କ ଯେଉଁମାନେ ଦେବତା ଜ୍ଞାନ ଜଗର ସହିତ ହୋଇ ବସିଛନ୍ତି, ପୁଣି ସହିତର ପରମାୟୁ ୧୨୫ ବର୍ଷ ହେବାଟା ଏ ଦେଶରେ ମଧ୍ୟ ସାଧାରଣ ଓ ସମ୍ଭବ ବୋଲି ଭାବୁ କରନ୍ତି, ନିଜକୁ ଦୂରେଇ ରଖିରେ ସବୁଠାରୁ ବେଶି ସଙ୍ଗତ ବେଶି ସାଧାରଣ ବୋଲି ବୁଝନ୍ତି, ସେହିମାନେ ।

ଗାନ୍ଧିଜୀଙ୍କର ଯେଉଁ ଭକ୍ତ ଭକ୍ତମାନେ ଅତ ଶାସନ ଜଳ ପୁଲିସ୍ ଅଧିକାର କରିଛନ୍ତି, ସେହି ଶାସନ ସୁବିଧାର ପ୍ରତ୍ୟେକ କାର୍ଯ୍ୟ କଳାପରୁ ଅନେକତା ହେଲେ ସତ୍ୟର ମୂଳରେ ଗାନ୍ଧି-ମନ୍ତ୍ର ତଥା ଗାନ୍ଧିଙ୍କ ହତ୍ୟା କରିବାର ଷଡ଼ଯନ୍ତ୍ରହିଁ ଅଛି ଏତେ ।

—*—

## କୁତୁକୁତୁ

ବନ୍ଧୁର ପତ୍ନୀ—ଏହାର ଦୋଷ କଣ ?

ପୁଲିସ୍—ଏ ଲୋକ ବନ୍ଧୁକ ମାରୁଥିଲା ଠାରୁ ଟଙ୍କା ନେଉଥିଲା ।

ବନ୍ଧୁ—ତେବେ ମନ୍ତ୍ରୀଙ୍କ ଛଦ୍ମବେଶରେ (Impersonation) ଥିବା କାରଣ ଦଣ୍ଡିତ ହେବେ ।

× × ×

ମୁନ୍ନା—ମୋର ସ୍ୱାମୀ ଯେଉଁ ଦିନ ମୋ ମୁହଁରେ ଚାର୍ଚ୍ଚ୍ୟର ପ୍ରଥମ କ୍ରୀତ ଦେଖିଛି ଲେଖା ଦେଖିଲେ ତାଙ୍କଠାରୁ ମୁଁ ଦୁଃଖିତ ହେଲି ବେଶି ।

ସରମା - ମୁଁ ଜନ୍ମ ଆପର ତାଙ୍କ ସ୍ତ୍ରୀ କରିବ ଥିଲି— କହିଲି—ମୋର ଭାଗ୍ୟ ରେଖା ଖୋଲିଲାଣି ଏଥର ଉପର ଖୁବ୍ ଅର୍ଜନ ହେବ ।

\+ × +

ଡୋକ୍ତରର କହିଲା—ଆଜିକାଲି ଜଣେ ମକ୍କେଲ ଟଙ୍କା ଦବାକୁ ଗୁହେଁ ।

ଓକିଲ ଏକଥା ଶୁଣି ମନଦୁଃଖ ସୂଥିଲ ଜବାବ ସ୍ଥିର ମକ୍କେଲ ପ୍ରାଣକୁ ଉଦ୍ଧାରିଲେ ତାଲେ ସେ ପଳାଇ ଯିବ !

ନମୋଦରର କହିଲ—ଅଣ୍ଡ ସେ ଗୁଲିଖିବାର ଭୟ ନାହିଁ । ସେ ବର୍ତ୍ତମାନ ହାଜତରେ—ବର୍ଷେ ଜେଲ ହେଉଛି ।

ଓକିଲ—ଛଅବର୍ଷ ହେଉନାହିଁ । + × +

ସତ୍ରଲେଖ—(ମୁଁ ଚଲ ଶେଳ ଦେଖି ଦେଖି କହିଲେ) ଲୋକଟି ନେପୋଲିୟନ ପରି ଖେଳୁଛି ।

ଲକ୍ଷ୍ମୀକାନ୍ତ ଗୁପ୍ତ—ଅଣ୍ଡ ନେପୋଲିୟନ ତେବେ ଫୁଟବଲ ଖେଳୁଥିଲେ ବୋଲି ଜାଣିବାରେ ନାହିଁ

ସତ୍ରଲେଖ— ସେଇଥି ପାଇଁ ମୁଁ କହୁଛି । (ସ୍ୱରେନ୍ଦ୍ର)

\+ × ×

Digitized by srujanika@gmail.com

# ଓଡ଼ିଶାର ବିଚାରଧାରା

—ସନ୍ଧାନୀ

ଭାରତ ବର୍ତ୍ତମାନ ରାଜୁଡ଼ା ରାଜ୍ୟ ନେଇ ବ୍ୟସ୍ତ । ଜୁନାଗଡ ହାଇଦ୍ରାବାଦ, କାଶ୍ମୀର ଘୂରି ପୂର୍ବାଞ୍ଚଳରେ ତ୍ରିପୁରା । ଓଡ଼ିଶାର କ୍ଷୁଦ୍ର ରାଜ୍ୟ ମାନଙ୍କରେ ପ୍ରଜା-ଆନ୍ଦୋଳନ ଆରମ୍ଭ ହେଲେ ରାଜାମାନେ ଆଦିବାସୀ ସମସ୍ୟା ଆଣିଦେଲେ । ମୂଳରୁ ସମସ୍ୟା ଥିଲା । କଂଗ୍ରେସ କାର୍ଯ୍ୟକ୍ରମ ଭିତରେ ସେଥିପାଇଁ ତାହାର ସ୍ଥାନ ମଧ୍ୟ ରହିଛି । କିନ୍ତୁ ଦେଶର ନେତୃ ଦୁର୍ବଳତାର ସୁଯୋଗ ନେଇ ଦେଶର ଶତ୍ରୁ ରାଜାମାନେ ଏକ ସ୍ୱତନ୍ତ୍ର ଉତ୍ତେଜନା ଆଣି ଦେଇଛନ୍ତି । ଓଡ଼ିଶା ଗଡ଼ଜାତ ଓ ମୋଗଲ୍ ବନ୍ଦୀ ଏପରି ଅବାଞ୍ଛନୀୟ ସେ ଗଡ଼ଜାତର ଅରାଜକତା ମୋଗଲବନ୍ଦୀର ଶାନ୍ତିରେ ବ୍ୟାଘାତ ଆଣି ଦେବ କି ଦେବ । ଏ ଅବସ୍ଥାର ସମ୍ମୁଖୀନ ହେବାପାଇଁ ବର୍ତ୍ତମାନ ଦୁର୍ବଳ ନେତୃତ୍ୱ ଅଗ୍ରସର ନାହିଁ । ନେହରୁଜୀ ଆତଙ୍କବାଣୀ ଶୁଣାଇ ଦେଶକୁ ପ୍ରସ୍ତୁତ ହେବାକୁ କହୁଛନ୍ତି ଏବଂ ସେ ଦିଗରେ ୮ସ ଗତ ମଧ୍ୟ କରୁଛନ୍ତି ଦ୍ରୁତ ପଦ କ୍ଷେପରେ । କିନ୍ତୁ ଓଡ଼ିଶାର ପ୍ରଧାନ ଦୈନିକସମ୍ବାଦ ପତ୍ରରେ ଧମକ ବାଣୀ ଶୁଣାଇ ନିଶ୍ଚେଷ୍ଟ ହୋଇ ରହିଲେ ।

ବର୍ତ୍ତମାନ ଗଡ଼ଜାତର ଅତ୍ୟାଚାରିତ ଭାଇମାନଙ୍କ ସାହାଯ୍ୟ କରିବାପାଇଁ ଓଡ଼ିଶା ପ୍ରସ୍ତୁତ ହେବା ଉଚିତ । କାଶ୍ମୀରରେ ଜାତୀୟ ସମ୍ମିଳନୀ ସେପରି ସଂଗଠନ କରିପାରୁଛି ଓଡ଼ିଶା ଗଡ଼ଜାତର ସେଭଳି ସଂଗଠନ ନାହିଁ । କିମ୍ବା ଏବେ ଶୀଘ୍ର ସମ୍ଭବ ନୁହେଁ । ତେଣୁ ଗଡ଼ଜାତରେ ଶୃଙ୍ଖଳା ପାଇଁ ମୋଗଲବନ୍ଦୀକୁ ପ୍ରସ୍ତୁତ କରାଯାଉ ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ସବଡିଭିଜନରେ ସ୍ୱେଚ୍ଛାସେବକ କେନ୍ଦ୍ର ଖୋଲି ଯୁବକମାନଙ୍କୁ ଆହ୍ୱାନ କରାଯାଉ । ଛମାସ ପାଇଁ ସ୍କୁଲ କଲେଜ ବନ୍ଦ କରାଯାଉ । ସୁଶୃଙ୍ଖଳ ସ୍ୱେଚ୍ଛା-ସେବକ ବାହିନୀ ପ୍ରତ୍ୟେକ ରାଜ୍ୟର ପ୍ରଜାମଣ୍ଡଳଙ୍କ ଅଧୀନରେ କାର୍ଯ୍ୟ କରିବା-ପାଇଁ ଯେତେଶୀଘ୍ର ପ୍ରସ୍ତୁତ ହୁଅନ୍ତି ସେତେ ମଙ୍ଗଳ ।

## କଣ୍ଟ୍ରୋଲ

ଗାନ୍ଧିଜୀ କହୁଛନ୍ତି କଣ୍ଟ୍ରୋଲ ଉଠିଯାଉ । କିନ୍ତୁ ଆମ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ମହତାବ ତାଙ୍କ କାଗଜର ସଂପାଦକୀୟରେ କହୁଛନ୍ତି—ଏହା ଅସମ୍ଭବ । ଶ୍ରୀଯୁକ୍ତ ମହତାବଙ୍କର ଏମତ ପାଇଁ ଆମେ ଯେତେ ଚିନ୍ତିତ ନୋହୁଁ, ସେ ନିଜକୁ ଗାନ୍ଧି ବାଦୀ ବୋଲିବ ଗାନ୍ଧି ମତକୁ ସେପରି କଦର୍ଥ କରୁଛନ୍ତି ସେଥିପାଇଁ ଆମେ କେବଳ ଚିନ୍ତିତ ନୋହୁଁ—ଆତଙ୍କିତ ମଧ୍ୟ । ଶ୍ରୀଯୁକ୍ତ ମହତାବ କହନ୍ତି କେବଳ ପୂର୍ଣ୍ଣ ଅହିଂସ ସମାଜରେ କଣ୍ଟ୍ରୋଲ ଉଠିଯାଇପାରେ । ଅନ୍ୟଥା ନୁହେଁ । ଏହା ଗାନ୍ଧିଜୀଙ୍କ କଣ୍ଟ୍ରୋଲ ଉଠାଇବା ପାଇଁ କହିବାର ଅର୍ଥ ବୋଲି ମହତାବଙ୍କ ଉଚ୍ଚ ମହଲ କଂଗ୍ରେସର ଜଣେ ପୂଜା-ପଣ୍ଡା ତାର ସ୍ୱରରେ ଘୋଷଣା କରିବା କି ଗୁରୁତର ଅନ୍ୟାୟ ଏବଂ ଅଧର୍ମ ! କେବଳ ଏ ବିଷୟରେ ନୁହେଁ, ଖଦୀ ଓ ମୌଳିକ ଶିକ୍ଷା ବିଷୟରେ ମହତାବଙ୍କ ସରକାର ଗାନ୍ଧୀ ମତକୁ ଏହିପରି କଦର୍ଥ କରିବାରେ ଯେତେଦୂର ପ୍ରୟାସ କରୁଛନ୍ତି ସରକାରୀ ଯୋଜନାର ଅନ୍ୟ କୌଣସି ଦିଗରେ ସେଭଳି ଆଗ୍ରହ କମ୍ ଦେଖିବାକୁ ମିଳେ ।

କଣ୍ଟ୍ରୋଲ ପୂର୍ବରୁ ଅହିଂସ ସମାଜ ଇଂରାଜି ଶାସନ ତଳେ ଢେର ହୋଇ ନଥିଲା । ପାଞ୍ଚ ଛ ବର୍ଷ ଭିତରେ ଏତେ ଲୋକ ସଂଖ୍ୟା ବଢିଗଲେ ଯେ ପ୍ରତ୍ୟେକ ଦ୍ରବ୍ୟର ଅଭାବ ଘଟିଗଲା । ଏଭଳି ବିଶ୍ୱାସ କରିବାକୁ ଗଲେ ଆପଣାକୁ ଅନ୍ଧବୋଲି ମଧ୍ୟ ବିଶ୍ୱାସ କରିବାକୁ ପଡ଼ିବ । କଣ୍ଟ୍ରୋଲ ଆରମ୍ଭ ହୋଇଥିଲା, ଜନସଂଖ୍ୟା ବୃଦ୍ଧି ଓ ଉତ୍ପାଦନର ହ୍ରାସ ପାଇଁ ନୁହେ । ସେତେବେଳର ସରକାର ସାଧାରଣଙ୍କ ଖାଦ୍ୟ ଅପହରଣ କରିବା ପାଇଁ କଣ୍ଟ୍ରୋଲକୁ ଏକ ପ୍ରତ୍ୟକ୍ଷ ଅସ୍ତ୍ରରୂପେ ଆବିଷ୍କାର କଲେ । ଏହି ଅପହରଣ ପାଇଁ ମୁଦ୍ରା ସ୍ଫୀତି ଆଦି ଯେତେ ଅପ୍ରତ୍ୟକ୍ଷ ଉପାୟ ଗଢ଼ାହେଲା ତା ଫଳସ୍ୱରୂପ ସମାଜର ବିଶୃଙ୍ଖଳାକୁ କୌଣସି ପ୍ରକାରେ ସଙ୍ଗତ କରିବା ପାଇଁ କଣ୍ଟ୍ରୋଲର ବ୍ୟବସ୍ଥା ମଧ୍ୟ ହେଲା । ଆଜି ସେ ପରିସ୍ଥିତି ନାହିଁ—ସେ ସରକାର ନାହାନ୍ତି । ତଥାପି ସମାଜର ଅର୍ଥନୀତି ବିଶୃଙ୍ଖଳ ବ୍ୟତିବ୍ୟସ୍ତ । ତାର କାରଣ, ମୁଖ୍ୟ କାରଣ, ସମାଜର କେତେକ ଅସାମାଜିକ ପ୍ରାଣୀଙ୍କର ସ୍ୱାର୍ଥପର ସମାଜଦ୍ରୋହିତା । ସରକାର ଏକ ଦିଗରେ ସେମାନଙ୍କୁ ଅପୃଷ୍ଠ କରିବାପାଇଁ ବିଧାନ ମାନ କରୁଛନ୍ତି, ଅନ୍ୟଦିଗରେ କଣ୍ଟ୍ରୋଲ ଦ୍ୱାରା ତାଙ୍କମୁଠା ଶକ୍ତ କରି ଦେଉଛନ୍ତି । କଣ୍ଟ୍ରୋଲ ଅର୍ଥ ସରକାରୀ ଆଦେଶ ଏବଂ ତାହାକୁ ପାଳନ କାରୀ ବ୍ୟବସାୟୀ ଓ ଅଫିସର । ଏମାନଙ୍କ ଉପରେ ଭରସାକରି ସରକାର ଯଦି ଭାବନ୍ତି ଯେ ଲୋକଙ୍କୁ ଦାନାକନା ଯୋଗାଇବାର ଦାୟିତ୍ୱ ତାଙ୍କର ଏବଂ ସେ ଏହି ଦୁଇ ଦାୟିତ୍ୱହୀନ ସଂପ୍ରଦାୟ ଦ୍ୱାରା ତାହା କାର୍ଯ୍ୟରେ ପରିଣତ କରି-ପାରିବେ ତେବେ ସେ ସରକାର ଅନ୍ଧ ସରକାର ।

ଦାୟିତ୍ୱ ଲୋକଙ୍କୁ ଛାଡ଼ିଦିଆଯାଉ । ପ୍ରତ୍ୟେକ ଗାଁକୁ ତାର ଖାଦ୍ୟ ଯୋଗାଡ଼ର ଦାୟିତ୍ୱ ତାଂର ଉପରେ ରଖିଦିଆଯାଉ । ସରକାରୀ ପ୍ରଧାନମାନେ ଦେଖିବେ, ଗାଁର ମୂର୍ଖଲୋକ ତାଙ୍କଠୁ ଅଧିକ ଯୋଗ୍ୟ ଓ ବୁଦ୍ଧିମାନ୍ ।



Digitized by srujanika@gmail.com



# ଈଶା ମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଈଶା ମାମୁଁର ସ୍ୱଭାବ, ସେ ବେଶି କଥା କହେ ନାହିଁ, ଅନ୍ତତଃ, ତା ପରି ଅବସ୍ଥାରେ ଲୋକ, ଯେପରି ଫଟୁଳିଆ, ବୋହାପିଆ ବା ଝୁଅାକୁହା ହୁଅନ୍ତି ତା ସେ ନଥିଲା । କେବଳ ତା'ର ଦୁର୍ବଳତା ଥିଲା ଗୋଟାଏ ସ୍ଥାନରେ । ସେ ତା'ର ସ୍ୱଦେଶ ପ୍ରୀତି । 'ସ୍ୱଦେଶ' ମାନେ. ଆମେ ଆଜି-କାଲି ଯେଉଁପରି ବ୍ୟାପକ ଭାବରେ ବୁଝୁ, ତାହା ସେ ସ୍ୱଦେଶ ନୁହେଁ,—ସେ ତାର ସ୍ୱ—ଗ୍ରାମ । ସେ ଜୀବନରେ ଅର୍ଥାତ ସଜ୍ଞାନ ଜୀବନରେ ନିଜର ଗ୍ରାମ କେବେ ଦେଖିଛି କି ନାହିଁ ସନ୍ଦେହ, ଦେଖିଥିଲେ ମଧ୍ୟ ଗ୍ରାମର ବିଶେଷ କିଛି, ଜାଣିଛି କି ନାହିଁ, ତତୋଧିକ ସନ୍ଦେହ । କିନ୍ତୁ କଥା ନହେବରେ ଯଦି କୌଣସି ମତେ ତାର ଗ୍ରାମ ଆସି ମତେ ବା ସେ ନିଜେ ଟାଣିଭିଡ଼ି ଗ୍ରାମକୁ ଆଣି ପକାଇ ଦେଇ ପାରେ, ତେବେ ସେତିକି ବେଳେ ସେ ଶତଜିହ୍ୱ ହୋଇଯାଏ । କୁଆଡ଼େ ଯାଏ ତାର ସଂଯମ, କୁଆଡେ ଯାଏ ତାର ଗାମ୍ଭୀର୍ଯ୍ୟ, କୁଆଡେ ଯାଏ ତାର ମୁରବ୍ବି ପଣିଆ ।

ତା' ମୁହଁରୁ ତାଙ୍କ ଗ୍ରାମ କଥା ଯାହା ଶୁଣିଛୁ ତାହା ଏହିରୂପେ:—ତାଙ୍କ ଗ୍ରାମର ନାମ ନବଗଡ଼ । ସେଠି ପୂର୍ବେ ଏକ ରାଜାଥିଲେ । ମାମୁଁ ଅମର ସ୍ୱୟଂ ସେହି ରାଜବଂଶଧର । ପଠାଣ ମରହଟ୍ଟା ମାନଙ୍କରେ ଲଢ଼େଇ କରି ରାଜ୍ୟ—ପାଟ, ଧନ ଦୌଲତ ସବୁ ହରେଇଥିଲେ । ଏବେ ଗଡ଼ଟା ରହି ଯାଇଛି । ତେ ଚାରିପଟି ଗଡ଼ଖାଇ ଅଛି, ସେଥିରେ ଅନେକ ପାଣି, ଖାଇ ପଛକୁ ଯେଉଁ ଗାନ୍ଥି ଅଛି ସେ ମାକଡ଼ା ପଥରରେ ତିଆରି, ଗଡ ଭିତରେ ନଅର ଅଛି, ସେ ନ'ଟା ତାଲା ଥିବା କୋଠା । ବଂଶୀ ହଂସପୁର ନ ପ୍ରସ୍ଥ । ତା' ଭିତରେ ବେଶ୍ ପୋଖରୀ । ସେଥିରେ ଯେଉଁ ମାଛ ଅଛନ୍ତି, ତାଙ୍କ ନାକ କାନ ସୁନା ଫାସିଆରେ ଫୋଡା ହୋଇଛି ଓ ମାଛଙ୍କ ଦେହରେ ଲୋମ ଉଠିଛି । ନ'ଟା ଦେଉଳ । ସବୁ ଦେଉଳରେ ସୁନାର କଳସ । ପଠାଣମାନେ ଅବଶ୍ୟ ତାହା ଭାଙ୍ଗି ନେଇଛନ୍ତି । ଦେଉଳ ଚଟାଣ ସବୁ ଶ୍ୱେତମର୍ମର ବନ୍ଧା । ଗଡ଼ ଦୁଆରେ କଂସାର କବାଟ ଥିଲା । ରାଜ୍ୟ ଯିବା ପରେ ସେହି କବାଟ ଆଉ ପଥର ବିକି ତାଙ୍କର ସାତ ପୁରୁଷ ମହା ମଉଜରେ ଚଳିଲେ । ତାଙ୍କର ଜଣେ କିଏ ପୂର୍ବ ପୁରୁଷ, ବୋଧ ହୁଏ ପରି ଗୋସାପ ହେବେ, ଗୋଟାଏ କୂଅ ଖୋଳୁ ଖୋଳୁ ଗଙ୍ଗାଏ ଜାଇପୁରୀ ଅସରଫୀ ପାଇଥିଲେ । ସେବେ ସୁଦ୍ଧା ଗଡ ଭିତରେ ଯେଉଁଠି ସେଇଠି ଖୋଳି ପକାଇଲେ କିଛି ନ ହେଲେ କିଛି ସୁନା, ରୁପା, କଂସା, ପିତ୍ତଳ, ମିଳେ । ଯଦି ଓ ତାଙ୍କ ରାଜ୍ୟ ଯାଇଛି, ରାଜା ନା'ଟା ଲୋପ ପାଇନାହିଁ । ସେ ନିଜେ ସେବେ ତାଙ୍କ ବାପା ମରିବା ପରେ ଟଙ୍କୁ ଯାଇଥିଲେ, ଗ୍ରାମର ପାଞ୍ଚ କୋଶର ପ୍ରଜାମାନେ ଆସି ତାଙ୍କୁ ଭେଟି ଦେଇଥିଲେ 'ନୂଆରଜା' ବୋଲି ଡାକିଥିଲେ । ତାଙ୍କ ବାପାଙ୍କ ପୁରୁଷ ଯାକେ ତାଙ୍କର ଅଭିଷେକ ଥିଲା, କେବଳ ତାଙ୍କର ଅମଳକୁ ସେଇଟା ବନ୍ଦ ଯାଇଛି । ତାର କାରଣ ସେ ଆମ ଏଠି ଥିବାରୁ ଠିକ ସମୟରେ ଉପସ୍ଥିତ ହୋଇ ପାରିଲେ ନାହିଁ । ତଥାପି ଏବେ ସୁଦ୍ଧା ସେ ଯଦି ମନ କରି ସେଠି ଯାଇ ବାସ କରନ୍ତି, ତେବେ ପ୍ରଜାମାନେ ହାଲ କମିବାରକୁ ଖଜଣା ନଦେଇ ତାଙ୍କୁ ଦେବେ ଏଥିରେ ସନ୍ଦେହ ନାହିଁ । ମାତ୍ର ଏଠି ଗୋଟାଏ ମାୟା ମମତା ଲାଗି ଯାଇଛି, ସେଥିପାଇଁ ତାଙ୍କର ଯିବାକୁ ମନ ବଳେ ନାହିଁ । ଆମେ ସବୁ ଯଦି ସେ ବିଷୟରେ କେବେ ଜିଦ୍ କରୁ ତେବେ ମାମୁଁ ଉତ୍ତର ଦିଅନ୍ତି—"ଛାଡ଼ ସେ କଥା—ସୋଉଗଳା ତିଅଣର ଆଉ ସ୍ୱାଦ କଣ । ଯାହାକୁ ଛା—କରି ଦେଇଛୁ, ଆଉ ସେଆଡ଼କୁ ମୁହଁ କରିବ ନାହିଁ । ହସ ଖୁସିରେ ମଉଜ ଫୁର୍ତ୍ତିରେ ଦିନ କଟିଗଲେ ଢେର ।" ମାମୁଁଙ୍କର ଏ ବୈରାଗ୍ୟ ଏ ମହତ୍ତ୍ୱ ଦେଖି ଆମ ତରୁଣ ହୃଦୟ ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିରେ ଉଚ୍ଛୁଳି ଉଠେ ।

ଆମେ ସାଙ୍ଗସୁଖ ହୋଇ ଖେଳିଲା ବେଳେ ପହିଲି ପହିଲି ମାମୁଁ ବଡ ସ୍ନେହରେ ଆସି ସେଥିରେ ଉତ୍ସାହ ଦିଅନ୍ତି । ଅଙ୍ଗୁଳି ଦେଖାଇ ଦେଖାଇ ବାହୁ ପ୍ରବେଶ । କ୍ରମେ ସ୍ୱୟଂ ଆମ ସାଙ୍ଗରେ ଯୋଗ ଦ ଦେଲେ । ଥଟ୍ଟା ଟାପରା, ଇଆରକି ମଧ୍ୟ ଚାଲିଲା । ମାତ୍ର ଆମେ କେବେ ସୀମା ଲଙ୍ଘନ କରିନାହୁଁ ଯେପରି ଆଜି କାଲିକା ଟୋକାଏ କରନ୍ତି । ଅନାବିଳ ଏ ଥଟ୍ଟା ତାମସା ମଧ୍ୟରେ ବି ଗୋଟାଏ ମର୍ଯ୍ୟାଦା ବା ସମ୍ଭ୍ରମ ରକ୍ଷା କରିଥାଉଁ । ସେ କିନ୍ତୁ ବଡ଼ ସରଳ । ସେ ଅକୁଣ୍ଠିତ ଭାବରେ ଆମ ସାଙ୍ଗରେ ମିଶିଯାଏ ଓ ଯେପରି ଆମର ସମାନ ହେବାକୁ ଚାହାଁଲା । (କ୍ରମଶଃ)

---

## କୁତୁକୁତି

ଶିକ୍ଷକ— ଆମେରିକାର କୌଣସି ଧୋବା ଦୋକାନରେ ଦେହରୁ କୁର୍ତ୍ତା ନ ଖୋଲି ଇସ୍ତ୍ରି କରାଯାଏ ।—

ଛାତ୍ର—ପଇସା ପଡେ ନା ?

ଶିକ୍ଷକ—ନିଶ୍ଚୟ !

ଛାତ୍ର—ସାର ଭାରତରେ ବି, ଏନ, ଆର ଗାଡ଼ିରେ ବିନା ପଇସାରେ ଇସ୍ତ୍ରି ହୋଇଯିବ ।

× + +

Digitized by srujanika@gmail.com

ଚିଠାଉ……

# ଜଗନ୍ନାଥେ ଭଲ କରନ୍ତୁ

( ପଣ୍ଡିତ ) **ନୀଳକଣ୍ଠ ଦାସ**

ଆୟୁଷ୍ମାନ୍ ନିତ୍ୟାନନ୍ଦ,

ତମେ ଏତେ ଯୋଗ୍ୟ ହେଲେହେଁ ଦେଖୁଛି, ଏବେବି ପିଲାଳିଆ । ମତେ ତାହିଁକି 'ଝପାଳି—ଡଗର' ପାଇଁ ଲେଖିବାକୁ କହୁଛ ? 'ଡଗର'ର ଉପର ଚହଟଠାରୁ ଭିତର ଚହଟ ପର୍ଯ୍ୟନ୍ତ, 'ଉଲ୍ଥ ଶବ୍ଦ'ଠାରୁ 'ସାପ୍ତାହିକ' ପର୍ଯ୍ୟନ୍ତ 'ବର୍ଣ୍ଣାମମୁଁ' ଠାରୁ 'କୁହୁକୁରୁ' ପର୍ଯ୍ୟନ୍ତ, 'ଯୋଜନା' ଠାରୁ 'ନିବନ୍ଧ' ପର୍ଯ୍ୟନ୍ତ, ସର୍ବତ୍ର ରସ ଢଳିପଡୁଛି । ସେ ରସପୁଣି କପରି ? 'ଶୃଙ୍ଗାର' ଠାରୁ 'ଶାନ୍ତ' ଯାଏ ନଅଟିଯାକ ରସ ସେଥିରେ ହେଉଛି ଅଛି, ହେଉଛି ନାହିଁ । ଭରତ ବ୍ୟାସ ଓ ବେଦ ଜନ୍ମହେବାର ବହୁ ପୂର୍ବ କାଳରେ ଆମ ହିନ୍ଦୁ—ଇଣ୍ଡୋଇରାନୀୟ ପୂର୍ବପୁରୁଷ ଯେବେ ବଣରେ, ଗଛମୂଳେ ନିର୍ଲଜ୍ଜ ଉଁ କରି ଶେଇଁ ଫେଣାରୁ ମନକୁ ଗଳାପଡୁଥିବା ସେଇ ଯେଉଁ ଅଦମ ମହୁ ପିଉଥିଲେ, ତା ରସକୁ କଳ ଏ ରସ । ସତରେ ନିତ୍ୟାନନ୍ଦ, ଏ ରସପାଇଁ ଜମା ତଳକୁ ମୁହଁ କରିବାକୁ ପଡ଼ୁନାହିଁ । ରସ ତ ଟୋକି ଚମୁଡ଼ି ସଂଗ୍ରହ କରିବା ଦରକାର ନାହିଁ । କେତେ ଫୁଲରୁ ଆସି ଯେପରିକି ଜମାହୋଇଛି । ଥିଁ କୁଠିକ୍ ଦେଖାଇ ଖାଲି ଚାଟ୍ ହୋଇ ଶୋଇ ପଡ଼ିଲେ ହେଲା । ଏପରି 'ଡଗର' ! ଯେଉଁ ରସ ବାଣ୍ଟିବ, ସେ ରସ କଣ ତମେ ମୋଠାରୁ ଭିକ୍ଷା କରି ପାଇବ ? ତମ 'ଡଗର' ଉପରେ ପୁଣି ପରିହାସର ଅନନ୍ୟ ସଙ୍କେତରେ ନିତ୍ୟ ତରଙ୍ଗ ଉଠୁଛି । ଲୋକେ କହନ୍ତି, ଧରି ହସିଲେ ପରିହାସ । ମୋତେ ଦେଖାଇ ପର ହସାଇବ ବୋଲି ହୁଏତ ଚାହୁଁଛ । ସେଥିରେ କିନ୍ତୁ ମୁଁ ଧରାଦେବି ନାହିଁ, ମୁଁ ଡରୁଛି । ଲେଉଟିଛ ପୁଣି ଝପାଳୀର ଗହଳ ଭିତରେ ମୋତେ ଫିଙ୍ଗିଦେଇ ତମେ ଛଡ଼ ଅଲଗା ହୋଇଯିବ । କିନ୍ତୁ ଆମ ଝପାଳୀ ତ ଚଲଚଞ୍ଚଳତା ମଳା ନୁହେଁ ? ସେଥିରେ ମୁଁ ବାଜି ବାଜି ହୋଇ ଦଶିବି, କ ମୋ ଦେହରେ ନର୍ଯ୍ୟ ଲାଗିଯିବ, ଜାଣିଚ ? ମୋ ଦେହରେ ତ ଅର୍ଥ ଲାଗିଯିବାକୁ ସାମଗ୍ରୀର ଅଭାବ ନାହିଁ ? ଦାଡ଼ିଟା ତ ଅଛି ଅଛି ! ଜାଣିକରି ତ ସେ ଦାଡ଼ିଟାରେ ଦିଅ ଲଗାଇବାକୁ କେହି ମଧ ନାହାନ୍ତି, ନୁହେଁ । ମୋତେ ତାହିଁକି 'ଝପାଳୀ' ଅଡ଼କୁ ଟାଣୁଛ ? ଝପାଳୀର ଆଲୁଅ ଯେତେ ତେଜିଲେ ବି ବୃଦ୍ଧାଟା କିଛି ସରସ ଦିଶିବନାହିଁ । ତମ 'ଡଗର'ର ପୂର୍ବ ଦେଖୁଛି, ସେକାଳର 'ଶବର ବିଶ୍ୱାବସୁ' 'ନୀଳମାଧବ' ରୂପୀ 'ଜଗନ୍ନାଥଙ୍କୁ ସେବାରେ ଗୁଣ କନ୍ଦମୂଳ ଭୋଗ ଦେଲାପରି ସବୁ ବଣ ଦେବତାଙ୍କ ଚାଖା ଚୋଖା ରସୁଆଳ ଭୋଗ ବାଢ଼ୁଛି । ମୁଁ ଏପରି 'ଝଣ୍ଡନ-ଖଣ୍ଡ-ଖାଦ୍ୟ'କୁ ସୁଆଦିଆ କରି ବାଢ଼ି ପାରିବି କି ? ମୁଁ ଦେଲେ ଦେବି ବଡ଼ଆରୁ ବଡ଼ ଓଷଧବଟିକା । ଅକର୍ମା ଟାଏଡ ମୁଁ । ଏଦେଶରେ ଅକର୍ମା ହେଲେ, ଦରପାଠୁଆ ହୁଅନ୍ତି, ଜଳଛେପ, ନହେଲେ ବଇଦ । ମୁଁ ସୁ ବଡ଼ ଦେବି, ତା ହବ କଷା, ପିତା, ନହେଲେ ରାଗ । କଉଁଠି ମଧୁର ହୁଏ ? ସେଥିରେ "ଅନୁପାନ' ଦେଇ, ମହୁ ପିପ୍ପଳୀ ପରୀକ୍ଷ କରି ଖାଇବାକୁ ହବ । କିନ୍ତୁ ଫକୀର ମୋହନଙ୍କ କଲ ଅର୍ଥ ଧରି କେହି ଯଦି 'ବୋଧ ମାଇଲା ପରି' ଗ୍ରହଣ କରିବ ବୋଲି ବିଶେଷ କରି ଅନୁପାନ ଦେଇ ଖାଏ, ତେବେ ତମମତ ଆଜି ମୋ ପିଠିରେ ପଡ଼ିବାକୁ ନଥିବ? ଥିଲେବି ଖାଲି ତାହୁଁ ଠିଅ ହୋଇଥିବ । ଦେଶଯାକ ସ୍ୱାଧୀନ । ମନ୍ତ୍ରୀଙ୍କଣ ଆଜି ପରାଧୀନ ହୋଇଛନ୍ତି, ନା ପର ମୁହଁକୁ ଗୁହୁଁଛନ୍ତି ? ପୁରୁଷ ଖର୍ଚ୍ଚ ବ ଢଳବୃଦ୍ଧି ବଢ଼ିଛି । ତାହାପାଇଁ ଗୋଟେ ସତ ବଇଦ ଗପ କହୁଛି, ତେବେ ଶୁଣ ।

ମୁଁ ପିଲାଟିଏ ହୋଇଥିଲି । ମୋର ହେଲା ଭାରି କୁରୁମି—ଜ୍ୱର ଟିକିଏ ବି ଥାଏ । ଆମ ଗାଁରେ ଥାଆନ୍ତି 'ଭଗିକର' ବୋଲି ବଇଦ । ତାଙ୍କ ଗାଁ ପାଞ୍ଚ କୋଶରେ ଡାକ୍ । ସେ ବଟୁଆଏ ବଡ଼ ଧରି ଆସି ପହଞ୍ଚିଲେ; ନାଡ଼ୀ ଦେଖିଲେ; ସବୁ ଶୁଣିଲେ; କଳା କଳା ଯୋଡ଼ାଏ ବଡ଼ ବଟୁଆରୁ କାଢ଼ି ଦେଲେ, କହିଲେ, 'ଇଅନାଡ଼ି' (ଅସ୍ପୃଷ୍ଟ—ମହାଲନ୍ଦା!; ଗଡ଼ଅଡ଼ୁଳ ଓଦା ଜଲ୍ଲା ମାଟି ଖୋଳିଲେ, ନାଡ଼ପରି ଲମ୍ବା ଲମ୍ବା ଯେଉଁ ଜୀବଗୁଡ଼ିକ ବାହାରନ୍ତି, ଯାହାଙ୍କୁ ବନ୍ୟସିରେ ଗୁନ୍ଥି ବଜ ଗଡ଼ସ ଧରାହୁଏ ) ସିଝାଇ, ଚକଟି, ଚମୁଡ଼ି, ଛାଣି ସେଇ ପାଣିରେ ମହୁ ପିପଳୀ ପରୀକ୍ଷ କରି, ଏ ବଟିକା ଦବାକୁ ହବ । ବୋଉର ମୁଁ ସାତ ମଙ୍ଗରେ ପିଲା—ଗୋଟିଏ ବୋଲି ପୁଅ ; ସେ ଦୌଡ଼ିଚାଲି, ଗଡ଼ିଆ କୂଳକୁ; ଖୋଳି ଅଣିଲା ବଡ଼ ଠେଙ୍ଗେଇଟାକରେ ଖେଳେଇଏ ଭମ୍-ନାଡ଼ । ସିଝାଇ ଦେବାରୁ ସେ ଦଶିଲେ ବସ୍ତାସିଅଁ ତାମ୍ପଣ ପରି ମୋଟା ମୋଟା ଲମ୍ବା ଲମ୍ବା—ଏତିକିଟାମାନ । ସେଥିରୁ କଂସାଏ ଚକଟି ଚମୁଡ଼ି ଛାଣି, ସେଥିରେ ଗିନାଏ ମହୁ, ଯେ ଷେ ପିପ୍ପଳୀ ଗୁଣ୍ଡା ପରୀକ୍ଷ କରି ବଟିକା ସଙ୍ଗେ ମୋତେ ମାଡ଼ିବସି ପେଟେ ପିଆଇ ଦେଲା । ମୁଁ ଆଜି ଯାଏ କୁଅଡ଼େ ? ସନ୍ଧ୍ୟା ବେଳକୁ ମୋ ପେଟ ଅଟିକା ପରି ଫୁଲିଗଲା; ମୋର ଅଠାଠିକ୍ । ସେତେବେଳକୁ ସ୍ୱପ୍ନରେ ଡାକ୍ତର ଗଗନ ବାବୁ ନୂଆ କରି ଡାକ୍ତରି 'କ୍ରୁରୁସି ଓଷୁଅ' (ସାଣ୍ଟୋନାଇନ ?) ଚଳୁଥାନ୍ତି ପ୍ରଶ୍ନ ଆମ ଗାଁକୁ ମୋଟେ ପାଞ୍ଚକୋଶ । ନନା (ମୋ ବାପା) ଦଉଡ଼ିଯାଇ ସେଇ 'ଅମେଧ' 'କୃରୁମି ଓଷୁଅ'ରୁ ଟିକାଏ ଲେଖାଏ ଦେଇ ଦୁଇପନ କିଣି ଆଣିଲେ । ମୁଁ ବଞ୍ଚିଗଲି । କିନ୍ତୁ ଭଗିକର ଯାଉଛନ୍ତି କୁଆଡେ ? ଗାଁରେ ମହାଜନ ମେଲା ବସିଗଲା / ମୁରୁଢିଆର (ଗାଁ 'ମହାଜନ ମେଳା'ର ହେଉଣିଆ ତପସ୍ୱୀ! ଭଇ, ମହାନ୍ତି ଯାଇ ଭଗିକରଙ୍କୁ ଝିଣ୍ଟିକାପରି ଉଡାଇ ଆଣିଲେ । କରେ ଯେତେ କହିଲେ, ଅଜ ଶୁଣୁଛିକିଏ ? ମୋ ବୋଉର କଣ ଅସ୍ତ୍ର ଦେଖିଛ ? ସେ କଥାବା ଆଜି ପଚାରୁଛି କିଏ ? କରଙ୍କ ଉପରେ ଗାଁ ଦିଅଙ୍କଯାଇଁ ଯାଏ ଚନ୍ଦନକାଠ ଜୋରିମାନା ହେଲା । କରେ 'ମହାଜନ ମେଳା'ରେ ମନକୁ ଢନଥର କାନ ମୋଡିହୋଇ ଗାଈରେ ଗୋପୂଜା ମାରିହେଲେ; ରକ୍ଷାପାଇଲେ ଅବଶ୍ୟ କାନମୋଡି ଗୁପୂଜା ମରିହେବେ, ଗାଁରେ ଡାକିଲେ ଅଉ ତାହା ଘରକୁ ଯିବେ ନାହିଁ ବୋଲି । ମାତ୍ର ସେକଥା କେହି ପସନ୍ଦ କଲେନାହିଁ, ପାଆକ ଚନ୍ଦନ କାଠ ସାର ହେଲା ।

କିନ୍ତୁ ମୋପରି ବଇଦ ଧରାପଡ଼ିଲେ ତ ଅଜ ପାଏ ଚନ୍ଦନକାଠରେ କଥା ଛିଡ଼ିବ ନାହିଁ ସେଥିପାଇଁ ଡରୁଛି, ତମ ଝପାଳୀ ସଂଖ୍ୟାକୁ ଲେଖିବାପାଇଁ ମତେ ଲୋଡ଼ନାହିଁ । ମୋ ବାପାମାଆ, ମତେ ଛାଡ଼ିଦିଅ ।

ଶୁଭକାଂକ୍ଷୀ
ନୀଳକଣ୍ଠ ଦାସ

Digitized by srujanika@gmail.com

# ଓଡ଼ିଆ ମହାଦେବ

(କ୍ଷମା ପ୍ରାର୍ଥନା ସହ)

( ନାନକ ସାହେବ ବହୁ ବର୍ଷ ପୂର୍ବେ ଓଡ଼ିଶା ଜଗନ୍ନାଥଙ୍କୁ ଦେଖି ଯେଉଁ ଗୀତ ଗାଇଥିଲେ ତାହା ଓଡ଼ିଶାରେ ଅଳ୍ପ ସୁଦ୍ଧା ବହୁ ଲୋକଙ୍କ ମୁଖରେ ଶୁଣାଯାଏ । କିଛିଦିନ ତଳେ ତାଙ୍କର ଆତ୍ମା ପୁନର୍ବାର ଓଡ଼ିଶାକୁ ଆସିଥିଲେ ସେହି ଜଗନ୍ନାଥ ଦର୍ଶନ ଲାଗି । ଆଗେ ଯେଉଁ ଜଗନ୍ନାଥ ଥିଲେ ସେ ଜଗନ୍ନାଥ ତ ଆଉ ନାହାନ୍ତି । ଦିନେ ଖାଇବାକୁ ପାଉଥିଲେ ତ ଦିନେ ନାହିଁ । ପଇସା ପତ୍ର ଦେଇ ପାରୁ ନାହାନ୍ତି ବୋଲି ତାଙ୍କ ଜିନିଷ ପତ୍ର ଲୋକେ ଚୋରାଇ ନେଲେଣି । ଆଖିରେ ମୋତିଆ ବିନ୍ଦୁ ଅଡ଼େ ପଡ଼ୁଛି ଯେ କିଛି ଦେଖି ପାରୁ ନାହାନ୍ତି । ସେଥିଲାଗି ତାଙ୍କର ଆଗରେ ଚୁର ମାଡ଼ ତ ଭକ୍ତ ମାନଙ୍କ ଉପରେ ହେଉଛି । ଏ ସବୁ ଶୁଣି ନାନକ ସାହେବଙ୍କ ଆତ୍ମା ଆଉ ଜଗନ୍ନାଥ ଦର୍ଶନକୁ ଗଲେ ନାହିଁ । ସିଧା ଚାଲିଲେ କଟକ ମହାଦେବଙ୍କୁ ଦେଖିବାକୁ । ଦର୍ଶନ ସାରି ଏହି ଗୀତଟି ଲେଖିଥିଲେ । ଓଡ଼ିଆମାନେ ତାଙ୍କର ଜଗନ୍ନାଥ ଦର୍ଶନର ଗୀତକୁ ଖୁବ୍ ପସନ୍ଦ କରିଥିଲେ, ସେଥିଲାଗି ସେ ମହାଦେବ ଦର୍ଶନ ଗୀତଟି ଗୋଟିଏ ବେତାଳ ହାତରେ ମୋ ପାଖକୁ ପଠାଇ ଦେଲେ । ଗୀତଟି ତଳେ ଦିଆଗଲା । )

—ଂ—

ଠାକୁର୍ ଭଲେ ବିରାଜୋ ଜୀ,
ଓଡ଼ିଶା ମହାଦେବ କଟକ ମେ ॥ ଘୋଷା
ଜବ୍‌ସେ ଟେଲିର୍ଡ଼ ଅହମଦ୍ ଦୁର୍ଗି,
ଇଂରେସ ଦେବାଗ୍ରାମ
କଟକ୍ ସହରମେ ଅୟେ ବିଂଟେ,
ଟେଲିଡ଼୍‌କେ ଉପନା ଧାମ୍
ଠାକୁର ଭଲେ ବିରା-ଜୋ ଜୀ
'ପ୍ରସାଦ' ଟାଏ ସିଂହଭୂମ୍ ଖୋ
ପଠାଭ୍ କୋରାପୁଟ୍
ଆଁଖ୍ ମୁଦକେ ବୈଠେ ମହାଦେବ
ହୋଏ ଓଡ଼ିଶା ଲୁଟ୍,
ଠାକୁର ଭଲେ ବିରାଜୋ ଜୀ ।
ବଙ୍ଗାଲି, ବିହାରୀ, ତେଲଗୁ ଚଲିଏ
ମହାଦେବ ହୈ ବଢ଼ିଆ
ସିର୍ଫ୍ ପେଟ୍‌ଭର୍ ନହିଁ ସକତା ହୈ
ଅଧମ୍ ଜାତ ଓଡ଼ିଆ ।
ଠାକୁର ଭଲେ ବିରାଜୋ ଜୀ,
ଓଡ଼ିଶାମେ ଥାଏକ ଉଡ଼ୁମା
ଘେଡ଼ା ମାନ୍ଦ୍ରାଜ ଓ୍ୱାଲ
ଦାମୀ ବନକର୍ ମହାଦେବ ଜୀ
ଦେ ଦିଆ ଅପନା ଥାଲ
ଠାକୁର ଭଲେ ବିରାଜୋ ଜୀ ।
'ସମାଜ' ହୈ ଏକ ବଡ଼ା କାଗଜ୍
ଚଲାୟା ଉଡ଼ୁମା ଗୟା
ଯାନେ ବନ୍ଦେ ଠାକୁର୍ ଉପରସେ
ଜାନ ବୁଝ୍ କର ସୋୟା,
ଠାକୁର୍ ଭଲେ ବିରାଜୋ ଜୀ,
ମୁଜ୍ଞା ନ ପାକେ ରାମଜୀ ଠାକୁର
ହୋଏ ବଡ଼ା ପରଚଣ୍ଡ୍
ଗର୍ଜନ କର୍ ପଶ୍ଚିମ ଦିକ୍‌ସେ
ବୋଲା 'ଲେଙ୍ଗେ ଝାଡ଼ଖଣ୍ଡ ।'
ଠାକୁର ଭଲେ ବିରାଜୋ ଜୀ ।
କୋପୀ ହୋକର୍ ଓ୍ୱହ ଠାକୁର ଜୀ
କଟକୀ ତୋ ସନ୍ତାପେ
ଅଗେ ଦେଖକର୍ ମହାଦେବ ଜୀ
ବଡ଼େ ଭଲ ବନଗୟେ,
ଠାକୁର୍ ଭଲେ ବିରାଜୋ ଜୀ,
ଫୁ ଫୁ କରକେ ସାପ ଏକ ଉଠା
ନାମ ହୁଏ କମ୍ୟୁନିଷ୍ଟ୍
ଚଲୁଡ଼ ରୂପମେ ମହାଦେବ ଜୀ
ବନାଦିଆ ଶାନ୍ତ ଶିଷ୍ଟ୍ ।
ଠାକୁର ଭଲେ ବିରାଜୋ ଜୀ,
ଖବର କାଗଜ ପୋତନାହିଁ ଥେ
ପଢ଼ା ନେଇ ସକେ ମନ୍
ମହାଦେବଜୀ ଯୁହ୍ ଜାନକର
ନିକାଲାୟା 'ପ୍ରଜାତନ୍ତ୍ର ।'
ଠାକୁର୍ ଭଲେ ବିରାଜୋ ଜୀ ।
ଐସା ମହାଦେବ କାହିଁ ନ ହୋଙ୍ଗେ
ସାରା ଭାରତ ବରଷ୍
ଦେଖ ଦେଖ୍ କର ନାନକ୍ ଜୀକୋ
ଲଗେ ପରମ ସନ୍ତୋଷ ।
ଠାକୁର ଭଲେ ବିରାଜୋ ଜୀ

—ଫତୁରାନନ୍ଦ


## ଚିକିତ୍ସା ସମ୍ବାଦ

ଭାରତରେ ବୃହତ୍ତମ, ଦି କଲିକତା ହୋମିଓପାଥିକ ମେଡ଼ିକେଲ କଲେଜ ଏବଂ ହସପିଟାଲର ଭୂତପୂର୍ବ ଛାତ୍ର ଡାଃ ଏ. ସାହୁ, ଏମ୍., ବି. ଏସ୍., ଡି. ଏଚ୍. ଏସ୍. [ହୋମିଓପାଥିକ ଷ୍ଟେଟ୍ ଫେକଲ୍ଟି ବେଙ୍ଗଲ]ଙ୍କ ସୁ ଚିକିତ୍ସାରେ ସ୍ଥାନୀୟ ଓ ଦୂର ଦେଶର ଅନେକ ପୁରାତନ ଓ ଜଟିଳ ରୋଗର ରୋଗୀ ଅନ୍ୟାନ୍ୟ ଚିକିତ୍ସାରୁ ହତାଶ ହୋଇ ମଧ୍ୟ ଅତ୍ୟଳ୍ପ ଖର୍ଚ୍ଚ ଓ ସମୟ ମଧ୍ୟରେ ଆରୋଗ୍ୟ ହେଉଛନ୍ତି । ନିମ୍ନ ଠିକଣାରୁ ସମ୍ବାଦ ନିଅନ୍ତୁ—

ନୟାବଜାର, ବାଲେଶ୍ୱର ।


Digitized by srujanika@gmail.com

# ଡାଟରେ ଡାଟରେ ଟାନାନା

ଦିଲ୍ଲୀରେ ବୁଦ୍ଧିଆ ଲୋକେ ଭରିଯିବେ ।
—ଇତି ଜନତା ।

·· ଅଲ କେଶ ୨ କୁଞ୍ଜ ଶେଠରେ ?

\+ + ×

ପାଞ୍ଚସ୍ଥାନର ଗୁରୁଅଡ଼େ ଚେତ୍ର
—ଇତି ଜନ୍ମା

···ଜଟିଳେ ଫୁଲେ ଗଗନ ମଣ୍ଡଳେ ଅଦ୍ଭୁ ଦେଖେଁ ତହୁଁ କୃଷ୍ଣ ମୂର୍ତ୍ତି ।

× ×

ମନ୍ତ୍ରୀପଦ ପଛେ ଯାଉ—ମୁଁ ଲେଖିବି
—ପ୍ରଜାତନ୍ତ୍ର ମହତାବ

···ଦେଲ ସହ କୁଳକୁ ଚେଙ୍କି ଛଳାଞ୍ଜିଲ ।

× + +

କମ୍ୟୁନିଷ୍ଟ ପାଟିର ସାପ୍ତାହିକ ମୁଖପତ୍ର—ମୁକ୍ତିଯୁଦ୍ଧ

ପାଟିରେ ସପ୍ତାହରେ ଥରେ ମୁଖପତ୍ର ପଡେ ନା କେଣି ?

× + ×

ଋଷିଆଁ ଉତ୍ତାନଯୁନ ରେଜିଷ୍ଟ୍ରି ହୋଇନାହିଁ—ଇତି ମୁକ୍ତି ଯୁଦ୍ଧ

···ରଣ ସାଙ୍ଗକୁ ମଦନ ନହେଲେ ଯୁନଯୁନ ହବ କିପରି ?

× + ×

'ସୂଚନା'—ମାତୃଭୂମିରେ

···ମନ୍ତ୍ରୀଙ୍କ ଅନୁଶୋଚନା

\+ + ×

ହାଇଦରାବାଦରର ଘଡ଼କେ ଘୋଡା ଛୁଟିଛି—ମାତୃଭୂମି

···ସବାର ଜିନ୍ନା ଙ୍କା ।

× × ×

କମ୍ୟୁନିଷ୍ଟ ମାନଙ୍କ ସଙ୍ଗେ ସମ୍ପର୍କ
—କୃଷକ ହେଉ ଲଇନ ।

···ସଜନୀ ତାଙ୍କୁ ପାପ ବୋଲି କହିଦେ !

× × ×

"ଏ ପାଠୀଙ୍କୁ ବିଦାୟ ଦଅ !"—କୃଷକରେ ସଂପାଦକ ଦ୍ୱିବେଦୀଙ୍କ ମତାମତ

···ପୁଣି ପାଠ ହେଉଛିବ କାଏ ?

× × ×

ନୀଳଗିରି ଶାସନ ହାତକୁ ନିଅ—ଦ୍ୱିବେଦୀ ।

···ହିଟିରେ ନେଇ ପରଖିଲଣି ପରା ?

× × ×

ନୀଳଗିରି ଶାସକଙ୍କୁ ଚରମପତ୍ର—ସମ୍ବାଦ ।

···ପିଠିରେ ଚମଡ଼ା ବାନ୍ଧଛ ନା ?

\+ + +

ଓଡ଼ିଶା ଗଡଜାତ ଓଡ଼ିଶା ସଙ୍ଗେ ମିଶିବା ଦାବୀ—କୃଷକ ହେଉ ଲଇନ ।

···ଢେଲିଢେଲି ଏକ ହେବେ ରଜା ଯିବେ ଫାଲରୁ ବାହାର

\+ + +

ଧର୍ମ ଅନ୍ଧରେ ବାସ୍ତୁ—ଇତି ପ୍ରଜାତନ୍ତ୍ର ହେଉ ଲଇନ ।

···ତାଙ୍କୁ ବାହାରକୁ ବାହାର କରିବ ନାହିଁଟି ?

\+ + +

ଓଡ଼ିଶାର ଅର୍ଥନୈତିକ ସଂଗଠନ
—ପ୍ରଜାତନ୍ତ୍ର ବେନାମି ସଂପାଦକୀୟ ।

···ଶରୀରର ପାଣି ଜବଅରେ ହେଉ ।

× × ×

ନୀଳଗିରିରେ ଦମନ ଲୀଳା—ସଂବାଦ ।

···କ୍ଷୁଦ୍ର ସର୍ପର ବିଷ ଉତ୍କଟତର ।

\+ + +

···ନାରୀ ସଂଘ ସଦନରେ, ମାନ୍ୟବର ମହତାବଙ୍କ ଅନୁକୂଲ୍ୟରେ କାର୍ଯ୍ୟ ଅରମ୍ଭ ହୋଇଥିଲ—ଇତି ପ୍ରଜାତନ୍ତ୍ର ବିବରଣୀ ।

···ମହତାବ ନିଷ୍ଟୟ ନାରୀ ହୃଦନ୍ତ । ନାରୀସଂଘସଦନ ହୋଇ ପାରନ୍ତି । ଯଥା ଭଗବାନ ଅଶେଷ-ଗୁଣ-ସଦନ ବାଧାମ,

\+ + +

ଓଡ଼ିଶା ଟେକ୍ସଟାଇଲ ମିଲରୁ ଓଡ଼ିଆ ମୂଳପୋଛ—ପ୍ରଜାତନ୍ତ୍ର ସଂବାଦ ।

···ଅଉ ପାଙ୍କେ ବାଲ ରହିବ ନାହିଁ

× × ×

ଆମ ଓଡ଼ିଆ ପୁଅ—ବନ୍ଧୁର ନାମ

···ଲେଖିକା ଜଣେ ଆମ ଓଡ଼ିଆ ଝିଅ ।

× + ×

ଏଥିରୁ ଅବସ୍ଥା ଯେ ଅତି ଗୁରୁତର ଏଥି ନିଃସନ୍ଦେହରେ ଧରି ନିଆଯାଇ ପାରେ—ଇତି ସମାଜ ସଂପାଦକୀୟ ।

···ଧର ଥଅ, ଛାଡିବ ନାହିଁଟି !

× × ×

ଶାନ୍ତି ଶୃଙ୍ଖଳା ରକ୍ଷିବା ଯେ କୌଣସି ସରକାରର ପ୍ରାଥମିକ ଦାୟିତ୍ୱ ।—ଇତି ସମାଜ ସମ୍ପାଦକୀୟ ।

·· ଜଣା ନଥିଲ ମା !

× + ×

ଫାଇଲେରିଆ—ସମାଜ ବିଜ୍ଞାପନ,

···ଗଡ଼ଜାତରେ ଭୂଟି ଅଣିଲେ ଛୁଟିଯିବ ।

\+ × +

ନୂଆ ବିଶ୍ୱବିଦ୍ୟାଳୟ ପାଇଁ ବ୍ୟସ୍ତ ହୁଅନାହିଁ—ଗାନ୍ଧିଜୀ

···ବାଂଧବେଧା ( ବେଧସ ଶବ୍ଦଜ ) ଲୟ ମାନ ହେଉ ।

× × ×

ବଳ ପୂର୍ବ ଧର୍ମାନ୍ତର ଅନ୍ୟାୟ
—ଗାନ୍ଧିଜୀ

···ଧର୍ମବଳ ବଢିବ ପରା ।

\+ + +

ଗୁଜରାଟ ଉପରେ ଆକ୍ରମଣ ଆଶଙ୍କା
—ସମ୍ବାଦ

···ଜଳେ ଦ୍ୱାରକା ଯିବନାଶ ।

\+ × +

ମୋଟା ବୁଦ୍ଧିଆର ସୂକ୍ଷ୍ମ ବସ୍ତ୍ର—ମାତୃଭୂମିର ଶିରୋନାମା

···ଶିରୋନାମ୍ରି ଶିରପୀଡ଼ା ?

\+ + +

—୦—

Digitized by srujanika@gmail.com

# ଓଡ଼ିଶା ଓ ଓଡ଼ିଆ ଶବ୍ଦର ପ୍ରାଚୀନତା

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଆମ୍ଭ ମାନଙ୍କ ଦେଶର ନାମ 'ଓଡ଼ିଶା' ଓ ଭାଷାର ନାମ 'ଓଡ଼ିଆ'। ପ୍ରାକୃତ ଭାଷାର ବ୍ୟାକରଣ ଅନୁସାରେ ଏ ଦୁଇଟି 'ଓଡ୍ର' ଶବ୍ଦ। ଏ ଦୁଇଟିଯାକ ଶବ୍ଦର ଉତ୍ପତ୍ତି କିପରି ହୋଇଛି ଓ କେବେଠାରୁ ଭାଷାରେ ଚଳୁଅଛି, ତତ୍ ସମ୍ବନ୍ଧେ ସମ୍ପୂର୍ଣ୍ଣ ଆଲୋଚନା ଆଜି ପର୍ଯ୍ୟନ୍ତ ହୋଇ ନାହିଁ।

ରାମାୟଣ ଓ ମହାଭାରତରେ 'ଓଡ୍ର' ଓ 'ଉତ୍କଳ' ଶବ୍ଦର ଉଲ୍ଲେଖ ଅଛି। ତେବେ ମହାଭାରତରେ 'ଏତେ କଳିଙ୍ଗା କୌନ୍ତେୟ ଯତ୍ର ବୈତରଣୀ ନଦୀ' ବର୍ଣ୍ଣନାରୁ କଳିଙ୍ଗ ଦେଶ ବୈତରଣୀ ନଦୀର କୂଳବର୍ତ୍ତୀ ଥିବାର ଅନୁମିତ ହୁଏ। 'ଓଡ୍ର' ବା 'ଉତ୍କଳ'ର ସୀମା କଳିଙ୍ଗର ଉତ୍ତର ସୀମାରୁ ବୈତରଣୀ ଠାରୁ କ୍ରମଶଃ ଘୁଞ୍ଚାଇ ଦେଇ ଥିବାର ଅନେକ ପ୍ରମାଣ ଅଛି।

ଭାଗବତ ନବମ ସ୍କନ୍ଧର ୨୩ ଅଧ୍ୟାୟର ୫ମ ଶ୍ଳୋକରେ ବର୍ଣ୍ଣିତ ଅଛି।

"ଅଙ୍ଗ ବଙ୍ଗ କଳିଙ୍ଗାଦ୍ୟାଃ ସୁହ୍ମପୁଣ୍ଡ୍ରୌଡ୍ର, ସଂଜ୍ଞିତାଃ।
ଜଜ୍ଞିରେ ଦୀର୍ଘତମସୋ ବଲେଃ କ୍ଷେତ୍ରେ ମହୀକ୍ଷିତଃ॥
ଚକ୍ରୁଃ ସ୍ୱନାମ୍ନା ବିଷୟାନ ଷଡିମାନ ପ୍ରାଚ୍ୟକାଂଶ୍ଚ ତେ।

ଏଥିରେ ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ, ପୁଣ୍ଡ୍ର, ଓ ଓଡ୍ର ଏହି ଛଅ ରାଜାଙ୍କର ନାମ ଅନୁସାରେ ଛଅଟି 'ବିଷୟ'ର ନାମକରଣ ହୋଇଥିଲା। ଭାଗବତର ଏହି ବର୍ଣ୍ଣନାରୁ 'ଓଡ୍ର ବିଷୟ'ର ବ୍ୟବହାର ପ୍ରସିଦ୍ଧି ମିଳୁଅଛି। ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ଜଗନ୍ନାଥ ଦାସ ଉପରୋକ୍ତ ଶ୍ଳୋକର ଓଡ଼ିଆ ଅନୁବାଦ ଏହିପରି ଲେଖିଥିଲେ।

ବଳିର କ୍ଷେତ୍ରେ ଜାତ ହେଲେ।
ଜନ୍ମିଲେ ଦୀର୍ଘତମା ବୀର୍ଯ୍ୟେ॥
ଅଙ୍ଗ ବଙ୍ଗ କଳିଙ୍ଗ ତିନି।
ସୁହ୍ମ ପୁଣ୍ଡ୍ର, ଯେ ଓଡ୍ର, ସେନି॥
ଆପଣା ନାମେ ରାଜ୍ୟ କରି।
ଅଙ୍ଗ ବଙ୍ଗ କଳିଙ୍ଗ ପୁରି॥
ସୁହ୍ମ, ପୁଣ୍ଡ୍ର, ଓଡ୍ର,କୁ ସେନି।
ଏମନ୍ତେ ହେଲେ ଦେଶ ତିନି॥
ଏମନ୍ତ ଦେଶେ ହୋଇ ରଜା।
ପାଳିଲେ ପୂର୍ବଦେଶ ପ୍ରଜା॥

ବମ୍ବେରୁ ପ୍ରକାଶିତ ଭାଗବତ ଗ୍ରନ୍ଥରେ 'ଓଡ୍ର' ସ୍ଥଳରେ ଅନ୍ଧ୍ର ମୁଦ୍ରିତ ଅଛି। ଏହି ପରିବର୍ତ୍ତନ ବସ୍ତୁତଃ କୌଣସି ଲେଖକର ଭ୍ରମଜାତ ବୋଲି ମୋର ମନେ ହୁଏ।

ପୁନଶ୍ଚ ଭାଗବତରେ ଦେଖାଯାଏ ଯେ ସୁଦ୍ୟୁମ୍ନଙ୍କର ଉତ୍କଳ, ଗୟ ଓ ବିନତାଶ୍ୱ ନାମରେ ତିନୋଟି ପୁତ୍ର ଥିଲେ। ବାୟୁ ପୁରାଣ ଓ ହରିବଂଶରେ ଏହି ତିନି ପୁତ୍ରଙ୍କର ରାଜ୍ୟ ବିଭାଗ ନିମ୍ନୋଦ୍ଧୃତ ଶ୍ଳୋକ ଅନୁସାରେ ହୋଇଥିଲା।

ଉତ୍କଳ ସ୍ୟୋତ୍କଳଂ ରାଷ୍ଟ୍ରଂ ବିନତାଶ୍ୱସ୍ୟ ପଶ୍ଚିମଂ।
ଦିକ ପୂର୍ବାଭସ୍ୟ ରାଜର୍ଷେ ଗୟସ୍ୟ ତୁ ଗୟାପୁରୀ।

ଏହି ଶ୍ଳୋକରୁ ଉତ୍କଳ ରାଷ୍ଟ୍ରର ବ୍ୟବହାର ମିଳେ। ଭାଗବତର ଏହି 'ଓଡ୍ର ବିଷୟ' ଓ 'ଉତ୍କଳ ରାଷ୍ଟ୍ର'କୁ ଆମ୍ଭେମାନେ କୌଣସି ଐତିହାସିକ ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନାହିଁ। ଏଣୁ ପୌରାଣିକ ଉପାଦାନ ଛାଡ଼ି ପ୍ରାଚୀନ ଲିପି ଓ ପ୍ରାମାଣିକ ଗ୍ରନ୍ଥରୁ ଓଡ୍ର ଓ ଉତ୍କଳ ସମ୍ବନ୍ଧ ଯାହା ମିଳେ ତାହାର ଆଲୋଚନା ଏଠାରେ କରାଯାଇ ଅଛି।

ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦିରେ ଖୋଦିତ ଅଶୋକଙ୍କର ଧୌଳିଅନୁଶାସନରେ 'କଳିଙ୍ଗ' ଓ 'ତୋଷଳୀ'ର ଉଲ୍ଲେଖ ଅଛି ଓ ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ଖୋଦିତ ଖାରବେଳଙ୍କର ହାତୀଗୁମ୍ଫା ଶିଳାଲିପିରେ 'କଳିଙ୍ଗ' ଓ ରାଜଧାନୀ 'କଳିଙ୍ଗନଗର' ଲିଖିତ ଅଛି।

ଭରତଙ୍କ ନାଟ୍ୟଶାସ୍ତ୍ର ଖ୍ରୀଷ୍ଟୀୟ ୧ମ ଶତାବ୍ଦିର ଲେଖା ବୋଲି ଅନେକଙ୍କର ମତ ଓ କେହି କେହି ଏହାର ସମୟ ୨ୟ ବା ୩ୟ ଶତାବ୍ଦି ବୋଲି କହି ଅଛନ୍ତି। ଏହି ଗ୍ରନ୍ଥର ୧୮ ଅଧ୍ୟାୟରେ 'ଭାଷାବିଧାନ' ବର୍ଣ୍ଣିତ ଅଛି। ଏଥିରେ 'ଓଡ୍ର' ଭାଷାକୁ ସେ 'ବିଭାଷା' ବୋଲି କହି ଅଛନ୍ତି। ଏହି ଗ୍ରନ୍ଥର ୨୧ଶ ଅଧ୍ୟାୟରେ 'ଓଡ୍ର' ଶବ୍ଦ ଜାତି ବାଚକ ଅର୍ଥରେ ବ୍ୟବହୃତ ହୋଇ ଥିବାର ଦେଖାଯାଏ। ତତ୍ପରେ କାଳିଦାସଙ୍କର 'ରଘୁବଂଶ'ରେ 'ବଙ୍ଗର' ଦକ୍ଷିଣରେ ଓ 'କଳିଙ୍ଗର' ଉତ୍ତରରେ 'ଉତ୍କଳ ଦେଶ' ଅବସ୍ଥିତ ଥିବାର ବର୍ଣ୍ଣିତ ଅଛି। ଷଷ୍ଠ ଶତାବ୍ଦିରେ ଲିଖିତ ବରାହ ମିହିରଙ୍କର 'ବୃହତ ସଂହିତା'ରେ 'ଓଡ୍ର' ଓ 'ଉତ୍କଳ' ଉଭୟ ଶବ୍ଦ ବ୍ୟବହୃତ ହୋଇଅଛି। ସୋରରୁ ମିଳିଥିବା ସୋମଦତ୍ତଙ୍କର ତମ୍ବାପଟାରେ 'ଓଡ୍ରବିଷୟ' ଅନ୍ତର୍ଗତ 'ଉତ୍ତର—ତୋଷଳ' ଲିଖିତ ଅଛି। ମହାରାଜାଧିରାଜ ଶଶାଙ୍କଙ୍କର ସାମନ୍ତ ସୋମଦତ୍ତଙ୍କର ମେଦିନୀପୁରରୁ ପ୍ରାପ୍ତ ତମ୍ବାପଟାରେ 'ଦଣ୍ଡଭୁକ୍ତି' ଓ 'ଉତ୍କଳ ଦେଶ'ର ଉଲ୍ଲେଖ ଅଛି। ଶଶାଙ୍କଙ୍କର ନାମରୁ ଏହି ତମ୍ବାପଟା ଗୁଡ଼ିକର ସମୟ ୭ମ ଶତାବ୍ଦିର ପ୍ରଥମ ପାଦରେ ପଡ଼ୁଅଛି। 'ଦଣ୍ଡଭୁକ୍ତି' ରାଜ୍ୟ ମେଦିନୀପୁର ଓ ବାଙ୍କୁଡ଼ା ଜିଲ୍ଲାରେ ଅବସ୍ଥିତ ଥିବାର ବହୁ ପ୍ରମାଣ ଅଛି ଓ ତାହା ଉତ୍କଳ ବା ଓଡ୍ର ଦେଶର ଅନ୍ତର୍ଭୁକ୍ତ ଥିଲା। ହୁଏନସାଂଙ୍କ ଭ୍ରମଣ ବୃତ୍ତାନ୍ତରେ ବର୍ଣ୍ଣିତ 'ଓଡ୍ର'ଦେଶ ଶଶାଙ୍କଙ୍କର ରାଜଧାନୀ କର୍ଣ୍ଣସୁବର୍ଣ୍ଣର ଦକ୍ଷିଣରେ ଅବସ୍ଥିତ ଥିଲା। କାମରୂପର ଭୌମବଂଶୀୟ ହର୍ଷ ଦେବଙ୍କର ବିରୁଦ ଥିଲା— 'ଗୌଡୋଡ୍ରାଦି କଳିଙ୍ଗ କୋଶଳ ପତିଃ'। ଏଥିରୁ 'ଓଡ୍ର' 'ଗୌଡ' ସହିତ ସଂଲଗ୍ନ ଥିବାର ସୂଚିତ ହେଉଅଛି। ତତ୍ପରେ ଓଡ଼ିଶାରୁ ପ୍ରାପ୍ତ ଭୌମରାଜା ମାନଙ୍କର ତମ୍ବାପଟା ଗୁଡ଼ିକରେ 'ଉତ୍ତର ତୋଷଳ,' 'ଉତ୍କଳ' ଓ 'ଦକ୍ଷିଣ ତୋଷଳ ଓ ଦକ୍ଷିଣ ତୋଷଳର ଅନ୍ତର୍ଭୁକ୍ତ 'କୋଙ୍ଗଦ ମଣ୍ଡଳ'ର ଉଲ୍ଲେଖ ଅଛି। ହୁଏନସାଂ ମଧ୍ୟ କୋଙ୍ଗଦ ମଣ୍ଡଳର ଅବସ୍ଥିତି ଓଡ୍ର ଦେଶର ଦକ୍ଷିଣରେ ଥିବାର ଲେଖିଛନ୍ତି। ରାଜ ଶେଖରଙ୍କର 'କାବ୍ୟମୀମାଂସା' (୯ମ ଶତାବ୍ଦି) ଗ୍ରନ୍ଥରେ—'କଳିଙ୍ଗ-କୋଶଳ-ତୋଷଳୋତ୍କଳ'ର ବର୍ଣ୍ଣନା ଅଛି।

ଏହି ସମୟର ଗଯାଡ଼-ତୁଙ୍ଗଙ୍କର ତମ୍ବାପଟାରେ 'ଓଡ୍ର ବିଷୟ' ଲିଖିତ ଅଛି। ରାଜେନ୍ଦ୍ର ଚୋଳଙ୍କର ତିରୁମଲୟ ଓ ଓ ଅନ୍ୟାନ୍ୟ ଶିଳାଲିପିରେ କୋଶଳ 'ଯଯାତି ନଗର' ଓ 'ଓଡ୍ରବିଷୟ'ର ବର୍ଣ୍ଣନା ମିଳେ। ସେ ଖ୍ରୀ ୧୦୨୪ ପୂର୍ବେ ପୂର୍ବୋକ୍ତ ଦେଶ ଗୁଡ଼ିକ ଜୟ କରି ବଙ୍ଗ ଅଭିଯାନରେ ଯାଇଥିଲେ। କଳିଙ୍ଗ ନଗରର ଗଙ୍ଗବଂଶୀୟ ରାଜରାଜ ୧ମ ଙ୍କର

Digitized by srujanika@gmail.com

ଖ୍ରୀ୧୦୭୫ର ଦୀର୍ଘାସିର ଲିପିରେ ସଂସ୍କୃତରେ 'ଉତ୍କଳ' ଓ ତେଲୁଗୁରେ 'ଓଡ଼ିବିଷୟ' ଲିଖିତ ଅଛି । ଓଡ଼ିଶାର ଗଙ୍ଗବଂଶୀୟ ଚୋଡ଼ଗଙ୍ଗଙ୍କ ଠାରୁ ୪ର୍ଥ ନରସିଂହ ଦେବଙ୍କ ପର୍ଯ୍ୟନ୍ତ ଅର୍ଥାତ ଦ୍ୱାଦଶ ଶତାବ୍ଦି ୨ୟ ପାଦରୁ ୧୫ଶ ଶତାବ୍ଦିର ୧ମ ପାଦ ପର୍ଯ୍ୟନ୍ତ ସମସ୍ତ ଲିପିରେ 'ଉତ୍କଳ' ଶବ୍ଦର ବ୍ୟବହାର ଦେଖାଯାଏ । ଖ୍ରୀ ୧୨୭୫ ଠାରୁ ୧୯୨୦ ମଧ୍ୟରେ ଫାରସି ଭାଷାରେ ଲିଖିତ ଗ୍ରନ୍ଥ ସମୂହରେ ମୁସଲମାନ ଐତିହାସିକମାନେ ଉତ୍କଳ ଦେଶକୁ 'ଜାଜନଗର' ଆଖ୍ୟା ଦେଇଥିଲେ । ଖ୍ରୀ ୧୩୬୧ରେ ଦିଲ୍ଲୀର ବାଦସା ଫିରୋଜସା ଜାଜନଗର ଆକ୍ରମଣ କରିଥିଲେ ତାରିଖ-ଇ-ଫିରୋଜସାହୀ ଗ୍ରନ୍ଥର ଲେଖକ ସାମସ ଇ-ସିରାଜ ଅଫିଫ ଏହି ଅଭିଯାନ ବିଶଦ ଭାବରେ ବର୍ଣ୍ଣନା କରି ଅଛନ୍ତି । ତାଙ୍କର ଗ୍ରନ୍ଥରେ ଖ୍ରୀ ୧୩୮୮ ପର୍ଯ୍ୟନ୍ତ ଘଟିଥିବା ଘଟଣାର ଉଲ୍ଲେଖ ଅଛି । ଏହି ବର୍ଣ୍ଣନାରେ ନୂଆ କେବଳ ନଗାଟିଏ ଜାଗାରେ "ଜାଜନଗର—ଓଡ଼ିଶା" ଲେଖି ଅଛନ୍ତି । ଏହି ଲେଖାରୁ ମନେ ହେଉଛି ସେତେ ବେଳକୁ ଦେଶର ନାମ 'ଓଡ଼ିଶା" ହୋଇଥିଲା ।

ପୁରୀର ଜଗନ୍ନାଥ ମନ୍ଦିରରେ ଥିବା ଖ୍ରୀ: ୧୪୦୩ ସାଲର ଶିଳା ଲିପିରେ କପିଳେନ୍ଦ୍ର ଦେବ "ଅମ୍ଭ ଓଡ଼ିଶା ରାଜ୍ୟର" ଉଲ୍ଲେଖ କରି ଅଛନ୍ତି । ସାରଳା ଦାସ, ମହାଭାରତର ଆଦି ପର୍ବରେ ଲେଖି ଅଛନ୍ତି ଯେ ଓଡ଼ିଶା'ର ଅପର ନାମ 'ଓଡ଼ରାଷ୍ଟ୍ର' ।

ପୁରାଣ ପ୍ରସିଦ୍ଧ 'ଓଡ୍ରବିଷୟ'ର ପ୍ରାମାଣିକ ବ୍ୟବହାର ଖ୍ରୀଷ୍ଟୀୟ ୭ମ ଶତାବ୍ଦିର ତାମ୍ରପଟ୍ଟାରୁ ମିଳୁଅଛି ଓ ପରବର୍ତ୍ତୀ ଦୁଇ ତିନି ଶହ ବର୍ଷ ଯାଏ ଏହା ଚଳି ଥିବାର ପ୍ରମାଣ ମଧ୍ୟ ଅଛି । ଏକାଦଶ ଶତାବ୍ଦିରେ 'ଓଡ୍ରବିଷୟ'ର ବ୍ୟବହାର ତାମିଲ ଓ ତେଲୁଗୁ ଭାଷାରେ ଲିଖିତ ସମସାମୟିକ ଲିପିରୁ ମିଳେ । ତିବ୍ବତର ଐତିହାସିକ ତାରାନାଥ 'ଓଡ଼ିବିଶ' ଶବ୍ଦର ବ୍ୟବହାର କରି ଅଛନ୍ତି-'ଓଡ଼ିବିଶ' ଶବ୍ଦ 'ଓଡ୍ରବିଷୟରୁ' ଉତ୍ପନ୍ନ । ତେଣୁ ଓଡ୍ର ବିଷୟ କ୍ରମେ 'ଓଡ଼ିବିଷୟ' ହୋଇ 'ଓଡ଼ିବିଶ' ହେଲା—'ଓଡ଼ିବିଶ' କାଳକ୍ରମେ 'ଓଡ଼ିୱିଶା' ହୋଇ ଓଡ଼ିଶା ହୋଇ ଅଛି । ଅନ୍ୟମାନେ ଓଡ଼ିୱିଶା ଶବ୍ଦର ପ୍ରୟୋଗ ଥିବାର ପ୍ରମାଣ ପାଇ ନାହୁଁ ।

ଭରତଙ୍କ ନାଟ୍ୟ ଶାସ୍ତ୍ରର "ଓଡ୍ର" ବିଭାଷା କାଳକ୍ରମେ "ଓଡ୍ରୀୟ"—'ଓଡ୍ରୀୟା' ହୋଇ ଶେଷରେ 'ଓଡ଼ିଆ' ନାମରେ ଏକ ଜାତିବାଚକ ଓ ଭାଷାସୂଚକ ଶବ୍ଦରେ ପରିଣତ ହେଲା ।

ପୁରାଣ ପ୍ରସିଦ୍ଧ 'ଉତ୍କଳ' ମଧ୍ୟ ଅଦ୍ୟାପି ସାଧୁ ଭାଷାରେ ଚଳୁଅଛି । 'ଉତ୍କଳ' ଶବ୍ଦର ବ୍ୟାକରଣ ଅନୁସାରେ ଉତ୍ପତ୍ତି ଯେତେ ଅଭିଧାନ ମାନଙ୍କରେ ନାନା ପ୍ରକାର ଅର୍ଥ କରାଯାଇ ଅଛି । ସେ ସବୁ ଅଭିଧାନ ସମୂହର ଲିଖିତ କାଳ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦି ବା ତତ୍ପୂର୍ବବର୍ତ୍ତୀ ତାହା ସ୍ଥିରୀକୃତ କରିବା ଆବଶ୍ୟକ । କେହି କେହି ଐତିହାସିକ ଉତ୍ତର କଳିଙ୍ଗ ଶବ୍ଦରୁ 'ଉତ୍କଳ' ଶବ୍ଦ ସୃଷ୍ଟି ବୋଲି ମତ ବ୍ୟକ୍ତ କରି ଅଛନ୍ତି । ଉତ୍ତର କଳିଙ୍ଗ ଶବ୍ଦର ବ୍ୟବହାର କୌଣସି ପ୍ରାଚୀନ ସାହିତ୍ୟ ଗ୍ରନ୍ଥ ବା ଲିପିରୁ ଏ ପର୍ଯ୍ୟନ୍ତ ମିଳି ନାହିଁ । ୭ମ ଶତାବ୍ଦି ଠାରୁ ୧୩ ଶତାବ୍ଦି ମଧ୍ୟରେ ଲିଖିତ ଗ୍ରନ୍ଥ ଓ ଲିପିରୁ ମିଳିଥିବା କଳିଙ୍ଗ, କୋଙ୍ଗଦ, ତୋଷଳ ( ଉତ୍ତର ଓ ଦକ୍ଷିଣ ) କୋଶଳ, ଯଯାତି ନଗର [ ମୁସଲମାନ ଇତିହାସର ଜାଜନଗର ] ଶବ୍ଦ ସମୂହର ବ୍ୟବହାର ଓଡ଼ିଶା ଶବ୍ଦର ପ୍ରଚଳନ ସହିତ ଲୋପ ହୋଇଅଛି ।

ପୁରୁଷୋତ୍ତମ ଦେବଙ୍କର 'ତ୍ରିକାଣ୍ଡଶେଷ' ଅଭିଧାନ ଗ୍ରନ୍ଥରେ "ଓଡ୍ରା ଉତ୍କଳ ନାମାନଃ ସ୍ୟୁଃ" ଲିଖିତ ଅଛି । ସ୍ଟାର୍ଲିଂ" ଲେଖିଅଛନ୍ତି ଯେ 'ଓଡ୍ରଦେଶ' ବା 'ଓଡ୍ରଦେଶ' ଶବ୍ଦରୁ ଓଡ଼ିଶା ହୋଇଅଛି । ହଳାୟୁଧ ଅଭିଧାନ ଗ୍ରନ୍ଥରେ ସଂସ୍କୃତ ଓଡ୍ରରାଷ୍ଟ୍ର ଶବ୍ଦରୁ 'ଓଡ଼ିଶା' ଶବ୍ଦ ନିଷ୍ପନ୍ନ ବୋଲି ଲେଖା ଅଛି । 'ଓଡ଼ିଆ' ଶବ୍ଦ 'ଓଡ୍ରଦେଶ' ବା ଓଡ଼ଦେଶ ଶବ୍ଦରୁ ଜାତ ବୋଲି ଏହି ଗ୍ରନ୍ଥରେ ଲିଖିତ ଅଛି । ପ୍ରାକୃତ ବ୍ୟାକରଣ ଅନୁସାରେ ଓଡ୍ରରାଷ୍ଟ୍ର ବା 'ଓଡ୍ରଦେଶ' ହେତୁ ଓଡ଼ିଶା ଶବ୍ଦର ଉତ୍ପତ୍ତି ଏକାନ୍ତ ଅସମ୍ଭବ ।

—✝—

## କୁତ୍‌କୁତୁ

ଶିକ୍ଷକ—ସେକ୍‌ସ ପିୟର୍‌ ମହାନ୍‌ ଝିଅମାନେ ପ୍ରେମରେ ପଡ଼ିଲେ ଅଦ୍ଭୁତ ସାହସୀ ହୋଇ ପାରନ୍ତି ।

ଛାତ୍ର—ତାହାହେଲେ ଏଥର ସବୁ ଝିଅଙ୍କୁ ପ୍ରେମରେ ପକାଇବା ନିହାତି ଦରକାର ।

\+ × ×

ଶିକ୍ଷକ—Ice ଆଉ Snow ଭିତରେ ପ୍ରଭେଦ କଣ ?

ଛାତ୍ର—ସାର, Ice [ଆଇସ] ଖାଆନ୍ତି ଆଉ ସ୍ନୋକୁ ଗାଲରେ ଲଗାନ୍ତି ।

× + +

ଡ଼ାକ୍ତର—( ରୋଗୀର ପିତାଙ୍କୁ ଡ଼ାକି ) [ injection ] ଇଞ୍ଜେକ୍‌ଶନ୍‌ ନେବାକୁ ହେବ ।

ରୋଗୀପିତା—କାହିଁକି ?

ଡ଼ାକ୍ତର—ରୋଗଟା ଯେ ହେଉଛିରେ ।

× + —ରାଜେନ୍ଦ୍ର

Digitized by srujanika@gmail.com

କବିତା......

# ନୌକାବାହୀ

ଲେଖକ ଃ—ରଜନୀକାନ୍ତ ଦାସ

(ସତ୍ୟ ଅହିଂସାର ନବତମ ସାଧନା ନିମନ୍ତେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପୂର୍ବ ବଙ୍ଗରେ କଠୋର ପରୀକ୍ଷଣ ଉଲ୍ଲେଖନୀୟ ଲକ୍ଷିତ । ଗାନ୍ଧିଜୀ ଏହି ଉଦ୍ଦେଶ୍ୟରେ ତା ୨୦-୧୧-୪୬ ଦିନ ୧୧ ଘଣ୍ଟା ସମୟରେ ଏକାକୀ ନୌକାଯୋଗେ ପରିଚିତ ସାଥୀ ମାନଙ୍କର ନେତାଙ୍କ ବର୍ଜନକୁ ଉପେକ୍ଷା କରି ହିଂସାବିଧ୍ୱସ୍ତ ପୂର୍ବବଙ୍ଗର କାଜିରଖିଲ ଠାରୁ ଶ୍ରୀରାମପୁର ଯାତ୍ରା କରିଥିଲେ )

ବରଷା ଯାଇଛି ଛାଡ଼ି—
କାର୍ତ୍ତିକ ନଭୁଁ ଉଭେଇ ଗଲାଣି,
ଫେନିଲ ବଉଦ କାନ୍ତି ।
ଖେତ ଶ୍ୟାମଳିମା ଆକାଶ ନୀଳିମା
ଅବୋଧ ବସିଛି ମନ୍ଥି,
ଏସନ ସମୟେ ଚାଲିଛ କିଏ ହେ
ଶାନ୍ତ ନୌକାରୋହୀ !
କିଏ ହେ ନୀରବ ନାଅ ବାହିଚାଲ
ଗ୍ରୈଦଗେ ଶମଶାନ ।
ପୂର୍ବ ବଙ୍ଗ କରିଅଛି ପାନ
ଧର୍ମର ଅନ୍ଧଫେନ !
ମଧ୍ୟଯୁଗର ଛଦ୍ମ କବରୁ
ଡାକେ ମାରଫତଦାର,
'ଧର୍ମ ଉପରେ ଅପଘାତ' ଉଠହେ
ଗୋଲମୀର ସହଚର !
ଚାଁଦପୁର ଚାଁଦ ଲିଭିଗଲା ତେଣୁ
ଇଦବର୍ଷା ଶୁନ୍ ସାନ୍,
ନୂଆଖାଲି ତୀରେ ଭୁଲିଲ ବନ୍ଧୁ
'ଭବଲି' ସମ୍ମାନ !
ହସନ୍-ହୋସେନ୍ 'କୁର୍ବାଣୀ'ର କଥା
ପରିହାସେ ଗଲା ମଝି !
ତେଣୁ ବାନ୍ଧବ ପରଶି ବସିଲା
ଅନ୍ୟର ଧରମ ପ୍ରୀତି !
ମାଟିଆ ଚୁଲିର ଅନଳ ଲିଭିନା
ଯାଇନା ଭୋକୁଆ ଭସ୍ମ,
ବଙ୍ଗ ନଦୀରେ ଚାଲିଛି ସେଇ
ରକତ ଲହର ସୁଅ !
ଏସନ ସମୟେ ଚାଲିଛ କିଏ ହେ
ନିର୍ଭୀକ ଅନାସକ୍ତ,
ହିଂସା ଅନଳ ଦାଉ ଦାଉ ଜଳେ
ହେ ପ୍ରେମର ଭଗୀରଥ !
ଦାଣ୍ଡୀ—ଯାତ୍ରା ଦରଭୁଲା ସ୍ମୃତି
ମନରେ ଝଲକେ ତେଜ,
ଆଖି ପଡ଼ିଲକି ବୁଦ୍ଧ ବଣିଅ
ଅହିଂସା ନିକଷ ମାଜି ?

ମନେ ପଡ଼ିଲାକି ଖିଲାପତ କଥା
ତହିଁରେ ଭଲ କି କାର୍ଯ୍ୟ,
ଆଲି ଭାଇ ସ୍ମୃତି ଝୁଲାଇ ଦେଇଛି
ହଜରତ୍ ଇଂରାଜ !
ନୀଳ ନଦୀ ତୀରେ ବ୍ୟାଘ୍ର ଅଟବୀ
ସମ୍ମୁଖେ ମହାବୋଧ —
'ଛାଡ଼ଇ । ବାଜ ଫେରାଅ'—ଡାକିଲା
ତରୁଣୀ ତାପସ ବୃଦ୍ଧ !
ଆଜିକି ଶୁଭିଲା ବାପୁର ଶବଦେ
( ସେ ) ମହା ନିର୍ବାଣ ଧ୍ୱନି,
ବନ୍ଧୁ ସ୍ୱଜନ ଫେରିଗଲେ ତେଣୁ
ଅଗ୍ରେ ଧାଇଁଛି ଝଣା !
ବଙ୍ଗ ମାତାର ସ୍ତନ୍ୟପାୟୀ ହେ
ଇସ୍ଲାମ ସହଚର,
ଅଗ୍ରବତ ତମ ଦୀନ ବଙ୍ଗଳା
କ୍ଲାଇବର କ୍ରୀଡ଼ାଗାର !
ସମ୍ମୁଖେ ତମ ଫିରିଙ୍ଗି ଦ୍ୱେଷୀ
ପୂର୍ବ ପୁରୁଷ ଦେଶ,
ସମ୍ମୁଖେ ତମ ଟିପୁ-ସିରାଜର
ଅମ୍ଳାନ ଇତିହାସ !
କହ କାହିଁପାଇଁ ପ୍ରାସାଦ ଦେଶରେ
ବିଷାଦ ଅଶ୍ରୁ ଭାସେ,
'ସଲମ ଅଲେକ୍' ନାହିଁ କହେ ଆଜ
ବଙ୍ଗଳା ଇତିହାସେ ?
ପଡ଼ିଲାକି ମନେ ଅଭିନ୍ନ ସ୍ମୃତି
ଦିଗ୍‌ବିଜୟୀ କଲମ୍ବସ,
ଜଟେବିକା ତବ ହୃଦୟ ଅକାଶେ
ଆଲୋକ ଦୂର୍ବାଭାସ !
ପଡ଼ିଲାକି ମନେ ଭାରତ ଅଶାର—
ଧ୍ରୁବ ହେବା ପାଇଁ ଜାଣା,
ତେଣୁ ହେ ଏଜିର ଜନସାର ପଥେ
ଅଲେକର ରେଖା ଟଣା !
ବାତ୍ୟା ଜଟିଳା ସାଗରେ ହେ ତମେ
ଶାନ୍ତ-ନଉକା ବାହୀ,
ଦେଖାଅ ଯାଉର ସଙ୍ଗ ସମ୍ମୁଖେ
ତମ ପଥେ ଯାଏ ବନ୍ଧୁ !

Digitized by srujanika@gmail.com



# ଦୃପସ୍ୱର

ସ୍ନେହର ଛାତ୍ରୀମାନେ,

ଗତ ଡିସେମ୍ବର ମାସରେ ବାଲେଶ୍ୱର ବିଦ୍ୟାଳୟର ଜେତେକ ଛାତ୍ରୀ ଅକ୍ଟୋବରର 'ସମାଜ' ୮ ତାରିଖ ସଂଖ୍ୟାରେ ସ୍କୁଲରେ 'ଗାନ୍ଧୀ ଜୟନ୍ତୀ' ଗୁଡ଼ା ପାଇଁ ଯେ 'ଭାରତି ସୋ' ଥିଏଟର କରିଥିଲେ ତହିଁରେ ସ୍କୁଲ ବଙ୍ଗାଳୀ ମାଷ୍ଟରାଣୀଙ୍କ ବିରୁଦ୍ଧରେ କେତେକ ଅଭିଯୋଗ କରି ଲେଖିଥିଲେ । ତାକୁ ସମ୍ପାଦନ କରି 'ମାତୃଭୂମି' 'ନାୟକ' ର ଟିପ୍ପଣୀ ବାହାରିଥିଲେ । ଓଡ଼ିଆ ସମ୍ପାଦକ ମାନେ ସବୁ ଜିନିଷକୁ ଭିତରେଇ ନ ଦେଖି 'ଦେଖାଦେଖି ଓଡ଼ିଶା' ନାଆରେ ଏପରି କେତେ କଥା ଲେଖିଯାନ୍ତି ।—

ଅଭିଯୋଗ ଥିଲା ଛାତ୍ରୀଙ୍କର, "ଅଭିନୟରେ ବଙ୍ଗଳା ବାହୁଁକି ମାଷ୍ଟରାଣୀ ମାନେ ପୂରାଇଲେ ?" ମାଷ୍ଟରାଣୀ କହିଥିଲେ ଓଡ଼ିଆ ଦେଶ "ଠାକୁର ଗୃହ ଘେର ଦେଶ" ଅଛି 'ଦଦ' 'ମାଉସୀମା' ପିଲା ମାନଙ୍କୁ ଶିଖେଇବା ଦ୍ୱାରା ଘରେ ଭିତରେ କ ତାହାର ପ୍ରଭାବ ପଡ଼ୁଛି । ବଙ୍ଗଳାଭାଷାର । ମୁଁ ଏହାର ପ୍ରତ୍ୟେକ କଥାର ଉତ୍ତର ଦେଇ ମୋର ମନ୍ତବ୍ୟ କହିବି ।—

ଛାତ୍ରୀମାନଙ୍କ ବଙ୍ଗାଳୀ ମାଷ୍ଟରାଣୀ ମାନେ ଯେତେବେଳେ ବଙ୍ଗଳା ଅଭିନୟ ବା ଆବୃତ୍ତି କରିବାକୁ କହିଥିଲେ ସେମାନେ ତହିଁରେ ରାଜୀ ହେଲେ କାହିଁକି ? ଓଡ଼ିଆରେ ମୂଳରୁ 'ଅଭ୍ୟାସ' କାହିଁକି ଓଡ଼ିଆ ଆବୃତ୍ତି ଓ ଅଭିନୟ କରିବାକୁ ଜୋର୍ ନଦେଲେ ? ଛାତ୍ରୀମାନେ ଏଥିପାଇଁ କିଛି ଦଣ୍ଡ ପାଇବାର ଆଶଙ୍କା ଥିଲା ? ଏ କାହାର ଦୁର୍ବଳତା ?

ବଙ୍ଗଳା, ହିନ୍ଦି, ସଂସ୍କୃତ, ତେଲୁଗୁ, ତାମିଲ, ମରାଠି, ଇଂରାଜୀ, ପଞ୍ଜାବୀ, ଗୁଜୁରାଟି ପ୍ରଭୃତି ଭାଷା ଗୁଡ଼ିକ ଭାରତରେ ଛାତ୍ର ଓ ଛାତ୍ରୀମାନେ ଯଦି ଶିଖିପାରନ୍ତେ ତାହା ସେମାନଙ୍କ ଅଧିକ ଯୋଗ୍ୟତା ଦେଉନ୍ତା ନିନା ? ଏକରୁ ଅଧିକ ଭାଷା ଶିଖିବାରେ ପାଣ୍ଡିତ୍ୟ ବଢେ ନିନା, କମେ କି ? ୟୁରୋପର ହିଁଅମାନେ ଯେଉଁମାନେ ବହୁଦର୍ଶୀ, ସେମାନେ ୧୦ । ୧୨ ଭାଷା ଜାଣନ୍ତି । ଅଧିକ ଭାଷାରେ ବ୍ୟୁତ୍ପତ୍ତି କରିବା ଦରକାର ପଣ୍ଡିତ । ତହିଁରେ ଜାତୀୟ ଉନ୍ନତି ହେବା ଛଡ଼ା କି ଅବନତି ଅଛି ? ଯଦି ଏ କଥା ଛାତ୍ରୀ ମାନଙ୍କ ମନକୁ ନ ଯାଏ, ତେବେ ଭାରତର ପ୍ରାଦେଶିକ ମନ୍ତ୍ରୀମାନେ ସେହି ପ୍ରଦେଶର ପ୍ରାଦେଶିକ ଭାଷା ଗୁଡ଼ିକ ଚଳିବେ ଓଡ଼ିଶାରେ ଯେତେବେଳେ ଆମ ମନ୍ତ୍ରୀ ସର୍କାର ଓଡ଼ିଆ ସଙ୍ଗେ, ବଙ୍ଗଳା ତେଲୁଗୁ ଭାଷା ଚଳାଇବା ଅର୍ଡର ଦେଲେ, କେଉଁଠି ଛାତ୍ରୀମାନେ ବା ସେମାନଙ୍କ ସଂଘମାନେ ତାର ତୀବ୍ର ପ୍ରତିବାଦ ଜଣେଇଥିଲେ ? ଭାଷା ବଢ଼ିଥିଲା ବୋଲି ତ କଲେଜର ଓଡ଼ିଆଣୀ ଅଧ୍ୟାପିକା ଓ ମାଷ୍ଟରାଣୀ ମାନେ ବଙ୍ଗଳା ଅଭିନୟ ଶିଖାଇଲେ ?

ଯେଉଁ ମାଷ୍ଟରାଣୀ ଓଡ଼ିଶା "ଠାକୁର ଗୃହର ଦେଶ କହିଥିଲେ, ତାର ପ୍ରତିବାଦ କରି ଯୋଉ ଛାତ୍ରୀମାନଙ୍କୁ ବାଧୁଥିଲା, ସେମାନେ କା ସେହି କ୍ଲାସରୁ ଓ ସ୍କୁଲରୁ ନାଁ କଟାଇ ଯୋଉଥିବାକି ସେଦିନ ସେ ମୁହୂର୍ତ୍ତରେ ଚାଲି ଆସିଥିଲେ ନା ମନ୍ତ୍ରୀଙ୍କ ନିକଟ ଡେପୁଟେସନ୍ ନେଇ ଯେପରି ଦେବାକୁ ଯାଇଥିଲେ ? ପିଟିରୁ ମାତ୍ର ଗଣ୍ଡା ଘଣ୍ଟା ପରେ ଥିଲି ଗତ କଥା ଶୋଚ କି ଲାଭ ?

ଏ କାହାର ଦୁର୍ବଳତା ?

ମାଷ୍ଟରାଣୀ ମାନଙ୍କ ଦଦ—ମାଉସୀମା ନ ଡାକି ଅପା—ମାଉସୀ ଡାକିଲେ କିଏ ବାଧା ଦେଉଛି ? ମାଷ୍ଟରାଣୀ ମାନେ କଣ ସେ ଡାକ ଶୁଣିବାକୁ ପିଲାଙ୍କୁ ଜବର ଦସ୍ତି କରନ୍ତି ନା ନିଜ ଘରେ ସେଇ ବଙ୍ଗଳା ଢଙ୍ଗର ପ୍ରଭାବ ପକାଇବାକୁ ସ୍କୁଲ ଅବହାଉଆରୁ ପବନ ବୋହି ନବାକୁ କହନ୍ତି ?

କାହାକୁ ଏ ଡାକ ସୁହାଏ ? କାହାକୁ ଭଲ ଲାଗେ, କିଏ ଅନୁସରଣ ଓ ଅନୁକରଣ କରୁଛି ଏ ? ମାଷ୍ଟରାଣୀଙ୍କର ଦୋଷ କି ?

କଥାରେ କହନ୍ତି, "କାହାକୁ କହିବା କହିଲେ କୁଳ କୁଟୁମ୍ବଙ୍କୁ ଲାଜ, ନ କହିଲେ କୁଳ ଭାସି ଯାଉଛି ।" ଆମ ଝିଅ ଯେଉଁକ ପାଠ ପଢ଼ି ଜଣେ ବିଦ୍ୟାଳୟରେ ଆଇ. ଏ, ବି ଏ ପାଶ୍ କରୁଛନ୍ତି ସେମାନେ ବର ଘରକୁ ଯିବାକୁ ଇଚ୍ଛୁକ—ଯାଉଛନ୍ତି—ଘରକରଣା ପାଇଁ । ବର ନ ମିଳିବାରୁ ବାପା ମାଆ ସମସ୍ତଙ୍କେ ବସିବାକୁ କାଶିବା ଭଲ ନାଆରେ ଝିଅଙ୍କୁ ପଢ଼ାଉଛନ୍ତି । ଯଦି ଛାତ୍ରୀ ମାନଙ୍କର ଏତେ ଦେଶାତ୍ମବୋଧ ଜାଗୁଛି, ତେବେ ସେମାନେ ନିଜ ଦେଶରେ ୫୦ ୬୦ ଦରମାରେ ରହି ନାଏ ଜାତିର ସେବା କରିବାକୁ ସ୍କୁଲରେ ମାଷ୍ଟରାଣୀ ହେଉ ନାହାନ୍ତି, କଲେଜ ଗୁଡ଼ିକରେ ଅଧ୍ୟାପିକା ନ ହେଉଛନ୍ତି କାହିଁ ? ଯେଉଁମାନେ ଏ ଦଶରେ ଭାବନ୍ତି, ସେମାନେ ଓଡ଼ିଆ ଭାଷା, ଭାବ, କୃଷ୍ଟି, ଧର୍ମ, ସଂସ୍କୃତି ବଢ଼ାଇବା ପାଇଁ ଏକ ହୋଇ କିଛି ସଂସ୍ଥା ଗଢ଼ିବାର କଲେଣି କି ? କେବଳ କଂଗ୍ରେସ, କମ୍ୟୁନିଷ୍ଟ, ସୋସାଲିଷ୍ଟ ରାଜନୀତିକ ଦଳ ଯୁକ୍ତ ଗୁଡ଼ିକଙ୍କ, ହାତରେ ଯନ୍ତ୍ର ହୋଇ ବନ୍ଧା ବେଜ, ବନ୍ଧା ରାସ୍ତାରେ ନାକର କରନ୍ତି କର୍ମ ପଣ ଓ ଦଳବୃଦ୍ଧି ଓ ଖବର କାଗଜରେ ନାମ ପ୍ରକାଶର ଆକୁଳତା ଛଡ଼ା ଅସଲ ଓଡ଼ିଆ ଦେଶ ଓଡ଼ିଆ ଘର ଉଦ୍ଧାର କାମ କରିବାକୁ କିଏ ଛାତ୍ରୀ ଜୀବନ ପଣ କରିଛନ୍ତି ନା କରିବେ ?

ଦେଶର ଜମି କେବେ ଅଚଷା ପଡ଼ିବ ନାହିଁ । ରାମ ନ ଥିଲେ ଶାମ କରିବ । ଜଣା

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ମୁକ୍ତି

—ଇଭାନ ଟର୍ଗନିଭ

ଏକ ବିରାଟ ପ୍ରାସାଦ । ସାମନା କାନ୍ଥରେ ଗୋଟିଏ ସରୁ ଦରଜା । ଅଧେ ଖୋଲା । ଦରଜା ପଛଆଡ଼େ ଘୋର ରହିଛି କୁହୁଡ଼ି । କପାଳ ବର୍ଷଣ ଯେପରି । ଉଚ୍ଚ ଚୌକାଠ ସାମନାରେ ଠିଆ ହୋଇଛି ବାଳିକାଟିଏ—ରୁଷ୍ ବାଳିକା ସେ ।

ଲୁହୁଡ଼ି କପାଟ ବାନ୍ଧି ଯାଇଛି— ଥଣ୍ଡା ଶୀତୁଆ ପବନ ବହୁଛି । ପ୍ରାସାଦ ଭିତରୁ ଦମକା ହିମ ବାୟୁରେ ଭାସି ଆସିଲା—ଗୁପ୍ତ ଗମ୍ଭୀର ସ୍ୱର ।

"କିଏ ତୁମେ ? ଚୌକାଠ ପାର ହୋଇ ଯିବାକୁ ଚାହୁଁଛ—ତୁମ ସାମନାରେ କଣ ଅଛି ଜାଣ ?

"ଜାଣେ"—ବାଳିକାଟି କହିଲା ।

"ଶୀତ, କ୍ଷୁଧା, ଘୃଣା, ବିଦ୍ରୂପ, ଅବଜ୍ଞା, ଅପମାନ, କାରାଗାର; କ୍ରୋଧ ଏପରିକି ମୃତ୍ୟୁ—ଯଦି ଆସି ଦେଖାଦିଏ ? ଜାଣ,—ଜାଣ, ତୁମେ କି ଦୁଃଖ ସେ ଦୁଃଖ ?"

"ଜାଣେ ।"

"ଯଦି ନିର୍ବାସିତ ହୁଅ, ଯଦି ଆସେ ନିସଙ୍ଗ ପରିତ୍ୟକ୍ତର ଜୀବନ ?"

"ତା ବି ଜାଣେ—ତା ପାଇଁ ମୁଁ ପ୍ରସ୍ତୁତ—ମୁଁ କଷ୍ଟ ସହିବି, ଆଘାତ ଦେଳିବ ଛାତି ପାତି ।"

"କିନ୍ତୁ ଆଘାତ ତ ଏକା ତମର ଶତ୍ରୁ ଆଣିବ ନାହିଁ, ତୁମର ବନ୍ଧୁ, ତୁମର ପରିବାର—ହାଣିବେ ଆଘାତ । ସେତେବେଳେ କଣ କରିବ ?"

"ମୁଁ ସହିବି, ସହି ପାରିବି ।"

"ବେଶ୍ । ତାହେଲେ ତୁମେ ନିଜକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ?"

"ପ୍ରସ୍ତୁତ ।"

"ଯଦି ତୁମର ଆତ୍ମତ୍ୟାଗ ଅଜ୍ଞାତ ରହି ଯାଏ ? ତୁମେ ମୃତ୍ୟୁ ବରଣ କରିବ—କିନ୍ତୁ, କେହି—କେହି ଜାଣିବେ ନାହିଁ କାହାର ସ୍ମୃତିସ୍ତମ୍ଭରେ ଅର୍ଘ୍ୟ ଦେଉଛି ସେ ।"

"ମୁଁ କାହାର କୃତଜ୍ଞତାର, କାହାର ଅନୁକମ୍ପାର ପ୍ରାର୍ଥୀ ନୁହେଁ । ନାମର ପ୍ରୟୋଜନ ମୋର ନାହିଁ ।"

"ତୁମେ କଣ ବିଧି ନିଷେଧ ଭାଙ୍ଗିବାକୁ ପ୍ରସ୍ତୁତ ?"

ବାଳିକାଟି ମଥା ହଲାଇଲା—[illegible].
"ସେଥି ପାଇଁ ବି ମୁଁ ପ୍ରସ୍ତୁତ ।"

ମୁହୂର୍ତ୍ତମାତ୍ର ଚୁପ ହୋଇ ରହିଲା । ସେ ସ୍ୱର ।

ପୁଣି ପ୍ରଶ୍ନ ଆରମ୍ଭ ହେଲା—"ଜାଣ ଆଜି ତୁମେ ଯାହା ବିଶ୍ୱାସ କରୁଛ ଦିନେ ତୁମର ସେ ବିଶ୍ୱାସ ଭାଙ୍ଗି ଯାଇ ପାରେ, ଦିନେ ମନ ଭିତରେ ଜାଗିପାରେ ତୁମେ ଭୁଲ କରିଛ, ବୃଥାରେ ତୁମର ଯୌବନ ନଷ୍ଟ କରିଛ ?"

"ଜାଣେ, ତା ମଧ୍ୟ ଜାଣେ । ତେବେ ବି ମୁଁ ଭିତରକୁ ଯିବାକୁ ଚାହେଁ—ଯିବି ମୁଁ ?"

"ଆସ !"

ବାଳିକାଟି ଚୌକାଠ ପାର ହୋଇଗଲା—ପଛରେ ବନ୍ଦ ହେଲା ଦ୍ୱାର ।

"ନିର୍ବୋଧ"— କିଏ ପଛରୁ ଚିତ୍କାର କରି ଉଠିଲା ।

"ନା, ନା,—ମହାନ୍, ମହାନ୍ ।" କିଏ ଯେପରି ଦେଲା ତାର ଜବାବ ।

ଭାଷାନ୍ତର— **ଶ୍ରୀମତୀ ପ୍ରମଦା ମହାନ୍ତି**

---

( [illegible] )

ନଥିଲେ ଲଜ୍ଜା କରିବ । ଓଡ଼ିଆ ଝିଅଙ୍କର ଏକତା, ନମ୍ରତା ଓ ନିର୍ଭିକତା ବୋଲି ଗୋଟିଏ ଗୀତ ସ୍କୁଲରେ ଓ ସ୍କୁଲ ବାହାରେ ଦେଖି ନାହିଁ । ପରିବେଶ, ପରିବାର, ମନୋବୃତ୍ତିର ଉପ ପ୍ରତି ଶିକ୍ଷାରେ । ନାକ କାନ ଫୋଡ଼ା ହୋଇ ଓଡ଼ିଆଣୀ ଯେ ଅଳଙ୍କାର ଲଗାଇ ନୋହିଏ ଦେଶର ଢଙ୍ଗ ଓ ସଂସ୍କୃତି ରକ୍ଷାଅଛି ଓଡ଼ିଆଣୀ ବୋଲାଉଥିଲେ, ବର୍ତ୍ତମାନ ଛାତ୍ରୀଙ୍କୁ ଦେଖିଲେ ତାହା ଜାଣିବାର ସୁଯୋଗ ନାହିଁ । ଏଥିରେ ବଡ଼ାଲୁଣୀ ମାଷ୍ଟରାଣୀଙ୍କ ଉପରେ ଅଯଥା ଆକ୍ଷେପ କାହିଁକି ? ଏହା ଅଧିକ ଅସ୍ୱଭାର ଓ ଅନ୍ୟାୟ କଥା । ତମ ଦେଶର ଅନୁଷ୍ଠାନରେ ନିଜ ତ୍ୟାଗ କରି କଷ୍ଟସହି ତମେ କାମ କରିବ ନାହିଁ । ଅଳ୍ପ ଦରମାରେ ରହି ଓଡ଼ିଆ ଝିଅଙ୍କୁ ତାଲିମ ଦେବ ନାହିଁ । ଯେଉଁ ମାନେ ବାହାର ଦେଶରୁ କଷ୍ଟକର ଅଳ୍ପ ଦରମା ନେଇ ଆମ ଦେଶରେ କଟକରେ ହେଉ ଗଞ୍ଜାମରେ ହେଉ ପୁରୀରେ ହେଉ କୋଲେଜରେ ହେଉ ଆମ ପିଲାଙ୍କୁ ଆମ ଝିଅ ମାନଙ୍କୁ ପାଠ ପଢ଼ାଉଛନ୍ତି, ଗୀତ, ଅଭିନୟ ଶିଖାଉଛନ୍ତି, ସେମାନଙ୍କ ନିକଟରେ ପ୍ରତି ଓଡ଼ିଆ କୃତଜ୍ଞ ମାତ୍ର କୃତଜ୍ଞ ହେବା କଥା, ତା ନ ହୋଇ ସେମାନଙ୍କୁ ଅଯଥା ଅପମାନ କରିବା କେବଳ ଅକୃତଜ୍ଞତା ନୀଚ ଛଡ଼ା ଅଉ କିଛି ନୁହେଁ ତ ? କଟକ ରେଭେନସା ସ୍କୁଲରେ ଓ କଲେଜ ବିଭାଗରେ ମାଷ୍ଟରାଣୀ ଅଭାବରେ ପୁରୁଷ ମାଷ୍ଟର ଅଧ୍ୟାପକ ବି ପାଠ ପଢ଼ାଉଛନ୍ତି । ଏଥିରେ ଆମ ଛାତ୍ରୀ ମାନଙ୍କ ମୁଣ୍ଡ ତଳ କରି ନିଜ କାଳର ଅମର୍ତ୍ତ୍ୟ ପଣ ହେବି ଲଜ୍ଜିତ ହେବା ଉଚିତ । ଅଉ ନିଜକୁ ଦାୟୀ କରି ବର୍ତ୍ତମାନରେ ଭୋଟ ରାଜନୀତି ଦଳ ପୁରୁଷ ନେତା ମାନଙ୍କ ଯନ୍ତ୍ର ସ୍ୱରୂପ ନ ହୋଇ ନିଜର ଦୁଃସ୍ଥ । ଅଶିକ୍ଷିତା, ନିର୍ବୁଦ୍ଧି ହୋଇ ରହିଥିବା ଭଉଣୀ ମାନଙ୍କ ସେବା କରିବା ପାଇଁ ଦେଶରେ ଶିକ୍ଷା, ସଭ୍ୟତା ଧର୍ମସଂସ୍କୃତିର ଅଲିଅ ଜାଳି ଓଡ଼ିଆ ଘରର ଓଡ଼ିଆ ସମାଜର ଓ ଓଡ଼ିଆ ଦେଶର ସେବା କରିବା ପାଇଁ ଜୀବନ ବଳୀ ଦେବାକୁ ବନ୍ଧ ପରିକର ହେବା ହିଁ କେବଳ କର୍ତ୍ତବ୍ୟ । ନିଜ ଅପାରୁପଣ ଦୋଷକୁ ଅନ୍ୟ ଉପରେ ଲଦିଲେ କେବଳ ତାହାର ଅନିଷ୍ଟ ହୁଏ—ଫଳ ଲାଭ ହୁଏ ନାହିଁ । ସାମ୍ପ୍ରଦାୟିକ ଧ୍ୱଂସାତ୍ମକ ନାରୀର ସ୍ୱତନ୍ତ୍ର ସଭା ପାଇଁ କେତେ ଦରକାର

ନିବେଦିକା— **ଶ୍ରୀମତୀ ସରଳା ଦେବୀ**



Digitized by srujanika@gmail.com




# ଅଜା ଆଉ ହେଡ଼େନ୍ କମ୍ୟୁନିଷ୍ଟ

ନୂଆ ଲୁଗା ଅଜା ବଜାରୁ ଆଣିଲେ
ଧଡ଼ସଣି ତାଙ୍କ ସାହା,
ଆଈଙ୍କି ଡାକିଲେ "ବୁଢ଼ୀଟେ ଗଲାଣି
ଆଣିବଟି କପେ ଚାହା ।"
ଏତିକିରେ ଆଈ ଆସିଲେ ଯେ ଧାଇଁ
ଉଗ୍ରଚଣ୍ଡୀ ରୂପ ଧରି,
ବସିଲେ ଏକଥା ଦବାବ ଅଇଲେ
କାହିଁ ଗଲା ଚଣ୍ଡ ବଳ ।



ଧୋବଲ ମୂର୍ତ୍ତି ନିଜ ଛଡ଼ିଗଲା,
ଗୃହା ପିଇବାକୁ ମନ ।
ଦଶ ବୁଧ ପରେ ଆଣି ଦେଇଛନ୍ତି
ହେଲେ ଦଳି ଅରଜନ ।
ଖାଇ ଖାଇ ଭୁକ ଗାଲ୍‌ଗପ ମାରି
ପୂରୁଥାନ୍ତା ଯେବେ ପେଟ,
ତୁମର ବଳଅ ତୁଲ୍ ଥାଅନ୍ତେଟି
କେତେ ଅଲଚୂଳ ହିଟ ।
ଗୋବର ପାଣିରୁ ଟୁକି ଅଧବେଳେ
ଶୋଇଥଡ଼ ଅଛ ରଢ଼,
ଅବସ୍ଥା, ହୀନସ୍ତା ହେଲେ ଯାଇ ସିନା
ଗଣ୍ଡିକି ଚାଟିବ ଚାଢ଼ ।
ଜପାସରେ ରହି ବଟିଗଲ୍ ବାଇ
ଅଜାହେଲେ ଛଟପଟ
ଅଧ ଦ ସେଥିରେ ହେଇଥାନ୍ତି ଗାଇ
ଗଢ଼ଯାଉ ଛଟ ଛଟ ।

ଅଜା ଖରୁଥାନ୍ତି ନିଜ ସ୍ୱର୍ଗବଥା.
ଅଜା ଅଣଙ୍କର ଦାଣ୍ଡ,
ଯୁଦ୍ଧ ବଜାରଦେ କେତେ ଲେଲଧନୀ
ହୋଇଗଲେ ଗୃହ୍ଣ ଚାହୁଁ ।
କଣ୍ଟ୍ରୋଲ ବଜାର ଧନୀକୁ ନ ବାଧେ
ଅନ୍ଧାରେ ଅଛି ଯେ ଧନ,
ଚୋର ବଜାରରେ କସ ବା ଅଖିଳ
ଯେତେ ଯଉଁଥିକ ମନ ।
ହେଲା ଭେଲା ହୋଇ ଖଡ଼ଗଲ୍ ନୋଟ
ଯେ ପାଇଲ୍ ନେଲା ଧରି
ମୁହିଁ ଏକା ଏଥି ଏଡ଼ିକ ଅଲ୍ପଗା
ରହିଗଲି ଝୁଣ୍ଡା ମରି ।
ଏହିଭଳି କେତେ ଭାବ ଭାଙ୍ଗଯାଉ
ପାହାନ୍ତା ପହରେ ବାଜେ,
ଆଖି ଲାଗି ଗଲା; ଅଜା ଅଧ ନିଦେ
ଶୋଇଗଲେ ଏତାବେଳେ ।



ସପନେ ଦେଖିଲେ ଦେବ ଦୂତ ଜଣେ
କହୁଛି ଶୁଣରେ ବୋକା,
ଶୁଦ୍ଧ ଦଶା ତୋର ପଡ଼ିଲାଣି ଏବେ
ନ କର ମନରେ ଧୋକା ।
ରାତି ପାହିଯିବା ମାତରେ ତୁହିରେ
ହୋଇଯାଅ କମ୍ୟୁନିଷ୍ଟ,
ଦେଖିବୁ ବ କଳ ଏକା ମୁହୂର୍ତ୍ତରେ
କଟିଯିବ ସବୁ କଷ୍ଟ ।"

ଚଳବର ହୋଇ ଗାହାଣରେ ଅଜା
ବଜାର ଅଡ଼ବ ଚାଲଣ୍ଡ୍ରେ,
କାହାକୁ ନ ଚାହିଁ ଚାଲିଲେ ସେ ଧାଇଁ
ଏକ ସାହା ଦାଣ୍ଡେ ଦାଣ୍ଡେ
ଘଣ୍ଟା ଦୁଇ ଅନ୍ତେ ଯେଉଁବେଳେ ଅଜା
ଲେଉଟି ଆଇଲେ ଘରେ,
ଆଈ ଦେଖି ବେଶ 'ମାଆଁରେ' ବୋଲିଣ
ପଳାଇଲେ ତରବରେ ।



ଫୁଲପେଣ୍ଟ ପିନ୍ଧି ଉପରେ ପଞ୍ଜାବୀ
ମୁଣ୍ଡେ ଛଇ ବାନ୍ଧି ଟୋପି
ଦାଅ ହାତୁଡ଼ିର ବାଂଲା ବଦ୍ଧା ବୁକେ
ଯେସନ୍ତେ ହନୁମନ୍ତ କପି ।
ଡକାଇଲେ ଅଜା "ଡ଼ର ନାହିଁ ପ୍ରିୟେ
ଅନ୍ୟ କେହି ନୁହେ—ମୁଁ",
ଭୁଣ୍ଡ୍ର ବାଢ଼ ଅଇ ଲେଉଟି ଆଇଲେ
ମାଇଦେଇ ଗୋଟେ 'ହୁଁ'
ଅଜା ବୋଲେ ଶୁଣ ଶୁଣ ପ୍ରିୟ ସହ
ହୋଇଛି ମୁଁ କମ୍ୟୁନିଷ୍ଟ,
ଏଇ ଯେ ଦେଖୁଛ ଦାଅ ଓ ହାତୁଡ଼ି
ଏହାହିଁ ଆମର ଲକ୍ଷ୍ୟ ।
ଏହି ବାନା ଧରି ଥାଆନ୍ତି ଯେବେ ମୁଁ
ଆଜ ବହୁଦିନ ଆଗେ,
ଏଭଳି ଦଶା କି ଅଭାବ ଥାଆନ୍ତା
ତୁମେ କି ଜଳନ୍ତ ରାଗେ ?

Digitized by srujanika@gmail.com

ଏତେଦିନେ ତୁମେ    ଦେଖିବ ଆଖିରେ
କମ୍ୟୁନିଷ୍ଟ ଭୁତ କେତେ
ନାଲ ଶଢ଼ୀ ପିନ୍ଧି    ବେଗ ବେଗ ହୋଇ
ବାହାରି ଆସ ମୋ ସାଥେ ।
ଖବର ବାଟେଛି    ଆଜଠାରୁ ମୁହିଁ
ହୋଇଗଲି ତୁମର "ସାଥି"
'ସାଥି' ନାଆଁ ଧରି    ଡାକୁଥିବ ମୋତେ
ଆମେ କମ୍ୟୁନିଷ୍ଟ ଜାତି ।
ମୁହିଁ ବି ତୁମକୁ    "ସାଥି ସାଥି" ବୋଲି
ଡାକୁଥିବି ଦିନ ରାତି ।
ସର୍ବହରଙ୍କୁ    ଏକଯୋଟ କରି
ଷ୍ଟ୍ରାଇକ କରାଇ ଦେଇ,
'ବୁରୁଜେ୍ୱାଁଙ୍କର    ଟଣ୍ଟି ଚପିବା
କସିବ କବାଡ଼ ନେଇ ।
ଏଇ କାମଟିକି    ଚଳ ଆଜଠାରେ
ଅଭୁତ ଅମର କାମ !
ଗୋଳ ଲମ୍ବା ଜଣ    ଖାଉଥିବା ବସି
ମଉଜେ ଫୁଲାଇ ଜଣ ।



ମାଛ ବାଲାଙ୍କର    ଲଗିଅଛି ସଭା
ପ୍ରେସିଡେଣ୍ଟ ତହିଁ ଅଈ
ଅଜା ପାଖେ ବସି    ସ୍ଲୋଗାନେ ଟାଣି
ମାରୁଛନ୍ତି ଗାଳି ବାଛି ।
ନଥିଲୁ ହଲାଇ    ଧଁ ବର ଅଈ
ବକ୍ତୃତା ଦିଅଇ ତାଙ୍କ;
ଅଜା ବସିକରି    "ହିଏର ହିଏର"
କହି ମାରୁଥାନ୍ତି ତାଳି ।
ସଭାଅନ୍ତେ ସର୍ବେ    ପ୍ର ଏସନ କଲେ
ଉଡୁଥାଏ ଲାଲ ଧ୍ୱଜ —
ଅଗେ ଅଗେ ଲୀଡ୍‌    ଦେଉଛନ୍ତି ଅଈ
ପଛେ ଚାଲୁଛନ୍ତି ଅଜା ।



ସଞ୍ଜ ହେଲା ଯେଣି    ଅଜା ଘରେ
ଗଦା ହୋଇଗଲା ମାଛ,
ଅଈ ଡାକଦେଲେ    'କାହିଁ ଗଲ ସାଥି !
ଏଣେ ଆସି ମାଛ ବାଛ ।"
"କାଲିକି କରିବା    ପଲବା ଷ୍ଟ୍ରାଇକ
ଅଧେ ଦିନ ଖାନ ଗୁଅ,
ଏଣୁପରେ ସିନା    ଦିନ ଉର ଦିନ
ଦେଖୁଥିବ ନୁଆ ନୁଆ ।"
ଚନ, ଅଟା, ତେଲ    ଲୁଗା ପଟା, ଟଙ୍କା
ଜମିବ ଆପଣା ସ୍ଥାଏଁ,
ଅମ ଟେକ ଅଗେ    ଦୋଷ ଦିଅ ଲୋକେ
ଉଡ଼ ଯିବେ ବାଏଁ ବାଏଁ ।

× × ×

ରଚା ମାରୁଆଡ଼    ଟଗୁର ବେପାରୀଏ
କଟ୍‌ହ୍ନ ବାହୁତ ପାନ,
ତାଙ୍କ ତଣ୍ଟି ଚପି    ଗରିବଙ୍କୁ ଦେଲେ
କହିବ କାହାର ବାପ ?

× × ×

କମ୍ରେଡ୍‌ ହୋଇ    ଆନନ୍ଦେ ରହିଲେ
ଅଜା ଆଈ ଦୁଇଜଣ,
କଇଁ କଥା ଘରେ    ଉଣାନାହିଁ କିଛି
ସବୁ ଚଳେ ଉଣେ କଣ ।
ଅଜା ଅଈ ଦିନେ    ଲଗିଲେ ଝଗଡା
ଲୀଡର ହୋଇବ କିଏ ?
ଅଈ କହେ ଅଜା    ଦାବୀଟା ମୋହର
ଯେଣ୍ଟ୍‌ ମୁଁ କରୁଛା ଦଏଁ ।
ଅଜା କହେ ଫୋପା—    ଗାଣ୍ଡା ମୁଁ ନକଲେ
କେ ଶୁଣିବ ତୁମ କଥା,
ଜାଣିଛତ, ଏଡେ    ବୁଦ୍ଧିଟା ବାହାର
ଜନ୍ମିଛି ମୋହର ମଥା ।

ଆଜଠାରୁ ମୁହିଁ    କରିବ ଷ୍ଟ୍ରାଇକ
ଦେଖିବ କାଲେ ତା ଫଳ
ଅଈ କହେ ଏଇ    ଚାଲ ମୁଁ ଷ୍ଟ୍ରାଇକ
ଦେଖାଯିବ ତୁମ ବଳ ।
ନହୁ ବହୁ ଅଈ    ଜବର ଷ୍ଟ୍ରାଇକ
କଲେ ଏକ ଚଡା ମୁଣ୍ଡେ
ମୁଣ୍ଡରୁ ଆଉଁଷି    ରହିଗଲେ ଅଜା
ଭାଷା ନ ଆସଇ ତୁଣ୍ଡେ ।



ଏତୁ ମୁଷା ଖାଇ    ପାଇଗଲେ ଅଜା
କମ୍ୟୁନିଷ୍ଟ ହେବା ମଜା.
ମେଣ୍ଟା ଦେଣ୍ଟି ହୋଇ    'ସେଲଡନ୍‌ ଦୁହେଁ'
ରହିଗଲେ ଆଈ ଅଜା ।

—†—

କବିତା

## ପଦେ

ଶ୍ରୀଗୋପାଳଚନ୍ଦ୍ର ମିଶ୍ର, ବି.ଏ.ଅନର୍ସ

ଅନ୍ତରର ଫଣୀ    ଫୁଲ୍ଲ ପ୍ରାଣଭରି
ଫୁଟେ ପଦେ ସେଇଁ କଥା ଗୋ
ଅଜମୁଦ ସେତ    ସୁରଭିତ କରି
ଯାହା ଘୋଟେ ବନଲତା ଯଥା
ବତାସ ଯା' କହେ    ବନାନୀର କାନେ
ତଟିନୀର ଜଳ ଛନ୍ଦେ
ସେହି କଥା ପ୍ରିୟେ    କହୁଛି ମୁଁ ଆଜ
ବନ କୁସୁମର ଗନ୍ଧେ
ପଦେ କଥା ଖାଲି କହେ ଗୋ
ପ୍ରତିଧ୍ୱନି ଯା'ର    ଅନ୍ତରରେ ନାଚେ
ଅନବରତଟି ବହେ ଗୋ ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର ଶିଶୁମାନଙ୍କ ପ୍ରାଣରେ ଦେଶପ୍ରେମ ଜାଗାଇବା, ଆମର ପର ପର ବଢ଼ାଇବା ଓ ସର୍ବାଙ୍ଗୀନ ଉନ୍ନତି ସାଧନ କରିବା । ୨ । 'ଜହ୍ନମାମୁଁ'ର ମଧ୍ୟଦେଇ ଏହି ଜାତୀୟ ଭାବ ଓ ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ଶିଶୁମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଓ ଅହିଂସା ମାଧ୍ୟମରେ ସେମାନଙ୍କୁ ଗଢ଼ିବା ।

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

## ସ୍ୱର୍ଗୀୟ ଜୀବନୀ (୮)

### ବାଜି

ସେ ... ଧେନୁପାଳ ବା ... ନାହାନ୍ତି । ଢେଙ୍କାନାଳର ... ପୁରରେ ଗୋଟିଏ ଗରିବ ଘରେ ... ତାର ଜନ୍ମ । ବାର ବରଷର ... ନାଁଟି ତାର ବାଜି । ବାପା ନାହିଁ, ବୁଢ଼ୀ ମା ଟିଏ, ଧାନ କୁଟି ପେଟ ପୋଷେ । ଏଡ଼ ବାଜି ସେ ନଈ ପାଣିରେ ... ଫିଙ୍ଗିଦେଇ ମନ ଖୁସିରେ ଗୀତ ଗାଏ ।

... ୧୯୩୮ ମସିହା । ଓଡ଼ିଶା ଗଡ଼ଜାତରେ ପ୍ରଜା ଆନ୍ଦୋଳନ । ଢେଙ୍କାନାଳର ... ପ୍ରଜା ସବୁରୁ ଆଗରେ ଥିଲେ । ସେହି ପ୍ରଜାମଣ୍ଡଳର ସିପାହୀ ବାଜି ।

ଅକ୍ଟୋବର ଦଶ ତାରିଖ, କାର୍ତ୍ତିକ ମାସ ... ନନ୍ଦନ ହେଲା ... ଭୟାବହ ରାତିରେ ... ଡଙ୍ଗା ଉପରେ ପହରା ଦେବା ବାଜିର ସେ ଦିନର କାମ ଥିଲା । ଘାଟ ଡଙ୍ଗାକୁ ଜଗି ଘାଟ କୂଳରେ ସେ ଶୋଇ ଥାଏ ।

ରାତି ଅଧରେ ରାଜାଙ୍କର ପୁଲିସ ଫୌଜ "ଭୁବନ" ଗାଁରେ ଗୁଳି ଫାଏର କରି ଫେରିଲେ, ରକ୍ତମୁଖା ହୋଇ । ... ଉପରେ ଉରଗ-ମାଳିନୀ ବ୍ରାହ୍ମଣୀ ... ପାର ହେବାକୁ ବାଜିକି ମାଗିଲେ ଡଙ୍ଗା । ... ବାଜି ଶୁଣିଲା ପୋଲିସ ଫୌଜ । ... ସ୍ୱରରେ କହି ଉଠିଲା, 'ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ଡଙ୍ଗା ଛାଡ଼ିବି ନାହିଁ ।'

ପୁଲିସ ରାଗି ନିଆଁ ହୋଇଗଲା । ସଙ୍ଗେ ସଙ୍ଗେ ... ବନ୍ଧୁକର ଆବାଜ । ବାଜିର ଛୋଟ ମୁଣ୍ଡଟି ଦୁଇଫାଳ ହୋଇଗଲା । ସେ ଦେହର ସବୁ ଜୋର୍ ଦେଇ ଡଙ୍ଗାକୁ ଠେଲିଦେଇ ଡାକ ପକାଇଲା—ପ୍ରଜାମଣ୍ଡଳର ଲୋକ ଧାଇଁଆସ, ଘାଟ ଉପରେ ପୁଲିସ ।

ଗାଁ ଲୋକେ ଧାଇଁ ଆସିଲେ, ପୁଲିସ ସେତେବେଳକୁ ନଈ ମଝିରେ । ତାର ରକ୍ତ ପିପାସୀ ବନ୍ଧୁକ ଆବାଜରେ ଗୋଟିଗୋଟି ହୋଇ ପଡ଼ିଲେ—ଗାଁର ସୈନିକ ବୃନ୍ଦ । ବାଜି ବା ଉତ୍କଳ ଇତିହାସ ବକ୍ଷରେ ତାର ନାମଟି ସ୍ୱର୍ଣ୍ଣାକ୍ଷରେ ଚିରନ୍ଦନ ପାଇଁ ଲେଖାଇ ବ୍ରାହ୍ମଣୀର ବେଳାଭୂମିକୁ ମଣ୍ଡନ କରିଥିଲା ।

ଲେଖିକା—କୁମାରୀ ଶାରଳା ମହାନ୍ତି
ନଂ ୮ ନାଗବାଲୀ

### ଅଜାଙ୍କ ଉତ୍ତର

କୃଷ୍ଣ (୮୯୮)— ... ମୁଁ କେବଳ ସମ୍ବାଦ ଜାଗରୀ ଜଲ୍ଗି ... ପଢ଼ୁଅ । ମୁଁ ବାରମ୍ବାର କହୁଛୁ ବର୍ତ୍ତମାନ ସମ୍ବାଦ ଜୀବନୀ ଛଡ଼ା ... ନାଗମାନେ ଅନ୍ୟକାରୁ ନ ପଠାନ୍ତୁ ।

ଚକ୍ରି [୮୯୯] ପାଠଶାଳାରେ କୃଷକଦଳର ନେତୃତ୍ୱ ଠିକ୍ ନେତୃତ୍ୱ । ଇଙ୍ଗରେ ଘୋଷଣା ଗୋଟାଏ ବ୍ୟାପ୍ତିଗ୍ରସ୍ତ ତମେ ଯୁବକମାନଙ୍କୁ ଧରି ଆଦିବାସୀମାନଙ୍କ ସେବାରେ ଲାଗ । ସେମାନଙ୍କ ସହ ମିଶ । ତାଙ୍କୁ ପାଠ ପଢ଼ାଅ । ଏପରିକି ଯୁବକମାନେ ଆଦିବାସୀମାନଙ୍କ ସହ ବିବାହାଦି ସମ୍ପର୍କରେ ଘନିଷ୍ଠ ଭାବରେ ଆବଦ୍ଧ ହୋଇ ଆଦିବାସୀ ଓ ଅଣଆଦିବାସୀ ପ୍ରଶ୍ନକୁ ଲୋପ କରିଦେବା ଉଚିତ । ସେ ସାହସ ଯେଉଁ ଯୁବକର ହେବ, ସେ ଦେଶର ପ୍ରକୃତ ଉପକାର କରିପାରିବ ।

ଧବଳ— ତମେ ବଡ଼ ପ୍ରଶ୍ନଟାଏ କରିଛ । ଭଗବାନ ସବୁ 'କର କରାଉ ଥାନ୍ତି ।' ତଥାପି ସେ ମନୁଷ୍ୟକୁ ସ୍ୱାଧୀନତା ଦେଇଛନ୍ତି । ରାମକୃଷ୍ଣ ଦେବ ଗୋଟାଏ ଉଦାହରଣ ଦେଇଛନ୍ତି— ଗାଈଟିକୁ ଗୋଟିଏ ଖୁଣ୍ଟିରେ ବାନ୍ଧିଛୁ ତାର ପ୍ରଭୁ । ତଥାପି ଗାଈ ସେ ଦଉଡ଼ି ଲମ୍ବରେ ଖୁଣ୍ଟ ଗୁରିପାଖେ ବୁଲୁଛି । ସେତିକ ତା ପ୍ରଭୁର ଅଧିକାର ଭିତରେ ହେଲେ ମଧ୍ୟ ସେ ସ୍ୱାଧୀନ । ମଣିଷର ସ୍ୱାଧୀନତା ଠିକ୍ ସେମିତି ।

ତଥାପି ମୋର ଧାରଣା, ଯେ ପୁରାପୁରି ଭଗବାନଙ୍କୁ ସମର୍ପି ଦେବ ସେ କଦାପି ଭୁଲ୍ କରି ପାରିବ ନାହିଁ । ଅନେ ଭଗବାନଙ୍କଠୁ ସ୍ୱାଧୀନ ବୋଲି ଯେତିକି ଭାବୁ ସେତିକି ଭୁଲ୍ କରୁ । ଯେ ଆଦୌ ଭୁଲ ନକରେ ସେ ଭଗବାନଙ୍କୁ ପୂର୍ଣ୍ଣଭାବେ ପାଏ । ଯେ ଭଗବାନଙ୍କୁ ପାଏ ସେ ଭୁଲ କରିପାରେ ନାହିଁ ।

—୦—

### ପାଠାଗାର ଆନ୍ଦୋଳନ

[୮୦] ଓଡ଼ିଆ ଷ୍ଟୁଡେଣ୍ଟସ ଲାଇବ୍ରେରୀ—ଜାମସେଦପୁର ସ୍ଥାପନା ୧୯୪୭ ସଭ୍ୟ ସଂଖ୍ୟା ୩୦—ପୁସ୍ତକ ୪୦୪, ସେକ୍ରେଟାରୀ—ଶ୍ରୀ ଗୁରୁଚରଣ ଦାସ୍, ଓଡ଼ିଆ ଛାତ୍ରଙ୍କ ଦ୍ୱାରା ପରିଚାଳିତ । ପୁସ୍ତକ ସଂଖ୍ୟା ୫୦୦ ରୁ ଅଧିକ । ସମାଜ, ମାତୃଭୂମି, ଓ ଡଗର ଆସେ ।

(୮୧) ଶିଶୁବନ୍ଧୁ ପାଠାଗାର, ଭଟର, ପୋ. ନନ୍ଦନ, କଟକ ସ୍ଥାପନା—୧୯୪୬ । ସଭ୍ୟ ସଂଖ୍ୟା ୨୫—ପୁସ୍ତକ ୭୦ କର୍ମକର୍ତ୍ତା—ସର୍ବଶ୍ରୀ ଜାନକୀ ଚରଣ ଅଗ୍ରୱାଲ, କ୍ଷେତ୍ରମୋହନ ବେହେରା, ସଚ୍ଚିଦାନନ୍ଦ ଅଗ୍ରୱାଲ, ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ । ହିନ୍ଦି, ଓଡ଼ିଆ, ବଙ୍ଗଳା, ଇଂରାଜୀ ପୁସ୍ତକ ମିଳି

Digitized by srujanika@gmail.com

...। ସମାଜ, ଗୀତା, ନର୍ତ୍ତନ, ଉତ୍କଳର ଅପ୍ରକାଶିତ ଅନୁବାଦ, ସାମ୍ପ୍ରତିକ ଇଣ୍ଡାପିଣ୍ଡ, ଭଗତ, ନର୍ଥ ଖଣ୍ଡ, ଅଛି। ବର୍ଷକଧି ମାସିକ ହାତ ଲେଖା ବାହାରେ।

(୪୨) ବାଳିକା ସାଥୀ ନାଟ୍ୟ ସଦନ—ଡାଃ ସ. ନନ୍ଦନ, କଟକ। ସ୍ଥାପନ ୧୯୪୬। ସଭ୍ୟ ସଂଖ୍ୟା ୧୫। ମାସିକ ଚାନ୍ଦା—୪ଟ୍ୟ ସଂପାଦିକା ଶ୍ରୀମତୀ ବଣାଖା ସୁନ୍ଦରୀ ଦାଶ। କୋଷାଧ୍ୟକ୍ଷା—ଶ୍ରୀ ଶାନ୍ତିଲତା ଦାସ। ସହକାରୀ ଶ୍ରୀମତୀ ପ୍ରଫୁଲ୍ଲ କୁମାରୀ ଦାସ। ସମାଜ, ମାତୃଭୂମି, ଜଗତ ପ୍ରଭୃତି ଅଛି।

[୪୩] ଅବସର ବିନୋଦ ସାହିତ୍ୟ ସମିତି—ପୋ. ବଲଙ୍ଗିର ପାଟଣା ଷ୍ଟେଟ। ସ୍ଥାପନା—୧୯୪୦। ସଂପାଦକ—ଶ୍ରୀ ଶଙ୍କର ପ୍ରସାଦ ପ୍ରହରାଜ। ଓଡ଼ିଆ ୪୦୦, ହିନ୍ଦୀ ୧୦୦, ବଙ୍ଗଳା ୧୦୦ ଓ ଇଂରାଜୀ ୪୦୦ ପୁସ୍ତକ ଅଛି। ଅମୃତବଜାର, ଜନତା, ମୁକ୍ତିପଥ, ହରିଜନ, ସାପ୍ତାହିକ ଗଣତନ୍ତ୍ର ତାର, ରଙ୍ଗବଙ୍ଗ, ଶ୍ରୀଣ ଶତାବ୍ଦୀ ଅଛି। ହାତଲେଖା ମାସିକ ପତ୍ର ବାହାରେ।

[୪୪] ମହାନ୍ତି ବନ୍ଧୁ ପାଠାଗାର। ମୁଲ୍‌ସୁନ୍ଦାଙ୍ଗ—ପୋ. କେନ୍ଦ୍ରାଳ, କଟକ। ସ୍ଥାପନା—୧୯୪୬। ନାଗ ଅନ୍ଦୋଳନ ଫଳରେ ନାଗ ଶ୍ରୀ ଯୁଗଳ କିଶୋର ମହାନ୍ତି [୭୭୭]ଙ୍କ ଦ୍ୱାରା ପ୍ରତିଷ୍ଠିତ। ସଭ୍ୟ ସଂଖ୍ୟା ୩୦ ପୁସ୍ତକ ସଂଖ୍ୟା ୧୨୫।

[୦୯] ଗୋପବନ୍ଧୁ ସେବାଶ୍ରମ ପୁସ୍ତକାଗାର। ସାଲେପୁର, କଟକ। ସ୍ଥାପନା ୧୯୩୧। ପ୍ରତିଷ୍ଠାତା ଶ୍ରୀ ଚନ୍ଦ୍ରଶେଖର ମିଶ୍ର। ପୁସ୍ତକ ସଂଖ୍ୟା ୨୫୦, ଅଶା, ନବଭାରତ, ଶଂଖ, ରେଭେନ୍ସା ଅଛି।

(୧୭) ଷୋଳବାସୀ ସ୍ମୃତି ପୁସ୍ତକାଗାର—ରଘୁନାଥପୁର ପୋ: ମଙ୍ଗଳପୁର, କଟକ। ପ୍ରତିଷ୍ଠା ୧୯୪୬— ପାଠାଗାର ଆନ୍ଦୋଳନ ଫଳରେ ପ୍ରତିଷ୍ଠିତ। ସେବା ସଙ୍ଘ କର୍ତ୍ତୃକ ପରିଚାଳିତ। ସଭ୍ୟ ସଂଖ୍ୟା ୩୦— ଚାନ୍ଦା ବାର୍ଷିକ ଟ ୧୯ ପୁସ୍ତକ ସଂଖ୍ୟା (ଅଧିକାଂଶ ଓଡ଼ିଆ) ୨୫୦।—ନାଗ ୮୧୪

(୪୭) ଗ୍ରାମପାଠାଗାର, ଗ୍ରାମ କଠି—ପୋଷ୍ଟ ବ୍ରହ୍ମପୁର— ସ୍ଥାପନା ୧୯୪୭ ପରିଚାଳକ ସର୍ବଶ୍ରୀ ଭାନୁଚନ୍ଦ୍ର ଓ କୃଷ୍ଣଚନ୍ଦ୍ର ପାଢ଼ୀ ଦ୍ୱୟ। ପୁସ୍ତକ ସଂଖ୍ୟା ୭୦। (ନାଗ ୮୪୭ ଗମନାଗମନ)!

---

( ଚଳଚ୍ଚିତ୍ରର ୨ୟ ପୃଷ୍ଠା ଉତ୍ତାରୁ )

ପ୍ରକାଶ କରିବାକୁ ନାହିଁ। ତେବେ ଏ ଦେଶର ସେହି ଦେଶୀୟ ମାନେ ସେ ମହାମନ୍ତ୍ର ମୁକ୍ତରୁ ଅଜସ୍ର କର ଦେଖି ଦୂର ଅଛେଇଛନ୍ତି ଅନେ ତାଙ୍କୁ ନାହିଁ। କୋଥନ୍ତ୍ରୁଏ ପ୍ରଥମ ଶାବକରେ ହିଁ ତାଙ୍କର ସଙ୍ଗ ହିଁ କୋଇଯାଇ ଥିଲା। ତାଙ୍କୁ ସାହେବ ତାଙ୍କ ଅପରେ ଯେତେ ପାପକଥା କହିଲେ ବି ସେ ନାମ ବଳରେ ସବୁ ପାର ହୋଇଥିଲେ। + +

ମାଲଚିତ୍ରର ଅତୀବ ସରକାର ଚାଲେଇବାରେ ଘଟିଥିଲା। କେବଳ କଥା। କାରଣ ସରକାର ଦିନ ଦେବାପରେ ତାଙ୍କ ଶାସନରେ ରହିବା କଠିନ। ତେବେ ଏବେ ତଥାପି ସେ ଦୁଃଖୀପ୍ରାପ୍ତ ହୋଇ ସ୍ୱାଧୀନ ସହ ସବୁଥି ସୁଖରେ ଅନେକ ଦେଶ ପିଲା ବୋଲି ବିଲ୍ଲଅ ସବୁର ଭରସା ନଥିଲା। ଯାହା-ହେଉ ଅତୀତ ସରକାର ନେତା କୈଳାସ ଚନ୍ଦ୍ର ମାଲଚିତ୍ରର ବାହିରୁ ମନ୍ତ୍ରୀ ଶାସନ ଗ୍ରହ ଦେବାରେ ମନକୁ ଅପାଏ କଥାର ଜଣାଇଛନ୍ତି। ମାଲଚିତ୍ରର ନାମଟାକୁ ବଦଳାଇ ଏଥର କୈଳାସ ବା କହାଇ ନବେଦନ ଓଡ଼ିଆରେ ସେଠି ନାମରେ 'କୁଞ୍ଜିଲାସ' ଦିଶି ଅଛନ୍ତି—ତାଙ୍କ ଚନ୍ଦ୍ର, ଭୂପେ କୈଳାସ ଚନ୍ଦ୍ର ଦେଶ ମାନନ୍ତେ। ନବେଦନ କୈଳାସ ବାବୁଙ୍କ ଦର୍ଶ ଦେଖି ଅନେ କୈଳାସ ଅଧ୍ୟ ବୋଲି ନାମ ଦେଲେ ଅଶୋଭନ ହେବ ନାହିଁ। ତାଙ୍କ ସବୁ ଅବଧରେ ଗାଇବା—

ଚନ୍ଦ୍ର ଶିବାପରେ କୈଳାସ ପରେ

---

ତାହା ମାଁ ମୂଳ ସାର୍ଥକ

( ଶ୍ରାପ୍ରାହଣ ୩ୟ ପୃଷ୍ଠା ଉତ୍ତାରୁ )

ଏଥି ପୂର୍ବରୁ ଯେତେଗୁଡ଼ିଏ ବାଣିଜ୍ୟ ଶୁଳ୍କ ସମ୍ବନ୍ଧରେ ଏକ ନୂତନ କରି ଗୋଟିଏ ସନ୍ଧି ସ୍ୱାକ୍ଷରିତ ହୋଇଛି। ତାହା ମଧ୍ୟ ଜେନେଭାରେ ଘଟିଛି। ଏ ସନ୍ଧି ସର୍ତ୍ତ ଅନୁସାରେ ଗୋଟିଏ ଦେଶ ସହିତ ଅନ୍ୟ ଦେଶ ସ୍ୱାକ୍ଷର କଲାପରି ସନ୍ଧିଗତ ସ୍ୱାକ୍ଷର ଓ ସୁବିଧା ସମେତ ଜଗତ୍ର ଅନ୍ୟ ଦେଶମାନେ ନେଇ ପାରିବେ। ଏ ସନ୍ଧିର ଉଦ୍ଦେଶ୍ୟ ହେଉଛି ବାଣିଜ୍ୟ। ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଜିନିଷ ନିବା ଅସିବାରେ ବାଧା ରହିବ ନାହିଁ। ଯେଉଁମାନେ ଅପଣ୍ଡରେ ଆମେରିକାର ଉପନିବେଶ ଅଧିକୃତ ସେକ୍ରେଟେରୀ ଢେନ ଏ ପ୍ରସ୍ତାବ ଦେଇଥିଲେ। ତାହା ସଫଳ ହୋଇ ସେ ଯାଇ ଇଂଲଣ୍ଡକୁ ଧରିଲେ। ବର୍ତ୍ତମାନ ଏ କଥାବାର୍ତ୍ତା ଆମେରିକା ପ୍ରତିନିଧି ମଣ୍ଡଳର ନେତା ବ୍ରାଉନଙ୍କ ଅଧ୍ୟକ୍ଷତାରେ ଚାଲିଛି। ଏହା ଆମେରିକା ଓ ଇଂଲଣ୍ଡ ପୃଥିବୀର ସମୁଦାୟ ବାଣିଜ୍ୟରୁ ଶତକଡ଼ା ପଞ୍ଚାଶ ଭାଗ କରନ୍ତି। ଭାରତ ଏହି ସମ୍ମେଳନରେ ଯୋଗଦେଇ ସତ୍ୟ ସହିତ ସନ୍ଧି କରିନେଇ ସାରିଲାଣି।

ଇଂଲଣ୍ଡ ଆମେରିକା ରୁଷ ଓ ଫ୍ରାନ୍ସର ବୈଦେଶିକ ମନ୍ତ୍ରୀମାନେ ଜର୍ମାନୀ ସନ୍ଧି ସଂକ୍ରାନ୍ତରେ କଥାବାର୍ତ୍ତା ଆରମ୍ଭ କରିଛନ୍ତି।

ମାର୍ଶାଲ ଯୋଜନା ଫଳରେ ଆମେରିକାର ବାଣିଜ୍ୟ ଲାଭ ଉପର ହେବ ବୋଲି ସନ୍ଦେହ କରି ମାନଙ୍କ ଅର୍ଥନୀତିକ ଶୁଭଙ୍କରମାନେ ମତ ଦେଉଛନ୍ତି।

ମିଶର ଡାକ ସଂଘର (ପୂର୍ବଅଞ୍ଚଳ) ଶୁଙ୍ଗକାଂଗୀ କମିଟି (ଅଷ୍ଟ୍ରେଲିଆ, ଆମେରିକା ଓ ନେଦରଲାଣ୍ଡ) ଯୋଗଯୋଗ ବର୍ତ୍ତାରେ ଉପନିବେଶ ସମସ୍ୟାରେ କାମ ଆରମ୍ଭ କରିଛନ୍ତି।

ଧ୍ୟାନ ସବୁ ଭୋଟ ଫଳରେ ସତ ଲେଖରେ ଜଣାଗଲା ଯେ କମ୍ୟୁନିଷ୍ଟମାନେ-ସବୁଠାରୁ ଅଧିକ ଭୋଟ ପାଇଛନ୍ତି। ଗତ ନିର୍ବାଚନରେ ତାଙ୍କ ଦଳ ଯାହା ଥିଲା ତାହା ପ୍ରାୟ ଅଧିକ ରହିଛି। ତାଙ୍କ ପୂର୍ବରୁ ଦ୍ୱିତୀୟ ସ୍ଥାନ ପାଉଥିବା ଏମ: ଅ: ପି ଦଳ ଏହାରି ରିପବ୍ଲିକ। ତା ସ୍ଥଳରେ ଜେନେରାଲ (ଦ.ଗ)ଦଳ ଶୁଭ ଅଧିକ ସ୍ଥାନ ପାଇଛନ୍ତି। ତା ଉଭୟ ସୋସାଲିଷ୍ଟ।

ଇଂଲଣ୍ଡ ମିଉନିସିପାଲ ଭୋଟରୁ ସ୍ପଷ୍ଟ ଜଣାଗଲା ଯେ ସୋସାଲିଷ୍ଟ ଶ୍ରମିକ ସରକାରଙ୍କ ପକ୍ଷରେ ଆଉ ଲୋକଙ୍କ ସମର୍ଥନ ନାହିଁ। ଶ୍ରମିକ ଦଳ ପ୍ରାୟ ୭୦୦ ସ୍ଥାନ ହରାଇଛନ୍ତି। ସେ ସବୁରୁ ଅଧିକାଂଶ ଟୋରୀମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଛି।

ସ୍ୱଦେଶରେ କମ୍ୟୁନିଷ୍ଟଙ୍କ ଅନଶନ ଶେଷ ହୋଇଛି। ମାଷ୍ଟର ଏକ ସାମ୍ରାଜ୍ୟ ଅଭିଯୋଗ ପରେ ସେ କଥା ଜଣାଇ ପାରନ୍ତି। ଚୀନର ଜାତୀୟ ସରକାରୀ ଫୌଜର ପରିଚାଳନା ଭାର ନେଇଛନ୍ତି। ଏବଂ ତଳେ କମ୍ୟୁନିଷ୍ଟ ଦଳେ ଯା ନେତା ଓ୍ୟାଙ୍ଗ ନିଜେ ଯାଇ ଉତ୍ତରମଧ୍ୟରେ ଅ ଖଣ୍ଡ କରୁଛନ୍ତି।

—*—

Digitized by srujanika@gmail.com

## ଉତ୍କଳର ଶ୍ରେଷ୍ଠ "ଦାନ !"

କଲିକତା ପ୍ରେସିଡେନ୍‌ସି କଲେଜର ଶରୀର ବିଜ୍ଞାନର ଭୂତପୂର୍ବ ଅଧ୍ୟାପକ

**ଆଚାର୍ଯ୍ୟ ଗିରିଙ୍କ ହୀରକ ପ୍ରୟୋଗ ମିଶ୍ରିତ ଜ୍ୱରାନ୍ତକ ରସ**

ଏହା ଭାରତର ବହୁମୂଲ୍ୟ ଓ ଏଲୋପେଥିକ ଔଷଧ ଠାରୁ ବହୁଗୁଣ ଶକ୍ତିଶାଳୀ ଓ ଏଥିରେ କୌଣସି ଗୁଣ ନାହିଁ । ଏତେ ବଡ଼ ଜ୍ୱରନାଶକ ଔଷଧ ଆଜିପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ି ଶରୀର ସୁସ୍ଥ ହୁଏ । ଏହା ଖାଇବା ପରେ ଜ୍ୱର ଆସେ ନାହିଁ । ପଥ୍ୟାପଥ୍ୟର ଦରକାର ନାହିଁ ।

**ଗୀଷ୍ଟୁଲୀନ**

ଚର୍ମରୋଗର ଅବ୍ୟର୍ଥ ଔଷଧ

ଖାଜୁ, କୁଣ୍ଡିଆ, ଦାଦୁ, ମଉଳା, ପାଗ ଘା ଓ ସମସ୍ତ ପ୍ରକାର ଚର୍ମ ରୋଗ ଅଳ୍ପ ସମୟରେ ନାଶକରି ଚର୍ମରୁ ଦାଗ ନିଃଶେଷ କରେ ।

ବିଳାସ ଓ ଭେଷଜ ଏକାଧାରରେ ସମାବିଷ୍ଟ ସାରାଜଗତଠାରେ ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ ପ୍ରଶୋଧନ ସମ୍ଭାର

ସର୍ବାସୌରଭ ସୋରିଷ ତୈଳ

**ସାର୍ଷପା**

ଦେହ ପୋଷଣ ଏବଂ ମେଦ ଶୋଷଣ କରି ନିର୍ମାଣ କରେ । ଶକ୍ତିଶାଳୀ, ସୁଦୃଢ଼, ପୁଷ୍ଟ ମାଂସପେଶୀ; ଉତ୍ପନ୍ନ କରେ । ସୁକୋମଳ, କାନ୍ତିଯୁକ୍ତ, ସୁନ୍ଦର ତ୍ୱକ୍; ସୃଷ୍ଟି କରେ, ବାସନାର ଲୀଳା ଭୃଙ୍ଗ ବେଣୀ ମନୋହର, ସ୍ତ୍ରୀଙ୍କ କବରୀ ପୀନପୟୋଧର ଏବଂ ସୁଗନ୍ଧିତ କରେ । ସ୍ୱଚ୍ଛ କୁଣ୍ଡଳ, କୋମଳ, ଭ୍ରମରକୃଷ୍ଣ, କୁଞ୍ଚିତ କେଶଦାମ ।

**ଶୈତ୍ୟସୁଧା**

ବା NECTORUM.

ପ୍ରମେହ ରୋଗର ଅବ୍ୟର୍ଥ ଔଷଧ—ସ୍ୱ, ସ୍ୱର୍ଣ୍ଣ ଦ୍ୱାରା ପ୍ରସ୍ତୁତ । ଏହା ପ୍ରମେହ, ଶୁକ୍ରତାରଲ୍ୟ ଓ ତଜ୍ଜନିତ ଯାବତୀୟ ଉପସର୍ଗ, ସ୍ୱପ୍ନଦୋଷ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ କରେ ।

ପ୍ରାପ୍ତି ସ୍ଥାନ—
ବିଜୟଶକ୍ତି ଔଷଧାଳୟ— ରସାୟନ ବିଭାଗ
ବାଲେଶ୍ୱର


## BENGAL NAGPUR RAILWAY

## ବେଙ୍ଗଲ୍ ନାଗପୁର ରେଲୱେ

## ବିକ୍ରି ନୋଟିସ

ଏହି ନୋଟିସ ଦ୍ୱାରା ଜଣାଇ ଦିଆ ଯାଉ ଅଛି କି ୧୯୪୦ ସାଲର ଭାରତୀୟ ରେଲୱେ ଆଇନର ନିୟମ ଅନୁସାରେ ଏକ ଗାଡ଼ି ସ୍ଲାକ ଚୂନ [Slack lime] ଭଦ୍ରକ ଷ୍ଟେସନରେ ନଭେମ୍ବର ୩ ତାରିଖ ସନ ୧୯୪୭ ରବିବାର ଦିନ ୧୧ଟା ବେଳେ ନିଲାମ ହେବ ।

ନିଲାମ ଧାର୍ଯ୍ୟ ଟଙ୍କା ସମସ୍ତ ନଗଦ ଦେବାକୁ ହେବ ।

କମର୍ଶିଆଲ ଟ୍ରାଫିକ୍ ମାନେଜର ।


## ହାୱଡ଼ା କୁଷ୍ଠ କୁଟୀର

| **କୁଷ୍ଠ** | **ଧବଳ** |
|---|---|
| ବାତରକ୍ତ ସର୍ବାଙ୍ଗ ସ୍ପର୍ଶହୀନତା ସ୍ଫୀତ ବା ଗଳିତ ଘା, ଏକଜିମା, ସୋରିଆସିସ ଦୁଷ୍ଟ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ସଫଳ ଚିକିତ୍ସାର ଏକମାତ୍ର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ । | ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ଆମ ପ୍ରତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ । |

ରୋଗ ବିଷୟ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାୱଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ଼, କଲିକତା


Printed & Published by G. C. Mahapatra at the Gopinath press, Bhadrak 1947.

Digitized by srujanika@gmail.com



ଗଜ-ନିସ୍ତାରଣ



ପାଗଳାଙ୍କ ଉପ୍ତ ବୈତରଣୀ ପାର


ପ୍ରତି ସଂଖ୍ୟା ଟ • ୵ ବାର୍ଷିକ ମୂଲ୍ୟ ୫ ୬୯. ଷାଣ୍ମାସିକ ଟ ୩୲ ରାଜ ସଂସ୍କରଣ ଟ୧୦

୧୧ଶ ବର୍ଷ

DAGARO.
ORISSA'S MOST POPULAR & LEADING WEEKLY

୧୦ଶ ସଂଖ୍ୟା


Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ଡାକ ସହିତ ଟ ୬ ୯ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୪ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)

---


## ହାଓଡ଼ା କୁଷ୍ଠ କୁଟୀର

**କୁଷ୍ଠ** | **ଧବଳ**

ବାତରକ୍ତ ମର୍ଦ୍ଦନ୍ତୁ ସ୍ପର୍ଶ ଜନିତ ବା ଅର୍ଜିତ ଦୂଷ, ଏକ୍‌ଜିମା, ସୋରାଇସିସ ଦାଦ ଖଜ ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏକାଧିକ ଚିକିତ୍ସା ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚମଡ଼ାର ପାଇଁ ସ୍ୱାଭାବିକ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ଼, କଲିକତା



ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

## ଦୃଷ୍ଟିକୋଣ

ସାପ୍ତାହିକ
ଲେଖକ—ଡଗରର ସୁପରିଚିତ ପ୍ରିୟ
ଲେଖକ—ଶ୍ରୀ ଦେବ ମହାପାତ୍ର

ସଯୁକ୍ତ ଦକ୍ଷକ୍ଷନ୍ତ ବଡା..ଙ୍କର [illegible] କାନ୍ତବର ଲକ୍ଷ୍ମୀକାନ୍ତଙ୍କର [illegible] ଭଲ ଗଡ଼ ନାୟକର ପ୍ରଚ୍ଛଦ ପଟ ମୂଲ୍ୟ ୫ ୦ ୫ ମାତ୍ର

ଛାପା ଓ ବନ୍ଧାଇର ବିଶେଷତ୍ୱ
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ


---


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ରାଧାମୋହନ ଦାସ



Digitized by srujanika@gmail.com

ରୁଷିଆ ଅଣବିକ ବୋମା ପରୀକ୍ଷାର ଖବର ସାଧାରଣଙ୍କର ଉଦ୍ବେଗର କାରଣ । ରୁଷ୍ ପତ୍ରିକାମାନଙ୍କ କଥାରୁ ଜଣା ଯାଉଛି, ଅଣବିକ ବୋମା ଏକ ଗୁପ୍ତ ଅସ୍ତ୍ର ହୋଇ ନାହିଁ । ଯେଉଁ ଦେଶକୁ—ଯୁକ୍ତରାଷ୍ଟ୍ରମାନଙ୍କୁ ବଣ୍ଟ ବ୍ରହ୍ମ ଅସ୍ତ୍ର ପାଇଲେ ସତ—କିନ୍ତୁ ସେ ଯେ ତା ପ୍ରୟୋଗ କରି ଛଦ୍‌ବେଶରେ ଅମେରିକା ଯାଇ ପଶିଲେ, ତା ଫଳରେ ଅମେରିକା ଅରକ୍ଷିତ ନ ହେଉ—

"ଅସଲ ମରଣ କାଳେ ମନ୍ତ୍ର ପାଇ ହେବ ବିସ୍ମରଣ ।"

କିନ୍ତୁ ଏ କଥା ସତ୍ୟ ଯେ ଉଦ୍ଦେଶ୍ୟର ସଂଗ୍ରାମରେ ଦୁଇ ପକ୍ଷର ମରଣ କାଳ ଅସଲ ଉଦେଶ୍ୟର ଚୌଦହ ଶକ୍ତ ଏହା ବ୍ୟବହାର କରିବ ନାହିଁ ।

× + +

କଂଗ୍ରେସ୍ ସଭାରେ ସଭ୍ୟ ହେବା ପାଇଁ ଭାରତ ପ୍ରାର୍ଥୀ ହୋଇଥିଲ । ଏବେ ସେ ପ୍ରାର୍ଥୀ ପଦ ଉଠାଇ ନେଇଛି । କାରଣ ଚଳ ଚଳ ଶବ୍ଦ ଶୁଣି ସ୍ତମ୍ଭ ହୋଇ ଦଳ ଦଳ ଭିତରେ ଫୁସ୍‌ଫାସ୍ ହୋଇ ତାଙ୍କୁ ସଭ୍ୟ କରିବେ ନ କରିବେ ଠିକ କଲେ ନାହିଁ । ଏତ ସ୍ପଷ୍ଟଙ୍କ ଏ କାମ୍ୟ ଦେଶ ଶାସନ ପଦ୍ମ ଲକ୍ଷ୍ମୀ କହୁଥିଲେ—

ଅତର ଗଣି
ଅପଣା ମହତ ଅପେକ୍ଷି

× + +

ପଣ୍ଡିତ ନେହେରୁ ଜଳ କାଶ୍ମୀର ଯାଉଥିଲେ । କାଶ୍ମୀର ବାସୀ ହଜାର ହଜାର ସଂଖ୍ୟାରେ ଗୁରୁ-ଘର ଜୟ, କାଶ୍ମୀରର ଜୟ, ଶେଷରେ କାଶ୍ମୀର ଅଲବୁ-ଲଙ୍କ ଜୟ ଓ ନେହେରୁଙ୍କ ଜୟ ଦେଉଥିଲେ କିନ୍ତୁ ପାକିସ୍ତାନ ଓ ନୋକ ଜୟ ଦେଇ ଥିଲେ ନାହିଁ । ଯଦି ମୁସଲମାନଙ୍କ ପାଇଁ ସେ ସବୁ ଉତ୍ସର୍ଗ କଲେ ସେମାନେ ମଧ୍ୟ ଏତେ ନଷ୍ଟ ହେଲେ? ଯାହା ହେବାର ତ ହେଲାଣି । ହେ ହ୍ୱାଏଟ୍ ଅଟମ, ଅତ ଭଲମାନେ ମଣିଷର ଅପଣଙ୍କ ନାମରେ ଚିତ୍ର ପତାର ଗାଇବାକୁ ହେଉ ।

ହୁକା ହୁକା ହୁଅ—
କ୍ୟାହୁଅ କ୍ୟାହୁଅ
ଜହ୍ନମ ସେ ଜନ୍ମ
ଚାଚ ଏ ନା ଏନ୍ ଖିଆ
ବଡ଼ା ହେଉ ଏକ ହୋ
(ହୁମ) ଇସଲାମ୍ କା ଇଜ୍ ହୋ

ଠେଟର କଥର ତୋଠର ମେ
ଧରମ କରତା ଚୌ ଚଡ଼ି ଚଢ଼ି
(ତ) ସତେ ଉହୋ ଉମେଣେ ସେ
ଗିଦଡ଼ୋଁ ବେ ଭଲସେ ସେ ।

× × +

ଷ୍ଟାଲିନର ଫ୍ରାଙ୍କୋ ସରକାରଙ୍କ ସୁଣ୍ଡାମି କାହାକୁ ଅଜଣା ନାହିଁ । ସେ ବର୍ଷ ମିଶନ ଭାର ସଂଘ ପକ୍ଷ ଦେଇଥିଲ ଯେ ସଖ୍ୟ ଗସ୍ତ ଷ୍ଟାଲିନରୁ ସ୍ୱତନ୍ତ୍ର ଦେଶର ଅଧିକ । ସେ ପକ୍ଷକୁ ପକ୍ଷ କରି ପାଇଲେଣି । ଏବେ ପୁଣି ସେ କଥା ଉଠିବାରୁ ଭାରତ ଫ୍ରାଙ୍କୋ ସରକାରଙ୍କ ବକ୍ତବ୍ୟରେ କେତେ କଥା ଗଳ ନାହିଁ । କିନ୍ତୁ ଅସ ପାକିସ୍ତାନର ପାଦ ନୁମାଇନ୍ଦା ଡାଫରୁଲ ଖାଁ, ( ଜାଫରୁଲ ଖାଁ ବୋଲି ଦେଇ ଭୁଲ୍ ବୁଝିବେ ନାହିଁ ) କହିଲେ ଫ୍ରାଙ୍କୋ ସରକାରଙ୍କୁ ଦଣ୍ଡଦେଲେ ଶୀଘ୍ର ସରକାର ହଟ ଦଣ୍ଡ ଦିଅ । ସ୍ୱାଧୀନତା ଉପରେ ଅଣ ଶାସନ ବଳରେ ଆସୀନ ପାଇଁ କରିବାକୁ କଷ୍ଟ ଦେଶରେ ଦୁଇଟ—ଷ୍ଟାଲିନ ବ ଦୋଷ ?

ଭାଗବତଙ୍କ ଯାହାକେଲ ଏଠାଠାରେ ନଚ ରୁଷ ବା ଲଭ୍ୟ ରୂପ ଦେଖାଇ ଦେଲେ । ଯେ ପକ୍ଷୀ ଉଡ଼େ ଯେଉଁ ଦୁଇ ସେ ଜାଣେ ତାହାର ବେଗର । ୧୯୦୬ ଥଇଞ୍ଚାର ସେହି ଦୃଷ୍ଟିରୁ ଲକ୍ ଭଟଲକ୍ ଅଭ୍ୟାସ କରିଥିଲ । ସେଇଠାରେ ସେହି ମାଉସ ତାଙ୍କ । ସେମାନଙ୍କ ସେହି ଭଟ୍ଟୋ । ଦ୍ୱିତୀୟ ସୁଧୀ ଦଳେ—ମୁକ୍ତ ମୁଣ୍ଡ ଉଚ୍ଚେ । ଫ୍ରାଙ୍କୋଙ୍କ ଡ.ଫ. ଖୁଲ୍ ଦିନ ଚାଲ୍ଗ ଓ ଫାସିଜମ୍‌କୁ ଲକ୍ଷମ୍ କାଣ୍ଡ । ଖଲ୍ୟେ ସବୋଧୀ ।

× × ×

ଗଣତନ୍ତ୍ର ସରକାରଙ୍କର ପ୍ରଥମ ସ୍ୱାଧୀନ ବର୍ଷ । ଏବେ ସାଥୀମାନେ ଥାଇଁ ଥାଇଁ ସୁଭାଷ ବାବୁ ଏ ଏବ ମାଉଡେଲ ଭାର ବସିର କଲମ ଗଣ୍ଡିଲ ଦେଲ । ଜଣେ କହିଲେ—ଦିଲ୍ଲୀରେ ପାଂଚଜଣ ଯାଇ ଯେତେ ଅଧୀନର ଥିଲେ ସ୍ୱପ୍ନ ବା ଦିନ ରାତି ପଦ ପାଇଥିଲେ । ପାର୍ଲାମେଣ୍ଟ ମଧ୍ୟ ଭଗିବାନ୍ ବା ସଭ ପ୍ରକାର ଏବ ପାଇ ଯଥା କଥା ଏହା ଖବର ସମ୍ମାନ କରିଥିଲେ । ଏବେ ରାଜ ଧାଧାରଣ ଶାସନ ବା ସରକାର କେନେଡ଼ର ପଦ ଦେଇ । ଏହା ହ୍ୱାସ ପଦେଶର ଭଙ୍ଗ ଯାଉଛି । ଯେଉଁ ଏଠାରେ ଏକ ଲୋକ କହୁଛନ୍ତି ହେବା ଦର

ଭାର ଯାହାକୁ 'ସଭ' ପଦ ଭବେଇଲ ପଧ କେତେ 'ସଭା' ବୋଲି ଭାବନ୍ତେ । ତା ଯାଇ ନ ହେବ ଦେବେ ସାକ୍ଷୀ କଥାନୁଯାୟୀ ପଛରେ ଜଣେ ଲଙ୍ଗୀ କାଉଁକାଉଁ ନେଇ ସେଠି ଉଠିଯାଇ ପାରେ । କିନ୍ତୁ ତାଠା ସଭା ପଦରେ ବଙ୍କିମଚନ୍ଦ୍ରଙ୍କର ଅସଲ କରି ହେବ ନାହିଁ । ସେ ଲୋକ ପୁଣି କହିଲେ ଏହାହ୍ୱାସ ହେବ ଯେପରି ନ କୁହନ୍ତି ଯେ ଲଙ୍ଗି ବାରବା ଓ ସଭାପତି ମୁଁ ଏବାସର ଦେଇ— ସମାଜ ବ୍ରାହ୍ମଣ,—ଲଙ୍ଗୀ ମହା ବ୍ରାହ୍ମଣ ।

+ + +

ଅଲ୍ ଜଣେ କହିଲେ ଭାରତର ବର୍ତ୍ତମାନ ପରି-ସ୍ଥିତି ଦେଖିଲେ ବୁଝା ପଡ଼େ ଯେ ସେସ କଥାର ସଂଖ୍ୟା ବଢ଼ିବାରୁ ଶୁଣ୍ଡ ପଡ଼ାରେ ଭୂତ ପରଦୁଣି । ଏ ଦେଶରେ ବ୍ରାହ୍ମଣ ରଡ଼ା ନ ହୋଇ ଅଲ୍ ଏବେ ସ୍ୱତନ୍ତ୍ର ? କଲ୍ୟ ସଭର ବ୍ୟାସ ସଭାର ଏବେ ଏଣିକି ସ୍ୱତା ହରାଉ ନ ଦେଇ ଭଜ ଭଜ ଅନ୍ତିମ ଶୀତଳ ରଡ଼ା ଭୂଷାଇ ଅମୃ ମାନଙ୍କ ଅଭ୍ୟାସିତ କରେ ।

× × ×

ସବ ଶେଷରେ ଲୋକ ପର କହିଲେ—ନାହିଁ ହୋ—ସେ ସବୁ ବାଜେ କଥା - କଂଗ୍ରେସ ନେତାଙ୍କ ଭିତରୁ ଏଇ ସୁଭାଷ ପ୍ରଥମ କହୁଥିଲେ ଯେ ଡଙ୍ଗ ପଞ୍ଚାଡ ଗ୍ରାମ ସଡ଼କ ହେଲ ଅଧିକ ମୁସଲ ମାନ ଅଛନ୍ତି ଅବସ୍ଥା କରି ଜବାନ୍ ଦେଇ କଥ । ତାହା ଭିତ ଅଳମ ଶ୍ରେଷ୍ଠ କରିବା । ସେତେବେଳେ କଂଗ୍ରେସ ନେତାମାନେ ସୁଭାଷଙ୍କ ନାକଟେକ ଥିଲେ । ଏବେ ନେହେରୁ ବଜାର ପଟେଲ କଂଗ୍ରେସ ସେଥିପାଇଁ କଲେରୁ ସୁଭାଷଙ୍କି ସଙ୍ଗଠନୀ ଦ୍ୟାକୁ ଓ ବଧ ବୋଲି ବୋଲିବାକୁ ହେବ । ଅଙ୍ଗୁ ଗ୍ରାମ ହୋଇଥିଲେ ସିଧା ସରକାର କହା ଶ୍ୟାମା ପ୍ରସାଦ ବନ୍ଧା ନରେନ୍ଦ୍ର ପଟେଲ ସ୍ୱାଗତଙ୍କ ଜାତ ଆହିନ୍ତି । ପଣ୍ଡିତ ଭାରତର ପ୍ରଥମ ବଡ଼ଲାଟ ଜଣେ ପଣ୍ଡିତ ହେବା ଦରକାର । ଏପରି କ୍ଷେତ୍ରରେ ସୁଭାଷହିଁ ଯୋଗ୍ୟତମ ବ୍ୟକ୍ତି ।

+ + +

ଦାଂଗିଣ୍ଡର ବୋମା ମଣିଙ୍କ ଗ୍ରୀସ୍‌ଂରଚର ସ୍ୱତନ୍ତ୍ର ଭାରତୀୟମାନ ଦେଇଛି ଦୂରନ୍ତ ଅଙ୍ଗଣର୍ । ଅଙ୍ଗ ଲୋକର ଶରଣ୍ଣା ହେବ, ଦୁଇ ବୋଲ—ଉପୁର ମଙ୍ଗଳ, ସିଦ୍ଧ ଉଦ୍ୟାଗ । ଅନ ଗାଣ୍ଡି ଠକ

Digitized by srujanika@gmail.com

ଯାହା ତାଙ୍କ କଥାରେହିଁ ସଂସୂଚ ହୁଏ । ଯଥା-ଥରୁ ପଦେ ମାତ୍ର ଉଦ୍ଧୃତ କରିଦେଲେ ଶୋଭା ପାଉଛି । ରୁଷର ବଡ଼ ଲେଖକ—ନୃତ୍ୟ ଏଷଣ ଦେଖ ତୋର ସୂଯ୍ୟର ତାଙ୍କ ଲେଖାକୁ ଦେଖ ଲେଖେ ସବୁମାନଙ୍କ ହେବ ମୂର୍ତ୍ତିଏ କରାଯାଉଛି । ଏବେମାନ ହୁଏ ଉଦ୍ଦେଶ୍ୟ କିଛି ଚାଙ୍ଗା ଦୂରୀ କରିବେ । ଅଥ କାଳରେ ଯେତେବେଳେ ଭଗବାନ ଦୋଳଦାନ୍ତ ଏକ ଯେତେବେଳେ ଉତ୍ତରଣୀ ଦେମା ସମସ୍ତେ ଅସି ଗୀତ ଗାନ ଅସ୍ତିରେ ବାଡ ଦେଇ ନ ଚାହିଁଲେ ତ ପୂର୍ଣ୍ଣ ? ତେବେ ହିଁଏ ସେ ଧରଣ କରା ଛାନ ଦେବତାଙ୍କର ଅଣ୍ଡ ଖଣ୍ଡ ? ଭଗବାନ ପଞ୍ଚପଦେ ତା ପଃ। ତାଙ୍କର ପାଦଶ ଗଣ୍ଡ ଧରୁ ଦେବେଳ ତୋ-ଳବ ହେଁ—ହେଁ—ହେଁ ।

× × +

ପାଦସ୍ଥାନର ଲଜ୍ଜାର ଦେମନ୍ତେ ଯୋହିଏ ତାରୁମଲଳ । ତମାମଙ୍କ ରୁଚିଃ। ମନ ଦୃଷ୍ଟି ଜନାଗ ତରେ ନନ୍ଦକ ପ୍ରେମିକ । ଉତା ହିଁଅ ଓ ଲେ। ପୂଅଙ୍କ ବଚାକ ଓ ପ୍ରେମ ଦେଖି ତାଙ୍କର ସାଡାଇାନଙ୍କ କଥା ମନେ ପଡ଼ ଯାଉଥିବ । ଏବଂ ସେ ମୟୂର ସିଂହାସନର କଳ୍ପନା କରୁ ତାଙ୍କ ସ୍ୱର୍ଗତ। ବଖାତାନଙ୍କ ଲଦେଶରେ ରୁଚ ପଡଣ ହୋଇ ଅଟେ ନନ୍ଦନ୍ତୁ ଦାନ୍ଧୁଥିବେ—ମମତାଜ—ଷଖାତାନ୍—ବେଗମ୍—ମୈ ଅଡ ଦାଦସାହ ବନ-ଗଦ୍ୟ—ଲୁମ ଧଥଲ ?

ତାଙ୍କ ମନତାଜ ବୋଧହୁଏ ତେଣୁ ବେଢାଲରୁ ଲାଗିଥିବେ—ହା ମେସ ସଦା ବେ ଯେଦା ଚନ ତାଇଁଗୀ ।

× × +

ଏଣୁ ଯୋଃଏ ବାଗତ କଥା ଯେ ତାଜମହଲ ତମାଙ୍କ ସତୀ ଲିଭରେ ଜହ ପାରଙ୍କ ନାହିଁ । ମାଣ ନବଃରେ ଯେ ପାଦସ୍ଥାନର ଦାନେ ସମୁଦାୟ ହିନ୍ଦୁସ୍ଥାନ ନ ଅର୍ଚ୍ଚିତ ଏ କଥା ଏଏ କହିଲ । ବୋଧହୁଏ ଲଂଗଚ ମାନଙ୍କ ସେଇ ପ୍ରାର୍ଥନାର ଫଳ ସ୍ୱରୂପ ତମା ତାଜମହଲ ଲଜ୍ଜାର ଦେଇଛନ୍ତି ।

× + +

ବୃଥକ୍ସା ସମସ୍ୟା ସଂସଦ ଲ୍ଭରେ ଶାଗା—ତାର ଓଡ଼ିଶା ପ୍ରଶାସନରେ ଲଷ୍ଟାଗ। ମାଦ୍ୟମର ଲଃ ବାଃକ୍ ଲଷଣ ଦେଇ କହିଲେ—ଶାନ୍ତିଶୃଙ୍ଖଳା ରକ୍ଷା ପାଇବାରେ ସରକାର ଦେଉଥିବ ସମର୍ଥ ବା ଅସମର୍ଥ ସେଥିସକୁ ସରକାରବ ବସୁଲ କରଯାଉ ନପାରେ । ତାଙ୍କସ୍ୟ ଗଠନ କାର୍ଯ୍ୟରେ ସେ ଦେବେ ଅବେସଲ ତାଛ ଉପରେ ସରକାରର ରଲ ମନ ବସୁଲ କରିବାକୁ ହବ ।

ବଲସ ସଙ୍ଗ ସ୍ୱୀକାର କରୁଛି । ବନ୍ଧୁ ଏହ ସଂସଠନର ଅର୍ଥ ତା ଃୀକା କଣ ? ଯେଉଁମାନେ ଦେଶର ପ୍ରକାଶ କରୁଛନ୍ତି ସେମାନେ ତ ଏକ ପ୍ରକାର ସଂଗଠନ କରୁଛନ୍ତି । ସରକାର ଅର୍ଥା-ମାନେ ଏ ଉପରେ ଦୃଷ୍ଟି ଦେଉଛନ୍ତି ତ ?

ଅମର ମନେହୁଏ ଦେବଳ ସେହ ବସରଣ ଏ ସରକାର ଅଛ ବେଶ୍ ଉପଯୋ ସଂଗଠନରେ ମନ ଦେଉନାହାନ୍ତି । ବର୍ତ୍ତମାନ ର ସଂସଦ ସ୍ୱଚ୍ଛ । ଲଃ ସାହେବ ତାଙ୍କ ପୁଲିସ ବଗିସ ଗର୍ବ ବେରେ ଚରିତ ଦେଖିଲେ ବୁଝି ପାରିବେ ଯେ ଶାନ୍ତି ଶୃଙ୍ଖଳାରୁ ସରକାରଙ୍କ ବସୁଲ କରାଯିବ, ଏ ସଂଗଠନରୁ ସେସର କରାଯିବ । ବାଃତ ସାହେବ ଜଣ ମନ୍ତ୍ରୀଙ୍କ ଅପବାଦ ସହ ନନ ଅଷ ବାନରେ ଦେଖି ଲେଣିଏ ? ଦେଖିଲେ ଦେଖିଲେ ପଚ୍ଛେ ଅଲ ନନ ଜଗରେ ଯେପରି ନ କହନ୍ତି । ମନ୍ତ୍ରୀଙ୍କ ତ୍ରାନ ଅଣି ଚେଷ୍ଟା ତାନ୍ତୁ ଦେଖବେ ବାବ ଦେଖା ଜର ଅପରେ ଥାଇ ବଢାଇ ଦେଉଛନ୍ତି ।

× + +

ଖ୍ରୁଶ୍ଚେଭ ତାଙ୍କ ସମ୍ବନ୍ଧରେ କଥାବାର୍ତ୍ତା ହେବାରୁ ମହାତ୍ମା ଗାନ୍ଧୀସରେ । ଖ୍ରୁଶ୍ଚେଭ ହେଲେ ଗାଲ ଯୋଃଏ ରବ ଦୃଢ଼ି ଶତ ଶତ ଖ୍ରୁଶ୍ଚେଭ ଓଡ଼ିଶାରେ ଉଦ୍ଭବ ହୋଇ ଅଣା କରୁ ଯାଉଛି ।

× + ×

ବାଲେଶ୍ୱର ଜଳ ଦୋଲୟାତ୍ରା ଚଳାଉଛନ୍ତି ତାଙ୍କ ଦୋଳକାର୍ଯ୍ୟ ସମ୍ବନ୍ଧରେ ଉପରର ଟିପଣୀ ଭୂଲ । ଯେଉଁ ଃଙ୍କା ଗରତ ହୋଇନାହିଁ ତାହା ସରକା-ଙ୍କ ଦୋଠରୁ ଯେଉ ନଯାଇ ବାଲେଶ୍ୱରଜିଲ ବୋର୍ଡ ମଠରେ ଖର୍ଚ୍ଚ ଭିତରେ ଗଚ୍ଚ ହେବ । ଉତ୍ତମ କଥା । ଅମର ଏଥିନ ଅନୁରୋଧ ଅମ ଲେଖକଟରୁ ତଣର ଚେଳ କର ବୌଗୀନ ବେଚେ ଏ ?

+ + +

ମୋହନର ସଂସ ସମ୍ବନ୍ଧରେ ଉପର ଯେଉଁ ଯେଉଁ ଅଲେଚନା କରଥିଲ ତହିଁରେ ମୋହନର ମାନେ ଦୁଃଖ କର ଚଳାଇଛନ୍ତି । ସମସ୍ତଙ୍କରୁ ସଂଗ କରିବାର ଅଧିକାର ଅଛ । ସାଧୁ ଉଦ୍ଦେଶ୍ୟରେ ସଂଗ ହେଲେ ତାହାରେ ସମର୍ଥନ ଓ ସହାନୁଭୂତି ସମସ୍ତେ ପାଉବେ । ବନ୍ଧୁ ଯେଉଁ ମାନଙ୍କରୁ ଜଣ ଯୋଗ୍ୟରେ ଚିଅ ହେଉଥିଲି ସାହସ ନାହିଁ କଲ୍ୟ ସର୍ବ ତାଙ୍କ ଦେବଳ କଥା କହବ ନାହିଁ । ଅମ ସମାଲେଚନାକୁ ମୋହନର ଜଣ ହିଁଏ ତଳେର ଦେଖିଲେ ବୁଝିବେ କଥା କଲ ମାର୍ଗରେ ଯାଉଛି । ଉପର ବାଣ ତତ ଓଷମ । ଶୀତ ପଥରେ ଚାଲିବା ଯାହା—ଦୂରଧାରର ଖଣ୍ଡାରେ ଯେଉଁବା ଯାହା—ଉପର ଦେବା ତାହା । ଉଥରେ ଦୁଃଖ କଲେ ଚଳବ ନାହିଁ । ସ୍ୱୋଃର୍ଥ ମାନ ହେବା ଦରକାର ।

+ + ×

ଓଡ଼ିଶା ଅସେମ୍ବଲିରେ ବେଶରେ ଓଡ଼ିଆ ଭାଷା ତାର ହେବା କଥା ଅଲ ଅଲର ନାହିଁ । ଅନ୍ତିମ ଲଣ୍ଡନାଗରୁପର ଶିକ୍ଷାଦବା ବସେତମେ ଭାଷକେ ଚଳେନ ସଟେ । ସାହେବଙ୍କ ପ୍ରସ୍ତାବଃାବ ପଡ଼ିଲ ନାହିଁ । ମୂଳସଂ ଅସେମ୍ବଲିରେ ଲଂରେଜ ଭାଷା ବର୍ତ୍ତମାନ ଉତବ । ଅସେମ୍ବଲିରେ ଓଡ଼ିଆ କହିବାର ପରେ ଅମ୍ବନଧ। ଓଡ଼ିଆ ଶିଃହାଏ ତାଙ୍କର ଅଭାବ । ସେଃ। ସପା ନ କହ ତଙ୍କ। ଲୁଚରେ ପସ୍ତାବ ଅନୁମତି ନ ଦେବାରେ ବାଚେଷ୍ଟର ନ୍ୟାୟପର ପଦେ ଲଢ଼ିଲ ପର ଲମ୍ଭୁ । ହୁଏତ ଦେବେତ ବାଗଣଙ୍କ ରାଙ୍କର ଡଂଗଳ ପିଛ ଥାଉପାରେ । ବନ୍ଧୁ ଅଙ୍କ ଅଗଣ ଅସ ଓଡ଼ିଆ ଚଛ—

+ × ×

କୌଣସି ସତ୍ୟ ଅପତ୍ତି କରିଥିଲେ—କୌଣସି ଅଶ୍ରୁବଳପସନ ଅଫିସର ତାଙ୍କ ଦାମ ସ୍ୱର୍ଣ୍ଣରୂପେ ବଲୁ ନାହାନ୍ତି । ସରକାର କହିଲେ— ଅମୂଳକ । ବାସ୍ତବ ଅମ ଦେଶର ଅଫସର ମାନେ ତଳୁ ଉପର ଯାଏ ସବୁ ବର୍ଣ୍ଣ ନପୁଣ ଓ ସପଣ। ଦାମ ବଢାନ୍ତୁ ସେଛନ୍ତି—ଡସ୍ୱଣ ଫୋର୍ଦରେ । କୌଣସି ଅଫମ-ଣର ସୀମିତ ହେବାରୁ ଦେଲେ ପ୍ରତିପକ୍ଷ ଯେପରି ଷଫର ଦ୍ୱିଗୁଣ ଶତ୍ରୁ ଦାସଲ କରିବା ଦରକାର ସେଥିପାଇଁ ଲଅମିଛ ଦବାଦବାକୁ ବଲେ ଅଫିସର ମାନେ ଦ୍ୱିଗୁଣ ଲଅମିଛ ନବରେ ଅଟେଦୀ ପାନ୍ଧେବ ନାହିଁ । ବାସ୍ତବ ସରକାରଙ୍କ ଏ ବଜସ ସବୁଠାରୁ ବେଶି ନପୁଣ ।

÷ + +

ସଂବାଦ ପତ୍ରରେ ପ୍ରକାଶ ଯେ ଦକ୍ଷିଣର ସତା ସାହେବ ଏମନ୍ତ ଏବ ପର ପ୍ରସ୍ତାବ ଅନ୍ତମ୍ଭୁ କଲେ-ଣିନ—ଇଂରେଜ ଅସିବା ପୂର୍ବରୁ ସେ ସ୍ୱାଧୀନ ସତା ଥିଲେ । ଅତଏବ ଇଂରେଜ ଗଳିଯିବା ପରେ ତାଙ୍କର ସେହି ପୁର ସ୍ୱାଧୀନତା ଫେରି ପାଇବାକୁ ଦରକାର ଅଛନ୍ତି । ଏହା ଜଣା କଥା ଯେ ଏହା କଥନା ନାହିଁ ଏ, ଅଲର ଅଟେକ ସତ୍ୟ ଯାହା ଅଚ ଜମିଦାର ହୋଇ ପର ସଣିତ। ସେମାନେ ଏବେ ସ୍ୱାଧୀନ ଥିଲେ । ନ୍ୟାୟରେ ଧରିବାକୁ ଗଲେ ଇଂରେଜ ଏଦେଶ ଛାଡ଼ି (quit) କରି ଯିବା ମାତ୍ରେ ସେମାନଙ୍କର ପୂର୍ବ ସ୍ୱତ୍ୱ କାଏମ ହୋଇଗଲ ।

ବନ୍ଧୁ ଅମ ବସୁର କହୁଛି ଏ—ଇଂରେଜ ଗଲ ଦେବେଳ ଦସ୍ତାବ କର ଯୋଉ ଯୋଉ ସ୍ୱାଧୀନତା ଦେଇ ନ ଯାଇ ମୋଃରେ ଭାରତକୁ ସ୍ୱାଧୀନତା ଦେଇଗଲେ, ଅର୍ଥାତ ତାଙ୍କ ଅଧିକାର ଉଠାଇ ନେଲେ । ଫଳତଃ ବରଡା, ବ ପ୍ରଜା ସମସ୍ତେ ହୋଇ ଗଲେ ଯେ ଯାହାର ସ୍ୱାଧୀନ । ଏପରି ସ୍ଥଳେ କହିବା ରଜାଙ୍କର ଏ ଯୁକ୍ତିକୁ ଗ୍ରହଣ କରିବାର ଅଧିକାର ଅଛନ୍ତଃ ଅଲ ବାହାର ନଥିଲେ ମଧ୍ୟ, କହିବାକାରୀ ଙ୍କର ପୁରପୁର ଉଛି । ଏଥିକ ତେବେ କହିବାର ମୂଳବର ସତା ଓ ପ୍ରଜା ମିଳ ଯଦ ଏବା ସାଙ୍ଗରେ ସ୍ୱାଧୀନତା ଘୋଷଣା କରନ୍ତି, ତେବେ ବୋଧହୁଏ ତାଙ୍କ ବାଧା ଦେବାକୁ ନ୍ୟାୟତ କାହାର ଅଧିକାର ନାହିଁ । ଯଦ ତାହା ହୋଇପାରେ ଉତ୍ତମ କଥା,—ନହିଲେ ବଳ ବସନ୍ତରେ ଅପସ୍ଥଳ ଗିତା । ବନ୍ଧୁ ନାଇଡ଼ିଭର ଅବସ୍ଥା ହେବ କହିବା ବନ୍ଧୁଥିବେ ଶିଳ ଛିନପୁଅର ଗସନ ଉଠିଲେ ।

× + +

Digitized by srujanika@gmail.com

# ଦର୍ଶନ ଅବବୋଧ

ଚନ୍ଦ୍ରପୁରର ଲମ୍ବା ଲମ୍ବା ପିଚ୍ ରାସ୍ତା ଉପରେ ଯେ ସାଇକେଲ ଦଉଡ଼ୁଛି । ସକାଳ ସୂର୍ଯ୍ୟ ତକ୍ ତକ୍ କରୁଛି । ଲୁଷ ପିଚ୍ ରାସ୍ତା ଉପରେ ତେଜୋ ତେଜୋ କଅଁଳିଆ ଖରା । ଦୂର ପାହାଡ଼ରେ ଅନେକ ଗମ୍ଭୀର ଖେଳ ।

## ମଜାକଥା

ଜମା ମାଇଛଲା ଘୁଞ୍ଚୁଛି । ଜମା ଅଣ୍ଟାଗିରେ ଗୋଡ଼ ଦୁଇଟା ପେଡାଲ୍ ଉପରେ ଦୁଇ ଘୁଞ୍ଚୁଛି । ଦାଉକିଆ ସାଇକେଲ୍ ଉପରେ ମାଆଙ୍କ ସହିତ ପ୍ରତି ସାବଧାନ ହୋଇ ନିଜକୁ ଧରି ରଖିବାକୁ ଅଣ୍ଟାରେ କେତେବେଳେ ବାମ ବା ଡାହାଣ ଜାନୁ ଉପରେ ଝୁଣ୍ଟି ପଡୁଛି ।

ମୁଁ ଭାବୁଛି । ଦେଶ ଭଲ ଲାଗୁଛି । ଏମିତି ଚାହାଁଛି ସହରଟା ସାରା ଥରେ ବୁଲିବ୍ ଦେଖି ଆସିବ ।

ଟାଉନ୍ ବସ୍ ର ଭଟେଇ ଗାଡ଼ି ଯାଉଛି— ଘୋଡ଼ା ଗାଡ଼ିର ଭଟେଇ ଶୁଭୁଥାଉଛି—ପୁରୁଣ୍ ଛକରେ ବାଁ ପଟେ ବୁଲି ଗଲି ଯାଉଛି । ଗାର୍ଡ୍ସ୍ ଜୁଟ୍ ହୋଇଥିଲେ, ଜୋଇନା ଛତ୍ରଶୀବଳ ଫେରୁଥିଲେ । ହାତରେ ବନ୍ଧି—ମୁଣ୍ଡରେ ହାଇବା ରାବନା—ମଝିରେ ମଟରେ ହୋମ୍ ଟାସ୍କ ର ଗତ, ଛାତନା—ଛକପଟେ ଦୋକାନୀମାନ ସଜିଲ ବେଣୀ । ଟଣ୍ ଟଣ୍ ଟଣ୍ ବେଲ୍ ବଜେଇ ଦେଲି........ଅଳ୍ପ ପଛକୁ ଅନେଇ ଅନେଇ ଗଲେ । ସାଇକେଲ୍ ଭଟେଇ ନେଇ ଗଲି ଘୁରି । ସମ୍ମୁଖ ଦର୍ଶନ ଅଶାରେ ଥରେ ପଛକୁ ଫେରି ଅନେଇ ଦେଲି । ଝିଅ ବା ଟୋକା ପଛରୁ ଜଣେ ଚିଲ୍ଲାଇ କଲା ହେ—ହେ—ହେ— ଚମକ ପଡ଼ି ବାଁକୁ ହାଣ୍ଡଲ୍ ମୋଡ଼ ଦେଲି ।

ଏହି ମଧ୍ୟରେ ସଞ୍ଚୟର କେତେ ଅଂଶ ଓ ଜୋରପୂର୍ବକ ଅଣ୍ଡ଼ା ନେଇ ହେବ କାହିଁ କଥା ପଚାରିବାର କାହାର ହେବକି ପୁଣି, ଓ କେବଳ ଓଡ଼ିଶା ପ୍ରବେଶ କରିବା ସମ୍ଭବପର ନୁହେଁ କି ? ଏହା ବଡ଼ ଅଧିକ ସମାଜର କ୍ଷେତ୍ରରେ ପ୍ରତିଦ୍ୱନ୍ଦୀ ହେବାକୁ ଦୃଷ୍ଟି ଦେଇ ବାହାରିବାର ଉପାୟ ଦେଖିବ ଓ ଯାହାକି ତଦନୁର୍ଦ୍ଧ୍ୱ ଉଦ୍ଭବ କାଏମ ହୋଇ ରହିଥିବ ।

\+ × +

ତାହା ଓ ଏକସଙ୍ଗେ ଉପରୁ ବଣ୍ଟନ କରିବା ଉଚିତ । ଅଭାବ ସବୁ ପଦାର୍ଥର କଣ୍ଟକଣା ଥାଉ ଏବ ହୃଦୟ ଯେ ମୁକ୍ତ ପାଇବେ ଏଥିର ତାତ୍ପର୍ଯ୍ୟ କଣ ଏହି ବଣ୍ଟନ ଯେଉଁ ଅମ ସଙ୍ଗରେ ଅଛନ୍ତି । କାରଣ ସତ୍ୟ କହିଲେ ଏ ଜାଗାରେ ଅଧିକ ଆଲୋକ ଦଅ ( Light, more Light ) ଭଳି କହି ହୋଇ ଦେବାତାରିକ ଅଧିକ ଅନ୍ଧ ହେବା ଉଚିତ ସରକାର ଏହା କରିଛନ୍ତି । ଆଉ ପୁଣି କଂଗ୍ରେସ ସମ୍ପର୍କ ଅଧିକ ମଧୁର କରିବା ଆଶାରେ ଏହି ବଣ୍ଟନ ଉଚିତ ହେଲେ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଦିଆଯାଉ ।

× × ×

ଉକ୍ତ ପ୍ରସ୍ତାବର ସ୍ଥଗିତାଦ ବଡ଼ ଅନ୍ୟ ତରଫ ସତ୍ୟ ଏବ ତାହା ଲକ୍ଷ୍ୟ କଲେ । ସେ କହିଲେ ତ ଏହି ବାନାମସ ନାମ ସବାଶେଷ ସରକାର ଜଗାବାଦ ପାଇବାର ଯୋଗ୍ୟ । କାରଣ, ଗୋଟିଏ ଗୋଟିଏ କଂଗ୍ରେସ ବାଲେ ମସ୍ତିଷ୍କ, ମେମ୍ବର୍, କ୍ଲେଟୋର୍ଡ, ପ୍ରଭୃତି ଅଧିକ ପ୍ରଭୃତିରେ ସ୍ୱବନ୍ଧୁ ପାଇ ଶିକାରୁ ଉପକୃତ ଜନଙ୍କ ପେଟ ଭାତଣା ଅନେକ ଲୋକଙ୍କ ଭଗି ଦେହ ହେଉଥିଲା । ସେ ଭୁଲିତ ଏବେ ଯେ ଅନୁଷ୍ଠାନ ହୋଇ କେବଳ ସମସ୍ୟା ଦୂରରେ ଏହା ସରକାର ସମ୍ମାନ ପାଇବେକି ! ଆଉ ତ ଏବେ ସ୍ୱାଧୀନତା ଲାଭର ନାହିଁରେ ସୁଦ୍ଧା ଉଠାଇବାର ମୁଦ୍ରା ନାହିଁ । ଏ ସ୍ୱଭାବ ଏବେ ତାହାର ହେବେ ? ଅତଏବ ସରକାରଙ୍କର ଏ ସବୁ ଅନୁରାଗ ଛଡ଼ା ଆଉ କଣ ନୁହେଁ ।

\+ + ×

ତାହା ଯୁକ୍ତ ତର୍କ ପରେ ସମ୍ପାଦକ ସବୁ ଦେଲେ ଯଥା:—"ଏ ସରକାର କେବଳ ପ୍ରଜାଙ୍କ ସରକାର ଥିବାରୁ ସମସ୍ତଙ୍କର; ତାଙ୍କ ପକ୍ଷରେ ଧନୀ, ଦରିଦ୍ର, ଦେଶ ସେବକ, ଦେଶଦ୍ରୋହୀ, ସୈନ୍ଯ ସାଧୁ ସବୁ ସମାନ; ତେଣୁ କେବଳ ଧନର ସେ ସମବଣ୍ଟନ (equal distribution) କରିବା ଉଦ୍ଦେଶ୍ୟରେ ଏହା କରିଛନ୍ତି । ବଡ଼ାଲୋକଠାରୁ କଂଗ୍ରେସ ଉପରେ ଗାଳିର ଓ ବଡ଼ ଲୋକଠାରୁ ଲୋପାସ ଶାସନ । କେଣପାଇଁ ଏବ କାମ ନ କରୁଛ କହିବ ! ( ସମ୍ପା—ସମ୍ପା )

ଏହି ଭାଷଣ ପରେ ସେ ଉଠିବାରୁ ମୁଦ୍ରା ପ୍ରସ୍ତାବ ସର୍ବ ସମ୍ମତ କ୍ରମେ ଗୃହୀତ ହୋଇଗଲା ।

\+ + +

ଗଳିରିର ଏଡ଼ ଓଡ଼ିଶାର ଭଲ ସମୟ । କରିବା, ଦୃଷ୍ଟାନ୍ତ ସଙ୍ଗୀତ, ଭୂଗୋଳ, ବାଣିଜ୍ୟ ବାଣିଜ୍ୟବାଦ ଗରବ ଦାସତ୍ୱ ଉତ୍ସବର ହେବ— ମାଂସ ଓଡ଼ିଶାର ଦାମ ଦେବ ନାହିଁ । ସୁଯୋଗ ଗଣତନ୍ତ୍ର ଏବ ତୋଷ ଶିଳ୍ପ ଓଡ଼ିଶା ସରକାର ଭାରତ ସେତ ଏପ୍ରି ମାତ୍ର କରି ପାରିଲେ । ଏଥିପାଇଁ ଜନତାର ସମ୍ପାଦକମାନଙ୍କ ତାରେ ଦ୍ୱିତୀୟ ଓଡ଼ିଶା— ସମ, ସମ, ସ୍ୱରାଜ୍ୟ ଓଡ଼ିଶା ଯେଉଁଠି ଋଣୀ ଜନତାର ପ୍ରଜାମଣ୍ଡଳୀଙ୍କ ତାରେ ଉତ୍ତିର୍ଣ୍ଣ ଭଲ ଋଣୀ ନୁହେଁ ।

× × ×

ଗଳିରିର କାହାଣୀର ଉତ୍ତର କଥା ସଭାରେ ମହଲ । ଏକ ସଭା କହିଲେ "ତୋ କେମିତି ଓଡ଼ ନମ୍ବର ଏକ" କାରଣ ସେ ଦକ୍ଷିଣର କାଠର ସ୍ୱତନ୍ତ୍ର ସହ ନଦେବ ଓଡ଼ିଶା ସରକାର କାଠରେ ବେତନ କାହିଁ । ପ୍ରଭୁ ଦେଉଥିଲେ ଯେତେ ଦ୍ୱିତୀୟ ତୋଷ ଭଳି ଦାୟିତ୍ୱ ସତ ଶୁଣ ହେଉ କରି ଥାଆନ୍ତି ଶୁଣନ୍ତି ହୋଇ । ଦ୍ୱିତୀୟ ସତ୍ୟ କହିଲେ ଶ୍ରୀ ଦେବିଦାଶ ମହାନ୍ତି ହେଉଛନ୍ତି ଓଡ଼ ନମ୍ବର ଦୁଇ କାରଣ ସେ ତାଙ୍କ ପୂର୍ବ ପୁରୁଷ ଶିଳ୍ପୀ ମହାନ୍ତିଙ୍କ ଭଳି ଓଡ଼ିଶା ସରକାରଙ୍କ ତାଳ ତ ଅଣି ନାହିଁ ତ ପାଟମଣ୍ଡ଼ପୀ ସର୍ବସ୍ୱ କର୍ତ୍ତା ହୋଇ ସତ ହେଉ କରି ପାରି ଥାଆନ୍ତି । ସେ ଅଣ୍ଡା ତାଙ୍କର ଓ ଗଳିରିର ପ୍ରଜାଙ୍କର ଉପକାର ପାଇଁ ଭୁଲ ହେବ । ଗୋଟାଏ ଅସ୍ୱାଭାବିକ ଶୀଳ ଦୃଷ୍ଟିରେ ସତ୍ୟ ପରିବର୍ତ୍ତନରେ ଗଳିରି ଗୋଟାଏ ଉପର ତଳର ଭଙ୍ଗ ହୋଇ ଦେଇ ଦିଆ !

ତୃତୀୟ ସଭ୍ୟ କହିଲେ "ନାହିଁ ନାହିଁ— ମହତାବ ହେଉଛନ୍ତି ଓଡ଼ ନମ୍ବର ଏକ । କାରଣ ଗଳିରିକୁ ସେ ଯାଉଥିଲେ ସେଥିରେ ଅନ୍ୟ ସଭାପତି ମାନେ ଡେଇଁ ଗଲେ । ସେମାନେ ସାବଧାନ ହୋଇଗଲେ, ଯେପରି ଓଡ଼ିଶା ସରକାର ତାଙ୍କ ଉପରେ ହାତ ପକାଇବାର ସୁବିଧା ନ ପାଆନ୍ତି । ଏଥିରେ ମହତାବଙ୍କର ସହଯୋଗ ମିଶ୍ରଣ ଦ୍ୱାରା ସୁତରାଂ ଉତ୍କଳ ଗୌରବ ପରିକଳ୍ପନା ଚଳାଇବା ପାଇଁ ଯଥେଷ୍ଟ ହୋଇପାରି ନାହିଁ କି !

× × ×

ସର୍ବଶେଷ ସଭ୍ୟ ପଢ଼ି ଭାଷଣ ଦେଇ କହିଲେ "ମୋ ମତରେ ଗଳିରିରେ ହେଉଛନ୍ତି ସିଂହାସନ ନମ୍ବର ଏକ । କାରଣ ପ୍ରଜାମଣ୍ଡଳ ହାତରେ ସ୍ୱତନ୍ତ୍ର ଛାଡ଼ି ଦେଇଥିଲେ, ସେ ତାଙ୍କର ସତ୍ୟ ଉପକାର ପାଇଁ ହୁଏତ କରନ୍ତେ । ପ୍ରଜାଙ୍କର ତ ଦେଶ । ଏମେ ତାଙ୍କର ସବୁ ଜଳସେଚନ

Digitized by srujanika@gmail.com

ହୋଇ ଉଠେ ସ୍ପଷ୍ଟ ତାଙ୍କ, ତାହାର ଶିକାର ହେଉଛନ୍ତି। ତେଣୁ ସେ ଭାରତ ସରକାର ହାତରେ ସ୍ୱତଃ ନେତା ହୋଇ ବୁଝିବା ଭାର ବହନ୍ତି। ଭାରତ ସରକାର ତ ତାଙ୍କୁ ଦାବି ମାନୁନାହାନ୍ତି, ... ହେଉଛନ୍ତି। ଶାନ୍ତି ପ୍ରତିଷ୍ଠାର ଭାର ଦେଇ ପ୍ରାୟତଃ ଓ ଅଧିକତଃ ତାଙ୍କର ସମ୍ମୁଖ ବାଟ ବନ୍ଦ କରିଦେଇଅଛନ୍ତି।

ସମ୍ପ୍ରତି ଦେଶୀୟ ରାଜ୍ୟ ହେଉଛନ୍ତି ସିଦ୍ଧାନ୍ତ ଲକ୍ଷ୍ୟ ହୁଏ। ସେମାନଙ୍କ ହାତରୁ ସେ ସମସ୍ତଙ୍କର ଦେଶଥିବେ ତାଙ୍କୁ ସର୍ବଦା ସ୍ୱରାଜ ଠାରେ ଦାବି ରଖିବାକୁ ପଡ଼ିବ ଓ ତାଙ୍କୁ ପ୍ରଜା ଲୋକ ମାନଙ୍କୁ ଦୁଇଟା; ବର୍ତ୍ତମାନ ସ୍ୱାଧୀନ ଭାରତର ଅନ୍ତର୍ଭୁକ୍ତ ମାତ୍ର ହେଲେ ସ୍ୱାଧୀନ ଶାସନର ବସ୍ତୁ ଭାବ ବର୍ତ୍ତମାନ ସମ୍ମୁଖ ବା ହଁ ମାନ, ସ୍ୱାଧୀନ ଭାବ ସର୍ବମାନ୍ୟ କରି ହେବାର ମୁଖ୍ୟ ତାଙ୍କର ଉଚିତ।

ପାକିସ୍ତାନର ମତବାଦ ହେଉଛନ୍ତି ସିଦ୍ଧାନ୍ତ ଲକ୍ଷ୍ୟ ହେଉ। କାରଣ, ସମ୍ଭବତଃ ସମସ୍ତ ମୂର୍ଖ ମୂର୍ଖ ଦେଶର ଭାରତରେ ସେହି ଏକା କରେ ପ୍ରଥମ। ମାଳିକାରେ ଯାହା ହେଲ (ମାଳିକାର ଭାରତର ଭଙ୍ଗର ଅନ୍ତର୍ଭୁକ୍ତ ସମ୍ପ୍ରଦାୟ ହେଲା) ତାହା ଅନ୍ୟ ହେଉଛି ହେଉ ନାହିଁ। ସେ ଗୋଟାଏ ବଡ଼ ନାମ ମାଲବୀୟଙ୍କ ଓ ଦେଶ ଗାନ୍ଧି ଭାରତ ସବୁ ... ବି, ଉତ୍ତରାଖଣ୍ଡରେ ସେ ସମ୍ପାଦକ ଅଛନ୍ତି ପାଇବେ। ସମ୍ଭବତଃ ମାନଙ୍କୁ ଏହିପରି ଅଦ୍ଭୁତ କରିବାର ଦାୟା ନ ଗୋଲଗଲ।

\+ × +

ପୂର୍ବାର ପଣ୍ଡିତ—ଯାହାଙ୍କ ହାତରେ ବହୁକାଳ ଜନ୍ତୁମାନଙ୍କ ଭାଗ୍ୟ ନେଇ ଦୁଲୁ—ସେ ଭାଲ ଭରେ ବସିଛନ୍ତି। ସେ ଚିଠାସବୁ ଓଡ଼ିଶା ସରକାର, ସମ୍ଭବତଃ ପ୍ରଜା ଓ ଗ୍ରାମ୍ୟ ମାନଙ୍କର ମଙ୍ଗଳ ଉନ୍ନତି କଥା ତାଙ୍କ କପାଳରେ ଶୁଣ ବାଟରେ, ଯେପରି ଲକ୍ଷଣ ସବୁ ବଳ ତାଙ୍କର ଦାସ ଦମାଣ ଭଳି ଏହି ଯୁକ୍ତିଯୁକ୍ତ ସବାରେ ସଚ୍ଚୋଟ ହୋଇଛନ୍ତି। ବେଳା, ପାଇଲା, ଗଣଭୋଟ ପ୍ରତିନିଧିତ୍ୱ କଲ ଏଠି ପଡ଼ିଲ ଥଣ୍ଡା ନାହିଁ ? ସେ ନ ହୋଇ ବଡ଼ ? ସମ୍ପୂର୍ଣ୍ଣ ଭାର ସ୍ୱୀକାର କରିବେ ନ ଶୁଣନ୍ତି ସେ ତେବେ ସିନା କହିବେ—

ଜଗତ ସତ ହୋଇ . ଅଜବ ବଳ ଠାଉଁ
ଅଚିରେ କାହାରେ କହିବ ।

\+ + ×

ହାଇଦ୍ରାବାଦ ଲୋକମାନଙ୍କର ଲକ୍ଷ୍ୟ ପ୍ରତିବାଦ ନ ହେଲା ନ ହେଲାଣି— ପ୍ରଶ୍ନର ଉତ୍ତରରେ ଏହି ସର୍ବାର ପଟେଲ ହେଉ ଗୋଟିଏ ଭଲରେ କହିଲେ କ—ହାଇଦ୍ରାବାଦ ଗୋଟାଏ ବଡ଼ ରାଜ୍ୟ; ତାହା ସହିତ ବୁଝାମଣା କରିବାକୁ ଗଲେ ... ସୁବିଧାରେ, ଧୀରଭାବରେ, କଥା ନ କହି ତାହା କରିବାକୁ ହେବ।

ତଥ ଲୋକଙ୍କ କହିବା ସିନା ଭାରି ଠାଇଁ, ନୋହିଲେ ପଢ଼େ କହନ୍ତୁ—ଜଗତର ସୁଖ ମେଷ ସଭା, ତେଣୁ ତା ସାଙ୍ଗରେ ଗଣମାନଙ୍କ ଯମାଯମ ଚାହାଁ ବୁଝାମଣା କରାଯିବା ଉଚିତ। ଆସରଫାକୁ ମେଷ ବଡ଼ଲର ଭାଇ ଯେପରି !

ଜାଣୁଅଛ ଦେବରେ ରହେ
ଜାଣୁ ବେଶରେ ଲଙ୍କ ମୋହେ ।

× × ×

ନେ ପ୍ରେସିଡେଣ୍ଟ କଣ୍ଟ୍ରୋଲ ଉଠିବା ପରେ ପରେ ବୋଧହୁଏ ଦେଶରେ ମାସ ଭିତରେ ତା ଅଭାବେ ବର୍ତ୍ତମାନ ମଧ୍ୟରେ ସବୁ କଣ୍ଟ୍ରୋଲ ଉଠିଯିବ। ଶୁଣେଣି ପରିଷଦ—ଏହି କଣ୍ଟ୍ରୋଲରେ ଯେଉଁମାନେ ଲବର କରିଛନ୍ତି ସେ ଯିବେ କୁଆଡେ।

କେହି କେହି କହୁଛନ୍ତି ଏମାନଙ୍କ ସ୍ୱାବଲମ୍ବନ ଭାଗରେ ଲଗାଇ ଦେବାପାଇଁ। ଅନେ କନ୍ତୁ— A. R. P. ଯେତେବେଳେ ଉଠିଲ, ସେ ସବେ କୁଆଡେ ? କଣ୍ଟ୍ରୋଲ ଅଫିସରଙ୍କ ଅବସ୍ଥା ତାଙ୍କଠାରୁ ସୁଖ। ଅନେକ ଇତିମଧ୍ୟରେ ସବନର କମାଣି କରି ନେଇଛନ୍ତି। ଆଉ ଯେଉଁମାନେ ଟୋକା ଚୋରବାରି ପାଇ ନଥିବେ, ସେମାନେ ସ୍ୱର୍ଗଦେବଙ୍କୁ ସ୍ୱର୍ଗ ସାରୁଣ୍ଡି ଲଗାଇ ପାରି କଲର ସାରୁଣ୍ଡିବେ ସିନା !

ଏଣେ 'ଗ୍ରୋ-ମୋର-ଫୁଡ' ନାମକ ଯେଉଁ ଅଧମ ତାରଣ ଚଳୁଛ ଅଛି ସେଥିରେ ଏହି କବେସ୍ତା କବେସ୍ତା ମାନଙ୍କ ପାଇଁ ଯଥେଷ୍ଟ ସ୍ଥାନ ହେବ ବୋଲି ଆମର ମତ। ଫର୍ଦ୍ଦଅଛତା, ଚୋଗସ ଗୋଲା ଖେଳ ସୁବିଧା ଜାଣ।

\+ + +

ଜମିଦାର ଉଚ୍ଛେଦ ଅଭନ କରିବା ଅଗରୁ ଓଡ଼ିଶା ସରକାର ଏହ ପ୍ରଜ୍ଞାପନା ଜାରି କରି ଦେଲେଣି ଯେ ଦୁଇବର୍ଷ ଭିତରେ କେହି ଜମି ମାଲିକ ଭାଗ ଚାଷୀକୁ ତାହାର ଜମି ଛାଡ଼ିବ ନାହିଁ ଓ ଭାଗ ଚାଷୀ ଅଧାଅଧି ଫସଲ ଭାଗଭାଗ କରିବ। ମାଲିକଙ୍କୁ ପାଞ୍ଚ ଭାଗରୁ ଦୁଇଭାଗ ଦେବେ। ଅବଶ୍ୟ ଏହା ମାଲିକମାନେ ଏହାକୁ ଭଲ।

କେବଳ ପ୍ରତ୍ୟେକ ସରକାରଙ୍କର ଏ ଲୋକପ୍ରୀତି ଓ ବହୁତ ଭାରତ ବ୍ୟବସ୍ଥାର ଯେପରି କଲ୍ୟାଣକର ହେଉପରି ନର୍ଦ୍ଦେଶ। ଗୋଟାଏ ଶ୍ରେଣୀର ଏକା ସ୍ୱାର୍ଥରେ ମାଲିକମାନେ ଯେଉଁ ବଡ଼ୋଇବୋଲି ଭାବନ୍ତି,ଜନ୍ତାକୁ ଏହ ଧୀରମାରଣରେ (slow death) ତାହାର ଉଚିତ ନାହିଁ—ପରନ୍ତୁ ଯେ ମଣଷେ ତାଙ୍କ ଓ କରେଣା ଲଗେଲକୁ ମରଣଃ ତାଧିକନାହିଁ, କାରଣ ସେ ସମ୍ପର୍ଣ୍ଣ କେଶ ପାହାଚରେ ପଡ଼ିଥିବେ ଏବଂ ମୃତ୍ୟୁକୁ ଲେଖିଥିବେ।

ଯାହାହେଉ ଓଡ଼ିଶା ସରକାର ତାଙ୍କର ଅବଧି ଭଜପ୍ରିୟତା ପୁନର୍ଜୀବିତ କରିବାପାଇଁ ଏ ଯେଉଁ ତଙ୍ଗ ଦୁଇଟ ମାଲିକ ଏଥିରେ ଯଥେଷ୍ଟ ରାଜନୈତିକ ଚାତୁରୀ ଅଛି ଏହା।

\+ × ×

ତଙ୍ଗ କଂଗ୍ରେସ ସରକାର ଏବେ ଅଭନ ଭାର କରିଲେଣି ନ ମୁଣ୍ଡ ପା ଚୋର ଓ ସ୍ୱେଚ୍ଛା ଚେଙ୍ଗସଙ୍କ ଧରିବା ମାନେ ସରାସର କଠୋର ବା କଠୋର ଦଣ୍ଡ ଦ୍ୱାରା ଦଣ୍ଡ ଦଣ୍ଡ ଦେଇଥାଏ। ଏ ଦଣ୍ଡ ପୁଣି ମଣିଷ ମାର ଦଣ୍ଡ ଭଳି କଡ଼ା।

ଆମ ଓଡ଼ିଶା ସରକାର ବାହାର ନ ଏପରି ଗୋଟାଏ ନେଇ ବଡ଼ ନାହାନ୍ତି ଲୋକ ଲେଖ ସଙ୍ଗରେ ପ୍ରଶ୍ନ ଉଠିଲା, ସମ୍ମୁଖ ମଧ୍ୟରେ ନ ଓଡ଼ିଶାରେ ସ୍ୱେଚ୍ଛା-ଚାର ଓ ମୁନଫା ଖୋର ନାହିଁ—ଯେଉଁ ଯଥାଏ ତାହା ମନ୍ତ୍ରୀମାନଙ୍କ ଅଗୋଚରେ ଥିବାରୁ ସେଥିର ଗୋଟାଏ ଚିହ୍ନ କଥା ଦରକାର ପଡ଼ନାହିଁ। ସଙ୍ଗରେ ଧ୍ୱନି ଉଠିଲା—ଜୟ ଓଡ଼ିଶା ସରକାର ନ ଜୟ !

\+ + +

---

**ଶ୍ୱାସ ଓ ଯକ୍ଷ୍ମା** ର ବୀଜାଣୁ

ଏହା ଧନକେ ନଷ୍ଟ ହୋଇଯାଏ। ଆମର 'ଅକ୍ସମୋଡାଇନ' (ରେଜିଷ୍ଟର୍ଡ) ସେବନରେ ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ଗ୍ୟାରେଣ୍ଟି ଦିଆଯାଏ। ଏହି ଅମୂଲ୍ୟବୃଟି ସାଧୁ ମହାତ୍ମା ନାଗାଙ୍କ ଦତ୍ତ ଯେ କି ହାଜାର ହଜାର ରୋଗୀଙ୍କୁ ଜୀବଦାନ ଦେଇଅଛନ୍ତି। ପ୍ରତି ଶିଶି ଟଙ୍କା ରଙ୍ଗଛରେ ଶଠ ପତ୍ର ଲେଖିବେ।

W. DYE & Co
P. O. WARI, DACCA
(E. Bengal) [D]

Digitized by srujanika@gmail.com

# ପୁରୁଷ ଦଳନ ସମିତି

ପୁରୁଷ ଦଳନ ସମିତିର ଏକ ଜରୁରୀ ବୈଠକ ଡକାଯାଇଥିଲା କେବଳ ମୋତେ ସମିତିରୁ ତଡ଼ିବାପାଇଁ । ମୁଁ ସମିତିର ସଂପାଦକ (ସଂପାଦିକା ଲେଖିଲି ନାହିଁ କି ଯେଉଁ ଯେଉଁ ଶବ୍ଦ ସ୍ତ୍ରୀଲିଙ୍ଗ ସୂଚକ ହେବାର କଥା ତାହା କଲିନାହିଁ, କାରଣ, ଆମ ସମିତି ପୁରୁଷର

## ମଜାକଥା

ଦାନ୍ତ ଦୃଶ୍ୟ) ଅଟେ ସମିତିର ମୁଖ୍ୟ ନୀତି ଲଙ୍ଘନ କରିଛି ପ୍ରଥମେ ମୁଁ । କୌଣସି ପୁରୁଷକୁ କୌଣସି ପ୍ରକାରର ପ୍ରଶ୍ରୟ ଦିଆଯିବ ନାହିଁ— ଏହା ସମିତିର ମୌଳିକ ଉଦ୍ଦେଶ୍ୟ ହୋଇଥିବା ସତ୍ତ୍ୱେ ମଧ୍ୟ ମୁଁ ବିବାହ ହେବାପାଇଁ — ସମିତି ଉଦ୍ଦେଶ୍ୟ ଅନୁଯାୟୀ ଧାରାବାହୀ ହେବାପାଇଁ — ସମ୍ମତି ଦେଇଛି । କାରଣ ମୁଁ ବୁଝିଛି ଯେ ସେ ଗୋଟିଏ ପୁରୁଷ ସତ୍ତ୍ୱେ; ସ୍ତ୍ରୀଲୋକ ହୋଇ ଅନ୍ୟ ସ୍ତ୍ରୀଲୋକକୁ ଜୀବନର ସାଥୀରୂପେ ଅବା ମୁଁ ବାଛିଥିଲେ ଆପତ୍ତି ହୋଇ ନଥାନ୍ତା ।

ସମିତିର ସବୁ ସଭ୍ୟ ଆଜି ପୁରା ଉତ୍ସାହରେ ଯୋଗ ଦେଇଛନ୍ତି । ସବୁ କେତେ ପ୍ରକାର ମୋତେ ଦୋଷ କରୁଛନ୍ତି, ଚିନ୍ତା କରୁଛନ୍ତି । ସମସ୍ତେ ମୋପର ଚାହିଁ ରହିଛନ୍ତି ବୈଠକ ସେହିପରି ଅବେଗପୂର୍ଣ୍ଣ ହୋଇ ଉଠିଛି ।

ଯଥାସମୟ ପ୍ରସ୍ତାବ ଆସିଲା । ମୋ ପକ୍ଷରୁ କୈଫିୟତ ଦେଇ ମୁଁ କହିଲି— ମୁଁ ଯାହାଙ୍କୁ ବିବାହ କରିବାକୁ ଯାଉଛି, ସେ ପୁରୁଷ ହେଲେ ମଧ୍ୟ ସ୍ତ୍ରୀଜାତିର ମଙ୍ଗଳାକାଂକ୍ଷୀ । ତାଙ୍କ ପରି ଜଣେ ଅଧ୍ୟାପକ ଯେ ସ୍ତ୍ରୀ ଜାତିର ପରମ ବନ୍ଧୁ, ଏକଥା ସାରା ଓଡ଼ିଶାରେ କିଏ ନ ଜାଣେ? ତାଙ୍କ ପରି ନୈଷ୍ଠିକ ଧର୍ମପ୍ରାଣ ନାରୀଜାତିର ହିତୈଷୀ ଆଉ କେତେଜଣ ଅଛନ୍ତି? ତାଙ୍କ ସୁଯୋଗ୍ୟ ସନ୍ତାନଙ୍କ ମଧ୍ୟ ଆଜି ସାରା ଓଡ଼ିଶା ପୂଜା କରିବାକୁ ଯାଉଛି । ସ୍ତ୍ରୀ ଜାତିର ମଙ୍ଗଳ ପାଇଁ ତାଙ୍କଠାରୁ ସବୁପ୍ରକାର ସୁଯୋଗ ସୁବିଧା ହାସଲ କରିବା ଓ ତାଙ୍କୁ ଏ କାର୍ଯ୍ୟରେ ପ୍ରେରଣା ଦେବାହିଁ ମୋର ଏ ବିବାହର ପ୍ରଧାନ ଲକ୍ଷ୍ୟ ।

ମୁଁ ଆଉ କେତେ କଥା କହିଥାନ୍ତି; କିନ୍ତୁ ସଭାପତି ବାଧାପାଇ ବାଧ୍ୟହୋଇ ବସି ପଡ଼ିଲି ।

ସମିତିର ସଭାପତି ତଥା ପ୍ରତିଷ୍ଠାତା ଶ୍ରୀ କୁସୁମ ମଞ୍ଜରୀ ଦାସ ଉଠି କହିଲେ— "ହଁ, ଆପଣଙ୍କ ନୈଷ୍ଠିକ ଧର୍ମପ୍ରାଣ ନାରୀ ଜାତି ହିତୈଷୀ ଯୁବ ଅଧ୍ୟାପକଙ୍କୁ ମୁଁ ଜାଣେ । ତାଙ୍କ ସୁଯୋଗ୍ୟ ସନ୍ତାନଙ୍କୁ ମଧ୍ୟ ଭଲଭାବେ ଚିହ୍ନେ । ଯୁବ ଅଧ୍ୟାପକ ମୋ ବାପାଙ୍କର ଅନ୍ତରଙ୍ଗ ବନ୍ଧୁ । ତାଙ୍କ ପୁଅ ମଧ୍ୟ ମୋର ସାଥୀ ।



"ତାଙ୍କ ମନ୍ଦିରକୁ ଯିବା ପରେ ଆମମାନଙ୍କ ଯୌବନ ନେଇ ବାପା ଅତି ଚିନ୍ତାରେ ପଡ଼ିଲେ । କେବଳ ଧର୍ମ ପୁସ୍ତକ ପଢ଼ିବା, ପୂଜା କରିବା ଆଉ ଯୋଗ ସାଧନାରେ ମନୋନିବେଶ କରିବା ହେଲା ତାଙ୍କର ପ୍ରଧାନ କାମ । ସେ ସନ୍ତାନମାନଙ୍କ ଭବିଷ୍ୟତ ପ୍ରତି ଯେମିତି ଅବହେଳା କରିବାକୁ ଲାଗିଲେ ।

"ଆର୍ଥିକ ଦିଗରେ ବଞ୍ଚିବା ହେଲା ଯୋଗାଡ଼ କରିବା, ତେଣୁ ମୁଁ କୌଣସି କଲେଜରେ ନାମ ଲେଖାଇ ପାରିଲି ନାହିଁ । ଯୋଗକୁ ଧର୍ମପ୍ରାଣ ନାରୀଜାତି ହିତୈଷୀ ଯୁବ ଅଧ୍ୟାପକ ହେଲେ ମୋର ଅଭିଭାବକ । କାରଣ ସେ ବାପାଙ୍କର ଅନ୍ତରଙ୍ଗ ସାଥୀ, ଅନ୍ତରଙ୍ଗ ବନ୍ଧୁ । ବାପାଙ୍କ ଉପରୁ ଏ ଦାୟିତ୍ୱ ମୋର ସମସ୍ତ ଯୋଗ୍ୟତା ନେଇ ଯେତେବେଳେ ସେ ହାତ ଧରିଲେ, ଯୁବ ଅଧ୍ୟାପକଙ୍କ ଉପରେ ମୋର ବିଶ୍ୱାସ ଗଢ଼ିବାକୁ ଲାଗିଲା ।

## ମାଙ୍କଡ଼ ହାତରେ

'ସେତେବେଳେ ସେ ବର୍ତ୍ତମାନ ପରି ମଧ୍ୟ ସାରା ଓଡ଼ିଶାରେ ପ୍ରଚାର କରୁଥାନ୍ତି ନାରୀଜାତିର ପରମ ହିତୈଷୀ ବୋଲି । ତାଙ୍କ ଅର୍ଦ୍ଧାଙ୍ଗିନୀଙ୍କ ଦ୍ୱାରା ଅର୍ଥ ଦାନକରି, ନାରୀମଙ୍ଗଳ ସମିତିମାନ କରି, ନାରୀଶିକ୍ଷାର ପ୍ରସାର ପାଇଁ ସବୁବେଳେ ଉଦ୍ୟମ କରି ସେ ବହୁତ ନାମ କରିଥାନ୍ତି । ସମ୍ବାଦପତ୍ରରେ ତାଙ୍କ ପ୍ରଶଂସା ପଢ଼ିଥାନ୍ତି, ଆଉ ଏପରି ଧର୍ମପ୍ରାଣ ନୈଷ୍ଠିକ ଯେ ତାଙ୍କ ଆସରେ କେବେ ଏଥିରେ ସନ୍ଦେହ କରିବାର ନ ଥାଏ । ସିନେମା ଥିଏଟର ଦେଖିବା ତ ଏକାବେଳକେ ବନ୍ଦ । କୌଣସି ଉପନ୍ୟାସ, ନାଟକ ପଢ଼ିବା ମଧ୍ୟ ତାଙ୍କ ମତରେ ସ୍ତ୍ରୀ ଚରିତ୍ରର ପତନର କାରଣ ।

"ମୁଁ କଲେଜରୁ ପ୍ରାୟ ପ୍ରତିଦିନ ତାଙ୍କ ଘରକୁ ଯାଏ, ତାଙ୍କଠାରୁ ନାନା ଉପଦେଶ ନିଏ; ତାଙ୍କ ସହଧର୍ମିଣୀଙ୍କଠାରୁ ବହୁ ସୁନ୍ଦର ରାନ୍ଧିବା ଶିଖେ; ତାଙ୍କ ସୁଯୋଗ୍ୟ ପୁତ୍ରଙ୍କ ସହ ଅନେକ ଆଲୋଚନା କରେ । ସେ ସେତେବେଳେ ଏମ୍‌, ଏ, ପଢ଼ୁଥାନ୍ତି, କେତେବେଳେ କେବେ କେବେ ତାଙ୍କ ମୁହଁରେ ଗଭୀର ଭାବ ଉଠୁଥାଏ ।

"କ୍ରମେ ଯୁବକଙ୍କ ବେଶୀ ଦେଖିବାକୁ ଲାଗିଲି । ମୁଁ ଅଧ୍ୟାପକଙ୍କ ଘରକୁ ଯିବାଟା ସୁବିଧା କରିବାର ଯେମିତି କମେଇ ଦେଲି, ଯୁବ ଅଧ୍ୟାପକ ସେତିକି ଆମ ଘରକୁ ଆସିବା ବେଶୀ ହୋଇଗଲେ । ତାଙ୍କ ଧର୍ମଗତ ଶ୍ରେଷ୍ଠ ଉପଦେଶ ମୋ ଉପରେ ଯେତିକି ବୃଦ୍ଧି ପାଇଲା, ମୁଁ ସେତିକି ଅଧିକ ବୋଧକଲି । ପ୍ରଥମେ ପ୍ରଥମେ ମୋ ତ୍ରୁଟି ପାଇଁ ନ ଥିଲା, ପରେ ତାଙ୍କ ଅଗାଧ ସ୍ନେହର ପ୍ରତିଦାନ ସ୍ୱରୂପ ପାଇଁ ମୁଁ ଏଥିରେ ଭୋଗିବା ପ୍ରେମ ବୋଲି କହିବାରେ ଲାଗିଲି ।

"ଅଧ୍ୟାପକ ପ୍ରତ୍ୟହ ନିୟମିତ ଆମ ଘରକୁ ଆସିଲେ । ବହୁ ସମୟ ମୋ ପାଖରେ ବସି ଉପଦେଶ ଦେଲେ । କେତେ ସତ୍ୟ ଘଟନା ତଥା ଦୃଷ୍ଟାନ୍ତ, ଉଦାହରଣ ଦେଇ ଧର୍ମକଥା ବାଖ୍ୟାନ କଲେ । ଏହି ସୁଯୋଗରେ ମୁଁ ତାଙ୍କ ସାଥିରେ ଅନେକ ସିନେମା ଥିଏଟର ଦେଖିବାର ଅଭ୍ୟାସ କରି ଶିଖିଲି, ତାଙ୍କ ସହିତ ସିନେମା ଦେଖିବାକୁ ମଧ୍ୟ ଗଲି ।

"ଅନେକ ସିନେମାରେ ଦେଖିଥିବା ପ୍ରେମ-ମୂଳକ ଚିତ୍ର ଦେଖି କେତେ କଥାରେ ତାଙ୍କ ସାଥି (ସୁନ୍ଦରମାନଙ୍କ ବିଷୟ ବୋଧହୁଏ ତାଙ୍କ ଅନ୍ତରରେ) ମୋ ପାଖରେ ଅର୍ଥ ପଡ଼ିଲା । ମୁଁ ତାହାହିଁ ହୋଇଥିଲି । ତା'ପରେ ନାୟକ ନାୟିକାଙ୍କ ହାସ ପରିହାସ ଦେଖି ମୁଁ ଅନ୍ତତଃ ଅଙ୍କ କାଳ ମୋ ନିଜ ହାତରେ ଚରିତ୍ର ଲଗିଲି, ଯୁବ ଅଧ୍ୟାପକ ତଥା ମନେ ମନେ ପୁଲକିତ ହୋଇ ଉଠୁଥାନ୍ତି ।

"ପରଦାର ଯୁବକ ଆଉ ଧରନ୍ତୁ" ଦେଖିବାହିଁ, ସେ ଅସିବା ପରଠୁଁ ମୋର ଜଣେ ଯୁବକ ସାଥୀଙ୍କ ସହ ଦାଣ୍ଡି ଏକାକୀ ଥିଏଟର ଦେଖିବାକୁ ସୁଯୋଗ ଥିଲା । ସେ ବନ ତାଙ୍କ ସହିତ ମଧ୍ୟ ସେ ଅନ୍ତରଙ୍ଗ ପରିଚିତ ହୋଇଥିଲେ ।

"ଦେଖିଲି କ୍ରମେ ଯୁବ ଅଧ୍ୟାପକ ହୋଇ ଉଠିଲେଣି, ଏଣେ ଯୁବକ ଜଣେ ମଧ୍ୟ । ପରେ ପ୍ରକାଶ୍ୟରେ ସଭାସ୍ଥଳ କରି ଦେଲାରେ ଉଭୟଙ୍କ ଧର୍ମଘରର ଅଭ୍ୟନ୍ତର ସବୁ ବର୍ଣ୍ଣନା କଲି । ସେ ସମସ୍ତେ ବାପା ଘରେ ନ ଥିବେ ବୋଲି ମଧ୍ୟ ସୂଚନା ଦେଲି ।

ଲେଖକ— ଶ୍ରୀ ଜଗନ୍ନାଥ ପଣ୍ଡା

ସନ୍ଧ୍ୟାବେଳକୁ ନୈଷ୍ଠିକ ଧର୍ମପ୍ରାଣ ନାରୀଜାତି ହିତୈଷୀ ଯୁବ ଅଧ୍ୟାପକ ଆସିଲେ । ତାଙ୍କୁ ଦେଖି ସେପରିକା ମୁଁ ଚଉକିରୁ ହୋଇ ଉଠିଲି । ଅଜଣାରେ ମୋ ଶୋଇବା ଘରକୁ ପାଛୋଟି ନେଲି । ଦୁର୍ଯୋଗକୁ ସେ ଘରର କବାଟ ବନ୍ଦ ହୋଇ ଯାଇଥିଲା, ତେଣୁ ଅନ୍ଧାରରେ ତାଙ୍କୁ ମୋ ଶଯ୍ୟାପରେ ବସାଇଲି ଓ ସେଥିପାଇଁ କ୍ଷମା ମାଗିଦେଲି ।

"ପାଖରେ ଗୋଟିଏ ଥାଳ ଭର୍ତ୍ତି ଆଣି ରଖିଦେଇ କହି ଦେବାକୁ ଚାହାନ୍ତି ଆଉ କିଛି ଖାଇବେ ଅଧ୍ୟାପକ ବସି ରହିଲେ । (ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଅମାବାସ୍ୟାର ଜ୍ୟୋତ୍ସ୍ନା

ବାଂଲାରେ ଭାଗର ଦଶଙ୍କଶେଷ ସମସ୍ତେ ପ୍ରଶଂସା କରନ୍ତି । ତାର ଗାମ୍ଭୀର୍ଯ୍ୟ ନିକଟରେ ଘୋଡା ଗୋଡା ' ଯାତ୍ରୀମାନେ ଖ ମୁଣ୍ଡ ନୁଆଁଇ ଦିଅନ୍ତି ।

## କାହାଣୀ

ଉମା ଶୁଇଲା । ଗୋଟା ନ ହେଲେବି ଶିଳ୍ପ ବୌଦ୍ଧିକ ସଜା ଲାଙ୍ଗୁଳ ନରସିଂହ ଦେବଙ୍କ ଉଦ୍ୟାନରେ ବସି ମହାରାଣୀର ହାତଗଢ଼ା ଲାବଣ୍ୟମୟୀ ମୂର୍ତ୍ତିଟି ପରି ତାର ଗଠନ ସୌଷ୍ଠବ । ଦେହରେ ତାର ଧବଳ ହଂସର ଛଟା ଉମାପତିଙ୍କର ଉଜ୍ଜ୍ୱଳ ପରି ଶ୍ୱେତ-ବେଶ । ପଞ୍ଚମୀ ଚନ୍ଦ୍ରର ଲଜ୍ଜା । ଅର୍ଦ୍ଧନିମୀଳିତ ନୟନ ଭୁଲଟିରେ ପାରଦର ଚଞ୍ଚଳତା, ଅଭି ଯୌବନର ବିକାଶ । ଉମା ସତେ ଯେପରି ହେମନ୍ତ ସକାଳର ସଦ୍ୟ ପ୍ରସ୍ଫୁଟିତ ଅପରାଜିତା ଟିଏ !

ଉମା ଶୁଇଲେ—ମୁଖମଣ୍ଡଳ ଉପରଁ ପଡ଼ିଥାଏ ଟିକିଏ ତଳକୁ, ମୟୂରର ପୃଷ୍ଠଦେଶ

( ମଜାକଥା ଅବଶିଷ୍ଟାଂଶ )

"ଏହି ସମସ୍ତ ପରେ ମୋର ଯୁବକ ବନ୍ଧୁ ଏଣି ପହଞ୍ଚିଲେ । ମୋର ପୂର୍ବ ଉପଦେଶ ମୁତାବକ ସୁବର୍ଣ୍ଣୀ ତାଙ୍କୁ ଚାଟେଇ ଏଣି ମୋ ଶୋଇବା ଘର ଦୁଆର ମୁହଁରେ ଅପେକ୍ଷା କଲା । ସେଥର ପରେ ଶୋଉଛନ୍ତି, ଅଲ୍ପ ଶୀଘ୍ର ଭୋଜନ ଯାଉଛନ୍ତି । ମୋ ଶିକ୍ଷା ମୁତାବକ ସେ ଏପରୁ ଉଷୁମ ଥିଲା । ମୁଁ ଝରକାରେ ରହି ଲକ୍ଷ୍ୟ କରୁଥାଏ, ଯୁବକ ଉଠନ୍ତି ଏ ସ୍ୱର୍ଣ୍ଣ ସୁଯୋଗରେ ଏବାଟେ ସେବାଟେ ଅଧୀର ହୋଇଗଲେ ।

ସୁବର୍ଣ୍ଣୀ ନିଜ କାର୍ଯ୍ୟରେ ସଫଳ ଯୁବକ ବନ୍ଧୁ ମୋ ଶୋଇବାଘର ଭିତରକୁ ପଶି ବୋଧହୁଏ ପାଣି ଆଣିବାକୁ ଯାଉଛନ୍ତି । ଏହି ସମୟରେ ମୁଁ ଅଣ୍ଟା ଦୁଆର ମୁହଁରେ ଥିବା ସୁଇଚ୍ ଟିପି ଦେଲି । ଘର ଭିତରର ଲାଇଟ ଅଳପ ହଠାତ୍ ଲିଭି ଗଲା, ତାପ ପରେ ଦ ଜଣ ମୁହଁ । ମୁହଁ ଦେଖା ହୋଇଛନ୍ତି-କାହାରି ପାଟିରୁ କଥା ବାହାରୁ ନାହିଁ—ମୁଁ ଖିଲ୍ ଖିଲ୍ ହୋଇ ହସି ଉଠିଲି ।

"ସେହି ଦିନ ଠାରୁ ଆମ ଉମାକାନ୍ତଙ୍କ ଶାଶୁ ଘର ତାଙ୍କ ମୁହଁଯାଚୀ ସନ୍ତାନ ଭଳି ଶାଶୁ ସଜ୍ଜ ହେଲା ତାଙ୍କ ସ୍ୱାମୀ ହେବାକୁ ଯାଉଛନ୍ତି ।"

ସନ୍ତୋଷଙ୍କ କଥାଶ ପରେ ଘଣ୍ଟିରେ ସେ ସ୍ଥାନଟା ଯୋଗଦେବାର କର୍ମ ଉଠିଲା, ସେହି ଅବସରରେ ଭିତରେ ମୁଁ ମୁକ୍ତ ହୋଇ ସେଠାରୁ ଚାଲି ଆସିଥିଲି ।

—✽—



ନୀଳ ନଭ ପୃଷ୍ଠଦେଶ, ରୂପ ଭରସାନ୍ତ ଶୀଣ ଟିକିଟି ଅଗକୁ ଉଲ୍ଲ ତଳକୁ ଯାଇଥାଏ ହାଉଳ୍ ଘୋଡା ପଦାହତ ପାଦଦୁଇଟି ଶରୀରଠାରୁ ସରୁବେଳେ ଟିକିଏ ପଛେଇ ଦେଉଥିଲା ପରି ଜଣାପଡେ—ଠିକ୍ ଯେପରି ନୃତ୍ୟରତା ପକ୍ଷୀ ମହଳ ଟି ମତ ।

## ଏଥାଟିଏ ବନ୍ଧୁ

ଏତେ ଥରେ ବି ଉମାର ଗାମ୍ଭୀର୍ଯ୍ୟକୁ ମୁଁ ପସନ୍ଦ କରି ପାରେନି । ମୋ ମତରେ ମାରପେ ଭଲ ମନ ସବୁବେଳେ ମୁହଁରେ ଗାମ୍ଭୀର୍ଯ୍ୟ ଫୁଟାଇବାଟା ଗାର ଘୋଟାଏ ଲେଖ ଦେଖାଣିଆ ଜିନିଷ । ଅପରିଚିତ ଲୋକ ସହିତ ହେଲେ ବି ଚଳ, କିନ୍ତୁ ଅମାବାସ୍ୟାର ଅନ୍ଧକାର ପରି ଦୁର୍ଭେଦ୍ୟମେଦୁରୀ ଗାମ୍ଭୀର୍ଯ୍ୟତା ଉମା ମୋତେ ଅସ୍ୱସ୍ତିରେ ପକାଏ । ସାରା ମୋତେ ଚାହିଁ, ଏ ସର୍ବ ପାଞ୍ଚମାସ ଭିତରେ କଲେଜରେ କେବଳ ବେଳେବେଳେ ତା' ମୁହଁରେ ହସର ରେଖା ଦେଖି ନଥିବା କଥା ମନେ ପଡ଼ିନାହିଁ ।

କିନ୍ତୁ ସୁଧୀର ମଣିଷଏ ଭିନ୍ନ ପ୍ରକାର । ଉମା ଯେ ତା' ପାଖରେ ବସେ, ହସ ହସି କଥାବାର୍ତ୍ତା ହୁଏ ତା'ର ଲୋପାଏ—ଏ କଥାର ପ୍ରମାଣ ଦେବାପାଇଁ ସେ ଯୁକ୍ତି ବାଢ଼ିଦିଏ । କିନ୍ତୁ ଏଣେ ଲେଖକ ରୂପେ ପରିଚିତ କବିର ଉମାର ଜଣେ ପ୍ରତିଷ୍ଠା ସାହିତ୍ୟିକ ଭାବରେ ସହିତ ତା'ର ଆଳାପ ଥିବାର ବାଗାଡ଼ମ୍ବର କରେ, ଆଉ ସେହି ସୂତ୍ରରେ ଉମା ସହିତ ତା'ର ବନ୍ଧୁତ୍ୱର ଅବସ୍ଥା ଜଣା ପାଇଁ ମୁହୂର୍ତ୍ତେ ଅବସର ଦେଏନି । ତା'ର ଏହ ସୌଭାଗ୍ୟ ପାଇଁ ସବୁ ମହଲରେ ସେ ଅସାଧାରଣ ଭବେବାଡ ହୁଏ ।

ସେ ଦିନ ବି'ଶ ହୋଇଥାଏ ବେତାଣି । କଲେଜ ନୁହେଁ, ଆଉ କୌଣସି କାମରେ ଉମା ସହିତ ମୋର ବି'ପଦ କଥାବାର୍ତ୍ତା କରିବା ଦରକାର ପଡ଼ିଲା । ଉମା ଯେ ମୋତେ ଅଦେଖା ନ କରେ ଏ ଖବର ନାହିଁ । ତଥାପି ସୁଧୀରକୁ ସାଙ୍ଗରେ ନେଇ ଯିବାଟା ଅଧିକ ଯୁକ୍ତିଯୁକ୍ତ ମନେକଲି । ସୁଧୀର ମଧ୍ୟ ମୋର ପ୍ରସ୍ତାବରେ ଅଧିକ ଆନନ୍ଦିତ ହୋଇ ସମ୍ମତି ଦେଲା ।

ତା'ର ପାଣ୍ଡୁଲିପିଟାର ସୂଚନା ଦେଇ ତାକୁ ଗୌରବାନ୍ୱିତ ମନେକଲି । ମୋତେ ଉତ୍ସାହ ଦେଇ ସେ ସବୁକଥା ଅଟେ ଅଟେ ।

ବାଟରେ ଅନେକ ଥର ପ୍ରତିଶୃତି ଉପରେ ଉଚ୍ଚ । ଦେଖିଲି, ଉମା ତାର ସାଥୀମାନଙ୍କରେ ପ୍ରିୟ ଜ୍ୟୋତ୍ସ୍ନା । ସୂର୍ଯ୍ୟର ପଶ୍ଚିମ ଦିଗରେ ଅସ୍ତ ହେଲା ପରି ଉତ୍କଣ୍ଠିତ ହେଲାପର ଦଶାପର । ସୁଧୀର କହେ—ଉମା ଟାକୁ ଦେଖିଲେ ହସେ ଉମା ମୁହଁରେ ହସ—ହଁ ଅସ ସ୍ୱରର ଛନ୍ଦ—ଦେଖାଇବ ମୋର ଅଗ୍ରହ ଅଳଙ୍କାର ମାନିବନି । ମୁଁ ଚିନ୍ତା କଲି କଲି ନିର୍ଜନ ନଦୀକୂଳର ଅନ୍ଧାର ରାତିର—ହଁ ଅସ ସହର ଶାନ୍ତ ସ୍ୱଚ୍ଛ ଆକାଶରେ ଚନ୍ଦ୍ରମା ଉଦୟର ଅପେକ୍ଷା କରେ । ସୁଧୀର କାମିକର କଥାର ଶେଷ ହେଲେ ସେମାନଙ୍କ ଅନୁଭବ କରି ସୁଖଦ ।

ଚନ୍ଦ୍ର ହେଲା । କେବଳ ବାକିହେଲା ମୋର । ପାପର ପ୍ରାଦୁର୍ଭାବ ରୂପେ ଆହତ ହୋଇ ପଡ଼ିଲି । ତଳେ ପଡ଼ିବା ପୂର୍ବରୁ ଅବସ୍ଥାକୁ ସମ୍ଭାଳି ନେଲି କୌଣସି ମତେ । ଅନ୍ୟ ଥର ହେଇ ଥିଲେ ସେଠାରେ ମୋତେ ବିଦ୍ରୂପ କରିବାକୁ, କେବଳ ଉମା ବାଟରେ ବସି ଭିତରେ ମୁହଁ ଲୁଚାଇ ଲୁଚାଇ ହସି ଉଠିଲା—ଅମାବାସ୍ୟାର ଆକାଶରେ ଚନ୍ଦ୍ରୋଦୟ ହେଲା । ମୁଁ ଅନନ୍ଦ ଓ ଉପହାସ ମଧ୍ୟରେ ନିଜକୁ ହଜାଇ ଦେଲି । ଯନ୍ତ୍ରଣା ଓ ଶାନ୍ତି—ତାର ଅନ୍ୟାସ୍ୱାଦ ଦୁହିଁଙ୍କର କଣ୍ଠସ୍ୱର ଲକ୍ଷ୍ୟକରି ପାରିଲି ।

ସୁଧୀର ପାଖରେ ଉପରୁ ଅବସ୍ଥା ଲକ୍ଷ କରୁଥିଲା ଜିନିଷ ନିଜର ସେଣ୍ଟିମେଣ୍ଟାଲ, ଉମାର ହସ ତା'ର ପୌରୁଷର ଆଘାତ ଦେଲା ବୋଧହୁଏ । ସଙ୍ଗେ ସଙ୍ଗେ ଲୁଚିଥିବା ନାଗ ଓ ଦୁର୍ଗନ୍ଧ ତାଡ଼ନା ଅବର୍ଣ୍ଣ ନେଇ ହେଉ ବରୁ ବରୁ ଏ ଦେଶର ଶିକ୍ଷିତା ଯୁବତୀମାନଙ୍କ ଅସ୍ୱାଭାବିକ ଉଚ୍ଚାର ସମାଲୋଚନା କରି ବସିଲା । ଉମା ଆଉ ସେଠାରେ ନଥିଲା ତାର ଯୁକ୍ତିର ଉତ୍ତର ଦେବାକୁ । ଥିଲେ ବି ଦେଇ ନଥାନ୍ତା ।

ଲେଖକ — ଭବ୍ୟ ଚାନ୍ଦନ

ମୁଁ ସୁଧୀରକୁ ସାନ୍ତ୍ୱନା ଦେଇ କହିଲି—"ସେଇ ଅଳ୍ପ କେତେ ଉପହାସ କରନ୍ତି ସୁଧୀର । ମୁଁ ତ ସହିବା ନେଇ ।"

"କିନ୍ତୁ ଜାଣିଛୁନା ? ସମସ୍ତଙ୍କ ଅପରିଚିତ ଅବସ୍ଥାରେ ଦେଖିଲେ ଅନେକ ଉପଲବ୍ଧି କରିବାଟା ତା'ର ଘୋଟାଏ ସ୍ୱଭାବ, ଅନ୍ୟକୁ ଉପହାସ କରି ସେ ଅଧିକ ଆନନ୍ଦ ଲାଭ କରେ । ଏଇଟା ମୋର ପ୍ରତ୍ୟକ୍ଷ ଅନୁଭୂତି ।"

"ଏଥିରେ ଉମା ଅଧିକ ଆନନ୍ଦ ଉପଲବ୍ଧି କରିବାର ଅଛି କଣ ?"

"ଅଛି ଅନେକ, ତାର ଧାରଣା—ସତେ ଯେପରି ଏ ଦୁନିଆଁଟା ଯାଉଛି କେବଳ ତାର

(ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com




[ ପୂର୍ବ ପ୍ରକାଶିତ ଅଂଶରୁ ]

ତାଙ୍କଠୁ ଜାଣିଲି, ସେ ଆଜିଥି-ମା ବାର୍ଷିକ ଛୁଟି ଆସିବାରୁ ସହରକୁ ଆସିଥିଲା ବେଳକୁ ତାର ଗୋଡ଼ିଟା ଛୁଡ଼ା ହୋଇ ଯେଁ—ଯେଁ ହେଉଛି । ଶୁଣି ଚିନ୍ତା ପାଇ ମଧ୍ୟ ଥିଲେ ।

ଏତେ ଦେଖିବା ପରେ ମୁଁ ଲମ୍ବା ନିଶ୍ୱାସଟାଏ ପକାଇ ବସିଲି । ଏଥିରେ ଜଣେ, ଏ ନଂ କ-ମତ ଗ୍ରହଣ କଲା ଭାବରେ ଅତି ପରିଚ ନାହିଁ ।

କଣାମାମୁଁ ଅନେକ କାଳ ନହେଉ ପଛରେ, ଖାଲି ସେ ଛୁଣ୍ଡା ଓ ଛୁରୁମା ବୋଲି ଆମ ଭିତରୁ ଯେଉଁମାନେ ତାଙ୍କୁ ସନ୍ଦେହ ଦୋଷ ଦଅନ୍ତି, ସେମାନେ ବି ଏହି ଘଟଣା ପରେ ତାଙ୍କୁ ଦୁଃଖ ନଜରରେ ଦେଖିବାକୁ ଲାଗିଲେ । ଏହି ସରଳ, ଦେବପ୍ରେମୀ ଛୁରୁମା ଲୋକଟା ଭିତରେ ସେ ଏପରି ଉପସ୍ଥିତ ବୁଦ୍ଧି ଓ କର୍ମତତ୍ପରତା ଲୁଚି ରହିଥିଲା ତାହା ଏତେଦିନେ ଜଣା ପଡ଼ିଲା । ଏପରି ଗୁଣ ଗୁଡ଼ାକ ଏକା ସ୍ଥାନରେ ରଖିବା ପ୍ରକୃତ ଦେବୀଙ୍କର ଗୋଟାଏ ଚରମ ସୃଷ୍ଟି ।

ମନୁଷ୍ୟର ଗୋଟାଏ ସ୍ୱଭାବ ଅଛି, ଯେଉଁ ବେଳରେ ତାର ପ୍ରବୃତ୍ତି ଗୁଡ଼ାକ ଏତେ ପ୍ରବଳ ହୁଏ ଯେ ତାହା ବାହାରେ ପ୍ରକାଶ ପାଇବାକୁ ବାଟ ନ ପାଇ ଉଚ୍ଛୁଳା ଧଡ଼ିଆ ଭଳି ହୋଇଯାଏ … ହେଉଛି ଯୌବନର ପ୍ରଥମ ଭାଳେଣି । ଏତିକି ବେଳେ ଯଦି ଭଲ ଅଙ୍କୁର ବାଟ କାଟି ଦିଆଯାଏ ତେବେ ଭଲ ଅଙ୍କୁର ଯାଏ ନଚେତ୍ ଉଚ୍ଛୃଙ୍ଖଳ ହୋଇ ଖାଲି ଚିପ ନ ମାନି ଯେଉଁଣେ ଇଚ୍ଛା ସେଉଁଣେ ମାଡ଼ି ଚାଲିଥାଏ । ସେ ସମୟରେ —— ତାହା ବୁଝି ହୁଏ ନାହିଁ, ମାତ୍ର ମୁଁ ଏବେ ବୁଝୁଛି ଯେ ଆମ ଦଳଟା ସେହିପରି ଉପାଲପାଙ୍କିଆ ହୋଇ ହୋଇ ଅବାଟକୁ ମୁହାଁଇ ଥିଲା । ଯୌବନର ଅପ୍ରତିହତ ଉଦ୍ଦାମତାର ବେଗ ଅଟକି ରହିଥିଲା । ଗୋଟାଏ ସରଳ ବାଟ ମାମୁଁ ଆସି ଭଗୀରଥ ପରି ତାର ସେହି ବାଟଟା କଢ଼ାଇ ଦେଲେ । ମାମୁଁଙ୍କ ଉତ୍ସାହ ଓ ଉଦ୍ୟମରେ ଅଳ୍ପ ଦିନରେ ଆମର ସଂଗୀତ ଅଖଡ଼ା ଚାଲିଚେ ମନ୍ଦ ଚାଲି ଗଲା । ଆମ ଭିତରୁ ଦେଖା ଶିଖା ଗ୍ରାମରେ କେତେ କେହି ଗାଇଣା ବଜାଣା କିଛି କିଛି ଜାଣିଥିଲେ, ଯେଉଁମାନେ ସବୁ ଗାଁରେ ଜାଣିନ୍ତି । କିଏ ଦୁଇ ଗୁଡ଼ାଏ ଟୁଟକି ଗୀତ କିଏ ପଦେ ଦି ପଦ କୀର୍ତ୍ତନ କିଏ ତେରେକେଟେ ତା କିଏ ବା ଧେ-ଗା-ମା ଗା-ଗା ଭଳିଆ ହାର ମୋନିପୁରର ଗତ । ଏପରି ଅବସ୍ଥାରେ ଯାହା ହୁଏ ତାହା ହେଲା । ଦିନ ରାତି ଗାନା ନାନା, … ଠାଁ … ରେ ଧେଇତା ପୁରୁଣା ଚାଲିଲା । ଯେ ଯାହା ପାରିଲା ତାକୁ ଧରି ଆପଣାର

---

( କାହାଣୀ ପୂର୍ବ ପୃଷ୍ଠା ଶେଷରୁ )

ଅନାଇଁ ଅନାଇଁ ବାହାରୁ ଗଲି ପଢ଼ୁଛନ୍ତି । ବଳ ତାର ସ୍ଖଳନ ଏ ଦୁନିଆଁରେ ଅସମ୍ଭବ ।

ଏଥିପୂର୍ବରୁ ସୁଧୀର ଉମା ସମ୍ବନ୍ଧରେ ଯେଉଁସବୁ ଟୀକା ଟିପ୍ପଣୀ ଦେଉଥିଲା, ସେ ସବୁର ସତ୍ୟତା ମୁଁ ଏଥରୁ ବୁଝିନେଲି, କହିଲି—"ଭାଇରେ, ସେପରି କଥା ନୁହେଁ । ତା'ର ଧାରଣା ଯାହା ହେଉ, ଅମାବାସ୍ୟାରେ ଚନ୍ଦ୍ର ଦେଖିବାର ସୌଭାଗ୍ୟ ଅତଯାଏ ହୋଇନଥିଲା ଆମର । ସେ ହେବ ଏ ବଳିଦେଲା । ସେଥିରେ ଆମର ଗଲା କଣ ? ତୋର ସାହିତ୍ୟ ଲେଖା ପାଇଁ ଖୋରାକ ମିଳିଗଲା ।"

ନବକୁ ସାହିତ୍ୟିକ ବୋଲି ବୁଝି ସୁଧୀର ଚୁପ ହୋଇଗଲା । ଅପେକ୍ଷା ନବର ଫ୍ଲାସକ ଭଳି ।

+ × +

ସେ ଦିନ ଜବାହାର୍ ଲାଲ ଗଣ ସମ୍ମାନର ବାର୍ଷିକୋତ୍ସବ । ମାନ୍ୟବର ପ୍ରଧାନମନ୍ତ୍ରୀ ଆସିବେ ଉପସ୍ଥିତ ହେବେ । ପ୍ରାୟ ପାଞ୍ଚଟା ସମୟ ହେବ । ସୁଧୀର ଓ ମୁଁ ଉପରୁ ଓହ୍ଲାଇ ଅସୂରୁ ଘଣ୍ଟେ ଛୁଟ ଦେଖାଇ ଟାଉନ ହଲ ଯାଉ । ଅନ୍ୟ କେହି ନଥାନ୍ତି ।

ଉମା, ମୃଣାଳ ଓ ଶାନ୍ତ । ଦୌଡ଼ା ଦୌଡ଼ି ହୋଇ ଉଠି ଆସିଲେ ସିଡ଼ି ଉପରକୁ । ସେମାନେ ଆମ୍ଭମାନଙ୍କର ଏପରି ଅପ୍ରତ୍ୟାଶିତ ଉପସ୍ଥିତିରେ ପସନ୍ଦ କଲେନି ବୋଧହୁଏ ।

ନୂଆ ଶୋଭାଯାତ୍ରୀ ସାଇକେଲର ଅବତରଣରେ ଶେଷ ହେଲାପରେ, ଉମା ପ୍ରକୃତିସ୍ଥ ହେଲା ହେଲା ଦେଖି ପଚାରିଲା—ଟିକେ ମୋର ସାମନା ସିଟ ଉପରେ ।

ଯେଉଁ ଉଠାଇ ଦେବାର ଇଚ୍ଛାଥିଲେ ସୁଦ୍ଧା ମୋର ସାହସ ହେଲାନି । ମୃଣାଳ ଓ ଶାନ୍ତ ଅନ୍ତରାଳରେ ପାଖରେ—ମନ୍ତ୍ରୀଙ୍କ ହାତରୁ ପ୍ରାଇଜ୍ ନେବ ବୋଲି ଏକ ନୂଆ ଶାଢ଼ୀ ଉପରେ ଲଗାଇ ଦେଇଥିଲେ," ବେଶ ହୋଇଛି ।" ତାଙ୍କ ଉପରେ ପଡ଼ିଲା କହିବାର ସୁଧୀରଟା ହସି ଉଠିଲା ଭୋ ଭୋ କରି ।

ମୁଁ ନୀରବ ଥାଏ ।

ଉମା କାହାରଠାରୁ ସହାନୁଭୂତି ନ ପାଇ ଶେଷରେ ଉଠି ଠିଆ ହେଲା । ବେଞ୍ଚର ଲଗାପଟା ସଜାଡ଼ିନେଇ ହସି ହସି କହିଲା—"ସୁରବାବୁ, ଆପଣ ବସିବେନି ଯେ ?"

"କାହିଁକି, ଆପଣ ପଡ଼ିଲେ କହିଲେ ?" ମୁଁ ପଚାରିଲି ।

"ହଁ"

"ବସ୍ତା ହେଲା ।"

"ଉଠାଇ ଦେବେନି ?"

"ଆପଣ ତ ସେଦିନ ମୋତେ ଉଠାଇ ଦେଇ ନଥିଲେ ।"

ଉମା ଲଜ୍ଜିତ ହେଲା । ଅପରାଧୀ ଭାବରେ ଅନାଇ କହିଲା—"ବନ୍ଧୁ ସେଦିନ ତ ମୁଁ ଆପଣଙ୍କ ଅବସ୍ଥା ଦେଖି ପାରିଥିଲି ।"

ଦୁଷ୍ଟ ସୁଧୀର ଚିତ୍କାର କଲା—"ଓ ! ସେ ତ ଅମାବାସ୍ୟାର ଜ୍ୟୋତ୍ସ୍ନା । ସେଥିପାଇଁ କଣ ଶୋକୁଛନ୍ତି ? ଏକ୍ସକ୍ୟୁଜ୍ ! ଏକ୍ସକ୍ୟୁଜ୍ !"

ତେବେ ତା ପରେ ନୁହେଁ—ତା ପରେ ସବୁ ଦିନ—ଉମା ମୋତେ ଦେଖିଲେ ହସେ । ଆଉ ମୁଁ ବି ତା'ର ଉତ୍ତର ଦିଏ ହସରେ ।

ସୁଧୀର ପ୍ରକୃତରେ ଅମର କଥା କହି ଦେଲା ଉପନ୍ୟାସ ଲେଖେ—"ଅମାବାସ୍ୟାର ଜ୍ୟୋତ୍ସ୍ନା" । ନିତି ନୂଆ ନୂଆ କଥା ମିଳେ । ଉପନ୍ୟାସର ଉପସଂହାର ଲେଖା ହୋଇ ପାରେ ନା ।

—o—

Digitized by srujanika@gmail.com

ବିଦ୍ୟା ଆହରଣ କରିବାକୁ ଲାଗିଲେ । ଦିନ ଦିକଟିଭ ପଟର ସମସ୍ତେ ବସିଲେ । ସେ ଏପରି ଏକ ଭଙ୍ଗ କାଳେ କିଛି ହେଲେ ହୋଇ ପାରିବ ନାହିଁ କିମ୍ବା ଏଥିରେ କାହାର କିଛି ସାଧ ମେଣ୍ଟିବ ନାହିଁ । ସେଥିପାଇଁ ଧାସ୍ ବାହ୍ଲ ରକମର ଗୋଟାଏ କିଛି କରିବାର ପ୍ରସ୍ତାବ ଉଠିଲା । ତାହା ହେଲେ କୀର୍ତ୍ତନ କରିବେ, ଆଉ ଦଳେ ଚାହାଁଥିଲେ ନାଟକ ସଜାଇବେ । ଏହି ଦୁଇ ଦଳଙ୍କ ମଧ୍ୟରେ ଠେଲାଠେଲି ଗୁଳ୍ଜି ଗୁଳ୍ଜି ମନାନ୍ତର ହେବାକୁ ବସିଲା । କୀର୍ତ୍ତନିଆ ଦଳ ଯୁକ୍ତି ଦେଖାଇଲେ କି କୀର୍ତ୍ତନକୁ ବଳି ସଂଗୀତ ନାହିଁ, ସେଥିରେ ଆନନ୍ଦ ବେଶି, ସେଥିରେ ମଜଲିସ ହାଟରେ ଧର୍ମଲାଭ, ସେଥିରେ ଖରଚ ଅଳ୍ପ, ସେଥିରେ ପରିଶ୍ରମ ବା ଝଞ୍ଜାଟ କମ । ଶେଷରେ ମୁରବି ମାନେ ସେଥିରେ ଆପତ୍ତି କରିବେ ନାହିଁ ବା ଦୁଷ୍ଟ ଲୋକେ ଦୋଷ ଦେଇ ପାରିବେ ନାହିଁ । ଅପର ପକ୍ଷରେ ନାଟକିଆ ଦଳ କହିଲେ କି ନାଟକ ଟା ହେଲା ଢେର ବଡ଼ ଜିନିଷ । ତା ଭିତରେ କୀର୍ତ୍ତନ ବି ରହିବ, ରଙ୍ଗିଣି ନାଚ ବି ରହିବ, ଆଉ ସେଥିରେ ସମସ୍ତଙ୍କର ମନ ରଞ୍ଜିବ, ତହିଁରେ ଧର୍ମ ବି ରହି ପାରେ, ସମାଜ ବି ରହିପାରେ, ରାଜନୀତି ବି ରହିପାରେ— ଯାହା ଇଚ୍ଛା ତାହା ରହିପାରେ । ଆଉ ତହିଁରେ ନବ ରସ ଥାଇ ଥିବାରୁ ଆନନ୍ଦ ଅଧିକ । ତା ଉପରେ ଅଛି ଏଇଟା କୀର୍ତ୍ତନଟା ହେଲା ମହୁରିଆ କଥା—

ଏକକୁ ଏକ ଦରଦ । ଯେଉଁ ମତକୁ ଯେତେ ଭିଡ଼ି ଧରି ଛାଡ଼ା ହେଲେ । ସମସ୍ତେ ବୁଝିଲେ ଯେ କିଛି ରକମ ଆପୋଷ ମିମାଂସା ହେବା ଉଚିତ, ମାତ୍ର କେହି କାହାରି ନରମ ହେବାକୁ ନାରାଜ । ଏପରି ଅବସ୍ଥାରେ ଜଣାମାମୁଁ ଏକ କଥାରେ ବିବାଦ ଭଞ୍ଜନ କରିଦେଲେ । ସେ କହିଲେ "ନା—ନାଟକ ହେବ ନାହିଁ, କି କୀର୍ତ୍ତନ ହେବ ନାହିଁ. ସମସ୍ତେ ଖାଣ୍ଟି ସଂଗୀତ, ଯାହାକୁ ଅସଲ ସଂଗୀତ କୁହାଯାଏ । ସେ ନାଟକରେ ନାହିଁ କି କୀର୍ତ୍ତନରେ ନାହିଁ । ଏ ସବୁ ନକଲି, ସୁନା ଆଗରେ ଦରଙ୍ଗି ପିତ୍ତଳ, ହୀରା ଆଗରେ କାଚ । ଯଦି କିଛି ଶିଖିବାର ମନ ଅଛି ତ ଶିଖ 'ଖେଲଅତ ଗାଉନା ବଜାନା' । ବାସ୍ । ଛାଡ଼ିଦିଅ ତୁମର 'ଫୁଲ ରସିଆ ମନ ରସିଆ' ବା 'ନଦିଆ ନଗରେ ଶଚିର ଉଦରେ ଜନମ ଗଉର ରାୟ' ସେ ସବୁ ବାଜେ—ଖେଲ । ବୁଝିଲ ।"

ଆମେ ନିଜର ନିଜର ଗୋଟାଏ ଲେଖାଏ ଅର ଧର ଯେପରି ବ୍ୟସ୍ତ ହୋଇ ଥିଲୁ, ମିଳା ମିଶାର ସୁବିଧା ଟା ପାଇ ପ୍ରସ୍ତାବଟା ସର୍ବସମ୍ମତି କ୍ରମେ ଗୃହୀତ କରି ନେଲୁ । ତାହାର ମାନେ ଏଥିରେ ଜଣା ହେଲା ନାହିଁ ଅଥଚ ସମସ୍ତଙ୍କର ମନ ଯେଣିକି ମାତ୍ର ଖେଲଅତି ଧରଣର ଗାଉନା—ବଜାନା ଜାଣିଛୁ କିଏ, ଓସ୍ତାଦ କେଉଁଠି ମିଳୁଛି । ମାମୁଁ ମଙ୍ଗୁଲିର ସ୍ୱୟଂ ଜଣେ ଯେ ଓସ୍ତାଦ୍ ଏକଥା ତ ଆମକୁ ଜଣା ନଥିଲା । କେବଳ ଏତିକି ମାତ୍ର ଜାଣିଥିଲୁ ଯେ ମାମୁଁ ଜଣେ ବଢ଼ିଆ ସମଝଦାର, କାରଣ ବଡ଼ ବଡ଼ ମାନଙ୍କ ଗାଉଣା ମଜଲିସରେ ସେ ଆଗରେ ହୋଇ ବସନ୍ତି ଓ ସମ ପଡ଼ିଲେ ମୁଣ୍ଡ ଠୁଙ୍କାର ଓ ହାତ ହଲାଇ ଗୋଟାଏ ଗୋଟାଏ ହାଃ କରି ଦିଅନ୍ତି । ମଝିରେ ମଝିରେ ବାହବା, ବାଳିହାରି ପ୍ରଭୃତି ମାରିବାକୁ ବି ଛାଡ଼ନ୍ତି ନାହିଁ । ମାତ୍ର ମାମୁଁ ଯେତେବେଳେ କହିଲେ ସେ ସ୍ୱୟଂ ଆମକୁ ଶିଖେଇବେ, ଆମକୁ ଅପୂର୍ବ ଯେତିକି ଲାଗିଲା, ଆନନ୍ଦ ହେଲା ତତୋଧିକ । ଶୁଭ ବେଳରେ ନଅରୋଳ ଭିତରେ ଦିନେ ସମସ୍ତେ ଏକାଠେଇଁ ବସି ବିସ୍ମିତ ସାର ହେଲା କି ଆମ ଭିତରୁ କିଏ କେଉଁ ଯନ୍ତ୍ର ଶିଖିବ । ଓ ଷାକ୍‌ରେଦ ମାନଙ୍କ ଉପରେ ଓସ୍ତାଦ୍‌ଜୀଙ୍କ ହୁକୁମ ହେଲା କି ପହିଲୁ କଣ୍ଠ ସାଧିବାକୁ ହେବ—ତାପରେ ଯନ୍ତ୍ର । ମାମୁଁ ନିଜେ ବାର ବରଷ କାଳ ସାଧନା କରି, କେତେ ମୁଲକ ସଫର କରି କେତେ ବଡ଼ ଓସ୍ତାଦଙ୍କଠୁ ତାଲିମ ନେଇ ତେବେ ଯାଇ ଏତେ ବଡ଼ ଓସ୍ତାଦ ହୋଇଛନ୍ତି ।

ଅଗତ୍ୟା ଆରମ୍ଭ ହେଲା । ଓସ୍ତାଦ୍‌ଜୀ ପହିଲି ତାଲିମ୍ ଦେଲେ—ସା । ସମସ୍ତେ ଦୀର୍ଘ ଘଣ୍ଟାଏ ଲେଖାଏଁ ସା ଅଭ୍ୟାସ କରିବେ । ଏକା ଏକା ଭଲ ସାରିବା ପରେ ସମସ୍ତେ ଏକା ସାଙ୍ଗରେ । ଏହାପରେ କାନ୍ଦଣା ଉଠାଇ ମୁଣ୍ଡି ହୁକୁମ ହେଲା ଅନ୍ଧାରିଆ ବେଳୁ ଉଠି ଅଧଘଣ୍ଟାଏ କଣ୍ଠ ସାଧିବା ଦରକାର । 'ସାରେଗାମାପାଧାନି' ଏଇ ସାତୋଟା ସ୍ୱର ସାଧିବାକୁ ସାତ ବର୍ଷ ଲାଗିବାର କଥା । ନିତିବ ପାଖରେ ଗୁରୁ ରହିଥିଲେ ଶୀଘ୍ର ହୋଇପାରେ । ସା ଟା ହାସଲ କରିବାକୁ ନ ସାରିଲେ ରେ—କୁ ଛୁଇଁବା ନିଷେଧ । କେବଳ ଉପରେ ଏତିକି ଯେ ସା ଟା ସବୁଠୁ ବଡ଼ ଜାତି, ସେଇଟା ଭଲ ଭାବରେ ଆୟତ କରି ପାରିଲେ ବାକି ସହଜ ହୋଇଯାଏ ।

ଏହାପରେ କେତେଦିନ ଗଲା । ଗର୍ଭ ପର ଦିନ ରାତି ଭେଁ—ଭେଁ ହୋଇ ସଂଗୀତ ଉପରୁ ଆମ ସଭିଙ୍କର ମନ ଫାଟି ଗଲାଣି । ଏତିକି ବେଳେ ଓସ୍ତାଦ୍‌ଜୀ କହିଲେ ବଡ଼ ଭୋର ପାଣି ଭିତରେ ଅଣ୍ଟା ବୁଡ଼ ସ୍ୱର୍ ମସ୍କ [ ସ୍ୱର ସାଧନା ] କରିବାକୁ ହେବ ।

[କ୍ରମଶଃ]

Digitized by srujanika@gmail.com

# ଚିଠିପତ୍ର

* ପ୍ରତି ସଂଖ୍ୟା 'ଝଙ୍କାର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ପ୍ରସ୍ତାବ ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ । ଚିଠି ଯଥାସମ୍ଭବ ସଂକ୍ଷିପ୍ତ ହେବା ଦରକାର । କୌଣସି ବ୍ୟକ୍ତିଗତ ଆକ୍ରମଣ ସମାଲୋଚନାର ବସ୍ତୁ ହେବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି

—ସମ୍ପାଦିକା

ଶ୍ରୀଯୁକ୍ତ 'ଝଙ୍କାର' ସମ୍ପାଦକ ମହୋଦୟ !

ବର୍ତ୍ତମାନ ଦେଶ ସ୍ୱାଧୀନ ହେବାରୁ ଦେଶର ସାଧାରଣ ଧନୀ, ବ୍ୟବସାୟୀ ଓ ଶିକ୍ଷିତ ଲୋକମାନଙ୍କର ମଧ୍ୟ କୃଷି, ଶିଳ୍ପ, ବାଣିଜ୍ୟ ଓ ଉତ୍ପାଦନ ଉନ୍ନତି ପଥରେ ଗତି କରିବା ସ୍ୱାଭାବିକ ଓ ବାଞ୍ଛନୀୟ । ମାତ୍ର ଏସବୁ କ୍ଷେତ୍ର-ରେ ଆମ ଓଡ଼ିଶା ସରକାର ଦେଶକୁ ମୌଳିକ ଶିକ୍ଷା ଦେବାପାଇଁ କେତେଦୂର ଯେ ବ୍ୟବସ୍ଥା ବିଧାନ କରିଛନ୍ତି ତାହା ଆମମାନଙ୍କୁ ଅଜଣା । ଭାରତ ବିଖ୍ୟାତ ବୋଟାନିଷ୍ଟ ଶ୍ରୀଯୁକ୍ତ ପରିଜା ମହାଶୟ ବର୍ତ୍ତମାନ 'ଗ୍ରୋ-ମୋର-ଫୁଡ' (ଅଧିକା ଶସ୍ୟ ଉତ୍ପନ୍ନ କରିବାରେ) ଏହାର ଅର୍ଥ ଯୋଗ୍ୟକରି ସାରିଲେଣି । ଆମ୍ଭେମାନେ ଆଶା କରୁ ସେ ମହାଶୟ କୃଷି ଫାର୍ମକୁ ଲାଭୋ-ପଯୋଗୀ ରୂପେ ପରିଚାଳନ କରିବାର ପ୍ରଣାଳୀ ଅନେକଙ୍କୁ ନିଶ୍ଚୟ ଦେଇଥିବେ । ଯଦି ଏପରି ଶିକ୍ଷାପ୍ରାପ୍ତ ବ୍ୟକ୍ତି ଜମି ଓ ମୂଳଧନ ଅଭାବ ଅନୁଭବ କରୁଥାନ୍ତି ତେବେ ଆମ୍ଭେମାନେ ସେମାନଙ୍କ ନାମଧାମ ଜାଣିଲେ ଜମି ଓ ମୂଳଧନ ଯୋଗାଡ଼ କରିବାର ଚେଷ୍ଟା କରନ୍ତୁ । ମୟୂରଭଞ୍ଜରେ ଏସବୁ ସୁବିଧା ମିଳିପାରିବ ।

ଆୟୁର୍ବେଦ ପ୍ରତି ଆମ୍ଭମାନଙ୍କର ପ୍ରଗାଢ଼ ବିଶ୍ୱାସ ଓ ଶ୍ରଦ୍ଧା ଅଛି କହିବା ବାହୁଲ୍ୟ । ବିଦେଶୀ ଶାସନ ଯୋଗୁଁ ତାହାର ଅବସ୍ଥା କିପରି ହୋଇଅଛି ତାହା ସମସ୍ତଙ୍କୁ ଜଣା । ସର୍ବାଗ୍ରେ ତାହାର ଉନ୍ନତି ଦିଗରେ ନାନା ଚେଷ୍ଟା କରାଯିବା ପ୍ରୟୋଜନ ବୋଲି ମନେ ହେଉଅଛି । ବର୍ତ୍ତମାନ ପରିଜା ମହାଶୟ ଦେଶରେ ଫଳମୂଳର ବାଗାନ ବିସ୍ତାର କରି-ବାର ଚେଷ୍ଟାରେ ଅଛନ୍ତି । ଏତଦବେଳେ ଭଗବାନ ତାଙ୍କୁ ଏବଂ ମନ୍ତ୍ରୀମାନଙ୍କୁ ସୁବୁଦ୍ଧି ଦିଅନ୍ତୁ, ଯେପରି ଆୟୁର୍ବେଦୀୟ ବନୌଷଧି ପରିପୂର୍ଣ୍ଣ ବଗିଚା ଗୋଟିଏ ଲେଖାଏଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ କରନ୍ତୁ ଏବଂ ନିଜେ ତାଙ୍କର ଅଗାଧ ପାଣ୍ଡିତ୍ୟ ଓ ଜ୍ଞାନର ପରିଚୟ ଦେଇ ଗୋଟିଏ ପୁସ୍ତକ ପ୍ରଣୟନ କରନ୍ତୁ ।

ଉକ୍ତ ପୁସ୍ତକରେ ପ୍ରତ୍ୟେକ ଗଛର ଛବି ସହ ଉତ୍ପତ୍ତି ସମୟ ଓ ସ୍ଥାନ ତଥା ତାହାର ଉପକାରିତା, ବିଭିନ୍ନ ଭାଷାର ସ୍ଥାନୀୟ ନାମ-କରଣ ଇତ୍ୟାଦି ବିବରଣ ଏପରି ଭାବରେ ବର୍ଣ୍ଣନା ହୋଇଥିବ ଯାହା ଦେଖି ସାଧାରଣ ଲୋକେ ଗଛଟି ଚିହ୍ନିପାରିବେ ଓ ସାଧାରଣ ଜ୍ଞାତବ୍ୟ ବିଷୟମାନ ଉପଲବ୍ଧି କରିପାରିବେ । ଏପରି ପୁସ୍ତକର ଅଭାବ ଓଡ଼ିଶା କାହିଁକି ସମଗ୍ର ଭାରତରେ ଅନୁଭୂତ ହେଉ-ଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବଶମ୍ବଦ

ଶ୍ରୀସୁରେନ୍ଦ୍ରନାଥ ପଟ୍ଟନାୟକ—

ବାରିପଦା ।

—(*)—

'ଝଙ୍କାର' ସମ୍ପାଦକ ମହୋଦୟ

ଆପଣଙ୍କ ସୁନାମ ଧନ୍ୟ ପତ୍ରିକାରେ ନିମ୍ନ ଲିଖିତ ବିଷୟଟି ଆଲୋଚନା ପାଇଁ ଜଣାଉଛି । ପ୍ରକାଶ କରି ବାଧିତ କରିବା ହେବ ।

ସମ୍ପ୍ରତି ତେଲଙ୍ଗୁ ଅନ୍ଧ୍ରବାସୀ ଜମିରି ଭଦ୍ରାଚଳ ଓ କୋରାପୁଟ ଜିଲ୍ଲା ଅନ୍ଧ୍ର ପ୍ରଦେଶରେ ମିଶାଇବାକୁ ଚେଷ୍ଟା କରୁଛନ୍ତି । ସେମାନଙ୍କର ପତ୍ରପତ୍ରିକାରେ ଏ ବିଷୟରେ ମଧ୍ୟ ବିଶେଷ ଭାବରେ ଆନ୍ଦୋଳନ ଚଳିଛି । ଏବେ ଅନ୍ଧ୍ରବାଣୀ ନାମକ ପତ୍ରିକା ପତ୍ରିକାରେ ଏକ ପ୍ରବନ୍ଧ ପ୍ରକାଶ ପାଇଛି । ସେଥିରେ 'ଚିଲିକା' ହ୍ରଦ ଓ ତତ୍ପାର୍ଶ୍ୱସ୍ଥ ଅଞ୍ଚଳ ସବୁ ଅନ୍ଧ୍ରମୂଳ ବୋଲି ଦାବୀ କରାଯାଇଛି । କାରଣ ଦର୍ଶାଇ ଦିଆ ଯାଉଛି ଯେ 'ଚିଲିକା' ବୋଲି ଶବ୍ଦ ଓଡ଼ିଆ ଭାଷାରେ ନାହିଁ 'ଚିଲକା' ତେଲୁଗୁ ଶବ୍ଦ । ଅନ୍ଧ୍ର ଭାଷାରେ ଚିଲିକାର ଅର୍ଥ-ଅଲଗା-(Separate) ଚିଲିକା ସମୁଦ୍ର-ଠାରୁ ଅଲଗା ବୋଲି ଏହାର ନାମ କରଣ ହୋଇଛି । ଦ୍ୱିତୀୟ ଯେଉଁ ମତ୍ସ୍ୟଜୀବୀମାନେ ଚିଲିକାର ଉପକୂଳରେ ଗ୍ରାମମାନଙ୍କରେ ବାସ କରନ୍ତି ସେମାନେ ସମସ୍ତେ ତେଲଙ୍ଗା । ତୃତୀୟରେ ଚିଲିକା ଉପକୂଳବର୍ତ୍ତି ଅଞ୍ଚଳ ମାନଙ୍କରେ ଥିବା ଦେବମନ୍ଦିରର ବିଗ୍ରହସବୁ ତେଲଙ୍ଗା ଢଙ୍ଗରେ ଲମ୍ବା ପିନ୍ଧନ୍ତି-ବିଶେଷତଃ ମୁଣ୍ଡରେ ଟୋପି ପୁରାପୁରି ତେଲଙ୍ଗା ଢଙ୍ଗର ।

ଏତଦ୍ ଭିନ୍ନ ଖୋର୍ଦ୍ଧାକୁ ମଧ୍ୟ ଅନ୍ଧ୍ର-ମାନେ ତେଲଗୁ ବହୁଳ ଅଞ୍ଚଳ ବୋଲି ଦାବୀ କରନ୍ତି ୧୯୪୮ ସାଲ ଜନ ଗଣନାରେ ଖୋର୍ଦ୍ଧାରେ ତେଲଗୁମାନେ ସଂଖ୍ୟାଧିକ ଥିଲେ ବୋଲି ସେମାନେ କହନ୍ତି ।

'ଚିଲିକା' ର ଓଡ଼ିଆ ନାମ—ଏ ବିଷୟରେ ସେ ଆପଣଙ୍କ ପତ୍ରିକାରେ ଆଲୋଚନା ହେଉ— । ଇତି

ଶ୍ରୀ ପଦ୍ମଚରଣ ରାୟଗୁରୁ ।

[illegible]

## କୁତୁକୁତୁ

ଜଣେ ଲୋକ ତାର ସ୍ତ୍ରୀ ଛାଡ଼ପତ୍ର (divorce) ଦେବା ପାଇଁ କଚେରୀରେ ଦରଖାସ୍ତ କରିଥିଲା । କିଛି ଦିନ ପରେ ସେ ପୁଣି ଆସି ଦରଖାସ୍ତ ଫେରାଇ ହାକିମଙ୍କୁ କହିଲା— "ହଜୁର ଏ ମକଦ୍ଦମା ମୁଁ ଉଠାଇ ନେବି ।

ହାକିମ—କାହିଁକି ?

ଲୋକ—ହଜୁର ମୋତେ ଡର ହେଉଛି ଛାଡ଼ପତ୍ର କଥା ମୋ ସ୍ତ୍ରୀ ଜାଣିଲେ ଚୁଟି ମୁଠି ରଖିବ ନାହିଁ ।

× + +

ଜଣେ ମହିଳା ଦୋକାନକୁ ଯାଇ ଗୋଟାଏ ପିଆଲା କିଣିଲେ ତାଙ୍କ ପୋଷା କୁକୁର ପାଣି ପିଇବା ଲାଗି ।

ଦୋକାନୀ କହିଲା—ଏ ପିଆଲା ଉପରେ ଲେଖି ଦେବି କି "କେବଳ କୁକୁର ପାଇଁ" ବୋଲି ?

ମହିଳା—ସେପରି ଲେଖିବାର ଦରକାର ନାହିଁ, କାରଣ ମୋ କୁକୁର ପଢ଼ି ଜାଣେ ନାହିଁ କିମ୍ବା ସ୍ୱାମୀ ପାଣି ପିଅନ୍ତି ନାହିଁ । + + ×

Digitized by srujanika@gmail.com

# ଉପରର ବିଚାରଧାରା

— ସନ୍ଧାନୀ

କଂଗ୍ରେସ ଦଳର ସରକାର ମୁଖିଆମାନଙ୍କ କାର୍ଯ୍ୟ କଳାପ ଓ ଅସୁନ୍ଦର ବ୍ୟବହାର ଉପରେ ବହୁତ ଆକ୍ଷେପ କରି ଶ୍ରୀମତୀ ଅରୁଣା ଆସଫ ଅଲ୍ଲୀ ଦିଲ୍ଲୀ କଂଗ୍ରେସ ସଭାପତି ପଦ ଇସ୍ତଫା ଦେଲେ। ଅରୁଣାଙ୍କର ସବୁଠାରୁ ବଡ ଆପତ୍ତି ଯେ ଆସଫଲ ସରକାର ମୁଖିଆ ମାନେ କୌଣସି କଥାରେ ତାଙ୍କୁ ବା କୌଣସି କମିଟିକୁ ମାନିବୋଲି ପଚାରୁନାହାନ୍ତି। ଏହି ପ୍ରକାର ଆପତ୍ତି ପ୍ରାୟ ସବୁ ପ୍ରଦେଶରେ ଉଠୁଛି—ଓଡ଼ିଶାରେ ବି। ଏଥିରେ ଅବଶ୍ୟ ନାମମାତ୍ର ହୋଇ ରହିଥିବା କଂଗ୍ରେସ କମିଟି ମୁଖିଆଙ୍କୁ ବାଧିବା କଥା।

କିନ୍ତୁ ବସ୍ତୁବାଦୀଙ୍କୁ ଗଲେ ଏଥିରେ ତାଙ୍କର ହେବାର ବା ଅସନ୍ତୋଷ କରିବାର କୌଣସି ହେତୁ ନାହିଁ।

ପ୍ରଥମ କଥା—କିଏ କାହାକୁ ପଚାରେ? ସାନ ବଡକୁ ପଚାରେ। ତଳ ଥାକ ଉପର ଥାକର ମତ ନିଏ। ନିମ୍ନକର୍ମଚାରୀ ମୁନିବର ଅନୁମତି ନିଏ। ୧୯୩୭ ମସିହାରେ ଯେତେବେଳେ ସବୁ ପ୍ରଦେଶରେ କଂଗ୍ରେସ ସରକାର ହୋଇଥିଲା, ବଡ ନେତୃମାନେ ସରକାରରେ ନରହି ଅଲଗା ଥିଲେ ଓ ଗୋଟାଏ ସ୍ଥାନରେ ବସି ସବୁ ପ୍ରାଦେଶିକ ସରକାରଙ୍କୁ ନିର୍ଦ୍ଦେଶ ଦେଉଥିଲେ। ତାର ନାମ ଥିଲା ହାଇକମାଣ୍ଡ ଏବଂ ମୁଖ୍ୟ ଥିଲେ ସରଦାର ପଟେଲ। କିନ୍ତୁ ଦଳ ବାହାରେ ବସି ଜବାହାରଲାଲ, ରାଜେନ୍ଦ୍ର ପ୍ରସାଦ, ଅଜାଦ, ରାଜଗୋପାଳଚାରୀଙ୍କର ପରାମର୍ଶ ନେଉଥିଲେ। ଏହି ପାଞ୍ଚଜଣ ଥିଲେ ପଞ୍ଚପାଣ୍ଡବ—ଶ୍ରୀକୃଷ୍ଣ, ଗାନ୍ଧିଜୀ। ପ୍ରାଦେଶିକ କଂଗ୍ରେସ ମନ୍ତ୍ରୀମଣ୍ଡଳ ସ୍ୱଭାବତଃ ତାଙ୍କର ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଚାଲୁଥିଲେ।

ସେତେବେଳର କଥା ଆଉ ଏବେ ଦଶବର୍ଷର ତଫାତ୍ ଅକାଶ ପାତାଳ ପ୍ରଭେଦ। ଏବେ ସେ ମୁଖିଆ ସବୁ ସମସ୍ତେ କେନ୍ଦ୍ର ସରକାରରେ। ପ୍ରଦେଶକୁ ଇଙ୍ଗିତ ଦେଇ ଚଳାଇବାକୁ ସେମାନେ ଅଛନ୍ତି। ଏବେ ଅବସ୍ଥାରେ କିଏ କାହାଙ୍କୁ କଂଗ୍ରେସ କମିଟିର ମତ ନେବାକୁ ଯିବ।

ଆଜି ପୁଣି କଂଗ୍ରେସ କମିଟିରେ ଯେଉଁମାନେ ଅଛନ୍ତି ସେମାନେ ସବୁ ତୃତୀୟ ଶ୍ରେଣୀର ନେତା। ପହିଲା ନମ୍ବର ଶ୍ରେଣୀର ସବୁ କେନ୍ଦ୍ରରେ। ଏପରି ଅବସ୍ଥାରେ କେନ୍ଦ୍ର ସରକାର ଅର୍ଥାତ ପଟେଲ, ଜବାହାରଲାଲ ଓ କଂଗ୍ରେସ କମିଟି ଅର୍ଥାତ କୃପାଳନୀ ଓ ଦଳ ହୁକୁମକୁ ଅପେକ୍ଷା କରିବା ଅସ୍ୱାଭାବିକ। ପ୍ରକୃତିର ନିୟମକୁ କିଏ ଲଙ୍ଘନ କରିବ। ସବୁବେଳେ ସାନ ଯେ ବଡର ମୁହଁକୁ ଚାହିଁବ—ବଡ଼ କେବେ ସାନର ଅପେକ୍ଷା ରଖିବ ନାହିଁ। ଯଦି ରଖେ ତାହା କେବଳ ସୌଜନ୍ୟ ବା ଅନୁଗ୍ରହ। ସବୁ କଥାକୁ ହେଜି ବିଦ୍ରୋହ ବା ଘୋଷଣା ନ କରି ନେତାମାନଙ୍କର ଅନିର୍ବାର୍ଯ୍ୟକୁ ମୁଣ୍ଡ ପୋତି ସହି ନେବା ଉଚିତ।

\+ \+ \+

ସମଗ୍ର ଭାରତ ଓ ସିଂହଳ ବିଶ୍ୱବିଦ୍ୟାଳୟ ମାନଙ୍କର ପ୍ରତିନିଧି ଗତ ବୈଠକରେ ସମ୍ମିଳିତ ହୋଇ ଅଛନ୍ତି। ସେହି ସମ୍ମିଳନୀ ଉଦ୍‌ଘାଟନ କରିବାକୁ ଯାଇ ଆସାମ ଗଭର୍ଣ୍ଣର ଶ୍ରୀଯୁକ୍ତ କୈଳାସ ନାଥ କାଟଜୁ ଏକ ଭାଷଣ ଦେଇଥିଲେ। ତହିଁରେ ସେ କହୁଅଛନ୍ତି କି ଇଂରାଜୀ ଉଠି ଯାଉଥିବାରୁ କାହାକୁ ରାଷ୍ଟ୍ରଭାଷା କରାଯିବ ସେ ବିଷୟରେ ନାନା ମତ ଭେଦ ଘଟୁଛି ଓ ଆପଣା ଭିତରେ ମନାନ୍ତର ଆରମ୍ଭ ହେଲଣି। ସେଣୁ ତାଙ୍କ ମତରେ ସଂସ୍କୃତକୁ ରାଷ୍ଟ୍ରଭାଷା କରି କାମ କରାଯାଉ। ତାହେଲେ ତହିଁରେ କେହି ଆପତ୍ତି କରି ପାରିବେ ନାହିଁ। କାରଣ ଏହା ସବୁ ଭାଷାର ଜନନୀ ଓ ପବିତ୍ର ଦେବ ଭାଷା। ସବୁ ବେଦ, ଶାସ୍ତ୍ର, ପୁରାଣ, ପୂଜା, ମନ୍ତ୍ର, କ୍ରିୟା କାଣ୍ଡ—ସଂସ୍କୃତରେ ଚାଲୁଛି। ସଂସ୍କୃତ ସାହିତ୍ୟ ଦର୍ଶନ ପ୍ରଭୃତି ଅତି ଉନ୍ନତ। ଶବ୍ଦ ଭଣ୍ଡାର ମେଦଶାଳୀ, ଇତ୍ୟାଦି। କାଟଜୁଙ୍କର—ଏହି ପ୍ରସ୍ତାବ—ଅତି କଲ୍ୟାଣକର। ମହାତ୍ମାଙ୍କର ଆଶୀର୍ବାଦ ଲଭିଲେ ଏହା ସଫଳ ହୋଇପାରିବା ସମ୍ଭବ। ଦେଶବାସୀ ଏ ସମ୍ବନ୍ଧରେ ଆନ୍ଦୋଳନ କରିବା ଉଚିତ। ଭାଷା ସୂତ୍ରରେ ପ୍ରଦେଶ ଗଠନର ଜାତୀୟ କଂଗ୍ରେସ ଗ୍ରହଣ କରିଛନ୍ତି ଓ ଏବେ ମଧ୍ୟ ଜବାହାରଲାଲଜୀ ଏ ସମ୍ବନ୍ଧରେ ଭାଷଣ ଦେଉଛନ୍ତି। ମାତ୍ର ଗାନ୍ଧିଜୀଙ୍କର ମତ ଯେ ଏହି ଭାଷା ସୂତ୍ରରେ ପ୍ରଦେଶ ମାନଙ୍କର ନବଗଠନ ଓ ପରିବର୍ତ୍ତନ କରିବାର ବର୍ତ୍ତମାନ ସମୟ ନୁହେଁ। ଏବେତ ଭାରତର ସାମ୍ପ୍ରଦାୟିକ ଅଶାନ୍ତି ଓ ଶ୍ରେଣୀ ବିବାଦ ପୂରି ରହିଛି। ତନ୍ମଧ୍ୟରେ ଏହି ସୀମା ବିବାଦ ପୂରି ଗଲେ ଦେଶରକ୍ଷା ଅସମ୍ଭାଳ ହୋଇ ପଡିବ।

ଆମ୍ଭମାନଙ୍କ ମତରେ ଏହି ପରିବର୍ତ୍ତନ ଯେତେବେଳେ ହେବ ସେତେବେଳେ ପୁଣି ଏହି ବିବାଦ ଗଜେଇ ଉଠିବ। ସେଣୁ ଏପରି କିଛି କୌଶଳ କରିବା ଉଚିତ ଯଦ୍ୱାରା ସୀମା ବିବାଦର ପ୍ରଶ୍ନହିଁ ଉଠିବ ନାହିଁ କେବେହେଲେ।

ତାହା ହୋଇପାରେ ମାତ୍ର ଗୋଟିଏ ଉପାୟରେ। ଶାସନ ସୁବିଧାକୁ ଲକ୍ଷ ରଖି ଭୌଗଳିକ ନିୟମରେ ପ୍ରଦେଶ ଗଠନ କଲେ ଆଉ କେହି ଆପତ୍ତି କରି ପାରିବେ ନାହିଁ। ଏଥିରେ ଭାଷାର ପ୍ରଶ୍ନ ରହିବ ନାହିଁ। ସବୁ ପ୍ରଦେଶରେ ସବୁ ଭାଷା ଭାଷୀ ସମାନାଧିକାରରେ ରହିବେ—କେବଳ ଭାରତୀୟ ହୋଇ। ଯେ ଯାହାର ମାତୃଭାଷା ବ୍ୟବହାର କରୁଥିବେ। ସରକାରୀ ଭାଷା ହେବ ଏକମାତ୍ର ସଂସ୍କୃତ କିମ୍ବା ହିନ୍ଦି।

ଏହି ନୀତିରେ ଆମେରିକା ଯୁକ୍ତରାଷ୍ଟ୍ର ପ୍ରଦେଶ ମାନ ସଂଗଠିତ ହୋଇଛି। ଭାଷା ସୂତ୍ରରେ ପ୍ରଦେଶ ଗଠନର ଦୋଷ ହେଉଛି ଯେ କାଳ କାଳକୁ ପ୍ରଦେଶ ବାସୀମାନଙ୍କ ମଧ୍ୟରେ ବିଦ୍ୱେଷ, ପ୍ରତିଯୋଗିତା ଓ ପ୍ରାଦେଶିକ କଟତା ଜୀବିତ ହୋଇ ରହିଥିବ। ପ୍ରସ୍ତାବିତ ଉପାୟରେ ସେ କଥା ହୋଇ ପାରିବ ନାହିଁ—ଓ କିଛି କାଳ ପରେ କେବେ ବିଶିଷ୍ଟତା ଭୁଲି ଯାଇ ଭାରତୀୟ ମନୋବୃତ୍ତି ଅବୋରି ନେବେ ଓ ଭାରତ ଏକ ସମଷ୍ଟିଗତ ମହାଜାତି ହୋଇ ଉଠିବ।

\+ \+ \+

Digitized by srujanika@gmail.com

ନିବନ୍ଧ

# ଓଡ଼ିଆ ଲିପି ଓ ଓଡ଼ିଆ ଟାଇପରାଇଟର

ଶ୍ରୀ ରଙ୍ଗନାଥ ମହାପାତ୍ର

ଡ଼ଗର ସଂପାଦକ ମହାଶୟ,

ଆପଣଙ୍କ ବହୁଖ୍ୟାତ ସାପ୍ତାହିକର ଗତ ମାସ ଏବଂ ଚଳିତ ମାସର ସଂଖ୍ୟା ମାନଙ୍କରେ ଦୁଇଜଣ ପ୍ରସିଦ୍ଧ ଏବଂ ପ୍ରବୀଣ ଲେଖକ ଓଡ଼ିଆ ବର୍ଣ୍ଣମାଳାର କେତେକ ଅକ୍ଷର ଅଧୁନିକ ହିନ୍ଦି ବର୍ଣ୍ଣମାଳା ଅନୁକରଣରେ ବାଦଦେଲେ ଓଡ଼ିଆ ଟାଇପ ରାଇଟର ଓ ଲିନୋ ଟାଇପ କଳ ନିର୍ମାଣ ସୁବିଧା ହେବ ବୋଲି ଯୁକ୍ତି ଦେଖାଇ ଗୋଟିଏ ଗୋଟିଏ ପ୍ରବନ୍ଧ ଛପାଇ ଅଛନ୍ତି । ଆପଣଙ୍କର ଅଧିକାଂଶ ପାଠକ ଓ ପାଠିକା ଅବଗତ ଥିବେ ଯେ ସର୍ବ ପ୍ରଥମେ ୧୯୩୨ ମସିହାରେ ଜର୍ମାନରୁ ମୁଁ କେତେକ ଓଡ଼ିଆ ଟାଇପରାଇଟର ମେସିନ୍ ଆଣିଥିଲି । ସେହି ଓଡ଼ିଆ ଟାଇପ ରାଇଟରର ମୁଁ ଉଦ୍ଭାବକ ଏଜେଣ୍ଟ ଏବଂ ଏକମାତ୍ର ବିକ୍ରେତା ରୂପେ ଯୁଦ୍ଧ ଆରମ୍ଭ ଯାଏ ଅନେକ ଟାଇପ ମେସିନ ଜର୍ମାନରୁ ମଗାଇ ଓଡ଼ିଶାରେ ବିକ୍ରୟ କରିପାରିଥିଲି । ଅବଶ୍ୟ ଏଥିପାଇଁ ମୋତେ ଦୀର୍ଘ ୩।୪ ବର୍ଷ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲେହେଁ ମୁଁ ଦେଶବାସୀ ବା ଗଭର୍ଣ୍ଣମେଣ୍ଟ ପକ୍ଷରୁ ଅଦ୍ୟାବଧି କିଛି ସାହାଯ୍ୟ ପାଇ ନାହିଁ । ଏ ବିଷୟ ବାମଣ୍ଡା ଦେବଗଡ଼ରୁ ପ୍ରକାଶିତ ହେଉଥିବା 'ଶଙ୍ଖ' ପତ୍ରିକାରେ ସମ୍ବାଦ ଗତବର୍ଷ ଦେଶବାସୀଙ୍କୁ ଅବଗତ କରି ମୋ ପ୍ରତି ସମବେଦନା ଜ୍ଞାପନ କରି ମନ୍ତବ୍ୟ ଲେଖିଥିଲେ । ପୃଥିବୀର ଅନ୍ୟାନ୍ୟ ପ୍ରଧାନ ପ୍ରଧାନ ଭାଷାର ଟାଇପ କଳ ମାନଙ୍କରେ କେତେ ଗୋଟି ମୃତ ଥିବା କଥା, ମୁଁ ଆବିଷ୍କାର କରିଥିବା ଓଡ଼ିଆ ଟାଇପରାଇଟରରେ ମଧ୍ୟ କେତେକ ମୃତ ରହିଥିବା ବୋଧହୁଏ ଅନେକ ଜାଣିନାହାନ୍ତି । ଉକ୍ତ ମେସିନରେ ୭ ଗୋଟି ମୃତ ଚାବି (dead keys)ମୁଁ ରଖିଥିବା ଯୋଗୁଁ ଅତ୍ୟାବଶ୍ୟକ ମାତ୍ରା ଫଳା ଟାଇପ କଲାବେଳେ ମେସିନକୁ ଅଧିକ ଥର ଯନ୍ତ୍ରକୁ ଘୁଞ୍ଚାଇବାକୁ ପଡ଼େ ନାହିଁ । ଏହି ୮୨ ବର୍ଣ୍ଣ ଅଙ୍କ, ମାତ୍ରା, ଫଳା ବିଶିଷ୍ଟ ଟାଇପ ରାଇଟରରେ ଓଡ଼ିଆ ଭାଷାର ସବୁ ଯୁକ୍ତାକ୍ଷର ସଂଯୁକ୍ତ ବର୍ଣ୍ଣ, ଅଙ୍କ ଇତ୍ୟାଦି ଅନେକଙ୍କରେ ଟାଇପ ହୁଏ ଏବଂ ଅତି ସହଜରେ ଶହ ଶହ ପୃଷ୍ଠା କାଗଜ ଟାଇପ ଓ ଛପା ହୁଏ । ଯେଉଁମାନେ ଗଞ୍ଜାମ ଜିଲ୍ଲା ବୋର୍ଡ଼ର ମିଟିଙ୍ଗ ଏଜେଣ୍ଡା, ଅସିକା କୋ-ଅପରେଟିଭ ବ୍ୟାଙ୍କର ଓଡ଼ିଆରେ ଟାଇପ ଓ ଲିଥୋ ହେଉଥିବା ବାର୍ଷିକ ରିପୋର୍ଟ ଦେଖିଥିବେ ସେମାନେ ମୋର ଉପରୋକ୍ତ ବିଷୟ ସମର୍ଥନ କରିବେ । ଆହୁରି ମୋହର ଏହି ୮୨ ଅକ୍ଷର ଯୁକ୍ତ ମେସିନ key Board ଅବଲମ୍ବନରେ ଲିନୋ ଟାଇପ ମେସିନ ଓଡ଼ିଆରେ ମଧ୍ୟ ସହଜରେ ନିର୍ମାଣ ହୋଇ ପାରିବ ବୋଲି ଅମେରିକାର ଲିନୋ ଟାଇପ ଓ ମେସିନେରୀ ଲିଃ ର ମାନେଜିଙ୍ଗ ଡାଇରେକ୍ଟର ମୋ ଠାରୁ ସବୁବିଷୟ ବୁଝି ମତେ ଦୁଇ ବର୍ଷ ପୂର୍ବରୁ ଜବାବ ଦେଇ ଅଛନ୍ତି । ଅତଏବ ଉପରୋକ୍ତ କାରଣ ମାନଙ୍କରୁ ଓଡ଼ିଆ ବର୍ଣ୍ଣମାଳାର କୌଣସି ଅକ୍ଷର ଓଡ଼ିଆ ଟାଇପ ରାଇଟର ଓ ଲିନୋ ମେସିନ କରିବା ସୁବିଧା ହେବ ବୋଲି ଯୁକ୍ତି ତର୍କ କରି କାଟିଦେବା ମୋର କ୍ଷୁଦ୍ର ବୁଦ୍ଧିରେ ସମୀଚୀନ ହେବ ବୋଲି ବିଶ୍ୱାସ କରେ ନାହିଁ । ଆଶା କରେ ଅନ୍ୟାନ୍ୟ ଶିକ୍ଷିତ ବୁଦ୍ଧିମାନ ସାହିତ୍ୟିକ ଏ ସମ୍ବନ୍ଧେ ସେମାନଙ୍କର ନିଜ ନିଜର ମନ୍ତବ୍ୟ ଦେବେ ।

## ଲିପି ସଂସ୍କାର

ନମସ୍କେ ସମ୍ପାଦକ 'ଡ଼ଗର' । ମୁଁ ଶ୍ରୀଯୁକ୍ତ ଅନନ୍ତ ଚରଣ ପଟ୍ଟନାୟକଙ୍କ ଲିପି ସଂସ୍କାର ଯୋଜନାଟି ପଢିଲି । ମୋର ସାନ ପୁଅକୁ ସେ ବିଷୟଟି କହିଁ ହିବ ଭଲ ଲାଗିଲି । ଖାଲି ଓଡ଼ିଶା ନୁହେଁ, ଖାଲି ଭାରତ ନୁହେଁ, ସାରା ପୃଥିବୀରେ ଯଦି ଏହିପରି ଗୋଟିଏ ଲିପି ହୁଅନ୍ତା ତେବେ ବହୁତ ଭଲ ହୁଅନ୍ତା । ଅବଶ୍ୟ ହିନ୍ଦିକୁ ଭାରି ଆଦର କରୁଛନ୍ତି । କିନ୍ତୁ ଏ କଥା ବୁଝିବାର ସହିତ ମୁଁ କହୁଥାଏ ଯେ ରୋମାନ ଲିପି ଯେତେବେଳେ ରହିଲା ଲେଖା ଯାଇ ପାରିବ ହିନ୍ଦି ଲିପି ସେତେବେଳେ ରହିଲା ଲେଖା ଯାଇ ପାରିବ ନାହିଁ । ମୁଁ ଗୋଟିଏ ସ୍କୁଲର ଶିକ୍ଷକ ଏଇ କଥା ଗୋଟିଏ କ୍ଲାଶରେ ମୁଁ ଭଲରୂପେ ବୁଝାଇ ଦେଲି ତାପରେ ପଚାରିଲି କେଉଁଟା ଭଲ । ପିଲାଏ କହିଲେ ଏ ପ୍ରକାର ରୋମାନ ଲିପି ଭଲ । ଏହାଦ୍ୱାରା ଆମର ଓଡ଼ିଆ ଭାଷା ଉଠି ଯାଉନାହିଁ । ଲିପି ବଦଳି ଯାଉଛି ମାତ୍ର । ସତ କଣ ? ବର୍ତ୍ତମାନ ଲୋକେ ଇଂରେଜଙ୍କ ନାମକୁ ଦୂର କଲେଣି ସତ । ରୋମିର ଦୋଷ କଣ ? ଏଟାତ ତାଙ୍କର ନୁହେଁ । ସେମାନେ ବ୍ୟବହାର କରୁଛନ୍ତି ମାତ୍ର । ଆମ କେତେ କଥାରେ ଗଣ୍ଡାଏ ହେବୁ ? ତେଣୁ ଆମ କଥା ଜଙ୍ଗଲରେ କାନ୍ଦିଲା ପରି କିନ୍ତୁ ଏ ଯଥାର୍ଥ କଲେ ଭଲ ହୁଅନ୍ତା ବୋଲି ଭାବୁଛି । ଇତି

ଆପଣଙ୍କର

ଜଣେ ସ୍କୁଲ ଶିକ୍ଷକ ।

—✝—

## ଭୁଡ଼ୁକୁଡ଼ୁ

ପ୍ରହ୍ଲାଦଲାଲ ଗୋଟିଏ ପଇସା ଗିଳି ଦେଲା । ତାର ମା ଚିତ୍କାର କରି ଉଠିଲେ କିଏ ଅଛି ଡାକ୍ତର ଡାକିଦିଅ ।

ପ୍ରହ୍ଲାଦଲାଲ ଡରି ଯାଇ କହିଲା — ମା ନା ଡାକ୍ତର ନୁହେଁ ମନ୍ତ୍ରୀ । କିଏ ଅଛି ମନ୍ତ୍ରୀ ଡାକିଦିଅ ।

ମା ପଚାରିଲେ ମନ୍ତ୍ରୀ କଣ କରିବେ ?

ପୁଅ—ବାପା କହୁଥିଲେ ମନ୍ତ୍ରୀ ସେମାନେ [illegible] ଟଙ୍କା ନିଜ ପାକେଟ ସେମିତି ଅଛି କେହି ଜାଣି ପାରନ୍ତି ନାହିଁ ।

+ × ×

Digitized by srujanika@gmail.com

# ଡାଟରୁ ଡାଟରେ ଟାନାଟାନା

ସ୍ୱକଢା ପାଠ ଗାନ୍ଧୀଙ୍କ ଧର୍ମ—କୃଷକ ହେଡ଼ ଲାଇନ ।

...ଦଣ୍ଡ୍ରା ଦାରିଦ୍ୟ ।

\+ × +

ଚାଳ ମୂଳରେ ଟାଉଟର ଉପଦ୍ରବ—କୃଷକ ସଂବାଦ ।

...ଚୌକାସି ନାହାନ୍ତି କେହି ?

\+ × +

ସାମ୍ୟବାଦୀ ଗଣତନ୍ତ୍ର ପ୍ରତିଷ୍ଠା ଲାଗି କଂଗ୍ରେସର ଦାର୍ଶନିକ ପରିଚାଳକ ମାନେ ପ୍ରସ୍ତୁତ କି—ଇତି କୃଷକ ସମ୍ପାଦକୀୟ ।

...ତମେ ତାକୁ ଅପ୍ରସ୍ତୁତ କଲ ।

× × +

ଅଗ୍ରୁର୍ଜ କୃପାଳାନୀଙ୍କୁ କଂଗ୍ରେସ ବିରୋଧୀ ବୋଲି ବୋଧହୁଏ ଆମ ପ୍ରଦେଶର ନେତା ମାନେ ସାହାସ କରିବେ ନାହିଁ—ଇତି କୃଷକ ସମ୍ପାଦକୀୟ ।

...ଇଂରାଜୀରେ ଗୋଟିଏ କଥା ଅଛି, ବଙ୍କ ଲୋକେ ଯେଉଁଠିକି ପାଦ ଦେଢ଼େଇବାକୁ ଡରନ୍ତି ମୂର୍ଖ ସେଠି ଧସେଇ ପଶନ୍ତି । × × ×

ଏତକ ଦେଲେ ମାଣେ ମାଡ ଚୋଖାଅ—ଇତି ମୁକ୍ତିଯୁଦ୍ଧ ।

..ମାରନା ମୁଁ ମଲିଣି ।

× + ×

କଟକରେ ନେହେରୁ ଜନ୍ମୋତ୍ସବ ମୁକ୍ତିଯୁଦ୍ଧ

.. ଏ କେଉଁ ନେହରୁ ଜନ୍ମହେଲେ ଜମ୍ମୁକାଶ୍ମୀର ଅଫିସରେ ?

× × +

ଅମୂଲ୍ୟାଞ୍ଜନ—'ଅଲଅ' ବିଜ୍ଞାପନ ।

...ତାର ଦର ନାହିଁଟି ?

\+ + +

ଇନ୍ଦ୍ର ପାଞ୍ଚ କୁଆଡେ ?—ଅଲଅ ସଂବାଦ ।

...ମହାନଦୀ ଗର୍ଭରେ ସାଇତା ହୋଇଛି । + + ×

ରୀତି ଓ ନୀତି ଅଲଅ ସଂପାଦକୀୟ ।

...ଶଠ ଓ ଶାଠ୍ୟ × ×

ଯାଣୁ, ତୁମେ ଯଉଥିଧାଇଁ ନସ୍ୱର [illegible] ଆମେ ସେ କଥାଟି ଜାଣ—ନାସ୍ତିକ

ସଂପାଦକୀୟରେ ପହରାଜଙ୍କ ବକ୍ରୋକ୍ତି ।

...ଚିତ ମରମ ଲାଗରେ ହାଣୁ ।।

× × +

ଓଡ଼ିଶା ସରକାରଙ୍କ ଆଖି ଫିଟୁ—ଇତି ମାତୃଭୂମି ହେଡ ଲାଇନ—ଏକୋଇଶ ଦିନ ଯାଉ ।

\+ + ×

ଗାନ୍ଧୀ ଲକ୍ଷ ଯୋଗୀ—ଇତି ପ୍ରଜାତନ୍ତ୍ର ।

...ଟାକା ସବୁ ଲକ୍ଷ ଶୋଷୀ ।

× × ×

ଆମ୍ଭେମାନେ ବର୍ତ୍ତମାନ ସୁଭା ଟାଢୀଙ୍କାଙ୍କ ଯୁକ୍ତି ବୁଝୁନାହୁଁ—ପ୍ରଜାତନ୍ତ୍ର ସଂପାଦକୀୟ

...ତେବେ ବୋଲିଥିବ ଯିଏ, ତାକୁ ଉଠେଇ ନ କଏ ?

\+ + +

ତଥାପି ତାଙ୍କ ଦୂରଦୃଷ୍ଟି ଉପରେ ସଂପୂର୍ଣ୍ଣ ବିଶ୍ୱାସ ଅଛି—ଇତି ପ୍ରଜାତନ୍ତ୍ର ।

.. କିନ୍ତୁ ତାଙ୍କ ନିକଟ ଦୃଷ୍ଟି ରେ ତର୍ଜ୍ଜା ପ୍ରଭୃତି ଅସମ୍ଭବ କଥାରେ ଅପୂର୍ଣ୍ଣ ବିଶ୍ୱାସ ଅଛି ।

× × +

ମୁସଲମାନ ଭାଇଙ୍କୁ ପଦେ—ପ୍ରଜାତନ୍ତ୍ର ସଂପାଦକ

...ହାତେ ଦୂରେ ହୁଁ ତ ?

× + ×

ପୂର୍ବଗଡ଼ଜାତ ୟୁନିୟନକୁ ଭାରତ ସରକାର ସ୍ୱୀକାର କରୁ ନାହାନ୍ତି—ସଂବାଦ ।

.. ଶୀକାର କରନ୍ତୁ ।

× × +

ଶେଷ ସମ୍ବାଦ—ଇତି ସଂବାଦ ପତ୍ର ଶିରୋନାମା ।

...କାହାର ? ସଂପାଦକଙ୍କର ?

× × +

ସରକାରଙ୍କ ମୁଣ୍ଡରୁ ବହୁ ଦୁଶ୍ଚିନ୍ତା ଦୂର ହୁଅନ୍ତା—ମାତୃଭୂମି ।

...ଗୋବର ଦେଲେ ପବିତ୍ର ହୋଇଯିବ ।

× + ×

କରବନ୍ଧୁର ବ୍ୟକ୍ତିତ୍ୱ—ପ୍ରଜାମିତ୍ର ପାଠଶା ।

...ବନ୍ଦ କଲୁ ଏଣ୍ଡ ଦୁର୍ବ୍ୟବହାର ।

\+ × ×

'ଆମେ ନେତାମାନେ ସରକାର ହାତରୁ ନେବାପୂର୍ବରୁ ଯେଉଁ ଅମଲାଙ୍କୁ ଅଦକ୍ଷ ଓ ଅସାଧୁ ବୋଲି ଗାଳି କରୁଥିଲେ ଆଜି ସେମାନେ ହଠାତ୍ ସେ କର୍ମଚାରୀଙ୍କଠାରେ ଅଶେଷ ଗୁଣାବଳି ଆବିଷ୍କାର କରୁଛନ୍ତି—କୃପାଳନୀ

...ଗୁଣ ଶହେଜ ଘୁଞ୍ଚିଅ

× × ×

ବ୍ରିଟିଶ ଶାସନ ତଳେ ଯେଉଁ ଦୀର୍ଘସୂତ୍ରତା, ଦାସବୃତ୍ତି ଲାଳସା, ଦୁଷ୍ଟବିଭ୍ରତା, ମୁନାଫାଖୋର ଓ ଚୋରା ବଜାର ରହିଥିଲା ତାହା ଆଜି ଉଦ୍ଦାମ ପ୍ରବଳ ।—କୃପାଳାନୀ

...ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ?

\+ × +

ସରକାରୀ ଚାକରମାନେ ତାଙ୍କ ମତି ଗତି ବଦଳାଇ ନାହାନ୍ତି ବୋଲି ସନ୍ଦେହ ହେଉଛି କୃପାଳାନୀ

...ସତୀତ୍ୱ ରକ୍ଷା କରିଛନ୍ତି

× × ×

ଉତ୍ପାଦନ ଓ ବିତରଣକୁ ଆୟତ୍ତ ତଥା ପରିଚାଳନା କରିବାପାଇଁ ଆମର କଣ ଦକ୍ଷ ଓ ସାଧୁ କର୍ମଚାରୀ ଅଛନ୍ତି ?—କୃପାଳନୀ

...ଉତ୍ପାଦନ କରିବାକୁ ଦକ୍ଷ ଲୋକ ଅଛନ୍ତି

\+ × +

ଯେଉଁ ପୁଲିସ ଓ ଗୁଣ୍ଡା ମାନେ କୁକୁର ଭଳି ଆମ ପଛରେ ସେଦିନ (ବ୍ରିଟିଶ ସହ ସଂଗ୍ରାମ ବେଳେ) ଗୋଡ଼େଇଥିଲେ ଆଜି ଚୋରାବଜାର ଓ ମୁନାଫାଖୋରଙ୍କୁ ଅଦାଲତରେ ହାଜର ନକର ସେମାନେ ଗଲେ କୁଆଡ଼େ ?

...ମହାଦେବ ଗରଳ ପିଇଲା ପରି ସେମାନେ ତାକୁ ଲୋପ କରିବା ଚେଷ୍ଟାରେ ଅଛନ୍ତି ।

\+ + +

Digitized by srujanika@gmail.com

# ବିଶ୍ୱ ପ୍ରେମିକ

ମନ୍ତ୍ରୀ ଅଜ ମୁଁ ଦେଶ ପ୍ରେମ ମୋ ଧର୍ମ
ଅଣି ଅନେକ ଖାଲି କର୍ମ, କର୍ମ, କର୍ମ,

ଛୁଟିନେଇ ଓଡ଼ିଆ    ପାଠ ପଢ଼ ନାହିଁ
ଚେଷ୍ଟାଥାଅ ଭଲ ପଢ଼ିଅ,
ଚଷିନେଲେ ଖାଲି    ବସିଲ ଭୂଇଁରେ
ଧାନ ହେବ ବଡ଼ ବଢ଼ିଆ ।

ନ ଆସୁ ଓଡ଼ିଆ    ଯାଉ ସିଂହଭୂମ୍
କଟକ ବା ମିଶୁ ବଙ୍ଗେ,
ଭୁବନେଶ୍ୱରକୁ    ରାଜଧାନୀ କରି
ଯୁଝିବି ମୁଁ ତାଙ୍କ ସଙ୍ଗେ ।

ପ୍ଲାନ୍ କରୁଛୁ ବସି
କି କରି ପାରେ ମୁଁ    ମନ୍ତ୍ରୀ ହୋଇ ରେ
ଦେଖୁଥାଅ ହସି ହସି । ୧

ଓଡ଼ିଶାରେ ମୋତେ ଜଣାନାହିଁ କେଉଁ ଥାନ,
ସମସ୍ତଙ୍କ ଦୁଃଖ ଶୁଣିଛନ୍ତି ଏଇ କାନ ।

ମୁହିଁ ପରା ଦିନେ    ଭମ ପର ହୋଇ
ଅଣ୍ଟେ କାଦୁଅରେ ବୁଲି
ମନ୍ତ୍ରୀହେବା ପାଇଁ    ଦ୍ରୁମଟାକୁ ଯାଇ
ଧରିଥିଲି ଭୋଟ ଝୁଲି,

ଭିକ ମାଗି ମାଗି    ବୁଲୁଥିଲି ଦେଶେ
ତୁମ ପାଇଁ ପରା ନିତ
ହଡକଣ୍ଠ ଅଜ    ଅସିଛା ତୁଣ୍ଡରେ
ଦିନ ମୋ ଯାଉଛି ବିତ ।

ସବୁ ସହୁଛି ମୁଁ    ଜୀବନରେ ଏହି
ମନ୍ତ୍ରୀ ପଦଟି ପାଇଁ,
ଲୁହରେ ଓଡ଼ିଆ    ଏ ସମୟେ ଅଜ
ପାଟି ତୁଣ୍ଡ କର ନାଇ ।

ଓଡ଼ିଶାର ଯେତେ    କରୁଣ କାହାଣୀ
ସବୁ ଅଛି ମୋତେ ଜଣା,
ତୁମେ କାହିଁପାଇଁ    ଅପଥାରେ ତହିଁ
ହେଉଅଛ ବାଟ ବଣା ।

[ମୁଁ ତ] ପ୍ଲାନ୍ କରୁଛି କଲି,
କି କରି ପାରେ ମୁଁ    ମନ୍ତ୍ରୀ ହୋଇ ରେ
ଦେଖୁଥାଅ ଅ: ମଲା ।

ଜଣା ଅଧିକେ ମୁଁ ଓଡ଼ିଶାରେ ପରଚଳ
ବାଦେଶ ପାଇଁକି ବଢୁଛି ଏଣିକି ଚିନ୍ତା ।

ଏଇଥି ପାଇଁ ମୁଁ    ଗାନ୍ଧୀ ବୁଢ଼ା ପାଖେ
ଥରେ ଦୁହେଁ ଅନେକ ନୁହେଁ,
କେତେଥର ଯାଇ    ମନ୍ତ୍ର ଶିଖାଇଛୁ,
ବାକିଛନ୍ତି ଅନ୍ତ ଦୁହେଁ ।

ନେହରୁ ପଟେଲ    ଭଲକି ଜାଣନ୍ତି
ଅହମଦାବାଦ ଦେଖା,
ନିଜଗୁଣ ଗାଇ    ଶହେ କି ହଜାରେ
ଦେଲିଣି ମୁଁ ଖାଲି ଲେଖା ।

ଏବେ ଦୁଇ ଜଣ    ସାହା ହେବେ ଯଦି
ଘୁରିଏ ଓଡ଼ିଶା ମାଟି,
ଦିଲ୍ଲୀରେ ଯାଇ    ସଭିଙ୍କ ମୁଣ୍ଡରେ
ବେଭନ ଦେବ କାଟି ।

ଭିଛି ଅଶା ଏ    ଅଛି ମୋ ହୃଦୟେ
ଜାଗନା ଓଡ଼ିଆ ପୁଅ,
ଦିଲ୍ଲୀ ଗଲେ ମୁଁ    ସବୁ କରି ଦେବି
ଅନ୍ନ ଦାନା କେତେ ଲୁହ ।

ଓଡ଼ିଆ ଓଡ଼ିଆ    ଦୂର ପଳାଇଛ
ତାଙ୍କୁ କି ଓଡ଼ିଆ ପୁଏ,
ଚୌହାନ କୁଳରେ    ଜନମ ମୋହର
ମୁଁ — ତ ଓଡ଼ିଆ ନୁହେଁ ।

ମୁଁ ପ୍ଲାନ୍ କରୁଛି ବଳେ
ସବୁରି କବରେ    ସବୁରି ଗଛରେ
ଏକା ଦିଜା ମେଓ୍ୱା ଫଳେ ।

ଶ୍ରୀ ହରେକୃଷ୍ଣ ଦେ

Digitized by srujanika@gmail.com



### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଉନ୍ନତିର ପଥରେ ଚଳାଇବା! ଦେହମନର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା । ୨ । 'ଡଗର'ର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରମାନଙ୍କ ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ କମ୍ ବୟସ ବାଳକ ବାଳିକା ମାନଙ୍କ ପାଇଁ)

## ସହିଦ ଜୀବନୀ ୬

### ଶ୍ରୀମତୀ ପରିବେଓ୍ୱା

ଆଜି ଆମ ଭାରତ ସ୍ୱାଧୀନ ହୋଇଛି । ଆଜି ଆମ ଭାରତ ଜନନୀ ଇଂରେଜର ଶାସନାଧୀନ ଶୋଷଣରୁ ମୁକ୍ତ ହୋଇଛି, କେତେ ବନ୍ଧୁକ ମୁନର ଭୁଷା ସହିବା ହୋଇଛି, ରୁଦ୍ଧକାରାଗାରର ଭୋଗ ହୋଇଛି ଓ ଆତ୍ମବଳୀ ଦିଆହୋଇଛି ତାହା ଅକଥନୀୟ । ଏହି ସ୍ୱାଧୀନତା ହାସଲ କରିବା ପାଇଁ କେତେ ଯେ ବନ୍ଧୁକ ଗୁଳିର ଆଘାତରେ ପ୍ରାଣ ହରାଇଛନ୍ତି ଲୋକେ ତାହା କଥାରେ କହିହେବ ନାହିଁ । ୧୯୪୨ ମସିହାରେ ଇରମରେ ଗୁଳିକାଣ୍ଡ ହୋଇଥିଲା । ସ୍ତ୍ରୀ, ବାଳକ ପୁରୁଷ ମିଶି ୨୮ ଜଣ ମରିଥିଲେ । ତାହା ଅନେକ ହୁଏତ ପ୍ରାୟ ସମସ୍ତଙ୍କୁ ଜଣା । ସେହି ଗୁଳିକାଣ୍ଡରେ କେତେ ବାଳକ କେତେ ଯୁବକ ଯେ ଦେଶପାଇଁ ପ୍ରାଣ ଦେଇଛନ୍ତି ତାହା ସମସ୍ତଙ୍କୁ ଜଣା । ସେହି ଗୁଳିକାଣ୍ଡରେ ଜଣେ ସ୍ତ୍ରୀ ଦେଶପାଇଁ ପ୍ରାଣଦେଇ ଭାରତର ସ୍ତ୍ରୀ ଜାତିକୁ ଆଦର୍ଶ ଦେଖାଇ ଦେଇଛନ୍ତି । ଉକ୍ତ ସ୍ତ୍ରୀଙ୍କର ପ୍ରକୃତି କିପରି ଥିଲା ସେ କିପରି ପ୍ରାଣ ଦେଇଥିଲେ ତାଙ୍କ ବିଷୟ ନିମ୍ନରେ କେତେକାଂଶ ପ୍ରଦତ୍ତ ହେଲା ।

ଉକ୍ତ ସ୍ତ୍ରୀଙ୍କର ନାମ ପରିବେଓ୍ୱା । ଜାତିରେ ତେଲି । ଏହାଙ୍କର ଯେତେବେଳେ ୩୫ବର୍ଷ ସେତେବେଳେ ଏହାଙ୍କର ସ୍ୱାମୀ ଶ୍ରୀସୁଧାକର ସାହୁ ମରି ପଡ଼ିଥିଲେ । ତାଙ୍କର ଅତେକୌ ପୁଅ ନ ଥିଲେ । ଗୋଟିଏମାତ୍ର ଝିଅଥିଲା । ସୁଧାକର ସାହୁ ମରିଗଲା ପରେ ପରିବେଓ୍ୱା ଝିଅଟିକୁ ପାଳିଛନ୍ତି । ନିଜର ଘରକୋଣିଆ ରଖିଥିଲେ । ଏହାଙ୍କର ଆର୍ଥିକ ଅବସ୍ଥା ବଡ଼ ଶୋଚନୀୟ ଥିଲା । ସେ ତାଙ୍କର ନିଜ ବ୍ୟବସାୟ ଅର୍ଥାତ ମିଷ୍ଟାନ୍ନ ବେପାର କରି କାଳାତିପାତ କରୁଥିଲେ । ତାଙ୍କର ପ୍ରକୃତି ଖୁବ୍ ଧୀର ସ୍ଥିର ଥିଲା ଯାହାଦ୍ୱାରା କି ସେ ସମସ୍ତଙ୍କ ସହିତ ମିଳାମିଶି ଚଳି ପାରୁଥିଲେ । ତାଙ୍କର ଅଦ୍ଭୁତ ଓ ଅସ୍ଥିର ବ୍ୟବହାର ଦେଖିଲେ ଜଣା ପଡ଼ୁଥିଲା ସେ ଜଣେ ଯେପରି ସମ୍ଭ୍ରାନ୍ତ ବଂଶୀୟ ଲୋକ । ସାମାନ୍ୟ ଶିକ୍ଷା ମଧ୍ୟ ତାଙ୍କର ଥିଲା । ତାଙ୍କର ଅଗାଧ ଦେଶ ପ୍ରେମଥିଲା । ସେ ନିକଟସ୍ଥ ସଭା ସମିତିରେ ସମସ୍ତ ସମୟରେ ଯୋଗ ଦିଅନ୍ତି । ସଭାରେ ଯେଉଁ ଆଦେଶ ହୁଏ ତାହା ସେ ପ୍ରାଣ ପଣେ ପାଳନ କରନ୍ତି । ସଭା ସମିତିରେ ଯେଉଁ ଆଦେଶ ଦିଆ ହୋଇଥାଏ ସେ ଗାଁର ସ୍ତ୍ରୀ ମାନଙ୍କୁ ତାହା ବୁଝାନ୍ତି । ସେ ସଦା ସର୍ବଦା ସମୟ ପାଇଲେ ଅରଟ ସାହାଯ୍ୟରେ ସୂତା କାଟି ଖଦଡ଼ ବ୍ୟବହାର କରନ୍ତି । ସେ ସ୍ତ୍ରୀ ଏପରି ଲୋକ ଥିଲେ ଯେ ଯଦି କେଉଁଠି ସଭା ସମିତି ହେଉଛି ବୋଲି ଶୁଣନ୍ତି ସେଠିକି କାମ ଥାଉନା କାହିଁକି ତାକୁ ଛାଡ଼ି ସେ ସଭା ସମିତିରେ ଯୋଗ ଦେବା ପାଇଁ ଦୌଡ଼ି ଯାଆନ୍ତି । ତାଙ୍କର ଏହି ଉତ୍ତମ ପ୍ରକୃତି ଦେଖି ସାରା ଇରମ ସ୍ତ୍ରୀମାନେ ତାଙ୍କୁ ସ୍ତ୍ରୀ ଜାତିର ଆଦର୍ଶ ବୋଲି ମନେକରୁଥିଲେ ।

୧୯୪୨ ମସିହା ଅଗଷ୍ଟ ଆନ୍ଦୋଳନ ସମୟରେ ସେହି ମସିହା ସେପ୍ଟେମ୍ବର ମାସରେ ଇରମରେ ହୋଇଥିବା ସମାଗମ ସ୍ଥଳକୁ ସେ ଦେଶର କେତେକ କଥା ଜାଣିବା ଅଭିଳାଷରେ ଯାଇଥିଲେ । ସେହି ଦିନ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବ୍ରିଟିଶ ପୋଲିଶର ଅଧ୍ୟକ୍ଷ ଡଃ ଏସ୍ ଃ ପି କୁଞ୍ଜବିହାରୀ ମହାନ୍ତି ବନ୍ଧୁକ ଧାରୀ ପୋଲିସଙ୍କ ସହ ଉକ୍ତ ଜନତାର ସମାଗମ ସ୍ଥଳରେ ଉପସ୍ଥିତ ହେଲେ । ଡଃ ଏସ୍ ଃ ପି କୁଞ୍ଜବିହାରୀ ମହାନ୍ତି ଆସି ଜନତାପରେ ଗୁଳି ଚଳାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଲେ । ତାଙ୍କର ଆଦେଶାନୁସାରେ ପୋଲିସ ମାନେ ଅତର୍କିତ ଭାବରେ ଜନତା ଉପରେ ଗୁଳି ଚଳାଇଲେ । ପୋଲିସ ଗୁଳି ଚଳାଇବା ଯୋଗୁ ଉକ୍ତ ସ୍ତ୍ରୀ ପରିବେଓ୍ୱା ନିକଟସ୍ଥ ଜଣେ ଲୋକର ପିଣ୍ଡାକୁ ଉଠିଗଲେ ଓ ସେଠାରେ ବସି କାନ୍ଦିବାକୁ ଲାଗିଲେ । ସେ କାନ୍ଦୁଥିବା ବେଳେ ଗୋଟିଏ ଗୁଳି ଯାଇ ତାଙ୍କର ଛାତିରେ ବାଜିଲା । ଗୁଳିର ଆଘାତରେ ସେହିଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲେ । ସେ ମରିଲା ବେଳକୁ ତାଙ୍କର ବୟସ ହୋଇଥାଏ ୬୭ ।

ସେ ମରି ନାହାନ୍ତି— ଆଜି ଲୋକ ମୁଖରେ ଅମର । ସେ ଦେଶପାଇଁ ପ୍ରାଣ ଦେଇ ଜଗତର ସ୍ତ୍ରୀ ଜାତିକୁ ନୂତନ ଆଦର୍ଶ ଦେଖାଇ ଯାଇଛନ୍ତି ।

**ଶ୍ରୀ ଜଗନ୍ନାଥ ଦାସ**

### ଅଜାଙ୍କ ଉତ୍ତର

ଭବାନୀ (୪୮)—ଡଗରକୁ ଇଂରାଜୀରେ DAGARA ଲେଖିଲେ କେହି କେହି ଡଗର ବୋଲି ପଢ଼ିବାରୁ Dagaro ଲେଖାଗଲା । 'o' ବେଶି ଭଲ ଅ ହୁଏ ।

ସତ୍ୟ (୮୫୯)—ଗ୍ରାମ ସେବା ଓ ସୂତା କଟା ଅଧିକ କାର୍ଯ୍ୟ କର ଧୀରେ ଧୀରେ ଦିଆଯିବ । ତମେ ଭଲ ପ୍ରସ୍ତାବ ଦେଇଛ । ସେ ମଧ୍ୟ ମୋ ମନରେ ଅଛି ।

ଅଜା ଅଦୃଶ୍ୟ—ଭଗବାନଙ୍କ ଭଳି—ତାଙ୍କୁ ଦେଖି ପାରିବ ନାହିଁ ।

Digitized by srujanika@gmail.com

ଧରଣୀ (୮୮୮) ବର୍ତ୍ତମାନ ଯୁଗ ର ଛାତ୍ରମାନଙ୍କର ପ୍ରଧାନ କର୍ତ୍ତବ୍ୟ ସତ କହିବାର ସାହାସ କରିବା ।

ଉପେନ୍ଦ୍ର (୭୬୧) ଉପର ମନ୍ତ୍ରୀମଣ୍ଡଳ ସମ୍ପର୍କ ଗଠନ, କିମ୍ବା ଭାରତ ଛାତ୍ର ସଂଘ ଗଠନ କଥା ଶୁଣି ତୁମକୁ ଗୋଟିଏ ଅଭିନନ୍ଦନ ଜଣାଉଛି । ଯେଉଁ ଶାସନ, ବଡ ଲୋକ ଗୁଣ୍ଡା ତୁମକୁ ବାଧା ଦେଉଛନ୍ତି ତାକୁ ଭ୍ରୂକ୍ଷେପ ନ କରି, ସ୍ୱତନ୍ତ୍ର ନିର୍ଭୀକ କାମ କରିଯାଅ । ଯୁବକ ସଂଘର ନୈତିକ ଦୃଢତା ଅର୍ଣ୍ଣବା ପାଇଁ ବାଧ୍ୟତାମୂଳକ ସ୍ୱତା କଥା ଆରମ୍ଭ କର । ନାଗ ଶ୍ରୁକର ଯେଉଁ ସାଧନା— ସତ୍ୟ ସେବା ଓ ସାହସ ତାହା ପ୍ରତ୍ୟେକ ପାଳନ କରିବାକୁ ଚେଷ୍ଟାକର । ଯିଏ ସତ୍ୟ ପାଇଁ ଲଢ଼େ ବର୍ତ୍ତମାନ ସ୍ୱାଧୀନ ଭାରତରେ ସେଇ ସର୍ବଶ୍ରେଷ୍ଠ ବୀର

ଅନଳ—ତମେ ଗୋଟିଏ ପ୍ରବନ୍ଧ ପ୍ରତି ଯୋଗିତା ପୁରସ୍କାର ଏକାଂଙ୍କା ଦେବାକୁ ମୋ ଉପରେ ଶେଷ ନିର୍ବାଚନ ଭାର ଦେଇଛ । ଅଛା ମୁଁ ଏଥର ନାଗମାନଙ୍କୁ କହୁଛି ସେମାନେ 'ସତ୍ୟ' ଉପରେ ପ୍ରବନ୍ଧ ଲେଖି ଅସନ୍ତା ୨୨।୧୨।୪୭ ଭିତରେ ପଠାନ୍ତୁ । ପ୍ରବନ୍ଧ ୧୫ ଧାଡ଼ି ଭିତରେ ହେବ । ଯାହାର ସବୁଠାରୁ ଭଲ ହେବ ତାହା ଲେଖା 'ଡଗର'ରେ ପ୍ରକାଶ ପାଇବ ।

—*—

## ପାଠାଗାର ଆନ୍ଦୋଳନ

୬୩ ବଙ୍କାବ୍ରଦର୍ଶ ଲାଇବ୍ରେରୀ, ଅର୍ଜୁନ-ଗଡା, ପୋ: ସିନ୍ଧୁହାଟ ବାଲେଶ୍ୱର । ସ୍ଥାପନା ୧୯୪୭—ଯଦୁବର କମ୍ପଟି ଦ୍ୱାରା ପରିଚାଳିତ —ସଭ୍ୟସଂଖ୍ୟା ୧୦—ସମ୍ପାଦକ ଚନ୍ଦ୍ରଧର ଦାସ । ପରିଚାଳକ—ମାୟାଧର ବେହେରା । 'ମାତୃଭୂମି' ଓ 'ଡଗର' ଆସେ

୬୪ ପଲ୍ଲୀମଙ୍ଗଳ ପାଠାଗାର, ଶ୍ରୀଜଙ୍ଗା, ପୋ: ବେଠାର ବାଲେଶ୍ୱର । ସ୍ଥାପନା ୧୯୪୪— ସରକାରୀ—ଗ୍ରାମ୍ୟ ସମିତି । ସଭ୍ୟ ସଂଖ୍ୟା ୨୦ । ସଂପାଦକ ବ୍ରହ୍ମାନନ୍ଦ ପଣ୍ଡା । ପୁସ୍ତକ ସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ । ସମାଜ, ଡଗର, ଝଙ୍କାର ଆସେ । କୃଷ୍ଣଚରଣ (୮୯୮)

୬୫ ଜଗବନ୍ଧୁ ପାଠାଗାର, ଗୋପାଳଜୀ-ରୋଡ, କେନ୍ଦୁଝର ଗଡ । ପ୍ରତିଷ୍ଠା ୧୯୪୭ ଗାନ୍ଧୀ ଜୟନ୍ତୀ । ୯ ଜଗବନ୍ଧୁ ନାଗରିକ ସ୍ମୃତିରେ ପ୍ରତିଷ୍ଠିତ । ସଭାପତି— ଶ୍ରୀସୁଦର୍ଶନ ଦାସ । ପୁସ୍ତକ ସଂଖ୍ୟା ୧୦୦ରୁ ଊର୍ଦ୍ଧ୍ୱ ।

୬୬-ଗୋପାଳ ଗାନ୍ଧୀ ପାଠାଗାର— କେନ୍ଦୁଝର ଗଡ— ପ୍ରତିଷ୍ଠା— ୧୯୪୪ । ଶିବ ନାରାୟଣ ପୁରରେ ତରୁଣ ସ୍ୱତକଙ୍କ ଦ୍ୱାରା ପ୍ରତିଷ୍ଠିତ । ସମ୍ପାଦକ ଶ୍ରୀ କରୁଣାକର ସାହୁ ସଭ୍ୟ ସଂଖ୍ୟା ୨୦୦ । ପୁସ୍ତକ ସଂଖ୍ୟା ୫୦୦ । ସମାଜ, ପ୍ରଜାତନ୍ତ୍ର, 'ଡଗର' ଓ ମାତୃଭୂମି ଆସେ । 'ଗ୍ରାମବେଣୁ' ତ୍ରିମାସିକ ପତ୍ରିକା ବାହାରେ । (ରମେଶଚନ୍ଦ୍ର)

୬୭ ସ୍ୱର୍ଣ୍ଣପଦ୍ମ ପାଠାଗାର—କେନ୍ଦୁଝର ଗଡ—ପ୍ରତିଷ୍ଠା ୧୯୦୧ । ସ୍ଥାନୀୟ ହାଇ ଇଂରାଜୀ ବିଦ୍ୟାଳୟ ଛାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ । ସଂପାଦକ ଶ୍ରୀ ବୈକୁଣ୍ଠ ନାଥ ମିଶ୍ର । ସଭ୍ୟ ସଂଖ୍ୟା ୧୦୦ । ସମାଜ, ପ୍ରଜାତନ୍ତ୍ର, ମାତୃଭୂମି, ଡଗର, ଶିଶୁ ଜଗତ, ନବଯୁଗ, ନବଭାରତ, 'ଝଙ୍କାର' ଭୈରବ, ପ୍ରଭାତ ଓ ଅମୃତ ବଜାର ଆସେ । 'ଯୁଗଧର୍ମ' ନାମରେ ମାସିକ ବାହାରେ ।

୬୮ ସନ୍ତୋଷ ଚାନ୍ଦ ପାଠାଗାର, କେନ୍ଦୁଝର ଗଡ—ପ୍ରତିଷ୍ଠା ୧୯୧୭ ସଭାପତି ଶ୍ରୀ ସଚ୍ଚିଦାନନ୍ଦ ଦାସ । ସଂପାଦକ ଶ୍ରୀ ରମେଶ ଚନ୍ଦ୍ର ଚକ୍ରବର୍ତ୍ତୀ (ମୋଟ) ସଭ୍ୟ ସଂଖ୍ୟା ୧୦ । ପୁସ୍ତକ ସଂଖ୍ୟା ୨୦୦ ।

୬୯ ତରୁଣ ପାଠାଗାର । ଇନ୍ଦ୍ରବନ୍ଧ । କେନ୍ଦୁଝର ଗଡ । ସ୍ଥାପନା ୧୯୪୬ । ସଭ୍ୟ ସଂଖ୍ୟା ୧୫ । ସଭାପତି ଶ୍ରୀ ବ୍ରଜକିଶୋର ମହାନ୍ତି । ପୁସ୍ତକ ସଂଖ୍ୟା ୧୫୦ (ରମେଶ)

୭୦ ବିଧୁ ମୋହନ ଲାଇବ୍ରେରୀ— ସାନ ମୁଣ୍ଡଲି (କଟକ) ପ୍ରତିଷ୍ଠାତା— କୁମାର ପ୍ରଫୁଲ୍ଲ ଚ: ରାୟ । ସଂପାଦକ— ସର୍ବ ଶ୍ରୀ ରଜନୀକାନ୍ତ ରାୟ ଓ ଶରତ କୁମାର ବଳ । ବହି ସଂଖ୍ୟା ୪୫୦ । ସମାଜ, ନାୟକ, ଶିଶୁ ଜଗତ, ଶଙ୍ଖ, ଚତୁରଙ୍ଗ ନବଭାରତ India—ପ୍ରଭୃତି ଆସେ

୬୧ ଓଡ଼ିଶା ନାଟ୍ୟ ସଂଘ ପାଠାଗାର ଡି: ସୁଧାଂଶୁ ଗୁରୁ । ପ୍ରତିଷ୍ଠା ୧୯୪୭ । ସଭ୍ୟ ସଂଖ୍ୟା ୧୫ । (ପରଶୁରାମ ୪୧୪)

ସ୍ୱାଧୀନ ଭାରତର ନୂଆ ଡାକଟିକଟ ।




୨୦।୧୧।୪୭ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତ ହୋଇ ଏହା ୧୫।୧୨।୪୭ ଠାରୁ ପ୍ରଚଳିତ ହେବ ।

### ଅବସର ବିନୋଦନ ୨

ତିନୋଟି ଅକ୍ଷରେ ନାମଟି ତାହାର
ଉପବନେ ପାଏ ଶୋଭା
ଅତି ସୁଗନ୍ଧରେ ଜନ ମନ ରଞ୍ଜେ
ପଣ୍ଡିଥାଏ ସ୍ତିରୀ ଗଭା
ପ୍ରଥମ ଦ୍ୱିତୀୟ ଅକ୍ଷର ମିଶିଲେ
ସବୁ ଦେବ ସେଇ ଖାଇ
ପୋଥି ପୁରାଣରେ ଶୁଣୁ ତାହାର
ଗୁଣ ଦୋଷ କିଛି ନାହିଁ ।
ଦ୍ୱିତୀୟ ତୃତୀୟ ଅକ୍ଷର ମିଳନେ
ମିଳନକୁ ସେଇ ସାଥି
ଅନଙ୍କୁ ଉତ୍ତର ଦିଅ ଅହେ ଭାଇ
ହୋଇଥିଲେ ନ ଗଣାତି ।
ଉତ୍ତର ତା ୨୨.୧୨ ଦ୍ୱାରା ପହଞ୍ଚିବା ଦରକାର

ସ୍ୱାଧୀନ ଭାରତର ନୂଆ ଡାକ ଟିକଟ ।



୨୦।୧୧।୪୭ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତ ହୋଇ ଏହା ୧୫।୧୨।୪୭ ଠାରୁ ପ୍ରଚଳିତ ହେବ ।

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ଡାକ ଟ ୬ ୧ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୪ ଅଗ୍ରୀମ ଦେବାକୁ ପଡ଼େ ।

୩ । ଟଙ୍କା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
ପୋ। ଭଦ୍ରକ (B. N.Ry.)

---


## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ଭାରତର ସର୍ବଶ୍ରେଷ୍ଠ ଚିକିତ୍ସାଳୟ । ସ୍ୱାଭାବିକ ବା ଗଳିତ କୁଷ୍ଠ ଏକ୍‌ଜିମା, ସୋରିଆସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅମୋଘ ସେବନୀୟ ଓ ଲାଗିବା ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା

ଶାଖା—୩୬ ନଂ ହ୍ୟାରିସନ ରୋଡ୍, କଲିକତା

ନୂତନ ଶୈଳୀ ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

## ଦୃଷ୍ଟିକୋଣ

କାହାଣୀ

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
ଶ୍ରୀ ଦେବ ମହାପାତ୍ର

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଆଶ୍ଳେଷ ଓ ତରୁଣ କବି ଗଡ଼ନାୟକଙ୍କ ପ୍ରଶସ୍ତି ସହ ମୂ ୧୦ ମାତ୍ର

ଛପା ଓ ବନ୍ଧାଇର ଅପେକ୍ଷାରେ

ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ଼
ବାଲୁବଜାର କଟକ


Printed & Published by G. C. Mahapatra at the Gopinathpress, Bhadrak 1947.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>[illegible] ୧୩୫୫ ସାଲ | ୧୮ଶ ସଂଖ୍ୟା |
|---|---|---|

—ସୂଚି—

ମଜା କଥାରେ

ଗଡାକଣ୍ଠ

କାହାଣୀରେ

ଧାରାବାହିକ ଉପନ୍ୟାସ

'ଭଣାମାମୁଁ'

ମଜା କବିତାରେ

ପରୀକ୍ଷା ପ୍ରେୟସୀ

ଜୀରେ ଜାରେ

ଖଲୁଅ ବସ୍ତୁର ପ୍ରଭାବ ।

"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, Dec. 15. 1947. | No. 18. |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୨ ୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୴ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
ପୋ: ଭଦ୍ରକ (B. N. Ry.)


## ହାୱଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ବାତରକ୍ତ ସ୍ପର୍ଶ ଶୂନ୍ୟତା ସର୍ବାଙ୍ଗିକ ବା ଆଂଶିକ ଫୁଲା ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଆରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଦେହରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ବିଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାୱଡ଼ା
ଶାଖା—୪୨ ନଂ ହାରିସନ ରୋଡ଼, କଲିକତା



ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

# ଦୃଷ୍ଟିକୋଣ

ବାହାରିଲା

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ଶ୍ରୀଯୁକ୍ତ ହରେକୃଷ୍ଣ ବଡାଳଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଶ୍ଳେଷପୂର୍ଣ୍ଣ ତରୁଣ କବି ଗଡ଼ନାୟକଙ୍କର ପ୍ରଶସ୍ତି ସହ ମୂ ୧ ୦ ୴ ମାତ୍ର

ଛପା ଓ ବନ୍ଧାଇର ବିଶେଷତ୍ୱ
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ ।



ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନଦାସ


Digitized by srujanika@gmail.com




# ବିଲୁଆ ବିଚାର

୧୧ଶ ବର୍ଷ— ସୋମବାର—୧୪ ( ମାର୍ଗଶୀର ) ତା ୩୦ ନ ୧୯୫୩ ୧୮ଶ ସଂଖ୍ୟା

ପ୍ରଜାତନ୍ତ୍ରରେ ମାନ୍ୟବର ମହତାବଙ୍କ ବକ୍ତୃତାରେ ଗପ୍‌ଟିଏ ଅଛି ବାହାରିଛି । ସେଥିରେ ମହତାବଙ୍କ କହନ୍ତି ଯେ ସରକାର ନେତା ପଣ୍ଡିତ ବାବୁଙ୍କ ସାଙ୍ଗରେ ସରକାର ସମ୍ପର୍କରେ କଥାଭାଷା ହେଉଁ ହେଉଁ ସେ ଗପ ଭିତରେ ପଣ୍ଡିତ ବାବୁଙ୍କୁ କେତେକ କଡ଼ା କଥା ଶୁଣାଇ ଦେଲେ ଓ ଧମକ ମଧ ଦେଲେ । ମହତାବଙ୍କ ମାନନ୍ତି ଯେ ସେପରି କରିବାଟା ତାଙ୍କ ପକ୍ଷରେ ଭୁଲ ହୋଇଛି ।

ଅସାବଧାନରେ ଭୁଲ ଯଦି ହୋଇଥିଲା ତ ହୋଇଥିଲା ଏପରି ଭୁଲ ବାହାର ବା ନୁହେଁ । କିନ୍ତୁ ମହତାବଙ୍କ ଏ କଥାଟା ଠିକ ତାହାରୁ ବଡ଼ ଧରଣ ଭୁଲଟା ଯେ କଲେ ଏହା ତାଙ୍କ ଭଳି ଲୋକଙ୍କ ପକ୍ଷରେ ଅସଙ୍ଗତ । Himalayan Blunder ସ୍ୱୀକାର କରିବା ସାହସଙ୍କୁ ଶୋଭା ପାଇ ପାରେ ଏହା—ମାତ୍ର ଜଣେ ପ୍ରଧାନ ମନ୍ତ୍ରୀଙ୍କ ପକ୍ଷରେ ଏହା ଅଜ୍ଞାତ ବା ଦୁର୍ଜ୍ଞେୟ ବୋଲି ଧରିବା ଅନ୍ୟାୟ ହେବନାହିଁ କେବଳ ।

କଥାରେ ଅଛି 'To err is human' ଅର୍ଥାତ୍ 'ଭୁଲ କରିବା ମାନବର ସ୍ୱଭାବ' । ତାହା ହେଲେ ମହତାବଙ୍କ ଯେ ଭୁଲଟା କଲେ ତାହା କ୍ଷମାର ଅଯୋଗ୍ୟ । କାରଣ ମହତାବଙ୍କ ତ human (ମାନବ) ନୁହନ୍ତି—ସେ ହେଲେ Superman (ଅତି ମାନବ) —ମହାମାନବ ମହତାବ !

× + +

ଏହି ଦୃଷ୍ଟାନ୍ତ ପଢ଼ିବାରେ ପଢ଼ୁଆଙ୍କ ହାସ୍ୟ, ଅନ୍ତତଃ କୋଟିଏ ପ୍ରଶ୍ନ ମହତାବଙ୍କ ପୂର୍ବ ଭଲ ଭାବରେ କରି ପାରିବେ । ସେ ଏପରି ଭୁଲ ତାଙ୍କ ଜୀବନରେ କେବେ କରନ୍ତି ନାହିଁ । କିମ୍ବା ଅନ୍ୟାୟପଥରେ ସେ ପଶନ୍ତି ନାହିଁ । କୋଟିଏ ଅନ୍ୟାୟ ବିଚାର ହୋଇଗଲା । ସଙ୍ଗେ ସଙ୍ଗେ ସେ ତାହା ପାଞ୍ଚ ବର୍ଷରେ ପଚାରି ଦେଲେ । ଏଣିକି ହେ ଓଡ଼ିଶା ବାସୀ— ଶ୍ରୀ ମହତାବ ଯାହା କରନ୍ତି ତା' ଠିକ୍ । ସଂଶୟଙ୍କ ପଣ୍ଡିତଙ୍କୁ ସନ୍ଦେହ କରାଯାଇ ନପାରେ ।

× × ×

ପଣ୍ଡିତ ବାବୁଙ୍କୁ ଏ ଧମକ ଦେବାରେ ମହତାବଙ୍କ ଭୁଲ କରନ୍ତୁ ବା ନକରନ୍ତୁ ତାଙ୍କ ମନୋବୃତ୍ତିଟା କିନ୍ତୁ ବଡ଼ ଅବହେଳାଜନକ ଦିଶି ପଡ଼ିଲା । ମୁଦ୍ଦତ ସୁସ୍ଥ ମହତାବଙ୍କ ଉପରେ କଣ ଅଛି ତାହା କେବେ ଜାଣିଲେ । ମୁତରାଂ ଓଡ଼ିଶାରେ ନାମ ସରକାର ଯେ ଅଛିରେ ସହାନୁଭୂତି ଏ ସମ୍ବନ୍ଧ ଅନୁଭବ କରିବା ଉଚିତ ନୁହେଁ । ଅତ ପଣ୍ଡିତଙ୍କୁ ଧମକ ଦେଇ କାହିଁକି ଅପରାଧଙ୍କ ଉପରେ ସମସ୍ତ ପଡ଼ିବ ଏ ଜାଣି । କିନ୍ତୁ ମାନେ ମନ୍ତ୍ରୀଙ୍କ ଧମକ ବାରମ୍ବାର ନ ହୋଇ କେବଳ ଚମକଦାର ଗପର ଶୁଣିବା ପାଇଁ ରହିବେ ।

+ + +

ସରକାର ସ୍ୱଭାବ ଓଡ଼ିଶାରେ ମିଳିବ ନାହିଁ ଏବେ ସ୍ୱରୂପରେ ଭୀଷଣ ସୃଷ୍ଟି । ସମସ୍ତେ ମିଶିବା ମିଶିବା ଲାଗିଛନ୍ତି । ଏଏ ବା—'କେହୁ' କହ ମୁଣ୍ଡ ହଲଉଛନ୍ତି । ଯାହାଁ ଯେତିକି ସ୍ୱରୂପ । ତାଙ୍କର ଉଚ୍ଚ ଓ ସ୍ୱରୂପ । ସମ୍ପାଦକଙ୍କ ଅପମାନରେ ସମସ୍ତେ ସ୍ୱହୃଷ୍ଟ । ହାଇଦ୍ରାବାଦ ଭଳି କୋଟିଏ କାମରଲା ବନ୍ଦୋବସ୍ତ ହେବ ବୋଲି ମନେ ହେଉ ନାହିଁ । କାରଣ ହାଇଦ୍ରାବାଦ କେଉଁଠି ପଟେଲ କହିଲେ—ସେ ଯେଣୁ ଅଛନ୍ତି ଶିବଙ୍କର ସାପ—ପଟେଲ ଉପରେ କେଶାନ୍ତ ପ୍ରତାପ । କିନ୍ତୁ ଓଡ଼ିଆ ରଜାମାନେ କହିବେ—ମାର୍ ନା—ମୁଁ ମରିଛି । ଶୁଣାଯାଉଛି ନେତାମାନଙ୍କ ସ୍ୱରୂପ କେତେକ ରଜା ଏ କଥା କେନ୍ଦ୍ରକୁ ଜାଣିଲେଣି ।

+ + +

ଶ୍ରୀଯୁକ୍ତ ସୁଧାନାଥ ରଥ—'ସରକାର ସର୍ବାଙ୍ଗ ପାଇଁ ଅନ୍ଦୋଳନର ପୁରୋଧା ବୋଲି କିନ୍ତୁ କଲେକ୍ଟର, ଚିଟେନିସ୍, ବକ୍ତୃତା ଓ ଘଟଣା ମହତାବ ପ୍ରଜାତନ୍ତ୍ରରେ ପ୍ରକାଶ ପାଇଲା । ମନେ ହେଲା ସୁଧାନାଥଙ୍କ ପତନରେ ଯେପରି 'ସମାଜର' ପତନ—ଏବଂ ସମାଜର ପତନରେ ପ୍ରଜାତନ୍ତ୍ରର ଦୃଷ୍ଟି, ଏବଂ ପ୍ରଜାତନ୍ତ୍ରର ପ୍ରବୃତ୍ତିରେ ମହତାବଙ୍କର ଏକଛତ୍ର ଶାସନ ହେବନାହିଁ ହେବ । କିନ୍ତୁ ଗୌରଶଙ୍କର ପାର୍ଶ୍ୱରେ ସେବକ ଲକ୍ଷ୍ମୀ ଗୌରଶଙ୍କର—ପଟ୍ଟନାୟକ ଓ କଟକ ମଧ୍ୟରେ ପୋଲ୍ ମହତାବ ଓ ସୁଧାନାଥ ଯେତେବେଳେ ଏକାଠି ହେବେ ଉତ୍କଳର ଏକାଭିଳାଷ କାମନା କଲେ ସେତେବେଳେ ସମସ୍ତେ ଅବାକ୍ ! ଲୁହିଲେ—ଭାସିଲେ—କହନ୍ତ ନୂତନ ଜୀବନ ରେ ।

+ + +

ନରସିଂହପୁର ରାଜ୍ୟରେ ଯାଇ ପାଟନାର ମହାରାଜା ଏକ ୬୨ ପୃଷ୍ଠାର ରିପୋର୍ଟ ପ୍ରକାଶ କରିଛନ୍ତି । ସେହି ଅନୁସାରେ ଯଦି ଉପଯୁକ୍ତ ବ୍ୟବସ୍ଥା ବା ସୁବ୍ୟବସ୍ଥା କରିବାରୁ କଣାଯାଏ ପାଟଣା ଓ ନରସିଂହପୁର ପ୍ରଜାଙ୍କର ମଙ୍ଗଳ ହେବ । କାରଣ ଯେମିତି ଗୁରୁ ସେମିତି ଶିଷ୍ୟର ଅଭାବ ଏ ଦୁନିଆରେ ନାହିଁ । କିନ୍ତୁ ମହାରାଜେ ଜାଣିଥିବେ ଆଉ ଦରବାର ଧରି ଶୁଣି ଦିଅ ଯେପରି ସମ୍ଭବ ନୁହେଁ—ଗାଧ ନାମ ଧରି ରଜାଙ୍କର ଚିହ୍ନିବା ମଧ୍ୟ ସେହିପରି ଅସମ୍ଭବ ।

× × ×

କଳାହାଣ୍ଡିରେ ଗୁଣ୍ଡମାନେ ମିଶି ଗୋଟିଏ ନୂଆ ସ୍କୁଲ ପ୍ରତିଷ୍ଠା କରିଛନ୍ତି । ଏହାକୁ ପାଗଳର ସ୍କୁଲ୍, ସମାଜ୍ରଲ ବଦ୍ୟାଳୟ ବା ଅକାଡ଼ ଶିକ୍ଷାପୀଠ କୁହାଯାଇ ପାରେ । ବାସ୍ତବରେ ଏ ନୂଆ ଯୁଗରେ ଗୁଣ୍ଡମାନେ ନିଜେ ନିଜକୁ ପାଠ ପଢ଼ାଇଲେ ଆଉ ଗୁରୁ ଶିଷ୍ୟ ବିବାଦ ବା ଷ୍ଟ୍ରାଇକ୍ ରହିବ ନାହିଁ । ଲୋକମାନେ ଯଦି ସରକାର ହୋଇପାରିଲେ ଶାସିତ ଯେବେ ଶାସକ ହେଇ ପାରିଲେ—ଗୁଣ୍ଡ ବା ଶିକ୍ଷକ କାହିଁକି ନ ହେବେ—କିମ୍ବା ଛାତ୍ରେ ବା ନିଶ୍ଚେ କାହିଁକି ନହେବେ ?

÷ ÷ ÷

ପାକିସ୍ଥାନ ଷ୍ଟୋକ ଉପରେ କର ବସାଇବାରୁ କେନ୍ଦ୍ରର ସରକାର ମଧ୍ୟ ଷ୍ଟୋକ ଉପରେ କର ବସାଇ ଦେଲେ । ସୁତରାଂ କେନ୍ଦ୍ରରର ନାମ ଏଣିକି କେନ୍ଦ୍ରସ୍ଥାନ ହେବା ଉଚିତ । କିନ୍ତୁ ଶୁଣାଯାଏ ପାକିସ୍ଥାନରେ ପାଗଳ ବାକି ମୌଲବୀ ମାନେ ଏହି ଷ୍ଟୋକ ଅଧିନ ବିରୁଦ୍ଧରେ ଆପତ୍ତି କରିବାରୁ ପାକିସ୍ଥାନ ସେ ସମ୍ବନ୍ଧରେ ପୁନର୍ବିଚାର କରୁଛନ୍ତି । ଏବଂ ଭାରତ ସହିତ ଭାଗବଣ୍ଟା କଥାରେ ସେମାନେ ଆଉ କୌଣସି ଆପତ୍ତି ଅଭିଯୋଗ କରି ନାହାନ୍ତି । କିନ୍ତୁ କେନ୍ଦ୍ରରେ ତ ସେପରି ଦାଢ଼ିବାଲା ଲୋକ ଆପତ୍ତି କରିବାକୁ ନାହାନ୍ତି—ତେଣୁ ଏଠାରେ ଷ୍ଟୋକ ଉପରେ କର ଧାର୍ଯ୍ୟ ରହିଲା । ପ୍ରଜାଏ କେବଳ ଉପସ୍ଥିତ ଦାଢ଼ି ଲଗାଇ ଦେଲେ ସବୁ ଠିକ୍ ହୋଇଯିବ ।

+ × +

ଶୁଣାଯାଏ ବଙ୍ଗଳାରେ ଯେଉଁ ହରିଜନ ଅଧିନ ବା ସ୍ୱତନ୍ତ୍ର ଜମିପତ୍ର ଅଧିନ ହୋଇଛି—ତାହା ଦେଖି ଆମ ଓଡ଼ିଶା ସରକାରଙ୍କ ପାଟିରୁ ଲାଳ

ଖଲ୍ଲିକୋଟ । ତତ୍ପରେ ବଙ୍ଗୀୟ ସଂସ୍କାରକଙ୍କ କଥାନୁସାରେ ଯେଉଁ ଓଡ଼ିଶାର ସବୁ ଗଡ଼ର ଦାଖଲ ସରକାରଙ୍କ ନିକଟରେ ଲାଗିଥାନ୍ତି ସେତେବେଳେ ଏ ବେଳକୁ ସରକାର ଏ ଉପାଧିଟା ଲୋପ କଥା ନୁହେଁ । ପ୍ରଥମେ ଏହାର ଦାଖଲ ଉପରେ ଲେଖ ଚିଲିକା ଲୋକ ହେଲା । ଆମ ମତରେ ଏମିତି ସୋପାନ ଅଧୀନ ଦଶ ଟଙ୍କା ସେହିଁଏ ମଞ୍ଜୁର ପଡ଼ିଲା ନା । ଏବୁ କାପ୍ କ୍ଷୋଭ ଯାଇଛି ।

× +

ମଧୁରେଶ୍ୱରର ସୁନା ପ୍ରତାପ ଚନ୍ଦ୍ର, ଖଣ୍ଡଚନ୍ଦ୍ରଙ୍କୁ ସମ୍ମତି ଦେଉଥିଲେ । ବଳୁ ଏବେ ଶିଖର ଚନ୍ଦ୍ର, ଓ ହେମନ୍ତ ଚନ୍ଦ୍ର, ଆମେ ପଢ଼ିଲାଣି । ଯାହା ହେଉ ପୁରଉତ୍ତ-ବାସୀ ଏଥର ନିଶ୍ଚୟ ମହାରାଜାଙ୍କ ପ୍ରତାପ ବୃଦ୍ଧି ହେଉଛନ୍ତି ଶୀତଳ ଓ ମଧୁର ଶାସନ ଉପଭୋଗ କରିବେ । ତାଙ୍କର ସବୁ କଥାର ଦେଖିବ ।

କର୍ମିଜ ମଯୂର ଲକ୍ଷ ଶରଦ ବଗଜ
ବତେ ଯଥା ଦେଖା ଦେବା ପୁଚ୍ଛ ଥଲେ ସାତ ॥

+ + ×

ଓଡ଼ିଶାକୁ ଆସି ବଙ୍ଗାଳୀ, ତେଲେଙ୍ଗା, ମାରୁଆଡ଼ି, ବହୁ ପ୍ରକୃତ ଓଡ଼ିଆଙ୍କ ବାନାମାର ନାନା ଉପାୟରେ ମାଛ ହରେ ଲୁଣ ନେଇ ଯାଉଛନ୍ତି ବୋଲି ଅନେକ ହୁଙ୍କାର ତେଲୀ ଓଡ଼ିଆ ଉତ୍ତ ହୁଏ ପକାଉଛନ୍ତି । ଆମ ମନେ ହୁଏ ଓଡ଼ିଆଙ୍କ ପ୍ରାଣ କଥା ଏହା ହୋଇ ନପାରେ । 'ବେହାରୀଙ୍କ ପାଇଁ ବିହାର' 'ବଙ୍ଗାଳୀଙ୍କ ପାଇଁ ବଙ୍ଗଳା' ପ୍ରଭୃତି ପ୍ରାଦେଶିକ ବୋଲି ନାଦ ଶୁଣି, କେତେ ବେଳେ ଶିଖା ଓଡ଼ିଆ ଏପରି କହୁଛନ୍ତି ନାହିଁ । ଏବେ ଓଡ଼ିଆ ଭାଇମାନଙ୍କୁ ଆମେ ଶେଷରେ ଦେଉଛୁ—ଓଡ଼ିଶାଟା ସାମ୍ୟ-ବାଦର ମନ୍ତ୍ରଭୂମି, ଜଗନ୍ନାଥଙ୍କ ଦେଶ— ଶ୍ରୀକ୍ଷେତ୍ର ଏଥିରୁ ଯେ ଆସିଲ, ସେ ହେଲ କ୍ଷେତ୍ରବାସୀ ଅର୍ଥାତ୍ ଓଡ଼ିଆ ।

+ + +

'ଅଗ୍ରବାଣୀ' ନାମକ ଗଣ୍ଡିଏ ଚେଲିଗି ମାସିକରେ ପୂରପଣ୍ଡା ଅଭେଦ ସ୍ୱାମୀ ନାମକ ଜଣେ ଲେଖକ ଏକ ପ୍ରବନ୍ଧ ଲେଖି ଯୁକ୍ତି ବାଢ଼ିଛନ୍ତି ଯେ 'ଚିଲିକା' ହ୍ରଦ ଅନ୍ଧ୍ର ଦେଶ ଭିତରେ ରହିବା ଉଚିତ । କାରଣ, 'ଚିଲିକା' ବୋଲି ଶବ୍ଦ ଓଡ଼ିଆରେ ନାହିଁ । ତେଲୁଗୁ ଭାଷାରେ 'ଚିଲିକା ଶବ୍ଦର ଅର୍ଥ—ଅଲଗା କରିବା । ସମୁଦ୍ରରୁ ଚିଲିକା ଅଲଗା ହୋଇ ତେଲୁଗୁ ନାମ ଧରିଥିବାରୁ ଏହା ତେଲୁଗୁ ମୂଳକ ଅଟେ । ତାଙ୍କର ଦ୍ୱିତୀୟ ଯୁକ୍ତି ଏହି ଯେ—ଚିଲିକାର ମଧ୍ୟଭାଗ ମାନେ ତେଲୁଗୁ ଦେଶ—ଅର୍ଥାତ ତାଙ୍କ ପୂର୍ବ ପୁରୁଷ ତେଲେଙ୍ଗା ଥିଲେ । ତାଙ୍କ ମତରେ ଚିଲିକା କୂଳରେ ଥିବା ଗାଁର ଲୋକମାନେ ତେଲୁଗୁ ପଞ୍ଚମ ବେଶ ଚଳାଇ ଥାଆନ୍ତି ।

ଏତେକରେ ସନ୍ତୁଷ୍ଟ ନହୋଇ ସେ ପୁଣି କହୁଛନ୍ତି ଯେ ଗୋଉଡ଼ା ମୂଳକର ଅଧିବାସୀ ଅଧିକ ତେଲେଙ୍ଗା ଥିବାରୁ ଗୋଉଡ଼ା ମଧ୍ୟ ଅନ୍ଧ୍ର ପ୍ରଦେଶରେ ମିଶିବା ଉଚିତ ।

ଆମ ମତରେ ଯୁକ୍ତି ଗୁଡ଼ିକ ଯେପରି ଅକାଟ୍ୟ ଲାଗିଲେ ଆଉ କେତେଟା ଯୁକ୍ତି ଯୋଗି ଦେଲେ ଲେଖକଙ୍କ ଦେଶ ଅଧିକ ଅକାଟ୍ୟ ହୋଇ ଉଠନ୍ତା ।

୧ 'ଚିଲ୍ଲି' (chilly) ଇଂରେଜ ଶବ୍ଦର ଅର୍ଥ ଲଙ୍କା ମରିଚ । ଲଙ୍କା ମରିଚ ତେଲୁଗୁ-ମାନଙ୍କର ଅତି ପ୍ରିୟ । ତେଣୁ ତାଙ୍କର ଚିଲିକା ଅତି ପ୍ରିୟ ଓ ଅତି ଶ୍ରଦ୍ଧାରେ ସେମାନେ ଚିଲିକାର ନାମ ଗ୍ରହଣ କରନ୍ତି ।

(୨) ଚିଲିକାର ପାଣି ଲୁଣିଆ । ତେଲେଙ୍ଗା-ମାନଙ୍କ ପ୍ରିୟ ଖାଦ୍ୟ ସ୍ୱରୁଆଣି ମଧ୍ୟ ଲୁଣିଆ । ଏହି ବର୍ଣ୍ଣ ସାଦୃଶ୍ୟ ହେତୁ ଚିଲିକା ତେଲୁଗୁଙ୍କ ପ୍ରିୟ ଓ ଆପଣାର ।

(୩) ତେଲେଙ୍ଗା ମୁକୁନ୍ଦଦେବ ମଧ୍ୟ ତେଲେଙ୍ଗା ଥିଲେ । ତେଣୁ ଓଡ଼ିଶା ରାଜାଙ୍କ ଶେଷ ରାଜ୍ୟ ଗୋଉଡ଼ାରେ ତେଲେଙ୍ଗା ମାନଙ୍କର ଅଧିକାର ଦାବୀ !

+ × ×

ଏଣେ ବଙ୍ଗାଳୀ କହିଲେଣି ଯେ 'ଚିଲ' ଶବ୍ଦ ଝିଲର ଅପଭ୍ରଂଶ । ଝିଲ୍ଲୀ ଅର୍ଥ ବଙ୍ଗଳାରେ ହ୍ରଦ ବୁଝାଏ ।

× × +

ଜଣେ ବିହାରୀ କହିଲେଣି ଯେ 'ଚିଲିକା' ଅର୍ଥ ହିନ୍ଦିରେ କାନ୍ତି ବା ଶୋଭା । (ଶୋଭାର ଭଣ୍ଡାର—ସଧାନାଥ) ତେଣୁ ଚିଲିକା ବିହାର ସହିତ ମିଶିବା ଉଚିତ । ପୁଣି ଚିଲିକା ଅର୍ଥ ଉର୍ଦ୍ଦୁରେ— ମୋଟ ବା କଣ । ଚିଲିକାର ଆକାର କଣ ଭଳିଆ ଥିବାରୁ ତାହା ପାକିସ୍ଥାନରେ ରହିବା ଉଚିତ ।

× × ×

ଶେଷ ସମ୍ବନ୍ଧରେ ଏହିପରି ନାନା ତର୍କ ବିତର୍କ ଶୁଣିବୁ ସଦାଶିବ ପଣ୍ଡିତ ପଣ୍ଡାବର୍ଷ୍ଣ ମହାଶୟଙ୍କୁ ଅନେକ ଦେଲେ ଏ ସମସ୍ୟା ସମାଧାନ କରନ୍ତେ । ପଣ୍ଡିତେ ଅଧିକା ନାସ ଦୂର ଟପା ଜାଣିବାରୁ ବହୁ ସମୟ ସଫା ହୋଇ ପିଚାରୁ ଏମନ୍ତ କହିଲେ— 'ଚିଲିକା' ଶବ୍ଦର ଅର୍ଥ 'ଝିଲ୍ଲୀକା' ବା ଝିଟକା । ଚିଲିକାର ଅକାର ଝିଟକା ପରି ଥିବାରୁ ତାହାର ନାମ ଚିଲିକା ହୋଇଅଛି ।

ତାପରେ 'ମଗଳ ମାଛିମ' ଚିଲିକାରେ ବହୁତ ଚଳ ବା ମତ୍ସ୍ୟଜୀବ ଚରିବଲ ଥିବାରୁ ତାର ନାମ ଚିଲିକା ହୋଇଅଛି ।

ଚିଲିକା କୂଳରେ ଏକପ୍ରକାର ବଣୁଆ ଘାସ ହୁଏ । ଯାହାର ନାମ ଚିଲ୍ଲୀ ।

ଶେଷରେ ଚଲ ବା ଚଲକ ଏକ ପୁରୁଣା ଓଡ଼ିଆ ଶବ୍ଦ ଅଟେ । ଯାହାର ଅର୍ଥ—ଭୁଲଗା ମଥା—

'ଭଙ୍ଗି କମାଣ ସେ କରେ କମ୍ପାଇଲେ
ନବ୍ୟଭରୁଝ ହୁ ଏକା ଚୋଟକେ'
(ବିଚିତ୍ର ରାମାୟଣ)

ଚିଲିକାର ଅକାର ଭୁଲଗା ପରି ବାଙ୍କ, ମଝି ମୋଟ ଓ ଦୁଇପାଖରେ ସରୁ ଥିବାରୁ ତାହା ନାମ ଚିଲିକା ହୋଇଅଛି । ଏହା ଖାଣ୍ଟି ଓଡ଼ିଆ ଶବ୍ଦ ଅଟେ ।

ପଣ୍ଡିତଙ୍କ ବ୍ୟାଖ୍ୟାରେ ସର୍ବସାଧନ ଆନନ୍ଦରେ ହୁକା ହୁଏ କରି ଉଠିଲେ ।

+ + +

---

## ଲୁଚକାଳି

ପୁତ୍ର—ମା ମୋର ଓଜନ କେତେ ଜାଣ ?

ମା—କେତେ ?

ପୁତ୍ର—ଏକ ମହଣ

ମା—କିନ୍ତୁ ସେ କହୁଲେ ଯେ, କୋଡ଼ିଏ ସେର ।

ପୁତ୍ର—କିନ୍ତୁ ବାପାତ ଜାଣନ୍ତି ନାହିଁ ଯେ ଓଜନ ସମୟେ ମୁଁ ଗୋଟିଏ ଗୋଡ଼ରେ ଛିଡ଼ା ହୋଇଥିଲି ।

× + ×

ଗୋଟିଏ ଅଧୁନିକ ବିବାହର ନିମନ୍ତ୍ରଣ ପତ୍ର—

ସବିନୟେ ନିବେଦନ ।

ଅପଣଙ୍କ ଉପସ୍ଥିତି ପରିବର୍ତ୍ତେ ଆଶୀ-ର୍ବାଦ ପ୍ରାର୍ଥନୀୟ । ପତ୍ରଦ୍ୱାରା ନିଷେଧ କରିଲି । ତ୍ରୁଟି ମାର୍ଜନା କରିବେ ।

( ଇତି )

× × ×

Digitized by srujanika@gmail.com

# ଚିତ୍ରାକଥା

ସେତେବେଳେ ଟେ,ଠବ ଚାହାଲଲବେଲବ ସଚଣୀ ବହଲେ, "ତୁମେ ବାଃବ ବେଲ ପୁସ ଗିଚଛ ?"

"ଲସ୍ତୁଦ୍ଧ, ଗାଲ ଓଳବ ସବାଟେଶ", ମୁଁ ବହଲ ।

'ତେବେ ଏଲ ମୃଃ ବେସ୍ଟା ମୋ ଇଲଣୀଖ ବାଃବରେ ବେଲସିବ ସେଇଦାଟେ ଟଠଏ, ପାଲଚନ୍ତ ?'

## ମଜାକଥା

'ଅଲବଚ୍ ପାଲଚ; ଚାହାଲ ସରେ ଉ ଅସ୍ତାଚ ଓବେଲଚ ।'

'ଏଠବେ ଉ ଇଲ ବଥା ।'

ଏରଚ ବହ ସେ ମୃଃ୍ବେସ୍ଟଏ ଅସି ମୋଟେ ବେଲ ବହଲ, 'ଚନ୍ଧୁ ଗ୍‌ଚ୍ ସାବଧାନ, ତୁମେ ଯେଇଁ ମୃଙ୍ଗଳା ବେଲବ—ଚଏ ପୁଣି ବାଃବେଲ—ଟେଳାହଲେ ବେଳଲେ ସଭ ସୁଲ ଗିବାଃା ବ ଉମ ପଷରେ ଅସମ୍ଭବ ନ୍ଦ୍ବେ ।'

'ମୋଟେ ବଣ ଏତେ ଅପଦାର୍ଥ ଠାଳଲେଲଲ ! ମୁଁ—ମୁଁ—'

'ବାଃ, ଉମେ—ଉମେ—ଉମ ବଥା ବଣ ମୋଟେ ଅଚଣା ଅଛ !' ସେ ଠୋ ଠୋ ଦଲ ଦ୍ଧସି ଉଠିଲ ।

ମୁଁ ସଚରେ ଲଜ ପାଇସଲ । ମଇମ ବଥାଃା ବହଦେଲ ଯେ !

ତେଥା ବଣ ଦ ଦଛଦନ ଅଗରୁ ମୋ ହାଚ- ଘଦ୍ଧଃା—ଅହା ଦ ମୁଠଇ ଘଡିଃା—ବେଠେ ମନ ବଲ ଗୁଉାଏଃଙ୍କା ବେଲ ବଣିଥିଲ—ବେସିବାଲୁ ଗିମିତ୍ତ ହଲଲ—ଃାଇମ୍ ବ ଇସ୍ଥଲ ସେମିତ୍ତ—ହିଁ, ସେଇ ଘଡିଃା, ସେଇ ଟେ,ନରେ ବେଇଁ ଶଳା ମାଲ ବେଲଥିଲ । ମୁଁ ବେହଅ ଦ୍ଧସଃାଏ ଦ୍ଧସି ବହଲ, 'ଓଃ ସେଃା ଯାଇ ବ୍ଲେଲ—ପିବ୍ପବେଃ୍—ଏବେ ଚଉ ସ୍ୱଃ୍ବେସଃା ବଣ........'

'ଓଗ ତୁମ ଚାହାଲୁଚ; ଲଜ ନାହିଁ ଅନ୍ଧୁଲ ବସୁଚ; ପିବ୍ପବେଃ୍ ଏମିତ୍ତ ହେଲମ ? ସେ ପବେଃ୍ ଵାଟ ଇଲ ବେଲଥାଅନ୍ତା ! ନଳ ହାଚରେ ପବ ଵାନ୍ଧଥିଲ ? ହାଚରୁ ଯେବେଠେବେଳେ ଚେଳଲଇ ଉମ ନାଵଲୁ ବ ବେବେଠେବେଳେ ଵାଟ ବେଲସିବ, ଚାଣି ପାଇବ ନାହିଁ ।'

ମାଲବନାଃାଇ ବଥାବତ୍ତ ବାଧିଲ । ମୁଁ ଘଡି- ଃାଲୁ ହାଚରେ ବାନ୍ଧ ବସିଥିଲ, ଟେ,ନରେ ଗ୍ଲ ଭଉ । ଗଭ ବେଳ । ଏଣେ ଅବା । ବେଠେବେଳେ ଟଠଏ ବ୍ଲେଲଇ ପଡ଼ୁଥିଲ । ଠିକ୍ ବେଳ ଇଣ୍ଡି ଶଳାମୋଇ......ସଭ......ଗିବା ପଦାର୍ଥ ଗଲ ।

ବହଲ, 'ଏଣିକ ମୁଁ ଗଚ୍ ସାବଧାନ ହୋଇ ଗଲଣି । ଠଚଙ୍କ ଗିନା ଲେବ ଣିଁସେ । ଚ୍ବେଲ- ଉବା ବଥା ଅଲ ଏ ସଚନରେ ନ୍ତ୍ରେ—ବଶେଷଚଃ ବେଳଗାଡ଼ରେ—ପ୍ରଚଣ୍ଡ ବଲଚ । ବେଷବ ନାହିଁବ !'



ମୋଇ ମନଲ ଗ୍ଲବ ବେଗି ସ୍ୱୀକାଇ ଟଠଏ ବସ୍ଥା ବେଲ ଦ ବଣ, ସେ ବଥିଁ ହୋଇ ବହଲେ, 'ଥାଇ, ଥାଇ, ଗିମିତ୍ତ ଅସାବଧାନରେ ବେଠେ ବଥା ହୋଇଯାଏ । ସେବଗି ଅଭ ନଦ ଦୁଃଖ ବଲ ବ'ଣ ହେବ । ଚନ୍ଧୁ ଏଲ ମୃଃ ବେସଃା ଗ୍‌ଚ୍ ସାବଧାନରେ ନବଚ । ଗଚ ଯାଦ ବ୍ଲେଲ, ଗଣ୍ଡ ସବୁ ଚେଳରେ । ଏଥିରେ ଗ୍‌ଚ୍ ଦାମିବା ଦାମିବା ପାଃଅଣ୍ଡ ଶାଢୀ ଅଲ ଚ୍ଲାହସ ଅଛି, ମଟେ ବେଗି ଥିବ ।

## ମାଙ୍କଡ଼ ହାଉରେ

"ଘା' ଅଲ ବହବାଲୁ ହେବ ନାହିଁ । ମୋ ସାଙ୍ଗରେ ଉ ନଦଗ୍ର ପନ ଏଇ ନାହିଁ । ଦବ୍ବେ ଦବ୍ବେ ଯାଇଚ । ଯାହା ଏହ ସୃଃ୍ବେସ ଗଣ୍ଡବ । ଏଠବ ଅଲ......'

ସୁବଲ ।

ଗାଡିରେ ଯଥେଷ୍ଟ ଭଭ ହେଇ ଭଭ । ଚାଚପୁଇ ବେଗତ ଷ୍ଟେସନରେ ଗାଡି ଗ୍ଲଭଲ ଚେଳଲୁ ଦୂଲଃା ଲେବ ଯଥି ହଅଁ ହୋଇ ପଶିଲେ । ଏଠି ଯାଗା ନାହିଁ, ଏଠି ଯାଗା ନାହିଁ ବହିବା ସତ୍ତ୍ୱେ ସେ ଦୂଲେଁଯାବ ବେଲ ପଶି ଅସିଲେ । ଉଚଣ ଗଦଉ ପୋଷାବ ଅଲଚଲେ ଗାଦ ହାଁଏ ବେଣ୍ଡ । ମୋହରୁ ଚାଅଁ ପାଖରୁ ଲଗି ବସିଗଲ । ମୁଁ ପାଖରେ ଥିବା ସୁଃ୍ବେସଃାଲୁ ଅନ୍ଧୁଲ ଃାଣି ଅସି ତା ଉପରେ ହାଚ ଦେଇ ବସିଲ, ଅଭ ସାବଧାନରେ ବତବ ନାହିଁ ।

ଗଦଉଅ ବସିଲ ଠିକ୍ ମୋ ଅଗ ବେଞ୍ଚରେ । ବେଶ୍ ଇଦ୍ଲେବର ଚେହେସ । ଗାଡି ଗ୍ଲଭଲ । ଗଦଉଅ ତା ହାଚ ବେଗରୁ ଗବେଣ୍ଡ ଗବଇ ବାଗଚ ବାହାଲ ବଲ ପଢିବାଲୁ ଅରମ୍ଭ ବଲ । ଅଲ ବେଣ୍ଡ- ବାଲ—ଲେବଃା ବାଙ୍ଗଲ ଓ ଅନ୍ଧକଟେଃା । ବେହଃା ବାଦ୍ଧୁଅ ମେଞାଏ ଲଉଲ ପଇ ସେ ବସିଲ ଅସି ଅସମରେ ଅସି ତୁଳଦେଇ ସ୍ୱପ୍ନଭ ମାଈବାଲୁ ଲଗିଲ । ନଦଲୁ ସଚେଚ ସାଙ୍ଗରେ ଧର ଅସିବ । ମଝିରେ ମଝିରେ ମୋ ଉପରଲୁ ନୂଙ୍କ ବ ପଡ୍ଥାଏ । ମୋଠଇଁ ଠେଲଃିଏ ପାଇଲେ ଟିଁ ଚେଇଁ ଉଠେ । ଅଧ ମିନିଃ ପରେ ଯଇ ବଥାଲୁ ଉଦବଥା

ବେବେଳେ ମୋଇ ନଳଇ ପଲ ହେଉଥାଏ ପବେ । ବାଅଁ ହାଚରେ ବନ୍ଧା ଏଗଃିଏ ସଭ । ସହିଁଲ । ସଡ଼ିଃା ଠିକ୍ ମୋହରୁ ବୃଚଥିବା ସଭ ଓଲ । ଇଲବଲ ମନ ଓ ଅସି ଦୂଇଃା ଏବଃଯୋଗ ବଲ ସ୍ୱପ୍ନ ବେଖିଲ । ହଁ, ଠିକ୍ ଥବେଲ ସେଇ ଘଡିଂସଇ—ସେଇ ସବୁଚ ! ଓଲବୁଲ ! ବେବଳ ଚାଃା ବଣ୍ଡ ଦୁଇଗ ।

ଏଇ ଷଣ ଲଚ ବହଲ, 'ମହାଶୟ ଃାଇମ୍ ବେଚେ ହେଲଣି ?'

ଗଦଉଅ ଶୁଣି-ନ ଶୁଣିଲ ପଲ ଶଇବ ।

'ବେଲଚ, ଶୁଣୁଚ ମହାଶୟ, ବେବୁଃା ବାଜଲଣି ବହବେ ନ ?'

ସେ ଚଃ୍କରି ମୋ ଅଚଳ ଅରେ ଗ୍ଲହିଁ ବେଲ ଘଡି ବେଖିଲ ଓ ବହଲ 'ଏଗାଇଃା ବଣ ।'

ଏ ସୁଯୋଗରେ ଅନ୍ଧୁଲ ଭଲବେ ଘଡିଃାଲୁ ବେଖିଲଲ । ମୋଇ ଅନୁମାନ ଏବଦମ ଠିକ୍ ।

ଦ' ଗ୍ଲବ ମିନିଃ ଗଲଲ । ବଥାଃା ଦ ଗ୍ଲବରେ ଅରମ୍ଭ ବଲବ ଗ୍ଲଭ ଗ୍ଲବ ବହ ପବାଇଲ

"ମହାଶୟ, ସଡ଼ିଃା ସୁଚର."

ହୁଁ ।

'ଠିକ୍ ମୋଇ ସଦୃଶଇ'

'ଘା ବେ ... ଃ୧୦( ପଦ୍ଧଭ ମୋଟେ ।'

'ବଲ୍ଲ ଯଇଁଲ ?'

'ମୋଟେ ଚଟେଣ ଚନ୍ଧୁଠାଲୁ'

'ଚନ୍ଧୁ ଏଇ ଘଡିଃା...ମୋ'ଇ'

ଲେବଃା ମୋ ଅଲ୍ଲୁ ଉଇଚ ମଗଚ ସ୍ୱହିଁଲ । ବହଲ,

'ଦ ଇବମ ଲେବ ଅଚଣ ! ଅପଣଙ୍କ ଘଡିଚ, ମୋ ଚ ଅଲୁ ଅସିଲ ବେମିତ୍ତ !'

'ଉଣବ ନଦଗ ଚାଇ ଅଚଣାରେ ଗିମିତ୍ତ ଅଲ ଉଣବ ହାଚଲୁ ଅସେ ।'

'ଚାଇ ମାନେ ? ଅପଣ ବଣ ବହବାଲୁ ସ୍ୱହାନ୍ତି ଯେ ମୁଁ—

'ଲସ୍ତୁଦ୍ଧ ବହପାରେ—ଯେବେଠେବେଳେ ସଡ଼ିଃା ବେଦ୍ଦୃଭ ମୋର ।'

ଲେଖକ — ଲଃ ପତ୍ନୀଦିନ

'ବେବେ ବଣ ମୁଁ ବ୍ଲେଇ ?'

'ଅପଣ ଧରୋଇ ପାଇନ୍ତି'

'ଏଠବେ ମୋଇ ଚନ୍ଧୁ ?'

'ସେ ବ ଧରୋଇ ପାଇନ୍ତି, ମାଏ ସେ ଯାହାଙ୍କ- ଠାରେ ପାଇଲେ ସେ ଯେ ବ୍ଲେଇ ନୂହେଁ ଚାହା ଏଏ ବହବ !'

'ଅପଣ ଗ୍ଲବ ଚଡି ଚଡି ବଥା ବସୁଛନ୍ତି, ବେଁଏସି ଉଦ୍ଲେବ......

'ଇସ ନଥିବେଇ୍ ବାଧ୍ୟହୋଇ ବହବାଲୁ ପଡଇ—ଯେଣ୍ ଏ ସଢ଼ ମୋଇ ।'

'ଚାଣନ୍ତ ଏଇ ବମ୍ପାନ ହଜାଇ, ହଜାଇ ବେ... ଇସ ଏବ ଇବମ ଏଭ ଚୃଅଇ ବଲେ ।'

'ଚାଲେ ଚନ୍ଧୁ ସବୁ ସଭଲେଚ ମୋନାଟ ଚେଗା ନଥାଏ । ଅଚଣ୍ଡିସ୍ତାଂଶ ( ଉଲପୁସ୍ତା ବେସଲ୍ଲ )

Digitized by srujanika@gmail.com

"ଡାକ୍ତର ବାବୁ, ମୋର ସର୍ବସ୍ୱ ଦେବା ପାଇଁ ମୁଁ ପ୍ରସ୍ତୁତ ଅଛି, ଆପଣ ମୋ ପୁଅକୁ ବଞ୍ଚାନ୍ତୁ । ସେହି ମୋର ଏକମାତ୍ର ପୁଅ ଆପଣଙ୍କ ହାତ ଧରୁଛି ରକ୍ଷା କରନ୍ତୁ ।"

## କାହାଣୀ

"ଅ-ହା, ଶ୍ରୀବାବୁ ଆପଣ ଡକ୍ଟର ଯୋଗୀଙ୍କ କାର୍ଯ୍ୟଗୁଡ଼ିକ ଶୁଣି ଏଥର ଧୈର୍ଯ୍ୟ ହରାଇ ବସିଲେ ଏମନ୍ତ ହେଲେ କାହାଣୀ ପୁଅ କିପରି ଭଲ ହୋଇଯିବ । ସ୍ଥିର ହୁଅନ୍ତୁ, ମୋର ପାଖରୁ ପର୍ଯ୍ୟନ୍ତ ମୁଁ ଚେଷ୍ଟା କରୁଛି । ଅଜ୍ଞ ମଧ୍ୟ ବିଶେଷ ଆତଙ୍କିତ ହେବାର କାରଣ ମୁଁ ତ କିଛି ଦେଖୁନାହିଁ ।"

ଆତଙ୍କର କ୍ଷୀଣ ଚିହ୍ନଏ ଶ୍ରୀ ବାବୁଙ୍କର ମୁଖମଣ୍ଡଳରୁ ଲିଭିଗଲା । ଆଶାର କ୍ଷୀଣ ରେଖାଟିଏ ଉଦୟ ହେଲା । ବ୍ୟସ୍ତତାର



ସନ୍ଧ୍ୟାର ପରୁ ଯିବେ "ଡାକ୍ତର ବାବୁ ସବୁ ଭିଷକୁ କଥା ଦେଖିଲେ ।"

## କଥାଟିଏ କହୁଁ

"ଦେଖନ୍ତୁ ଶ୍ରୀ ବାବୁ ଏ ଯେଉଁ ରୋଗ ହୋଇଛି ସେଥିଲାଗି ଅଧିକ ଚିନ୍ତା କରିବାର କୌଣସି କାରଣ ନାହିଁ । ଆଉ ଏ ରୋଗ ସେମିତି ମାରାତ୍ମକ ନୁହେଁ । କିନ୍ତୁ"……"କିନ୍ତୁ ?"

"ଏ ରୋଗ ଫଳରେ ହୃତ୍‌ପିଣ୍ଡର ଯେଉଁ ଅସ୍ୱାଭାବିକ ଦୁର୍ବଳତା ଆସି ଯାଇଛି, ସେଇଥି ଲାଗି ଯାହା ଚିନ୍ତା ?"……

—"ବଞ୍ଚିବ ତେବେ ବାବୁପିଲା"—

"ଔଷଧ ଠିକ୍ ଦିଆଯାଉଛି ତେବେ ଖାଲି ଔଷଧ ଦେଲେତ ଚଳିବ ନାହିଁ, ତା ସାଙ୍ଗରେ ଭଲ ସେବା ଶୁଶ୍ରୂଷା ଓ ଚବିଶ ଘଣ୍ଟା ଜଗିରହିବା ଦରକାର । ପିଲାକୁ ଟିକିଏ ହେଲେ ଉଠାଇ ଦେବ ନାହିଁ । ଟିକିଏ ହେଲେ ପରିଶ୍ରମ କରିବାକୁ ଚେଷ୍ଟା ଯେପରି ସେ ନକରେ । ସାମାନ୍ୟ ଟିକିଏ ଭୁଲ ଚାଲିରେ ହୃତ୍‌ପିଣ୍ଡ ବନ୍ଦ ହୋଇ ଯିବାର ଆଶଙ୍କା ଅଛି । ତେଣୁ ପିଲାର ଜୀବନର ଦାୟିତ୍ୱ ଆପଣଙ୍କ ହାତରେ ଦେଲି ।" ଏତିକି କହି ଡାକ୍ତର ବାବୁ ଯିବାକୁ ଉଠିଲେ । "ନାହିଁ ନାହିଁ" କରୁଥିଲେ ମଧ୍ୟ ଶ୍ରୀବାବୁ ଜବରଦସ୍ତି ପଚାଶ ଟଙ୍କା ପୁରାଇ ଦେଲେ । ଏହି ନାହିଁ ନାହିଁ ପ୍ରଥମ ଦର୍ଶନ ସ୍ତ୍ରୀ ସ୍ୱାମୀକୁ ନାହିଁ କଲାପରି କି ଅଭିନୟ ତାହା ଏଠା ଡାକ୍ତର ବାବୁ କହିପାରିବେ । ତେବେ ଏତକ ଠିକ୍ ଯେ ଡାକ୍ତର ବାବୁଙ୍କ ଶ୍ରୀ ବାବୁଙ୍କର ଟିକିଏ ଭଲ ପରିଚୟ ଥିଲା ।

ଲେଖକ— ପ୍ରଭୁପ୍ରସାଦ

× × ×

(ମହାଭାରତ ଅନ୍ତେ ୦୫)

'ଏଥିରେ କଣ ଆପଣଙ୍କ ନାମ ଲେଖାଅଛି ?

'ନିଶ୍ଚୟ ଅଛି, ଯେଣୁ ଏହା ମୋ ଘଣ୍ଟା ଓ ମୁଁ ନିଜେ ମୋ ନାମର ପ୍ରଥମ ଅକ୍ଷର ଖୋଦାଇ କରିଛି ।

'ଅଚ୍ଛା, ଦେଖନ୍ତୁ ତ !

ଏହା କହି ସେ ଘଣ୍ଟାଟା ମୋର ହାତକୁ ଦେଲେ, ମୁଁ ନେଇ ଦେଖିଲି ଠିକ୍ ମୁଁ ଯାହା କହିଥିଲି, ସେଇ ତିନୋଟି ଅକ୍ଷର ଲେଖାଅଛି G. S. N. ଘଣ୍ଟା ଦେଖାଇ କହିଲି, 'ଦେଖନ୍ତୁ, ମୋର ଇନ୍‌ସ୍ପେକ୍ଟର ନେଇ ଦେଖିଲେ ଓ ନିଜ ହାତରେ ରଖିଲେ । ମୁଁ କହିଲି,—

'ଘଣ୍ଟା ହାତରେ ରଖିଲେ ଯେ ! ମୋ ଘଣ୍ଟା ମୋତେ ଦେବେ ନାହିଁ ନା କଣ ?

ସେ କହିଲେ, 'ଏ କଥା କହୁଛନ୍ତି ! ଜ ବୋଧ !

କହିବେ ବୋଲି ମୋ ଘଣ୍ଟା ମୁଁ ନେଇଯିବି ।

ଆଶ୍ଚର୍ଯ୍ୟ !

'ମୋତେ ପୁଲିସକୁ ଯିବାକୁ,'

'ନିଶ୍ଚୟ, ଏହି ଅନ୍ୟ ଷ୍ଟେସନରେ ମୁଁ ଓହ୍ଲାଇବି, ସେଇଠି ।'

'ଅଚ୍ଛା ।'

ପ୍ରାୟ ପାଞ୍ଚ ମିନିଟ ଭିତରେ ଷ୍ଟେସନ ଆସିଗଲା । ଜଙ୍କସନ ଷ୍ଟେସନ । ଗାଡ଼ି ଷ୍ଟେସନମାଷ୍ଟର ସେ ସବୁ କରେ । ଗାଡ଼ି ଛାଡ଼ିବା ଆଗରୁ ଇନ୍‌ସ୍ପେକ୍ଟର ବାବୁ ଘୋଡ଼ା ଓହ୍ଲାଇ ପଡ଼ିଲେ । ମୁଁ ବି ନାମିପଡ଼ିଲି । ଆଗଯାଇ ତାଙ୍କ ହାତ ଧରି ପଚାରିଲି । 'ପଳାଉଛନ୍ତି କଣ । ମୋ ଘଣ୍ଟା ଦେଇଯାନ୍ତୁ ।' ମୁଁ କହିଲି, ସେ ଲୁଚିଲେ । ଏଣୁ ଚିଣ୍ଟି ଲଗିଥିଲେ । ପାଖରେ ଥିବା ଲୋକ ଉପହାସ ଉପଭୋଗ କରୁଥାଆନ୍ତି ବୋଧେ ।

ଗାଡ଼ି ଛାଡ଼ିଲା । ମୁଁ କିଛି କହିଲି ନାହିଁ । ଇନ୍‌ସ୍ପେକ୍ଟର ଘଣ୍ଟାଟା ମୋ ଉପରକୁ ଫୋପାଡ଼ିଦେଲେ ।

ମୁଁ ଶୂନ୍ୟ ଦୃଷ୍ଟିରେ ଅନେଇ ରହିଲି । ଘଣ୍ଟା ଟିକିଏ ଧରି ମୋ ହାତରେ ରଖିଲି ଓ ଘଣ୍ଟା-ଟାକୁ ଚାହିଁ ହାତରେ ରଖିଲି । ସେଠାରେ ସେହି ଜଣ ଓ ଆପଣ ଦୁହେଁ ବାଏକ ଅଭାବ ଲୋକ ସାଙ୍ଗେ ଚା ପାନ ହୋଇ ବସିଲେ ପାଇ ନଥିଲେ ।

ଭୟରେ ମନେ ପଡ଼ିଗଲା ମୋ ଦୁଃଖର କଥା । ଘଣ୍ଟା ଦେଖିଲି ଯେ ଯଥାର୍ଥ ସେଠି ନାହିଁ । ଖାଲି ଭିତରେ ସ୍ୱର୍ଣ୍ଣ ଦଣ୍ଡା ହୋଇଗଲା । ଅଠେଇଶ ବର୍ଷ ତାକୁ ଲଗାଇ । ଏହା ଉପରେ ବେଶି ରଙ୍ଗ ଆଉ ହୋଇଛି । ଦେଖିଲି ଠିକ୍ ଠାଉ ମଧ୍ୟ ନାହିଁ । ଦେହରୁ ସବୁ ରକ୍ତ ଶୁଖିଗଲାପରି ଜଣାଗଲା । ମୁହଁଟା ବୋଧହୁଏ କଳାକାଠ ପଡ଼ିଯାଇଥିବ । ଇଚ୍ଛାହେଲା କାନ୍ଦିପକାଇବି ।

ମୋର ଅବସ୍ଥା ଦେଖି ପାଖରେ ବସିଥିବା ଜଣେ ଭଦ୍ରଲୋକ ଶୁଣିଥିବା ସିଗାରେଟଟା ହାତରେ ଧରି କହିଲେ, 'ଆପଣ ଏଠିଥିବା ସୁଟକେସ୍ ଭୁଲି ଯାଇ ନାହାନ୍ତି ତ ?

ମୁଁ କହିଲି, 'ଅବଶ୍ୟ, ମୋ ସୁଟକେସ୍ !

'ଓ, ସେଟା ଆପଣଙ୍କର ? କିନ୍ତୁ ପଛ ଷ୍ଟେସନରେ ତ ସେ ପୋଲିସ ମୋଟା ଭଦ୍ରଲୋକ ତାକୁ ନେଇ ଓହ୍ଲାଇଗଲେ । ଆପଣମାନେ ବୋଧହୁଏ ଘଣ୍ଟା ଉଦ୍ଧାର ଯୁଦ୍ଧରେ ଲାଗିଥିଲେ ।

ମୁଁ ହତାଶ ହେଲାପରି ହୋଇ ଧପ୍ କରି ମୋ ସିଟ୍‌ରେ ବସିପଡ଼ିଲି । ଷ୍ଟେସନ ସେତେବେଳକୁ ଅଧମାଇଲ ପଛରେ ରହିଲାଣି ।

ଯାହା ହବାର ହୋଇଗଲା । ମୋର ଏହି ଶିକ୍ଷିତ ଜଗତ ଗଳ୍ପ ଶୁଣି କେହି ବିଶ୍ୱାସ କରିବ । କେହି ପାଠକ କୋଟିଏ ଦୁଃଖ ଦେଇ ପାରିବେ କି ?

ଗାଲ୍ ଅଗଷ୍ଟ ପନ୍ଦର । ସାହରେ ଖୁବ୍ ହୋ ଲାଗିଛି । ସବୁଆଡ଼େ ସରଗରମ ହୋଇ ଉଠିଛି । ଛକ ବଜାର ସବୁ ଯାଗାରେ ପନ୍ଦର ପନ୍ଦର ହୋଇ ଲୋକମାନେ ଠିଆ ହୋଇ ଚର୍ଚ୍ଚା ଚଳେଇ ଛନ୍ତି, ଏ ଗରମା ଗରମର କାରଣ ପଚାରିଲେ ସାହାର ଶତକଡ଼ା ନବେ ଜଣ କହନ୍ତି ଗାନ୍ଧି ରଜା ହେବ । ସ୍ୱାଃ' ଛଡ଼ା ବେଶୀ କିଛି ସେମାନେ କହି ପାରନ୍ତି ନାହିଁ । ଆଉ କେତେ କହନ୍ତି ଇଂରେଜ୍ ଗାନ୍ଧିଙ୍କୁ ଗାଦି ଛାଡ଼ି ଦେଲା । ଜଣେ ଅଧେ କହନ୍ତି ଇଂରେଜ୍ ନେହରୁ ନାଲ୍‌କୁ ଗାଦି ଦେଇ ଦେଲା । ଜଣେ ଦୁଇଜଣ କହନ୍ତି ଆମେ ସ୍ୱାଧୀନ ହେଲୁ । ତାର ଅର୍ଥ ପଚାରିଲେ ସେମାନେ କହନ୍ତି "ମନ୍ତ୍ରୀ, କଂଗ୍ରେସିଆ ଦାସ ଓ ହରେ କହୁଛନ୍ତି ଆମେ ସ୍ୱାଧୀନ ହେଲୁ" ସାହାର ସବୁଠାରୁ ବୁଢ଼ା ସନେଇ ମିସ୍ତ୍ରୀ କହେ "ଯାବତ ମୁରୁଖ ଛନ୍ତି ଆମର ସାହରେ । ଜରେ ବଡ଼ଠିସ୍



Digitized by srujanika@gmail.com

କଣ ? ମହାତ୍ମାଜୀଙ୍କ ଜୀବନୀରେ ଅଛି ବାଳ ମହାତ୍ମାମାନଙ୍କ ନାଟ୍ କରିଦେବେ ।" ଯାହା ହେଉ ଏଠାର ସମସ୍ତେ ଜାଣନ୍ତି ଯେ ବାଳ ମଞ୍ଚସ୍ଥ କରିବାକୁ ହେବ ଆନନ୍ଦରେ ଦିନ କଟାଇ ବାକୁ ହେବ । ସେଥିଲାଗି ସମସ୍ତେ ଏ ଆୟୋଜନରେ ଲାଗି ଥାଆନ୍ତି । କିଏ ଚାନ୍ଦା ଆଦାୟ, କିଏ ଷ୍ଟେଜ ସଜ, କିଏ ଭେଷ ସଜ୍ଜା କିଣିବା, ଏହିପରି ସମସ୍ତେ କିଛିନା କିଛି କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । କିନ୍ତୁ ପିଲାଟିକ ମନ ମାରିଦେଇ ବସିଥାଆନ୍ତି । ରାମ ଓ ହରି ପିଲାମାନଙ୍କୁ ଏପରି ବସି ଥିବାର ଦେଖି ପଚାରିଲେ "କିରେ ପିଲେ ମୁହଁ ଶୁଖାଇ ଏପରି କାହିଁକି ବସିଛ ?"......"ଆମ ମଣ୍ଟୁ ତ ମାସେ ହେଲା ଜରରେ ପଡ଼ିଛି ସେ ଥିଲେ ଆମେ କେତେ ମଜା କରିଥାନ୍ତୁ, ମୁଡି ନଡ଼ିଆରେ ଭସି ଥାଆନ୍ତୁ, କେତେ ପାଠକର ସାଙ୍ଗେ କଥେଇ ଦେଇ ଥାଆନ୍ତୁ। ସେତ ଘରେ ପଡ଼ିଛି ଅମେ କଣ କରିବୁ ।" ରାମ ସହାନୁଭୂତି ସୂଚକ କଣ୍ଠରେ କହିଲା— "ବାସ୍ତବିକ ହରି ମଣ୍ଟୁ ଟି ଯେପରି ପିଲା ତାର ଅଭାବଟ ଏମାନେ ନିଶ୍ଚୟ ଅନୁଭବ କରିବେ ପିଲାମାନଙ୍କର ସର୍ଦ୍ଦାରତ ସେ ଟିଏ, ଏଡେ ଟିକିଏ ପିଲାହେଲେ କଅଣ ହେବ ସବୁ କାମରେ ଅଗୁଆର । ଗାଣ୍ଡରେ ଯେଉଁ ମହାତ୍ମା ଗାନ୍ଧିଙ୍କି ଜୟ ପାଟିଟାଏ କିଏ କରି ଦେବ ତେବେ ଗାଇଲା ପଥରରୁ ଉଠି ଅଥବ । ବଡ଼ ଆଶ୍ଚର୍ଯ୍ୟ ଲାଗେ ଯେ ପୁଲିସ୍ ଘରେ ଏପରି ପିଲା, ଠିକ୍ ହିରଣ୍ୟକଶିପୁ ଘରେ ପ୍ରହଲ୍ଲାଦ ତ ଆହା ଆଜି ଯଦି ସୁସ୍ଥଥିଲେ ଏତେ ବେଳକୁ ତାର ପିଲାଙ୍କୁ ନେଇ ଶୋଭାଯାତ୍ରା ଓ ପାଟି ଆରମ୍ଭ କରି ଦଅନ୍ତାଣି । ଦେଖୁନ ଗୋଟିଏ ପିଲାଲାଗି ସମସ୍ତେ କିପରି ମୁହଁ ଶୁଖେଇ ବସିଛନ୍ତି"......ଏହାପରେ ଦୁଇଜଣ ଯାକ ପିଲାଙ୍କୁ ବୁଝା ସୁଝି କରାଇ ଦେଇ ଯେ ଯାହା କାମରେ ଚାଲିଗଲେ ।......ପିଲାଙ୍କର ମନ କିନ୍ତୁ କାଜଥିରେ ନଥାଏ । କେତେବେଳେ କିଏ ଲୋକ ବାହାରେ ଯାଇ ମଣ୍ଟୁକୁ ଦେଖି ଆସୁଥାଏ, ଯେତେବେଳେ ନିଧାର୍ଯ୍ୟ(?) ଜାଣି ଗଲେ ଯେ ମଣ୍ଟୁ ଅଜ ଯୋଗ ଦେଇ ପାରିବ ନାହିଁ, ସେତେବେଳେ ମନ ଦୁଃଖରେ ଯେ ଯାହା ଘରକୁ ଗୁଲିଗଲେ ।......

ରାତି ଯାଇ ସକାଳ ହେଲା । ଲୋକେ ନହବତ, ଶଙ୍ଖ, ତୂରୀ, ବେଣୁ ବଜେଇ ଅଗଷ୍ଟ ପନ୍ଦରକୁ ସ୍ୱାଗତ କଲେ । ବଣୁବାବୁ ପୁଅ ପାଖରେ ବସି ରହିଲେ । ତାଙ୍କର ଖାଲି ଭୟ ହେଉଥାଏ ଯେ ମଣ୍ଟୁ ଯେପରି ପିଲା ଯଦି ପାଟିତୁଣ୍ଡରେ ଉତ୍ତେଜିତ ହୋଇପଡ଼େ ତେବେ ବଡ଼ ବିପଦ । ସେ ପୁଅ ପୁଲିସ୍ ପୋଷାକ ପିନ୍ଧି ଥାଆନ୍ତି । କମରରେ ପିସ୍ତଲ ଝୁଲୁଥାଏ । ବହୁ ଚେଷ୍ଟା କରିଥିଲେ ହେଁ ସେ ଦିନ ପାଇଁ ଛୁଟି ମିଳି ନଥିଲା । କିନ୍ତୁ ସହକର୍ମୀ ମାନେ ତାଙ୍କର ଅବସ୍ଥା ବୁଝିପାରି ତାଙ୍କୁ ଉପଦେଶ ଦେଇଥିଲେ ଯେ ପୁଅ ପୋଷାକ ପିନ୍ଧି ଘରେ ବସିଥିବେ ଯଦି ଅଚଳ ଅବସ୍ଥା ହୁଏ ତେବେ ଖବର ପଠାଇ ଦେଲେ ସେ ତୁରନ୍ତ ଅଫିସରେ ପହଞ୍ଚିବେ । ସେଇଥିଲାଗି ସେ ପୁଅ ପୋଷାକ ପିନ୍ଧି ବସି ଥାଆନ୍ତି । ମନଟି ଗୋଟିଏ ନରକ କୁଣ୍ଡ ହୋଇଥାଏ କହିଲେ ଚଳେ । ମ୍ୟାଡେ ପୁଅ କୋଳେ ଉଠି ପଡ଼ିବ କି ଉତ୍ତେଜିତ ହୋଇ ପଡ଼ିବ ସେ ଚିନ୍ତା । ସାହେ ଅଫିସରୁ କିଏ ଆସିଲାକି ସେ ଚିନ୍ତା । ସବୁ ପିଲାଙ୍କ ଆନନ୍ଦରେ ମାତି ଅଛନ୍ତି କିନ୍ତୁ ତାଙ୍କର ନିଜ ପୁଅଟି ଏ ଉତ୍ସବରେ ଯୋଗ ଦେଇ ନପାରି କି କଷ୍ଟ ପାଉଛି ସେ ଭାବନା, ଗୁରି ଅଙ୍କୁଶି ମନକୁ ଘାଣ୍ଟି ଦେଉଥାଏ । ବେଳେ ବେଳେ ଲୁହ ଭରା ଆଖିକୁ ଲୁଚାଇ ରୁମାଲ୍‌ରେ ପୋଛି ଦେଉ ଥାଆନ୍ତି । ଦୂରରୁ ଝାଞ୍ଜ, ମୃଦଙ୍ଗର କୋଳାହଳ ଧ୍ୱନି ଘର ଭିତରକୁ ଅଳ୍ପ ଅଳ୍ପ ହୋଇ ପଶୁଥାଏ ।

× + ×

ଗଉଡ଼ ନଥିଲେ ଗୋଠ କି ମିଛ, ମଣ୍ଟୁ ନଥିଲେ ପିଲାଙ୍କ ଦଳ ସେମିତି । ପଲ୍‌ଟାକି ଏଣେ ତେଣେ ବୁଲି ଥାଆନ୍ତି । ତାଙ୍କ ଭିତରେ ବଡ଼ ବିଶୃଙ୍ଖଳା, କି କେଉଁଠି ପାଟି କଲଣି ତ "ନାଲି ଝଣ୍ଡାକି ଜୟ" କିଏ ପାଟି କରୁଛି "ମହାତ୍ମା ଗାନ୍ଧିକି ଜୟ" କିଏ ପାଟି କରୁଛି "ପାକିସ୍ଥାନକୁ ଜୟ" କିଏ କହୁଛି "ଇନ୍‌କିଲାବ କି ଜୟ" କିଏ ବା "ଜିନ୍ଦାବାଦ୍ କି ଜୟ" କହିବାକୁ ଛାଡ଼ୁ ନାହିଁ । ରାମ ଓ ହରି ଯୁକ୍ତର ଧ୍ୱନି ଶୁଣି ହସି ହସି ଲୋଟା ପୋଟା ହୋଇ ଯାଆନ୍ତି । ଏ ବିଶୃଙ୍ଖଳା କିନ୍ତୁ ତାଙ୍କୁ ଭଲ ଲାଗିଲା ନାହିଁ । ପିଲା ଓ ବଡ଼ ସମସ୍ତଙ୍କୁ ଏକାଠି କରି କିପରି "ବୋଲ" ଡାକିବାକୁ ହେବ, କଅଣ ଡାକିବାକୁ ହେବ ସବୁ କହି ଶିଖେଇ ଦେଲେ । ତା ପରେ ଶୋଭାଯାତ୍ରାର ଆୟୋଜନ କଲେ । ପିଲାମାନଙ୍କୁ ସଭିଆଗରେ ପତାକା ଧରେଇ ଠିଆକଲେ । ତା ପଛକୁ କୀର୍ତ୍ତନିଆ ଦଳ ତା ପଛକୁ ବଡ଼ ବଡ଼ ମାନେ ଧାଡ଼ି ଧାଡ଼ି ହୋଇ ଥାଆନ୍ତି । ସଭି ଆଗରେ ରାମ ଓ ହରି ଥାଆନ୍ତି । ଠିକ ଏକ ସମୟରେ ବୋଲ କହି ପାରୁଛନ୍ତି କି ନାହିଁ ପରୀକ୍ଷା କରିବା ଲାଗି ରାମ ଆରମ୍ଭ କଲା "ବୋଲ୍ ଭାଇ ମହାତ୍ମା ଗାନ୍ଧିକି"—ସମୁଦ୍ର ଲହଡ଼ି ଭାଙ୍ଗି ପଡ଼ିଲା ପରି ଆବାଜ୍ ବାହାରିଲା —"ଜ—ଅ—ୟ"—ରାମ ଓ ହରି ଖୁସି । ଶୋଭାଯାତ୍ରା ଆଗେଇଲା ।

+ + +

"ବାପା ମୁଁ ଯିବ" ଖନ ଖନେଇ ମଣ୍ଟୁ କହିଲା ।

"ବାବୁରେ ଡାକ୍ତର ବାବୁ ମନା କରିଛନ୍ତି । ତୋ ଦେହ ଭଲ ହୋଇଯାଉ, ତୁ ଯାହା କହିବୁ; ମୁଁ ନିଶ୍ଚୟ ତାହା କରି ଦେବ ।" ଦୂରରେ ଆଉ ଟିକିଏ ଜୋରରେ ଶୁଭିଲା "ଜ—ଅ—ୟ" । ମଣ୍ଟୁ ମନ ବୁଝିଲା ନାହିଁ । କହିଲା "ବାପା ନାହିଁ ମୁଁ ଯିବ ।" ବାରଣ୍ଡାରେ ହାତ ଗୋଡ଼ ଛାଟିଲା ।

"ବାବୁରେ କହିଲେ କଥା ମାନନ୍ତୁ । ଭଲ ପିଲାଏ କଥା ମାନନ୍ତି । ଡାକ୍ତର ବାବୁ ମନା କରିଛନ୍ତି ଗଲେ ଦେହ ବେଶୀ ଖରାପ ହୋଇଯିବ ।"

ପୁଣି ଆଉ ଟିକିଏ ଜୋରରେ ଶୁଭିଲା "ଜ—ଅ—ୟ" । ମଣ୍ଟୁ କପାଳ ଉପରେ ଟିକିଏ ଝାଳ ଦେଖାଗଲା । ସେମିତି ଛଟପଟ ହେଉଥାଏ । ସେହି ଏକା ଜିଦ "ବାପା ମୁଁ ଯିବ ।"

"ଛି ଏମିତିକା ଜିଦ୍ ଧରନ୍ତି, ବାବୁରେ ସେମିତି ହୁଅ ନା ଭଲ । ମୋ କଥା ଟିକିଏ ମାନ୍ ।"

ଏଥର ପରିଷ୍କାର ହୋଇ ଶୁଭିଲା— "ମହାତ୍ମା ଗାନ୍ଧିଙ୍କ ଜୟ" । ମଣ୍ଟୁ ସେତେବେଳେ

Digitized by srujanika@gmail.com

ବେକକୁ ଆପେଇ ଲାଣି । ବିଶୁବାବୁ ଚାକରକୁ ସାଇ ବଲରେ ପଠେଇ ଦେଲେ ଡାକ୍ତର ବାବୁ ପାଖକୁ ଆଉ ମଣ୍ଟୁକୁ ମାଡି ବସି ଅଣ୍ଟିସି ବାକୁ ଲାଗିଲେ ।

ଆଉ ଥରେ ଜୋର୍‌ରେ ଶୁଭିଲା "ମହାତ୍ମା ଗାନ୍ଧି    !"

ମଣ୍ଟୁ ଉଠି ପଳେଇବାକୁ ଚେଷ୍ଟାକଲା, କିନ୍ତୁ ବିଶୁବାବୁ ମାଡି ବସିଲେ ଓ ଅଣ୍ଟିସି ବାକୁ ଲାଗିଲେ । ଡାକ୍ତର ବାବୁଙ୍କ ଉପଦେଶ, ମଣ୍ଟୁର ଏପରି ଅବସ୍ଥା, ଏକମାତ୍ର ପୁଅ ପ୍ରତି ମାୟା, ମମତା, ସବୁ ଯାକ ମିଶି ତାଙ୍କ ମୁଣ୍ଡ ମନ୍ଥି ପକାଇଲେ ।

ଅଧିକ ଜୋର୍‌ରେ ଶୁଭିଲା "ମହାତ୍ମା ଗାନ୍ଧିଙ୍କ ଜୟ" ପୁଣି ମଣ୍ଟୁର ସେହି ଉଠିବା ପାଇଁ ଚେଷ୍ଟା । ବିଶୁବାବୁ ଆଉ ସମ୍ଭାଳି ପାରିଲେ ନାହିଁ । କାନ୍ଦି ପକେଇଲେ । ଲୁହର ଧାର ଛୁଟି କାମିଜରୁ ଖଣ୍ଡେ ଓଦା କରିଦେଲା । କାତର ସ୍ୱରରେ କହିଲେ "ମଣ୍ଟୁ ମେ ତେ ତାହିଁକି କଷ୍ଟ ଦେଉଛୁ, ଥରେ ତୋତେ କିପରି ବୁଝେଇବି ମୁଁ କି କଷ୍ଟ ପାଉଛି ।" ଏଥରକ କାନ ଅତଡା ପଡ଼ିଲା ଭଳି ଧ୍ୱନି ଶୁଭିଲା "ମହାତ୍ମା ଗାନ୍ଧିଙ୍କ ଜୟ"—

ବିଶୁବାବୁଙ୍କ ସ୍ତ୍ରୀ କହିଲେ "ଯାଇ ସେମାନଙ୍କ ପାଟି ଟିକିଏ ବନ୍ଦ କରାଇଦେଲେ ତ କମି ଯିବ । ସେହି ପାଟି ଲାଗିଛି ପିଲାଟା ଏପରି ହେଉଛି ।" ହତାଶଭରା କଣ୍ଠରେ ବିଶୁବାବୁ କହିଲେ "ଏହି ପାଟି ମୁଁ ୧୯୪୨ ଅଗଷ୍ଟରେ ତ ବନ୍ଦ କରି ପାରିନି । ୧୯୫୭ ଅକ୍ଟୋବରରେ ପାରିବି କୁଆଡୁ ।"

ପୁଣି ସେହି ଯେପରି ଆବାଜ "ମହାତ୍ମା ଗାନ୍ଧିଙ୍କ ଜୟ" ମଣ୍ଟୁ ବେଶୀ ଜୋରରେ ଛାଟିପିଟି ହେବାକୁ ଲାଗିଲା । "ଯିବି" ବୋଲି ଆଉ କହି ପାରିଲା ନାହିଁ ଖାଲି ବାପା ବାପା ।" ବିଶୁବାବୁ ଆଉ କଅଣ କରିବେ ଭାବି ପାରିଲେ ନାହିଁ । ଡାକ୍ତର ବାବୁ କହିଥିଲେ ଟିକିଏ ପରିଶ୍ରମ ଉଠିବା ପାଇଁ ଚେଷ୍ଟା କରିବା ବି ମନା । ଇଏତ ଏତେ ଛଟପଟ ହେଲାଣି, ତାପରେ ମଧ୍ୟ କେତେଥର ମଧ୍ୟ ଉଠିବାକୁ ବସି- ଲାଣି । ଆଶଙ୍କାରେ ହୃଦୟ କମ୍ପି ଉଠିଲା !

ଧୈର୍ଯ୍ୟ ଭାଙ୍ଗିଗଲା. ଚେତନ. ହେଉଥିବ କହିଲେ "ଓଃ ଭଗବାନ !" ଅବସ୍ଥାର ଗୁରୁତ୍ୱ ବୁଝି ନ ଥିବାରୁ ବିଶୁବାବୁଙ୍କ ସ୍ତ୍ରୀ ଟିକିଏ ଧୈର୍ଯ୍ୟଧରି ବସିଥିଲେ । ସେ କହିଲେ "ତାକୁ ଟିକିଏ ଝାଡି କେଇପଦ ଦେଖେଇ ଆଣ ତାହାହେଲେ ସେ ସ୍ଥିର ହେବ, ବିଶୁ- ବାବୁ ରାଗିହୋଇ କହିଲେ "ହଉ ବାବା, ମୁଁ ତୋତେ ଡାକେଇ ନେଇ ପାଉଛି ଦେଖାଇ ଆଣିବାକୁ ଥୟ ହୋ" । ମଣ୍ଟୁ ଟିକିଏ ସ୍ଥିର ହୋଇ ଆସିଲା, ଆଉ କିଛି କହିଲା ନାହିଁ ତାର ଆଖିପତା, କାନ ତଳ ତଳ ସେତେ- ବେଳକୁ କଳାପଡ଼ି ଆସିଲାଣି । ଡର ଡର ହୋଇ କେଣ୍ଟିରୁ ତାକୁ ଉଠେଇଲେ । ଖଟରେ ଅଣ୍ଟାଇ ଦେଇ ଘରଭିତରକୁ ବାହାରୁଥିଲେ ଠିକ ଏହି ସମୟରେ ଡାକ୍ତରବାବୁ ଆସି ପହଞ୍ଚିଗଲେ । ସେ ମଣ୍ଟୁକୁ ବିଶୁବାବୁଙ୍କ କୋଳରେ ଦେଖି ପ୍ରମାଦ ଗଣିଲେ—"ଆହା ଆପଣ କଅଣ କଲେ, ଆପଣ ଉଠେଇଲେ କାହିଁକି ?" ମଣ୍ଟୁ ମୁହଁଟା ଛେପଅଡ଼େ ଥିଲା ଡାକ୍ତରବାବୁ ଚଟାପଟ୍ ଗୁହଁ ଦେଲେ ବେଳକୁ, ମୁହଁଟା କଳାପଡ଼ି ଗଲାଣି ଦେହଟା ଧ ପାଉଁଶିଆ ଦିଶିଲାଣି । "ହା ହା ବଞ୍ଚିଲା ରଙ୍ଗ, ଝଗ" ବୋଲି କହି ଡାକ୍ତରବାବୁ ଅଳକୁ ଇନ୍‌ଜେକ୍‌ସନ୍ ଗୋଟିଏ ଦେଇଟି ଫୋଡିଲେ ମଣ୍ଟୁ କଅଣ ଯେପରି କହିବାକୁ ପାଟିଟା ଆଁ କଲା । କିନ୍ତୁ କିଛି କହିପାରିଲା ନାହିଁ । ପାଟିଟା ସେମିତି ମେଲା ହୋଇ ରହିଗଲା । ଡାକ୍ତରବାବୁ ଆଉ ଗୋଟିଏ ଦାମିକା ଇନ୍‌ଜେକ୍‌ସନ୍ କଅଣ ଫୋଡ଼ିଲେ । ଯେତେବେଳେ ମୁହଁରେ ଲୁଗା ଘୋଡାଇ ଦେଲେ ସେତେବେଳେ ଯାଇ ସମସ୍ତେ ବୁଝିଲେ । ବିଶୁବାବୁଙ୍କ କଠିନ ହୃଦୟ ବି ଭାଙ୍ଗି ପଡ଼ିଲା । ଆଉ ଅନ୍ୟଙ୍କ କଥା ସମ୍ଭରେ କିଏ ! ସେଦିନ ଭାରତ ଓ ମଣ୍ଟୁର ଦୁହେଁ ଦୁହେଁ ମୁକ୍ତିପାଇଗଲେ ଡାକ୍ତରବାବୁ ବୁଝାଇବୁଝାଇ କରାଇବାରୁ ବିଶୁବାବୁ ଟିକିଏ ସ୍ଥିରହୋଇ ବସିଲେ । କିନ୍ତୁ ତାଙ୍କର ମନଟା ଓଲଟପାଲଟ ହୋଇ ୧୯୪୨ ମସିହା ଅଗଷ୍ଟ ମାସପାଏ ଡେଇଁଡେଇଁ ବା ପଛକୁ ଚାଲିଗଲା । ପନ୍ଦର ବର୍ଷ ତଳର ଘଟଣା ତାଙ୍କ ଆଖିଆଗରେ ଛାୟାଚିତ୍ରପରି ନାଚିଗଲା ।

ବିଶୁବାବୁ ବିସ୍ଫାରିତ ନେତ୍ରରେ ଚାହିଁ ରହିଲେ । କିଛି ସମୟ ପରେ କହିଲେ "ଡାକ୍ତରବାବୁ କି ଭାଗ୍ୟ ପରିହାସ । ନାନା ଦୈବତ ଠିକ୍ ପ୍ରତିଶୋଧ ନେଇଛି ।" ଡାକ୍ତରବାବୁ ହସିଦେଇ କହିଲେ "କଅଣ ଗୁଡାଏ ବକୁଛ"———

ପ୍ରଳାପ ନୁହେଁ ଡାକ୍ତରବାବୁ ସତ୍ୟଘଟନା ଆପଣ ଟିକିଏ ସ୍ଥିରହୋଇ ଶୁଣନ୍ତୁ । କହି ସାରିଲେ ଟିକିଏ ଦୁଃଖଭାର ଲଘୁ ହୋଇଯିବ !

÷ ÷ ÷

ଏହି ଅଗଷ୍ଟମାସ, କିନ୍ତୁ ତାହା ୧୯୪୨ର, ମଫସଲ ଥାନାରେ ମୁଁ ଥାଏ । ଗୁପ୍ତ ଆଦେଶ ଆମାରେ ଲେଖାଥାଏ । "ମଫସଲରେ ଥାନା ହିଁ ବ୍ରିଟିଶ ରାଜମୁକୁଟର ପ୍ରତୀକ ତାହାର ଗୌରବ ଯେ ସଙ୍କଟସମୟରେ ରକ୍ଷା କରିବାକୁ ହେବ । ଥାନାପ୍ରତି କୌଣସି ଆକ୍ରମଣ ହେଲେ ଅତି କଠୋରତାର ସହିତ ଦମନ କରିବାକୁ ହେବ । ଦରକାର ପଡ଼ିଲେ ସମସ୍ତ ଗ୍ରାମ ଧ୍ୱଂସ କରିଦେବ । ଅତୀତରେ ତୁମ୍ଭେ ଯେପରି ହୃଦୟତାର ସହିତ ବ୍ରିଟିଶ ରାଜମୁକୁଟର ସମ୍ମାନ ରକ୍ଷା କରିଛ ସେହିପରି କର୍ତ୍ତବ୍ୟ ତୁମଠାରୁ ଆଶା କରାଯାଏ । ତୁମର କର୍ତ୍ତବ୍ୟ ତୁଲାଇବାକୁ ଏହି ଅସ୍ତ୍ରଶସ୍ତ୍ର ସବୁ ପଠେଇଲୁ । ଅକୁଣ୍ଠିତ ଚିତ୍ତରେ ତାହା ବ୍ୟବହାର କରିବ ।"

÷ ÷ ÷

ଠିକ୍ ଏହି ସମୟ, ଗ୍ରାମବାସୀ ଥାନା ଚଢ଼ାଉ କରିବାକୁ ଆସିଲେ । ମୁଁ ଥାନା ରକ୍ଷା କରିବାର ସବୁ ବନ୍ଦୋବସ୍ତ ଚଟାପଟ୍ କରିନେଲି । ଦୁଇଟା ମେସିନ୍‌ଗନ୍ ସବୁ ରାଇଫଲ୍ ସହିତ ଥାନାର ସମସ୍ତ ଲୋକଙ୍କୁ ଜଗେଇ ଦେଲି । ମୁଁ ନିଜେ ଠିକ୍ ଏମିତିଆ ପୋଷାକ ଓ ଏହି ରିଭଲ୍‌ଭର୍‌ଟା ଧରି ଏଣେ ତେଣେ ହେଉଥାଏ । ଉନ୍ମତ୍ତ ଜନତା "ମହାତ୍ମା ଗାନ୍ଧିଙ୍କି ଜୟ· ଜହରଲାଲ କି ଜୟ" କହିକହି ଥାନାଆଡେ ମାଡ଼ିଆସିଲେ । ଆମ୍ଭମାନଙ୍କୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଦେଖି ଟିକିଏ ଅଟକି ଗଲେ । ମୁଁ ବଡପାଟିକରି ଜନତାକୁ

(ଅବଶିଷ୍ଟାଂଶ ଶେଷପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଉପରର ବିଚାରଧାରା

— ସନ୍ଧାନୀ

## ଗୁଣ୍ଡାରାଜ ବନ୍ଦ କର

କଟକରେ—ଓଡ଼ିଶାର ରାଜଧାନୀରେ ସେଦିନ ସାଂପ୍ରଦାୟିକ ବିଦ୍ୱେଷ ଦେଖା ଦେଲା। ଉପଲକ୍ଷ୍ୟ ଥିଲା ମହରମ। ତାର ପ୍ରତିଧ୍ୱନି ମଧ୍ୟ ହେଲା ହିନ୍ଦୁ ପର୍ବ କାର୍ତ୍ତିକ ପୂର୍ଣ୍ଣିମା ଦିନ। କାର୍ତ୍ତିକେଶ୍ୱର ମେଢ଼ ବିସର୍ଜନ ନେଇ ମଧ୍ୟ ଅଶାନ୍ତ ଅବସ୍ଥା ହେଲା। ଏହାର କାରଣ କଣ? ମୂଳ କେଉଁଠି?

ସାଂପ୍ରଦାୟିକ ବିଦ୍ୱେଷର ମୂଳ ସର୍ବତ୍ର ଯାହା ଏଠାରେ ମଧ୍ୟ କାରଣାନ୍ତର ଖୋଜିବାକୁ ହେବ ନାହିଁ। ଦଣ୍ଡନୀତି ବା କ୍ଷମତା ରାଜନୀତି (Power politics) ହିଁ ଏହାର ଜନକ। କିନ୍ତୁ ପ୍ରଶ୍ନ ଉଠୁଛି ଓଡ଼ିଶାରେ ଏହି ସାଂପ୍ରଦାୟିକ ଦଣ୍ଡ ନୀତିର ନେତା କିଏ?

ଯେଉଁ ଦିନ ରାଷ୍ଟ୍ରର ସର୍ବୋଚ୍ଚ ନାୟକମାନଙ୍କ ଅଙ୍ଗୀକ୍ର ଓ ସହାନୁଭୂତି ପାଇ ବ୍ଲେକ ବଜାର ଓ ରେସନ କମିଟି ଆଦିକୁ ଆୟତ୍ତ କରି ସମାଜର ମାନ୍ୟ ଗଣ୍ୟ ହୋଇବାର ସ୍ପୃହା ରଖୁଥିଲେ, ଅଳ୍ପ କଣ୍ଟ୍ରୋଲ ଉଠିବାର ଅବ୍ୟବହିତ ପୂର୍ବରୁ ସେମାନଙ୍କର ଆସନ ଭ୍ରଷ୍ଟ ହେବାରୁ ସେମାନେ ତାହାକୁ ଦୃଢ଼ କରିବା ପାଇଁ ଉପାୟାନ୍ତର ଖୋଜି ବସିଲେ। ଏହି ବ୍ଲେକ ବଜାର, ଗୁଣ୍ଡାମି, ଓ ଅନ୍ୟାୟର କର୍ତ୍ତା ଓ ସହାୟକ ମାନେ ହିନ୍ଦୁ ଥିବାରୁ ହିନ୍ଦୁ ସଂପ୍ରଦାୟର ଧର୍ମ ପ୍ରବଣତାକୁ ଉତ୍ତେଜିତ ଓ ଉତ୍କ୍ଷିପ୍ତ କରି ଶସ୍ତା ତଥା ସହଜ ନେତୃତ୍ୱ ନେବାର ଚେଷ୍ଟା କଲେ। ଏମାନେ ଅବସ୍ଥାକୁ ଏପରି ଅନାୟତ୍ତ କରି ଦେଲେ ଯେ ଶ୍ରୀଯୁକ୍ତ ଓ ଶ୍ରୀମତୀ ଚୌଧୁରୀଙ୍କର ସାହସ, ବୀରତା, ଓ ନିରପେକ୍ଷତା ପରିବର୍ତ୍ତେ ଜନତାଠାରୁ ସେମାନଙ୍କୁ ଅଭଦ୍ର ବ୍ୟବହାର ବରଣ କରିବାକୁ ପଡ଼ିଲା। ସାଂପ୍ରଦାୟିକତାର ବିଶାଳ ବହ୍ନି ଦୂର କରିବା ପାଇଁ ଚୌଧୁରୀ ଦମ୍ପତି ଏବଂ କେତେକ ଜନ ସେବକ ତଥା ସ୍ଥାନୀୟ ପୁଲିସଙ୍କର ଚେଷ୍ଟା ସତ୍ତ୍ୱେ ଏହି ଗୁଣ୍ଡା ଶ୍ରେଣୀର ଲୋକ ପ୍ରଦେଶର ସର୍ବୋଚ୍ଚ ଦଣ୍ଡଧାରୀଙ୍କ ସମୀପକୁ ଅବାଧ ପ୍ରବେଶାଧିକାରର ସୁଯୋଗ ନେଇ କୀର୍ତ୍ତନ ଓ ବିସର୍ଜନ ଉତ୍ସବରେ ଶୋଭା ଯାତ୍ରା ଅବସରରେ ପାରମ୍ପରିକ ପ୍ରଥାନୁମୋଦିତ ନ ହେଲେହିଁ ହିନ୍ଦୁ ଜନତାଙ୍କ ହାତରେ ଲାଠି ଠେଙ୍ଗା ଦେଇ ଓଡ଼ିଶାର ଏକ ସଂଖ୍ୟା ଲଘିଷ୍ଠ ଓ ଦୁର୍ବଳ ମୁସଲମାନ ସମ୍ପ୍ରଦାୟ ଆଗରେ ହିନ୍ଦୁ ଦର୍ପ ଦମ୍ଭ ଓ ଅଭିମାନର ପ୍ରଦର୍ଶନୀ କଲେ। ଏବଂ କାର୍ତ୍ତିକ ପୂର୍ଣ୍ଣିମା ପର ଦିନ ମୁସଲମାନ ମାଂସ ଦୋକାନ ମାନଙ୍କରୁ ହିନ୍ଦୁମାନେ ସଉଦା କରିବାକୁ ମଧ୍ୟ ମନା କରିଦେଲେ!

ସୁଖର କଥା କ୍ରମେ ଏ ବାତାବରଣ ପରିଷ୍କାର ହୋଇ ଯାଉଛି। ମୁସ୍‌ଲିମ୍ ଲିଗ୍‌ର ଅବସାନ ସାଂପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠାର ସହାୟକ ମଧ୍ୟ ହୋଇଛି।

ତଥାପି ଦେଶର ସର୍ବୋଚ୍ଚ ଅଧିନାୟକ ମାନେ ଯଦି ଗୁଣ୍ଡା, ବ୍ଲେକବଜାରୀ ଅସଚ୍ଚରିତ୍ର ହୀନ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି ତେବେ ଦେଶର ସାମାଜିକ ଓ ରାଜନୈତିକ ଜୀବନରେ ବିଭ୍ରାଟ ହେବା ସ୍ୱାଭାବିକ। ରାଜଧାନୀରେ ଯେଉଁ ବାତାବରଣ ସୃଷ୍ଟି ହେବ ତାର ପ୍ରଭାବ ସମଗ୍ର ପ୍ରଦେଶ ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆମ୍ଭେମାନେ ଓଡ଼ିଶାର ସର୍ବୋଚ୍ଚ ନାୟକ ମାନଙ୍କୁ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେବାକୁ ଚାହୁଁ ଯେ ଏ ଜଘନ୍ୟ ଗୁଣ୍ଡା ରାଜ ବନ୍ଦ କର। ପୁଲିସ ଏ ଘଟଣା ସମ୍ପର୍କରେ ଯେଉଁମାନଙ୍କ ବିରୁଦ୍ଧରେ ରିପୋର୍ଟ ଦେଇଛନ୍ତି ସେମାନଙ୍କୁ ଉଚିତ ଦଣ୍ଡ ଦିଆହେଉ।

---

(କାହାଣୀ ଅବଶିଷ୍ଟାଂଶ ପୂର୍ବପୃଷ୍ଠା ଉତ୍ତରୁ)

ଥାନା ଆଗରେ ୨୦ ହାତ ଦୂରରେ ଥିବା ଗୋଟାଏ ଆମ୍ବଗଛକୁ ଅତିକ୍ରମ କରି ଆସିଲେ ବାଧ୍ୟହୋଇ ଗୁଳି କରିବୁ ବୋଲି ବୁଝାଇ ଦେଲି। ଜନତା ଟିକିଏ ଭୟଭୀତ ଭଳି ଜଣାଗଲା କିନ୍ତୁ ସେ ଟୋକାଟି—ବେଦ୍ ମଣ୍ଡଳ—ତାର ବୟସ ହେବ, ହାତରେ ତାଙ୍କର ପତାକାଟି ଧରି ଛୁଟି ଆସିଲା। ଅସ୍ଥିର ହୋଇ ଗୁଳିର ହୁକୁମ ଦେଲି। ପିଲଟା ପାଗଳ କିମ୍ବା ଷ୍ଟେନ୍‌ଗନ୍, ମେସିନ୍‌ଗନ୍ ଓ ରାଇଫଲ୍‌ର ଭୟ ଜାଣିନାହିଁ। ମୁଁ ଷ୍ଟେନ୍‌ଗନ୍‌ଟା ହାତରେ ଧରି ଟିକିଏ ଆଗେଇ ଯାଇ ଦୂରରେ ତାକୁ ଅଟକାଇ ଦେଲି। ମୋ ଜୀବନ ଭିତରେ ଏପରି ମୁହଁ ଦେଖିନାହିଁ। ତା ମୁହଁରୁ ଗୋଟାଏ ଜ୍ୟୋତି ବାହାରୁ ଥାଏ। ସେ ଠିକ୍ ହୋଇଯାଇ ପାଟି କଲା "ମହାତ୍ମା ଗାନ୍ଧି କି ଜୟ।" ତା ଭାଇଟା ମୋତେ ଦେଇ କହିଲା "ସ୍ଲେଭ୍" ଦ୍ୱିଗୁଣ ଉତ୍ସାହରେ ସେ ଚିତ୍କାର କଲା "ମହାତ୍ମା ଗାନ୍ଧି କି ଜୟ।"

ଗୋଟାଏ ଚେତାବନୀ ଦେଲି। ସେ ଆହୁରି ଜୋରରେ କହିଲା "ମହାତ୍ମା ଗାନ୍ଧି କି ଜୟ।" ଷ୍ଟେନଗନ୍ ଲଗି ରାଇଫଲର ମୁଣ୍ଡଟାକୁ ତା ଛାତି ଉପରେ ରଖିଲି। ତଥାପି ସେ କହୁଥାଏ "ମହାତ୍ମା ଗାନ୍ଧି କି ଜୟ।" ତାହାର ସାହସ ଦେଖି ଜନତା ଆଗେଇଲା। ମୁଁ ଦେଖିଲି ପିଲାଟିକୁ ଜବତ୍ ନ କଲେ ଜନତା ନିଶ୍ଚୟ ଆଗେଇ ଆସିବ। ପିସ୍ତଲଟା ଟେକି ଦୂରରୁ ପେଲି ଦେଇ କହିଲି "ଖବରଦାର ଆଉ ଥରେ ପାଟି କଲେ ଏହି ରିଭଲଭରଟା ଦେଖିବୁ"

ଏହା କହି ଷ୍ଟେନଗନ୍‌ଟା ଗୋଟାଏ ସିପାହୀ ହାତକୁ ଦେଲି। ରିଭଲଭର୍‌ର ଶବ୍ଦ ଶୁଣିଲେ ତାର ଚେତନା ହେବ ବୋଲି ଭାବିଥିଲି। ଦେଖାଇବା ଭଳି ସ୍ୱରରେ ପୁଣି କହିଲା "ମହାତ୍ମା ଗାନ୍ଧି—କି—ଜୟ।" ମୁଁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ ହେଲି ଗୋଟାଏ ଛୋଟ ପିଲା ପାଖରେ। ମୋ ଆଙ୍ଗୁଠିଟା ଅପମାନ ସହି ପାରିଲା ନାହିଁ। ଟାଣିଦେଲି ଘୋଡ଼ାଟାକୁ। ପିଲାଟି ଶେଷଥର ପାଇଁ କହିଲା—'ମ-ହା-ତ୍ମା-ଗା ନ୍ଧି-କି-ଜ-ୟ'

ତା ପରେ ହେଲା ଗଣ୍ଡ ଯୁଦ୍ଧ। ଅସଂଗଠିତ ଶକ୍ତି, ସଂଗଠିତ ଶକ୍ତି ଆଗରେ ପରାସ୍ତ ହେଲା।

÷ + ×

ଜନତା ଅପସରି ଯିବାବେଳେ, ପିଲାଟି ପଡ଼ିଥିବା ଜାଗାକୁ ଗଲି। ପିଲାଟି ପତାକାକୁ ଦୃଢ଼ମୁଷ୍ଟିରେ ଧରି ଶୋଇ ପଡ଼ିଥିଲା। ତାର ସୁନ୍ଦର ମୁହଁଟିକୁ ଦେଖି ନିଜକୁ ଧିକ୍କାର ଆସିଲା। ହଠାତ୍ କଅଣ ହେଲା। ପିଲାଟିର ପାଟିରୁ "ମହାତ୍ମା ଗାନ୍ଧିକି ଜୟ" ଧ୍ୱନି ଛାଡ଼ି ନେବାକୁ ତାକୁ ଦେଖାଗଲି। କର୍ତ୍ତବ୍ୟ କର୍ମ ଭାବରେ ସ୍ଥାନ ନାହିଁ ବୋଲି ଯେତେ ମନକୁ ବୁଝେଇଲି ମନ ବୁଝିଲା ନାହିଁ। ଏମିତିଆ ଗୋଟାଏ ପିଲା ଏହି ରିଭଲଭରରେ ତାର ମୁହଁରୁ "ମହାତ୍ମା-ଗାନ୍ଧିଜୟ" ଧ୍ୱନି ଛଡ଼ାଇ ନେଇଥିଲି। ଆଜି ସେହି ଉପସ୍ଥମାସ, ମୁଁ ସେହିପରି ଗୋଟାଏ ପିଲାକୁ ସେହି ରିଭଲଭରରେ ଧରିଛି। ସେହି ପିଲା ମୁହଁରୁ ଯେଉଁ ଧ୍ୱନିକୁ ମୁଁ ଛଡ଼ାଇ ନେଇଥିଲି, ସେହି ଧ୍ୱନି ଆଜି ମୋଠାରୁ ମୋ ପିଲାକୁ ଛଡ଼ାଇ ନେଲା! ଭାବିଲେ ଏଇଟା ଦାରୁଣ ଅଥଚ ଯଥାର୍ଥ ପ୍ରତିଶୋଧ ନୁହେଁ କି?

—୦—

Digitized by srujanika@gmail.com



# ଘୋଷାମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ଆଜ କାହାର କେଉଁଠି ଦେଖିଲି ମୋ ହୃ ଗୋଟିକ ଗୋଟି ପାଗଳପଣ ଖେଳିବାକୁ ଲାଗିଲେ । ସମସ୍ତେ ମନେ ମନେ ଜାଣି ପାରିଲେ କି ମାମୁର ଓସ୍ତାଦ ପଣିଆ ଗୋଟାଏ ଓସ୍ତାଦମନ୍ତ୍ର ।

ଏହି ସମୟରେ ଆସିଲା ଗୋଟାଏ ସର୍କସ ଦଳ । ସର୍କସ ଦେଖିବା ଜାଗାରେ ଫଗୀର ଅଖଡ଼ା ଟିକେ ଫଯର ଫାଟି । ମାମୁ ମଜକୁର ତ ଏକଦମ ମସଗୁଲ୍ । ସର୍କସବାଲାଙ୍କ ସାଙ୍ଗରେ ଖୁବ ଦୋସ୍ତି ଜମାଇ ନେଲେ ସେ । ଦିନରାତି ସର୍କସ କାମରେ ବ୍ୟସ୍ତ । କୁଲି ଯୋଗାଇବା, ବସାଟିକେ କରିବା, ବଜାର ସଉଦା କରିବା, ଡାକ୍ତର ଖାନାରୁ ଦରବେଇ ଆଣିଦେବା ପ୍ରଭୃତି କାମରେ ସାରାଦିନ ଲାଗିଥାନ୍ତି । ବିଦେଶୀ ମୁସାଫିର ଲୋକ— ଏତିକି ଠିକଏ ନ କଲେ ହଇରାଣ ହେବେ ଯେ ! ରାତିବେଳକୁ ବି ଲୋକ ବସାଇବା, ଗୋଳମାଳ ବନ୍ଦ କରିବା, ପାଣି ଯୋଗାଇବା କାମରେ ଅଗ୍ରଣୀ ଆମର ମାମୁ ।

ସର୍କସ ଖେଳସାରି ଚାଲିଗଲା । ମାମୁ ପାଇଲେ ଖଲସ୍ କିନ୍ତୁ ସରକସ୍ର ଢେର୍ କଟିଲା ନାହିଁ ସହଜରେ । ଆମ ଭିତରେ ପ୍ରାୟ ସର୍କସ ଗପ । ବାଘ ସିଂହ ଆରମ୍ଭ କରି ଜୋକର ପର୍ଯ୍ୟନ୍ତ ଟୀକା ଟିପ୍ପଣୀ କରିବାକୁ ଆମକୁ ଭାରି ଖୁସି ଲାଗେ । ତାର ଉପରେ ମାମୁଙ୍କ ଭାଷଣର କଥା ଛାଡ଼ । ଏବେ ମାମୁ ଆସିଗଲେ ସର୍କସ ଗଳ୍ପଟା ଜମିଉଠେ ବେଶି, ଆମ ଭିତରେ ତର୍କ ଯୁକ୍ତି ଆଉ ପଡ଼ିରହେ ପଡ଼େ ନାହିଁ । ସବୁ ମୀମାଂସା ମାମୁଙ୍କ ମୁହଁରେ । ସେ ପରା ଅଥରିଟି !

ଥରେ ଏଥିରୁ ଜଣକେହେ ଏତେ ଉତ୍ତେଜିତ ହୋଇ ପଡ଼ିଥିଲେ ଯେ, ଧରି ବସିଲେ, ଆମେ ସର୍କସ କରିବା । ମାମୁଙ୍କ କାନରେ କଥାଟା ପଡ଼ିଲା । ସେ ଗମ୍ଭୀର ହୋଇଯାଇ କହିଲେ, "ଆରେ ସର୍କସ କଥା ତୁମେ କଣ ଜାଣିଛ । ସର୍କସ କରିବାଟା କଣ ମାହାଲିଆ ପଡ଼ିଛି । ବାଘ ଲେଡ଼ା, ସିଂହ ଲେଡ଼ା, ହାତୀ ଲେଡ଼ା, ଘୋଡ଼ା ଲେଡ଼ା—ତାପରେ ସବୁଠୁ ଲୋଡ଼ା ଯୁଆଣ ଟୋକା । ସେ ସବୁ କଥା ଛାଡ଼ ।"

କୁସୁନିଆ ଭାଇ ଟିକିଏ ବଡ଼ଲୁହା । ସେ କହିଲା, "ନାଇଁ ଆମେ ସେ ସବୁ କରିବୁ ନାହିଁ, ଆମେ କରିବୁ ଖାଲି ବ୍ୟଙ୍ଗ କସରତ ।"

ମାମୁଁ ହୋ ହୋ କରି ହସିଉଠି କହିଲେ,— "ଓହୋ, ତୁମେ କରିବ ଗୋଟିପୁଅ ନାଚ ଆଉ ଅରର ଗଉଡ଼ ବାଜା, ନାଇଁ ?"

ଆମେ ସବୁ ତୁନି ପଡ଼ିଗଲୁଁ । ତାପରେ ମାମୁଁ ଗମ୍ଭୀର ଭାବ ଧାରଣ କରି ଭାଷିଲେ, "ଶୁଣ; ସର୍କସଟା ଖେଳଘର କଥା ନୁହେ ହୁକମତ୍ ଆଉ ହିକମତ୍ ଏ ଦୁଇ ନଥିଲେ ସର୍କସ ହୁଏନା । ହୁକମତ ମାନେ କ୍ଷମତା ଆଉ ହିକମତ୍ ମାନେ କୌଶଳ !" ଦୁଇ ଅଙ୍ଗୁଳିରେ ଟଙ୍କା ବଜାଇବାର ମୁଦ୍ରା ଦେଖାଇ ଦେଲେ ।

ସର୍କସର ବାଘବାଘୁଣୀଠୁଁ ଆରମ୍ଭ ଗାଡ଼ିବାଲାକେ ସବୁ ଠିକଣା କଥା ମୋତେ ମାଲୁମ । ଦେଖିଲ ନାହିଁ, ଏଇ ସର୍କସବାଲା କେମିତି ମୋତେ ଦଣ୍ଡେ ଘଡ଼ିଏ ହେଲେ ଛାଡ଼ିଲେ ନାହିଁ ।

ବଦୁଟା ଟିକିଏ ଚଟିଲା । ସେ କହିଲା, "ଆମେ ଜାଣିଥିଲୁଁ ମାମୁଁ ସେତେବେଳେ ଜଣେ ବଡ଼ ଓସ୍ତାଦ, ନହେଲେ କେଉଁ ଥିଏଟରରେ ଚିଏଟ-ନରେ ଟିଲେ । ସର୍କସ ଖେଳୁଅଡ଼ ଟୋଳିଭ କାହାରିକୁ ଜଣା ନଥିଲା ।"

ମାମୁଁ ଏତିକିରେ ଟିକି ଉଠିଲେ ପରି କହିଲେ, ଛ୍ୟାଃ—ଛ୍ୟାଃ—ଥୁଃ— ଟୋଏରେ ! ହଉ, ମାଙ୍କଡ଼ଆ ଆଉ ମାଙ୍କିନିଆ କାମ ? ମୁଁ ତାକୁ ଘୃଣା କରେ । ଅପର କେଲୁଅଡ଼ ଗାଉଡ଼ି ଶିଖା ବଡ଼ ବଡ଼ କ୍ଲାଉନ୍ ଫ୍ଲାଇଙ୍ଗ ଟ୍ରାପିଜ୍ଙ୍କଠୁଁ । ଆମ ଭିଆଣକୁ ସେସବୁ ଆସୁଥିଲା । ତାଙ୍କର ପାଣ୍ଠି ଥିଲା କି ନା ! ସେ ଜାଗା ଏବେ କାହିଁ ! ତାଙ୍କ ରାଗ ରାଗିଣୀରେ ବାଘ, ସିଂହ ଗୋ ହୋଇ ଯାଉଥିଲେ, ବଡ଼ ଅହିରାଜ, ଶଙ୍ଖଚୂଡ଼, ଧାଇଁ ଆସୁଥିଲେ । ଉଡ଼ନ୍ତା ଚଢ଼େଇ ଖସି ପଡ଼ୁଥିଲେ । ଜଣେ ଲଖନୌବାଲା ଓସ୍ତାଦ ଆସି ରହିଥାଏ, ପହଞ୍ଚିଗଲା ଜଣେ ଗ୍ୱାଲିଅରବାଲା, ଲାଗିଗଲା ଦୁହିଁଙ୍କ ଭିତରେ ଲଢେଇ । ଆମ ରାଣୀବାଗ ଆମ୍ବ ତୋଟାରେ ବସିଲା ମଜଲିସ୍ । ମୁଁ ସେତେବେଳେ ପିଲା ଲାଗିଲା ଚଢ଼ାଉ ଉତାର ବାଜା । ଜଣେ ଗୋଟାଏ କି ଆଳାପ କଲା ଯେ ଗଛରୁ ଦୁଲ ଦାଲ କରି ଆମ୍ବ ଝଡ଼ିବାକୁ ଲାଗିଲା । ଆର ଓସ୍ତାଦ ହସି ଦେଲା । କହିଦେଲା ଫୁସ୍ ? ସିଏ କି ଛାଡ଼ନେବାଲା । ସେ ସେତେବେଳେ ରାଗ ବିସ୍ତାର କରି ଗିଟକିରି ମାନ ଛାଡ଼ି ଦୁନ ଦୋହୁନ, ତ୍ରେହୁନକୁ ଉଠାଇଲା,— ଆଉ କିଏ ସମ୍ଭାଳେ ? ଝର ଝର କରି ଗଛରୁ ପତ୍ରଗୁଡ଼ାକ ଝଡ଼ିବାକୁ ଲାଗିଲା । ବୃହୁଁ ବୃହୁଁ ଏତେବଡ଼ ତୋଟାଟା, ଯା ବଡ଼ବଡ଼ ଝାଙ୍କଡ଼ା ଗଛ— ବିଲକୁଲ୍ ହୋଇଗଲେ ଲଣ୍ଡା !…ଇଏତ ଆଖିରେ ଦେଖିବା କଥା ।

କୁସୁନିଆ ଭାଇ କହିଲା, "ତମେ କଣ କରୁଥାଅ ସେତେବେଳେ ମାମୁଁ ?"

ଅମେ— ଅମେ— ଅରେ ଅମେ ସବୁ ପିଲା ଯେ । ଅମେ ଅମ୍ବ ସାଉଁଟି ଖାଇବାରେ ଲାଗିଥାଉଁ ।

[ କ୍ରମଶଃ ]

Digitized by srujanika@gmail.com

# ଡାଟରେ ଡାଟରେ ଟାନାନାନା

## କଥା ଓ ମଞ୍ଜି

ଯୁକ୍ତ ରାଷ୍ଟ୍ରସଂଘ ଧ୍ୱଜ ଓ ସମସ୍ତେ ତାହା ଶିଖନ୍ତୁ ବୋଲି ଲର୍ଡ କାର୍ଟନ୍ ପ୍ରସ୍ତାବ କରିଛନ୍ତି ।

…ସବୁ କୁକୁର ବାରଣାସୀ ଗଲେ ଅଇଣ୍ଠା ପତର ଚାଟିବ କିଏ ।

"ଲୋକେ ଆଜିକାଲି ଆନନ୍ଦ କଥା ଆପଣା ଅବତାର କଥା ଖାଲି ଭାବୁଛନ୍ତି—ଭାରତ କଥା ଭାବୁ ନାହାନ୍ତି ।

[ ମହାତ୍ମା ଗାନ୍ଧୀ ]

…ସମସ୍ତେ ଯେବେ ମହାତ୍ମା ହେବେ ଗାନ୍ଧି ମହାତ୍ମାଙ୍କ ନାଆ ବୁଡ଼ିଯିବ ନାହିଁକି ?

ଜୀବନକୁ ଯେତିକି ଭଲ ପାଇବ ମରଣକୁ କି ସେତିକି ଭଲ ପାଅ ।"

[ ହରି ଜନରେ ଗାନ୍ଧୀଜୀ ]

…ବିପରୀତ ପ୍ରକୃତିର ଦୁଇ ପତ୍ନୀଙ୍କୁ ଏକା ସାଙ୍ଗରେ ଭଲ ପାଇ 'ଦାରୁଭୂତୋ ମୁରାରି' ହେବା ନାହିଁତ ।

ସର୍ବ ରୋଗହର ମାତୃଶକ୍ତି—ମାତୃଭୂମିର ବିଜ୍ଞାପନ ।

…ମାତୃ ଭୂମିର ଶକ୍ତି ?

ଅନ୍ନପୂର୍ଣ୍ଣାରେ ଶିକ୍ଷାଶ୍ରୀ—ସମାଜ ବିଜ୍ଞାପନ ।

…ଶିକ୍ଷାର କିଏ ? କାଳିବାବୁ ?

ଓଡ଼ିଶା ଗଡ଼ଜାତ ସମସ୍ୟା ମେଣ୍ଟାଇବାକୁ ପଟେଲ କଟକ ଆସିବେ—ସଂବାଦ ।

…କଣ ପଟାପଟି କର ?

"ପାଲେଷ୍ଟାଇନ ବିଭାଗ ବିରୁଦ୍ଧରେ ଜୀବନ ଦେଇ ଲଢ଼ିବାକୁ ମରକ୍କୋ ଠାରୁ ଅଫଗାନ ସ୍ଥାନ ଯାଏ ସବୁ ମୁସଲମାନ ପ୍ରସ୍ତୁତ ।—ଆରବ ଲିଗର ସେକ୍ରେଟେରୀ ।

…ପାକିସ୍ଥାନର କି ଦୋଷ ସେ ତା ନାଆଁ ମଣ୍ଡଳ ନାହିଁ ? ସେ କଣ ମୁସଲିମ ଜଗତରୁ ବାହାର ?

ଗଡ଼ଜାତ ମାନ ଇଉନାଇଟେଡ୍ ଷ୍ଟେଟ୍‌କୁ ଅର୍ଥ ଦାନ କରିଲେ ସେମାନଙ୍କର କ୍ଷତି ନାହିଁ ବୋଲି କହି ଦିଆଯାଉ—ପ୍ରଜାତନ୍ତ୍ର ।

…କେଉଁଠି ? ଇଉନାଇଟେଡ୍ ଷ୍ଟେଟ୍‌ରେ ନା ଦୁନିଆରେ ?

"ଲର୍ଡ କାର୍ଟଙ୍କୁ ବକ୍ତୃତା ଦେଲାବେଳେ କେତେକ ଫେଲେଣ୍ଡ ଫିନଯାଲ ବୁଲାଉଥିଲେ"—ପ୍ରଜାତନ୍ତ୍ର

…ଅଖି ବନ୍ଦ କରି ନା କାନ ବନ୍ଦ କରି ? ଅଖିରେ କଣ ବକ୍ତୃତା ଶୁଣା ଯାଏ ।

ବିଶ୍ୱ ବିଦ୍ୟାଳୟ ସମାବର୍ତ୍ତନ ସଭାକୁ କେତେକ ଫେଲୋ ପଦ୍ଧତିଗତ ପୋଷାକ ପିନ୍ଧି ଆସି ନଥିଲେ ଓ କେତେକ ଘ୍ରାଣ ଭଉଗାଧ [ ସୁଟ ] ଦେଖାଯାଉ ନଥିଲେ ।

[ ପ୍ରଜାତନ୍ତ୍ର ]

…ସ୍ୱୟଂବର ସଭା ନୁହେଁ ତ ।

"ସଂସ୍କୃତକୁ ବସ୍ତ୍ରଭୂଷା ଉଦ୍ଧାର ଅର୍ଥ ସେଇ ପୁରୁଣା ଯୁଗରୁ ଫେରିଯିବା"—ମାତୃଭୂମି ।

…ଓଡ଼ିଆ 'ଶ୍ରୀ' ବାଳକୃଷ୍ଣ କର "ପଣ୍ଡିତ" ନୁହଁନ୍ତି ପରା !

"ଇଂରେଜ ଆମ ଦେଶକୁ ଦେବାଳିଆ ବିକଳ ଓ ବେହାଲ ଅବସ୍ଥାରେ ଛାଡ଼ି ଦେଇ ଆମକୁ ବଡ଼ ହଲପଟାରେ ପକାଇ ଯାଇଛନ୍ତି—ସଭାପତି ରାଜେନ୍ଦ୍ର ପ୍ରସାଦ ।

…ସାମ ହଟେଇ ଜାହ୍ନୁ ନେହରୁ । ନେଡ଼ାଙ୍କ ଅଛି ପ୍ରତିବାଦୀ ।

ନୂଆ ରାଜ୍ୟ ଶାସନ ବିଧାନ ଗ୍ରନ୍ଥ ପ୍ରେସକୁ ୧୯୪୮ ଅଦାଲତ ଗୁଳାଯିବ ।

…ଫୁଲ ଯେତେବେଳେ ଘୁଞ୍ଚି ଘୁଞ୍ଚି ଯାଉଥିବ, ଅନ୍ତ ଏ ଯାଏ ତେ ଅଭାବ ହେବ ।

ଆମେ ଆମେରିକା ଠାରୁ ସହଯୋଗ ରଖିଛୁଁ—( ପଣ୍ଡିତ ଜବାହାର ଲାଲ )

…ମୁଖ ମୁନ୍ଦ୍ରରେ ହାତେ ତ ତେଲ ଘଣ୍ଟରେ ହାତେ ।

## ଟୁକୁଡ଼ କୁଡ଼

ଶ୍ରୀମତୀ ସରଳା ତାଙ୍କ ସାନ ପୁଅକୁ ସାଙ୍ଗରେ ଧରି ବଜାର ସଉଦା କରି ଗଲେ । ସଉଦା କରି ସାରି ଦେଖିଲେ ସେ ବହୁତ ଗୁଡ଼ାଏ ହୋଇ ଯାଇଛି । ତହୁଁ ସେ ପୁଅକୁ କହିଲେ, ମୋ ଦେହ ଖରାପ ଲାଗୁଛି, ତୁ ଏ ଗୁଡ଼ାକ ଧର । ପୁଅ କହିଲା, ହଉ, ତୁ ନ ପାରିବୁ ତ ମୁଁ ସବୁ ଜିନିଷ ତଳ ଧରୁଛି, ଆଉ ତୁ ମୋତେ କାଖ କର ।"

ମିଃ ମହାପାତ୍ରଙ୍କ ଘରକୁ ମିଃ ଦାସ ଯାଇଥିଲେ ନିମନ୍ତ୍ରଣ ଖାଇ । ଖାଇବା ବେଳେ ମହାପାତ୍ରଙ୍କର ଦୁଇବର୍ଷର ପିଲାଟି ଗୁରପଟେ ବୁଲବୁଲୁ ଥାଏ । ମିସେସ୍ ମହାପାତ୍ର କହିଲେ, "ଦେଖନ୍ତୁ ଏ ପିଲା ବର୍ଷେ ହେଲା ଏହିପରି ବୁଲିଲାଣି ।" ଏ କଥା ମିଃ ଦାସ ଶୁଣି ଚମକିପଡ଼ି କହିଲେ, "ଆଁ !—ତେବେ ଆପଣ ତାକୁ ବସେଇବାକୁ କିଛି ଚେଷ୍ଟା କରୁ ନାହାନ୍ତି କାହିଁକି ?

Digitized by srujanika@gmail.com

# ପରୀକ୍ଷା ପ୍ରେୟସୀ

ଅଗୋ ମୋର ପରୀକ୍ଷା ପ୍ରେୟସୀ,
ଜୀବନର ଅର୍ଦ୍ଧ ପଥେ ଆଣି କହ
କେଉଁଠି ଲୀନ ତବ ମୁଖ ଶଶି ?
ମଧୁରେ ଭରା ତୁମ ଅଙ୍ଗଭରା ନବ ନେହ ହିଲ୍ଲୋଳ
ଆଜି କାହିଁ ଶେଷ ସୂଚିଲେ, ଛାଡ଼ି ଅନ୍ତରାଳ ?
ଜୀବନର ପ୍ରଥମ ସୋପାନେ ଯେବେ ଯେବେ ପଥ
ଭବିଷ୍ୟର ଆଶା ସ୍ୱପ୍ନ ଘେନି
ଅସିଥିଲ ମନ ମୋର ମୋହି
ଦେଇଥିଲି ଶ୍ରମ ପୂଜା ଅର୍ଘ୍ୟ ତୁମର ପ୍ରଣୟ ଲଭି ଖାଲି
ତୁମେ ସଖି, ଦେଇଥିଲ ଦାନ
'ଥର୍ଡ'ର ବରଣ ମାଳା ତୋଳି ।
ସେଇଦିନୁ
ତୁମପାଖେ ପ୍ରଣୟ ବନ୍ଧନେ
ଯୁକ୍ତ ହେଲା ମୋହର ଜୀବନ ।
ସେଇଦିନୁ
ତୁମେ ମୋତେ ଭୁଲିନାହଁ ମନୁ
ତୁମ ଦାବୀ ପୂରଣର ଲାଗି
ଯାଚିତର କରୁଛି ମୁଁ ତନୁ
ସେହି ଦିନୁ ।
କିନ୍ତୁ ତୁମେ ପ୍ରିୟା
ଜୀବନେ ସୃଜିଲ ମୋର ଦୁଃଖର କୁହେଳି ମାୟା ।
ରୂପକ୍ରମ ବଦଳିଛି କେତେ ଆକାଶର ଜଳଦ ସମାନ
କେବେ ବା ସୁନେଲି ଅଙ୍ଗ, କେବେ ବା କୃଷ୍ଣାୟମାନ
ସାପ୍ତାହିକ, ମାସିକ, ଟର୍ମିନେଲ୍
ଷାଣ୍ମାସିକ, ବାର୍ଷିକ-ମାଧ୍ୟମ ।
ଟେଷ୍ଟ, ପ୍ରିଟେଷ୍ଟ, ଫାଇନେଲ୍ ପରେ
ତୁମରୂପ ସପ୍ଲି-କମ୍ପ୍ଲିମେଣ୍ଟର
କେତେ କେତେ ତୁମର ଆକ୍ରମେ
ବରଷକେ କେତେ କେତେ ବାର
ଭୁଲିନାହଁ ମତେ ଏତେ ସଖି,
ଅହା ! ପ୍ରଣୟ କି କେବେ ଭୁଲିବାର ?
ଅଜଙ୍କିନୁ ତୁମ ଆଗମନ,
ଜୀବନେ ଉଠାଏ ମୋର
ଭୟ ଅଭ ଅଶଙ୍କା ତୋଫାନ ।

ସ୍ୱଭାବ ସୁଲଭ ରୂପରତ
ଅକସ୍ମାତ୍ ଲଭି ଅଛି କେଶଣି
[ଏବେ] ଅଧରର ଲିପ ଷ୍ଟିକ୍ ଲେପା
କାଜଳ ଆଖିର ଚାହାଣୀ
ସ୍ନୋର ବୋଳାଛ ରଙ୍ଗେ
ସ୍ନୋ-ସ୍ନାତ ଶ୍ରୀମୁଖ ମଣ୍ଡଳ
ଲଗାଇଛ ଗାଢ ନୀଳମାଠର
ଅର୍ଦ୍ଧ ଚନ୍ଦ୍ର ରୂପ ଯେ କୁନ୍ତଳ
ଲୋଲିତ ଚର୍ମରେ ଆଜି
ଭରିଅଛ କୃତ୍ରିମ କୋମଳ
କୋଟରସ୍ଥ ଦୀପ୍ତିହୀନ ନେତ୍ରେ
ସୁଦାଶିକି କରଛ ଚଞ୍ଚଳ
ହାୟ ସଖି, ଏତେ ପ୍ରସାଧନ
ବିଫଳ ବିଫଳ ସବୁ ଆଜି
ଦାରୁଣତନ ରୂପ ତୁମ ହୃଦେ
ଶଙ୍କାର ଦୁନ୍ଦୁଭି ଉଠେ ବାଜି
ଆଜି ତୁମେ କଙ୍କାଳଡାକିନୀ
ଅନ୍ତରେ ଜଗାଅ ଶତ ଧକା
'ଥର୍ଡ'ର ବରଣମାଳା ନାହିଁ
ହାତେ ଖାଲି 'ଫେଲ୍ ଫେଲ୍' ଧକ୍କା
ସେଦିନ ତୁମର ଗୃହେ
ଆହ୍ଲାଦେ ଯାଇଛି କେତେ ବାର
ଆଜି କିନ୍ତୁ ଡରେ ମାତରେ ଘୃଣି
ଦୂରୁ ଦେଖି ତୁମର ଦୁଆର ।
ଅଭିନବ ଅନ୍ୱେଷଣା ରୂପୀ
ଅଗୋ ଅଗୋ ରୂପସୀ ପରୀକ୍ଷା
କେ ଅଛନ୍ତୁ ଦେଇଥିଲା କହ
ତୁମରେ ଏ ଟଙ୍କ ପ୍ରେମ ଦୀକ୍ଷା ?
ରୂପଥାଉ ନ ଦେଖାଅ ନେତ୍ରେ
ହୃଦେ ଅଭ ଦିଅ ନାହିଁ ଜ୍ୱାଳା
ଆଜି ମୋର ଏତିକି ମାଗୁଣି—
[ଉଠେନା ଯଦିଓ ଆଜି
ତୁମ ପ୍ରତି ପ୍ରେମର ଉଚ୍ଛାଣି]
ହେଉ ପଛେ ଶୁଷ୍କ ଓ ମଇଳା
କ୍ଷୀଣ ମୋର କଣ୍ଠେ ଦିଅ ସହି
ଖାଲି ଏକ ବି.ଏ. ଡିଗ୍ରି-ମାଳା ।

ଶ୍ରୀ ରାଜେନ୍ଦ୍ରନାଥ ପରିଡ଼ା

Digitized by srujanika@gmail.com

# ଚିଠା

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠା'ରେ ପ୍ରକାଶ ପାଇବ । ଚିଠି ଯଥାସମ୍ଭବ ସଂକ୍ଷେପ ହେବା ଦରକାର । କୌଣସି ବ୍ୟକ୍ତିଗତ ବିଦ୍ୱେଷ ସମାଲୋଚନାର ବସ୍ତୁ ହେବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି

—ପରିଚାଳକ

## ଚିଲିକା

ପ୍ରିୟ ମହାଶୟ,

ଆପଣଙ୍କ ପତ୍ରକୁ ଏବଂ ମାଡ୍ରାଜରୁ ପ୍ରକାଶିତ ହେଉଥିବା ଅଗ୍ରବାଣୀ ନାମ୍ନୀ ପତ୍ରିକାକୁ ପଢିଲି । ମଧ୍ୟ 'ଚିଲିକା' ତତ୍ତ୍ୱାନୁସନ୍ଧାନ କଲି ।

ଗୋପୀନାଥ ନନ୍ଦ ଶବ୍ଦକୋଷର ୪୪୮ ପୃଷ୍ଠାରେ "ଚିଲି, ଚିଲୀ, ଚିଲ୍ଲି, ଚିଲ୍ଲୀ" ଏହି ଚାରି ଶବ୍ଦର ଅର୍ଥ ଭ୍ରୂଲତା ବୋଲି ଦତ୍ତ ।

ଆପ୍ଟେ ସଂସ୍କୃତାଙ୍ଗ୍ଳ କୋଷରେ ଚିଲ୍ଲିକା ଏବଂ ଝିଲ୍ଲିକା ଶବ୍ଦ ଦ୍ୱୟର ଅର୍ଥ କୀଟ ବିଶେଷ ବୋଲି ଦତ୍ତ । ପ୍ରହରାଜ ପୂର୍ଣ୍ଣଚନ୍ଦ୍ର କୋଷରେ ଚିଲିକା-ଲୁଣିସର ବୋଲି ମାତ୍ର ଦତ୍ତ ।

ତେଲୁଗୁ କୋଷ ମାନଙ୍କରେ 'ଚିଲକା' ଶବ୍ଦର ଅର୍ଥ ଶୁଗ ଏବଂ ଫଡା ବୋଲି ଦତ୍ତ । ମଧ୍ୟ ସେ ଶବ୍ଦକୁ ସର୍ବସାଧାରଣରେ ସୁନ୍ଦା ଫଡା ବୋଲି ବ୍ୟବହାର କରନ୍ତି ।

ଶବ୍ଦର ଅଦ୍ୟ ମଧ୍ୟ ଦୀର୍ଘାକ୍ଷର ମାନଙ୍କୁ ଓଡ଼ିଆମାନେ ହ୍ରସ୍ୱକରି ଉଚ୍ଚାରୁଥିବାରୁ ଚୀଲିକା ଚିଲିକା ରୂପେ ବ୍ୟବହୃତ ହେବା ସମ୍ଭବପର । ଯେ ସର ପୂର୍ବେ ବଙ୍ଗୋପସାଗର ସହିତ ଯୁକ୍ତ ହୋଇ ଗୋଟିଏ ବନ୍ଦର ହୋଇଥିଲା । ଏବେ ବାଲୁକା ବଶରୁ ମିଶ୍ରଣ ଦୂର ହୋଇ ଥିଲେହେଁ ତାର ମୁହାଣ ପରିଲକ୍ଷିତ ହୁଏ । ତାହାପ୍ରଥମେ 'ସମୁଦ୍ର ଚୀଲିକା' ନାମରେ ବ୍ୟବହୃତ ହୋଇ ସମୁଦ୍ରସମ୍ବନ୍ଧ ଦୂର ହେବାପରେ 'ଚିଲିକାସମୁଦ୍ରମ୍' ନାମକୁ ବହୁ ନାମାର୍ଥ ଗ୍ରହଣରୁ 'ଚୀଲିକା' ବୋଲିଇ ଓଡ଼ିଆ ଉଚ୍ଚାରଣରେ ଚିଲିକା ହୋଇଅଛି ।

ଶ୍ରୀ ବିକ୍ରମଦେବ ବର୍ମା, ଜୟପୁର

## ଗଡଜାତ ଛାତ୍ର

ମାନନୀୟ ସଂପାଦକ ମହାଶୟ

ଗତ ତା୬ ଋଖ ରେ 'ସ୍କୁଲ କଲେଜରେ ଗଡ଼ଜାତ ଛାତ୍ରଙ୍କ ସୁମାଗ୍' ଶୀର୍ଷକ ସମ୍ବାଦ ସମାଜରୁ ପଢିବାକୁ ପାଇ ନାନା ପ୍ରକାରେ ପ୍ରମାଦ ଗଣିଲୁଣି । ଓଡ଼ିଶା ପ୍ରଦେଶ ଓ ଗଡଜାତ ମିଶ୍ରଣ ନେଇ କେହି କୌଣସି ପ୍ରକାର ସ୍ଥାୟୀ ମତ ଘୋଷଣା ନକରିଥିବା ସ୍ଥଳେ ଏ କେଉଁ ଗଣତାନ୍ତ୍ରିକ ନୀତିରେ ପ୍ରଦେଶରେ ଥିବା ନିବାହ ଛାତ୍ର ଏବଂ ଅମଲା ମାନଙ୍କୁ ସାଂସ୍କୃତିକ ଏବଂ ଅର୍ଥନୈତିକ ବାସନ୍ଦ କରିବାକୁ ସରକାର ଆଗରୁ ପ୍ରସ୍ତୁତ ହେଉଛନ୍ତି ? 'ନଈ ନ ଦେଖୁ ଲଙ୍ଗଳା' ହେବା ନ୍ୟାୟରେ ଏ ଯେଉଁ ନୀତ ଧରିବାକୁ ଚେଷ୍ଟା କରିଛନ୍ତି ତାଫଳରେ ଛାତ୍ର ମାନଙ୍କ ମନରେ ଯେ ସ୍ମୃତିଲ୍ୟ ସୃଷ୍ଟି ହୋଇଛି ତାର ପରିଣାମ ପ୍ରତି କେହି ହେଲେ ଦୃଷ୍ଟିପାତ କରିଛନ୍ତିକି ? ଏ ପ୍ରକାର ଭେଦାଭେଦ ନୀତି ଯଦି ଗଡଜାତ ମାନଙ୍କରେ ଅନୁଷ୍ଠିତ ହୁଏ, ସେଥିପାଇଁ ଦାୟୀ କିଏ ? ଆମକୁ ହିଇବାଣି କରି ଜନମତ ଗ୍ରହଣ କରିବା-ଅପେକ୍ଷା ଅନ୍ୟ କୌଣସି ସହଜ ଉପାୟ କଣ ସରକାର ଉଦ୍ଭାବନ କରିପାରିଲେ ନାହିଁ ?

ଗୁରୁଜନ ହିସାବରେ ଆପଣଙ୍କୁ ଅନୁରୋଧ ଦେବରେ ଏ ଘଡ଼ସନ୍ଧି ଅବସ୍ଥାରେ ବିଦ୍ୟାର୍ଥୀ ହିସାବରେ ଆମର କର୍ତ୍ତବ୍ୟ ଦର୍ଶାଇ ଭବିଷ୍ୟତ ଅସନ୍ତୋଷରୁ ଆମକୁ ରକ୍ଷାକରିବେ ।

ଶ୍ରୀମତୀ ଲକ୍ଷ୍ମୀପ୍ରିୟା ଦାଶ ।

—✽—

## ଅଣଓଡ଼ିଆ ଭାବ

ସମ୍ପାଦକ 'ଡଗର' ମହାଶୟ,

ଗତ ସପ୍ତାହ 'ପ୍ରଜାତନ୍ତ୍ର'ର ଟୀକା ଟିପ୍ପଣୀରେ ଅଣ-ଓଡ଼ିଆ ବିଦ୍ୱେଷ ଭାବ ପ୍ରକାଶ ପାଇଛି ବୋଲି ସେ ଲେଖା ଯାଇଛି ଏବଂ କୁହା ଯାଇଛି "ଆମ ମନ୍ତ୍ରୀ ମାନେ ଦୁର୍ବଳ ନହେଲେ ଆମେ ଅଣ-ଓଡ଼ିଆଙ୍କୁ ପୋଷା ମାନନ୍ତୁ" ତାର ପ୍ରତିବାଦ କରି ମୁଁ କହୁଛି ଯେ ମେଡ଼ିକେଲରେ ଯେଉଁ ଯୋଗ୍ୟ ଅଣ—ଓଡ଼ିଆ ପ୍ରଫେସର ଅଛନ୍ତି ସେମାନଙ୍କ ପ୍ରତି କାହାର ବିଦ୍ୱେଷ ଭାବ ନାହିଁ । କିନ୍ତୁ ଏମିତି କେତେଜଣ ପ୍ରଫେସର ବା ଶିକ୍ଷକ ଅଛନ୍ତି ସେମାନେ ଓଡ଼ିଆଙ୍କୁ ଘୃଣା କରନ୍ତି । ତାଙ୍କ ପ୍ରତି ବିଦ୍ୱେଷ ଭାବ ଜାଗିବା ସ୍ୱାଭାବିକ । ସେମାନେ ଓଡ଼ିଶାରେ ରୁଜିରି କରି ଓଡ଼ିଶାର ଦାନାଖାଇ ଓଡ଼ିଆଙ୍କୁ ଘୃଣା ଚକ୍ଷୁରେ ଦେଖିବା କେଉଁ ଓଡ଼ିଆ ଛାତ୍ର ସହ୍ୟ କରିବ । ଯୋଗ୍ୟତା ବୁଝାଇ ଦେଇ ଏଭଳି ପ୍ରଫେସରଙ୍କୁ କଲେଜରେ ରଖିବା ମନ୍ତ୍ରୀ ମାନଙ୍କର ଦୁର୍ବଳତା ନୁହେଁ ତ ଆଉ କଣ ?

ଆଉ ମଧ୍ୟ ଅସିଷ୍ଟାଣ୍ଟ ପ୍ରଫେସର ଅଫ୍ ସର୍ଜରି ଯେଉଁ ଅର୍ଦ୍ଧ-ଓଡ଼ିଆ ପ୍ରଫେସରଙ୍କୁ ନିଯୁକ୍ତ କରା ଯାଇଛି ତାଙ୍କର କେଉଁ ଯୋଗ୍ୟତା ଅଛି ? ଓଡ଼ିଶାରେ କଣ ତାଙ୍କ ଠାରୁ ଯୋଗ୍ୟ ଡାକ୍ତର ମିଳିଲେ ନାହିଁ ? ତାଙ୍କର ନିଯୁକ୍ତି ମଧ୍ୟ ରହସ୍ୟ ମୟ । ଭାଗ୍ୟକୁ ସେ ବଦଳି ହୋଇ ଚାଲେଣି ତାଙ୍କ ଜାଗାରେ ମନ୍ତ୍ରୀମାନେ ସୁଯୋଗ୍ୟ ବ୍ୟକ୍ତି ନିଯୁକ୍ତ କରନ୍ତୁ ।

ଜଣେ ମେଡ଼ିକେଲ କଲେଜ ଛାତ୍ର ।

—✽—

Digitized by srujanika@gmail.com



### ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୨। 'ଡଗର'ର ମଧ୍ୟସ୍ଥତାରେ ପତ୍ର ବନ୍ଧୁତ୍ୱ ଦ୍ୱାରା ପାଠକମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ତ୍ୟାଗ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ବର୍ଷରୁ ତଳ ବାଳକ ବାଳିକା ମାନଙ୍କ ପାଇଁ)

## କାଇପଡ଼ା ସହୀଦ (୮)

ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀବନର କର୍ମ ଏକାକାର
ଜୀବନର ମାନ ଦଣ୍ଡ।

ଓଡ଼ିଶାର ମଧ୍ୟମଣି ସ୍ୱର୍ଗତ ଗୋପବନ୍ଧୁ ଦାସଙ୍କ କଥା ଟିକି। ଯାହା ସେ ପଚର ବର୍ଷ ଆଗରୁ କହି ଯାଇଥିଲେ ତାହା ୧୯୪୨ ଅଗଷ୍ଟ ଆନ୍ଦୋଳନରେ ଘଟିଲା।

କାଇପଡ଼ା ପରି ଛୋଟ ଗାଁଟିରେ ମଧ୍ୟ 'ଭାରତଛାଡ଼' ବାଣୀ ପ୍ରବେଶ କରିଥିଲା। ଗାନ୍ଧୀ ନେହେରୁ ପ୍ରଭୃତି ନେତା ମାନଙ୍କ ଜେଲ୍ ବରଣ ଶୁଣି ଲୋକମାନେ ଧୈର୍ଯ୍ୟ ହୀନ ହୋଇ ପଡ଼ିଲେ। 'କର—ବା—ମର'—ଏହି ଲକ୍ଷ୍ୟ ରଖି ଜନତା ଏ ଆନ୍ଦୋଳନରେ ଯୋଗ ଦେଲେ। ସେମାନେ ଗ୍ରାମେ ଗ୍ରାମେ ଗ୍ରାମ ପଞ୍ଚାୟତ ଓ ସ୍ୱେଚ୍ଛା ସେବକ ଦଳ ଗଢ଼ି, ସରକାର ସହିତ ସମସ୍ତ ସମ୍ପର୍କ ତୁଟାଇ ଦେବାକୁ ପ୍ରସ୍ତୁତ ହେଉଥିଲେ।

ଇତ୍ୟବସରରେ କେତେକ ଯୁବକ ତା୧୭।୮।୪୨ ରେ କାଇପଡ଼ା ପୋଷ୍ଟ ଅଫିସର କେତେକ କାଗଜ ପତ୍ର ପ୍ରକାଶ୍ୟ ଭାବରେ ପୋଡ଼ି ଦେଲେ। କିନ୍ତୁ ଏ ସାମାନ୍ୟ କାଣ୍ଡର ଉତ୍ତର ଦେଇଥିଲା—ରକ୍ତମୁହାଁ ପୁଲିସ ଫୌଜଙ୍କ ବନ୍ଧୁକ। ଏହାକୁ ତଦନ୍ତ କରିବା ପାଇଁ ତା୨୫।୮।୪୨ରେ ବନ୍ଧୁକ ଧାରୀ ପୋଲିସଫୌଜ ସହ ଯାଜପୁରର ସେକେଣ୍ଡ ଅଫିସର ଜଣେ ଡେପୁଟି କଲେକ୍‌ଟର ଓ ମ୍ୟାଜିଷ୍ଟ୍ରେଟ ପୁଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଓ ବିଞ୍ଝାରପୁର ଥାନାର ପୋଲିସ ସବ୍‌ଇନ୍‌ସପେକ୍‌ଟର କାଇପଡ଼ାରେ ପହଞ୍ଚିଲେ।

ତା୨୬।୮।୪୨ରେ ଗହ୍ମା ପୂର୍ଣ୍ଣିମା ସକାଳେ କୌଣସି ନେତାଙ୍କ ବିନା ଆହ୍ୱାନରେ କାଇପଡ଼ାରେ ଗୋଟିଏ ସଭା ହେବ ବୋଲି ପ୍ରାୟ ଦେଢ଼ଶହ ଗ୍ରାମବାସୀ ନଦୀ ପାରି ହୋଇ ଆସିଥିଲେ। କିନ୍ତୁ ତାହା ହୋଇ ପାରିବ ନାହିଁ ବୋଲି ପୋଲିସ କହିଲେ। ଜନତା ନ ଯିବାରୁ ଅଗ୍ରଣୀ ୨ ଜଣ କୁ ଗିରଫ୍ କରାଗଲା। ତା ପରେ ଅପରାହ୍ଣରେ ଗୋଟିଏ ସଭା ହୋଇ ଏହି ନିରପରାଧ ୨ ଜଣ ଲୋକଙ୍କୁ ଛାଡ଼ି ଦେବା ପାଇଁ ପୁଲିସ ପାଖରେ ନିବେଦନ କରିବାର ଠିକ ହେଲା। ତାପରେ ଲୋକମାନେ ଯାଇ ନିବେଦନ କରିଥିଲେ। କିନ୍ତୁ ଏହି ସମୟରେ ସେକେଣ୍ଡ ଅଫିସରଙ୍କ ଆଦେଶରେ ୨୦।୨୦ ଫୁଟ ଦୂରରୁ ଗୁଳି କରା ହେଲା।

ଏହି ଗୁଳି କାଣ୍ଡ ଫଳରେ ୪ଜଣ ଲୋକ ପ୍ରାଣ ହରାଇ ଥିଲେ। ସେମାନଙ୍କର ନାମ—ହାଟ ସାହିର ଶ୍ରୀ ମାୟାଧର ଭୂୟାଁ, କୃଷ୍ଣ ନଗର ନିବାସୀ ଶ୍ରୀ ହାଡ଼ିବନ୍ଧୁ ପଣ୍ଡା, ଶ୍ରୀ ସାନନ୍ଦସ୍ୱାଇଁ ଓ ଚେର ପୁର ନିବାସୀ ଶ୍ରୀ ସାଉଁଟି ମଲିକ। ଅଧିକ ମଧ୍ୟ ଏହି ଘଟଣାରେ ଗୋଟିଏ ୫।୬ ବର୍ଷର ବାଳିକା ଟିଏ ମରିଥିଲା। ଯେଉଁବେଳେ ପୋଲିସ ମାନେ ତାହାର ବାପକୁ ବାନ୍ଧି ନେଇଥିଲେ ସେତେବେଳେ ସେ ତାଙ୍କର ପଛେ ପଛେ ଯାଉଁ ଯାଉଁ ଗୋଟିଏ ପୋଖରୀରେ ବୁଡ଼ି ମରିଥିଲା। ଏହି ବାଳିକାଟିର ନାମ ଶ୍ରୀମତୀ ଅବଲା।

ଏ ଘଟଣାର ଅନେକ ଦିନ ପରେ ସରକାରୀ ଇସ୍ତାହାରରେ ପ୍ରକାଶ ପାଇଥିଲା ଯେ କେବଳ ଏକ ଜଣ ମାତ୍ର ଲୋକ ଏ କାଣ୍ଡରେ ପ୍ରାଣ ହରାଇ ଥିଲା। ଏ ପର୍ଯ୍ୟନ୍ତ ସରକାର ଏ ତଦନ୍ତ ବିଷୟରେ ଉଦାସୀନ।

ସହୀଦ୍ ମାନଙ୍କର ପରିଚୟ—

୰ସାନନ୍ଦ ସ୍ୱାଇଁ—ସେ ଜଣେ କଂଗ୍ରେସ ସେବୀ ଥିଲେ। ଅଗଷ୍ଟ ଆନ୍ଦୋଳନରେ ସେ ମରଣ ସେନାରେ ନାମ ଲେଖାଇ ଥିଲେ। ସେ ଗ୍ରାମ କମିଟି କଂଗ୍ରେସର ସମ୍ପାଦକ ଥିଲେ। ତାଙ୍କ ବାପଙ୍କ ନାମ ୰ସପନ ସ୍ୱାଇଁ। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ହୋଇଥିଲା।

୰ସାଉଁଟି ମଲିକ ଏହାଙ୍କ ବାପାଙ୍କ ନାମ ୰ରାମଧର ମଲିକ ଓ ମାତା ଶ୍ରୀ ଯେମା ଦେବୀ। ସାଆନ୍ତ ମାଆ ଶ୍ରୀରାଜେଶ୍ୱରୀ ଦେବୀ ବର୍ତ୍ତମାନ ମଧ୍ୟ ଜୀବିତ। ସେ ଉତ୍ସାହୀ ସାହାସୀ ଓ ନ୍ୟାୟ ପରାୟଣ ଯୁବକ ଥିଲେ। ସେ ଗ୍ରାମର ବହୁତ ହିତ ସାଧନ କରୁଥିଲେ। ମଲା ବେଳକୁ ତାଙ୍କୁ ୨୫ ବର୍ଷ। ୰ହାଡ଼ିବନ୍ଧୁ ପଣ୍ଡା। ୰ମହେଶ୍ୱର ପଣ୍ଡାଙ୍କ ପୁଅ। ମାଙ୍କ ନାମ ବୃନ୍ଦ ଦେବୀ। ଏ ଜଣେ ଦୃଢ଼ ପ୍ରତିଜ୍ଞ ଯୁବକ ଥିଲେ। ଗୁଳିକାଣ୍ଡ ଦିନ ତାଙ୍କର ଜଣେ ଆତ୍ମୀୟଙ୍କର ଶୁଦ୍ଧିକ୍ରିୟା ଛାଡ଼ି ସେ ସଭାକୁ ଯାଇଥିଲେ। ସେ ପ୍ରାଣ ଦେଇ ଗିରଫ ହୋଇଥିବା ଲୋକ ମାନଙ୍କୁ ଉଦ୍ଧାର କରିବାକୁ ସଚେଷ୍ଟ ଥିଲେ। ମଲା ବେଳକୁ ତାଙ୍କୁ ୩୨ ବର୍ଷ।

୰ମାୟାଧର ଭୂୟାଁ—ଶ୍ରୀ ଘନ ଭୂୟାଁଙ୍କର ପୁଅ। ସେ ବଡ଼ ସାହସୀ ଲୋକ ଥିଲେ। ଅଗଷ୍ଟ ଆନ୍ଦୋଳନରେ ସେ 'ମରଣ ସେନା'ରେ ନାମ ଲେଖାଇ ଥିଲେ ସେ କାଇପଡ଼ା ସଭାକୁ ଗଲାଦିନ କହି

Digitized by srujanika@gmail.com

ଯାଇଅଛନ୍ତି ଯେ ସେ ଲଢ଼େଇକୁ ଯାଉଛନ୍ତି । ହୁଏତ ଆଉ ନଫେରି ପାରନ୍ତି । ମଲାବେଳକୁ ସେ ୩୨ ବର୍ଷ ବୟସ୍କ ।

ସ୍ଥୂଳତଃ ସତ୍ୟ, ସରଳତା, ଅନ୍ୟାୟର ପ୍ରତିରୋଧ, ସାର୍ବଜନୀନ କାର୍ଯ୍ୟରେ ଆଗ୍ରହ ଏସବୁ ସହୀଦଙ୍କ ଭୂଷଣ ଥିଲା ।

ଦେଶର ମୁକ୍ତି ଆନ୍ଦୋଳନ ବେଳର ଉତ୍ତେଜନା ପଟ୍ଟଡ଼ାଣୀ ଗ୍ରାମବାସୀ ମାନଙ୍କ ଉପରେ ଅତ୍ୟାଚାରର ପ୍ରତିରୋଧ କରିବା ପାଇଁ ଓ ବନ୍ଦୀ ଭାଇ ମାନଙ୍କ ମୁକ୍ତି, ସମ୍ମାନ ରକ୍ଷା କରିବା ପାଇଁ ମୂହୂର୍ତ୍ତକେ ନିଜନିଜର ପ୍ରାଣ ବିସର୍ଜନ କରିଦେଲେ । ଏମାନେ ସହୀଦ ରୂପେ ସମସ୍ତ ଦେଶ ବାସୀଙ୍କର ପୂଜ୍ୟ । ସେମାନଙ୍କର ସ୍ମୃତିରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ଓ ଧର୍ମ । ଏ କର୍ତ୍ତବ୍ୟ ପାଳନ ନକରି ଦେଶବାସୀ ସ୍ୱରାଜ ପାଳନ ଦିଗରେ ଅଗ୍ରସର ହୋଇ ପାରିବେ ନାହିଁ ।

ଏ ଜଗତରେ ଜନ୍ମ ହୋଇ ଦେବତାବି ମରେ, (କିନ୍ତୁ) ସାର୍ଥକ ମରଣ ତାର ଯାର ଲାଗି ମାଟି ଗୋଡ଼ ଝୁରେ ।—

—ଶ—

## ପାଠାଗାର ଆନ୍ଦୋଳନ

୭୨ । ଉପେନ୍ଦ୍ର ଭଞ୍ଜ ପ୍ରଗତି ପାଠାଗାର—ଗୋପିନାଥପୁର ଶାସନ—ପୋ: ବୁଗୁଡ଼ା, ଗଞ୍ଜାମ । ସ୍ଥାପନା ୧୯୪୭ । ପରିଚାଳକ ରାଠୀ ମୋହନ ରାୟଗୁରୁ ପୁସ୍ତକ ସଂଖ୍ୟା—୨୦୦ (ଘନଶ୍ୟାମ ୮୯୨)

୭୩ । ବଲ୍ଲଭାନନ୍ଦ ଲାଇବ୍ରେରୀ—ଠେଙ୍ଗଡ଼, ପୋ: ବୈରୀ—କଟକ । ସ୍ଥାପନା ୧୯୪୭—ସଂପାଦକ ହାଡ଼ିବନ୍ଧୁ ଦାସ—ପରିଚାଳକ ବୈରାଗୀ ଚରଣ ଦାସ ପୁସ୍ତକ ସଂଖ୍ୟା ୨୧୫

୭୪ । ଯୁଗଜ୍ୟୋତି ପାଠାଗାର, ବ୍ରହ୍ମପୁର, ଗଞ୍ଜାମ—ସ୍ଥାପନା ୧୦୪୬ ସଭ୍ୟ ସଂଖ୍ୟା ୩୦—ପରିଚାଳକ—ଶ୍ରୀ ରାମକୃଷ୍ଣ—ପୁସ୍ତକ ସଂଖ୍ୟା ୯୬୪ । ଶଙ୍ଖ, ସହକାର, ନବଯୁଗର ଚତୁରଙ୍ଗ, ଶତାବ୍ଦୀ, ପ୍ରଭାତ, ଜହ୍ନମାମୁଁ, ରାଷ୍ଟ୍ରଦୀପ, ଭଞ୍ଜପ୍ରଦୀପ ଓ ଦୈନିକ ଆଶା ଆସେ

୭୫ । ବାଣୀବିନୋଦ ପାଠାଗାର, ଗଣ୍ଡନା, ପୋ: ହାଙ୍ଗଣାପଲ୍ଲୀ, ଗଞ୍ଜାମ । ପରିଚାଳକ—ଶ୍ରୀ ରଘୁନାଥ । ପୁସ୍ତକ ସଂଖ୍ୟା ୩୦ । ତିନିଖଣ୍ଡ ସାମୟିକ ପତ୍ର ଆସେ

୭୬ । ବୀଣାପାଣି ପାଠାଗାର—ପଦାଗାଁ—ଖଣ୍ଡାପଡ଼ା । ସ୍ଥାପନା ଅଗଷ୍ଟ ୧୫—୧୯୪୭— ପରିଚାଳକ ବୀଣାପାଣି ସଙ୍ଘ । ସଭ୍ୟ ସଂଖ୍ୟା ୫୦ । ପୁସ୍ତକ ସଂଖ୍ୟା ୩୪୦ ଡଗର, ସମାଜ, ପ୍ରଜାତନ୍ତ୍ର, ସହକାର ଆସେ

୭୭ । ନବଶକ୍ତି ପାଠାଗାର, ଭୂଷାପଡ଼ା ବାଣପୁର ପୁରୀ । ଯୁକ୍ତ ପରିଚାଳକ ଶ୍ରୀ ଶଶିକାନ୍ତ ଦାସ ଓ ନବଘନ ଦାସ । ପୁସ୍ତକ ସଂଖ୍ୟା ୨୫୦ । ନବଶକ୍ତି ସଂଘ ଦ୍ୱାରା ପ୍ରତିଷ୍ଠିତ । ସଂଘ ପାଠାଗାର ସମ୍ପର୍କ, ଶାନ୍ତି ଓ ମୁକ୍ତି ଓ ସାଥି ପକ୍ଷିକ ଦ୍ୱିମାସିକ ଓ ତ୍ରୟମାସିକ ହସ୍ତାକ୍ଷରପତ୍ର ବାହାରେ—(ଟିକିଟ ୯୨୫)

## ଅଜାଙ୍କ ଉତ୍ତର

ଘନଶ୍ୟାମ (୮୯୨)— Sale-Tax— ବିକ୍ରି କର ନେବା କଥା । ଲୋକପ୍ରିୟ ସରକାର ହୋଇଥିବାରୁ ଏ ଅର୍ଥ ଲୋକ ହିତରେ ଲଗିବାର ଆଶା କରାଯାଏ ।

ଯୁଗଳ—ଅଣ୍ଡା ଖାଇବା ଲୋକଙ୍କ ହିସାବ ଉତ୍ତମ ପାଇଲ କେଉଁଠୁ ? ଏହା ଠିକ୍ ନୁହେ । ତଥାପି ଅଣ୍ଡା ଖାଇବା ହେବାର କାରଣ ଉପଯୁକ୍ତ ଖାଦ୍ୟ ପେଟରେ ଅଭାବ । ତା ଛଡ଼ା ଯେଉଁ ମାନେ ଅତ ବେଶି ପଢନ୍ତି ସେମାନଙ୍କ ଅଣ୍ଡା ଖାଇବା ହେବାର ଭୟ ଅଛି । ଅଣ୍ଡାର ବ୍ୟାୟାମ ମଧ୍ୟ କରାଯାଇପାରେ ।

ଯଶୋଦା, (୮୯୦) ଯେଉଁମାନେ ଜେଲ ଭିତରେ ଜେଲ ବାହାରେ ମରିଛନ୍ତି ସେମାନଙ୍କ ସମ୍ମାନ ତୋଳିବାକୁ ହେବ । କାରଣ ସେ ଜେଲ ଯାଇଥିଲେ ଦେଶପାଇଁ ଏବଂ ଦେଶପାଇଁ ମରିବାକୁ ପ୍ରସ୍ତୁତ ଥିଲେ ବୋଲି ଜେଲରେ ମରି ପାରିଲେ । ଘରେ ରହିଥିଲେ ସେ ସରକାରଙ୍କ କେଉଁଦେଲ ଖାଲସ ଖାଇ ପାରି ଥାନ୍ତେ । ଆଉ ଯେଉଁମାନେ ମରିବାପାଇଁ ସ୍ୱୀକାର କରିଥାଇ କୌଣସି ଯୁଦ୍ଧ ଚଳିବା ଯାଗାକୁ ଦୈବାତ ଯାଇ ନଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଯାହା ଦେଖାଇବାକୁ ଅଛି ସ୍ୱୀକାର ମରିଛନ୍ତି ସେମାନଙ୍କୁ ଉଚ୍ଚ ସମ୍ମାନ ଦେବାକୁ ପଡ଼ିବ ।

ତଥାପି ସେ ଦେଶ ବଳ ତ ? ସେଥିପାଇଁ ତାର ବଡ଼ ମରନାହାନ୍ତି । ତାଛଡ଼ା ସ୍ୱାଧୀନ ମରିଥିବା ଲୋକଙ୍କ ଭିତରେ କଏ କେବଳ ନୌତିକ ଦେଶ ସେବାଇବାକୁ ଅଛିଥିଲା, ତାହା ଚିହ୍ନିବା କଷ୍ଟକର । ସେ କଥାର କହିନାହିଁ ଯେ ତା ମନକଥା ଆମେ ଜାଣିବୁ ।

## ଅବସର ବିନୋଦନ ୩

ମୋ ନାମ ଅଟନା ତିନି ଅକ୍ଷର

ମଝିକି ଛାଡ଼ିଲେ ମାଡ଼ିବ ଡର

ଓଲଟାଇ ତାକୁ ଫୁଙ୍କିଲେ ନଳ

ସେ ଦୁଇ ଅକ୍ଷର ଉଠିବ ଜଳ ।

ଦ୍ୱିତୀୟ ପାଖରେ ପ୍ରଥମ ଥୁଅ

ସାଜ ହେବାପାଇଁ ପାଇବ ପୁଅ ।

ଦ୍ୱିତୀୟ ତୃତୀୟ ଦଥର ଗୋଟି

ନଯା ନାଗଭାଇ ଅଯଥା ଲୁଟି ।

ତୃତୀୟ ଦ୍ୱିତୀୟ ନ ମଲେ ମନ୍ଥ

କାଳୁଟି ହୁଅଇ ଧାଡ଼ ଅନ୍ତ ।

ନଖେଡ଼ ବନ୍ଧା ଟି ହେବାକୁ ଥିଲେ

ଓଲଟାଇ ତାକୁ ପଡ଼ୋନ୍ଦି ପିଲେ ।

ଓଡ଼ିଶାରେ ମୋର ପ୍ରଥମ ସ୍ଥାନ

ନାଗ ଭାଇ ରଖ ମୋର ସମ୍ମାନ ।

—୨୮ । ୧୨ । ସୁଦ୍ଧା ଉତ୍ତର ପତ୍ରଅଙ୍କ

## ନୂଆନାଗଙ୍କ ନାମ

୯୧୪ । ଶ୍ରୀ ହରପ୍ରସାଦ ଚୌଧୁରୀ, ଢେଙ୍କାନାଳ ଉଚ୍ଚ ଇଂରାଜୀ ବିଦ୍ୟାଳୟ ୧୦ମ ଶ୍ରେଣୀ । ୯୧୫ । ଶ୍ରୀ ନନ୍ଦ କିଶୋର ମହାରଣା ୯ମ ଶ୍ରେଣୀ ଇନ୍ଦ୍ରବତୀର ଉଚ୍ଚ ଇଂରାଜୀ ବିଦ୍ୟାଳୟ, ବୁଗୁଡ଼ା ପୋଃ ଅଃ ବୁଗୁଡ଼ା ଜିଃ କଟକ । ୯୧୬ । ଶ୍ରୀ ଧନେଶ୍ୱର ରାଉତ, ଏକାଦଶ ଶ୍ରେଣୀ, ଜନକହାର ଉଚ୍ଚ ଇଂରାଜୀ ବିଦ୍ୟାଳୟ ଜଗତ ପୋଃ ଅଃ ଜଗତ ଜିଃ କଟକ । ୯୧୭ । ଶ୍ରୀମତୀ ସରଳା କୁମାରୀ, ୮ମ ଶ୍ରେଣୀ ଛାତ୍ର, ଦାମୋ ନିଃ ଉଃ ସ୍କୁଲ ଗ୍ରାମ, ପୋଃ ଅଃ ଦାମୋ ଜିଃ ବାଲେଶ୍ୱର । ୯୧୮ । ଶ୍ରୀ ପ୍ରଶାନ୍ତ କୁମାର ଦତ୍ତ, ଅଡଙ୍ଗ ବଜାର ପୋଃ ଅଃ ବାଲେଶ୍ୱର ଜିଃ ବାଲେଶ୍ୱର । ୯୧୯ । ଶ୍ରୀ ଦେବେନ୍ଦ୍ର ନାଥ ଦାସ C/o ନିତ୍ୟାନନ୍ଦ ଦାସ, ଗ୍ରାମ ନାଖିଗମ୍ବ ପୋଃ ଅଃ ବାଲେଶ୍ୱର । ୯୨୦ । ଶ୍ରୀ ଭରତଖଣ୍ଡ ବାବୁ C/o କୁମାର ସାହେବ ବନ୍ଦ୍ରକଲ୍ପ ଇଷ୍ଟେଟ୍, ଗ୍ରାମ ହାଣ୍ଡିବାରିଗଡ଼ ପୋଃ ଅଃ ଭଉଣୀବହୁଲ ଭ: ଏନ୍: ଆର । ୯୨୧ । ଶ୍ରୀମତୀ ସୁଧାରାଣୀ ସ୍ୱାଇଁ (ଛାତ୍ରୀ) C/o ଶ୍ରୀ ଶଙ୍କର ଚନ୍ଦ୍ର, ହରଗୋବିନ୍ଦ ଭବନ ଅଣ୍ଡା—ପୋଃ ଅଃ ସତ୍ୟବାଦୀ ଜିଲ୍ଲା କଟକ ।

Digitized by srujanika@gmail.com

ଅପୂର୍ବ ସୁଯୋଗ ହିନ୍ଦୁ ପ୍ରେ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଲୋକେ ଚିତ୍ର ଦେମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଶିକ୍ଷାରେ ଗଣ୍ୟ । ଗାନ୍ଧିଜୀ ଓ ନେହୁରଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଚିକିତ୍ସା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଆମ କାର୍ଯ୍ୟରେ ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ବାକ୍ସର ମୂଲ୍ୟ ଟ୧୫୷/ । ଏଡ଼ଭାନ୍ସ ଟ୫୯ ପଠାଇଲେ ଭି: ପି: ରେ ପଠାଯିବ ।

ଠିକଣା—ପରିଚାଳକ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ
**ବିରଜା ଔଷଧାଳୟ, ପୋ: ବଣାହାଡ଼ (ଓଡ଼ିଶା)**

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି

**ନିତ୍ୟାନନ୍ଦ ବାବୁଙ୍କର**

## ଭୁଲ୍

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ଵଚନ ମନର ଵଚନ କାହାଣୀ କହୁଛି

**"ଏଗାରଟା" ଓ "କ୍ଷଣିକା";**

ଜାତୀୟ ଜୀବନର ଜୀବନ୍ତ ଗୀତାବଳି

**"ପାଞ୍ଚଜନ୍ୟ"**

ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

—✠—

( କଟକର ସବୁ ବହି ଦୋକାନରେ ପାଇବେ )

## ଉର କୁଟିର ଆମେରିକାନ ଘଡ଼ି



ସୁନ୍ଦର ଡିଜାଇନ, ମଜବୁତ୍ କଳକବ୍ଜା—ସୁନ୍ଦର ଡିଜାଇନ ୩ ବର୍ଷ ପାଇଁ ଗ୍ୟାରେଣ୍ଟି । ଗୋଲ୍ କମ୍ପାସ ବ୍ରୋଞ୍ଜ କ୍ରୋମିଅମ କେସ୍ ଟ୧୫୯ ଉତ୍କୃଷ୍ଟ ଟ୧୬୯ ଚଉଡ଼ା ସାଇଜ ଟ୨୪୯ ଏଜନ୍ ମଝିରେ ସେକେଣ୍ଡ କଣ୍ଟାସହ ଟ୩୮୯ ୧୫ ଜୁଏଲ ଯୁକ୍ତ ଟ୩୬୯ ଲମ୍ବା ସାଇଜ ୧୫ ଜୁଏଲ ଯୁକ୍ତ ଟ୩୮୯ ରୋଲ୍ଡ ଗୋଲ୍ଡ ୧୦ ବର୍ଷ ପାଇଁ ଗ୍ୟାରେଣ୍ଟି । ଲେଡ଼ିଜ ଟ୫୦୯ ୧୫ ଜୁଏଲ୍ ସହ ଟ୪୫୯ ଡାକଖର୍ଚ୍ଚା ଟ୦୷ ଦୁଇଟି ଘଡ଼ି ଏକ ସାଙ୍ଗରେ ନେଲେ ଡାକ ଖର୍ଚ୍ଚା ପଡ଼େ ନାହିଁ । ଗୋଟିଏ ପ୍ଲାଷ୍ଟିକ ହାତବନ୍ଧା ଫିତା ପ୍ରତ୍ୟେକ ଘଡ଼ି ସହିତ ବିନା ମୂଲ୍ୟରେ ଦିଆଯାଏ ।

**ଆମେରିକାନ**

## ଫାଉଣ୍ଟେନପେନ ।



ସୂକ୍ଷ୍ମ ଓ ସ୍ୱଚ୍ଛନ୍ଦରେ ଲେଖି ହେବ, ଭିନ୍ନ ଭିନ୍ନ ରଙ୍ଗରେ—ସୁନା ପ୍ଲେଟିଂକରା ନିବ୍ କ୍ଲିପ ସହ ଟ ୨୴ ଉତ୍କୃଷ୍ଟ ଟ ୯ ସ୍ପେଶାଲ ଟ୬୯ ! ୧୪ କେରେଟ ସୁନା ନିବ୍ ସହ ଟ୬୯ ଉତ୍କୃଷ୍ଟ ଟ୮୯ ଡାକ ଟିକଟ ଟ୦୷, ତିନୋଟି କଲମ ଏକ ସାଙ୍ଗରେ ନେଲେ ଡାକ ଖର୍ଚ୍ଚା ଲାଗେ ନାହିଁ ବାରଟି କଲମ ଏକ ସାଙ୍ଗରେ କିଣିଲେ ଶତକଡ଼ା ଟ୧୨୯ ହାରରେ କମିଶନ ଦିଆଯାଏ ।

**AMERICAN TRADING Co [D]**
**Po. Box No 12204 CALCUTTA—5**

Printed & Published by G. C. Mahapatra at the Gopinathpress, Bhadrak 1947.

Digitized by srujanika@gmail.com




"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

Vol XI | Monday. Dec. 22. 1947. | No. 19.

## ବିଶାଳ ଉତ୍କଳର ପ୍ରତିଷ୍ଠାତା



ଉତ୍କଳ କେଶରୀ



ସର୍ଦ୍ଦାର ପଟେଲ



ଗଭର୍ଣ୍ଣର କାଟ୍‌ଜୁ

ଆପଣମାନଙ୍କ ନେତୃତ୍ୱରେ ବିଶାଳ ଉତ୍କଳର ଭିତ୍ତି ପତ୍ତନ ଆରମ୍ଭ ହୋଇଛି । ଉତ୍କଳ ଇତିହାସରେ ଆପଣମାନେ ଅମର । 'ଡଗର' ଆପଣମାନଙ୍କୁ ଅଭିନନ୍ଦନ କରି ଆଶା କରୁଛି ଯେ ଆପଣମାନଙ୍କ ନେତୃତ୍ୱରେ ଉତ୍କଳ ପୂର୍ଣାଙ୍ଗ ପ୍ରାପ୍ତ ହେବ ।

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୬୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୲ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
ପୋ: ଭଦ୍ରକ (B. N. Ry.)

ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ରାଇମୋହନଦାସ

Digitized by srujanika@gmail.com




# ବିଲୁଆ ବିଚାର

୧୧ଶ ବର୍ଷ— ସୋମବାର—ଧନୁ ( ନବୀନ ) ତା ୭ ନ ୧୩୫୫ ୧୯ଶ ସଂଖ୍ୟା

ଓଡ଼ିଶାରୁ ଶ୍ରୀଯୁକ୍ତ ଚକ୍ରଧର ଗଡ଼ ଅବସର ନେଲେ। ଓଡ଼ିଶା ବର୍ତ୍ତମାନ ଚକ୍ରର ସ୍ଥାନ ସେଥିପାଇଁ ସେ ଚକ୍ରଙ୍କ ସ୍ୱାଗତ କରୁଛି। ତାହେଲେ ଓଡ଼ିଆଙ୍କ ଭାଗ୍ୟରେ ବର୍ତ୍ତମାନ ଗଡ଼ ଗଡ଼ ଚକ୍ର ପ୍ରବଳ। ଏଣ ଓଡ଼ିଆଙ୍କ ଅନ୍ତ ସେ ପ୍ରଥମେ ଗ୍ରହତ୍ରାବ ଆରମ୍ଭ କରୁଛି। ତେଣୁ ସେ ଚକ୍ରର ଗ୍ରହଙ୍କ ସମ୍ବର୍ଦ୍ଧନା କରୁଛି। ଓଡ଼ିଆମାନେ ମନ୍ତ୍ରୀମାନଙ୍କ ନେତୃତ୍ୱରୁ ଟଙ୍କ ଟଙ୍କ ଚନ୍ଦ୍ର କଳା ପାଇବାରେ ଲଗାଇ ଥିବାରୁ ସେ ଟଙ୍କଙ୍କୁ ଅଭିବାଦନ ଜଣାଉଛି।

× + +

ସଂବାଦ ମିଳୁଛି ଯେ ଟଙ୍କଙ୍କ ସ୍ୱାଗତ ଜନତା ଏତେ ଭିଡ଼ ହୋଇଥିଲା ଯେ କେତେକ ଦୁର୍ବଳ ଲୋକ ଗୃହ ପାଉନ୍ତି ନାହିଁ ହୋଇ ଶୂନ୍ୟ ଶୂନ୍ୟ ରହିଗଲେ। ଏବଂ ଶୂନ୍ୟ ଶୂନ୍ୟ ହୋଇ ଗ୍ରାମରେ ଫେରିବାକୁ ଲାଗିଲେ। ମନେ ହୁଏ ସେମାନଙ୍କ ସମ୍ବର୍ଦ୍ଧନା ମଧ୍ୟ ଶୂନ୍ୟ ଶୂନ୍ୟ ହୋଇଥିବ।

÷ + ×

ସଭ୍ୟତାର ପ୍ରଥମ ଯେ ସେମାନଙ୍କର କ୍ଷମତା ବଢ଼ିବ ଅବଶ୍ୟ ବୁଝ ଯାଇ ନେଲେ। ତଥାପି ସେମାନଙ୍କର ପଦ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ। ଫଳରେ ଗୋଟିଏ କଥା ଅଛି ଦରକାର ବାଦଶାହ। ଏମାନେ ସେହିପରି ଜଣେ ଜଣେ ବର୍ତ୍ତମାନ ବାଦଶା ହୋଇ ରହିବେ। ଜନନେତା ମାନେ ମୁକ୍ତ ସ୍ୱାଧୀନ ସମ୍ରାଟ ମାତ୍ର ଆଉ ସତ୍ତାର ରାଜାମାନେ— ମୁକ୍ତ ଯୁକ୍ତ ଅସମ୍ରାଟ। ଯାହାହେଉ ଏଥର ସବୁ କମାରମାନେ ପାଠ କରନ୍ତୁ।

ମେଘ ଗର୍ଜିଲା ଟୁପୁରୁ ଟୁପୁରୁ
ବେଙ୍ଗର ମାଡ଼ଲି ସଭା,
ସାରୁ ପତ୍ରରେ ବେଙ୍ଗଟିଏ ବସି
ଅଟେ ଡୋଲାଉଛ ରଡ଼ା।

ଶୁଣାଯାଏ ଚାଳିଚେଲର ପତ୍ନୀ ଆପଣାର 'ତ' ଶ୍ରେଣୀର ରଡ଼ା ହୋଇ ତାଙ୍କର ବାଟକୁ ଭାରତ ଯୁଦ୍ଧଯୁଦ୍ଧ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଭାରତ ସରକାର ପ୍ରସ୍ତାବ ମୋଟେ ମାନିଲେ ନାହିଁ। ସେତ ମୋଟେ। ସେ ତ ମାନନ୍ତି। ମାତ୍ର ରଡ଼ାକୁ ସତ୍ୟ ମାରି ଥିଲେ ବି ସେ ଦେଇ ଥାନ୍ତା। ଚାଳି ଚେଲ ନିଜେ ମଧ୍ୟ ଦେଇ ଥାନ୍ତେ। ଅନ୍ୟଥା ସ୍ଥାନ ପଛେ ପଛେ ଚାଳିଚେଲ ନିଜେ ହେଉଛ ମଧ୍ୟ। କିନ୍ତୁ ମୋଟନ୍ ଚାଳିଚେଲଙ୍କୁ ସେତେ ଦେଇଥିଲେ ହୋଇଥାନ୍ତା ରଡ଼ା ଚାନ୍ଦ ପଡ଼ ପଡ଼ ଥାନ୍ତା "ଭଗବୃପକ୍ଷ ଟୋପ ଅଧିକ ବଜାଇବା ପାଇଁ ଏକ ବେତା ଅଟେ ବହିତ ତେ ମହାତ୍ମା!"

× + +

ଓଡ଼ିଶା ଗଡ଼ଜାତରେ ଦଶ କଥା ଅବଶ୍ୟ ହେଲା ସେଥିପାଇଁ ମହାରାଜଙ୍କୁ ଧନ୍ୟବାଦ ନ ଦେଲେ ଅକୃତଜ୍ଞତା ହେବ। କିନ୍ତୁ ଏ ଓଡ଼ିଆ ଜାତି ତ। ଜନତ ଜାଗମ ଜାଗିଲ ଏକାଠି କ୍ଷମାରେ ମିଳିଥାଏ। ଜମାଟ ହୁଙ୍କାର କରୁଛନ୍ତି ସେତେ। ତେବେତ କହୁଛନ୍ତି ମଝିରେ ମହାରାଜ ଏଠାଏ ଯେ ଗଡ଼ରକୁ ଜଣାଇଥିଲେ ତାହା ହେବନ ସ୍ୱତନ୍ତ୍ର—ଯାହା ଅନ୍ୟ କଥାରେ ଲକ୍ଷଣ ଚାଟୁ ମନ୍ତ୍ର ବଡ଼ମାଏ।

× × ×

ଶ୍ରୀଯୁକ୍ତ ପଟ୍ଟନାୟକ ଜାଗ୍ରତ ଭାରତରେ ଉନ୍ନତ ମୋହନ କଲେଜ ସଙ୍ଗେ ସମ୍ପର୍କ ଓ ହେଉଛ ମଧ୍ୟ ଥିଲା। ଏଣା କର୍ଯ୍ୟାଳୟ ସୌଭାଗ୍ୟ ଶୁଣ ଯେଉଁରୁ ସଭାପତି ଘଟରେ ଅପଯାଏ ଅନୁଷ୍ଠିତ ହେଉଛି— ଅଧିକା ଚଳି ମୋହନଲଲ ସେହିପରି ପଟ୍ଟନାୟକ କୁଣ୍ଡରେ ଏବ ଚାରିତ ମନୋଯୋଗର ପରିଚୟ ଦେଉଛି।

+ + ×

ଆସାମରେ ଭୂକମ୍ପ ହେବା ଫଳରେ ଦୃଶ୍ୟ ଦାଗ-ସୂଣ କହନ୍ତେ ସମାଜ ଚାପ ଶାସନ ତଳେ ସମାଜ ଏପରି ହେବ ଯେ ସେଠି ବେତନ ଦ୍ୱାରା ଓ କମରେ କାମ କରିବା ଲୋକେ ଅନ୍ନ ଓ ଅର୍ଥର ଭାଗ ପାଇବେ। ଆଉ ଯେଉଁମାନେ ମୁଣ୍ଡ ଓ ଗୋଡ଼ରେ କାମ ଚଳେଇବ ତାଙ୍କର ଜଣ ଏକ ଭାଗ ନାହିଁ। ସେ ସମାଜରେ ଜଣା ଯାଉଛି ବାହାର ଅଳ ଗୋଡ଼ ତଳେ ଲାଗିବ ନାହିଁ ତ ତଳ-ଭାଗ ଅବଶ୍ୟକତା ନାହିଁ। ଗୋଡ଼ ବାମ ହାତ ଭୂଲେଇ ନବ। ଆଉ କଲମ ହୋଇ ଗୋଡ଼ରେ କାମ କରିବା ହେବ ସମ୍ଭବତଃ କବିଙ୍କ ପତ୍ନୀ ହୋଇ ଯିବ ଓ କଣ୍ଟକ ଟେମ ପଶର ଜନମନ୍ତ୍ର ପଢ଼ି ଶିବ ରହିବ ହିଂସା ବଢ଼ୁଥିବ ହୋଇ ଅହିଂସା ସମାଜ ନଷ୍ଟ ହେବ।

+ + ×

ପଣ୍ଡିତ ନେହେରୁଙ୍କ ଲଣ୍ଡନ ଗମନ ସଂପର୍କରେ କଳ୍ପନା ହେଉ କହନ୍ତି ଏଣିକି ଗ୍ରାମ ଓ ସହର ଭାରତରେ 'ସାମ୍ୟବାଦ ଭଉଁରେ ଯାଉ' ଭାରତର ରହନ୍ତୁ। ଏତ କଥା। ସହର ଯେତେବେ ଶୋଷଣ କରୁଛି ମଫସଲକୁ ମଫସଲ ମଧ୍ୟ ସେହିପରି ସହରକୁ ଶୋଷଣ କରିବା ଦରକାର। ତା ନ ହେଲେ ପଟ ଚଳିବ ନାହିଁ। ଦେଶର ବର୍ଣ୍ଣ ଧର୍ମ ଭଗ୍ନ ରହିବ। କିନ୍ତୁ ମଫସଲ ସଂଖ୍ୟା ଯେତେବେ ଯେ ଯାଏ ସହରକୁ ଶୋଷି ଆରମ୍ଭ କରେ ତେବେ ଅବସ୍ଥା କଣ ହେବ? ସହର ସବୁ ଲୋପ ପାଇଯିବ ଯେ। ଆଉ ସାମ୍ୟ ବା ମାନ ଏବ ଦରକାର ପଡ଼ିବ ନାହିଁ। ତେଣୁ ଭାରତ ସରକାର ଯେଉଁ ସୂତ୍ରକୁ ଅନ୍ତର ପୂର୍ଣ୍ଣ କରିବା ପାଇଁ ନିଲ କଲେ। ଆଉ ଏହି ସାମ୍ୟ ମାନର ବର୍ଣ୍ଣ ଠିକ୍ କରିବା ପାଇଁ ମହାରାଜଙ୍କ ଭଳି ବଂଶର ମାନ ଠିକ କରନ୍ତୁ।

ଶ୍ରୀଯୁକ୍ତ ସମ୍ପୂର୍ଣ୍ଣ ବେଶ ଶୀଘ୍ର ଦେଶ ଭିତରେ ଲାଭ ବାହାରରେ ହୋଇ ଘୋଷଣା କରି କହନ୍ତି —ଏହାର ନାମ ହେବ—ସ୍ୱାଧୀନତା ଦିବସ। ଭାରତର ବର୍ତ୍ତମାନ ଅବସ୍ଥାରୁ ଜଣା ପଡ଼ୁଛି— ସ୍ୱାଧୀନତାଟା ଆମର ନିଜସ୍ୱ ହୋଇନାହିଁ—ବୋଧହୁଏ ଇଂରେଜ ସରକାରଠୁଁ ଆମେ ସ୍ୱାଧୀନତା ଭଲ ଆଣିଛୁ। ବୁଝିବାକୁ ହେଲେ ମୂଳ ଅସଲ ଦେବ ଶୋଧ କରିବୁଁ ତା ମୂଳେ ମୂଳେ।

× × ×

ପାଠ ସ୍ଥାନରେ ଅର୍ଦ୍ଧ ଶତେ ସୁଜନ ସ୍ଥଳେର ମଧ୍ୟ ଗୁଣ ପାଇଁ ଅନେକବା ଯିବେ। ବୋଧହୁଏ ସୁଜନ ଙ୍କ ନାମ ଅନୁସାରେ ସେ ଗୁଣର ନାମ ହେବ 'ସୁଜନ ଗୁଣ'। ଆଉ ସ୍ଥାନ ସେ ଗୁଣର ମୁଖ ସବ ଓ ବାହାର ନଥିଲେ ଶେଷରେ ଲକ୍ଷଣ ଟାଳ ପୋଲନି ଗୁଣ ରନ ସବୁ ଅଟ ସାଥ ବନ୍ଧ କରିବେ, ହୋଇ ଯେଉଁ ଅଣ୍ଡା ହେଉଛି ତା ମିଛ ନହୋଇ ପାରେ। ଏଣେପରେ ଉସ୍ଥାନରେ ମୁଖ ଦେବା ଓ ଦେବା ମନା।

× × ×

ଓଡ଼ିଶା ସତ୍ତ ଭାରତରେ ଅଚଳ ହାରମୋନିଅମ ସଙ୍ଗ ଦେବାପାଇଁ ଲାଗନ୍ତେ ମହାତ୍ମା ପ୍ରଭାବ ଓ କମ୍ୟୁନିଷ୍ଟ ମାନେ ଏକମତ। ବୁଝିଅଛେ ସ୍ୱାଗତ ମତଲବ ଯେପରି ଅନ୍ୟମତ ନାହିଁ ଓଡ଼ିଶାର ମହାରାଜ ମତ ଛଡ଼ା ସେଠାରେ ଅନ୍ୟ ମତ ରହିବା ଉଚିତ ନୁହେଁ। ସେଥିପାଇଁ ମହାରାଜ କହୁଛନ୍ତି ସଭ୍ୟତାର ପ୍ରଭାବ—

ମାନେଙ୍କ ଶରଣଂ ବ୍ରଜ ସର୍ବଭେଦ ସଭ୍ୟତା
ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ

Digitized by srujanika@gmail.com

ପଣ୍ଡିତ ଜବାହର ଲାଲ ନେହେରୁ ସମ୍ପ୍ରତି ବଷିତ ଷଠ ସଭାରେ ବକ୍ତୃତା ଦେଇ କହିଲେ— ଅନେକ ଲୋକଙ୍କ ମନରେ ଭାବ ରେଖ ଚଳନ୍ତି ନାହିଁ—ଏମ ଭାରତକୁ ଅପରେ ଉଡି ଉଡ ଦେଶରେ ଯିବ କହନ୍ତି । କଥାଟା ଦେଖ ଉଲ ମଜାର । ଯାହା ହେଉ ଭାରତ ପୁଣି ଯେ ଏକ ବସ୍ତୁ ଭାବ ସୃଷ୍ଟି କରୁଛି । ଏମ ଅପରାଧ ନିଜର ଲୋକ ଦେଶର ସ୍ୱାଧୀନ ବସ୍ତୁ ଧର ସ୍ୱଦେଶକୁ ନେଇ ଓ ବସ୍ତୁ ଉଦ୍ଦେଶ୍ୟ ଭାବ ଦେଇ ଯାଉଛନ୍ତି । କେବଳ ଉଠାଇ ଉପରେ ଯାଇ ହେଉଛି । କାରଣ ନିଜରେ ଏକ ଦେଶର ସ୍ୱାଧୀନ ଭାବ ମାନ ଓ ଦେଶର ବସ୍ତୁ ଭାଷାର ଦେଶର ଦେଖି ବଡ ବା ଛୋଟ ନେବ ଯେଉଁ ସେଠ ପ୍ରତି ବିଶ୍ୱାସ ସ୍ଥାପିତ ।

× × +

ନେହେରୁଙ୍କ ପୁଣି କହିଲେ ବଡ ଶିକ୍ଷା ସବୁ ବସ୍ତୁ ହାତରେ ଦେଲେ ଛଆଟି ବ୍ୟକ୍ତିଗତ ଉଦ୍ୟମ ପାଇଁ ଅବସର ଅନୁଦ୍ୟାପ୍ତ । ପ୍ରତ୍ୟେକ ଦେଶର ହେବ ଓ ସଙ୍ଗରୁ ଦେଶ ସରକାର ନାହିଁ । ଏଭଳି ମତ ମତ ବା ଭାବ ନହୋଇ ବସ୍ତୁ ବା ବାସ୍ତବ ହେଲେ ଖୁବ୍ ଭଲ କଥା ।

\+ + +

ଡେମୋକ୍ରାସି ସମ୍ବନ୍ଧରେ ପଣ୍ଡିତଜୀ କହିଲେ ବାସ୍ତବରେ ଅଧିକ ଶକ୍ତ ଅପ୍ରତିହୋଇ ନାହିଁ । ଏଣୁ ଅଧିକ ମିଛ, ଅଧିକ ଠକାମି, ଅଧିକ ଦ୍ୱେଷ, ଅଧିକ ନାଲି ଫିତା, ୭ ଅଧିକ ଖର୍ଚ୍ଚ, ଅଧିକ ମଦ ଅଧିକ ଭୁଲ, ଅଧିକ ଅସ୍ତ୍ର ଶସ୍ତ୍ର, ଅଧିକ ଅଫିସର, ଅଧିକ ଶାସ୍ତ୍ର ଅଭାବ, ଶୋଷଣ ଅନ୍ୟାୟ ଅଧିକ ଦୁର୍ନୀତି ବଢିଛି । ଅତଏବ ଏହା ପ୍ରଚଳିତ ଅଛି ।

ବୈଦେଶିକ ମନ୍ତ୍ରୀ ମାନଙ୍କ ମିଳନ ଫଳପ୍ରଦ ନୁହେଁ । ରୁଷିଆ ଦାବିକଲା ପୂର୍ବପୂରୁ ଜର୍ମାନୀ ଠାରୁ କ୍ଷତି ପୂରଣ ଦେବାଇବି । ଏଣୁ ଆମେରିକା ଏ ଦାବୀ ଭଲା ସହ୍ୟ କରି ପାରିଲା ନାହିଁ । ଆମେରିକା ଓ ରୁଷ୍ ଦେଶ୍ ଭାବ ଗାହାସ ମଧ୍ୟ ଚଳାଇ ଦେବେ । ଜର୍ମାନ ପାଇଁ ଆମେରିକା ଦେଶରେ ଅଭ ଦାଉ ଉଦାର ନାହିଁ । ରୁଷ୍ ମଧ୍ୟ ଜର୍ମାନ ପ୍ରତି ବମ୍ପା ଉଦାର ହୋଇ ତାକୁ ସହଜରେ ନମାଉ ଚୋଇମ କରି ଉଠି ଦେବାକୁ ସତ ହେବାକୁ ସାଜଦ୍ଧ ଦାମ ପାଇଲା । ପରେ ଶେଷରେ ରୁଷ ପ୍ରତିନିଧି ମୋଲୋଟୋଭ ଓ ଆମେରିକା ପ୍ରତିନିଧି ମାର୍ଶାଲ ଅଧିକାଂଶ ଦମତା କରି ଏକଯୋଗ ହେଲେ । ଉଭୟେ ଉଭୟ ଦେଶର ସ୍ୱାର୍ଥ ସାଧ କରିଥିବେ ଏବଂ ଜର୍ମାନ ଯାତନା ସହନ ମଧ୍ୟ ।

\+ + ÷

ପଣ୍ଡିତ ନେହେରୁଙ୍କୁ ସଂବର୍ଦ୍ଧନା କରିବା ପାଇଁ ଯେଉଁ ସଭା ହୋଇଥିଲା ସେଥିରେ ଲକ୍ଷ ଲକ୍ଷ ଲୋକ ଯୋଗ ଦେଇଥିଲେ । ଏପରି ଲୋକ ସମାବେଶ ଇତିହାସରେ କେବେ ହୋଇନାହିଁ । ମାତ୍ର ଏଣୁ ଅଧିକ ୧୦ ଲକ୍ଷ ହେବ ବୋଲି—ତାହା ଏଭଳି ଇତିହାସରେ ପରିଣତ ହେଲାଣି । ଯେଉଁମାନେ ଏହି ଉତ୍ସବରେ ଯୋଗ ଦେଇଛନ୍ତି ସେମାନେ ଧନ୍ୟ ଇତିହାସ ସୃଷ୍ଟି କଲେ ।

\+ + +

ପଣ୍ଡିତ ନେହେରୁ ନିଜର ଉପାଧି ଗ୍ରହଣ ଶେଷରେ ଶାନ୍ତି ମଧ୍ୟ ଅଛି ଦେଇଛନ୍ତି । ମହାତ୍ମାଙ୍କର ମହାଦେବ ମଧ୍ୟ ଥିଲେ । ପୁଣି ମହାତ୍ମାଙ୍କ ଉପଦେଶ ଶିବଙ୍କ ଶକ୍ତି ଅସ୍ତ୍ର ଦେବାକୁ ପଡିଲା । ଦୁର୍ଗା ଶାକ୍ତଙ୍କର 'ଶକ୍ତି' ସ୍ୱର୍ଗରୁ । ମାତ୍ର ଶିବ ବା ମଙ୍ଗଳ ହୋଇ ବସି ରହିଛନ୍ତି । ସେଥିପାଇଁ ତାଙ୍କ କଥା ଏବେ ଶୁଣନ୍ତୁ ।

\+ ÷ +

ସର୍ଦ୍ଦାର ପଟେଲ ଓଡ଼ିଶା ରାଜାମାନଙ୍କର ତ୍ୟାଗ-ପାଇଁ ଧନ୍ୟବାଦ ଦେଉଛନ୍ତି । ଏମ ଓଡ଼ିଶାରେ ସୋଟିଏ ପ୍ରତାପ ଅଛି—ଓଡ଼ିଆଙ୍କ ବାଧା ନେଇ—ବିନା... ସେ ଦେବା ନାହିଁ ।

ବାକିଟା ପାଠକେ ପୂରଣ କରନ୍ତୁ !

÷ × +

ବର୍ତ୍ତମାନ ମିଶ୍ରଣ ପରେ ମନ୍ତ୍ରୀମାନେ ନିଯୁକ୍ତ ହୋଇ ଅଛନ୍ତି । ଲାଗିଲେ ଦେବେ ଏମ୍ଭା ବାଧାଗରେ ନିହେଁ । କୋଷାଧ୍ୟକ୍ଷ ମନ୍ତ୍ରୀମାନଙ୍କର ବନ୍ଧୁତା ଭାଇଙ୍କ ପ୍ରେମ ( love ) ଫଳରେ ଯେପରି ନିଯୁକ୍ତ ହୋଇ ଥିଲେ ମନ୍ତ୍ରୀମାନେ ସେହିପରି ନିଯୁକ୍ତ ହୋଇଛନ୍ତି । ନମ୍ର ପକ୍ଷ ଯେତେ କଲେ ନିଯୁକ୍ତ ହୁଏ ନାହିଁ ପାରେ ଲଭ 'ଚରକ' ।

\+ + ×

ପାଟ ସ୍ଥାନରୁ ୭୫ ହୋଇ ୧୨ ନଗଦ ଦେଇ ଥିବାରୁ ସର୍ଦ୍ଦାର ପଟେଲ ଏଣା କରନ୍ତୁ ପାଟସ୍ଥାନ ସୃଷ୍ଟିର ଏ ଉଦାରତାକୁ ପସନ୍ଦ କରିବ ।

ବଡ଼ାବ ଓ ମନ୍ତ୍ରୀଙ୍କୁ ଦେହ ଭଲ ପାଉନ୍ତି ନାହିଁ ମାତ୍ର ଭାରତ ପାଟସ୍ଥାନ ଭାବରେ ବଡାକୁ ଓ ମନ୍ତ୍ରୀତାକୁ ଭରସି କଥାକୁ ଭଲ ପାଉଥାରୁ ପାଟସ୍ଥାନ ଦୃଷ୍ଟିରୁ ତାର ମନବାଞ୍ଛା ପୂରଣ କରିବ ।

× × ×

ବିହାର ସରକାର ଅଫିସର ବାଙ୍ଗ ଦେଶ କରିବା ପାଇଁ ଦୁଇଜଣ ମନ୍ତ୍ରୀଙ୍କୁ ଛାଡି ଦେଲେ । ମାତ୍ର ପାପ ଉଚିତ ମିଳାରୁ ବୋଧହୁଏ ଯାଇ ପାରିଲେ ନାହିଁ । ସମ୍ଭବତଃ ପାପ ଲଦି ଭୁଲି ଦେଲେ ବଢ଼ାଇଛନ୍ତି ହୋଇସାର । ଏବେ ସେମାନେ ଦଳୀ ଯାଏ ବନ୍ଦ ଯାଉଛନ୍ତି । ଏଣା ଉପଯୋଗୀ ଗୋଟିଏ ଲଢ଼ୁ ଧରି ଅଛିବେ ।

\+ × +

ଲଢ଼େଇ ଓ ଯନ୍ତ୍ରଣା ସର୍ବାଦୌ ଓଡ଼ିଶା ସରକାର ଗାନ୍ଧୀଙ୍କ ମୂର୍ତ୍ତିକୁ ମଧ୍ୟ ଦଖଲ କରି ଶାନ୍ତି ଶୃଙ୍ଖଳା ସ୍ଥାପନ କରୁଛନ୍ତି । ଶାନ୍ତିଟା ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ । ତାତ ଶୃଙ୍ଖଳାଟା ପ୍ରତିବାଦ କରିବାଙ୍କ ପାଇଁ ରଖିଲେ ବିଲୁପ ସର୍ବ ଭଳ ରଚନତା ସୂଚନା ।

÷ ÷ ÷

ବଙ୍ଗାଳ ଉତ୍କଳ ର ହେଉଛି । ବିଶେଷତଃ ଅଦାଲତରେ ବିଶେଷ ବିଶେଷ ଶାନ ଅଛି ମାନ ଥିବାରୁ ବଙ୍ଗାଳ ଉତ୍କଳ ହୋଇବାକୁ ସୁବିଧା । ଦେଶେ ପଢ଼ିବ ବୋଲି ଗଣ୍ଡକରୁ ଗଣ୍ଡେ ଯାଉ । ଏନ୍ତା ନାହିଁ । ବଙ୍ଗଳାପୁର ଓ ସଧାମୋହନ ସାନ୍ତ ଧନ୍ୟ ସଦାଶିବ ତ୍ରିପାଠୀଙ୍କୁ ବଡ଼ାଲ୍ ଜେଲୀ ଦେବାର ବ୍ୟବସ୍ଥା ଯେବେଣିବ, ସମ୍ଭବ ହେବାର ପ୍ରସ୍ତାବ ସ୍ୱଭାବ ।

÷ ÷ ÷

ବ୍ୟାଏସ ସଜାମଙ୍କୁ ବର୍ଦ୍ଧିତ ହେଉ ଧରିଛି, ଜପତ ବା ଲୁଟିବା ଦେଶର ଭାଗ୍ୟ ଅବସ୍ଥା ସମ୍ଭବ ବର୍ଦ୍ଧିତା ।

÷ ÷ ÷

---

## କୁଛ୍ କୁଛ୍

ଜଣେ ... ଅଧୁନିକା ବୟସ୍କା ମହିଳା ... ଜଣେ ସୁନ୍ଦର ଯୁବକ ... ଏକା ଟେବୁଲରେ ଖାଉଥିଲେ । ମହିଳାଟି ଯୁବକ ସହିତ ଖୁବ ... ଲଗାଇ ବାକ୍ୟ ଆରମ୍ଭ କଲେ । ଯୁବକ ... ବିରକ୍ତ ହୋଇ ଉଠିଲା । ଶେଷରେ କହିଲା "ଆପଣ ସ୍କୁଲରେ ପଢୁଥିଲେ ନା ?"

"ନିଶ୍ଚୟ"

"ମନେ ଅଛି କି ସେଠି ଜଣେ ପିଲା ଆପଣଙ୍କ ସାଙ୍ଗରେ ଭାବ ଭାବ ଲଗାଇ ଥିଲା ?"

"ଓହୋ ! ତମେ ବୋଧହୁଏ ସେଇ !"

"ନା—ନା— ସେ ମୋର ବାପା !"

\+ × +

Digitized by srujanika@gmail.com

# ଏହି କି ଗୋ ସେହି !

ସିଏ ଅସୁର ନୁହେଁ ଆଉ ନ୍ରମ ପର ମଣିଷ । ତେବେ ସାଧାରଣ ଲୋକେ ତାକୁ ଡରନ୍ତି ଯେମିତି ଅସୁରକୁ ଡରନ୍ତି, ଭୂତକୁ ଡରନ୍ତି ବା ଭଗବାନକୁ ଡରନ୍ତି । ତାଠୁ ବଳି ଦୁଷ୍ଟ ଲୋକ କେହି ହୋଇ ପାରନ୍ତି ଏକଥା କେହି କଳ୍ପନା କରି ପାରନ୍ତିନି । [ କେହି କହିଲେ ଅବଶ୍ୟ ଆମ ଗାଁର କେହି ଚୋର ମହଲର ] ମାନ ବଡ



ମିଲ ତ୍ରୁଅଙ୍କ ମା ବୋଉକୁ ହାଣି ଅଣି ଚୋଟ ଚଟି ମାରୁଥା ଓ ତାହାକୁ ଫୁଟେଇ କରି ଦେଉଥା ତା ପକ୍ଷରେ ଏକ ନୁହେଁ । ଗାଆରେ ଲୋକ ଧରି ଲୋକ ବେଳେ ଧପାଧ ପକାଇ ଦାନ୍ତ ସବୁ ପିଟି ଦେଇ ଛଡ଼ାଇ ଘର ଜାଳଗାର କରିଦେବା ଏବଂ ଲୋକଙ୍କ ପଛରେ ଭାବାନ ବିଷର ଲଗେଇବା ଅନେକ ଥର ସିଏ କରିଛି—ତଣେ ବୁଝେଇ ଦେଖି ପାଇଥିଲେ ଯେ ତା ଦେହ ଟିମି ଟପି ପାଟିବାରେ ଲାଗି ତାର ଠାସ ଫେରସ୍ତ ତାହାର କବଳ ଅଣିଥିଲେ । ଅନେକ କହନ୍ତି ସେ ବୁଝେଇ ଓ ହାତରେ ଦଃ ଖଣ୍ଡା ଧରି ଥାଏ । ଅନେକ କହନ୍ତି ଖଣ୍ଡା ନୁହେଁ ବନ୍ଧୁକ— ଅନେକ କହନ୍ତି ସେ ବାଗ ଯାଇ ବାଉଁସ କାମରଶ୍ରୀ ହାତରେ ଏମିତି ବିଦ୍ୟା ସାଧି ଅଛି ଯେ

## ମଜାକଥା

ତାର କାନ୍ଥ ଭେଦ କରୁଛ ନାହିଁ—ବଡ଼-ବଡ଼ିଆ ପଇସା ବାଲଠୁଁ ଆରମ୍ଭ କରି ଛୋଟ ଛୋଟିଆ ଗରିବ ଟୁକୁଲା ପର୍ଯ୍ୟନ୍ତ ସମସ୍ତଙ୍କର ତାକୁ ଡର—ଲୋକଟା ଯେମିତି ନୃଶଂସ ସେମିତି ନିର୍ଦ୍ଦୟ । ଜଣଙ୍କ ଦେହରୁ ଜୀଅନ୍ତା ଛାଲ ଛଡ଼ାଇ ଦେବା ତା ପକ୍ଷରେ ବିଚିତ୍ର ନୁହେଁ । କାହାର ଦେହ ଯାକ କାଟି ସେଥିରେ ଲୁଣ ଦେଇ ଗରମ ତେଲ କଡ଼େଇରେ ଭାଜିଦେବା କେଉଁ ନୂଆ ପକ୍ଷରେ ଅସମ୍ଭବ ନୁହେଁ— ଲୋକେ କହନ୍ତି ତା ପକ୍ଷରେ ସବୁ ସମ୍ଭବ । ସ୍ତ୍ରୀ-ଲୋକ ମାନଙ୍କ ଦାଣ୍ଡ ମଝିରେ ଲଙ୍ଗଳା କରିବା ସତୀର ସତୀତ୍ୱ ନଷ୍ଟ କରିବା କମ୍ବା କାହାର ପିଠିରେ ଚିଠା ପାଞ୍ଚଣ ଛେଚିଲ ଚର୍ମ ଦେବା ସବୁ କଥା ହିଁ ଏ କରିଚ । ଗାଁ ପୁରୋହିତଙ୍କ ବଳେ ତର ବାସ ଓ ଅଛି—ଠାକୁରଙ୍କ ପୁଷ୍ପସେବ ମାଡ଼ରେ ରକ୍ତର ଛରକାସ ଖୋଲେଦେଇଥିଲା ବଣ୍ଡାଳଟା । ଅନେକ କହନ୍ତି ସେ ବୁଝେଇ ନାଚେ ଯା ଇଚ୍ଛା ତା ଖାଇଦେବ—ସାପ, ବେଙ୍ଗ, ଝିଟିପିଟି ଠେମ୍ପାଇଠେଲି-ଠାରୁ ଆରମ୍ଭ କରି କଙ୍କଡ଼ା । ବିଛା ପର୍ଯ୍ୟନ୍ତ ସବାଶ୍ରଅଟା ବୁଝେଇ ସବୁ ଖାଇଦିବ—ତେବେ ଅନେକ କହନ୍ତି ଏକଥା ସତ ନୁହେଁ, ସିଏ କେବେ ଏକ ତକଣ ଖାଏ କଲ୍ମଷା ମାଁ ଯୋଗେ ଟୁଟିନ୍ଦା ଇଆ ଇତ୍ୟାଦି ଅନ୍ୟ ମାନଙ୍କ ଖୋଇବାରେ ବେଶି ଆନନ୍ଦ ପାଏ । ସେଷ ଜାବେଳ ଇଣ୍ଡାମି ସବୁ କଥାରେ ସିଏ ଧୁରନ୍ଧର । ତା ଅପରେ ଯିଏ ପଡ଼େ ତାକୁ ସବୁକରେ ପିଟି ପିଟି ପିଠି ଫଟେଇ ଦିଏ । ସାଧାରଣ ପିଲା ବୁଢ଼ା କନ୍ୟା ଝିଅ ଯେ କାହାରିକୁ ପାଣିରେ ବୁଡ଼େଇ ସବୁ କାରୁ କରି ମାରି ପକେଇଲେ ତାକୁ ଆନନ୍ଦ ଲାଗେ । କଅ-ଣୁଜା ଧରି ଗୋଟାକୁ ଗୋଟା ଘର ପୋଡ଼ି ପକେଇଲେ ତାକୁ ମଜାଲାଗେ—କେତେ ସ୍ତ୍ରୀ ଲୋକଙ୍କ ବାଳରେ କିରାସିନ ତେଲ ଢାଳି ନିଆଁ ଲଗେଇ ପୋଡ଼ି ଦେଇଚି ସୋ ଅର ଶେଷ ଭିତରୁ କେଶେ କୋଇ କହନ୍ତି ।

## ମାଙ୍କଡ଼ ହାତରେ

ଶୂନ୍ୟ ଶୂନ୍ୟରେ ତା ପାଇକୁ ସବୁ କନ୍ଥର ମନ ବଳେ ସୁଖରେ । ଶୁଣାଯାଏ ସେ ସାତଥର ବାହା ହୋଇଥିଲା ଏଣୁ ସ୍ତ୍ରୀ ମୃତ୍ୟୁଙ୍କ ଗୋଟାକ ପରେ ଗୋଟାଏ ଏମିତି ନିଷ୍ଠୁର ଭାବରେ ହତ୍ୟା କରିଚି ସେ କଥା ଶୁଣିବା ଯେମିତି ଭୟାବହ ସେମିତି (?) କଣ ଠିକ ସନ୍ଧା । ପଡ଼ନ୍ତୁ । ପ୍ରଥମ ସ୍ତ୍ରୀ ଉପରେ ବୁଝେଇ ଗରମ ପାଣି ଢାଳି ତାକୁ ମାରି ପକେଇ ଥିଲା । ଦ୍ୱିତୀୟ ସ୍ତ୍ରୀର କଲା ଚମଟା ଝୁଲରେ ବନ୍ଧି ଉଠାଇ ଦେବା ଫଳରେ ସିଏ ମରି ଯାଇଥିଲା— ତୃତୀୟର ନାକ କାନ କାଟି ଲୁଣରେ ପକେଇ ପକେଇ ଥିଲା—ଚତୁର୍ଥର ଆଖି ଉପାଡ଼ି ମରାଇ ପକାଇ ତାର ପ୍ରାଣ ନେଇଥିଲା—ପଞ୍ଚମ (ବା ଷଷ୍ଠ) ପେଟର ପିଲା ବାହାର କରି ଦେଇଥିଲା । ଷଷ୍ଠ (ବା ପଞ୍ଚମ) କୁ ଜଳନ୍ତା ଚୁଲିରେ ମୁହେଁଇ ମାରି ପକେଇ ଥିଲା । ସପ୍ତମ ଯିଏଚ ଦେଖିବାକୁ ଭାରି ସୁନ୍ଦର ବୋଲି କହନ୍ତି ( ଅନେକ କହନ୍ତି ତାର ଦାନ୍ତ ଗୁଡ଼ାକ ହେଲେ ଉଞ୍ଚ ନୀଚ ) ତାକୁ ବୁଝେଇ ମାରିନି । ଲୁଚେଇ ଥିବ ଉଇ ପାଏ ତାକୁ ଘର ଗୋଟାଏ ଉଞ୍ଚ ଉପରେ ବାଉଁଶର ଜିଅଁସ ତୋଳେଇ ତାକୁ ଜଣୀ ପରି କରି ରଖିଚି । ଲୋକଟାକୁ ଆମ ଗାଁରେ ସମସ୍ତେ ଯମଠାରୁ ବେଶି ଡରନ୍ତି—ଏପାଖରେ ଯେତେ ରକମର ପାପ ଥାଇପାରେ ସବୁ ସିଏ କରିଚି—ମୁଁ ତ ପ୍ରାୟ ତାର ସବୁ ଦୁର୍ଗୁଣ କଥା କହି ସାରିଲି । ଦେଖାଯାଉ । ଶେଷ କଥା କହିଲି, ଜୀବାଏର କଥା କହିଲି, ପର ସ୍ତ୍ରୀ ହରଣ କଥା କହିଲି । ଅନ୍ୟାନ୍ୟ ଅତ୍ୟାଚାର କଥା କହିଲି, ଚୁରି ଅତ୍ୟାଚାର କଥା କହିଲି, ତୁମେ ଗୋଟାଏ କଥା ଶୁଣ ନାହିଁ, ଏସ ଯେ ମିଛୁଆ, ଏକ କହେ, ସେ ଭୀଷଣ ମିଛୁଆ—ସବୁବେଳେ ମିଛ କଥା କହେ । ଆମ ଗାଁରେ ଲୋକଟାକୁ ସମସ୍ତଙ୍କର ଭୟ—ତା ନାଁ ଧରିଲେ ସମସ୍ତଙ୍କ ମନରେ ଆତଙ୍କ ପଶି ଯାଏ । ତା କଥା ମୋର ନୋଟ ବହିର 'ଜବର' ରେ ବାନ୍ଧି ରଖିଛି କଣ ମାତ୍ର ଉପନ୍ୟାସ ଲେଖିବି କେଜାଣି ? କାରଣ ତାର ନାଁଟା ବି ସେହି ଧରଣର—'ନାହମାମୁଁ' ନା ଧରିଲେ ଆମ ଗାଁରେ ମଣିଷ ହିଏ ଦେଖିଲେ—ସବୁ ଲଙ୍କା ହୋଇ ଯେ ମୁହଁରେ ଯାଇ ଲୁଚନ୍ତି । ତା ନାଁ ନାହିଁ ମାମୁଁ କେତେବେଳେ ରହିଲା ମୁଁ କେବେ ଜାଣିବାକୁ ଚେଷ୍ଟା କରିନାହିଁ ଭୟରେ ତା ନାଁ ଶୁଣି କମ୍ପାଇ ଡର ଲାଗେ । ନାହିଁ ମାମୁଁ ଅସି ଧରି ନେଉଥିବ ବୋଲି ମୋ ବନ୍ଧୁ ପିଲ-ବେଳେ ମଣିଷ ଓଲଟ ଥରେ ଗାଁକୁ ମୋ ଘର ନୁହେଁ ଗାଁ । ଯାହାର ସବୁ ବୋଲି ସବୁ ପିଲଙ୍କ ଉଠାଇ ଆସୁଛନ୍ତି—ବଡ଼ ବଡ଼ ଲୋକଙ୍କର ତା ନାଁ ଶୁଣି କହି ଦେଇ ଶୁଖି ଯାଉଥିଲେ କେତେ ଲୁଚି ପିଲଙ୍କ କଥା କଣ କହିବା । କଥା ହେଲା ନାହିଁ ମାମୁଁ କହିଲେ ତା ଭିତରେ ମାମୁଙ୍କ କେହି ଦେଖନ୍ତିନି— ମିଠାଶୁଣା ତରଣୀ ମଧ୍ୟାଦିତ୍ରୀ ଭାତ୍ରାଣୀ, ଭୂତ, ବ୍ରହ୍ମ ସ୍ୱପ୍ନ କହିଲେ ଆମେ ମନରେ ଯେମିତି ଗୋଟାଏ ଅଦ୍ଭୁତ ଛବି କଳ୍ପନା କରୁଚୁ, ନାହିଁ ମାମୁଁଙ୍କୁ ଆମେ ସେମିତି ଜାଣେ ସବୁ । ନାହିଁ ମାମୁଁଙ୍କୁ ମୁଁ କେବେ ହେଲେ ଦେଖିନାହିଁ—ତା ନଖଗୁଡ଼ିକରେ ଆଉ ଗାଁରେ କଥାରେ ତାକର ଗଳ୍ପ ଶୁଣା ଯାଉଥିଲେ ସୁଦ୍ଧା ତାକୁ ଆଖିରେ ଦେଖିଥିବା ଲୋକ କେହି ବର୍ତ୍ତମାନ ବଞ୍ଚି ନାହାନ୍ତି । ଆମ ଗାଁର ପୁରୁଣା ବୁଢ଼ା ବୁଢ଼ୀ ମାନେ କହନ୍ତି ନାହିଁ ମାମୁଁ ବୁଝେଇ ଆମ ଗାଁ ଅରିଆଡ଼େ ଏକଲା ପତ୍ରେଇ ଯାଉଥିବ ଦେବେ ସିଏ ମନ୍ତ୍ର ସାଧନା କରି ଅମର ହୋଇଥିବା ହେତୁ କେବେ ଯେ ଫେରି ନ ଆସିବ ଏଏ କହନ୍ତି । ମୋଟ କଥା ସିଏ ଭୟଙ୍କର ହେଲେବି ତାର ମୃତ୍ୟୁ ସମ୍ବାଦ ଆମ ଗାଁକୁ ଏ ପର୍ଯ୍ୟନ୍ତ ନ ଆସିଥିବା ହେତୁ ଲୋକଙ୍କ ମନରେ ଉଦ୍ବେଗ ଖୋଳଣା କରେଇ—ସମସ୍ତେ ଭାବନ୍ତି କେବେ ହଠାତ୍ ସିଏ ଆସିବ ।

ଲେଖକ—ଦେବ ମହାପାତ୍ର ।

ବାନ୍ଧ କହଙ୍କର କଣାମାମୁଁ ଅଚ୍ଚିଲିଣି ମୋର ପ୍ରଥମେ ଯେମିତି ଗୋଟାଏ ସନ୍ଦେହ ହେଲା ଆମ ଗାଁରୁ ନାହିଁମାମୁଁ ଯାଇ କରି ତାଙ୍କ ଗାଁରେ ବୋଧ ହୁଏ କଣାମାମୁଁ ସାଜିଚି । ତାପରେ ମୁଁ ଯାଇ ତାହାକୁ ଦେଖିବ କଣା ମାମୁଁଙ୍କ କଥା ଶୁଣିଲି ପରେ ଦେଖିଲି ମୋର ସେପରି ସନ୍ଦେହ କରିବା ଏକଦମ ନିରର୍ଥକ । ନାହିଁ ମାମୁଁଟା ନିହାତି ଗୁଣ୍ଡାଟାଏ । ସିଏ କେବେ ସିଏ ନୁହେଁ ନ ସିଏ କେବେ ସିଏ ନୁହେଁ । ମୁଁ ଯାହା ଦେଖୁଚି ନାହିଁମାମୁଁ ଠାରୁ କଣା ମାମୁଁ ହେଉ ଭଲ ।

—*—

Digitized by srujanika@gmail.com

# ରକ୍ତର ଆହୁତି

ଧାର ତାବଣର ଛେଷ ମନ ଅସିଥାଏ,

ଚାରି ଶ୍ୟାମଳତା ଉପରେ ମୁକ୍ତା ଝରୁର ଚାନ୍ଦ ନିଶିର ଅଙ୍କି ଚୁଲିଛି । ପୃଥିବୀର ଝଞ୍ଜା ତୋଫାନ ଶେଷ ହୋଇ ଯାଉଛି—ତେବେ ପ୍ରକୃତିର ଅଶାନ୍ତି ଚାନ୍ଦ ମର ଯାଉଛି—କିନ୍ତୁ ମଣି ମାନେ ହୃଦୟର ବେଦନା—ହୃଦୟର ଉପାଣିତ ପ୍ରକୃତି । ଯେଉଁ ପ୍ରକୃତି ମଣିଷ ଭିତରେ ଥାଇ ମଣିଷକୁ ଦେଖାଇ ଅସିଛି ଅନନ୍ତ—ସେଇ ପ୍ରକୃତି ଅଜି ଧ୍ୱଂସର ଚାନ୍ଦ ଦେଖାଇ ଚୁଲିଛି—ସେଇ ପ୍ରକୃତି ଆଜି ମନୁ-

## କାହାଣୀ

ଷ୍ୟର ଅଧୋଗତିର ଚାନ୍ଦ ବିଭିଷିକା ଦେଖାବାକୁ ଉନ୍ମୁଖ ।

ମଣିଷ ଜାତି—ଭାରତୀୟର ପ୍ରକୃତି ଯୁଗେ ଯୁଗେ ଯେଉଁ ଅମର କାବ୍ୟଗାଥା ଉନ୍ମୋଚିତ କରି ପାରିଛି, ତାହାକୁ ଚାନ୍ଦ କରି—ସେହି ଶତ ସାଧନାକୁ ଉପସଂହାର କରି ବୋଧହୁଏ ଅତି ମନୁଷ୍ୟ ମନୁଷ୍ୟ ଭିତରେ ବିଶ୍ୱାସ ହରେଇଛି । ମନୁଷ୍ୟ ଜାତି ଅଜି ଯୁଦ୍ଧ ମାତିଛି ପ୍ରକୃତି ସହକାରେ । ପ୍ରକୃତି ଏ ଅଦମ୍ୟ ଚେଷ୍ଟା ତଳେ ମନୁଷ୍ୟ ମନୁଷ୍ୟକୁହିଁ ମାରିବାକୁ ଶିକ୍ଷା କରିଛି ବୋଧହୁଏ ! ଭାରତ ବର୍ଷ ଯେ ଶତାବ୍ଦ ଲକ୍ଷ ଲକ୍ଷ ମୁନି ଋଷିଙ୍କର ଯେ ଅବାସ ସ୍ଥଳ, ଯାହାର ଦର୍ଶନ ପୃଥିବୀର ଯୁଗେ ଯୁଗେ ଅଦର ପାଇ ଅସିଛି, ସେହି ଶ୍ରେଷ୍ଠ ଭାରତରେ ଜଳି ଉଠିଲା ଅଗ୍ନି—ଉଦୟ ହେଲା ପ୍ରଳୟ ସେହି ତା ୧୬ ରିଖ ଅଗଷ୍ଟ ୧୯୪୬ ।

କଲିକତାର ହରିସନ ରୋଡ ଉପରେ ଅମେ କେତେଜଣ ମିଶି ମେସ୍ ଟିଏ ଗଢ଼ି-ଅଛୁଁ ! ମେସ ପାଖରେ କେତେଜଣ ବଙ୍ଗାଳି ଭଦ୍ରଲୋକ ଥାଆନ୍ତି । ଅତୁଲ ବାବୁଙ୍କର ଘରଟି ଅମର ମେସ୍ କୁ ଲାଗି । ଅତୁଲବାବୁ ଇମ୍ପିରିଅଲ ବେଙ୍କର ଜଣେ କର୍ମଚାରୀ । ତାଙ୍କର ବ୍ୟବହାର ଅତି ମଧୁର ଓ ସେ ଜଣେ ଅମାୟିକ ଧରଣର ଲୋକ । ମୁଁ ତାଙ୍କ ସହିତ ଅଳାପ କରି ଅନେକ ସମୟ କଟାଏଁ । ତାଙ୍କ ଝିଅ ରାଣୀ ମୋ ସହିତ ବେଶ ମିଶେ, ଖେଳେ । ସେ ମୋତେ ତାର ଯେପରି ଏକ ଅନ୍ତରଙ୍ଗ ବନ୍ଧୁ ବୋଲି ଧରି ନେଇଥାଏ । ଅତୁଲ ବାବୁଙ୍କର ଉଚ୍ଚ ଶିକ୍ଷିତା ସ୍ତ୍ରୀ ମଧ ମୋତେ ଖୁବ୍ ଭଲ ପାଆନ୍ତି । ଏ ତୁଲକଣ



ଙ୍କର ଭଲ ପାଇବା ଯେପରି ମୋତେ ବାନ୍ଧି ପାରି ନଥିଲା ରାଣୀର ବନ୍ଧନ ସେତେ ନିବିଡ଼-ତର ହୋଇ ଉଠିଥିଲା । କଲେଜରୁ ଅସିଲା ବେଳକୁ ତା ଲାଗି ଉଦବେଗ କହିନା କହି ଅଣେ । କଲେଜରୁ ଅସିଲେ ସେ ମୋ ପାଖକୁ ଅସେ । ଏହି ପ୍ରତିଦିନ ଯିବା ଅସିବା ଭିତରେ ଗଢ଼ି ଉଠିଥିଲା ଏକ ଭଲ ପାଇବାର ତାଜମହଲ । ଅତୁଲ ବାବୁ ଢେର କଥା କହନ୍ତି ତାଙ୍କ ସ୍ତ୍ରୀ ମଧ ଯୋଗ ଦିଅନ୍ତି । ପ୍ରାୟ ପ୍ରତ୍ୟହ ତାଙ୍କର ବୈଠକ ଘରଟି ସରଗରମ ହୋଇଉଠେ । ରାଣୀର ଦରଫୁଟା କଥା—ତାର ରୁଦ୍ରପଲ ବାଛରେ ଜ୍ୟୋତ୍ସ୍ନା ପରି ସ୍ନିଗ୍ଧ

## କଥାଟିଏ କହୁଁ

ସୁନ୍ଦର ମୁଖଶ୍ରୀ ମୋ ମନରେ କୁହୁକ ଲଗାଏ । ତାର ଅଙ୍ଗ ସୌଷ୍ଠବ ଭିତରେ ଲୁଚି ରହିଥିଲା ଯୁଗ ଯୁଗାନ୍ତରର ସ୍ୱପ୍ନ— କଳ୍ପନା ପ୍ରତ୍ୟେକ ଅଙ୍ଗ ଚାଳନାରେ ପରିସ୍ଫୁଟ ହୁଏ ପଦ୍ମ ତାର ନିଖୁଣ ଭ୍ରୂ ତଳେ ଯେପରି ସମସ୍ତ ରୂପଶ୍ରୀ ଧରିରଖିଛି କିଏ । ତାର ବୟସର ଚପଳତା ତାକୁ ଯେପରି ଅଧିକ ସୁନ୍ଦର କରି ଦେଇଛି । ସନ୍ଧ୍ୟା ହୋଇଅସେ । ରସ୍ତାଟା ସରଗରମ ହୋଇଉଠେ । ରାଣୀ ପାଖକୁ ଅସି କହେ "ଦାଦା ବୁଲିବା ଯିବା ।" ତାର ଅଳଅଳ କଥା ଭିତରେ ମୋ ମନ ହଜିଯାଏ । ତାକୁ ଧରି ବୁଲି ବାହାରେ । ପ୍ରତିଦିନର ଘଟନା ବଳି ସେ ମୋତେ କହେ । ଯେଉଁଦିନ କାର୍ଯ୍ୟ-ତନ ପାଇଥାଏ କଥାଟି କହିସାରି ମୋ ଅଡ଼କୁ ଅନାଏ ଯେପରି ସେ ମୋଠାରୁ ପରିସମାପ୍ତିଟାକୁ ଶୁଣିବାକୁ ଚାହେଁ । ମୁଁ ତାକୁ ଅଶ୍ୱାସନା ଦିଏ । ଅତୁଲବାବୁ ନିକଟରେ ତା ଲାଗି ଓକିଲତି କରିବ ବୋଲି ମଧ ଜଣାଏ । ସେ ହସେ । ତାର ସେଇ ଅସରନ୍ତି ହାସ୍ୟ ଭିତରେ ଲୁଚି ରହିଥାଏ ! ଯୁଗଯୁଗାନ୍ତରର କମନୀୟ ମଧୁରତା ।

ଭାରତର ଗଗନ ନିଷ୍ପ୍ରଭ ହୋଇ ଉଠିଛି କଳଙ୍କ—ରଞ୍ଜନରେ ଅଚ୍ଛାଦିତ ହୋଇ । ଅକାଶର ଉଜ୍ଜ୍ୱଳ ତାରକା ମଳିନ ହୋଇ ଉଠିଛି । ଦେଶର ମହାତ୍ମାମାନଙ୍କର ଉପଦେଶ—ସାଧୁ ସାଧୁ ହେ ପାଗଳର ପ୍ରଳାପ ପରିଣତ ହୋଇଛି । ସମଗ୍ର ପୃଥିବୀର ଶିକ୍ଷାଗୁରୁ ଏ ଭାରତ—ନିଜର ସଭ୍ୟତା—ଗୁରୁତ୍ୱ ଭୁଲିଯାଇ ରକ୍ତ ପିପାସୁ ହୋଇ ଉଠିଛି । ମଣିଷ ମଣିଷ ଭିତରେ ଯୁଦ୍ଧ ଲାଗିଛି । ଭାରତୀୟ ଭାରତୀୟ ବକ୍ଷରେ ଛୁରି ମାରିବାର ପ୍ରୟାସ କରୁଛି । ଧନ୍ୟରେ ଶ୍ରେଷ୍ଠ ଭାରତ, ସହସ୍ର ମହସ୍ର ଋଷି ମୁନିଙ୍କର ପୂଜିତ ଭାରତ ବର୍ଷ ।

ସେପ୍ଟେମ୍ବର ତା ୧୬ ରିଖ । କଲେଜଟା ବେଶି ଦୂର ନୁହେଁ । ଅମେ ଏଥି ପୂର୍ବରୁ ଶୁଣିଛୁଁ ସହରରେ ଗଣ୍ଡଗୋଳ ଚୁଲିଛି । କିନ୍ତୁ ସେଥିକୁ ଭୟ ନକରି କଲେଜ ଯାଉଥିଲୁଁ । ସେଦିନ କାହିଁକି ମୋତେ ଭାରି ଉଦାସ ଲାଗିଲା । ମନରେ ମୋର ଯେପରି ଏକ ତୀବ୍ର ପୀଡ଼ା ଅଜ୍ଞାତ ବ୍ୟାଘାତରେ ଛିନ୍ନ ଭିନ୍ନ କରି ଦେଲା । କଲେଜ ଯିବା ଅଗରୁ ରାଣୀ ଅସି କହିଲା । ତାର ଉଦାସ କଣ୍ଠ । ସରଳ ସୁନ୍ଦର ଶିଶୁଟିର ଏ କାତର ମିନତି ଯେପରି ବିଚଳିତ କରିଦେଲା । "ଦାଦା ଅଜକେ ଯେଓନା—ଗୋଲମାଲ ହଚ୍ଛେ" ତାର ଉଜ୍ଜ୍ୱଳ ନୟନ ପ୍ରାନ୍ତରୁ ଏକ ଦୁଃଖର ଛାୟା ଭ୍ରୂକୁଟି ସୃଷ୍ଟି କରିଥିଲା । ତାହା ବଡ଼ ମର୍ମନ୍ତୁଦ—କରୁଣ । ଶେଷ ଭିକ୍ଷା ତାର ମାଗିବା ପାଇଁ

### ଲେଖକ— ଶ୍ରୀ ଯୋଗୀନ୍ଦ୍ର ପଟ୍ଟନାୟକ

ଅସିଛି ମୋର ନିକଟକୁ । ମୋର କଣ୍ଠ ମଧ ଅତି ହୋଇ ଉଠିଲା । ତାକୁ ପ୍ରବୋଧ ଦେଇ ଫେରିଲି । କିଏ ଜାଣିଥିଲା ଏତେବଡ଼ ଭଲ ପାଇବାର ଅବସାନ ଏତେ ସହଜ—ଏତେ ନିକଟରେ । ଗଲାବେଳେ ବିଦାୟର—ଜୀବନର ଶେଷ ଅଶାର ଚୁମାଟିଏ ଦେଇ । କେଇଟି ସେ ସରଳ ହୋଇ ଉଠିଲା—ସହଜ ହୋଇ ଉଠିଲା । ମୁଁ ଚାଲି ଅସିଲି । କଲେଜରେ ଶୁଣିଲି ଗୋଲମାଳ ଲାଗି ଯାଉଛି—ହରିସନ ରୋଡରେ ରକ୍ତର ସ୍ରୋତ

( ୭୨ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ନିବନ୍ଧ ..

# ଯୋଜନା ବା ପରିକଳ୍ପନା

( ବାଲେଶ୍ୱର କଲେଜରେ ଅଧ୍ୟାପକ ନିର୍ମଳକୁମାର ଦାସଙ୍କ ପ୍ରଦତ୍ତ ବକ୍ତୃତାର ସାରାଂଶ )

ଆଜକାଲି ପ୍ରତ୍ୟେକ ବିଷୟରେ ଯୋଜନାର ପ୍ରୟୋଜନ ଉପଲବ୍ଧ ହେଉଅଛି । ପ୍ରଥମେ ଏହାର କାରଣ ଅନୁସନ୍ଧାନ କରିବା ପ୍ରୟୋଜନ । ସଭ୍ୟତାର ସାଧାରଣ ବିକାଶ ବା ସମ୍ପ୍ରସାରଣ ସମୟରେ ଯୋଜନା ପ୍ରୟୋଜନ ହୁଏ ନାହିଁ । କାରଣ ମନୁଷ୍ୟର କ୍ଷମତା ଥାଏ ଅସୀମ ଓ ଜୀବନ ଯାପନର ପ୍ରଣାଳୀ ମଧ୍ୟ ନିୟନ୍ତ୍ରିତ । ବିଶେଷତଃ ସମାଜର ବନ୍ଧନ ଶିଥିଳ ହୋଇ ନଥିବାରୁ ପରସ୍ପର ପ୍ରତି ସହାନୁଭୂତି ଥାଏ ଓ ପରସ୍ପର ମଧ୍ୟରେ ଜୀବନ ଯାପନର ସାମ୍ୟ ମଧ୍ୟ ଥାଏ । କିନ୍ତୁ ଯେତେବେଳେ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ନାନା ଦିଗରେ ଅଭାବ ଅନୁଭୂତ ହୁଏ ଓ ଜୀବନ ଯାପନ ପ୍ରଣାଳୀ ନାନା ଭାବରେ କୃତ୍ରିମ ଓ ଅସ୍ୱାଭାବିକ ହୋଇ ପଡ଼େ; ମନୁଷ୍ୟ ମାନଙ୍କ ମଧ୍ୟରେ ଧନ ସମ୍ପତ୍ତି ଭେଦ, ଦୈନନ୍ଦିନ ଜୀବନ ଭେଦ, ଅର୍ଥର ସ୍ୱାଧୀନତାର ଭେଦ ଏବଂ ବୀତଧାନର ସୃଷ୍ଟି ହୁଏ । ଯେତେବେଳେ ଧନିକର ନିରବଚ୍ଛିନ୍ନ ବିଳାସ ବ୍ୟସନ ସହିତ ବିଳାସର ଉପାଦାନ ସୃଷ୍ଟିକାରକ ଶ୍ରମିକ ମାନଙ୍କର ଏକାନ୍ତ ଶକ୍ତତା ମଧ୍ୟରେ ବିରୋଧ ଘଟି ସମାଜ ନୀତିକୁ ବିପର୍ଯ୍ୟସ୍ତ କରିଦିଏ ସେତେବେଳେ ଯୋଜନା ବା ପରିକଳ୍ପନାର ପ୍ରୟୋଜନ ସ୍ୱତଃ ଅନୁଭୂତ ହୋଇଥାଏ । ସମାଜରେ ପୁନର୍ବାର ସାମ୍ୟ ପ୍ରତିଷ୍ଠିତ କରିବା ନିମନ୍ତେ ନାନା ପ୍ରକାର ପ୍ରୟାସ କରାଯାଇ ଥାଏ । ବର୍ତ୍ତମାନ ଏହିପରି ଯୁଗସନ୍ଧି ମଧ୍ୟରେ ମନୁଷ୍ୟ ସଭ୍ୟତା ଗତିକରୁଥିବାରୁ ଯୋଜନା ନିମନ୍ତେ ସମସ୍ତେ ବ୍ୟସ୍ତ ।

ଯୋଜନା କିନ୍ତୁ ସହଜ ନୁହେଁ । ପରିକଳ୍ପନା କରିବା ସମୟରେ ଅନେକ ବିଷୟ ପ୍ରତି ଦୃଷ୍ଟି ରଖିବାକୁ ହୁଏ । ପ୍ରଥମରେ ଦେଖିବାକୁ ହେବ ଯେପରି କଳ୍ପନାଟି ବଛଦେଲେ ଚଳବ ନାହିଁ, ତାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପରିଶ୍ରମୀ ସତ୍ସ୍ୱଭାବାପନ୍ନ ଓ କଳ୍ପନାଶକ୍ତିଯୁକ୍ତ କର୍ମୀର ଆବଶ୍ୟକ, କାରଣ ମନ୍ଦ କର୍ମୀ ଦ୍ୱାରା ଉତ୍କୃଷ୍ଟ ପରିକଳ୍ପନା ମଧ୍ୟ ବ୍ୟର୍ଥ ହୋଇଯିବା ସ୍ୱାଭାବିକ । ଦ୍ୱିତୀୟରେ ଦେଖିବାକୁ ହେବ ଯେପରି କଳ୍ପନା କେବଳ ବିରୋଧ ଉପରେ ପ୍ରତିଷ୍ଠିତ ନହୋଇ ବାସ୍ତବରେ ଲୋକର ଉନ୍ନତି ଦିଗରେ ସହାୟକ ହୁଏ । ଦେଶରେ ଯଦି ୧୦ ଜଣ ଲୋକ ମାସିକ ପ୍ରତ୍ୟେକ ୧୦୦ ଟଙ୍କା ରୋଜଗାର କରୁଛନ୍ତି ଏବଂ ଅନ୍ୟ ଦଶ ଲୋକ ଯଦି ପ୍ରତ୍ୟେକ ମାସିକ ୧୦୦୦ ଟଙ୍କା ରୋଜଗାର କରୁଥାନ୍ତି ତେବେ ଧନୀ ଲୋକ ମାନଙ୍କ ଟଙ୍କା ଗରିବ ଲୋକ ମଧ୍ୟରେ ବାଣ୍ଟିଦେଇ ତାଙ୍କର ଆୟକୁ ଟ୧୦୧୯ କରାଯାଇ ପାରେ କିନ୍ତୁ ଏପରି ପରିକଳ୍ପନା କରିବା ବୃଥା କାରଣ ତାହାଦ୍ୱାରା ଧନିକର କ୍ଷତି ହେଲେହେଁ ଗରିବର ବିଶେଷ ଲାଭ ହେଉନାହିଁ । ବରଂ ଧନିକର ସାହାଯ୍ୟ ସହାନୁଭୂତିରୁ ବଞ୍ଚିତ ହୋଇ ଶ୍ରମିକର ଆୟ ମଧ୍ୟ ବିଶେଷ ଭାବରେ ହ୍ରାସ ହୋଇ ଯାଇପାରେ । ଅର୍ଥାତ୍ ଏଠାରେ ବିରୋଧ ଉପରେ ପରିକଳ୍ପନାଟି ପ୍ରତିଷ୍ଠିତ ହୋଇ ଏହାଦ୍ୱାରା ବିଶେଷ ଉପକାର ହେବା ସମ୍ଭବପର ହେଉନାହିଁ । ପରିକଳ୍ପନାର ଉଦ୍ଦେଶ୍ୟ ହେବା ଉଚିତ ଯେ ଯେପରି ଗରିବ ଲୋକଙ୍କର ଆୟ ମଧ୍ୟ ଅନ୍ତତଃ ଟ୪୦୦ ହେବ ଓ ଧନିକର ଯଦି କ୍ଷତି ହେବ ମଧ୍ୟ ଅନ୍ତତଃ ତାହାର ଜୀବନ ଯାପନର ମାନ ନିତାନ୍ତ ବିପର୍ଯ୍ୟସ୍ତ ହେବନାହିଁ । ତୃତୀୟରେ ଦେଖିବାକୁ ହେବ ଯେ ପରିକଳ୍ପନାଟି ସମଗ୍ର ଭାବରେ ହେବା ଉଚିତ । ଆମେ ଯଦି ଝୋଟ ବିଷୟରୁ ଲାଭ ଦେଖି ଜମିରେ କେବଳ ନଳିତା ବୁଣିବାକୁ ଲାଗିବା ତେବେ ସମୟରେ ଆମକୁ ଧାନ କିଣିବାକୁ ଅଧିକ ଖର୍ଚ୍ଚ ପଡ଼ିବ ଅର୍ଥାତ ଝୋଟରୁ ଲାଭ ଯାହା ତାହା ନଷ୍ଟ ହୋଇଯିବ । ଏଥିପାଇଁ ଆମ୍ଭେମାନେ ଦେଖୁଁ ଯେ ଇଂରେଜ ଜାତି ଉପନିବେଶ ଆଦିରେ ଶିଳ୍ପ ପ୍ରସାରରେ ମନଦେବା ଦ୍ୱାରା, ଧନୀହୋଇ ଅଛି କିନ୍ତୁ ଖାଦ୍ୟ ସକାଶେ ଅନ୍ୟାନ୍ୟ ଜାତିଉପରେ ନିର୍ଭରଶୀଳ ହେବାରୁ ତାକୁ ଜୀବନ ରକ୍ଷା ନିମନ୍ତେ ବିଶେଷ ନୌବାହିନୀ ରଖିବାକୁ ପଡୁଅଛି ଓ ଶିଳ୍ପଦ୍ରବ୍ୟମାନ ଅନ୍ୟାନ୍ୟ ଦେଶରେ ବିକ୍ରୟ କରିବା ନିମନ୍ତେ ନାନା ନୀତି ଅନୁସରଣ କରି ବିଶେଷ ସୈନ୍ୟ ସମାବେଶ କରିବାକୁ ପଡୁଅଛି । ଏଣୁ ଶିଳ୍ପଦ୍ୱାରା ଯାହା ଲାଭ ହେଉଛି ତାହା ଯୁଦ୍ଧୋପକରଣରେ ବ୍ୟୟିତ ହେଉଅଛି ଓ ଧନବୃଦ୍ଧିରେ ହେଁ ସୁଖସ୍ୱାଚ୍ଛନ୍ଦ୍ୟ ହେଉନାହିଁ । ଚତୁର୍ଥରେ ଦେଖିବାକୁ ହେବ ଯେ ପରିକଳ୍ପନା କେବଳ ସାମୟିକ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ନୁହେଁ, ଏହା ଭବିଷ୍ୟତ ମଙ୍ଗଳ ନିମନ୍ତେ, କିନ୍ତୁ ଏହା ଭବିଷ୍ୟତ୍ ନିମନ୍ତେ ହୋଇଥିଲେ ଅତୀତକୁ ସମ୍ପୂର୍ଣ୍ଣ ଭାବରେ ଏଡ଼େଇ ପାରେନାହିଁ । ପରିକଳ୍ପନା ବର୍ତ୍ତମାନ କାଳରେ କିନ୍ତୁ ଭବିଷ୍ୟତ ପାଇଁ ଓ ଅତୀତ ଉପରେ ପ୍ରତିଷ୍ଠିତ । ସୋଭିଏ ଋଷର ବଡ଼ ପରିକଳ୍ପନାରେ ଗଢ଼ି ଉଠିବାର ଦେଖି ଯଦି ଆମ୍ଭେମାନେ କହୁଁ ଯେ ସମ୍ପ୍ରତିକୁ ନକଲ କରିବା ନିମନ୍ତେ ଅତୀତରେ ହୋଇଥିବାସବୁ ପରିହାର ଦେବା ଦରକାର ତାହାହେଲେ ମନୁଷ୍ୟ ରକ୍ଷିତ ହୋଇପାରିବ ନାହିଁ ଓ ଯେଉଁ ମାନଙ୍କ ସ୍ୱାଚ୍ଛନ୍ଦ୍ୟ ପାଇଁ ପରିକଳ୍ପନାଟି ଗଠିତ ହେଲା ସେମାନେ ଉଦ୍ବାସ୍ତୁ ହେବା ଭଳି ଅତ୍ୟ କଷ୍ଟ ଲାଭ ହେଲା ନାହିଁ । ଅତୀତ ସହିତ ସାମଞ୍ଜସ୍ୟ ରଖି ବର୍ତ୍ତମାନ ପରିକଳ୍ପନା କରିବାକୁ ହେଲେ ବିଶେଷ ଭୟର ଭାବ ସାଧାରଣ ଲୋକଙ୍କ ଉତ୍ପନ୍ନ ନ କରି ଭବିଷ୍ୟତ୍ ସ୍ୱାଚ୍ଛନ୍ଦ୍ୟ ପାଇଁ ଯୋଜନା କରିବାର ପ୍ରୟୋଜନ ହୋଇପଡ଼େ । ଶେଷରେ ଦେଖିବାକୁ ହେବ ଯେପରି କଳ୍ପନାଟି ସମସ୍ତଙ୍କର ଉନ୍ନତି କରିବା ନିମନ୍ତେ ଉଚିତ ହେବା ପ୍ରୟୋଜନ । ଯଦି କେବଳ ଯଦି ଗୋଟିଏ ଜମିଦାର ପରିକଳ୍ପନା କରି ନିଜ ପ୍ରଜାର ସତ୍ତ୍ୱ ବା ଅଧିକାର ଲୋପକରି ତାର ଜମି ନେଇ, ତାର ପରିବାରକୁ ଉଦ୍ବାସ୍ତୁ କରି ଜମିଦାରୀ ବଢ଼ାଏ ତେବେ ତାହା ଧନିକର ପରିକଳ୍ପନା ହେବ । କିନ୍ତୁ ପ୍ରଜାର ଉନ୍ନତିର ସହାୟକ ହେବ ନାହିଁ । ସେହିପରି ଯଦି ଜଙ୍ଗଲ କାଟି ଦେଇ ନିଜସ୍ୱାର୍ଥ ଅନ୍ୟ ବୃତ୍ତିର ପରିକଳ୍ପନା କରନ୍ତି ତେବେ ହୁଏତ ବର୍ଷାର ଅଭାବରେ ଓ ପ୍ରବଳ ପ୍ରବାହରେ ଅଞ୍ଚଳ ମଧ୍ୟରେ ସ୍ୱୟଂ ମରୁ ପ୍ରାନ୍ତରରେ ପରିଣତ ହୋଇପାରେ, ଯାହା ହେଲେ ନଗରର ପରିକଳ୍ପନା ହୁଏ ଲୋକ ମାଲେରିଆରେ ଦେଶ ବିଧ୍ୱସ୍ତ ହୋଇଯାଇ ପାରେ ଅତଏବ ପରିକଳ୍ପନା ସମୟରେ ସବୁ ଦିଗରେ ଦୃଷ୍ଟିରଖି ମନୁଷ୍ୟର ସର୍ବାଙ୍ଗୀନ ସମୃଦ୍ଧ ଉନ୍ନତି ନିମନ୍ତେ ଏପରି କଳ୍ପନା କରିବା ପ୍ରୟୋଜନ ହୋଇପଡ଼େ ।

ମୋଟ ଉପରେ ମନେ ରଖିବାକୁ ହେବ ଯେ ପରିକଳ୍ପନା ମନୁଷ୍ୟ ପାଇଁ ମନୁଷ୍ୟତ୍ୱର ବିକାଶ ପାଇଁ, ମାନବିକତାର ଉନ୍ନତି ପାଇଁ, ମନୁଷ୍ୟର ଦେବତ୍ୱ ପ୍ରବୃତ୍ତି ଅଛି । ଆମର ପରିକଳ୍ପନା ତାର ପରିପୋଷକ ହେବା ପ୍ରୟୋଜନ । ଯଦି ଗୋଟିଏ କେନାଲ କରିବା ନିମନ୍ତେ ଗାଁର ସମସ୍ତ ଲୋକଙ୍କ ଗାଁ ଛାଡ଼ି ଯିବାକୁ ବାଧ୍ୟ କରାଯାଏ ତେବେ ସେଥିପାଇଁ ଜବରଦସ୍ତି କରିବା ସମ୍ଭବ ହୋଇପାରେ କିନ୍ତୁ ସେଠି ପରିକଳ୍ପନାର ସାର୍ଥକତା ପ୍ରମାଣିତ ହୁଏ, କାରଣ ଗାଁର ଲୋକଙ୍କ ଜମିପାଇଁ ଟଙ୍କା ଦିଆଯାଇ ପାରେ ମାତ୍ର ବାସସ୍ଥାନ ପ୍ରତି ତାଙ୍କର ଯେଉଁ ମମତା ତାର ମୂଲ୍ୟ ଦେବା ଅସମ୍ଭବ । ଏଠାରେ କେନାଲ କଟାଇ ନେବାହିଁ ଉଚିତ । ପୃଥିବୀ କେନାଲ ନହେଲେ ଚତୁଃପାର୍ଶ୍ୱ ଲୋକଙ୍କର କ୍ଷତିହୁଏ ତେବେ ଅଳ୍ପ ଲୋକଙ୍କୁ ବାଧ୍ୟ କରିବା ନିମନ୍ତେ ମଧ୍ୟ ଯୋଜନା କରିବା ପ୍ରୟୋଜନ ହୋଇପାରେ । ମନୁଷ୍ୟର ହିତପାଇଁ ପରିକଳ୍ପନା, ଏଣୁ ମନୁଷ୍ୟର ପ୍ରୀତି, ମମତା, ସ୍ୱାସ୍ଥ୍ୟ ସ୍ୱାଚ୍ଛନ୍ଦ୍ୟ ସବୁ ଉପରେ ଅବହିତ ହେବାକୁ ପଡ଼ିବ, ତାହାର ଜୀବନ ସୁଖ, ନୈତିକ ଉନ୍ନତି ପ୍ରତି ଦୃଷ୍ଟିଦେବାକୁ ପଡ଼ିବ, ତାକୁ ଶାନ୍ତିମୟ ଆନନ୍ଦରେ ଉଦ୍ଭାସିତ, ସ୍ନେହ ପ୍ରୀତି ସମନ୍ୱିତ ସୁସ୍ଥ ସମାଜରେ ଯାହାରେ ସାହାଯ୍ୟ କରିବା ନିମନ୍ତେ ସବୁ ପ୍ରକାରେ ପ୍ରୟାସ ଓ ପ୍ରଯତ୍ନ ହେବ । ଲୋକେ ଅଙ୍ଗୀଭୂତ ରହିଲେ

( ଅବଶିଷ୍ଟାଂଶ ପରପୃଷ୍ଠାରେ ଦେଖନ୍ତୁ )

Digitized by srujanika@gmail.com

ବାଧ୍ୟବାଧକ ଭାବରେ, ସବୁ ଶାସନକୁ ମାନିଲେ ସ୍ୱାଧୀନ ଚରିତ୍ରର ଉନ୍ନତି ନାହିଁ, ସଂଯମ ଜୀବନର ହେତୁ ଅନେକ ପ୍ରକାର ଅନୁଷ୍ଠାନ ରହିବ । ସ୍ୱେଚ୍ଛାଚାରିତାର ଶିଖରରେ ଥରେ ସ୍ୱେଚ୍ଛାମତ ଏଣି ଥକାଇଦେବୁ, ଏକ ଜୀବନରେ ଭାଗ ପରେ ଅନେକ ଲାଭ ଅଧିକ ହେବ, ଅଧିକ ଜୀବନ ଶାନ୍ତରେ ଅନୁପାତ ଯୁକ୍ତ ହେବାକୁ ବଳିଷ୍ଠ ହେବେନାହିଁ । ପରିକଳ୍ପନାର ଯେଉଁ ଏହିପରି ଉଦ୍ଦେଶ୍ୟ ଥିବ ସେଥିରେ ତାହା ନିଶ୍ଚୟ ବ୍ୟର୍ଥ ହେବ । ପରିକଳ୍ପନା କରିବା ସମୟରେ ଉଦ୍ଦେଶ୍ୟ ଦେଖିବା ପ୍ରୟୋଜନ ।

ମନୁଷ୍ୟର ଜୀବନ ସୁଖ ପାଇଁ ମୁଖ୍ୟତଃ ତିନି ଜିନିଷର ପ୍ରୟୋଜନ ଥାଏ । ମନୁଷ୍ୟର ଜୀବନର ପ୍ରଧାନ ଆବଶ୍ୟକ ତିନୋଟି—ଖାଦ୍ୟ, ବସ୍ତ୍ର, ବାସସ୍ଥାନ । ଖାଦ୍ୟର ପରିକଳ୍ପନା ସହିତ କୃଷିର ସମ୍ପର୍କ ଅଛି । ଅନେକ ସ୍ଥାନରେ ବର୍ତ୍ତମାନ ଡାକ୍ତର-ଖାନା ନିମନ୍ତେ ଲୋକେ ଦାବି କରୁଅଛନ୍ତି । ମାତ୍ର ଡାକ୍ତରଖାନା ଅପେକ୍ଷା ଖାଦ୍ୟ ଅଧିକ ପ୍ରୟୋଜନ ଓ ଯଥେଷ୍ଟ ଖାଦ୍ୟ ଥିଲେ ଅନେକ କ୍ଷେତ୍ରରେ ଡାକ୍ତରଖାନାର ପ୍ରୟୋଜନ ଅନୁଭବ ହେବନାହିଁ । ପରନ୍ତୁ ଓ ସ୍ୱାସ୍ଥ୍ୟକର ଅଭାବ ଓ ସଂଯମ ଅଭାବ ଦ୍ୱାରା ରୋଗର ପ୍ରଶମନ କରିବାର ପରିକଳ୍ପନା ହେବା ପ୍ରୟୋଜନ, ଏକ ଦେଶର ଡାକ୍ତରଙ୍କ ବା ଶଯ୍ୟା ଧାଇମାନଙ୍କର ସଂଖ୍ୟା ଦେଖାଇ ଅନ୍ୟ ଦେଶର ଡାକ୍ତରଖାନାର ସଂଖ୍ୟା ତୋଳିବା ଭୁଲ ପରିକଳ୍ପନାର ନିଦର୍ଶନ । ପୂର୍ବ ଦେଶର ଦୃଷ୍ଟିରେ ଶତକଡ଼ାର ଅଧିକ ଲୋକଙ୍କ ଜନହିତରେ ଅଧିକ ବ୍ୟବସାୟୀଙ୍କ ଅନୁଦାନ, ଲୋକଙ୍କ ଅସାଧୁତାରେ ଚମତ୍କାର ମାନଙ୍କର (ଉତ୍ପାଦ ଦେବା ଦ୍ୱାରା) ଅନୁଦାନ ଓ ଲୋକଙ୍କର ଦେଶୀ ଦାନରେ ଲୋକଙ୍କର ମୁନାଫାରେ ସମ୍ପତ୍ତି ଲାଭ କରିବାର ପ୍ରବୃତ୍ତି ଯେଉଁ କୌଣସି ପରିକଳ୍ପନା ଦ୍ୱାରା ଦୂର କରାଯାଏ ତେବେ ତାହା ମଧ୍ୟ ଅନ୍ୟାୟ ବୋଲାଯିବ ହେବ । ଏପରି ପରିକଳ୍ପନା କରିବା ଯେ । ଏସବୁର କେବଳ ନିର୍ଦ୍ଧାରିତ କରିବାର ଚେଷ୍ଟା ଫଳପ୍ରଦ ହୋଇ ନପାରେ ।

ଜଣେ ମନୁଷ୍ୟ କେବଳ ଜୀବନ ସୁଖ ସବୁ ନାହିଁ, ସେ ସବୁ ଶିକ୍ଷା ଦ୍ୱାରା ଉପାର୍ଜନ, ଚରିତ୍ରର ନିୟନ୍ତ୍ରଣ ଦ୍ୱାରା ନୈତିକ ବଳ ଅର୍ଜନ । ପରିକଳ୍ପନା କରିବା ସମୟରେ ଏସବୁ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ଶିକ୍ଷା ସର୍ବାଙ୍ଗୀନ ହେବା ଦରକାର, ଏଣୁ ନୈତିକ ଶିକ୍ଷାର ନିମନ୍ତେ ବ୍ୟାୟାମ ଶିକ୍ଷା, ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ମାନଙ୍କୁ ସୁଗଠ କରିବା ନିମନ୍ତେ ବାଳୁ ଶିକ୍ଷା, ନିଜକୁ ରକ୍ଷା କରିବା ନିମନ୍ତେ ଅସ୍ତ୍ରଶିକ୍ଷା ଏ ସମସ୍ତ ମଧ୍ୟ ଶିକ୍ଷାର ଅନ୍ତର୍ଗତ ହେବା ପ୍ରୟୋଜନ । ଏ ସବୁର ମାନଙ୍କ ଉଚିତ ପରିପୋଷକ ଓ ଏହାର ଅଭାବରେ ମନୁଷ୍ୟର ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭ ହୋଇପାରେ ମାତ୍ର ତାହାର ସ୍ଥାୟିତା ପ୍ରତିଷ୍ଠିତ ହୋଇ ପାରିନ ନାହିଁ । ଏହାସଙ୍ଗେ ସଙ୍ଗେ ପୂର୍ବ ତା ମନରେ ଭଲ ନୈତିକ ପ୍ରବୃତ୍ତି ମାନଙ୍କ ଉଦ୍ରିକ୍ତ କରିବାକୁ ହେବ ଓ ଶାନ୍ତିଶୃଙ୍ଖଳା, ସଂଯମ, ପରୋପକାର ବୃତ୍ତି, ଅନୁଶାସନ ଉନ୍ନତ ଯାପନ କରିବା ନିମନ୍ତେ ସାହାଯ୍ୟ କରିବାକୁ ହେବ । ପରିକଳ୍ପନା କରିବା ସମୟରେ ସମସ୍ତ ଭାବରେ ସବୁ ଲୋକଙ୍କ ମଧ୍ୟରେ ଯେପରି ଏହିସବୁ ଶିକ୍ଷା ବ୍ୟାପ୍ତ ହୋଇପାରେ ତାହାର ପ୍ରଯତ୍ନ କରିବାକୁ ହେବ । ଯୁଦ୍ଧ ସମୟରେ ଯେପରି ବାଧ୍ୟତା ମୂଳକ ଯୁଦ୍ଧ ଶିକ୍ଷା ଦିଆଯାଏ ସେହିପରି ଶାନ୍ତି ସମୟରେ ମାନବତାର ପରିପୋଷକ ଏହିସବୁ ବାଧ୍ୟତା ମୂଳକ ଭାବରେ ସମସ୍ତଙ୍କୁ ଦେବା ନିମନ୍ତେ ପରିକଳ୍ପନା ପ୍ରସ୍ତୁତ ହେବା ପ୍ରୟୋଜନ ।

ଆମମାନଙ୍କୁ ପରିକଳ୍ପନା କରିବା ସମୟରେ ଏ ସବୁ ଦିଗ ବିଚାର କରିବାକୁ ହେବ । ଏଣୁ ପରିକଳ୍ପନା ଅତି କଠିନ ବିଷୟ ଓ ନାନା ବିଷୟର ସାପେକ୍ଷ । କେବଳ ଉପରଠାଉ କରି କାମ ଆରମ୍ଭ କରିଦେଲେ ଅପବ୍ୟୟ ହୁଏ ଏବଂ ଲାଭ ହୁଏ ନାହିଁ । ବର୍ତ୍ତମାନ ଆମ୍ଭ ମାନଙ୍କର ଜୀବନ ଯେପରି ଭାବରେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି, ସମସ୍ତ ଯେପରି ଚରମ ବିଳାସ ବ୍ୟସନରେ ପରିଣତ ହୋଇଛି, ସାମାଜିକ ବିବେଧ ଯେପରି ଉଗ୍ର ହୋଇ ଉଠିଛି ସେଥିରେ ସ୍ଥିର ଭାବରେ ପରିକଳ୍ପନା କରି ସାଧୁ ଭାବରେ ତାକୁ କାର୍ଯ୍ୟକାରୀ କରିବା ଏକାନ୍ତ ପ୍ରୟୋଜନ ହୋଇ ଉଠିଛି ।

—*—

( ବାଉଣ ପୃଷ୍ଠା ପରରୁ )

ଛୁଟିଛି । ଜଳୌକ ଅକ୍ରମିତ ହେବା ଅବଶ୍ୟମ୍ଭାବୀ । Safe guard ପାଇଁ ମିଲିଟାରୀ ଡାକି ଆସିଲେ, ମଣିଷ ଜାତିର ଗୌରବ ଆରମ୍ଭ ହେଲା ଭାଇ ଭାଇର ରକ୍ତରେ ନିଜ ନିଜର ହସ୍ତ ରଂଜିତ କରି ଜଙ୍ଗଲର ପେଟରେ ସେଦିନ ବେଳେ ରକ୍ତର ସ୍ରୋତ ଛୁଟିଲା ଆଖିରେ ମୋର ଶାନ୍ତି ନଥିଲା । କାନରେ ମୋର ଅର୍ତ୍ତନାଦ ସ୍ପନ୍ଦନ ବାଜୁନଥିଲା । ମୁଁ ଖାଲି ଭାବୁଥାଏ ସେଇ ରାଣୀ କଥା । ତାର ସରଳ ସହଜ ମୁଖର ପ୍ରତିବିମ୍ବ ଫେରି ଫେରି ନାଚି ଉଠୁଥିଲା ଆଖି ଆଗରେ । ତାର ଅର୍ତ୍ତନାଦ ଯେପରି ସେହି ଜନ ଗହଳି ଭିତରୁ ଶୁଣିବାକୁ ପାଉଛି । ଦୁଇଥର ଯିବାକୁ ଚେଷ୍ଟା କଲି, କିନ୍ତୁ କେଉଁଠି ଗୁଳିଏ ଛୁଟିଆସି ମୋର ପଥରେ ସ୍ତମ୍ଭରୂପେ ଠିଆ ହେଲା ।

ଗଗନ ପୂରି ଶବ୍ଦ ଉଠୁଛି 'ଅଲ୍ଲାହୋ ଅକବର' 'ଜୟହିନ୍ଦ' ତାପରେ ରକ୍ତର ସ୍ରୋତ ବହୁ ଚାଲିଛି । ମନୁଷ୍ୟ ସମାଜ ସଭ୍ୟତାର ଚରମ କୋଣରେ ଉପନୀତ ! ମନେ ହେଲା ଏଇ କୋଟି କୋଟି ନୃତ୍ୟ ତାଳରେ ନାଚି ଉଠନ୍ତି ଝଂଝା, ଅନ୍ତେ ପ୍ରଳୟ କରନ୍ତି ।

ସେଦିନ ଚଳ—ତାଅରଦିନ ସନ୍ଧ୍ୟାରେ ବସାକୁ ବାହାରିଲୁ । ଅମେ ଠିକ୍ କଲୁ ପଳାଇ ଯିବା । ବସା ନିକଟରେ ମଟର ପହଞ୍ଚିଲା ପରେ ଓହ୍ଲାଇ ; ଅସି ଅତୁଲବାବୁଙ୍କ ଘରକୁ ଚାଲିଲି ।

ନୟନ ମୋର ନିଶ୍ଚେଷ୍ଟ ହୋଇଗଲା ହୃଦୟର ପ୍ରତ୍ୟେକ ବନ୍ଧ ଯେପରି ବନ୍ଦ ହୋଇ ଥିଲା । ଅଙ୍ଗର ଶିରା ପ୍ରଶିରା ତଳେ ଯେପରି କିଏ ମନ୍ତ୍ର ବାଣୀ ଶୁଣାଇ ଦେଲା । ଶିହରି ଉଠିଲି । ଆସନ୍ନ-ପ୍ରସବା ରାଣୀର ମାତା ରକ୍ତ ସ୍ନାନ କରି—ଶୋଇ ପଡ଼ିଛନ୍ତି ଚିର ଦିନ ଲାଗି । ପିଣ୍ଡାଟା ରକ୍ତରେ ମଖା ହୋଇଛି ନଗ୍ନମୂର୍ତ୍ତି—ଗର୍ଭରେ ଛୁରିଟିଏ । ମନେ ହେଉଥିଲା ଜର୍ଜରିତ ପତିତ ହୋଇଛନ୍ତି ସେ । ଦୁଆର ନିକଟରେ ପଡ଼ିଛି ରାଣୀ । * ରାଣୀର ବୁକୁରେ ଏକ ତୀର୍, ଛୁରୀ ନିକଟରେ ତାର ପତି ଅତୁଳବାବୁ । ଭାଇ ପାଗଳଙ୍କ ଭଳି ଦେଖୁଛି । ହାୟରେ ମନୁଷ୍ୟର ସଭ୍ୟତା—ସୁକୁମାର ଶିଶୁ, ଆସନ୍ନ ପ୍ରସବା ନାରୀ କଣ୍ଠରେ ଛୁରୀ ମାରିବା କଣ ସେଇ ଆଦିମ କାଳରୁ ସ୍ତରେ ସ୍ତରେ ଶିକ୍ଷା ହୋଇ ଆସିଛି । ରାଣୀ ! ଅସ୍ପଷ୍ଟ ବେଦନାରେ କଣ୍ଠ ମୋର ଆର୍ତ୍ତ ହୋଇ ଉଠିଲା । ଡାକିଲି ହେ ରୁଦ୍ର ! ହେ ଶିବ ! ରକ୍ଷାକର ହେ ବ୍ରହ୍ମା—ହେ ସ୍ରଷ୍ଟା ଆସ ପ୍ରଳୟଙ୍କର ! ହେ ମହାଦେବ ତୁମର ସେହି ଭୈରବ ଡମ୍ବରୁ ବଜାଅ—ପ୍ରଳୟ କର—ଝଞ୍ଜା ସୃଷ୍ଟି କର । ଏ ମଣିଷ ସମାଜକୁ ନିର୍ବାଣ କରିଦିଅ । ଶୁଣିଲି ଡାକିଲା—'ଗୁଳିଆ—ବାପଦା!' ବୁକୁ ଭିତରୁ ଏକ ଅଗ୍ନି ପ୍ରଜ୍ୱଳିତ ହେଲା । ଭାବିଲି ନା ନା ଏ ପଶୁ ଠାରୁ ହୀନ ସମାଜକୁ ଗ୍ରହଣ କରି ପାରେ ନା—ଶୁଣିଲି ମୋତେ କୋଳକୁ ଟାଣିନେଲା ଶେଷ ଥର ପାଇଁ ରାଣୀକୁ ଚୁମ୍ବନ କଲି ! ଡାକିଲି, ରାଣୀ ! ଯେପରି ସେ ଉତ୍ତର ଦେଲା ଦାଦା !

—*—

Digitized by srujanika@gmail.com



ପ୍ରତି ସଂଖ୍ୟା 'ଜଗତ' ରେ ପାଠକ ପାଠିକା ମାନଙ୍କର ଅଭିମତ, ଅଭିଯୋଗ, ସମାଲୋଚନା ଓ ସୂଚନା ( Suggestions ) ପତ୍ରାକାରରେ ପ୍ରକାଶ ପାଇବ । ଏଟି ଯଥାସମ୍ଭବ ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ପତ୍ର ଲେଖକଙ୍କ ନାମ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ । ଚିଠିର ସଂକ୍ଷେପ କରିବା କ୍ଷମତା ସଂପାଦକମଣ୍ଡଳୀଙ୍କ ରହିଲା । ଏଥିରେ ବ୍ୟକ୍ତିଗତ ବିଦ୍ୱେଷ ସମାଲୋଚନାର ବସ୍ତୁ ହେବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି—ସମ୍ପାଦକ

## ପ୍ରତିବାଦ

ମାନନୀୟ ସମ୍ପାଦକ "ଜଗତ" ମହାଶୟ,

ଗତ ସପ୍ତାହ [ଡିସେମ୍ବର ତା୧୫ରିଖ ସୋମବାର] ଜଗତରେ ଜଣେ ମେଡିକାଲ ଛାତ୍ରଙ୍କର ଯେଉଁ ବେନାମି ପତ୍ରଟି ପ୍ରକାଶ ପାଇଛି, ସେ ଭଦ୍ରଲୋକ ଢଙ୍ଗରେ ଲେଖିଛନ୍ତି "......ଙ୍କୁ ଏମିତି କେତେ ଜଣ ପ୍ରୋଫେସର ଶିକ୍ଷକ ଅଛନ୍ତି ସେମାନେ ଓଡ଼ିଆଙ୍କୁ ଘୃଣା କରନ୍ତି । ତାଙ୍କପ୍ରତି ବିଦ୍ୱେଷ ଭାବ ଲାଗିବା ସ୍ୱାଭାବିକ । ସେମାନେ ଓଡ଼ିଶାରେ ଚାକିରି କରି ଓଡ଼ିଶାର ଦାନା ଖାଇ ଓଡ଼ିଆ ଛାତ୍ରଙ୍କୁ ଘୃଣା ଚକ୍ଷୁରେ ଦେଖିବା କେଉଁ ଓଡ଼ିଆ ଛାତ୍ର ସହ୍ୟ କରିବ ।......" ଏହାର ପ୍ରତିବାଦ କରି ମୁଁ କହୁଛି ଯେ ଏଠାରେ ଏପରି କେହି ଓଡ଼ିଆ ବା ଅଣଓଡ଼ିଆ ପ୍ରୋଫେସର ନାହାନ୍ତି ଯେଉଁ ଓଡ଼ିଆ ଛାତ୍ରଙ୍କୁ ଘୃଣା କରନ୍ତି । ଏ ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ । ଛାତ୍ରମାନଙ୍କ ମନରେ ବିଦ୍ୱେଷ ଆଣିବା ପାଇଁ କୌଣସି ସ୍ୱାର୍ଥପର ଜଘନ୍ୟ ମନୋଭାବାପନ୍ନ ଲୋକ ଏପରି ଧୂଆଁବାଣ ସୃଷ୍ଟି କରୁଛନ୍ତି ବୋଲି ମୋର ବିଶ୍ୱାସ । ଓଡ଼ିଶା ମେଡିକଲ କଲେଜ ଛାତ୍ରମାନଙ୍କ ତରଫରୁ ମୁଁ ଦାବୀ କରୁଛି ଯେ ମେଡ଼ିକାଲ କଲେଜର କେଉଁ ପ୍ରୋଫେସର ଓଡ଼ିଆ ଛାତ୍ରମାନଙ୍କୁ ଘୃଣା କରନ୍ତି ତାହା ସେ ସାଧାରଣରେ ପ୍ରକାଶ କରନ୍ତୁ ଓ ତାର ଯଥାର୍ଥ ପ୍ରମାଣ ଦିଅନ୍ତୁ । ତା ନହେଲେ ଏପରି ଭିତ୍ତିହୀନ କଥାର କିଛି ମୂଲ୍ୟନାହିଁ । ଅଧିକନ୍ତୁ ମୋର ଅନୁରୋଧ ଯେ ସେ ମହାଶୟ ନିଜର ନାମଟି ବି ପ୍ରକାଶ କରନ୍ତୁ । ତାହାହେଲେ ମେଡ଼ିକାଲର ଛାତ୍ର ଭାଇମାନେ ସେ ଶୁଭାକାଂକ୍ଷୀ ବନ୍ଧୁଙ୍କୁ ଭଲ ଭାବରେ ଚିହ୍ନି ରଖିବେ ।

ଶ୍ରୀ ଦିବାକର ଶର୍ମା
ସମ୍ପାଦକ ମେଡିକାଲ କଲେଜ
ଛାତ୍ରସଂଘ

## ଚିଲିକା

ମହାଶୟ,

ଗତ ସଂଖ୍ୟା ଜଗତରେ ଶ୍ରୀ ପ... ରାଯ୍ଗୁରୁ, ଓ୍ୱାଲ୍ଟେୟରଙ୍କ ପତ୍ରରୁ ପ୍ରକାଶ ଯେ ଆନ୍ଧ୍ରମାନେ 'ଆନ୍ଧ୍ରବାଣୀ' ପତ୍ରିକାରେ ଚିଲିକା ଓ ତତ୍ ପାର୍ଶ୍ୱସ୍ଥ ଅଞ୍ଚଳକୁ ସେମାନଙ୍କ ଅବାସ୍ତବ ଆନ୍ଧ୍ର ପ୍ରଦେଶର ଅନ୍ତର୍ଭୁକ୍ତ କରିବା ଦାବୀ କରୁଛନ୍ତି ଯେ ଚିଲିକା ଓଡ଼ିଆ ଶବ୍ଦ ନୁହେଁ—ଆନ୍ଧ୍ର । ଏହା କହିବା ଆନ୍ଧ୍ର ଭାଇମାନଙ୍କର ଏକ ଦୁର୍ନିମନୀୟ ଅର୍ବାଚୀନତା ବ୍ୟତୀତ ଅନ୍ୟକିଛି ନୁହେଁ । ଚିଲିକା ଶବ୍ଦ ଓଡ଼ିଆ କି ଆନ୍ଧ୍ର ଏ ବିଷୟରେ ଅନୁସନ୍ଧାନ, ଇତିହାସ ତତ୍ତ୍ୱ ଘାଣ୍ଟି ଗବେଷଣା କରିବା ପୂର୍ବରୁ ଓଡ଼ିଶାର କୋଟିକଣ୍ଠ—ନିତୀ କହୁଥିବା ଗୋଟିଏ ଦୁଇଟି ପ୍ରବଚନ ଏହାର ଯଥେଷ୍ଟ ପ୍ରମାଣ ଦେବ । ଯେତେବେଳେ ଅତିରିକ୍ତ ବୃଷ୍ଟି ହୋଇ ଚତୁର୍ଦ୍ଦିଗ ଜଳମୟ ହୋଇ ଯାଏ ସେତେବେଳେ ଏ ଦେଶର ଅବାଳବୃଦ୍ଧ ବନିତା କହୁଥାନ୍ତି "ଚାରିଆଡ଼େ ଚିଲିକା ମୟ ହୋଇ ଯାଇଛି" । ପୁଣି ଅସମ୍ଭବ ବ୍ୟାପାର ବା ଯାହା ଘଟିବାର ସମ୍ଭାବନା ଅଳ୍ପ ସେ କ୍ଷେତ୍ରରେ ଓଡ଼ିଶାର ସବୁ ଶ୍ରେଣୀର ଲୋକ କହୁଥାନ୍ତି " ଅକାଶ କର୍ଯ୍ୟାଁରୁ ଚିଲିକା ମାଛ" । ତାହେଲେ ଚିଲିକା ଓଡ଼ିଶାର ଦେଶଜ ଶବ୍ଦ ନୁହେଁ କିପରି ?

ଆନ୍ଧ୍ର ଭାଷରେ ଚିଲିକା ଶବ୍ଦ ଥାଇ ପାରେ ଓ ଏହାର ଅର୍ଥ ଅଲଗା [Separate] ହୋଇପାରେ । ଏହା ବୋଲି ଚିଲିକା ଓ ତତ୍ ପାର୍ଶ୍ୱସ୍ଥ ଅଞ୍ଚଳକୁ ଆନ୍ଧ୍ରମାନେ ଦାବୀ କରିବା ଏକ ଶିଶୁ ଜନୋଚିତ ଚପଳତା । କାରଣ ଓଡ଼ିଶାରେ ଭଉଣୀକୁ ଅପା କହନ୍ତି ଏବଂ ତେଲଗୁ ମାନେ ମଧ୍ୟ ଭଉଣୀକୁ ଅପ୍ପା କହନ୍ତି । ତା ହେଲେ ସମଗ୍ର ଓଡ଼ିଶାକୁ ଆନ୍ଧ୍ରମାନେ ଏହି ଅପ୍ପା ଶବ୍ଦ ଲାଗି ଦାବିକରନ୍ତୁ ।

ଚିଲିକା ବଙ୍ଗୋପସାଗରରୁ ଅଲଗା । ଚିଲିକା ଅର୍ଥ ଆନ୍ଧ୍ର ଭାଷାରେ 'ଅଲଗା' । ତେଣୁ ଆନ୍ଧ୍ରମାନେ ଚିଲିକା ଦାବୀ କରୁଛନ୍ତି । ମାତ୍ର ଆମେ କହୁଛୁ ଚିଲିକା ସଂସ୍କୃତ "ଚିକ୍ଲିଗା" ଶବ୍ଦରୁ ଅପଭ୍ରଂଶ । "ଚିକ୍ଲିଗା" ଅର୍ଥ ଭ୍ରୂଲତା । ଚିଲିକା ପ୍ରିୟ ଉତ୍କଳ ଲକ୍ଷ୍ମୀଙ୍କର ଭ୍ରୂଲତାସ୍ୱରୂପ । ଭ୍ରୂଲତାର ବର୍ଣ୍ଣ-ସାଦୃଶ୍ୟ ଚିଲିକା ନୀଳାମ୍ବୁ ରାଶି । ପୁଣି ଚିଲିକାର ଆକୃତି ସହିତ ଭ୍ରୂ ବା ଭ୍ରୂଲତାର ସାମଞ୍ଜସ୍ୟ ନ ହୋଇ ଆନ୍ଧ୍ରର ହେବ କେଉଁ ଯୁକ୍ତି ବଳରେ ?

ଚିଲିକାର ଜଳ ଭୂଭାଗରେ ... ଅଞ୍ଚଳରେ ... ଥାଇ ପାରନ୍ତି ... ମଧ୍ୟ ସେହିପରି ... ସ୍ଥାନରେ ... ପାଉଥାନ୍ତି । ଏହା ... ଓ ... ଆନ୍ଧ୍ର ... ଦାବୀ କରିବା ଏକ ହାସ୍ୟାସ୍ପଦ ... । ... ସ୍ୱରୂପରେ ... ଓ ... ଅନ୍ୟ ... । ... ହେଉଥାନ୍ତି । ... ଆନ୍ଧ୍ର ପ୍ରଦେଶ ... ଦାବି କରୁ ନାହାନ୍ତି କାହିଁକି ?

ଉପସଂହାରରେ କହାଯାଇ ପାରେ ଆନ୍ଧ୍ର ମାନଙ୍କର ଏ ଅସମ୍ଭବ ଦାବୀ ... ଆନ୍ଧ୍ର ପ୍ରଦେଶକୁ ... ବଳରେ ... ଅଧିକାରରେ ... ମନ୍ତ୍ରୀମଣ୍ଡଳର ... ଦୃଢ଼ତା ବା ... ମୁଖ୍ୟତଃ ଦାୟୀ । ... ସୀତା ... ଶ୍ରୀକୃଷ୍ଣସିଂହଙ୍କ ... ଓ ... ପ୍ରସାଦ ... ଆନ୍ଧ୍ରମାନଙ୍କରେ ... ମନ୍ତ୍ରୀ ମଣ୍ଡଳ ... । ଫଳରେ ଆନ୍ଧ୍ରମାନେ ... ବ୍ୟସ୍ତ । ପରିଣାମରେ ... ନ ପାରିବେ ... । ସେତେବେଳେ ଆମେ ... ପୁଣି ଦେଖା ନଯାଏ ... ।

ଶ୍ରୀ ବାମଦେବ ମିଶ୍ର (... ହାଇସ୍କୁଲ)

Digitized by srujanika@gmail.com

# ଉତ୍କଳର ବିଚାରଧାରା

—ସନ୍ଧାନୀ

ପ୍ରାଦେଶିକ ଗଡ଼ଜାତ ଏବଂ ମୋଗଲବନ୍ଦୀ ଉଭୟ ଏକ ଶାସନତନ୍ତ୍ର ଅଧୀନରେ ଶାସିତ ହେବାରେ ସମଗ୍ର ଉତ୍କଳର ମଙ୍ଗଳ ଏ ବିଷୟରେ ଦ୍ୱିଧା ମତ ନାହିଁ । ଓଡ଼ିଶା ସରକାରଙ୍କ ନେତା ବ୍ୟକ୍ତିଗତ ଭାବରେ ଯେଉଁ ଆତଙ୍କ ବାଦ ସୃଷ୍ଟି କଲେ—ଆପଣାର ମୁଖ ପତ୍ରରେ ତଥା ସଭା ସମିତିରେ—ତାହା ଗଡ଼ଜାତ ନେତାମାନଙ୍କ ବିବୃତି ଫଳରେ ଅତି ହାସ୍ୟାସ୍ପଦ ହୋଇ ଠିଆ ହେଲା । ଏହି ଆତଙ୍କ-ବାଦ ମୂଳରେ ଏକ ମାତ୍‌ସ୍ୟ 'ଆତଙ୍କ' ଆତ୍ମ ଗୋପନ କରି ରହିଛି । ମହତାବଙ୍କର ଏକ ବିବୃତିରେ ଛୋଟ-ନାଗପୁର ଓ ଓଡ଼ିଶାର ମିଶ୍ରଣରେ ଅଯଥା ଆଶଙ୍କା ସେଇ ଆତଙ୍କର ଏକ ବିକାର ମାତ୍ର । ଯଦି ପ୍ରାକୃତିକ ଏବଂ ଭୌଗୋଳିକ ଉତ୍କଳ ଦୃଷ୍ଟିରୁ ଛୋଟନାଗପୁର ଓ ଓଡ଼ିଶା ଏକତ୍ର ହୁଅନ୍ତି ତେବେ ଓଡ଼ିଆ ଜାତିର ସର୍ବନାଶ ହେବାର ଭୟ ଯେତିକି ନାହିଁ, ବର୍ତ୍ତମାନ ଓଡ଼ିଆ ନେତୃତ୍ୱର ସ୍ଥାୟିତ୍ୱ ସମ୍ବନ୍ଧରେ ସନ୍ଦେହ ଓ ଆଶଙ୍କା ତାହାଠାରୁ ଅଧିକ । ଯେଉଁମାନେ ଗଡ଼ଜାତ ଓ ମୋଗଲବନ୍ଦୀର ମିଶ୍ରଣରେ ଆଦିବାସୀଙ୍କର ଆଧିକ୍ୟକୁ ବରଦାସ୍ତ କରୁଛନ୍ତି ସେମାନେ ଛୋଟନାଗପୁରର ମିଶ୍ରଣରେ ଆଦିବାସୀଙ୍କ ପ୍ରାବଲ୍ୟକୁ ସହ୍ୟ ନକରିବାର ମୂଳରେ ଅଳ୍ପ ସଂଖ୍ୟକ ଆଦିବାସୀଙ୍କ ସଂଯୁକ୍ତ ମୋଗଲ-ବନ୍ଦୀ ଓ ଗଡ଼ଜାତ ପ୍ରଦେଶରେ ଶୋଷଣ କରିବା ମନୋବୃତ୍ତି ଛଡ଼ା ଅନ୍ୟ କିଛି ଥାଇ ନପାରେ । ଗଡ଼ଜାତ ଏବଂ ସିଂହଭୂମ ଯଦି ଓଡ଼ିଶା ସହିତ ମିଶେ ବା ଅନ୍ତତଃ ସିଂହଭୂମର ଓଡ଼ିଆ ବହୁଳ ଅଞ୍ଚଳ ମିଶେ ତେବେ ଛୋଟନାଗପୁରର ଆଦିବାସୀ ମାନେ ଯଦି ସ୍ୱତନ୍ତ୍ର ପ୍ରଦେଶ ନ କରନ୍ତି ତେବେ ଅନ୍ୟ ଯେ କୌଣସି ପ୍ରଦେଶ ଠାରୁ ଆଦିବାସୀ ବହୁଳ ଓଡ଼ିଶା ପ୍ରଦେଶରେ ମିଶିବା ତାଙ୍କ ପକ୍ଷରେ ସମୀଚୀନ ।

ଯଦି ନିରପେକ୍ଷ ହେବାକୁ ହୁଏ ତେବେ ଛୋଟନାଗପୁର ବିହାରରେ ଥିବାଯାକେ ତତ୍ ସଂଲଗ୍ନ ଓଡ଼ିଶା ଗଡ଼-ଜାତସ୍ଥ ଆଦିବାସୀ ବହୁଳ ଅଞ୍ଚଳକୁ ବିହାର ସହିତ ମିଶାଇ ଦେବା ଉଚିତ । ଅବଶ୍ୟ ଯଦି ଆଦିବାସୀମାନେ ଦାବି କରନ୍ତି । ଏପରିକି ଯେଉଁ ଆଦିବାସୀମାନେ ଓଡ଼ିଆ ଭାଷାକୁ ମାତୃଭାଷା କରି ନେଲେଣି ସେମାନେ ଯଦି ସେମାନଙ୍କର ଆଦିବାସୀ ଭାଇଙ୍କ ସହ ମିଶି ରହିବାକୁ ଚାହାନ୍ତି ତେବେ ସେମାନଙ୍କୁ ସେ ସୁବିଧା ଦେବା ଉଚିତ । ମାତ୍ର, ସେମାନେ ଯେତେବେଳେ ଓଡ଼ିଶା ସହ ମିଶି ଏକ ଉତ୍କଳୀୟ ପରିବାରରେ ଆବଦ୍ଧ ହେବାକୁ ଚାହାନ୍ତି ସେତେବେଳେ ଆମର ଦ୍ୱାର ରୁଦ୍ଧ କରିଦେବା ଉଚିତ ହେବ କି ?

ଯେଉଁ ନେତା ମାନେ ଆଜି ଛୋଟ-ନାଗପୁର ମିଶ୍ରଣରେ ଆଦିବାସୀଙ୍କ ପ୍ରାବଲ୍ୟର ବିଭୀଷିକା ଦେଖି ଶଙ୍କିତ କରୁଛନ୍ତି ସେମାନେ ଟେଟେନ୍‌ହାମ୍, ମାଲ୍‌ଟିର ରିଜାଙ୍କଠୁ କମ୍ ଅପରାଧୀ ନୁହନ୍ତି । ରାଜାମାନେ ଆଦିବାସୀଙ୍କୁ ଉତ୍କ୍ଷିପ୍ତ କରି ଓଡ଼ିଆଙ୍କ ବିରୁଦ୍ଧରେ ଠିଆ କରାଇ ସ୍ୱାର୍ଥସିଦ୍ଧି କରୁଛନ୍ତି ଆଜି ଆମ ଓଡ଼ିଆ ନେତାମାନେ ଓଡ଼ିଆଙ୍କୁ ଉତ୍ତେଜିତ କରି ଆଦିବାସୀ-ବିରୋଧୀ ମନୋଭାବ ସୃଷ୍ଟି କରି ନିଜର ନେତୃତ୍ୱର ସ୍ଥାୟିତ୍ୱ ପାଇଁ ଷଡ଼ଯନ୍ତ୍ର କରୁନାହାନ୍ତି କି ?

ଆଜି ଯଦି ସରଳ ସତ୍ୟନିଷ୍ଠ ସ୍ୱାବଲମ୍ବୀ ଆଦିବାସୀ ମାନେ ତାଙ୍କର ଓଡ଼ିଆ ଭାଇଙ୍କ ସଙ୍ଗେ ଏକ ବୃହତ୍ତର ଉତ୍କଳୀୟ ସଭ୍ୟତା ଗଢ଼ିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ତେବେ ତାର ବିରୋଧ-ତାକୁ ଜଘନ୍ୟ ପ୍ରତିକ୍ରିୟାଶୀଳ ବ୍ୟକ୍ତି ବୋଲି ବୋଲିବାକୁ ହେବ । ପୃଥିବୀରୁ କଳା ଗୋରା ଭେଦ ଉଠାଇବା ପାଇଁ ଚିତ୍କାର ଉଠିବା ବେଳେ ଆଜି ଓଡ଼ିଆ ଆର୍ଯ୍ୟ ନେତା, ଆର୍ଯ୍ୟ ସଭ୍ୟତାରେ ଅନ୍ଧ ହୋଇ, ହୀନ କଳୁଷିତ ମନୋବୃତ୍ତିରେ ଆଦିବାସୀ ଆତଙ୍କବାଦ ସୃଷ୍ଟି କରୁଛନ୍ତି ।

ଆଜି ଯଦି ଆଦିବାସୀଙ୍କଠାରେ ଆଦି-ବାସୀଙ୍କ ଆହ୍ୱାନରେ ଆମର ଅତୀତର ଅନ୍ଧ ଆତ୍ମମର୍ଯ୍ୟାଦା ଭୁଲିବାକୁ ହୁଏ ତେବେ ସେଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ହେବ ।

ଆଜି ଆମ ଆଗରେ ଆର୍ଯ୍ୟ ଅନାର୍ଯ୍ୟର ପ୍ରଶ୍ନ ନାହିଁ । ଆଦିବାସୀ, ଅନ୍ତ୍ୟବାସୀର ପ୍ରଶ୍ନ ନାହିଁ । ଓଡ଼ିଶାର ସଭ୍ୟତା ଆର୍ଯ୍ୟର ସଭ୍ୟତା ନୁହେଁ—ଓଡ଼ିଶାର ଜଗନ୍ନାଥ ଆର୍ଯ୍ୟର ଦେବତା ନୁହେଁ—ଓଡ଼ିଶାର ବଡ଼ଠାକୁର ଶବରରେ ଦେବତା—ଓଡ଼ିଶାର ରକ୍ତ ଅନାର୍ଯ୍ୟର ରକ୍ତ । ଅନାର୍ଯ୍ୟ ବୋଲି କହି ଆପଣାକୁ ଖର୍ବ କରିବା ଦ୍ୱାରା ଓଡ଼ିଆର ପୌରୁଷ ଖର୍ବ ନହେଉ । ଅନାର୍ଯ୍ୟ ଶବ୍ଦ ଘୃଣ୍ୟ ନୁହେଁ । ଅନାର୍ଯ୍ୟ ସଭ୍ୟତା ଆର୍ଯ୍ୟ ସଭ୍ୟତାଠାରୁ ନୀଚ ନୁହେଁ । ମୂର୍ଖ ଅନାର୍ଯ୍ୟକୁ ଯେତେ ହୀନ ବର୍ଣ୍ଣନା କରୁ ପଛକେ ଇତିହାସ, ମନୁଷ୍ୟର ଜ୍ଞାନ ତାହା କ୍ରମେ ଅସ୍ୱୀକାର କରୁଛି ଏବଂ କରିବ ।

ଉତ୍କଳର ଆର୍ଯ୍ୟ ଓ ଅନାର୍ଯ୍ୟ ଏକ ; ଯେଉଁ ସ୍ୱାର୍ଥାନ୍ଧ ଲୋକେ ଆର୍ଯ୍ୟ ଓ ଅନାର୍ଯ୍ୟର ଭେଦ ସୃଷ୍ଟି କରୁଛନ୍ତି ସେମାନଙ୍କୁ ଦେଶ ଦ୍ରୋହୀ, ସମାଜ ଦ୍ରୋହୀ ମାନବ ଦ୍ରୋହୀ ପ୍ରତିକ୍ରିୟାଶୀଳ ପଶୁ ଆଖ୍ୟା ଦେବା ଉଚିତ ।

—*—

Digitized by srujanika@gmail.com

# କଥା ଓ ମଞ୍ଜି

ବ୍ରାଟଲ୍ସର ଭଟ୍ଟାଳଟରେ ଛଳା ପ୍ରଦର୍ଶନୀ—ସଂବାଦ

…ଗୋସ୍ୱଙ୍କ ଅମଳ ଗଳ୍ପ—ଏଣିକି ଛଳାଙ୍କ ଦର୍ଶନୀ ଗ୍ରନ୍ଥ ।

\+ \+ \+

ଦେଶୀୟ ରାଜ୍ୟର ଭବିଷ୍ୟତ୍ ?—ସୂଚନା

…ଉପର ବଉଡ଼ା ଖସୁଚ୍ଛି ।

× × ×

ପଟେଲ ପାଣ୍ଠିକୁ ଦାନ—ସ୍ୱସାବ

…ମାର୍ଗଶିର ମାସେ, ଉତ୍ତରାୟଣରେ, ଚତୁର୍ଥୀ ତିଥୌ ଶତଭିଷା ନାମ ନକ୍ଷତ୍ରେ—ଭରଦ୍ୱାଜ ଗୋତ୍ରେ ଶ୍ରୀ…ଥୁକୁଲ ।

\+ × +

ଇନାମ ଦାରଙ୍କ ସଭା—ସଂବାଦ

…ଇମାନ ଦାରଙ୍କ ଦ୍ୱାରା ସ୍ଥାପିତ ?

\+ × +

କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୈତ୍ରୀ ଶିଥିଳତା ଦେଖା ଯାଉଛି ସର୍ଦ୍ଦାରଙ୍କ ଅଗ ମନରେ ବଦ୍ଧମୂଳ ହେଉ—ପ୍ରଜାତନ୍ତ୍ର

…ବିନା ତେଲ ମର୍ଦ୍ଦନରେ ?

\+ \+ \+

ଭାରତର ଭାଗ୍ୟ ଯୁବକ ଯୁବତୀଙ୍କ ହାତରେ—ଇତି ମଧ୍ୟପ୍ରଦେଶ ଗଭର୍ଣ୍ଣର ପକ୍ୱାସା ।

…ହାତ ଗଣ୍ଠିରେ ନୁହେଁତ ?

× × ×

ବର୍ତ୍ତମାନ ଶାସନରେ ଏ ଅରାଜକତାର ପ୍ରତିକାର କଣ ?—ଶ୍ରୀ ବିନୋଦ କାନନଗୋ

…ମହତାବଙ୍କୁ ମନ୍ତ୍ରୀରୁ ଛାଡି ରଙ୍ଗା କରଦେବା

× × ×

ବନ୍ତ (ମହତାବଙ୍କ ଥାନା) ରେ ହରିଜନଙ୍କ ପ୍ରତି ଅତ୍ୟାଚାର—ସଂବାଦ

…ଜାଗଣି ହରି ବନ୍ତ ଘୋଡ଼ କଟକରେ ରହିଲେଣି ।

× × ×

"ମୋ ବିରୁଦ୍ଧରେ ଜଘନ୍ୟ ମିଥ୍ୟା ପ୍ରଚାର ହେଉଛି ।"—ଇତି ଗଡ଼ଜାତ ନେତା ପବିତ୍ର ମୋହନ

… ସେ କଣ ଅପବିତ୍ର ହେଲେ କି ?

× × ×

"ପଦେ—" ଦୈନିକ ଆଶା

…ନା ହାଣ୍ଡି ?

× × ×

"ଦୈନିକ ଆଶା" ନବ କଳେବର—ତାଙ୍କ ମାନେଜର

…ସାପ୍ତାହିକ, ଦୈନିକ ବା ଘଣ୍ଟାକ ଆଶା ହେବ କେବେ ?

\+ × +

ବାହା ନଗାରେ ପୁଲିସ ଜମିଦାରଙ୍କ ଷଡ଼ଯନ୍ତ୍ର—ମୁକ୍ତିଯୁଦ୍ଧ

…ଖାଲି ବାହା ନା ହାତ ଗୋଡ଼ ବି ଲଗାଇଥିଲ ସାଥୀ ?

× × ×

ରଜାଙ୍କ ମେରୁଦଣ୍ଡ ଭାଙ୍ଗିଛି—ଇତି ମୁକ୍ତିଯୁଦ୍ଧ

ଥିଲରୁ ତ ଭାଙ୍ଗିଲା—ତମର ନ ଭାଙ୍ଗେ

× + ×

ରାଜପ୍ରେମ ପ୍ରତି ସାବଧାନ—ମୁକ୍ତିଯୁଦ୍ଧ

…ତା ପ୍ରତିକ କି ଜୁହାର ହେଉଛି ବାରବାର

× + ×

"ସ୍ୱାଗତ ପଟେଲ"—ଓଡ଼ିଶାର ସମ୍ବାଦ ପତ୍ର ମାନଙ୍କ ସମ୍ପାଦକୀୟ

…ସ୍ୱାଗତ ଗଡ଼ଜାତ ରାଜା । ଇତି ଉଗବାଃ ।

× + ×

ଆପଣଙ୍କର ପ୍ରତିପତ୍ତି ଥିଲେ ଆମର ମଧ୍ୟ ପ୍ରତିପତ୍ତି ଅଛି—ପତ୍ରାଙ୍କ ପ୍ରତି ମହତାବ

…ଆପଣ ଦେଉଳ ତୋଳିଲେ ଆମେ—

\+ + +

ଆମ କ୍ଷତି, କ୍ଷତି ଅଚିନାନ୍ତ—ମହତାବଙ୍କ ତାଣ୍ଡବ ଭାଷା ।

…ଇଥାଗି ଗୋଟି ସାଗରେ ଉପାଳ ପାରୁଛ ବନ୍ଧୁ ।

\+ × +

କଂଗ୍ରେସର କାର୍ଯ୍ୟକ୍ରମ ନିର୍ଜ୍ଜୀବ ଲୋକ ଦୃଷ୍ଟିରେ ନୀରସ ମନ୍ତ୍ର ହୋଇଛି—ପଞ୍ଚାଭ

…ଓଡ଼ିଶା କେନ୍ଦ୍ରସ୍ଥାଇନ ମିଳେ ମହତାବ ଜୀବନ୍ୟାସ ଦେଇଛନ୍ତି ।

× + +

କଂଗ୍ରେସର ମନ୍ତ୍ରୀତ୍ୱ ଗ୍ରହଣ ପ୍ରସ୍ତାବ ରୁଫୀ ଦେବାରେ ଆଗରେ ସର୍ବ ପ୍ରଥମ ସତ୍ୟ ଓ ସଟୁର୍ଷ୍ଟ ପରୀଣ ବଳି ପଡ଼ିଲା—ଇତି ପଞ୍ଚାଭ

…କେବଳ ଆଘ୍ରାଣଂ

× × ×

ମୋ ଉପରେ ବ୍ୟଥା ଚଉକ ପକାଉଛନ୍ତି—ଇତି ପବିତ୍ର ମୋହନ ।

…ହରେ ହରେ—କୃଷ୍ଣ ଚଉକ । ରାଧାଚଉକ ନୁହେଁ

× × ×

"ପ୍ରଜାତନ୍ତ୍ର ଯୁବକ ପ୍ରାଣର ସମସ୍ତ ଉନ୍ମାଦନା ନୁହେଁ ।"—ଇତି ପ୍ରଜାତନ୍ତ୍ର ଟୀକା

…ଉନ୍ମାଦନାର ପ୍ରତିକାର ଭାର ମହତାବଙ୍କ ଉପରେ

\+ × ×

ବୁଦ୍ଧିମାନ ଲୋକେ ସମୟର ଗତି ଅନୁସାରେ ଚାଲି ଥାଆନ୍ତି—ଇତି ମହତାପୀ ପ୍ରଜାତନ୍ତ୍ର ।

…ମେଘ ଯେଉଁ ଆଡ଼କୁ, ଛତା ସେଇ ଆଡ଼କୁ—ଇତି ବୁରୁଝାଙ୍କ ଛନ୍ଦ

\+ + +

ଆମର ଲକ୍ଷ୍ୟ 'ସମାଜ' ବାଦ ସ୍ଥାପନା—ଅସାମରେ ଜୟ ପ୍ରକାଶ

'ପ୍ରଜାତନ୍ତ୍ର' ବାଦ ନୁହେଁ ? 'କୃଷକ' ବାଦ ?

\+ + +

Digitized by srujanika@gmail.com

# ପ୍ରିୟାର ଜବାବ

(୯୭ଶ ସଂଖ୍ୟାରେ ପ୍ରକାଶିତ "ହୋଇଥାନ୍ତି ଯେବେ" କବିତାର ଉତ୍ତର)

ହୋଇଥାନ୍ତି ଯେବେ ଜୀବନ ପ୍ରିୟର
ହୃଦିଲଗ୍ନ ହାଫ୍ ନେଟ,
ବିରହ-ନିଆଁରେ ପୋଡ଼ି ହୋଇ କିଆଁ
ମରୁଥାନ୍ତି ଅହର୍ନିଶ ?
ମେଣ୍ଟାଇ ନାଅନ୍ତି ଅଧରର ତୃଷ୍ଣା
ପୂର୍ଣ୍ଣ ହୁଅନ୍ତା ମୋ ଜୀବନର ଆଶା
ସାର୍ଥକ ହୁଅନ୍ତା କୁଆଁର ପୁନେଇଁ
ନିର୍ଜଳା ଉପବାସ ।
ହୋଇଥାନ୍ତି ଯଦି ପ୍ରିୟ ଭାନହୁବଲ
ବିଲମ୍ବିତ ଗାଲମୁଚ୍ଛ,
ସାରା ଜୀବନଟା ଅକୁଳ ପରାଣେ
ଝୁରନ୍ତି କାହିଁକି ତୁଚ୍ଛା ?
ହୋଇ ଥାନ୍ତି ଯଦି ଅସଲ ଏସେନ୍ସ
ପାରନ୍ତେ କି ଏଣ୍ଡ ମୋହର ରୋମାନ୍ସ
ପେଶଲ ଗଣ୍ଡର ଉଷ୍ଣ ପରଶ
ପାଉଥାନ୍ତି ମନଇଚ୍ଛା ।
ହୋଇଥାନ୍ତି ଯଦି ପ୍ରିୟଙ୍କ ପାଇଁ ମୁଁ
ସ୍ନୋ ପାଉଡର କ୍ରୀମ,
ଜୀବନଟା ସିନା ହୁଅନ୍ତା ମୋହର
ବେଦୁଇନ-ଦେଶ-ଡ୍ରୀମ ।
ହୋଇଥାନ୍ତି ଯଦି ମୁହିଁ ସିଗାରେଟ
ନବ୍ୟ ଜଗତର ସଭ୍ୟତା ନିରେଟ
ଜାଳିଦେଇ ପ୍ରାଣ, ପିଅନ୍ତି ତ ଥରେ
ଓଠାଧରୁ ପ୍ରେମ ଷ୍ଟ୍ରୀମ ।
ହୋଇଥାନ୍ତି ଯଦି କୁଞ୍ଚିତ କେଶରେ
ଜରମାନୀ ପେଲ୍‌ଟ କ୍ୟାପ୍
କଳ୍ପନା ବାସ୍ତବ ମଝିରେ କି ଅଉ
ରହିଯାନ୍ତା ଏତେ ଗ୍ୟାପ୍ ।
ହୋଇଥାନ୍ତି ଯଦି ହାତ ବନ୍ଧା ଘଡ଼ି
ଭିଡ଼ି ମୁଁ ଧରନ୍ତି କର ହରଡଡ଼ି ।
ରିମ୍‌ଲେଶ୍ ଫ୍ରେମ ହୋଇ ମୁଁ ନାକରେ
ଝରନ୍ତି ଇନକିଲାବ୍ ।
ଛତ ପକେଟର ଗୋଲାପୀ କାଗଜ
ଥାଆନ୍ତି ଯଦି ମୁଁ ହୋଇ,
ମୋ ପ୍ରିୟ ହାତର ପିଠେ ଫାଉଣ୍ଟେନ
ଯାଆନ୍ତା ମୋ ବୁକେ ବହି ।

ମୋ ପ୍ରିୟ ହୃଦର ପ୍ରଣୟ ଉଚ୍ଛ୍ୱାସ
ଶର ବିରହର ତପତ ନିଶ୍ୱାସ
ମୋର ବୁକୁ-ତଳ ଯାତନା ସକଳ
ନିଅନ୍ତା କ୍ଷଣକେ ଧୋଇ ।
ହୋଇଥାନ୍ତି ଯଦି ମୋ ପ୍ରିୟତମର
କେଟେରସ୍ ଫିଲ୍ମବଲ,
ଲୁଚି ମୁଁ ନାଅନ୍ତି ବକ୍ଷପଟରେ ମୋ
ପ୍ରିୟତମ ସ୍ୱୀଟ୍ ଡଲ ।
ଠେପଟେଭେବେଲେ ପ୍ରିୟ ନିଷ୍ଠୁର କୁଞ୍ଜରେ
ଅଧ ନିମିଳିତ ମୁଗ୍ଧ ଆଖିରେ
ଅଜାଡ଼ି ଦିଅନ୍ତେ ଅକୁହା ବେଦନା,
ପ୍ରାଣେ ତା କରନ୍ତି ଫିଲ ।
ହୋଇଥାନ୍ତି ଯଦି ପ୍ରିୟ ଉଦ୍ୟାନର
ମିଠା ମିଠା ନାଲି ରୋଜ
କେତେ ଆତରରେ ଚୁମ୍ବନ୍ତି ତାଙ୍କ
ସଲଜ ସୁନ୍ଦର ନୋଜ୍
ନୀତି ନୀତି କେତେ ଝରୁଥାନ୍ତା ପରା
କୁମାରୀ କୋମଳ ବକ୍ଷେ ମୋ ଅସରା
ତରୁଣ-ଜୀବନ-ଅସିଲ-ପ୍ରେମର
ମନ ମତାଣିଆ ଡୋଜ୍ ।
ହୋଇଥାନ୍ତି ଯଦି ନଭେଲ ବହିର
ଖଣ୍ଡିଏ ପୁରୁଣା ପେଜ ।
ଦୁଇଟି ପ୍ରାଣର ପ୍ରଣୟ ସାଗର
ମଝିରେ ଯେଉଁଠି ବ୍ରିଜ୍
ଦଣ୍ଡିଏ ଯାଗାରେ ପ୍ରିୟ ଦୁଇ ଘଡ଼ି
ବାର ବାର ଥର ଥର ତାକୁ ପଢ଼ି
ସ୍ମୃତି ରଙ୍ଗରେ ଫିଟାଇ ଦିଅନ୍ତେ
ପ୍ରେମର ମଟୁଆ ମେଜ୍ ।
ପ୍ରିୟ ପେଟ୍‌ଶଜ ଯୋଗ୍ୟ ନୁହେଁ ଯଦି
ଟେକ୍‌ସଟବୁକ୍ ହୋଇ ଥରେ,
ପାଆନ୍ତି ତ ତାଙ୍କ ଅଙ୍ଗର ପରଶ
ଛ ମାସ ବରଷକରେ ।
ଅସନ୍ତା ତ ଦିନେ ଛୁଟି ଏକ୍ସମାସ
ସେସନର ଶେଷ ଏପ୍ରିଲ ମାସ
ଅସନ୍ତା ପରୀକ୍ଷା ନାଶନ୍ତା ବେଦନା
ମିଡ୍ ନାଇଟ ଲାଇଟରେ ।

**ଶ୍ରୀ ଭୀମଚରଣ ମଲ୍ଲିକ**

Digitized by srujanika@gmail.com



# ଝୋଷାମାମୁଁ

### ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

'ହୁଁ, ତାପରେ କଣ ହେଲା ?' ମୁଁ ପଚାରିଲି।

'ତା ପରେ ? ହଁ। ତା'ପରେ ସାରା ଅଖର ହୋଇଗଲା। ଘରଅଡ଼ୁ ବାହାବାହା ବାହାବାହା ପଡ଼ିଲା। ବୋପା ଥିଲେ— ନାନା ଯେତେବାପା ହୁଁ ଯେତେବାପା ତାଙ୍କ ଗାଦିରୁ ଉଠିପଡ଼ି, ଧାଡ଼ିରୁ ହୀରା ମୁଦିଟା କାଢ଼ି ସେ ଓସ୍ତାଦଙ୍କ ଅଙ୍ଗୁଠିରେ ପିନ୍ଧାଇ ଦେଲେ। ସେ ଗାଉଥିଲେ— ତୋଡ଼ି।

ଶୁଣିଥିଲି ଓସ୍ତାଦ ମୁହଁ ଦେଖି କରି ବର୍ଷ ଥାଆନ୍ତି ତୁନିହୋଇ। ଧ୍ୱୁପଦ ତାଙ୍କ ପାଳି ପଡ଼ିଲା। ଯନ୍ତ୍ର ତାନପୁରା ଖଞ୍ଜା। ସିଏ ବା ଦାଦରା। ସମସ୍ତେ ଭାବିଲେ—ଏଥର ତ ନୁଆ କଣ। କାହିଁ ମୁହଁରେ ପଡ଼ି ନ ଯାଉଛୁ।

"ଯାହାହେଉ, ବିଦେଶୀ ମୁସାଫିର ଲୋକ, ଅଭ୍ୟାଗତ। ନ ଶୁଣିଲେ ଅପମାନ ମଣିବ। ଆମକୁ ବା କି। ସମସ୍ତେ ଧୀର ହୋଇ ବସି ଶୁଣିବାକୁ ଲାଗିଲେ।"

ଆଳାପ ଚାଲିଲା। ଜ୍ୟେଷ୍ଠ ମାସ ପବନ ନିରୁଦ୍ଧ କରିଛି। ଗୁଳୁଗୁଳା ଗରମ। ଗ୍ରୁହୁଁ ଗ୍ରୁହୁଁ ସିର ସିରଅ ଦକ୍ଷିଣା ପବନ ଝପଟି ଆସିଲା। ନିରେଳ ବସନ୍ତ ହାଉଆ। ଲୋକେ ଚଟିକା ହୋଇ ଏଣେ ତେଣେ ଚାହିଁଲେ।"

"କହିଲେ ତମେ ପରତେ ଜବନ ମୋ ଆଖିରେ ଦେଖିବା କଥା—ଅନେ ନିବେଇବା କଥା। ଗ୍ରୁହୁଁ ଗ୍ରୁହୁଁ ଲଣ୍ଡା ଆମ୍ବଗଛ ଗୁଡ଼ାକ କଅଁଳ ଉଠିଲେ। ହନୁମନ୍ତ କୁହୁକ ଦେଖିଛ ? ଆମ୍ବ ଠାକୁର ପୋତ ଢେଲା ସଙ୍ଗେ ସଙ୍ଗେ କମିତ ... କରିଦେବ, ସେସ ଗଛ ଗ୍ରୁହୁଁ ଗ୍ରୁହୁଁ ବଢ଼ିନ ... ଫଳ ଫଳେ, ଆମ୍ବ ପାଚେ ... ମିଠା। ଛନକା ଛନକା ... ।

... ପଚାରିଲି କି ରାଗ ଗାଇଲା କି ସେ ଓସ୍ତାଦ ?

ମାମୁଁ ଉତ୍ତର ଦେଲେ "ଅରେ ... !"

ମୁଁ କହିଲି, "ରାଗ ରାଗିଣୀର ଯଦ ... ସ୍ୱା ... ଅମର ଯାହା ... ଦେଇ ରଙ୍ଗ ଗୀତ ଗାଇ ତ ... ଥିଲେ।"

ମାମୁ କହିଲେ, 'ନ ହେବ ... ? ଏଡ଼େ ସେ ରାଗର ଅସଲ ... ଯାଉଥିଲେ। ସେ କେଲ୍ଥଉ ... ।

"ମୁଁ— ଅଛା ଏଇ ଯେ ... ଝଡ଼ ବାଅ ... ଖରା, ଉଗ୍ର ସବୁର ପଛରେ ... ରାଗ ... ରାଗିଣୀ ରହିଛି ? ମାମୁଁ— ... ! ସୃଷ୍ଟି, ସ୍ଥିତ, ପ୍ରଳୟ ସବୁ ... ଏହାର ବଳରେ।

... । ଆଉ ଗୋଟିଏ କଥା ... କଥା ? ଅବଶ୍ୟ ମୁଁ ଆଖିରେ ଦେଖି ନ ଥିଲେ ବି ବାପାଙ୍କଠୁଁ ଆଉ ଆଉ ବୁଢ଼ାଙ୍କ ମୁହଁରୁ ଶୁଣିଛି ଅବିଶ୍ୱାସ କରିବାର କିଛି ନାହିଁ। ତେବେ ଶୁଣ। ଏତିକି କହି ମାମୁ ଝାଡ଼ି ଝୁଡ଼ି ହୋଇ ଉଠି ବସିଲେ। ଧଡ଼ିକୁ ରଣିକୁ ବାହାରିଲେ।

ମାମୁ କହିଲେ, "ସେ ମୋ ଜନ୍ମ ଆଗରୁ। ମୁଁ ବୋଧହୁଏ ମା ପେଟରେ ଥାଏ। ବାପା ଥିଲେ ଭାରି ଶିକାରୀ। ଦିନେ ଶିକାରକୁ ଯାଇ ଚିତା ହାତରେ ଲେଉଟି ଆସିଲେ। ମିଛାକ ଭାରି ଖରାପ। ବୈଠକ ଖାନାରେ ତ ନିତ ସଙ୍ଗୀତ ମଜଲିସ ବସେ। ବାପା ସେଦିନ ଥକାରେ ହେଉ ବା ମନ ଦୁଃଖ-ରୁ ହେଉ ମଜଲିସକୁ ଗଲେ ନାହିଁ। ଜଣେ କର୍ଣ୍ଣାଟୀ ଓସ୍ତାଦ ଥାଆନ୍ତି, ସେ ବାପାଙ୍କର ସାଙ୍ଗ। ସେ ଯାଇ ଡାକିଲେ। ବାପା ତାଙ୍କୁ କହିଲେ ସବୁ କଥା, ଶୁଣି ସେ କହିଲେ, "ଏଥିପାଇଁ ଏତେ ମନ-ଦୁଃଖ ! ଆଛା ମୁଁ କାଲି ତୁମ ସାଙ୍ଗରେ ଯିବି ଜଙ୍ଗଲକୁ। ଗୋଟାଏ ଗଛ ଉପରେ ମଞ୍ଚା ବାନ୍ଧି ଦେବ। ସେଇଠି ବସି ମୁଁ ବଇଁଶୀ ବଜେଇବି; ପଲ୍ଲକୁ ପଲ୍ଲ ଜନ୍ତୁ ଆପେ ଆସି ଜୁଟିବେ। ସେଇଠି ତୁମ ମନ ଇଚ୍ଛା ଶିକାର କରିବ।

କଥାଟା କିନ୍ତୁ ଛପି ରହିଲା ନାହିଁ। ଘରଅଡ଼େ ପ୍ରଚାର ହୋଇ ଗଲା। ଏପରି ସହଜ ଶିକାର ପ୍ରାପ୍ତ ଲୋଭରେ ଯେ ପାରିଲା ସିଏ ଶିକାର କରିବାକୁ ସଜ ହେଲା। ଏକଥା ଯାଇ ଆମ ଜେଜେଙ୍କ କାନରେ ପଡ଼ିଲା। ସେ ଥିଲେ ଯେପରି ରସିକ ସେହିପରି ପରମାର୍ଥୀ। ଚବିଶ ଏକାଦଶୀ, ଷଡ ଜୟନ୍ତୀ କରନ୍ତି। ବାପାଙ୍କ ଜୀବ ହତ୍ୟା କରିବାଟା ତାଙ୍କର ପସନ୍ଦ ନୁହେଁ। କେବଳ ରାଜବଂଶର ମର୍ଯ୍ୟାଦା ରଖି ମୃଗ ମାଂସ ପବିତ୍ର ବୋଲି ଖାଆନ୍ତି। ସଂକ୍ରାନ୍ତି, ପୁନେଇ, ଅମାବାସ୍ୟା ଛାଡ଼ି। ଏକଥା ଶୁଣି ସେ ମହାରାଜ ! କ୍ଷତ୍ରିୟ ଧର୍ମ ତ୍ୟାଗ କରୁଛନ୍ତି। ବଇଁଶି ବଜେଇ ଜନ୍ତୁଙ୍କୁ ଜୁଟେଇ ମାରିବା। ମହାପାପ। କିନ୍ତୁ ବାପା ଥିଲେ ଭାରି ଏକଜିଦିଆ, ଉଗ୍ରମେଜା ଲୋକ। ଜେଜେ ହେଲେଣି ବୁଢ଼ା, କାଳେ ତାଙ୍କ କଥା ନ ରଖିବେ,—ଅପମାନ ହେବ, ବଡ଼ ଅଡ଼ୁଆରେ ପଡ଼ିଲେ। ଆଉ ଜଣେ ଓସ୍ତାଦ ଥାଆନ୍ତି ସେତେବେଳେ, ସେ ବୁଢ଼ା ଓ ସନ୍ୟାସୀ, କାଶୀରେ ତାଙ୍କ ମଠ। ଜେଜେଙ୍କର ଅତି ପ୍ରିୟ ସେ। ସଂଗୀତ ଗାଆନ୍ତି ନାହିଁ। ଗାଇଲେ ଖାଲି ରାମ ନାମ ଭଜନ କରନ୍ତି। ମୁଁ ତାଙ୍କୁ ଦେଖିଛି ଯେ, ମୁଁ କେଉଁଟାଏ ହେବା ଯାଏ ସେ ଜୀବ ଥିଲେ। ସେ ଦେହ ଛାଡ଼ିଲେ ବ୨୪୨- ପରେ।

[କ୍ରମଶଃ]

Digitized by srujanika@gmail.com

# ପ୍ରିୟାର ଜବାବ

(୧୭ଶ ସଂଖ୍ୟାରେ ପ୍ରକାଶିତ "ହୋଇଥାନ୍ତି ଯେବେ" କବିତାର ଉତ୍ତର)

ହୋଇଥାନ୍ତି ଯେବେ ଜୀବନ ପ୍ରିୟର
ହ୍ୱାଇଟ୍‌ଲଙ୍ଗ ହାଫ୍ ନେଟ,
ବିରହ-ନିଆଁରେ ପୋଡ଼ି ହୋଇ କିଆଁ
ମରୁଥାନ୍ତି ଅହର୍ନିଶ ?
ମେଣ୍ଟାଇ ନିଅନ୍ତି ଅଧରର ତୃଷା
ପୂର୍ଣ୍ଣ ହୁଅନ୍ତା ମୋ ଜୀବନର ଆଶା
ସାର୍ଥକ ହୁଅନ୍ତା କୁଆଁର ପୁନେଇଁ
ନିର୍ଜଳା ଉପବାସ ।
ହୋଇଥାନ୍ତି ଯଦି ପ୍ରିୟ ଜାନନ୍ଦୁଙ୍କ
ବିଲମ୍ବିତ ଗାଲମୁଛ,
ସାରା ଜୀବନଟା ଅକୂଳ ପରାଣେ
ଭାବନ୍ତି କାହିଁକି ତୁଚ୍ଛା ?
ହୋଇ ଥାନ୍ତି ଯଦି ଅସଲ ଏଟସନ୍‌ସ
ପାରନ୍ତେ କି ଏଡ଼ି ମୋହର ରୋମାନ୍‌ସ
ପେଶଲ ଗଣ୍ଡର ଉଷ୍ମ ପରଶ
ପାଉଥାନ୍ତି ମନଇଚ୍ଛା ।
ହୋଇଥାନ୍ତି ଯଦି ପ୍ରିୟଙ୍କ ପାଇଁ ମୁଁ
ସ୍ନୋ ପାଉଡର କ୍ରିମ,
ଜୀବନଟା ସିନା ହୁଅନ୍ତା ମୋହର
ବେଦୁଇନ-ଦେଶ-ଡ୍ରିମ ।
ହୋଇଥାନ୍ତି ଯଦି ମୁହିଁ ସିଗାରେଟ
ନବ୍ୟ ଜଗତର ସଭ୍ୟତା ନିଟରେଟ
ଜାଳିଦେଇ ପ୍ରାଣ, ପିଅନ୍ତି ତ ଥରେ
ଓଠାଧରୁ ପ୍ରେମ ଷ୍ଟ୍ରିମ ।
ହୋଇଥାନ୍ତି ଯଦି କୁଞ୍ଚିତ କେଶରେ
ଜରମାନୀ ଫେଲ୍‌ଟ କ୍ୟାପ୍
କଳ୍ପନା ବାସ୍ତବ ମଝିରେ କି ଆଉ
ରହିଯାନ୍ତା ଏତେ ଗ୍ୟାପ୍ ।
ହୋଇଥାନ୍ତି ଯଦି ହାତ ବନ୍ଧା ଘଡ଼ି
ଭିଡ଼ି ମୁଁ ଧରନ୍ତି କର ହରଘଡ଼ି ।
ରିମ୍‌ଲେଶ୍ ଫ୍ରେମ ହୋଇ ମୁଁ ନାକରେ
ଝୁଲନ୍ତି ଇନକିଲପ୍ ।
ଛୁଟ ପକେଟର ଗୋଲାପୀ କାଗଜ
ଟାରନ୍ତି ଯଦି ମୁଁ ହୋଇ,
ମୋ ପ୍ରିୟ ହାତର ପିଠ ଫାଉଣ୍ଟେନ
ଯାଆନ୍ତା ମୋ ବୁକେ ବହି ।

ମୋ ପ୍ରିୟ ହୃଦର ପ୍ରଣୟ ଉଚ୍ଛ୍ୱାସ
ଚିର ବିରହର ତପତ ନିଶ୍ୱାସ
ମୋର ବୁକୁ-ତଳ ପାଉନା ସକଳ
ନିଅନ୍ତା କ୍ଷଣକେ ଧୋଇ ।
ହୋଇଥାନ୍ତି ଯଦି ମୋ ପ୍ରିୟତମର
କେଟେସ ଫିଲ୍ମ ବଲ,
ଛପି ମୁଁ ନିଅନ୍ତି ବକ୍ଷପଟେ ମୋ
ପ୍ରିୟତମ ସ୍ନାପ୍ ଉଇଲ ।
ଶେଯଛେବେଳେ ପ୍ରିୟ ନିଭୃତ କୁଟୀରେ
ଅଧ ନିମିଳିତ ମୁଗ୍ଧ ଆଖିରେ
ଅଜାଡ଼ି ଦିଅନ୍ତେ ଅକୁହା ବେଦନା,
ପ୍ରାଣେ ତା କରନ୍ତି ଫିଲ୍ ।
ହୋଇଥାନ୍ତି ଯଦି ପ୍ରିୟ ଉଦ୍ୟାନର
ମିଠା ମିଠା ନାଲି ରୋଜ
କେତେ ଆଦରରେ ଚୁମ୍ବୁଥାନ୍ତି ତାଙ୍କ
ସଲଜ ସୁନ୍ଦର ନୋଜ୍
ନୀତ ନୀତ କେତେ ଝରୁଥାନ୍ତା ପରା
କୁମାରୀ କୋମଳ ବକ୍ଷେ ମୋ ଅସରା
ତରୁଣ-ଜୀବନ-ଅସିଲ-ପ୍ରେମର
ମନ ମତାଣିଆ ଡୋଜ୍ ।
ହୋଇଥାନ୍ତି ଯଦି ନଭେଲ ବହିର
ଖଣ୍ଡିଏ ପୁରୁଣା ପେଜ ।
ଦୁଇଟି ପ୍ରାଣର ପ୍ରଣୟ ସାଗର
ମଝିରେ ଯେଉଁଟି ବ୍ରିଜ୍
ଦଣ୍ଡକ ଯାଗାରେ ପୂରା ଦୁଇ ଘଡ଼ି
ବାର ବାର ଥର ଥର ତାଙ୍କୁ ପଢ଼ି
ମୃଦୁ ରାଇଜରେ ପିଠାଇ ଦିଅନ୍ତେ
ପ୍ରେମର ମଟୁଆ ମେଜ୍
ପ୍ରିୟ ସେଠ୍‌ଚିଜ ଯୋଗ୍ୟ ନୁହେଁ ଯଦି
ଟେକ୍‌ସଟବୁକ୍ ହୋଇ ଥରେ,
ପାଆନ୍ତି ତ ତାଙ୍କ ଅଙ୍ଗର ପରଶ
ଛ ମାସ ବରଷକରେ ।
ଅସନ୍ତା ତ ଦିନେ ଛୁଟି ଏକସ୍‌ମାସ
ସେସନର ଶେଷ ଏପ୍ରିଲ ମାସ
ଅସନ୍ତା ପରୀକ୍ଷା ନାଶନ୍ତା ବେଦନା
ମିଡ୍‌ନାଇଟ ଲାଇଟରେ ।

**ଶ୍ରୀ ଭୀମଚରଣ ମଲ୍ଲିକ**

Digitized by srujanika@gmail.com



# ଘୋଷାମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

'ହୁଁ, ତାପରେ କଣ ହେଲା ?' ବହିଲି ।

'ତା ପରେ ? ହଁ । ତା'ପରେ ବାପା ଅଖର ହୋଇଗଲା । ସ୍ୱରଅଭ୍ୟା କ୍ୟାବାତ୍ କ୍ୟାବାତ୍ ରଡ଼ି ପଡ଼ିଲା । ବାପା ଅମଳ—ନାନା ଯେତେବାପା ହଁ ଯେତେବାପା ତାଙ୍କ ଗାଦରୁ ଉଠିପଡ଼ି, ଧାଡିରୁ ଧାଇଁ ମୁଦଟା କାଢି ସେ ଓସ୍ତାଦଙ୍କ ଅଙ୍ଗୁଳିରେ ପିନ୍ଧାଇ ଦେଲେ । ସେ ଗାଉଥିଲେ—ତୋଡ଼ି ।

ସ୍ୱଅଳୀଆ ଓସ୍ତାଦ ମୁହଁ ଉଠ୍ୟ କରି ବସି ଥାଅନ୍ତି ତ୍ରିକାଳେ । ଧ୍ୟାପରେ ତାଙ୍କ ପାଳି ପଡ଼ିଲା । ଯନ୍ତ୍ର କବାଲି ତାନପୁରା ଖଞ୍ଜି । ସିଏ ବା ଉଦାସ । ସମସ୍ତେ ଭାବିଲେ—ଏଥିରେ ନବିଆ ନାଚ କଣ । କାହୁଁ ମୁହଁରେ ଥଟ କଥାକୁ ଯାଉଛି ।

"ଯାହାହଉ, ବିଦେଶୀ ମୁସାଫିର ଲୋକ, ଅଭ୍ୟାଗତ । ନ ଶୁଣିଲେ ଅପମାନ ମଣିବ । ଆମକୁ ବି ନିନ୍ଦା । ସମସ୍ତେ ଧୀର ହୋଇ ବସି ଶୁଣିବାକୁ ଲାଗିଲେ ।"

ଅଳାପ ସ୍ୱଲିଲା । ଜ୍ୟେଷ୍ଠ ମାସ ପବନ ନିରୁଞ୍ଝ କରିଛି । ଗୁଡ଼ିମୁଳ ଗରମ । ସ୍ୱହୁଁ ସ୍ୱହୁଁ ସିବ ସିରଅ ଦକ୍ଷିଣା ପବନ ଝପଟେ ଅସିଲା । କିରେଳ ବସନ୍ତ ହାଉଅ । ଲୋକେ ତଟସ୍ଥା ହୋଇ ଏଣେ ତେଣେ ସ୍ୱହୁଁଲେ ।"

"କହୁଲେ ତମେ ପରତେ ଜବନ ମୋ ଅଖିରେ ଦେଖିବା କଥା—ଅଙ୍ଗେ ନିବେଦିବା କଥା । ସ୍ୱହୁଁ ସ୍ୱହୁଁ ଲଣ୍ଡା ଅମ୍ବଗଛ ଗୁହ୍ଳକ କଅଁଳ ଜୁଠିଲେ । ସାତୁମ୍ବଡ଼ ଲୁହୁକ ଦେଖିଛ ? ଅମ୍ବ ଠାକୁର ପୋତ କେଳା ସବୁଙ୍କ ସଙ୍ଗେ କମିତ ସାହୁଦିଏ, ନସ ଗଛ ସ୍ୱହୁଁ ସ୍ୱହୁଁ ବଢ଼ି ଚାଲିଲେ, ଫୁଲ ଫୁଟିଲେ, ଅମ୍ବ ପାରେ ଠାକୁ ଗହ ମିଠା । ଛନକା ଛନକା ନିଳା ନାଲି ଦେଖିଲା ।

ବା ପଗୁରିଲା କି ସ୍ୱଗ ଗାଇଲା କି ସେ ଓସ୍ତାଦ ?

ମାମୁଁ ଉତ୍ତର ଦେଲେ "ଅରେ ବସନ୍ତ ନ !"

ମୁଁ କହିଲି, "ରାଗ ରାଗିଣୀର ଯଦି ଥିବ ସ୍ୱର ତେବେ ଅମର ଯାହା ମଧ୍ୟ ରୋମାଞ୍ଚିତ ପାରମ୍ପରିକ ଗୀତ ଗାଇ ତ କାନ୍ଦି ପାଉଥିଲା।"

ମାମୁ କହିଲେ, 'ନ ହେବ କାହିଁକି ? ଏକା ସେ ସ୍ୱରର ଅସଲ ହୁନ ଜାଣି ପାରିଲେତ । ସେ କେଲ୍‌ଅଭ୍ୟ ଏବେ କେଉଁ ଜାହାନ୍ତି !

"ମୁଁ— ଅଛା ଏଇ ଯେ ମେଘ ବର୍ଷୁଛି, ଝଡ଼ ବାଅ ବହୁଛି, ଗଛ, ଉପ ସବୁର ପଛରେ କେଉଁ ରାଗ ରାଗିଣୀ ରହିଛି ? ମାମୁଁ—ନାହିଁ କିଏ କହିଲା ! ସୃଷ୍ଟି, ସ୍ଥିତି, ପ୍ରଳୟ ସବୁ ସଙ୍ଗୀତରେ ଏହାର ଚାଳନା ।

ଶୁଣିବ । ଆଉ ଗୋଟିଏ କଥା ! ରାଗିଣୀର ଅନ୍ତରାଳ କଥା ? ଅବଶ୍ୟ ମୁଁ ଅଖିରେ ଦେଖି ନ ଥିଲେ ବି ବାପାଙ୍କଠୁଁ ଆଉ ଆଉ ବୁଢାଙ୍କ ମୁହଁରୁ ଶୁଣିଛି । ଅବିଶ୍ୱାସ କରିବାର କିଛି ନାହିଁ । ହେଇ ଶୁଣ । ଏତିକି କହୁ ମାମୁ ଝାଡି ଝୁଡ଼ି ହୋଇ ଉଠି ବସିଲେ । ଧଡି କାରଣକୁ ବାହାରିଲେ ।

ମାମୁ କହିଲେ, "ସେ ମୋ ଜନ୍ମ ଅଗରୁ । ମୁଁ ବୋଧ ହୁଏ ମା ପେଟରେ ଥାଏଁ । ବାପା ଅମଳ ଥିଲେ ସ୍ୱର ଶିକାରୀ । ଦିନେ ଶିକାରକୁ ଯାଇ ଦୁଇଟା ହାତରେ ଲେଉଟି ଅସିଲେ । ମିଛାକ ସ୍ୱର ଖରାପ । ବୈଠକ ଖାନାରେ ତ ନିତ ସଙ୍ଗୀତ ମଜଲିସ୍ ବସେ । ବାପା ସେଦିନ ଥକାରେ ହେଉ ବା ମନ ଦୁଃଖରୁ ହେଉ ମଜଲିସ୍‌କୁ ଗଲେ ନାହିଁ । କାଶୀ କଣ୍ଟାଁଠୀ ଓସ୍ତାଦ ଥାଅନ୍ତି, ସେ ବାପାଙ୍କର ସାଙ୍ଗ । ସେ ଯାଇ ଡାକିଲେ । ବାପା ତାଙ୍କୁ କହିଲେ ସବୁ କଥା, ଶୁଣି ସେ କହିଲେ, "ଏଥି ପାଇଁ ଏତେ ମନ-ଦୁଃଖ ! ଅଛା ମୁଁ କାଲି ତୁମ ସାଙ୍ଗରେ ଯିବି ଜଙ୍ଗଲକୁ । ଗୋଟାଏ ଗଛ ଉପରେ ମଞ୍ଚା ବାନ୍ଧି ଦେବ । ସେଇଠି ବସି ମୁଁ ବଇଁଶୀ ବଜାଇବି; ପଲକୁ ପଲ ଜନ୍ତୁ ଆପେ ଆସି ଜୁଟି ହେବେ । ସେଇଠି ତୁମେ ମନ ଇଚ୍ଛା ଶିକାର କରିବ ।

କଥାଟା କିନ୍ତୁ ଛପି ରହିଲା ନାହିଁ । ସ୍ୱରଅଡ଼େ ପ୍ରକଟ ହୋଇ ଗଲା । ଏପରି ସହଜ ଶିକାର ପ୍ରାପ୍ତ ଲୋଭରେ ସେ ପାରିଲା ସିଏ ଶିକାର କରିବାକୁ ସଜ ହେଲା । ଏକଥା ଯାଇ ଅମ ଜେଜେଙ୍କ କାନରେ ପଡ଼ିଲା । ସେ ଥିଲେ ଯେପରି ରସିକ ସେହି ପରି ପରମାର୍ଥୀ । ଚବିଶ ଏକାଦଶୀ, ଷଡ ଜୟନ୍ତୀ କରନ୍ତି । ବାପାଙ୍କ ଜୀବ ହତ୍ୟା କରିବାଟା ତାଙ୍କର ପସନ୍ଦ ନୁହେଁ । କେବଳ ରାଜବଂଶର ମର୍ଯ୍ୟାଦା ରକ୍ଷି ମୃଗ ମାଂସ ପବିତ୍ର ବୋଲି ଖାଅନ୍ତି । ସଂକ୍ରାନ୍ତି, ପୁନେଇ, ଅମାବାସ୍ୟା ଗୁଡ଼ । ଏକଥା ଶୁଣି ସେ ମହାରାଜ ! କ୍ଷତ୍ରିୟ ଧର୍ମ ତ ଯା ନୁହେଁ । ବଇଁଶୀ ବଜାଇ ଜନ୍ତୁଙ୍କୁ ଜୁଟି କରି ମାରିବା ମହାପାପ । କିନ୍ତୁ ବାପା ଥିଲେ ଭାରି ଏକଜିଦିଆ, ଉଗ୍ରମେଜା ଲୋକ । ଜେଜେ ହେଲେଣି ବୁଢା, କାଳେ ତାଙ୍କ କଥା ନ ରହେ,—ଅପମାନ ହେବ, ବଡ ଅଡୁଆରେ ପଡ଼ିଲେ । ଅଉ କଣେ ଓସ୍ତାଦ ଥାଅନ୍ତି ସେତେବେଳେ, ସେ ବୁଢା ଓ ସନ୍ୟାସୀ, କାଶୀରେ ତାଙ୍କ ମଠ । ଜେଜେଙ୍କର ଅତି ପ୍ରିୟ ସେ । ସେ ଗୀତ ଗାଆନ୍ତି ନାହିଁ । ଗାଇଲେ ଖାଲି ରାମ ନାମ ଭଜନ କରନ୍ତି । ମୁଁ ତାଙ୍କୁ ଦେଖିଛି ଯେ, ମୁଁ କେତେଟାଏ ହେବା ବେଳେ ସେ ଜୀଇ ଥିଲେ । ସେ ଦେହ ଛାଡିଲେ ବ୨୪୨-ର୍ଷରେ ।

[କ୍ରମଶଃ]

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଶିଶୁମନର କୋମଳ ପ୍ରାଣରେ ପଠନାଭ୍ୟାସ ସୃଷ୍ଟି, ଜ୍ଞାନର ପରିସର ବଢ଼ାଇବା! ଚରିତ୍ରରେ ତେଜ ଓ ସ୍ୱାଧୀନ ଚିନ୍ତାର ସାଧନା କରିବା । ୨ । '[illegible]'ର ମାଧ୍ୟମରେ ପତ୍ର ବନ୍ଧୁତ୍ୱ ଦ୍ୱାରା ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ସେମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ କମ୍ ବୟସର ବାଳକ ବାଳିକା ମାନଙ୍କ ପାଇଁ)

# ସହୀଦ ଜୀବନୀ

## ଏଙ୍କୁଡ଼ ରତନ ସୁବୁଦ୍ଧି ୯

ପ୍ରିୟ ନାନାଭାଇ ଓ ଭଉଣୀ ମାନେ,

ଆଜି ଯାହାଙ୍କର ଜୀବନୀ ଆପଣ ମାନଙ୍କୁ କହିବାକୁ ଯାଉଛି । ସେ ଏ ଦେଶର କୌଣସି ଜନନାୟକ ନୁହନ୍ତି । ସେଥିଲେ ନୀରବ ସାଧକ । ଏବଂ ତାଙ୍କ ବିଷୟରେ ଆଜି ତାଙ୍କର କର୍ମଭୂମି ଏବଂ ଜନ୍ମଭୂମି ମଧ୍ୟ ନୀରବ ।

ସେ ଅମର ପନ୍ଥ ଜଣେ ୧୬ବର୍ଷର ବାଳକ ଥିଲେ । ଦାରିଦ୍ର୍ୟ ତାଙ୍କୁ ଏ ଦେଶର ଅଧିକାଂଶ ପିଲାଙ୍କ ପରି ପଢିବାର ସୁଯୋଗ ଦେଇ ନଥିଲା । ଘର ଝାଂଶର ଚିଙ୍କାମରେ । କିନ୍ତୁ ବାଣପୁରରେ ସେ ପିଲାଟି ଦିନରୁ ବଢି ଆସିଥିଲେ । ତାଙ୍କ ପିତାଙ୍କ ନାଁ ଝଲ୍ଲ ସୁବୁଦ୍ଧି ।

୧୯୨୨ ପୂର୍ବର ଘଟଣା । ସେ ସମୟରେ ପୁରୀରେ କଂଗ୍ରେସ ଅଧିବେଶନ ବସିବାର ଠିକ ହୋଇଥାଏ । ତେଣୁ ପୁରୀ ଜିଲ୍ଲାରେ ଗୋଟିଏ ଉନ୍ମାଦନାର ସ୍ରୋତ ଛୁଟିଥାଏ । ଗ୍ରହଅଙ୍କ ସ୍ୱେଚ୍ଛାସେବକ ଗ୍ରୁଲଥାଅନ୍ତି । ଅମର ରତନ ପଶିଲେ ସ୍ୱେଚ୍ଛାସେବକ ଶ୍ରେଣୀ ଭୁକ୍ତ ହୋଇ । କୁହୁଣ୍ଡ କ୍ୟାମ୍ପରେ ଥାଅନ୍ତି । କିନ୍ତୁ ହଠାତ୍ ଇଂରେଜ ସରକାର କଂଗ୍ରେସକୁ ବେଆଇନ ଘୋଷଣା କଲା । ଏବଂ ତା ପରେ ଲାଗିଲା ଅସହଯୋଗ । ପୁରୀରେ କଂଗ୍ରେସ ଅଧିବେଶନ ହୋଇ ପାରିଲାନି । ଅସହଯୋଗର ସ୍ରୋତରେ ୧୬ ବରଷର ରତନ ଝାସଦେଲେ ।

ସେ ବାନର ସେନା ଶ୍ରେଣୀଭୁକ୍ତ ହୋଇ ପିକେଟିଂ କରି ପ୍ରଥମଥର ପାଇଁ ବାଣପୁରରେ ଗିରଫ ହେଲେ । ସେ ଥରକ ତାଙ୍କୁ ଦେଢ଼ମାସ ଜେଲ ହୋଇଥିଲା । ତା ପରେ ଖଲାସ ହେବା-କ୍ଷଣି ପୁନର୍ବାର ପିକେଟିଂ କଲେ । ଏବଂ ଏହାପରେ ପିକେଟିଂ କରି ଓ ବେଆଇନ ସଭାରେ ଯୋଗଦେଇ ଥର ଥର କରି ୬ ଥର ଗିରଫ ହେଲେ । ଫଳରେ ଉନ୍ମାଦନା ବଢିଥିଲା ଏବଂ ମନରେ ଜାଗିଲା ଭୀଷ୍ମ ପ୍ରତିଜ୍ଞା "ଭାରତ ପରାଧୀନ ଥିବାଯାଏ ମୁଁ ବାହାରେ ରହିବି ନାହିଁ ।" ବାସ୍ତବିକ୍ ତା ହେଲା । ସେ ଟାଙ୍ଗୀ ଉପକୂଳରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଗିରଫ ହେଲେ । ଏବଂ ଏଥର ତାଙ୍କୁ ଦେଢ ବର୍ଷ ସଶ୍ରମ ଜେଲ ଦଣ୍ଡର ଆଦେଶ ଦିଆଯାଇ ପାଟଣା କ୍ୟାମ୍ପ ଜେଲକୁ ପଠାଇ ଦିଆଗଲା । ଥରକୁ ଥର ଜେଲ ବରଣ କରି ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥିଲା । ପୁଣି ଜେଲରେ ସୁଚିକିତ୍ସାର ଅଭାବ । ତେଣୁ ପରାଧୀନ ଭାରତରୁ ସେ ମୁକ୍ତି ପାଇଲେ । ଆଉ ଫେରିଲେନି··· ।

ଆଜି ଭାରତ ସ୍ୱାଧୀନ । କିନ୍ତୁ ରତନ ଆଉ ଫେରିବେନି । ତଥାପି ତାଙ୍କର ଜ୍ୱଳନ୍ତ ଆଦର୍ଶ ଆମ ଆଗରେ ପଡ଼ି ରହିଛି । ସ୍ୱାଧୀନ ଭାରତର ମଧ୍ୟ ଗର୍ବ ଏବଂ ଗୌରବର ବିଷୟ । କିନ୍ତୁ ଦୁଃଖର କଥା ବାଣପୁରର ଇତିହାସରେ ଭୁଲରେ ଦିନେ ସୁଦ୍ଧା ରତନଙ୍କର ନାମ ପଡ଼ି ନାହିଁ । ଯେପରିକି ସମସ୍ତେ ତାଙ୍କୁ ଭୁଲି ଯାଇଛନ୍ତି । ଏପରିକି ତାଙ୍କର ସହକର୍ମୀ ମାନେ ମଧ୍ୟ । ତଥାପି ଆଜି ୨୫ବର୍ଷ ପରେ ଭାରତର ଜଣେ ଧୀମାନ ନାଗରିକ ରୂପରେ ତାଙ୍କର ସ୍ୱର୍ଗତ ଆତ୍ମାକୁ ମୋର ନମସ୍କାର । ଜୟହିନ୍ଦ୍ ।

ବୈଦ୍ୟନାଥ "୪୧୮"

## ପାଠାଗାର ଆନ୍ଦୋଳନ

୭୮ । ସତ୍ୟଂରମ୍ଭା କ୍ଲବ ଲାଇବ୍ରେରୀ, ସତଲମା, ପୋ: ବରଗାଁ, ସମ୍ବଲପୁର । ସ୍ଥାପନା ୧୯୪୩ ସଭ୍ୟ ସଂଖ୍ୟା ୪୦ । ପରିଚାଳକ ଓ ସଂପାଦକ ଗଣନାଥ ପ୍ରଧାନ । ଯୁଗ୍ମ ସଂପାଦକ, ଶ୍ରୀ ରଘୁନାଥ ସାହୁ । କୋଷାଧ୍ୟକ୍ଷ— ଶ୍ରୀ ଯୁଧିଷ୍ଠିର ସାହୁ ପୁସ୍ତକ ସଂଖ୍ୟା ୧୫୦ । ଚକ୍ରରଙ୍ଗ, ଶଙ୍ଖ, କଲ୍ୟାଣ, ଝଣାଳ ଉତ୍କଳ, ଡଗର, କୃଷକ, ଅମୃତ ବଜାର ଓ ସମାଜ ଆସେ

୭୯ । ଜବରଚନ୍ଦ୍ର ରଘୁନାଥ ପାଠାଗାର ଝାଂଶପୁ ବ୍ରାହ୍ମଣ ସଙ୍ଘ, ପରିଚାଳକ— ଶ୍ରୀ ସୁଦାମ ଚନ୍ଦ୍ର ପାଠୀ । ସଭାପତି ଶ୍ରୀ ରାମଚନ୍ଦ୍ର ଗନ୍ତାୟତ । ପୁସ୍ତକ ସଂଖ୍ୟା ୪୫୦ । ଅମୃତ ବଜାର, ସମାଜ, ନବୀନ, ଓଡ଼ିଆ, ଓଡ଼ିଶା ଫାଷ୍ଟ, ଶତାବ୍ଦି, ଚଣ୍ଡୀଶ୍ରୀ, ବୀଣା, ଓଡ଼ିଶା ନ୍ୟୁଅର୍ଦ୍ଧୀ, ଡଗର ପ୍ରୋଗ୍ରେସ ଆଦି ଆସେ

୮୦ । ସେବାସମିତି ଲାଇବ୍ରେରୀ, ଜମ୍ବୁଲା, ପୋ: ନୈବିଗ, କଟକ ସଭାପତି ଶ୍ରୀ ସୂର୍ଯ୍ୟମଣି ପଣ୍ଡା (୮୬୩) ସେକ୍ରେଟେରୀ ସୂର୍ଯ୍ୟମଣି । ସଭ୍ୟସଂଖ୍ୟା ୧୧ ।

୮୧ । ବୀଣାପାଣି ଲାଇବ୍ରେରୀ, ଶାସନ, ପୋ: ସିଂଲା, ବାଲେଶ୍ୱର ସ୍ଥାପନା ୧୯୨୬ । ପ୍ରତିଷ୍ଠାତା ୰ କୃପାସିନ୍ଧୁ ଦାସ । ପରିଚାଳକ ରାମହରି ଦାସ ପୁସ୍ତକ ସଂଖ୍ୟା ୮୦୦

୮୨ । ଅପର୍ଣ୍ଣା ଲାଇବ୍ରେରୀ— ବରଳା ମଧ୍ୟ ଶାସନ, ପୋ: ସିଦ୍ଧେଶ୍ୱର ପୁର, କଟକ । ପ୍ରତିଷ୍ଠା ୧୯୪୫ । ପ୍ରତିଷ୍ଠାତ୍ରୀ ୰ ଅପର୍ଣ୍ଣା ଦେବୀ ସଂପାଦକ ଶୁକଦେବ ପଣ୍ଡା । ପୁସ୍ତକ ସଂଖ୍ୟା ୬୦୦

୮୩ । ଅପର୍ଣ୍ଣା ଲାଇବ୍ରେରୀ (ଶାଖା)—୧୪ ଗଣ୍ଡକା ରୋଡ଼ ଟି. ଆର. ଡାଇପ, ଜମସେଦପୁର । ସଭ୍ୟ ୨୦ଜଣ । ପରିଚାଳକ ଶ୍ରୀ ଶୁକଦେବ ବ୍ରାହ୍ମଣ । ପୁସ୍ତକ ସଂଖ୍ୟା ୩୦୦ ସମାଜ, ଡଗର, ନବଭାରତ ସହକାର ଆସେ ।

Digitized by srujanika@gmail.com

୮୪ । 'ଅପର୍ଣ୍ଣା ଲାଇବ୍ରେରୀ' ଗିରିଧାରୀ ହାଇସ୍କୁଲ ବଥଦା ମଧ୍ୟଗ୍ରାମ, ପୋ: ସିଦ୍ଧେଶ୍ୱରପୁର ଜିଲ୍ଲା କଟକ ସମ୍ପାଦକ ୰ ମାତୃଦେବୀ ଅପର୍ଣ୍ଣାଦେବୀଙ୍କ ସ୍ମୃତିରେ ପ୍ରତିଷ୍ଠିତ । ୧୯୪୫

ସମ୍ପାଦକ ସମ୍ପାଦକ ଶ୍ରୀ ଗୁରୁଦେବ ବ୍ରହ୍ମା ପରିଚାଳକ ଶ୍ରୀମାନ୍ ଗୌରଙ୍ଗଚରଣ ବ୍ରହ୍ମା । ଓଡ଼ିଆ ପୁସ୍ତକ ସଂଖ୍ୟା ୫୦୦ ଓ ହିନ୍ଦି ବଙ୍ଗଳା ଇଂରାଜୀ ପୁସ୍ତକ ସଂଖ୍ୟା ୧୦୦

୮୫ । ରାମେଶ୍ୱର କ୍ଲବ—ପଞ୍ଚପଲ୍ଲୀ—୧୯୪୪ ସଭ୍ୟ ସଂଖ୍ୟା ୫୦—ମୋଟ ଜମା ଟ ୪୬୯ ୰/ ୬ ସେକ୍ରେଟେରୀ ଶ୍ରୀ ପୂର୍ଣଚନ୍ଦ୍ର ମିଶ୍ର ବି, ଏସ୍, ସି, ଟିଟାଗଡ଼ ପେପର ମିଲ୍‌ସ ସୁପର ଭାଇଜର—ଏହି ବର୍ଷ ମଧ୍ୟରେ ଟ ୧୦୦୦୯ ଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପୁସ୍ତକ ସଂଖ୍ୟା ୨୦୦ରୁ ଅଧିକ ସବୁ ପାଠ୍ୟ ପୁସ୍ତକ । ଗରୀବ ଛାତ୍ରଙ୍କୁ ପଢ଼ିବାକୁ ଦିଆଯାଏ । ଅଜ ଗରୀବ ଛାତ୍ରଙ୍କୁ କିଛି ଟଙ୍କା ପ୍ରତିବର୍ଷ ଗ୍ରାମରେ କ୍ଲବ ତରଫରୁ ଦିଆଯାଏ । ଗ୍ରାମର ଭିଲେମାନ ପଢ଼ି ଯାନ୍ତି ନେଇଯାଏ କ୍ଲବରୁ, 'ଡଗର', 'ସମାଜ', 'କୃଷକ' 'ସ୍ୱାସ୍ଥ୍ୟରକ୍ଷା' ପ୍ରଭୃତି ପତ୍ରିକା ଯାଏ ହିନ୍ଦି ଶିକ୍ଷା ଦିଆଯାଏ ଓ ପ୍ରତି ଦିନ ରାତିର ନିରକ୍ଷର ଲୋକଙ୍କୁ ପଢ଼ା ଯାଏ ।

—✝—

## ଅଜାଙ୍ଗ ଉତ୍ତର

ବୈଦ୍ୟନାଥ (୧୦୧)—ଛାତ୍ରମାନଙ୍କ ଧର୍ମଘଟ ଅତି ଚରମ କଥା । ସଙ୍ଗତିକ କାରଣ ନ ହେଲେ ଧର୍ମଘଟ କରିବା ଉଚିତ ନୁହେଁ । ଛାତ୍ର ପାଠ ନ ପଢ଼ିଲେ ଛାତ୍ରଙ୍କର ହିଁ ଅନିଷ୍ଟ । ସେଥିପାଇଁ ଧର୍ମଘଟ କରିବା ପୂର୍ବରୁ ବିଚାର କରିବ ଯେଉଁ ଦାବୀରେ ଧର୍ମଘଟ କରୁଛ ସେ ଦାବି ପୂରଣ ନହେଲେ ତମର ବିଦ୍ୟାର୍ଜନର ପ୍ରକୃତ ଲକ୍ଷ୍ୟ ବା ଉଦ୍ଦେଶ୍ୟ ଯାହା ତାହା ସାଧିତ ହେବାର ସମ୍ଭାବନା ନାହିଁ ବା ଯେଉଁ ବିଷୟ ତମର ବିଦ୍ୟାଧ୍ୟୟନର ମୌଳିକ କାରଣରେ ବାର୍ ହୋଇଚାଲିଛି କରୁଛ ତାହାର ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ପଡ଼ା ଛାଡ଼ିଦେଇ ଧର୍ମଘଟ କରିବ । ଅଟକ ପ୍ରଥମା ସ୍ୱେଚ୍ଛାର କାରଣ କି ତମେ ବିଚାର କର ।

ଚକ୍ରଧର— କାଇପଡ଼ା ସମ୍ବାଦର ଲେଖକ ଶ୍ରୀ ନିତ୍ୟାନନ୍ଦ ମିଶ୍ର—ନାଗ ନଂ ୮୬୮ ।

—✱—

## ଅବସର ବିନୋଦନ [୪]

**ଜାନୁଆରୀ ୫ ପୂର୍ବରୁ ପଠାଇବ ।**

ପ୍ରଶ୍ନ—ତିନି ଅକ୍ଷରରେ ଏହି ଗୋଟିଏ ନାମ କୁହ—ଯାହା ଛାତ୍ର ଓ ଶିକ୍ଷିତ ମାନଙ୍କର ନିତ୍ୟ ପ୍ରୟୋଜନ । ପ୍ରଥମ ଅକ୍ଷର ଲୁପ୍ତ କରିଦେଲେ କୌଣସି ଫଳର ନାମ ହେବ । ଦ୍ୱିତୀୟ ଅକ୍ଷର ଲୁପ୍ତ କରିଦେଲେ ରାଜା ଅଧୀନସ୍ଥ କୌଣସି କର୍ମଚାରୀକୁ ବୁଝାଇବ । ତୃତୀୟ ଅକ୍ଷର ଲୁପ୍ତ କରିଦେଲେ ଖେଳିବାର ତାସର ଏକ ଖଣ୍ଡକୁ ବୁଝାଇବ । ଉତ୍ତରଟି ଓଲଟାଇ ପଢ଼ି ଆସିଲେ ଗଡ଼ଜାତର ଅଦିମ ଭାଷାର ଶବ୍ଦ ବୁଝାଇବ ।

(ଅନିଲ)

ଅବସର ବିନୋଦନ ୧(?)—ଉତ୍ତର କମଳ । ସମସ୍ତ ଉତ୍ତର ଦାତାଙ୍କ ଉତ୍ତର ଠିକ ।

ଅବସର ବିନୋଦନ ୨—ଉତ୍ତର ନଅଳ । ବୈକୁଣ୍ଠ (୯୧୨) ଜାନକୀ, ବ୍ରହ୍ମାନନ୍ଦ, ଧୀରେନ୍ଦ୍ର, ସୂର୍ଯ୍ୟମଣି (୮୬୩) ବୈଦ୍ୟନାଥ (୮୦୯) ରାମ ନାରାୟଣ (୮୪୬) ଭବାନୀ (୪୪୮) କାର୍ତ୍ତିକ ଓ ଅନିଲ, କୁଳମଣି (୯୬୯) ସୁବାସ ଚନ୍ଦ୍ର (୮୫୩)ଙ୍କ ଉତ୍ତର ଠିକ ।

—❀—

## ନାଗଙ୍କ ଅନୁରୋଧ

ନାଗ ମାନେ ଗୋଟିଏ ଚିଠିରେ ନାନା ବିଷୟ ନ ଲେଖିବାକୁ ଅନୁରୋଧ । ଯଦି ଗୋଟିଏ ନାଗ ନାନା ବିଷୟରେ ଯୋଗ ଦିଏ ତେବେ ପ୍ରତ୍ୟେକ ବିଷୟ ପାଇଁ ସ୍ୱତନ୍ତ୍ର ଖଣ୍ଡିଏ ଖଣ୍ଡିଏ ଛୋଟ କାଗଜରେ ଲେଖି ଲଫାପାରେ ପଠାଇବେ । ଉଦାହରଣ ସ୍ୱରୂପ, ଜଣେ ନାଗ ଯଦି । ୧ । ଅଜାଙ୍କୁ ପ୍ରଶ୍ନ ପଚାରିବେ ୨ । ଉତ୍ତର ପଠାଏ ।୩। ଅବସର ବିନୋଦନର ଉତ୍ତର ଦିଏ । ୪ । ଅବସର ବିନୋଦନ ଲେଖେ । ୫ । ପାଠାଗାର ସମ୍ବାଦ ଦିଏ ବା ୬ । ସାଧାରଣ ଲେଖା ପଠାଏ ତେବେ ସେ ୬ଟି ବିଷୟ ୬ଟି ସ୍ୱତନ୍ତ୍ର କାଗଜରେ ନ ଲେଖିଲେ—ପ୍ରତ୍ୟେକ ବିଷୟରେ ଯଥାର୍ଥ ଅନୁଧ୍ୟାନ ଅଜାଙ୍କର ପକ୍ଷେ ହୋଇପାରେ ।

ଅପର ବର୍ଷରୁ ଅଜା ଯେଉଁମାନଙ୍କ ହେଲାଣି ସେମାନେ ପ୍ରତି ସେଥିରେ ଯୋଗ ନ ଦିଅନ୍ତୁ

ଯେଉଁ ନାଗ ମାନେ ଅବସର ବିନୋଦନ ପଠାଉଛନ୍ତି ତାର ଉତ୍ତର ସଙ୍ଗରେ ନପଠାଇଲେ ଗୃହୀତ ହେବ ନାହିଁ । ଅବଶ୍ୟ ଉତ୍ତର ସଙ୍ଗେ ସଙ୍ଗେ ପ୍ରକାଶ ହୋଇବ ଯଥା ସମୟରେ ପ୍ରକାଶ ପାଇବ ।

ନାଗମାନେ ନମ୍ବର ନ ଦେଲେ ଉତ୍ତର ପାଇବେ ନାହିଁ ଓ ଲେଖା ଗୃହୀତ ହେବ ନାହିଁ ।

—✱—

## ନୂଆ ନାଗଙ୍କ ନାମ

୯୬୨ । ଶ୍ରୀ ଗୋଲକ ବିହାରୀ ମିଶ୍ର (ସ୍ଥାୟୀ) ମାରଫତ— ଶ୍ରୀ ସଦାଶିବ ମିଶ୍ର, ଓକିଲ ଝଣ୍ଡିମେଣ୍ଟଲ୍, କଟକ । ୯୬୩ । ଶ୍ରୀ ଚିତ୍ତରଞ୍ଜନ ଦାସ [ ସ୍ଥାୟୀ ] ଦଶମ ଶ୍ରେଣୀ [A] ଉପେନ୍ଦ୍ରଭଞ୍ଜ ହାଇସ୍କୁଲ, ରସୁଲକୋଣ୍ଡା, ଗଞ୍ଜାମ ।୯୬୪। ଶ୍ରୀ ଯୋଗେନ୍ଦ୍ର ନାଥ ପଟ୍ଟନାୟକ ୧ମ ବାର୍ଷିକ କଳା ସମ୍ବଲପୁର କଲେଜ ୧୦୪ ।୯୬୫। ଶ୍ରୀମାନ ଶଶିକାନ୍ତ ଦାସ, [ସ୍ଥାୟୀ] ବାଣପୁର ବାଣପୁର ହାଇସ୍କୁଲ । ଜି: ପୁରୀ ।୯୬୬। ଶ୍ରୀ ଭୁବନେଶ୍ୱରପ୍ରସାଦ ନନ୍ଦ, ଖରସୁଆଁ ଷ୍ଟେ: ହା: ଏମି ସ୍କୁଲ, ୭ମ ଶ୍ରେଣୀ, ପୋଃ ଅଃ ଖରସୁଆଁଗଡ଼ [ବଡ଼ାରପଡ଼ା] ଜିଃ ସିଂହଭୂମ ।୯୬୭। କୁମାର ହଟକିଶୋର ଦାସ vill— କୋଡ୍ରାବଡ଼ାର ପୋଃ ଅଃ ଗୁଜ୍‌ଲଅଗଞ୍ଜ ବାଣୀହାଟ ସ୍କୁଲ ୧୦ମ ଶ୍ରେଣୀ ଜିଃ କଟକ । ।୯୬୮। ଶ୍ରୀ ଧନେଶ୍ୱର ପଟେଲ ଏକାଦଶ (ଖ) ଶ୍ରେଣୀ ସମ୍ବଲପୁର ଜିଲ୍ଲା ସ୍କୁଲ ।୯୬୯। ଶ୍ରୀ କୁଳମଣି ମହାନ୍ତି ସାଃ ମୂଳବସନ୍ତ ପୋଃ କୁଅଁପାଳ ଜିଃ କଟକ ହାଲ ସାଃ ବାରିପଦା ମୟୂରଭଞ୍ଜ ।୯୭୦। ଶ୍ରୀ ଗଦାଧର ଦାସ, ଗ୍ରାମ ଅଡ଼ାଳପଙ୍କ ପୋଃ ଅଃ ଅଡ଼ାଳପଙ୍କ ଜିଲ୍ଲା—ବାଲେଶ୍ୱର ।

Digitized by srujanika@gmail.com

ଅପୂର୍ବ ସୁଯୋଗ    ସୁବର୍ଣ୍ଣାବସର

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସାରେ ଗଣ୍ୟ । ଗାନ୍ଧିଜୀ ଓ ନେହେରୁଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଚିକିତ୍ସା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ କାର୍ଯ୍ୟକରି ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ଫେକଲ୍ଟିବୋର୍ଡ କଲେଜର ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ ଔଷଧ ବାକ୍ସର ମୂଲ୍ୟ ଟ ୧୫୷/ । ଏଡଭାନ୍ସ ଟ ୫୲ ପଠାଇଲେ ଭିଃ ପିଃ ରେ ପଠାଯିବ ।

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ
**ବିରଜା ଔଷଧାଳୟ, ପୋଃ ବଣାଇଗଡ଼ (ଓଡ଼ିଶା)**

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି
**ନିତ୍ୟାନନ୍ଦ ବାବୁଙ୍କର**

## ଭୁଲ୍

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବଡ଼ ମନର ବଡ଼ କାହାଣୀ କହୁଛି

**"ଏଗାରଟା" ଓ "କ୍ଷଣିକା",**
ଜାତୀୟ ଜୀବନର ଜୀବନ୍ତ ଗୀତାବଳୀ

**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଗନ୍ଧର ଢେଉ

—❀—

( କଟକର ସବୁ ବହି ଦୋକାନରେ ପାଇବେ )

## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ    ଧବଳ

[illegible]
ସର୍ବାଙ୍ଗିକ ବା ଆଂଶିକ ଫୁଲା ଏକ୍‌ଜିମା, ଶୋଥରକ୍ତ ବୃଦ୍ଧି କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗ ଅବେଦୀତ ଏହାହିଁ ଦର୍ଶିତ ଯୋଗ୍ୟ ପ୍ରତିଷ୍ଠାନ ।

[illegible]
ସ୍ଥାନର ଧଳା ଦାଗ ଦାଗ ଅଡ଼ାଷ୍ଟ୍ରାର୍ଯ୍ୟ ସେବନୀୟ ଓ ଲାଗୁ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚର୍ମର ପାଇଁ ଭଲପ୍ର ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା ।
ଶାଖା—୩୬ ନଂ ହାରିସନ ରୋଡ଼, କଲିକତା

ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

## ଅଷ୍ଟକୋଣୀ

[illegible]
ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ବିଶ୍ଳେଷଣ ତରୁଣ କବି ଗଡ଼ନାୟକଙ୍କର ପ୍ରଶସ୍ତି ସହ    ମୂ ୫ ୦୲ ମାତ୍ର

ଛାପା ଓ ବନ୍ଧେଇର ବିଶେଷତ୍ୱ
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ


Printed & Published by G. C. Mahapatra at the Gopinathpress, Bhadrak 1947.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ତା, ୧୪ ପୌଷ ୧୩୫୫ ସାଲ | ୨୦ଶ ସଂଖ୍ୟା |
| --- | --- | --- |

—ସୂଚି—

ମଜା କଥାରେ
ମୁଁ ନେତା ହେଲି
କାଶ୍ମୀରେ
ଆକାଶ ଛଇ
ଧାରାବାହିକ ଉପନ୍ୟାସ
'କଣାମାମୁଁ'
ମଜା କବିତାରେ
ଇଉନ୍ଭରସିଟି ଦେଲହାଦା, ବୁଢ଼ା ବଦନା ହେଉଛି
ସୁଣ ପରୀକ୍ଷା, ହଂସପୁର, ଛୋଟଭ,
ବାଇଆ ବଗୁର ପ୍ରଭୃତି ।

"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, Dec. 29. 1947. | No. 20. |
| --- | --- | --- |

ବାର୍ଷିକ ମୂଲ୍ୟ ଟ ୭୲ ଷାଣ୍ମାସିକ ଟ ୩୷
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୨୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୲ ଅଗ୍ରିମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ, ଡଗର ଠିକଣାରେ ହିଁ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
**ପୋ: ଭଦ୍ରକ** (B. N. Ry.)

**ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନଦାସ**

Digitized by srujanika@gmail.com

ହୁକାହୁକା ହୁଆ

# ବିଲୁଆ ବିଚାର

୧୧ଶ ବର୍ଷ— ସୋମବାର—ଧନୁ ( ପୌଷ ) ଦ ୧୪ ନ ୧୩୫୬ ୨୦ଶ ସଂଖ୍ୟା

ବିହାର ସରକାର ଷଢେଇକଲା ଓ ଖରସୁଆଁ ପାଇଁ ଦାବି କରି ଏକ ହୁଲ-ସ୍ଥୂଲ ଲଗେଇ ଦେଲେଣି—ହାଙ୍ଗାମା ମଚେଇ ଦେଲେଣି । ଆଦିବାସୀ ମାନଙ୍କ ବିହାର ପ୍ରୀତି ପ୍ରସିଦ୍ଧ ବୋଲି ବିହାର ସରକାର ଦାବି କରୁଛନ୍ତି । କିନ୍ତୁ ଗାଳି ବିହାରରେ ସବୁ ସମାଧାନ ହୁଏ ନାହିଁ । ତା ସଙ୍ଗେ ସଙ୍ଗେ ଆହାର ପ୍ରୀତି ମଧ୍ୟ ଅଛି । ବିହାର ନେତା ମାନେ ହୋ ମାନଙ୍କର ଆହାର ପ୍ରୀତିଟାକୁ ସନ୍ଧାନ କଲେ ସହଜରେ ସିଂହଭୂମ ସଢେଇକଲା ଖରସୁଆ ସବୁ ଯାକ ତାଙ୍କ ଉଦରସ୍ଥ ହୋଇ ପାରନ୍ତା ।

\+ + +

ଶ୍ରୀଯୁକ୍ତ ସାରଙ୍ଗଧର ଦାସ ଷଢେଇକଲାରେ ଆଦିବାସୀ ମାନଙ୍କୁ ବୁଝାଉଛନ୍ତି । ତାଙ୍କ ସାରଙ୍ଗ ରବରେ ସେ ସବୁ ଆଦିବାସୀଙ୍କୁ ଭୁଲେଇ ପାରିବେ ବୋଲି ଆମର ବିଶ୍ୱାସ । ଇଂରାଜି ଗଳ୍ପର ସେ ସାରଙ୍ଗଧାରୀ ଯେପରି ମୂଷା ଓ ପିଲା ମାନଙ୍କୁ ନଈରେ ଭସାଇ ଦେଇଥିଲା ସେହିପରି ବିହାରୀ ଗଣ୍ଡଗୋଳ କାରୀ ମୂଷା ଓ ରାଜାଙ୍କ ଅନୁଚର ବଳଦମାନଙ୍କୁ ସାରଙ୍ଗ ରବରେ ମୁଗ୍ଧ କରାଇ ସୁବର୍ଣ୍ଣ ରେଖାରେ ଭସାଇ ଦେବେ ବୋଲି ଆମେ ଆଶା କରୁଛୁ । ସାରଙ୍ଗଧରବାବୁ ତେଣେ ବସ୍ତର ଓ ସାରଙ୍ଗ ଗଡ଼କୁ ଚାହିଁବେ କି ? ସେମାନେ ନାଗପୁରୀ ନାରଙ୍ଗୀ ଖାଇଲେଣି । ଆମ ଓଡ଼ିଶା ସରକାରଙ୍କ ସୁରଙ୍ଗ ଦେଖି ।

\+ + +

ଓଡ଼ିଶା ସରକାର ଗଡ଼ଜାତ ମାନଙ୍କୁ ଭାଗ ଭାଗ କରି ୨ଟି ଜିଲ୍ଲାରେ ପରିଣତ କଲେ । ଏହାପରେ ମୟୂରଭଞ୍ଜ ଓ ସିଂହଭୂମ ଆସିଲେ ଅଷ୍ଟାଙ୍ଗ ଯୋଗରେ ଓଡ଼ିଶାର କଟକ ପୁରୀ ବାଲେଶ୍ୱର ଆଦି ଜିଲ୍ଲାବାସୀ ମାନେ ସିଦ୍ଧହୋଇ ଯିବେ । କିନ୍ତୁ ତେଣେ ବସ୍ତର ଯେ ଯାଉଛି ତାର କାରଣ ଯୋଗୀ ମାନଙ୍କର ବସ୍ତ୍ରର ଦରକାର ନଥାଏ । ସେମାନେ ଦିଗମ୍ବର ।

× × ×

ଓଡ଼ିଶା ଗଡ଼ଜାତକୁ ଓଡ଼ିଶାରେ ମିଶାଇବା ଯୋଗୁ ଶ୍ରୀଯୁକ୍ତ ମହତାବଙ୍କୁ ଅମର ଶହୀଦ କରି ଗୋଟିଏ ଜୀବନ୍ତ ମୂର୍ତ୍ତି ସ୍ଥାପନାର ବ୍ୟବସ୍ଥା ହେଉଛି । ସେଥିପାଇଁ ଉଠାଯାଉଥିବା ପାଣ୍ଠିକୁ ବିଲୁଆ ସଭା ତାର ଆପଣା ଶରୀରରୁ ମଧ୍ୟ କିଛି କାଟି ଦାନ କରିବାକୁ ରାଜି । କିନ୍ତୁ ମହତାବଙ୍କ ସେ ଜନା ଚାହାଁନ୍ତି ବିଲକୁଲ ଗାନ୍ଧୀବାଦୀ ଖାଣ୍ଟି ଚେଳାମାନଙ୍କ ନେତା ରୂପରେ ବସ୍ତର ସାରଙ୍ଗ ଗଡ଼କୁ ଛାଡ଼ିଦେଲେ ଏହି ଅଦ୍ୱିତୀୟ ଅଶ୍ରୁତ ପୂର୍ବ ତ୍ୟାଗ ପାଇଁ ତାଙ୍କ ଉଦ୍ଦେଶ୍ୟରେ ଆଉ ଗୋଟିଏ ସ୍ମୃତିଉତ୍ସବ ପାଳନ କରି—ଏକ ବିଶାଳ ସ୍ମୃତିସ୍ତମ୍ଭ ତୋଳିଦେବା ଉଚିତ ।

\+ + +

ଏନା ଭିତରରେ ବସ୍ତର ଯେ ଓଡ଼ିଶାରୁ ଖସିଗଲା ଏଥିପାଇଁ ଓଡ଼ିଶା ସରକାରଙ୍କ ବଦାନ୍ୟତା ହିଁ ପ୍ରମାଣିତ ହୋଇଛି । ଯେମିତି ହନୁମାନ ଦାନ କଲେ—। ବଳି ତିନିପାଦ ଭୂଇଁ ଦାନ କଲା ବଳି ଓଡ଼ିଶା ସରକାର ବସ୍ତର ସାରଙ୍ଗ ଗଡ଼ ସାଙ୍ଗକୁ ତୃତୀୟ ପାଦ ତୋଷପୃଷ୍ଠ ଦେବେ । ଯୁଗ ଯୁଗକୁ ଦାନୀ-ପଣେ ନାମ ରହିଯିବ ମହତାବଙ୍କର ।

× + ×

ମୟୂରଭଞ୍ଜ ଓଡ଼ିଶା ସାଙ୍ଗରେ ନ ମିଶି ଅଲଗା ଗୋଠ ଖଣ୍ଡିଆ ହୋଇ ରହିଗଲା । ଭଞ୍ଜ ଭୂମି ଯେତେବେଳେ ସେ ଓଡ଼ିଆ ଭାଇଙ୍କ ସାଙ୍ଗରେ ମିଶନ୍ତା ବା କେମିତି ? ବିଶେଷତଃ ମୟୂର ମାନେ ମେଘ ଦେଖି ନାଚନ୍ତି । ଓଡ଼ିଶା ସରକାର ତ ମେଘ ନୁହନ୍ତି । ସେ କେବଳ ଗର୍ଜିଲା ମେଘ । ବର୍ଷିଲା ମେଘ ନୁହେଁ । ତେଣୁ ନାଡ଼ ଛାପି ମୟୂରଭଞ୍ଜ ଆପଣା ଗଞ୍ଜରେ ରହିଲେ । ମାତ୍ର ଆମର ଭୟ ହୁଏ, ଶେଷରେ ମୟୂରଭଞ୍ଜର ଲୋକେ ନ ଗାଆନ୍ତୁ—ଏକୁଟିଆ ପାଣି—ଓଡ଼ିଆ ଦଉଡ଼ି ଛୁଇଁଗଲା ବଂଗଳା ଦଉଡ଼ି ଟାଣ ।'

× ÷ ×

କଲିକତାରେ ପ୍ରବାସୀ ଉତ୍କଳ ସମ୍ମେଳନ ୨୨ ତାରିଖରେ ହେଲା । ପୁଣି କମାରହାଟିରେ ପ୍ରବାସୀ ଓଡ଼ିଆ ସମ୍ମେଳନୀ ୨୯ ତାରିଖରେ ହେଉଛି । ଉତ୍କଳ ନାମଟା ପୁରୁଣା । ତେଣୁ ଉତ୍କଳ ସମ୍ମେଳନୀର ଜୀର୍ଣ୍ଣ ଅଧିବେଶନ । ଓଡ଼ିଶାଟା ନୂଆ ହେବ, ତେଣୁ କମାରହାଟି ସମ୍ମେଳନୀର ନାମ ଓଡ଼ିଆ ସମ୍ମେଳନୀ । ପ୍ରଥମ ସମ୍ମେଳନୀର ଅଭ୍ୟର୍ଥନା ସଭାପତି ସୁପରିଚିତ ପୁରାତନ କଂଗ୍ରେସ ଓ ଓଡ଼ିଆ କର୍ମୀ ରାମଚନ୍ଦ୍ର ବେହୁରା । ଦ୍ୱିତୀୟ ସମ୍ମେଳନୀର ଅଭ୍ୟର୍ଥନା ପତି ଅଖ୍ୟାତ ହେଲେହେଁ ଅଯୋଗ୍ୟ ନୁହନ୍ତି । ଏପରି ଯେ ବଦ୍-ବ୍ୟକ୍ତି ତାଙ୍କ ନାମ ମଧ୍ୟ ରାମଚନ୍ଦ୍ର ବେହେରା । ମାତ୍ର 'ହେ' ଓ 'ହୁ' ର

Digitized by srujanika@gmail.com

ଉପାୟ । କବି ବଞ୍ଚି ଥିଲେ ଗାଇଥାନ୍ତେ—
ବେହୁରା ବେକାରର ପଦ
ଏକାର ଉକାର ଭେଦ,
ଚୁକାଇରେ ଗଢ଼ା ନଥ ତହିଁ ଉଚିତ,
ସମ୍ପାଦକ ମହୋଦୟ—
ମତେ ବେହେରା ସୁବେଦୀ
ଙ୍କୁ ନ ଶୁଣି ବେହୁରା ହଦ କଥିତ,
ବିପଥର ପ୍ରାସ୍ତେକ ମଣି-
ବାରେ ବାର ବାର ନାଚେ
ସେ ନୀଳମଣି ।

\+ ÷ ×

ଓଡ଼ିଶାର କୌଣସି ନୂତନ ସମ୍ବାଦପତ୍ର କଲିକତା ରାଏ ବେହୁରାଙ୍କ ଅଧ୍ୟକ୍ଷତାରେ ସ୍ଥାପିତ ଓଡ଼ିଆ ଅନୁଷ୍ଠାନର ସମ୍ବାଦ ପ୍ରକାଶ ନ କରି ବିକୃତ ଭାବରେ ସମାଲୋଚନା କରିବାରୁ କଲିକତା ଓଡ଼ିଆ ଯୁବ ସଂଘ କାଗଜର ନିନ୍ଦାବାଦ କଲେ । ତାହାକୁ ସର୍ବସାଧାରଣରେ ପୋଡ଼ିବା ପାଇଁ କେତେକ କହିଲେ । ମାତ୍ର ବାଲ୍ୟ ସଙ୍ଘ ପରାମର୍ଶ ଦେଇଛି ଯେ ସେ ସବୁ କରିବା ଉଚିତ ନୁହେଁ । କଳା ମୁହଁରେ ଚୂନ କାଳି ଦେଲେ, ପୋଡ଼ା ପାଉଁଶକୁ ଅଧିକ ପୋଡ଼ିଲେ, ମଡ଼ା ଉପରେ କୋରଡ଼ା ବାଡ଼େଇଲେ କ୍ଷତି କାହାର ? ମୋ-ଜୀ କଲିକତା ବାର୍ତ୍ତା ଲେଖକଙ୍କୁ ଛେପ ନ ପକାଇ ଚୂନା ପଡ଼ିଗଲେ ଭଲ ।

÷ × ÷

କୈବଲ୍ୟ କୁଟୀରରେ ହରିଜନ ଛାତ୍ର ମାନଙ୍କ ଭାର ସରକାର ନେଇଛନ୍ତି । ଫଳରେ ଛାତ୍ରମାନେ କେବଳ ଉପବାସରୁ ପେଟେ ପେଟେ ଖାଇ ଶୋଇଲେଣି । ସରକାର ହରିଜନ ମାନଙ୍କୁ 'ହରି'ଙ୍କର ପ୍ରକୃତ ଜନକରି ଜାଣିବାଏ ଲେଖା କୈବଲ୍ୟ ଦାନ କଲେ ହରିଜନଙ୍କର ପେଟ ପୁରି ଯିବ—ଓ ସେମାନେ ପୁରା ନଯାଇ କେବଳ ସରକାର ତୋଟିକି ଗୁହାଁ—'ହର ହର' ବାଣୀ ହେଉଥିବେ ।

× × +

କେତେକ ଗ୍ରାଜୁଏଟ୍ ଯୁବକଙ୍କୁ କୃଷି ଶିକ୍ଷା ଦିଆଗଲା । ସେମାନେ ଭରସା କରିଥିଲେ ଯେ ସରକାର ତାଙ୍କୁ ଚାକିରି ଦେବେ । ନହେଲେ ଏ ଶିକ୍ଷାରୁ କି ଫଳ ଫଳିବ । ଏଣିକି ଚାକିରି ନପାଇ ସେମାନେ ଆପତ୍ତି କରୁଛନ୍ତି । ସରକାର ବୋଧେ କିଛି କିଛି ମିଛିଆ ଦେଇ ଥିବାରୁ ସେମାନେ ଏଭଳି ଆପତ୍ତି ଉଠାଉଛନ୍ତି । ତା ନହେଲେ ସେ କେମିତି ଆପତ୍ତି କରନ୍ତେ ? ସରକାରଙ୍କର କଣ କୃଷି ଦରକାର ? ସରକାରଙ୍କ ଖବର କାଗଜ ଓ ପ୍ରଶଂସା ଲେଖା । ଅଧିକ ଖାଦ୍ୟ ଉପୁଜାଅ ବୁଲି—ଅଧିକ ତୋଷାମଦ ଓ ଖବର କାଗଜ ଉପୁଜାଇଲେ ଦେଖିବେ ସେମାନେ ଆଶୁ ଫଳ ପାଇବେ ।

× + ×

ସମାଜ ଓ ପ୍ରଜାତନ୍ତ୍ର ଚୋର ଉଠାଇ ଚଳାଇଥିଲେ । ଚଳାଇ ଛନ୍ତି । ଗୁଣ୍ଡା, ବଂଶ ପ୍ରଭୃତି ଉପଦ୍ରବକୁ ସବୁ ଶ୍ରଦ୍ଧା କରି ବନ୍ଦ କରାଇଥିଲେ । ଦେଶର ବୈଷ୍ଣବ ଭକ୍ତିରେ । ଅନ୍ତଃସ୍ଥ ଜନ୍ମ ଜନ୍ମ ଶାନ୍ତି ଉପରେ ପ୍ରାପ୍ତି ପାଇଁ ଉପବାସକୁ ଶରଣ ରୂପରେ ମର୍ତ୍ତ୍ୟମଣ୍ଡଳରେ ପାଉଥାଏ ବୋଲି ମାନିଥିବାରୁ ଏପରି ହେଲା । ଏକ ସଖା ରୂପରେ ଯଦି ସେମାନେ ଉପବାସ ଅଭ୍ୟାସ କରି ପାରିଥାନ୍ତେ ତେବେ ବେଶ ଭଲ ଯେ ପାଇଥାନ୍ତା ତାର ସୀମା ନାହିଁ । ମାତ୍ର ଶରୀରରେ ଅନ୍ଧକାର ଭାବରେ ସେମାନେ ମୁକ୍ତ ହୋଇପାରେ । ଉଦାହରଣରେ ଦାରିଦ୍ର୍ୟ ବଣ୍ଟିପୁ ହରିଜାତି, ଦେଶରେ ସବୁଣ ରୂପରେ, ହ୍ରାସରେ ବାଂଶ ଓ ଉପବାସ ହୋଇ ଜନ୍ମ ଜନ୍ମ ଉପବାସଙ୍କ ଶରୀରରେ ସେମାନେ ପ୍ରସିଦ୍ଧି ଓ ମୁକ୍ତି ପାଉଥିଲେ । ଉଦ୍ଯୋଗରେ ହଁଠାରେ ବୋଧହୁଏ ସେହି ଜନ୍ମ ଜନ୍ମରୁ ଗୋଟିଏ ତୋଳି କେତେକଙ୍କ ମତ । ସେମାନେ ଅଣ୍ଡର ଜନ୍ମ ଯେ ଯେ ନୂତନ ଭିତରୁ ଅନ୍ୟ ଜଗତ ପ୍ରଭାବକୁ । ଉପବାସ ନାମ 'ଶ୍ରମଣ'। ସମାଜର ଶରୀର ହେଉ ପ୍ରଜାତନ୍ତ୍ରର ପ୍ରସିଦ୍ଧି । ତା'ପରେ ମୁକ୍ତିର ଦ୍ୱାର ଖୋଲିଯାଏ ।

× × ×

ସମ୍ପାଦକ ମିଶ୍ରଙ୍କ ସେହି ପ୍ରଥମେ ପ୍ରଜାତନ୍ତ୍ର ସମାଜକୁ ଶତ ସମ୍ପାଦକଙ୍କ ଉପରେ ନାଉ ଚଳାଇଲେ, ସମ୍ପାଦକ ଯେତେବେଳେ ୧୯୩୨ ରୁ ଛାଡ଼ି ବସିଲେ ସେତେବେଳେ ପ୍ରଜାତନ୍ତ୍ର ନାଗଦ । ଏବେ ପୁଣି ସ୍ୱରାଜ ହେଲ ଟେକ ଜନ୍ମା ସ୍ୱରାଜ, ସମାଜ ସମ୍ପାଦକଙ୍କ ସମ୍ପାଦକୀୟର ପରେ ଶ୍ରଣା ଦେଶ ପ୍ରଜାତନ୍ତ୍ର ସ୍ୱାଭାବିକ ଉନ୍ନତି. ମାତ୍ର ଯୁକ୍ତିର ପାଶ ପଡ଼ୁନାହିଁ । ସେ ଯାହାହେଉ ତାଙ୍କ ବାହାରରେ ଯେତେଥର ଯୋଗ ଗ୍ରହଣ, ସେଥର ତାଙ୍କ ଶାନ୍ତି ଅଟେ ତାର ସ୍ପଷ୍ଟ ପ୍ରମାଣ ଓଡ଼ିଶା ସରକାର ତାଙ୍କ ଉଚ୍ଚପଦ ଦେବାରେ ଜମା ତାଙ୍କ ଅନୁଗୃହୀତମାନଙ୍କର ଉନ୍ନତି କାମରେ ଦେଇଦେବାର ଚେଷ୍ଟା କରନ୍ତୁ ।

\+ + ÷

ଓଡ଼ିଶାର ଗୋଟିଏ ପଞ୍ଚାଯୋଗୀର ହାତରେ ବଡ଼ା କାଗଜ ସମ୍ପାଦକ ଦଳ ହରେଇଥରେ ଜେଲଠାରୁ ସାମ୍ବାଦ ଦେବା ନ୍ତିଦେଖ ଭଲ କାଗଜର ଅନ୍ତରର ସତ୍ୟ ସମାଚାର ଓ ପ୍ରଚାରିତ ସଙ୍ଗେ ତୁଳନା କରି ତାହାର ପରିଣାମ ସେହି କାଗଜର ପରିଣାମ ସଙ୍ଗେ ସମାନ ହେଉଛିବାର ଏକ ପ୍ରକାର ଭବିଷ୍ୟତ୍ ବାଣୀ ଶୁଣାଇଲେ । କାଗଜଟି ପଢ଼ଙ୍କରେ ଅପବାଦ 'ପଦକ' ଅର୍ଥ୍ୟା ହେଉ ଡକାଇ. 'ମଣ୍ଡଳରେ ଦୁଃଖବାଦ' । କାରଣ ସେ କାଗଜ ସତ୍ୟ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ହୋଇ ନାହିଁ ଦାବୀ । ମିଛଟାକୁ କାଇଁକି କହିଲେ ସତ୍ୟହୁଏ । ବୋଧହୁଏ ସେହି ସୂତ୍ରରେ ଭକ୍ତ କାଗଜଟି ମିଥ୍ୟାକୁ କାରମ୍ବାର ପ୍ରଚାର କରି ସତ୍ୟ ସାବ୍ୟସ୍ତ କରୁଛନ୍ତି ।

× × ×

ସେତେବେଳର ସତ୍ୟ ସମାଚାରଙ୍କ ନାମ ଥିଲା— ଜନ୍ମ ଅସ୍ତାଚାର । ଜନ୍ମସ୍ତାଚାର ହେଉ ତତ୍କାଳୀନ ସରକାର କାଗଜକୁ ଜପ୍ତ କରିଥିଲେ । ମାତ୍ର ବର୍ତ୍ତମାନ ସେହିଭଳି ସରକାର କାଗଜର ନାମ ସତ୍ୟ ଅସ୍ତାଚାର ବା ଗୋଲାମ ଅସ୍ତାଚାର ନାମ ଦେଲେ ଲୋକଙ୍କ ମନରୁ ଅନେକ ସନ୍ଦେହ ଦୂର ହୁଅନ୍ତା ।

\+ + +

---

## କୁତୁକୁତୁ

ସରକସ୍ ଦେଖି ଦେଖି ପିଲା ପଚାରିଲା —"ବାପା ଏ କନ୍ଥା କଣ ?"

ବାପା—ଏ ହେଉଛି ସିଂହ; ଏ ଯେତେ ମନ କରିବ ବଡ଼ ମଣିଷକୁ ଗୋଟାସମେତ ଗିଳିଦେବ ।

ପିଲା—[କିଛିକ୍ଷଣ ଭାବି] ଅଚ୍ଛା ବାପା, ଯଦି ଏ ସିଂହ ବାହାର ତମକୁ ଗିଳି ପକାଏ, ମୁଁ ଏବେ କିଏ ଧରିବ ଯାଇଁ ଚାହିଁବି ?+

Digitized by srujanika@gmail.com

# ମୁଁ ନେତା ହେଲି

ହଁ, କଣ କହୁଥିଲ ? ହଁ, ମୁଁ କେମିତି ନେତା ହେଲି ? ନାହିଁ ! ଅରେ, ତୁମେ ଜାଣିନ ଯେ ? ତଥାପି ହେଲେ ମୁଁ ଜଣେ ନେତା ନୋହି ? ଶୁଣ, ଏଇ ଆସରରେ ମୋର ସବୁ କଥା କହିବି । ତା ପରେ ତୁମେ ବିଚାର କରିବ ମୁଁ ନେତା ହେବାର ଯୋଗ୍ୟ କି ନା ।

ହଁ, ଅଗ୍ରର ଗୋଟିଏ କଥା ଜାଣି ରଖ । ମୁଁ ନେତା—ଅର୍ଥାତ୍ ଛୋଟନେତା—ସ୍ୱାଧୀନ ଯୁଗର ଦେଶବାସୀଙ୍କର ନେତା । ଏମିତି ପୁରୁଣା ଟାଇପ ଗୋଟିଏ, ତାଙ୍କ ଭଳିଆ ନେତା ନୁହେଁ—କହେନ

## ମଜାକଥା

ପହିଲା ଗାଡ଼ା ନେତା । ସାମ୍ୟବାଦରେ ମୁଁ ବିଶ୍ୱାସ କରେ ଅର୍ଥାତ୍ ମୁଁ ସାମ୍ୟବାଦୀ । ଗାନ୍ଧି ଖଦୀ ମୂଲକ ମୋର ପ୍ରାଣ । (ଅବଶ୍ୟ ଆମ ଗାଁ ଅଟେ ମୁଁ ବର୍ଷକ ଭିତରେ ଦୁଇ ଦିନ ପାଇଁ ଯାଏ ଯାନ ହିସାବ ଅଛି ବୋଲି ।) ପ୍ରଧାନ କର୍ମକ୍ଷେତ୍ର ମୋର ସେକ୍ରେଟେରିଏଟ, ତତ୍ ସଂଲଗ୍ନ ହଷ୍ଟେଲ ଦ୍ୱୟ ଏବଂ ସର୍ବୋପରି ଟାଉନହଲ ।

ଦେଖିଲ, ଗୋଟିଏ କଥା କହୁ କହୁ ସେକ୍ରେଟେରିଏଟ୍ରୁ ଯାଇ ଢେଙ୍କାନାଳରେ ଉଠିଲିଣି । ତମେ ଅଳ ମଝିରେ ଗୋଳମାଳ କରନାହିଁ । ଶୁଣ ।

ସେଇ ବର୍ଷ ଆମ ଗାଁ ପାଖ ହାଇସ୍କୁଲରୁ ମ୍ୟାଟ୍ରିକ୍ ପାସ୍ କରି ମୁଁ ଏଠି କଲେଜରେ ନାଁ ଲେଖାଇଲି । ଏଠାର ଗୁଡ଼ିଏ ଚଳନ ଢଙ୍ଗ ଭଙ୍ଗ ସବୁ ମତେ ନୂଆ ନୂଆ ଲାଗୁଥାଏ । ଏଠାର ବେଶ ଭୂଷା କଥା ବାର୍ତ୍ତା ପ୍ରତି ଗୋଟାଏ ଘୃଣା ଆସୁଥାଏ ମନରେ । ଏଣୁ ମୋର ବୁଦ୍ଧିର ତାରିଫ କରିବ ଅଳ୍ପ ଦିନ ଭିତରେ ମୁଁ ପାରିପାର୍ଶ୍ୱିକ ଅବସ୍ଥା ସଙ୍ଗରେ ନିଜକୁ ଖାପ ଖୁଆଇ ନେଲି ।

ସବୁ ସିନା ହେଲା—ଗୋଟିଏ କଥାରେ ଜନ ଅଡ଼ୁଆରେ ପଡ଼ି ଗଲି । କଲେଜ ଗିରାର ଦୁଇ ସ୍ୱର ତଳ ହୋଇଛି ବୋଲି ନାହିଁ ଯୋଗାଏ ଚିଲ ଦୁଇ ଖଣ୍ଡ ଲମ୍ବା ଖାତା ଧରି ମୋ ପାଖରେ ହାଜର । ଭଲକ ହାତରେ ଗୋଟିଏ ଟମଡ଼ା ବ୍ୟାଗ୍ । ପରିଧାନରେ ଖଦଡ଼ ଲୁଗା ଓ ପଞ୍ଜାବୀ ଏବଂ ତା ଉପରେ ଜହର କୋଟ୍ । ମୁଣ୍ଡରେ ଗାନ୍ଧି ଟୋପି । ଅଲଗଣେ ସାଧାରଣ ମଣିଷ ଲୁଗା ଓ ବଡ ମଇଳା ବାନିଷ ପିନ୍ଧିଛନ୍ତି । ତାଙ୍କ ସ୍ୱଭାବ ଅଯତ୍ନ ଉଦ୍ଧ୍ୟସ୍ତ । ଦେଖିଲେ ମନେହେବ ,ସବୁବେଳେ ଯେମିତି କାର୍ଯ୍ୟ ବ୍ୟସ୍ତ ।

ଦ୍ୱିତୀୟ ବ୍ୟକ୍ତି ଆରମ୍ଭ କଲେ—'ତୁମେ ଛାତ୍ର-ସଙ୍ଘର ସଭ୍ୟ ହୁଅ । ଏହା ସବୁ ମତବାଦ ଛାତ୍ରଙ୍କର ଗୋଟିଏ ବୋଲି ଏ ବର୍ଷର ପୁରୁଣା ଅନୁଷ୍ଠାନ । ଜନା—ଭରର ଏହାର ପ୍ରଥମ ଉଦ୍ଘାଟକ ଓ ସଭାପତି ।

ପ୍ରଥମ ବ୍ୟକ୍ତି ତାଙ୍କ ଅଭିଷ୍ଟ ମୋ ମୁହଁଟା ତୁଲାଇ ଦେଇ କହିଲେ—'ଭଲକରି ଶୁଣହୋ ।



ସେ ସ୍ୱଭାବ କମ୍ୟୁନିଷ୍ଟ । ଦେଶଦ୍ରୋହୀ । ତୁମେ ଖାଣ୍ଟି କଂଗ୍ରେସର ମେମ୍ବର ହୁଅ । କଂଗ୍ରେସ ନେତା ମାନଙ୍କର ଆଶୀର୍ବାଦ ଓ ପୃଷ୍ଠପୋଷକତାରେ ଏହା ଗଠିତ । ଏକ ଗୋଟିଏ ଦେଶ ପ୍ରେମୀ ଛାତ୍ର ଅନୁଷ୍ଠାନ ।'

ତାପରେ ପ୍ରଥମ ବ୍ୟକ୍ତି ଦ୍ୱିତୀୟଙ୍କୁ ପଞ୍ଚମ ବାହିନୀ, ଦେଶଦ୍ରୋହୀ କମ୍ୟୁନିଷ୍ଟ କହି ଗାଳି ଦେବାକୁ ଆରମ୍ଭ କଲେ । ଦ୍ୱିତୀୟ ବ୍ୟକ୍ତି ମଧ୍ୟ ତାଙ୍କୁ ମନ୍ତ୍ରୀ-ଚାଟୁକ, reactionary, disrupter ଇତ୍ୟାଦି କହିବାକୁ ଲାଗିଲେ ।

## ମାଙ୍କଡ଼ ହାତରେ

ମଝିରେ ପଡ଼ି ଛାତ୍ରନେତା ଦୁହିଙ୍କର ବାଗଯୁଦ୍ଧ ଦେଖୁଥାଏ । ସ୍ୱରାଜର ସ୍ୱରୂପ ସମ୍ବନ୍ଧରେ ମୋର କୌଣସି ଧାରଣା ନଥିଲା । (ଅଳ୍ପ ତାକୁ ମୁଁ ଜଣେ ବଡ଼ ରାଜନୀତିଜ୍ଞ ବୋଲି ପରିଚୟ ଦିଏ) ମୁତରାଂ ମୁଁ ସେମାନଙ୍କ କଥାରୁ ଯାହା ବୁଝିଥିଲି ସତ୍ୟରେ ଅବଗତ । ଓଳ କିଣ୍ଟି ସେ ଦୁହିଙ୍କୁ ବାଦ୍ ଯିବ ଭିତରେ ଛାଡ଼ିଦେଇ ମୁଁ ଖସିଆସିଲି ।

ସେ ଦିନ ଠାରୁ ଦୁହିଙ୍କୁ ଦେଖିଲେ ବାଟ କାଟି ଚାଲିଯାଏ ।

ବର୍ଷ ପରେ ପରୀକ୍ଷା ଦେଇସାରି ମାମୁ ଘରକୁ ଯାଇଥିଲି । ମାମୁ ଶ୍ରୀଯୁକ୍ତ——M. L. A. ମୋର ଭବିଷ୍ୟତ କାର୍ଯ୍ୟ ବିଷୟ ସମ୍ବନ୍ଧରେ ପ୍ରଶ୍ନ କଲେ । ଶେଷରେ ମୋତେ ଛାତ୍ର କଂଗ୍ରେସରେ କାର୍ଯ୍ୟ କରିବାକୁ ଉପଦେଶ (ଏ ଉପଦେଶ ଦେଇ କହି ପାରନ୍ତି) ଦେଲେ । ବର୍ତ୍ତମାନ ଏହାର ପ୍ରୟୋଜନୀୟତା ଏବଂ ଭବିଷ୍ୟତର କଲ୍ୟାଣ ସମ୍ବନ୍ଧରେ ମଧ୍ୟ ସେ କହିବାକୁ ଭୁଲି ନଥିଲେ ।

ମାମୁଙ୍କ ସବୁ ଫେର ସଭ୍ୟ ହେଲି । ଦେଖିଲି ପ୍ରକୃତରେ ମାମୁ ଠିକ୍ କଥା କହିଛନ୍ତି । ବଡ଼ ବଡ଼ ନେତା ମାନେ ଆମର ପୃଷ୍ଠପୋଷକ । ଖବର କାଗଜ ସମ୍ପାଦକ ଆମର ସମର୍ଥକ । ମାମୁଙ୍କ ମଧ୍ୟ ମୋତେ ପଡ଼ାଶୁଣା ପାଇଁ ଆଉ ବେଶୀ ଦବାବ ଦେଉ ନାହାନ୍ତି ।

ମୋର ରୁମ୍ ମେଟ୍ ପୂର୍ଣ୍ଣ ବାବୁ—ଫିଫ୍ଥ ଇୟରର ଛାତ୍ର । ଇଂଲିଶରେ ସହିତ ବି, ଏ, ପାସ୍ କରିଥାନ୍ତି ଓଡ଼ିଆ ଅନର୍ସ ପାଇ । ତେଣୁ ମୋ ଅପେକ୍ଷା ତାଙ୍କର ଟିକିଏ ବେଶୀ ପ୍ରଭାବ ଥାଏ ଛାତ୍ରଙ୍କ ଭିତରେ । ତାଙ୍କ ସହିତ କଥା ବାର୍ତ୍ତା କରି ତାଙ୍କୁ ମେମ୍ବର କଲି । ସେ ମଧ୍ୟ ସଭାସମିତିରେ ଯାଇ ଥାଆନ୍ତି ନାହିଁ ଦଳ୍ପ ଗୁଡ଼ିକ ବଡ଼ ବଡ଼ ଶୁଣା କଥା ମାନ ବାଢ଼ନ୍ତି । ମୋର

ଏ ଭାବଭଙ୍ଗୀ ଦେଖି ସେ ପ୍ରଥମେ ଆଶ୍ଚର୍ଯ୍ୟ ହେଲେ । କହିଲେ—'ଏ ଯୋଗୀନ, ତୁମେ ଶେଷ ଅବ ବେ କମ୍ୟୁନିଷ୍ଟ ବାବୁଙ୍କ ଦେଖିଲେ ଉଠୁଥିଲ । ସଙ୍ଗେ ସଙ୍ଗେ କର୍ମୀ ହୋଇ ପଡ଼ିଲ ଯେ !' 'ପୂର୍ଣ୍ଣବାବୁ, ଦୁନିଆଯେ ବଦଳି ଯାଉଛି । ତାକୁ ଦେଖିଁ ଅବକାଶ ଥିଲା ଅଥ ସେ ସବୁଠାରୁ ବଡ଼ ଦରକାର ହୋଇ ପଡ଼ିଛି ।'

ପୂର୍ଣ୍ଣବାବୁଙ୍କ ନେଇ ଏଣିକି ମିଟିଂର ଚିନ୍ତା ଆରମ୍ଭ କଲେ । ଇଣ୍ଟରେଷ୍ଟ ବୋଲି ଅଠ ଦଶ ଥର ମିଟିଂ ଡାକି ଏବଂ ଆମ ସେକ୍ରେଟେରି, ପ୍ରେସିଡେଣ୍ଟ ଓ ୪୦ଜଣ ପ୍ରତିନିଧି ଏହି ସମୟ ଲେଖାଏ ଦିନ ଦଶ୍ଟା ପରେ ବାଟ ନେତା ହେବାକୁ ଦେଖି ଲାଗିଲେ ।

ହଂସା ହେଲା ମୋର । ଏବେ ମେମ୍ବର ସଂଖ୍ୟା ବଢ଼ନ ମୁଁ । ପ୍ରକୃତରେ ଗତର ଏତ ଥର ପ୍ରେସ୍ କନ୍ଫରେନ୍ସ—ମିଟିଂ ହେଲେ ଟାଉନହଲ, ଫଲ୍ମାନ ଇତ୍ୟାଦି ଯୋଗାଡ଼ କରିବାର ଭାର ମୋ ଉପରେ । ଉଥିପାଇଁ ମୋତେ କର୍ମୀ ଛଡ଼ା ନେତା ବୋଲି କେହି ସ୍ୱୀକାର କରିଲେ ନାହିଁ । ଅଥଚ ମୋର ଅନ୍ତରେ ପୂର୍ଣ୍ଣଟା ନେତା ହୋଇ ଗଲି । ଆଉ କେଜାଣି ।

ତା ପରେ ପରି ସଭାରେ ମୁଁ ବକ୍ତୃତା ଦେବାକୁ ଆରମ୍ଭ କଲି । ବକ୍ତୃତା ଶେଷରେ କମ୍ୟୁନିଷ୍ଟ ମାନଙ୍କ ଦେଶଦ୍ରୋହୀ (ଅବଶ୍ୟ ତାଙ୍କ ଦେଶଦ୍ରୋହିତା କେଉଁଠାରେ ମୋତେ ଏହି ଜଣା ନଥିଲା । ଗାନ୍ଧି ୧୯୪୨ ଖ୍ରୀଷ୍ଟାବ୍ଦରେ ମନେ ଉଠିଥିଲା) ଏବଂ ତା ସଙ୍ଗେ ଛାତ୍ର ସଂଘକୁ ମଧ୍ୟ ଗାଳି ଦେବାକୁ ଲାଗିଲି । ଫଳରେ ଅଳ୍ପ ଦିନ ଭିତରେ ମୁଁ ବଡ଼ ନେତା ମାନଙ୍କ (ଓଡ଼ିଶା ନେତା ଅବଶ୍ୟ) ମହଲରେ ଜଣା ଶୁଣା ହୋଇ ପଡ଼ିଲି । ଶେଷରେ ଏବେଶ ବାହାଘ—ସ୍ତ୍ରୀ ମୂଲକ' ସ୍ଲୋଗାନ ଦେଇ ସଭା ଭଙ୍ଗ କଲି । ଖବର କାଗଜ ସମ୍ପାଦକ ଓ ଅଧ୍ୟକ୍ଷ ଲେଖା ଥିଲେ । ତେଣୁ ପ୍ରାୟ ପ୍ରତିଦିନ 'ଯୋଗେନ, ବରୁଣ ସଭାମଣ୍ଡପରେ ସଭା, 'ଛାତ୍ରନେତା ଯୋଗେନ, ମହାତ୍ମାଙ୍କ ଉତ୍ତେଜନା ପୂର୍ଣ୍ଣ ଭାଷଣ', 'ସାଥୀ ଯୋଗେନ, ସ୍ଲୋଗାନ ଦେଇ ପରେ ସଭା ଭଙ୍ଗ ହେଲା ।' ଇତ୍ୟାଦି ଖବର ଏକ କାଗଜରେ ବାହାରିଲା ।

## ଲେଖିକା ରମା ଦେବୀ

ବହୁ ଚେଷ୍ଟା କରି ନେଇ,ପଡ଼ା ଛାଡ଼ି ଛାତ୍ର-ଜଗତରେ ସଭାପତି ହେଲି । (ଛାତ୍ରଜଗତ ପଥପ୍ରଦର୍ଶକ ୮୦ ଓ ଦ୍ୱିତୀୟ ବିନ ଛାଡ଼ି ପିଲା ଆସିଥିଲେ—ଏ ମଧ୍ୟ ଦେଶରେ ଅନ୍ୟ ଦେଶେ ଅଛି କେତେ ?)

ତା ପରେ ଆଉ ବେଶୀ ଚେଷ୍ଟା କରିବାକୁ ହୋଇ ନାହିଁ । ଚତୁର୍ଥ ବାର୍ଷିକ ଶ୍ରେଣୀରେ ଦୁଇ ବର୍ଷ ରହିବାକୁ ପଡ଼ିବାରୁ ମାମୁ ସାମାନ୍ୟ ବିରକ୍ତ ହେଲେ । ଏଣୁ ମୋ କାର୍ଯ୍ୟ କଳାପରେ ସେ ମୁଗ୍ଧ ହୋଇ ଯାଇଥିଲେ । (ଅସଲ କଥା ତାଙ୍କୁ ଆଉ ପଇସା ଦେବାକୁ ପଡ଼ୁନଥିଲା ।)

ଗଲା ବର୍ଷ କଥା କଏ । ଏ ବର୍ଷ ତ ତମେ ମୋତେ ଦେଖୁଛ । ଗତର ମଫସଲ ଯେଉଁଠି କହିବ ସାଥୀ ଯୋଗୀନଙ୍କ କଥା ସମସ୍ତେ ଜାଣିବେ ।

ହଁ—ନା ଏଥରୁ ସାଥୀଙ୍କାର ବୁଝି ନ ଯାଅ ଯେମିତି ।

—*—

# ଆକାଶ-କଥା

ଚିତ୍ରମୟ ଜୀବନରେ ଅନୁଭୂତି ଚେତନା ନେବାକୁ କେମିତିକା ଗଳି ଧରିବାକୁ ଜାଣେ । ସେଇ ଜୀବନ ଭୀରତା ମଣିଷର ନଅର ସମସ୍ତ ଶକ୍ତି ପ୍ରଣତ । ମୁଁ ଜାଣେ ଯେଉଁ ଅନୁଭୂତି ପ୍ରାଣରେ ସ୍ପନ୍ଦନ ଅଟକା, କଣ୍ଠ ମୁଖର କରେ, ରସ ତାରକାକୁ ପ୍ରାଣମୟ କରେ ସେଇ ଅନୁଭୂତି ମୋର ସାଧନାର ଲକ୍ଷ୍ୟ ପ୍ରାପ୍ତି ।

## କାହାଣୀ

ସେଇ ଅତୀତ ଅନୁଭୂତିର ଗୋଟିଏ ସ୍ମୃତି — ଆଜିବି ମୋର ଜୀବନ ଉପନ୍ୟାସରେ ସ୍ପଷ୍ଟ ଅଙ୍କିତ ।

ନୂଆ ବର୍ଷ ସନ୍ଧ୍ୟା — ପ୍ରଥମ ପଞ୍ଚମୀର ଚାନ୍ଦ ନୀଳ ଦର୍ପଣରେ ସୁକୁମାରୀ ତରୁଣୀ ଭଳି ହସି ହସି ଦେଖି ଯାଉଥିଲା — ତା'ର କୋମଳ କିରଣ ହେମନ୍ତ ଶୀତ ଧୂପ ଉଡ଼ିବାକୁ ଅତୀତ ଭିତରେ ରୂପାୟନ କରିବାରେ ଲାଗିଥିଲା ସେ ଦିନ । ଶିରୀଷ କୋମଳା କାଳ୍ପନିକ ରଶ୍ମୀଙ୍କର ସ୍ପର୍ଶର ସ୍ପନ୍ଦନ ବଢ଼ାଇ ମଧୁରୀ ଉପଭୋଗ କରି ସେମାନଙ୍କର ଅତୀତ ସ୍ୱର୍ଣ୍ଣମୟ ଜୀବନର ସଜୀବ କଳ୍ପନାରେ ପ୍ରମତ୍ତ ଥିଲେ ।

ଧୀରେ ଧୀରେ ସନ୍ଧ୍ୟାର ଅନ୍ଧକାର ଚୋରା ପରି ମୋ ଘରେ ପଶିଲା । ହଠାତ୍ ଅଳିଅ ଭିତରେ କେଉଁଠି କେଉଁ ଦୂରରୁ କରୁଣ ଅସ୍ପଷ୍ଟ ଏକ କଣ୍ଠ ଶୁଭିଲା ।

ବ୍ୟଥା ଯେତେବେଳେ ଧୀରେ ଧୀରେ ଅନ୍ତର ମଧ୍ୟରେ ସଞ୍ଚିତ ହୋଇ ମେଘର ସ୍ୱରୂପ ଧରେ ସେତେବେଳେ ସେ ଆଉ ସମ୍ଭାଳି ପାରେ ନାହିଁ । ମଣିଷ ସେଥିପାଇଁ ଅନେକ ବ୍ୟଥା ଅନେକ କହି ଶୁଣାଏ । ଆଉ ସେଥିରେହିଁ ସେ ଦେହ ଦୁଃଖର ତୃପ୍ତିରେ ଶାନ୍ତି କରେ । ସେଇ ଶାନ୍ତି ରୂପ ବର୍ଷା ପଥରରେ ବ୍ୟଥା ଧୂଆ ହୋଇ ଯାଏ ।

ଚାସ ହୋଇଥିବ ! ଦୁର୍ବଳ ଚେତନାକୁ ମନରେ ଭରିଥିଲେ ବା ପୁଷ୍ପିତ ଲତାର ଶିହରଣ ଶୁଣିଲେ ମଣିଷ ଚାସ ଭଲ ପାଏ ନାହିଁ କରେ ବେଳାଣି । ଅସ୍ପଷ୍ଟ ମଣିଷମାନଙ୍କ ଅନ୍ତର ସ୍ପର୍ଶ ତାର ନାରୀ ହୋଇ ଥିବ ନାହିଁ କି ? ସବୁ ସମୟରେ ଚାସ ଭଲ ଲାଗେ ବା କାମନା କରିବା ବା କ୍ଷୁଧା ମେଣ୍ଟିବା ମାନଙ୍କ ପାଇଁ ଦେଶ ଓ ଦଶର ଚର୍ଚ୍ଚା କରିବାଟା କାମ୍ୟ ହୋଇ ପଡ଼େ ନାହିଁ କି ?



ତା — ସେ ମହିଳାଟିଏ । ଏଡ଼ ଭଙ୍ଗା ଘର ହୃଦୟର ସର୍ବହରା ଶ୍ରେଣୀର ଜଣେ । ଅନ୍ଧକାର ରାତି ବାସନ୍ତୀ ଏକଣ ଗାଉ ଗାଉ । ଅନ୍ଧକାରର ଭୀଷଣ ସମୟରେ କେଉଁଠା ପଡ଼ିଛି । ଏବେ ବାଟରେ ଶୁଣିଲି — "ହଁ, ଘରର କେତେ ବାସ୍ତ ପାଇବେ" ?

ହୃଦୟର ସୁପ୍ତ ପ୍ରବୃତ୍ତିଟା ଜାଗ୍ରତ ହୋଇ ଉଠିଲା । ଶାରଦ ଗଲି । ଦେଖିଲି ସାମ୍ନା ବାରଣ୍ଡା ଉପରେ । ଦେଖିଲି ସଂଶୀ ସେ ଯେତେ ମୋତେ ଅପଣାର କରି ନେଲା । କହିଲି "ବାବୁ" ଏମିତି ଡାକିବାର ପରଟା ତଳେ ଥୋଇ ଦେଇ ସେ କହିଥିଲା, "ଘରର କେତେ ବାସ୍ତ ପାଇବେ ?"

## କଥାଟିଏ କହୁଁ

ପାଗଳଟାଏ ହୋଇଥିବ । କଲ୍ଲୁ ପରୀକ୍ଷାରେ କାହିଁ ମନ୍ଦିରରୁ ଅନେକ ସମୟରେ ଏହି ପାଗଳାମି ଭଳ ବୋଲି ଶୁଣିଛି । ସେଥିପାଇଁ ପାଗଳାମିଟା ଯାଉ ଓ କାହା କାହା ପାଖରେ ସହାନୁଭୂତି ଶୂନ୍ୟ ହୋଇ ପଡ଼େ, ତାହା ଭଳ ଦରଦ ଅବର୍ଣ୍ଣ ରୂପେ କେବେ କେବେ ପ୍ରକାଶିତ ହୁଏ ।

ତା' ପରେ ସେ ଫେର୍ କହିବାକୁ ଲାଗିଲା "ବାବୁ, ସେ କଣ ମରିଛି ? ଯେଉଁଠି ତାର ଘର ପଡ଼ିଥିବାଟା ପୋଡ଼ା ହୋଇଛି ସେଇଠି ଏବେ ପଡ଼ି ଦୁଃଖ କରୁଛି । ସେ ଯେ ସବୁରେ ମୋତେ କହେ, ମୁଁ ତ ତମକୁ ଛାଡ଼ିଲି — ତମେ ଆଉ ଗୋଟାଏ ବାହା ହୋଇ ପଡ଼" ।

"କିଏ ସେ ?" ମୋ କଣ୍ଠରେ ସହାନୁଭୂତିରେ ଭରିଗଲା । "ସେଇ ଅମର — ଅମର କଅଣ ମରେ ?" ଅମର ନାଁଟାକୁ ସେ ଦୁଇ ତିନିଥର କହି ପକେଇଲା ।

ନିଜର ଶୁଭ୍ର, ପାଣ୍ଡୁରର ପରିଶ୍ରମୀ ଆଉ ସୌରଭ ଭରା ଯେଉଁ ସମ୍ପଦ ତାର ଅନ୍ତରାଳରେ ସେ ବହୁଥିଲା ତା'ର ପାପ ପରି ଅପରିମିତ ଦାସତ୍ୱ ପାଶରେ ପ୍ରଣତ ହୋଇବାକୁ ମୁଁ ବ୍ୟଗ୍ର ହୋଇ ଉଠିଲି ।

ତଳଭାଗ ପରଟା ତଳେ ଥାଏ । ନୀଳ ଅକାଶର ଅଗଣ୍ୟ ମହିମା ଭିତରେ ଯେଉଁ ଶୁଭ୍ର ତାରକାଟି ତାର ଜଳୁଥିଲା ତନୁ ସୌନ୍ଦର୍ଯ୍ୟ ଉଦ୍ଭାସିତ କରି ଯାଉଥିଲା ତା'ର ପ୍ରତିବିମ୍ବ ସେଇ ଘର — ତଳ ଭିତରେ ପଡ଼ିଥାଏ ।

"ଆଉ ଗୋଟାଏ ବାହାହେଲ ନାହିଁ ?" ଅଜ୍ଞାତରେ କହି ପକେଇଲି ।

ସେଇଟାର ... ତାରକା ଫିକା ହୋଇ ଉଠିଲା । ଧୂଆଁରେ ଗଳାରେ ଚରଣ ମିଶାଇ ସେ ଯେପରି ମୋତେ ହଁ ଅଟିରେ ଦେଖି କହିଲା — "ଅମରର ମରିବାହିଁ ବାବୁ ? ମୋ' ପାଖରେ ସେ ସବୁବେଳେ ଅଛି । ମୋ ଜଗରେ ସବୁବେଳେ ତାର କଥା ଶୁଣେ ।"

ସତ କହୁଛି, ସେତେବେଳେ ନିଜକୁ ଟିକିଏ ଛୋଟ ମନେକଲି । ହୃଦୟର କ୍ଷୋଭଟା ମୋ ଅଧରେ ବ୍ୟାପକ ହୋଇ ଉଠିଲା । ଛୋଟପଣ ସେତେବେଳେ କଠୋର ସ୍ୱରୂପ ଧାରଣ କଲା, ମୋର ଅନୁମାନର ସାମାନ୍ୟ ଭୁଲ ପଡ଼ିଲା ।

ମୋର ହାତ ଗର୍ବ ଉନ୍ନତର ପାଇଲି ସେ । ପୁଣି କହିଲା "ସ୍ୱାଧୀନତାର ଯୁଦ୍ଧ ପାଖରେ ଯେତେବେଳେ ଅମର ନାଆଁଟା ଲଗିଲା, ସେତେବେଳେ ଭୟ ହୋଇଥିଲା ବା ସବୁ ନାହିଁ । ତ ପାଖରେ ପାହାଡ଼ । ଅମର ମୋ ବାହାରେ ହାତ ଧରାଇ ଗଣ୍ଡ ଉପରର ସାହୁ ପାଣିଅଟକ ସ୍ୱର୍ଗ କହିଲା — "ଦେଶ ପାଇଁ ଉତ୍ସର୍ଗରେ ଜଣ ଅଧିକା ମୁକ୍ତ ନିଶ୍ଚୟ ।"

ସତକୁ ସତ ଏହି ଦେଶରେ ସେ ମୁକ୍ତ ପାଇପାରିଲା ନାହିଁ । ତଳଭାଗ ପରଟା ତଳେ ଥୋଇ ଦେଇ ମୁଁ ଦେଖି ତାକୁ ଓଡ଼ା ପିନ୍ଧାଇବାକୁ ଦେଲି, କହିଲି "ଘରର କେତେ, ବାସ୍ତ ପାଇବେ ଯେ ଦି' ତିନି ଗଣ୍ଡ ଯୋଗେଇବେ ।"

ତା ପରେ ତାର ଭିତର — ଆଉ ସେଥିରେ — ହଁ, ସେ ଅଟି ଭୁଲିଛି । ସେହି ଗୋଟି ତଳ୍ ତଳ୍ ଦେହ ଉଷ୍ଣତା ପରି ତଳ୍ ତଳ୍ ଅଟି ଅଭ ହୋଇଲି ପର ମନ୍ଦ କଥା ଏବେ ବି ଅଟି ଅଗ୍ରରେ ଝୁଲୁଛି । ବାବୁ, ତାହା କଲେ କଅଣ ଅଧିକା ମୁକ୍ତ ମିଳିବ ବା ସବୁ ଅମର ହୋଇ ପାରିବେ ?"

ଏ ଉତ୍ତର ଦେବା ଖୁବ ପାରିଲି ନାହିଁ । ତାତ୍କାଳିକ ସାନ୍ତ୍ୱନା ଭଳି ଯଦି କେହି ପରିପୂର୍ଣ୍ଣ ଅବୁଝା ଭଣ୍ଡାର ଥାଏ ତୋ'ର ଆଉ ତାଙ୍କର ପ୍ରେମର ଘୋଷଣା, ପୃଥିବୀର ଚତୁର୍ଦ୍ଦିଗରେ ବ୍ୟାପ୍ତ । ଏହି ସର୍ବହରା ମହାଭାରତ ଅମ୍ଳାନ ଅଟେ ସେଇ ମୁକ୍ତ ବାଣୀ ପ୍ରଚାର

ଲେଖକ — ଶ୍ରୀ ବିଭୂଭୂଷଣ ଗୁରୁ

କରୁଛି, ତାହିଁ ପରି ପ୍ରବଳ ଆଉ କଅଣ ହୃଦୟର ପରିଚୟ ପ୍ରଣୟ ?

ଶବ ସତ୍ୟକୁ ଅଙ୍ଗ ସେଦିନ ନିଜର ପଡ଼ିଲା ଭରା ସଭା ଭିତରେ । ସେଇ ଅବାକ ବର୍ଷାର ପ୍ରତିବିମ୍ବ — ଟେକିବ ଯାହାକୁ କହନ୍ତି 'ଅରୁନ୍ଧତୀ' । ତନୁ ଏହା ଅମର ତା ଅମରାବତୀ — ଅମରାବତୀର ଅଧୀ ନାମ ନୁହେଁ କି ?

ପାଗଳ କଳ କେବେ ଯାଇ ସଭାରେ ତାଳଗୀ ଓ ଅନୁମାନକାର କଣ୍ଠର ମାଳା ପିନ୍ଧାଇ ଥାନ୍ତି ସେଇ ଲେଖକର ବୀଣ୍ଟିରୁ ପାଖରେ ମୁଁ ପରାଜିତ ହେଲି ।

ତେବେ ଏହି ପରିବାରରେ ମଧ୍ୟ ଅନ୍ତର ଭିତରେ ଜଳାଶୟ ଦୀପାଳି ଜଳୁଛି ନାହିଁ କି ?

— * —

Digitized by srujanika@gmail.com



# ଓସ୍ତା ମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ହଁ, ସେ ବଜାନ୍ତି ବୀଣା ଯନ୍ତ୍ର । ସେ ପ୍ରକୃତି ସେ ବୀଣା ନୁହେ । ଏକେବାରେ କଚ୍ଛପୀ ବୀଣା; ଯଉଁ ବୀଣା ସ୍ୱୟଂ ମହାଦେବ[illegible]

କେଜେ ତାଙ୍କୁ ଯାଇ କହିଲେ । ସନ୍ୟାସୀ କହିଲେ,— "ଏଥିପାଇଁ ଚିନ୍ତା କଣ ! ମୁଁ ତାର ପ୍ରତିକାର କରିବି । ଟିକାଏତ ସାହେବ, (ମାନେ, ବାପାଙ୍କୁ କିଛି କହିବାର ଦରକାର ନାହିଁ । ବାବା ବିଶ୍ୱନାଥ କରିବେତ ସେ ଅନାଡ଼ି ଓସ୍ତାଦର ଉଚିତ ଶିକ୍ଷା ହୋଇଯିବ ।"

ତହିଁ ଆରଦିନ ବାପା ଯଥାକାଳରେ ଶିକାରକୁ ଗଲେ । ସାଙ୍ଗରେ କର୍ଣ୍ଣାଟୀ ଓସ୍ତାଦ । ଅତି ସୌଖିନ ଶିକାରୀ ଓ ଦେଖଣାହାର ଅସୁମାର । ଜହ୍ନରାତି ରାତରେ ହେବ ଶିକାର ।

ମଞ୍ଚା ଉପରେ ବସିଲେ ଓସ୍ତାଦ ଓ ବାପା । ଆଖ ପାଖ ଗଛରେ ଚଢ଼ିଲେ, ବାକି ଲୋକଯାକ । ତଳେ ରହିବାକୁ ଓସ୍ତାଦ ତାଗିଦ୍ କରି ଦେଇଥିଲେ । କାରଣ, ଖାଲି ଯେ ମିରିଗ, ଠେକୁଆ, ସମ୍ବର, ଚିତଲ, ଆସିବେ ତାହାତ ନୁହେ ବଇଁଶୀ ନାଦ ଯେତେ ବାଟ ଯିବ, ତା ଭିତରେ ଯେତେ ଜନ୍ତୁ ଥିବେ ସମସ୍ତେ ଆସିବେ । ସେଥିରେ ବାଘ ଥିବେ, ଭାଲୁ ଥିବେ, ଚିତାଥିବେ, ଗଧିଆ ଥିବେ, ଏପରି କି ବଡ଼ ବଡ଼ ଅହିରାଜ ବି ସମ୍ଭାଳି ନୋହି ଧାଇଁବେ ।

ଲୋକେ ଗୁହିଁ ବସିଛନ୍ତି, ଓସ୍ତାଦ କେତେବେଳେ ତାର ହିକମତ୍ ଦେଖାଇବ । ବସି ବସି ସମସ୍ତେ ବିରକ୍ତ । ଭାବୁଥାନ୍ତି, ଓସ୍ତାଦ ମଜାକ କରି ଏତେ ଲୋକଙ୍କୁ ଧପେଇଲା ଖାଲି । ଓସ୍ତାଦ କିନ୍ତୁ ମଞ୍ଚା ଉପରେ ଅଖିବୁଜି ମୌନହୋଇ ବସିଥାଏ । ବୋଧହୁଏ ଧ୍ୟାନରେ ।

ରାତି ଅଧ ବେଳକୁ ବଇଁଶୀ ବାଜି ଉଠିଲା । ସୁରଟା ଯିମିତି ଜମି ଉଠିଲା ଗଛଗୁଡ଼ାକ ଥରିବାକୁ ଲାଗିଲେ । ଲୋକେ ଜୀବନ ବିକଳରେ ଡାଳ କୁଣ୍ଢେଇଥାନ୍ତି । ଦେଖି ଦେଖି ଆସିଲେ ଜନ୍ତୁ । ଗୁରୁଖଞ୍ଜ ଉପରକୁ ମୁହଁ ଟେକି ଅଣନିଶ୍ୱାସୀ ହୋଇ ଧାଇଁଛନ୍ତି ଅଗଣିତ ଜନ୍ତୁ । ବାଘ, ଭାଲୁ, ହାତୀ, ଶମ୍ବର, ମିରିଗ, ବାହୁଟିଆ— କେତେ କିଏ କଳିପାରିବ ! ଏ ନାଟ ଦେଖି ସମସ୍ତଙ୍କ ଅକଲ ଗୁଡ଼ୁମ୍ । ମାରୁଛି କିଏ !

କେତେବେଳେ ବାପାଙ୍କର ହୁସ ପଡ଼ିଲା । ତାଙ୍କର ମନେପଡ଼ିଲା, ଶିକାର କରିବାକୁ ଆସିଛନ୍ତି । କିନ୍ତୁ କାହାକୁ ମାରିବେ ଏଇକଥା ତାଙ୍କୁ ବିଚଳିତ କରିପକାଇଲା । ଶେଷରେ "ଅଖିବୁଜି ଫାଏର କରିବେ ବୋଲି ନଳୀ ଉଠାଇ-ଛନ୍ତି, ଅକସ୍ମାତ୍ ଜନ୍ତୁଗୁଡ଼ିକ ବନ୍ଧୁକ ଅଡ଼ ଛୁଟ ମାଇଲପରି ଛିନ୍ ଛତ୍ର ହୋଇ ପଳେଇଗଲେ ଯୁଅଡ଼େ ସିଅଡ଼େ । ଶିକାରୀ ସ୍ତମ୍ଭିଭୂତ ହୋଇ ରହିଗଲେ ।!

ଗୋଟାଏ ଯେତେବେଳେ ଥଣ୍ଡା ପଡ଼ିଲା, ଶୁଣାଗଲା, ଖଣ୍ଡେ ଦୂରରେ ଗୋଟିଏ ବୀଣାର ଝଙ୍କାର । ବଇଁଶୀ ନାଦ ସେତେବେଳକୁ ବନ୍ଦ ହୋଇଗଲାଣି ।

ଏତେଗୁଡ଼ାଏ ଲୋକ ମନମରା ହୋଇ ରାତିପାହାନ୍ତି ବେଳକୁ ଲେଉଟି ଆସିଲେ । ବାପାଙ୍କ ମନ ଏକଦମ୍ ଯାଇଛି ଘରଘର । ଜନ୍ତୁଗୁଡ଼ାକ ଯଦି ଆସିନଥାନ୍ତେ, ସେ—ବା ଗୋଟାଏ କଥା ହୋଇଥାନ୍ତା । କିନ୍ତୁ ପାଖକୁ ଆସି ଥୋପ ହଲେଇ ପଳାଇଯିବା ତାଙ୍କ ବୀରତ୍ୱ ଓ ପୌରୁଷକୁ ଯେଉଁ ଝାପଟ କଲାପରି ହେଲା, ସେଇଟା ତାଙ୍କୁ ବାଧିଲା ସବୁଠୁଁ ବେଶୀ । ସେ ରାତିରେ ଦୁଃଖରେ, ଥକାରେ, ଅନିଦ୍ରାରେ ଆସି ଶୋଇପଡ଼ିଲେ । ଓସ୍ତାଦ ବିରାଗ ଲଜ୍ଜାରେ ଅପମାନରେ, କାହାରିକୁ ମୁହଁ ଦେଖେଇ ପାରିଲାନାହିଁ ।

କିନ୍ତୁ ରହସ୍ୟଟା ଜଣା ପଡ଼ିବାକୁ ବେଶି ସମୟ ଲାଗିଲାନାହିଁ । ତା ଭେଦ ବାହାର କଲା ଜେଜେବାପାଙ୍କ ଦହଲିଜି ଭଣ୍ଡାର ହସ୍ତୁର ବାରିକ । ହସ୍ତୁର ବାରିକ ଜେଜେବାପା ଓ ସନ୍ୟାସୀ ଛଡ଼ା କଥାଟା କେହି ଜାଣିନଥିଲେ । କିନ୍ତୁ 'ମନଭେଦ' ହୋଇଗଲା ଷଡ଼କର୍ଣ୍ଣ ଦୋଷରୁ । [illegible]ର ବାରିକ ଗାଁଆ ଲୋକ ଗୁଳି ହମ୍ମନ୍ତଙ୍କ ଠିକରେ କହିଦେଇ ରଣ ପକାଇ ଆସିଲା ଯେ କଥାଟା ସେ ଯେପରି ପ୍ରକାଶ ନକରେ । ବାବାଜୀଆନ୍ତଙ୍କ ହୁକୁମରେ ସେ କାଶୀ ସନ୍ୟାସୀଙ୍କୁ ନେଇ ଗଲା ଲଟି ଭିତରକୁ ରାତି ଅଧରେ । ସେଠି ସେ କୁଦାମୂଳକୁ ବସି ବୀଣା ବଜାଇଲା । ସେତେବେଳକୁ ବଇଁଶୀ ଶବ୍ଦ ହେଉଥାଏ । ଆଉ ଜନ୍ତୁ-ଗୁଡ଼ାକ ଅଥାନଥା ହୋଇ ଧାଇଁଥାଆନ୍ତି ସେଇଆଡ଼କୁ । କିଛି ବେଳ ଯାଇଛି, କଣ ହେଲା କେଜାଣି ସେଇଜନ୍ତୁ ଲେଉଟି ଦଉଡ଼ମାଇଲେ ଯେ ମୁଁ ତ ଛାଡ଼ିବା ! ବାବାଜୀଟା କି କିମିଆ ଜାଣେ ନିଶ୍ଚୟ ।

ମାମୁଁ ଟିକିଏ ଦମ୍ ମାରି କହିଲେ,— "ଦେଖିଲ, ଏବେ ରାଗିଣୀର ହୁନର ।"

ବଦୁ କହିଲା, "ଦକ୍ଷିଣୀ ଓସ୍ତାଦ କି ରାଗ ବଜେଇ ଜନ୍ତୁଙ୍କୁ ଉଚାଟ କରି ଟାଣିଲା ?"

ମାମୁଁ— ସେଇଟାତ ଜାଣିବାକଥା ! ସମସ୍ତେ କଣ ପାରନ୍ତି ? ସାଧନା କରିବାକୁ ହୁଏ । ଯଉଁ ରାଗ ବଇଁଶୀରେ ବାଇ କୃଷ୍ଣ ଷୋଳସହସ୍ର ଗୋପୀଙ୍କୁ ମୋହୁଥିଲେ, ଗୋପୀଏ କଦମ୍ବ ମୂଳକୁ ଧାଇଁଥିଲେ ଏ ସେହିରାଗ । ରାଗ ମୋହନା ।

( କ୍ରମଶଃ )

Digitized by srujanika@gmail.com



ପ୍ରତି ସଂଖ୍ୟା 'ଝଙ୍କାର'ରେ ପାଠକ ପାଠିକା ମାନଙ୍କର ମତାମତ, ଆଲୋଚନା, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିରେ' ପ୍ରକାଶ ପାଇବ। ଚିଠି ଗୁଡ଼ିକ ଯଥା ସଂକ୍ଷିପ୍ତ ହେବାର ଦରକାର। କୌଣସି ଚିଠିରେ ପୂରା ଦସ୍ତଖତ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିଲା। କୌଣସି ବ୍ୟକ୍ତିଗତ ବିଦ୍ୱେଷ ସମାଲୋଚନାର ସ୍ଥାନ ହେବ ନାହିଁ। ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି—ଲେଖକଗଣ।

### ପତ୍ରପତ୍ରିକା

ଝଙ୍କାର ସମ୍ପାଦକ ମହୋଦୟଙ୍କ ସମୀପେଷୁ—

ମହାଶୟ,

ଅତୀତରେ ଓଡ଼ିଶା ଦେଶରେ ଅନେକ ପ୍ରକାର କାଗଜ ପତ୍ର ପତ୍ରିକା ପ୍ରକାଶ ପାଇ ପୁଣି ଲୁପ୍ତ ହୋଇ ଯାଇଛି। କିନ୍ତୁ ଆପଣଙ୍କର 'ଝଙ୍କାର' କାଗଜ ଦୀର୍ଘଦିନ ହେଲେ ମଧ୍ୟ ପ୍ରକାଶ ପାଇ ଯେ ଏଯାଏ ମୁଣ୍ଡ ଟେକି ରହି ପାରିଛି। ସେଥିପାଇଁ ମୁଁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ମୋର ସ୍ୱାଗତ ଜଣାଉଛି।

ଆମର ଏହି ଓଡ଼ିଶାରେ ଅନେକ ପତ୍ର ପତ୍ରିକା ବାହାରୁଥିଲେ ହେଁ ବଙ୍ଗଳା ଦେଶର ପତ୍ର ପତ୍ରିକା ଭଳି, କେତେଗୁଡ଼ିକ ସ୍ୱତନ୍ତ୍ର ରହି ପାରୁ ନାହାନ୍ତି କହିଁକି? ଆଜି ଅଗ୍ରଗାମୀ ବଙ୍ଗଳାର କାଗଜ ଗୁଡ଼ିକ ସେଥିରେ ଆମେ ଦେଖୁ, ରାଜନୀତି ଅର୍ଥନୀତି ଇତିହାସ, ଭୂଗୋଳ, ବିଜ୍ଞାନ, ସଙ୍ଗୀତ, ଖେଳ, କ୍ରୀଡ଼ା କୌତୁକ, ସିନେମା ଇତ୍ୟାଦି ବହୁ ବିଷୟରେ ଆଲୋଚନା ଓ ସମାଲୋଚନା ଦେଖୁ, କିନ୍ତୁ ଏଥିରୁ ବିଷୟ ଥାଇ କୌଣସି ଓଡ଼ିଆ କାଗଜ ଏ ପର୍ଯ୍ୟନ୍ତ ଆମ ଏ ଦେଶରେ ପ୍ରକାଶ ପାଇ ନାହିଁ। ଯେଉଁ କାଗଜ ବା ପତ୍ର ପତ୍ରିକା ପ୍ରକାଶ ପାଉଛି ସେମାନଙ୍କ ମଧ୍ୟରୁ କେହି କେହି ସାମାନ୍ୟ ରାଜନୀତି, ଅର୍ଥନୀତି, ଜାତିଭେଦ ତତ୍ତ୍ୱ ଏବଂ ହାସ୍ୟରସାତ୍ମକ ରଚନା ପ୍ରକାଶ କରୁ ଅଛନ୍ତି। କିନ୍ତୁ ସିନେମା କଥା ଥିଏଟର ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି ପତ୍ର ପତ୍ରିକା ବା ଖବର କାଗଜ ଧାରା ବାହିକ ଭାବରେ ସମାଲୋଚନା ବା ଆଲୋଚନା କରନ୍ତି ନାହିଁ।

ଆମ ଦେଶର ଲୋକେ ଯଦିଓ ସିନେମା ଥିଏଟର ଦେଖନ୍ତି ତେବେ ତାର ଦର୍ଶନ ସମ୍ବନ୍ଧରେ ଶତକଡ଼ା ଜଣେ ଦୁଇଜଣଙ୍କୁ ଛାଡ଼ି ଦେଲେ ଅନ୍ୟ ମାନେ କିଛି ଜାଣନ୍ତି ନାହିଁ କିମ୍ବା ତାକୁ ବା ଜାଣିବାର ସୁଯୋଗ ମଧ୍ୟ ଆସିନି ନାହିଁ।

ମୋର ଆଶା ଆପଣ ଯଦି ଏ ବିଷୟରେ ଚିତ୍ତ ମନ ଦିଅନ୍ତେ ତାହା ହେଲେ ଆପଣଙ୍କ ପତ୍ରିକାରେ ଆଉ ଗୋଟିଏ ବିଶେଷତ୍ୱ ହୁଅନ୍ତା ଏବଂ ତା ସଙ୍ଗେ ସଙ୍ଗେ ଆମ ଓଡ଼ିଆ ପୁଅ ଝିଅ ସେ ସମ୍ବନ୍ଧରେ କିଛି ଅଭିଜ୍ଞତା ଅର୍ଜନ କରି ପାରନ୍ତେ ଏବଂ କଥାଚିତ୍ର ଦର୍ଶନ ସମ୍ବନ୍ଧରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଗବେଷଣା ମଧ୍ୟ କରିବାର ସୁବିଧା ପାଆନ୍ତେ।

ଶ୍ରୀ ହରନାରାୟଣ ମିଶ୍ର, ବେଡ଼ନାଗୀ

(ବ୍ୟବସ୍ଥା ହେଉଛି—ସଂ:)

### ସେଲ୍ ଟାକ୍ସ

ଝଙ୍କାର ସଂପାଦକ ମହାଶୟ,

ଓଡ଼ିଶା ସରକାର ଚତୁର୍ଦ୍ଦଶ ଆଇନ (୧୯୪୭)ରେ ରାଜସ୍ୱ ବୃଦ୍ଧି କରିବା ପାଇଁ ଓଡ଼ିଶାର କେତେକ ଜିନିଷ ପତ୍ର ଉପରେ ଟିକସ ଧାର୍ଯ୍ୟ କରି ଟିକସଟିର ନାମ ସେଲ୍‌ଟାକ୍ସ ଦେଇ ଅଛନ୍ତି। ଆଇନରୁ ସ୍ପଷ୍ଟ ଜଣା ଯାଉ ଅଛି ଯେ ବ୍ୟବସାୟୀ କେବଳ ଲାଭ କରୁଥିବା ଯୋଗୁଁ ଏହି ଟ୍ୟାକ୍ସ ଦେବାକୁ ବାଧ୍ୟ ହେବ। ମାତ୍ର ବ୍ୟବସାୟୀ ମାନେ ପ୍ରତ୍ୟେକ ଗ୍ରାହକଙ୍କ ଠାରୁ ସବୁ ମୂଲ୍ୟ ଉପରେ ତିନି ଟଙ୍କାରେ ଏକ ପଇସା ଆଦାୟ କରୁ ଅଛନ୍ତି। ଯେଉଁ ଜିନିଷ ଟାକ୍ସ ଗ୍ରାହକଙ୍କୁ ଦେବାକୁ ହେବ ସେତେବେଳେ ସରକାର ସମ୍ବାଦ ପତ୍ରରେ ତାହାର ଉଲ୍ଲେଖ କରି ଦେଲେ ଜନ ସାଧାରଣ ଜାଣିଶୁଣି ଜିନିଷ ଆଦି ତାଙ୍କ ଦେୟ ମୂଲ୍ୟ ଉପରେ ଟଙ୍କା ପିଛା ପଇସେ ଦେଇପାରେ ହେବ ଅସନ୍ତେ। ମାରୁଆଡ଼ିଙ୍କ ଦୋକାନମାନଙ୍କରେ ଏ ଗୋଳମାଳ ଅଧିକ ଦେଖାଯାଉଛି। 'ସେଲ୍‌ଟାକ୍ସ'ରେ ବା ଆପତ୍ତି କାହିଁକି ହୁଅନ୍ତା। ମାଉ ମାଉ ଭଣ୍ଡାରଘରକୁ ମାଇ କଥାଟି ଅକ୍ଷରେ ଅକ୍ଷରେ ସତ୍ୟ। ପ୍ରତ୍ୟେକ ସହର ବା ସହରରେ ଦେଖାଯାଏ ଜନ-ସାଧାରଣଙ୍କର ଉପକାର ଓ ସ୍ୱାର୍ଥ ରକ୍ଷା ପାଇଁ ସ୍ୱଦେଶ ସରକାର ଯଥା ସାଧ୍ୟ ଚେଷ୍ଟା କରୁ ଅଛନ୍ତି ଓ କରିବେ। ଏହି ସେଲ୍‌ଟାକ୍ସଟି ତାହାର ଜ୍ୱଳନ୍ତ ପ୍ରମାଣ। ଏ ବିଷୟ ମୁଁ ପ୍ରଜାତନ୍ତ୍ରକୁ ଲେଖି ଥିଲି। ମାତ୍ର ମୋ ଲେଖା ତାଙ୍କ ଅଫିସ ଫାଇଲରେ ପଡ଼ିଲା। ତୁମ 'ଝଙ୍କାର'ଟି ସହରେ ସହରେ ସମ୍ବାଦ ଦେବା ଭାଇ। ଏ ବିଷୟଟି ସହର ସହର ଜଣା-ଇବା ପାଇଁ ଛାପିଲିବୁ କହଲି।

ଶ୍ରୀ ନୀଳକଣ୍ଠ ମିଶ୍ର
ଭୁବନେଶ୍ୱରପୁର

### ଭାଗଚାଷୀ ଆଇନ ନୂଆ

୨୯—୧୧ରେ ଓଡ଼ିଶା ସରକାର ଯେଉଁ ଭାଗଚାଷୀ ଅର୍ଡିନାନ୍‌ସ ଜାରି କରି ଅଛନ୍ତି ତାହା ସମାଜ-ରେ ଯେଉଁ ଭାଷାରେ ପ୍ରକାଶିତ ସେ ଭାଷା ସାଧାରଣଙ୍କର ଯେପରି ଦୁର୍ବୋଧ ସେହିପରି ମଧ୍ୟ କେତେକ ସତ ଦୈନିକ କେତାଙ୍କର ଅର୍ଥ ଅର୍ଥାନ୍ତର କରିବାର ଅନୁକୂଳ। ୩୩ ଏକର ଜମି ଉପରେ ବହୁତ ଦଳ ଭିନ୍ନ ପ୍ରକାର ଅର୍ଥ କରୁ ଅଛନ୍ତି। ମୂଳ ଓଡ଼ିଆ ଅଂଶ କଥାଟି ୩୩ ଏକର ଜମି ଥିବା ଲୋକ ପ୍ରତି ପ୍ରଯୁଜ୍ୟ ନୁହେଁ ବୋଲି କେତେକ ବ୍ୟକ୍ତ କରନ୍ତି ବେଳେ ଆଉ କେତେକ କହନ୍ତି ଏହା ପ୍ରତ୍ୟେକଙ୍କ ପ୍ରତି ପ୍ରଯୁଜ୍ୟ ଅର୍ଥାତ୍ ଭାଗ ଚାଷୀ ସବୁ ସ୍ଥଳରେ ୩ ଭାଗ ପାଇବା ବେଳେ ଜମିର ମାଲିକ ଦୁଇ ଭାଗ ପାଇବ। ମାତ୍ର ଶ୍ରୀ ନୀଳମଣି ପ୍ରଧାନ, କଟକ ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ, କହନ୍ତି ପ୍ରେସ ନୋଟ ବା ଇସ୍ତାହାର ବିଜ୍ଞପ୍ତି ଦ୍ୱାରା ଏହାର ସମାଧାନ ହୋଇ ପାରିବ ନାହିଁ। ଏଥିପାଇଁ ଏହି ପ୍ରକାଶିତ ଆଇନର ସଂଶୋଧନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଦରକାର। ସ୍ୱତନ୍ତ୍ର ଆଇନ ବା ଜରୁରୀ ଆଇନ କରା ନ ଯିବା ପର୍ଯ୍ୟନ୍ତ ପ୍ରେସ ବିଜ୍ଞପ୍ତିର ଆଶ୍ରୟ ନେଇ କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ। କାରଣ ପ୍ରେସ ବିଜ୍ଞପ୍ତି ଆଇନ ନୁହେଁ। ସରକାର ଯେଉଁ ଅର୍ଥ କରିବାକୁ ଯାଉଅଛନ୍ତି ତାକୁ କେବଳ ପ୍ରେସ ବିଜ୍ଞପ୍ତି ଦ୍ୱାରା ବୁଝାଇଲେ ଆଇନ ହୋଇ ଯିବ ନାହିଁ।"

ଏ ସନ୍ଦେହକୁ ଦୂର କରିବା ପାଇଁ ସରକାର ୧୬।୧୨।୪୭ ରେ ଯେଉଁ ବିଜ୍ଞପ୍ତି ଦେଇ ଅଛନ୍ତି ସେଥିରେ କହନ୍ତି ଯେ କୌଣସି ଜମିଦାର ଓ ପ୍ରଜାଙ୍କର ୩୩ ଏକର କମ ବା ଅଧିକ ଜମି ଥିଲେ ସେମାନେ ଭାଗରେ ଦେଇଥିବା ଜମିର ଅମଳର ଦୁଇ ପଞ୍ଚମାଂଶରୁ ଅଧିକ ନେଇ ପାରିବ।
( ସମାଜ ୧୮।୧୨।୪୭ )

ମାତ୍ର ଏହି ସରକାରୀ ବିଜ୍ଞପ୍ତି ୧୬.୧୨ର "ମାତୃଭୂମି"ରେ ଯେପରି ଭାବରେ ପ୍ରକାଶିତ ସେଥିରୁ ଜଣାଯାଏ ଜମିର ମାଲିକ ଉତ୍ପନ୍ନ ଫସଲର ଦୁଇ ପଞ୍ଚମାଂଶ ପାଇବାକୁ ହକ୍‌ଦାର। ତେବେ କେଉଁ ବିଜ୍ଞପ୍ତି ଠିକ୍? ଯଦି ସରକାର ଏ ପର୍ଯ୍ୟନ୍ତ ଆଇନ କରି ନାହାନ୍ତି ତେବେ ଏହା ଏ ଦେଶରୁ କାର୍ଯ୍ୟକାରୀ ହେବ କି ନା? ଆପଣ ସରଳ ଭାଷାରେ ଝଙ୍କାରରେ ଏ ବିଜ୍ଞପ୍ତିର ଉଦ୍ଦେଶ୍ୟ କଣ ବୁଝାଇ ଦେବାକୁ ଅନୁରୋଧ। ଶ୍ରୀ କାମଦେବ ମିଶ୍ର, ଭଦ୍ରକ

( ମାତୃଭୂମି ବ୍ୟାଖ୍ୟା ଦିଅନ୍ତୁ—ସଂ: ଝ: )

Digitized by srujanika@gmail.com

# ଊଗରର ବିଚାରଧାରା

—ସମ୍ବାନା

## ବସ୍ତର ରାଜ୍ୟ

ଓଡ଼ିଶା ଗଡ଼ଜାତ ଓଡ଼ିଶା ସାଙ୍ଗରେ ମିଶିବାରେ ଗୃହଯୁଦ୍ଧ ହୋଇଯିବା ପଡ଼ିଗଲା । ସମସ୍ତ ଅନେକରେ ଉନ୍ମତ୍ତ ହୋଇ ଉଠିଲେ । ଲୋକଙ୍କର ଅଭିବାଦନରେ ସରକାରଙ୍କ ମନ୍ତ୍ରିଆଳ ମାନେ ଅଗ୍ରସର ହୋଇ ପଡ଼ିଲେ । ବିହାର ସରକାର ସରେଇକଳା ଓ ଖରସୁଆଁ ପାଇଁ ସରକାର ସ୍ୱଭାବରେ ତୁମୁଳ ଆନ୍ଦୋଳନ ଚଳାଇଲେ । କିନ୍ତୁ ଶ୍ରୀଯୁକ୍ତ ପଟେଲ ଓଡ଼ିଶାର ନାମ ସାର ଛତିଶ ଗଡ଼ ରାଜ୍ୟ-ଗୋଷ୍ଠୀଙ୍କୁ ମଧ୍ୟ-ପ୍ରଦେଶ ସହ ମିଶ୍ରଣ ପାଇଁ ଗଲବେଳେ ଆମ ସରକାରୀ ନେତୃଗଣ ବସ୍ତର ଓ ସାରଙ୍ଗଗଡ଼ ବିଷୟରେ ତୁନି ପଡ଼ିଲେ । ଫଳରେ ସାରଙ୍ଗ ଗଡ଼ ଓ ବସ୍ତରର ଭାଗ୍ୟ ମଧ୍ୟ ପ୍ରଦେଶ ସହ ଏକ ହୋଇ ଶରବଦନ ପାଇଁ ଯଉ ମୁଦ ଦିଆ ହୋଇଗଲା । ଆମ ସରକାର କୌଣସି ଉଚ୍ଚବାଚ୍ୟ ମଧ୍ୟ କଲେ ନାହିଁ । ଭାରତ ସରକାର ସବୁ କ୍ଷୁଦ୍ର ରାଜ୍ୟଙ୍କ ସଂବଧରେ ଯେଉଁ ନୀତି ଗ୍ରହଣ କଲେ ଓଡ଼ିଶା ଗଡ଼ଜାତ ସେଇ ନୀତିରେ ଓଡ଼ିଶା ସହ ଏକତ୍ର ହେଲା । ସେଥିରେ ଆମର ବାହାଦୁରୀ ବିଶେଷ ନାହିଁ । ତଥାପି ସେଇ ଟଙ୍କରେ ଆମ ନେତାମାନେ ବସ୍ତରକୁ ଛାଡ଼ିଦେଲେ । ଆଜି ହୁଏତ ଓଡ଼ିଶା ବା ଓଡ଼ିଶା ଜନତାର ଆଖି ଫିଟି ନାହିଁ । କିନ୍ତୁ ଭବିଷ୍ୟତ ଓଡ଼ିଶା ବର୍ତ୍ତମାନ ପ୍ରାଦେଶିକ ସରକାରଙ୍କର ଏ ତ୍ରୁଟି—ଏ ଅବହେଳାକୁ କ୍ଷମା କରିବ ନାହିଁ । ବରଂ ଏହାକୁ ରାଷ୍ଟ୍ରର ସ୍ୱାର୍ଥ ବିରୋଧରେ ଷଡ଼ଯନ୍ତ୍ର ବୋଲି ଅବଶ୍ୟ ବୋଲିବ ।

## ମୟୂରଭଞ୍ଜ

ମୟୂର ଭଞ୍ଜ ଆଜି ଅଲଗା । ଓଡ଼ିଶା ଠାରୁ ସେ ଅଲଗା ରହିବାକୁ ଚାହେଁ । ଏହାର ପରିଣାମ ଯେ ଓଡ଼ିଶା ଓ ମୟୂରଭଞ୍ଜ ଉଭୟ ପକ୍ଷରେ ମାରାତ୍ମକ ଏଥିରେ ସନ୍ଦେହ ନାହିଁ । ମୟୂରଭଞ୍ଜ ସ୍ୱତନ୍ତ୍ର ରହି ଓଡ଼ିଶାଠାରୁ ଅଧିକ ପ୍ରଗତିଶୀଳ ରାଜ୍ୟ ହେବା ସମ୍ଭବପର ହୋଇ ପାରେ । ଆମେ ଏହା ସ୍ୱୀକାର କଲେ ମଧ୍ୟ ମୟୂରଭଞ୍ଜର ଲୋକପ୍ରିୟ ମନ୍ତ୍ରୀ ମଣ୍ଡଳ ଓ ଜନ ସାଧାରଣଙ୍କୁ ନିବେଦନ କରୁଛୁ ସେମାନେ ବିଶାଳ ଉତ୍କଳର ସ୍ୱାର୍ଥ ଦୃଷ୍ଟିରୁ ଏହା ବିଚାର କରନ୍ତୁ । ମୟୂରଭଞ୍ଜ ଓଡ଼ିଶାଠାରୁ ପୃଥକ୍ ହେଲେ ତାହା ସିଂହଭୂମି-ଓଡ଼ିଶା ମିଶ୍ରଣର ଅନ୍ତରାୟ ହୋଇପାରେ ଏବଂ ସମୟରେ ବଙ୍ଗ ଦେଶୀୟ ରାଜ୍ୟ ଅନ୍ତର୍ଭୁକ୍ତ ନୀତିରେ ମୟୂରଭଞ୍ଜ ବଙ୍ଗଳାରେ ମିଶିଯାଇ ପାରେ । ସରେଇକଳା ଓ ଖରସୁଆଁ ମଧ୍ୟ ବାହାର ଯିବାର ଆଶଙ୍କା ରହିଛି । ଜାତିର ଏହି ଅକଲ୍ୟାଣ ପାଇଁ ମୟୂରଭଞ୍ଜ ଦାୟୀ ନ ହେଉ ଏହାହିଁ ମୟୂରଭଞ୍ଜ ବାସୀଙ୍କଠାରେ ଆମର ପ୍ରାର୍ଥନା ।

ଅନ୍ୟପକ୍ଷରେ ବିଚାର କରିବାକୁ ଗଲେ ମୟୂର ଭଞ୍ଜର ଜନ ସାଧାରଣଙ୍କର ଏଭଳି ବିଗାଡ଼ିଛଡ଼ା ମନୋଭାବ ପାଇଁ ଆମ ଓଡ଼ିଶା ସରକାରଙ୍କର ନେତୃତ୍ୱ ହିଁ ଦାୟୀ । ପ୍ରଥମରୁ ଗଡ଼ଜାତର ଲୋକପ୍ରିୟ ନେତା ମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର କରାଗଲା ତାହା ଅତି ଅଭଦ୍ର ବୋଲି କହିଲେ ଚଳେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ଧମକଚମକ ମଧ୍ୟ ଦିଆଗଲା । ସର୍ଦ୍ଦାର ପଟେଲଙ୍କୁ ମଧ୍ୟ ନେତା ମାନଙ୍କ ସମ୍ବନ୍ଧରେ ଏପରି ଭ୍ରାନ୍ତ ଧାରଣା ଦିଆଗଲା ଯେ ସେ ମଧ୍ୟ କହିଲେ. ସ୍ୱେର (ରଜା)ଙ୍କ ହାତରୁ ଶାସନ ନେଇ ଡାକୁ (ପ୍ରଜାନେତା)ଙ୍କ ହାତରେ ଦେବା ଉଚିତ ନୁହେଁ । ଓଡ଼ିଶାର ବର୍ତ୍ତମାନ ଶାସନ ମଧ୍ୟ ଏପରି କଦର୍ଯ୍ୟ ଆକାର ଧରିଛି ଯେ ପ୍ରକୃତରେ କହିବାକୁ ଗଲେ ଓଡ଼ିଶା ସରକାରଙ୍କ ପକ୍ଷରେ ଜବର ଦସ୍ତି ପ୍ରସ୍ତାବ ନହେଲେ ଗଡ଼ଜାତର ଶିକ୍ଷିତ ଲୋକ ଗଡ଼ଜାତର ସ୍ୱେର (ରଜାଙ୍କ ହାତରୁ ଖସିଆସି ଓଡ଼ିଶାର ଡାକୁ (ଅମଲା) ଶାସନ ଅଧୀନରେ ରହିବାକୁ ସ୍ପୃହଣୀୟ ମନେ କରିବେ ନାହିଁ । ପଟେଲଙ୍କ ବ୍ଲକ୍ କ୍ରୀଟ୍ ଅରମ୍ଭ ନହୋଇ ଥିଲେ ଅନେକ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ରହିଥାନ୍ତେ । ଆଜିମଧ୍ୟ ଓଡ଼ିଶାର ନେତୃ ମନ୍ତ୍ରୀଙ୍କ ମୁଖରୁ ଧମକ ଧ୍ୱନି ବାହାରୁଛି—'ମୟୂରଭଞ୍ଜକୁ ବାଧ୍ୟ କର ।' ଏହାଦ୍ୱାରା ଓଡ଼ିଶା ମୟୂରଭଞ୍ଜକୁ ଶତ୍ରୁ ରାଜ୍ୟ ବୋଲି ଘୋଷଣା କରିବ । ଏଭଳି ଜବରଦସ୍ତ ସଂପ୍ରସାରଣ ନୀତି ନାଜୀବାଦ ଛଡ଼ା ଅନ୍ୟ କିଛି ନୁହେଁ । ଓଡ଼ିଶା, ଭୟ ଦେଖାଇ ମୟୂରଭଞ୍ଜକୁ ଆୟତ୍ତ କରିପାରେ ପରନ୍ତୁ—ମୟୂରଭଞ୍ଜର ହୃଦୟକୁ ନୁହେଁ ।

## ଗଡଜାତ ଶାସନ

ଓଡ଼ିଶା ସରକାର ଗଡ଼ଜାତ ଶାସନରେ ଏକ ପରିବର୍ତ୍ତନ ଆଣୁଛନ୍ତି । ବହୁ ଅଯୋଗ୍ୟ ଓ ନିମ୍ନସ୍ତରୀ ଅଯୋଗ୍ୟ ଅଫିସର ମାନଙ୍କୁ ସେଠାକୁ ପଠାଯାଇଛି । ଯେପରି ଶୁଣାଯାଉଛି ଅକର୍ମଣ୍ୟ ବହୁ ଅଫିସର ଓଡ଼ିଶାରୁ ଗଡ଼ଜାତକୁ ପଠାଯାଉଛନ୍ତି । ଓଡ଼ିଶାରେ ଯେଉଁ ନୀତିରେ ଶାସନ ଚାଲିଛି ଗଡ଼ଜାତରେ ମଧ୍ୟ ସେହି ଶାସନର ବ୍ୟବସ୍ଥା ହେଉଛି । ଏହାଦ୍ୱାରା ଗଡ଼ଜାତ ବାସୀ କ୍ରମଶଃ ଅଧିକ ଅଧିକ ଗ୍ରସ୍ତ ହୋଇପଡ଼ିବେ ଏଥି ସନ୍ଦେହ ନାହିଁ । ଗଡ଼ଜାତରେ ରଜାମାନଙ୍କ ସ୍ୱେଚ୍ଛାଚାରିତା ଆଜି ନାହିଁ । କିନ୍ତୁ ଏମାନଙ୍କ ସାର୍ବଭୌମ ସଙ୍ଗେ ସଙ୍ଗେ ରାଜ୍ୟରେ ଯେଉଁ ସରଳ ଶାସନ ଥିଲା ତାର ଅବସାନ ସ୍ପୃହଣୀୟ ନୁହେଁ । ଗଡ଼ଜାତରେ ଯେଉଁ ଅମଲା ମାନେ ଶାସନ କରୁଥିଲେ ସେମାନଙ୍କ ସ୍ଥାନକୁ ଓଡ଼ିଶାର ସେହି ଶ୍ରେଣୀର ଅମଲା ମାନଙ୍କ ସ୍ଥାନାନ୍ତର ସମାନଙ୍କ ସେମାନଙ୍କୁ ନେବା ପାଇଁ ସମାଗଲା ବରଂ ତାକୁ ଶୁଣାଇ ମୋଗଲ-ବନ୍ଦୀର ଅନ୍ଧକାର ମଣିଷଙ୍କୁ ସେଠାକୁ ପଠାଇବା ଠିକ । ତା ନକରି ସେଠା ଅମଲାଙ୍କ ଅମାନ ଉଚିତକୁ ଅମଲ ଏଠାରୁ ପଠାଇବା ନୀତି ଅତି ବ୍ୟଙ୍ଗ ସାଠା ଏବଂ ଏହା ସ୍ୱାର୍ଥର ଅପ୍ରୀତିକର ।

—✽—

Digitized by srujanika@gmail.com

ମଜାକବିତା

# ଇଉନ୍ ଭର୍ସିଟି କଲା ଯାହା

ଇଉନ୍‌ଭର ସିଟି କଲ ଯାହା
ବସି ଭାବୁଅଛି    ଭାବି ପାରୁ ନାହିଁ
ଧରିବି ମୁଁ କେଉଁ ରାହା ।

'ନିଉ କୋର୍ସ' ବଦଳାଇ
ଛ, ମାସ ପର୍ଯ୍ୟନ୍ତ    ସିଲେବସନ୍ ସବୁ
ପାରିଲ ନାହିଁ ଛପାଇ

ପରେ ବାହାରିଲା ବହି
ଅଧେ ପାଇଗଲେ    ସିଲେବସନ୍ ସବୁ
(ଅଉ) ଅଧକୁ ଅଣ୍ଟିଲା ନାହିଁ ।

ଫ୍ରୋଜ ବହିଟାକୁ ଡର
ଫିଫ୍‌ଟି ମାର୍କସ    ଫର୍ଷ୍ଟ କୋର୍ସ ଦେଖି
ଛାତି ହୁଏ ଥର ଥର

ସାଇନସ ପାଠଟା ଥୋଇ
ଏପାରେଟସ ମୋଟେ ନାହିଁ
ବ୍ଲାକ୍ ବୋର୍ଡ ପରେ    ଫିଗର କାଟି କାଟି
ଶିକ୍ଷକ ଯାନ୍ତି ବୁଝାଇ ।

ସଂସ୍କୃତକୁ ମୋର ଡର
କମ୍ପଲସରି କରି    ରଖି ଦେଲା ତାକୁ
କାନ ମୋଡ଼ିବ ଏଥର

ମାଥମେଟିକସ୍ ଅପେ ନାହିଁ
ଜିଓଗ୍ରାଫି ପାଠ    ଅଡ଼ୁଆ ଲାଗଇ
ମାପ୍ ଡ୍ରଇଁ ଖାତା ନାହିଁ ।

ଫିଜିଓଲଜି ଅଡ଼ସନାଲ
ବ୍ଲଡ୍ ସରକୁଲେସନ    ଫଟି ଫଟି ମୋର
ପୂର ଅଧିଲାଣି କାଳ

ଅମ ଇଉନିଭର ସିଟି
ଫଟି ଫାଇଭ    ପାଶ କରିଗଲେ
ବାକି ଏ କିଲିଲେ ଛାତି

କି ବୋଲି କହିବି ତାହାକୁ
ଏକଜାମିନେସନ ମୋର    ପାଖରେ ଥିବାରୁ
ଜଣାଉଛି ଚଉ ବାହାକୁ

ଶ୍ରୀ ଉମାଶଙ୍କର ପଣ୍ଡା

# ଚାହା ବନ୍ଦନା

ନମସ୍ତେ ନମସ୍ତେ 'ଚାହା' ତ୍ରିଲୋକ ମୋହିନୀ,
ଥଣ୍ଡା ବିନାଶିନୀ ଅହା, ଆରାମଦାୟିନୀ ।
ସ୍ୱର୍ଣ୍ଣାଭବରଣୀ, ନିଷ୍ଠ ସ୍ୱଭାବ ସଂପନ୍ନା;
ମର ଜଗତରେ ଏକା ଅମୃତ ସମାନା ।
ଦରିଦ୍ର-କୁଟୀରେ ପରା ଲକ୍ଷ୍ମୀ ସ୍ୱରୂପିଣୀ,
ଧନୀର ପ୍ରସାଦେ ସିନା ବିଳାସ ଗୃହିଣୀ ।
ତୃଷ୍ଟ ଅଧରେ ତୋ'ର ଚୁମ ଦେଲେ ଥରେ,
ଅଠା କାଠି ଯାଏ ଲାଗି, ସଦା ଫୁର୍ତ୍ତି ମନେ ।
ବିଚିତ୍ର ରଂଗିଣୀ ଅଗୋ, ଦିଗନ୍ତ ବ୍ୟାପିନୀ,
ପିଅଲାର ତତା ମୁଖେ ଆହ୍ଲାଦ ସଂଚାରଣୀ ।
ତୋ' ବିହୁନେ ପିପାସିତ ପାଟି ବାଜେ ଖଣା,
ପଞ୍ଚମା 'ଖାଇନା' ଭୁଲେ ଛୁଦ୍ର କ୍ରନ୍ଦନୀ ।
ଦଖଲ୍ କରିଛୁ ସାରା ବିଶ୍ୱର ବିପଣୀ.
ଯତ୍ର ତତ୍ର ହୁଏ ଦୃଷ୍ଟ 'ତୋ'ର ରୂପଠାଣି ।
ଶତ୍ରୁ ମିତ୍ର ନାହିଁ ଭେଦ ରମ୍ୟ ସର୍ବ ସ୍ଥଳେ,
ଶୁଦ୍ଧ କିମ୍ବା ଶାନ୍ତ ସଦା ଥାଉ ଲୋକମେଳେ ।
କଳା, ଗୋରା, ଡେଙ୍ଗା, 'ଗେଁଠେ' ସର୍ବେ ତୋ' ଭକତ,
ତୋ' ରୂପ ସ୍ୱମର ଶକ୍ତି ସବୁରି ବିଦିତ ।
ରୋକି ନ ପାରନ୍ତି କେହି ତୋର ଯାତ୍ରା-ପଥ,
କଣ୍ଟ୍ରୋଲ ପାରନି ଦାଉ ସାଧି ତୋ' ସହିତ ।
ଲଗ୍‌ଲାଭ ଗୃହ-ଦେବୀ ଦାର୍ଜିଲିଂ ବାସିନୀ;
'ଟଗା' କର ମୋତେ କୃପା କଟାକ୍ଷରେ ହାଣି ।

ଲେଖକ— 'ହରାଫୁଲ'

# ନବୀନ କବିର ସ୍ୱପ୍ନ

ସପନେ ଶଯ୍ୟାପରେ
ନବୀନ କବିର ଲେଖନୀ ମୁନରୁ ଅଶାର କବିତା ଝରେ ।
ଅବିରାମ ତାର ଲେଖନୀ ଚାଳନା...... ଜଳ୍ପି ଉଠେ ହୃଅ
କେତେ ନୂଆ ଭାବ ଦେଇ ସେ କବିତା ଦମ୍ଭେ କରିଛି ଠିଆ ।
ଯତନ ହସ୍ତାକ୍ଷରେ
ଲଫାପା ଉପରେ ଠିକଣାଟା ଲେଖି ପକାଇଲା ଡାକଘରେ
ଛାପା ଅକ୍ଷରେ ନାଁଟା ଦେଖିବ କେତେ ଯେ ତାହାର ଆଶା
କବି ବୋଲି ତା'ରେ କହିବେ ସଭିଏ
ଯାଏନା ସେ ଅଉ ହସା
ସପନେ ନବୀନ କବି
ଛାପା କାଗଜରେ ବିଚରଣ କରେ ଦେଖାଇ କବିତା ଛବି
× × ବହୁଦିନ ପରେ ରିପ୍ଲାଇ କାର୍ଡ କହିଗଲା କାନେ କାନେ
'ସତ' ନା 'ସପନ' ନବୀନ କବି ସେ ପାରିଲାନି ବୁଝିମାନେ
ଲେଖିଛନ୍ତି ସଂପାଦକ—
'ଲେଖାର ବାଟକୁ ଆସିନାହିଁ ତୁମେ, କବିତା ଅପରିପକ୍ୱ ।

ଶ୍ରୀ ଶିବ ପ୍ରସାଦ ପଣ୍ଡିଆ

Digitized by srujanika@gmail.com




# ନୂଆଯୁଗ

## ନାରୀ ଓ ୧୯୪୭ ଭାରତ

୧୯୦୭—ଅଗଷ୍ଟ ୧୫ ତାରଖ—ଭାରତୀୟଙ୍କ ପକ୍ଷେ ସ୍ମରଣୀୟ ଦିବସ । ୨୦ ବର୍ଷ ପରେ ଭାରତୀୟଙ୍କ ହାତରୁ ପରାଧୀନତା ଶୃଙ୍ଖଳ ଛିଣ୍ଡିଗଲା—ଭାରତ ସ୍ୱାଧୀନ ହେଲା । ଖାଲି ଏତିକିରେ କଣ ସରିଲା ? ଭାରତର ସ୍ୱାଧୀନତା ମିଳିଲେ ସୁଦ୍ଧା କଣ ଆମ୍ଭେ ଆମ୍ଭର ଚିର ପୋଷିତ ରାମରାଜ୍ୟ ପାଇଅଛେ ? ନୂଆ ଖାଲିର ଅତ୍ୟାଚାର କ'ଣ ନାରୀ ଉପରୁ ଚାଲି ଗଲାଣି ? ଏହିପରି ବହୁ ପ୍ରଶ୍ନ ଆମ୍ଭ ମନରେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଗ୍ରତ ହୁଏ ।

ଅଗଷ୍ଟ ପନ୍ଦର ଭାରତୀୟଙ୍କ ମନରେ ଗୋଟାଏ ଐତିହାସିକ ଦିବସ ହୋଇ ରହିଛି ଓ ବହୁ ବର୍ଷ ମଧ୍ୟ ରହିଥିବ ।

କିନ୍ତୁ ଭାରତରେ ଆଜି ଅନାହାର, ଅତ୍ୟାଚାର, ଭାଇ ଭାଇର ବିଦ୍ରୋହ, ବିଦ୍ୱେଷ କଳହ ଇତ୍ୟାଦି ପୂରି ରହିଅଛି । ଆଜି ନାରୀ ଜାତି ଉପରେ ନୂଆ-ଖାଲିର ଅତ୍ୟାଚାର, କାଶ୍ମିର ଅତ୍ୟାଚାର, ବିହାରର ଅତ୍ୟାଚାର ଓ ନଳଗିରିର ଅତ୍ୟାଚାର ଚାଲିଛି ।

ମହାମାନବ ବାପୁଜୀ ସ୍ତ୍ରୀ ଜାତି ପ୍ରତି ଅତ୍ୟାଚାର, ମାତୃ ଜାତିର ଅବମାନନା ନୂଆଖାଲିରେ ଦେଖି ଅଶ୍ରୁ ମୋଚନକରି କହିଥିଲେ "ନାରୀ ଜାତି ସୀତା ସାବିତ୍ରୀଙ୍କର ବଂଶଧର ।" ସେମାନେ ଦୁର୍ବଳ ନୁହଁନ୍ତି । ନିଜକୁ ବଳଅନ କରନ୍ତୁ, ନିଜ ଉପରେ ଭରସା ରଖନ୍ତୁ"—ଯେଉଁ ସୀତା ସତୀଙ୍କର କ୍ରୋଧାଗ୍ନି ସ୍ୱର୍ଣ୍ଣ ଲଙ୍କାକୁ ଧ୍ୱଂସ କରିଥିଲା ତାଙ୍କରି ବଂଶଧର ଆମ୍ଭେ-ମାନେ—ତଥାପି ଆମ୍ଭେ ଅବଳା ? କାହିଁକି ? ଆମ୍ଭମାନଙ୍କ ଉପରେ ଅତ୍ୟାଚାର ଚାଲିଛି, ଚାଲିଥିବ, ଆମ୍ଭେ ସହୁଥିବା, କଣପାଇଁ ? ଏହାର ସମାଧାନ କଣ ନାହିଁ ? ଅଛି । କିନ୍ତୁ ଆମ୍ଭମାନଙ୍କୁ ନାରୀତ୍ୱ ନିଜତ୍ୱ ନେଇ ଚାଲିବାକୁ ହେବ । ନିଜକୁ ନିଜ ଗୋଡରେ ଠିଆ କରାଇ ଶିଖି-ବାକୁ ହେବ । ନିଜର ମାତୃତ୍ୱକୁ, ନିଜର ଗୌରବକୁ, ନିଜର ମାନକୁ ବଜାୟ ରଖିବାକୁ ହେବ ।

ଆମ୍ଭେ ଦେଖୁଛୁଁ ରୁଷିଆ ଆଜି ଏତେ ଉନ୍ନତ କେବଳ ନାରୀ ଜାତି ଯୋଗୁଁ । ଗତ ମହାଯୁଦ୍ଧରେ ରୁଷିଆର ନାରୀ ସବୁ ଦିଗରେ ସବୁବେଳେ ଦେଶକୁ ସାହାଯ୍ୟ ଦେଇଛି । କିନ୍ତୁ ଭାରତରେ ନାରୀ ଆଜି କେଉଁଠି ? ବହୁ ପଛରେ ପଡି ରହିଛି କାହିଁକି ? ସ୍ୱାଧୀନତା ପରେ ମଧ୍ୟ ନାରୀ ଜାତି ଏତେ ପଛରେ ପଡ଼ି ରହିବା ଯେପରି ଲଜ୍ଜାର ବିଷୟ ସେହିପରି କ୍ଷୋଭର ବିଷୟ । ଆମ୍ଭ ମାନଙ୍କ ମଧ୍ୟରୁ କେହି କେହି କହିବେ ପୁରୁଷ ନାରୀ ଅଧଃପତନର ମୂଳ । ପୁରୁଷ କେବଳ କହେ କିନ୍ତୁ ଆଗକୁ ଟାଣି ନେଇ ପାରେ ନାହିଁ । ନାରୀ ସ୍ୱାଧୀନତା ପୁରୁଷ କାହିଁକି ଦେଉ ନାହିଁ ? ହଁ ମୁଁ ତାହା ସ୍ୱୀକାର କରିବା ତଥାପି ଭଉଣୀମାନେ ମୁଁ ଗୋଟିଏ କଥା କହିବି, ସଦା ନିଜେ ନିଜର ମନକୁ ଉଚ୍ଚ ନ କରିବା ବଡ କଥା ନ ଭାବିବା ! ବେଶି କଥା ନ ଶିଖିବା, ତେବେବି କଣ ପୁରୁଷ ଆମ ପାଇଁ ଦାୟୀ ।

ଆଜି ଭାରତ ସ୍ୱାଧୀନ । ସେଥିରେ ନାରୀର ପ୍ରତ୍ୟେକ କାର୍ଯ୍ୟରେ ପୁରୁଷଙ୍କୁ ସାହାଯ୍ୟ କରିବା, ମୁକ୍ତିର ପାଖେ ପାଖେ ଆଗେଇ ଚାଲିବା, ପୁରୁଷଙ୍କୁ ସବୁ ଦିଗରେ ସହାନୁଭୂତି ଦେଖାଇବା ତେବେ ଯାଇ ଆମ୍ଭେ ଆମ୍ଭର ଅର୍ଦ୍ଧାଙ୍ଗିନୀ ନାମ ସାର୍ଥକ କରି ପାରିବା । ଆଜି ଯେଉଁ ସ୍ୱାଧୀନତା ମିଳିଛି ତା ପାଇଁ କଣ କେବଳ ପୁରୁଷ ଦାୟୀ ନା, ତା ସଙ୍ଗେ ସଙ୍ଗେ ମଧ୍ୟ ସ୍ତ୍ରୀ ଦାୟୀ ? ଉଭୟେଦାୟୀ । ତଥାପି ଆଜି ଚାରିଆଡ଼େ ହତ୍ୟାର ବିଭି-ଷିକା, ଅତ୍ୟାଚାରର ନିଆଁ, ଏହି ସମୟରେ କର୍ତ୍ତବ୍ୟ କଣ ? ଏପରି ବିକ୍ଷୁବ୍ଧ ଦେଶର ସମସ୍ୟାର ସମାଧାନ ନ କରି ଆମ୍ଭେ କେବେ ରାମରାଜ୍ୟର ସ୍ୱପ୍ନ ମୂର୍ତ୍ତି ଦେଖି ପାରୁ ?

ଏସବୁ ସମସ୍ୟାର ସମାଧାନ ନ ହେଲେ, ନାରୀ ଜାତି ଯେ ଦେଶରେ ଶିକ୍ଷିତ ଉନ୍ନତ ହୋଇଛି ତା କହିବ ଏହା ଆଶା କରିପାରୁ ? ଏହି ପାଇଁ ଆମର କଣ କର୍ତ୍ତବ୍ୟ କରୁ ନାହିଁ ।

ଲେଖିକା—**ଶ୍ରୀମତୀ ସରୋଜିନୀ ଦେବୀ**

—*—

## କୁତ-କୁତୁ

"କିହୋ, ଟଙ୍କାଟା ଦେଲନାହିଁ ?

"କି ଟଙ୍କା ?

ଯଉଁ ଟଙ୍କା ଧାର ନେଇଥିଲ ମୋଠାରୁ ଗତ ତା୧୯ରିଖ ଦିନ ?

"ସତେ !...ମୋର ସବୁକଥା ମନେ-ଅଛେ କେବଳ ତିନ୍‌ଟା କଥା ଛଡା ।—ପ୍ରଥମରେ ନାଁଟାର ଚେହେରା, ଦ୍ୱିତୀୟରେ ତାରିଖ ଆଉ ତୃତୀରେ ସଂଖ୍ୟା ।

\+ + ×

Digitized by srujanika@gmail.com